ସୋମଦେବଙ୍କ

କଥା ସରିତ ସାଗର

(ପ୍ରଥମ ଭାଗ)

ଅନୁବାଦକ
ଅଧ୍ୟାପକ ସୁଦର୍ଶନ ଆଚାର୍ଯ୍ୟ

ଏଡୁକେସନାଲ ପବ୍ଲିସର୍ସ
ବ୍ରହ୍ମପୁର : କଟକ

Digitized by srujanika@gmail.com

ସୋମଦେବଙ୍କ କଥା ସରିତ ସାଗର

ଲେଖକ—
ଅଧ୍ୟାପକ ସୁଦର୍ଶନ ଆଚାର୍ଯ୍ୟ, ଏମ୍. ଏ.
ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ପ୍ରକାଶକ :
ଦାସ ବ୍ରଦର୍ସ
ବ୍ରହ୍ମପୁର : କଟକ

ପ୍ରଥମ ପ୍ରକାଶ—୧୯୬୯

ମୁଦ୍ରାକର—
ଶ୍ରୀ ରାମଚରଣ ପାଢ଼ୀ,
ସ୍ୱାଧୀନ ପ୍ରେସ୍, ବ୍ରହ୍ମପୁର

ମୂଲ୍ୟ—**ଦଶ ଟଙ୍କା ମାତ୍ର**

(Somadev's Katha Sareeta Sagar)

Writer—
Prof. S. Acharya
Department of Oriya, Berhampur University

Publishers:—
DAS BROTHERS
Berhampur : Cuttack

First Edition—1969

Printer—
Sri R. C. Padhi,
Swadheen Press, Berhampur.

Price—*Rupees Ten Only*

Digitized by srujanika@gmail.com

ଏହି ଗଳ୍ପଗୁଡ଼ିକ ଶୁଣିବା ପାଇଁ

ପ୍ରଥମେ ଯିଏ ଆଗ୍ରହ ପ୍ରକାଶ କରିଥିଲେ,

ସେଇ

ଶ୍ରୀମତୀ ବିନୋଦିନୀଙ୍କ ହାତରେ·········

Digitized by srujanika@gmail.com

ଅନୁବାଦକଙ୍କ ଲେଖନୀରୁ.......

ଠିକ୍ କେଉଁଦିନ ମନେପଡ଼ୁନି । କିନ୍ତୁ ପ୍ରାୟ ବର୍ଷକ ତଳେ ଦିନେ ସନ୍ଧ୍ୟାରେ ଦାସ ବ୍ରଦର୍ସଙ୍କ ବ୍ରହ୍ମପୁରସ୍ଥ ପୁସ୍ତକ ପ୍ରତିଷ୍ଠାନରେ ଦେଖାହୁଏ ଏହି ସଂସ୍ଥାର ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସହିତ । ସାହିତ୍ୟ ସମ୍ପର୍କରେ ଏଣୁ ତେଣୁ କଥାବାର୍ତ୍ତା ହେଉ ହେଉ କଥା ସରିତ ସାଗର କଥା ପଡ଼ିଲା । ମୁଁ ସେତିକି ବେଳକୁ ଓଡ଼ିଆ ଗଳ୍ପ ସାହିତ୍ୟ ସମ୍ପର୍କରେ ଲେଖା ଲେଖି କରୁଥାଏ ଏବଂ ସୌଭାଗ୍ୟବଶତଃ ଶ୍ରୀଯୁକ୍ତ ଦାସ ତାର କିଛି ଦିନ ପୂର୍ବରୁ କଥା ସରିତ ସାଗରର ଇଂରାଜି ଅନୁବାଦଟିଏ ପଢ଼ିଥାଆନ୍ତି । ଏହି ଅପୂର୍ବ କଥା ଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ କରିବା ପାଇଁ ମୋର କ୍ଷୀଣ ଆକାଂକ୍ଷା ଜାଗ୍ରତ ହୋଇଥାଏ ଏବଂ ଶ୍ରୀଯୁକ୍ତ ଦାସ ମଧ୍ୟ ଏହାର ଓଡ଼ିଆ ଅନୁବାଦ ପ୍ରକାଶ କରିବା ନିମନ୍ତେ ମନସ୍ଥ କରିଥାଆନ୍ତି । ତେଣୁ ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ମନେକରି, ସେ ଏହି ବିଖ୍ୟାତ ସଂସ୍କୃତ ଗ୍ରନ୍ଥଟିର ଅନୁବାଦ ଭାର ମୋ ଉପରେ ଛାଡ଼ି ଦେଲେ । ମୁଁ ମଧ୍ୟ ଭାବପ୍ରବଣତାବଶତଃ ସେତେବେଳେ ତାକୁ ଗ୍ରହଣ କରି ନେଲି । ତା'ପର ଦିନ ସେ କଟକ ଫେରିଗଲେ କିନ୍ତୁ ମୋର ଏ ଗୁରୁଭାର ତୁଲାଇବା ପାଇଁ ନିଜର ଶକ୍ତିସାମର୍ଥ୍ୟ ଉପରେ କ୍ରମେ କ୍ରମେ

Digitized by srujanika@gmail.com

ଅବଶ୍ୱାସ ଆସିଲା । କିନ୍ତୁ ଦାସ ବ୍ରଦର୍ସ ବ୍ରହ୍ମପୁର ଶାଖାର ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ଯଜ୍ଞଦତ୍ତ ନାଥ ଦାସ (ଯାଦବ ବାବୁ) ପ୍ରତି ମୁହୂର୍ତ୍ତରେ ମୋତେ ଏ ଦିଗରେ ଉତ୍ସାହିତ କରିବାକୁ ଲାଗିଲେ । କେବଳ ସେଇଥିପାଇଁ ଆଜ ଏହି ସୁବିଖ୍ୟାତ ଗ୍ରନ୍ଥଟିର ଓଡ଼ିଆ ଅନୁବାଦ ଅଗଣିତ ଓଡ଼ିଆ ପାଠକ ପାଠିକାଙ୍କ ହସ୍ତରେ ପହଞ୍ଚି ପାରିଛି । ତେଣୁ ଏ ଦୁଇଜଣ ସାହିତ୍ୟ ପ୍ରେମୀ ପ୍ରକାଶକଙ୍କ ନିକଟରେ ମୁଁ ଚିର କୃତଜ୍ଞ ।

ସୋମଦେବଙ୍କ ବିଶ୍ୱବିଶ୍ରୁତ କଥାଗ୍ରନ୍ଥ କଥା ସରିତ ସାଗର ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବିଶେଷ ଆଦର ଲାଭ କରିଛି । ବିଭିନ୍ନ ସମୟରେ ବହୁ ଭାରତୀୟ ଭାଷା ଓ ଶାସ୍ତ୍ରବିତ୍ ଏ ସମ୍ପର୍କରେ ମୂଲ୍ୟବାନ୍ ଆଲୋଚନା କରିଯାଇଛନ୍ତି । କିନ୍ତୁ ଓଡ଼ିଆ ଭାଷାରେ ଏହାର ସମ୍ପୂର୍ଣ୍ଣ ଅନୁବାଦ ଏ ଯାବତ୍ ନ ହୋଇଥିବା ବାସ୍ତବିକ୍ ଦୁଃଖର କଥା । ୧୩୩୦ ସାଲ (ଖ୍ରୀଷ୍ଟାବ୍ଦ ୧୯୨୩)ରେ ଶ୍ରୀଯୁକ୍ତ ଗୋପୀନାଥ ଧଳ, ବି.ଏ. ଏହାର କେତେକାଂଶ ଅନୁବାଦ କରି ତତ୍କାଳୀନ 'ମୁକୁର' ପତ୍ରିକାର ୧୭ଶ ଭାଗ ଏକାଦଶ ସଂଖ୍ୟାରୁ ଧାରାବାହିକ ଭାବେ ପ୍ରକାଶ କରୁଥିଲେ । କିନ୍ତୁ କୌଣସି ବିଶେଷ କାରଣବଶତଃ ଏହା ସମ୍ପୂର୍ଣ୍ଣ ହୋଇପାରି ନ ଥିଲା । ଧଳ ମହାଶୟ ଦ୍ୱିତୀୟ ଲମ୍ବକର ପ୍ରଥମ ତରଙ୍ଗ ପର୍ଯ୍ୟନ୍ତ ହିଁ ଅନୁବାଦ କରିଥିଲେ । ଏହାଙ୍କ ପରେ ମଧ୍ୟ ଅନ୍ୟ କେତେକ ଏହାର ଅନୁବାଦରେ ପ୍ରବୃତ୍ତ ହୋଇଅଛନ୍ତି କିନ୍ତୁ ଏ ପର୍ଯ୍ୟନ୍ତ କେହି ଏହି ବିଶାଳଗ୍ରନ୍ଥର ପୂର୍ଣ୍ଣାଙ୍ଗ ଅନୁବାଦ କରିବା ନିମନ୍ତେ ସମର୍ଥ ହୋଇ ପାରି ନାହାନ୍ତି । ତେଣୁ ମୋର ପ୍ରଚେଷ୍ଟା ଫଳରେ ଓଡ଼ିଆ ସାହିତ୍ୟର ଏହି ଶୂନ୍ୟସ୍ଥାନଟି କିୟତ୍ ପରିମାଣରେ ପୂର୍ଣ୍ଣ ହେବ ବୋଲି ଆଶା ।

ପ୍ରଥମେ ସମଗ୍ର ଗ୍ରନ୍ଥଟିକୁ ଗୋଟିଏ ଖଣ୍ଡରେ ପ୍ରକାଶ କରିବାର ପରିକଳ୍ପନା ଥିଲା । କିନ୍ତୁ ପରେ ଗ୍ରନ୍ଥର କଳେବର ଦୃଷ୍ଟିରୁ ଏହାକୁ ଗୁଟିଏ ଭାଗରେ ପ୍ରକାଶ କରିବା ପାଇଁ ସିଦ୍ଧାନ୍ତ ନେଲି । ବର୍ତ୍ତମାନ ପ୍ରଥମ ଭାଗ ହିଁ ପ୍ରକାଶିତ ହେଲା । ପରବର୍ତ୍ତୀ ଭାଗଗୁଡ଼ିକ କ୍ରମଶଃ ପ୍ରକାଶ ଲାଭ କରିବ ।

Digitized by srujanika@gmail.com

ସୋମଦେବ ସମଗ୍ର ଗ୍ରନ୍ଥଟିକୁ ଅଠର ଭାଗରେ ବିଭକ୍ତ କରି ପ୍ରତ୍ୟେକ ଭାଗକୁ ଗୋଟିଏ ଗୋଟିଏ ଲମ୍ବକ ନାମରେ ଅଭିହିତ କରି ଅଛନ୍ତି । କିନ୍ତୁ ଓଡ଼ିଆରେ ଲମ୍ବକ ଶବ୍ଦ ସୁପ୍ରଚଳିତ ନୁହେଁ ବୋଲି ମୁଁ 'ଲମ୍ବକ' ପରିବର୍ତ୍ତେ 'ସରିତ' ଶବ୍ଦ ପ୍ରୟୋଗ କରିଛି । ବିଭିନ୍ନ ତରଙ୍ଗାୟିତ ସରିତକୁ ନେଇ ଯେପରି ସାଗରର ସୃଷ୍ଟି, ଠିକ୍ ସେହିପରି କେତେଗୋଟି କଥାରୂପ ତରଙ୍ଗ ବିଭୂଷିତ ସରିତକୁ ନେଇ କଥା ସରିତ ସାଗରର ସୃଷ୍ଟି । ମୋର ଏ ସ୍ୱାତନ୍ତ୍ର୍ୟ ପାଇଁ ପାଠକମାନେ କ୍ଷମା ଦେବେ ବୋଲି ଆଶା ।

ଏହି ଗ୍ରନ୍ଥ ଅନୁବାଦ କରିବାରେ ମୋର ପ୍ରିୟ ଛାତ୍ର ଶ୍ରୀମାନ୍ ସରୋଜ କୁମାର ଦାସଙ୍କ ସାହାଯ୍ୟ ଅବିସ୍ମରଣୀୟ । ତାଙ୍କର ବିନା ସହାୟତାରେ ଏହା ଏତେ ଶୀଘ୍ର ପ୍ରକାଶ ଲାଭ କରିପାରି ନ ଥାଆନ୍ତା । ବନ୍ଧୁ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ଦାସ, ଏମ୍. ଏ., ଓ ଏଫ୍. ଏସ୍. ଅସୀମ ଧୈର୍ଯ୍ୟର ସହିତ ଏହାକୁ ଆମୂଳଚୂଳ ପାଠ କରି, ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ଉପଦେଶ ପ୍ରଦାନ କରିଥିବାରୁ ମୁଁ ତାଙ୍କ ନିକଟରେ ଚିରକୃତଜ୍ଞ । ଶିଳ୍ପୀବନ୍ଧୁ ଶ୍ରୀଯୁକ୍ତ ବିପିନ ବିହାରୀ ସାହୁ ପ୍ରଚ୍ଛଦଚିତ୍ର ଅଙ୍କନଦ୍ୱାରା ଗ୍ରନ୍ଥଟିର ଶ୍ରୀବୃଦ୍ଧି ସାଧିତ କରିଥିବା ଯୋଗୁଁ ମୋର ଧନ୍ୟବାଦାର୍ହ । ଗୋପୀନାଥ ପ୍ରେସ୍‌ର ପରିଚାଳକ ଶ୍ରୀଯୁକ୍ତ ନନ୍ଦ ବାବୁ ଏବଂ ସ୍ୱାଧୀନ ପ୍ରେସ୍‌ର ପରିଚାଳକ ଶ୍ରୀଯୁକ୍ତ ଅଭିମନ୍ୟୁ ପାଢ଼ୀ ଏହାର ମୁଦ୍ରଣ ପାଇଁ ସାତିଶୟ ଆଗ୍ରହ ପ୍ରକାଶ କରି ଗ୍ରନ୍ଥଟିକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ ଚେଷ୍ଟା କରିଥିବାରୁ, ମୁଁ ସେମାନଙ୍କ ନିକଟରେ କୃତଜ୍ଞ । ଶେଷରେ 'ସୃଷ୍ଟି ସୌରଭ'ର ବହୁ ବନ୍ଧୁ ମୋତେ ଏ ଦିଗରେ ଉତ୍ସାହିତ କରିଥିବା ଯୋଗୁଁ, ସେମାନେ ସମସ୍ତେ ମଧ୍ୟ ମୋର ଧନ୍ୟବାଦର ପାତ୍ର ।

ଗ୍ରନ୍ଥଟିର ଅନୁବାଦ କେତେଦୂର ସାର୍ଥକ ଓ ସରସ ହୋଇ ପାରିଛି, ତା'ର ପରୀକ୍ଷା କରିବେ ଓଡ଼ିଶାର ସୁଧୀ ପାଠକପାଠିକାବୃନ୍ଦ । ଏ ବିଶାଳ ଗ୍ରନ୍ଥର ଅନୁବାଦ କରିବା ଯେ ପ୍ରକାର କଷ୍ଟସାଧ୍ୟ, ତାହା ଅନୁବାଦକ ହିଁ ଉପଲବ୍ଧି କରିପାରିବେ । ମୁଁ ମୂଳଗ୍ରନ୍ଥର ଆକ୍ଷରିକ ଅନୁବାଦ କରିବା ପାଇଁ ଚେଷ୍ଟା କରିଛି କାରଣ ଏହାଦ୍ୱାରା ପାଠକ କଥାରସ ଆସ୍ୱାଦନ କରିବା ସଙ୍ଗେ ସଙ୍ଗେ ଗବେଷକ ମୂଳଗ୍ରନ୍ଥ ପାଠ

Digitized by srujanika@gmail.com

ବ୍ୟତୀତ ଭାରତୀୟ ସଭ୍ୟତା ଓ ସଂସ୍କୃତିର ପୂର୍ଣ୍ଣାଙ୍ଗ ପରିଚୟ ପାଇପାରିବ ଏବଂ ଓଡ଼ିଆ ଲୋକଗଳ୍ପ ସହ ଏହାର ତୁଳନାତ୍ମକ ଆଲୋଚନା କରିପାରିବ । ଅବଶ୍ୟ ଏହାଦ୍ୱାରା ସ୍ଥାନେ ସ୍ଥାନେ ଭାଷା ଟିକିଏ କ୍ଳିଷ୍ଟ ଏବଂ ବିଷୟବସ୍ତୁ ଉପସ୍ଥାପନା ଟିକିଏ ଅସ୍ୱାଭାବିକ ମନେ ହୋଇପାରେ, କିନ୍ତୁ ଗଳ୍ପଗୁଡ଼ିକର ଭାବାନୁବାଦ କରିଥିଲେ ପ୍ରକୃତ ଗ୍ରନ୍ଥର ମହତ୍ତ୍ୱ ସୁରକ୍ଷିତ ହୋଇପାରନ୍ତା ନାହିଁ ।

କଥାରସ ପିପାସୁ ପାଠକବୃନ୍ଦଙ୍କ ଚିତ୍ତରେ ଏହା କିଞ୍ଚିତ ଆନନ୍ଦ ସଞ୍ଚାର କରିପାରିଲେ ମୋର ଶ୍ରମ ସାର୍ଥକ ହେବ ।

ବ୍ରହ୍ମପୁର
ବିଷୁବ ସଂକ୍ରାନ୍ତି, ୧୯୭୯

ବିନୀତ
ସୁଦର୍ଶନ

Digitized by srujanika@gmail.com

ମୂଳଗ୍ରନ୍ଥ ସମ୍ପର୍କରେ ପଦେ......

'କଥା ସରିତ ସାଗର' ପ୍ରକୃତରେ କଥା ସରିତ ସାଗର । ସଂସ୍କୃତ ଭାଷାରେ ମିଳୁଥିବା ଅସଂଖ୍ୟ କଥାଗ୍ରନ୍ଥ ମଧ୍ୟରେ ଏହା ସର୍ବବୃହତ୍ । ବିଭିନ୍ନ କଥା ରୂପକ 'ସରିତ'ର ସମଷ୍ଟିରେ ଏହି 'ସାଗର'ର ସୃଷ୍ଟି । ପୁଣି ସରିତଗୁଡ଼ିକ ବିଭିନ୍ନ ତରଙ୍ଗଦ୍ୱାରା ସୁଶୋଭିତ । କେବଳ ସେତିକି ନୁହେଁ ପ୍ରତ୍ୟେକ ତରଙ୍ଗ ପୁଣି ବିଭିନ୍ନ କଥା ରୂପକ ଜଳବିନ୍ଦୁର ସମଷ୍ଟିରେ ଗଠିତ । ତେଣୁ ଅସୀମ ପାରାବାର ଯେପରି ଅସଂଖ୍ୟ ଜଳବିନ୍ଦୁର ଏକ ସୁସଂଶ୍ଳିଷ୍ଟ ଓ ସୁନିବଡ଼ ସମାହାର, ସେହିପରି ଏହି କଥା ସରିତ ସାଗର ଗ୍ରନ୍ଥ ମଧ୍ୟ ବହୁବିଧ ଗଳ୍ପର ଏକ କଳାବିମଣ୍ଡିତ ରୂପସମ୍ଭାର । ଏହି ବିଭିନ୍ନ କଥାକୁ ଏକସୂତ୍ରରେ ଗୁମ୍ଫନ କରି ରଚୟିତା ଯେଉଁ ଅଭୂତପୂର୍ବ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି, ତାହା ଯେତିକି ବିସ୍ମୟ ଉଦ୍ଦୀପକ ସେତିକି ଚିତ୍ତ ଉଲ୍ଲାସକ ।

ଏହି ବିଶ୍ୱବିଶ୍ରୁତ କଥାଗ୍ରନ୍ଥର ରଚୟିତା ମହାକବି ସୋମଦେବ ଭଟ୍ଟ କାଶ୍ମୀର ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ ବୋଲି ପଣ୍ଡିତମାନେ ମତ ପ୍ରଦାନ କରନ୍ତି । ନିଜେ ସୋମଦେବ ମଧ୍ୟ ରାଜା କଳଶଙ୍କ ମାତା ଏବଂ କାଶ୍ମୀର ଦେଶର ରାଜା ଅନନ୍ତଙ୍କ ରାଣୀ ସୂର୍ଯ୍ୟମତୀଙ୍କର ଚିତ୍ତ ବିନୋଦନ

Digitized by srujanika@gmail.com

ନିମିତ୍ତ ଏ ଗ୍ରନ୍ଥ ରଚନା କରିଥିବା କଥା ଉଲ୍ଲେଖ କରିଛନ୍ତି । ତେଣୁ ଇତିହାସ ଉପରେ ଭିତ୍ତିକରି ଏହା ନିଶ୍ଚିତ ଭାବରେ କୁହାଯାଇ ପାରେ ଯେ କଥା ସରିତ ସାଗର ଖ୍ରୀ: ୧୦୬୩ ରୁ ଖ୍ରୀ: ୧୦୮୨ ମଧ୍ୟରେ ରଚିତ ହୋଇଥିଲା ।

ଏହି ବିଶାଳ ଗ୍ରନ୍ଥଟି ଅଠରଟି ଲମ୍ବକରେ ବିଭକ୍ତ ଏବଂ ପ୍ରତ୍ୟେକ ଲମ୍ବକ ପୁଣି କେତୋଟି ତରଙ୍ଗରେ ପରିଶୋଭିତ । ଗ୍ରନ୍ଥଟିର ମୋଟ ତରଙ୍ଗ ସଂଖ୍ୟା ୧୨୪ ଏବଂ ଶ୍ଳୋକ ସଂଖ୍ୟା ୨୧୩୮୮ । ଏହି ବିପୁଳ ଆୟତନ ମଧ୍ୟରେ ଯେଉଁ ଅସଂଖ୍ୟ ରୋଚକ ବିଚିତ୍ର, ସୁଖ ଦୁଃଖାତ୍ମକ, ହାସ୍ୟବିନୋଦକ, ତଥା ନୀତିଉପଦେଶପ୍ରଦାୟକ କଥା ସ୍ଥାନ ଲାଭ କରିଅଛି, ତାହା କଳନା କରିବା କଷ୍ଟସାଧ୍ୟ । କଥା ମଧ୍ୟରେ କଥା, ତା ମଧ୍ୟରେ ପୁଣି କଥା— ଏହିପରି ଭାବରେ ଗୋଟିଏ ମୂଳକଥାରୁ ଅସଂଖ୍ୟ ଉପକଥାର ସୃଷ୍ଟି ହୋଇ ଯାଇଛି; କିନ୍ତୁ ସବୁଗୁଡ଼ିକ ଗୋଟିଏ ସୂତ୍ରରେ ଗ୍ରଥିତ ହୋଇଥିବା ଯୋଗୁଁ ପାଠକ ପଥଭ୍ରଷ୍ଟ ହେବାର ସମ୍ଭାବନା ନାହିଁ । ଅବଶ୍ୟ ଅନେକ ସ୍ଥାନରେ ମୂଳକଥାଠାରୁ ଲେଖକ ପାଠକକୁ ବହୁଦୂର ଟାଣି ନେଇ ଯାଇଥିବା ଯୋଗୁଁ ମୂଳକଥାକୁ ପୁଣି ଫେରି ଆସିବା ପାଇଁ ତାକୁ ଟିକିଏ ଶ୍ରମ ସ୍ୱୀକାର କରିବାକୁ ପଡ଼େ, ତଥାପି ବିଜ୍ଞ ପାଠକ ପକ୍ଷରେ ଏହି କ୍ଳାନ୍ତି ହିଁ ଆନନ୍ଦଦାୟକ । ଜଣେ ଆଲୋଚକ ଲେଖିଛନ୍ତି, 'ସୋମଦେବ ଉପବନ ସୃଷ୍ଟି କରିବାକୁ ଯାଇ ଅରଣ୍ୟ ସୃଷ୍ଟି କରିଅଛନ୍ତି ।' ଏହା ପ୍ରକୃତରେ ଅଯଥାର୍ଥ ନୁହେ । କିନ୍ତୁ ଅରଣ୍ୟ ମଧ୍ୟରେ ପଥଭ୍ରଷ୍ଟ ନ ହୋଇ ଭ୍ରମଣ କରିବାରେ ମଧ୍ୟ ଆନନ୍ଦ ଅଛି । ଏ ଆନନ୍ଦ ଉପବନବିହାର ଜନିତ ଆନନ୍ଦ ଠାରୁ ଭିନ୍ନ ହୋଇ ପାରେ କିନ୍ତୁ ଅସ୍ୱାଦ୍ୟ ନୁହେ ।

'କଥା ସରିତ ସାଗର' ସୋମଦେବଙ୍କର ମୌଳିକ ରଚନା ନୁହେ । ମହାକବି ଗୁଣାଢ୍ୟଙ୍କ ବିରଚିତ 'ବୃହତ୍ କଥା' ହିଁ ଏହାର ମୌଳିକ ଉତ୍ସ । ବୃହତ୍ କଥା ବର୍ତ୍ତମାନ ସମ୍ପୂର୍ଣ୍ଣ ଅବଲୁପ୍ତ । ଏପରିକି ଅନେକ ସମାଲୋଚକ ଏହାର ସ୍ଥିତି ସମ୍ପର୍କରେ ମଧ୍ୟ ବହୁଦିନ ଧରି ସନ୍ଦିହାନ୍ ଥିଲେ । ବର୍ତ୍ତମାନ ସୁଦ୍ଧା ଏହି ଗ୍ରନ୍ଥ ଗଦ୍ୟରେ କି ପଦ୍ୟରେ ରଚିତ ହୋଇଥିଲା ତାହା ସଠିକ୍ ଭାବରେ ନିରୂପିତ ହୋଇ ପାରି ନାହିଁ । କିନ୍ତୁ ଗୁଣାଢ୍ୟଙ୍କ ଯଶୋରାଶି ଭାରତୀୟ ପରମ୍ପରାରେ ସୁବିପୁଳ ଓ ଅମର । ବାଣଭଟ୍ଟ ପ୍ରଭୃତି ବିଖ୍ୟାତ

Digitized by srujanika@gmail.com

କବିବୃନ୍ଦ ତାଙ୍କୁ ବ୍ୟାସ ଓ ବାଲ୍ମୀକିଙ୍କ ସମକକ୍ଷ ବୋଲି ବର୍ଣ୍ଣନା କରି ଯାଇଛନ୍ତି । କୁବଳୟମାଳାର ରଚୟିତା ଉଦ୍‌ଦ୍ୟୋତନ ସୁରି ବୃହତ୍‌କଥାକୁ ସ୍ୱୟଂ ସରସ୍ୱତୀ ଏବଂ ଗୁଣାଢ୍ୟଙ୍କୁ ସ୍ୱୟଂ ବ୍ରହ୍ମାଙ୍କ ସହ ତୁଳନା କରି ଅଛନ୍ତି । ତାଙ୍କ ଭାଷାରେ—

'ସୟଲକଲାଗମଣିଲୟା ସିକ୍‌ଖାକୟକଇୟଣସ୍‌ସ ମୁହୟଂଦା
କମଲାସଣୋ ଗୁଣଡ୍‌ଢୋ ସରସ୍‌ସଇ ଜସ୍‌ସ ବଡ୍‌ଡ଼କହା ।'

କବି ଧନପାଳ ଏହି ବୃହତ୍ କଥାକୁ ଅନ୍ୟ ସମସ୍ତ କଥାଗ୍ରନ୍ଥର ମୂଳାଧାର ବୋଲି ବର୍ଣ୍ଣନା କରି କହି ଅଛନ୍ତି—

'ସତ୍ୟଂ ବୃହତ୍‌କଥାମ୍ଭୋଧେର୍ବିନ୍ଦୁମାଦାୟ ସଂସ୍କୃତାଃ
ତେନେତରା କଥାକନ୍ଥାଃ ପ୍ରତିଭାନ୍ତି ତଦଗ୍ରତଃ ।'

ତେଣୁ ପ୍ରାଚୀନ ଭାରତରେ ଗୁଣାଢ୍ୟ ଏବଂ ତାଙ୍କର ବୃହତ୍ କଥାର ଆଦର କେତେଦୂର ଥିଲା, ତାହା ଏଥିରୁ ସ୍ପଷ୍ଟ ଅନୁମେୟ । କିନ୍ତୁ ଦୁଃଖର କଥା, ବର୍ତ୍ତମାନ ଏ ଗ୍ରନ୍ଥ ସମ୍ପୂର୍ଣ୍ଣ ଦୁଷ୍ପ୍ରାପ୍ୟ । ଏହାର ଅନୁସରଣରେ ଲିଖିତ ବୁଦ୍ଧସ୍ୱାମୀଙ୍କ ବୃହତ୍ କଥା ଶ୍ଳୋକ ସଂଗ୍ରହ (୫ମ ଶତାବ୍ଦୀ), ସୋମଦେବଙ୍କ କଥା ସରିତ ସାଗର (୧୧ଶ ଶତାବ୍ଦୀ) ଏବଂ କ୍ଷେମେନ୍ଦ୍ରଙ୍କ ବୃହତ୍ କଥା ମଞ୍ଜରୀ (୧୧ଶ ଶତାବ୍ଦୀ)—ଗ୍ରନ୍ଥ ସମୂହରୁ ଗୁଣାଢ୍ୟଙ୍କ ଅପୂର୍ବ କଥା-ଗ୍ରଥନ କୁଶଳତା, ଅଦ୍‌ଭୁତ କଳ୍ପନା ବଳସିତା ଏବଂ ଅପରିସୀମ ପାଣ୍ଡିତ୍ୟର ପରିଚୟ ମିଳିଥାଏ ।

ବହୁ ପ୍ରଖ୍ୟାତ ପ୍ରାଚୀନ କବିଙ୍କ ତୁଲ୍ୟ ଗୁଣାଢ୍ୟଙ୍କ ସମୟ ଓ ଜୀବନୀ ସମ୍ପର୍କରେ ନାନା ମୁନିଙ୍କର ନାନା ମତ । କଥା ସରିତ ସାଗର ଅନୁଯାୟୀ ଗୁଣାଢ୍ୟ ପ୍ରତିଷ୍ଠାନ ନାମକ ପ୍ରଦେଶରେ ଥିବା ସୁପ୍ରତିଷ୍ଠିତ ନାମକ ନଗରରେ ଜନ୍ମଗ୍ରହଣ କରିଥିଲେ । ଏହି ନଗର ଗୋଦାବରୀ ନଦୀ କୂଳରେ ଅବସ୍ଥିତ ଥିଲା ଏବଂ ସାତବାହନ ରାଜାମାନଙ୍କର ରାଜଧାନୀ ଥିଲା । ଗୁଣାଢ୍ୟ ଏହି ସାତବାହନ ବଂଶୀୟ ରାଜାମାନଙ୍କ ସମସାମୟିକ ଥିବା ଯୋଗୁଁ ଆଲୋଚକମାନେ ତାଙ୍କୁ ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀର ବ୍ୟକ୍ତି ବୋଲି ଅନୁମାନ କରନ୍ତି । କିନ୍ତୁ ଅନ୍ୟ କେତେକ ଆଲୋଚକ ଭାସଙ୍କ

Digitized by srujanika@gmail.com

ସ୍ୱପ୍ନବାସବଦତ୍ତ ନାଟକର ବିଷୟବସ୍ତୁ ବୃହତ୍କଥାରୁ ଗୃହୀତ ବୋଲି ଅନେକେ ତାଙ୍କୁ ଖ୍ରୀଷ୍ଟପୂର୍ବ ୩ୟ ଶତକର ପୂର୍ବବର୍ତ୍ତୀ ବୋଲି ମଧ୍ୟ ମତ ପ୍ରକାଶ କରିଛନ୍ତି । କିନ୍ତୁ ସେ ଯାହା ହେଉ, ସୋମଦେବଙ୍କ 'କଥା ସରିତ ସାଗର'ର ପ୍ରଥମ ଲମ୍ବକରେ ଗୁଣାଢ୍ୟଙ୍କ ଜୀବନବୃତ୍ତାନ୍ତ ତଥା ବୃହତ୍ କଥାର ରଚନା ସମ୍ପର୍କରେ ଏକ କୌତୂହଳୋଦ୍ଦୀପକ ଉପାଖ୍ୟାନ ଦେଖିବାକୁ ମିଳେ ।

ଏକଦା ପାର୍ବତୀ ମହାଦେବଙ୍କୁ ଏକ ଅପୂର୍ବ କଥା ଶୁଣାଇବା ନିମନ୍ତେ ଅନୁରୋଧ କରନ୍ତେ ମହାଦେବ ରୁଦ୍ଧଦ୍ୱାର ଓ ପ୍ରହରୀବେଷ୍ଟିତ ଗୃହ ମଧ୍ୟରେ ପାର୍ବତୀଙ୍କୁ ଗଳ୍ପଟିଏ କହିବା ଆରମ୍ଭ କଲେ । ଶିବ-ପରିଚାରକ ପୁଷ୍ପଦନ୍ତ ଉକ୍ତ ଗଳ୍ପ ଶ୍ରବଣ କରିବାର ଲୋଭ ସମ୍ବରଣ କରି ନ ପାରି ଅଦୃଶ୍ୟ ଭାବରେ ଗୃହ ମଧ୍ୟରେ ପ୍ରବେଶ କଲା ଏବଂ ତାହା ଶୁଣି ନେଲା । କିନ୍ତୁ କୌତୂହଳ ଦମନ କରି ନ ପାରି ସେ ଏହା ସ୍ୱୀୟ ପତ୍ନୀ ଜୟା ନିକଟରେ ପ୍ରକାଶ କରନ୍ତେ ଏହି ରହସ୍ୟ ଉଦ୍ଘାଟିତ ହୋଇ ପଡ଼ିଲା । ଏଥିରେ ମହାଦେବ ରୋଗାନ୍ୱିତ ହୋଇ ତାକୁ ଏବଂ ତାର ସଖା ମାଲ୍ୟବାନ୍‌ଙ୍କୁ ଅଭିଶପ୍ତ କଲେ । ଫଳରେ ପୁଷ୍ପଦନ୍ତ ମର୍ତ୍ତ୍ୟଲୋକରେ ଜନ୍ମ ଗ୍ରହଣ କରି କାତ୍ୟାୟନ ନାମରେ ପରିଚିତ ହୋଇ ମହାରାଜା ନନ୍ଦଙ୍କ ସଭାସଦ୍ ରୂପେ ଜୀବନଯାପନ କଲେ ଏବଂ ମାଲ୍ୟବାନ୍ ଗୁଣାଢ୍ୟ ନାମ ଧାରଣ କରି ପ୍ରତିଷ୍ଠାନପୁରରେ ଜନ୍ମଗ୍ରହଣ ପୂର୍ବକ ସାତବାହନ ରାଜାଙ୍କ ରାଜ ସଭାରେ ଆସ୍ଥାନ ପଣ୍ଡିତରୂପେ ସ୍ଥାନ ଲାଭ କଲେ ।

ଏକଦା ରାଜା ସାତବାହନ ତାଙ୍କର ମହିଷୀମାନଙ୍କ ସହ ଜଳକ୍ରୀଡ଼ା କରିବା ପାଇଁ ଯାଇଥାଆନ୍ତି । ଜନୈକା ମହିଷୀ ରାଜାଙ୍କର ଜଳାଘାତରେ ବିବ୍ରତା ହୋଇ କହନ୍ତି 'ମୋଦକୈଃ ପରିତାଡ଼ୟ' । ଏହା ଶୁଣି ରାଜା ବହୁ ମୋଦକଦ୍ୱାରା ରାଣୀଙ୍କୁ ପରିତାଡ଼ନ କରନ୍ତି । ରାଣୀ ବିସ୍ମିତା ତଥା ଉତ୍‌କ୍ଷିପ୍ତା ହୋଇ ରାଜାଙ୍କର ମୂର୍ଖତା ପ୍ରତି ଉପହାସ କଲେ । ରାଜା 'ମା' ଶବ୍ଦ ଓ 'ଉଦକ' ଶବ୍ଦର ସନ୍ଧି ଜାଣି ନ ପାରି ଏ ପ୍ରକାର ଆଚରଣ କରିଥିବା ଯୋଗୁଁ ଅନ୍ୟ ମହିଷୀମାନେ ମଧ୍ୟ ତାଚ୍ଛଲ୍ୟ ପ୍ରକାଶ କଲେ । ଅପମାନ ଓ ଦୁଃଖରେ ରାଜା ମ୍ରିୟମାଣ ହୋଇ ପଡ଼ିଲେ । ସେ ରାଜକାର୍ଯ୍ୟ ପରିତ୍ୟାଗପୂର୍ବକ ନିର୍ଜନ ବାସ କରିବାକୁ ଲାଗିଲେ ।

Digitized by srujanika@gmail.com

ଶରୀର ଅସୁସ୍ଥ ହୋଇ ପଡ଼ିଲା । ରାଜକାର୍ଯ୍ୟ ପରିଚାଳନା କରିବା ତାଙ୍କ ପକ୍ଷରେ ସମ୍ଭବପର ହେଲା ନାହିଁ । ଗୁଣାଢ଼୍ୟ ନିକଟ ବନ୍ଧୁ ଶର୍ବବର୍ମାଙ୍କ ସହ ରାଜାଙ୍କର ଏ ପ୍ରକାର ମନୋବେଦନାର କାରଣ ଜ୍ଞାତ ହୋଇପାରି ଛଅ ବର୍ଷ ମଧ୍ୟରେ ରାଜାଙ୍କୁ ସଂସ୍କୃତ ବ୍ୟାକରଣ ଶିକ୍ଷା ଦେବାର ପ୍ରତିଶ୍ରୁତି ପ୍ରଦାନ କଲେ । କିନ୍ତୁ ଶର୍ବବର୍ମା ରାଜାଙ୍କୁ ମାତ୍ର ଛଅ ମାସ ମଧ୍ୟରେ ସଂସ୍କୃତ ବ୍ୟାକରଣ ଶାସ୍ତ୍ରରେ ଧୂରୀଣ କରିବା ପାଇଁ ସମର୍ଥ ବୋଲି ପ୍ରକାଶ କରନ୍ତେ ଗୁଣାଢ଼୍ୟ କ୍ରୋଧ ପରବଶ ହୋଇ ପ୍ରତିଜ୍ଞା କଲେ ଯେ ଏହା ଯଦି ସମ୍ଭବ ହୁଏ, ତା'ହେଲେ ସେ ସଂସ୍କୃତ, ପ୍ରାକୃତ ଓ ଦେଶୀୟ ଭାଷା ପରିତ୍ୟାଗ କରିବେ ।

ଶର୍ବବର୍ମା ଗଭୀର ତପସ୍ୟାରେ ଭଗବାନ୍ କାର୍ତ୍ତିକେୟଙ୍କୁ ସନ୍ତୁଷ୍ଟ କରି କାତନ୍ତ୍ର ବ୍ୟାକରଣ ଶିକ୍ଷା କଲେ ଏବଂ ରାଜାଙ୍କୁ ଛଅ ମାସ ମଧ୍ୟରେ ଏହା ଶିକ୍ଷା ଦେଲେ । ଏଥିରେ କ୍ଷୁବ୍ଧ ହୋଇ ଗୁଣାଢ଼୍ୟ ରାଜ୍ୟ ପରିତ୍ୟାଗ ପୂର୍ବକ ବିନ୍ଧ୍ୟାରଣ୍ୟକୁ ପଳାୟନ କଲେ । ସେଠାରେ ପିଶାଚ ଶ୍ରେଷ୍ଠ କାଣଭୂତିଙ୍କ ସହ ତାଙ୍କର ସାକ୍ଷାତ ହେଲା । କାଣଭୂତି ସେତିକି ବେଳକୁ ପୁଷ୍ପଦନ୍ତଙ୍କ ଠାରୁ ବୃହତ୍ କଥା ଶ୍ରବଣ କରି, ତାହା ଗୁଣାଢ଼୍ୟଙ୍କ ନିକଟରେ ପ୍ରକାଶ କରିବା ନିମନ୍ତେ ଅପେକ୍ଷା କରି ଥାଆନ୍ତି । ଗୁଣାଢ଼୍ୟଙ୍କ ସହ ସାକ୍ଷାତ ହୁଅନ୍ତେ ସେ ଏହି ଅପୂର୍ବ କଥାକୁ ତାଙ୍କ ଆଗରେ ପ୍ରକାଶ କରି ମୁକ୍ତିଲାଭ କଲେ ।

ଗୁଣାଢ଼୍ୟ ଏହାକୁ ଲୋକସମାଜରେ ପ୍ରଚାର କରିବା ନିମନ୍ତେ ତତ୍ପର ହୋଇ ଉଠିଲେ । କିନ୍ତୁ ସଂସ୍କୃତ ଓ ପ୍ରାକୃତ ଭାଷା ପରିତ୍ୟାଗ କରିଥିବା ଯୋଗୁଁ ସେ ଏହାକୁ ପୈଶାଚୀ ଭାଷାରେ ଲିପିବଦ୍ଧ କରିବା ପାଇଁ ମନସ୍ଥ କଲେ । ପୁଣି ଅରଣ୍ୟ ମଧ୍ୟରେ ଲିଖନ ସାମଗ୍ରୀର ଅଭାବ । ତେଣୁ ସେ ଏହି ବିଶ୍ୱବିଶ୍ରୁତ ଗ୍ରନ୍ଥକୁ ନିଜ ରକ୍ତ ସାହାଯ୍ୟରେ ଏବଂ ପଶୁଚର୍ମରେ ଲିପିବଦ୍ଧ କରି ରାଜା ସାତବାହନଙ୍କ ନିକଟକୁ ଏହାର ସୁରକ୍ଷା ଓ ପରିପ୍ରଚାର ନିମନ୍ତେ ଶିଷ୍ୟମାନଙ୍କଦ୍ୱାରା ପ୍ରେରଣ କଲେ । କିନ୍ତୁ ରାଜା ନରରକ୍ତ ଲିଖିତ ପୈଶାଚୀଭାଷାନିବଦ୍ଧ ଗ୍ରନ୍ଥଟିକୁ ପ୍ରତ୍ୟାଖ୍ୟାନ କରନ୍ତେ ବେଦନାହତ ଗୁଣାଢ଼୍ୟ ଅଗ୍ନି ପ୍ରଜ୍ୱଳିତ କରି ଗୋଟିଏ ଗୋଟିଏ ପତ୍ର ଉଚ୍ଚ ସ୍ୱରରେ ପାଠ କରି ସେହି ଅଗ୍ନିରେ ନିକ୍ଷେପ କରିବାକୁ ଲାଗିଲେ ।

Digitized by srujanika@gmail.com

କଥାଗୁଡ଼ିକର ମନୋହାରିତା ତଥା ଚମତ୍କାରିତା ବନ୍ୟ ପଶୁପକ୍ଷୀମାନଙ୍କୁ ମଧ୍ୟ ଆକୃଷ୍ଟ କଲା । ସେମାନେ ଖାଦ୍ୟପେୟ ପରିତ୍ୟାଗ ପୂର୍ବକ ଏହା ଶ୍ରବଣ କରିବା ନିମନ୍ତେ ଯଜ୍ଞବେଦୀ ନିକଟରେ ତ୍ରିତ୍ରୀଭୂତ ହେଲେ । ଫଳରେ ସେମାନଙ୍କ ଶରୀର ବିଶୁଷ୍କ ହୋଇ ପଡ଼ିଲା ।

ସାତବାହନ ଏହି ଶୁଷ୍କ ପଶୁପକ୍ଷୀମାନଙ୍କର ମାଂସ ଭକ୍ଷଣ କରି ରୋଗାକ୍ରାନ୍ତ ହେଲେ । ରାଜବୈଦ୍ୟମାନଙ୍କଠାରୁ ରୋଗର କାରଣ ଜ୍ଞାତ ହୋଇ ଏବଂ ବ୍ୟାଧମାନଙ୍କଠାରୁ ପଶୁମାନଙ୍କର ଏହି ବିସ୍ମୟକର ଆଚରଣ ସମ୍ପର୍କରେ ଶ୍ରବଣ କରି, ସେ ଗୁଣାଢ୍ୟଙ୍କ ନିକଟରେ ଆସି ଉପସ୍ଥିତ ହେଲେ । ସେତେବେଳକୁ ବୃହତ୍ କଥାର ଛ' ଲକ୍ଷ ଶ୍ଳୋକ ଭସ୍ମୀଭୂତ ହୋଇ ଯାଇଥାଏ—ଅବଶିଷ୍ଟ ଥାଏ ମାତ୍ର ଏକ ଲକ୍ଷ ଶ୍ଳୋକ । ରାଜା ତା'ର ସୁରକ୍ଷାର ବ୍ୟବସ୍ଥା କରି ଲୋକରେ ତାହା ପ୍ରଚାର କଲେ । ଏହା ହିଁ ବର୍ତ୍ତମାନର ବୃହତ୍ କଥା ।

ଏହି 'ବୃହତ୍ କଥା' ଉପରେ ଭିତ୍ତିକରି ସୋମଦେବ ରଚନା କରିଛନ୍ତି ତାଙ୍କର 'କଥା ସରିତ ସାଗର' । ଗ୍ରନ୍ଥାରମ୍ଭରେ ସେ ଉଲ୍ଲେଖ କରିଛନ୍ତି—

ପ୍ରଣମ୍ୟ ବାଚଂ ନିଃଶେଷ ପଦାର୍ଥୋ ଦ୍ୟୋତଦୀପିକାମ୍
ବୃହତ୍ କଥାୟାଃ ସାରସ୍ୟ ସଂଗ୍ରହଂ ରଚୟାମ୍ୟହମ୍ ।

× × ×

ଯଥାମୂଳଂ ତଥୈବୈତନ୍ନ ମନାଗପ୍ୟତିକ୍ରମଃ
ଗ୍ରନ୍ଥବିସ୍ତର ସଂକ୍ଷେପମାତ୍ରଂ ଭାଷା ଚ ଭିଦ୍ୟତେ ।

ଔଚିତ୍ୟାନ୍ୱୟରକ୍ଷା ଚ ଯଥାଶକ୍ତି ବିଧୀୟତେ
କଥାରସାବିଘାତେନ କାବ୍ୟାଂଶସ୍ୟ ଚ ଯୋଜନା ।

ବୈଦଗ୍ଧ ଖ୍ୟାତିଲୋଭାୟ ମମ ନୈବାୟମୁଦ୍ୟମଃ
କିନ୍ତୁ ନାନା କଥା-ଜାଲ-ସ୍ମୃତି-ସୌକର୍ଯ୍ୟ ସିଦ୍ଧୟେ ।

× × ×

Digitized by srujanika@gmail.com

ଅବଶ୍ୟ ବୃହତ୍ କଥାର ରୂପରେଖ କଣ ଥିଲା, ସୋମଦେବ ସେଥିରୁ କେଉଁ ଅଂଶ ପରିତ୍ୟାଗ କରିଅଛନ୍ତି, କେଉଁ ଅଂଶ ନିଜର କଳ୍ପନାରୁ ସେଥିରେ ସଂଯୋଜିତ କରିଅଛନ୍ତି ଏବଂ କେଉଁ ଅଂଶ ଅପରିବର୍ତ୍ତିତ ରଖିଅଛନ୍ତି, କହିବା ବର୍ତ୍ତମାନ ସମ୍ଭବପର ନୁହେ । କିନ୍ତୁ 'କଥା ସରିତ ସାଗର' ପରି କଥାଗ୍ରନ୍ଥ ସଂସ୍କୃତ ସାହିତ୍ୟରେ କାହିଁକି ବିଶ୍ୱସାହିତ୍ୟରେ ମଧ୍ୟ ବିରଳ ବୋଲି କହିବାକୁ ହେବ । ଏହାର ଅବଲମ୍ବନରେ ବହୁ ପଣ୍ଡିତ କବି ବିଭିନ୍ନ ନାଟକ ସୃଷ୍ଟି କରି ଯାଇଛନ୍ତି । ପାଶ୍ଚାତ୍ୟ ଭୂଖଣ୍ଡରେ ପ୍ରଚଳିତ ବିଭିନ୍ନ ଲୋକକଥା ଏହାଦ୍ୱାରା ପ୍ରଭାବିତ ବୋଲି ପଣ୍ଡିତମାନେ ମତ ପ୍ରଦାନ କରନ୍ତି । ଓଡ଼ିଶାରେ ପ୍ରଚଳିତ ଲୋକକଥାଗୁଡ଼ିକ ସହ ଏଗୁଡ଼ିକର ଯୋଗସୂତ୍ର ଯେ ଅତି ନିବିଡ଼ ଏଥିରେ ସନ୍ଦେହର ଅବକାଶ ନାହିଁ । ଆମ୍ଭେମାନେ ଯେଉଁସବୁ କଥା ବର୍ତ୍ତମାନ ଶୁଣିବାକୁ ପାଉଛୁ, ତନ୍ମଧ୍ୟରୁ ଅଧିକାଂଶ ଏହି ବିଶାଳ ଗ୍ରନ୍ଥରେ ପରିଦୃଷ୍ଟ । ଏହାର ବିସ୍ତୃତ ଆଲୋଚନା ଅବଶ୍ୟ ଏଠାରେ ସମ୍ଭବପର ନୁହେ ।

'ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ'—ଭୁଲ୍ୟ ଉକ୍ତି 'କଥା ସରିତ ସାଗର' ପ୍ରତି ମଧ୍ୟ ପ୍ରଯୁଜ୍ୟ । କେବଳ ଭାରତ କାହିଁକି, ଭାରତୀୟମାନଙ୍କ ଜଳଯାନ ଯେତେଦୂର ପର୍ଯ୍ୟନ୍ତ ଗତି କରିପାରୁ ଥିଲା, ଭାରତୀୟ ପର୍ଯ୍ୟଟକ ଯେତେ ଦୂରପଥ ଅତିକ୍ରମ କରିପାରିଥିଲା, ଯେଉଁ ଦେଶମାନଙ୍କ ସହ ଭାରତୀୟମାନେ ମିତ୍ରତା ସ୍ଥାପନ କରିଥିଲେ, ସେହି ସମସ୍ତ ବୃତ୍ତାନ୍ତକୁ କଳ୍ପନାର ତୂଳିରେ ରଞ୍ଜିତ କରି ଏହି କଥାଗ୍ରନ୍ଥ ମଧ୍ୟରେ ରୂପାୟିତ କରାଯାଇଛି । ନର, କିନ୍ନର, ଯକ୍ଷ, ବିଦ୍ୟାଧର, ଦେବ, ଦାନବ, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ତପସ୍ୱୀ, ପାଷଣ୍ଡ, ଧର୍ମଯାଜକ, କାପାଳିକ, ମୂର୍ଖ, ପଣ୍ଡିତ, ପତିବ୍ରତା, ବ୍ୟଭିଚାରିଣୀ ସମସ୍ତେ ଏହି ସାଗର ମଧ୍ୟରେ ନୌବିହାର କରିଛନ୍ତି, ପ୍ରତ୍ୟେକେ ପାଠକର ଚିତ୍ତରାଜ୍ୟରେ ନିଜ ନିଜର ଆସନ ପ୍ରତିଷ୍ଠା କରିଛନ୍ତି; ପ୍ରତ୍ୟେକେ ଲେଖକର ପ୍ରତିଭାଦ୍ୱାରା ଜୀବନ୍ତ ଓ ବାସ୍ତବ ହୋଇ ଉଠିଛନ୍ତି ।

ସେତେବେଳେ ଭାରତବର୍ଷରେ ଯେଉଁ କଥାଗୁଡ଼ିକ ପ୍ରଚଳିତ ଥିଲା, ସେଥିରୁ କୌଣସିଟିକୁ ପରିତ୍ୟାଗ ନ କରି ଗୁଣାଢ଼୍ୟ ତାଙ୍କର ଏହି ବିଶାଳ କଥାଗ୍ରନ୍ଥ ମଧ୍ୟରେ ସେ ସମସ୍ତଙ୍କୁ ସଂଗୃହୀତ କରିବା ପାଇଁ ଚେଷ୍ଟା କରିଛନ୍ତି ।

Digitized by srujanika@gmail.com

ମହାମହିମ ସମ୍ରାଟ ଉଦୟନ ଏବଂ ତାଙ୍କ ପୁତ୍ର ନରବାହନ ଦତ୍ତଙ୍କୁ କେନ୍ଦ୍ର କରି ଏହା ରଚିତ ହୋଇଥିଲେ ହେଁ ସମଗ୍ର ଭାରତବର୍ଷର ସଂସ୍କୃତି ଓ ସମାଜକୁ ଏଥିରେ ରୂପାୟିତ କରାଯାଇଛି ।

ଇତିହାସ ସହ ଅନୁଭୂତି, ବାସ୍ତବ ସତ୍ୟ ସହ ମୌଳିକ କଳ୍ପନାର ସଂଯୋଜନା କରି ଗୁଣାଢ୍ୟ ଯେଉଁ ସରସ କଥା ସାଗର ସୃଷ୍ଟି କରିଛନ୍ତି, ତାହା ତାଙ୍କୁ ଯେପରି ଚିର ଅମର କରି ରଖିଛି, ସେହିପରି ତା'ର ସରଳ ସଂସ୍କରଣ ଗ୍ରଥନଦ୍ୱାରା ସାଧାରଣ ପାଠକର ଚିତ୍ତ ବିନୋଦନରେ ସାହାଯ୍ୟ କରି ସୋମଦେବ ମଧ୍ୟ ନିଜର ଯଶୋରାଶିକୁ ଦିଗନ୍ତପ୍ରସାରୀ କରିପାରିଛନ୍ତି । ସୁତରାଂ ପରିଶେଷରେ ଏତିକି କୁହାଯାଇ ପାରେ ଯେ 'କଥା ସରିତ ସାଗର' କେବଳ ବାଳବିନୋଦନ ନିମିତ୍ତ ଗ୍ରଥିତ ଏକ ସାଧାରଣ କଥାଗ୍ରନ୍ଥ ନୁହେଁ, ଏହା ପ୍ରାଚୀନ ଭାରତର ଏକ ସାମାଜିକ ତଥା ସାଂସ୍କୃତିକ ଇତିହାସ ମାତ୍ର ।

ଅନୁବାଦକ

Digitized by srujanika@gmail.com

ବିଷୟ ସୂଚୀ

ବିଷୟ — ପୃଷ୍ଠା

ପ୍ରଥମ ଖଣ୍ଡ — ୧—୬୨

ପ୍ରଥମ ତରଙ୍ଗ — ୧—୫

ପାର୍ବତୀଙ୍କ ପୂର୍ବଜନ୍ମ କଥା-୧, ଉପକ୍ରମ-୪ ।

ଦ୍ୱିତୀୟ ତରଙ୍ଗ — ୬—୧୧

ବରରୁଚି କଥା—୮ ।

ତୃତୀୟ ତରଙ୍ଗ — ୧୨—୧୭

ରାଜା ବ୍ରହ୍ମଦତ୍ତଙ୍କ କଥା—୧୪ ।

ଚତୁର୍ଥ ତରଙ୍ଗ — ୧୮—୨୨

ଉପକୋଶାଙ୍କ କଥା—୧୮, ପାଣିନୀଙ୍କ କଥା—୧୯, ବରରୁଚିଙ୍କ ପ୍ରତ୍ୟାଗମନ—୨୩ ।

ପଞ୍ଚମ ତରଙ୍ଗ ... ୨୮—୩୮

ବରରୁଚିଙ୍କ ବୈରାଗ୍ୟ—୨୮, ମୃତ ମତ୍ସ୍ୟର ହାସ୍ୟ—୨୯, ସୁନ୍ଦରୀ କିଏ ?—୩୧, ରାଜା ଆଦିତ୍ୟ ବର୍ମା ଓ ମନ୍ତ୍ରୀ ଶିବବର୍ମା କଥା—୩୨, ମିତ୍ରଦ୍ରୋହର ଫଳ—୩୪, ବରରୁଚିଙ୍କ ବୈରାଗ୍ୟ ଓ ମହାପ୍ରସ୍ଥାନ—୩୫, ଗୁଣାଢ୍ୟଙ୍କ କଥା—୩୬, ଶାକାହାରୀ ମୁନି କଥା—୩୭ ।

ଷଷ୍ଠ ତରଙ୍ଗ — ୩୯—୫୦

ଗୁଣାଢ୍ୟଙ୍କ କଥା—୩୯, ମୃତ ମୂଷିକ ସାହାଯ୍ୟରେ ଧନୀ ହୋଇଥିବା ବଣିକ କଥା—୪୧, ମୂର୍ଖ ସାମବେଦୀ ବ୍ରାହ୍ମଣ କଥା—୪୨, ଦେବୀ ଉଦ୍ୟାନ କଥା—୪୪, ରାଜା ସାତବାହନଙ୍କ କଥା—୪୫ ।

ସପ୍ତମ ତରଙ୍ଗ — ୫୧—୫୯

ଶର୍ବବର୍ମା କଥା—୫୧, ପୁଷ୍ପଦନ୍ତଙ୍କ ପୂର୍ବଜନ୍ମ କଥା—୫୪, ଶିବି ରାଜା କଥା—୫୬, ମାଲ୍ୟବାନ୍‌ଙ୍କ ପୂର୍ବଜନ୍ମ କଥା—୫୯ ।

ଅଷ୍ଟମ ତରଙ୍ଗ — ୬୦—୬୧

Digitized by srujanika@gmail.com

ବିଷୟ ପୃଷ୍ଠା

ଦ୍ୱିତୀୟ ସର୍ଗ ୬୩—୧୨୪

ପ୍ରଥମ ତରଙ୍ଗ ... ୬୫—୭୦

ରାଜା ସହସ୍ରାନୀକ କଥା—୬୫, ମୃଗାବତୀ ବିବାହ —୬୭, ଉଦୟନ ଜନ୍ମ କଥା—୬୯ ।

ଦ୍ୱିତୀୟ ତରଙ୍ଗ ୭୧—୮୩

ଶ୍ରୀଦତ୍ତ ଓ ମୃଗାଙ୍କବତୀ କଥା—୭୧ ।

ତୃତୀୟ ତରଙ୍ଗ ... ୮୪—୮୯

ରାଜା ଉଦୟନଙ୍କ କଥା—୮୪, ରାଜା ଚଣ୍ଡ ମହା-ସେନଙ୍କ କଥା—୮୭ ।

ଚତୁର୍ଥ ତରଙ୍ଗ ୯୦—୧୦୩

ଲୌହଜଙ୍ଘ କଥା—୯୫ ।

ପଞ୍ଚମ ତରଙ୍ଗ ୧୦୪—୧୧୭

ବାସବଦତ୍ତା ହରଣ—୧୦୪, ଗୁହସେନ ଓ ଦେବସ୍ମିତା କଥା—୧୦୭, ସିଦ୍ଧି କଥା—୧୧୦, ଗୁହସେନ ଓ ଦେବସ୍ମିତା କଥା (ପୁନରାବୃତ୍ତି)—୧୧୧, ସମୁଦ୍ରଦତ୍ତ ଓ ଶକ୍ତିମତୀ କଥା—୧୧୫ ।

ଷଷ୍ଠ ତରଙ୍ଗ ... ୧୧୮—୧୨୪

ଉଦୟନଙ୍କ କଥା(କ୍ରମଶଃ)—୧୧୮, ବାଳ ବିନଷ୍ଟକ କଥା—୧୨୦, ରୁରୁ ଓ ପ୍ରମଦ୍ୱରା କଥା—୧୨୨ ।

ତୃତୀୟ ସର୍ଗ ୧୨୫—୨୦୬

ପ୍ରଥମ ତରଙ୍ଗ ... ୧୨୭—୧୩୭

ବତ୍ସରାଜ ଉଦୟନ କଥା (କ୍ରମଶଃ)—୧୨୭, ଚତୁର ବୈଦ୍ୟ କଥା—୧୨୭, ଧୂର୍ତ୍ତସାଧୁ କଥା —୧୨୯, ରାଜା ଦେବସେନ ଓ ଉନ୍ମାଦିନୀ କଥା —୧୩୧, ଯଉକ୍ଷିକ ବୈଶ୍ୟ କଥା—୧୩୩, ରାଜା ପୁଣ୍ୟସେନ କଥା—୧୩୩, ସୁନ୍ଦ ଉପସୁନ୍ଦ କଥା —୧୩୭ ।

Digitized by srujanika@gmail.com

ବିଷୟ ପୃଷ୍ଠା

ଦ୍ୱିତୀୟ ତରଙ୍ଗ ୧୩୮—୧୪୫
ପଦ୍ମାବତୀ ପରିଣୟ—୧୩୮, କୁନ୍ତୀ ଓ ଦୁର୍ବାସାଙ୍କ କଥା—୧୪୦ ।

ତୃତୀୟ ତରଙ୍ଗ ... ୧୪୬—୧୫୬
ପୁରୂରବା ଓ ଉର୍ବଶୀ କଥା—୧୪୬, ବିହିତସେନ ଓ ତେଜୋବତୀ କଥା—୧୪୮, ସୋମପ୍ରଭ ଓ ଗୁହସେନ କଥା—୧୫୦, ଇନ୍ଦ୍ର ଓ ଅହଲ୍ୟା କଥା—୧୫୪ ।

ଚତୁର୍ଥ ତରଙ୍ଗ ୧୫୮—୧୮୨
ବତ୍ସରାଜଙ୍କ କୌଶାମ୍ବୀ ପ୍ରତ୍ୟାବର୍ତ୍ତନ—୧୫୮, ଗୋପାଳକ କଥା—୧୫୯, ଉଦୟନଙ୍କ ରତ୍ନକୋଷ ଓ ସିଂହାସନ ପ୍ରାପ୍ତି—୧୬୦, ଉଦୟନଙ୍କ ଦିଗ୍‌ବିଜୟାଭିଳାଷ—୧୬୧, ଆଦିତ୍ୟସେନ ଓ ତେଜୋବତୀ କଥା—୧୬୩ ।

ପଞ୍ଚମ ତରଙ୍ଗ ୧୮୩—୧୯୦
ବୈଶ୍ୟ ଦେବଦାସ କଥା—୧୮୪, ଉଦୟନଙ୍କ ଦିଗ୍‌ବିଜୟ ଯାତ୍ରା—୧୮୬ ।

ଷଷ୍ଠ ତରଙ୍ଗ ... ୧୯୧—୨୦୬
ଫଳଭୂତି କଥା—୧୯୧, ରାଣୀ କୁବଳୟାବଳୀ କଥା—୧୯୪, ଗଣପତି କଥା—୧୯୫, କାର୍ତ୍ତିକେୟଙ୍କ ଜନ୍ମ ବୃତ୍ତାନ୍ତ—୧୯୬, କାଳରାତ୍ରି ବୃତ୍ତାନ୍ତ—୧୯୯ ।

ଚତୁର୍ଥ ଖଣ୍ଡ ୨୦୬—୨୪୬

ପ୍ରଥମ ତରଙ୍ଗ ... ୨୦୯—୨୧୮
ରାଜା ପାଣ୍ଡୁଙ୍କ କଥା—୨୧୦, ପିଙ୍ଗଳିକା ବ୍ରାହ୍ମଣୀ କଥା—୨୧୧, ରାଜା ଦେବଦତ୍ତ ଓ ବେଶ୍ୟାପତ୍ନୀ କଥା—୨୧୨, ପିଙ୍ଗଳିକାର ଆତ୍ମ କାହାଣୀ—୨୧୫ ।

Digitized by srujanika@gmail.com

ବିଷୟ | ପୃଷ୍ଠା

ଦ୍ୱିତୀୟ ତରଙ୍ଗ — ୨୧୯—୨୩୫

ଜୀମୂତବାହନ କଥା—୨୨୦, ଜୀମୂତବାହନଙ୍କ ପୂର୍ବ ଜନ୍ମ ବୃତ୍ତାନ୍ତ—୨୨୨, ଜୀମୂତବାହନ ଓ ମଳୟବତୀଙ୍କ ବିବାହ—୨୨୯, କଦ୍ରୁ ଓ ବିନତାଙ୍କ କଥା—୨୩୦, ନାଗମାନଙ୍କ ନିମନ୍ତେ ଜୀମୂତବାହନଙ୍କ ଆତ୍ମ ସମର୍ପଣ—୨୩୧ ।

ତୃତୀୟ ତରଙ୍ଗ — ୨୩୬—୨୪୨

ସିଂହବିକ୍ରମ ଓ ତାଙ୍କର କଳହକାରିଣୀ ପତ୍ନୀ—୨୩୮, ମନ୍ତ୍ରୀମାନଙ୍କ ପୁତ୍ର ଲଭ—୨୪୦, ନରବାହନ ଦତ୍ତ ଜନ୍ମ—୨୪୦ ।

ପଞ୍ଚମ ଲମ୍ବକ — ୨୪୩—୨୯୭

ପ୍ରଥମ ତରଙ୍ଗ — ୨୪୫—୨୬୧

ବତ୍ସରାଜଙ୍କ ସଭାରେ ଶକ୍ତିବେଗଙ୍କ ପ୍ରବେଶ—୨୪୫, କନକପୁରୀ ଓ ଶକ୍ତିବେଗ—୨୪୬, ଶିବ ଓ ମାଧବ ଦୁଇ ବଞ୍ଚକଙ୍କ କଥା—୨୫୦, ହରସ୍ୱାମୀ କଥା—୨୫୯ ।

ଦ୍ୱିତୀୟ ତରଙ୍ଗ — ୨୬୨—୨୭୮

ଶକ୍ତିଦେବଙ୍କ କନକପୁରୀ ଯାତ୍ରା—୨୬୨, ଅଶୋକ ଦତ୍ତ ଓ ରାକ୍ଷସରାଜ କପାଳ ସ୍ଫୋଟ କଥା—୨୬୬, ଅଶୋକ ଦତ୍ତ ଓ ବିଦ୍ୟୁତ୍ ପ୍ରଭାଙ୍କ ବିବାହ କଥା—୨୭୨ ।

ତୃତୀୟ ତରଙ୍ଗ — ୨୭୯—୨୯୭

ଶକ୍ତିଦେବଙ୍କ କନକପୁରୀ ପ୍ରସ୍ଥାନ—୨୭୯, ବନ୍ଧୁମତୀ କଥା—୨୮୯, ଦେବଦତ୍ତ ବ୍ରାହ୍ମଣ କଥା—୨୯୧, ଶକ୍ତିଦେବଙ୍କ ବିଦ୍ୟାଧରତ୍ୱ ପ୍ରାପ୍ତି—୨୯୫ ।

Digitized by srujanika@gmail.com

ବିଷୟ	ପୃଷ୍ଠା

ଷଷ୍ଠ ସରିତ — ୨୯୯—୪୧୮

ପ୍ରଥମ ତରଙ୍ଗ — ୩୦୧—୩୧୫

ରାଜା କଳିଙ୍ଗଦତ୍ତ କଥା—୩୦୧, ସୁରଭିଦତ୍ତା ଅପ୍ସରା କଥା—୩୦୫, ରାଜା ଧର୍ମଦତ୍ତ କଥା—୩୦୬ । ସପ୍ତ ବ୍ରାହ୍ମଣ କଥା—୩୦୮, ବ୍ରାହ୍ମଣ ଓ ଚଣ୍ଡାଳ କଥା—୩୦୯, ରାଜା ବିକ୍ରମ ସିଂହ ଓ ଦୁଇ ବ୍ରାହ୍ମଣଙ୍କ କଥା—୩୧୦ ।

ଦ୍ୱିତୀୟ ତରଙ୍ଗ — ୩୧୬—୩୨୯

କଳିଙ୍ଗସେନା ଜନ୍ମ—୩୧୬, ସପ୍ତ ରାଜକୁମାରୀ କଥା—୩୧୬, ଅସାର ବିରାଗୀ ରାଜପୁତ୍ର କଥା—୩୧୭, ରାଜା ଓ ତପସ୍ୱୀ କଥା—୩୧୮, ରାଜା ସୁଷେଣ ଓ ସୁଲୋଚନା କଥା—୩୨୦, କଳିଙ୍ଗସେନା ଓ ସୋମପ୍ରଭାଙ୍କ ମିଳନ—୩୨୩, ରାଜପୁତ୍ର ଓ ବୈଶ୍ୟପୁତ୍ର କଥା—୩୨୪, ପିଶାଚ ଓ ବ୍ରାହ୍ମଣ କଥା—୩୨୬ ।

ତୃତୀୟ ତରଙ୍ଗ — ୩୩୦—୩୪୩

ସୋମପ୍ରଭା କଥା—୩୩୦, କୀର୍ତ୍ତିସେନା କଥା—୩୩୪ ।

ଚତୁର୍ଥ ତରଙ୍ଗ — ୩୪୪—୩୫୪

ବିଦ୍ୟାଧର ମଦନବେଗ କଥା—୩୪୪, ରୂପବତୀ ତେଜସ୍ୱତୀ କଥା—୩୪୯, ବ୍ରାହ୍ମଣ ହରିଶର୍ମା କଥା—୩୫୦ ।

ପଞ୍ଚମ ତରଙ୍ଗ — ୩୫୫—୩୬୨

ଉଷା ଓ ଅନିରୁଦ୍ଧ କଥା—୩୫୬, କଳିଙ୍ଗସେନାଙ୍କ କୌଶାମ୍ବୀ ଯାତ୍ରା—୩୫୭, ଯୌଗନ୍ଧରାୟଣଙ୍କ ରାଜନୈତିକ ଚକ୍ରାନ୍ତ—୩୫୯ ।

Digitized by srujanika@gmail.com

ବିଷୟ ପୃଷ୍ଠା

ଷଷ୍ଠ ତରଙ୍ଗ ... ୩୬୩—୩୭୭

ବିଷ୍ଣୁଦତ୍ତ ଓ ତାଙ୍କର ସପ୍ତ ସହଯାତ୍ରୀ କଥା—୩୬୬, ଋଷିକନ୍ୟା କଦଳୀଗର୍ଭ କଥା—୩୭୦, ରାଜା ଓ ନାପିତ କଥା—୩୭୩ ।

ସପ୍ତମ ତରଙ୍ଗ ୩୭୯—୩୯୫

ରାଜା ଶ୍ରୁତସେନ କଥା—୩୮୦, କୃଷକ କଥା—୩୮୦, ବିଦ୍ୟୁଦ୍‌ଦ୍ୟୋତା ଓ ରାଜା ବସନ୍ତସେନା କଥା—୩୮୨, ଉନ୍ମାଦିନୀ ଓ ରାଜା ଦେବସେନ କଥା—୩୮୩, ଉଲୂକ, ନକୁଳ, ମୂଷିକ ଓ ମାର୍ଜାର କଥା—୩୮୬, କୃପଣ ବ୍ରାହ୍ମଣ କଥା—୩୮୯ ।

ଅଷ୍ଟମ ତରଙ୍ଗ ୩୯୬—୪୧୮

ପତିବ୍ରତା ବୈଶ୍ୟ ପତ୍ନୀ କଥା—୩୯୭, ମଦନ ମଞ୍ଜୁକା ଜନ୍ମ—୩୯୮, ନରବାହନଦତ୍ତ ଓ ମଦନ ମଞ୍ଜୁକାଙ୍କ ବାଲ୍ୟ ବିଳାସ—୪୦୩, ନରବାହନ ଦତ୍ତଙ୍କ ଯୌବରାଜ୍ୟାଭିଷେକ—୪୦୪, ଶତ୍ରୁଘ୍ନ ଓ ତାର ଦୁଷ୍ଟାପତ୍ନୀ କଥା—୪୧୦, ରାଜନୀତିସାର—୪୧୧, ରାଜା ଶୂରସେନ ଓ ତାଙ୍କର ମନ୍ତ୍ରୀ ପରିଷଦ—୪୧୩, ନରବାହନ ଦତ୍ତ ଓ ମଦନ ମଞ୍ଜୁକାଙ୍କ ବିବାହ—୪୧୬ ।

Digitized by srujanika@gmail.com

ପ୍ରଥମ ସରିତ

ଇଦଂ ଗୁରୁଗିରୀନ୍ଦ୍ରଜା ପ୍ରଣୟମନ୍ଦରାନ୍ଦୋଲନା
ପୁରା କିଲ କଥାମୃତଂ ହରମୁଖାମ୍ବୁଧେରୁଦ୍‌ଗତମ୍ ।
ପ୍ରସହ୍ୟ ରସୟନ୍ତି ଯେ ବିଗତବିଘ୍ନ ଲବ୍‌ଧର୍ଦ୍ଧୟୋ
ଧୁରଂ ଦଧତି ବୈବୁଧୀଂ ଭୁବି ଭବପ୍ରସାଦେନ ତେ ॥

Digitized by srujanika@gmail.com

ପ୍ରଥମ ତରଙ୍ଗ

ପୁଣ୍ୟଭୂମି ଭାରତବର୍ଷର ଉତ୍ତରଦିଗରେ ପବିତ୍ର ହିମାଳୟ ପର୍ବତ ବିଦ୍ୟମାନ । ଅନ୍ୟାନ୍ୟ ଅନେକ ଗିରିଶୃଙ୍ଗ ମଧ୍ୟରୁ କୈଳାସ ଏହାର ଏକ ପ୍ରଖ୍ୟାତ ଶିଖର । ଦେବଦେବ ମହାଦେବ ଓ ଦେବୀ ପାର୍ବତୀ ଏହି ପବିତ୍ର କୈଳାସ ପୀଠରେ ବାସ କରନ୍ତି ।

ଦିନକର କଥା । ଦେବଦେବଙ୍କୁ ଏକାକୀ ଦେଖି ପାର୍ବତୀ ଏହାଙ୍କୁ ଏକ ମଙ୍ଗଳମୁହୂର୍ତ୍ତି ବରୁଣିଲେ । ତେଣୁ ମନକଣା କଥା କହି ସେ ନାନା ଉପାୟରେ ପତିଙ୍କୁ ସନ୍ତୁଷ୍ଟ କରି ଗୋଟିଏ ନୂଆକଥା ଶୁଣାଇବା ପାଇଁ ପ୍ରାର୍ଥନା କଲେ । କିନ୍ତୁ ଶିବ ତାର ଉତ୍ତରରେ କହିଲେ, "ପ୍ରିୟେ, ଆଗତ ଭବିଷ୍ୟତର କେଉଁ କଥା ତୁମର ଅଜ୍ଞାତ ଅପରିଚିତ ଯେ ପୁଣି ଏକ ନୂଆକଥା ଶୁଣିବା ପାଇଁ ତୁମ ମନରେ ବାସନା ଜାଗ୍ରତ ହୋଇଅଛି ।" ଶିବଙ୍କର ଏତିକ କଥାରେ ପାର୍ବତୀ ସନ୍ତୁଷ୍ଟ ନ ହୋଇ ଅନୁନୟ ବିନୟ ସ୍ୱରରେ ସ୍ୱାମୀଙ୍କୁ ପୁଣି ନିବେଦନ କଲେ । ଏହିପରି ବାରମ୍ବାର ଅନୁରୋଧ କରିବାରୁ ଶେଷରେ ଶିବ ପାର୍ବତୀଙ୍କ ସମ୍ପର୍କରେ ହିଁ ଗପକୁହା ଆରମ୍ଭ କଲେ ।

ପାର୍ବତୀଙ୍କ ପୂର୍ବଜନ୍ମ କଥା

ଥରେ ବ୍ରହ୍ମା ଓ ବିଷ୍ଣୁ ମୋର ସାକ୍ଷାତ ଦର୍ଶନ ପାଇଁ ସାରାଜଗତ ବୁଲି ଆସିଲେ ; କିନ୍ତୁ କେଉଁଠାରେ ମୋର ଦର୍ଶନ ପାଇ ପାରିଲେ ନାହିଁ । ଶେଷରେ ନିରାଶ ହୋଇ ହିମାଳୟର ପାଦଦେଶରେ ବୁଲୁ ବୁଲୁ ହଠାତ୍ ଗୋଟିଏ ଜ୍ୟୋତିର୍ଲିଙ୍ଗ ସେମାନେ ଦେଖିବାକୁ ପାଇଲେ । ଏହାର ଆଦିଅନ୍ତ

Digitized by srujanika@gmail.com

ନପାଇ କଳ୍ପ ସମସ୍ତ ଆଶ୍ଚର୍ଯ୍ୟଭାବେ କେବଳ ତାଙ୍କୁ ହିଁ ଗୁହିଁ ରହିଲେ । ପରେ ଜଣେ ଊର୍ଦ୍ଧ୍ୱଗାମୀ ଓ ଅନ୍ୟଜଣକ ନିମ୍ନଗାମୀ ହୋଇ ତା'ର ଦୀର୍ଘପ୍ରସ୍ଥ କଳନା କରିବାକୁ ଚେଷ୍ଟା କଲେ । ସେଥିରେ ବି ସେମାନେ ବିଫଳ ମନୋରଥ ହେଲେ । ଶେଷରେ ପରମନିଷ୍ଠାରସହ ତପସ୍ୟାକରି ମୋତେ ସନ୍ତୁଷ୍ଟ କଲେ । ମୁଁ ଦର୍ଶନ-ଦେଇ ସେମାନଙ୍କୁ ବରପ୍ରାର୍ଥନା କରିବା ପାଇଁ କହିଲି । ସଙ୍ଗେ ସଙ୍ଗେ ବ୍ରହ୍ମା ଆଗଭର ହୋଇ କହିଲେ, "ପୁନର୍ଭାବେ ମୁଁ ଆପଣଙ୍କୁ ଗୁହେଁ । ମୋର ପୁତ୍ର ରୂପେ ଜନ୍ମଗ୍ରହଣ କରି ଆପଣ ମୋ ମନସ୍କାମନା ପୂରଣ କରନ୍ତୁ ।" ବ୍ରହ୍ମା ଏହିପରି ମନର ଗର୍ବ ପ୍ରକାଶ କରି ଜନସମାଜରେ ଅପୂଜ୍ୟ ହୋଇ ରହିଲେ । ବିଷ୍ଣୁ କିନ୍ତୁ ଅତି ନମ୍ର ଓ ଧୀର ହୋଇ ଚିରଦିନ ମୋର ସେବକ ହୋଇ ରହିବା ନିମନ୍ତେ ମୋତେ ବିନୀତ ପ୍ରାର୍ଥନା କଲେ । ବିଷ୍ଣୁଙ୍କ ଉପରେ ମୁଁ ସନ୍ତୁଷ୍ଟ ହେଲି । ଫଳରେ କାୟା ରୂପେ ଛାୟା ପରି ବିଷ୍ଣୁ ତୁମ ରୂପ ଧରି ପତ୍ନୀଭାବେ ମୋର ସେବା କରିବାର ପରମ ସୁଯୋଗ ଲାଭକଲେ । ତେଣୁ କହେ, "ମୁଁ ନିଜେ ଶକ୍ତିମାନ୍ ଏବଂ ନାରାୟଣ ମୋର ଶକ୍ତି । ପୂର୍ବଜନ୍ମରେ ମଧ୍ୟ ତୁମେ ମୋର ପରିଣୀତା ପତ୍ନୀ ଥିଲ ।"

ଏହା ଶୁଣି ପାର୍ବତୀଙ୍କର କୌତୂହଳ ବଢ଼ିଲା । ପୁଣି ସେ ଶିବଙ୍କୁ ପଚାରିଲେ, "ଦେବ, ପୂର୍ବଜନ୍ମରେ ମୁଁ ଆପଣଙ୍କର ପତ୍ନୀ କିପରି ଥିଲି ଦୟାକରି ଦାସୀ ଆଗରେ ପ୍ରକାଶ କରନ୍ତୁ ।"

ଶିବ ଉତ୍ତର ଦେଲେ, "ପୂର୍ବକାଳରେ ଦକ୍ଷପ୍ରଜାପତିଙ୍କର ଅନେକ କନ୍ୟା ମଧ୍ୟରୁ ତୁମେ ଥିଲ ଅତି ଅନୁପମା । ତୁମକୁ ମୋତେ ସେ ସମର୍ପଣ କରିଥିଲେ । ଧର୍ମଦେବ ପ୍ରଭୃତି ଦେବଗଣ ତାଙ୍କର ଅନ୍ୟକନ୍ୟାଗଣଙ୍କୁ ବିବାହ କରିଥିଲେ । ଥରେ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ । ମୋ ବ୍ୟତୀତ ଅନ୍ୟାନ୍ୟ ଜାମାତାଗଣ ନିମନ୍ତ୍ରିତ ହେଲେ । ମୋତେ ନିମନ୍ତ୍ରଣ କରି ନଥି-ବାରୁ ତୁମେ ବ୍ୟଥିତା ହେଲ । ପିତାଙ୍କୁ ଏହାର କାରଣ ଜିଜ୍ଞାସା କରିବାରୁ ସେ କହିଲେ, "ତୁମ ପତି ଶ୍ମଶାନବାସୀ, ନରକପାଳଧାରୀ — ତେଣୁ ଅପବିତ୍ର । ମୋର ଏହି ପବିତ୍ର ଯଜ୍ଞପୀଠରେ ଯୋଗ ଦେବା ନିମନ୍ତେ ସେ ଯୋଗ୍ୟ ନୁହନ୍ତି ।" ପିତାଙ୍କଠାରୁ ଏଭଳି ବଚନ ଶୁଣି ତୁମେ ଅପମାନିତା ହୋଇ ନିଜକୁ ଯଜ୍ଞାଗ୍ନି ମଧ୍ୟରେ ବିସର୍ଜନ କରିଦେଲ । ତୁମ ଦେହାବସାନ ବାର୍ତ୍ତା ପାଇବା ମାତ୍ରେ ମୁଁ କ୍ରୋଧ ଜର୍ଜରିତ ହେଲି ଏବଂ ଯଜ୍ଞପୀଠକୁ ଆସି ପବିତ୍ର

Digitized by srujanika@gmail.com

ଦକ୍ଷଯଜ୍ଞକୁ ଧ୍ୱଂସ କରିଦେଲି । ସେହିଦିନଠାରୁ ମୁଁ ହେଲି ଏକପ୍ରକାର ନିର୍ଲିପ୍ତ, ନିର୍ବିକାର ; ମୁଁ ତପୋମଗ୍ନ ହେବାପାଇଁ ଶେଷରେ ହିମାଳୟ ପର୍ବତରେ ଉପସ୍ଥିତ ହେଲି । ସେତିକବେଳକୁ ଠିକ୍ ତୁମେ ପୁଣି ହିମାଳୟଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିଥାଅ । ତୁମକୁ ମୋ ସେବାପୂଜା ନିମନ୍ତେ ତୁମ ପିତା ହିମାଳୟ ନିଯୁକ୍ତ କରିଥାଆନ୍ତି । ଏହି ସମୟରେ ପ୍ରବଳ ପ୍ରତାପୀ ତ୍ରିପୁରାସୁର ସ୍ୱର୍ଗପୁରକୁ ଥରହର କରୁଥାଏ । ତାର ଅତ୍ୟାଚାରରେ ଦେବଲୋକ ବ୍ୟସ୍ତବ୍ୟସ୍ତ ହେଉଥାଆନ୍ତି । ହାହା ହାହା ରବରେ ସ୍ୱର୍ଗପୁର କମ୍ପୁଥାଏ । ସେମାନଙ୍କର ରକ୍ଷା କେବଳ ମୋର ଆତ୍ମଜ ଦ୍ୱାରା ସମ୍ଭବ । ମୋର ଔରସଜାତ ପୁତ୍ର ନହେଲେ ତ୍ରିପୁରାସୁର ବଧ ଅସମ୍ଭବ ଜାଣି ଦେବତାମାନେ କାମଦେବଙ୍କୁ ମୋ ତପୋଭଙ୍ଗ ନିମନ୍ତେ ପ୍ରେରଣ କଲେ । ମୋତେ କାମବିହ୍ୱଳ କରିବାପାଇଁ ଠିକ୍ ସମୟ ଦେଖି କାମଦେବ ପୁଷ୍ପଶରର ସନ୍ଧାନ ଆରମ୍ଭ କଲେ । ଫୁଲଶରରେ ମୁଁ ବିଚଳିତ ହେଲି । ଅନାୟାସରେ ମୋ ତପୋଭଙ୍ଗ ସମ୍ଭବହେଲା । ତପସ୍ୟାଭଙ୍ଗ କରିଥିବା ଯୋଗୁଁ କାମଦେବଙ୍କ ଉପରେ ମୁଁ ଅଗ୍ନିଶର୍ମା ହୋଇଉଠିଲି ଏବଂ କ୍ରୋଧାଗ୍ନିରେ ମୁଁ ତାଙ୍କୁ ଭସ୍ମୀଭୂତ କରିଦେଲି । ସେହିଦିନଠାରୁ ସେ ଅନଙ୍ଗ ହୋଇ ରହିଲେ । ତୁମେ ମଧ୍ୟ ମୋତେ ନିଜର କରିନେବାର ପ୍ରବଳଇଚ୍ଛା ନେଇ କଠୋର ତପସ୍ୟା ଆଚରଣ କଲ । ତପସ୍ୟାବଳରେ ମନପ୍ରାଣ ମୋର ଆକୃଷ୍ଟ କରିନେଲ । ବିବାହସୂତ୍ରରେ ମୁଁ ହେଲି ତୁମ ପତି । ପୂର୍ବଜନ୍ମରେ ତୁମେ ଯେ ମୋର ପତ୍ନୀଥିଲ ଏହାହିଁ ତା'ର ସତ୍ୟ ଇତିହାସ ।"

ପାର୍ବତୀଙ୍କର ମନ କିନ୍ତୁ ମାନିଲାନି । ଅଭିମାନରେ ସେ ଫୁଲି ଉଠୁଥିଲେ । ଯେଉଁ ନୂତନକଥା ଶୁଣିବାପାଇଁ ମନ ତାଙ୍କର ବ୍ୟଗ୍ର ଥିଲା, ତାର ସନ୍ଧାନ କିନ୍ତୁ ନ ପାଇବାରୁ ଅଭିମାନିଭରା କଣ୍ଠରେ ସେ ଶିବଙ୍କୁ ଜଣାଇଲେ, "ଦେବ, ମୋ ପ୍ରତି ତୁମେ ଶଠଭାବ ଆଚରଣ କରୁଅଛ । ଏତେ ଅନୁରୋଧ ଓ ଅନୁନୟ ସତ୍ତ୍ୱେ ମୋ ପ୍ରତି ତୁମେ ଟିକିଏ ହେଲେ ଅନୁଗ୍ରହ ପ୍ରକାଶ କରୁନାହଁ । ବରଂ ମୋର କଥା ମୋତେ ଶୁଣାଇ ବୃଥା ସନ୍ତୁଷ୍ଟ କରିବା ଚେଷ୍ଟା କରୁଅଛ ।" ଦେବୀଙ୍କ ଏ ଅଭିମାନ ଶିବଙ୍କ ମନରେ କରୁଣା ଭରି ଦେଲା । ଏକ ଦିବ୍ୟକଥା ଶୁଣାଇବା ନିମନ୍ତେ ଶେଷରେ ଶିବ ତାଙ୍କୁ ଆନ୍ତରିକ ପ୍ରତିଶ୍ରୁତି ଦେଲେ । ଇତିମଧ୍ୟରେ ପାର୍ବତୀ ପ୍ରବେଶପଥ ଦେଇ ଅନ୍ୟ କାହାରିକୁ ନ ଛାଡ଼ିବାକୁ ଅନୁଚର ନନ୍ଦୀଙ୍କୁ ଦୃଢ଼ ଆଦେଶ ପ୍ରଦାନ କଲେ ।

Digitized by srujanika@gmail.com

ଉପକ୍ରମ

ଗଳ୍ପର ପୃଷ୍ଠାଭୂମି ଦେବାକୁ ଯାଇ ଶିବ ଆରମ୍ଭ କଲେ, "ଦେବତାମାନେ ସର୍ବଦା ସୁଖପ୍ରୟାସୀ । ମାନବ ଚିରନ୍ତନ ଶୋକଦୁଃଖରେ କାତର । ତେଣୁ ଏମାନଙ୍କ ଜୀବନଚରିତ କଦାପି ମନୋଜ୍ଞ ହୋଇପାରିବ ନାହିଁ । କିନ୍ତୁ ସୁଖଦୁଃଖ ବିମିଶ୍ରିତ ବିଦ୍ୟାଧରଗଣଙ୍କ ଜୀବନକାହାଣୀ ତୁମଇଚ୍ଛା ପରିପୂରଣ କରିପାରିବ । ତେଣୁ ସେମାନଙ୍କ ଜୀବନ ସମ୍ପର୍କରେ ହିଁ କାହାଣୀଟିଏ କହୁଛି, ଶୁଣ ।"

କଥାର ଆରମ୍ଭ ମାତ୍ର ଏତକ ହୋଇଛି । ଏହି ସମୟରେ ମହାଦେବଙ୍କର ପ୍ରିୟ ଅନୁଚର ପୁଷ୍ପଦନ୍ତ ଉକ୍ତ ନିଭୃତ ସ୍ଥାନରେ ପ୍ରବେଶ କରିବା ପାଇଁ ଦ୍ୱାରଦେଶରେ ଉପଗତ ହେଲା । କିନ୍ତୁ ଆଜ୍ଞାବହ ନନ୍ଦୀ କୌଣସି ପ୍ରକାରେ ତାକୁ ପ୍ରବେଶର ସୁଯୋଗ ଦେଲାନାହିଁ । ବରଂ ଯେତିକି ବାରଣ କଲା, ପୁଷ୍ପଦନ୍ତ ଶିବପାର୍ବତୀଙ୍କର ନିଭୃତାଳାପ ଶୁଣିବା ପାଇଁ ସେତିକି କୌତୂହଳୀ ହୋଇ ଉଠିଲା, ଶେଷରେ ନନ୍ଦୀର ଅଜ୍ଞାତସାରରେ ଯୋଗବଳରେ ରୁଦ୍ଧଦ୍ୱାର ଦେଇ ଭିତରେ ପ୍ରବେଶ କଲା ଏବଂ ଶିବଙ୍କ କଥିତ ସପ୍ତ ବିଦ୍ୟାଧରଙ୍କ ଅପୂର୍ବକାହାଣୀ ଶୁଣିନେଲା । କଥା ଶେଷ ହେବା ମାତ୍ରେ ପୁଷ୍ପଦନ୍ତ ପୁଣି ଗୋପନୀୟ ଭାବେ ବହିର୍ଗତ ହୋଇ ସ୍ୱଗୃହରେଆସି ଉପସ୍ଥିତ ହେଲା । ନିଜର କୌତୂହଳ ଦମନ କରି ନପାରି ସେ ଏହି ଅପୂର୍ବ କଥାଟିକୁ ନିଜ ପତ୍ନୀ ଜୟା ନିକଟରେ ପ୍ରକାଶ କଲା । ତତ୍ପରଦିନ ଜୟା ମଧ୍ୟ କୌତୂହଳ ବଶତଃ ପାର୍ବତୀଙ୍କ ଆଗରେ କଥାଟିକୁ ପ୍ରକାଶକରି ତାଙ୍କର ମନୋରଞ୍ଜନ କରିବା ପାଇଁ ଚେଷ୍ଟା କଲା । ପୂର୍ବରୁ ଶୁଣିଥିବା କଥାଟିର ଯୋଗାଯୋଗ ଲକ୍ଷ୍ୟ କରି ପାର୍ବତୀ ଶିବଙ୍କ ଉପରେ କ୍ରୋଧାନ୍ୱିତା ହେଲେ । ଯୋଗବଳରେ ଶିବ ସମସ୍ତ ବିଷୟ ଜାଣିପାରିଲେ । ପାର୍ବତୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶେଷରେ କହିଲେ, "ତୁମକୁ ମୁଁ ବିଦ୍ୟାଧର ବୃତ୍ତାନ୍ତ ଶୁଣାଉଥିଲାବେଳେ ପୁଷ୍ପଦନ୍ତ ସମସ୍ତ ଶୁଣି ସାରି ନିଜ ପତ୍ନୀ ଜୟା ନିକଟରେ ପ୍ରକାଶ କରି ଦେଇଛି । ନଚେତ୍ ଏ ବିଚିତ୍ର କଥା ତ୍ରିଭୁବନରେ ଅନ୍ୟକେହି ଜାଣିବା ସମ୍ଭବପର ନୁହେଁ ।"

ପୁଷ୍ପଦନ୍ତର ଏଭଳି ଆଚରଣରେ ଅସନ୍ତୁଷ୍ଟା ହୋଇ ପାର୍ବତୀ ତାକୁ ଅଭିଶାପ ଦେବା ନିମନ୍ତେ ଉଦ୍ୟତ ହେଲେ । ତାହାର ସଖା ମାଲ୍ୟବାନ ମଧ୍ୟ ବନ୍ଧୁକୁ

Digitized by srujanika@gmail.com

ରକ୍ଷା କରିବାକୁ ଯାଇ ଶେଷରେ ଦେବୀଙ୍କ କୋପଦୃଷ୍ଟିରେ ପଡ଼ିଲେ । ମର୍ତ୍ତ୍ୟଲୋକରେ ଉଭୟେ ମାନବ ଜନ୍ମ ଲାଭ କରନ୍ତୁ ବୋଲି ପାର୍ବତୀ ସେମାନଙ୍କୁ ଅଭିଶାପ ଦେଲେ ।

ପରେ ଦିନେ ସୁଯୋଗ ଦେଖି ଜୟା ସହ ବନ୍ଧୁଦ୍ୱୟ ପାର୍ବତୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ବହୁ ଅନୁନୟ ବିନୟ ପରେ ଦେବୀ ଶାପମୁକ୍ତ ହେବାର ଉପାୟ ନିର୍ଦ୍ଦେଶ ଦେଇ କହିଲେ, "ସୁପ୍ରତୀକ ନାମକ ଯକ୍ଷ କୁବେରଙ୍କ ଶାପରେ ପିଶାଚ ଜନ୍ମ ଲାଭ କରି କାଣଭୂତି ନାମଧାରଣ ପୂର୍ବକ ବର୍ତ୍ତମାନ ବିନ୍ଧ୍ୟପର୍ବତରେ ବାସ କରୁଅଛି । ପୁଷ୍ପଦନ୍ତ ଏହାଙ୍କୁ ସାକ୍ଷାତ କରି ପୂର୍ବଜନ୍ମ ସ୍ମରଣ କରିବ ଏବଂ ଏହି ଅଦ୍ଭୁତ ବୃତ୍ତାନ୍ତ ତାଙ୍କୁ ଶୁଣାଇବା ପରେ ଶାପ ମୁକ୍ତ ହେବ । ମାଲ୍ୟବାନ ସେହି କାଣଭୂତିଠାରୁ ଏହି କଥା ଶୁଣି ସାରାଜଗତରେ ପ୍ରଚାର କରିବ ଏବଂ କାଣଭୂତି ସହ ମୁକ୍ତିଲାଭ କରିବ ।" ପାର୍ବତୀଙ୍କଠାରୁ ଏତକ ଶୁଣି ଶିବଙ୍କ ପ୍ରିୟ ଅନୁଚରଦ୍ୱୟ ଅନ୍ତର୍ହିତ ହୋଇଗଲେ ।

କିଛିଦିନ ବିତିଗଲା । ପୂର୍ବସମ ଉଭୟ ସେବାଦାସଙ୍କ ବିଚ୍ଛେଦରେ ପାର୍ବତୀଙ୍କ ମାତୃପ୍ରାଣ ଅସ୍ଥିର ହେଲା । ମର୍ତ୍ତ୍ୟଲୋକରେ ଏମାନଙ୍କ ଜୀବନ ଜାତକ ସମ୍ପର୍କରେ ଶିବଙ୍କୁ ସେ ଜିଜ୍ଞାସା କରିବାରୁ ଶିବ ଉତ୍ତର ଦେଲେ, "କୌଶାମ୍ବୀ ନାମକ ନଗରୀରେ ପୁଷ୍ପଦନ୍ତ ବରରୁଚି ଏବଂ ସୁପ୍ରତିଷ୍ଠ ନାମକ ନଗରୀରେ ମାଲ୍ୟବାନ ଗୁଣାଢ୍ୟ ନାମ ଧାରଣ କରି ଜନ୍ମଗ୍ରହଣ କରିଅଛନ୍ତି ।"

Digitized by srujanika@gmail.com

ଦ୍ୱିତୀୟ ତରଙ୍ଗ

ମାନବଶରୀର ଧାରଣକରି ପୁଷ୍ପଦନ୍ତ ବରରୁଚି ନାମରେ ଅଭିହିତ ହେଲେ । ସେ କାତ୍ୟାୟନ ନାମରେ ମଧ୍ୟ ପରିଚିତ । ସମସ୍ତ ବିଦ୍ୟା ଅଧ୍ୟୟନ କରି ସେ ମହାରାଜ ନନ୍ଦଙ୍କର ମନ୍ତ୍ରୀତ୍ୱ ଗ୍ରହଣ କଲେ । ଦିନେ ସେ ବିନ୍ଧ୍ୟବାସିନୀ ଦେବୀଙ୍କର ଦର୍ଶନ ନିମନ୍ତେ ବିନ୍ଧ୍ୟାଟବୀରେ ଆସି ପହଞ୍ଚିଲେ । ତାଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ସ୍ୱପ୍ନରେ ତାଙ୍କୁ ଏକ ଆଦେଶ ପ୍ରଦାନ କଲେ । ଏହି ଆଦେଶ ଅନୁସାରେ ବରରୁଚି କାଣଭୂତିଙ୍କୁ ଦର୍ଶନକରିବା ନିମନ୍ତେ ବିନ୍ଧ୍ୟପର୍ବତ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ହିଂସ୍ର ଜନ୍ତୁପୂର୍ଣ୍ଣ ବନ୍ଧୁର ନୀରସ ବିନ୍ଧ୍ୟକାନ୍ତାରରେ ଗମନ କରୁ କରୁ ପଥମଧ୍ୟରେ ସେ ଏକ ବିଶାଳ ବଟବୃକ୍ଷ ସମୀପରେ ଉପସ୍ଥିତ ହେଲେ । ବୃକ୍ଷର ଅନ୍ଧାର ଛାୟାରେ ଶତ ଶତ ପିଶାଚ ମଧ୍ୟରେ କାଣଭୂତି ବିଶାଳ ଶାଳବୃକ୍ଷ ତୁଲ୍ୟ ଶୋଭା ପାଉଥାଆନ୍ତି । ସେ କାତ୍ୟାୟନଙ୍କୁ ଦେଖି ତାଙ୍କର ଚରଣସ୍ପର୍ଶ ପୂର୍ବକ ପ୍ରଣାମ କଲେ । ଯଥାଯୋଗ୍ୟ ସମ୍ମାନ ସହ ଆସନ ପାଦାସନ ଦେଇ ଆଦର ଅଭ୍ୟର୍ଥନା କଲେ ।

ଏହା ଦେଖି କାତ୍ୟାୟନ (ବରରୁଚି) ପ୍ରଶ୍ନ କଲେ, "ହେ କାଣଭୂତି, ତୁମେ ଏଡ଼େ ମହାନ ହୋଇ କିପରି ଏପରି ନୀଚ ଜୀବନ ଯାପନ କରୁଅଛ ।" ସ୍ନେହପୂର୍ଣ୍ଣ ଏତିକି କଥା ଶୁଣି କାଣଭୂତି ଉତ୍ତର ଦେଲେ, 'ମୁଁ ମଧ୍ୟ ଏ ସମ୍ପର୍କରେ କିଛି ଜାଣେ ନାହିଁ । କିନ୍ତୁ ଉଜ୍ଜୟିନୀର ମହାଶ୍ମଶାନରେ ଶିବ ପାର୍ବତୀଙ୍କୁ କହୁଥିବା ସମୟରେ ମୁଁ ଯାହା ଶୁଣିଛି ତାହା ତୁମ ନିକଟରେ ପ୍ରକାଶ କରୁଛି ମାତ୍ର ।

ଥରେ ଗୌରୀ ଶଙ୍କରଙ୍କୁ ପଚାରିଲେ, 'ଭଗବାନ୍, କପାଳମାଳା ଓ ଶ୍ମଶାନ ଆପଣଙ୍କର ଏତେ ପ୍ରିୟ କାହିଁକି ?'

ଶିବ ଉତ୍ତରରେ କହିଲେ, 'ବହୁ ପ୍ରାଚୀନ କାଳର କଥା, ପ୍ରଳୟ ସମୟ ଉପସ୍ଥିତ ହେବାରୁ ସମଗ୍ର ସଂସାର ଜଳମଗ୍ନ ହେଲା । ସେହି ସମୟରେ ମୁଁ ମୋର ଜାନୁ ଦେଶରୁ—ବିନ୍ଦୁଏ ରକ୍ତ ଏହି ମହାସମୁଦ୍ର ମଧ୍ୟରେ ନିକ୍ଷେପ

Digitized by srujanika@gmail.com

କଲି । ଏହି ରକ୍ତବିନ୍ଦୁଟି ସେହି ଜଳମଧ୍ୟରେ ଏକ ଡିମ୍ବରେ ପରିଣତ ହେଲା । ଭଗ୍ନ ଅବସ୍ଥାରେ ଏହାମଧ୍ୟରୁ ଏକ ପୁରୁଷର ଆବିର୍ଭାବ ହେଲା । ତାହା ଦେଖି ସୃଷ୍ଟି ସର୍ଜନା କରିବା ନିମିତ୍ତ ମୁଁ ପ୍ରକୃତିକୁ ଜାତ କଲି । ମିଳିତଭାବେ ଏ ଦୁହେଁ ପ୍ରଥମେ ପ୍ରଜାପତିମାନଙ୍କୁ ସୃଷ୍ଟିକଲେ ଏବଂ ଏହି ପ୍ରଜାପତିମାନେ ଅନ୍ୟାନ୍ୟ ପ୍ରଜାମାନଙ୍କୁ ସୃଷ୍ଟି କଲେ । ଏହି ପ୍ରଥମ ପୁରୁଷଟି ସମସ୍ତଙ୍କ ଅପେକ୍ଷା ବୟୋବୃଦ୍ଧ ହୋଇଥିବା ହେତୁ ପିତାମହ ନାମରେ ପ୍ରସିଦ୍ଧ ହେଲା । ସମଗ୍ର ଚରାଚର ସୃଷ୍ଟି ସର୍ଜନା କରିଥିବା ହେତୁ ଏହି ପୁରୁଷଟିର ଗର୍ବ ଅତ୍ୟଧିକ ହୋଇପଡ଼ିଲା । ତେଣୁ ମୁଁ ଏହାର ଶିରଚ୍ଛେଦ କଲି । କିନ୍ତୁ ପରେ ପରେ ମୋର ଅନୁତାପ ଜାତ ହେଲା ଏବଂ ସେହିଦିନଠାରୁ ମୁଁ କପାଳମାଳା ଧାରଣ ଏବଂ ଶ୍ମଶାନରେ ବାସ କରିବା ରୂପକ ମହାବ୍ରତ ଆଚରଣ କଲି । ହେ ଦେବୀ ! ଦ୍ୱିତୀୟ କଥା ହେଲା ଯେ ଏହି କପାଳରୂପକ ସମଗ୍ର ପୃଥିବୀକୁ ସର୍ବଦା ହୃଦୟରେ ମୁଁ ଧାରଣ କରିଛି । ଏହି ଅଣ୍ଡକ ଓ କପାଳ ହିଁ ପୃଥିବୀ ଓ ଆକାଶ ।'

ଏହି ମଧ୍ୟସ୍ଥରେ ଶିବ ପାର୍ବତୀଙ୍କ କଥା ଶୁଣିବା ନିମନ୍ତେ ମୋର ଅଧିକ କୌତୂହଳ ଜାଗ୍ରତ ହେଲା । ଗୌରୀ ପୁଣି ପ୍ରଶ୍ନ କଲେ, 'କେତେଦିନ ପରେ ପୁଷ୍ପଦନ୍ତ ଆମ ନିକଟକୁ ପୁଣି ଫେରି ଆସିବ ?'

ଏହାଶୁଣି ମହାଦେବ ମୋତେ ଲକ୍ଷ୍ୟ କରି କହିଲେ, 'ଏ ହେଉଛି କୁବେରଙ୍କ ଅନୁଚର । ଏହାର ମିତ୍ର ସ୍ଥୂଳଶିରା ନାମକ ରାକ୍ଷସ । ଏହି ରାକ୍ଷସ ସହ ବନ୍ଧୁତା ସ୍ଥାପନ କରିବାରୁ କୁବେର ଏହାକୁ ବିନ୍ଧ୍ୟଅରଣ୍ୟରେ ପିଶାଚ ହୋଇ ରହିବା ପାଇଁ ଶାପ ଦେଲେ । ଏହାର ଅଗ୍ରଜ କୁବେରଙ୍କୁ ପ୍ରାର୍ଥନା କରିବାରୁ ଶାପମୁକ୍ତି ନିର୍ଦ୍ଦେଶ ଦେଇ ସେ କହିଲେ, 'ଶାପଗ୍ରସ୍ତ ହୋଇ ପୃଥିବୀରେ ଜନ୍ମଲାଭ କରିଥିବା ପୁଷ୍ପଦନ୍ତ ଠାରୁ ମହାକଥା ଶ୍ରବଣ କରି ଏବଂ ସେହି କଥା ଶିବଙ୍କ ଅନ୍ୟତମ ଅଭିଶପ୍ତ ଅନୁଚର ମାଲ୍ୟବାନ୍‌କୁ ଶୁଣାଇ ତୋର ଭ୍ରାତା ଏମାନଙ୍କ ସହ ଶାପମୁକ୍ତ ହେବ ।' ହେ ଦେବୀ ! କାଣଭୂତି ସହ ମିଳିତ ହେଲେ ପୁଷ୍ପଦନ୍ତ ଶାପମୁକ୍ତ ହେବ ବୋଲି ତୁମେ ଯେ ପୂର୍ବେ କହିଥିଲ ତାହା ବର୍ତ୍ତମାନ ସ୍ମରଣ କର ।'

"ଏହିପରି ପୁଷ୍ପଦନ୍ତ ସହ ମିଳିତ ହେବା ପର୍ଯ୍ୟନ୍ତ ମୋର ଶାପଦୋଷ ରହିବ ।"

Digitized by srujanika@gmail.com

ଏହାଶୁଣି ବରରୁଚ ନଦରୁ ଉଠିବା ପର ପୂର୍ବଜନ୍ମ ସ୍ମରଣ କର କହିଲେ, 'ମୁଁ ସେହି ପୁଷ୍ପଦନ୍ତ । ମୋ ଠାରୁ ତୁମେ ସେହି ମହାକଥା ଶ୍ରବଣ କର ।' ତତ୍ପରେ ବରରୁଚ ସାତଲକ୍ଷ ଶ୍ଳୋକରେ ସେହି ମହାକଥା କାଣଭୂତଙ୍କୁ ଶୁଣାଇଲେ ।

କଥା ଶେଷରେ କାଣଭୂତ କହିଲେ, 'ଦେବ ! ତୁମେ ପ୍ରକୃତରେ ରୁଦ୍ରଙ୍କ ଅବତାର । ନଚେତ୍ ତାଙ୍କ ବିନା ଏ ତାତ୍ତ୍ୱିକ କଥା ଆଉ କେହି ଜାଣିବା ସମ୍ଭବପର ନୁହେ । ଏହା ଶୁଣିବା ପରେ ମୋର ଶରୀରରୁ ପିଶାଚତ୍ୱ ଚାଲିଗଲା ବୋଲି ମନେ ହେଉଛି । ଯଦି ଗୋପନୀୟ ନୁହେଁ, ତେବେ ତୁମର ଜନ୍ମ ଠାରୁ ଅଦ୍ୟାବଧି ସମସ୍ତ ବୃତ୍ତାନ୍ତ ମୋ ଆଗରେ ପ୍ରକାଶ କରି ମୋତେ ପବିତ୍ର କର ।'

ଏହା ପରେ ବରରୁଚ ନିଜର ଜୀବନ ବୃତ୍ତାନ୍ତ ବିସ୍ତୃତ ଭାବରେ ବର୍ଣ୍ଣନା କରିବାକୁ ଉଦ୍ୟତ ହେଲେ ।

ବରରୁଚ କଥା

କୌଶାମ୍ବୀ ନଗରରେ ସୋମଦତ୍ତ ନାମକ ଜଣେ ବ୍ରାହ୍ମଣ ବାସ କରୁଥିଲେ । ସେ ଅଗ୍ନିଶିଖ ନାମରେ ମଧ୍ୟ ପରିଚିତ ଥିଲେ । ତାଙ୍କ ସ୍ତ୍ରୀ ବସୁଦତ୍ତା । ସେ ଜଣେ ଶାପଭ୍ରଷ୍ଟା ମୁନିକନ୍ୟା ଥିଲେ । ତାହାଙ୍କ ଗର୍ଭରେ ଶାପଗ୍ରସ୍ତ ହୋଇ ମୁଁ ଜନ୍ମ ଗ୍ରହଣ କରିଥିଲି । ଶୈଶବ ସମୟରୁ ମୁଁ ପିତାଙ୍କୁ ହରାଇଥିଲି । ବହୁ କଷ୍ଟରେ ମାତା ମୋତେ ଲାଳନପାଳନ କରୁଥିଲେ । ଏକଦା ଦୁଇଜଣ ବ୍ରାହ୍ମଣ ଆମ ଗୃହରେ ଅତିଥି ରୂପେ ରାତି ଯାପନ କରୁଥାଆନ୍ତି । ଏହି ସମୟରେ ମୃଦଙ୍ଗ-ନାଦ ଶୁଣାଗଲା । ଏହାଶୁଣି ମାତାଙ୍କ ମନରେ ପିତାଙ୍କର ସ୍ମୃତି ଜାଗ୍ରତ ହେଲା । ସେ କହିଲେ, 'ତୋର ପିତାଙ୍କ ପ୍ରିୟ ବନ୍ଧୁ ନନ୍ଦ ନୃତ୍ୟ କରୁଛନ୍ତି ।' ଏହା ଶୁଣି ମୁଁ କହିଲି 'ମା, ମୁଁ ଏହା ଦେଖିବାକୁ ଯିବ । ସେଠାରୁ ଫେରି ଅବିକଳ ସେହି ନୃତ୍ୟ, ଗୀତ ଓ ବାଦ୍ୟ ମୁଁ ତୁମକୁ ଶୁଣାଇବ ।' ମୋର ଏ କଥା ଶୁଣି ବ୍ରାହ୍ମଣମାନେ ବିସ୍ମିତ ହେଲେ । କିନ୍ତୁ ମାତା ତାଙ୍କୁ କହିଲେ, 'ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏ ଥରେ ମାତ୍ର ଶୁଣିଲେ ସବୁକଥା ଅବିକଳ ମନେ ରଖିପାରେ ।' ତାପରେ ସେମାନେ ମୋତେ ବୈଦିକ ବ୍ୟାକରଣ

Digitized by srujanika@gmail.com

"ପ୍ରତିଶାଖ୍ୟ" ଶିକ୍ଷା ଦେଲେ । ମୁଁ ତାହା ଥରେ ମାତ୍ର ଶୁଣି ପୁନରାବୃତ୍ତି କଲି । ଏହାପରେ ଆମେ ନୃତ୍ୟ ଦେଖିବା ନିମନ୍ତେ ଗଲୁ । ସେଠାରୁ ଫେରି ମାତାଙ୍କ ସମ୍ମୁଖରେ ପୁଣି ମୁଁ ତାହାର ଅବିକଳ ପୁନରାବୃତ୍ତି କଲି । ମୁଁ ଥରେ ଶୁଣି ମନେରଖିପାରେ ଜାଣି ସେମାନଙ୍କ ମଧ୍ୟରୁ ବ୍ୟାଡ଼ି ନାମକ ବ୍ରାହ୍ମଣ ମାତାଙ୍କୁ ମୋର ବିଗତ ଜୀବନରେ କହିଲେ —

'ବେତସ ନାମକ ନଗରରେ ଦେବସ୍ୱାମୀ ଓ କରମ୍ଭକ ନାମରେ ଦୁଇଭାଇ ବାସ କରୁଥିଲେ । ସେମାନେ ଜାତିରେ ବ୍ରାହ୍ମଣ । ତାଙ୍କ ମଧ୍ୟରୁ ଜଣକର ପୁତ୍ର ଏ ଇନ୍ଦ୍ରଦତ୍ତ ଓ ଅପର ବ୍ରାହ୍ମଣଙ୍କ ପୁତ୍ର ମୁଁ ବ୍ୟାଡ଼ି । ମୋ ପିତାଙ୍କ ମୃତ୍ୟୁ ପରେ ଇନ୍ଦ୍ରଦତ୍ତଙ୍କ ପିତା ଅତିଶୟ ଦୁଃଖରେ ଭାଙ୍ଗି ପଡ଼ିଲେ । ଶେଷରେ ମନ ଦୁଃଖରେ ସେ ମଧ୍ୟ ପ୍ରାଣତ୍ୟାଗ କଲେ । ଆମେ ଅନାଥ ହୋଇ ପଡ଼ିଲୁ । ବିଦ୍ୟାଲାଭ କରିବା ଆଶା ପୋଷଣ କରି ଆମେ ଦୁହେଁ କାର୍ତ୍ତିକେୟଙ୍କ ଆରାଧନା କଲୁ । ସ୍ୱପ୍ନରେ ଆମକୁ ସେ କହିଲେ ଯେ 'ନନ୍ଦରାଜାଙ୍କର ପାଟଳିନାମକ ଏକ ନଗର ଅଛି । ସେଠାରେ ବର୍ଷ ନାମରେ ଜଣେ ବ୍ରାହ୍ମଣ ବାସ କରନ୍ତି । ତୁମ୍ଭେମାନେ ତାଙ୍କ ନିକଟକୁ ଗଲେ ସମସ୍ତ ବିଦ୍ୟା ଲାଭ କରିପାରିବ ।' ଏହା ଶୁଣି ଆମେ ଦୁହେଁ ପାଟଳୀ ନଗରରେ ଉପସ୍ଥିତ ହେଲୁ । ଶୁଣିଲୁ ବର୍ଷ ନାମରେ ଜଣେ ମୂର୍ଖ ବିପ୍ର ଏଠାରେ ବାସ କରୁଛନ୍ତି । ତଥାପି ଆମେ ବର୍ଷଙ୍କ ଗୃହ ନିକଟରେ ଯାଇ ଉପସ୍ଥିତ ହେଲୁ । ଦେଖିଲୁ ଯେ ବର୍ଷଙ୍କ ବାସଗୃହର ଅବସ୍ଥା ଅତି ଶୋଚନୀୟ ଏବଂ ତା ମଧ୍ୟରେ ସେ ଧ୍ୟାନମଗ୍ନ । ତେଣୁ ଆମେ ତାଙ୍କ ଅତିଥି-ପରାୟଣା ସ୍ତ୍ରୀଙ୍କ ନିକଟରେ ପହଞ୍ଚିଲୁ । ମଳିନବେଶା ଓ ମୂର୍ତ୍ତିମନ୍ତ ଦୁର୍ଗତିସମା ବର୍ଷ ପତ୍ନୀଙ୍କ ନିକଟରେ ଅମେ ଆମ୍ଭମାନଙ୍କର ଆଗମନର କାରଣ ବ୍ୟକ୍ତ କଲୁ । ଆହୁରି ମଧ୍ୟ କହିଲୁ ଯେ ଆପଣଙ୍କ ସ୍ୱାମୀ ନଗରମଧ୍ୟରେ ମୂର୍ଖ ବୋଲି କୁଖ୍ୟାତ । ସେ ଆମ୍ଭମାନଙ୍କୁ ପୁତ୍ରତୁଲ୍ୟ ଜ୍ଞାନ କରି କହିଲେ, 'ତୁମ୍ଭେ ମାନେ ମୋର ପୁତ୍ର ସଦୃଶ. ତୁମଠାରେ ଲଜ୍ଜା କରିବାର କିଛି ନାହିଁ ।' ଏହା କହି ସେ ଆମକୁ ନିମ୍ନ ଗଳ୍ପଟି ଶୁଣାଇଲେ ।

ଶଙ୍କରସ୍ୱାମୀ ନାମରେ ଜଣେ କୁଳୀନ ବ୍ରାହ୍ମଣ ଏଠାରେ ବାସ-କରୁଥିଲେ । ମୋର ସ୍ୱାମୀ ବର୍ଷ ଓ ତାଙ୍କଭାଇ ଉପବର୍ଷ ତାଙ୍କର ଜନ୍ମିତ ସନ୍ତାନ । ଏମାନଙ୍କ ମଧ୍ୟରୁ ଜେଷ୍ଠ ଭ୍ରାତ ମୂର୍ଖ ଓ ଦରିଦ୍ର, କନିଷ୍ଠ ଉପବର୍ଷ

Digitized by srujanika@gmail.com

ବିଦ୍ୱାନ ଓ ଧନବାନ୍ । ତେଣୁ ଉପବର୍ଷ ପ୍ରଥମେ ଏହାଙ୍କୁ ସ୍ୱଗୃହର ବ୍ୟବସ୍ଥା ଦେଖିବା ନିମନ୍ତେ ନିଯୁକ୍ତ କରିଥିଲେ । ଏ ପ୍ରକାର ଜୀବନଯାପନ କରୁଥିଲା ବେଳେ ବର୍ଷାଋତୁ ଆସି ପ୍ରବେଶ ହେଲା । ଏହି ଋତୁରେ ସ୍ତ୍ରୀମାନେ ଗୁଡ଼ ଓ ଅଟା ଦ୍ୱାରା ଅଶ୍ଳୀଳ ଆକୃତିର ପିଠା ତିଆରି କରି ମୂର୍ଖ ବ୍ରାହ୍ମଣ ମାନଙ୍କୁ ଦକ୍ଷିଣା ସହି ଦାନ କରିଥାଆନ୍ତି । ଏହି ଆଚାର କୁତ୍ସିତ ଓ ସର୍ବଦା ନିନ୍ଦନୀୟ ବୋଲି କୌଣସି ବ୍ରାହ୍ମଣ ଏହା ଗ୍ରହଣ କରନ୍ତି ନାହିଁ । କିନ୍ତୁ ମୋର ସାନ ଜା' ନିଜର ପତିଙ୍କ ଜ୍ୟେଷ୍ଠଭ୍ରାତାଙ୍କୁ ମୂର୍ଖବୋଲି ଜାଣି ଏହି ପିଷ୍ଟକ ଦାନ କଲେ । ଏହା ନେଇ ସେ ଘରକୁ ଆସନ୍ତେ ମୁଁ ତାଙ୍କୁ ମନଭରି ଯଥେଷ୍ଟ ଭର୍ତ୍ସନା କଲି । ସେ ମଧ୍ୟ ନିଜର ମୂର୍ଖପଣ ବୁଝିପାରି ବିଶେଷ ଅନୁତପ୍ତ ହେଲେ । ଏବଂ ବିଦ୍ୟାଲାଭ ସକାଶେ ସିଦ୍ଧାନ୍ତକରି କାର୍ତ୍ତିକେୟଙ୍କ ଉପାସନା କରିବାପାଇଁ ଚାଲିଗଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ୍ କାର୍ତ୍ତିକେୟ ସମସ୍ତ ବିଦ୍ୟା ଏହାଙ୍କୁ ପ୍ରଦାନ କଲେ ଏବଂ ଥରେ ମାତ୍ର ଶ୍ରବଣ କରି ଯିଏ ସବୁ ଅବିକଳ ମନେରଖି ପାରୁଥିବ ସେହିପରି ଶ୍ରୁତିଧର ବ୍ରାହ୍ମଣ ନିକଟରେ ସେ ବିଦ୍ୟା ପ୍ରକାଶ କରିବା ନିମିତ୍ତ ଆଦେଶ ଦେଲେ । ତପସ୍ୟାରୁ ଫେରିଆସି ମୋ ସ୍ୱାମୀ ସମସ୍ତ ବୃତ୍ତାନ୍ତ ମୋତେ କହିଲେ ଏବଂ ସେହି ଦିନଠାରୁ ଜପ, ଧ୍ୟାନ ପ୍ରଭୃତିରେ ମଗ୍ନ ରହି ସମୟ କଟାଉଛନ୍ତି । ତେଣୁ ତୁମେ ମାନେ ଜଣେ ଶ୍ରୁତିଧର ବ୍ରାହ୍ମଣଙ୍କୁ ନେଇ ଆସିଲେ ଉଭୟଙ୍କର ମନୋରଥ ପୂର୍ଣ୍ଣ ହେବ ।

ଏହାଶୁଣି ଆମେ ତାଙ୍କର ଦାରିଦ୍ର୍ୟ ଦୂର କରିବା ପାଇଁ ଏକଶତ ସ୍ୱର୍ଣ୍ଣମୁଦ୍ରା ଦାନ କରି ଏକ ଶ୍ରୁତିଧର ବ୍ରାହ୍ମଣର ଅନୁସନ୍ଧାନରେ ସାରା ପୃଥିବୀ ଭ୍ରମଣ କରୁଅଛୁ । କୌଣସି ସ୍ଥାନରେ ଏପରି ଏକ ବ୍ୟକ୍ତିର ସନ୍ଧାନ ନପାଇ ଆଜି ତୁମ ଗୃହରେ ଆଶ୍ରୟ ଗ୍ରହଣ କରିଥିଲୁ । ତୁମ ପୁତ୍ର ଥରେ ମାତ୍ର ଶ୍ରବଣ କରି ସବୁକିଛି ମନେରଖି ପାରୁଛି । ଏଣୁ ତୁମେ ଏହାଙ୍କୁ ଆମ ସହ ପଠାଇଲେ ଆମେ ବିଦ୍ୟା ଅର୍ଜ୍ଜନ ପାଇଁ ପ୍ରସ୍ଥାନ କରନ୍ତୁ ।'

ବ୍ୟାଡ଼ିଙ୍କ ଠାରୁ ଏହି କଥା ଶୁଣିସାରି ମା ମୋର କହିଲେ, 'ଏକଥା ଅବଶ୍ୟ ଠିକ୍ । ଏଥିରେ ମୋର ମଧ୍ୟ ଅବିଶ୍ୱାସ ନାହିଁ । କାରଣ ଏହାର ଜନ୍ମ ସମୟରେ ଦୈବବାଣୀ ହୋଇଥିଲା ଯେ ଏ ଶ୍ରୁତିଧର ହେବ ଏବଂ ବର୍ଷଙ୍କଠାରୁ ସମସ୍ତ ବିଦ୍ୟା ଅଧ୍ୟୟନ କରି ସଂସାରରେ ବ୍ୟାକରଣ ଶାସ୍ତ୍ରକୁ ପ୍ରତିଷ୍ଠା କରିବ ।

Digitized by srujanika@gmail.com

ଏହାର ନାମ ବରରୁଚି ହେବ ଏବଂ ସଂସାରର ସମସ୍ତ ଉତ୍କୃଷ୍ଟ ପଦାର୍ଥରେ ହିଁ ଏହାର ରୁଚି ଜାତ ହେବ।' ତେଣୁ ଏହାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ମୁଁ ବର୍ଷଙ୍କର ଦର୍ଶନ ପାଇଁ ବ୍ୟାକୁଳ ହୋଇ ଉଠୁଥିଲି । ଆଜି ତୁମମାନଙ୍କଠାରୁ ଏହାଙ୍କର ସନ୍ଧାନ ପାଇ ସନ୍ତୁଷ୍ଟ ହେଲି । ତୁମେ ଏହାକୁ ଉପାଧ୍ୟାୟ ବର୍ଷଙ୍କ ନିକଟକୁ ନେଇ ଯାଇପାର । ଏ ତୁମର ଭାଇ ପରି ।'

ଏହା ଶୁଣି ଅତିଥି ଦ୍ୱୟ ମୋତେ ବେଦପାଠର ଯୋଗ୍ୟ କରିବା ନିମନ୍ତେ ମୋର ଉପନୟନ କରାଇ ଦେଲେ । ମୁଁ ଅଶ୍ରୁପୂର୍ଣ୍ଣ ଲୋଚନା ମାତାଙ୍କ-ଠାରୁ ବିଦାୟ ନେଇ ବର୍ଷ ଉପାଧ୍ୟାୟଙ୍କ ଗୃହରେ ଯାଇ ପହଞ୍ଚିଲି । ଉଭୟେ କାର୍ତ୍ତିକେୟଙ୍କ ବର ସଫଳ ହେଲା ବୋଲି ମନେ କଲୁ ।

ଏକ ଶୁଭ ଦିନରେ ଉପାଧ୍ୟାୟ ଆମମାନଙ୍କୁ ସମ୍ମୁଖରେ ବସାଇ ପବିତ୍ର ଓଁକାର ଉଚ୍ଚାରଣ କଲେ । ଏହା ଉଚ୍ଚାରଣ କରିବା ମାତ୍ରେ ସ୍କନ୍ଦଙ୍କ ବର ପ୍ରଭାବରେ ସାଙ୍ଗୋପାଙ୍ଗ ବେଦ ଆସି ଉପସ୍ଥିତ ହୋଇଗଲା । ଗୁରୁ ଆମ୍ଭମାନଙ୍କୁ ପଢ଼ାଇବା ଆରମ୍ଭ କଲେ । ମୁଁ ଥରେମାତ୍ର ଶୁଣି ମନେ ରଖି-ପାରୁଥିଲି । ବ୍ୟାଡ଼ି ଦୁଇଥର ଏବଂ ଇନ୍ଦ୍ରଦତ୍ତ ତିନିଥର ଶ୍ରବଣ କରି ଗୁରୁଙ୍କ ଉପଦେଶ ମନେ ରଖୁଥିଲେ ।

ଅଧ୍ୟାପନା ଆରମ୍ଭ ହେବାରୁ, ବର୍ଷଙ୍କ କଣ୍ଠର ସେହି ଅପୂର୍ବ ଧ୍ୱନି ଶ୍ରବଣ କରି ଲୋକେ ବିସ୍ମିତ ହେଲେ । ଚତୁର୍ଦ୍ଦିଗରୁ ଶତସହସ୍ର ଜନ ବର୍ଷଙ୍କର ଅପୂର୍ବ ପ୍ରତିଭା ଦର୍ଶନ କରିବା ଅଭିପ୍ରାୟରେ ଆସି ପ୍ରଣାମ ପୂର୍ବକ ଏକାଠି ରୁଣ୍ଡ ହେବାକୁ ଲାଗିଲେ । ଏହା ଦେଖି ଉପବର୍ଷ ଓ ପାଟଳୀପୁତ୍ର ନଗରବାସୀ ଆନନ୍ଦ ସାଗରରେ ବୁଡ଼ିଗଲେ । ସମ୍ରାଟ ନନ୍ଦ ମଧ୍ୟ କାର୍ତ୍ତିକେୟଙ୍କ ବରର ପ୍ରଭାବ ପ୍ରତ୍ୟକ୍ଷ କରି ବର୍ଷଙ୍କ ଗୃହକୁ ଧନଧାନ୍ୟରେ ପରିପୂର୍ଣ୍ଣ କରି ଦେଲେ ।

Digitized by srujanika@gmail.com

ତୃତୀୟ ତରଙ୍ଗ

କାଣଭୂତି ଏକାଗ୍ର ଚିତ୍ତରେ କଥା ଶୁଣୁଥିବା ଯୋଗୁଁ ବରରୁଚି ପୁଣି ଆରମ୍ଭ କଲେ—

ଦିନେ ଅଧ୍ୟାପନା ଶେଷ ହେବା ପରେ ନିତ୍ୟକର୍ମ ଶେଷ କରି ଆମେ ଉପାଧ୍ୟାୟ ବର୍ଷଙ୍କୁ ପଚାରିଲୁ, 'ଗୁରୁଦେବ, ଏହି ପାଟଳୀପୁତ୍ର ଲକ୍ଷ୍ମୀ ଏବଂ ସରସ୍ୱତୀ ଉଭୟଙ୍କର ଲୀଳା କ୍ଷେତ୍ର ହେଲା କିପରି ?' ଏହା ଶୁଣି ପାଟଳୀପୁତ୍ର କଥା ଆରମ୍ଭ କଲେ—

ହରିଦ୍ୱାରରେ କନଖଲ ନାମରେ ଏକ ପବିତ୍ର ତୀର୍ଥସ୍ଥଳ ଅଛି । ଐରାବତ ହସ୍ତୀ ସେହିଠାରେ ଉଶୀନର ଗିରିଶିଖରକୁ ଭେଦକରି ଗଂଗାଙ୍କୁ ମର୍ତ୍ତ୍ୟକୁ ଘେନି ଆସିଥିବା କଥା ଶୁଣାଯାଏ । ସେହି କନଖଲଠାରେ ଦାକ୍ଷିଣାତ୍ୟରୁ ଆଗତ ଜନୈକ ବ୍ରାହ୍ମଣ ନିଜର ପତ୍ନୀଙ୍କସହ ତପସ୍ୟା କରୁଥିଲେ । ତାଙ୍କର ତିନୋଟି ପୁତ୍ର ଜାତ ହୋଇଥିଲେ । ପିତାମାତାଙ୍କ ମୃତ୍ୟୁ ପରେ ବିଦ୍ୟା ଲାଭ କରିବା ନିମନ୍ତେ ସେମାନେ ରାଜଗୃହ ନାମକ ନଗରକୁ ଗମନ କଲେ । ବିଦ୍ୟାଧ୍ୟୟନ ଶେଷ ହେବା ପରେ ସେହି ଦୁଃଖୀ ଓ ଅନାଥ ବାଳକ ତ୍ରୟ ଭଗବାନ କାର୍ତ୍ତିକେୟଙ୍କୁ ଦର୍ଶନ କରିବା ଅଭିଳାଷରେ ଦକ୍ଷିଣ ଦେଶକୁ ଯାତ୍ରା ଆରମ୍ଭ କଲେ । ସେଠାରେ ସେମାନେ ଉପସ୍ଥିତ ହୋଇ ସମୁଦ୍ର ତଟବର୍ତ୍ତୀ ଚିଂଚିନୀ ନାମକ ନଗରୀରେ ବାସ କରୁଥିବା ଭୋଜକ ନାମକ ବ୍ରାହ୍ମଣଙ୍କ ଗୃହରେ ଆଶ୍ରୟ ନେଲେ । ଏହି ଭୋଜକ ବ୍ରାହ୍ମଣଙ୍କର ତିନୋଟି କନ୍ୟା ଥିଲେ । ସେ ନିଜର କନ୍ୟାମାନଙ୍କୁ ଓ ସମସ୍ତ ସମ୍ପତ୍ତିକୁ ଏହି ତିନିଜଣ ବ୍ରାହ୍ମଣଙ୍କୁ ପ୍ରଦାନ କରି ଗଙ୍ଗା ତୀରକୁ ଗମନ କଲେ । ପରେ ରାଜ୍ୟରେ ଭୀଷଣ ଦୁର୍ଭିକ୍ଷ ଦେଖା ଦେବାରୁ ଏମାନେ ସ୍ତ୍ରୀମାନଙ୍କୁ ପରିତ୍ୟାଗ କରି ଚାଲିଗଲେ; କାରଣ ନୃଶଂସ ଲୋକମାନଙ୍କ ମନରେ ଆତ୍ମୀୟ ବନ୍ଧୁବାନ୍ଧବ ପ୍ରୀତି ଆଦୌ ନଥାଏ । ଏହି ତିନିଜଣଙ୍କ ମଧ୍ୟରୁ ସେତେବେଳେ ମଧ୍ୟମା ଭଗିନୀର ଗର୍ଭ ସଞ୍ଚାର ହୋଇଥିଲା ।

Digitized by srujanika@gmail.com

ଏଣୁ ଏମାନେ ଏହି ବିପତ୍ତିରୁ ରକ୍ଷା ପାଇବା ନିମନ୍ତେ ପିତାଙ୍କର ମିତ୍ର ଯଜ୍ଞଦତ୍ତଙ୍କ ନିକଟରେ ଶରଣ ନେଇ ପତିମାନଙ୍କୁ ଧ୍ୟାନ କରି କରି ଅତି ଦୁଃଖରେ ଜୀବନ ବିତାଇବାକୁ ଲାଗିଲେ । କୁଳୀନ ସ୍ତ୍ରୀମାନେ ବହୁ ବିପଦର ସମ୍ମୁଖୀନ ହେଲେହେଁ ନିଜର ସତୀତ୍ୱ ପ୍ରତି ସର୍ବଦା ସଜାଗ ରହିଥାଆନ୍ତି । ସମୟ କ୍ରମେ ମଧ୍ୟମା ଏକ ଅପରୂପ ପୁତ୍ର ସନ୍ତାନ ପ୍ରସବ କଲେ । ତିନିହେଁ ଏହାକୁ ସମାନ ଭାବରେ ସ୍ନେହ ଆଦର କରିବାକୁ ଲାଗିଲେ ।

ଏକଦା ଆକାଶମାର୍ଗରେ ଶିବପାର୍ବତୀ ଭ୍ରମଣ କରିବା ସମୟରେ ଏହି ଶିଶୁପୁତ୍ରଟି ଉପରେ ପାର୍ବତୀଙ୍କର ଦୃଷ୍ଟି ପଡ଼ିଲା । ସେ ଶିବଙ୍କୁ କହିଲେ, 'ଦେଖନ୍ତୁ ଏହି ବାଳକ ଏମାନଙ୍କୁ ପାଳନପୋଷଣ କରିବ ବୋଲି ଏମାନେ ତାକୁ କେତେ ଆଦର କରୁଛନ୍ତି । ତେଣୁ ଆପଣ ଦୟାକରି ଏହି ବାଳକକୁ ଏପରି ଶକ୍ତିପ୍ରଦାନ କରନ୍ତୁ ଯେପରି ସେ ଏମାନଙ୍କୁ ଭରଣ ପୋଷଣ କରି-ପାରିବ ।' ଏଥିରେ ସନ୍ତୁଷ୍ଟ ହୋଇ ଶିବ କହିଲେ, 'ମୁଁ ଏହା ପ୍ରତି ଆଗରୁ ହିଁ ଅନୁଗ୍ରହ ପ୍ରକାଶ କରିଅଛି । ପୂର୍ବଜନ୍ମରେ ସେ ସ୍ୱୀୟ ପତ୍ନୀ ସହ ମୋର ଉପାସନା କରିଥିବା ଯୋଗୁଁ ଏହାର ଫଳଭୋଗ କରିବା ପାଇଁ ବର୍ତ୍ତମାନ ଜନ୍ମ ଲାଭ କରିଅଛି । ଏହାର ପତ୍ନୀ ପାଟଳୀ ରାଜା ମହେନ୍ଦ୍ରବର୍ମାଙ୍କ କନ୍ୟାରୂପରେ ଜନ୍ମ ନେଇଛି । ସେ ହିଁ ଏହାର ଏ ଜନ୍ମରେ ପତ୍ନୀ ହେବ ।' ପାର୍ବତୀଙ୍କୁ ଏହା କହି ଶିବ ଏହି ତିନି ପତିବ୍ରତା ନାରୀଙ୍କୁ ସ୍ୱପ୍ନରେ କହିଲେ ଯେ ତୁମର ଶିଶୁର ନାମ ପୁତ୍ରକ ରହିବ । ସେ ଶୋଇକରି ଉଠିଲା ବେଳେ ପ୍ରତ୍ୟହ ତାହାର ଶଯ୍ୟା ନିକଟରେ ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ରହିଥିବ । ପରେ ଏ ରାଜ ସିଂହାସନ ଆରୋହଣ କରିବ ।' ତା ପରଠାରୁ ଏମାନେ ସେହି କଥା ଅନୁଯାୟୀ ପ୍ରତିଦିନ ବାଳକର ମସ୍ତକ ନିକଟରୁ ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଲାଭ କରି ବ୍ରତ ସଫଳ ହେଲା ଭାବି ଆନନ୍ଦିତ ହେଲେ । କିଛି ଦିନପରେ ଅକଳାକଳ ସମ୍ପତ୍ତିର ଅଧିକାରୀ ହେବାରୁ ପୁତ୍ରକ ରାଜା ଭୁଲି ଶୋଭାପାଇଲା । ସଂସାରରେ ଧନ ସମ୍ପଦ ତପସ୍ୟାର ଅଧୀନ ।

ଏକଦା ଯଜ୍ଞଦତ୍ତ ଏକାନ୍ତରେ ପୁତ୍ରକକୁ କହିଲେ, 'ବତ୍ସ, ଦୁର୍ଭିକ୍ଷ ଯୋଗୁଁ ତୁମର ପିତୃଗଣ କେଉଁ ଅଜଣା ସ୍ଥାନକୁ ଚାଲି ଯାଇଛନ୍ତି : ତେଣୁ ସର୍ବଦା ଦାନଧର୍ମ କର । ତାହେଲେ ତୁମର ପିତା ଆଜି ତୁମର କଥାଶୁଣି ଏଠାକୁ ଆସିଯାଇପାରନ୍ତି । ମୁଁ ଏହି ସମ୍ପର୍କରେ ରାଜା ବ୍ରହ୍ମଦତ୍ତଙ୍କ ଗୋଟିଏ କଥା କହୁଅଛି, ଶୁଣ —

Digitized by srujanika@gmail.com

ରାଜା ବ୍ରହ୍ମଦତ୍ତଙ୍କ କଥା

ପ୍ରାଚୀନ କାଳରେ ବାରାଣସୀରେ ବ୍ରହ୍ମଦତ୍ତ ନାମରେ ଜଣେ ରାଜା ରାଜତ୍ୱ କରୁଥାଆନ୍ତି । ଦିନେ ରାତିରେ ସେ ସୁବର୍ଣ୍ଣ ପକ୍ଷ ଧାରଣ କରିଥିବା ଦୁଇଟି ହଂସ ଉଡ଼ି ଯାଉଥିବାର ଦେଖିବାକୁ ପାଇଲେ । ସେହି ହଂସ ଯୁଗଳକୁ ପୁଣି ଦର୍ଶନ କରିବା ନିମନ୍ତେ ରାଜା ଏପରି ଉତ୍କଣ୍ଠିତ ହୋଇ ପଡ଼ିଲେ ଯେ ସେ ରାଜ୍ୟଭୋଗ ସୁଖରୁ ଦୂରେଇ ଯିବାକୁ ଲାଗିଲେ । ତାପରେ ରାଜା ମନ୍ତ୍ରୀମାନଙ୍କ ସହ ଆଲୋଚନା କରି ଏକ ପୁଷ୍କରିଣୀ ଖୋଳାଇ ସେଥିରେ ବିଳାସ କରିବା ନିମନ୍ତେ ସମସ୍ତ ପ୍ରାଣୀଙ୍କୁ ଅଭୟ ପ୍ରଦାନ କଲେ । କାଳକ୍ରମେ ସେହି ହଂସ ଯୁଗଳ ପୁଣି ସେଠାରେ ଆସି ପହଞ୍ଚିଲେ । ରାଜା ସେମାନଙ୍କ ବିଶ୍ୱାସ ଭାଜନ ହେବା ପରେ ସେମାନଙ୍କୁ ପଚାରିଲେ ଯେ ସେମାନଙ୍କର ପକ୍ଷ ଗୁଡ଼ିକ କିପରି ସୁବର୍ଣ୍ଣମୟ ହେଲା । ଏହାର ଉତ୍ତରରେ ହଂସ ଯୁଗଳ କହିଲେ, 'ଆମେ ପୂର୍ବ-ଜନ୍ମରେ କୁଆ ରୂପରେ ଜନ୍ମ ଗ୍ରହଣ କରିଥିଲୁ । ଭୋଜନ ପାଇଁ ବିବାଦ କରି ଆମେ ଏକ ଶୂନ୍ୟ ଓ ପବିତ୍ର ଶିବାଳୟର ଗୋଟିଏ କୁଣ୍ଡ ମଧ୍ୟରେ ପଡ଼ି ପ୍ରାଣତ୍ୟାଗ କଲୁ । ଫଳରେ ଆମର ପକ୍ଷଗୁଡ଼ିକ ସ୍ୱର୍ଣ୍ଣମୟ ହୋଇଉଠିଲା ।'

ଏହା କହିସାରି ଯଜ୍ଞଦତ୍ତ ରାଜା ପୁତ୍ରକଙ୍କୁ କହିଲେ ଯେ ତୁମେ ମଧ୍ୟ ବହୁଦାନ ଧର୍ମ କଲେ ନିଜର ପିତାମାତାଙ୍କୁ ଲାଭ କରିପାରିବ । ଏହାଶୁଣି ପୁତ୍ରକ ସେହି ଅନୁସାରେ ଦାନ କରିବାକୁ ଲାଗିଲେ । ଏହି ଦାନର ଖ୍ୟାତି ଶ୍ରବଣ କରି ସେହି ବ୍ରାହ୍ମଣମାନେ ସେଠାରେ ଉପସ୍ଥିତ ହେଲେ ଏବଂ ପରସ୍ପର ପରିଚିତ ହେବା ପରେ ପ୍ରଚୁର ସମ୍ପତ୍ତି ଓ ନିଜ ନିଜର ପତ୍ନୀ ମାନଙ୍କୁ ଲାଭ କରି ଆନନ୍ଦରେ ଜୀବନ ବିତାଇବାକୁ ଲାଗିଲେ । କିନ୍ତୁ ଏହା ଆଶ୍ଚର୍ଯ୍ୟର କଥା ଯେ ଦୁଷ୍ଟ ଲୋକ-ମାନେ ଭୟଙ୍କର ବିପଦରେ ପଡ଼ି ସେଥିରୁ ଉଦ୍ଧାର ଲାଭ କଲେ ମଧ୍ୟ ନିଜର ସ୍ୱଭାବ ଛାଡ଼ି ପାରନ୍ତି ନାହିଁ । କିଛି ଦିନ ଅତୁଳ ସମ୍ପଦ ମଧ୍ୟରେ କାଳ କଟାଇଲା ପରେ ଏମାନେ ପୁତ୍ରକଙ୍କୁ ହତ୍ୟା କରି ନିଜେ ରାଜା ହେବାର ଅଭିଳାଷ ପୋଷଣ କରି ବିନ୍ଧ୍ୟବାସିନୀଙ୍କ ଦର୍ଶନ ଛଳରେ ପୁତ୍ରକଙ୍କୁ ସେଠାକୁ ନେଇଗଲେ । ସେଠାରେ ଦେବୀମନ୍ଦିର ମଧ୍ୟରେ ଘାତୁକଙ୍କୁ ଅପେକ୍ଷା କରି ରହିବା ନିମିତ୍ତ ନିର୍ଦ୍ଦେଶ ପ୍ରଦାନ କରି ପୁତ୍ରକଙ୍କୁ କହିଲେ, 'ତୁମେ ଏକାକୀ ପ୍ରଥମେ ଦେବୀଙ୍କୁ ଦର୍ଶନ କରି ଆସ ।' ପୁତ୍ରକ ମନ୍ଦିର ମଧ୍ୟରେ ପ୍ରବେଶ କରିବା ମାତ୍ରେ ଘାତୁକଙ୍କୁ

Digitized by srujanika@gmail.com

ଦେଖି ତାଙ୍କୁ ଏହାର କାରଣ ଜିଜ୍ଞାସା କରନ୍ତେ ସେ କହିଲା, 'ତୁମର ପିତୃବର୍ଗ ବହୁ ଧନ ପ୍ରଦାନ କରି ମୋତେ ତୁମର ହତ୍ୟାପାଇଁ ନିଯୁକ୍ତ କରି ଅଛନ୍ତି ।' ଭଗବତୀ ବିନ୍ଧ୍ୟବାସିନୀଙ୍କ କୃପାରୁ ସେ ହଠାତ୍ ସେହି ଦୁଷ୍ଟ ବୁଦ୍ଧି ଘାତୁକଙ୍କୁ କହିଲେ, 'ମୁଁ ତୁମଙ୍କୁ ମୋର ବହୁମୂଲ୍ୟ ଅଳଙ୍କାର ପ୍ରଦାନ କରୁଛି, ମୋତେ ଛାଡ଼ିଦିଅ । ମୁଁ ସେମାନଙ୍କ ନିକଟରେ ଏହା ପ୍ରକାଶ ନକରି ବହୁଦୂରକୁ ଚାଲିଯିବି ।' ଘାତୁକମାନେ ଏହି ବହୁମୂଲ୍ୟ ଅଳଙ୍କାର ଗ୍ରହଣ କରି ଚାଲିଗଲେ ଏବଂ ପୁତ୍ରକ ମୃତ ବୋଲି ପ୍ରକାଶ କଲେ । ତତ୍ପରେ ରାଜ୍ୟାଭିଳାଷୀ ପିତୃବର୍ଗ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରନ୍ତେ ମନ୍ତ୍ରିମାନେ ଏମାନଙ୍କୁ ରାଜଦ୍ରୋହୀ ବୋଲି ହତ୍ୟାକଲେ । ପ୍ରକୃତରେ କୃତଘ୍ନ ଲୋକର କଦାଚିତ୍ ମଙ୍ଗଳ ହୋଇ ନଥାଏ ।

ଏହାପରେ ରାଜା ପୁତ୍ରକ ନିଜର ରାଜ୍ୟ ଓ ବନ୍ଧୁ ସ୍ୱଜନଙ୍କ ପ୍ରତି ବିରକ୍ତ ହୋଇ ବିନ୍ଧ୍ୟାଟବୀରେ ପ୍ରବେଶ କଲେ । ସେ ସେଠାରେ ଭ୍ରମଣ କରୁ କରୁ ଦେଖିଲେ ଯେ ଦୁଇଟି ଅସୁର ବାହୁଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହେଉଅଛନ୍ତି । ସେ ସେମାନଙ୍କୁ ପଚାରିଲେ, 'ତୁମେମାନେ କିଏ ଏବଂ କାହିଁକି ଏପରି କରୁଅଛ ?' ସେମାନେ ଉତ୍ତରରେ କହିଲେ, 'ଆମେ ମାୟାସୁରର ପୁତ୍ର । ଏହି ପାଦୁକା, ଯଷ୍ଟି ଓ ପାତ୍ର ତାଙ୍କର ସମ୍ପତ୍ତି । ଏହି ପୈତୃକ ଧନ ନିମନ୍ତେ ଆମ୍ଭମାନଙ୍କର ଯୁଦ୍ଧ । ଯେ ବଳରେ ଅଧିକ ହେବ ସେ ଏହାର ଅଧିକାରୀ ହେବ ।' ଏହା ଶୁଣି ପୁତ୍ରକ ହାସ୍ୟ ସମ୍ବରଣ କରି ନପାରି କହିଲେ, 'ପୁରୁଷ ପୁଅ ନିମନ୍ତେ ଏ କି ସମ୍ପତ୍ତି ଯେ ତୁମେ ଏଥିପାଇଁ ଯୁଦ୍ଧରେ ପ୍ରବୃତ୍ତ ହେଉଅଛ ?' ସେତେବେଳେ ଏମାନେ ଉତ୍ତର ଦେଲେ, 'ଏହି ପାଦୁକା ଆରୋହଣ କଲେ ମଣିଷ ଆକାଶଗାମୀ ହୋଇପାରିବ । ଏହି ଯଷ୍ଟିରେ ଯାହା ଲେଖାଯିବ ତାହା ସତ୍ୟରେ ପରିଣତ ହେବ ଏବଂ ଏହି ପାତ୍ରରେ ଯେଉଁ ଖାଦ୍ୟ ଧ୍ୟାନ କରାଯିବ ତାହା ମିଳିଯିବ ।' ଏହା ଶୁଣି ଚତୁର ପୁତ୍ରକ କହିଲେ, 'ତା ହେଲେ ଏଥିପାଇଁ ଯୁଦ୍ଧ କରିବା ଅନୁଚିତ । ଦୌଡ଼ ପ୍ରତିଯୋଗିତାରେ ଯେ ଅଧିକ ଶକ୍ତିଶାଳୀ ବିବେଚିତ ହେବ ତାଙ୍କୁ ଏହା ପ୍ରାପ୍ତ ହେବ ।' ସେହି ମୂର୍ଖମାନେ ଏହା ଗ୍ରହଣ କରେ ସମ୍ମତିପ୍ରକାଶ କରି ଦୌଡ଼ିବା ଆରମ୍ଭ କରିଦେଲେ । ଏଣେ ପୁତ୍ରକ ପାଦୁକା ଆରୋହଣ କରି ଯଷ୍ଟି ଓ ପାତ୍ର ସହ ଆକାଶମାର୍ଗରେ ପଳାୟନ କଲେ ।

Digitized by srujanika@gmail.com

କ୍ଷଣକାଳ ମଧ୍ୟରେ ସେ ବହୁଦୂର ପଥ ଅତିକ୍ରମ କରି ଆକର୍ଷିକା ନାମକ ଏକ ସୁନ୍ଦର ନଗରୀ ମଧ୍ୟରେ ଉପସ୍ଥିତ ହେଲେ । ବେଶ୍ୟାମାନେ ବଞ୍ଚକ (ଠକ), ବ୍ରାହ୍ମଣମାନେ ମୋହ ପିତାଙ୍କ ପରି ବନ୍ଧୁସ୍ଥାତକ ଓ ବୈଶ୍ୟମାନେ ଅର୍ଥଲୋଭୀ; ତା ହେଲେ କେଉଁଠାରେ ଆଶ୍ରୟ ଗ୍ରହଣ କରାଯାଇପାରେ ! ଏହିପରି ଚିନ୍ତା କରି କରି ସେ ଏକ ଭଗ୍ନକୁଟୀର ନିକଟରେ ପହଞ୍ଚିଲେ ଏବଂ ତା' ମଧ୍ୟରେ ଏକ ବୁଢ଼ୀ ବାସ କରୁଥିବା ଦେଖିବାକୁ ପାଇଲେ । ତାକୁ କିଛି ଧନ ପ୍ରଦାନପୂର୍ବକ ସନ୍ତୁଷ୍ଟ କରି ସେ ସେଠାରେ ଗୁପ୍ତଭାବରେ ବାସ କରିବାକୁ ଲାଗିଲେ ।

କିଛିଦିନ ପରେ ବୁଢ଼ୀ ଏହାଙ୍କ ଆଚରଣରେ ସନ୍ତୁଷ୍ଟ ହୋଇ କହିଲା, 'ପୁଅ, ମୋର ଏକମାତ୍ର ଚିନ୍ତା ଯେ ତୋର ଅନୁରୂପ କନ୍ୟା ପୃଥିବୀରେ ବିରଳ । କିନ୍ତୁ ଏ ରାଜ୍ୟର ରାଜାଙ୍କର ପାଟଳୀ ନାମରେ ଗୋଟିଏ କନ୍ୟା ଅଛି । ରାଜା ତାକୁ ଅନ୍ତଃପୁର ମଧ୍ୟରେ ବହୁମୂଲ୍ୟ ରତ୍ନତୁଲ୍ୟ ସୁରକ୍ଷା କରିଛନ୍ତି ।' ବୁଢ଼ୀର ବଚନ ଶ୍ରବଣ କରି ପୁତ୍ରକଙ୍କ ଶରୀରରେ କାମପୀଡ଼ା ଆରମ୍ଭ ହେଲା । 'ଏହି କନ୍ୟାକୁ ଆଜି ହିଁ ସାକ୍ଷାତ କରିବାକୁ ହେବ'— ଏହାଭାବି ସେ ଅର୍ଦ୍ଧରାତ୍ର ସମୟରେ ପାଦୁକା ଆରୋହଣ କରି ତା ନିକଟରେ ଉପସ୍ଥିତ ହେଲେ । ସମଗ୍ର ସଂସାରକୁ ଜୟ କରିବା ପରେ ଶ୍ରାନ୍ତ ହୋଇ ଶୟନ କରିଥିବା କନ୍ଦର୍ପପର୍ନ୍ନୀ ରତିତୁଲ୍ୟ ରାଜକୁମାରୀ ପାଟଳୀ ପ୍ରାସାଦ ମଧ୍ୟରେ ଏକାକିନୀ ଶୟନ କରିଥିବା ତାଙ୍କର ଦୃଷ୍ଟିଗୋଚର ହେଲା । ସେ ତାହାର ନିଦ୍ରାଭଙ୍ଗ କି ଉପାୟରେ କରିବେ—ଏହି ଚିନ୍ତାରେ ତାର ଶଯ୍ୟା ନିକଟରେ ଠିଆ ହୋଇଥିବା ବେଳେ ବାହାରେ ଦ୍ୱାରପାଳ ଗୋଟିଏ ସଂଗୀତ ଗାନ କରୁଥିବା ତାଙ୍କର କର୍ଣ୍ଣଗୋଚର ହେଲା ।

ଆଳସ୍ୟଜନିତ ଅର୍ଦ୍ଧ ମୁକୁଳିତ
ଚକ୍ଷୁ, ମଧୁର ହୁଂକୃତ—
କାମିନୀ ବାଳାର, ଏକାନ୍ତରେ ଯେଉଁ
ପୁରୁଷ ଚତୁର ମତ ।
ଆଲିଙ୍ଗନ କରି ନିଦ୍ରାଭଙ୍ଗ କରେ
ଜନମ ସଫଳ ତାର
ଦେଖିବାକୁ କାହିଁ ମିଳିବ ସଂସାରେ
ଏଡ଼େ ଭାଗ୍ୟବାନ ନର ।

Digitized by srujanika@gmail.com

ଏହା ଶୁଣି କମ୍ପିତ ହସ୍ତଯୁଗଳଦ୍ୱାରା ପୁତ୍ରକ ପାଟଳୀକୁ ନିବିଡ଼ ଆଲିଙ୍ଗନ ପାଶରେ ଆବଦ୍ଧ କଲେ; ଫଳରେ ରାଜକୁମାରୀର ନିଦ୍ରାଭଙ୍ଗ ହେଲା । ତାର ସମ୍ମୁଖରେ ଯୁବା ପୁତ୍ରକଙ୍କୁ ଦେଖି ସେ ଲଜ୍ଜା ଓ ବିସ୍ମୟରେ ଅଭିଭୂତ ହୋଇପଡ଼ିଲା । କିନ୍ତୁ ଉଭୟଙ୍କ କଥୋପକଥନଦ୍ୱାରା ପରସ୍ପରର ପରିଚୟ ଲାଭ କରିବା ପରେ ଗାନ୍ଧର୍ବ ରୀତିରେ ବିବାହ କରି ରାତ୍ରି ଯାପନ କଲେ । ରାତ୍ରିର ଅନ୍ତିମ ପ୍ରହରରେ ପୁତ୍ରକ ପରଦିନ ନିମିତ୍ତ ବିରହକାତରା ରାଜକନ୍ୟାଙ୍କୁ ସାନ୍ତ୍ୱନା ପ୍ରଦାନପୂର୍ବକ ବୃଦ୍ଧାର ଭଗ୍ନକୁଟୀର ମଧ୍ୟକୁ ପ୍ରତ୍ୟାବର୍ତ୍ତନ କଲେ । ପ୍ରତିଦିନ ସେ ରାଜକୁମାରୀ ନିକଟରେ ରାତ୍ରି ଯାପନ କରି ସୂର୍ଯ୍ୟ ଉଦୟ ପୂର୍ବରୁ ଫେରି ଆସନ୍ତି । ଏହିପରି କିଛିଦିନ ଅତିବାହିତ ହେଲା । ଦିନେ ପ୍ରହରୀଗଣ ରାଜକୁମାରୀଙ୍କର ଶରୀରରେ ଉପଭୋଗ-ଚିହ୍ନ ଲକ୍ଷ୍ୟକରି ରାଜାଙ୍କ ନିକଟରେ ପ୍ରକାଶ କଲେ । ରାଜା ମଧ୍ୟ ଏହି ଅଭିଯୋଗର ସତ୍ୟାସତ୍ୟ ପ୍ରମାଣ କରିବା ନିମନ୍ତେ ଏକ ନାରୀକୁ ଗୁପ୍ତଚରି ରୂପେ ନିଯୁକ୍ତ କଲେ । ସେହିଦିନ ରାତ୍ରିରେ ପୁତ୍ରକ ରାଜକୁମାରୀ ସହ ଶୟନ କରିଥିବା ସମୟରେ ସେ ତାଙ୍କର ବସ୍ତ୍ରରେ ଚିହ୍ନଟ ନିମନ୍ତେ କେତେ ବିନ୍ଦୁ ଅଳତା ଲଗାଇ ଦେଲା ଏବଂ ରାଜାଙ୍କୁ ଆସି ଏହି ବିଷୟ ଜ୍ଞାପନ କଲା । ପ୍ରାତଃକାଳରେ ରାଜା ଦୂତମାନଙ୍କ ସାହାଯ୍ୟରେ ଏହାଙ୍କୁ ଧରି ଆଣି ରାଜସଭାରେ ଉପସ୍ଥିତ କରାଇଲେ । କିନ୍ତୁ ପୁତ୍ରକ ରାଜାଙ୍କୁ କ୍ରୋଧାନ୍ୱିତ ଲକ୍ଷ୍ୟ କରି ପାଦୁକା ଆରୋହଣପୂର୍ବକ ରାଜକୁମାରୀଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ତାଙ୍କୁ ନିଜ କୋଳରେ ଧରି ଉଡ଼ିଗଲେ । ଏହିପରି କିଛି ଦୂର ଗଲାପରେ ଗଙ୍ଗାତଟରେ ଉଭୟେ ଅବତରଣପୂର୍ବକ ଉପରୋକ୍ତ ପାତ୍ରରୁ ବହୁବିଧ ଖାଦ୍ୟ ଭୋଜନ କରି ପରିତୃପ୍ତ ହେଲେ । ଏହାପରେ ପାଟଳୀର ଅନୁରୋଧରେ ପୁତ୍ରକ ସେହି ଆଶ୍ଚର୍ଯ୍ୟ ଉତ୍ପାଦକ ଯଷ୍ଟି ସାହାଯ୍ୟରେ ଚତୁରଙ୍ଗ ସେନା ସହ ଏକ ମହାନଗରୀର ନକ୍ସା ଭୂମି ଉପରେ ଅଙ୍କନ କଲେ । ଧୀରେଁ ଧୀରେଁ ଏହି ନକ୍ସାର ଅନୁରୂପ ଏକ ମହାନଗରୀ ସେଠାରେ ନିର୍ମିତ ହୋଇଗଲା । ପୁତ୍ରକ ସେଠାରେ ରାଜପଦରେ ଅଭିଷିକ୍ତ ହେଲେ ଏବଂ ଶ୍ୱଶୁରଙ୍କୁ ସନ୍ତୁଷ୍ଟ କରି ସସାଗରା ଧରାର ଏକାଙ୍ଗ ଚକ୍ରବର୍ତ୍ତୀ ପଦ ଲାଭ କଲେ । ଏହିପରି ଭାବରେ ପାଟଳିପୁତ୍ର ନଗରୀ ନିର୍ମିତ ହୋଇ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଲୀଳାସ୍ଥଳୀରେ ପରିଣତ ହୋଇଅଛି ।

'ହେ କାଣଭୂତି, ଏ ପ୍ରକାର ବିବରଣୀ ଶ୍ରବଣ କରି ଆମେ ବିସ୍ମୟାଭିଭୂତ ହୋଇପଡ଼ିଲୁ ।'

Digitized by srujanika@gmail.com

ଚତୁର୍ଥ ତରଙ୍ଗ

କଥା ଶ୍ରବଣରେ କାଣଭୂତଙ୍କ ଅତିଶୟ ଆଗ୍ରହ ଥିବା ଜାଣି ବରରୁଚି ପୁଣି ପ୍ରାସଙ୍ଗିକ ବିଷୟ ବର୍ଣ୍ଣନା କରିବା ନିମନ୍ତେ ଆରମ୍ଭ କଲେ ।

ଉପକୋଶାଙ୍କ କଥା

ଏହି ସମୟରେ ମୁଁ, ବ୍ୟାଡ଼ି ଓ ଇନ୍ଦ୍ରଦତ୍ତ ଶୈଶବରୁ ହିଁ ବର୍ଷଙ୍କଠାରୁ ସମସ୍ତ ବିଦ୍ୟା ଅଧ୍ୟୟନ କଲୁ । ଦିନେ ଆମେ ଇନ୍ଦ୍ରୋତ୍ସବ ଦର୍ଶନ କରିବା ନିମନ୍ତେ ବାହାରିଲୁ, ଏହି ଅବସରରେ କାମଦେବଙ୍କ ଶାୟକବିହୀନ ଅସ୍ତ୍ର ସଦୃଶ ଏକ ଯୁବତୀ ସହ ଆମମାନଙ୍କର ସାକ୍ଷାତ ହେଲା । ସେ ଉପବର୍ଷଙ୍କ କନ୍ୟା ଉପକୋଶା ବୋଲି ଇନ୍ଦ୍ରଦତ୍ତଙ୍କଠାରୁ ଶୁଣିବାକୁ ପାଇଲି । ସେହି ଯୁବତୀ ମଧ୍ୟ ନିଜର ପରିଚାରିକାଠାରୁ ମୋର ପରିଚୟ ଅବଗତ ହୋଇ ପ୍ରେମପୂର୍ଣ୍ଣ କଟାକ୍ଷପାତପୂର୍ବକ ପ୍ରତ୍ୟାବର୍ତ୍ତନ କଲା । ଉପକୋଶାଙ୍କ ଚନ୍ଦ୍ର ସଦୃଶ ମୁଖମଣ୍ଡଳ, ନୀଳକମଳ ତୁଲ୍ୟ ଚଳଚଳ ନୟନଯୁଗଳ, ମୃଣାଳସୁନ୍ଦର ବାହୁ, ଉଚ୍ଚ ସନ୍ନିବିଷ୍ଟ ସ୍ତନକୋରକ, ଶଙ୍ଖ ସୁନ୍ଦର କଣ୍ଠ ଓ ବିମ୍ବ ତୁଲ୍ୟ ରକ୍ତାଭ ଓଷ୍ଠଯୁଗଳ ମୋର ଶରୀରରେ କାମଜ୍ୱର ଜାଗ୍ରତ କଲା । ସେହି ଅନଙ୍ଗ ମଞ୍ଜରୀଙ୍କ ସୌନ୍ଦର୍ଯ୍ୟ ମନ୍ଦିରରେ ବନ୍ଦୀ ହୋଇ ଗୃହଲକ୍ଷ୍ମୀରୂପିଣୀ ଉପକୋଶାଙ୍କ ଚିନ୍ତାରେ ସମଗ୍ର ରଜନୀ ବିନିଦ୍ର ରହି ପ୍ରାତଃକାଳରେ ଯେତେବେଳେ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଲି ସେତେବେଳେ ସ୍ୱପ୍ନରେ ମୋର ସମ୍ମୁଖରେ ଜଣେ ଶୁଭ୍ରବସ୍ତ୍ରାବୃତା ନାରୀଙ୍କୁ ଦେଖିବାକୁ ପାଇଲି । ସେ ମୋତେ କହିଲେ, 'ଉପକୋଶା ତୁମର ପୂର୍ବଜନ୍ମର ପତ୍ନୀ । ସେ ଅନ୍ୟ କାହାରିକୁ ପତିରୂପରେ ବରଣ କରିବା ନିମନ୍ତେ ପ୍ରସ୍ତୁତା ନୁହେ । ତେଣୁ ହେ ବତ୍ସ ! ତୁମେ ସେ ସମ୍ପର୍କରେ ଚିନ୍ତିତ ହୁଅ ନାହିଁ । ମୁଁ ତୁମର ଶରୀରରେ ବାସ କରୁଥିବା ସରସ୍ୱତୀ । ତୁମର କଷ୍ଟ ସହ୍ୟ କରିବା ମୋ ପକ୍ଷରେ ସମ୍ଭବପର ନୁହେ ।' ଏହା କହି ସେ ଅନ୍ତର୍ହିତା ହେଲେ ।

ପରଦିନ ପ୍ରଭାତରୁ ଶଯ୍ୟାତ୍ୟାଗପୂର୍ବକ ମୁଁ ଉପକୋଶାଙ୍କ ଗୃହ ନିକଟରେ ଥିବା ଆମ୍ର ବାଟିକାରେ ଉପସ୍ଥିତ ହେଲି । କିଛିକ୍ଷଣ ପରେ

Digitized by srujanika@gmail.com

ଉପକୋଶାଙ୍କ ସଖୀ ଆସି ଉପକୋଶା କିପରି ମୋ ଚିନ୍ତାରେ ବ୍ୟସ୍ତା ଓ କନ୍ଦର୍ପପୀଡ଼ା ଜର୍ଜରିତା ତାହା ଜଣାଇଲା । ଏହା ଶୁଣି ମୋର ସନ୍ତାପ ବୃଦ୍ଧି ପ୍ରାପ୍ତ ହେଲା ଏବଂ ମୁଁ ତାଙ୍କୁ କହିଲି, 'ଗୁରୁଜନମାନଙ୍କ ବିନାନୁମତିରେ ଉପକୋଶାଙ୍କୁ ଗ୍ରହଣ କରିବା ମୋ ପକ୍ଷରେ ସମ୍ଭବପର ନୁହେ । ଅକୀର୍ତ୍ତି ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର । ତେଣୁ ତୁମେ ଯଦି କୌଣସି ଉପାୟରେ ଆମର ମିଳନ ସଙ୍ଘଟିତ କରାଇପାର, ତାହାହେଲେ ଉଭୟଙ୍କର ମଙ୍ଗଳ ସାଧିତ ହେବ ।' ଏହା ଶୁଣି ସଖୀ ଯାଇ ଉପକୋଶାଙ୍କ ଜନନୀଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ଜଣାଇଲା । ସେ ଉପବର୍ଷଙ୍କୁ ଏବଂ ଉପବର୍ଷ ନିଜର ଜ୍ୟେଷ୍ଠଭ୍ରାତା ବର୍ଷଙ୍କୁ ଏହା ଜ୍ଞାପନ କଲେ । ବର୍ଷ ଏଥିରେ ଆନନ୍ଦର ସହ ସମ୍ମତି ପ୍ରଦାନ କରିବାରୁ ଆମର ବିବାହ ତିଥି ନିର୍ଦ୍ଧାରିତ ହେଲା । ବର୍ଷଙ୍କ ଆଦେଶରେ ଇନ୍ଦ୍ରଦତ୍ତ ଯାଇ ମୋର ମାତାଙ୍କୁ ନେଇ ଆସିଲେ । ଆମେ ଦୁହେଁ ବିବାହ କରି ମାତାଙ୍କ ସହ ପାଟଳିପୁତ୍ରରେ ବାସ କରିବାକୁ ଲାଗିଲୁ ।

ପାଣିନିଙ୍କ କଥା

ଅଳ୍ପଦିନ ମଧ୍ୟରେ ଉପାଧ୍ୟାୟ ବର୍ଷଙ୍କର ଶିଷ୍ୟ ସଂଖ୍ୟା ଅଭୂତପୂର୍ବ ଭାବରେ ବୃଦ୍ଧି ପାଇବାକୁ ଲାଗିଲା । ଏହି ଶିଷ୍ୟମାନଙ୍କ ମଧ୍ୟରେ ପାଣିନି ନାମକ ଏକ ଶିଷ୍ୟ ନିତାନ୍ତ ବୁଦ୍ଧିହୀନ ଥିଲା । ସେ ଗୁରୁ ଗୃହରେ ବହୁଦିନ ଧରି ରହି ଦୁଃଖ ଲାଭ କରୁଥିବା ଦେଖି ଗୁରୁପତ୍ନୀ ତାଙ୍କୁ ବିଦ୍ୟାପ୍ରାପ୍ତି ନିମନ୍ତେ ହିମାଳୟରେ ତପସ୍ୟା କରିବାକୁ ପଠାଇ ଦେଲେ । ପାଣିନି ଅତ୍ୟନ୍ତ କଠୋର ତପସ୍ୟାଦ୍ୱାରା ଦେବଦେବ ମହାଦେବଙ୍କ ନିକଟରୁ ସମସ୍ତ ବିଦ୍ୟାର ମୁଖ ସ୍ୱରୂପ ନବ ବ୍ୟାକରଣ ଶିକ୍ଷାକରି ଫେରି ଆସିଲେ ଏବଂ ମୋତେ ବିଦ୍ୟା ବିବାଦ ନିମନ୍ତେ ଆହ୍ୱାନ କଲେ । ଫଳରେ ଶାସ୍ତ୍ରାର୍ଥ ଆରମ୍ଭ ହେଲା ଏବଂ ସାତ ଦିନ ଅତୀତ ହୋଇଗଲା । କିନ୍ତୁ ଅଷ୍ଟମ ଦିନରେ ପାଣିନି ମୋ ଦ୍ୱାରା ପରାସ୍ତ ହେଲେ । ଏହା ଦେଖି ସ୍ୱର୍ଗରୁ ମହାଦେବ ଭୟଙ୍କର ହୁଙ୍କାର କଲେ ଯାହାଦ୍ୱାରା ଆମେ ଶିକ୍ଷା କରିଥିବା ଐନ୍ଦ୍ର-ବ୍ୟାକରଣ ନଷ୍ଟ ହୋଇ-ଗଲା; ଆମେ ସମସ୍ତେ ପୁଣି ମୂର୍ଖ ହୋଇଗଲୁ । ଏଥିରେ ମୋର ଗଭୀର ବୈରାଗ୍ୟ ଜାତ ହେଲା । ତେଣୁ ମୁଁ ମୋର ବନ୍ଧୁ ହିରଣ୍ୟଗୁପ୍ତଙ୍କ ନିକଟରେ ପରିବାର ପରିଚାଳନା ନିମିତ୍ତ କିଛି ଅର୍ଥ ଗଚ୍ଛିତ ରଖିଦେଇ ଏବଂ ଏହା

Digitized by srujanika@gmail.com

ଉପକୋଶାଙ୍କୁ ଜଣାଇ ଦେଇ ମହାଦେବଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ହିମାଳୟକୁ ଚାଲିଗଲି ।

ତପସ୍ୟା ନିମନ୍ତେ ମୁଁ ପ୍ରସ୍ଥାନ କଲାପରେ ଉପକୋଶା ମଧ୍ୟ ମୋର କାମନାସିଦ୍ଧି ନିମିତ୍ତ ବ୍ରତ ଆଚରଣ କରି ପ୍ରତିଦିନ ଗଙ୍ଗାସ୍ନାନ କରନ୍ତି । ଥରେ ମୋର ବିରହଜନିତ ଦୁଃଖରେ ଦୁର୍ବଳ ଓ ପାଣ୍ଡୁର ଅତଏବ ପ୍ରତିପଦାର ଚନ୍ଦ୍ରତୁଲ୍ୟ ଦେଖା ଯାଉଥିବା ଉପକୋଶା ବସନ୍ତକାଳରେ ଗଙ୍ଗାସ୍ନାନ ନିମନ୍ତେ ଯାଉଥିଲେ । ପଥ ମଧ୍ୟରେ ରାଜପୁରୋହିତ, ନଗରପାଳ ଓ ମନ୍ତ୍ରୀପୁତ୍ର ତାଙ୍କୁ ଦେଖି କାମ ମୋହିତ ହୋଇପଡ଼ିଲେ । ଏହା ଜାଣିପାରି ଉପକୋଶା ସ୍ନାନ କରିବାରେ ବିଳମ୍ବ ଘଟାଇବା ପାଇଁ ବାଧ୍ୟ ହେଲେ । ସନ୍ଧ୍ୟା ସମୟରେ ସେ ଫେରି ଆସୁଥିବାବେଳେ ମନ୍ତ୍ରୀପୁତ୍ର ବଳପୂର୍ବକ ତାଙ୍କର ପଥରୁଦ୍ଧ କରି ଠିଆ ହେଲେ । କିନ୍ତୁ ଚତୁରା ଉପକୋଶା ତାଙ୍କୁ କହିଲେ, 'ଠିକ୍ ଅଛି । ତୁମେ ଯାହା ଚାହୁଁଛ, ମୁଁ ମଧ୍ୟ ତାହାହିଁ ଚାହୁଁଅଛି । କିନ୍ତୁ ମୁଁ ଉଚ୍ଚକୁଳସମ୍ଭୂତା ଓ ମୋର ପତି ବିଦେଶୀ । ଯଦି ଏପରି ଅବସ୍ଥାରେ ଆମକୁ ଏଠାରେ କିଏ ଦେଖେ ତା'ହେଲେ ଉଭୟଙ୍କର ଅମଙ୍ଗଳ ହେବ । ତେଣୁ ନଗରବାସୀ ବସନ୍ତ ଉତ୍ସବରେ ଉନ୍ମତ୍ତ ଥିବାବେଳେ ତୁମେ ରାତିର ପ୍ରଥମ ପ୍ରହରରେ ମୋର ବାସଭବନରେ ପଦାର୍ପଣ କର ।' ଏହି ପ୍ରକାର ପ୍ରତିଜ୍ଞାବଦ୍ଧ ହୋଇ ସେ କିଛି ଦୂର ଯିବାପରେ ରାଜପୁରୋହିତ ତାଙ୍କର ପଥରେ ଆସି ଠିଆ ହେଲେ । ଉପକୋଶା ତାଙ୍କୁ ମଧ୍ୟ ଅନୁରୂପ ବଚନବିନ୍ୟାସଦ୍ୱାରା ସନ୍ତୁଷ୍ଟ କରି ସେହି ରାତିର ଦ୍ୱିତୀୟ ପ୍ରହରରେ ତାଙ୍କୁ ଆସିବା ପାଇଁ ଅନୁରୋଧ ପୂର୍ବକ ଆଗକୁ ପାଦ ବଢ଼ାଇଲେ । କିନ୍ତୁ କିଛି ଦୂର ଅଗ୍ରସର ହେବା ପରେ ନଗରପାଳ (କୋଟୁଆଳ) ତାଙ୍କ ସମ୍ମୁଖରେ ଆସି ଉପସ୍ଥିତ ହେଲେ । ସେ ତାଙ୍କୁ ସେହିପରି ପୂର୍ବୋକ୍ତ ରଜନୀର ତୃତୀୟ ପ୍ରହରରେ ଆସିବା ନିମନ୍ତେ ନିମନ୍ତ୍ରଣ କରି ସ୍ୱଗୃହରେ ଆସି ଉପସ୍ଥିତ ହେଲେ ।

ଏହାପରେ ସେ ନିଜର ପରିଚାରିକାମାନଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇ ଭବିଷ୍ୟତ କର୍ତ୍ତବ୍ୟ ନିର୍ଦ୍ଧାରଣ କରିବାରେ ଲାଗିଲେ । ଏହି ଦୁଶ୍ଚିନ୍ତା ଓ ମୋର ସ୍ମୃତି ତାଙ୍କୁ ସାରା ରାତି ବିନିଦ୍ର ରଖିଲା । ପରଦିନ ପ୍ରଭାତରୁ ଉଠି ବ୍ରାହ୍ମଣଭୋଜନ ଓ ଦେବପୂଜା ନିମନ୍ତେ କିଛି ଅର୍ଥ ହିରଣ୍ୟଗୁପ୍ତଠାରୁ ଆଣିବା ନିମନ୍ତେ ସେ ଜଣେ

Digitized by srujanika@gmail.com

ପରିଗୃହିକାକୁ ପଠାଇଲେ । କିନ୍ତୁ ହିରଣ୍ୟଗୁପ୍ତ ଏକାନ୍ତରେ ଆସି ପ୍ରଣୟ ଭିକ୍ଷା କରି କହିଲା, 'ତୁମେ ଯଦି ମୋର ପ୍ରଣୟିନୀ ହେବ, ତେବେ ତୁମର ପତି ରଖିଯାଇ ଥିବା ସମସ୍ତ ଧନ ତୁମକୁ ପ୍ରଦାନ କରିବି ।' ଏହା ଶୁଣି ଏବଂ କୌଣସି ବଳିଷ୍ଠ ସାକ୍ଷ୍ୟ ନଥିବାରୁ ସେ ଦୁଃଖ ଓ କ୍ରୋଧକୁ ଗୋପନ କରି ଉକ୍ତ ଦିନ ରାତ୍ରିର ଚତୁର୍ଥ ପ୍ରହରରେ ଆସିବା ନିମନ୍ତେ ତାକୁ ନିମନ୍ତ୍ରଣ କଲେ । ଏହା ଶୁଣି ହିରଣ୍ୟଗୁପ୍ତ ହୃଷ୍ଟ ମନରେ ଫେରିଗଲା ।

ଏହାପରେ ଉପକୋଶା ଦାସୀମାନଙ୍କଦ୍ୱାରା ତୈଳ ଓ କଜ୍ଜଳ ମଗାଇ ସେଥିରେ କସ୍ତୁରୀ ପ୍ରଭୃତି ସୁବାସିତ ଦ୍ରବ୍ୟ ଯୋଗକରି ଏକ ପ୍ରଲେପ ପ୍ରସ୍ତୁତ କଲେ । ଗୁଡ଼ିଖଣ୍ଡ କୌପୀନକୁ କଳା ବୁଡ଼ାଇ ରଖିଲେ ଏବଂ ବାହାର ପଟେ ଅର୍ଗଳ ଥିବା ଏକ ବିଶାଳ ସିନ୍ଦୁକ ନିର୍ମାଣ କରାଇଲେ ।

କିଛିଦିନ ପରେ ବସନ୍ତ ଉତ୍ସବ ଉପଗତ ହେଲା । ଏହି ଦିନ ରାତ୍ରିର ପ୍ରଥମ ପ୍ରହରରେ ବିଭିନ୍ନ ଅଳଙ୍କାର ଓ ବେଶଭୂଷା ଧାରଣ କରି ସଚିବ କୁମାର (ମନ୍ତ୍ରୀପୁତ୍ର) ଆସି ଉପସ୍ଥିତ ହେଲେ । ତାହାଙ୍କୁ ଦେଖି ଉପକୋଶା କହିଲେ, 'ସ୍ନାନ କରି ନ ଆସିଲେ, ତୁମକୁ ମୁଁ ସ୍ପର୍ଶ କରିପାରିବି ନାହିଁ । ତେଣୁ ପ୍ରଥମେ ଭିତରକୁ ଯାଇ ସ୍ନାନ ଶେଷକର ।' ସେ ଏଥିରେ ସମ୍ମତ ହେବାରୁ ଦାସୀମାନେ ତାଙ୍କୁ ଅନ୍ଧକାରମୟ ସ୍ନାନାଗାରରେ ପ୍ରବେଶ କରାଇ ତାଙ୍କର ସମସ୍ତ ଅଳଙ୍କାର ଓ ଆବରଣ ବାହାର କରିଦେଇ ପୂର୍ବୋକ୍ତ କଜ୍ଜଳଲିପ୍ତ କୌପୀନ ପିନ୍ଧାଇ ଦେଲେ । ଅନ୍ଧକାର ମଧ୍ୟରେ କିଛି ଦେଖା ଯାଉ ନଥିବା ଯୋଗୁଁ ଦାସୀମାନେ ମର୍ଦ୍ଦନ ଛଳରେ ତାଙ୍କର ଆପାଦମସ୍ତକ ପୂର୍ବୋକ୍ତ ପ୍ରଲେପଦ୍ୱାରା ଲିପ୍ତ କଲେ । ସେମାନେ ଏହିପରି ମର୍ଦ୍ଦନ କରୁଥିବା ସମୟରେ ରାତ୍ରିର ଦ୍ୱିତୀୟ ପ୍ରହର ଉପସ୍ଥିତ ହେବାରୁ ରାଜ-ପୁରୋହିତ ଆସି ପ୍ରବେଶ କଲେ । ତାଙ୍କୁ ଦେଖି ଦାସୀମାନେ ସଚିବକୁମାରଙ୍କୁ କହିଲେ, 'ବରରୁଚିଙ୍କ ମିତ୍ର ରାଜପୁରୋହିତ ଆସିଗଲେ । ସେ ତୁମକୁ ଦେଖି ଦେଇପାରନ୍ତି । ତେଣୁ ତୁମେ ଏହିପରି ହିଁ ଯାଇ ସେହି ସିନ୍ଦୁକ ମଧ୍ୟରେ ଆତ୍ମଗୋପନ କର ।' ଏହା କହି ଅତି ବ୍ୟସ୍ତଭାବରେ ସେମାନେ ସେହି ସଚିବକୁମାରଙ୍କୁ ସିନ୍ଦୁକ ମଧ୍ୟରେ ପ୍ରବେଶ କରାଇ ବାହାରୁ ଅର୍ଗଳ ରୁଦ୍ଧ କରି ଦେଲେ । ତା'ପରେ ରାଜପୁରୋହିତଙ୍କୁ ମଧ୍ୟ ସେହିପରି ସ୍ନାନ କରାଇବା

Digitized by srujanika@gmail.com

ନିମନ୍ତେ ନେଇଯାଇ ତାଙ୍କୁ ସେହି କଜ୍ଜଳ ତୈଳେପରେ ଲିପ୍ତ କରୁଥିବା ସମୟରେ ରାତିର ତୃତୀୟ ପ୍ରହରରେ ନଗରପାଳ ଆସି ପହଞ୍ଚିଲେ । ଏହାଙ୍କୁ ଦେଖି ଦାସୀମାନେ ପୁରୋହିତଙ୍କୁ ସେହି ସିନ୍ଦୁକ ମଧ୍ୟରେ ଭର୍ତ୍ତିକରି ନଗରପାଳଙ୍କୁ ସ୍ନାନାଗାରକୁ ନେଇଗଲେ । କିନ୍ତୁ ଚତୁର୍ଥ ପ୍ରହରରେ ହିରଣ୍ୟଗୁପ୍ତ ଆସିଯିବାରୁ ନଗରପାଳ ମଧ୍ୟ ସେହି ଅବସ୍ଥାରେ ସିନ୍ଦୁକ ମଧ୍ୟରେ ପ୍ରବେଶ କଲେ । ସେହି ଗୋଟିଏ ସିନ୍ଦୁକ ମଧ୍ୟରେ ତିନିହେଁ ପରସ୍ପରକୁ ଲଗାଲଗି ହୋଇ ବସିଥିଲେ ମଧ୍ୟ କେହି କାହା ସହିତ ଭୟରେ କଥାବାର୍ତ୍ତା କରିପାରୁ ନଥାନ୍ତି ।

ହିରଣ୍ୟଗୁପ୍ତ ଆସି ଉପସ୍ଥିତ ହେବାରୁ ଉପକୋଶା ସ୍ନାନାଗାରର ଆଲୁଅ ଜଳାଇ ଦେଇ ତାଙ୍କୁ ସେଠାକୁ ନେଇଗଲେ । ସେଠାରେ ତାଙ୍କୁ ନିଜ ପତିଙ୍କର ସମସ୍ତ ସମ୍ପତ୍ତି ଫେରାଇ ଦେବା ନିମିତ୍ତ କହିବାରୁ ସେ ଗୃହକୁ ନିର୍ଜନ ଦେଖି କହିଲା, 'ମୁଁ କହୁଛି ପରା ତୁମ ପତିଙ୍କର ସମସ୍ତ ସମ୍ପତ୍ତି ତୁମକୁ ନିଶ୍ଚୟ ଫେରାଇ ଦେବି ।' ଏହା ଶୁଣି ଉପକୋଶା ସିନ୍ଦୁକକୁ ଶୁଣାଇ କହିଲେ, 'ହେ ଦେବତାଗଣ ! ହିରଣ୍ୟଗୁପ୍ତଙ୍କ ପ୍ରତିଶ୍ରୁତି ଶୁଣିଥାଅ ।' ଏହାପରେ ଆଲୁଅ ବନ୍ଦ କରି ସେ ତାଙ୍କୁ ଅନୁରୂପ ଭାବରେ ମର୍ଦ୍ଦନ କରି ସ୍ନାନ କରାଇବା ନିମନ୍ତେ ଦାସୀମାନଙ୍କୁ ଆଦେଶ ଦେଲେ । ସେମାନେ ହିରଣ୍ୟଗୁପ୍ତଙ୍କୁ ମର୍ଦ୍ଦନ କରୁ କରୁ ରାତି ଶେଷ ହେଲା । ତେଣୁ ତାଙ୍କୁ ସେଠାରୁ ଚଞ୍ଚଳ ଚାଲିଯିବା ନିମନ୍ତେ କହିବାରୁ ସେ ଯିବା ପାଇଁ ପଶ୍ଚାତ୍‌ପଦ ହୁଅନ୍ତେ, ଦାସୀମାନେ ତାଙ୍କୁ ଅର୍ଦ୍ଧଚନ୍ଦ୍ର ଦେଇ ବାହାର କରିଦେଲେ । ମୂର୍ଖ ହିରଣ୍ୟଗୁପ୍ତ ଉଲଗ୍ନାବସ୍ଥାରେ, କଜ୍ଜଳଲିପ୍ତ ଶରୀରରେ କୁକୁରମାନଙ୍କଦ୍ୱାରା ବ୍ୟତିବ୍ୟସ୍ତ ହୋଇ ନିଜ ଗୃହରେ ଯାଇ ପହଞ୍ଚିଲା ।

ଏଣେ ଉପକୋଶା ମଧ୍ୟ ପ୍ରଭାତରୁ ନିଜର ପରିଚାରିକା ସହ ରାଜା ନନ୍ଦଙ୍କ ପ୍ରାସାଦରେ ଯାଇ ଉପସ୍ଥିତ ହେଲେ । ସେ ହିରଣ୍ୟଗୁପ୍ତ ନାମରେ ଅଭିଯୋଗ କରି କହିଲେ, 'ମୋର ପତିଙ୍କର କେତେକ ସମ୍ପତ୍ତି ହିରଣ୍ୟଗୁପ୍ତଙ୍କ ନିକଟରେ ଗଚ୍ଛିତ ଅଛି ଏବଂ ସେ ତାଙ୍କୁ ଆତ୍ମସାତ୍ କରିବା ନିମନ୍ତେ ଚେଷ୍ଟା କରୁଛନ୍ତି ।' ରାଜା ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରିବା ସକାଶେ ହିରଣ୍ୟଗୁପ୍ତଙ୍କୁ ଡକାଇବାରୁ ସେ ସିଧାସଳଖ ତାଙ୍କ ନିକଟରେ କହି ନାହିଁ

Digitized by srujanika@gmail.com

ବୋଲି ମନା କରିଦେଲି । ଉପକୋଶା ଏହା ଶୁଣି ରାଜାଙ୍କୁ କହିଲେ, 'ମହାରାଜ ! ଏହାର ସାକ୍ଷୀ ମୋର ଗୃହଦେବତା, ଯାହାଙ୍କୁ ମୋର ପତି ସିନ୍ଦୁକ ମଧ୍ୟରେ ବନ୍ଦକରି ରଖି ଯାଇଛନ୍ତି ।' ଏହା ଶୁଣି ରାଜା ବିସ୍ମିତ ହୋଇ ସେହି ସିନ୍ଦୁକ ରାଜସଭାରେ ଉପସ୍ଥିତ କରାଇବା ନିମିତ୍ତ ଆଦେଶ ଦେଲେ ଏବଂ ଅଳ୍ପକ୍ଷଣ ମଧ୍ୟରେ ବହୁଲୋକ ମିଳି ତାକୁ ଆଣି ପହଞ୍ଚାଇଲେ । ସିନ୍ଦୁକକୁ ଲକ୍ଷ୍ୟ କରି ଉପକୋଶା ପଚାରିଲେ, 'ହେ ଦେବତାଗଣ ! ଏହି ବୈଶ୍ୟ ଯାହା କହିଥିଲା ତାହା ଏଠାରେ ପ୍ରକାଶ କରି ଗୃହକୁ ଫେରିଯାଆନ୍ତୁ । ଯଦି ଆପଣମାନେ ସତ୍ୟ ପ୍ରକାଶରେ ପଶ୍ଚାତ୍‌ପଦ ହୁଅନ୍ତି, ମୁଁ ସିନ୍ଦୁକ ସହ ଆପଣମାନଙ୍କୁ ଏଠାରେ ଭସ୍ମୀଭୂତ କରିବା ନିମନ୍ତେ ବାଧ୍ୟ ହେବି ନଚେତ୍ ସିନ୍ଦୁକ ଖୋଲି ଏଠାରେ ଆପଣମାନଙ୍କୁ ପରିଚିତ କରାଇଦେବି ।' ଏହା ଶୁଣି ସିନ୍ଦୁକ ମଧ୍ୟରେ ଥିବା ବ୍ୟକ୍ତିମାନେ ଭୟଭୀତ ହୋଇ କହିଲେ, 'ଏହା ନିଶ୍ଚିତ ! ଏହି ବୈଶ୍ୟ ଆମ ସମ୍ମୁଖରେ ଧନ ଗଚ୍ଛିତ ଥିବା କଥା ସ୍ୱୀକାର କରିଅଛି ।' ଏହା ଶୁଣି ହିରଣ୍ୟଗୁପ୍ତ ସତ୍ୟ ସ୍ୱୀକାର କରିବା ନିମନ୍ତେ ବାଧ୍ୟ ହେଲା ।

ଏହାପରେ ରାଜା ସିନ୍ଦୁକ ସମ୍ପର୍କରେ ଜାଣିବା ନିମନ୍ତେ ଅତିଶୟ ଆଗ୍ରହ ପ୍ରକାଶ କରନ୍ତେ ଉପକୋଶା ଅର୍ଗଳ ଉନ୍ମୁକ୍ତ କରି ତିନୋଟି ପୁରୁଷକୁ ବାହାର କରି ଆଣିଲେ । ରାଜା ଓ ସଭାସଦ୍‌ଗଣ ଅତି କଷ୍ଟରେ ସେମାନଙ୍କୁ ଚିହ୍ନିପାରି ଉପହାସ କରିବାକୁ ଲାଗିଲେ ଏବଂ ସମସ୍ତ ବୃତ୍ତାନ୍ତ ଶ୍ରବଣ କରି ଆନନ୍ଦିତ ହେଲେ । ସତୀସାଧ୍ୱୀ ନାରୀମାନଙ୍କର ଚରିତ୍ର ଅଚିନ୍ତ୍ୟମୟ କହି, ସମସ୍ତେ ଉପକୋଶାଙ୍କୁ ଧନ୍ୟ ଧନ୍ୟ କଲେ । ଏହି ତିନିଜଣ ପରଦାରାଭିଳାଷ ଦୋଷରୁ ନିଃସ୍ୱତ୍ତ୍ୱରେ ରାଜ୍ୟରୁ ବହିଷ୍କୃତ ହେଲେ । ରାଜା ଉପକୋଶାଙ୍କୁ 'ଭଗିନୀ' ବୋଲି ସମ୍ବୋଧନ କରି ବହୁ ଧନରତ୍ନ ସହ ବିଦାୟ ଦେଲେ । ବର୍ଷ, ଉପବର୍ଷ ଓ ରାଜ୍ୟବାସୀମାନେ ଏହା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ ଉପକୋଶାଙ୍କୁ ଶତମୁଖରେ ପ୍ରଶଂସା କରିବାକୁ ଲାଗିଲେ ।

ବରରୁଚିଙ୍କ ପ୍ରତ୍ୟାଗମନ

ଏହା ମଧ୍ୟରେ ମୁଁ ବରପ୍ରାପ୍ତି ନିମିତ୍ତ ମହାଦେବଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଅତି କଠୋର ତପସ୍ୟାରେ ନିମଗ୍ନ ହେଲି । ସେ ପ୍ରୀତ ହୋଇ

Digitized by srujanika@gmail.com

ମୋ ନିକଟରେ ପାଣିନୀୟ ବ୍ୟାକରଣ ପ୍ରକାଶ କଲେ ଏବଂ ଏହାଙ୍କର କୃପାରେ ମୁଁ ବାର୍ତ୍ତିକ ରଚନା କରି ଏହାକୁ ପୂର୍ଣ୍ଣାଙ୍ଗ କଲି । ତତ୍ପରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ମୁଁ ଉପକୋଶାଙ୍କ ଅପୂର୍ବ ବୃତ୍ତାନ୍ତ ଶୁଣିବାକୁ ପାଇଲି । ଏହାଙ୍କ ପ୍ରତି ମୋର ସ୍ନେହ ଓ ସମ୍ମାନ ବୃଦ୍ଧି ପାଇବାକୁ ଲାଗିଲା । ଗୁରୁ ବର୍ଷ ମୋଠାରୁ ଏହି ନବୀନ ବ୍ୟାକରଣ ଶ୍ରବଣ କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ କିନ୍ତୁ ପ୍ରଭୁ କାର୍ତ୍ତିକେୟଙ୍କ ଅନୁଗ୍ରହରୁ ତାହା ତାଙ୍କ ହୃଦୟରେ ତତ୍‌କ୍ଷଣାତ୍ ପ୍ରକାଶିତ ହୋଇଗଲା ।

ଏହାପରେ ବ୍ୟାଡ଼ି ଓ ଇନ୍ଦ୍ରଦତ୍ତ ଉପାଧ୍ୟାୟଙ୍କୁ ଗୁରୁଦକ୍ଷିଣା ନେବା ନିମନ୍ତେ ଅନୁରୋଧ କଲେ । ଏଥିରେ ସେ କହିଲେ ଯେ କୋଟିଏ ସ୍ୱର୍ଣ୍ଣମୁଦ୍ରା ମୋତେ ଦକ୍ଷିଣା ସ୍ୱରୂପ ତୁମେମାନେ ପ୍ରଦାନ କର । ଗୁରୁଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ସେମାନେ ଆସି ମୋତେ କହିଲେ, 'ଭାଇ ବରରୁଚି ! ଆସ, ରାଜା ନନ୍ଦଙ୍କ ନିକଟକୁ ଗୁରୁଦକ୍ଷିଣା ସକାଶେ ଧନ ପ୍ରାର୍ଥନା କରିବା ପାଇଁ ଯିବା । ବର୍ତ୍ତମାନ ସେ କେବଳ ଅନେଶ୍ୱତ କୋଟି ସ୍ୱର୍ଣ୍ଣମୁଦ୍ରାର ଅଧିକାରୀ । ତାଙ୍କ ବ୍ୟତୀତ ଅନ୍ୟ କାହାଠାରୁ ଏତେ ସ୍ୱର୍ଣ୍ଣମୁଦ୍ରା ଲାଭ କରିବା ସମ୍ଭବପର ନୁହେ । ପୁଣି କିଛି ଦିନ ପୂର୍ବେ ସେ ତୁମର ଧର୍ମପତ୍ନୀ ଉପକୋଶାଙ୍କୁ ଧର୍ମ-ଭଗିନୀ ରୂପେ ସ୍ୱୀକାର କରିଛନ୍ତି, ଫଳରେ ସେ ତୁମର ଧର୍ମତଃ ଶାଳକ । ତେଣୁ ତୁମେ ଗଲେ ଧନ ମିଳିବାରେ କୌଣସି କଷ୍ଟ ହେବନାହିଁ ।'

ଏହା ନିଷ୍ପତ୍ତି କରି ଆମେ ତିନିଜଣ ସହାଧ୍ୟାୟୀ ଅଯୋଧ୍ୟା ନିକଟବର୍ତ୍ତୀ ନନ୍ଦଙ୍କ ଶିବିର ପ୍ରତି ଅଗ୍ରସର ହେଲୁ । ଆମେ ସେଠାରେ ପହଞ୍ଚିବା ସମୟରେ ହିଁ ମହାରାଜ ନନ୍ଦଙ୍କର ଦେହାନ୍ତ ହୋଇ ଯାଇଥାଏ । ସମଗ୍ର ରାଜ୍ୟରେ ଦୁଃଖର ଗଭୀର ଛାୟା ଖେଳି ଯାଇଥାଏ । ଏହି ସମୟରେ ଯୋଗସିଦ୍ଧ ଇନ୍ଦ୍ରଦତ୍ତ ଆମ୍ଭମାନଙ୍କୁ କହିଲେ, 'ମୁଁ ପରକାୟ ପ୍ରବେଶ ସିଦ୍ଧି ବଳରେ ଏହି ମୃତରାଜାଙ୍କ ଶରୀର ମଧ୍ୟରେ ପ୍ରବେଶ କରୁଅଛି । ବରରୁଚି ଯାଚକ ହୋଇ ଆସିଲେ ମୁଁ ତାଙ୍କୁ ଇପ୍‌ସିତ ଅର୍ଥ ପ୍ରଦାନ କରି ପୁଣି ମୋର ନିଜ ଶରୀର ମଧ୍ୟକୁ ଫେରିଆସିବି । ସେହି ସମୟ ପର୍ଯ୍ୟନ୍ତ ବ୍ୟାଡ଼ି ମୋର ଶରୀରକୁ ରକ୍ଷା କରୁଥିବେ ।' ଏହା କହି ସେ ରାଜାଙ୍କ ଶବ ମଧ୍ୟରେ ପ୍ରବେଶ କଲେ । ରାଜାଙ୍କର ଶରୀରରେ ପୁଣି ଜୀବନ ସଂଚାର ହେବାରୁ ସମଗ୍ର ରାଜ୍ୟରେ

Digitized by srujanika@gmail.com

ଉତ୍ସବ ପାଳିତ ହେଲା । ଏକ ନିର୍ଜନ ଦେବ ମନ୍ଦିର ମଧ୍ୟରେ ବ୍ୟାଡ଼ି ଇନ୍ଦ୍ରଦତ୍ତଙ୍କ ଶରୀର ରକ୍ଷା କଲେ ଏବଂ ମୁଁ ଧନ ପ୍ରାର୍ଥନା କରିବା ନିମନ୍ତେ ରାଜ ଦରବାରକୁ ଗଲି । ରାଜ ଭବନକୁ ଯାଇ ମୁଁ କୋଟିଏ ସ୍ୱର୍ଣ୍ଣମୁଦ୍ରା ପ୍ରାର୍ଥନା କରିବାରୁ ଯୋଗନନ୍ଦ (ଯୋଗ ବଳରେ ଜୀବନ ଲାଭ କରିଥିବା ଯୋଗୁଁ ପୂର୍ବନନ୍ଦ ବା ସତ୍ୟନନ୍ଦ ସେହି କ୍ଷଣଠାରୁ ଯୋଗନନ୍ଦ ନାମରେ ପରିଚିତ ହୋଇଥିଲେ) ପ୍ରଧାନ ସଚିବ ଶକଟାଳଙ୍କୁ ଏହା ପ୍ରଦାନ କରିବା ନିମିତ୍ତ ଆଦେଶ ଦେଲେ । କିନ୍ତୁ ଶକଟାଳ ଅତି ଚତୁର ଥିବାରୁ ରାଜାଙ୍କର ହଠାତ୍ ଜୀବନ ଲାଭ ଏବଂ ସେହି ମୁହୂର୍ତ୍ତରେ ମୋ ଯାଚକର ଉପସ୍ଥିତିରୁ ସବୁ କଥା ବୋଧହୁଏ ବୁଝିପାରିଥିଲେ । ତେଣୁ 'ଦେଉଛି' କହି ସେ ଚିନ୍ତାକଲେ, 'ଯୁବରାଜ ବର୍ତ୍ତମାନ ଶିଶୁ, ରାଜ୍ୟର ଶତ୍ରୁ ବହୁତ । ତେଣୁ ଏହି ଛଦ୍ମବେଶୀ ରାଜାଙ୍କ ଶରୀରକୁ ବର୍ତ୍ତମାନ ରକ୍ଷା କରିବା ଏକାନ୍ତ ଆବଶ୍ୟକ ।' ଏହା ନିଶ୍ଚୟ କରି ସେ ରାଜ୍ୟରେ ଥିବା ସମସ୍ତ ଶବକୁ ସଙ୍ଗେ ସଙ୍ଗେ ଦାହ କରିବା ନିମନ୍ତେ ଆଦେଶ ଦେଲେ । ଫଳରେ ରାଜଦୂତମାନେ ଖୋଜି ଖୋଜି ରାଜ୍ୟର ସମସ୍ତ ଶବ ସତ୍କାର କରିବାକୁ ଲାଗିଲେ । ବ୍ୟାଡ଼ିଙ୍କଦ୍ୱାରା ସୁରକ୍ଷିତ ଇନ୍ଦ୍ରଦତ୍ତଙ୍କ ପ୍ରାଣହୀନ ଶରୀର ମଧ୍ୟ ଏଥିରୁ ବାଦ ପଡ଼ିଲା ନାହିଁ । ଏଣେ ରାଜା ଶୀଘ୍ର ଧନ ପ୍ରଦାନ କରିବା ନିମନ୍ତେ କହନ୍ତେ ଶକଟାଳ କହିଲେ ଯେ ରାଜକର୍ମଚାରୀମାନେ ଉତ୍ସବ ପାଳନ କରିବାରେ ବ୍ୟସ୍ତ, ତେଣୁ ଏ ଭିକ୍ଷୁକ କିଛିକାଳ ଅପେକ୍ଷା କଲେ ମୁଁ ପ୍ରଦାନ କରିବି ।

ଏହି ସମୟରେ ବ୍ୟାଡ଼ି ଆସି ରାଜାଙ୍କ ସମ୍ମୁଖରେ ରୋଦନ ଆରମ୍ଭ କରିଦେଲେ । ସେ କହିଲେ, 'ଆପଣଙ୍କ ଏହି ଉତ୍ସବ ସମୟରେ ଜଣେ ସମାଧିସ୍ଥିତ ବ୍ରାହ୍ମଣଙ୍କ ଶବକୁ ଅନାଥ ଶବ କହି ଦଗ୍ଧୀଭୂତ କରି ଦିଆଯାଇଛି ।' ଏହା ଶୁଣି ଯୋଗନନ୍ଦ ବିବ୍ରତ ହୋଇପଡ଼ିଲେ । କିନ୍ତୁ ଶକଟାଳ ବର୍ତ୍ତମାନ ନନ୍ଦଙ୍କ ଶରୀରରେ ଇନ୍ଦ୍ରଦତ୍ତଙ୍କ ଆତ୍ମା ଚିରସ୍ଥାୟୀ ଜାଣି ଆନନ୍ଦ ମନରେ ମୋତେ ଏକ କୋଟି ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କଲେ ।

ଏହାପରେ ଯୋଗନନ୍ଦ ଏକାନ୍ତରେ ଦୁଃଖର ସହିତ ବ୍ୟାଡ଼ିଙ୍କୁ କହିଲେ, 'ମୁଁ ବ୍ରାହ୍ମଣ ହୋଇ ମଧ୍ୟ ବର୍ତ୍ତମାନ ଶୂଦ୍ର ହୋଇଗଲି । ତେଣୁ ଏହି ସ୍ଥିର ରାଜ୍ୟଲକ୍ଷ୍ମୀରେ ମୋର ବା ଲାଭ କଣ ?' ଏହା ଶୁଣି ବ୍ୟାଡ଼ି ସାମୟିକ

Digitized by srujanika@gmail.com

ଆଶ୍ୱାସନା ପ୍ରଦାନପୂର୍ବକ ରାଜାଙ୍କୁ କହିଲେ, 'ଏହି ରହସ୍ୟ ଶକଟାଳ ଜାଣି ପାରିଛନ୍ତି । ତେଣୁ ସେ ସମ୍ପର୍କରେ ପ୍ରଥମେ ଚିନ୍ତା କରିବା ବିଧେୟ । ସେ ବର୍ତ୍ତମାନ ମହାମନ୍ତ୍ରୀ; ନିଜ ଇଚ୍ଛାରେ ତୁମକୁ ହତ୍ୟାକରି ପୂର୍ବନନ୍ଦଙ୍କ ପୁତ୍ର ଚନ୍ଦ୍ରଗୁପ୍ତଙ୍କୁ ରାଜା କରାଇବେ । ତେଣୁ ତୁମେ ବରରୁଚିଙ୍କୁ ନିଜର ପ୍ରଧାନ ସଚିବ ପଦ ପ୍ରଦାନ କର । ତାଙ୍କର ପ୍ରଖର ପ୍ରତିଭାଦ୍ୱାରା ତୁମର ରାଜ୍ୟ ସ୍ଥିର ଓ ନିରାପଦ ରହିବ ।' ଏହା କହି ବ୍ୟାଡ଼ି ଗୁରୁଦକ୍ଷିଣା ପ୍ରଦାନ କରିବା ନିମନ୍ତେ ଚାଲିଗଲେ ଏବଂ ମୁଁ ମହାମନ୍ତ୍ରୀ ପଦ ଲାଭକଲି ।

ମନ୍ତ୍ରୀପଦ ଗ୍ରହଣ କରିବା ପରେ ମୁଁ ରାଜାଙ୍କୁ କହିଲି, 'ବର୍ତ୍ତମାନ ତୁମର ବ୍ରହ୍ମତ୍ୱ ତ ଗଲା, କିନ୍ତୁ ଶକଟାଳ ଥିବା ଯାଏ ତୁମର ରାଜ୍ୟ ମଧ୍ୟ ସ୍ଥିର ନୁହେଁ । ତେଣୁ ନୀତିପୂର୍ଣ୍ଣଭାବରେ ତାଙ୍କୁ ହତ୍ୟା କରିବା ଉଚିତ ।' ମୋର କଥାରେ ସମ୍ମତ ହୋଇ ରାଜା ଯୋଗନନ୍ଦ ଜୀବିତ ବ୍ରାହ୍ମଣଙ୍କୁ ହତ୍ୟା କରିଥିବା ଦୋଷରେ ଅଭିଯୁକ୍ତ କରି ଶକଟାଳ ଓ ତାଙ୍କର ଶତପୁତ୍ରଙ୍କୁ ଏକ ଅନ୍ଧକାର କୂପ ମଧ୍ୟରେ ନିକ୍ଷେପ କଲେ । ଏକ ମାଟିପାତ୍ରରେ କିଛି ଛତୁଆ ଏବଂ ଅନ୍ୟ ଏକ ପାତ୍ରରେ କିଛି ଜଳ ପ୍ରତ୍ୟହ ଏମାନଙ୍କ ଖାଦ୍ୟରୂପେ ତା ମଧ୍ୟରେ ରଖି ଦିଆଯାଉଥିଲା । ଏହା ଦେଖି ଶକଟାଳ ପୁତ୍ରମାନଙ୍କୁ କହିଲେ, 'ଏହି ଖାଦ୍ୟ ସାମଗ୍ରୀଦ୍ୱାରା ଜଣକର ଜୀବନ ରଖିବା କଷ୍ଟକର । ତେଣୁ ଯୋଗ-ନନ୍ଦଙ୍କର ପ୍ରତିଶୋଧ ନେବା ଶକ୍ତି ଯାହାର ଅଛି, ସେ କେବଳ ଏହାକୁ ଖାଇ ଜୀବନଧାରଣ କରିବ ।' ଏହା ଶୁଣି ପୁତ୍ରମାନେ କହିଲେ, 'ଆପଣ ହିଁ ଏଥିପାଇଁ ଉପଯୁକ୍ତ । ଏଣୁ ଆପଣ ହିଁ ଏହାକୁ ଖାଇ ପ୍ରାଣରକ୍ଷା କରନ୍ତୁ ।' ପ୍ରକୃତରେ ମହାନ୍ ଲୋକଙ୍କ ପକ୍ଷରେ ଶତ୍ରୁର ପ୍ରତିଶୋଧ ନେବା ପ୍ରାଣ ଅପେକ୍ଷା ମଧ୍ୟ ପ୍ରିୟତର । ଏହା ନିଶ୍ଚିତ କରି ସେହି ସ୍ୱଳ୍ପ ଖାଦ୍ୟ ସାମଗ୍ରୀ ଦ୍ୱାରା କେବଳ ଶକଟାଳ ଜୀବନରକ୍ଷା କରିବାକୁ ଲାଗିଲେ । ତାଙ୍କ ସମ୍ମୁଖରେ ହିଁ କ୍ଷୁଧାତୁର ହୋଇ ଗୋଟି ଗୋଟି କରି ଶତପୁତ୍ର ପ୍ରାଣତ୍ୟାଗ କଲେ କିନ୍ତୁ ଏହି କଙ୍କାଳସ୍ତୂପ ମଧ୍ୟରେ କଠୋର ହୃଦୟ ଶକଟାଳ ଜୀବନଧାରଣ କରି ରହିବାକୁ ଲାଗିଲେ ।

କାଳକ୍ରମେ ଯୋଗନନ୍ଦ ରାଜ୍ୟରେ ପ୍ରତିଷ୍ଠିତ ହୋଇଗଲେ । ଏହି ସମୟରେ ବ୍ୟାଡ଼ି ମଧ୍ୟ ଗୁରୁଦକ୍ଷିଣା ପ୍ରଦାନ କରି ଫେରିଆସିଲେ ।

Digitized by srujanika@gmail.com

ଯୋଗନନ୍ଦଙ୍କୁ ଦେଖି ସେ କହିଲେ, 'ବନ୍ଧୁ ! ବର୍ତ୍ତମାନ ତୁମେ ଆନନ୍ଦରେ ରାଜ୍ୟଭୋଗ କର । ମୁଁ ଯାଉଛି କେଉଁଠି ତପଃସାଧନ କରିବି ।' ରାଜାଙ୍କର ଏତେ ଅନୁରୋଧ ସତ୍ତ୍ୱେ ସେ କହିଲେ, 'ହେ ରାଜନ୍ ! ଜୀବନ କ୍ଷଣିକ । ତେଣୁ କେଉଁ ବୁଦ୍ଧିମାନ ଏହି ଅନିତ୍ୟ ସୁଖଭୋଗ କରିବା ସକାଶେ ରହିବ ? ମରୁଭୂମିର ମୃଗତୃଷ୍ଣା କଦାଚିତ୍ ପଣ୍ଡିତମାନଙ୍କୁ ମୁଗ୍ଧ କରିପାରିବ ନାହିଁ ।' ଏହା କହି ସେ ତପଶ୍ଚରଣ ନିମନ୍ତେ ବିଦାୟ ନେଲେ ।

ବରରୁଚି କହିଲେ, 'ହେ କାଣଭୂତି ! ଏହାପରେ ସମସ୍ତ ସେନାବାହିନୀ ସହ ଯୋଗନନ୍ଦ ପ୍ରଧାନ ରାଜଧାନୀ ପାଟଳିପୁତ୍ରକୁ ପ୍ରତ୍ୟାବର୍ତ୍ତନ କରି ଆସିଲେ । ମୁଁ ମଧ୍ୟ ପାଟଳିପୁତ୍ରକୁ ଫେରିଆସି ଉପକୋଶା, ମାତା ଓ ଗୁରୁଜନଙ୍କ ସହ ଜୀବନ ଉପଭୋଗ କରିବାକୁ ଲାଗିଲି । ଗଙ୍ଗା ମୋର ତପସ୍ୟାରେ ପ୍ରୀତ ହୋଇ ପ୍ରତିଦିନ ମୋତେ ବହୁ ସୁବର୍ଣ୍ଣ ଦାନ କରୁଥିଲେ ଏବଂ ସରସ୍ୱତୀ ଶରୀର ମଧ୍ୟରେ ରହି ମୋର ସମସ୍ତ କାର୍ଯ୍ୟରେ ସର୍ବଦା ସ୍ୱୟଂ-ସମ୍ମତି ପ୍ରଦାନ କରୁଥିଲେ ।'

Digitized by srujanika@gmail.com

ପଞ୍ଚମ ତରଙ୍ଗ

ବରରୁଚଙ୍କ ବୈରାଗ୍ୟ

କିଛିଦିନ ମଧ୍ୟରେ ଯୋଗନନ୍ଦ କାମ କ୍ରୋଧ ପ୍ରଭୃତିର ବଶୀଭୂତ ହୋଇପଡ଼ିଲେ । ଉନ୍ମତ୍ତ ଗଜେନ୍ଦ୍ର ତୁଲ୍ୟ ସେ ଶାସନକାର୍ଯ୍ୟ କିଛି ବୁଝିଲେ ନାହିଁ । ସେତେବେଳେ ମୁଁ ଚିନ୍ତାକଲି ଯେ ରାଜା ତ ଅନିୟନ୍ତ୍ରିତ ଅବସ୍ଥାରେ । ତାଙ୍କର କାର୍ଯ୍ୟ ଚିନ୍ତାରେ ମୁଁ ମଧ୍ୟ କ୍ରମେ କ୍ରମେ ଭ୍ରଷ୍ଟ ହୋଇପଡ଼ନ୍ତି । ତେଣୁ ମୋର ସାହାଯ୍ୟ କରିବା ନିମିତ୍ତ ଶକଟାଳଙ୍କୁ ମୁକ୍ତିପ୍ରଦାନ କଲେ କ୍ଷତି କଣ ? ଯଦିବା ସେ ରାଜାଙ୍କର ବିରୁଦ୍ଧାଚରଣ କରିବ, ମୋର କଣ ଅନିଷ୍ଟ କରିବ ? ଏଣୁ ମୁଁ ପ୍ରାର୍ଥନା କରି ଶକଟାଳଙ୍କୁ ମୁକ୍ତି ଦେଲି । ସେ ମଧ୍ୟ ବରରୁଚିଙ୍କ ଉପସ୍ଥିତିରେ ରାଜାଙ୍କର ଅନିଷ୍ଟ କରିବା ଅସମ୍ଭବପର ବୁଝି ଦେଖି ବେତସଲତା ତୁଲ୍ୟ ନମ୍ର ନୀତିରେ କିଛିଦିନ ଅପେକ୍ଷା କରିବା ଉଚିତ ମନେ କରି ମୋର ସମ୍ମତିରେ ମନ୍ତ୍ରୀପଦ ଲାଭ କଲେ ।

ଦିନେ ରାଜା ଯୋଗନନ୍ଦ ନଗର ବାହାରକୁ ଭ୍ରମଣ କରିବା ନିମିତ୍ତ ଯାଇଥିଲେ । ପାଞ୍ଚଟି ଅଙ୍ଗୁଳି ମିଳିତ ହୋଇ ଗଙ୍ଗାନଦୀରେ ବୁଲୁଥିବା ଦେଖି ମୋତେ ଡାକି ସେ ଏହାର କାରଣ ଜିଜ୍ଞାସା କଲେ । ମୁଁ ମଧ୍ୟ ସେହି ଦିଗକୁ ଦୁଇଟି ଅଙ୍ଗୁଳି ପ୍ରଦର୍ଶନ କରିବାରୁ ତାହା ଅନ୍ତର୍ହିତ ହେଲା । ଏହା ଦେଖି ରାଜା ଏହାର ରହସ୍ୟ ପୁଣି ମୋତେ ଜିଜ୍ଞାସା କରିବାରୁ ମୁଁ କହିଲି, 'ପାଞ୍ଚଟି ଅଙ୍ଗୁଳି ପ୍ରଦର୍ଶନ କରି ଏହି ହାତ ସୂଚନା ଦେଉଥିଲା ଯେ ପାଞ୍ଚଜଣ ମିଳିତ ହେଲେ ଯେ କୌଣସି କର୍ମରେ ସିଦ୍ଧିଲାଭ କରାଯାଇପାରେ । ତେଣୁ ମୁଁ ଦୁଇଟି ଅଙ୍ଗୁଳି ପ୍ରଦର୍ଶନ କରିବାଦ୍ୱାରା ଜଣାଇ ଦେଲି ଯେ ଦୁଇଜଣ ଏକଚିତ୍ତ ହେଲେ ସଂସାରରେ ଅସାଧ୍ୟ କଣ ?'

Digitized by srujanika@gmail.com

ମୃତମତ୍ସ୍ୟର ହାସ୍ୟ

ଏହି ଗୂଢ଼ ରହସ୍ୟଟି ପ୍ରକାଶ କରିଦେବାରୁ ରାଜା ଯେତେ ପ୍ରସନ୍ନ ହେଲେ ଶକଟାଳ ମୋର ବୁଦ୍ଧି ଦୁର୍ଜୟ ମନେକରି ସେତେ ଦୁଃଖିତ ହେଲେ । ଦିନେ ରାଜା ଯୋଗନନ୍ଦ ଦେଖିଲେ ଯେ ଜଣେ ବ୍ରାହ୍ମଣ ଅତିଥି ଅନ୍ତଃପୁରସ୍ଥା ରାଣୀଙ୍କୁ ଗବାକ୍ଷ ମାର୍ଗରେ ଚାହିଁ ରହିଛନ୍ତି । ସେ ତାଙ୍କୁ ଦୁରାତ୍ମର ମନେକରି ହତ୍ୟା କରିବା ନିମନ୍ତେ ଆଦେଶ ଦେଲେ. କାରଣ ଅନେକ ସମୟରେ କ୍ରୋଧ ବିବେଚନା ଶକ୍ତିକୁ ନଷ୍ଟ କରିଦେଇଥାଏ । ରାଜାଙ୍କ ଆଜ୍ଞାନୁସାରେ ବ୍ରାହ୍ମଣ ଯେତେବେଳେ ବଧଭୂମିକୁ ନୀତ ହେଉଥିଲେ ସେତେବେଳେ ବଜାର ମଧ୍ୟରେ ରଖାଯାଇଥିବା ଗୋଟିଏ ମୃତମତ୍ସ୍ୟ ହସିବାକୁ ଲଗିଲା । ରାଜାଙ୍କ କାନରେ ଯେତେବେଳେ ଏହା ପଡ଼ିଥିଲା, ସେତେବେଳେ ସେ ଦଣ୍ଡାଦେଶ ସ୍ଥଗିତ ରଖି ମୋତେ ଡାକି ଏହାର କାରଣ ଜିଜ୍ଞାସା କଲେ । ମୁଁ 'ଚିନ୍ତାକରି କହିବି' ବୋଲି ଘରକୁ ଫେରିଆସିଲି । ସରସ୍ୱତୀଙ୍କୁ ଏକାନ୍ତରେ ଡାକିବାରୁ ସେ ମୋ ସମ୍ମୁଖରେ ଆସି ଉପସ୍ଥିତ ହେଲେ ଏବଂ ଏହାର କାରଣ ଜାଣିବା ନିମନ୍ତେ ମୋତେ ନିକଟସ୍ଥ ତାଳଗଛ ନିକଟରେ ଲୁଚି ରହିବାକୁ ଆଦେଶ ଦେଲେ । ଏହି ନିର୍ଦ୍ଦେଶକ୍ରମେ ରାତିରେ ମୁଁ ସେହି ତାଳଗଛ ଉପରେ ଯାଇ ବସି ରହିଲି । ରାତ୍ରିର ଦ୍ୱିତୀୟ ପ୍ରହରରେ ଶ୍ରେଷ୍ଠ ଶ୍ରେଷ୍ଠ ବାଳକଙ୍କ ସହ ଏକ ଉଗ୍ରଙ୍କରୀ ରାକ୍ଷସୀ ଆସି ସେଠାରେ ପହଞ୍ଚିଲା । ପିଲାମାନେ ଖାଇବା ନିମନ୍ତେ ଅଳି କରିବାରୁ ସେ କହିଲା, 'ଅପେକ୍ଷା କର, କାଲି ସକାଳେ ମୁଁ ତୁମମାନଙ୍କୁ ଗୋଟିଏ ବ୍ରାହ୍ମଣର ମାଂସ ଖାଇବାକୁ ଦେବି। ଆଜି ତାକୁ ହତ୍ୟା କରାଗଲା ନାହିଁ ।' ପିଲାମାନେ ପଚାରିଲେ, 'ଆଜି ତାକୁ ହତ୍ୟା କରାଗଲା ନାହିଁ କାହିଁକି ?' ରାକ୍ଷସୀ କହିଲା, 'କାରଣ ତାକୁ ବଧଭୂମିକୁ ନେବାବେଳେ ଗୋଟିଏ ମୃତମତ୍ସ୍ୟ ହସିବାକୁ ଲଗିଲା । ତେଣୁ ତାର ବଧ ଆଦେଶ ସ୍ଥଗିତ ରଖା ଯାଇଅଛି ।'

'ସେହି ମୃତମତ୍ସ୍ୟଟି କାହିଁକି ହସିଲା ?'

ଉତ୍ତରରେ ରାକ୍ଷସୀ କହିଲା, 'ରାଜାଙ୍କର ସମସ୍ତ ରାଣୀ ଭ୍ରଷ୍ଟା ହୋଇ ଯାଇଛନ୍ତି । ରାଜାଙ୍କର ଅନ୍ତଃପୁର ମଧ୍ୟରେ ବହୁ ପୁରୁଷ ନାରୀବେଶରେ ରହିଥିଲେ ସୁଦ୍ଧା ଏହି ବ୍ରାହ୍ମଣଟିକୁ ବିନା ଅପରାଧରେ ହତ୍ୟା କରାଯାଉଛି—

Digitized by srujanika@gmail.com

ଏହା ଭାବ ସେ ହସିଥିଲା । ରାଜାଙ୍କର ଏପରି ଅବିବେକତା ଦେଖି ମୃତମତ୍ସ୍ୟର ଅନ୍ତରରେ ମଧ୍ୟ ବିକାର ଜାତ ହୋଇଥିଲା ।'

ରାକ୍ଷସୀଠାରୁ ଏହା ଶୁଣି ମୁଁ ଧୀରେ ଧୀରେ ଚାଲିଆସି ପ୍ରଭାତରୁ ରାଜାଙ୍କୁ ଏହା ଜଣାଇଲି । ମୋର କଥା ଅନୁସାରେ ଅନ୍ତଃପୁରରେ ଅନୁସନ୍ଧାନ କରିବାରୁ ନାରୀବେଶଧାରୀ ବହୁ ପୁରୁଷଙ୍କର ସନ୍ଧାନ ମିଳିଲା । ସେହିଦିନଠାରୁ ରାଜା ମୋତେ ଯଥେଷ୍ଟ ସମ୍ମାନ ଦେବାକୁ ଲାଗିଲେ ଏବଂ ସେହି ବ୍ରାହ୍ମଣକୁ ମୁକ୍ତ ଦେଲେ ।

ରାଜାଙ୍କର ଏ ପ୍ରକାର ଅବ୍ୟବସ୍ଥା ଦେଖି ମୁଁ ସର୍ବଦା ଦୁଃଖ ଅନୁଭବ କରୁଥିଲି । ଏପରି ସମୟରେ ଜଣେ ନୂଆ ଚିତ୍ରକାର ଆସି ରାଜାଙ୍କ ନିକଟରେ ଉପସ୍ଥିତ ହେଲା । ସେ ଏକ ଚିତ୍ରପଟ ଉପରେ ମହାଦେବୀ ଓ ଯୋଗନନ୍ଦଙ୍କର ଜୀବନ୍ତ ଚିତ୍ର ଅଙ୍କନ କରିଥିଲା । ତାହା ଦେଖି ରାଜା ତାକୁ ବହୁ ଉପହାର ପ୍ରଦାନପୂର୍ବକ ଚିତ୍ରଟିକୁ ଶୟନକକ୍ଷରେ ନେଇ ଟାଙ୍ଗିଦେଲେ । ପରେ ଯେତେ-ବେଳେ ମୁଁ ରାଜାଙ୍କର ଶୟନକକ୍ଷକୁ ଯାଇଥିଲି ସେତେବେଳେ ମହା-ରାଣୀଙ୍କର ସମସ୍ତ ଲକ୍ଷଣ ଦେଖିଥିଲି । ଅନ୍ୟାନ୍ୟ ଲକ୍ଷଣ ଦେଖି ମୁଁ ମୋର ପ୍ରତିଭାବଳରେ ଜାଣିପାରିଲି ଯେ ତାଙ୍କର କଟିଦେଶରେ ଏକ ତିଳଚିହ୍ନ ରହିଛି । ତେଣୁ ମୁଁ ସେହି ଚିତ୍ରପଟରେ ଯଥାସ୍ଥାନରେ ଏକ ତିଳଚିହ୍ନ ଅଙ୍କିତ କରିଦେଇ ତାକୁ ପୂର୍ଣ୍ଣଲକ୍ଷଣଯୁକ୍ତ କରିଦେଲି । କିଛି ସମୟ ପରେ ରାଜା ସେହି କକ୍ଷରେ ପ୍ରବେଶ କଲେ । ସେହି ତିଳ ଚିହ୍ନଟିକୁ ଦେଖି ଦ୍ୱାରପାଳଠାରୁ ଏହା ମୋର କାମ ବୋଲି ଜାଣିପାରିଲେ । 'ମହାରାଣୀଙ୍କ ଗୁପ୍ତ ପ୍ରଦେଶରେ ଥିବା ଏହି ଚିହ୍ନ କଥା ତ ମୋ ବିନା ଦ୍ୱିତୀୟ ଲୋକ ଜାଣନ୍ତି ନାହିଁ, ବରରୁଚି ବା କିପରି ଜାଣିଲେ ? ଏଣୁ ସେ ନିଶ୍ଚୟ ଗୁପ୍ତଭାବରେ ମହାରାଣୀଙ୍କୁ ଭ୍ରଷ୍ଟା କରିଛନ୍ତି ଏବଂ ସେହି କାରଣରୁ ହିଁ ଅନ୍ତଃପୁରରେ ଥିବା ନାରୀବେଶଧାରୀ ପୁରୁଷମାନଙ୍କ ସନ୍ଧାନ ପାଇଛନ୍ତି ।' ଏହା ବିଚାର କରି ସେ କ୍ରୋଧରେ ଜଳିବାକୁ ଲାଗିଲେ । ଶକଟାଳଙ୍କୁ ନିଭୃତରେ ଡାକି ଆଦେଶ ଦେଲେ, 'ବରରୁଚି ମହାରାଣୀଙ୍କ ସତୀତ୍ୱ ନଷ୍ଟ କରିଛନ୍ତି, ତେଣୁ ତାଙ୍କୁ ଗୁପ୍ତରେ ହତ୍ୟା କର ।' 'ଆପଣଙ୍କର ଯେପରି ଇଚ୍ଛା' କହି ଶକଟାଳ ଗୃହକୁ ପ୍ରତ୍ୟାବର୍ତ୍ତନ କରି ଚିନ୍ତା କରିବାକୁ ଲାଗିଲେ ଯେ ବରରୁଚିଙ୍କୁ ମାରିବାର ଶକ୍ତି ମୋର ନାହିଁ । ଏହାଙ୍କର ବୁଦ୍ଧି

Digitized by srujanika@gmail.com

ପ୍ରଭାବ ଅଲୌକିକ । ସେ ମୋତେ ମୃତ୍ୟୁମୁଖରୁ ଉଦ୍ଧାର କରିଛନ୍ତି । ପୁଣି ସେ ବ୍ରାହ୍ମଣ । ତେଣୁ ବର୍ତ୍ତମାନ ତାଙ୍କୁ ହତ୍ୟା ନକରି ଗୁପ୍ତଭାବରେ ରକ୍ଷା କରିବା ମୋର କର୍ତ୍ତବ୍ୟ ।' ଏହିପରି ଚିନ୍ତା କରି ସେ ରାଜାଙ୍କର କ୍ରୋଧ ଓ ବଧାଦେଶ ମୋ ନିକଟରେ ପ୍ରକାଶ କରି କହିଲେ, 'ମୁଁ ଅନ୍ୟ କାହାରିକୁ ହତ୍ୟାକରି ତୁମକୁ ହତ୍ୟା କରାଗଲା ବୋଲି ଘୋଷଣା କରିଦେବି । ତୁମେ ମୋର ଗୃହ ମଧ୍ୟରେ ରହ ଏବଂ କ୍ରୋଧୀ ରାଜାଠାରୁ ମୋତେ ରକ୍ଷାକର ।' ଏହା ଶୁଣି ମୁଁ ତାଙ୍କ ଘରେ ଗୁପ୍ତଭାବରେ ରହିଲି ଏବଂ ସେ ଅନ୍ୟ କାହାରିକୁ ନେଇ ରାତିରେ ହତ୍ୟାକରି ମୋତେ ହତ୍ୟା କରାଗଲା ବୋ'ଲି ପ୍ରଚାର କଲେ ।

ଏ ପ୍ରକାର ନୀତି ପ୍ରୟୋଗ କରିଥିବା ଶକଟାଳଙ୍କୁ ମୁଁ ଦିନେ ପ୍ରେମ-ପୂର୍ଣ୍ଣଭାବରେ କହିଲି, 'ତୁମେ ଜଣେ ମନ୍ତ୍ରୀ ହୋଇ ମଧ୍ୟ ମୋର ମୃତ୍ୟୁ କାମନା କରିନାହଁ । ମୋତେ ମଧ୍ୟ ସହଜରେ ହତ୍ୟା କରାଯାଇ ପାରିବ ନାହିଁ; କାରଣ ମୋର ଗୋଟିଏ ରାକ୍ଷସ ମିତ୍ର ଅଛି । ତାକୁ ସ୍ମରଣ କରିବା ମାତ୍ରେ ସେ ଆସି ଉପସ୍ଥିତ ହେବ ଏବଂ ମୋର ଆଜ୍ଞାରେ ସମଗ୍ର ପୃଥିବୀକୁ ମୁହୂର୍ତ୍ତକ ମଧ୍ୟରେ ଗ୍ରାସ କରି ଦେଇପାରିବ । କିନ୍ତୁ ରାଜା ଯୋଗନନ୍ଦ ମୋର ପୂର୍ବ ମିତ୍ର ଇନ୍ଦ୍ରଦତ୍ତ ନାମକ ବ୍ରାହ୍ମଣ । ଏଣୁ ସେ ମୋର ବଧ୍ୟ ନୁହନ୍ତି ।' ଏହା ଶୁଣି ଶକଟାଳ ସେହି ରାକ୍ଷସକୁ ଦେଖାଇବା ନିମନ୍ତେ ମୋତେ ଅନୁରୋଧ କଲେ । ମୁଁ ସ୍ମରଣ କରିବା ମାତ୍ରେ ଉକ୍ତ ରାକ୍ଷସ ଆସି ଉପସ୍ଥିତ ହେଲା । ତାକୁ ଦେଖି ଶକଟାଳ ଆଶ୍ଚର୍ଯ୍ୟ ଓ ଭୟଭୀତ ହୋଇପଡ଼ିଲେ ।

ସୁନ୍ଦରୀ କିଏ ?

ସେହି ରାକ୍ଷସ ଅନ୍ତର୍ହିତ ହେବା ପରେ ଶକଟାଳ ମୋତେ ପଚାରିଲେ, 'ସେ ରାକ୍ଷସ ସହ ତୁମର କିପରି ମିତ୍ରତା ହେଲା, ଦୟାକରି ପ୍ରକାଶ କରନ୍ତୁ ।'

ଏହାର ଉତ୍ତରରେ ମୁଁ କହିଲି, 'କିଛିଦିନ ପୂର୍ବେ ରାତିରେ ପହରା ଦେଉଥିବା ନଗର ରକ୍ଷକମାନଙ୍କ ମଧ୍ୟରୁ ପ୍ରତ୍ୟହ ଜଣେ ଜଣେ ମୃତ୍ୟୁମୁଖରେ ପତିତ ହେଉଥାଆନ୍ତି । ଏହା ଶୁଣି ଯୋଗନନ୍ଦ ବିବ୍ରତ ହୋଇପଡ଼ିଲେ ଏବଂ ଗୋଟିଏ ରଜନୀରେ ମୋତେ ନଗର ରକ୍ଷକର କର୍ମ ସମ୍ପାଦନ କରିବା

Digitized by srujanika@gmail.com

ନିମନ୍ତେ ଅନୁରୋଧ କଲେ । ତାଙ୍କର କଥା ରକ୍ଷାକରି ସେହିଦିନ ରାତ୍ରରେ ମୁଁ ନଗର ମଧ୍ୟରେ ଭ୍ରମଣ କରୁ କରୁ ଗୋଟିଏ ବୁଦ୍ଧିମାନ୍ ରାକ୍ଷସର ସମ୍ମୁଖୀନ ହେଲି । ସେ ମୋତେ ଦେଖି 'ଏ ନଗରୀର ସର୍ବଶ୍ରେଷ୍ଠ ସୁନ୍ଦରୀ କିଏ' ବୋଲି ପ୍ରଶ୍ନକଲା । ମୁଁ କହିଲି, 'ହେ ମୂର୍ଖ, ଯେ ଯା'ର ମନକୁ ପାଇଲା, ସେ ସ୍ତ୍ରୀ ତା ପକ୍ଷରେ ଅପୂର୍ବ ସୁନ୍ଦରୀ ।' ଏହା ଶୁଣି ସେ ପ୍ରସନ୍ନଚିତ୍ତରେ ମୋତେ କହିଲା, 'ତୁମ ଉପରେ ସନ୍ତୁଷ୍ଟ ହେଲି । ଆଜିଠାରୁ ତୁମେ ମୋର ମିତ୍ର ହେଲ । ତୁମେ ଯେତେବେଳେ ମୋତେ ସ୍ମରଣ କରିବ, ମୁଁ ଆସି ଉପସ୍ଥିତ ହେବି ।' ଏହା କହି ସେ ଅନ୍ତର୍ହିତ ହେବାପରେ ମୁଁ ମଧ୍ୟ ଫେରିଆସିଲି । ଏହିପରି ଭାବରେ ଏହି ରାକ୍ଷସ ସହ ମୋର ମିତ୍ରତା ହୋଇଥିଲା । ଏହାପରେ ଶକଟାଳଙ୍କଦ୍ୱାରା ପୁଣି ଅନୁରୁଦ୍ଧ ହୋଇ ମୁଁ ତାଙ୍କୁ ମୂର୍ତ୍ତିମତୀ ଗଙ୍ଗାଙ୍କୁ ଦେଖାଇଲି । ଏହିସବୁ ଅଲୌକିକ କଥା ଦେଖି ଶକଟାଳ ମୋତେ ପ୍ରଣାମ କରି ମୋର ସହାୟକ ଓ ଭକ୍ତ ହୋଇପଡ଼ିଲେ ।

ଥରେ ଶକଟାଳ ମୋତେ ଦୁଃଖିତ ଥିବା ଦେଖି କହିଲେ, 'ତୁମେ କାହିଁକି ଦୁଃଖ କରୁଛ ? ତୁମେ କଣ ଜାଣିନାହିଁ ରାଜାମାନେ 'ଅସ୍ଥିରବୁଦ୍ଧି' ବୋଲି । ତୁମକୁ ଏ ସମ୍ପର୍କରେ ଗୋଟିଏ କଥା କହୁଅଛି, ଶୁଣ—

ରାଜା ଆଦିତ୍ୟବର୍ମା ଓ ମନ୍ତ୍ରୀ ଶିବବର୍ମା କଥା

ପୂର୍ବକାଳରେ ଆଦିତ୍ୟବର୍ମା ନାମରେ ଜଣେ ରାଜା ଥିଲେ । ଶିବବର୍ମା ତାଙ୍କର ଜଣେ ଅତି ବୁଦ୍ଧିମାନ୍ ମନ୍ତ୍ରୀ । ଥରେ ରାଜା ମହାରାଣୀଙ୍କୁ ଗର୍ଭବତୀ ଦେଖି ରକ୍ଷକମାନଙ୍କୁ ପଚାରିଲେ, 'ମୁଁ ଦୁଇବର୍ଷ ହେଲା ଅନ୍ତଃପୁର ମଧ୍ୟରେ ପ୍ରବେଶ କରିନାହିଁ, ରାଣୀ ଗର୍ଭବତୀ ହେଲେ କିପରି ?' ଏହା ଶୁଣି ରକ୍ଷକମାନେ କହିଲେ, 'ମହାରାଜ, ଏହା ମଧ୍ୟରେ ପ୍ରବେଶ କରିବା କୌଣସି ପୁରୁଷ ପକ୍ଷରେ ସମ୍ଭବପର ନୁହେ । କିନ୍ତୁ ଆପଣଙ୍କ ମନ୍ତ୍ରୀ ଶିବବର୍ମା କେବଳ ଆମର ମନା ନ ମାନି ଭିତରକୁ ଯିବା ଆସିବା କରନ୍ତି ।' ଏହା ଶୁଣି ରାଜା ମନେ ମନେ ଚିନ୍ତାକଲେ ଯେ ଶିବବର୍ମା ହିଁ ଏ କୁକର୍ମ କରିଅଛନ୍ତି କିନ୍ତୁ ପ୍ରକାଶ୍ୟଭାବରେ ହତ୍ୟା କଲେ ନିଜର ହିଁ ଅପଯଶ ହେବ ଭାବି ସେ ଶିବବର୍ମାଙ୍କୁ ତାଙ୍କ ମିତ୍ର ଓ ସାମନ୍ତ ରାଜା ଭୋଗବର୍ମାଙ୍କ ନିକଟକୁ ପ୍ରେରଣ କଲେ । ସେ ଚାଲିଯିବା ପରେ ରାଜା ଗୁପ୍ତରେ ତାଙ୍କୁ ବଧ କରିବା ନିମନ୍ତେ

Digitized by srujanika@gmail.com

ଖଣ୍ଡିଏ ପତ୍ର ଗୁପ୍ତଚରଦ୍ୱାରା ଭୋଗବର୍ମାଙ୍କ ନିକଟକୁ ପଠାଇଲେ । ମନ୍ତ୍ରୀ ରାଜ୍ୟ ତ୍ୟାଗ କରିବାର ଏକ ସପ୍ତାହ ମଧ୍ୟରେ ହିଁ ମହାରାଣୀ ଉପରେ ଅନ୍ତଃପୁର ପରିତ୍ୟାଗ କରି ଗୃହକୁ ଯାଉଥିବା ଅବସ୍ଥାରେ ଜଣେ ନାରୀବେଶୀ ପୁରୁଷ ସହ ଧୃତା ହେଲେ । ଏହା ଦେଖି ନିରପରାଧ ଗୁଣବାନ୍ ମନ୍ତ୍ରୀଙ୍କୁ କପଟରେ ହତ୍ୟା କରାଇଥିବାରୁ ଆଦିତ୍ୟ ବର୍ମାଙ୍କର ଅନୁତାପ ଜାତ ହେଲା ।

ଏ ମଧ୍ୟରେ ଶିବବର୍ମା ଯାଇ ଭୋଗବର୍ମାଙ୍କ ନିକଟରେ ଉପସ୍ଥିତ ହୋଇଛନ୍ତି । ରାଜା ଭୋଗବର୍ମା ଗୁପ୍ତରେ ମୃତ୍ୟୁଦଣ୍ଡ କଥା ତାଙ୍କୁ ଶୁଣାଇ ଦେଲେ । ଶିବବର୍ମା ଏହା ଶୁଣି କହିଲେ, 'ରାଜାଙ୍କ ଆଦେଶ ଆପଣ ପାଳନ ନକଲେ, ମୁଁ ନିଜେ ଆତ୍ମହତ୍ୟା କରି ପ୍ରାଣତ୍ୟାଗ କରିବି ।' ଏହି ରହସ୍ୟ ଜ୍ଞାତ ହେବା ନିମନ୍ତେ ରାଜା ଆଗ୍ରହ ପ୍ରକାଶ କରିବାରୁ ଶିବବର୍ମା କହିଲେ, 'ମୁଁ ଯେଉଁ ଦେଶରେ ପ୍ରାଣତ୍ୟାଗ କରିବି, ସେହି ଦେଶରେ ବାରବର୍ଷ ପର୍ଯ୍ୟନ୍ତ ଦୁର୍ଭିକ୍ଷ ପଡ଼ିବ ।' ଏହା ଶୁଣି ରାଜା ଭୋଗବର୍ମା ବିସ୍ମିତ ହୋଇ ସ୍ୱୀୟ ମନ୍ତ୍ରୀମାନଙ୍କ ସହ ବିଚାର କଲେ ଯେ ଆଦିତ୍ୟବର୍ମା ନିଶ୍ଚିତଭାବରେ ଦୁଷ୍ଟବୁଦ୍ଧି । ସେ ଆମ ଦେଶର ଅନିଷ୍ଟ ଚାହୁଁଛନ୍ତି । ଏହାଙ୍କର କଣ କେହି ଗୁପ୍ତଘାତକ ନାହାନ୍ତି ଯେ ଶିବବର୍ମାଙ୍କୁ ଆମ ଦେଶକୁ ପଠାଇଦେଲେ । ତେଣୁ ଏହି ମନ୍ତ୍ରୀଙ୍କୁ ହତ୍ୟା କରିବା ଅନୁଚିତ । ସେ ଯଦି ଆତ୍ମହତ୍ୟା କରନ୍ତି ତା' ହେଲେ ଭିନ୍ନ କଥା, କିନ୍ତୁ ଏଠାରେ ତାଙ୍କୁ ହତ୍ୟା କରାଯାଇପାରିବ ନାହିଁ ।

ଏପରି ଭାବରେ ଶିବବର୍ମା ନିଜର ବୁଦ୍ଧିବଳରେ ଆତ୍ମରକ୍ଷା କରି ଫେରିଆସିଲେ ଏବଂ ଅନ୍ୟ ରୂପରେ ତାଙ୍କର ନିର୍ଦ୍ଦୋଷତା ପ୍ରମାଣିତ ହୋଇଯାଇଥିଲା । ଧର୍ମ କେବେହେଲେ ପରାଜିତ ହୁଏ ନାହିଁ, ଏହା ସର୍ବଦା ଧାର୍ମିକର ସହାୟତା କରିଥାଏ । ତେଣୁ ହେ କାତ୍ୟାୟନ ! ତୁମେ ମଧ୍ୟ ଦୁଃଖ କରିବା ଅନୁଚିତ । ଧନେ ତୁମର ନିର୍ଦ୍ଦୋଷତାର ପରିଚୟ ଲାଭକରି ରାଜା ନିଶ୍ଚିତଭାବରେ ଅନୁତପ୍ତ ହେବେ ।

ଶକଟାଳଙ୍କ ଏ କଥା ଶୁଣି ମୁଁ ତାଙ୍କ ଗୃହ ମଧ୍ୟରେ ଗୁପ୍ତରେ ରହି ଅବସରର ପ୍ରତୀକ୍ଷା କରିବାକୁ ଲାଗିଲି ।

Digitized by srujanika@gmail.com

ମିତ୍ରଦ୍ରୋହର ଫଳ

ଥରେ ଏହି ଯୋଗନନ୍ଦଙ୍କ ପୁତ୍ର ହିରଣ୍ୟଗୁପ୍ତ ଶିକାର କରିବା ନିମିତ୍ତ ଅରଣ୍ୟ ମଧ୍ୟକୁ ଯାଇଥିଲେ । ଦ୍ରୁତଗାମୀ ଅଶ୍ୱପୃଷ୍ଠରେ ଆରୋହଣ କରି ସେ ବହୁଦୂର ଅତିକ୍ରମ କରିଗଲେ । ଏକାକୀ ଭ୍ରମଣ କରୁ କରୁ ସୂର୍ଯ୍ୟ ଅସ୍ତାଚଳକୁ ଆଶ୍ରୟ କଲେ, ସନ୍ଧ୍ୟା ହୋଇଗଲା । ରାଜପୁତ୍ର ରାତି ଯାପନ କରିବା ନିମନ୍ତେ ଏକ ବିଶାଳ ବୃକ୍ଷ ଉପରକୁ ଉଠିଗଲେ । କିଛି ସମୟ ପରେ ସିଂହର କବଳରୁ ରକ୍ଷା ପାଇବା ନିମନ୍ତେ ଗୋଟିଏ ଭଲ୍ଲୁକ ମଧ୍ୟ ଏହି ବୃକ୍ଷ ଉପରେ ଆରୋହଣ କଲା । ସେ ରାଜପୁତ୍ରଙ୍କୁ ଭୟଭୀତ ହେବାର ଦେଖି ମନୁଷ୍ୟ ସ୍ୱରରେ କହିଲା, 'ହେ ରାଜପୁତ୍ର, ତୁମେ ମୋର ମିତ୍ର । ତେଣୁ ଡରିବାର କିଛି ନାହିଁ । ମୁଁ ତୁମର କୌଣସି ଅନିଷ୍ଟ କରିବି ନାହିଁ ।' ଏହା କହି ରାଜପୁତ୍ରଙ୍କୁ ନିର୍ଭୟ କରିଦେବାରୁ ସେ ଶୋଇଗଲେ ଏବଂ ଭାଲୁଟି ସେଠାରେ ତାଙ୍କ ଜଗି ରହିଲା । ଏହି ଅବସରରେ ବୃକ୍ଷର ନିମ୍ନ ଦେଶରୁ ସିଂହ କହିଲା, 'ହେ ଋକ୍ଷ, ତାକୁ ବୃକ୍ଷରୁ ତଳକୁ ନିକ୍ଷେପ କର । ମୁଁ ତାକୁ ନେଇ ଚାଲିଯିବି ।' ଏହାର ଉତ୍ତରରେ ଭଲ୍ଲୁକ କହିଲା, 'ରେ ପାପୀ, ଏ ମୋର ମିତ୍ର । ମିତ୍ରଦ୍ରୋହ ମୋ ପକ୍ଷରେ ଅସମ୍ଭବ ।' କିଛି ସମୟ ପରେ ରାଜପୁତ୍ର ଚେଇଁ ରହିଲେ ଏବଂ ଭଲ୍ଲୁକ ନିଦ୍ରାଗଲା । ତାହା ଦେଖି ସିଂହ ପୁଣି କହିଲା, 'ହେ ରାଜପୁତ୍ର, ତୁମେ ମୋ ନିମିତ୍ତ ଏହାକୁ ନିକ୍ଷେପ କର ।' ଏହା ଶୁଣି ରାଜପୁତ୍ର ଭୟଭୀତ ହୋଇ ଭାଲୁଟିକୁ ତଳକୁ ପକାଇଦେବା ପାଇଁ ଚେଷ୍ଟା କଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଭାଲୁଟି ଜାଗ୍ରତ ହୋଇ ନିଜକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ରାଜପୁତ୍ରଙ୍କୁ ଶାପ ଦେଇ କହିଲେ, 'ହେ ମିତ୍ରଦ୍ରୋହି, ଯେତେବେଳ ଯାଏ ଏ ବୃତ୍ତାନ୍ତ ପ୍ରକଟିତ ନ ହୋଇଛି, ସେ ପର୍ଯ୍ୟନ୍ତ ତୁମେ ପାଗଳ ହୋଇ ରହିବ ।'

ପ୍ରାତଃକାଳରେ ରାଜପୁତ୍ର ପ୍ରାସାଦରେ ପହଞ୍ଚିବା ମାତ୍ରେ ହିଁ ପାଗଳ ହୋଇଗଲେ । ଏହା ଦେଖି ରାଜାଙ୍କ ମନରେ ଘୋର ଦୁଃଖ ଜାତ ହେଲା । ସେ ଭାବିଲେ ବରରୁଚି ଜୀବିତ ଥିଲେ ଏ ବୃତ୍ତାନ୍ତ ପ୍ରକାଶ କରିପାରି ଥାଆନ୍ତେ । ମୁଁ ତାଙ୍କୁ ହତ୍ୟାକରି ଘୋର ପାପ କରିଛି । ଏହା ଜାଣି ଶକଟାଳ ବରରୁଚିଙ୍କୁ ପ୍ରକଟିତ କରିବା ପାଇଁ ଏହା ଏକ ଅପୂର୍ବ ସୁଯୋଗ ମନେକଲେ । ସେ ପୁଣି ଚିନ୍ତାକଲେ ଯେ 'ବର୍ତ୍ତମାନ ବରରୁଚି ଆଉ ମନ୍ତ୍ରିତ୍ୱ ଗ୍ରହଣ କରିବେ ନାହିଁ ।

Digitized by srujanika@gmail.com

ମୁଁ ଏକମାତ୍ର ମନ୍ତ୍ରୀ ହୋଇ ରହିଲେ ପୁତ୍ରହତ୍ୟାର ପ୍ରତିଶୋଧ ନେଇ ପାରିବ ।' ତେଣୁ ସେ ରାଜାଙ୍କ୍ ଅଭୟ ଭିକ୍ଷାକରି ମୋତେ ନେଇ ରାଜାଙ୍କ ନିକଟରେ ଉପସ୍ଥିତ ହେଲେ । ମୁଁ ରାଜପୁତ୍ରଙ୍କ୍ ଦେଖିବା ମାତ୍ରେ କହିଲି, 'ଏହା ମିତ୍ରଦ୍ରୋହର ଫଳ ।' ଦେବୀ ସରସ୍ୱତୀଙ୍କ କୃପାରୁ ରବିର ସମସ୍ତ ବୃତ୍ତାନ୍ତ ରାଜାଙ୍କ ଆଗରେ ବର୍ଣ୍ଣନା କଲି । ଏହା ଶୁଣି ରାଜପୁତ୍ର ଶାପମୁକ୍ତ ହୋଇ ମୋତେ ସ୍ତୁତି କରିବାକୁ ଲାଗିଲେ ଏବଂ ରାଜା ମୋର ଏହା କପରି ଜ୍ଞାତହେଲା ଜାଣିବାକୁ ଚାହିଁଲେ । ମୁଁ କହିଲି, ରାଜନ୍ ! ବୁଦ୍ଧିମାନ୍ ଲୋକମାନେ ସ୍ୱୀୟ ବୁଦ୍ଧି, ଅନୁମାନ ଓ ପ୍ରତିଭାବଳରେ ସବୁ କିଛି ଜାଣିପାରନ୍ତି । ଏହାଦ୍ୱାରା ହିଁ ମହାରାଣୀଙ୍କର ଗୁପ୍ତପ୍ରଦେଶରେ ତିଳଚିହ୍ନ ଥିବା କଥା ମୁଁ ଜାଣିପାରିଥିଲି ।

ଏହାପରେ ରାଜାଙ୍କର ଧନ, ସମ୍ମାନ ପ୍ରଭୃତିକୁ ଉପେକ୍ଷା ଏବଂ ନିର୍ଦ୍ଦୋଷତାକୁ ସର୍ବଶ୍ରେଷ୍ଠ ଗୌରବ ମନେକରି ଗୃହକୁ ପ୍ରତ୍ୟାବର୍ତ୍ତନ କଲି । ମୋତେ ଦେଖି ଲୋକମାନେ ରୋଦନ କରିବାକୁ ଲାଗିଲେ । ଉପବର୍ଷଙ୍କଠାରୁ ଶୁଣିବାକୁ ପାଇଲି ଯେ ମୋର ମୃତ୍ୟୁବାର୍ତ୍ତା ଶ୍ରବଣ କରି ଉପକୋଶା ଓ ମୋର ମାତା ପ୍ରାଣତ୍ୟାଗ କରିଛନ୍ତି । ଏହା ଶୁଣି ମୁଁ ମୂର୍ଚ୍ଛିତ ହୋଇପଡ଼ିଲି ଏବଂ ପରେ ଚେତନା ଲାଭ କରି ପ୍ରଳାପ କରିବାକୁ ଲାଗିଲି । ଏହି ସମୟରେ ଉପାଧ୍ୟାୟ ବର୍ଷ ଆସି ମୋତେ ସାନ୍ତ୍ୱନାବାଣୀ ଶୁଣାଇ କହିଲେ, 'ଏହି ଅନନ୍ତ ସଂସାରରେ ଅନିତ୍ୟତା ହିଁ ଏକମାତ୍ର ନିତ୍ୟ । ଏହା ଜାଣି ମଧ୍ୟ ତୁମେ କାହିଁକି ଏପରି ସାଧାରଣ ମନୁଷ୍ୟ ତୁଲ୍ୟ ମୋହିତ ହୋଇପଡ଼ୁଅଛ !' ଏହାଦ୍ୱାରା ମୋର ସନ୍ତାପ କିଛି ପରିମାଣରେ ଉପଶମ ହେଲା ।

ବରରୁଚିଙ୍କ ବୈରାଗ୍ୟ ଓ ମହାପ୍ରସ୍ଥାନ

ଏହାପରେ ମୁଁ ସଂସାର ପ୍ରତି ବିରକ୍ତ ହୋଇ ସମସ୍ତ ବନ୍ଧନକୁ ଛିନ୍ନ କରି ଶାନ୍ତିଲାଭ କରିବା ପାଇଁ ତପୋବନର ଆଶ୍ରୟ ଗ୍ରହଣ କଲି । କିଛି ଦିନ ପରେ ଅଯୋଧ୍ୟାର ଜଣେ ବ୍ରାହ୍ମଣ ଆସି ସେଠାରେ ପହଞ୍ଚିଲେ । ତାଙ୍କୁ ଯୋଗନନ୍ଦ ଓ ରାଜ୍ୟର କୁଶଳ ସମ୍ପର୍କରେ ପ୍ରଶ୍ନ କରିବାରୁ ସେ ମୋତେ ଚିହ୍ନିପାରି ଶୋକାକୁଳ କଣ୍ଠରେ କହିଲେ, 'ତୁମେ ମନ୍ତ୍ରୀପଦ ପରିତ୍ୟାଗ କରି ଚାଲିଆସିବା ପରେ ବହୁଦିନ ଧରି ପ୍ରତୀକ୍ଷା କରିଥିବା ଶକଟାଳଙ୍କୁ ପ୍ରତିଶୋଧ

Digitized by srujanika@gmail.com

ନେବାର ସୁଯୋଗ ମିଳିଲା । ସେ ରାଜାଙ୍କ ମାନ୍ତ୍ରଯୁକ୍ତ ହତ୍ୟାର ଉପାୟ ଚିନ୍ତାକରି ଭ୍ରମଣ କରୁଥିବା ସମୟରେ ଚାଣକ୍ୟ ନାମକ ଜଣେ ବ୍ରାହ୍ମଣଙ୍କୁ ଭୂମିଖନନ କରୁଥିବା ଦେଖିଲେ । ଏହାର କାରଣ ଜିଜ୍ଞାସା କରିବାରୁ ଚାଣକ୍ୟ କହିଲେ, 'ଏହି କୁଶଗୁଡ଼ିକ ମୋର ପାଦରେ କ୍ଷତ ସୃଷ୍ଟି କରିବା ଯୋଗୁଁ ଏମାନଙ୍କୁ ନିର୍ମୂଳ କରୁଅଛି ।'

ଚାଣକ୍ୟଙ୍କ କଥା

ଶକଟାଳ ତାଙ୍କର ନାମ ଜିଜ୍ଞାସା କରି ତାଙ୍କୁ ତ୍ରୟୋଦଶୀ ତିଥିରେ ରାଜାଙ୍କର ଶ୍ରାଦ୍ଧ ଉପଲକ୍ଷେ ନିମନ୍ତ୍ରଣ ଦେଇ କହିଲେ, 'ହେ ବ୍ରାହ୍ମଣ ! ତୁମେ ଦକ୍ଷିଣାସ୍ୱରୂପ ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଲାଭ କରିବ ଏବଂ ସମସ୍ତ ବ୍ରାହ୍ମଣଙ୍କ ଅପେକ୍ଷା ଉଚ୍ଚସ୍ଥାନରେ ବସି ଭୋଜନ କରିବ । ଆସ, କିଛି ଦିନ ମୋର ଗୃହରେ ଅବସ୍ଥାନ କର ।' ଏହା କହି ଶକଟାଳ ଚାଣକ୍ୟଙ୍କୁ ନିଜ ଘରକୁ ନେଇଗଲେ ଏବଂ ଶ୍ରାଦ୍ଧବାସରରେ ରାଜ ନିବରକୁ ନେଇ ରାଜାଙ୍କ ସ୍ୱୀକୃତି ଆଣିଲେ । ଶ୍ରାଦ୍ଧ ସମୟରେ ଚାଣକ୍ୟ ସର୍ବାପେକ୍ଷା ଉଚ୍ଚସ୍ଥାନରେ ଯାଇ ଉପବିଷ୍ଟ ହେଲେ । କିନ୍ତୁ ସୁବନ୍ଧୁ ନାମକ ଅନ୍ୟ ଏକ ବ୍ରାହ୍ମଣ ପୂର୍ବରୁ ଉକ୍ତ ଆସନ ଗ୍ରହଣ କରିଥିଲେ । ଶକଟାଳ ଏ ବିବାଦ ରାଜାଙ୍କ ଶ୍ରୁତିଗୋଚର କରାଇବାରୁ ରାଜା କହିଲେ, 'ସୁବନ୍ଧୁ ହିଁ ସେହି ଆସନର ଯୋଗ୍ୟ । ଅନ୍ୟ କେହି ନୁହନ୍ତି ।' ଅଧୋମୁଖରେ ଶକଟାଳ ଫେରିଆସି ଚାଣକ୍ୟଙ୍କୁ ରାଜାଦେଶ ଶୁଣାଇ ଦେଇ କହିଲେ, 'ଏଥିରେ ମୋର କିଛି ଅପରାଧ ନାହିଁ ।' ଏହି ରାଜାଜ୍ଞାକୁ ଚାଣକ୍ୟ ନିଜର ଅପମାନ ମନେ କଲେ ଏବଂ ନିଜର ଶିଖା ମୁକ୍ତକରି ପ୍ରତିଜ୍ଞା କଲେ, 'ସାତ ଦିନ ମଧ୍ୟରେ ନନ୍ଦଙ୍କୁ ଅବଶ୍ୟ ହତ୍ୟାକରି ଏହି ଶିଖା ବନ୍ଧନ କରିବି ।' ଏହା ଶୁଣି ଯୋଗନନ୍ଦ କ୍ରୋଧାନ୍ୱିତ ହୋଇ ଉଠିଲେ ଏବଂ ଚାଣକ୍ୟ ସେଠାରୁ ପଳାୟନ କଲେ । ଶକଟାଳ ପୁଣି ଚାଣକ୍ୟଙ୍କୁ ନେଇ ନିଜର ଗୃହ ମଧ୍ୟରେ ଗୁପ୍ତକରି ରଖିଲେ ।

ଶକଟାଳଙ୍କଠାରୁ ସମସ୍ତ ସାମଗ୍ରୀ ନେଇ ଚାଣକ୍ୟ କୃତ୍ୟାସାଧନା (ତାନ୍ତ୍ରିକ ପ୍ରୟୋଗ) କରିବାକୁ ଲାଗିଲେ । ଏହି କୃତ୍ୟାର ପ୍ରଭାବରେ ରାଜା ଯୋଗନନ୍ଦ ଦାହଜ୍ୱରରେ ପୀଡ଼ିତ ହୋଇ ସପ୍ତମ ଦିନରେ ଶେଷ ନିଃଶ୍ୱାସ

Digitized by srujanika@gmail.com

ତ୍ୟାଗ କଲେ । ଏହାଙ୍କର ମୃତ୍ୟୁ ପରେ ଶକଟାଳ ତାଙ୍କ ପୁତ୍ର ହିରଣ୍ୟଗୁପ୍ତଙ୍କୁ ହତ୍ୟାକରି ପୂର୍ବନନ୍ଦଙ୍କ ପୁତ୍ର ଚନ୍ଦ୍ରଗୁପ୍ତଙ୍କୁ ରାଜପଦରେ ଅଭିଷିକ୍ତ କଲେ ଏବଂ ଅମିତ ପ୍ରତିଭାଶାଳୀ ଆଚାର୍ଯ୍ୟ ଶୁକ୍ରଙ୍କ ତୁଲ୍ୟ ଚାଣକ୍ୟଙ୍କୁ ତାଙ୍କର ମନ୍ତ୍ରୀ ପଦରେ ସ୍ଥାପିତ କରି ପୁତ୍ରହତ୍ୟାର ପ୍ରତିଶୋଧ ନେବାପରେ ଗଭୀର ଅରଣ୍ୟ ମଧ୍ୟକୁ ଚାଲିଗଲେ ।

'ହେ କାଣଭୂତି ! ସେହି ବ୍ରାହ୍ମଣଙ୍କଠାରୁ ଏହି ବୃତ୍ତାନ୍ତ ଶ୍ରବଣ କରି ମୋର ଅତ୍ୟନ୍ତ ଦୁଃଖ ଜାତ ହେଲା । ତେଣୁ ବିନ୍ଧ୍ୟବାସିନୀଙ୍କ ଦର୍ଶନ କରିବା ନିମନ୍ତେ ମୁଁ ସେଠାକୁ ପ୍ରସ୍ଥାନ କଲି ଏବଂ ତାଙ୍କ କୃପାରୁ ତୁମର ଦର୍ଶନ ଲାଭ କଲି । ତୁମକୁ ଦେଖି ମୋର ପୂର୍ବଜନ୍ମ କଥା ସ୍ମରଣ ହେଲା ଏବଂ ଶାପମୁକ୍ତ ହେଲି । ମୁଁ ବର୍ତ୍ତମାନ ଶରୀର ପରିତ୍ୟାଗ କରିବା ପାଇଁ ଚେଷ୍ଟା କରିବି । ତିନୋଟି ଭାଷା(ସଂସ୍କୃତ, ପ୍ରାକୃତ ଓ ପାଲି)କୁ ପରିତ୍ୟାଗ କରିଥିବା ଗୁଣାଢ୍ୟ ନାମକ ବ୍ରାହ୍ମଣ ଶିଷ୍ୟମାନଙ୍କ ସହ ତୁମ ନିକଟକୁ ଆସିବା ପର୍ଯ୍ୟନ୍ତ ତୁମେ ଏଠାରେ ବାସ କର । ସେ ମଧ୍ୟ ମୋ ପରି ଶାପଗ୍ରସ୍ତ ଅନ୍ୟତମ ଶିବ ପରିଚାରକ ମାଲ୍ୟବାନ୍ । ତୁମେ ତାଙ୍କୁ ମୋ କହିବା ମହାକଥା ଶୁଣାଇବାଦ୍ୱାରା ଉଭୟେ ଶାପମୁକ୍ତ ହେବ ।'

କାଣଭୂତିଙ୍କୁ ଏ ପ୍ରକାର କହି ବରରୁଚି ଶରୀର ତ୍ୟାଗ ନିମିତ୍ତ ବଦରିକାଶ୍ରମ ଯାତ୍ରାକଲେ ।

ଶାକାହାରୀ ମୁନି କଥା

ବଦରିକାଶ୍ରମ ଯିବା ମାର୍ଗରେ ବରରୁଚି ଯାଉଥିବାବେଳେ ଜଣେ ଶାକାହାରୀ ବ୍ରାହ୍ମଣଙ୍କୁ ଦେଖିଲେ । ବରରୁଚିଙ୍କ ସମ୍ମୁଖରେ ହିଁ ଏହି ବ୍ରାହ୍ମଣଙ୍କର ଅଙ୍ଗୁଳି କୁଶଦ୍ୱାରା କଟିଗଲା । ଏହି ମୁନିଙ୍କର ଅହଙ୍କାର ପରୀକ୍ଷା କରିବା ନିମନ୍ତେ ସେ କୌତୁକରେ ସେହି ନିର୍ଗତ ରକ୍ତକୁ ଶାକରସରେ ପରିଣତ କରିଦେଲେ । ଏହା ଦେଖି ମୁନିଙ୍କ ମନରେ ଅହଙ୍କାର ଜାତ ହେଲା । ବରରୁଚି ସ୍ମିତହାସ୍ୟ ପ୍ରକାଶ କରି ତାଙ୍କୁ କହିଲେ, 'ମୁଁ ତୁମକୁ ପରୀକ୍ଷା କରିବା ନିମନ୍ତେ ସେହି ରକ୍ତକୁ ଶାକରସରେ ପରିଣତ କରି ଦେଇଥିଲି ।

Digitized by srujanika@gmail.com

କିନ୍ତୁ ଜଣାଗଲା ଯେ ବର୍ତ୍ତମାନ ସୁଦ୍ଧା ତୁମେ ଅହଙ୍କାର ପରିତ୍ୟାଗ କରିନାହଁ । ଅହଙ୍କାର ଜ୍ଞାନମାର୍ଗର ପ୍ରତିବନ୍ଧକ । ଜ୍ଞାନ ଲାଭ ନହେଲେ ଶତବ୍ରତ ପାଳନରେ ମଧ୍ୟ ମୁକ୍ତି ହେବ ନାହିଁ । ପୁଣ୍ୟ କ୍ଷୀଣ ହେଲେ ନଷ୍ଟ ହୋଇ ଯାଉଥିବା ସ୍ୱର୍ଗ ଜ୍ଞାନୀମାନଙ୍କର କଦାପି କାମ୍ୟ ନୁହେ । ତେଣୁ ଅହଙ୍କାର ପରିତ୍ୟାଗ କରି ମୁକ୍ତିର ସନ୍ଧାନ କର ।' ଏହା ଶୁଣି ସେହି ବ୍ରାହ୍ମଣ ବରରୁଚିଙ୍କୁ ପ୍ରଣାମପୂର୍ବକ ସ୍ତୁତି କରିବାକୁ ଲାଗିଲା ।

ମନୁଷ୍ୟ ଦେହ ପରିତ୍ୟାଗ କରିବା ନିମନ୍ତେ ବରରୁଚି ବଦରିକାଶ୍ରମରେ ଦେବୀଙ୍କର ଶରଣାଗତ ହେଲେ । ଦେବୀ ନିଜେ ତାଙ୍କୁ ଦେଖାଦେଇ କହିଲେ ଯେ ଯୋଗବଳରେ ତାଙ୍କ (ବରରୁଚିଙ୍କ) ଶରୀରରୁ ଉତ୍ପନ୍ନ ହେବା ଅଗ୍ନି ଦ୍ୱାରା ହିଁ ସେ ଶରୀରକୁ ଭସ୍ମୀଭୂତ କରନ୍ତୁ । ବରରୁଚି ସ୍ୱଶରୀରରୁ ନିର୍ଗତ ଯୋଗାନଳ ଦ୍ୱାରା ପାର୍ଥିବ ଶରୀରକୁ ଦଗ୍ଧୀଭୂତ କରି ଶିବଲୋକ ପ୍ରାପ୍ତ ହେଲେ ଏବଂ କାଣଭୂତି ଗୁଣାଢ଼୍ୟଙ୍କ ପ୍ରତୀକ୍ଷା କରିବାକୁ ଲାଗିଲେ ।

Digitized by srujanika@gmail.com

ଷଷ୍ଠ ତରଙ୍ଗ

ବରରୁଚିଙ୍କ ପ୍ରସ୍ଥାନ ପରେ କାଣଭୂତି ପ୍ରତୀକ୍ଷା କରିଥାଆନ୍ତି । ମାଲ୍ୟବାନ ଗୁଣାଢ଼୍ୟ ନାମରେ ପୃଥିବୀରେ ଜନ୍ମଗ୍ରହଣ କରି ସାତବାହନଙ୍କ ମନ୍ତ୍ରୀ ହୋଇ ରହିଥାଆନ୍ତି । ପ୍ରତିଜ୍ଞାପୂର୍ବକ ସଂସ୍କୃତ, ପ୍ରାକୃତ ଓ ପାଲିଭାଷା ପରିତ୍ୟାଗ କରି ଦୁଃଖିତ ମନରେ ସେ ଥରେ ବିନ୍ଧ୍ୟବାସିନୀଙ୍କ ଦର୍ଶନ ନିମନ୍ତେ ଆସିଥିବା ଅବସରରେ ବନାନ୍ତରରେ କାଣଭୂତିଙ୍କ ଦର୍ଶନ ଲାଭ କଲେ । ତାଙ୍କୁ ଦେଖିବା ମାତ୍ରେ ଗୁଣାଢ଼୍ୟଙ୍କର ପୂର୍ବଜନ୍ମ ସ୍ମୃତି ଉଦୟ ହେଲା । ସେ ପୈଶାଚୀ ଭାଷାରେ ନିଜର ନାମ ପ୍ରକାଶ କରି କାଣଭୂତିଙ୍କୁ କହିଲେ, 'ହେ କାଣଭୂତି ! ପୁଷ୍ପଦନ୍ତଙ୍କଠାରୁ ଶୁଣିଥିବା ମହାକଥାକୁ ମୋ ନିକଟରେ ଶୀଘ୍ର ପ୍ରକାଶ କରନ୍ତୁ । କାରଣ ଏହାଦ୍ୱାରା ଉଭୟେ ଏକ ସଙ୍ଗରେ ମୁକ୍ତିଲାଭ କରି ସ୍ୱସ୍ଥାନକୁ ଫେରିଯିବା ।'

ଗୁଣାଢ଼୍ୟଙ୍କ କଥା

ଏହା ଶୁଣି କାଣଭୂତି ଗୁଣାଢ଼୍ୟଙ୍କୁ କହିଲେ, 'ସ୍ୱାମିନ୍ ! ମୁଁ ତ ଆପଣଙ୍କୁ ନିଶ୍ଚୟ ଏହି କଥା କହିବି । କିନ୍ତୁ ତା' ପୂର୍ବରୁ ଆପଣଙ୍କ ଜନ୍ମଠାରୁ ଏ ପର୍ଯ୍ୟନ୍ତ ସମସ୍ତ ବୃତ୍ତାନ୍ତ ମୋ ନିକଟରେ ପ୍ରକାଶ କରି ମୋର କୌତୂହଳ ପୂର୍ଣ୍ଣ କରନ୍ତୁ ।' ଫଳରେ ଗୁଣାଢ଼୍ୟ ତାଙ୍କ ଜୀବନ ବୃତ୍ତାନ୍ତ ଶୁଣାଇବାକୁ ଲାଗିଲେ ।

ପ୍ରତିଷ୍ଠାନ ନାମକ ପ୍ରଦେଶରେ ସୁପ୍ରତିଷ୍ଠିତ ବୋଲି ଗୋଟିଏ ନଗର ଅଛି । ଏଠାରେ ସୋମଶର୍ମା ନାମରେ ଜଣେ ନୈଷ୍ଠିକ ବ୍ରାହ୍ମଣ ବାସ କରୁଥିଲେ । ଏହାଙ୍କର ବତ୍ସ ଓ ଗୁଳ୍ମ ନାମରେ ଦୁଇଟି ପୁତ୍ର ଓ ଶ୍ରୁତାର୍ଥା ନାମ୍ନୀ ଗୋଟିଏ କନ୍ୟା ଥିଲା । ସମୟକ୍ରମେ ପିତାମାତାଙ୍କ ମୃତ୍ୟୁପରେ ଉଭୟ ଭ୍ରାତା ଶ୍ରୁତାର୍ଥାଙ୍କୁ ପାଳନ ପୋଷଣ କରିବାକୁ ଲାଗିଲେ । ଏମାନେ ହଠାତ୍ ଦେଖିବାକୁ ପାଇଲେ ଯେ ଶ୍ରୁତାର୍ଥା ଗର୍ଭବତୀ । ସେଠାରେ ଅନ୍ୟ ପୁରୁଷର

Digitized by srujanika@gmail.com

ଅନୁପସ୍ଥିତି ଦୃଷ୍ଟିରୁ ସେମାନେ ପରସ୍ପର ପରସ୍ପରକୁ ଏ ସମ୍ପର୍କରେ ସନ୍ଦେହ କରିବାକୁ ଲଗିଲେ । ଏହାର ସୂଚନା ପାଇ ଦିନେ ଶ୍ରୁତାର୍ଥା ସେମାନଙ୍କୁ କହିଲେ, 'ତୁମର ସନ୍ଦେହ ଅମୂଳକ । ମୁଁ ଏହାର ପ୍ରକୃତ ରହସ୍ୟ ପ୍ରକାଶ କରୁଛି । ନାଗରାଜ ବାସୁକିଙ୍କର କୀର୍ତ୍ତିସେନ ବୋଲି ଜଣେ ପୁତୁରା ଅଛନ୍ତି । ମୁଁ ଥରେ ସ୍ନାନକରି ଫେରି ଆସୁଥିବାବେଳେ ସେ ମୋତେ ଦେଖି ମୋ ପ୍ରତି ଆକୃଷ୍ଟ ହେଲେ । ତାଙ୍କର ବଂଶ ଓ ନାମର ପରିଚୟ ଲଭିକରି ମୁଁ ତାଙ୍କ ସହ ଗାନ୍ଧର୍ବରୀତିରେ ବିବାହ କଲି । ତେଣୁ ମୋର ଏ ଗର୍ଭ ବ୍ରାହ୍ମଣ ବଂଶରୁ ମାତ୍ର ।' ଶ୍ରୁତାର୍ଥାଠାରୁ ଏହା ଶୁଣି ଭାଇମାନେ ପ୍ରମାଣ ଖୋଜିବାରୁ ସେ ଏକାନ୍ତରେ ନାଗକୁମାରଙ୍କୁ ସ୍ମରଣ କରନ୍ତେ ସେ ଆସି ଉପସ୍ଥିତ ହେଲେ ଏବଂ ବର୍ଷ ଓ ଉପବର୍ଷଙ୍କୁ କହିଲେ, 'ତୁମର ଭଗିନୀ ଜଣେ ଶାପଭ୍ରଷ୍ଟା ଅପ୍‌ସରା । ମୁଁ ଏହାଙ୍କୁ ଗାନ୍ଧର୍ବରୀତିରେ ବିବାହ କରିଛି । ତୁମେ ଦୁହେଁ ମଧ୍ୟ ଶାପଗ୍ରସ୍ତ ହୋଇ ପୃଥିବୀପୃଷ୍ଠରେ ଜନ୍ମଗ୍ରହଣ କରିଅଛ । ତୁମ ଭଗିନୀର ଏହି ଗର୍ଭରୁ ଗୋଟିଏ ପୁତ୍ରସନ୍ତାନ ଜାତ ହେବ । ତା'ର ଜନ୍ମପରେ ତୁମେ ତିନିହେଁ ଶାପମୁକ୍ତ ହେବ ।' ଏହା କହି ନାଗକୁମାର ଅନ୍ତର୍ହିତ ହେଲେ ଏବଂ କିଛି ଦିନପରେ ଶ୍ରୁତାର୍ଥା ଏକ ପୁତ୍ରସନ୍ତାନ ପ୍ରସବ କଲେ । ସେହି ପୁତ୍ରଟି ମୋ ବ୍ୟତୀତ ଅନ୍ୟ କେହି ନୁହନ୍ତି । ମୋର ଜନ୍ମବେଳେ, 'ଏ ଗୁଣାଢ୍ୟ ଶାପଭ୍ରଷ୍ଟ ଶିବ ପରିଚାରକ' ବୋଲି ଶୂନ୍ୟବାଣୀ ହୋଇଥିଲା ।

ମୋର ଜନ୍ମପରେ ମାତା ଓ ମାତୁଳମାନଙ୍କର ଶାପ କ୍ଷୀଣ ହେବାରୁ ସେମାନେ ଇହଲୋକ ତ୍ୟାଗ କଲେ ଏବଂ ମୁଁ ଅଧୀର ହୋଇପଡ଼ିଲି । କିଛି ଦିନପରେ ଶୋକ ପରିତ୍ୟାଗ କରି ଶିଶୁ ହେଲେହେଁ ନିଜର ଶକ୍ତି ଉପରେ ଭରସା ରଖି ବିଦ୍ୟାଲଭ କରିବା ସକାଶେ ମୁଁ ଦାକ୍ଷିଣାତ୍ୟକୁ ଗମନ କଲି । ସେଠାରେ ସମସ୍ତ ବିଦ୍ୟା ଅଧ୍ୟୟନ କରି ମୁଁ ଜଣେ ପ୍ରସିଦ୍ଧ ବିଦ୍ୱାନ୍ ହୋଇ ପାରିଲି ଏବଂ ନିଜର ବିଦ୍ୟାବୁଦ୍ଧି ପ୍ରଦର୍ଶନ ନିମିତ୍ତ ସ୍ୱଦେଶକୁ ଫେରିଆସିଲି ।

ବହୁଦିନ ପରେ ସୁପ୍ରତିଷ୍ଠ ନଗରରେ ଶିଷ୍ୟମାନଙ୍କ ସହ ପ୍ରବେଶ କରି ଏହାର ଅପୂର୍ବ ଶୋଭା ଦର୍ଶନରେ ମୁଗ୍ଧ ହେଲି । କେଉଁଠାରେ ସାମବେଦୀ ବ୍ରାହ୍ମଣମାନେ ଉଚ୍ଚସ୍ୱରରେ ସାମବେଦ ଗାନ କରୁଛନ୍ତି; କେଉଁଠାରେ ପଣ୍ଡିତ ବ୍ରାହ୍ମଣମାନଙ୍କ ମଧ୍ୟରେ ଶାସ୍ତ୍ରାର୍ଥ ଚାଲିଛି; କେଉଁଠାରେ ଦ୍ୟୁତକ୍ରୀଡ଼ାରେ ଉନ୍ମତ୍ତ ପୁରୁଷଗଣ ନିଜ ନିଜକୁ ଲକ୍ଷ୍ମୀଙ୍କ ବରପୁତ୍ର ବୋଲି ମନେ କରୁଛନ୍ତି । ଥରେ

Digitized by srujanika@gmail.com

ନିଜ ନିଜର ବ୍ୟବସାୟ ସ୍ଥିତି ସମ୍ପର୍କରେ କଥୋପକଥନ କରୁଥିବା ବ୍ୟବସାୟୀମାନଙ୍କ ମଧ୍ୟରୁ ଜଣେ କହୁଥିବା ଶୁଣିଲି—

ମୃତ ମୂଷିକ ସାହାଯ୍ୟରେ ଧନୀ ହୋଇଥିବା ବଣିକ କଥା

ସଂଯତ ବ୍ୟକ୍ତି ଧନବଳରେ ଧନ ଲାଭ କରେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ମୁଁ ଯେତେବେଳେ ମାତୃଗର୍ଭରେ ଥିଲି ମୋର ପିତା ସ୍ୱର୍ଗାରୋହଣ କଲେ । ମା'ଙ୍କ ନିକଟରେ ଯାହା ବା ସମ୍ପତ୍ତି ଥିଲା କୁଟିଳ ବାନ୍ଧବମାନଙ୍କଦ୍ୱାରା ତାହା ଅପହୃତ ହେଲା । ଏମାନଙ୍କ ଭୟରେ ମୋର ମାତା ଗର୍ଭରକ୍ଷା ନିମନ୍ତେ ନିଜ ପିତାଙ୍କର ମିତ୍ର କୁମାରଦତ୍ତଙ୍କ ଗୃହରେ ଯାଇ ବାସ କରିବାକୁ ଲାଗିଲେ । ତାଙ୍କର ପାତିବ୍ରତ୍ୟ ରକ୍ଷାଦ୍ୱାରା ମୁଁ ଜନ୍ମ-ଗ୍ରହଣ କଲି । ବହୁକଷ୍ଟ ସହ୍ୟ କରି ସେ ମୋତେ ଲାଳିତ ପାଳିତ କଲେ । ମୋର ବୟସ ହେବାରୁ ସେ କୌଣସି ଶିକ୍ଷକଙ୍କୁ ପ୍ରାର୍ଥନା କରି ମୋର ଶିକ୍ଷାଲାଭର ବ୍ୟବସ୍ଥା ମଧ୍ୟ କରିଦେଲେ । ତାଙ୍କଠାରୁ ମୁଁ ଲିପି ଓ ଗଣିତ ଶିକ୍ଷା କଲି । କିଛି ଶିକ୍ଷା ଲାଭ କରିବା ପରେ ଦିନେ ମା' କହିଲେ, 'ତୁ ବୈଶ୍ୟ ସନ୍ତାନ, ବ୍ୟବସାୟ ଆରମ୍ଭ କରିବା ଉଚିତ୍ । ଏହି ନଗରରେ ବିଶାଖିଲ ନାମକ ଜଣେ ଧନୀ ବ୍ୟବସାୟୀ ବାସ କରୁଛନ୍ତି । କୁଳୀନ ଗୃହର ଦରିଦ୍ର ଲୋକମାନଙ୍କୁ ସେ ବ୍ୟବସାୟ ନିମନ୍ତେ ଅର୍ଥ ସାହାଯ୍ୟ କରନ୍ତି । ତେଣୁ ତୁ ତାଙ୍କ ନିକଟକୁ ଯାଇ କିଛି ବ୍ୟବସାୟ ସାମଗ୍ରୀ ପ୍ରାର୍ଥନା କର ।'

ମାତାଙ୍କ ଆଦେଶରେ ମୁଁ ତାଙ୍କ ନିକଟରେ ଯାଇ ଉପସ୍ଥିତ ହେଲି । ମୁଁ ପହଞ୍ଚିଲାବେଳକୁ ବିଶାଖିଲ କୌଣସି ବ୍ୟବସାୟୀର ପୁତ୍ରକୁ କହୁଥାଆନ୍ତି, 'ଏଇ ଭୂମି ଉପରେ ପଡ଼ିଥିବା ମଲା ମୂଷାଟିକୁ ନେଇ ମଧ୍ୟ କୌଣସି ଚତୁର ବ୍ୟବସାୟୀ ଧନ ଉପାର୍ଜନ କରିପାରିବ । କିନ୍ତୁ ମୁଁ ତୁମକୁ ବହୁ ଅର୍ଥ ଦାନ କଲେ ସୁଦ୍ଧା ତାକୁ ସୁରକ୍ଷା କରିବା ଦୂରର କଥା ବରଂ କ୍ଷତିକରି ବସୁଛ ।'

ଏହା ଶୁଣି ମୁଁ ବିଶାଖିଲଙ୍କୁ କହିଲି, 'ଆପଣଙ୍କଠାରୁ ମୁଁ ଏହି ମୃତ ମୂଷିକଟିକୁ ସଉଦାରୂପେ ନେଉଅଛି ।'

ମୂଷିକଟିକୁ ଗୋଟିଏ ପାତ୍ରରେ ଧରି କବଲା ଲେଖିଦେଇ ମୁଁ ଚାଲିଆସିଲି । ମୋର ଏ ପ୍ରକାର ବ୍ୟବହାର ଦେଖି ସେ ହସି ଉଠିଲେ ।

Digitized by srujanika@gmail.com

ଏହାପରେ ଏହି ମୂଷିକଟିକୁ କୌଣସି ବ୍ୟବସାୟୀଙ୍କ ବଗିଡ଼ ନିମନ୍ତେ ବିକ୍ରୟ କଲି । ସେ ତା'ର ମୂଲ୍ୟ ସ୍ୱରୂପ ମୋତେ ଦୁଇ ଅଞ୍ଜୁଳା ବୁଟ ଦେଲେ । ଏହି ବୁଟକୁ ଭାଜି ଓ ଗୋଟିଏ ଜଳପାତ୍ର ନେଇ ମୁଁ ନଗର ପ୍ରାନ୍ତର ଚତୁଷ୍ପଥରେ ଥିବା ବୃକ୍ଷଗୁଳ୍ମରେ ଯାଇ ବସିଲି । ସେଠାରେ ଅରଣ୍ୟରୁ କାଷ୍ଠ ସଂଗ୍ରହ କରି ଆସୁଥିବା ଶ୍ରାନ୍ତ ଲୋକଙ୍କୁ ନମ୍ରତା ସହକାରେ ବୁଟ ଖାଇବାକୁ ଦେଇ ଜଳପାନ କରାଇଲି । ସେମାନେ ସନ୍ତୁଷ୍ଟ ହୋଇ ମୋତେ ପ୍ରତ୍ୟେକେ ଦୁଇଖଣ୍ଡ କରି କାଠ ଦେଲେ । କିଛି ସମୟ ମଧ୍ୟରେ ମୋ ନିକଟରେ ଗୋଟିଏ ଭାର କାଠ ସଞ୍ଚିତ ହେଲା । ତାକୁ ହାଟରେ ବିକିକରି ଲବ୍ଧ ଧନର କେତେକାଂଶରେ ପୁଣି କିଛି ବୁଟ କିଣି ପରଦିନ ଯାଇ ସେଠାରେ ଉପସ୍ଥିତ ହେଲି । ଏହିପରି କିଛି କିଛି ଅର୍ଥ ସଂଗ୍ରହ କରି ମୁଁ ତିନଦିନ ଯାଏ ସେମାନେ ଆଣୁଥିବା ସମସ୍ତ କାଠ କିଣିଦେଲି । କିଛି ଦିନ ମଧ୍ୟରେ ମୋ ନିକଟରେ ପର୍ଯ୍ୟାପ୍ତ କାଠ ସଞ୍ଚିତ ହେଲା । ଥରେ ଭୟଙ୍କର ବୃଷ୍ଟି ହେବାରୁ ଜଙ୍ଗଲରୁ କାଠ ଆସିବା ବନ୍ଦ ହୋଇଗଲା । ସେହି ସମୟରେ ମୋ ନିକଟରେ ଥିବା କାଠଗୁଡ଼ିକୁ ଚଢ଼ା ଦରରେ ବିକିକରି ଦେଇ ଯଥେଷ୍ଟ ଧନ ଲାଭ କଲି ଏବଂ ଗୋଟିଏ ଦୋକାନ ଆରମ୍ଭ କରି ବାରିଷ୍ଟ ଧନୀ ହେଲି । ତତ୍ପରେ ମୁଁ ଗୋଟିଏ ସୁବର୍ଣ୍ଣ ନିର୍ମିତ ମୂଷିକ ନେଇ ବିଶାଖିଳଙ୍କୁ ପ୍ରଦାନ କଲି । ସେ ମୋର ବ୍ୟବସାୟ କୁଶଳତା ଦେଖି ମୁଗ୍ଧ ହେଲେ ଏବଂ ତାଙ୍କର କନ୍ୟା ସହ ମୋର ବିବାହ କରାଇଦେଲେ । ଗୋଟିଏ ମୃତମୂଷିକ ସାହାଯ୍ୟରେ ମୁଁ ଅପର୍ଯ୍ୟାପ୍ତ ଧନ ଲାଭ କରିଥିବାରୁ ଲୋକେ ମୋତେ 'ମୂଷା ସାହେବ' ବୋଲି କହୁଥିଲେ । ଏହିପରି ମୁଁ ନିର୍ଦ୍ଧନ ଅବସ୍ଥାରୁ ମହାବିତ୍ତଶାଳୀ ହୋଇଉଠିଛି ।

ଏହା ଶୁଣି ସମସ୍ତେ ବିସ୍ମିତଭାବରେ ସେହି ବ୍ୟବସାୟୀଙ୍କୁ ଗୁହିଁ ରହିଲେ ।

ମୂର୍ଖ ସାମବେଦୀ ବ୍ରାହ୍ମଣ କଥା

ଏହି ସମୟରେ ସେଠାରେ କୌଣସି ବେଦପାଠୀ ବ୍ରାହ୍ମଣ ଠିଆ ହୋଇ ଏମାନଙ୍କର କଥୋପକଥନ ଶୁଣୁଥିଲା । ତା ନିକଟରେ ଆଠ ମସା ସୁନା ଥିବା ଜାଣି ନିକଟସ୍ଥ କୌଣସି ଲମ୍ପଟୀ ପୁରୁଷ ତାକୁ କହିଲା,

Digitized by srujanika@gmail.com

'ବ୍ରାହ୍ମଣକୁଳରେ ଜାତ ହୋଇଥିବା ଯୋଗୁଁ ଅନ୍ୟ ଚିନ୍ତା ତ ନାହିଁ । ତେଣୁ ଏହି ସୁବର୍ଣ୍ଣଗୁଡ଼ିକ ନେଇ ଜୀବିକା ନିର୍ବାହ କରିବା ନିମନ୍ତେ ସାଂସାରିକ ଗୃହସ୍ଥ୍ୟ ଶିକ୍ଷାକର ।'

'ମୋତେ ଗୃହସ୍ଥ୍ୟ କିଏ ଶିକ୍ଷା ଦେବ ?'

'ଏଠାରେ ଯେଉଁ ଚତୁରିକା ନାମକ ବେଶ୍ୟା ରହିଛି, ତା ନିକଟରୁ ତୁମେ ଶିକ୍ଷା କରିପାରିବ ।'

'ବେଶ୍ୟାର ଘରକୁ ଯାଇ କଣ କରିବ ?'

'ସୁବର୍ଣ୍ଣ ମୁଦ୍ରାଗୁଡ଼ିକ ପ୍ରଦାନ କରି ଗୃହସ୍ଥ୍ୟ ଶିକ୍ଷା ଦେବା ନିମନ୍ତେ ପ୍ରାର୍ଥନା କରିବ ଏବଂ ସୁମଧୁର ବାକ୍ୟାଳାପ (ସାମଗାନ) କହିବ ।'

ଏହା ଶୁଣି ସେହି ବେଦଜ୍ଞ ବ୍ରାହ୍ମଣ ଚତୁରିକାର ଦ୍ୱାରସ୍ଥ ହେଲା ଏବଂ ଚତୁରିକା ମଧ୍ୟ ଏହାର ସତ୍କାର କରି ଭିତରକୁ ନେଲା । 'ତୁମେ ଆଜି ଏହି ସୁବର୍ଣ୍ଣଗୁଡ଼ିକ ନେଇ ମୋତେ ସାଂସାରିକ-ଗୃହସ୍ଥ ଶିକ୍ଷା ଦିଅ' କହି ବ୍ରାହ୍ମଣ ସେହି ଆଠ ମସା ସୁବର୍ଣ୍ଣ ତାକୁ ଅର୍ପଣ କଲା ।

ଏହା ଶ୍ରବଣ କରି ସେଠାରେ ବସିଥିବା ସମସ୍ତ ଜନତା ହସି ଉଠିଲେ । ବ୍ରାହ୍ମଣ ମଧ୍ୟ ଅପମାନିତ ବୋଧକରି ହସ୍ତପ୍ରସାରଣପୂର୍ବକ ଅତି କର୍କଶ କଣ୍ଠରେ ସାମବେଦ ଗାନ କରିବାକୁ ଲାଗିଲା । ଏହି ତମାସା ଦେଖିବା ନିମନ୍ତେ ନିକଟରୁ ବହୁ ଲୋକ ଆସି ଜମିଗଲେ ଏବଂ ସେଠାରେ ଥିବା ଲୋକେ 'ଏହି ଶୃଗାଳକୁ ଅର୍ଦ୍ଧଚନ୍ଦ୍ର ଦେଇ ବାହାର' କରିଦେବା ନିମନ୍ତେ ଆଦେଶ ଦେଲେ । ବ୍ରାହ୍ମଣ ଅର୍ଦ୍ଧଚନ୍ଦ୍ରକୁ ବାଣ ମନେକରି ଶିରଚ୍ଛେଦ ଉପୁରେ, 'ମୁଁ ସାଂସାରିକ-ଗୃହସ୍ଥ ଖୁବ୍ ଶିଖିଗଲି' କହି ଦୌଡ଼ି ଚାଲିଗଲା ।

ବେଶ୍ୟାଗୃହରୁ ସେ ସିଧା ଆସି ସେହି ବୃଦ୍ଧ ପୁରୁଷ ନିକଟରେ ପହଞ୍ଚିଲା ଏବଂ ସମସ୍ତ ବୃତ୍ତାନ୍ତ ତାକୁ ଶୁଣାଇବାରୁ ସେ କହିଲା, 'ମୁଁ ତ ତୁମକୁ ଶାନ୍ତିପୂର୍ଣ୍ଣ ଭାବରେ ବାର୍ତ୍ତାଳାପ କରିବା ନିମନ୍ତେ କହିଥିଲି, ସାମବେଦ ପାଠର ଆବଶ୍ୟକତା ଥିଲା କେଉଁଠି ?' ସେ ସେହି ବେଶ୍ୟା ନିକଟରୁ ସେହି ଆଠ

Digitized by srujanika@gmail.com

ମସା ସୁବର୍ଣ୍ଣ ଆଣି ବ୍ରାହ୍ମଣଙ୍କୁ ଫେରାଇ ଦେଲା ଏବଂ ବ୍ରାହ୍ମଣ ମଧ୍ୟ ପୁନର୍ଜୀବନ ଲାଭ କଲା ପରେ ଘରକୁ ବାହୁଡ଼ିଗଲା ।'

ଗୁଣାଢ୍ୟ କାଣଭୂତିଙ୍କୁ କହିଲେ ଯେ ମୁଁ ଏହି ସୁପ୍ରତିଷ୍ଠିତ ନଗରରେ ଭ୍ରମଣ କରୁ କରୁ ଇନ୍ଦ୍ରଭବନ ତୁଲ୍ୟ ରାଜ ଭବନରେ ପ୍ରବେଶ କଲି । ସେଠାରେ ଶର୍ବବର୍ମା ପ୍ରଭୃତି ମନ୍ତ୍ରୀମାନଙ୍କଦ୍ୱାରା ପରିବେଷ୍ଟିତ ହୋଇ ରାଜ-ସଭା ମଧ୍ୟରେ ବସିଥିବା ଇନ୍ଦ୍ରତୁଲ୍ୟ ସାତବାହନଙ୍କୁ ଦର୍ଶନ କଲି । ରାଜାଙ୍କୁ ଆଶୀର୍ବାଦ ପ୍ରଦାନ କରି ଏବଂ ତାଙ୍କଦ୍ୱାରା ସତ୍କୃତ ହୋଇ ମୁଁ ଆସନ ଗ୍ରହଣ କରିବାରୁ ଶର୍ବବର୍ମା ପ୍ରଭୃତି ମୋର ଯଥେଷ୍ଟ ପ୍ରଶଂସା ଗାନକଲେ । ରାଜା ଏଥିରେ ସୁପ୍ରସନ୍ନ ହୋଇ ମୋତେ ମନ୍ତ୍ରିପଦ ପ୍ରଦାନ କରିବାରୁ ମୁଁ ବିବାହ କରି ସେଠାରେ ଜୀବନଯାପନ କରିବାକୁ ଲାଗିଲି ।

ଦେବୀ ଉଦ୍ୟାନ କଥା

ଏକଦା ମୁଁ ଏକାକୀ ଭ୍ରମଣ କରୁଥିବାବେଳେ ଗୋଦାବରୀ ତଟରେ ନନ୍ଦନବନ ସଦୃଶ ଏକ ମନୋହର ଉଦ୍ୟାନ ଦେଖିବାକୁ ପାଇଲି । ଏହାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଉଦ୍ୟାନପାଳକୁ ଉକ୍ତ ଉଦ୍ୟାନର ଉତ୍ପତ୍ତି ବୃତ୍ତାନ୍ତ ଜିଜ୍ଞାସା କରନ୍ତେ ସେ କହିଲା 'ବୃଦ୍ଧମାନଙ୍କଠାରୁ ଶୁଣାଯାଏ ଯେ ପ୍ରାଚୀନ କାଳରେ ଜଣେ ମୌନବ୍ରତାବଲମ୍ବୀ ଓ ନିରାହାରୀ ବ୍ରାହ୍ମଣ ଏଠାକୁ ଆସି ଏହି ଦେବମନ୍ଦିର ଓ ଉଦ୍ୟାନ ନିର୍ମାଣ କରିଥିଲେ । ଏଣୁ ପ୍ରତିଦିନ ବ୍ରାହ୍ମଣଗଣ ଏଠାରେ ମିଳିତ ହୋଇ ପୂଜା ସେବା କରିବାରେ ଲାଗିଲେ । ଦିନେ ସେମାନେ ଆଗ୍ରହର ସହ ଉପରୋକ୍ତ ବ୍ରାହ୍ମଣଙ୍କୁ ପଚାରିବାରୁ ସେ କହିଲେ,—

"ନର୍ମଦାତୀରରେ ଭରୁକଚ୍ଛ ନାମକ ଏକ ପ୍ରସିଦ୍ଧ ଦେଶ ଅଛି । ମୁଁ ସେଠାରେ ଜନ୍ମଗ୍ରହଣ କରିଥିଲି । ମୋର ଆଳସ୍ୟ ପରିପୂର୍ଣତା ଓ ଦାରିଦ୍ର୍ୟ ଦେଖି କେହି ଭିକ୍ଷା ମଧ୍ୟ ପ୍ରଦାନ କଲେ ନାହିଁ । ଏଣୁ ମୁଁ ଜୀବନପ୍ରତି ବିରକ୍ତ ହୋଇ ବହୁ ତୀର୍ଥଭ୍ରମଣ କରି ଶେଷରେ ବିନ୍ଧ୍ୟବାସିନୀଙ୍କୁ ଦର୍ଶନ କରିବା ନିମନ୍ତେ ପ୍ରସ୍ଥାନ କଲି । ଦେବୀଙ୍କୁ ଦର୍ଶନ କରି ମୁଁ ଭାବିଲି ଯେ ଏହି ବରପ୍ରଦାୟିନୀ ଦେବୀଙ୍କୁ ତ ଲୋକେ ପଶୁବଳି ପ୍ରଦାନପୂର୍ବକ ପ୍ରସନ୍ନ

Digitized by srujanika@gmail.com

କରନ୍ତି । ମୁଁ ମୂର୍ଖ ଥିବା ହେତୁ ପଶୁତୁଲ୍ୟ । ତେଣୁ ଆତ୍ମବଳି ପ୍ରଦାନ ନ କରିବି ବା କାହିଁକି ? ଏହା ଚିନ୍ତା କରି ଯେତେବେଳେ ଅସ୍ତ୍ର ଉତ୍ତୋଳନ କଲି ସେତେବେଳେ ଦେବୀ ପ୍ରସନ୍ନା ହୋଇ ମୋତେ ସ୍ୱୟଂ କହିଲେ, 'ବତ୍ସ, ତୁ ସିଦ୍ଧ ହେଲୁ । ଆତ୍ମହତ୍ୟା ନକରି ମୋର ନିକଟରେ ବାସକର ।' ଦେବୀଙ୍କଠାରୁ ଏ ପ୍ରକାର ବର ଲାଭକରି ମୁଁ ପବିତ୍ର ହେଲି ଏବଂ କ୍ଷୁଧାତୃଷା ଭୁଲିଗଲି ।'

କିଛି ଦିନ ପରେ ଦେବୀ ମୋତେ ଦର୍ଶନ ଦେଇ କହିଲେ, 'ବତ୍ସ, ତୁ ପ୍ରତିଷ୍ଠାନ ପ୍ରଦେଶକୁ ଯାଇ ସେଠାରେ ଏକ ଉଦ୍ୟାନ ନିର୍ମାଣ କର ।' ଏହା କହି ସେ ମୋତେ ଦିବ୍ୟ ବୀଜ ମଧ୍ୟ ପ୍ରଦାନ କଲେ ଯାହାଦ୍ୱାରା ମୁଁ ଏହି ଅପୂର୍ବ ଉଦ୍ୟାନ ନିର୍ମାଣ କରିବାରେ ସମର୍ଥ ହେଲି । ଆପଣମାନେ ବର୍ତ୍ତମାନ ଏହାର ରକ୍ଷା କରନ୍ତୁ, କହି ସେ ଅନ୍ତର୍ହିତ ହେଲେ ।"

ଉଦ୍ୟାନପାଳଠାରୁ ଏ ବୃତ୍ତାନ୍ତ ଶ୍ରବଣ କରି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଗୃହକୁ ପ୍ରତ୍ୟାବର୍ତ୍ତନ କଲି ।

ଗୁଣାଢ୍ୟ ଏହା କହିବା ପରେ କାଣଭୂତି ରାଜାଙ୍କ ନାମ ସାତବାହନ କାହିଁକି ହେଲା ବୋଲି ଜିଜ୍ଞାସା କଲେ ।

ରାଜା ସାତବାହନଙ୍କ କଥା

ଗୁଣାଢ୍ୟ କାଣଭୂତିଙ୍କ ଉତ୍କଣ୍ଠା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ସାତବାହନଙ୍କ କଥା ଆରମ୍ଭ କଲେ ।

ପ୍ରାଚୀନ କାଳରେ ଦୀପକର୍ଣ୍ଣି ନାମରେ ଜଣେ ପ୍ରବଳ ପରାକ୍ରାନ୍ତ ନରପତି ଥିଲେ । ଏହାଙ୍କର ପଟ୍ଟମହିଷୀ ଶକ୍ତିମତୀ । ଦିନେ ରତିକ୍ରୀଡ଼ା ପରେ ଉଦ୍ୟାନ ମଧ୍ୟରେ ଶୟନ କରିଥିବାବେଳେ ସର୍ପଦଂଶନଦ୍ୱାରା ତାଙ୍କର ମୃତ୍ୟୁ ଘଟିଲା । ରାଜା ସେହିଦିନଠାରୁ ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣ କରି ଜୀବନ ଅତିବାହିତ କଲେ । କିଛି ଦିନ ପରେ ଯୋଗ୍ୟପୁତ୍ର ଅଭାବରେ

Digitized by srujanika@gmail.com

ମି୍ତ୍ରପ୍ରମାଣ ରାଜାଙ୍କୁ ଭଗବାନ୍ ଚନ୍ଦ୍ରଶେଖର ସ୍ୱପ୍ନରେ ଦର୍ଶନ ଦେଇ କହିଲେ, 'ଅରଣ୍ୟ ମଧ୍ୟରେ ଭ୍ରମଣ କରୁଥିଲାବେଳେ ସିଂହପୃଷ୍ଠରେ ଆରୋହଣ କରିଥିବା ଗୋଟିଏ ବାଳକ ତୁମର ଦୃଷ୍ଟିଗୋଚର ହେବ । ସେହି ବାଳକ ହିଁ ତୁମର ଉତ୍ତରାଧିକାରୀ ।' ରାଜା ନିଦ୍ରାତ୍ୟାଗପୂର୍ବକ ସ୍ୱପ୍ନ ବୃତ୍ତାନ୍ତ ସ୍ମରଣ କରି ଆନନ୍ଦିତ ହେଲେ ।

ଦିନେ ରାଜା ମୃଗୟା ବିଳାସରେ ଅରଣ୍ୟର ବହୁ ଦୂରକୁ ଚାଲିଯାଇ ଥାଆନ୍ତି । ତା' ମଧ୍ୟରେ ଭ୍ରମଣ କରୁ କରୁ ମଧ୍ୟାହ୍ନ ସମୟରେ ଏକ ପଦ୍ମ ସରୋବର ତଟରେ ସିଂହାରୂଢ଼ ଓ ସୂର୍ଯ୍ୟସମ ତେଜୋମୟ କୌଣସି ବାଳକକୁ ସେ ଦେଖିବାକୁ ପାଇଲେ । ଏହାକୁ ଦର୍ଶନ କରିବା ମାତ୍ରେ ରାଜାଙ୍କର ସ୍ୱପ୍ନ ବୃତ୍ତାନ୍ତ ସ୍ମରଣ ହେଲା । ତୃଷାର୍ତ୍ତ ସିଂହ ଯେତେବେଳେ ବାଳକଟିକୁ ତଟରେ ଅବତରଣ କରାଇ ଜଳପାନ କରିବା ନିମନ୍ତେ ସରୋବର ମଧ୍ୟରେ ପ୍ରବେଶ କଲା, ସେତେବେଳେ ରାଜା ତା' ପ୍ରତି ଶର ପ୍ରୟୋଗ କଲେ । ସିଂହ ଦେହରେ ବାଣବିଦ୍ଧ ହେବା ମାତ୍ରେ ସେ ସିଂହରୂପ ପରିତ୍ୟାଗ କରି ପୁରୁଷରୂପ ଧାରଣ କଲା । ରାଜା ବିସ୍ମୟବିମୂଢ଼ ହୋଇ ଏହାର କାରଣ ଜିଜ୍ଞାସା କରନ୍ତେ ସେ କହିଲା,—

'ମୁଁ କୁବେରଙ୍କ ମିତ୍ର ସାତ ନାମକ ଯକ୍ଷ । ଏକଦା ମୁଁ ସ୍ନାନରତା କୌଣସି ମୁନିକନ୍ୟାଙ୍କର ଦର୍ଶନ ଲାଭ କଲି । ଉଭୟେ ଉଭୟଙ୍କ ପ୍ରତି ଆସକ୍ତ ହୋଇ ଗାନ୍ଧର୍ବମତରେ ବିବାହ କଲୁ । ତାଙ୍କର ବନ୍ଧୁମାନେ ଏହା ଜ୍ଞାତ ହୋଇ ଆମକୁ ପାପୀ ଓ ସ୍ୱେଚ୍ଛାଚାରୀ ବୋଲି ସିଂହରୂପ ଧାରଣ କରିବା ନିମନ୍ତେ ଶାପ ପ୍ରଦାନ କଲେ । ପୁତ୍ର ଜନ୍ମ କରି ମୁନିକନ୍ୟା ଏବଂ ଆପଣଙ୍କ ଶରାଘାତରେ ମୁଁ ଶାପମୁକ୍ତ ହେବୁ ବୋଲି ସେମାନେ ନିର୍ଦ୍ଦେଶ କରିଥିଲେ । କିଛିଦିନ ସିଂହ ସିଂହୀରୂପେ ବିଚରଣ କଲାପରେ ପୁତ୍ର ପ୍ରସବ କରି ମୁନିକନ୍ୟା ଶାପମୁକ୍ତ ହେଲେ ଏବଂ ମୁଁ ଆପଣଙ୍କ ଶରାଘାତକୁ ଅପେକ୍ଷା କରି ରହିଥିଲି । ଏହି ସନ୍ତାନଟିକୁ ଅନ୍ୟାନ୍ୟ ସିଂହୀଙ୍କର ଦୁଗ୍ଧରେ ଲାଳିତ ପାଳିତ କରିଛି । ଏଣୁ ଏହାର ବଳବୀର୍ଯ୍ୟ ଅକଳନୀୟ । ଆପଣ ଏହାକୁ ଗ୍ରହଣ କରନ୍ତୁ । ଶାପ ଦେବା ସମୟରେ ମଧ୍ୟ ମୁନିମାନେ ଏହି କଥା କହି ଯାଇଛନ୍ତି ।' ଏହା କହି ସେହି ଯକ୍ଷ ଅନ୍ତର୍ହିତ ହେଲା ପରେ ରାଜା ସେହି ବାଳକକୁ ନେଇ ପ୍ରତ୍ୟାବର୍ତ୍ତନ

Digitized by srujanika@gmail.com

କଲେ । ସମୟକ୍ରମେ ସେ ରାଜସିଂହାସନ ଆରୋହଣ କଲେ ଏବଂ ପାପକର୍ଣ୍ଣି ବାନପ୍ରସ୍ଥ ଅବଲମ୍ବନ କରି ବନଗମନ କଲା ପରେ ସମ୍ରାଟପଦ ଲାଭ କଲେ । ସାତ ନାମକ ଯକ୍ଷପୃଷ୍ଠରେ ରହି ଲାଳିତ ପାଳିତ ହୋଇଥିବାରୁ ତାଙ୍କ ନାମ ସାତବାହନ ହେଲା ।

ଏହା କହି ଗୁଣାଢ୍ୟ କାଣଭୂତଙ୍କୁ ପୁଣି ପ୍ରାସଙ୍ଗିକ ବିଷୟ ସମ୍ପର୍କରେ କହିବା ଆରମ୍ଭ କଲେ—

କିଛିଦିନ ପରେ ବସନ୍ତ ଉତ୍ସବ ଆଗତ ହେଲା । ରାଜା ସାତବାହନ ସ୍ୱୀୟ ମହିଷୀମାନଙ୍କ ସହ ଉକ୍ତ ଦେବୀ ଉଦ୍ୟାନକୁ ଭ୍ରମଣ କରିବା ନିମନ୍ତେ ଗଲେ । ନନ୍ଦନବନରେ ଦେବରାଜଙ୍କ ସଦୃଶ ବହୁ ସମୟ ଧରି ରାଣୀମାନଙ୍କ ସହ ଆନନ୍ଦେ ଭ୍ରମଣ କରିବା ପରେ ସେମାନଙ୍କ ସହ ରାଜା ଜଳକ୍ରୀଡ଼ା କରିବା ସକାଶେ ଏକ ପୁଷ୍କରିଣୀ ମଧ୍ୟରେ ଅବତରଣ କଲେ । ପରସ୍ପର ପରସ୍ପରକୁ ଜଳ ସିକ୍ତ କରି କ୍ରୀଡ଼ା କରୁଥିବାବେଳେ ରାଣୀମାନଙ୍କର ସ୍ନାନକାଳୀନ ଶାରୀରିକ ଶୋଭା ପ୍ରଦର୍ଶନ କରି ରାଜା ବାୟୁତୁଲ୍ୟ ସେମାନଙ୍କର ଅଳକାଗୁଡ଼ିକୁ ବ୍ୟସ୍ତବ୍ୟସ୍ତ କରିବାକୁ ଲାଗିଲେ । ସେମାନଙ୍କର ପତ୍ରଲେଖା ଓ ପୁଷ୍ପାଭରଣଗୁଡ଼ିକ ବିଚ୍ୟୁତ କରିବା ନିମନ୍ତେ ରାଜା ଉତ୍କଟଭାବରେ ଜଳ ସିଞ୍ଚନ କରିବାରେ ଲାଗିଲେ । ଏଥିରେ ରାଜାଙ୍କର ଜଣେ ମହିଷୀ କ୍ଲାନ୍ତଶ୍ରାନ୍ତ ହୋଇ ରାଜାଙ୍କୁ କହିଲେ, 'ମୋଦକୈର୍ଦେବ ପରିତାଡ଼ୟ' । (ମା + ଉଦକ = ମୋଦକ ଅର୍ଥାତ ଜଳଦ୍ୱାରା ମୋତେ ଆଘାତ ଦିଅନାହିଁ) । ଏହା ଶୁଣି ରାଜା ଭୃତ୍ୟମାନଙ୍କଦ୍ୱାରା ବହୁ ମୋଦକ ମଗାଇଲେ । ଏଥିରେ ଉକ୍ତ ରାଣୀ ହାସ୍ୟ ସମ୍ବରଣ କରି ନପାରି କହିଲେ, 'ରାଜନ୍ ! ଏଠାରେ ମୋଦକର ଆବଶ୍ୟକତା କେଉଁଠି ? ମୁଁ ତ ଆପଣଙ୍କୁ କହିଲି ଯେ ଜଳଦ୍ୱାରା ମୋତେ ତାଡ଼ନ କରନ୍ତୁ ନାହିଁ । ଆପଣ ଏତେ ମୂର୍ଖ ଯେ 'ମା' ଶବ୍ଦ ଓ 'ଉଦକ' ଶବ୍ଦର ସନ୍ଧି ଏବଂ ପ୍ରସଙ୍ଗାନୁଯାୟୀ ଅର୍ଥ କରିବା ଜାଣନ୍ତି ନାହିଁ ।' ଏହା ଶୁଣି ଅନ୍ୟାନ୍ୟ ରାଣୀମାନେ ମନେ ମନେ ହସି ଉଠିବାରୁ ରାଜା ଲଜ୍ଜିତ ହୋଇପଡ଼ିଲେ ଏବଂ ହତପ୍ରଭ ଓ ଅପମାନିତ ହୋଇ ଜଳକ୍ରୀଡ଼ା ପରିତ୍ୟାଗପୂର୍ବକ ରାଜଭବନକୁ ପ୍ରତ୍ୟାବର୍ତ୍ତନ କଲେ ।

ରାଜା ଚିନ୍ତାନ୍ୱିତ ହୋଇ ନିଃଶବ୍ଦଭାବରେ ଶଯ୍ୟା ଉପରେ ଶୟନ କଲେ । କାହା ସହ କଥାବାର୍ତ୍ତା ମଧ୍ୟ କଲେ ନାହିଁ । ତାଙ୍କର ଏକମାତ୍ର

Digitized by srujanika@gmail.com

ଚିନ୍ତା ହେଲ 'ପାଣ୍ଡିତ୍ୟ ଲାଭ ନା ପ୍ରାଣତ୍ୟାଗ ଶ୍ରେୟସ୍କର'। ରାଜାଙ୍କର ଏ ଅବସ୍ଥା ଦେଖି ସେବକମାନେ ବ୍ୟାକୁଳ ହୋଇଉଠିଲେ । ମୁଁ ଓ ଶର୍ବବର୍ମା ଏ ସମ୍ପର୍କରେ ଜ୍ଞାତ ହେଲାବେଳକୁ ସନ୍ଧ୍ୟା ହୋଇ ଯାଇଥିଲା । ତେଣୁ ରାତ୍ରିକାଳରେ ଅସୁସ୍ଥ ରାଜାଙ୍କ ନିକଟକୁ ଯିବା ଅନୁଚିତ ହେବ ବୋଲି ରାଜହଂସ ନାମକ ଏକ ରାଜ ସେବକକୁ ଡକାଇ ପଚାରିବାରୁ ସେ କହିଲା, 'ମହାରାଜ ଏପରି ଭାବରେ କେବେ ଅସୁସ୍ଥ ହୋଇ ନଥିଲେ । ଅନ୍ୟ ରାଣୀମାନେ କହନ୍ତି ଯେ ବୃଥା ପାଣ୍ଡିତ୍ୟାଭିମାନିନୀ ବିଷ୍ଣୁଶକ୍ତି ରାଜାଙ୍କର କନ୍ୟା ହିଁ ରାଜାଙ୍କୁ ଏ ପ୍ରକାର ଅସୁସ୍ଥ କରିଦେଇଛନ୍ତି ।'

ରାଜାଙ୍କର ନିଜ ସେବକଠାରୁ ଏହା ଶୁଣି ଆମେ ଚିନ୍ତା କଲୁ ଯେ ଯଦି ଶାରୀରିକ ବ୍ୟାଧି ହୋଇଥିବ ତା' ହେଲେ ତ ବୈଦ୍ୟମାନେ ପ୍ରବେଶ କରି ଥାଆନ୍ତେ, କିନ୍ତୁ ଯଦି ମାନସିକ ବ୍ୟାଧି ହୋଇଥିବ, ତା' ହେଲେ କାରଣ ତ କିଛୁ ଜଣାଗଲା ନାହିଁ । ଶତ୍ରୁମାନଙ୍କର ବିନାଶ ଘଟିଥିବାରୁ ଏହାଙ୍କର ତ ଆଉ କେହି ଶତ୍ରୁ ନାହାନ୍ତି । ପୁଣି ରାଜାଙ୍କ ପ୍ରତି ପ୍ରଜାମାନେ ତ ଅନୁରକ୍ତ । ତେଣୁ ରାଜା ଆଉ କି ପ୍ରକାର ମାନସିକ ଚିନ୍ତାରେ ସନ୍ତପ୍ତ ! ଏହିପରି ଚିନ୍ତା କରୁ କରୁ ଶର୍ବବର୍ମା କହିଲେ, 'ମୁଁ ଏହାର କାରଣ ଜାଣେ । ମୂର୍ଖତା ଯୋଗୁଁ ରାଜାଙ୍କର ପଶ୍ଚାତ୍ତାପ ହୋଇଛି । ମୂର୍ଖ ବୋଲି ରାଜା ପାଣ୍ଡିତ୍ୟ ହିଁ ଚାହୁଁଛନ୍ତି । ଆଜି ଏହି ମୂର୍ଖତା ଯୋଗୁଁ ରାଣୀଙ୍କଦ୍ୱାରା ସେ ଅପମାନିତ ହୋଇଛନ୍ତି ବୋଲି ଶୁଣିଛୁ ।' ଏହି ପ୍ରକାର ବିଚାର କରି କରି ରାତ୍ରି ଯାପନ କଲୁ ଏବଂ ସୂର୍ଯ୍ୟୋଦୟରୁ ପୂର୍ବରୁ ହିଁ ରାଜଭବନରେ ଉପସ୍ଥିତ ହେଲୁ ।

ପ୍ରବେଶ ନିଷେଧ ଥିଲେ ହେଁ ମୁଁ ପ୍ରଥମେ ରାଜାଙ୍କ ଶୟନାଗାରରେ ପ୍ରବେଶ କଲି ଏବଂ ମୋ ପଛେ ପଛେ ଶର୍ବବର୍ମା ମଧ୍ୟ ଯାଇ ରାଜାଙ୍କ ନିକଟରେ ଉପସ୍ଥିତ ହେଲେ । ମୁଁ ରାଜାଙ୍କୁ ଅସୁସ୍ଥତାର କାରଣ ଜିଜ୍ଞାସା କରିବାରେ ସେ ମୌନ ରହନ୍ତେ ଶର୍ବବର୍ମା ଏକ ଅପୂର୍ବ କଥା କହିବା ଆରମ୍ଭ କଲେ ।

"ରାଜନ୍ ! ଆପଣ ମୋଠାରୁ ପୂର୍ବରୁ ଶୁଣିଛନ୍ତି । ମୁଁ ମଧ୍ୟ ପୂର୍ବରୁ କହିଛି । ଆଜି ରାତ୍ରିରେ ମୁଁ ସ୍ୱପ୍ନ-ମାଣବକ କରିଥିଲି । ସ୍ୱପ୍ନରେ ଦେଖିବାକୁ ପାଇଲି ଯେ ଗୋଟିଏ ପଦ୍ମପୁଷ୍ପ ଆକାଶରୁ ଝରିପଡ଼ିଲା । ଏହାକୁ କୌଣସି କୁମାର ବିକଶିତ କରାଇବାରୁ ତା ମଧ୍ୟରୁ ଜଣେ ଶ୍ୱେତବସ୍ତ୍ରଧାରିଣୀ ନାରୀଙ୍କର

Digitized by srujanika@gmail.com

ଆବିର୍ଭାବ ହେଲା । ସେ ଆସି ଆପଣଙ୍କର ମୁଖରେ ପ୍ରବେଶ କଲେ । ଏହା ଦେଖି ମୋର ନିଦ୍ରାଭଙ୍ଗ ହେଲା । ମୋର ଆଉ ସନ୍ଦେହର ଅବକାଶ ନାହିଁ ଯେ ଏହି ନାରୀ ଜଣକ ସରସ୍ୱତୀ ଏବଂ ସେ ଆପଣଙ୍କ ମୁଖରେ ପ୍ରବେଶ କରିଛନ୍ତି ।”

ଏହି ସ୍ୱପ୍ନବୃତ୍ତାନ୍ତ ଶ୍ରବଣ କରି ରାଜା ମୋତେ କହିଲେ ‘ବିଦ୍ୟା ବ୍ୟତୀତ ଏହି ରାଜଲକ୍ଷ୍ମୀ ମୋତେ ଆଉ ଭଲ ଲାଗୁନାହିଁ । ଯତ୍ନପୂର୍ବକ ଶିକ୍ଷା କଲେ ପାଣ୍ଡିତ୍ୟ ଲାଭ କରିବା ନିମିତ୍ତ ମନୁଷ୍ୟକୁ କେତେ ସମୟ ଆବଶ୍ୟକ ?’ ଏହା ଶୁଣି ମୁଁ ରାଜାଙ୍କୁ କହିଲି, ‘ରାଜନ୍ ! ସମସ୍ତ ବିଦ୍ୟାର ମୁଖ ସଦୃଶ ନିୟମ ବ୍ୟାକରଣ ଶିକ୍ଷା କରିବା ପାଇଁ ବାର ବର୍ଷ ଆବଶ୍ୟକ । କିନ୍ତୁ ମୁଁ ଆପଣଙ୍କୁ ଛ ବର୍ଷ ମଧ୍ୟରେ ଏହି ବ୍ୟାକରଣ ଶିକ୍ଷା ଦେଇପାରିବି ।’ ଏହା ଶୁଣି ଶର୍ବବର୍ମା ଈର୍ଷାନ୍ୱିତ ହୋଇ କହିଲେ, ‘ସୁଖ ସମ୍ଭୋଗରେ ବୃଦ୍ଧିଲାଭ କରିଥିବା ରାଜାଙ୍କ ତୁଲ୍ୟ ଲୋକ ଏତେ ଦିନ ଧରି କଷ୍ଟ ସହ୍ୟ କରିବା ସମ୍ଭବପର ନୁହେ । ତେଣୁ ମହାରାଜ ! ମୁଁ ଛ ମାସ ମଧ୍ୟରେ ଏହି ବ୍ୟାକରଣ ଆପଣଙ୍କୁ ଶିକ୍ଷା ଦେଇପାରିବି ।’ ଏହି ଅସମ୍ଭବ କଥା ଶୁଣି ମୁଁ କ୍ରୋଧ ସମ୍ବରଣ କରି ନପାରି ତାଙ୍କୁ କହିଲି, ‘ଯଦି ତୁମେ ଏହା କରିପାରିବ, ତା’ ହେଲେ ମୁଁ ମନୁଷ୍ୟମାନେ ବ୍ୟବହାର କରୁଥିବା ସଂସ୍କୃତ, ପ୍ରାକୃତ ଓ ପାଲିଭାଷା ବ୍ୟବହାର ଚିରଦିନ ପାଇଁ ପରିତ୍ୟାଗ କରିବି ।’ ଶର୍ବବର୍ମା ମଧ୍ୟ ପ୍ରତିଜ୍ଞା କଲେ, ‘ମୁଁ ଯଦି ଏହା କରି ନ ପାରିବି, ତା’ ହେଲେ ବାର ବର୍ଷ ପର୍ଯ୍ୟନ୍ତ ମସ୍ତକରେ ତୁମର ପାଦୁକା ଧାରଣ କରି ଭ୍ରମଣ କରିବି ।’ ଏହା କହି ସେ ଗୃହକୁ ଚାଲିଯିବା ପରେ ମୁଁ ମଧ୍ୟ ପ୍ରତ୍ୟାବର୍ତ୍ତନ କଲି । ରାଜା ଉଭୟ ଦିଗରୁ କାର୍ଯ୍ୟସିଦ୍ଧିର ଆଶା ଦେଖି ଆନନ୍ଦିତ ହେଲେ ।

ମୋର ପ୍ରତିଜ୍ଞାରେ ବ୍ୟାକୁଳୀଭୂତ ଶର୍ବବର୍ମା ଅତି କଠିନ ପ୍ରତିଜ୍ଞା କରି ପକାଇଥିବା ନିଜ ସ୍ତ୍ରୀଙ୍କ ନିକଟରେ ପ୍ରକାଶ କଲେ । ଏହା ଶୁଣି ସେ କହିଲେ ଯେ ଏହି ସଙ୍କଟ ସମୟରେ ସ୍ୱାମୀକୁମାର ବା କାର୍ତ୍ତିକେୟଙ୍କ ବ୍ୟତୀତ ଅନ୍ୟ କେହି ରକ୍ଷା କରିପାରିବେ ନାହିଁ । ଶର୍ବବର୍ମା ମଧ୍ୟ ଏହା ନିଶ୍ଚୟ କରି ରାତିର ଚତୁର୍ଥ ପ୍ରହରରେ ବିନା ଭୋଜନରେ ସ୍ୱାମୀକୁମାରଙ୍କ ମନ୍ଦିରକୁ ଗମନ କଲେ । ମୁଁ ଗୁପ୍ତଚରଠାରୁ ଏହା ଜ୍ଞାତ ହୋଇ ପ୍ରାତଃକାଳରେ ରାଜାଙ୍କୁ ଜଣାଇଲି । ରାଜା, ‘ସେଥିରେ କଣ ଅଛି’ କହି ନୀରବ ରହିଲେ ।

Digitized by srujanika@gmail.com

ଏହି ସମୟରେ ସିଂହଗୁପ୍ତ ନାମକ ରାଜପୁତ୍ର ଉପସ୍ଥିତ ହୋଇ ରାଜାଙ୍କୁ କହିଲେ, 'ଆପଣଙ୍କ ଅସୁସ୍ଥତା ଦେଖି ମୋର ଘୋର ଦୁଃଖ ଜାତ ହେଲା । ତେଣୁ ମୁଁ ନଗର ବାହାରେ ଥିବା ଚଣ୍ଡିକା ମନ୍ଦିରରେ ଆତ୍ମବଳି ପ୍ରଦାନ କରିବା ନିମନ୍ତେ ଯାଇଥିଲି । ଅସ୍ତ୍ର ଉତ୍ତୋଳନ କରିବାବେଳେ ଦୈବୀବାଣୀ ହେଲା ଯେ ଏହା କରିବା ଉଚିତ ନୁହେ । ରାଜାଙ୍କର ଅଭିଳାଷ ନିଶ୍ଚୟ ପୂର୍ଣ୍ଣ ହେବ । ତେଣୁ ଭାବୁଛି, ଆପଣ ନିଶ୍ଚୟ ସିଦ୍ଧିପ୍ରାପ୍ତ ହେବେ ।' ଏହା କହି ସିଂହଗୁପ୍ତ ମଧ୍ୟ ଶର୍ବବର୍ମାଙ୍କ କାର୍ଯ୍ୟକଳାପ ନିରୀକ୍ଷଣ କରିବା ନିମନ୍ତେ ଦୁଇଜଣ ଗୁପ୍ତଚର ନିଯୁକ୍ତ କଲେ ।

ଏଣେ ଶର୍ବବର୍ମା ମଧ୍ୟ ମୌନ ଓ ଦୃଢ଼ନିଶ୍ଚୟ ହୋଇ ବାୟୁ ଭକ୍ଷଣ-ପୂର୍ବକ ସ୍ୱାମୀକୁମାରଙ୍କ ମନ୍ଦିରରେ ପହଞ୍ଚିଲେ । ଶାରୀରିକ ଯାତନା ସହ୍ୟ କରି ସେ ଯେଉଁ କଠୋର ତପସ୍ୟା କଲେ, ତା' ଫଳରେ କାର୍ତ୍ତିକେୟ ସନ୍ତୁଷ୍ଟ ହୋଇ ଏହାଙ୍କୁ ଅଭୀଷ୍ଟ ବର ପ୍ରଦାନ କଲେ । ଏହା ଦେଖି ସିଂହଗୁପ୍ତଙ୍କଦ୍ୱାରା ନିଯୁକ୍ତ ଗୁପ୍ତଚରମାନେ ଆସି ରାଜାଙ୍କୁ ଏହି ସଫଳତା କଥା ଶୁଣାଇଲେ । ଏହା ଶୁଣି ରାଜା ଓ ମୁଁ ଯଥାକ୍ରମେ ଆନନ୍ଦିତ ଓ ଦୁଃଖିତ ହେଲୁ ଯେପରି ମେଘ ଦେଖି ଚାତକ ଓ ହଂସ ହୋଇଥାଆନ୍ତି ।

ତତ୍ପରେ ଶର୍ବବର୍ମା ସିଦ୍ଧିଲାଭ କରି ଆସି ରାଜଦରବାରରେ ଉପସ୍ଥିତ ହେଲେ । ସେ ସ୍ମରଣ କରିବା ମାତ୍ରେ ସମସ୍ତ ବିଦ୍ୟା ସେଠାକୁ ଆସିଗଲା ଏବଂ ସେହି ସମସ୍ତ ବିଦ୍ୟା ସେ ରାଜାଙ୍କୁ ପ୍ରଦାନ କଲେ । ଅଧ୍ୟାପନା ଆରମ୍ଭ ହେବା ମାତ୍ରେ ହିଁ ରାଜାଙ୍କୁ ସମସ୍ତ ବିଦ୍ୟା ଗୋଚରୀଭୂତ ହେଲା । ରାଜାଙ୍କର ପାଣ୍ଡିତ୍ୟ ଲାଭ ଯୋଗରୁ ରାଜ୍ୟରେ ମହା ଉତ୍ସବ ପାଳିତ ହେଲା । ଉତ୍ସବର ଅବସରରେ ପ୍ରାସାଦ ଉପରେ ପତାକା ସମୂହ ଯେପରି ଆନନ୍ଦରେ ନୃତ୍ୟ କରୁଥିଲେ ।

ଏହାପରେ ରାଜା ଶର୍ବବର୍ମାଙ୍କୁ ପ୍ରଣାମପୂର୍ବକ ସମସ୍ତ ରାଜଯୋଗ୍ୟ ଉପାଦାନଦ୍ୱାରା ଗୁରୁପୂଜା କଲେ ଏବଂ ତା ସଙ୍ଗେ ସଙ୍ଗେ ତାଙ୍କୁ ନର୍ମଦା ତଟବର୍ତ୍ତୀ ଭରୁକଚ୍ଛ ରାଜ୍ୟର ରାଜପଦରେ ଅଭିଷିକ୍ତ କଲେ । ଗୁପ୍ତଚରମାନଙ୍କଦ୍ୱାରା ପ୍ରଥମେ ସମ୍ବାଦ ପ୍ରଦାନ କରିଥିବାରୁ ସିଂହଗୁପ୍ତଙ୍କୁ ରାଜ୍ୟଭାର ଅର୍ପଣ କଲେ ଏବଂ ବିଷ୍ଣୁଶକ୍ତିଙ୍କ କନ୍ୟା ସେହି ରାଣୀ ବିଦ୍ୟାପ୍ରାପ୍ତିର ମୂଳକାରଣ ହୋଇଥିବାରୁ ତାଙ୍କୁ ପଟ୍ଟମହିଷୀ ବୋଲି ଘୋଷଣା କଲେ ।

Digitized by srujanika@gmail.com

ସପ୍ତମ ତରଙ୍ଗ

ଶର୍ବବର୍ମା କଥା

ଶର୍ବବର୍ମା ସଫଳତା ଲାଭ କରିବା ଯୋଗୁଁ ମୁଁ ତିନୋଟି କଥିତ ଭାଷା ପରିତ୍ୟାଗ କରି ମୌନବ୍ରତ ଧାରଣ କଲି । ଦିନେ ମୁଁ ମୌନଭାବରେ ରାଜ-ସଭାରେ ଆସି ପହଞ୍ଚିଲାବେଳକୁ ଜଣେ ବ୍ରାହ୍ମଣ ରାଜାଙ୍କ ସମ୍ମୁଖରେ ସ୍ୱରଚିତ ଏକ ଶ୍ଳୋକ ପାଠ କରୁଅଛି । ରାଜା ତତ୍‌କ୍ଷଣାତ୍ ତାକୁ ବିଶୁଦ୍ଧ ସଂସ୍କୃତରେ ରୂପାନ୍ତରିତ କରିଦେବା ଯୋଗୁଁ ସଭାସଦ୍‌ବୃନ୍ଦଙ୍କ ମଧ୍ୟରେ ଆନନ୍ଦର କୋଳାହଳ ସୃଷ୍ଟି ହେଲା । ତତ୍ପରେ ରାଜା ଶର୍ବବର୍ମାଙ୍କ ସିଦ୍ଧିପ୍ରାପ୍ତି ବୃତ୍ତାନ୍ତ ତାଙ୍କ ମୁଖରୁ ଶୁଣିବା ନିମନ୍ତେ ଇଚ୍ଛା ପ୍ରକାଶ କରିବାରୁ ସେ ରାଜାଙ୍କ ଅନୁଗ୍ରହରେ ଆପ୍ୟାୟିତ ହୋଇ ତାହା ନିମ୍ନୋକ୍ତରୂପେ ବର୍ଣ୍ଣନା କଲେ ।

"ମୁଁ ଏଠାରୁ ମୌନବ୍ରତୀ ଓ ନିରାହାରୀ ହୋଇ ପ୍ରସ୍ଥାନ କଲି । କାର୍ତ୍ତିକେୟଙ୍କ ମନ୍ଦିରରେ ପହଞ୍ଚିବାର ଅବ୍ୟବହିତ ପୂର୍ବରୁ କ୍ଷୁଧାର୍ତ୍ତ ଓ ଦୁର୍ବଳତାବଶତଃ ହୋଇ ସଂଜ୍ଞାହୀନଭାବରେ ଭୂମିଶାୟୀ ହେଲି । ଏହି ଅବସ୍ଥାରେ ମୋର ମନେ ହେଲା କେହି ଜଣେ ଶକ୍ତିଶାଳୀ ପୁରୁଷ ଆସି ମୋତେ କହୁଛି, 'ତୁମର ସମସ୍ତ ଅଭିଳାଷ ସିଦ୍ଧ ହେବ ।' ଏହି ବାଣୀ ଅମୃତତୁଲ୍ୟ ମୋର ଶରୀରରେ ଜୀବନୀଶକ୍ତି ସଞ୍ଚାର କଲା । ମୁଁ ଚେତନା ଲାଭ କଲାବେଳକୁ ମୋର କ୍ଷୁଧା ଓ ତୃଷା ଦୂରୀଭୂତ ହୋଇ ଯାଇଥିଲା ଏବଂ ମୁଁ ସୁସ୍ଥତା ଅନୁଭବ କରୁଥିଲି । ତତ୍ପରେ ମୁଁ ସେହି ପବିତ୍ର ସ୍ଥଳରେ ପ୍ରବେଶ କରି ସ୍ନାତ ଓ ଶୁଦ୍ଧପୂତ ଭାବରେ ମନ୍ଦିରର ଅଭ୍ୟନ୍ତରକୁ ଯାଇ ସ୍ୱାମୀ କୁମାରଙ୍କ ଦର୍ଶନ ଲାଭ କଲି । ତାଙ୍କର ଦର୍ଶନ ଲାଭ କରିବା ମାତ୍ରେ ଶ୍ରୀ ସରସ୍ୱତୀ ସ୍ୱୟଂ ମୋର ମୁଖରେ ପ୍ରବେଶ କଲେ । ତଦନନ୍ତର ଭଗବାନ୍ ସ୍କନ୍ଦ

Digitized by srujanika@gmail.com

ନିଜର ଷଟ୍‌ମୁଖରେ 'ସିଦ୍ଧୋବର୍ଣ୍ଣସମାମ୍ନାୟଃ' ସୂତ୍ର ମୋ ନିକଟରେ ପ୍ରକାଶ କଲେ । ଏହା ଶୁଣି ମାନବସ୍ୱଭାବସୁଲଭ ଚପଳତାର ବଶୀଭୂତ ହୋଇ ମୋର କଳ୍ପନାଶକ୍ତି ବଳରେ ଏହାର ପର ସୂତ୍ରଟି ଉଚ୍ଚାରଣ କଲି । ଏହା ଶ୍ରବଣ କରି ସେ କହିଲେ, 'ତୁମେ ଯଦି ଏହାକୁ ନିଜେ ଉଚ୍ଚାରଣ କରି ନ ଥାଆନ୍ତ ତା' ହେଲେ ମୋ ଦ୍ୱାରା କଥିତ ବ୍ୟାକରଣ ପାଣିନୀୟ ବ୍ୟାକରଣକୁ ମଧ୍ୟ ନିକୃଷ୍ଟ କରିଦେଇ ଥାଆନ୍ତା । ବର୍ତ୍ତମାନ ଏହା କ୍ଷୁଦ୍ରରେ କୁହାଯାଇଥିବାରୁ କାତନ୍ତ୍ର ବ୍ୟାକରଣ ନାମରେ ଲୋକରେ ପ୍ରସିଦ୍ଧି ଲାଭ କରିବ । ପୁଣି ମୋର ବାହନ ମୟୂରର ପୁଚ୍ଛର ନାମାନୁସାରେ ଏହାର ଦ୍ୱିତୀୟ ନାମ କଳାପକ ବା କଳାପ ମଧ୍ୟ ହେବ ।' ଏହା ପରେ ସ୍କନ୍ଦ ମୋ ନିକଟରେ ଏହି କ୍ଷୁଦ୍ର ଓ ନବୀନ ବ୍ୟାକରଣ ପ୍ରକାଶ କରି କହିଲେ, 'ତୁମର ରାଜା ସାତବାହନ ପୂର୍ବଜନ୍ମରେ ମହର୍ଷି ଭରଦ୍ୱାଜଙ୍କ ଶିଷ୍ୟ ଥିଲେ । ତାଙ୍କ ନାମ ଥିଲା କୃଷ୍ଣ । ଥରେ ସେ ତାଙ୍କ ପ୍ରତି ଆସକ୍ତ କୌଣସି ମୁନିକନ୍ୟାଙ୍କୁ ଦେଖି ହଠାତ୍ କାମାସକ୍ତ ହୋଇପଡ଼ିଲେ ଏବଂ ଋଷିମାନେ ତାଙ୍କୁ ଶାପ ପ୍ରଦାନ କରିବା ଫଳରେ ସେ ସାତବାହନ ଓ ସେହି ମୁନିକନ୍ୟା ମହାରାଣୀ ରୂପରେ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କଲେ । ତେଣୁ ସେହି ଋଷି କୃଷ୍ଣଙ୍କ ଅବତାର ସାତବାହନ ତୁମକୁ ଦେଖିବା ମାତ୍ରେ ତୁମର ଇଚ୍ଛାରେ ସମସ୍ତ ବିଦ୍ୟାପ୍ରାପ୍ତ ହେବେ । ପୂର୍ବଜନ୍ମର ସୁସଂସ୍କାରଦ୍ୱାରା ପ୍ରାପ୍ତସିଦ୍ଧି ହେତୁ ଭାଗ୍ୟବାନ ବ୍ୟକ୍ତିମାନଙ୍କର ପ୍ରୟୋଜନ ବିନାକଷ୍ଟ ବା ବିଘ୍ନରେ ସିଦ୍ଧ ହୋଇଥାଏ ।'

ଏହା କହି ସ୍ୱାମୀକୁମାର ଅନ୍ତର୍ହିତ ହେଲେ ଏବଂ ମୁଁ ମନ୍ଦିର ମଧ୍ୟରୁ ନିର୍ଗତ ହେଲି । ଏହି ସମୟରେ ମନ୍ଦିର ସେବକମାନେ ପ୍ରସାଦରୂପରେ ମୋତେ କିଛି ତଣ୍ଡୁଳ ପ୍ରଦାନ କଲେ । ତତ୍ପରେ ମୁଁ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲି କିନ୍ତୁ ଆଶ୍ଚର୍ଯ୍ୟର କଥା, ପଥ ମଧ୍ୟରେ ସେହି ତଣ୍ଡୁଳରୁ ପ୍ରତିଦିନ ମୁଁ ଭୋଜନ କରୁଥିଲେ ହେଁ ତାର ପରିମାଣରେ କିଛି ପରିବର୍ତ୍ତନ ହେଉ ନଥିଲା ।"

ନିଜର ବୃତ୍ତାନ୍ତ ବର୍ଣ୍ଣନା କରି ଶର୍ବବର୍ମା ମୌନ ହେବାରୁ ରାଜା ସ୍ନାନ ନିମନ୍ତେ ପ୍ରସ୍ଥାନ କଲେ । ସେତେବେଳେ ମୁଁ ମୌନ ରହିଥିବାରୁ ରାଜକାର୍ଯ୍ୟ ଓ

Digitized by srujanika@gmail.com

ସାଂସାରିକ କାର୍ଯ୍ୟରୁ ସମ୍ପୂର୍ଣ୍ଣ ନିବୃତ୍ତ ରହୁଥିଲି । ଏଣୁ ରାଜା ଗୃହକୁ ନଥିଲେ ହେଁ ତାଙ୍କୁ ପ୍ରଣାମ କରି ଦୁଇଜଣ ଶିଷ୍ୟଙ୍କ ସହ ନଗର ପରିତ୍ୟାଗ କଲି । ସେଠାରୁ ତପଶ୍ଚରଣ ନିମିତ୍ତ ଭଗବତୀ ବିନ୍ଧ୍ୟବାସିନୀଙ୍କୁ ଦର୍ଶନ କରିବା ନିମନ୍ତେ ଗମନ କଲି । ସ୍ୱପ୍ନରେ ବିନ୍ଧ୍ୟବାସିନୀଙ୍କଦ୍ୱାରା ଆଦିଷ୍ଟ ହୋଇ ତୁମର ଦର୍ଶନାର୍ଥେ ଭୀଷଣ ବିନ୍ଧ୍ୟାଟବୀ ମଧ୍ୟରେ ପ୍ରବେଶ କଲି । ଶବରମାନଙ୍କ ନିର୍ଦ୍ଦେଶରେ କେତେକ ଯାତ୍ରୀଙ୍କ ସହ ଏଠାରେ ଉପସ୍ଥିତ ହୋଇ ଏହି ପିଶାଚମାନଙ୍କର ଦର୍ଶନ ଲାଭ କଲି । ଏମାନେ ଯେଉଁ ପ୍ରକାର ଭାଷାରେ କଥୋପକଥନ କରୁଥିଲେ ତାହା ସଂସ୍କୃତ, ପ୍ରାକୃତ ଓ ପାଲିଭାଷାଠାରୁ ଭିନ୍ନ ଏକ ବିଲକ୍ଷଣ ଭାଷା ଥିଲା । ତେଣୁ ଦୂରରେ ରହି ଏମାନଙ୍କ ବାର୍ତ୍ତାଳାପରୁ ଏହି ଭାଷା ଶିକ୍ଷାକରି ମୌନବ୍ରତ ପରିତ୍ୟାଗ କଲି । ଏହି ସମୟରେ ତୁମେ ଆସି ଉପସ୍ଥିତ ହେଲ । ଏହି ଚତୁର୍ଥ ଭାଷାରେ ତୁମକୁ ସ୍ୱାଗତ ଜଣାଇ ମୁଁ ପୂର୍ବଜନ୍ମ ସ୍ମରଣ କଲି । ଏହା ହିଁ ମୋର ମନୁଷ୍ୟ ଜନ୍ମର ବୃତ୍ତାନ୍ତ ।

ଗୁଣାଢ୍ୟଙ୍କ କଥା ଶେଷ ହେଲପରେ କାଣଭୂତି କହିଲେ, 'ମୁଁ କିପରି ତୁମର ଆଗମନ ବାର୍ତ୍ତା ଆଜି ରାତିରେ ଜାଣିପାରିଲି ତାହା ଶ୍ରବଣ କର'—

'ଭୂତିବର୍ମା ନାମରେ ଗୋଟିଏ ଦିବ୍ୟଦୃଷ୍ଟିସମ୍ପନ୍ନ ରାକ୍ଷସ ସହ ମୋର ମିତ୍ରତା ଅଛି । ତାଙ୍କୁ ଦେଖିବା ନିମନ୍ତେ ମୁଁ ତାର ବାସସ୍ଥାନ ଉଜ୍ଜୟିନୀ ନଗରୀର ଗୋଟିଏ ଉଦ୍ୟାନକୁ ଯାଇଥିଲି । ମୋର ଶାପାନ୍ତ କଥା ତାଙ୍କୁ ପଚାରିବାରୁ ସେ କହିଲା, 'ଆମ୍ଭେମାନେ ଦିନରେ ଶକ୍ତିହୀନ, ତେଣୁ ଅପେକ୍ଷା କର, ରାତିରେ ତୁମକୁ ଏହା ଜଣାଇ ଦେବି ।' ଫଳରେ ସେଠାରେ ମୋତେ ଦିନସାରା ଅପେକ୍ଷା କରିବାକୁ ପଡ଼ିଲା । ରାତି ହେବାରୁ କଥା ପ୍ରସଙ୍ଗରେ ମୁଁ ତାଙ୍କୁ ରାତିରେ କାହିଁକି ତାଙ୍କର ପ୍ରଭାବ ବୃଦ୍ଧିପ୍ରାପ୍ତ ହୁଏ ଏବଂ ସେମାନେ କାହିଁକି ଆନନ୍ଦିତ ହୁଅନ୍ତି ବୋଲି ପଚାରିଲି । ଭୂତିବର୍ମା କହିଲେ, ପ୍ରାଚୀନ କାଳରେ ବ୍ରହ୍ମାଙ୍କ ପ୍ରଶ୍ନର ଉତ୍ତର ଛଳରେ ଭଗବାନ୍ ଶଙ୍କର ଏ ସମ୍ପର୍କରେ ଯାହା କହିଥିଲେ ତାହା ତୁମକୁ କହୁଅଛି ଶୁଣ —

'ଦିନରେ ସୂର୍ଯ୍ୟଙ୍କ ତେଜଦ୍ୱାରା ମ୍ଳାନ ଏହି ଯକ୍ଷ, ରାକ୍ଷସ ଓ ପିଶାଚମାନଙ୍କର ପ୍ରଭାବ କ୍ଷୀଣ ହୋଇଯାଏ । ତେଣୁ ଏମାନେ ରାତିକାଳରେ

Digitized by srujanika@gmail.com

ପ୍ରଭାବଶାଳୀ ହୋଇ ଆନନ୍ଦିତ ହୋଇଥାଆନ୍ତି । ଯେଉଁ ସ୍ଥାନରେ ଦେବତା ଓ ବ୍ରାହ୍ମଣମାନଙ୍କର ପୂଜା ଉଚିତ ଭାବରେ ହୁଏ ନାହିଁ ଏବଂ ଯେଉଁ ସ୍ଥାନରେ ଅନୁଚିତ ଓ କଳୁଷିତ ରୂପରେ ଭୋଜନ କରାଯାଏ ସେଠାରେ ଏମାନେ ପ୍ରବଳ ହୋଇଥାଆନ୍ତି । ଯେଉଁ ସ୍ଥାନରେ ନିରାମିଷାଶୀ ଏବଂ ପତିସାଧ୍ୱୀ ସ୍ତ୍ରୀ ବାସ କରୁଥାଏ, ସେହି ସ୍ଥାନରେ ଏମାନେ ପ୍ରବେଶ କରନ୍ତି ନାହିଁ । ପବିତ୍ର ତଥା ପଣ୍ଡିତ ବ୍ୟକ୍ତିମାନେ ଏମାନଙ୍କର କବଳିତ ହୁଅନ୍ତି ନାହିଁ ।'

ଏହା କହୁ କହୁ ଭୂତବର୍ମା କହିଲେ, 'ଯାଅ ତୁମର ଗୁଣାଢ୍ୟ ଆସିଗଲେ ।' ଏହା ଜ୍ଞାତ ହୋଇ ମୁଁ ଏଠାରେ ଆସି ଉପସ୍ଥିତ ହେଲି । ପୁଷ୍ପଦନ୍ତଙ୍କଠାରୁ ଶୁଣିଥିବା ମହାକଥା ତୁମକୁ ଶୁଣାଇବା ପୂର୍ବରୁ ତାଙ୍କ ନାମ ପୁଷ୍ପଦନ୍ତ ଓ ତୁମ ନାମ ମାଲ୍ୟବାନ୍ କପରି ହେଲା ଶୁଣିବା ନିମନ୍ତେ ମୋର କୌତୂହଳ ଜାଗ୍ରତ ହେଉଅଛି ।

ପୁଷ୍ପଦନ୍ତଙ୍କ ପୂର୍ବଜନ୍ମ କଥା

କାଣଭୂତିଙ୍କର ଆଗ୍ରହ ପ୍ରଦର୍ଶନ କରି ଗୁଣାଢ୍ୟ ପୁଣି ଆରମ୍ଭ କଲେ ।

ଗଙ୍ଗାତଟରେ ବହୁସୁବର୍ଣ୍ଣ ନାମକ ଏକ ଗ୍ରାମ ଅଛି । ସେଠାରେ ଗୋବିନ୍ଦଦତ୍ତ ନାମରେ ଜଣେ ବହୁଶାସ୍ତ୍ରଦର୍ଶୀ ବ୍ରାହ୍ମଣ ବାସ କରୁଥିଲେ । ଅଗ୍ନିଦତ୍ତା ତାଙ୍କର ପତିବ୍ରତା ପତ୍ନୀ । କାଳକ୍ରମେ ଏମାନଙ୍କର ପାଞ୍ଚଟି ପୁତ୍ର ଜନ୍ମ ହେଲେ କିନ୍ତୁ ସମସ୍ତେ ମୂର୍ଖ ହେଲେ ହେଁ ସୁନ୍ଦର ଓ ଅଭିମାନୀ ।

କିଛିଦିନ ପରେ ଥରେ ହିଂସ୍ର ଅଗ୍ନିତୁଲ୍ୟ ବୈଶ୍ୱାନର ନାମକ ଜଣେ ଅତିଥି ଏମାନଙ୍କ ଦ୍ୱାରରେ ଉପସ୍ଥିତ ହୋଇ ଗୋବିନ୍ଦଦତ୍ତଙ୍କ ପୁତ୍ର-ମାନଙ୍କୁ ଅଭିବାଦନ କଲେ । ମାତ୍ର ସେମାନେ ଏହାର ଉତ୍ତରରେ କେବଳ ହାସ୍ୟପ୍ରକାଶ କରିବାରୁ ଅତିଥି କ୍ରୁଦ୍ଧ ହୋଇ ପ୍ରତ୍ୟାବର୍ତ୍ତନ କଲେ । ଏହି ସମୟରେ ଗୋବିନ୍ଦଦତ୍ତ ଆସି ପହଞ୍ଚିଲେ ଏବଂ ଅତିଥିଙ୍କୁ ବହୁ ଅନୁନୟ ବିନୟ କରି ତାଙ୍କର କ୍ରୋଧ ଶାନ୍ତ କରିବାକୁ ଲାଗିଲେ । ଅତିଥି ବ୍ରାହ୍ମଣଙ୍କୁ କହିଲେ, 'ତୁମର ପୁତ୍ରମାନେ ମୂର୍ଖ ତେଣୁ ପତିତ । ଏହି ପତିତମାନଙ୍କର

Digitized by srujanika@gmail.com

ସଂସ୍ପର୍ଶରେ ଆସି ତୁମେ ମଧ୍ୟ ପତିତ ହୋଇସାଇଛ । ଏଣୁ ତୁମ ଗୃହରେ ଭୋଜନ କଲେ ମୋତେ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ ।' ଏହା ଶୁଣି ଗୋବିନ୍ଦ ଦତ୍ତ ଶପଥ କରି କହିଲେ ଯେ ସେ କମ୍ବା ତାଙ୍କ ସ୍ତ୍ରୀ ଏହି ମୂର୍ଖପୁତ୍ରମାନଙ୍କୁ ସ୍ପର୍ଶ କରି ନାହାନ୍ତି । ଏଥିରେ ପ୍ରୀତ ହୋଇ ବୈଶ୍ୱାନର ସେମାନଙ୍କର ଆତିଥ୍ୟ ଗ୍ରହଣ କଲେ ।

ଏହି ଘଟଣା ଲକ୍ଷ୍ୟ କରି ଏବଂ ପିତାମାତାଙ୍କର ତାଙ୍କ ପ୍ରତି ଘୃଣ୍ୟ ମନୋଭାବ ଦେଖି ଦେବଦତ୍ତ ନାମକ ପୁତ୍ର ଗମ୍ଭୀର ଅନୁତପ୍ତ ହୋଇ ତପସ୍ୟା କରିବା ନିମିତ୍ତ ବଦରିକାଶ୍ରମ ଗ୍ଭଲିଗଲେ । ପ୍ରଥମେ ଶୁଷ୍କପତ୍ର ଭୋଜନ ଓ ପରେ ଧୂମପାନ କରି କଠୋର ତପସ୍ୟାରେ ନିମଗ୍ନ ହୁଅନ୍ତେ ଭଗବାନ ପାର୍ବତୀପତି ପ୍ରୀତ ହୋଇ ତାଙ୍କୁ ଦର୍ଶନ ଦେଲେ । ଦେବଦତ୍ତ ତାଙ୍କର ଅନୁଚର ହୋଇ ରହିବା ନିମନ୍ତେ ବର ପ୍ରାର୍ଥନା କରିବାରୁ ସେ କହିଲେ, 'ବିଦ୍ୟା ଅଧ୍ୟୟନ କରି ସାଂସାରିକ ସୁଖ ଉପଭୋଗ କଲେ ତୁମର କାମନା ସିଦ୍ଧ ହେବ ।' ଭଗବାନଙ୍କ ଆଦେଶ ଲାଭ କରି ଦେବଦତ୍ତ ବିଦ୍ୟା ଅଧ୍ୟୟନ କରିବା ନିମନ୍ତେ ପାଟଳିପୁତ୍ର ନଗରରେ ଆସି ଉପସ୍ଥିତ ହେଲେ ଏବଂ ବେଦକୁମ୍ଭ ନାମକ ଉପାଧ୍ୟାୟଙ୍କଠାରୁ ବିଧିପୂର୍ବକ ଶିକ୍ଷା ଗ୍ରହଣ କରିବାକୁ ଲାଗିଲେ । ଅଧ୍ୟୟନରତ ଥିବାବେଳେ ଦିନେ ଗୁରୁପତ୍ନୀ ବଳପୂର୍ବକ ତାଙ୍କୁ ବରଣ କଲେ । ପ୍ରକୃତରେ ସ୍ତ୍ରୀମାନଙ୍କର ସ୍ୱଭାବ ଅତି ଚଞ୍ଚଳ । ତେଣୁ ଦୁଃଖିତ ଓ କାମ ବ୍ୟାକୁଳ ଦେବଦତ୍ତ ପାଟଳିପୁତ୍ର ପରିତ୍ୟାଗପୂର୍ବକ ପଳାୟନ କରି ପ୍ରତିଷ୍ଠାନ ନଗରରେ ଉପସ୍ଥିତ ହେଲେ । ସେଠାରେ ବୟସ୍କା ପତ୍ନୀ ସହ ବାସ କରୁଥିବା ଜଣେ ବୃଦ୍ଧ ଗୁରୁଙ୍କୁ ପ୍ରାର୍ଥନା କରି ବିଦ୍ୟାଧ୍ୟୟନ କରିବାକୁ ଲାଗିଲେ ।

ଦିନେ ଏହି ସୁନ୍ଦର ଓ ବିଦ୍ୱାନ୍ ଦେବଦତ୍ତ ନଗର ମଧ୍ୟରେ ଭ୍ରମଣ କରୁଥିବାବେଳେ ରାଜା ସୁଶର୍ମାଙ୍କ କନ୍ୟା ପରମ ସୁନ୍ଦରୀ ଶ୍ରୀ ତାଙ୍କୁ ଦେଖି କାମ ମୋହିତ ହେଲେ । ଦେବଦତ୍ତ ମଧ୍ୟ ଗବାକ୍ଷ ନିକଟରେ ଥିବା ଶ୍ରୀଙ୍କୁ ଦେଖିବାକୁ ପାଇଲେ । କାମାତୁର ଦୃଷ୍ଟିରେ ପରସ୍ପର ପରସ୍ପରକୁ ଗ୍ଭହିଁ ରହି ସେଠାରୁ ଅପସୃତ ନହେବା ନିମନ୍ତେ ଅସମର୍ଥ ହେଲେ । ରାଜକନ୍ୟା ସେତେବେଳେ ତାଙ୍କୁ ମୁଦ୍ରିକା ପ୍ରଦର୍ଶନପୂର୍ବକ ରାଜପ୍ରାସାଦ ନିକଟକୁ ଯିବା

Digitized by srujanika@gmail.com

ପାଇଁ ସଙ୍କେତ ପ୍ରଦାନ କଲେ । ଦେବଦତ୍ତ ରାଜଭବନ ନିକଟରେ ଉପସ୍ଥିତ ହେବାରୁ ରାଜକନ୍ୟା ଅନ୍ତଃପୁରରୁ ଆସି ତାଙ୍କ ସମ୍ମୁଖରେ ପହଞ୍ଚିଲେ ଏବଂ ଦନ୍ତଦ୍ୱାରା ଗୋଟିଏ ପୁଷ୍ପ ତାଙ୍କ ଉଦ୍ଦେଶ୍ୟରେ ନିକ୍ଷେପ କଲେ । ଏହି ଗୂଢ଼ ନିର୍ଦ୍ଦେଶକୁ ବୁଝି ନପାରି ଦେବଦତ୍ତ କିଂକର୍ତ୍ତବ୍ୟବିମୂଢ଼ ହୋଇ ଗୁରୁଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଏହି ଚିନ୍ତା ତାଙ୍କ ହୃଦୟରେ ଅନ୍ତର୍ଦାହ ସୃଷ୍ଟି କରିବା ଫଳରେ ସେ ମୂକପରି ହୋଇଗଲେ । ଗୁରୁ ଏହାକୁ କାମବିକାର ଜାଣି ଆଶ୍ୱାସନା ପ୍ରଦାନପୂର୍ବକ ତାଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କଲେ ଏବଂ କହିଲେ, 'ଦନ୍ତଦ୍ୱାରା ପୁଷ୍ପ ନିକ୍ଷେପ କରି ସେ ତୁମକୁ ସଙ୍କେତ ଦେଲା ଯେ ପୁଷ୍ପଶୋଭିତ ପୁଷ୍ପଦନ୍ତ ନାମକ ଦେବ ମନ୍ଦିରରେ ମୋର ପ୍ରତୀକ୍ଷା କର । ତେଣୁ ତୁମେ ବର୍ତ୍ତମାନ ହିଁ ସେଠାକୁ ଯିବା ଉଚିତ ।'

ଗୁରୁଙ୍କଠାରୁ ସଙ୍କେତର ଅର୍ଥ ବୋଧକରି ଦେବଦତ୍ତ ତତ୍‌କ୍ଷଣାତ ସେହି ମନ୍ଦିରକୁ ଯାଇ ରାଜକୁମାରୀଙ୍କ ପ୍ରତୀକ୍ଷା କଲେ । ଶ୍ରୀ ମଧ୍ୟ ସେ ଦିନ ଅଷ୍ଟମୀ ତିଥି ଥିବାରୁ ଏକାକିନୀ ପୁଷ୍ପଦନ୍ତେଶ୍ୱରଙ୍କୁ ଦର୍ଶନ କରିବା ନିମନ୍ତେ ଆସି ପହଞ୍ଚିଲେ । ମନ୍ଦିରରେ ପ୍ରବେଶ କରିବା ମାତ୍ରେ ଦ୍ୱାରର ପଶ୍ଚାତ୍ତ ଦେଶରେ ଆତ୍ମଗୋପନ କରି ରହିଥିବା ଦେବଦତ୍ତ ତାଙ୍କୁ ନିବିଡ଼ ଆଲିଙ୍ଗନ ପାଶରେ ଆବଦ୍ଧ କଲେ । ରାଜକନ୍ୟା ଆଶ୍ଚର୍ଯ୍ୟର ସହିତ ସଙ୍କେତର ଅର୍ଥ ତୁମେ କିପରି ଜାଣିଲ ବୋଲି ପଚାରିବାରୁ ଦେବଦତ୍ତ ସମସ୍ତ ବୃତ୍ତାନ୍ତ ତାଙ୍କ ନିକଟରେ ପ୍ରକାଶ କଲେ । ଏହା ଶୁଣି ରାଜକନ୍ୟା ତାଙ୍କର ଗୁପ୍ତ ପ୍ରଣୟ ପ୍ରକାଶିତ ହୋଇଯିବା ଭୟରେ 'ତୁମେ ଏକ ନିପଟ ମୂର୍ଖ' ବୋଲି କହି ରାଜଗୃହ ଅଭିମୁଖରେ ଚାଲିଗଲେ । କାମବାଣ ଜର୍ଜରିତ ଦେବଦତ୍ତ ଏଥିରେ ମୃତପ୍ରାୟ ହୋଇପଡ଼ିଲେ । ଏହା ଦେଖି ପୂର୍ବ ତପସ୍ୟାଦ୍ୱାରା ପ୍ରୀତ ଭଗବାନ ଶଙ୍କର ନିଜର ଭକ୍ତକୁ ସାହାଯ୍ୟ କରିବା ନିମନ୍ତେ ପଞ୍ଚଶିଖ ନାମକ ଗଣକୁ ପ୍ରେରଣ କଲେ । ପଞ୍ଚଶିଖ ତାଙ୍କୁ ଆଶ୍ୱାସନା ପ୍ରଦାନ କରି ନିଜେ ଏକ ବୃଦ୍ଧ ବ୍ରାହ୍ମଣର ବେଶଧାରଣ କଲା ଏବଂ ଦେବଦତ୍ତଙ୍କୁ ନାରୀବେଶରେ ସଜ୍ଜିତ କରି ରାଜାଙ୍କ ନିକଟରେ ଯାଇ ଜଣାଇଲା, 'ମୋର ପୁତ୍ର ନିରୁଦ୍ଦିଷ୍ଟ ହୋଇଯାଇଛି ଏବଂ ମୁଁ ତାର ସନ୍ଧାନରେ ବାହାରିଛି । ତେଣୁ ମୁଁ ତା ସହିତ ଫେରି ଆସିବା ପର୍ଯ୍ୟନ୍ତ ଆପଣ ମୋର ଏହି ପୁତ୍ରବଧୂକୁ ସୁରକ୍ଷା କରିବେ ବୋଲି

Digitized by srujanika@gmail.com

ମୋର ଅନୁରୋଧ ।' ରାଜା ବ୍ରହ୍ମଶାପ ଭୟରେ ଉକ୍ତ ଛଦ୍ମବେଶୀ ଦେବଦତ୍ତଙ୍କୁ ନେଇ ଅନ୍ତଃପୁର ମଧ୍ୟରେ ରଖାଇଲେ ।

କିଛି ଦିନ ମଧ୍ୟରେ ସେ ରାଜକନ୍ୟାଙ୍କ ଅତି ବିଶ୍ୱସ୍ତ ହୋଇପଡ଼ିଲେ ଏବଂ ଦିନେ ତାଙ୍କୁ ଏକାନ୍ତ ଉତ୍ସୁକ ଦେଖି ନିଜକୁ ପ୍ରକଟିତ କଲେ । ସେଠାରେ ଗାନ୍ଧର୍ବବିଧିରେ ଉଭୟଙ୍କର ବିବାହ ସମ୍ପନ୍ନ ହେଲା । କିଛି ଦିନ ସେଠାରେ ଅବସ୍ଥାନ କରିବା ପରେ ଦେବଦତ୍ତ ଯେତେବେଳେ ଜାଣିଲେ ଯେ ସ୍ତ୍ରୀ ଗର୍ଭବତୀ ସେତେବେଳେ ସେ ପଞ୍ଚଶିଖଙ୍କୁ ସ୍ମରଣ କଲେ । ସ୍ମରଣ ମାତ୍ରେ ପଞ୍ଚଶିଖ ଆସି ତାଙ୍କୁ ସେଠାରୁ ଗୁପ୍ତଭାବରେ ନେଇ ଚାଲିଗଲେ । ପର ଦିନ ପ୍ରାତଃକାଳରେ ସେହି ବୃଦ୍ଧବ୍ରାହ୍ମଣ ଦେବଦତ୍ତଙ୍କୁ ପୁତ୍ରରୂପେ ସଙ୍ଗରେ ନେଇ ରାଜାଙ୍କ ସହ ସାକ୍ଷାତ କଲେ ଏବଂ ପୁତ୍ରବଧୂଙ୍କୁ ଫେରାଇ ଦେବା ନିମନ୍ତେ ପ୍ରାର୍ଥନା କଲେ । କିନ୍ତୁ ରାଜା ସେହି ବ୍ରାହ୍ମଣବଧୂ କେଉଁଆଡ଼େ ଚାଲିଯାଇଥିବା ସମ୍ବାଦ ପାଇ ବ୍ରହ୍ମଶାପ ଭୟରେ ମନ୍ତ୍ରୀମାନଙ୍କୁ ଡାକି ପରାମର୍ଶ କଲେ । ରାଜା ସେମାନଙ୍କୁ କହିଲେ, 'ମନେ ହେଉଛି ଏ ପ୍ରକୃତ ବ୍ରାହ୍ମଣ ନୁହନ୍ତି । କୌଣସି ଦେବତା ମୋତେ ପରୀକ୍ଷା କରିବା ନିମନ୍ତେ ହିଁ ଆସିଛନ୍ତି । ଅନେକ ସମୟରେ ଏପରି ହୋଇଥିବାର ଦେଖାଯାଇଛି ।'

ଶିବିରାଜା କଥା

'ପ୍ରାଚୀନ ଯୁଗରେ ଶିବି ନାମରେ ଜଣେ ପରମ ତପସ୍ୱୀ, ଦୟାଳୁ, ଦାତା ଓ ସମସ୍ତ ପ୍ରାଣୀଙ୍କ ଅଭୟ ପ୍ରଦାୟକ ରାଜା ଥିଲେ । ଏହାଙ୍କୁ ପରୀକ୍ଷା କରିବା ନିମନ୍ତେ ଥରେ ଇନ୍ଦ୍ର ଶ୍ୟେନ ବା ସଞ୍ଚାଣରୂପରେ ଏବଂ ଧର୍ମ କପୋତରୂପରେ ଆସି ପହଞ୍ଚିଲେ । ଶ୍ୟେନ ଭୟରେ କପୋତ ଆସି ଶିବିଙ୍କ କୋଳରେ ଆଶ୍ରୟ ନେଲା । ଏହା ଦେଖି ଶ୍ୟେନ ଆସି କହିଲା, 'ମହାରାଜ ! ଏ ମୋର ଭକ୍ଷ୍ୟ । ମୁଁ କ୍ଷୁଧାର୍ତ୍ତ । ଏହାକୁ ପ୍ରଦାନ ନକଲେ ମୁଁ ପ୍ରାଣତ୍ୟାଗ କରିବି । ତୁମେ ମୋ ପ୍ରତି ଏପରି ହିଂସା ଆଚରଣ କରି ଧର୍ମ ଲାଭ କରିପାରିବ ନାହିଁ ।' ସଞ୍ଚାଣର କଥା ଶୁଣି ଶିବି କହିଲେ, 'ଏ ମୋର ଶରଣାଗତ, ତେଣୁ ଏହାର ରକ୍ଷା କରିବା ମୋର ଧର୍ମ ଓ କର୍ତ୍ତବ୍ୟ । ତୁମର କ୍ଷୁଧା ନିବାରଣ ସକାଶେ ମୁଁ ଅନ୍ୟ ମାଂସ ପ୍ରଦାନ କରିବି ଗ୍ରହଣ କର ।' ସଞ୍ଚାଣ ଏଥିରେ

Digitized by srujanika@gmail.com

କହିଲ, 'ତାହା ହେଲେ ତୁମେ ନିଜ ଶରୀରରୁ କପୋତର ସମପରିମାଣ ମାଂସ ଦେଇ ମୋତେ ତୃପ୍ତକର ।' ରାଜା ଏହା ସ୍ୱୀକାର କଲେ ଏବଂ ସଙ୍ଗେ ସଙ୍ଗେ ଗୋଟିଏ ତୁଳାଦଣ୍ଡ ଆଣି ଏହାର ଏକ ପାଖରେ କପୋତକୁ ରଖି ଅନ୍ୟ ପାଖରେ ନିଜ ଶରୀରର ମାଂସ କର୍ତ୍ତନ କରି ପକାଇବାକୁ ଲାଗିଲେ । କିନ୍ତୁ ସର୍ବଦା କପୋତ ହିଁ ଗୁରୁ ହେଲା । ଶେଷରେ ରାଜା ନିଜେ ତୁଳ ପାଖରେ ଯାଇ ବସିଲେ । ଏହା ଦେଖି ଦେବତାମାନେ ଧନ୍ୟ ଧନ୍ୟ କଲେ ଏବଂ ଇନ୍ଦ୍ର ଓ ଧର୍ମ ନିଜ ରୂପ ଧାରଣ କରି ପୁଣି ତାଙ୍କ ଶରୀରକୁ ପୂର୍ଣ୍ଣାଙ୍ଗ କରିଦେଲେ ।

ଏହିପରି ମୋର ପରୀକ୍ଷା ନିମନ୍ତେ କୌଣସି ଦେବତା ବୋଧହୁଏ ଆସି ଉପସ୍ଥିତ ହୋଇଛନ୍ତି । ମନ୍ତ୍ରୀମାନଙ୍କୁ ଏହା କହି ଭୟବ୍ୟାକୁଳିତ ଚିତ୍ତ ସୁଶର୍ମା ବ୍ରାହ୍ମଣରୂପୀ ପଞ୍ଚଶିଖଙ୍କୁ ବିନମ୍ର ସ୍ୱରରେ ପ୍ରାର୍ଥନା କଲେ, 'ମହାରାଜ ! ମୋତେ କ୍ଷମା କରନ୍ତୁ । ଅତି ଯତ୍ନରେ ସୁରକ୍ଷିତା ଆପଣଙ୍କ ପୁତ୍ରବଧୂ ଆଜି କେଉଁଆଡ଼େ ଚାଲି ଯାଇଛନ୍ତି ।' ଏଥିରେ ପଞ୍ଚଶିଖ ଦୟାପୂର୍ଣ୍ଣ କଣ୍ଠରେ ରାଜାଙ୍କୁ କହିଲେ, 'ତା ହେଲେ ଆପଣଙ୍କ କନ୍ୟାକୁ ମୋର ପୁତ୍ରବଧୂରୂପେ ପ୍ରଦାନ କରନ୍ତୁ ।' ରାଜା ଶାପଭୟ ହୋଇ ନିଜ କନ୍ୟା ଶ୍ରୀଙ୍କୁ ଦେବଦତ୍ତଙ୍କ ସହ ପ୍ରକାଶ୍ୟରେ ବିବାହ କରାଇଦେଲେ ଏବଂ ପଞ୍ଚଶିଖ ମଧ୍ୟ ଶିବଲୋକକୁ ଫେରିଗଲେ ।

ରାଜାଙ୍କର ଅନ୍ୟ କୌଣସି ସନ୍ତାନସନ୍ତତି ନଥିବାରୁ ଦେବଦତ୍ତ ସେଠାରେ ଶ୍ୱଶୁରଙ୍କ ସମ୍ପତ୍ତି ଭୋଗକରି ମହାସୁଖରେ କାଳଯାପନ କଲେ । ରାଜା ସୁଶର୍ମା ବାନପ୍ରସ୍ଥବ୍ରତ ଅବଲମ୍ବନ କରିବାରୁ ଦେବଦତ୍ତ ବହୁଦିନ ରାଜ୍ୟ-ଶାସନ କରିବା ପରେ ସମୟକ୍ରମେ ନିଜ ପୁତ୍ରକୁ ରାଜ ସିଂହାସନରେ ଅଭିଷିକ୍ତ କରି ଶ୍ରୀଙ୍କ ସହ ତପୋବନକୁ ପ୍ରସ୍ଥାନ କଲେ । ସେଠାରେ ଦେବଦତ୍ତ ପୁଣି ଭଗବାନ୍ ଶଙ୍କରଙ୍କ ଆରାଧନା କରି ଶିବଲୋକ ଗମନ କଲେ ଏବଂ 'ଗଣ' ରୂପେ ବାସକଲେ । ପ୍ରିୟତମାଙ୍କ ଦନ୍ତଦ୍ୱାରା ପ୍ରକ୍ଷିପ୍ତ ପୁଷ୍ପର ସଙ୍କେତକୁ ସେ ବୁଝିପାରି ନଥିଲେ ବୋଲି ତାଙ୍କର ନାମ ପୁଷ୍ପଦନ୍ତ ହେଲା ଏବଂ ତାଙ୍କ ପତ୍ନୀ ଜୟା ନାମ ଧାରଣ କରି ପାର୍ବତୀଙ୍କ ପ୍ରତିହାରୀ ହେଲେ ।

Digitized by srujanika@gmail.com

ବର୍ତ୍ତମାନ ମୋର ମାଲ୍ୟବାନ୍ ନାମ ଧାରଣ କରିବାର କାରଣ ଶୁଣ—

ମାଲ୍ୟବାନ୍‌ଙ୍କ ପୂର୍ବଜନ୍ମ କଥା

ମୁଁ ଗୋବିନ୍ଦଦତ୍ତଙ୍କର ଅନ୍ୟତମ ପୁତ୍ର ଓ ଦେବଦତ୍ତଙ୍କ ଭ୍ରାତା ଥିଲି । ଦେବଦତ୍ତ ଯେଉଁ କାରଣରୁ ଗୃହତ୍ୟାଗ କରିଥିଲେ, ସେହି କାରଣରୁ ହିଁ ମୁଁ ମଧ୍ୟ ହିମାଳୟକୁ ଯାଇ ତପସ୍ୟା ଆଚରଣ କଲି । ଏହି ସମୟରେ ବିଭିନ୍ନ ପୁଷ୍ପରେ ମାଳା ତିଆରି କରି ତଦ୍ଦ୍ୱାରା ଭଗବାନ ପାର୍ବତୀପତିଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରୁଥିଲି । ଶିବ ଏଥିରେ ସନ୍ତୁଷ୍ଟ ହୋଇ ମୋତେ ଦର୍ଶନ ଦେବାରୁ ମୁଁ ସାଂସାରିକ ଭୋଗବିଳାସ ପରିତ୍ୟାଗ କରି ତାଙ୍କର 'ଗଣ' ହୋଇ ରହିବା ନିମନ୍ତେ ବର ପ୍ରାର୍ଥନା କଲି । ଗିରିଜାପତି କହିଲେ, 'ଯେହେତୁ ତୁମେ ସ୍ୱହସ୍ତରେ ପୁଷ୍ପଚୟନ କରି ମୋତେ ସନ୍ତୁଷ୍ଟ କଲ, ତେଣୁ ମାଲ୍ୟବାନ୍ ନାମ ଧାରଣ କରି ତୁମେ ମୋର 'ଗଣ' ରୂପେ ବାସକର ।' ଏହିପରି ଭାବରେ ମୁଁ ମାନବ ଶରୀର ପରିତ୍ୟାଗ କରି ପବିତ୍ର ଶିବଲୋକରେ ବାସ କଲି ଏବଂ ପାର୍ବତୀଙ୍କ ଶାପରେ ପୁଣି ବର୍ତ୍ତମାନ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କରିଅଛି ।

ତେଣୁ ହେ କାଣଭୂତି ! ବର୍ତ୍ତମାନ ତୁମେ ସେହି ମହାକଥା ପ୍ରକାଶ କର ଯାହାଦ୍ୱାରା ଉଭୟେ ଶାପମୁକ୍ତ ହୋଇ ସ୍ୱସ୍ଥାନକୁ ଫେରିଯିବା ।

Digitized by srujanika@gmail.com

ଅଷ୍ଟମ ତରଙ୍ଗ

ଗୁଣାଢ଼୍ୟଙ୍କ ଅନୁରୋଧ କ୍ରମେ କାଣଭୂତି ପିଶାଚ ଭାଷାରେ ପୁଷ୍ପଦନ୍ତ (ବରରୁଚି)ଙ୍କଠାରୁ ଶୁଣିଥିବା ସପ୍ତ ଆଖ୍ୟାୟିକାମୟୀ ଦିବ୍ୟ କଥା ପ୍ରକାଶ କଲେ । ଗୁଣାଢ଼୍ୟ ଏହାକୁ ସାତ ବର୍ଷରେ ସାତ ଲକ୍ଷ ଶ୍ଳୋକରେ ପୈଶାଚୀ ଭାଷାଦ୍ୱାରା ଲିପିବଦ୍ଧ କଲେ । ବିଦ୍ୟାଧରମାନେ ନେଇ ଚାଲିଯିବା ଭୟରେ ଏବଂ ଅରଣ୍ୟ ମଧ୍ୟରେ କାଳି ନମିଳିବା ଯୋଗୁଁ ନିଜ ରକ୍ତରେ ହିଁ ମହାବୁଦ୍ଧିମାନ୍ ଗୁଣାଢ଼୍ୟ ଏହାକୁ ଲିପିବଦ୍ଧ କରି ଚାଲିଥିବାବେଳେ ଏହା ଶୁଣିବା ନିମନ୍ତେ ସିଦ୍ଧ, ବିଦ୍ୟାଧର ପ୍ରଭୃତି ଆକାଶରେ ରୁଣ୍ଡୀଭୂତ ହୋଇଥାଆନ୍ତି । ଆକାଶ ବିତାନଯୁକ୍ତ ହେଲପରି ଜଣାଯାଉଥାଏ ।

କଥା ଶେଷକରି କାଣଭୂତି ଶାପମୁକ୍ତ ହୋଇ ସ୍ୱସ୍ଥାନକୁ ପ୍ରତ୍ୟାଗମନ କଲେ ଏବଂ ଏହାଙ୍କ ସହ ବାସ କରୁଥିବା ପିଶାଚମାନେ ମଧ୍ୟ ଦିବ୍ୟଗତି ଲାଭ କଲେ ।

ତତ୍ପରେ ଗୁଣାଢ଼୍ୟ ଚିନ୍ତାକଲେ ଯେ ପାର୍ବତୀ ଶାପାନ୍ତ ଘୋଷଣା କରି କହିଥିଲେ, ଏହି କଥାକୁ ପୃଥିବୀରେ ପ୍ରଚାରିତ କଲେ ହିଁ ମୁଁ ଶାପମୁକ୍ତ ହେବି । ତେଣୁ ଏହାକୁ ଏପରି କୌଣସି ଲୋକ ନିକଟରେ ଉପସ୍ଥାପନ କରିବାକୁ ହେବ ଯେ କି ଏହାର ସୁପ୍ରଚାରର ବ୍ୟବସ୍ଥା କରିପାରିବ । ଏହି ସମୟରେ ଗୁଣଦେବ ଓ ନନ୍ଦିଦେବ ନାମକ ଗୁଣାଢ଼୍ୟଙ୍କ ଶିଷ୍ୟମାନେ ସାତବାହନ ହିଁ ଏହାର ଉପଯୁକ୍ତ ପାତ୍ର ବୋଲି କହିବାରୁ ସେ ସେମାନଙ୍କ ଦ୍ୱାରା ଏହି ବିଶାଳ କଥାଗ୍ରନ୍ଥକୁ ରାଜାଙ୍କ ନିକଟକୁ ପ୍ରେରଣ କଲେ ଏବଂ ନିଜେ ପ୍ରତିଷ୍ଠାନ ନଗରର ବାହାରେ ଥିବା ଦେବୀ ମନ୍ଦିରରେ ସେମାନଙ୍କୁ ଅପେକ୍ଷା କଲେ । ସାତବାହନ ଜଣେ ରସିକ ରାଜା; ତେଣୁ ବାୟୁ ପୁଷ୍ପର ସୁଗନ୍ଧକୁ ଦିଗ୍‌ବିଦିଗ ପ୍ରସାରିତ କଲାପରି ସେ ଏହି କଥାକୁ ପୃଥିବୀରେ ପ୍ରଚାର କରିବେ ବୋଲି ଗୁଣାଢ଼୍ୟ ଆଶା ପୋଷଣ କରିଥିଲେ ।

Digitized by srujanika@gmail.com

ଏଣେ ଗୁଣାଢ଼୍ୟଙ୍କ ଶିଷ୍ୟଦ୍ୱୟ 'ଏହା ଗୁଣାଢ଼୍ୟଙ୍କ ରଚନା' ବୋଲି କହି କଥାଗ୍ରନ୍ଥଟିକୁ ରାଜାଙ୍କ ହସ୍ତରେ ଅର୍ପଣ କଲେ । କିନ୍ତୁ ବିଦ୍ୟାମଦଦ୍ୱାରା ଅନ୍ଧୀଭୂତ ରାଜା ପିଶାଚଭାଷାନିବଦ୍ଧ ଗ୍ରନ୍ଥ ଓ ପିଶାଚାକୃତି ଶିଷ୍ୟଦ୍ୱୟଙ୍କୁ ଦେଖି ଏହି ରକ୍ତ ଲିଖିତ ସପ୍ତ ଲକ୍ଷ ଶ୍ଳୋକମୟ ଗ୍ରନ୍ଥଟି ପ୍ରତି ତାଚ୍ଛଲ୍ୟ ପ୍ରକାଶ କଲେ । ଶିଷ୍ୟମାନେ ନିରାଶ ମନରେ ଗୁରୁଙ୍କ ନିକଟରେ ସମଗ୍ର ବୃତ୍ତାନ୍ତ ବର୍ଣ୍ଣନା କରିବାରୁ ଗୁଣାଢ଼୍ୟ ଗଭୀର ଦୁଃଖ ଅନୁଭବ କଲେ । ତତ୍ପରେ ସେ ଶିଷ୍ୟମାନଙ୍କ ସହ ନିକଟସ୍ଥ ପର୍ବତକୁ ପ୍ରସ୍ଥାନ କରି ଏକ ରମଣୀୟ ଓ ନିର୍ଜନ ସ୍ଥାନରେ ଗୋଟିଏ ଅଗ୍ନିକୁଣ୍ଡ ସ୍ଥାପନ କଲେ । ସେଠାରେ ଗୋଟିଏ ଗୋଟିଏ ପତ୍ର ଉଚ୍ଚସ୍ୱରରେ ନିକଟସ୍ଥ ପଶୁପକ୍ଷୀମାନଙ୍କୁ ଶ୍ରବଣ କରାଇ ଅଗ୍ନିରେ ନିକ୍ଷେପ କରିବାକୁ ଲାଗିଲେ । ଶିଷ୍ୟଦ୍ୱୟ ଅଶ୍ରୁପୂର୍ଣ୍ଣ ନୟନରେ ନିକଟରେ ରହି ଏହି ମର୍ମନ୍ତୁଦ ଘଟଣା ଅବଲୋକନ କରୁଥାଆନ୍ତି । ଶେଷରେ ଗୁଣାଢ଼୍ୟ ଏମାନଙ୍କ ବିନମ୍ର ଅନୁରୋଧରେ ଏକ ଲକ୍ଷ ଶ୍ଳୋକନିବଦ୍ଧ ନରବାହନଦତ୍ତ କଥାଟିକୁ ଅଗ୍ନିରେ ନିକ୍ଷେପ ନକରି ଏମାନଙ୍କ ହସ୍ତରେ ଅର୍ପଣ କଲେ । ଗୁଣାଢ଼୍ୟଙ୍କ ଅପୂର୍ବକଥା ଶୁଣିବା ନିମିତ୍ତ ଅରଣ୍ୟର ସମସ୍ତ ପଶୁ ମୃଗ, ବରାହ, ଶୂକର, ମହିଷ ପ୍ରଭୃତି ଅଶ୍ରୁପୂର୍ଣ୍ଣ ନୟନରେ ଖାଦ୍ୟପାନ ପରିତ୍ୟାଗ କରି ସେଠାରେ ରୁଣ୍ଡୀଭୂତ ହୋଇଥାଆନ୍ତି ।

ଏହି ଅବସରରେ ରାଜା ସାତବାହନ ଅସୁସ୍ଥ ହୋଇପଡ଼ିଲେ । ଶୁଷ୍କ ମାଂସ ଭକ୍ଷଣ ହିଁ ଏହି ରୋଗର କାରଣ ବୋଲି ରାଜବୈଦ୍ୟମାନଙ୍କ ଦ୍ୱାରା ନିର୍ଣ୍ଣୀତ ହେଲା । ଏ ସମ୍ପର୍କରେ ପାଚକମାନଙ୍କୁ ଅଭିଯୁକ୍ତ କରିବାରୁ ସେମାନେ 'ଶିକାରୀମାନେ ଏ ପ୍ରକାର ମାଂସ ହିଁ ସେମାନଙ୍କୁ ଦେଉଥିବା' ପ୍ରକାଶ କଲେ । ଶିକାରୀମାନଙ୍କୁ ଜିଜ୍ଞାସା କରିବାରୁ ସେମାନେ କହିଲେ ଯେ ନିକଟସ୍ଥ ପର୍ବତ ଉପରେ ଜଣେ ବ୍ରାହ୍ମଣ ଗୋଟିଏ ଗୋଟିଏ ପତ୍ର ପାଠକରି ଅଗ୍ନିକୁଣ୍ଡରେ ନିକ୍ଷେପ କରୁଅଛି । ଏଣୁ ଅରଣ୍ୟର ସମସ୍ତ ପ୍ରାଣୀ ଆହାର ପରିତ୍ୟାଗ କରି ତାହା ଶୁଣିବା ପାଇଁ ସେଠାରେ ଏକତ୍ରିତ ହୋଇଛନ୍ତି । ତେଣୁ ସେମାନଙ୍କ ମାଂସ ସବୁ ଶୁଷ୍କ ହୋଇଯାଇଛି ।

ବ୍ୟାଧମାନଙ୍କଠାରୁ ଏହା ଶୁଣି ରାଜା ସାତବାହନ ସେମାନଙ୍କ ସାହାଯ୍ୟରେ ଗୁଣାଢ଼୍ୟଙ୍କ ନିକଟରେ ଉପସ୍ଥିତ ହେଲେ । ଜଟାଜୂଟମଣ୍ଡିତ

Digitized by srujanika@gmail.com

ପଣ୍ଡିତଙ୍କୁ ଶେଷପ୍ରାପ୍ୟଶାପରୂପୀ ଅଗ୍ନିର ଶେଷଧୂମଶିଖାତୁଲ୍ୟ ସେଠାରେ ଦେଖିବାକୁ ପାଇଲେ । ଲୋତକପୂର୍ଣ୍ଣ-ଲୋଚନ ପଶୁପକ୍ଷୀମାନଙ୍କ ମଧ୍ୟରେ ଉପବିଷ୍ଟ ଗୁଣାଢ଼୍ୟଙ୍କୁ ଚିହ୍ନିପାରି ରାଜା ପ୍ରଣାମପୂର୍ବକ କୁଶଳ ଜିଜ୍ଞାସା କଲେ । ତାଙ୍କଠାରୁ ବୃହତ୍‌କଥାର ବିବରଣୀ ଜ୍ଞାତ ହୋଇ ଏବଂ ତାଙ୍କୁ ଶିବଙ୍କର 'ଗଣ' ବୋଲି ଜାଣି ସାଷ୍ଟାଙ୍ଗ ପ୍ରଣିପାତ କଲେ । ତତ୍ପରେ ରାଜା ସେହି ବୃହତ୍‌କଥା ପ୍ରଦାନ କରିବା ନିମନ୍ତେ ପ୍ରାର୍ଥନା କରିବାରୁ ଗୁଣାଢ଼୍ୟ କହିଲେ, 'ବର୍ତ୍ତମାନ ଛଅ ଲକ୍ଷ ଶ୍ଳୋକବିଶିଷ୍ଟ ଛ'ଟି କଥା ଭସ୍ମୀଭୂତ ହୋଇ ଗଲଣି; ଏହି ଏକ ଲକ୍ଷ ଶ୍ଳୋକବିଶିଷ୍ଟ ଅବଶିଷ୍ଟ କଥାକୁ ନେଇ ଲୋକରେ ପ୍ରଚାର କରନ୍ତୁ । ମୋର ଏହି ଶିଷ୍ୟଦ୍ୱୟ ଏହି କଥାର ବ୍ୟାଖ୍ୟାକାର ରୂପରେ ଆପଣଙ୍କର ସାହାଯ୍ୟ କରିବେ ।'

ଏହା କହି ଗୁଣାଢ଼୍ୟ ଯୋଗସମାଧିଦ୍ୱାରା ମାନବ ଶରୀର ପରିତ୍ୟାଗ କରି ଶିବଲୋକ ଗମନ କଲେ । ରାଜା ମଧ୍ୟ ନରବାହନଦତ୍ତଚରିତମୟୀ ବୃହତ୍‌କଥାକୁ ନେଇ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ । ନନ୍ଦିଦେବ ଓ ଗୁଣଦେବଙ୍କୁ ଧନ, ବାହନ, ଭବନ, ଭୂମି, ବସ୍ତ୍ର ପ୍ରଭୃତି ପ୍ରଦାନ କରି ରାଜା ସନ୍ତୁଷ୍ଟ କଲେ ଏବଂ ଏହି ଗ୍ରନ୍ଥର ପରିପ୍ରଚାର ନିମିତ୍ତ ଦେଶୀୟ ଭାଷାରେ ଏହାର ଅନୁବାଦ କରାଇ ସେହି ଶିଷ୍ୟମାନଙ୍କ ସହାୟତାରେ ଏହି କଥାପୀଠ ରଚନା କଲେ । ଏହି ବିଚିତ୍ର କଥା କ୍ରମଶଃ ନଗର ମଧ୍ୟରେ ପ୍ରସିଦ୍ଧି ଲାଭ କରି ସମଗ୍ର ପୃଥିବୀରେ ପ୍ରଚାରିତ ହେଲା ।

Digitized by srujanika@gmail.com

ଦ୍ୱିତୀୟ ସର୍ଗ

"ଗୌରୀନବପରିଷ୍ୱଙ୍ଗେ ବିଭୋଃ ସ୍ୱେଦାମ୍ବୁ ପାତୁ ବଃ
ନେତ୍ରାଗ୍ନିଭୀତ୍ୟା କାମେନ ବାରୁଣାସ୍ତ୍ରମିବାହୃତମ୍ ।"

Digitized by srujanika@gmail.com

ପ୍ରଥମ ତରଙ୍ଗ

କୈଳାସ ଶିଖରରେ ମହାଦେବଙ୍କ ମୁଖରୁ ପୁଷ୍ପଦନ୍ତ, ତତ୍ପରେ ପୃଥିବୀରେ ବରରୁଚିରୂପରେ ଜନ୍ମଗ୍ରହଣ କରିଥିବା ପୁଷ୍ପଦନ୍ତଙ୍କ ମୁଖରୁ କାଣଭୂତି, କାଣଭୂତିଙ୍କ ମୁଖରୁ ଗୁଣାଢ୍ୟ ଏବଂ ଅବଶେଷରେ ଗୁଣାଢ୍ୟଙ୍କ ନିକଟରୁ ରାଜା ସାତବାହନ ଯେଉଁ ମହାକଥା ଶ୍ରବଣ କରିଥିଲେ, ବର୍ତ୍ତମାନ ସେହି କଥା ଶ୍ରବଣ କରନ୍ତୁ ।

ରାଜା ସହସ୍ରାନୀକ କଥା

ସ୍ୱର୍ଗର ଗର୍ବକୁ ଖର୍ବ କରିବା ନିମନ୍ତେ ପୃଥିବୀପୃଷ୍ଠରେ ବିଧାତା ବତ୍ସ ନାମକ ଗୋଟିଏ ଦେଶ ନିର୍ମାଣ କରିଅଛନ୍ତି । ଏହାର ମଧ୍ୟଭାଗରେ ପୃଥିବୀ-ରାଣୀର କର୍ଣ୍ଣଭୂଷା ସ୍ୱରୂପ କୌଶାମ୍ବୀ ନାମରେ ଗୋଟିଏ ସମୃଦ୍ଧିଶାଳୀ ନଗରୀ ଅବସ୍ଥିତ । ପ୍ରାଚୀନ କାଳରେ ଏଥିରେ ପାଣ୍ଡବ ବଂଶର ଜନ୍ମେଜୟଙ୍କ ପୁତ୍ର ଶତାନୀକ ରାଜତ୍ୱ କରୁଥିଲେ । ତାଙ୍କର ଉଭୟ ସ୍ତ୍ରୀଙ୍କ ମଧ୍ୟରୁ ଜଣେ (ପୃଥିବୀ) ରତ୍ନ ପ୍ରସବ କରୁଥିଲେ କିନ୍ତୁ ଅନ୍ୟ ରାଣୀ ଅପୁତ୍ରିକ ଥିଲେ । ଦିନେ ରାଜା ମୃଗୟା ନିମନ୍ତେ ଅରଣ୍ୟାନୀ ମଧ୍ୟରେ ଭ୍ରମଣ କରୁଥିବା ସମୟରେ ଶାଣ୍ଡିଲ୍ୟ ମୁନିଙ୍କ ସହ ତାଙ୍କର ସାକ୍ଷାତ ହେଲା । ରାଜାଙ୍କ ଅନୁରୋଧକ୍ରମେ ସେ ରାଜଭବନକୁ ଆସି ରାଣୀଙ୍କୁ ମନ୍ତ୍ରପୂତ ପବିତ୍ର ଚରୁ ପ୍ରଦାନ କଲେ ଏବଂ ଏହାର ପ୍ରଭାବରେ ରାଜା ଶତାନୀକଙ୍କର ସହସ୍ରାନୀକ ନାମରେ ଗୋଟିଏ ପୁତ୍ର ଜାତ ହେଲା । ବିନୟାଦି ଗୁଣ ଶୋଭା ପାଇଲା ପରି ଏହାଙ୍କଦ୍ୱାରା ରାଜା ଶତାନୀକଙ୍କ ଶୋଭା ବୃଦ୍ଧିପ୍ରାପ୍ତ ହେଲା । ଯଥାସମୟରେ ସହସ୍ରାନୀକଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କରି ଶତାନୀକ ରାଜ୍ୟଶାସନ ଚିନ୍ତାରୁ ମୁକ୍ତ ହେଲେ ।

କିଛି ଦିନ ପରେ ଦେବତାମାନଙ୍କ ସହ ଅସୁରମାନଙ୍କର ଯୁଦ୍ଧ ଆରମ୍ଭ ହେବାରୁ ଇନ୍ଦ୍ର ଶତାନୀକଙ୍କୁ ନିମନ୍ତ୍ରଣ କରିନେବା ନିମନ୍ତେ ମାତଳିଙ୍କୁ ଦୂତ-ରୂପରେ ପ୍ରେରଣ କଲେ । ରାଜ୍ୟଶାସନ ଭାର ମନ୍ତ୍ରୀ ଯୁଗନ୍ଧର, ସେନାପତି

Digitized by srujanika@gmail.com

ସୁପ୍ରତୀକ ଏବଂ ଯୁବରାଜ ସହସ୍ରାନୀକଙ୍କୁ ପ୍ରଦାନ କରି ରାଜା ଶତାନୀକ ମାତଳି ସହ ଇନ୍ଦ୍ରଙ୍କୁ ସାହାଯ୍ୟ କରିବା ନିମିତ୍ତ ସ୍ୱର୍ଗରାଜ୍ୟକୁ ଗମନ କଲେ । ସେଠାରେ ଯମଦଂଷ୍ଟ୍ର ପ୍ରଭୃତି ପ୍ରଭାବଶାଳୀ ରାକ୍ଷସମାନଙ୍କୁ ଯୁଦ୍ଧରେ ନିହତ କରି ସେ ନିଜେ ମଧ୍ୟ ଇହଲୀଳା ସମ୍ବରଣ କଲେ । ମାତଳିଦ୍ୱାରା ଏହାଙ୍କର ଶବ ସତ୍କାର ନିମନ୍ତେ ରାଜଧାନୀରେ ଆସି ପହଞ୍ଚିବାରୁ ପତିବ୍ରତା ରାଣୀ ସହଗମନ କଲେ ଏବଂ ରାଜଲକ୍ଷ୍ମୀ ସହସ୍ରାନୀକଙ୍କ ଆଶ୍ରୟ ନେଲେ । ସେ ସିଂହାସନ ଆରୋହଣ କରିବା ମାତ୍ରେ ସିଂହାସନ ନମ୍ର ହେବା ପରିବର୍ତ୍ତେ ଅନ୍ୟ ରାଜାମାନଙ୍କର ଶିର ନମ୍ର ହୋଇଗଲା ।

ଏହି ଅବସରରେ ବିଜୟ ଉତ୍ସବ ପାଳନ ନିମନ୍ତେ ଦେବରାଜ ଇନ୍ଦ୍ର ମାତଳିଙ୍କଦ୍ୱାରା ସହସାନୀକଙ୍କୁ ସ୍ୱର୍ଗରାଜ୍ୟକୁ ନିମନ୍ତ୍ରଣ କରିନେଲେ । ସେଠାରେ ଅବସ୍ଥାନ କରୁଥିଲାବେଳେ ସେ ଏକଦା ଦେବତାମାନଙ୍କୁ ସସ୍ତ୍ରୀକ ନନ୍ଦନ-କାନନରେ ଭ୍ରମଣ କରୁଥିବା ଦେଖି ଉପଯୁକ୍ତ ପତ୍ନୀଲାଭ ନିମନ୍ତେ ବ୍ୟାକୁଳିତ ହୋଇଉଠିଲେ । ଏହା ଜାଣିପାରି ଦେବରାଜ ଇନ୍ଦ୍ର କହିଲେ, 'ରାଜନ୍ ! ଚିନ୍ତିତ ହେବା ଅନୁଚିତ । ଆପଣଙ୍କ ମନୋରଥ ନିଶ୍ଚୟ ପରିପୂର୍ଣ୍ଣ ହେବ । ପୂର୍ବଜନ୍ମରେ ଆପଣଙ୍କ ଯେ ସ୍ତ୍ରୀ ଥିଲେ, ସେ ପୃଥିବୀପୃଷ୍ଠରେ ଜନ୍ମଲାଭ କରିସାରିଲେଣି । ଏହି ବୃତ୍ତାନ୍ତ ମୁଁ ଆପଣଙ୍କୁ କହୁଛି, ଶୁଣନ୍ତୁ ।'

ମୃଗାବତୀ ବିବାହ

ବହୁଦିନ ପୂର୍ବେ ପିତାମହ ବ୍ରହ୍ମାଙ୍କୁ ଦର୍ଶନ କରିବା ନିମନ୍ତେ ମୁଁ ତାହାଙ୍କର ସଭାକୁ ଯାଇଥିଲି । ମୋ ପଛେ ପଛେ ବିଧୂମ ନାମକ ବସୁ ମଧ୍ୟ ଆସି ସେଠାରେ ପହଞ୍ଚିଲେ । ଆମେ ସେଠାରେ ବସିଥିବା ସମୟରେ ଅଳମ୍ବୁଷା ନାମ୍ନୀ ଅପ୍ସରା ବ୍ରହ୍ମାଙ୍କୁ ଦର୍ଶନ କରିବା ପାଇଁ ଆସିଲା । ବାୟୁ ଲହରୀରେ ପରିଧେୟ ଶରୀରରୁ ଖସିପଡ଼ିବାବେଳେ ତାର ନଗ୍ନରୂପ ଦେଖି ବିଧୂମ କାମାସକ୍ତ ହୋଇପଡ଼ିଲେ । ଏହି ଅପ୍ସରା ମଧ୍ୟ ତାଙ୍କର ରୂପ ଦର୍ଶନରେ ସ୍ତମ୍ଭୀଭୂତା ହୋଇପଡ଼ିଲା । ଏହା ଦେଖି ବ୍ରହ୍ମାଙ୍କ ସଙ୍କେତରେ ମୁଁ ସେମାନଙ୍କୁ ଶାପଗ୍ରସ୍ତ କଲି । ଫଳରେ ଚନ୍ଦ୍ରବଂଶରେ ଆପଣଙ୍କ ଜନ୍ମ ହେଲା ଏବଂ ଅଳମ୍ବୁଷା ଅଯୋଧ୍ୟା ନରପତି କୃତବର୍ମାଙ୍କ ଗୃହରେ ମୃଗାବତୀରୂପରେ ଅବତୀର୍ଣ୍ଣା

Digitized by srujanika@gmail.com

ହେଲା । ସେ ହିଁ ଏହି ଜନ୍ମରେ ଆପଣଙ୍କର ପତ୍ନୀ ହେବେ । ଏହା ଶୁଣି ରାଜାଙ୍କର କାମାନଳ ପ୍ରଜ୍ୱଳିତ ହୋଇଉଠିଲା ।

ଏହାପରେ ମାତଳି ସହ ରାଜା ସ୍ୱରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ । ପଥ ମଧ୍ୟରେ ତିଳୋତ୍ତମା ନାମକ ଅପ୍‌ସରା ପ୍ରେମପୂର୍ଣ୍ଣ କଣ୍ଠରେ ରାଜାଙ୍କୁ କହିଲା, 'ରାଜନ୍ ! ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ, କ୍ଷଣେମାତ୍ର ଅପେକ୍ଷା କରନ୍ତୁ ।' କିନ୍ତୁ ରାଜା ମୃଗାବତୀଙ୍କ ଚିନ୍ତାରେ ନିମଜ୍ଜିତ ଥିବାରୁ ତିଳୋତ୍ତମାଙ୍କ ଅନୁରୋଧ ତାଙ୍କର କର୍ଣ୍ଣକୁହରରେ ପ୍ରବେଶ କଲା ନାହିଁ । ଫଳରେ ତିଳୋତ୍ତମା ଲଜ୍ଜିତା ଓ ଅପମାନିତା ହୋଇ ରାଜାଙ୍କୁ ଶାପ ଦେଲେ, 'ତୁମେ ଯାହା ଚିନ୍ତାରେ ନିମଜ୍ଜିତ ହୋଇ ମୋ କଥା ଶୁଣିପାରିଲ ନାହିଁ, ତା' ସହ ତୁମର ଚଉଦ ବର୍ଷ ପର୍ଯ୍ୟନ୍ତ ବିଚ୍ଛେଦ ହେବ ।' ତିଳୋତ୍ତମାଙ୍କ ଶାପ ମାତଳିଙ୍କର ଶ୍ରୁତିଗୋଚର ହେଲା କିନ୍ତୁ ରାଜାଙ୍କର ନୁହେ । ପ୍ରିୟା ମିଳନୋତ୍ସୁକ ରାଜା ରଥରେ କୌଶାମ୍ବୀ ଓ ମନରେ ଅଯୋଧ୍ୟାରେ ଯାଇ ଉପସ୍ଥିତ ହେଲେ ।

ରାଜ୍ୟରେ ପହଞ୍ଚିବା ମାତ୍ରେ ଯୁଗନ୍ଧର ପ୍ରଭୃତି ମନ୍ତ୍ରୀମାନଙ୍କୁ ଇନ୍ଦ୍ରଙ୍କ କଥିତ ସମସ୍ତ ବୃତ୍ତାନ୍ତ କହି ସେ କନ୍ୟା ପ୍ରାର୍ଥନା କରି ଅଯୋଧ୍ୟା ନରପତିଙ୍କ ନିକଟକୁ ଦୂତ ପ୍ରେରଣ କଲେ । ରାଜା କୃତବର୍ମା ଏଥିରେ ଆନନ୍ଦିତ ହୋଇ ଏ ସନ୍ଦେଶ ସ୍ୱୀୟ ପଟ୍ଟମହିଷୀ କଳାବତୀଙ୍କୁ ଶୁଣାଇଲେ । ସେ ମଧ୍ୟ ଏଥିରେ ସମ୍ମତିପ୍ରକାଶ କରି କହିଲେ, 'ଏହା ତ ଭାଗ୍ୟର କଥା । ସ୍ୱପ୍ନରେ ମୋତେ ମଧ୍ୟ ଜଣେ ବ୍ରାହ୍ମଣ ଏ କଥା କହିଥିଲେ ।' ଏହାପରେ ଦୂତଙ୍କୁ ରାଜା ପରମ ରୂପବତୀ ମୃଗାବତୀଙ୍କର ଦର୍ଶନ କରାଇଲେ । ଶୁଭ ମୁହୂର୍ତ୍ତରେ ମହା ଆଡ଼ମ୍ବର ସହ ରାଜା ସହସ୍ରାନୀକ ଓ ରାଜକୁମାରୀ ମୃଗାବତୀଙ୍କ ବିବାହ କ୍ରିୟା ସମ୍ପାଦିତ ହେଲା । ପ୍ରକୃତରେ ଶାସ୍ତ୍ର ଓ ବୁଦ୍ଧିର ସଙ୍ଗମ ପରସ୍ପର ଆଦାନ ପ୍ରଦାନ ପାଇଁ ହିଁ ହୋଇଥାଏ ।

କିଛି ଦିନ ପରେ ମନ୍ତ୍ରୀମାନଙ୍କର ପୁତ୍ର ଜାତ ହେଲା । ଯୁଗନ୍ଧରଙ୍କ ପୁତ୍ର ଯୌଗନ୍ଧରାୟଣ, ସୁପ୍ରତୀକଙ୍କ ପୁତ୍ର ରୁମଣ୍ୱାନ୍ ଏବଂ ବିଦୂଷକଙ୍କ ପୁତ୍ର ବସନ୍ତକ ନାମରେ ପରିଚିତ ହେଲେ ।

Digitized by srujanika@gmail.com

ତା'ର କିଛି ଦିନ ପରେ ମୃଗାବତୀ ଗର୍ଭବତୀ ହେଲେ । ରକ୍ତପୂର୍ଣ୍ଣ ପୁଷ୍କରିଣୀରେ ସ୍ନାନ କରିବା ନିମନ୍ତେ ତାଙ୍କର ଅଭିଳାଷ ହେଲା । ରାଜା ଗର୍ଭବତୀ ରାଣୀଙ୍କର ଦୋହଦ ପୂର୍ତ୍ତି ନିମନ୍ତେ ଲାକ୍ଷା, ଅଲକ୍ତକ ପ୍ରଭୃତି ରକ୍ତବର୍ଣ୍ଣ ଧାତୁରେ ଏକ ପୁଷ୍କରିଣୀ ପୂର୍ଣ୍ଣ କଲେ । ତାହା ରକ୍ତପୂର୍ଣ୍ଣ ସରୋବର ତୁଲ୍ୟ ପ୍ରତିଭାତ ହେଲା । ଦିନେ ରାଣୀ ଏଥିରେ ସ୍ନାନ କରି ଆସୁଥିବାବେଳେ ତାଙ୍କର ଲାକ୍ଷାରଞ୍ଜିତ ଶରୀରକୁ ଦେଖି କୌଣସି ଗରୁଡ଼ବଂଶସମ୍ଭୂତ ପକ୍ଷୀର ମାଂସପିଣ୍ଡ ଭ୍ରମ ଜାତ ହେଲା । ଫଳରେ ରାଣୀଙ୍କୁ ନେଇ ସେ ଉଡ଼ି ଚାଲିଗଲା । କେବଳ ଯେ ରାଣୀଙ୍କୁ ନେଲା ତା' ନୁହେ, ତାହା ସହି ରାଜାଙ୍କ ମନକୁ ମଧ୍ୟ ହରଣ କରିନେବାରୁ ସେ ମୂର୍ଚ୍ଛିତ ହୋଇପଡ଼ିଲେ । କିଛି ସମୟ ପରେ ରାଜା ସଚେତନ ହେବାରୁ ମାତଳି ସ୍ୱର୍ଗରୁ ଅବତରଣ କରି ତାଙ୍କୁ ଶାପ ବୃତ୍ତାନ୍ତ ଶୁଣାଇ ସାନ୍ତ୍ୱନା ପ୍ରଦାନ କଲେ । ସେ ଚାଲିଯିବାରୁ ରାଜା, 'ତିଲୋତ୍ତମା ! ତୁମର ମନୋରଥ ପୂର୍ଣ୍ଣ ହେଲା' କହି ବିଳାପ କରିବାକୁ ଲାଗିଲେ । ମନ୍ତ୍ରୀମାନଙ୍କ ପ୍ରବୋଧନା ଓ ତିଲୋତ୍ତମାଙ୍କ ଶାପ ସମ୍ପର୍କୀୟ ଜ୍ଞାନ କିଛି ଦିନ ପରେ ରାଜାଙ୍କୁ କିଞ୍ଚିତ୍ ସାନ୍ତ୍ୱନା ପ୍ରଦାନ କରିବାରେ ସମର୍ଥ ହେଲା ।

ଏଣେ ପକ୍ଷୀରାଜ ରାଣୀଙ୍କୁ ନେଇ ଉଡ଼ିଯାଉଥିବା ସମୟରେ ତାଙ୍କୁ ଜୀବିତ ଜାଣି ଉଦୟ ପର୍ବତ ଉପରେ ପରିତ୍ୟାଗ କଲେ । ରାଣୀ ଏକାକିନୀ, ଏକ ବସ୍ତ୍ର ପରିହିତା ଓ ଅନାଥିନୀ ହୋଇ କରୁଣ ଭାବରେ କ୍ରନ୍ଦନ କରିବାକୁ ଲାଗିଲେ । ହଠାତ୍ ଗୋଟିଏ ବିଶାଳ ଅଜଗର ସର୍ପ ତାଙ୍କୁ ଗ୍ରାସ କରିବା ନିମନ୍ତେ ଅଗ୍ରସର ହେଲା । କିନ୍ତୁ ଭାଗ୍ୟବଶତଃ ଜଣେ ଦିବ୍ୟ ପୁରୁଷ ଏହାକୁ ହତ୍ୟାକରି ରାଣୀଙ୍କୁ ରକ୍ଷା କଲେ । ରାଣୀ ଏହାପରେ କୌଣସି ବନ୍ୟହସ୍ତୀ ସମ୍ମୁଖରେ ପଡ଼ି ପ୍ରାଣ ବିସର୍ଜ୍ଜନ କରିବା ନିମନ୍ତେ ଚେଷ୍ଟା କଲେ କିନ୍ତୁ ସେ ମଧ୍ୟ ତାଙ୍କୁ ଦୟାକରି ପଦଦଳିତ ନକରି ଚାଲିଗଲା । ଗର୍ଭଭାରହାରା ଭାରକ୍ରାନ୍ତା କୋମଳାଙ୍ଗୀ ରାଜକୁମାରୀ ଆତ୍ମହତ୍ୟା କରିବା ନିମନ୍ତେ ମନସ୍ଥ କରି କରୁଣ ଭାବରେ କ୍ରନ୍ଦନ କରିବାରେ ଲାଗିଲେ । ଏହା ଶୁଣି ପୁଷ୍ପଚୟନ ନିମିତ୍ତ ଆସିଥିବା କେତେକ ମୁନିକୁମାର ତାଙ୍କୁ ମୂର୍ତ୍ତିମାନ୍ ଶୋକତୁଲ୍ୟ ଦର୍ଶନ କରି ମୁନିଙ୍କ ଆଶ୍ରମକୁ ନେଇଗଲେ । ସେଠାରେ ମୂର୍ତ୍ତିମତୀ ଆଶ୍ୱାସନା ପରି ଆଶ୍ରିତ-ବତ୍ସଳ ମହର୍ଷି ଯମଦଗ୍ନିଙ୍କୁ ପ୍ରଣିପାତ କରିବାରୁ ସେ କହିଲେ, 'ବତ୍ସ ! ଏଠାରେ ତୁମର କୁଳଉଜ୍ଜ୍ୱଳକାରୀ ପୁତ୍ର ଜନ୍ମଲାଭ କରିବ ଏବଂ ଚତୁର୍ଦ୍ଦଶ

Digitized by srujanika@gmail.com

ବର୍ଷ ପରେ ତୁମର ପତିଙ୍କ ସହ ମିଳନ ହେବ । ତେଣୁ ଦୁଃଖ କରିବା ଅନୁଚିତ ।' ଏହି ସାନ୍ତ୍ୱନାବାଣୀ ଶ୍ରବଣ କରି ମୃଗାବତୀ ପତି ମିଳନ ଆଶା ପୋଷଣପୂର୍ବକ ଋଷି ଆଶ୍ରମରେ ବାସ କରିବାକୁ ଲାଗିଲେ ।

ଉଦୟନ ଜନ୍ମ କଥା

ସତ୍‌ସଙ୍ଗରୁ ସଦାଗ୍ରହ ଜାତ ହେବାପରି କିଛି ଦିନ ପରେ ରାଣୀ ମୃଗାବତୀଙ୍କର ଅଶେଷ ଗୁଣଯୁକ୍ତ ଗୋଟିଏ ପୁତ୍ରସନ୍ତାନ ଜାତ ହେଲା । ଏହି ସମୟରେ ଦୈବବାଣୀ ହେଲା, 'ବର୍ତ୍ତମାନ ଉଦୟନ ନାମରେ ମହାଯଶସ୍ୱୀ ରାଜା ଜନ୍ମଗ୍ରହଣ କଲେ । ସେ ସମସ୍ତ ବିଦ୍ୟାଧରମାନଙ୍କର ଚକ୍ରବର୍ତ୍ତୀ ହେବ ।'

ଏହି ବାଳକ ସମସ୍ତ ସଦ୍‌ଗୁଣ ସହ ଋଷି ଆଶ୍ରମରେ ବଢ଼ିବାକୁ ଲାଗିଲେ । ସମୟକ୍ରମେ ମହର୍ଷି ଯମଦଗ୍ନି କ୍ଷତ୍ରିୟୋଚିତ ସଂସ୍କାର କରି ଏହାଙ୍କୁ ବିଭିନ୍ନ ବିଦ୍ୟାସହ ଧନୁର୍ବିଦ୍ୟା ମଧ୍ୟ ଶିକ୍ଷା ଦେଲେ । ମୃଗାବତୀ ସ୍ନେହରେ ସହସ୍ରାନୀକଙ୍କ ନାମାଙ୍କିତ କଙ୍କଣ ନିଜ ହସ୍ତରୁ ବାହାର କରି ଉଦୟନଙ୍କ ମଣିବନ୍ଧ ମଣ୍ଡନ କଲେ ।

ଏକଦା ଉଦୟନ ମୃଗୟା ଛଳରେ ଅରଣ୍ୟ ମଧ୍ୟରେ ଭ୍ରମଣ କରୁଥିଲା ବେଳେ ଗୋଟିଏ ଶବରକୁ ଦେଖିଲେ । ସେ ବଳତ୍କାରରେ ଗୋଟିଏ ସର୍ପକୁ ଧରିଥାଏ । ଉଦୟନ ଦୟା ପରବଶ ହୋଇ କହିଲେ, 'ତୁମେ ଏହାକୁ ମୁକ୍ତ ଦିଅ ।' ଉତ୍ତରରେ ଶବର କହିଲା, 'ଏ ତ ମୋର ଜୀବିକା । ସର୍ପବିଦ୍ୟା ପ୍ରଦର୍ଶନଦ୍ୱାରା ହିଁ ମୁଁ ଅର୍ଥ ଉପାର୍ଜ୍ଜନ କରି କୁଟୁମ୍ବ ପରିପୋଷଣ କରୁଅଛି । ମୁଁ ଅତ୍ୟନ୍ତ ଦରିଦ୍ର । ପ୍ରଥମ ସର୍ପଟିର ମୃତ୍ୟୁ ଘଟିବାରୁ ଅରଣ୍ୟସାରା ଅନୁସନ୍ଧାନ କରି ବହୁକଷ୍ଟରେ ମୁଁ ଏହାକୁ ଲାଭ କରିଛି ।' ଏହା ଶୁଣି ଉଦୟନ ମାତୃପ୍ରଦତ୍ତ କଙ୍କଣଟି ବାହାର କରି ଶବରକୁ ପ୍ରଦାନ କଲେ ଏବଂ ଶବର ମଧ୍ୟ ସର୍ପଟିକୁ ମୁକ୍ତ ଦେଲା । ଶବର ଚାଲିଯିବା ପରେ ସର୍ପ ଉଦୟନଙ୍କ ଉପରେ ସୁପ୍ରସନ୍ନ ହୋଇ ମନୁଷ୍ୟରୂପ ଧାରଣ କରି କହିଲା, 'ମୁଁ ନାଗରାଜ ବାସୁକିଙ୍କର ଜ୍ୟେଷ୍ଠଭ୍ରାତା ବସୁନେମି । ମୋତେ ରକ୍ଷା କରିଥିବା ହେତୁ

Digitized by srujanika@gmail.com

ପ୍ରୀତ ହୋଇ ମୁଁ ଏହି ରମଣୀୟ ସ୍ୱରଯୁକ୍ତ ଓ ଶ୍ରୁତିଭାଗ ବିଭକ୍ତ ବୀଣା ପ୍ରଦାନ କରୁଅଛି । ଏହା ସଙ୍ଗରେ ଏହି ଅମ୍ଳାନ ମାଳା, ତିଳକ ଓ ତାମ୍ବୂଳ ଲତା ମଧ୍ୟ ଗ୍ରହଣ କରନ୍ତୁ ।'

ଉଦୟନ ଏଗୁଡ଼ିକ ଧରି ଆଶ୍ରମକୁ ଫେରି ଆସିଲେ ।

ଏହାପରେ ଶବର ଅରଣ୍ୟ ମଧ୍ୟରେ ଭ୍ରମଣ କରି କରି ରାଜ ନାମାଙ୍କିତ କଙ୍କଣଟିକୁ ବିକି କରିବାବେଳେ ରାଜାନୁଚରମାନଙ୍କଦ୍ୱାରା ଧୃତ ହୋଇ ରାଜ-ଦରବାରରେ ଉପସ୍ଥିତ ହେଲା । ରାଜା ଏହାକୁ ଦେଖି ଶୋକସନ୍ତପ୍ତ କଣ୍ଠରେ 'ଏହାକୁ କେଉଁଠାରୁ ପାଇଲ ବୋଲି' ପ୍ରଶ୍ନ କରିବାରୁ ଶବର ସମସ୍ତ ବୃତ୍ତାନ୍ତ ଆମୂଳଚୂଳ ବର୍ଣ୍ଣନା କଲା । ଏହି ସମାଚାର ଶ୍ରବଣ କରି ରାଜା ଭାବନାରେ ଦୋଳାୟମାନ ହେଉଥିବା ସମୟରେ ଶୂନ୍ୟବାଣୀ ହେଲା, 'ରାଜନ୍ ! ତୁମର ଶାପ କ୍ଷୀଣ ହେଲାଣି । ରାଣୀ ମୃଗାବତୀ ପୁତ୍ରସହ ଉଦୟାଚଳସ୍ଥ ଯମଦଗ୍ନିଙ୍କ ଆଶ୍ରମରେ ବାସ କରୁଛନ୍ତି ।' ଏହି ବାଣୀ ରାଜାଙ୍କର ବିରହାଗ୍ନିସନ୍ତପ୍ତ ହୃଦୟରେ ଅମୃତବାରି ସେଚନ କଲା । ଉତ୍କଣ୍ଠା-ଦୀର୍ଘ ଦିନଟି ବହୁ କଷ୍ଟରେ ଯାପନ କରି ପରଦିନ ପ୍ରଭାତରୁ ହିଁ ପ୍ରଥମ ଦର୍ଶକ ସେହି ଶବର ଓ ନିଜର ସୈନ୍ୟବାହିନୀ ସହ ସହସ୍ରାନୀକ ଉଦୟାଚଳ ଅଭିମୁଖରେ ଯାତ୍ରା ଆରମ୍ଭ କଲେ ।

Digitized by srujanika@gmail.com

ଦ୍ୱିତୀୟ ତରଙ୍ଗ

ଉକ୍ତ ଦିନ ରାଜା ସହସ୍ରାଣୀକ କିଛି ପଥ ଅତିକ୍ରମ କରି କୌଣସି ଅରଣ୍ୟ ମଧ୍ୟରେ ଥିବା ସରୋବର ନିକଟରେ ଶିବିର ସ୍ଥାପନ କଲେ । ସନ୍ଧ୍ୟା ସମୟରେ ସଙ୍ଗତକ ନାମକ ଜନୈକ ସେବକ ରାଜାଙ୍କୁ ଗୋଟିଏ କଥା ଶୁଣାଇବା ନିମନ୍ତେ ଆଗ୍ରହ ପ୍ରକାଶ କରିବାରୁ ସେ କହିଲେ, 'ମୃଗାବତୀଙ୍କର ମୁଖକମଳଦର୍ଶନ ନିମନ୍ତେ ଉତ୍ସୁକ ମୋର ମନରେ ଆନନ୍ଦ ସଞ୍ଚାର କରିପାରିବା ଭଳି କିଛି କଥା ଯଦି ଅଛି, ତେବେ କହିପାର ।' ଏହା ଶୁଣି ସଙ୍ଗତକ କହିଲା, 'ମହାରାଜ ! ଆପଣ କାହିଁକି ଦୁଃଖ କରୁଛନ୍ତି । ଶାପକ୍ଷୀଣ ହେବା ମାତ୍ରେ ମହାରାଣୀଙ୍କ ସହ ଆପଣଙ୍କର ମିଳନ ଘଟିବ । ଜୀବନ କାଳ ମଧ୍ୟରେ ମନୁଷ୍ୟର ଅନେକ ସଂଯୋଗ ବିଯୋଗ ଘଟିଥାଏ । ଏ ସମ୍ପର୍କରେ ମୁଁ ଗୋଟିଏ କଥା କହୁଛି ଶୁଣନ୍ତୁ ।'—

ଶ୍ରୀଦତ୍ତ ଓ ମୃଗାଙ୍କବତୀ କଥା

ମାଳବ ଦେଶରେ ଯଜ୍ଞସେନ ନାମକ ଜଣେ ବିପ୍ର ବାସ କରୁଥିଲେ । ଏହି ସଜ୍ଜନ ବ୍ରାହ୍ମଣଙ୍କର ଦୁଇଟି ଲୋକପ୍ରିୟ ପୁତ୍ର ଥିଲେ । ଜ୍ୟେଷ୍ଠ କାଳନେମି ଓ କନିଷ୍ଠ ବିଗତଭୟ । ପିତାମାତାଙ୍କର ମୃତ୍ୟୁ ପରେ ଶୈଶବାବସ୍ଥା ଅତିକ୍ରମ କରି ସେମାନେ ଶିକ୍ଷା ଲାଭ କରିବା ନିମନ୍ତେ ପାଟଳିପୁତ୍ର ନଗରକୁ ଗମନ କଲେ । ଏଠାରେ ବିଦ୍ୟା ଶିକ୍ଷା ଶେଷ ହେବାରୁ ଅଧ୍ୟାପକ ଦେବଶର୍ମା ମୂର୍ତ୍ତିମତୀ ବିଦ୍ୟା ତୁଲ୍ୟ ନିଜର ଉଭୟ କନ୍ୟାଙ୍କୁ ସେମାନଙ୍କ ହସ୍ତରେ ପ୍ରଦାନ କଲେ । ବିବାହ ପରେ କାଳନେମି ଅପର ପଡ଼ୋଶୀମାନଙ୍କ ଧନ, ଐଶ୍ୱର୍ଯ୍ୟ ଓ ସୁଖରେ ଈର୍ଷାନ୍ୱିତ ହୋଇ ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଯଜ୍ଞର ଆୟୋଜନ କଲେ । ଏହାଙ୍କର ଆରାଧନାରେ ପ୍ରୀତା ହୋଇ ମହାଲକ୍ଷ୍ମୀ ଦର୍ଶନ ପ୍ରଦାନପୂର୍ବକ କହିଲେ, 'ତୁମେ ପର୍ଯ୍ୟାପ୍ତ ଧନ ଓ ବିଶ୍ୱବିଜୟୀ ପୁତ୍ର ଲାଭ କରିବ । କିନ୍ତୁ ଈର୍ଷାଦ୍ୱାରା କଳୁଷିତ ଚିତ୍ତରେ ତୁମେ ଆହୁତି ପ୍ରଦାନ

Digitized by srujanika@gmail.com

କରିଥିବାରୁ ଚୌର୍ଯ୍ୟ ଅପରାଧରେ ଅଭିଯୁକ୍ତ ହୋଇ ତୁମର ମୃତ୍ୟୁ ହେବ ।' ଏହା କହି ଲକ୍ଷ୍ମୀ ଅନ୍ତର୍ହିତା ହେଲେ ଏବଂ କାଳନେମି କ୍ରମେ କ୍ରମେ ଧନଶାଳୀ ହେବାକୁ ଲାଗିଲେ । କିଛି ଦିନ ପରେ ତାଙ୍କର ଗୋଟିଏ ପୁତ୍ର ମଧ୍ୟ ଜାତ ହେଲା । ଶ୍ରୀ ବା ଲକ୍ଷ୍ମୀଙ୍କ ବର ପ୍ରସାଦରୁ ସେ ଜନ୍ମ ଲାଭ କରିଥିବାରୁ କାଳନେମି ଏହାର ନାମ ରଖିଲେ ଶ୍ରୀଦତ୍ତ । ଶ୍ରୀଦତ୍ତ ବ୍ରାହ୍ମଣ ହେଲେ ହେଁ ଯୌବନରେ ପଦାର୍ପଣ କରି ଧନୁର୍ବିଦ୍ୟା ଓ ମଲ୍ଲଯୁଦ୍ଧରେ ଧୁରନ୍ଧର ହୋଇଉଠିଲେ ।

କାଳନେମିଙ୍କ କନିଷ୍ଠ ଭ୍ରାତା ବିଗତଭୟଙ୍କ ପତ୍ନୀ ସର୍ପାଘାତରେ ମୃତ୍ୟୁ ଲାଭ କରିବାରୁ ସେ ତାଙ୍କର ସଦ୍‌ଗତି ନିମନ୍ତେ ତୀର୍ଥଯାତ୍ରାରେ ପ୍ରସ୍ଥାନ କଲେ ।

ଶ୍ରୀଦତ୍ତଙ୍କୁ ଧୀର ଓ ବୀର ଜାଣି ଗୁଣଗ୍ରାହୀ ରାଜା ବଲ୍ଲଭଶକ୍ତି ନିଜର ପୁତ୍ର ବିକ୍ରମଶକ୍ତିଙ୍କ ସହ ତାଙ୍କର ମିତ୍ରତା ସ୍ଥାପନ କରାଇଲେ । ଅତ୍ୟନ୍ତ ଅଭିମାନୀ ରାଜପୁତ୍ର ବିକ୍ରମଶକ୍ତିଙ୍କ ସହ ଶ୍ରୀଦତ୍ତଙ୍କ ମିତ୍ରତା ଦୁର୍ଯ୍ୟୋଧନ ସହ ଭୀମଙ୍କ ମିତ୍ରତା ତୁଲ୍ୟ ପ୍ରତୀତ ହେଲା । ତତ୍ପରେ ଅବନ୍ତୀ ଦେଶବାସୀ ବାହୁଶାଳୀ ଓ ବଜ୍ରମୁଷ୍ଟି ନାମକ ଦୁଇ ଜଣ କ୍ଷତ୍ରିୟ ସନ୍ତାନ ଶ୍ରୀଦତ୍ତଙ୍କ ମିତ୍ର ହେଲେ । ମଲ୍ଲଯୁଦ୍ଧରେ ପରାଜିତ ଅନ୍ୟାନ୍ୟ ଗୁଣଗ୍ରାହୀ ଦକ୍ଷିଣ ଦେଶବାସୀ ଓ ମନ୍ତ୍ରୀପୁତ୍ରଗଣ ତାଙ୍କର ମିତ୍ରତା ପାଶରେ ଆବଦ୍ଧ ହେଲେ । ମହାବଳ, ବ୍ୟାଘ୍ରଭଟ୍ଟ, ଉପେନ୍ଦ୍ରବଳ ଏବଂ ନିଷ୍ଠୁରକ ପ୍ରଭୃତି ଅନେକ ବ୍ୟକ୍ତି ମଧ୍ୟ ଶ୍ରୀଦତ୍ତଙ୍କ ଗୁଣରେ ବଶୀଭୂତ ହୋଇ ତାଙ୍କର ମିତ୍ରତା ସ୍ୱୀକାର କଲେ ।

ଥରେ ବର୍ଷାଋତୁରେ ଶ୍ରୀଦତ୍ତ ଓ ରାଜକୁମାର ଅନ୍ୟାନ୍ୟ ବନ୍ଧୁଙ୍କ ସହ ବିହାର କରିବା ନିମନ୍ତେ ଗଙ୍ଗାତଟରେ ଉପସ୍ଥିତ ହୋଇଥାଆନ୍ତି । ଏଠାରେ ରାଜଭୃତ୍ୟମାନେ ରାଜକୁମାରଙ୍କୁ ଓ ମିତ୍ରମାନେ ଶ୍ରୀଦତ୍ତଙ୍କୁ ରାଜାରୂପେ ସ୍ୱୀକାର କରି ବିନୋଦ କ୍ରୀଡ଼ା ଆରମ୍ଭ କରନ୍ତେ ବିକ୍ରମଶକ୍ତି ଶ୍ରୀଦତ୍ତଙ୍କୁ ବାହୁଯୁଦ୍ଧ ନିମନ୍ତେ ଆହ୍ୱାନ କଲେ । ଯୁଦ୍ଧରେ ରାଜକୁମାର ପରାସ୍ତ ହୋଇ ଶ୍ରୀଦତ୍ତଙ୍କୁ ହତ୍ୟା କରିବାର ଉପାୟ ଚିନ୍ତା କଲେ । ମିତ୍ରମାନେ ବିକ୍ରମଶକ୍ତିଙ୍କ ଏହି କୁତ୍ସିତ ଅଭିପ୍ରାୟ ଜ୍ଞାତ ହୋଇ ଶ୍ରୀଦତ୍ତଙ୍କ ସହ ଦୂରକୁ ଚାଲିଗଲେ ।

Digitized by srujanika@gmail.com

ଶ୍ରୀଦତ୍ତ ଗଙ୍ଗାତଟରେ ଗମନ କରୁଥିବାବେଳେ ଏକ ସୁନ୍ଦରୀ ନାରୀ ନଦୀସ୍ରୋତରେ ଭାସି ଯାଉଥିବା ତାଙ୍କର ଦୃଷ୍ଟିପଥାରୂଢ଼ ହେଲା । ଏହା ଦେଖି ସେ ମିତ୍ରମାନଙ୍କୁ ତଟରେ ଅପେକ୍ଷା କରିବା ନିମନ୍ତେ କହି ନଦୀ ମଧ୍ୟକୁ ଲମ୍ଫ ପ୍ରଦାନ କଲେ । ସେହି ନାରୀଟିର ନିକଟବର୍ତ୍ତୀ ହେବାରୁ ସେ ଗଙ୍ଗା ଗର୍ଭରେ ଅଦୃଶ୍ୟ ହେଲା ଏବଂ ଶ୍ରୀଦତ୍ତ ମଧ୍ୟ ତାର ଅନୁଗମନ କଲେ । କ୍ଷଣକ ପରେ ସେହି ଜଳରାଶି ମଧ୍ୟରେ ସେ ଏକ ଦିବ୍ୟ ଶିବମନ୍ଦିର ଦେଖିବାକୁ ପାଇଲେ । ମନ୍ଦିର ମଧ୍ୟରେ ଜଳ କିମ୍ବା ସେ ସ୍ତ୍ରୀ କିଛି ନଥିଲା । ଏହି ଆଶ୍ଚର୍ଯ୍ୟଜନକ ସ୍ଥାନରେ ଶ୍ରୀଦତ୍ତ କିଂକର୍ତ୍ତବ୍ୟବିମୂଢ଼ ହୋଇ ଶିବଙ୍କୁ ପ୍ରଣାମ-ପୂର୍ବକ ସେଠାରେ ରାତି ଯାପନ କଲେ । ପରଦିନ ପ୍ରତ୍ୟୁଷରୁ ଉଠି ସେ ପୂର୍ବୋକ୍ତ ସ୍ତ୍ରୀ ଲୋକଟିକୁ ଶିବପୂଜା କରୁଥିବା ଦେଖିଲେ । ଉପାସନା ଶେଷ କରି ସେ ଗୃହକୁ ପ୍ରତ୍ୟାବର୍ତ୍ତନ କଲା ଏବଂ ଶ୍ରୀଦତ୍ତ ମଧ୍ୟ ତାର ଅନୁସରଣ କଲେ । ଅଳକାପୁରୀ ସଦୃଶ ଭବନ ମଧ୍ୟରେ ପ୍ରବେଶ କରି ସେ ଲକ୍ଷ୍ୟ କଲେ ଯେ ସ୍ତ୍ରୀ ଲୋକଟି ଅପମାନିତା ହେଲାପରି ବ୍ୟାକୁଳିତ ଚିତ୍ତରେ ତାଙ୍କୁ କିଛି ନ କହି ଅନ୍ୟ ସ୍ତ୍ରୀମାନଙ୍କ ମଧ୍ୟରେ ଥିବା ନିଜ ଶଯ୍ୟାରେ ଯାଇ ଉପବିଷ୍ଟ ହେଲା । ଶ୍ରୀଦତ୍ତ ମଧ୍ୟ ତା ନିକଟରେ ଯାଇ ଆସନ ଗ୍ରହଣ କଲେ କିନ୍ତୁ ଏଥିରେ ସେ ସ୍ତ୍ରୀଟି ବିଳାପ କରିବାକୁ ଲାଗିଲା । ଲୋତକବିନ୍ଦୁ ତାର ଉନ୍ନତ ବକ୍ଷୋଜ ଉପରେ ଝରିପଡ଼ିବା ଦେଖି ଶ୍ରୀଦତ୍ତ ଦୟାର୍ଦ୍ର ଚିତ୍ତ ହୋଇ କହିଲେ, 'ସୁନ୍ଦରି ! ତୁମେ କିଏ ? ତୁମେ ଦୁଃଖିତା କାହିଁକି ? ମୁଁ ବୋଧହୁଏ ତୁମର ଦୁଃଖ ଦୂର କରିପାରିବି ।' ଏହା ଶୁଣି ଉକ୍ତ ନାରୀ କହିଲା, 'ଆମେ ଦୈତ୍ୟରାଜ ବଳିଙ୍କର ଏକ ଲକ୍ଷ ପୌତ୍ରୀ । ମୁଁ ସମସ୍ତଙ୍କ ଅପେକ୍ଷା ବୟୋଜ୍ୟେଷ୍ଠା । ମୋର ନାମ ବିଦ୍ୟୁତପ୍ରଭା । ବିଷ୍ଣୁ ମୋର ପିତାମହଙ୍କୁ ଦୀର୍ଘକାଳ ବନ୍ଦୀ କରି ମଲ୍ଲଯୁଦ୍ଧରେ ମୋର ପିତାଙ୍କୁ ହତ୍ୟାକଲେ । ପିତାଙ୍କ ମୃତ୍ୟୁ ପରେ ଆମ୍ଭମାନଙ୍କୁ ଆମ ନଗରରୁ ନିର୍ବାସିତ କରିଦେଲେ । ପୁଣି ନଗରକୁ ଯାତାୟାତ କରିବା ପଥରେ ଗୋଟିଏ ଦୁର୍ଦ୍ଦାନ୍ତ ସିଂହକୁ ପ୍ରହରୀରୂପେ ନିଯୁକ୍ତ କଲେ । ଏହି ସିଂହ ଆମର ନଗର ଓ ମନରେ ଆତଙ୍କ ସୃଷ୍ଟି କରିଛି । ତେବେ ସେ ସିଂହଟି କୁବେର ଶାପଗ୍ରସ୍ତ ଗୋଟିଏ ଯକ୍ଷ । ଯେତେବେଳେ ଆମେ ନଗର ମଧ୍ୟରେ ପ୍ରବେଶ କରିବା ନିମନ୍ତେ ପ୍ରାର୍ଥନା କଲୁ, ସେତେବେଳେ ବିଷ୍ଣୁ କହିଲେ ଯେ କୌଣସି ମନୁଷ୍ୟଦ୍ୱାରା ନିହତ ହେଲେ ସିଂହଟି ଶାପମୁକ୍ତ ହେବ । ତୁମେ ଏହାକୁ ହତ୍ୟାକରି ଆମ୍ଭମାନଙ୍କୁ ସାହାଯ୍ୟ କରିବ ବୋଲି

Digitized by srujanika@gmail.com

ଏଠାକୁ ତୁମକୁ ନେଇ ଆସିଛୁ । ପୁଣି ଏହାକୁ ହତ୍ୟା କଲେ ମୃଗାଙ୍କ ନାମକ ଗୋଟିଏ ଖଡ୍‌ଗ ଲାଭ ହେବ ଯାହାର ପ୍ରଭାବରେ ତୁମେ ସମଗ୍ର ପୃଥିବୀ ଜୟ କରିପାରିବ ।' ଏହା ଶୁଣି ଶ୍ରୀଦତ୍ତ ସେହିଦିନଟି ସେଠାରେ ବିଶ୍ରାମ କରି ପରଦିନ ଅସୁର କନ୍ୟାମାନଙ୍କ ସହ ନଗର ଅଭିମୁଖରେ ଗମନ କଲେ । ସେଠାରେ ମଲ୍ଲଯୁଦ୍ଧରେ ସିଂହଟିକୁ ହତ୍ୟା କରିବାରୁ ସେ ଶାପମୁକ୍ତ ହୋଇ ପୁରୁଷରୂପ ଧାରଣ କଲା । ଶାପରୁ ମୁକ୍ତ କରିଥିବା ହେତୁ ପ୍ରୀତ ହୋଇ ସେ ଶ୍ରୀଦତ୍ତଙ୍କୁ ଏକ ଖଡ୍‌ଗ ପ୍ରଦାନ କରି ଅଦୃଶ୍ୟ ହୋଇଗଲା । ଦୈତ୍ୟକନ୍ୟାମାନେ ମଧ୍ୟ ପ୍ରସନ୍ନ ଚିତ୍ତରେ ତାଙ୍କୁ ବିଷହରଣ କରିବା ଏକ ମୁଦ୍ରିକା ପ୍ରଦାନ କଲେ ।

ସେଠାରେ ବାସ କରୁଥିବାବେଳେ ସେ ସେହି ଜ୍ୟେଷ୍ଠା ଦୈତ୍ୟକନ୍ୟା ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ଏହା ଜାଣିପାରି ରାକ୍ଷସ କନ୍ୟା କହିଲା, 'ତୁମେ ନିଜର ଖଡ୍‌ଗ ନେଇ ଏହି କୂପ ମଧ୍ୟରେ ସ୍ନାନ କର, ତା' ହେଲେ କୁମ୍ଭୀରର ଭୟ ମଧ୍ୟ ଆଉ ରହିବ ନାହିଁ ।' ଏଥିରେ ସମ୍ମତ ହୋଇ ସେ ତା' ମଧ୍ୟରେ ନିମଜ୍ଜିତ ହୁଅନ୍ତେ ପୁଣି ପୂର୍ବୋକ୍ତ ଗଙ୍ଗାତଟରେ ଆସି ପହଞ୍ଚିଗଲେ । ଗଙ୍ଗାତଟରେ ଦଣ୍ଡାୟମାନ ହୋଇ ସେ ଯେତେବେଳେ ନିଜର ଖଡ୍‌ଗ ଓ ମୁଦ୍ରିକା ପ୍ରତି ଦୃଷ୍ଟିପାତ କଲେ, ତାଙ୍କର ଘୋର ଖେଦ ଜାତ ହେଲା ଏବଂ ସେ ଜାଣିପାରିଲେ ଯେ ସେ ପ୍ରତାରିତ ହୋଇଛନ୍ତି ।

ତତ୍ପରେ ମିତ୍ରମାନଙ୍କ ଅନୁସନ୍ଧାନରେ ସେ ନିଜର ଗୃହାଭିମୁଖରେ ଅଗ୍ରସର ହେଲେ । ପଥରେ ମିତ୍ର ନିଷ୍ଠୁରକଙ୍କ ସହ ତାଙ୍କର ସାକ୍ଷାତ ହେଲା । ଶ୍ରୀଦତ୍ତଙ୍କୁ ଦେଖି ସେ ମିତ୍ରମାନଙ୍କ ସନ୍ଦେଶ ପ୍ରଦାନ କରିବାକୁ ଯାଇ କହିଲେ—

'ତୁମେ ଗଙ୍ଗାଜଳରେ ନିମଜ୍ଜିତ ହେବାପରେ ତୁମର ଅନୁସନ୍ଧାନରେ ଆମେ ବହୁଦୂର ଗଲୁ କିନ୍ତୁ ତୁମର ସନ୍ଧାନ ପାଇଲୁ ନାହିଁ । ତେଣୁ ଜୀବନକୁ ତୁଚ୍ଛ ମନେକରି ଆମେ ଆତ୍ମହତ୍ୟା କରିବା ନିମନ୍ତେ ଉଦ୍ୟତ ହେଲୁ ।' 'ବତ୍ସ ! ଏ ପ୍ରକାର ସାହସ ଅନୁଚିତ' ବୋଲି ଦୈବୀବାଣୀ ଆମକୁ ଏଥିରୁ ନିବୃତ୍ତ କଲା । ତୁମର ପିତାଙ୍କ ନିକଟରେ ଏ ସନ୍ଦେଶ ଦେବା ନିମନ୍ତେ ଗଲାବେଳେ ପଥ ମଧ୍ୟରେ ଜଣେ ପୁରୁଷ ଆସି କହିଲା, 'ବର୍ତ୍ତମାନ ତୁମେ ନଗର ମଧ୍ୟରେ

Digitized by srujanika@gmail.com

ପ୍ରବେଶ କରିବା ଉଚିତ ନୁହେ । ରାଜା ବଲ୍ଲଭଶକ୍ତିଙ୍କର ମୃତ୍ୟୁ ହୋଇ ଯାଇଛି । ମନ୍ତ୍ରୀମାନେ ସମ୍ମତ ହୋଇ ବିକ୍ରମଶକ୍ତିଙ୍କୁ ସିଂହାସନରେ ଅଭିଷିକ୍ତ କରିଛନ୍ତି । ରାଜ୍ୟପ୍ରାପ୍ତିର ପରଦିନ ହିଁ ସେ କାଳନେମିଙ୍କ ଗୃହରେ ଉପସ୍ଥିତ ହୋଇ ତୁମର ସନ୍ଧାନ କଲେ । କିନ୍ତୁ କାଳନେମି 'ସେ ଜାଣନ୍ତି ନାହିଁ' ବୋଲି କହିବାରୁ ତାଙ୍କୁ 'ତୁମେ ତୁମ ପୁଅଙ୍କୁ ଗୁପ୍ତକରି ରଖିଛ' କହି ପ୍ରାଣଦଣ୍ଡର ଆଦେଶ ଦେଲେ । ପତିଙ୍କର ମୃତ୍ୟୁ ଦେଖି ତାଙ୍କ ପତ୍ନୀ ମଧ୍ୟ ଦୁଃଖରେ ଇହଲୀଳା ସାଙ୍ଗ କଲେ । ବର୍ତ୍ତମାନ ବିକ୍ରମଶକ୍ତି ଶ୍ରୀଦତ୍ତ ଓ ତାଙ୍କର ମିତ୍ରମାନଙ୍କୁ ହତ୍ୟା କରିବା ନିମନ୍ତେ ଅନୁସନ୍ଧାନ କରୁଛନ୍ତି । ତେଣୁ ତୁମେ ଏଠାରୁ ଚାଲିଯାଇ ଆତ୍ମରକ୍ଷା କର ।' ନାଗସ୍ୱାମୀଠାରୁ ଏହା ଶୁଣି ବାହୁଶାଳୀ ପ୍ରଭୃତି ଉଜ୍ଜୟିନୀକୁ ଫେରିଗଲେ ଏବଂ ତୁମକୁ ଏ ବାର୍ତ୍ତା ପ୍ରଦାନ କରିବା ନିମନ୍ତେ ମୋତେ ଏଠାରେ ଗୁପ୍ତଭାବରେ ଅପେକ୍ଷା କରି ରହିବା ପାଇଁ ଆଦେଶ ଦେଲେ । ତେଣୁ ବର୍ତ୍ତମାନ ଉଜ୍ଜୟିନୀ ଚାଲିଯିବା ହିଁ ଶ୍ରେୟସ୍କର । ପିତାମାତାଙ୍କ ମୃତ୍ୟୁବାର୍ତ୍ତା ଶ୍ରୀଦତ୍ତଙ୍କ ମନରେ ଅଶେଷ ଦୁଃଖ ଦେଲା । ତାଙ୍କ ହୃଦୟରେ ପ୍ରତିହିଂସାର ଅଗ୍ନି ପ୍ରଜ୍ୱଳିତ ହୋଇଉଠିଲା । କିନ୍ତୁ କେବଳ ଖଡ୍ଗଟି ଉପରେ ଦୃଷ୍ଟି ନିକ୍ଷେପ କରି ଉପଯୁକ୍ତ ଅବସରର ପ୍ରତୀକ୍ଷା କରିବା ସକାଶେ ସେ ଉଜ୍ଜୟିନୀ ଅଭିମୁଖରେ ଯାତ୍ରା କଲେ ।

ପଥ ମଧ୍ୟରେ ନିଷ୍ଠୁରକଙ୍କୁ ନିଜର ଅନୁଭୂତି ଶୁଣାଇବାବେଳେ ଗୋଟିଏ ହରିଣନୟନା ନାରୀ 'ମୁଁ ଅବଳା, ମାଳବ ଦେଶକୁ ଯିବା ପଥ ଭୁଲି ଯାଇଛି ମୋତେ ରକ୍ଷାକର' କହି ଆସି ପହଞ୍ଚିଲେ । ତା ପ୍ରତି ଦୟା ପରବଶ ହୋଇ ଶ୍ରୀଦତ୍ତ ତାଙ୍କର ଅନୁଗମନ କରିବା ନିମନ୍ତେ ଆଦେଶ ଦେଲେ । ସନ୍ଧ୍ୟା ଉପଗତ ହେବାରୁ ସେମାନେ ଗୋଟିଏ ଶୂନ୍ୟ ନଗର ମଧ୍ୟରେ ଆଶ୍ରୟ ନେଲେ । ଯାତ୍ରାପଥରେ ହଠାତ୍ ଶ୍ରୀଦତ୍ତ ନିଦ୍ରାତ୍ୟାଗ କରି ଦେଖିଲେ ଯେ ସ୍ତ୍ରୀ ଲୋକଟି ନିଷ୍ଠୁରକଙ୍କୁ ହତ୍ୟାକରି ତାଙ୍କର ମାଂସ ଭୋଜନ କରୁଅଛି । ଏହା ଦେଖି ସେ ଖଡ୍ଗ ଉତ୍ତୋଳନ କଲେ ଏବଂ ସ୍ତ୍ରୀଟି ଗୋଟିଏ ରାକ୍ଷସୀର ରୂପ ଧାରଣ କଲା । କିନ୍ତୁ ବିସ୍ମୟର କଥା ଯେତେବେଳେ ତାକୁ ନିଃଶେଷ କରିବା ନିମନ୍ତେ ଶ୍ରୀଦତ୍ତ ତାର କେଶ ସ୍ପର୍ଶକଲେ ସେତେବେଳେ ସେ ଏକ ଦିବ୍ୟନାରୀ ରୂପ ଧାରଣ କରି ତାଙ୍କ ସମ୍ମୁଖରେ ଠିଆ ହେଲା ଏବଂ କହିଲା, 'ମହାଭାଗ ! ମୋତେ ହତ୍ୟାକର ନାହିଁ । ମୁଁ ପ୍ରକୃତରେ ରାକ୍ଷସୀ ନୁହେ । କୁବେର ପଦ

Digitized by srujanika@gmail.com

ଲାଭ କରିବା ନିମନ୍ତେ ତପସ୍ୟା କରୁଥିବା ମହର୍ଷି କୌଶିକଙ୍କ ତପୋଭଙ୍ଗ ନିମନ୍ତେ କୁବେର ମୋତେ ପଠାଇଥିଲେ । ମୋର ସୌନ୍ଦର୍ଯ୍ୟ ଦେଖି ତାଙ୍କ ମନରେ କୌଣସି ବିକାର ଜାତ ନ ହେବାରୁ ମୁଁ ଲଜ୍ଜିତ ହୋଇ ତାଙ୍କୁ ଉପହାସିତ କରିବା ପାଇଁ ରାକ୍ଷସୀରୂପ ଗ୍ରହଣ କଲି । ଏଥିରେ ତପସ୍ୱୀ କ୍ରୁଦ୍ଧ ହୋଇ ମୋତେ ସେହିରୂପ ହିଁ ଧାରଣ କରିବା ନିମନ୍ତେ ଅଭିଶପ୍ତ କଲେ । ଶାପାନ୍ତ ଘୋଷଣା କରି ସେ କହିଥିଲେ ଯେ ତୁମେ ମୋର କେଶପାଶ ସ୍ପର୍ଶ କଲେ ମୁଁ ମୁକ୍ତ ହେବ । ତେଣୁ ଏହି ନଗର ନିକଟରେ ମୁଁ ତୁମର ପ୍ରତୀକ୍ଷା କରିଥିଲି । ବର୍ତ୍ତମାନ ତୁମର ଅନୁଗ୍ରହରୁ ମୋର ଶାପ ଶେଷ ହେଲା । ଏଣୁ ତୁମେ ଇଚ୍ଛାନୁରୂପ ବର ଗ୍ରହଣ କର ।' ଏଥିରେ ଶ୍ରୀଦତ୍ତ କହିଲେ, 'ବର୍ତ୍ତମାନ ମୋର ଆଉ କିଛି ଆବଶ୍ୟକ ନାହିଁ । କେବଳ ନିଷ୍ଠୁରକଙ୍କ ଜୀବନଲାଭ ହିଁ ମୋର କାମ୍ୟ' । 'ତଥାସ୍ତୁ' କହି ସେ ଅନ୍ତର୍ହିତ ହେଲା ଓ ନିଷ୍ଠୁରକ ଅକ୍ଷତ ଶରୀର ଲାଭକରି ଦଣ୍ଡାୟମାନ ହେଲେ ।

ତତ୍ପରେ ସେମାନେ ଯାଇ ଉଜ୍ଜୟିନୀ ନଗରରେ ଉପସ୍ଥିତ ହେଲେ । ଉତ୍ସୁକତାର ସହ ଅପେକ୍ଷା କରିଥିବା ମିତ୍ରମାନେ ତାଙ୍କର ପୁନର୍ଦର୍ଶନ ଲାଭ କରି ଯଥେଷ୍ଟ ଆନନ୍ଦିତ ହେଲେ । ସମସ୍ତ ବୃତ୍ତାନ୍ତ ଶୁଣିଲା ପରେ ବାହୁଶାଳୀଙ୍କ ପିତାମାତା ତାଙ୍କୁ ନିଜର ପୁତ୍ରବତ୍ ସ୍ନେହ ପ୍ରଦାନପୂର୍ବକ ସ୍ୱଗୃହରେ ଆଶ୍ରୟ ଦେଲେ ।

ଏକଦା ବସନ୍ତୋତ୍ସବ ସମୟରେ ଶ୍ରୀଦତ୍ତ ମିତ୍ରମାନଙ୍କ ସହ ଯାତ୍ରା ଦେଖିବା ନିମନ୍ତେ କୌଣସି ଉଦ୍ୟାନକୁ ଯାଇଥିଲେ । ସେଠାରେ ସେ ରାଜା ଶ୍ରୀବିମ୍ବକଙ୍କ କନ୍ୟା ମୃଗାଙ୍କବତୀଙ୍କୁ ବସନ୍ତଲକ୍ଷ୍ମୀ ସଦୃଶ ଦେଖି ମୁଗ୍ଧ ହେଲେ । ରାଜକୁମାରୀଙ୍କ ଦୃଷ୍ଟି ମଧ୍ୟ ଶ୍ରୀଦତ୍ତଙ୍କ ଦୃଷ୍ଟିରେ ମିଳିତ ହେବାରୁ ଉଭୟେ ଉଭୟଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । କିଛି ସମୟ ପରେ ରାଜକୁମାରୀ ଲତାନ୍ତରାଳକୁ ଚାଲିଯିବାରୁ ଶ୍ରୀଦତ୍ତଙ୍କ ଚେତନା ଲୁପ୍ତ ହେଲା । ଏହା ଦେଖି ବାହୁଶାଳୀ 'ମିତ୍ର, ମୁଁ ତୁମର ହୃଦୟବ୍ୟଥା ଜାଣିପାରୁଛି । ଚାଲ ରାଜକୁମାରୀଙ୍କ ଅନୁସରଣ କରିବା' କହି ଶ୍ରୀଦତ୍ତଙ୍କ ସହ ପ୍ରସ୍ଥାନ କଲେ । ସେମାନେ ସେହି ଲତା ନିକଟରେ ପହଞ୍ଚି ପରିଚାରିକାମାନେ ଉଚ୍ଚସ୍ୱରରେ ରୋଦନ କରୁଥିବା ଶୁଣିବାକୁ ପାଇଲେ । ମୃଗାଙ୍କବତୀଙ୍କୁ ସର୍ପ ଦଂଶନ କରିଥିବା

Digitized by srujanika@gmail.com

ଶୁଣି ବାହୁଶାଳୀ ଯାଇ ତାଙ୍କ କଞ୍ଚୁକୀଙ୍କୁ କହିଲେ, 'ମୋର ଏହି ମିତ୍ର ବିଷ ନିବାରଣ ଔଷଧ ଓ ମନ୍ତ୍ର ଜାଣନ୍ତି ।' ତହୁଁ ସେ ଆସି ଶ୍ରୀଦତ୍ତଙ୍କ ଚରଣ ସ୍ପର୍ଶ କରି ରାଜକୁମାରୀଙ୍କ ନିକଟକୁ ନେଇଗଲା । ସେ ଯାଇ ମୃଗାଙ୍କବତୀଙ୍କ ଅଙ୍ଗୁଳିରେ ମୁଦ୍ରିକାଟି ପିନ୍ଧାଇ ଦେଇ ମନ୍ତ୍ରପାଠ କଲେ । ଏଥିରେ ରାଜକୁମାରୀଙ୍କର ଜୀବନୀଶକ୍ତି ଫେରି ଆସିବାରୁ ସମସ୍ତ ଜନତା ଶ୍ରୀଦତ୍ତଙ୍କର ପ୍ରଶଂସା ଗାନ କଲେ ଏବଂ ରାଜା ମଧ୍ୟ ସେଠାରେ ଉପସ୍ଥିତ ହୋଇଗଲେ । ରାଜାଙ୍କୁ ଦେଖି ଶ୍ରୀଦତ୍ତ ମୁଦ୍ରିକାଟିକୁ ରାଜକୁମାରୀଙ୍କ ଅଙ୍ଗୁଳିରେ ଛାଡ଼ି ଦେଇ ବାହୁଶାଳୀଙ୍କ ସହ ଚାଲି ଆସିଲେ । ରାଜା ପରେ ତାଙ୍କ ନିକଟକୁ ଯେଉଁ ଉପହାର ପ୍ରେରଣ କଲେ ଶ୍ରୀଦତ୍ତ ସେଗୁଡ଼ିକ ବାହୁଶାଳୀଙ୍କ ପିତାଙ୍କୁ ପ୍ରଦାନ କଲେ ।

ତତ୍ପରେ ଶ୍ରୀଦତ୍ତ ରାଜକୁମାରୀଙ୍କ ବିରହରେ ଏପରି ବ୍ୟାକୁଳିତ ହୋଇ ଉଠିଲେ ଯେ ତାଙ୍କର ମିତ୍ରମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ । ଏହି ସମୟରେ ମୃଗାଙ୍କବତୀଙ୍କ ସଖୀ ଭାବନିକା ମୁଦ୍ରିକା ଫେରାଇବା ଛଳରେ ଶ୍ରୀଦତ୍ତଙ୍କ ନିକଟରେ ଉପସ୍ଥିତ ହୋଇ କହିଲା, 'ହେ ସୌଭାଗ୍ୟଶାଳି ! ତୁମେ ରାଜକୁମାରୀଙ୍କୁ ବିବାହ ନକଲେ ସେ ପ୍ରାଣତ୍ୟାଗ କରିବେ । ତେଣୁ ତା'ର ଉପାୟ ଚିନ୍ତା କର ।' ଏହା ଶୁଣି ବାହୁଶାଳୀ, ଭାବନିକା ଓ ଶ୍ରୀଦତ୍ତ ଅନ୍ୟାନ୍ୟ ମିତ୍ରମାନଙ୍କ ସହ ଗୁପ୍ତମନ୍ତ୍ରଣା କରି ରାଜକୁମାରୀଙ୍କୁ ହରଣ କରି ନେଇ ଗୁପ୍ତରେ ମଥୁରା ଚାଲିଯିବା ନିମନ୍ତେ ନିଶ୍ଚୟ କଲେ । ଏହା ଠିକ୍ କରି ଭାବନିକା ରାଜଭବନକୁ ଚାଲିଗଲା ଏବଂ ପରଦିନ ବାହୁଶାଳୀ ବ୍ୟବସାୟ ଛଳରେ ମିତ୍ରମାନଙ୍କ ସହ ମଥୁରା ଅଭିମୁଖରେ ଯାତ୍ରା କଲେ । ଏମାନେ ପଥ ମଧ୍ୟରେ ବିଭିନ୍ନ ସ୍ଥାନରେ ଶିବିକା ସ୍ଥାପନା କରି ରାଜକୁମାରୀଙ୍କ ସାହାଯ୍ୟ ନିମନ୍ତେ ଗୁପ୍ତଚର ନିଯୁକ୍ତ କଲେ; ଶ୍ରୀଦତ୍ତ ମଧ୍ୟ କୌଣସି ଏକ ଉନ୍ମାଦିନୀ ନାରୀକୁ ତା'ର କନ୍ୟା ସହ ରାଜ ଅନ୍ତଃପୁରରେ ରଖାଇ ଦେଲେ । ଭାବନିକା ରାତିରେ ସେହି ଗୃହରେ ଅଗ୍ନି ସଂଯୋଗ କରି ମୃଗାଙ୍କବତୀଙ୍କ ସହ ପଳାୟନ କଲା । ବାହାରେ ଅପେକ୍ଷା କରିଥିବା ଶ୍ରୀଦତ୍ତ ତାଙ୍କୁ ଅନ୍ୟ ଦୁଇଜଣ ମିତ୍ରଙ୍କ ସହ ପ୍ରେରଣ କରି ସେଠାରେ ଅପେକ୍ଷା କଲେ । ରାଜା ନିଜର କନ୍ୟା ଭାବନିକା ସହ ଦଗ୍ଧୀଭୂତ ହେଲା ଭାବି (ଉନ୍ମାଦିନୀ ନାରୀ ଓ ତାର କନ୍ୟାର ଭସ୍ମାବଶେଷ ଦେଖି) ଶୋକବିହ୍ୱଳ ହୋଇପଡ଼ିଲେ । ଶ୍ରୀଦତ୍ତ ଏହି ସମୟରେ ରାଜାଙ୍କୁ ଦର୍ଶନ କରି ପରଦିନ ସନ୍ଧ୍ୟାରେ ମଥୁରା ପଥରେ ଅଗ୍ରସର ହେଲେ ।

Digitized by srujanika@gmail.com

ଉକ୍ତ ମନରେ ସମଗ୍ର ବିବସ ଓ ରଜନୀ ଯାପନ କଲା ପରେ ଅଶୁଭ ଶକୁନ ଦେଖି ଦେଖି ସେ ବିନ୍ଧ୍ୟାଚଳର ଘୋର ଅରଣ୍ୟାନୀ ମଧ୍ୟରେ ପ୍ରବେଶ କରି ଆହତ ଅବସ୍ଥାରେ ଭ୍ରବନକା ଓ ମିତ୍ରମାନଙ୍କୁ ଦେଖିବାକୁ ପାଇଲେ । ସେମାନଙ୍କଠାରୁ ଶୁଣିଲେ ଯେ ପଥରେ ଏକ ବିଶାଳ ସେନାଦ୍ୱାରା ଆକ୍ରାନ୍ତ ହୋଇ ସେମାନେ ଆହତ ହେଲେ ଏବଂ ସେହି ସେନାବାହିନୀର ସେନାପତି ରାଜକୁମାରୀଙ୍କୁ ଅଶ୍ୱପୃଷ୍ଠରେ ନେଇ ପଳାୟନ କଲା । ତେଣୁ ଏଠାରେ ଅପେକ୍ଷା ନକରି ସେମାନେ ଦୂରକୁ ଚାଲିଯିବା ପୂର୍ବରୁ ମୃଗାଙ୍କବତୀଙ୍କୁ ରକ୍ଷା କରିବାକୁ ହେବ । ଏହା ଶୁଣି ଶ୍ରୀଦତ୍ତ ନିଜର ଅଶ୍ୱକୁ ସେହି ଦିଗରେ ପବନ ବେଗରେ ପରିଚାଳିତ କଲେ । ଅଳ୍ପ ଦୂର ଯିବା ପରେ ସେ ରାଜକୁମାରୀଙ୍କ ସହ ସେହି ଯୁବକଙ୍କୁ ଦେଖିବାକୁ ପାଇଲେ । ଶାନ୍ତିପୂର୍ଣ୍ଣଭାବରେ ଉକ୍ତ ସେନାପତି ରାଜକୁମାରୀଙ୍କୁ ଫେରାଇ ନ ଦେବାରୁ ଶ୍ରୀଦତ୍ତ ନିଜର ମୃଗାଙ୍କ ଖଡ୍‌ଗଦ୍ୱାରା ତାକୁ ହତ୍ୟା କରି ଏବଂ ସେନାବାହିନୀକୁ ପରାସ୍ତ କରି ମୃଗାଙ୍କବତୀଙ୍କ ସହ ମିତ୍ରମାନଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲେ । କିଛି ଦୂର ଯିବା ପରେ ଆହତ ଅଶ୍ୱଟିର ମୃତ୍ୟୁ ଘଟିବାରୁ ସେମାନେ ପଦବ୍ରଜରେ ଅଗ୍ରସର ହେଲେ ।

ଏହି ସମୟରେ କ୍ଳାନ୍ତ ଓ ଶ୍ରାନ୍ତରେ କୋମଳାଙ୍ଗୀ ମୃଗାଙ୍କବତୀ ତୃଷାର୍ତ୍ତ ହୋଇପଡ଼ିଲେ । ତାଙ୍କୁ ଗୋଟିଏ ବୃକ୍ଷଛାୟାରେ ବସାଇ ଶ୍ରୀଦତ୍ତ ଜଳର ଅନୁସନ୍ଧାନରେ ବାହାରିଲେ । ଜଳର ସନ୍ଧାନ କରୁ କରୁ ସନ୍ଧ୍ୟା ହୋଇଗଲା, ସୂର୍ଯ୍ୟ ଅସ୍ତାଚଳକୁ ଆଶ୍ରୟ କଲେ, ଘୋର ଅନ୍ଧକାର ମାଡ଼ି ଆସିଲା । ଶ୍ରୀଦତ୍ତ ଗୋଟିଏ ପୁଷ୍କରିଣୀର ସନ୍ଧାନ ପାଇଲେ କିନ୍ତୁ ପଥଭ୍ରଷ୍ଟ ହେଲେ । ରାତିସାରା ଉଚ୍ଚସ୍ୱରରେ ମୃଗାଙ୍କବତୀଙ୍କ ନାମ ଉଚ୍ଚାରଣ କରି କରି କଟିଗଲା । ସୂର୍ଯ୍ୟ ଉଦୟ ହୋଇ ଅନ୍ଧାର କଟିଯିବାରୁ ସେ ମୃତ ଅଶ୍ୱ ନିକଟକୁ ଫେରିଆସି ଦେଖିଲେ ଯେ ମୃଗାଙ୍କବତୀ ସେଠାରେ ଆଉ ନାହାନ୍ତି । ବହୁବାର ଉଚ୍ଚସ୍ୱରରେ ତାଙ୍କୁ ଡାକିଲେ କିନ୍ତୁ ପ୍ରତିଧ୍ୱନି ପୁଣି ତାଙ୍କ ନିକଟକୁ ଫେରିଆସିଲା । ସେ ନିଜର ଖଡ୍‌ଗଟିକୁ ତରୁ କୋଟରରେ ରଖି ବୃକ୍ଷ ଉପରକୁ ଆରୋହଣ କଲେ । ଏହି ସମୟରେ ଜଣେ ଶବର ସର୍ଦ୍ଦାର ସେଠାରେ ଆସି ପହଞ୍ଚିଲା ଏବଂ ପ୍ରଥମେ ଖଡ୍‌ଗଟିକୁ ହସ୍ତଗତ କରିନେଲା । ଶ୍ରୀଦତ୍ତ ଏହାକୁ ଦେଖି ଅବତରଣ କଲେ ଏବଂ ତାକୁ ରାଜକୁମାରୀଙ୍କର ସମାଚାର ଜିଜ୍ଞାସା କଲେ । ସେ କହିଲା, 'ସମ୍ଭବତଃ ସେ ଏହି ଗାଁକୁ ଚାଲି ଯାଇଥିବ । ତୁମେ ସେଠାରେ ଅନୁସନ୍ଧାନ

Digitized by srujanika@gmail.com

କର । ମୁଁ ତୁମର ତରବାରି ନେଇ ପଛରେ ଯାଉଛି ।' ଶ୍ରୀଦତ୍ତ ଅନ୍ୟ ଶବରମାନଙ୍କ ସହ ସେଠାରେ ପହଞ୍ଚିବାରୁ ସେମାନେ ତାଙ୍କୁ ବିଶ୍ରାମ ନେବାକୁ କହିଲେ । ସେ ମଧ୍ୟ ସେଠାରେ ବସୁ ବସୁ ନିଦ୍ରାରେ ଅଭିଭୂତ ହୋଇ-ପଡ଼ିଲେ । ନିଦ୍ରାଭଙ୍ଗ ହେବାରୁ ସେ ଦେଖିଲେ ଯେ ତାଙ୍କର ଗୋଡ଼ ଦୁଇଟି ଗୋଟିଏ ଶିକୁଳି ଦ୍ୱାରା ବନ୍ଧା ଯାଇଛି । ଏହା ଦେଖି ତାଙ୍କର ମନେ ହେଲା ଯେ ପଦଯୁଗଳ ମୃଗାଙ୍କବତୀଙ୍କୁ ଖୋଜି ନପାରିବାରୁ ତାଙ୍କୁ ଏ ଦଣ୍ଡ ଦିଆ-ଯାଇଅଛି । କିଂକର୍ତ୍ତବ୍ୟବିମୂଢ଼ ହୋଇ ପ୍ରିୟତମାଙ୍କୁ ସ୍ମରଣ କରି ପଡ଼ିରହିଥିବା ସମୟରେ ମୋଚନିକା ନାମରେ ଗୋଟିଏ ଦାସୀ ଆସି ତାଙ୍କୁ କହିଲା, 'ହେ ମହାଭାଗ ! ତୁମେ ମୃତ୍ୟୁବରଣ କରିବା ପାଇଁ ଏଠାକୁ କିପରି ଆସିଗଲ ? ସର୍ଦ୍ଦାର କୌଣସି କାର୍ଯ୍ୟରେ ବାହାରକୁ ଯାଇଅଛନ୍ତି । ସେ ଫେରି ଆସିଲେ ତୁମକୁ ଚଣ୍ଡୀ ମନ୍ଦିରରେ ବଳି ଦିଆଯିବ । ତେଣୁ ତୁମକୁ ସୁନ୍ଦର ବସ୍ତ୍ର ଓ ସୁସ୍ୱାଦୁ ଖାଦ୍ୟପେୟ ଦେଇ ଏଠାରେ ରଖାଯାଇଛି । ତୁମେ ଯଦି ସମ୍ମତ ହେବ, ତାହାହେଲେ ମୁକ୍ତିର ଗୋଟିଏ ମାତ୍ର ପଥ ଉନ୍ମୁକ୍ତ ଅଛି । ତା' ହେଉଛି ଶବର ରାଜକନ୍ୟାଙ୍କ ସହ ବିବାହ। ସର୍ଦ୍ଦାରଙ୍କର କନ୍ୟା ସୁନ୍ଦରୀ ତୁମକୁ ଦେଖିବା ପରେଠାରୁ କାମାତୁର ହୋଇପଡ଼ିଛି । ତାକୁ ଯଦି ବିବାହ କରି ତା'ହେଲେ ଏଠାରୁ ମୁକ୍ତିପାଇ ଚାଲିଯାଇ ପାରିବ ।' ଏଥିରେ ସମ୍ମତି ପ୍ରଦାନ କରି ସେ ସୁନ୍ଦରୀଙ୍କ ସହ ଗାନ୍ଧର୍ବରୀତିରେ ବିବାହ କଲେ । ସୁନ୍ଦରୀ ପ୍ରତିଦିନ ରାତିରେ ଆସି ତାଙ୍କର ବନ୍ଧନ ଖୋଲି ଦିଅନ୍ତି ଏବଂ ବିଭିନ୍ନ ଆମୋଦପ୍ରମୋଦ କରି ପ୍ରାତଃକାଳରୁ ଫେରିଯାଆନ୍ତି । ଏହିପରି କେତେଦିନ ଅତିବାହିତ ହେଲା ପରେ ସୁନ୍ଦରୀ ଗର୍ଭବତୀ ହେଲେ । ତାଙ୍କ ମା' ଏହି ସମ୍ବାଦ ଲାଭ କରି ମୋଚନିକାଠାରୁ ସମସ୍ତ ବୃତ୍ତାନ୍ତ ଅବଗତ ହୋଇ ତାକୁ ବନ୍ଧନମୁକ୍ତ କରି ଜାମାତା ସ୍ନେହରେ କହିଲେ, 'ସର୍ଦ୍ଦାର ବଡ଼ କ୍ରୂର ବ୍ୟକ୍ତି । ସେ କଦାପି ତୁମକୁ ମୁକ୍ତି ଦେବେ ନାହିଁ । ତେଣୁ ଏଠାରୁ ତୁମେ ଯଥାଶୀଘ୍ର ପଳାୟନ କର କିନ୍ତୁ ସୁନ୍ଦରୀକୁ ଯେପରି ଭୁଲି ନଯାଅ ।'

ତତ୍ପରେ ଶ୍ରୀଦତ୍ତ ପୁଣି ମୃଗାଙ୍କବତୀଙ୍କ ଅନୁସନ୍ଧାନରେ ସଂଶୟାକ୍ରାନ୍ତ ହୃଦୟ ନେଇ ଭ୍ରମଣ କରିବାକୁ ଲାଗିଲେ । ପଥ ମଧ୍ୟରେ ବିଭିନ୍ନ ଶୁଭ ଶକୁନ ଦେଖି ସେ ପୁଣି ସେହି ବୃକ୍ଷ ନିକଟରେ ଆସି ଉପସ୍ଥିତ ହେଲେ ଏବଂ ସେଠାରେ ସେ ଏକ ବ୍ୟାଧକୁ ରାଜକୁମାରୀଙ୍କ ସମାଚାର ଜିଜ୍ଞାସା କଲେ ।

Digitized by srujanika@gmail.com

'ତୁମେ କଣ ଶ୍ରୀଦତ୍ତ ?' ବୋଲି ସେ ପଚାରିବାରୁ ଦୀର୍ଘନିଃଶ୍ୱାସ ତ୍ୟାଗ କରି ସେ ଉତ୍ତର ଦେଲେ, 'ହିଁ, ମୁଁ ହିଁ ସେହି ଅଭାଗା ଶ୍ରୀଦତ୍ତ' । ତାଙ୍କର ପରିଚୟ ଲାଭକରି ବ୍ୟାଧ କହିଲା, 'ତୁମ ନାମ ଉଚ୍ଚାରଣ କରି ରୋଦନ କରୁଥିବା ଜଣେ ନାରୀଙ୍କୁ ଏଠାରେ ଦେଖି, ତା' ପ୍ରତି ଦୟା ପରବଶ ହୋଇ ସାନ୍ତ୍ୱନା ପ୍ରଦାନପୂର୍ବକ ମୁଁ ମୋର ଗୃହକୁ ନେଇଗଲି ଏବଂ ଗ୍ରାମର ଅନ୍ୟାନ୍ୟ ଶବର ଯୁବକଙ୍କ କବଳରୁ ରକ୍ଷା କରିବା ନିମିତ୍ତ ନାଗସ୍ଥଳର ଜଣେ ବ୍ରାହ୍ମଣଙ୍କ ନିକଟରେ ତାଙ୍କୁ ରଖାଇ ଦେଇ ତୁମର ଅନୁସନ୍ଧାନରେ ବାହାରିଛି ।'

ବ୍ୟାଧଠାରୁ ରାଜକୁମାରୀଙ୍କ ସନ୍ଧାନ ଲାଭ କରି ଶ୍ରୀଦତ୍ତ ପରଦିନ ସେହି ବ୍ରାହ୍ମଣଙ୍କ ନିକଟରେ ଉପସ୍ଥିତ ହେବାରୁ ସେ କହିଲେ, 'ଏହି ଗ୍ରାମ ନିର୍ଜନ ଥିବାରୁ ଏଠାରେ ତାଙ୍କର ରହିବା ଅନୁଚିତ ମନେକରି ମୁଁ ତାଙ୍କୁ ମଥୁରାରେ ରହୁଥିବା ମୋର ଜଣେ ଗୁଣଗ୍ରାହୀ ମିତ୍ରଙ୍କ ନିକଟକୁ ପଠାଇ ଦେଇଛି । ସେ ବନ୍ଧୁ ଜଣକ ଜଣେ କୁଳୀନ ବ୍ରାହ୍ମଣ, ଉପାଧ୍ୟାୟ ଓ ରାଜା ଶୂରସେନଙ୍କ ସଚିବ । ତୁମେ ଆଜି ଏଠାରେ ବିଶ୍ରାମ କରି କାଲି ପ୍ରତ୍ୟୁଷରୁ ସେଠାକୁ ପ୍ରସ୍ଥାନ କର ଏବଂ ତୁମ ପତ୍ନୀଙ୍କୁ ଗ୍ରହଣ କର ।'

ରାତ୍ରିରେ ରାତ୍ରିଯାପନ କରି ଶ୍ରୀଦତ୍ତ ପରଦିନ ପ୍ରତ୍ୟୁଷରୁ ମଥୁରାରେ ଯାଇ ପହଞ୍ଚିଲେ । ବହୁଦୂର ପଥ ଅତିକ୍ରମ କରି ଆସିଥିବାରୁ ସେ ଧୂଳି-ଧୂସରିତ ହୋଇ ପଡ଼ିଥିଲେ । ଏଣୁ ନଗର ଶେଷରେ ଥିବା ସରୋବରରେ ସ୍ନାନ କରିବା ପାଇଁ ପ୍ରବେଶ କରନ୍ତେ ଗୋଟିଏ ବହୁମୂଲ୍ୟ ବସ୍ତ୍ର ଗ୍ରନ୍ଥି ତାଙ୍କର ଦୃଷ୍ଟିଗୋଚର ହେଲା । ତା' ମଧ୍ୟରେ ଗୋଟିଏ ବହୁମୂଲ୍ୟ ହାର ରହିଥିଲା । ତାହା ଧରି ନଗର ମଧ୍ୟରେ ପ୍ରବେଶ କରିବାରୁ ରାଜାନୁଚରମାନେ ତାଙ୍କୁ ରାଜଦରବାରରେ ନେଇ ଉପସ୍ଥିତ କରାଇଲେ । ରାଜା ତାଙ୍କୁ ଚୋର ବୋଲି ପ୍ରାଣଦଣ୍ଡର ଆଦେଶ ପ୍ରଦାନ କରିବାରୁ ବଧଭୂମିକୁ ନିଆ ଯାଉଥିବା ବେଳେ ହଠାତ୍ ସୌଭାଗ୍ୟକ୍ରମେ ତାଙ୍କ ଉପରେ ମୃଗାଙ୍କବତୀଙ୍କର ଦୃଷ୍ଟି ନିକ୍ଷିପ୍ତ ହେଲା । ଏହା ଦେଖି ସେ ଉଚ୍ଚସ୍ୱରରେ ବିଳାପ କରି କରି ମୁଖ୍ୟମନ୍ତ୍ରୀଙ୍କୁ ଏହା ଜଣାଇଲେ । ସେ ମଧ୍ୟ ଏହାର ପୁନର୍ବିଚାର ନିମନ୍ତେ ଘାତକମାନଙ୍କୁ ସେଥିରୁ ନିବୃତ୍ତ କରି ଶ୍ରୀଦତ୍ତଙ୍କୁ ମୁକ୍ତ କଲେ । ଆଶ୍ଚର୍ଯ୍ୟ-ଜନକଭାବେ ଉଭୟଙ୍କର ପରିଚୟ ହେବାରୁ ଶ୍ରୀଦତ୍ତ ତାଙ୍କର ପଦ

Digitized by srujanika@gmail.com

ସ୍ୱର୍ଣକର ପ୍ରଣିପାତ କଲେ । ମୃଗାଙ୍କବତୀଙ୍କ ଆଶ୍ରୟଦାତା ଓ ଶୂରସେନଙ୍କର ପ୍ରଧାନ ସଚିବ ଅନ୍ୟ କେହି ନୁହନ୍ତି, ସେ ଶ୍ରୀଦତ୍ତଙ୍କ ପିତା କାଳନେମିଙ୍କ କନିଷ୍ଠ ଭ୍ରାତା ବିଗତଭୟ । ଉଭୟେ ବହୁ ସମୟ ଧରି ଉଭୟଙ୍କର ଜୀବନ ବୃତ୍ତାନ୍ତ ଶୁଣାଇଲେ । ଜ୍ୟେଷ୍ଠ ଭ୍ରାତା ଓ ଭ୍ରାତୃ ପତ୍ନୀଙ୍କ ମୃତ୍ୟୁ ସମ୍ବାଦ ଶ୍ରବଣ କରି ବିଗତଭୟ ଶୋକାକୁଳ ହୋଇପଡ଼ିଲେ ଏବଂ କହିଲେ, 'ପୁଅ ! ତୁ ଅଧୀର ହୁଅ ନାହିଁ । ମୁଁ ଧନଦାଯକ୍ଷିଣୀ ସିଦ୍ଧ କରିଅଛି । ସେ ମୋତେ ପାଞ୍ଚ ସହସ୍ର ଅଶ୍ୱ ଓ ସାତ କୋଟି ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରିଛନ୍ତି । ମୁଁ ସନ୍ତାନହୀନ ହେତୁ ସେ ସମସ୍ତ ତୋତେ ପ୍ରଦାନ କରୁଅଛି ।' ଏହାପରେ ପ୍ରଭୂତ ସମ୍ପତ୍ତି ଓ ପ୍ରିୟତମା ମୃଗାଙ୍କବତୀଙ୍କୁ ଲାଭ କରି ଶ୍ରୀଦତ୍ତ ଆନନ୍ଦରେ ଦିନ କଟାଇବାକୁ ଲାଗିଲେ । କିନ୍ତୁ ଏହି ଆନନ୍ଦ ମଧ୍ୟରେ ମିତ୍ରମାନଙ୍କର ଚିନ୍ତା ତାଙ୍କ ମନକୁ ସମୟେ ସମୟେ ବ୍ୟାକୁଳିତ କରି ଦେଉଥିଲା ।

ଦିନେ ଏକାନ୍ତରେ ବିଗତଭୟ ଶ୍ରୀଦତ୍ତଙ୍କୁ ଡାକି କହିଲେ, 'ରାଜା ଶୂରସେନଙ୍କ ଗୋଟିଏ କନ୍ୟା ଅଛି । ବିବାହ ନିମନ୍ତେ ତାକୁ ଉଜ୍ଜୟିନୀ ନେଇ ଯିବା ପାଇଁ ରାଜା ମୋତେ ଆଦେଶ ପ୍ରଦାନ କରିଛନ୍ତି । ଏହି ଛଳରେ ମୁଁ ତାକୁ ହରଣ କରି ତୋତେ ଅର୍ପଣ କରିବି । ଏହାପରେ ଏହି ରାଜାଙ୍କର ସେନା ଓ ମୋର ସେନାକୁ ନେଇ ତୁ ପୃଥିବୀ ଜୟ କରିପାରିବୁ ।' ଏହା କହି ସେ ମଥୁରା ପ୍ରସ୍ଥାନ କଲେ ।

ଏମାନେ ବିନ୍ଧ୍ୟାଟବୀରେ ପହଞ୍ଚିଲା ମାତ୍ରେ ଏକ ବିଶାଳ ଶବର ସେନା-ଦ୍ୱାରା ଆକ୍ରାନ୍ତ ହେଲେ । ସମସ୍ତ ସୈନ୍ୟବାହିନୀକୁ ପରାସ୍ତ କରି ସେମାନେ ଶ୍ରୀଦତ୍ତଙ୍କୁ ନେଇ ନିଜ ପଲ୍ଲିକୁ ଫେରିଗଲେ । ସେଠାରେ ଏକ ଚଣ୍ଡୀ ମନ୍ଦିର ମଧ୍ୟରେ ତାଙ୍କୁ ବଳିଦାନ କରିବା ନିମନ୍ତେ ସମସ୍ତ ଆୟୋଜନ କରାଗଲା । ଶବର ରାଜପୁତ୍ରୀ ସୁନ୍ଦରୀ ମଧ୍ୟ ନିଜର ଶିଶୁପୁତ୍ରକୁ ନେଇ ସେଠାରେ ଉପସ୍ଥିତ ଥିଲା । ସେ ଶ୍ରୀଦତ୍ତଙ୍କ ପରିଚୟ ଲାଭ କରି ତାଙ୍କୁ ମୁକ୍ତ କଲା ଏବଂ ପତିସମା-ଗମଜନିତ ଆନନ୍ଦରେ ଅଧୀରା ହୋଇପଡ଼ିଲା । ଏ ମଧ୍ୟରେ ଶବର ସର୍ଦ୍ଦାର ସ୍ୱର୍ଗାରୋହଣ କରିଥିବାରୁ ସୁନ୍ଦରୀ ସେମାନଙ୍କର ଅଧୀଶ୍ୱରୀ ଥିଲା । ତେଣୁ ଶ୍ରୀଦତ୍ତ ସେହି ଶବରପଲ୍ଲିର ଅଧୀଶ୍ୱର ହେଲେ ଏବଂ ମୃଗାଙ୍କ ଖଡ଼୍‌ଗଟି ମଧ୍ୟ ଲାଭ କଲେ ।

Digitized by srujanika@gmail.com

ଏହାପରେ ସେ ନଜର ପିତୃବ୍ୟ ଓ ତାଙ୍କର ସୈନ୍ୟବାହିନୀଙ୍କୁ ଆମନ୍ତ୍ରିତ କରି ଆଣିଲେ । ସେଠାରେ ଶୂରସେନଙ୍କ କନ୍ୟା ସହ ତାଙ୍କର ବିବାହ ମହା ଆଡ଼ମ୍ବରରେ ସମ୍ପନ୍ନ ହେଲା । ଶୂରସେନ ଓ ଶ୍ରୀବିମ୍ବକୀ ମଧ୍ୟ ନିମନ୍ତ୍ରଣ ପାଇ ବିବାହ ଉତ୍ସବରେ ଯୋଗ ଦେବା ନିମିତ୍ତ ନିଜ ନିଜର ସୈନ୍ୟବାହିନୀ ସହ ଆସି ଉପସ୍ଥିତ ହେଲେ । ଏହି ସମ୍ବାଦ ପାଇ ବାହୁଶାଳୀ ପ୍ରଭୃତି ମିତ୍ର ମଧ୍ୟ ଏଥିରେ ଯୋଗ ଦେଲେ ।

ତତ୍ପରେ ଶ୍ରୀଦତ୍ତ ନିଜ ପିତୃଘାତୀର ପ୍ରତିଶୋଧ ନେବା ନିମନ୍ତେ ଏହି ମିଳିତ ସୈନ୍ୟବାହିନୀ ନେଇ ପାଟଳିପୁତ୍ର ଯାତ୍ରା କଲେ । ଯୁଦ୍ଧରେ ବିକ୍ରମଶକ୍ତି ପରାସ୍ତ ଓ ନିହତ ହେଲେ । ଏହି ପିତୃହନ୍ତାକୁ ନିଜର କୋପାନଳରେ ଆହୁତି ପ୍ରଦାନପୂର୍ବକ ଶ୍ରୀଦତ୍ତ ଆସମୁଦ୍ର ପୃଥିବୀର ସମ୍ରାଟ୍ ହୋଇ ମୃଗାଙ୍କବତୀଙ୍କ ସହ ଆନନ୍ଦ ଉପଭୋଗ କରିବାକୁ ଲାଗିଲେ ।

ଏହିପରି ଶ୍ରୀଦତ୍ତ ଓ ମୃଗାଙ୍କବତୀଙ୍କ କଥା ଶେଷକରି ସଙ୍ଗତିକ ସହଯାତ୍ରୀମାନଙ୍କୁ କହିଲା, "ଧର୍ମପ୍ରାଣ ବ୍ୟକ୍ତିମାନେ ଏହିପରି ଭାବରେ ବିପ୍ଳୋଗ ସମୁଦ୍ର ଉତ୍ତୀର୍ଣ୍ଣ ହୋଇ ଅଭୀଷ୍ଟ ବସ୍ତୁ ଲାଭ କରିଥାଆନ୍ତି ।"

ପଥ ମଧ୍ୟରେ ପ୍ରିୟାପ୍ରାପ୍ତି ଚିନ୍ତାରେ ରାତିଯାପନ କରି ପରଦିନ ସହଯାତ୍ରୀମାନେ ଉଦୟାଚଳ ଅଭିମୁଖରେ ଯାତ୍ରା ଆରମ୍ଭ କଲେ । କିଛି ଦିନ ପରେ ଜମଦଗ୍ନିଙ୍କ ଆଶ୍ରମରେ ପହଞ୍ଚି ଶିଷ୍ୟମାନଙ୍କଦ୍ୱାରା ସତ୍କୃତ ହୋଇ ପବିତ୍ର-ଦର୍ଶନ ଓ ମୂର୍ତ୍ତିମନ୍ତ ତପସ୍ୟା ତୁଲ୍ୟ ମହର୍ଷି ଜମଦଗ୍ନିଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ମହର୍ଷି ଆଶୀର୍ବାଦ ସହ ମୃଗାବତୀ ଓ ଉଦୟନଙ୍କୁ ମଧ୍ୟ ତାଙ୍କ ହସ୍ତରେ ଅର୍ପଣ କଲେ । ଶାପର ଅବଧି ଶେଷ ହୋଇଯାଇଥିବାରୁ ଉଭୟଙ୍କର ମିଳନ ଅମୃତମୟ ହୋଇଉଠିଲା । ଜମଦଗ୍ନି ଓ ବାଷ୍ପାକୁଳ ଆଶ୍ରମବାସୀମାନଙ୍କଠାରୁ ବିଦାୟ ଗ୍ରହଣ କରି ରାଜା ସ୍ୱରାଜଧାନୀକୁ ଯିବା ନିମନ୍ତେ ମହର୍ଷିଙ୍କୁ ନିମନ୍ତ୍ରଣ ପ୍ରଦାନପୂର୍ବକ ପ୍ରତ୍ୟାବର୍ତ୍ତନ କଲେ । ପଥ ମଧ୍ୟରେ ଉଭୟେ ଉଭୟଙ୍କ ବିରହ ବୃତ୍ତାନ୍ତ କହି ଉଦୟନଙ୍କ ସହ କୌଶାମ୍ବୀ ନଗର ମଧ୍ୟରେ ପ୍ରବେଶ କଲେ ।

Digitized by srujanika@gmail.com

ଏଠାରେ ପଞ୍ଚଷ୍ଟ ପ୍ରଥମେ ରାଜା ସହସ୍ରାନୀକ ଉଦୟନଙ୍କୁ ଯୌବରାଜ୍ୟ ପ୍ରଦାନ କରି ମନ୍ତ୍ରୀପୁତ୍ରମାନଙ୍କୁ ତାଙ୍କର ମନ୍ତ୍ରଦାତାରୂପେ ନିଯୁକ୍ତ କଲେ । ଅଭିଷେକ ସମୟରେ ଆକାଶରୁ ପୁଷ୍ପବୃଷ୍ଟି ହେଲା ଏବଂ ବାଣୀ ମଧ୍ୟ ଶୁଣାଗଲା ଯେ ବସନ୍ତକ, ରୁମଣ୍ଵନ୍ ଓ ଯୌଗନ୍ଧରାୟଣଙ୍କ ସହାୟତାରେ ଉଦୟନ ସସାଗରା ଧରାର ସମ୍ରାଟ୍ ହେବେ ।

ତତ୍ପରେ ରାଜା ସହସ୍ରାନୀକ ପୁତ୍ରଙ୍କ ଉପରେ ରାଜ୍ୟଶାସନ ଭାର ଅର୍ପଣ କରି ଚିର ଅଭିଲଷିତ ସାଂସାରିକ ସୁଖ ମୃଗାବତୀଙ୍କ ସହ ଭୋଗ କଲେ ଏବଂ ସମୟକ୍ରମେ ମହାରାଣୀ ଓ ମହାମନ୍ତ୍ରୀମାନଙ୍କ ସହ ମହାପ୍ରସ୍ଥାନ ଉଦ୍ଦେଶ୍ୟରେ ହିମାଳୟ ପ୍ରସ୍ଥାନ କଲେ । ଉଦୟନ ସଂସାରର ଉଦୟ ନିମନ୍ତେ କୌଶାମ୍ବୀର ଶାସନଭାର ଗ୍ରହଣ କରିବାରୁ ପ୍ରଜାପୁଞ୍ଜ ଦିବ୍ୟସୁଖ ଓ ଅଖଣ୍ଡ ଶାନ୍ତି ଉପଭୋଗ କରିବାକୁ ଲାଗିଲେ ।

Digitized by srujanika@gmail.com

ତୃତୀୟ ତରଙ୍ଗ

ରାଜା ଉଦୟନଙ୍କ କଥା

ସହସ୍ରାନୀକ ମହାପ୍ରସ୍ଥାନରେ ଗମନ କଲାପରେ ଉଦୟନ ବତ୍ସଦେଶର ଶାସନଦଣ୍ଡ ପ୍ରାପ୍ତ ହୋଇ ରାଜଧାନୀ କୌଶାମ୍ବୀରେ ରାଜ ସୁଖ ଉପଭୋଗ କଲେ । ଯୌଗନ୍ଧରାୟଣ, ରୁମଣ୍ୱାନ ପ୍ରଭୃତିଙ୍କ ଉପରେ ଶାସନ ଭାର ନ୍ୟସ୍ତ କରି ସେ ସର୍ବଦା ଭୋଗବିଳାସରେ ତନ୍ମୟ ହୋଇରହିଲେ । ବିଳାସ ମଧ୍ୟରେ ବୀଣା ବାଦନ ଥିଲା ପ୍ରଧାନ । ବାସୁକିପ୍ରଦତ୍ତ ଘୋଷବତୀ ନାମକ ବୀଣାଟିକୁ ସେ ସର୍ବଦା ଝଂକୃତ କରୁଥିଲେ । ଏହି ବୀଣାର ତାରରେ ମଧୁର ସ୍ୱର ସୃଷ୍ଟିପୂର୍ବକ ଅରଣ୍ୟର ହସ୍ତୀମାନଙ୍କୁ ବଶୀଭୂତ କରି ଆଣିବା ତାଙ୍କର ପ୍ରଧାନ ବିନୋଦ ଥିଲା । ମନ୍ତ୍ରୀମାନଙ୍କ ମୁଖକାନ୍ତି ଓ ବାରନାରୀମାନଙ୍କ ବଦନଚନ୍ଦ୍ରମା ପ୍ରତିବିମ୍ବିତ ସୁରା ପାନକରି ସେ ଦିବସ ଯାପନ କରୁଥିଲେ । ତାଙ୍କର ଏକମାତ୍ର ଚିନ୍ତା ଥିଲା ଯେ ତାଙ୍କ ବଂଶର କୁଳବଧୂ ହେବା ନିମନ୍ତେ ଉପଯୁକ୍ତ କନ୍ୟା ପୃଥିବୀରେ ବିରଳ । କେବଳ ବାସବଦତ୍ତା ଉପଯୁକ୍ତ ହୋଇଥାଆନ୍ତେ । କିନ୍ତୁ ତାଙ୍କ ପିତା ଉଜ୍ଜୟିନୀ ଅଧିପତି ଚଣ୍ଡମହାସେନ ବତ୍ସରାଜ୍ୟର ଘୋର ଶତ୍ରୁ । ତେଣେ ଚଣ୍ଡମହାସେନ ମଧ୍ୟ ଚିନ୍ତା କରୁଥାଆନ୍ତି ଯେ ବାସବଦତ୍ତାଙ୍କ ନିମନ୍ତେ ଉଦୟନ ବ୍ୟତୀତ ଅନ୍ୟ ଅନୁରୂପ ପାତ୍ର ବିରଳ । କିନ୍ତୁ ସେ ମୋର ଘୋର ଶତ୍ରୁ । ଏଣୁ ଏପରି କିଛି ଉପାୟ କରିବା ଉଚିତ ଯାହାଦ୍ୱାରା ଉଦୟନ ମୋର ନିକଟକୁ ଆସି ବାସବଦତ୍ତାଙ୍କ ପାଣିଗ୍ରହଣ କରିବେ । ଏକାକୀ ବହୁ ସମୟରେ ସେ ବୀଣା ବାଦନ କରି ଅରଣ୍ୟ ମଧ୍ୟରେ ଆରଣ୍ୟକ ହସ୍ତୀମାନଙ୍କୁ ବଶୀଭୂତ କରିବାରେ ବ୍ୟାପୃତ ଥାଆନ୍ତି । ତେଣୁ ଏହି ମୃଗୟାପ୍ରିୟ ରାଜାଙ୍କୁ କୌଣସି ଉପାୟରେ ବନ୍ଦୀକରି ଆଣିବାକୁ ହେବ । ସେ ସଙ୍ଗୀତ ପ୍ରିୟ ଓ ସଙ୍ଗୀତ ପ୍ରବୀଣ । ତେଣୁ ବାସବଦତ୍ତାଙ୍କୁ ତାଙ୍କର ଶିଷ୍ୟା କରିଦେଲେ, ତା'ର ରୂପ ଦେଖି ଉଦୟନ ନିଶ୍ଚୟ ଆକୃଷ୍ଟ ହେବେ । ଫଳରେ ମୋର ବଶୀଭୂତ ହୋଇ ଜାମାତା ହେବେ ।

Digitized by srujanika@gmail.com

ଏ ପ୍ରକାର ଚନ୍ଦ୍ରାକର ଚଣ୍ଡମହାସେନ ଚଣ୍ଡୀମନ୍ଦିରକୁ ଯାଇ ଉପାସନାଦ୍ୱାରା ତାଙ୍କୁ ସନ୍ତୁଷ୍ଟ କଲେ । ସେଠାରେ ସେ ଦୈବବାଣୀ ଶୁଣିଲେ, 'ରାଜନ ! ତୁମର ଅଭିଳାଷ ପୂର୍ଣ୍ଣ ହେବ ।' ଏଥିରେ ରାଜା ଆନନ୍ଦିତ ହୋଇ ମନ୍ତ୍ରୀ ବୁଦ୍ଧଦତ୍ତଙ୍କ ସହ ଏ ସମ୍ପର୍କରେ ମନ୍ତ୍ରଣା କଲେ । ସେ କହିଲେ, 'ରାଜା ଉଦୟନ ଉଗ୍ର ଆତ୍ମାଭିମାନୀ, ନିର୍ଲୋଭୀ, ଅନୁରକ୍ତ ଅନୁଚର ପରିବେଷ୍ଟିତ ଓ ମହାଶକ୍ତିଶାଳୀ । ତେଣୁ ସାମ, ଦାନ, ଦଣ୍ଡ ଓ ଭେଦଦ୍ୱାରା ତାଙ୍କୁ ବଶୀଭୂତ କରିବା ସମ୍ଭବପର ନୁହେଁ । ଶନ୍ତରେ ହିଁ ତାଙ୍କୁ ବଶ କରିବା ଉଚିତ ।' ଏ ପ୍ରକାର ନିଷ୍ପତ୍ତି କରି ସେ ଉଦୟନଙ୍କ ନିକଟକୁ ଦୂତ ପ୍ରେରଣ କଲେ । ଦୂତ ଯାଇ ବତ୍ସରାଜଙ୍କୁ କହିଲା, 'ବାସବଦତ୍ତା ଆପଣଙ୍କଠାରୁ ସଙ୍ଗୀତ ବିଦ୍ୟା ଶିକ୍ଷା କରିବା ପାଇଁ ଇଚ୍ଛୁଛନ୍ତି । ତେଣୁ ଆପଣଙ୍କର ଯଦି ତାଙ୍କ ପ୍ରତି ସ୍ନେହ ଥାଏ, ଦୟାପୂର୍ବକ ଆମ ପ୍ରାସାଦରେ ତାଙ୍କୁ ସଙ୍ଗୀତ ଶିକ୍ଷା ପ୍ରଦାନ କରନ୍ତୁ ।'

ଦୂତଠାରୁ ଏହା ଶୁଣି ରାଜା ଉଦୟନ ଏକାନ୍ତରେ ମନ୍ତ୍ରୀ ଯୌଗନ୍ଧରାୟଣଙ୍କୁ ଡାକି କହିଲେ, 'ଦେଖନ୍ତୁ, ଚଣ୍ଡମହାସେନ ମୋ ନିକଟକୁ କିପରି ଅଭିମାନପୂର୍ଣ୍ଣ ସନ୍ଦେଶ ପଠାଇଅଛନ୍ତି । ଏପରି କରିବାରେ ସେ ଦୁଷ୍ଟର ଅଭିପ୍ରାୟ କଣ ?' ବତ୍ସରାଜ ଏହା କହନ୍ତେ ସ୍ୱ ସ୍ୱାମୀଙ୍କର ହିତାକାଂକ୍ଷୀ ଓ ସତର୍କ ଯୌଗନ୍ଧରାୟଣ କହିଲେ, 'ମହାରାଜ ! ସଂସାରରେ ଆପଣ ଅତି ବ୍ୟସନୀ ବୋଲି ପ୍ରସିଦ୍ଧ । ତେଣୁ ଆପଣଙ୍କୁ ପ୍ରେମିକ ଓ ରସିକ ମନେକରି ଆପଣଙ୍କୁ ନିଜର ସୁନ୍ଦରୀ କନ୍ୟାର ପ୍ରେମପାଶରେ ଆବଦ୍ଧ କରି ନିଜର ବଶୀଭୂତ ଓ ଜାମାତା କରିବା ନିମନ୍ତେ ବୋଧହୁଏ ସେ ଚାହୁଁଛନ୍ତି । ତେଣୁ ମହାରାଜ ! ଆପଣ ଅରଣ୍ୟ ଗଜମାନଙ୍କୁ ଆୟତ୍ତ କରିବାରୂପ ବ୍ୟସନ ପରିତ୍ୟାଗ କରନ୍ତୁ । ଯେପରି ବନ୍ୟଗଜକୁ ଗର୍ତ୍ତ ମଧ୍ୟରେ ନିକ୍ଷେପ କରି ଆୟତ୍ତ କରାଯାଏ ସେହିପରି ବ୍ୟସନୀ ରାଜାମାନଙ୍କୁ ଶତ୍ରୁମାନେ ଚକ୍ରାନ୍ତ କରି ଆୟତ୍ତ କରିଥାଆନ୍ତି ।' ମନ୍ତ୍ରୀଙ୍କଠାରୁ ଏହା ଶୁଣି ନୃପ ଚଣ୍ଡମହାସେନଙ୍କ ନିକଟକୁ ଦୂତଦ୍ୱାରା ସମ୍ବାଦ ପ୍ରେରଣ କଲେ ଯେ, 'ଆପଣଙ୍କର କନ୍ୟା ମୋଠାରୁ ଯଦି ସଙ୍ଗୀତ ବିଦ୍ୟା ଶିକ୍ଷା କରିବାକୁ ଚାହାନ୍ତି ତା' ହେଲେ ତାଙ୍କୁ ମୋ ନିକଟକୁ ପଠାଇ ଦିଅନ୍ତୁ ।' ଏ ପ୍ରକାର ସନ୍ଦେଶ ଦେଇ ଉଦୟନ ମନ୍ତ୍ରୀମାନଙ୍କୁ କହିଲେ, 'ମୁଁ ବର୍ତ୍ତମାନ ହିଁ ଯାଉଛି, ଚଣ୍ଡମହାସେନଙ୍କୁ ବନ୍ଦୀ କରି ଆଣିବି ।' ଏଥିରେ ପ୍ରତିବାଦ କରି ପ୍ରଧାନମନ୍ତ୍ରୀ

Digitized by srujanika@gmail.com

ଯୌଗନ୍ଧରାୟଣ କହିଲେ, 'ଏହା କରିବା ସମ୍ଭବ ନୁହେଁ କି ଉଚିତ ମଧ୍ୟ ନୁହେଁ । ସେ ପ୍ରଭାବଶାଳୀ ଏବଂ ଆପଣଙ୍କୁ ନିଜର କରିବାକୁ ଚାହାନ୍ତି । ଏହାଙ୍କ ସମ୍ପର୍କରେ ବିସ୍ତୃତ ଭାବରେ ଶୁଣନ୍ତୁ'—

ରାଜା ଚଣ୍ଡମହାସେନଙ୍କ କଥା

ଭାରତବର୍ଷରେ ଅଳକାପୁରୀ ତୁଲ୍ୟ ଉଜ୍ଜୟିନୀ ନାମରେ ଗୋଟିଏ ନଗର ଅଛି । ଏହାର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ସ୍ୱୟଂ ଗିରିଜାପତି କୈଳାସ ପର୍ବତ ପରିତ୍ୟାଗପୂର୍ବକ ଏଠାରେ ମହାକାଳ ରୂପରେ ବାସ କରୁଛନ୍ତି । ପୂର୍ବେ ମହେନ୍ଦ୍ରବର୍ମା ନାମରେ ଜଣେ ଗୁଣଗ୍ରାହୀ ନରପତି ଏଠାରେ ରାଜତ୍ୱ କରୁଥିଲେ । ତାଙ୍କର ଅନୁରୂପ ପୁତ୍ର ହେଉଛନ୍ତି ଜୟସେନ । ଜୟସେନଙ୍କ ପୁତ୍ର ମହାସେନ ଅମିତ ପରାକ୍ରମଶାଳୀ । ସେ ବହୁଦିନ ଉଜ୍ଜୟିନୀର ରାଜ୍ୟଲକ୍ଷ୍ମୀ ଉପଭୋଗ କରି ନିଜର ଗୋଟିଏ ଯୋଗ୍ୟ ଖଡ୍ଗ ଓ ଗୋଟିଏ ଉପଯୁକ୍ତ ପତ୍ନୀ ଅଭାବରୁ ଚଣ୍ଡୀଙ୍କର ଉପାସନା କଲେ । ବହୁଦିନ ଧରି ଅନାହାରରେ ନିଜ ଶରୀରର ମାଂସଦ୍ୱାରା ଯଜ୍ଞ କରିବାରୁ ଦେବୀ ସନ୍ତୁଷ୍ଟା ହୋଇ କହିଲେ, 'ବତ୍ସ, ମୁଁ ତୋର ଉପାସନାରେ ପ୍ରୀତ ହେଲି । ଏହି ଜଗତବିଜୟୀ ଖଡ୍ଗ ଗ୍ରହଣ କର । ଏହାଥିଲା ପର୍ଯ୍ୟନ୍ତ କେହି ତୋତେ ଜୟ କରିପାରିବେ ନାହିଁ । ପୁଣି ଅଙ୍ଗାରକାସୁରର ଅଙ୍ଗାରବତୀ ନାମରେ ଗୋଟିଏ କନ୍ୟା ଅଛି । ସମଗ୍ର ସଂସାରରେ ସେ ହେଉଛି ଅଦ୍ୱିତୀୟା ସୁନ୍ଦରୀ । ଅଚିରେ ସେ ତୋର ପାଣି-ଗ୍ରହଣ କରିବ । ତୁ ନିଜ ଶରୀରର ମାଂସଦ୍ୱାରା ଯଜ୍ଞକରି ଅତି ଚଣ୍ଡ କାର୍ଯ୍ୟ କରିଅଛୁ, ତେଣୁ ଆଜିଠାରୁ ତୋର ନାମ ଚଣ୍ଡମହାସେନ ହେବ ।' ଏହା କହି ଚଣ୍ଡୀ ଅନ୍ତର୍ଦ୍ଧାନ ହେଲେ ଏବଂ ରାଜା ମଧ୍ୟ ନିଜର ମନୋରଥ ସଫଳ ହେବାରୁ ଆନନ୍ଦ ଲାଭ କଲେ ।

ତେଣୁ ମହାରାଜ, ସେହି ଖଡ୍ଗ ଓ ନଡ଼ାଗିରି ନାମକ ହସ୍ତୀ ଏହି ରାଜାଙ୍କର ଦୁଇଟି ଅମୂଲ୍ୟ ସଂପଦ । ଇନ୍ଦ୍ରଙ୍କର ବଜ୍ର ଓ ଐରାବତ ତୁଲ୍ୟ ଏ ଦୁଇଟି ବସ୍ତୁ ଲାଭକରି ଚଣ୍ଡମହାସେନ ଅତ୍ୟନ୍ତ ପରାକ୍ରମଶାଳୀ ହୋଇ ଉଠିଲେ ।

Digitized by srujanika@gmail.com

ଥରେ ଚଣ୍ଡମହାସେନ ମୃଗୟା ନିମନ୍ତେ ଘୋର ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । ସେଠାରେ ରାତ୍ରିର ଘୋର ଅନ୍ଧକାର ତୁଲ୍ୟ ଏକ ଭୟଙ୍କର ବରାହ ତାଙ୍କର ଦୃଷ୍ଟିଗୋଚର ହେଲା । ରାଜା ତାକୁ ଲକ୍ଷ୍ୟକରି ଶର ନିକ୍ଷେପ କଲେ । କିନ୍ତୁ ବାଣବିଦ୍ଧ ହେଲେ ହେଁ ସେହି ବରାହ ତା ପ୍ରତି ଭ୍ରୂକ୍ଷେପ ନ କରି ରାଜାଙ୍କ ରଥ ଉପରେ ଆକ୍ରମଣ କଲା ଏବଂ ତାକୁ ଆହତ କରି ଏକ ଗର୍ତ୍ତ ମଧ୍ୟରେ ପ୍ରବେଶ କଲା । ରାଜା ମଧ୍ୟ କ୍ରୋଧାନ୍ୱିତ ହୋଇ ରଥରୁ ଅବତରଣ କଲେ ଏବଂ ଧନୁର୍ଦ୍ଧରରେ ତାର ପଶ୍ଚାଦ୍ଧାବନପୂର୍ବକ ସେହି ବିଲ ମଧ୍ୟରେ ପ୍ରବେଶ କଲେ ।

ସେହି ବିଲ ମାର୍ଗରେ କିଛି ଦୂର ଯାଇ ସେ ଏକ ସୁସଜ୍ଜିତ ନଗରୀ ଦେଖିବାକୁ ପାଇଲେ । ଶ୍ରାନ୍ତକ୍ଳାନ୍ତ ଚଣ୍ଡ ତା ମଧ୍ୟରେ ଥିବା ଏକ ମନୋରମ ସରୋବର ନିକଟରେ ଯାଇ ପହଞ୍ଚିଲେ । ସେଠାରେ ନିଜର ସଖୀମାନଙ୍କ ସହ ସ୍ନାନ କରୁଥିବା କୌଣସି ଅତୁଳନୀୟା ସୁନ୍ଦରୀ ଯୁବତୀ ତାଙ୍କର ଦୃଷ୍ଟି ଆକର୍ଷଣ କଲା । ପ୍ରେମପୂର୍ଣ୍ଣ ଦୃଷ୍ଟିପାତପୂର୍ବକ ସେ ସୁନ୍ଦରୀ ରାଜାଙ୍କ ନିକଟରେ ଉପସ୍ଥିତ ହୋଇ ବେଦନା କରିବାକୁ ଲାଗିଲା ଏବଂ ପରିଚୟ ଜିଜ୍ଞାସା କଲା । ରାଜା ସମସ୍ତ ସତ୍ୟ ବୃତ୍ତାନ୍ତ ତା' ନିକଟରେ ପ୍ରକାଶ କଲେ । ଏହା ଶୁଣି ତା'ର ଚକ୍ଷୁରୁ ଅବିରଳ ଅଶ୍ରୁଧାର ବିଗଳିତ ଲାଗିଲା । 'ତୁମେ କିଏ ? ଏବଂ କି ଦୁଃଖରେ ତୁମେ ଏପରି ବିଳାପ କରୁଅଛ' ବୋଲି ରାଜା ଜିଜ୍ଞାସା କରିବାରୁ ସେ କହିଲା, 'ଯେଉଁ ବରାହ ବିଲ ମଧ୍ୟରେ ପ୍ରବେଶ କଲା ସେ ଅଙ୍ଗାରକାସୁର ନାମକ ଦୈତ୍ୟ ଏବଂ ମୁଁ ତାର ଏକମାତ୍ର କନ୍ୟା ଅଙ୍ଗାରବତୀ । ଅଙ୍ଗାରକାସୁରର ଶରୀର ବଜ୍ରରେ ନିର୍ମିତ । ଯେଉଁ ରାଜ-କୁମାରୀମାନଙ୍କୁ ଆପଣ ଏଠାରେ ଦେଖୁଛନ୍ତି, ସେମାନଙ୍କୁ ସେ ବଳପୂର୍ବକ ଅପହରଣ କରି ଆଣିଛି ଏବଂ ମୋର ପରିଚାରିକା ରୂପରେ ନିଯୁକ୍ତ କରିଛି । କିନ୍ତୁ ଶାପବଶରୁ ସେ ଅସୁର ରାକ୍ଷସରେ ପରିଣତ ହୋଇଗଲା । ତେଣୁ ତୃଷା ଓ କ୍ଳାନ୍ତିରେ ପୀଡ଼ିତ ହୋଇ ସେ ତୁମକୁ ହାତ ନିକଟରେ ପାଇ ମଧ୍ୟ ଛାଡ଼ି ଦେଇଛି । ବର୍ତ୍ତମାନ ସେ ନିଦ୍ରାଗତ । ଉଠିବା ମାତ୍ରେ ସେ ତୁମକୁ ହତ୍ୟା-କରିବ । ତୁମର ଅକଲ୍ୟାଣ ଦେଖି ମୋର ଚକ୍ଷୁରୁ ଅଶ୍ରୁପ୍ରବାହ ପ୍ରାଣ ନିର୍ଗତ ହେଉଅଛି ।'

Digitized by srujanika@gmail.com

ଏହା ଶୁଣି ରାଜା କହିଲେ, "ମୋ ପ୍ରତି ଯଦି ତୁମର ପ୍ରକୃତ ସ୍ନେହ ଅଛି, ତା' ହେଲେ ଅଙ୍ଗାରକାସୁର ଶଯ୍ୟାତ୍ୟାଗ କଲାବେଳେ ତୁମେ ତା' ନିକଟରେ ଦଣ୍ଡାୟମାନ ହୋଇ ଉଚ୍ଚସ୍ୱରରେ ବିଳାପ କର। ସେ ତୁମକୁ ନିଶ୍ଚୟ ଏହାର କାରଣ ଜିଜ୍ଞାସା କରିବ। ସେତେବେଳେ ତୁମେ କହିବ, 'ଯଦି ତୁମକୁ କିଏ ହତ୍ୟାକରେ ତା' ହେଲେ ମୋ' ଅବସ୍ଥା କଣ ନ ହେବ ? ଏହା ଚିନ୍ତା କରି ହିଁ ମୁଁ କାନ୍ଦୁଥିଲି।' ଏପରି କରିବାଦ୍ୱାରା ସମସ୍ତଙ୍କର ମଙ୍ଗଳ ହେବ।" ରାଜାଙ୍କଠାରୁ ଏହା ଶୁଣି ଅଙ୍ଗାରବତୀ ସମ୍ମତି ପ୍ରକାଶ କଲା ଏବଂ ଅନୁରୂପ ଭାବରେ ଅଭିନୟ କଲା। କନ୍ୟାର ରୋଦନ ଦେଖି ଅଙ୍ଗାରକ ଏହାର କାରଣ ଜିଜ୍ଞାସା କରନ୍ତେ ସେ ରାଜା କହିଥିବା ବାକ୍ୟର ପୁନରାବୃତ୍ତି କଲା। ଏଥିରେ ତାକୁ ଅଭୟ ପ୍ରଦାନ କରି ଅସୁର କହିଲା, 'ପାଗଳି, ମୋତେ ହତ୍ୟା କରିବା ସହଜ ନୁହେଁ। ମୋର ଶରୀର ବଜ୍ରରେ ନିର୍ମିତ। କେବଳ ବାମ ହସ୍ତରେ ଗୋଟିଏ ମାତ୍ର ଛିଦ୍ର ଅଛି ଏବଂ ତାହାର ରକ୍ଷା ଧନୁଦ୍ୱାରା ହିଁ ହୋଇ ପାରିଥାଏ।' ଏହିପରି କହି କନ୍ୟାକୁ ସାନ୍ତ୍ୱନା ଦେଉଥିଲାବେଳେ ରାଜା ନିକଟରେ ଥାଇ ସବୁ ଶୁଣିନେଲେ ଏବଂ କିଛି ସମୟ ମଧ୍ୟରେ ସ୍ନାନ ପ୍ରଭୃତି ଶେଷକରି ଅସୁର ଶିବପୂଜାରେ ବସିଥିବାବେଳେ ତାକୁ ଯୁଦ୍ଧ ନିମନ୍ତେ ଆହ୍ୱାନ କଲେ। ମୌନମୁଦ୍ରାରେ ବସିଥିବା ଅସୁର ବାମହସ୍ତ ଉତ୍ତୋଳନ କରି ରାଜାଙ୍କୁ ଅପେକ୍ଷା କରିବା ନିମନ୍ତେ କହିଲା। ଏହି ସମୟରେ ବାଣ-ବିଦ୍ୟାରେ ସିଦ୍ଧହସ୍ତ ଚଣ୍ଡମହାସେନ ତାର ବାମ ହସ୍ତକୁ ଲକ୍ଷ୍ୟକରି ଶର ପ୍ରୟୋଗ କଲେ। ମର୍ମସ୍ଥାନରେ ଶର ଯାଇ ଆଘାତ ଦେବାରୁ ଦୈତ୍ୟ ଘୋରନାଦ ପୂର୍ବକ ପ୍ରାଣତ୍ୟାଗ କଲା। କିନ୍ତୁ ମୃତ୍ୟୁପୂର୍ବରୁ ସେ କହିଲା, 'ତୃଷାର୍ତ୍ତ ଅବସ୍ଥାରେ ମୋତେ ଯେ ହତ୍ୟା କରିଛି ସେ ଯଦି ପ୍ରତିବର୍ଷ ଜଳରେ ମୋର ତର୍ପଣ ନ କରେ, ତେବେ ତା'ର ପାଞ୍ଚଜଣ ମନ୍ତ୍ରୀ ମୃତ୍ୟୁ-ମୁଖରେ ପଡ଼ିବେ।'

ଏହାପରେ ରାଜା ଅଙ୍ଗାରବତୀଙ୍କୁ ନେଇ ନିଜର ରାଜଭବନକୁ ପ୍ରତ୍ୟାବର୍ତ୍ତନ କଲେ। ଉଜ୍ଜୟିନୀରେ ଚଣ୍ଡମହାସେନଙ୍କ ବିବାହ ଉତ୍ସବ ମହା ଆଡ଼ମ୍ବର ସହ ଅନୁଷ୍ଠିତ ହେଲା। କାଳକ୍ରମେ ଏହାଙ୍କର ଦୁଇଟି ପୁତ୍ର ଜନ୍ମ ଲାଭ କଲେ — ଜଣେ ଗୋପାଳକ ଏବଂ ଅନ୍ୟ ଜଣେ ପାଳକ।

Digitized by srujanika@gmail.com

ଦିନେ ଇନ୍ଦ୍ର ଏହାଙ୍କୁ ସ୍ୱପ୍ନରେ କହିଲେ, 'ତୁମେ ଏକ ଅପୂର୍ବ ସୁନ୍ଦରୀ କନ୍ୟା ଲାଭ କରିବ ।' କିଛି ଦିନ ପରେ ସତକୁ ସତ ସେ ଏକ ଦିବ୍ୟ ସୁନ୍ଦରୀ କନ୍ୟାର ପିତା ହେଲେ । ଏହାର ଜନ୍ମ ସମୟରେ ଦୈବବାଣୀ ହେଲା ଯେ ଏହି କନ୍ୟାର ଗର୍ଭରେ କାମଦେବଙ୍କ ଅଂଶରେ ଏକ ପୁତ୍ର ଜାତ ହେବ ଏବଂ ସେ ସମଗ୍ର ବିଦ୍ୟାଧର କୁଳର ସମ୍ରାଟ୍ ହେବ । ଇନ୍ଦ୍ରଙ୍କ ପ୍ରସାଦରୁ କନ୍ୟା ଲାଭ କରିଥିବାରୁ ରାଜା ଏହାର ନାମକରଣ କଲେ ବାସବଦତ୍ତା । ସାଗର ମନ୍ଥନପୂର୍ବରୁ ଲକ୍ଷ୍ମୀ ସମୁଦ୍ର ମଧ୍ୟରେ ବାସ କରୁଥିବା ପରି ବାସବଦତ୍ତା ରାଜ ଅନ୍ତଃପୁର ମଧ୍ୟରେ ବାସ କରୁଛନ୍ତି ।

ଏହାପରେ ଯୌଗନ୍ଧରାୟଣ କହିଲେ, 'ଚଣ୍ଡମହାସେନ ଏକ୍ସପରି ପରାକ୍ରମଶାଳୀ । ତାଙ୍କୁ ପରାସ୍ତ କରିବା ସହଜସାଧ୍ୟ ନୁହେଁ । ପୁଣି ସେ ଆପଣଙ୍କୁ କନ୍ୟାପ୍ରଦାନ କରିବା ନିମନ୍ତେ ଇଚ୍ଛୁକ କିନ୍ତୁ ଆତ୍ମାଭିମାନୀ ହେଉ ସେ ନିଜର ପକ୍ଷକୁ ଉଚ୍ଚ ରଖିବା ପାଇଁ ଆଗ୍ରହୀ । ତେଣୁ ବାସବଦତ୍ତାଙ୍କୁ ତୁମେ ନିଶ୍ଚୟ ବିବାହ କରିବା ଆବଶ୍ୟକ ।'

ଉଦୟନ ଯୌଗନ୍ଧରାୟଣଙ୍କ କଥା ଶୁଣି ବାସବଦତ୍ତାଙ୍କ ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇପଡ଼ିଲେ ।

Digitized by srujanika@gmail.com

ଚତୁର୍ଥ ତରଙ୍ଗ
୪

ଏହା ମଧ୍ୟରେ ବତ୍ସରାଜଙ୍କଦ୍ୱାରା ପ୍ରେରିତ ବାର୍ତ୍ତା ନେଇ ଦୂତ ଚଣ୍ଡ-ମହାସେନଙ୍କ ନିକଟରେ ପହଞ୍ଚାଇଲା । ଏହା ଶୁଣିକରି ସେ ଚିନ୍ତା କଲେ, 'ଅଭିମାନୀ ଉଦୟନ ଏଠାକୁ ଆସିବା ସମ୍ଭାବ୍ୟ ନାହିଁ । ମୁଁ ମଧ୍ୟ ମୋର କନ୍ୟାକୁ ସେଠାକୁ ପଠାଇବା ନିମନ୍ତେ ଇଚ୍ଛୁକ ନାହିଁ । ଏହାଦ୍ୱାରା ମୋର ଅସମ୍ମାନ ହେବ । ତେଣୁ କୌଶଳରେ ବନ୍ଦୀକରି ହିଁ ତାଙ୍କୁ ଏଠାକୁ ଆଣିବାକୁ ପଡ଼ିବ ।' ଏହା ଚିନ୍ତାକରି ଚଣ୍ଡମହାସେନ ନିଜର ମନ୍ତ୍ରୀମାନଙ୍କ ସହ ମନ୍ତ୍ରଣା କରି 'ନଡାଗିରି' ତୁଲ୍ୟ ଏକ ଯନ୍ତ୍ରମୟ ହସ୍ତୀ ନିର୍ମିତ କରାଇଲେ । ଏହା ଗର୍ଭରେ କେତେକ ସୁଯୋଗ୍ୟ ସୈନିକଙ୍କୁ ଗୁପ୍ତଭାବରେ ରଖି ଏହାକୁ ବିନ୍ଧ୍ୟାଚଳର ଅରଣ୍ୟାନୀ ମଧ୍ୟରେ ସ୍ଥାପନ କଲେ ।

ରାଜା ଉଦୟନଙ୍କର ଶିକାରୀମାନେ ଏହାକୁ ଦୂରରୁ ଦେଖି ତାଙ୍କୁ ଯାଇ ନିବେଦନ କଲେ, 'ଆମେ ବିନ୍ଧ୍ୟାଟବୀ ମଧ୍ୟରେ ଭ୍ରମଣ କରୁଥିବାବେଳେ ଏକ ବିରାଟ ହସ୍ତୀ ଆମର ଦୃଷ୍ଟିଗୋଚର ହେଲା । ଏ ପ୍ରକାର ବିଶାଳକାୟ ହସ୍ତୀ ଭୂମଣ୍ଡଳରେ ନାହିଁ ବୋଲି ମନେହୁଏ । ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାରେ ଏହା ବିନ୍ଧ୍ୟପର୍ବତ ପରି ଆକାଶକୁ ସ୍ପର୍ଶ କରୁଛି ।' ଶିକାରୀମାନଙ୍କଠାରୁ ଏହା ଶୁଣି ରାଜା ଉଦୟନ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ସେମାନଙ୍କୁ ବହୁ ଧନରତ୍ନ ଉପହାର ଦେଲେ । 'ନଡାଗିରି ସମାନ ଏହି ହସ୍ତୀ ମୋର ହସ୍ତଗତ ହେଲେ ଚଣ୍ଡମହାସେନ ନିଶ୍ଚୟ ମୋର ବଶତା ସ୍ୱୀକାର କରି ବାସବଦତ୍ତାଙ୍କୁ ସ୍ୱତଃପ୍ରବୃତ୍ତ ହୋଇ ପ୍ରଦାନ କରିବେ' ବୋଲି ଚିନ୍ତାକରି ସେ ବହୁ କଷ୍ଟରେ ରାତ୍ରିଟି ଅତିବାହିତ କଲେ । ଅତି ପ୍ରତ୍ୟୁଷରୁ ମନ୍ତ୍ରୀମାନଙ୍କ ବାରଣ ନ ମାନି ଶିକାରୀମାନଙ୍କ ସହ ସେ ଏହି ହସ୍ତୀର ଅନୁସନ୍ଧାନରେ ବହିର୍ଭୂତ ହେଲେ । ଏହି ସମୟରେ ରାଜଜ୍ୟୋତିଷୀମାନେ ଏହି ଯାତ୍ରାର ଫଳ ବନ୍ଧନ ସହ କନ୍ୟା ଲାଭ କହିଲେ ମଧ୍ୟ ସେ ସେଥିପ୍ରତି କର୍ଣ୍ଣପାତ କଲେ ନାହିଁ ।

Digitized by srujanika@gmail.com

ବିନ୍ଧ୍ୟାରଣ୍ୟରେ ଉପସ୍ଥିତ ହୋଇ ସୈନ୍ୟବାହିନୀର କୋଳାହଳରେ ହସ୍ତୀଟି ପଳାୟନ କରିପାରେ ଭାବି ରାଜା ସେମାନଙ୍କୁ ଦୂରରେ ରଖିଦେଇ ନିଜର ଶିକାରୀ ଓ ଘୋଷବତୀ ବୀଣା ସହ ଅରଣ୍ୟର ଗଭୀରତମ ପ୍ରଦେଶରେ ପ୍ରବେଶ କଲେ । ତାଙ୍କର ପ୍ରତି ପଦକ୍ଷେପରେ ବନ୍ଧନ ଭୟ ରହିଥିଲା । ଗୁପ୍ତଚରମାନେ ଦୂରରୁ ଉଦୟନଙ୍କୁ ଏହି କଳ୍ପିତ ବିଶାଳ ହସ୍ତୀଟିକୁ ଦେଖାଇ ଦେଲେ । ରାଜା ଏକାକୀ ମଧୁର ସ୍ୱରରେ ବୀଣା ବାଦନ କରି କରି ଏବଂ ବନ୍ଧନ ଭୟ ମନରେ ପୋଷଣ କରି ଧୀରେ ଧୀରେ ହସ୍ତୀ ନିକଟକୁ ଅଗ୍ରସର ହେଲେ । ଗୀତରସରେ ତନ୍ମୟ ଉଦୟନ ସନ୍ଧ୍ୟାର ଅନ୍ଧକାର ମଧ୍ୟରେ ହସ୍ତୀଟି ଯେ କୃତ୍ରିମ ତାହା ଜାଣିପାରିଲେ ନାହିଁ । ଉକ୍ତ ହସ୍ତୀଟି ମଧ୍ୟ ଗୀତରସରେ ମୁଗ୍ଧ ହେଲାପରି ବିସ୍ତୃତ କର୍ଣ୍ଣ ସଞ୍ଚାଳନପୂର୍ବକ ରାଜାଙ୍କୁ ତାଙ୍କ ଅଜ୍ଞାତସାରରେ ବହୁଦୂରକୁ ନେଇ ଚାଲିଲା । କିଛି ଦୂର ଗଲାପରେ ହସ୍ତୀ ମଧ୍ୟରୁ ସୈନ୍ୟମାନେ ବହିର୍ଗତ ହୋଇ ରାଜାଙ୍କୁ ଆକ୍ରମଣ କଲେ । ଏଥିରେ ବତ୍ସରାଜ ଉଦୟନ କ୍ରୁଦ୍ଧ ହୋଇ ଏମାନଙ୍କ ସହ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହେଲେ । କିନ୍ତୁ ଚଣ୍ଡମହାସେନଙ୍କର ଲୁକ୍କାୟିତ ସୈନ୍ୟବାହିନୀ ଉଦୟନଙ୍କୁ ଘେରିଯାଇ ତାଙ୍କୁ ବନ୍ଦୀ କଲେ ।

ବନ୍ଦୀ ଉଦୟନଙ୍କୁ ଦେଖି ଚଣ୍ଡମହାସେନ ଅତି ଆନନ୍ଦିତ ହେଲେ ଏବଂ ଏହାଙ୍କର ସ୍ୱାଗତ କରି ଉଜ୍ଜୟିନୀକୁ ନେଇଗଲେ । ଉଜ୍ଜୟିନୀ ବାସୀ ବନ୍ଧନଯୁକ୍ତ କନ୍ଦର୍ପସମ ଉଦୟନଙ୍କ ଭାବି ମୃତ୍ୟୁରେ ବିକଳ ହୋଇ ଉଠିଲେ ଏବଂ ସେମାନେ ମଧ୍ୟ ଉଦୟନଙ୍କ ସହ ମୃତ୍ୟୁବରଣ କରିବା ନିମନ୍ତେ ନିଷ୍ପତ୍ତି କଲେ । ଏହା ଦେଖି ମହାସେନ ସେମାନଙ୍କୁ ଆଶ୍ୱାସନା ପ୍ରଦାନପୂର୍ବକ କହିଲେ ଯେ ସେ ଉଦୟନଙ୍କୁ ମିତ୍ରତା ପାଇଁ ହିଁ ବନ୍ଦୀ କରିଛନ୍ତି କିନ୍ତୁ ଦଣ୍ଡ ପ୍ରଦାନ ନିମନ୍ତେ ନୁହେ । ଏହିପରି ପ୍ରଜାବୃନ୍ଦଙ୍କୁ ସନ୍ତୁଷ୍ଟ କରି ସେ ଉଦୟନଙ୍କୁ ନେଇ ନିଜର ପ୍ରାସାଦ ମଧ୍ୟରେ ଅତି ଆଦରରେ ସ୍ଥାନ ଦେଲେ ।

ସେଠାରେ ଉଜ୍ଜୟିନୀ ନରପତି ସ୍ୱୀୟ କନ୍ୟା ବାସବଦତ୍ତାଙ୍କୁ ସଙ୍ଗୀତ ବିଦ୍ୟା ଶିକ୍ଷା କରିବା ନିମନ୍ତେ ଉଦୟନଙ୍କଠାରେ ସମର୍ପଣ କରି କହିଲେ, 'ମହାରାଜ ! ତୁମେ ଏହାଙ୍କୁ ସଙ୍ଗୀତ ବିଦ୍ୟା ପ୍ରଦାନ କର । ଏଥିରେ ତୁମର

Digitized by srujanika@gmail.com

ମଙ୍ଗଳ ବ୍ୟତୀତ ଅମଙ୍ଗଳ ଆଦୌ ହେବ ନାହିଁ । ତୁମର ଦୁଃଖ କରିବା ଅନାବଶ୍ୟକ ।' ବାସବଦତ୍ତାଙ୍କ ଦର୍ଶନରେ ଉଦୟନ ଏପରି ବିହ୍ୱଳ ହୋଇ ପଡ଼ିଲେ ଯେ ସେ ବନ୍ଧନ ଦୁଃଖ ସମ୍ପୂର୍ଣ୍ଣ ବିସ୍ମୃତ ହେଲେ । ବାସବଦତ୍ତାଙ୍କର ଦୃଷ୍ଟି ସହ ମନ ମଧ୍ୟ ଉଦୟନଙ୍କ ହୃଦୟରେ ବନ୍ଧ ହେଲା । କିନ୍ତୁ ଲଜ୍ଜାବଶତଃ ଦୃଷ୍ଟି ଫେରି ଆସିଲେ ମଧ୍ୟ ମନ ସେଠାରେ ବନ୍ଦୀ ହୋଇ ରହିଲା । ଏହାପରେ ଉଦୟନ ବାସବଦତ୍ତାଙ୍କୁ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଚଣ୍ଡ-ମହାସେନଙ୍କର ସଙ୍ଗୀତଶାଳାରେ ବାସ କଲେ । ଅଙ୍କରେ ଘୋଷବତୀ ବୀଣା, କଣ୍ଠରେ ସଙ୍ଗୀତର ସୁମଧୁର ମୂର୍ଚ୍ଛନା ଓ ଚକ୍ଷୁ ସମକ୍ଷରେ ଅନିନ୍ଦ୍ୟସୁନ୍ଦରୀ ବାସବଦତ୍ତା ଉଦୟନଙ୍କର ମନୋବିନୋଦନ କରିବାକୁ ଲାଗିଲେ ।

ଏଣେ ଶିକାରରୁ ପ୍ରତ୍ୟାବର୍ତ୍ତନ କରିଥିବା ସୈନିକ ଓ ଗୁପ୍ତଚରମାନଙ୍କ ଠାରୁ ଉଦୟନଙ୍କ ବୃତ୍ତାନ୍ତ ଶୁଣି ସମଗ୍ର ବତ୍ସରାଜ୍ୟ ଉତ୍‌କ୍ଷିପ୍ତ ହୋଇ ଉଠିଲା । ସୈନ୍ୟବାହିନୀ ଉଜ୍ଜୟିନୀ ଆକ୍ରମଣ ନିମନ୍ତେ ପ୍ରସ୍ତୁତ ହେଲେ । ଏହା ଲକ୍ଷ୍ୟ କରି ମନ୍ତ୍ରୀପ୍ରବର ରୁମଣ୍ୱାନ୍ କହିଲେ ଯେ, ଚଣ୍ଡମହାସେନଙ୍କୁ ଯୁଦ୍ଧରେ ଜୟ କରିବା ସହଜ ସାଧ୍ୟ ନୁହେ । ସେ ଅମିତ ପରାକ୍ରମଶାଳୀ । ପୁଣି ଏ ପ୍ରକାର ଆକ୍ରମଣ କଲେ ସେ ଉତ୍ତ୍ୟକ୍ତ ହୋଇ ଉଦୟନଙ୍କୁ ହତ୍ୟା କରିପାରନ୍ତି । ତେଣୁ ବିଗ୍ରହରେ ନୁହେ କୌଶଳରେ ହିଁ ଉଦୟନଙ୍କୁ ମୁକ୍ତ କରିବାକୁ ହେବ । ରାଜ୍ୟରେ ରାଜଭକ୍ତ ପ୍ରଜାମାନଙ୍କୁ କ୍ଷୁବ୍ଧ ଦେଖି ଯୌଗନ୍ଧରାୟଣ, ଅନ୍ୟାନ୍ୟ ମନ୍ତ୍ରୀ ତଥା ଜନତାଙ୍କୁ ନିବେଦନ କରି କହିଲେ, 'ଆପଣମାନଙ୍କୁ ସର୍ବଦା ଜାଗ୍ରତ ରହିବାକୁ ହେବ । ଅରାଜକ ରାଷ୍ଟ୍ରର ଶତ୍ରୁ ବହୁତ । ତେଣୁ ଏ ସମୟରେ ରାଷ୍ଟ୍ରରକ୍ଷା ଦାୟିତ୍ୱ ଆପଣମାନଙ୍କର । ସମୟ ଆସିଲେ ଯୁଦ୍ଧରେ ମଧ୍ୟ ପ୍ରବୃତ୍ତ ହେବାକୁ ପଡ଼ିବ । ମୁଁ କୌଶଳରେ ବିଦୂଷକ ବସନ୍ତକଙ୍କ ସହ ଯାଇ ବତ୍ସରାଜଙ୍କୁ ନିଶ୍ଚୟ ମୁକ୍ତକରି ଆଣିବି, ଏଥିରେ ସନ୍ଦେହ ନାହିଁ । ବିପଦ ସମୟରେ ବିଜ୍ଞତାର ସହ କାର୍ଯ୍ୟରେ ପ୍ରବୃତ୍ତ ହେବା ବ୍ୟକ୍ତି ହିଁ ପ୍ରଶଂସନୀୟ । ମୁଁ ପୁଣି ପ୍ରାକାରଭଞ୍ଜନ, ନିଗଡ଼ଭଞ୍ଜନ (ବନ୍ଧନ ଛିନ୍ନ କରିବା) ଏବଂ ଅଦୃଶ୍ୟଯୋଗ ସିଦ୍ଧ କରିଅଛି । ତେଣୁ ଆପଣମାନେ ବ୍ୟସ୍ତ ହେବା ଅନୁଚିତ । ଆପଣମାନଙ୍କ ରାଜାଙ୍କୁ ଫେରାଇ ଆଣିବା ଦାୟିତ୍ୱ ଆମ୍ଭମାନଙ୍କର ।' ଏହା କହି ଯୌଗନ୍ଧରାୟଣ ରୁମଣ୍ୱାନ୍‌ଙ୍କ ହସ୍ତରେ ରାଜ୍ୟ-

Digitized by srujanika@gmail.com

ଶାସନ ଭାର ଅର୍ପଣ କରି ବସନ୍ତକଙ୍କ ସହ କୌଶାମ୍ବୀ ଅଭିମୁଖରେ ଯାତ୍ରା କଲେ ।

ପ୍ରଥମେ ସେ ବିନ୍ଧ୍ୟାଚଳରେ ପ୍ରବେଶ କରି ଏହାର ଶେଷ ସୀମାରେ ରାଜତ୍ୱ କରୁଥିବା ଶବରାଧିପତି ପୁଳିନ୍ଦକଙ୍କୁ ନିଜର ଦୁର୍ଦ୍ଦାନ୍ତ ସୈନ୍ୟସାମନ୍ତ ସହ ସର୍ବଦା ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ରହିବା ପାଇଁ ଉପଦେଶ ଦେଲେ । କାରଣ ଉଦୟନଙ୍କୁ ନେଇ ପ୍ରତ୍ୟାବର୍ତ୍ତନ କଲାବେଳେ ହଠାତ୍ ଯଦି ପଛରୁ ଆକ୍ରମଣ ହୁଏ, ତା' ହେଲେ ଏଠାରେ ହିଁ ପ୍ରଥମ ସମର ସଂଘଟିତ ହେବ ।

ଏହାପରେ ଯୌଗନ୍ଧରାୟଣ ବସନ୍ତକଙ୍କ ସହ ଉଜ୍ଜୟିନୀର ମହାକାଳ ଶ୍ମଶାନରେ ଉପସ୍ଥିତ ହେଲେ । ଏହି ଶ୍ମଶାନ ପୂତିଗନ୍ଧଯୁକ୍ତ, ଚିତା ଧୂମ ଆଚ୍ଛାଦିତ ଏବଂ ବହୁ ବେତାଳ ଅଧିକୃତ । ଯୌଗନ୍ଧରାୟଣଙ୍କ ବିଦ୍ୟା ପ୍ରଭାବରୁ ପ୍ରଥମ ଦର୍ଶନରେ ହିଁ ଯୋଗେଶ୍ୱର ନାମକ ଯକ୍ଷ ଏହାଙ୍କର ମିତ୍ରତା ସ୍ୱୀକାର କଲା । ଏହାର ଉପଦେଶରେ ଯୌଗନ୍ଧରାୟଣ ନିଜର ରୂପ ପରିବର୍ତ୍ତନ କଲେ । ତାଙ୍କର ମନୋରମ ରୂପ ଅତି ବିକୃତ ହୋଇପଡ଼ିଲା । ସେ କୁତ୍ସିତରୂପଧାରୀ ଏକ ବୃଦ୍ଧରେ ପରିଣତ ହେଲେ । ପୃଷ୍ଠଦେଶର ବିଶାଳ କୁବ୍ଜ (କୁଜ) ତାଙ୍କୁ ହାସ୍ୟର ଭଣ୍ଡାର କରି ଗଢ଼ି ତୋଳିଲା । ବସନ୍ତକଙ୍କର ମଧ୍ୟ ସ୍ଥୂଳ ଉଦର ଓ ଦୀର୍ଘ ଦନ୍ତାବଳି ଜାତ ହେଲା । ଛଦ୍ମବେଶଧାରୀ ବସନ୍ତକ ଓ ଯୌଗନ୍ଧରାୟଣ ଯେତେବେଳେ ଉଜ୍ଜୟିନୀର ରାଜ ରାସ୍ତାରେ ବୁଲିବାକୁ ଲାଗିଲେ ସେତେବେଳେ ଜନତା ଏହି ପ୍ରହସନ ଦର୍ଶନ ପାଇଁ ଭିଡ଼ୀଭୂତ ହେଲେ । ଏମାନେ ସଙ୍ଗୀତ ଗାନ ଓ ନୃତ୍ୟ କରି କରି ରାଜ ଭବନ ନିକଟରେ ଉପସ୍ଥିତ ହେଲେ । ଅନ୍ତଃପୁରସ୍ଥ ରାଣୀମାନେ ଏହା ଦେଖି ଗଭୀର ଆନନ୍ଦ ଲାଭ କରୁଥିଲାବେଳେ ଏହା ବାସବଦତ୍ତାଙ୍କ ଶ୍ରୁତିଗୋଚର ହେଲା । ସେ ସଙ୍ଗେ ସଙ୍ଗେ ନିଜର ପରିଚାରିକାମାନଙ୍କୁ ପଠାଇ ସେମାନଙ୍କୁ ସଙ୍ଗୀତଶାଳା ମଧ୍ୟକୁ ନିମନ୍ତ୍ରଣ କରି ନେଇ ଆସିଲେ ।

ସଙ୍ଗୀତଶାଳାରେ ଉପସ୍ଥିତ ହୋଇ ଯୌଗନ୍ଧରାୟଣ ଅନବରତ ପାଗଳଙ୍କ ତୁଲ୍ୟ ଅଶ୍ରୁମୋଚନ କରିବାକୁ ଲାଗିଲେ । ଉଦୟନଙ୍କ ମଧ୍ୟ କିଛି ଗୁପ୍ତ ସଙ୍କେତ ପ୍ରଦାନ କରିବାରୁ ସେ ତାଙ୍କୁ ଚିହ୍ନିପାରି ପ୍ରଫୁଲ୍ଲିତ ହେଲେ ।

Digitized by srujanika@gmail.com

ଏହି ସମୟରେ ଯୌଗନ୍ଧରାୟଣ ଯୋଗବଳରେ ଅଦୃଶ୍ୟ ହୋଇପଡ଼ିଲେ । କିନ୍ତୁ ରାଜା ଉଦୟନ ଏହାଙ୍କୁ ଦେଖିପାରୁ ଥାଆନ୍ତି । ଏ ପ୍ରକାର ଅଦୃଶ୍ୟ ହୋଇପଡ଼ିବାରୁ ବାସବଦତ୍ତା ସମେତ ପରିଚାରିକାମାନେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲେ ।

ସେବିକାମାନଙ୍କର ଏତାଦୃଶ ବିସ୍ମୟଭାବ ଓ ସମ୍ମୁଖରେ ସ୍ୱୟଂ ଯୌଗନ୍ଧରାୟଣଙ୍କୁ ଦେଖି ଉଦୟନ ବାସବଦତ୍ତାଙ୍କୁ ସରସ୍ୱତୀ ପୂଜାର ସାମଗ୍ରୀ ଆଣିବା ନିମନ୍ତେ ଆଦେଶ ଦେବାରୁ ସେ ପରିଚାରିକାମାନଙ୍କ ସହ ପ୍ରସ୍ଥାନ କଲେ । ବର୍ତ୍ତମାନ ଏକାନ୍ତ ଅବସ୍ଥାରେ ଯୌଗନ୍ଧରାୟଣ ଉଦୟନଙ୍କର ବନ୍ଧନ ନିଜର ଯୋଗଶକ୍ତିବଳରେ ଛିନ୍ନ କଲେ ଏବଂ ବାସବଦତ୍ତା ଓ ତାଙ୍କର ଦାସୀମାନଙ୍କୁ ବଶୀଭୂତ କରିବା ନିମନ୍ତେ ତାଙ୍କୁ କିଛି ଔଷଧି ମଧ୍ୟ ପ୍ରଦାନ କଲେ । ଏହାପରେ ସେ ରାଜାଙ୍କୁ କହିଲେ, 'ମହାରାଜ ! ବସନ୍ତକ ମଧ୍ୟ ଛଦ୍ମବେଶରେ ଦ୍ୱାରଦେଶରେ ଉପସ୍ଥିତ । ଆପଣ ତାଙ୍କୁ ନିଜ ନିକଟରେ ସ୍ଥାନ ଦିଅନ୍ତୁ । ଯେତେବେଳେ ଆପଣଙ୍କ ପ୍ରତି ବାସବଦତ୍ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଆସିଯିବ ସେତେବେଳେ ଯାହା କର୍ତ୍ତବ୍ୟ ମୁଁ ଆପଣଙ୍କୁ ନିର୍ଦ୍ଦେଶ ଦେବି । ବର୍ତ୍ତମାନ ଏସବୁ କାହା ନିକଟରେ ପ୍ରକାଶ କରନ୍ତୁ ନାହିଁ ।' ଏହା କହି ସେ ପ୍ରସ୍ଥାନ କଲେ ।

ଏହି ସମୟରେ ବାସବଦତ୍ତା ଉପାସନା ସାମଗ୍ରୀ ନେଇ ଉପସ୍ଥିତ ହୁଅନ୍ତେ ରାଜା କହିଲେ ଯେ ଦ୍ୱାରଦେଶରେ ଜଣେ ବ୍ରାହ୍ମଣ ଅପେକ୍ଷା କରୁଛନ୍ତି । ପୂଜା ପରେ ଦକ୍ଷିଣା ପ୍ରଦାନ କରିବା ନିମନ୍ତେ ତାଙ୍କୁ ଏଠାକୁ ନେଇଆସ । ଗୁରୁଙ୍କ ଆଜ୍ଞାରେ ବାସବଦତ୍ତା ବିକୃତବେଶଧାରୀ ବସନ୍ତକଙ୍କୁ ଆଣି ରାଜାଙ୍କ ସମ୍ମୁଖରେ ଉପସ୍ଥିତ କରାଇଲେ । ସେ ଉଦୟନଙ୍କୁ ଦେଖିବା ମାତ୍ରେ ରୋଦନ ଆରମ୍ଭ କରିଦେଲେ । ଏଥିରେ ରାଜା ରହସ୍ୟ ଉଦ୍‌ଘାଟିତ ହେବା ଭୟରେ କହିଲେ, 'ହେ ବ୍ରାହ୍ମଣ ! ରୋଗଦ୍ୱାରା ତୁମ ଶରୀରରେ ଯେଉଁ ବିକୃତି ଜାତ ହୋଇଛି, ତାକୁ ଏକ୍ଷଣି ମୁଁ ଆରୋଗ୍ୟ କରିଦେଉଛି । ତୁମେ ଆଉ କ୍ରନ୍ଦନ କରିବା ଅନୁଚିତ । ମୋ ନିକଟରେ ରହ ।' ବସନ୍ତକ କହିଲେ, 'ଦେବ, ଏହା ଆପଣଙ୍କ ମହତୀ କୃପା ।' ବସନ୍ତକଙ୍କର ବିକୃତରୂପ ଓ ଅଦ୍ଭୁତ ବେଶ ଦେଖି ରାଜା ହାସ୍ୟ ସମ୍ବରଣ

Digitized by srujanika@gmail.com

କରିପାରିଲେ ନାହିଁ । ବସନ୍ତକ ମଧ୍ୟ ରାଜାଙ୍କ ଆନନ୍ଦରେ ଆହୁରି ଆନନ୍ଦିତ ହୋଇ ବକ୍ରିତହାସ୍ୟ କରିବାକୁ ଲାଗିଲେ । ଏସବୁ ଦେଖି ବାସବଦତ୍ତା ଏହାଙ୍କୁ ଏକ କ୍ରୀଡ଼ନକ ଜ୍ଞାନ କରି ଆନନ୍ଦିତ ହେଲେ । ସେ ପଚାରିଲେ, 'ହେ ବ୍ରାହ୍ମଣ ! ତୁମେ ବିଶେଷ ଭାବରେ କେଉଁ ବିଜ୍ଞାନ ଜାଣିଅଛ ପ୍ରକାଶ କର ।' 'ମୁଁ ଖୁବ୍ ଭଲ ଭଲ କଥା କହିପାରେ' ବୋଲି ବସନ୍ତକ ଉତ୍ତର ଦେବାରୁ ବାସବଦତ୍ତା ଏକ ବିଚିତ୍ର ଗଳ୍ପ ଶୁଣାଇବା ନିମିତ୍ତ ଅନୁରୋଧ କଲେ । ଏହି ଅନୁରୋଧ ରକ୍ଷାକରି ବସନ୍ତକ ଆରମ୍ଭ କଲେ ଏକ ହାସ୍ୟରସପୂର୍ଣ୍ଣ ବିଚିତ୍ର ଗଳ୍ପ ।—

ଲୌହଜଙ୍ଘ କଥା

ଭାରତବର୍ଷରେ ମଥୁରା ନାମକ ଏକ ନଗର ଅଛି । ସେଠାରେ ରୂପଣିକା ନାମରେ ଗୋଟିଏ ବେଶ୍ୟା ବାସ କରୁଥିଲା । ଏହାର ମାତା ମକରଦଂଷ୍ଟ୍ରା । ରୂପଣିକାର ରୂପ ବିଭବରେ ଆକୃଷ୍ଟ ହୋଇ ଆସୁଥିବା ଲମ୍ପଟମାନଙ୍କର ଚକ୍ଷୁରେ ଏ ଥିଲା ବିଷତୁଲ୍ୟ ।

ଏକଦା ରୂପଣିକା ଦେବ ଉପାସନା ନିମନ୍ତେ କୌଣସି ମନ୍ଦିରକୁ ଯାଇଥିଲା । ସେଠାରେ ସେ ଏକ ସୁନ୍ଦର ଯୁବକଙ୍କୁ ଦେଖି ମାତାର ଉପଦେଶ ଭୁଲିଯାଇ ତାଙ୍କୁ ଲାଭ କରିବା ନିମନ୍ତେ ଉତ୍ସୁକ ହୋଇପଡ଼ିଲା । ଉପାସନା ଶେଷରେ ସେ ନିଜର ପରିଚାରିକାଦ୍ୱାରା ଉକ୍ତ ଯୁବକଙ୍କ ନିକଟକୁ ସେହିଦିନ ତାର ଗୃହରେ ଅତିଥି ହେବା ନିମିତ୍ତ ଅନୁରୋଧ କଲା । ଏହା ଶୁଣି ଯୁବକ ଦୂତୀକୁ କହିଲେ, 'ମୁଁ ଲୌହଜଙ୍ଘ ନାମକ ଜଣେ ଦରିଦ୍ର ବ୍ରାହ୍ମଣ । ତେଣୁ ରୂପାଜୀବା ରୂପଣିକାର ଗୃହରେ ପ୍ରବେଶ କରିବା ପାଇଁ ମୋର ଯୋଗ୍ୟତା ନାହିଁ ।' କିନ୍ତୁ ଦୂତୀ, 'ମୋର ସ୍ୱାମିନୀଙ୍କର ତୁମଠାରୁ ଧନଲାଭ କରିବା ଅଭିଳାଷ ନାହିଁ' ବୋଲି କହିବାରୁ ସେ ଏହି ଅନୁରୋଧ ରକ୍ଷାକରିବା ନିମନ୍ତେ ସ୍ୱୀକାର କଲେ ।

ପୂର୍ବ ନିଶ୍ଚୟ ଅନୁସାରେ ଲୌହଜଙ୍ଘ ରୂପଣିକାର ଗୃହରେ ଯାଇ ଉପସ୍ଥିତ ହେଲେ । ବୃଦ୍ଧା କୁଟ୍ଟିନୀ ମକରଦଂଷ୍ଟ୍ରା ଏହାଙ୍କୁ ଦେଖି ବିସ୍ମିତ

Digitized by srujanika@gmail.com

ହେଲା । କିନ୍ତୁ ରୂପଣିକା ଗମ୍ଭୀର ଆନନ୍ଦ ପ୍ରକାଶ କରି ତାଙ୍କୁ ନିଜର ଶୟନାଗାରକୁ ସ୍ୱାଗତ କଲା । ତାଙ୍କ ସହ ସହବାସ କରି ସେ ପ୍ରଭୂତ ଆନନ୍ଦ ଲାଭପୂର୍ବକ ନିଜର ଜନ୍ମ ସାର୍ଥକ ହେଲା ବୋଲି ମନେକଲା ।

ଏହାପରେ ଅନ୍ୟ ପୁରୁଷ ସଂସର୍ଗ ପରିତ୍ୟାଗ କରି ରୂପଣିକା ଲୌହ-ଜଙ୍ଘଙ୍କ ସହ ଅତି ଆନନ୍ଦରେ ନିଜର ବାସଗୃହରେ ଜୀବନଯାପନ କରିବାକୁ ଲାଗିଲା । ମକରଦଂଷ୍ଟ୍ରା ଏଥିରେ ବ୍ୟଥିତା ହୋଇ ଦିନେ ନିଜର କନ୍ୟାକୁ ଏକାନ୍ତରେ କହିଲା, 'ତୁ ଏହି ନିର୍ଦ୍ଧନ ବ୍ରାହ୍ମଣକୁ ପ୍ରେମ କରି କି ଲାଭ ବା ପାଇବୁ । ସାଧୁଲୋକ ଶବକୁ ମଧ୍ୟ ସ୍ପର୍ଶ କରେ କିନ୍ତୁ ବେଶ୍ୟା ନିର୍ଦ୍ଧନକୁ ସ୍ପର୍ଶ କରେ ନାହିଁ । ପ୍ରକୃତ ପ୍ରେମ ଓ ବେଶ୍ୟାବୃତ୍ତି ପରସ୍ପର ବିରୋଧୀ । ତୁ କଣ ବେଶ୍ୟାବୃତ୍ତିର ଉପାୟ ଓ କୌଶଳ ଭୁଲିଗଲୁଣି ? ପ୍ରକୃତ ପ୍ରେମ କରିବା ପାଇଁ ଚେଷ୍ଟା କରୁଥିବା ବେଶ୍ୟାର ସୌଭାଗ୍ୟ ସନ୍ଧ୍ୟାକାଳତୁଲ୍ୟ କ୍ଷଣସ୍ଥାୟୀ । ବେଶ୍ୟାକୁ ତ ଅର୍ଥ ପାଇଁ ଅଭିନେତ୍ରୀ ତୁଲ୍ୟ ପ୍ରେମର ଅଭିନୟ କରିବାକୁ ହୋଇଥାଏ । ତେଣୁ ତୁ ଏହି ଅର୍ଥହୀନ ବ୍ରାହ୍ମଣକୁ ପରିତ୍ୟାଗ କରି ନିଜକୁ ବିନାଶପଥରୁ ରକ୍ଷା କରିବା ପାଇଁ ଚେଷ୍ଟା କର ।' ମାତାର ଏ ଉପଦେଶ ଶୁଣି ରୂପଣିକା କ୍ରୁଦ୍ଧ ହୋଇ କହିଲା, 'ମା ! ତୁମେ ଏପରି କହିବା ଅନୁଚିତ । ଏ ମୋର ଜୀବନଠାରୁ ମଧ୍ୟ ଅଧିକ ପ୍ରିୟ । ମୋ ନିକଟରେ ଯଥେଷ୍ଟ ଧନ ଗଚ୍ଛିତ ଅଛି, ଆଉ ଧନର ଆବଶ୍ୟକତା କଣ ? ତେଣୁ ତୁମେ ମୋତେ ଆଉ ଏପରି ଉପଦେଶ ଦେବ ନାହିଁ ।' ଏହା ଶୁଣି ମକରଦଂଷ୍ଟ୍ରା ମନେ ମନେ ଉତ୍କ୍ଷିପ୍ତ ହେଲା ଏବଂ ଲୌହଜଙ୍ଘଙ୍କୁ ବହିଷ୍କାର କରିବା ନିମନ୍ତେ ଉପାୟ ଚିନ୍ତା କରିବାକୁ ଲାଗିଲା ।

ଏ ମଧ୍ୟରେ କିଛି ଦିନ ଅତିବାହିତ ହୋଇଗଲା । ଦିନେ ମକରଦଂଷ୍ଟ୍ରା ଅନୁଚରମାନଙ୍କଦ୍ୱାରା ପରିବେଷ୍ଟିତ ଜଣେ ଧନହୀନ ରାଜପୁତ୍ର ରାସ୍ତାରେ ଯାଉଥିବା ଦେଖି ତାଙ୍କୁ ଏକାନ୍ତରେ ଡାକି କହିଲା, 'ମୋର ଘରେ ଜଣେ ଦରିଦ୍ର କାମୁକ ବଳାତ୍କାରପୂର୍ବକ ରହିଅଛି । ତୁମେ ସେଠାକୁ ଯାଇ ତାକୁ ବିତାଡ଼ିତ କର ଏବଂ ତାର ପୁରସ୍କାର ସ୍ୱରୂପ ମୋର କନ୍ୟା ରୂପଣିକାକୁ ଉପଭୋଗ କର ।' ରାଜପୁତ୍ର ଏହା ଶୁଣି ବେଶ୍ୟାର ଶୟନାଗାରରେ ଯାଇ ପ୍ରବେଶ କଲେ । ଏହି ସମୟରେ ଲୌହଜଙ୍ଘ କେମ୍ବା ରୂପଣିକା କେହି

Digitized by srujanika@gmail.com

ସେଠାରେ ଉପସ୍ଥିତ ନଥାନ୍ତି । କିଛି ସମୟ ପରେ ଲୌହଜଂଘ ଶଙ୍କାହୀନ ଭାବରେ ଗୃହରେ ପ୍ରବେଶ କରିବାବେଳେ ରାଜପୁତଙ୍କ ସୈନ୍ୟମାନେ ତାଙ୍କୁ ଆହତ କରି ଏକ ଗଭୀର ନର୍ଦ୍ଦମା ମଧ୍ୟରେ ନିକ୍ଷେପ କଲେ । ଲୌହଜଂଘ ବହୁକଷ୍ଟରେ ନର୍ଦ୍ଦମାରୁ ନିର୍ଗତ ହୋଇ ଅନ୍ୟତ୍ର ଚାଲିଗଲେ ।

ରୂପଣିକା ଗୃହକୁ ପ୍ରତ୍ୟାବର୍ତ୍ତନ କରି ସମଗ୍ର ବୃତ୍ତାନ୍ତ ଶ୍ରବଣ କଲା । ଏଥିରେ ତା' ମନରେ ଗଭୀର କ୍ଷୋଭ ଜାତ ହେବା ଦେଖି ରାଜପୁତ୍ର ତାକୁ ତ୍ୟାଗକରି ନିଜର ଗନ୍ତବ୍ୟ ପଥରେ ଚାଲିଗଲେ ।

ଏଣେ ମକରଦଂଷ୍ଟ୍ରାର ବ୍ୟବହାରରେ କ୍ଷୁବ୍ଧ ଓ ବ୍ୟଥିତ ହୋଇ ଲୌହଜଂଘ କୌଣସି ତୀର୍ଥରେ ପ୍ରାଣତ୍ୟାଗ କରିବା ନିମନ୍ତେ ଅଗ୍ରସର ହେଲେ । ତାଙ୍କର ମନ କୁଟ୍ଟିନୀର ବ୍ୟବହାରରେ ଏବଂ ଶରୀର ପ୍ରଖର ଗ୍ରୀଷ୍ମରେ ଉତ୍ତପ୍ତ ହେବାକୁ ଲାଗିଲା । କୌଣସି ଆଶ୍ରୟସ୍ଥଳର ସନ୍ଧାନରେ ଯାଉ ଯାଉ ସେ ଏକ ନିର୍ଜନ ସ୍ଥାନରେ ପହଞ୍ଚିଲେ । ସେଠାରେ କୌଣସି ଛାୟାପ୍ରଦ ବୃକ୍ଷ ନଥିଲା । କିନ୍ତୁ ଗୋଟିଏ ବିରାଟ ମୃତହସ୍ତୀର ମାଂସଶୂନ୍ୟ ଚର୍ମାବଶେଷ ତାଙ୍କର ଦୃଷ୍ଟିଗୋଚର ହେଲା । ଶୃଗାଳମାନେ ତା ଭିତରୁ ମାଂସତକ ଖାଇଦେଇ କେବଳ ଚର୍ମ ଖୋଳଟିକୁ ପରିତ୍ୟାଗ କରିଥିଲେ । ଏହାର ଉଭୟ ଦିଗ ଉନ୍ମୁକ୍ତ ଥିବାରୁ ଏହା ମଧ୍ୟରେ ବାୟୁ ଯାତାୟାତ କରି ଏହାକୁ ଶୀତଳ ରଖିଥିଲା । ଲୌହଜଂଘ ଶ୍ରାନ୍ତି ଅପନୋଦନ ପାଇଁ ଏହା ମଧ୍ୟରେ ପ୍ରବେଶ କଲେ ଏବଂ କିଛି ସମୟ ପରେ ଗଭୀର ନିଦ୍ରାରେ ଅଭିଭୂତ ହୋଇପଡ଼ିଲେ ।

ସେ ନିଦ୍ରିତ ଥିବା ସମୟରେ ହଠାତ୍ ମୂଷଳଧାରାରେ ଭୟଙ୍କର ବୃଷ୍ଟି ଆରମ୍ଭ ହେବାରୁ ଜଳଧାରା ପ୍ରବଳ ବନ୍ୟାତୁଲ୍ୟ ପ୍ରବାହିତ ହେଲା । ହସ୍ତୀ କଙ୍କାଳଟି ଏଥିରେ ଭାସି ଯାଇ ଗଙ୍ଗାନଦୀରେ ପ୍ରଖର ପ୍ରବାହ ସାହାଯ୍ୟରେ ସମୁଦ୍ର ମଧ୍ୟରେ ପହଞ୍ଚିଲା । କିନ୍ତୁ ଜଳର ସ୍ପର୍ଶରେ ଆସି ଏହାର ଉଭୟ ଦିଗ ସଙ୍କୁଚିତ ହୋଇଯାଇଥିବାରୁ ଲୌହଜଂଘ ତା' ମଧ୍ୟରେ ନିଶ୍ଚିନ୍ତରେ ଶୋଇଥାଆନ୍ତି । ସମୁଦ୍ରରେ ତରଙ୍ଗାୟିତ ହୋଇ ଭାସୁଥିବା ସମୟରେ ଗରୁଡ଼ ଜାତୀୟ କୌଣସି ବିଶାଳ ପକ୍ଷୀ ଏହାକୁ ଏକ ମାଂସପିଣ୍ଡ

Digitized by srujanika@gmail.com

ରାବି ନିଜ ଚଞ୍ଚୁରେ ଧାରଣ କରି ଉଡ଼ିଗଲେ ଏବଂ ସମୁଦ୍ର ପରପାରରେ କୌଣସି ଏକ ଦ୍ୱୀପରେ ପହଞ୍ଚିଲା । ସେଠାରେ ନିଜର ଚଞ୍ଚୁଦ୍ୱାରା ଏହାକୁ ବିଦୀର୍ଣ୍ଣ କରିବାରୁ ଗୋଟିଏ ଜୀବିତ ମନୁଷ୍ୟକୁ ତା' ମଧ୍ୟରେ ଦେଖି ଭୟରେ ପକ୍ଷୀଟି ପଳାୟନ କଲା । ଲୌହଜଙ୍ଘଙ୍କ ନିଦ୍ରାଭଙ୍ଗ ହୁଅନ୍ତେ ସେହି ପକ୍ଷୀକୃତ ଛିଦ୍ରଦ୍ୱାରା ବହିର୍ଗତ ହୋଇ ସେ ବିସ୍ମିତ ହେଲେ । ତାଙ୍କର ଏହି ବିସ୍ମୟବିମୂଢ଼ ଭାବକୁ ଦୂରୀଭୂତ କରି ଏକ ଭୟଙ୍କର ରାକ୍ଷସ ଦୃଷ୍ଟିଗୋଚର ହେଲା । ରାକ୍ଷସ ଏହାଙ୍କୁ ଦେଖି ରାମଚନ୍ଦ୍ରଙ୍କଦ୍ୱାରା ସଙ୍ଘଟିତ ଲଙ୍କାର ଦୁର୍ଦ୍ଦଶା ସ୍ମରଣପୂର୍ବକ ଭୟଭୀତ ହୋଇପଡ଼ିଲା ଏବଂ ଲଙ୍କାଧିପତି ବିଭୀଷଣଙ୍କୁ ଯାଇ ଏ ସମ୍ବାଦ ପ୍ରଦାନ କଲା । ବିଭୀଷଣ ରାମଚନ୍ଦ୍ରଙ୍କ ପ୍ରଭାବ ଦେଖିଥିଲେ । ତେଣୁ ପୁଣି ଜଣେ ମନୁଷ୍ୟ ଆସିଥିବା ସମ୍ବାଦ ଶ୍ରବଣ କରି ଭୟାର୍ତ୍ତ ହୋଇ ଗୁପ୍ତଚର ରାକ୍ଷସ କହିଲେ, 'ତୁମେ ସମୁଦ୍ରତଟକୁ ଯାଇ ସେହି ବ୍ୟକ୍ତିଙ୍କୁ କହ ଯେ ଆମର ରାଜା ଆପଣଙ୍କୁ ସ୍ୱାଗତ ଜଣାଇଛନ୍ତି ।'

ଆନୁଗତ୍ୟଚକିତ ରାକ୍ଷସଠାରୁ ବିଭୀଷଣଙ୍କ ନିମନ୍ତ୍ରଣ ଲାଭ କରି ଲୌହଜଙ୍ଘ ଲଙ୍କାପୁରୀରେ ପ୍ରବେଶ କଲେ । ଲଙ୍କାର ସୁବର୍ଣ୍ଣମୟ ଅଟ୍ଟାଳିକା ଓ ଆଡ଼ମ୍ବରପୂର୍ଣ୍ଣ ବିପଣୀମାଳା ଦେଖି ଦେଖି ସେ ରାଜଭବନରେ ଯାଇ ଉପସ୍ଥିତ ହେଲେ ଏବଂ ବିଭୀଷଣଙ୍କ ଦର୍ଶନ ଲାଭ କଲେ । ବିଭୀଷଣ ବିନମ୍ର-ଭାବରେ ଏହାଙ୍କର ଅତିଥି ସତ୍କାର କରିବାରୁ ବ୍ରାହ୍ମଣ ଆଶୀର୍ବାଦ ପ୍ରଦାନ-ପୂର୍ବକ ତାଙ୍କ ସମ୍ମୁଖସ୍ଥ ଆସନ ଗ୍ରହଣ କଲେ । 'ହେ ବ୍ରାହ୍ମଣ ଦେବତା, ଆପଣ ଏଠାରେ କିପରି ଆସି ପହଞ୍ଚିଲେ' ବୋଲି ବିଭୀଷଣ ଜିଜ୍ଞାସା କରନ୍ତେ ଧୂର୍ତ୍ତ ବ୍ରାହ୍ମଣ ଉତ୍ତରରେ କହିଲେ, 'ରାଜନ୍ ! ମୁଁ ମଥୁରାବାସୀ ଜଣେ ବ୍ରାହ୍ମଣ । ଦାରିଦ୍ର୍ୟପ୍ରପୀଡ଼ିତ ହୋଇ ମୁଁ ଭଗବାନ୍ ନାରାୟଣଙ୍କୁ ନିରାହାରରେ ଉପାସନା କଲି । ଏଥିରେ ସନ୍ତୁଷ୍ଟ ହୋଇ ସେ ସ୍ୱପ୍ନରେ ମୋତେ ଆଦେଶ ଦେଲେ ଯେ ତୁମେ ସୁବର୍ଣ୍ଣପୁରୀ ଲଙ୍କା ନଗରୀକୁ ପ୍ରସ୍ଥାନ କର । ସେଠାରେ ମୋର ଭକ୍ତ ଓ ମିତ୍ର ବିଭୀଷଣ ତୁମକୁ ଯଥେଷ୍ଟ ଧନ ପ୍ରଦାନ କରିବେ ।' ଏହା ଶୁଣି ମୁଁ ଯେତେବେଳେ କହିଲି, 'ଭଗବାନ୍, ବିଭୀଷଣ କିଏ, ମୁଁ କିଏ ? ତାଙ୍କୁ ମୁଁ ପାଇବି କିପରି ?' ସେତେବେଳେ ସେ କହିଲେ, 'ତୁମେ ବର୍ତ୍ତମାନ ଯାଅ, ବିଭୀଷଣଙ୍କ ସହ ସାକ୍ଷାତ ହେବ ।' ସ୍ୱପ୍ନରେ ଭଗବାନଙ୍କଠାରୁ ଏପରି

Digitized by srujanika@gmail.com

ଆଦେଶ ଲାଭକରି ଜାଗ୍ରତ ହୋଇ ଦେଖିଲି ମୁଁ ଏଠାରେ ଆସି ଉପସ୍ଥିତ ହୋଇଅଛି । ଏହା ବ୍ୟତୀତ ଅନ୍ୟ କିଛି ମୁଁ ଜାଣେ ନାହିଁ ।

ଏଥିରେ ସାଧାରଣ ମନୁଷ୍ୟ ପକ୍ଷରେ ଲଙ୍କା ଆସିବା ସମ୍ଭବପର ନୁହେ ବୋଲି ଭାବି ବିଭୀଷଣ ଏହାଙ୍କୁ ଏକ ପ୍ରଭାବଶାଳୀ ବ୍ୟକ୍ତି ମନେକରି କହିଲେ, 'ଆପଣଙ୍କୁ ନିଶ୍ଚୟ ମୁଁ ଅଭିଳଷିତ ଅର୍ଥ ପ୍ରଦାନ କରିବି; ଅପେକ୍ଷା କରନ୍ତୁ । ଏହା ଶୁଣି ଲୌହଜଙ୍ଘ ସେଠାରେ ବାସ କରିବାକୁ ଲାଗିଲେ । ଏ ମଧ୍ୟରେ ବିଭୀଷଣ ରାକ୍ଷସମାନଙ୍କଦ୍ୱାରା ସୁମେରୁ ପର୍ବତରେ ବାସ କରୁଥିବା ଗରୁଡ଼ବଂଶୀୟ ଏକ ବିଶାଳ ପକ୍ଷୀକୁ ଅଣାଇ ଏହାଙ୍କ ବାହନରୂପେ ନିଯୁକ୍ତ କଲେ । ଲୌହଜଙ୍ଘ ଏହା ଉପରେ ବସି ଉଡ଼ିବାର ଅଭ୍ୟାସ କରିବା ନିମନ୍ତେ ସେଠାରେ କିଛି ଦିନ ରହିବା ମଧ୍ୟରେ ଦିନେ କୌତୂହଳପୂର୍ଣ୍ଣ ଭାବରେ ରାଜାଙ୍କୁ ପ୍ରଶ୍ନକଲେ, 'ମହାରାଜ, ଲଙ୍କାର ଭୂମିସବୁ କାଷ୍ଠମୟ ବୋଲି କାହିଁକି ମନେ ହେଉଅଛି ?' ଏହାର ଉତ୍ତରରେ ବିଭୀଷଣ କହିଲେ, 'ଯଦି ତୁମ ମନରେ ଆଗ୍ରହ ଜାତ ହୋଇଛି, ମୁଁ ଏହାର ରହସ୍ୟ ଉଦ୍‌ଘାଟନ କରୁଅଛି'—

ପ୍ରାଚୀନ କାଳରେ କଶ୍ୟପଙ୍କ ପୁତ୍ର ଗରୁଡ଼ ନିଜ ଜନ୍ମଦାତ୍ରୀ ମାତାଙ୍କୁ ନାଗମାନଙ୍କର ଦାସତ୍ୱରୁ ମୁକ୍ତ କରିବା ନିମିତ୍ତ ପ୍ରତିଜ୍ଞାବଦ୍ଧ ହେଲେ । ଏହାର ମୂଲ୍ୟସ୍ୱରୂପ ତାଙ୍କୁ ସ୍ୱର୍ଗରୁ ଅମୃତ ଆଣିବାକୁ ପଡ଼ିଲା । ଏଥିପାଇଁ ଶକ୍ତି ସଞ୍ଚୟ କରିବା ଆବଶ୍ୟକ । ତେଣୁ ସେ ନିଜ ପିତାଙ୍କ ନିକଟରେ ଯାଇ ଉପସ୍ଥିତ ହେଲେ । କଶ୍ୟପ ତାଙ୍କୁ କହିଲେ ଯେ ସମୁଦ୍ର ମଧ୍ୟରେ ବାସ କରୁଥିବା ଦୁଇଟି ବିରାଟକାୟ ହସ୍ତୀ ଓ କଚ୍ଛପକୁ ଭକ୍ଷଣ କଲେ ସେ ଶକ୍ତିଶାଳୀ ହେବେ । ଗରୁଡ ସାଗରଗର୍ଭରୁ ଏ ଉଭୟଙ୍କୁ ଧରି ଉଦରସ୍ଥ କରିବା ନିମନ୍ତେ କଳ୍ପବୃକ୍ଷର ଶାଖାରେ ଆଶ୍ରୟ ନେଲେ । ସେଥିରେ ଭାରାକ୍ରାନ୍ତ ହୋଇ ଶାଖାଟି ଭଗ୍ନ ହେଲା । କିନ୍ତୁ ତା'ର ପାଦଦେଶରେ ବାଳଖିଲ୍ୟ ଋଷି ତପସ୍ୟା କରିବା ନିମନ୍ତେ ବସିଥିଲେ । ତେଣୁ ଗରୁଡ଼ ଲୋକାପବାଦ ଭୟରେ ଉକ୍ତ ଭଗ୍ନଶାଖା ନିଜ ଚଞ୍ଚୁରେ ନେଇ ଏହି ସମୁଦ୍ରତଟରେ ନିକ୍ଷେପ କଲେ । ସେହି ଶାଖାର ପୀଠ ଉପରେ ଲଙ୍କାନଗରୀ ନିର୍ମିତ ହୋଇଥିବାରୁ ଏହାର ଭୂମି କାଷ୍ଠମୟ ହୋଇଅଛି ।' ବିଭୀଷଣଙ୍କଠାରୁ ଏକଥା ଶୁଣି ଲୌହଜଙ୍ଘଙ୍କ କୌତୂହଳ ଦୂରୀଭୂତ ହେଲା ।

Digitized by srujanika@gmail.com

ତତ୍ପରେ ଲୌହଜଙ୍ଘ ମଥୁରା ପ୍ରତ୍ୟାବର୍ତ୍ତନର ଇଚ୍ଛା ପ୍ରକାଶ କରିବାରୁ ବିଭୀଷଣ ତାଙ୍କୁ ବହୁମୂଲ୍ୟ ଅଳଙ୍କାର ପ୍ରଦାନ କଲେ । ମଥୁରାଧିପତିଙ୍କୁ ଉପହାର ସ୍ୱରୂପ ମଧ୍ୟ ସୁବର୍ଣ୍ଣ ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ପ୍ରଦାନ କଲେ । ଏ ସମସ୍ତ ସହ ବ୍ରାହ୍ମଣ ପକ୍ଷୀପୃଷ୍ଠରେ ଆରୋହଣ କରି ବିଭୀଷଣଙ୍କ-ଠାରୁ ବିଦାୟ ଗ୍ରହଣ କଲେ ।

ମଥୁରାରେ ଅତି ଅଳ୍ପ ସମୟ ମଧ୍ୟରେ ପହଞ୍ଚି ଲୌହଜଙ୍ଘ ଗୋଟିଏ ନିର୍ଜନ ବୌଦ୍ଧବିହାର ମଧ୍ୟରେ ଅବତରଣ କଲେ । ଆନୀତ ଧନଗୁଡ଼ିକୁ ସେଠାରେ ଗୁପ୍ତଭାବରେ ଗ୍ରୋତ୍ଥିତ କରି ପକ୍ଷୀଟିକୁ ମଧ୍ୟ ସେଠାରେ ବନ୍ଧନ କରି ରଖିଲେ । ସେହି ଅଳଙ୍କାରମାନଙ୍କ ମଧ୍ୟରୁ ଗୋଟିକୁ ବିକ୍ରି କରି ସେ ଖାଦ୍ୟ, ବସ୍ତ୍ର, ଅଙ୍ଗରାଗ, ତୈଳ ପ୍ରଭୃତି କ୍ରୟକରି ଆଣିଲେ । ବିହାର ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରି ସେ ନିଜେ ଭୋଜନ କଲେ ଏବଂ ପକ୍ଷୀକୁ ମଧ୍ୟ ଖାଦ୍ୟ ପ୍ରଦାନ କଲେ । ଏହା ପରେ ନିଜେ ନୂତନ ଓ ବହୁମୂଲ୍ୟ ଆଭରଣରେ ଭୂଷିତ ହୋଇ ସନ୍ଧ୍ୟା ସମୟରେ ଶଙ୍ଖଚକ୍ରଧାରଣପୂର୍ବକ ପକ୍ଷୀ ଉପରେ ଆରୋହଣ କରି ରୂପଣିକାଙ୍କ ଅଟ୍ଟାଳିକା ଉପରେ ଯାଇ ଅବତରଣ କଲେ । ବେଶ୍ୟାକୁ ଜଣାଇବା ନିମନ୍ତେ ଗୁପ୍ତ ସଙ୍କେତ ଦେବାରୁ ସେ ଉପରକୁ ଆସି ଭଗବାନରୂପୀ ଲୌହଜଙ୍ଘଙ୍କ ସାକ୍ଷାତ କଲା । 'ମୁଁ ସ୍ୱୟଂ ଭଗବାନ୍ ନାରାୟଣ, ତୁମର ରୂପରେ ମୁଗଧ ହୋଇ ଆସିଅଛି ।' ଏହା କହିବାରୁ ରୂପଣିକା ଭକ୍ତିପୂର୍ଣ୍ଣଭାବରେ କହିଲା, 'ଏ ଆପଣଙ୍କ ଅପାର କରୁଣା । ଏଠାରେ ମୋର ସେବା ଗ୍ରହଣ କରି ମୋତେ ଧନ୍ୟ କରନ୍ତୁ ।' ଏହା ଶୁଣି ଲୌହଜଙ୍ଘ ପକ୍ଷୀଟିକୁ ସେଠାରେ ବନ୍ଧନ କରି ରୂପଣିକାର ଶୟନକକ୍ଷରେ ତାକୁ ଉପଭୋଗ କଲେ ଏବଂ ପ୍ରାତଃକାଳରୁ ପ୍ରତ୍ୟାବର୍ତ୍ତନ କଲେ ।

ଏଣେ ରୂପଣିକା ଚିନ୍ତା କଲା ଯେ ମୁଁ ଭଗବାନଙ୍କ ପ୍ରେୟସୀ ହେବାରୁ ଦେବୀ ହୋଇଗଲି । ବର୍ତ୍ତମାନ ମନୁଷ୍ୟ ସହ କଥାବାର୍ତ୍ତା କରିବା ମଧ୍ୟ ମୋ ପକ୍ଷେ ଅପମାନଜନକ । ଏହା ଚିନ୍ତାକରି ସେ ମୌନବ୍ରତ ଅବଲମ୍ବନପୂର୍ବକ ଏକାକିନୀ ରହିବାକୁ ଲାଗିଲା । ମାତା ମକରଦଂଷ୍ଟ୍ରା ଏହାର କାରଣ ଜିଜ୍ଞାସା କରନ୍ତେ ରୂପଣିକା ସମସ୍ତ ବୃତ୍ତାନ୍ତ ତା' ନିକଟରେ ପ୍ରକାଶ କଲା । କୁଟ୍ଟିନୀ

Digitized by srujanika@gmail.com

ଏହି କଥା ପ୍ରଥମେ ବିଶ୍ୱାସ କରିପାରିଲା ନାହିଁ । କିନ୍ତୁ ରାତ୍ରିରେ ଭଗବାନ-ରୂପୀ ଲୌହଜଙ୍ଘଙ୍କୁ ଦେଖି ତା' ମନରେ ବିଶ୍ୱାସ ଦୃଢ଼ୀଭୂତ ହେଲା । ପରଦିନ ନମ୍ରଭାବରେ ସେ କହିଲା, 'ରୂପ, ତୁ ତ ଭଗବାନଙ୍କ ଅଙ୍ଗସଙ୍ଗ ଲାଭ କରି ଦେବତା ହୋଇଗଲୁ । ତୋର ମାତା ପାଇଁ କଣ ସେହି ପୁଣ୍ୟରୁ କିଛି ପ୍ରଦାନ କରିବୁ ନାହିଁ ? ମୁଁ ବୃଦ୍ଧା । ମୋର ଆଉ ସଂସାରରେ ରହିବା ଉଚିତ ନୁହେ । ତେଣୁ ତୁ ଭଗବାନଙ୍କୁ ଅନୁରୋଧ କର, ମୋତେ ସେ ସ୍ୱଦେହରେ ସ୍ୱର୍ଗକୁ ନେଇଯିବେ ।' ରାତ୍ରିରେ ରୂପଣିକା ଲୌହଜଙ୍ଘ ନିକଟରେ ଏହା ନିବେଦନ କଲା ।

ଏହା ଶୁଣି ଛଦ୍ମବେଶୀ ଲୌହଜଙ୍ଘ କହିଲେ, 'ତୁମର ମାତା ପାପିଷ୍ଠା, ତେଣୁ ପ୍ରକାଶ୍ୟ ଭାବରେ ତାଙ୍କୁ ସ୍ୱର୍ଗକୁ ନେବା ସମ୍ଭବପର ନୁହେ । ଏକାଦଶୀ ଦିନ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ ହୁଏ । ଏହି ଦ୍ୱାର ଦେଇ ପ୍ରଥମେ ଶିବଭକ୍ତମାନେ ସ୍ୱର୍ଗରାଜ୍ୟରେ ପ୍ରବେଶ କରନ୍ତି । ତୁମର ମା'ଙ୍କୁ ଯଦି ଏହି ଶିବଗଣଙ୍କ ବେଶରେ ଭୂଷିତ କରାଯାଇପାରେ, ତେବେ ସେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବେ । ତେଣୁ ତାଙ୍କୁ ମୁଣ୍ଡିତ କରି ପାଞ୍ଚଟି ଚୂଳ (ଚୁଟି ବା ବେଣୀ) ରଖି ଦିଅ । ଗଳାରେ ଅସ୍ଥିମାଳା ଧାରଣ କରି ଏବଂ ଶରୀରର ଗୋଟିଏ ଭାଗ କୃଷ୍ଣ ଓ ଅନ୍ୟ ଗୋଟିଏ ଭାଗ ରକ୍ତବର୍ଣ୍ଣରେ ରଞ୍ଜିତ କରି ଉଲଗ୍ନ ଭାବରେ ଶିବଗଣଙ୍କ ମଧ୍ୟରେ ପ୍ରବେଶ କରିବାକୁ ହେବ । ଯଦି ସେ ଏହିପରି ମୋ ସହିତ ଆସନ୍ତି ତେବେ ମୁଁ ସ୍ୱର୍ଗରାଜ୍ୟରେ ତାଙ୍କୁ ଗୁପ୍ତରେ ପ୍ରବେଶ କରାଇ ଦେଇପାରିବି ।'

ଏହା କହି କିଛି ସମୟ ପରେ ଲୌହଜଙ୍ଘ ଚାଲିଗଲେ । ପୂର୍ବ ସ୍ୱୀକୃତି ଅନୁଯାୟୀ ଏକାଦଶୀ ଦିନ ରୂପଣିକା ମକରଦଂଷ୍ଟ୍ରାକୁ 'ଗଣ' ବେଶରେ ସଜ୍ଜିତ କରିଦେଲା । ଉକ୍ତ ଦିନ ସନ୍ଧ୍ୟାରେ ଲୌହଜଙ୍ଘ ରୂପଣିକାକୁ ଉପଭୋଗ ନକରି କୁଟ୍ଟିନୀକୁ ନେଇ ପକ୍ଷୀପୃଷ୍ଠରେ ଉଡ଼ିଗଲେ । ଆକାଶମାର୍ଗରେ ଯାଉ ଯାଉ ସେ କୌଣସି ଦେବମନ୍ଦିର ନିକଟରେ ଗୋଟିଏ ଚକ୍ରଚିହ୍ନିତ ସ୍ତମ୍ଭ ଦେଖିବାକୁ ପାଇଲେ ଏବଂ ତାଙ୍କୁ ଅପମାନିତ କରିଥିବା କୁଟ୍ଟିନୀକୁ ତା' ଉପରେ ଦଣ୍ଡାୟମାନ କରାଇ ଦେଇ କହିଲେ, 'କିଛି ସମୟ ପାଇଁ ଏଠାରେ ଅପେକ୍ଷା କର, ମୁଁ ତୁମକୁ ଶିବଗଣଙ୍କ ସହ ମିଳିତ କରିବାକୁ ଚେଷ୍ଟା କରୁଅଛି ।' ଏହା କହି ଲୌହଜଙ୍ଘ ତାର ଦୃଷ୍ଟିରୁ ଅଦୃଶ୍ୟ ହୋଇଗଲେ ।

Digitized by srujanika@gmail.com

କିଛିଦୂର ଯାଇ ସେ ଦେଖିଲେ ଯେ ରାତ୍ରିଜାଗରଣ ନିମନ୍ତେ କେତେକ ଲୋକ ଗୋଟିଏ ମନ୍ଦିର ନିକଟରେ ରୁଣ୍ଡୀଭୂତ ହୋଇଛନ୍ତି । ଏହା ଦେଖି ସେ ଆକାଶମାର୍ଗରୁ ଖୁବ୍ ଉଚ୍ଚସ୍ୱରରେ କହିଲେ, 'ହେ ନାଗରିକବୃନ୍ଦ, ଆଜ ତୁମମାନଙ୍କ ଉପରେ ସର୍ବସଂହାରଣକାରୀ ମହାମାରୀ (ମଡ଼କ) ପଡ଼ିବ । ଏଣୁ ଭଗବାନଙ୍କ ଭଜନ ଓ ସ୍ମରଣ କର ।' ଏହା ଶୁଣି ସମସ୍ତ ମଥୁରାବାସୀ ଭୟରେ ଭଗବାନଙ୍କ ସ୍ତବପାଠ କରି ମନ୍ଦିର ମଧ୍ୟରେ ପ୍ରବେଶ କଲେ । ଲୌହଜଙ୍ଘ ମଧ୍ୟ ସେହି ସ୍ତମ୍ଭର ମଧ୍ୟରେ ପକ୍ଷୀଟିକୁ ବନ୍ଧନ କରିଦେଇ ନିଜର ଛଦ୍ମବେଶ ପରିତ୍ୟାଗପୂର୍ବକ ସାଧାରଣ ନାଗରିକ ଭାବରେ ସ୍ତବପାଠ କରି ମନ୍ଦିର ମଧ୍ୟରେ ପ୍ରବେଶ କଲେ ।

ଏଣେ କୁଟ୍ଟିନୀ ବହୁ ସମୟ ଧରି ସେଠାରେ ଅପେକ୍ଷା କରି ଶ୍ରାନ୍ତ ଓ ଭୟଭୀତ ହୋଇପଡ଼ିଲା । ସ୍ତମ୍ଭ ଉପରୁ ପଡ଼ିଯିବା ଭୟରେ ସେ ଖୁବ୍ ଜୋରରେ ପାଟିକଲା, 'ମୁଁ ପଡ଼ିଲି ।' ଏହା ଶୁଣି ମଥୁରାବାସୀ ସେଠାରେ ଉପସ୍ଥିତ ହେଲେ । ତାକୁ ସ୍ୱୟଂ ମହାମାରୀ ମନେକରି ନ ପଡ଼ିବା ପାଇଁ ଅନୁରୋଧ କଲେ । ସମଗ୍ର ମଥୁରାବାସୀ ଅତି କରୁଣଭାବରେ ରାତ୍ରି ଯାପନ କରି ସକାଳେ କୁଟ୍ଟିନୀକୁ ଚିହ୍ନିପାରିଲେ । ରାଜା ମଧ୍ୟ ଏଠାରେ ଆସି ଉପସ୍ଥିତ ହେଲେ । ମହାମାରୀ ଭୟ ଦୂର ହେବାରୁ ମହା ହାସ୍ୟରୋଳ ଉଠିଲା । ରୂପଣିକା ମଧ୍ୟ ମାତାର ଏ ଦୁର୍ଦ୍ଦଶା ଶୁଣି ସେଠାରେ ଆସି ଉପସ୍ଥିତ ହେଲା । ସ୍ତମ୍ଭ ଉପରେ ଏପରି ଭାବରେ ଠିଆ ହୋଇଥିବା ମାତାକୁ ଦେଖି ବିସ୍ମିତ ହୋଇ ପରିଚାରକଙ୍କ ସାହାଯ୍ୟରେ ତଳକୁ ନେଇ ଆସିଲା । ଲୋକମାନେ ବାରଂବାର ଜିଜ୍ଞାସା କରିବାରୁ କୁଟ୍ଟିନୀ ଆଦ୍ୟୋପାନ୍ତ ସମସ୍ତ ବୃତ୍ତାନ୍ତ ପ୍ରକାଶ କଲା । ଏହି ବିସ୍ମୟଉତ୍ପାଦକ ବୃତ୍ତାନ୍ତ ଶୁଣି ଲୋକେ ଏହା କୌଣସି ସିଦ୍ଧବ୍ୟକ୍ତିର ବିନୋଦ ମନେକରି କହିଲେ, 'ସମସ୍ତ ନଗରବାସୀଙ୍କୁ ପ୍ରତାରିତ କରୁଥିବା ଏହି କୁଟ୍ଟିନୀକୁ ଯେ ଉପଯୁକ୍ତ ଶାସ୍ତି ପ୍ରଦାନ କରିଛନ୍ତି, ସେ ସିଦ୍ଧପୁରୁଷ ଯଦି ଏହି ଜନତା ମଧ୍ୟରେ ଅଛନ୍ତି ଶୀଘ୍ର ଆତ୍ମପ୍ରକାଶ କରନ୍ତୁ ତାଙ୍କୁ ପୁରସ୍କାର ସ୍ୱରୂପ ପଟ୍ଟବଦ୍ଧ କରାଯିବ । (ଅର୍ଥାତ୍ ତାଙ୍କୁ ମୁକୁଟ ପ୍ରଭୃତିଦ୍ୱାରା ଭୂଷିତ କରି ରଥ ଉପରେ ବସାଇ ଶୋଭାଯାତ୍ରା କରାଯିବ ।) ଏହା ଶୁଣି ଲୌହଜଙ୍ଘ ନିଜକୁ ପ୍ରକଟିତ କଲେ ଏବଂ ଲୋକଙ୍କୁ ସମଗ୍ର ବୃତ୍ତାନ୍ତ ଶୁଣାଇଲେ । ସଙ୍ଗେ

Digitized by srujanika@gmail.com

ସଙ୍ଗେ ବିଭୀଷଣଙ୍କଠାରୁ ପ୍ରାପ୍ତ ସୁବର୍ଣ୍ଣ ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ମଧ୍ୟ ରାଜାଙ୍କୁ ପ୍ରଦାନ କଲେ । ଏହାପରେ ନାଗରିକମାନେ ଲୌହଜଙ୍ଘଙ୍କୁ ନେଇ ଶୋଭାଯାତ୍ରା କଲେ । ରାଜା ମଧ୍ୟ ରୂପଣିକାକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କଲେ (ଅର୍ଥାତ୍ ସେ ସେହିଦିନଠାରୁ ବେଶ୍ୟାବୃତ୍ତି ପରିତ୍ୟାଗ କଲା) । ଏହାପରେ ରାଜା ଓ ପ୍ରଜାମାନଙ୍କଦ୍ୱାରା ସମ୍ମାନିତ ହୋଇ ଲୌହଜଙ୍ଘ ବିଭୀଷଣଙ୍କଠାରୁ ପ୍ରାପ୍ତ ଧନଦ୍ୱାରା ଆନନ୍ଦରେ କାଳଯାପନ କଲେ ।’

ଛଦ୍ମବେଶଧାରୀ ବିକୃତ ବସନ୍ତକଙ୍କଠାରୁ ଏ ପ୍ରକାର ବିନୋଦାତ୍ମକ କଥା ଶୁଣି ବନ୍ଦୀ ଉଦୟନ ଅତ୍ୟନ୍ତ ଆନନ୍ଦ ପ୍ରକାଶ କଲେ ଏବଂ ବାସବଦତ୍ତା ମଧ୍ୟ ମନେ ମନେ ପ୍ରଫୁଲ୍ଲିତ ହେଲେ ।

Digitized by srujanika@gmail.com

ପଞ୍ଚମ ତରଙ୍ଗ

ବାସବଦତ୍ତା ହରଣ

କିଛି ଦିନ ମଧ୍ୟରେ ବାସବଦତ୍ତା ପିତୃପକ୍ଷ ପରିତ୍ୟାଗ କରି ଉଦୟନଙ୍କ ପ୍ରତି ପ୍ରଗାଢ଼ଭାବରେ ଅନୁରକ୍ତ ହୋଇପଡ଼ିଲେ । ଏହା ଜାଣିପାରି ଯୌଗନ୍ଧରାୟଣ ପୁଣି ଅଦୃଶ୍ୟଭାବରେ ଆସି ବତ୍ସରାଜଙ୍କ ସମୀପରେ ଉପସ୍ଥିତ ହେଲେ । ଅଦୃଶ୍ୟକାରିଣୀ ବିଦ୍ୟା ପ୍ରଭାବରୁ ତାଙ୍କୁ ଅନ୍ୟ କେହି ଦେଖି ପାରିଲେ ନାହିଁ । ସେ ବସନ୍ତକଙ୍କ ଉପସ୍ଥିତିରେ ହିଁ ରାଜାଙ୍କୁ କହିଲେ, 'ମହାରାଜ ! ଚଣ୍ଡମହାସେନ ଆପଣଙ୍କୁ କୌଶଳ କରି ବନ୍ଦୀ କରିଛନ୍ତି ଏବଂ ନିଜର କନ୍ୟା ପ୍ରଦାନ କରି ସେ ଆପଣଙ୍କୁ ମୁକ୍ତ କରିବେ । ତେଣୁ ଆମେ ନିଜେ କୌଶଳରେ ତାଙ୍କର କନ୍ୟାକୁ ନେଇ ଚାଲିଯିବା । ଏହାଦ୍ୱାରା ତାଙ୍କର ଗର୍ବ ଖର୍ବ ହେବ ଏବଂ ଆପଣଙ୍କର ମଧ୍ୟ ଅପମାନ ହେବ ନାହିଁ । ରାଜା ଚଣ୍ଡମହାସେନ ନିଜର କନ୍ୟାକୁ ଭଦ୍ରବତୀ ନାମକ ଏକ ହସ୍ତିନୀ ପ୍ରଦାନ କରିଛନ୍ତି । ସେ ଏତେ ଶୀଘ୍ର ଗମନ କରେ ଯେ ନଡ଼ାଗିରି ବ୍ୟତୀତ ଅନ୍ୟ କୌଣସି ହସ୍ତୀ ତା'ର ପଶ୍ଚାଦ୍ଧାବନ କରିପାରିବ ନାହିଁ । ନଡ଼ାଗିରି ମଧ୍ୟ ଏହାକୁ ସମ୍ମୁଖରେ ଦେଖି ଯୁଦ୍ଧ କରିବ ନାହିଁ । ଏହି ଭଦ୍ରବତୀର ମାହୁନ୍ତ ଆଷାଢ଼କ । ମୁଁ ତାକୁ ବହୁ ଧନ ପ୍ରଦାନ କରି ବଶୀଭୂତ କରିସାରିଛି । ଏଣୁ ଆପଣ ଏହି ହସ୍ତୀପୃଷ୍ଠରେ ଆରୋହଣ କରି ଗଭୀର ରାତ୍ରିରେ ଏଠାରୁ ଗୁପ୍ତରେ ପ୍ରୟାଣ କରନ୍ତୁ । ରାଜାଙ୍କର ମୁଖ୍ୟ ମାହୁନ୍ତକୁ ଯଥେଷ୍ଟ ମଦ୍ୟପାନ କରାଇ ଅଚେତ କରିଦେବା ଆବଶ୍ୟକ । ତା ନହେଲେ ସେ ହସ୍ତୀମାନଙ୍କର ଭାଷା ଜାଣିବାରେ ନିପୁଣ । ପଥ ମଧ୍ୟରେ କୌଣସି ଅନିଷ୍ଟ ନ ଘଟିବା ନିମିତ୍ତ ମୁଁ ଆପଣଙ୍କର ମିତ୍ର ପୁଳିନ୍ଦକଙ୍କ ନିକଟକୁ ଯାଉଅଛି ।' ଏହା କହି ଯୌଗନ୍ଧରାୟଣ ଚାଲିଗଲେ ।

Digitized by srujanika@gmail.com

ବତ୍ସରାଜ ଇତ୍ୟବସରରେ ନିଜର କର୍ତ୍ତବ୍ୟାକର୍ତ୍ତବ୍ୟ ନିଶ୍ଚୟ କରିନେଲେ । କିଛି ସମୟ ପରେ ବାସବଦତ୍ତା ଆସି ସେଠାରେ ଉପସ୍ଥିତ ହୁଅନ୍ତେ କଥା-ପ୍ରସଙ୍ଗରେ ଉଦୟନ ଯୌଗନ୍ଧରାୟଣଙ୍କ କୌଶଳଟି ତାଙ୍କ ନିକଟରେ ପ୍ରକାଶ କଲେ । ବାସବଦତ୍ତା ମଧ୍ୟ ଏଥିରେ ସମ୍ମତ ହୋଇ ଅଷାଢ଼କକୁ ହସ୍ତୀସଜ୍ଜିତ କରିବା ନିମନ୍ତେ ଆଦେଶ ପ୍ରଦାନ କଲେ ଏବଂ ପ୍ରଧାନ ମାହୁନ୍ତଙ୍କୁ ଦେବତା ପ୍ରସାଦ ବୋଲି ଯଥେଷ୍ଟ ମଦ୍ୟପାନ କରାଇଲେ । ସନ୍ଧ୍ୟା ସମୟରେ ଅଷାଢ଼କ ଭଦ୍ରବତୀକୁ ସଜ୍ଜିତ କରି ସେଠାକୁ ନେଇ ଆସିଲା । ଭଦ୍ରବତୀ ଉଚ୍ଚସ୍ୱରରେ ଗର୍ଜନ କରିବାରୁ ପ୍ରଧାନ ମାହୁନ୍ତ ନିଶାରେ ଅଚେତପ୍ରାୟ ହୋଇ ଅତି ଅସ୍ପଷ୍ଟ ସ୍ୱରରେ କହିଲା, 'ହାତୀ କହୁଛି ଯେ ଆଜି ତେଷଠି ଯୋଜନ ଯିବ ।' ଏହାପରେ ତାର ଆଉ ଜ୍ଞାନ ରହିଲା ନାହିଁ । ଦ୍ୱିତୀୟ ମାହୁନ୍ତ ମଧ୍ୟ ନିଶାରେ ଜ୍ଞାନଶୂନ୍ୟ ହୋଇଥିବା ହେତୁ ଏଥିପ୍ରତି ଧ୍ୟାନ ଦେଲା ନାହିଁ । ଏହାପରେ ବତ୍ସରାଜ, ଯୌଗନ୍ଧରାୟଣଙ୍କ ପ୍ରଦତ୍ତ ଔଷଧିଦ୍ୱାରା ବନ୍ଧନମୁକ୍ତ ହୋଇ ଘୋଷବତୀ ବୀଣା ଏବଂ ବାସବଦତ୍ତାଙ୍କଦ୍ୱାରା ଆନୀତ ଶସ୍ତ୍ରାସ୍ତ୍ର ସହ ବସନ୍ତକଙ୍କୁ ନେଇ ଭଦ୍ରବତୀ ପୃଷ୍ଠରେ ଆରୋହଣ କଲେ । ବାସବଦତ୍ତା ମଧ୍ୟ ନିଜର ଏକମାତ୍ର ଅନ୍ତରଙ୍ଗ ସଙ୍ଗୀ କାଞ୍ଚନମାଳା ସହ ଏହା ଉପରେ ଆରୋହଣ କଲେ । କିଛି ସମୟ ମଧ୍ୟରେ ଉଦୟନ ନିଜର ସଙ୍ଗୀମାନଙ୍କ ସହ ଭଗ୍ନ-ପ୍ରାଚୀର ଦେଇ ଉଜ୍ଜୟିନୀରୁ ବହିର୍ଗତ ହେଲେ । ଏଠାରେ ପ୍ରହରୀରୂପେ ନିଯୁକ୍ତ ଥିବା ବୀରବାହୁ ଓ ତାଳଭଟ ନାମକ କ୍ଷତ୍ରିୟ ପ୍ରହରୀଦ୍ୱୟଙ୍କୁ ନିଜ ହାତରେ ହତ୍ୟା କରି ଉଦୟନ ନଗରରୁ ବହିର୍ଭୂତ ହୋଇ ପ୍ରସନ୍ନଚିତ୍ତରେ ବାସବଦତ୍ତାଙ୍କ ସହ ଅଗ୍ରସର ହେଲେ । ଅଷାଢ଼କ ମଧ୍ୟ ଭଦ୍ରବତୀର ଗତି ଶିଥିଳ ନ କରାଇବା ନିମନ୍ତେ ତା'ର ପୃଷ୍ଠଦେଶରେ ଅଙ୍କୁଶ ବାନ୍ଧି କରି ରଖିଥାଏ ।

ଏଣେ ଉଜ୍ଜୟିନୀର ରାତ୍ରିପ୍ରହରୀମାନେ ବୀରବାହୁ ଓ ତାଳଭଟର ମୃତ୍ୟୁବାର୍ତ୍ତା ରାଜାଙ୍କ ନିକଟରେ ନିବେଦନ କଲେ । ଚଣ୍ଡମହାସେନ ଚତୁର୍ଦ୍ଦିଗ ଅନୁସନ୍ଧାନ କରି ଜାଣିପାରିଲେ ଯେ ଉଦୟନ ବାସବଦତ୍ତାଙ୍କୁ ନେଇ ପଳାୟନ କରିଛନ୍ତି । ତାଙ୍କ ପୁତ୍ର ପାଳକ ଏ ବାର୍ତ୍ତା ଶୁଣି ନଡ଼ାଗିରି ଆରୋହଣପୂର୍ବକ ତାଙ୍କର ପଶ୍ଚାଦ୍ଧାବନ କଲେ । ଉଦୟନ ଏହାଙ୍କ ସହ ଯୁଦ୍ଧ କରିବା ନିମିତ୍ତ ଉଦ୍ୟତ ହେବାରୁ ଭଦ୍ରବତୀକୁ ଦେଖି ନଡ଼ାଗିରି ତାକୁ ପ୍ରହାର କରିବା ନିମନ୍ତେ ପଶ୍ଚାଦ୍‌ପଦ ହେଲା । କିନ୍ତୁ ଏହି ସମୟରେ ଚଣ୍ଡମହାସେନଙ୍କ ଅନ୍ୟ

Digitized by srujanika@gmail.com

ପୂର୍ବ ଗୋପାଳକ ସେଠାରେ ଉପସ୍ଥିତ ହୋଇ ପାଳକଙ୍କୁ ଏଥିରୁ ନିବୃତ୍ତ କଲେ । ସେ ଫେରିଯିବା ପରେ ଉଦୟନ ଶାନ୍ତଚିତ୍ତରେ ପ୍ରସନ୍ନତାପୂର୍ବକ ସାରା ରଜନୀ ଯାତ୍ରା କରିବାକୁ ଲାଗିଲେ । ଧୀରେ ଧୀରେ ରାତି ଶେଷ ହେଲା । ତେଷଠି ଯୋଜନ ଅତିକ୍ରମ କରି ମଧ୍ୟାହ୍ନ ସମୟରେ ଭଦ୍ରବତୀ ତୃଷାର୍ତ୍ତ ହୋଇପଡ଼ିଲା । ରାଜା ଓ ରାଣୀ ତାର ପୃଷ୍ଠରୁ ଅବତରଣ କରିବା ପରେ ସେ ଅାକଣ୍ଠ ଜଳପାନ କରି ପଞ୍ଚତ୍ୱପ୍ରାପ୍ତ ହେଲା । ଘୋର ବିନ୍ଧ୍ୟାରଣ୍ୟ ମଧ୍ୟରେ ହସ୍ତୀଟି ମୃତ୍ୟୁମୁଖରେ ପତିତ ହେବାରୁ ରାଜା ଶୋକବିହ୍ୱଳ ହୋଇପଡ଼ିଲେ । ଏହି ସମୟରେ ଶୂନ୍ୟବାଣୀ ହେଲା ଯେ, 'ହେ ରାଜନ ! ମୁଁ ମାୟାବତୀ ନାମକ ବିଦ୍ୟାଧରୀ । ଶାପଗ୍ରସ୍ତ ହୋଇ ହସ୍ତିନୀ ହୋଇଥିଲି । ମୁଁ ଏହି ଜନ୍ମରେ ତୁମକୁ ବାସବଦତ୍ତାଙ୍କ ସହ ପଳାଇଯିବାରେ ସାହାଯ୍ୟ କରିଥିଲି । ଭବିଷ୍ୟତରେ ମଧ୍ୟ ତୁମର ପୁତ୍ରର ସହାୟତା କରିବି । ତୁମରି ବାସବଦତ୍ତା ମଧ୍ୟ ମୋ ପରି ଜଣେ ଶାପଗ୍ରସ୍ତା ଦେବୀ ।' ଏହାପରେ ରାଜା ବସନ୍ତକଙ୍କୁ ବିନ୍ଧ୍ୟଶିଖର ଉପରେ ବାସ କରୁଥିବା ମିତ୍ର ପୁଳିନ୍ଦକଙ୍କ ନିକଟରେ ତାଙ୍କ ଆଗମନ ବାର୍ତ୍ତା ଜ୍ଞାପନ କରିବା ନିମିତ୍ତ ପ୍ରେରଣ କଲେ ଏବଂ ନିଜେ ବାସବଦତ୍ତାଙ୍କ ସହ ସେହି ଦିଗକୁ ପଦଯାତ୍ରା କଲେ । ଏହି ସମୟରେ ସେ ପଞ୍ଚାଧିକ ଶତ ଦସ୍ୟୁଙ୍କଦ୍ୱାରା ଆକ୍ରାନ୍ତ ହେଲେ । କିନ୍ତୁ ଗୁଡ଼ୁଁ ଗୁଡ଼ୁଁ ଉଦୟନ ସେମାନଙ୍କୁ ଗୋଟି ଗୋଟି କରି ଶମନ ଭବନକୁ ପ୍ରେରଣ କରିବାକୁ ଲାଗିଲେ । ଏହି ଅବସ୍ଥାରେ ବସନ୍ତକ, ପୁଳିନ୍ଦକ ଓ ଯୌଗନ୍ଧରାୟଣ ସେଠାରେ ଉପସ୍ଥିତ ହେବାରୁ ଜୀବିତ ଦସ୍ୟୁଗଣ ପ୍ରାଣଭୟରେ ପଳାୟନ କଲେ । ଉଦୟନ ମଧ୍ୟ ଏମାନଙ୍କ ସହ ଶବରପଲ୍ଲିର କୁଶଶଯ୍ୟା ଉପରେ ରାତି ଯାପନ କଲେ ।

ଯୌଗନ୍ଧରାୟଣଙ୍କଦ୍ୱାରା ପ୍ରେରିତ ଦୂତ ମୁଖରୁ ଉଦୟନଙ୍କ ଆଗମନ ସନ୍ଦେଶ ଲାଭ୍‌କରି ପ୍ରଧାନ ସେନାପତି ରୁମଣ୍ୱାନ୍ ମଧ୍ୟ ବିଶାଳ ସେନାବାହିନୀ ସହ ସେଠାରେ ଆସି ଉପସ୍ଥିତ ହେଲେ । ସେହି ବିନ୍ଧ୍ୟାଚଳରେ ରୁମଣ୍ୱାନ୍‌ଙ୍କ ଠାରୁ ରାଜ୍ୟର ସମଗ୍ର ସମାଚାର ଶୁଣି ଉଦୟନ କିଛି ଦିନ ସେଠାରେ ଅତିବାହିତ କଲେ । ଏଠାରେ ବାସ କରୁଥିବାବେଳେ ଯୌଗନ୍ଧରାୟଣଙ୍କ ଜଣେ ମିତ୍ର ଉଜ୍ଜୟିନୀବାସୀ ବଣିକ ସେଠାକୁ ଆସି ରାଜାଙ୍କୁ ନିବେଦନ କଲା, 'ମହାରାଜ ! ଉଜ୍ଜୟିନୀ ନରପତି ଚଣ୍ଡମହାସେନ ଆପଣଙ୍କୁ ଜାମାତାରୂପେ ସ୍ୱୀକାର କରି ଯଥେଷ୍ଟ ପ୍ରସନ୍ନ ହୋଇଛନ୍ତି । ସେ ଆପଣଙ୍କ ନିକଟକୁ ଜଣେ

Digitized by srujanika@gmail.com

ଦୂତ ପଠାଇଛନ୍ତି । ଦୂତ ଆସି ଏଠାରେ ଅବସ୍ଥାନ କରୁଛି । ପ୍ରଥମେ ମୁଁ ଏଠାକୁ ଆସି ଏ ସମ୍ବାଦ ପ୍ରଦାନ କଲି । ସେ ଏକାନ୍ତରେ ଆପଣଙ୍କୁ କିଛି କହିବାକୁ ଚାହେଁ ।' ଏହାର ଆଗମନ ବାର୍ତ୍ତା ଶୁଣି ବତ୍ସରାଜ ଓ ବାସବଦତ୍ତା ଆନନ୍ଦିତ ହେଲେ । ଏହା ସଙ୍ଗେ ସଙ୍ଗେ ବନ୍ଧୁମାନଙ୍କୁ ପରିତ୍ୟାଗ କରିଥିବା ହେତୁ ଓ ବିବାହ ନିମିତ୍ତ ବ୍ୟଗ୍ର ହୋଇଥିବା ହେତୁ ବାସବଦତ୍ତା ଲଜ୍ଜିତ ଓ ଉତ୍ସୁକ ହେଲେ ଏବଂ ନିକଟରେ ବସିଥିବା ବସନ୍ତକଙ୍କୁ ସେ ଗୋଟିଏ କାହାଣୀ ଶୁଣାଇବା ନିମନ୍ତେ ଅନୁରୋଧ କରିବାରୁ ବସନ୍ତକ ମଧ୍ୟ ଏହି ସୁଲୋଚନା ବାସବଦତ୍ତାଙ୍କର ପତିଭକ୍ତି ବୃଦ୍ଧି କରାଇବା ନିମିତ୍ତ ଗୋଟିଏ ଗଳ୍ପ ଆରମ୍ଭ କଲେ ।

ଗୁହସେନ ଓ ଦେବସ୍ମିତା କଥା

ଏହି ଦେଶରେ ତାମ୍ରଲିପ୍ତ ନାମରେ ଏକ ପ୍ରସିଦ୍ଧ ନଗରୀ ଅଛି । ଏଠାରେ ଧନଦତ୍ତ ନାମକ ଏକ ବିଶାଳ ଧନୀ ବୈଶ୍ୟ ବାସ କରୁଥିଲେ । ସେ ପୁତ୍ରହୀନ ହେତୁ ବଡ ଦୁଃଖୀ ଥିଲେ । ଏକଦା ବହୁ ବ୍ରାହ୍ମଣଙ୍କୁ ଭୋଜନ ଓ ଦକ୍ଷିଣା ପ୍ରଦାନପୂର୍ବକ ସେ ଗୋଟିଏ ପୁତ୍ର ଲାଭ ଉଦ୍ଦେଶ୍ୟରେ ପ୍ରାର୍ଥନା କଲେ । ସେଥିରେ ପ୍ରୀତ ହୋଇ ସେମାନେ କହିଲେ, "ଏହା ଅବା ଗୋଟାଏ କି କଠିନ ବ୍ୟାପାର ? ବ୍ରାହ୍ମଣମାନେ ବେଦବିହିତ କର୍ମଦ୍ୱାରା ସମସ୍ତ ଅସାଧ୍ୟକୁ ସାଧ୍ୟ କରିପାରିଥାଆନ୍ତି ।

ପ୍ରାଚୀନ କାଳରେ ଜଣେ ପୁତ୍ରହୀନ ରାଜା ବାସ କରୁଥିଲେ । ତାଙ୍କର ଏକଶହ ପାଞ୍ଚଜଣ ରାଣୀ ଥିଲେ । ପୁତ୍ରେଷ୍ଟି ଯଜ୍ଞ କରିବା ପରେ ତାଙ୍କର ଜନ୍ତୁ ନାମରେ ଗୋଟିଏ ପୁତ୍ର ଜାତ ହେଲା । ଏହି ଏକମାତ୍ର ସନ୍ତାନ ସମସ୍ତ ରାଣୀମାନଙ୍କର ନୟନ ପିତୁଳା ଥିଲା । ଦିନେ ସେ କୌଣସି ରାଣୀଙ୍କର କୋଳରେ ବସି ଖେଳୁଥିବାବେଳେ ତା'ର ଊରୁ ଦେଶକୁ ଗୋଟିଏ ପିମ୍ପୁଡ଼ି ଦଂଶନ କରିବାରୁ ସେ ଉଚ୍ଚସ୍ୱରରେ କ୍ରନ୍ଦନ କଲା । ସେଥିରେ ସମଗ୍ର ଅନ୍ତଃପୁର ମଧ୍ୟରେ କୋଳାହଳ ଖେଳିଗଲା । ରାଜା ମଧ୍ୟ 'ପୁତ୍ର, ପୁତ୍ର' କହି ଦ୍ରୁତବେଗରେ ଆସି ପହଞ୍ଚିଲେ । ପିମ୍ପୁଡ଼ିଟିକୁ ବାହାର କରିଦେବାରୁ ପିଲାଟି ନୀରବ ହେଲା । ଏଥିରେ ରାଜା ଏକପୁତ୍ରର ପିତାମାତାଙ୍କୁ ଧିକ୍କାର

Digitized by srujanika@gmail.com

କରିବାକୁ ଲାଗିଲେ । ଗୋଟିଏ ପୁତ୍ର ସର୍ବଦା ଦୁଃଖର କାରଣ ହୋଇଥାଏ । ତେଣୁ ବହୁପୁତ୍ର ଲାଭ କରିବା ନିମନ୍ତେ ସେ ପୁଣି ବ୍ରାହ୍ମଣମାନଙ୍କୁ ଜିଜ୍ଞାସା କଲେ । ବ୍ରାହ୍ମଣମାନେ କହିଲେ, 'ହଁ, ଗୋଟିଏ ଉପାୟ ଅଛି । ତୁମର ଏ ପୁତ୍ରଟିକୁ ହତ୍ୟା କରି ତା'ର ମାଂସରେ ଯଜ୍ଞ କରିବାକୁ ହେବ । ଏହି ଯଜ୍ଞଧୂମର ଗନ୍ଧ ଲାଭ କରି ତୁମର ସମସ୍ତ ରାଣୀ ଗର୍ଭବତୀ ହେବେ ଏବଂ ପ୍ରତ୍ୟେକଙ୍କ ଗର୍ଭରୁ ଗୋଟିଏ ଗୋଟିଏ ପୁତ୍ର ଜନ୍ମ ହେବେ । ବ୍ରାହ୍ମଣମାନଙ୍କର ଉପଦେଶ କ୍ରମେ ରାଜା ଯଜ୍ଞାନୁଷ୍ଠାନ କରି ବହୁପୁତ୍ର ଲାଭ କରିଥିଲେ ।"

ଏହା ଶୁଣି ଧନଦତ୍ତ ମଧ୍ୟ ପୁତ୍ରେଷ୍ଟି ଯଜ୍ଞ କରି ଗୋଟିଏ ପୁତ୍ର ଲାଭ କଲେ । ତା'ର ନାମ ରଖିଲେ ଗୁହସେନ । ପୁତ୍ର ପ୍ରାପ୍ତବୟସ୍କ ହେବାରୁ ପିତା ଉପଯୁକ୍ତ ପାତ୍ରୀ ଅନୁସନ୍ଧାନ କରିବାକୁ ଲାଗିଲେ । ଏକଦା ଧନଦତ୍ତ ବାଣିଜ୍ୟ ଛଳରେ ପୁତ୍ରକୁ ନେଇ ଅନ୍ୟ ଦ୍ୱୀପକୁ ପ୍ରସ୍ଥାନ କଲେ । ସେହି ଦ୍ୱୀପର ଧର୍ମଗୁପ୍ତ ବଣିକଙ୍କ କନ୍ୟା ଦେବସ୍ମିତା । ତାଙ୍କ ରୂପ ଓ ଗୁଣରେ ମୁଗ୍ଧ ହୋଇ ସେ ତାଙ୍କ ସହିତ ନିଜ ପୁତ୍ରର ବିବାହ ପ୍ରସ୍ତାବ ଉତ୍ଥାପିତ କଲେ । କିନ୍ତୁ ତାମ୍ରଲିପ୍ତି ବହୁଦୂର ଏବଂ କନ୍ୟାଟି ପିତାଙ୍କର ଏକାନ୍ତ ପ୍ରିୟ ପାତ୍ରୀ ହୋଇଥିବା ଯୋଗୁଁ ଧର୍ମଗୁପ୍ତ ଏଥିରେ ସମ୍ମତ ହେଲେ ନାହିଁ । ଏଣେ ଦେବସ୍ମିତା ଗୁହସେନଙ୍କ ରୂପ ଓ ଗୁଣରେ ଆକୃଷ୍ଟ ହୋଇ ତାଙ୍କ ସହ ଗୁପ୍ତରେ ଚାଲିଯିବା ନିମନ୍ତେ ପ୍ରସ୍ତୁତ ଥିଲେ । କୌଣସି ଅନ୍ତରଙ୍ଗ ସଖୀର ସାହାଯ୍ୟରେ ସେ ନିଜର ପ୍ରାଣପ୍ରିୟ ଗୁହସେନ ଓ ପୂଜ୍ୟାସ୍ପଦ ଶ୍ୱଶୁର ଧର୍ମଦତ୍ତଙ୍କ ସହ ଉକ୍ତ ରଜନୀରେ ତାମ୍ରଲିପ୍ତି ଅଭିମୁଖେ ଯାତ୍ରା କଲେ । ସେଠାରେ ତାଙ୍କର ବିବାହ ସମ୍ପାଦିତ ହେବାରୁ ପରସ୍ପର ନିବିଡ଼ ପ୍ରେମପାଶରେ ଆବଦ୍ଧ ହେଲେ ।

କିଛି ଦିନ ପରେ ପିତାଙ୍କ ପରଲୋକ ହେବାରୁ ଗୁହସେନ ନିଜର ପୈତୃକ ସମ୍ପତ୍ତିର ଉତ୍ତରୋତ୍ତର ବୃଦ୍ଧି କାମନା କଲେ । ଏଥିପାଇଁ ତାଙ୍କର ବନ୍ଧୁମାନେ ତାଙ୍କୁ କଟାହ ଦ୍ୱୀପକୁ ପ୍ରସ୍ଥାନ କରିବା ନିମନ୍ତେ ଉପଦେଶ ଦେଲେ । କିନ୍ତୁ ସେଠାରେ ଅନ୍ୟ ସ୍ତ୍ରୀର ପ୍ରେମପାଶରେ ସେ ଆବଦ୍ଧ ହୋଇ ଯାଇପାରନ୍ତି ବୋଲି ଦେବସ୍ମିତା ଭୟରେ ତାଙ୍କୁ ଅନୁମତି ପ୍ରଦାନ କଲେ ନାହିଁ । ଏକ ଦିଗରେ ବନ୍ଧୁମାନଙ୍କର ଉପଦେଶ ଏବଂ ଅନ୍ୟ ଦିଗରେ ପ୍ରଣୟିନୀଙ୍କର ନିବେଦନ — ଏ ଉଭୟ ମଧ୍ୟରେ ଗୁହସେନ କିଂକର୍ତ୍ତବ୍ୟବିମୂଢ଼

Digitized by srujanika@gmail.com

ହୋଇପଡ଼ିଲେ । ତେଣୁ ସେ ଦେବତାଙ୍କର ନିର୍ଦ୍ଦେଶ ଲାଭ କରିବା ନିମନ୍ତେ ଦେବମନ୍ଦିରକୁ ଯାଇ ଅନାହାରରେ ଆରାଧନା କଲେ । ଏହାଙ୍କର ବ୍ରତପାଳନା ଦେଖି ଦେବସ୍ମିତା ମଧ୍ୟ ଅନୁରୂପ ବ୍ରତ ଆଚରଣ କଲେ । ଏଥିରେ ସନ୍ତୁଷ୍ଟ ହୋଇ ଭଗବାନ ଶଙ୍କର ସ୍ୱପ୍ନରେ ଏମାନଙ୍କୁ ଦର୍ଶନ ଦେଲେ ଏବଂ ଉଭୟଙ୍କୁ ଦୁଇଟି ରକ୍ତପଦ୍ମ ପ୍ରଦାନ କରି କହିଲେ, 'ଗୋଟିଏ ଗୋଟିଏ ପୁଷ୍ପ ତୁମେ ନିଜ ନିଜ ହସ୍ତରେ ଧାରଣ କର । ଦୂରରେ ରହି ତୁମ ମଧ୍ୟରୁ ଜଣେ ଯଦି ନିଜର ସଦାଚାର ପରିତ୍ୟାଗ କରିବ, ତେବେ ଅନ୍ୟର ନିକଟରେ ଥିବା ପୁଷ୍ପଟି ମ୍ଳାନ ହୋଇଯିବ । ନଚେତ୍ ଉଭୟଙ୍କର ପୁଷ୍ପ ସର୍ବଦା ବିକଶିତ ଅବସ୍ଥାରେ ହିଁ ରହିଥିବ, ନିଦ୍ରାତ୍ୟାଗ କରି ଉଭୟେ ନିଜ ନିଜ ହସ୍ତରେ ଗୋଟିଏ ଗୋଟିଏ ରକ୍ତକମଳ ଦେଖିବାକୁ ପାଇଲେ । ଏହା ଦେଖି ଉଭୟଙ୍କ ହୃଦୟ ଉଭୟଙ୍କ ହସ୍ତରେ ରହିଥିବା ପରି ସେମାନେ ଉପଲବ୍ଧି କଲେ ।

ଅଳ୍ପ ଦିନ ପରେ ଗୁହସେନ ଉକ୍ତ ପୁଷ୍ପଟିକୁ ନେଇ କଟାହ ଦ୍ୱୀପକୁ ପ୍ରସ୍ଥାନ କଲେ ଏବଂ ଦେବସ୍ମିତା ଅନ୍ୟ ପୁଷ୍ପଟିକୁ ଗୃହିଁ ଗୃହିଁ ଦିନ ଯାପନ କରିବାକୁ ଲାଗିଲେ । କଟାହ ଦ୍ୱୀପରେ ପହଞ୍ଚି ଗୁହସେନ ବାଣିଜ୍ୟ ବ୍ୟବସାୟ ଆରମ୍ଭ କରିଦେଲେ । ଏହାଙ୍କ ହସ୍ତରେ ସର୍ବଦା ଗୋଟିଏ ବିକଶିତ ରକ୍ତକମଳ ଦେଖି କଟାହ ଦ୍ୱୀପର ଚାରିଜଣ ବଣିକପୁତ୍ର ବିସ୍ମିତ ହେଲେ ଏବଂ ଦିନେ ତାଙ୍କୁ ଯଥେଷ୍ଟ ସୋମରସ ପାନ କରାଇ ତାଙ୍କଠାରୁ ଏହାର ରହସ୍ୟ ଉଦ୍‌ଘାଟନ କଲେ; ପରେ ଦେବସ୍ମିତାଙ୍କ ସତୀତ୍ୱ ନଷ୍ଟ କରିବା ଉଦ୍ଦେଶ୍ୟରେ ସେମାନେ ତାମ୍ରଲିପ୍ତି ଅଭିମୁଖେ ଯାତ୍ରା କଲେ । ସେଠାରେ ଉପସ୍ଥିତ ହୋଇ ଉପାୟ ଚିନ୍ତା କରି କରି ଏମାନେ ଗୋଟିଏ ଜୈନ ମନ୍ଦିରରେ ଯାଇ ପ୍ରବେଶ କଲେ । ଏଠାରେ ଯୋଗ-କରଣ୍ଡିକା ନାମ୍ନୀ ଜଣେ ପରିବ୍ରାଜିକାଙ୍କ ସହ ତାଙ୍କର ପରିଚୟ ହେଲା । ସେମାନେ ତାଙ୍କୁ କହିଲେ, 'ହେ ଦେବି, ତୁମେ ଯଦି ଆମର କାର୍ଯ୍ୟସିଦ୍ଧିରେ ସାହାଯ୍ୟ କର, ତେବେ ତୁମକୁ ପ୍ରଭୂତ ଧନ ଦାନ କରି ସନ୍ତୁଷ୍ଟ କରିବୁ ।' ଏହା ଶୁଣି ସେ କହିଲା, 'ତୁମେ ଯଦି କୌଣସି ସ୍ତ୍ରୀକୁ ବଶୀଭୂତ କରିବା ପାଇଁ ଚାହୁଁଥାଅ ତେବେ ମୁଁ ସଙ୍ଗେ ସଙ୍ଗେ ତାହାର ବ୍ୟବସ୍ଥା କରିଦେବି । ମୋର ଧନ ଲାଳସା ନାହିଁ । ସିଦ୍ଧିକରୀ ନାମରେ ମୋର ଗୋଟିଏ ପ୍ରିୟ ଶିଷ୍ୟା ଅଛି । ତା'ର କୃପାରୁ ମୁଁ ଯଥେଷ୍ଟ ଧନ ସଞ୍ଚୟ କରିପାରିଛି ।' 'ଏହି ଶିଷ୍ୟାଦ୍ୱାରା ତୁମେ କପରି ଏତେ ସମ୍ପତ୍ତି

Digitized by srujanika@gmail.com

ଲଭ କରାପରିଲ' ବୋଲି ବଣିକ ପୁତ୍ରମାନେ ଜିଜ୍ଞାସା କରିବାରୁ ସେ କହିଲି —

ସିଦ୍ଧି କଥା

ଏକଦା ଉତ୍ତରାପଥରୁ ଜଣେ ବଣିକ ଏଠାକୁ ଆସିଥିଲେ । ମୋର ଚତୁର ଶିଷ୍ୟା କୌଣସି ଉପାୟରେ ଯାଇ ତାଙ୍କ ଗୃହରେ ବାସ କଲା । ସେ ନିଜର ରୂପକୁ ପରିବର୍ତ୍ତନ କରି ସେବିକାର ରୂପ ଧାରଣ କଲା । ଧୀରେ ଧୀରେ ସେ ସେହି ବଣିକଙ୍କର ବିଶ୍ୱାସର ପାତ୍ରୀ ହୋଇପଡ଼ିଲା ଏବଂ ଦିନେ ଅତି ପ୍ରଭାତରୁ ସେ ବଣିକଙ୍କର ସମସ୍ତ ରତ୍ନଭଣ୍ଡାର ଲୁଣ୍ଠନ କରି ପଳାୟନ କଲା । ନଗରରୁ ବହିର୍ଭୂତ ହୋଇ ଦ୍ରୁତବେଗରେ ଆସୁଥିବାବେଳେ କୌଣସି ଗୋଟିଏ ଡମ୍ବ (ନୀଚଜାତିର ବ୍ୟକ୍ତି) ତା'ଠାରୁ ଧନତକ ଅପହରଣ କରିନେବା ନିମନ୍ତେ ତା'ର ଅନୁସରଣ କଲା । ଧୂର୍ତ୍ତା ସିଦ୍ଧିକରୀ ଏହା ଜାଣିପାରି ଗୋଟିଏ ବଟବୃକ୍ଷ ନିକଟରେ ଉପସ୍ଥିତ ହୋଇ ଅତି ନମ୍ରଭାବରେ ଡମ୍ବକୁ କହିଲା, 'ଆଜି ମୁଁ ନିଜ ସ୍ୱାମୀଙ୍କ ସହ କଳହ କରି ଆତ୍ମହତ୍ୟା କରିବା ନିମନ୍ତେ ଗୃହ ଛାଡ଼ିଛି । ତେଣୁ ହେ ଭଦ୍ର ! ତୁମେ ଏଥିରେ ମୋତେ ସାହାଯ୍ୟ କରି ମୋ ପାଇଁ ଗୋଟିଏ ମୃତ୍ୟୁପାଶ ପ୍ରସ୍ତୁତ କରିଦିଅ ।' ମୂର୍ଖ ଡମ୍ବ ଏହା ଶୁଣି 'ସେ ତ ନିଜେ ଆତ୍ମହତ୍ୟା କରିବ, ମୁଁ କାହିଁକି ଅଯଥା ସ୍ତ୍ରୀ ହତ୍ୟା ଦୋଷରେ ଲିପ୍ତ ହେବି' ଭାବି ସେହି ବୃକ୍ଷ ଶାଖାରେ ଗୋଟିଏ ରଜ୍ଜୁପାଶ ବନ୍ଧନ କରିଦେଲା । ଏହା ଦେଖି ସିଦ୍ଧିକରୀ ଅତି ନିରୀହ ଭାବରେ ତାକୁ କହିଲା, 'ଏହା ସାହାଯ୍ୟରେ କିପରି ଆତ୍ମହତ୍ୟା କରାଯାଏ, ମୋତେ ଜଣା ନାହିଁ । ତୁମେ ମୋତେ ଶିଖାଇ ଦିଅ ।' ଏଥିରେ ମୂର୍ଖ ଡମ୍ବ ବିଶ୍ୱାସ କରି ଗୋଟିଏ ମୃଦଙ୍ଗ ଉପରେ ଉଠି ମୃତ୍ୟୁପାଶଟିକୁ ନିଜ ଗଳାରେ ବନ୍ଧ କଲା । ଏହା ଦେଖି ସିଦ୍ଧିକରୀ ସଙ୍ଗେ ସଙ୍ଗେ ପଦାଘାତପୂର୍ବକ ମୃଦଙ୍ଗଟିକୁ ସ୍ଥାନାନ୍ତରିତ କରିବା ଫଳରେ ଡମ୍ବର ପଞ୍ଚତ୍ୱପ୍ରାପ୍ତି ହେଲା ।

ଏହି ସମୟରେ ସେହି ବଣିକ ନିଜର ଭୃତ୍ୟ ସହ ତାକୁ ଖୋଜି ଖୋଜି ସେଠାରେ ଆସି ଉପସ୍ଥିତ ହେଲେ । କିନ୍ତୁ ଦୂରରୁ ସିଦ୍ଧିକରୀକୁ ସେ ଦେଖିପାରିଲେ ନାହିଁ । ସିଦ୍ଧିକରୀ ତାଙ୍କୁ ଦେଖି ବୃକ୍ଷ ଉପରକୁ

Digitized by srujanika@gmail.com

ଉଠିଗଲା ଏବଂ ପତ୍ର ଗହଳରେ ନିଜକୁ ଲୁକ୍‌କାୟିତ କଲା । ବଣିକ ତାକୁ ସେଠାରେ ନପାଇ ନିଜର ଭୃତ୍ୟକୁ ବୃକ୍ଷ ଉପରେ ଆରୋହଣ କରିବା ନିମନ୍ତେ ଆଦେଶ ଦେଲେ । ସିଦ୍ଧିକରୀ ତାକୁ ନିକଟବର୍ତ୍ତୀ ହେବା ଦେଖି ଚତୁରତା ସହ କହିଲା, 'ହେ ସୁନ୍ଦର, ପ୍ରକୃତରେ ମୁଁ ତୁମ ପ୍ରତି ଆସକ୍ତ । ଅସ ଏହି ଧନ ଗ୍ରହଣ କର ଏବଂ ମୋର ଶରୀର ମଧ ଭୋଗ କର ।' ଏହା କହି ସେ ଭୃତ୍ୟକୁ ଆଲିଙ୍ଗନପୂର୍ବକ ଚୁମ୍ବନ ପ୍ରଦାନ କରିବା ସମୟରେ ଦନ୍ତାଘାତ ଦ୍ୱାରା ତାର ଜିହ୍ୱାଟିକୁ ବିଖଣ୍ଡିତ କରିଦେଲା । ଏଥିରେ ଭୟଙ୍କର ଯନ୍ତ୍ରଣା ପାଇ ରକ୍ତମୁଖ ଭୃତ୍ୟ ଉକ୍ତ ବୃକ୍ଷରୁ ଅବତରଣ କରି ଲ···ଲ···ଲ · କହି ଅସ୍ପଷ୍ଟ ସ୍ୱରରେ ନିଜର ବକ୍ତବ୍ୟ ପ୍ରକାଶ କଲା । ବଣିକ ନିଜ ଭୃତ୍ୟର ଏତାଦୃଶ ଅବସ୍ଥା ଏବଂ ମୃତ୍ୟୁପାଶରେ ବିଲମ୍ବିତ ଉମ୍ବର ଶବ ଦର୍ଶନ କରି ଭୟଭୀତ ହୋଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲା । ଏହାପରେ ତପସ୍ୱିନୀ ସିଦ୍ଧିକରୀ ସମସ୍ତ ସମ୍ପତ୍ତି ସହ ମୋ ନିକଟରେ ଆସି ଉପସ୍ଥିତ ହେଲା । ସେ ଅତି ବିଚକ୍ଷଣା ଓ ପ୍ରତିଭାଶାଳିନୀ । ଏହିପରି କଥାବାର୍ତ୍ତା କରୁଥିବା ସମୟରେ ସିଦ୍ଧିକରୀ ସେଠାରେ ଉପସ୍ଥିତ ହୁଅନ୍ତେ ପରିବ୍ରାଜିକା ସେମାନଙ୍କ ସହ ତାକୁ ପରିଚିତ କରାଇ ଦେଇ କହିଲା, 'ବର୍ତ୍ତମାନ ତୁମର ଅଭିଳାଷ ବ୍ୟକ୍ତ କର । କେଉଁ ସ୍ତ୍ରୀ ପ୍ରତି ତୁମର ଆସକ୍ତି ବୃଦ୍ଧି ପାଇଛି ? ମୁଁ ସଙ୍ଗେ ସଙ୍ଗେ ତୁମର ନିକଟରେ ଆଣି ତାକୁ ଉପସ୍ଥିତ କରାଇବି ।' ଏହା ଶୁଣି ବୈଶ୍ୟପୁତ୍ରମାନେ କହିଲେ, 'ଗୁହସେନଙ୍କ ପତିବ୍ରତା ପତ୍ନୀ ଦେବସ୍ମିତାଙ୍କ ସହ ଆମର କପଟ ସହବାସ ହେବ, ତା'ର ବ୍ୟବସ୍ଥା କର ।' ଏହି କାର୍ଯ୍ୟ ସିଦ୍ଧ କରିବା ନିମନ୍ତେ ପରିବ୍ରାଜିକା ପ୍ରତିଜ୍ଞାବଦ୍ଧ ହୋଇ ସେମାନଙ୍କୁ ସ୍ୱଗୃହରେ ହିଁ ଆଶ୍ରୟ ଦେଇ ସତ୍କାର କଲା ।

ଗୁହସେନ ଓ ଦେବସ୍ମିତା କଥା (ପୁନରାବୃତ୍ତି)

ସେମାନେ ସେଠାରେ ରହିବା ପରେ ଯୋଗ-କରଣ୍ଡିକା ନିଜର ଶିଷ୍ୟା ସିଦ୍ଧିକରୀ ସହ ଦେବସ୍ମିତାଙ୍କ ଗୃହରେ ଯାଇ ଉପସ୍ଥିତ ହେଲା । ଏମାନଙ୍କୁ ଦେଖି ଦ୍ୱାରଦେଶରେ ଥିବା ଶ୍ୱାନଗଣ ଗର୍ଜ୍ଜନ କରି ଉଠିଲେ । ଦେବସ୍ମିତା ନିଜର ପରିଚାରିକାଙ୍କ ସାହାଯ୍ୟରେ ଏମାନଙ୍କୁ ଗୃହ ମଧ୍ୟକୁ ନେଇ ଯଥୋଚିତ ସତ୍କାର କଲେ ଏବଂ ଶଙ୍କିତ ମନରେ ଏମାନଙ୍କ ଆଗମନର

Digitized by srujanika@gmail.com

କାରଣ ଜିଜ୍ଞାସା କଲେ । ଏଥିରେ ପାପିଷ୍ଠା ପରିବ୍ରାଜିକା କହିଲା, 'ଚିରଦିନରୁ ତୁମକୁ ସାକ୍ଷାତ କରିବାର ଅଭିଳାଷ ମୋର ଥିଲା । ଆଜ ତୁମକୁ ସ୍ୱପ୍ନରେ ଦୁଃଖିତମନା ଦେଖି ଉତ୍କଣ୍ଠିତ ହୋଇ ଚାଲି ଆସିଲି । ପତିଙ୍କ ବିଚ୍ଛେଦରେ ତୁମର ସୁନ୍ଦର ରୂପ ଓ କ୍ଷଣସ୍ଥାୟୀ ଯୌବନ ବ୍ୟର୍ଥ ।' ଏହିପରି ବହୁ ସମୟ ପର୍ଯ୍ୟନ୍ତ ସେ ଦେବସ୍ମିତାଙ୍କ ସହ କଥୋପକଥନ କରି ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କଲା ।

ଦ୍ୱିତୀୟ ଦିନ ପୁଣି ଲଙ୍କାଗୁଣ୍ଡମିଶ୍ରିତ କିଛି ମାଂସ ନେଇ ସେ ଦେବସ୍ମିତାଙ୍କ ଗୃହକୁ ବାହାରିଲା । ଦ୍ୱାରଦେଶରେ ଥିବା ଶ୍ୱାନମାନଙ୍କୁ ଏହି କିଛି ମାଂସ ଖଣ୍ଡ ପ୍ରଦାନ କରି ସେ ଗୃହ ମଧ୍ୟରେ ପ୍ରବେଶ କଲା । ଶ୍ୱାନଗୁଡ଼ିକ ତାହା ଖାଇବା ଫଳରେ ସେମାନଙ୍କ ଚକ୍ଷୁରୁ ଅବିରଳ ଅଶ୍ରୁ ବହିବାକୁ ଲଗିଲା । କୁଟ୍ଟିନୀ ପରିବ୍ରାଜିକା ମଧ୍ୟ ଅଶ୍ରୁପୂର୍ଣ୍ଣ ନୟନରେ ଦେବସ୍ମିତାଙ୍କ ନିକଟରେ ଉପସ୍ଥିତ ହେବାରୁ ସେ ତା'ର କାରଣ ଜିଜ୍ଞାସା କଲେ । ଏହାର ଉତ୍ତରରେ କୁଟ୍ଟିନୀ କହିଲା, 'ବାହାରେ ଥିବା ଶ୍ୱାନଗୁଡ଼ିକୁ ଦେଖ । ସେମାନଙ୍କର ଅଶ୍ରୁମୋଚନ ଦେଖି ମୁଁ ମଧ୍ୟ ଲୋତକ ସମ୍ବରଣ କରିପାରିଲି ନାହିଁ ।' ଏହା ଶୁଣି ସେ ଶ୍ୱାନଗୁଡ଼ିକୁ ଦେଖିବାକୁ ଗଲେ ଏବଂ ସେମାନଙ୍କ ଚକ୍ଷୁରେ ଲୋତକ ଦେଖି ବିସ୍ମିତ ହେଲେ । ଏହି ସମୟରେ ପୁଣି ପରିବ୍ରାଜିକା ଆରମ୍ଭ କଲା, 'ପୂର୍ବଜନ୍ମରେ ଏହି ଶ୍ୱାନଗୁଡ଼ିକ ଏବଂ ମୁଁ କୌଣସି ବ୍ରାହ୍ମଣଙ୍କର ପତ୍ନୀ ଥିଲୁ । ଆମର ପତି ରାଜକର୍ମଚାରୀ ଥିବାରୁ ଥରେ ରାଜାଙ୍କ ଆଦେଶରେ ସେ ଦୂର ଦେଶକୁ ଚାଲିଗଲେ । ଏହାଙ୍କ ପ୍ରବାସ କାଳରେ ମୁଁ ଯଥେଚ୍ଛା ଭାବରେ ପରପୁରୁଷ ସଙ୍ଗମ କରି ନିଜର ଇନ୍ଦ୍ରିୟମାନଙ୍କୁ ଆନନ୍ଦ ପ୍ରଦାନ କରୁଥିଲି । ଶରୀରସ୍ଥ ପଞ୍ଚଭୂତ ଓ ଇନ୍ଦ୍ରିୟମାନଙ୍କୁ ଦମନ ନକରିବା ହିଁ ଧର୍ମ । ଏହି ପୁଣ୍ୟ ପ୍ରଭାବରୁ ଏ ଜନ୍ମରେ ମୁଁ ଜାତିସ୍ମର ହୋଇପାରିଛି । ମୋର ସପତ୍ନୀମାନେ ନିଜର ଇନ୍ଦ୍ରିୟମାନଙ୍କୁ ଦମନ କରି ନିଜର ସତୀତ୍ୱ ରକ୍ଷା କରିଥିବା ଯୋଗୁଁ ଏ ଜନ୍ମରେ ଶ୍ୱାନ ଯୋନିରେ ଜନ୍ମ ଲାଭ କରିଛନ୍ତି । କିନ୍ତୁ ଏମାନଙ୍କର ମଧ୍ୟ ପୂର୍ବଜନ୍ମର କଥା ସ୍ମରଣ ଅଛି ।' ଏହା ଶୁଣି ବୁଦ୍ଧିମତୀ ଦେବସ୍ମିତା ଏହାର କୁତ୍ସିତ ମନୋଭାବ ଜାଣିପାରି କିଛି ନଜାଣିଲା ପରି କହିଲେ, 'ଦେବି, ଆଜି ପର୍ଯ୍ୟନ୍ତ ମୁଁ ଏହି ଧର୍ମ କଥା ଜାଣି ନଥିଲି କିନ୍ତୁ ଆଜି ଆପଣଙ୍କ କୃପାରୁ ଜାଣିପାରିଛି । ତେଣୁ ଆପଣ କୌଣସି ସୁନ୍ଦର

ପୁରୁଷ ସହ ମୋର ସଙ୍ଗମ କରାଇ ମୋତେ କୃତାର୍ଥ କରନ୍ତୁ ।' ଏଥିରେ ଆନନ୍ଦିତ ହୋଇ ପରିବ୍ରାଜିକା କହିଲା, 'ଦ୍ୱୀପାନ୍ତରରୁ କେତେକ ବୈଶ୍ୟକୁମାର ଆସିଛନ୍ତି । ଏଠାରେ ହିଁ ସେମାନେ ବାସ କରୁଅଛନ୍ତି । ମୁଁ ତୁମ ସକାଶେ କୌଶଳରେ ସେମାନଙ୍କୁ ନେଇ ଆସିବି ।' ଏହା କହି ପରିବ୍ରାଜିକା ନିଜ ଗୃହକୁ ଫେରିଗଲା ।

ଏଣେ ଦେବସ୍ମିତା ନିଜର ଦାସୀମାନଙ୍କୁ ଡାକି ନିଃଶଙ୍କଚିତ୍ତରେ କହିଲେ, 'ମୋର ପତିଙ୍କ ହସ୍ତରେ ସଦା ବିକଶିତ ରକ୍ତକମଳକୁ ଦେଖି କେତେକ ଦୁଷ୍ଟ ମୋର ଚରିତ୍ର ନଷ୍ଟ କରିବା ନିମନ୍ତେ ଏଠାକୁ ଆସିଛନ୍ତି । ଏମାନେ ହିଁ ଏହି ଦୁଷ୍ଟା ପରିବ୍ରାଜିକା ଏବଂ ପାପିନୀ ତପସ୍ୱିନୀ ସିଦ୍ଧିକରୀକୁ ଆପୃତ୍ତ କରିଅଛନ୍ତି । ତେଣୁ ତୁମେ କିଛି ଧୁତୁରାଚୂର୍ଣ୍ଣମିଶ୍ରିତ ମଦ୍ୟ ନେଇ ଆସ । ଲୌହ ନିର୍ମିତ ଗୋଟିଏ ଶ୍ୱାନ ପାଦ ମଧ୍ୟ ଏହା ସହ ନେଇ ଆସିବ ।' ପରିଚାରିକାମାନେ ସ୍ୱାମିନୀଙ୍କ ଆଦେଶାନୁସାରୀ ସମସ୍ତ ଯୋଗାଡ଼ କଲେ ଏବଂ ଜଣେ ଦେବସ୍ମିତାଙ୍କ ରୂପ ଧାରଣ କରି ଛଦ୍ମବେଶରେ ତାଙ୍କ ଶୟନାଗାରରେ ବସି ରହିଲା ।

ସେହି କୁଟ୍ଟିନୀଠାରୁ ଦେବସ୍ମିତାଙ୍କର ସ୍ୱୀକୃତି ଶୁଣି ବଣିକପୁତ୍ରମାନେ 'ମୁଁ ଯିବି, ମୁଁ ଯିବି' କହି କଳହ ଆରମ୍ଭ କଲେ । କିନ୍ତୁ ପରିବ୍ରାଜିକା ସେଥିରୁ ଜଣକୁ ନିଜର ଶିଷ୍ୟାର ଛଦ୍ମବେଶରେ ନେଇ ଦେବସ୍ମିତାଙ୍କ ଗୃହରେ ଉପସ୍ଥିତ ହେଲା । ସନ୍ଧ୍ୟା ସମୟରେ ତାକୁ ଶୟନାଗାର ମଧ୍ୟରେ ପ୍ରବେଶ କରାଇ ସେ ଗୁପ୍ତରେ ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କଲା । ଏହି ବୈଶ୍ୟପୁତ୍ରକୁ ଦେଖି ଦେବସ୍ମିତାଙ୍କ ଛଦ୍ମବେଶ ଧାରଣ କରି ଅପେକ୍ଷା କରିଥିବା ଦାସୀ ତାକୁ ଯଥେଷ୍ଟ ଧୁତୁରାଚୂର୍ଣ୍ଣମିଶ୍ରିତ ମଦ୍ୟପାନ କରାଇ ଅଚେତ କରିଦେଲା । ଦାସୀମାନେ ସେହି ଚେତନାଶୂନ୍ୟ ବୈଶ୍ୟପୁତ୍ରର ଶରୀରରୁ ସମସ୍ତ ଆଭରଣ ଓ ଆଚ୍ଛାଦନ ବାହାର କରି ଦେଇ ତାକୁ ଉଲଗ୍ନ କରିଦେଲେ ଏବଂ ତାହାର ମସ୍ତକରେ ଉତ୍ତପ୍ତ ଶ୍ୱାନପାଦର ଚିହ୍ନ ଅଙ୍କିତ କଲେ । ଏହାପରେ ତାକୁ ନେଇ ଏକ ବିଷ୍ଠାକୁଣ୍ଡ ମଧ୍ୟରେ ନିକ୍ଷେପ କଲେ । ସେହି କୁଣ୍ଡରେ ପଡ଼ିଥିବା ବୈଶ୍ୟପୁତ୍ର ପ୍ରଭାତରେ ଚେତନା ଲାଭ କରି ଜାଣିଲା ଯେ ସେ ତାର ପାପର ଉପଯୁକ୍ତ ଫଳ ଲାଭ କରିଛି । ବହୁ କଷ୍ଟରେ

Digitized by srujanika@gmail.com

ତା ମଧ୍ୟରୁ ବହିର୍ଗତ ହୋଇ ସ୍ନାନ ସାରି କପୋଳଦେଶରେ ଅଙ୍କିତ ଶ୍ୱାନପାଦ ଚିହ୍ନକୁ ହସ୍ତଦ୍ୱାରା ଗୁପ୍ତ ରଖି ଉଲଗ୍ନ ଭାବରେ ଯାଇ ପରିବ୍ରାଜିକାର ଗୃହରେ ପହଞ୍ଚିଲା । 'କେବଳ ମୁଁ କାହିଁକି ଏପରି ହାସ୍ୟର ପାତ୍ର ହେବି' ଭାବି ସେ କହିଲା ଯେ ରାତିରେ ମୁଁ ଦେବସ୍ମିତାଙ୍କ ଗୃହରୁ ଫେରୁଥିବା ସମୟରେ ଦସ୍ୟୁମାନେ ମୋତେ ଆକ୍ରମଣ କରି ମୋର ଏ ଦୁର୍ଦ୍ଦଶା କରିଛନ୍ତି । 'ରାତି ଜାଗରଣ ଓ ମଦ୍ୟପାନ ଫଳରେ ମୋର ଶିରୋପୀଡ଼ା ଜାତ ହୋଇଅଛି' କହି ସେ ମସ୍ତକରେ ଖଣ୍ଡେ ପଟି ବାନ୍ଧି ଶୋଇଗଲା ।

ଦ୍ୱିତୀୟ ଦିନ ଦ୍ୱିତୀୟ ବୈଶ୍ୟପୁତ୍ର ଯାଇ ଅନୁରୂପ ଦୁର୍ଦ୍ଦଶା ଭୋଗ କଲା । ଉଲଗ୍ନାବସ୍ଥାରେ ଫେରିଆସି ସେ ମଧ୍ୟ ଦସ୍ୟୁମାନଙ୍କଦ୍ୱାରା ଆକ୍ରାନ୍ତ ହେଲ ବୋଲି କହି ଖଣ୍ଡ ପଟି ବାନ୍ଧି ଶୋଇଗଲା । ଏହିପରି ସମସ୍ତେ ଏ ପ୍ରକାର ଦୁର୍ଦ୍ଦଶା ଲାଭ କଲେ କିନ୍ତୁ ପରସ୍ପର ପରସ୍ପରଠାରୁ ଏହା ଗୁପ୍ତ ରଖିବା ପାଇଁ ଚେଷ୍ଟା କଲେ । ଲଜ୍ଜିତ ଓ ଅପମାନିତ ହୋଇ ସେମାନେ ପରିବ୍ରାଜିକାକୁ ଏ ସମ୍ପର୍କରେ କିଛି ନକହି ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ।

ଏଣେ ଯୋଗ-କରଣ୍ଡିକା ନିଜର ମନୋରଥପୂର୍ଣ୍ଣ ହେବାରୁ ପ୍ରସନ୍ନ ମନରେ ଦେବସ୍ମିତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ସିଦ୍ଧିକରୀ ସହ ଯାଇ ତାଙ୍କ ଗୃହରେ ପହଞ୍ଚିଲା । ଦେବସ୍ମିତା ତାଙ୍କୁ ଅଭିବାଦନ ଜ୍ଞାପନ କରି ଏହି ଧୁତୁରାମିଶ୍ରିତ ମଦ୍ୟ ପାନ କରିବା ନିମିତ୍ତ ପ୍ରଦାନ କଲେ । ଏହାପରେ ଆସବମତ୍ତ ଏହି ପରିବ୍ରାଜିକା ଓ ତାର ଶିଷ୍ୟାର ନାସିକା ଓ କର୍ଣ୍ଣଚ୍ଛେଦନ କରି ତାଙ୍କୁ ଉକ୍ତ ବିଷ୍ଠାକୁଣ୍ଡ ମଧ୍ୟରେ ନିକ୍ଷେପ କଲେ ।

'ଏହି ଦୁଷ୍ଟ ବୈଶ୍ୟପୁତ୍ରମାନେ ନିଜ ଦେଶକୁ ଯାଇ ମୋର ପତିଙ୍କ ଅନିଷ୍ଟ କରିପାରନ୍ତି' ବୋଲି ଚିନ୍ତାକରି ଦେବସ୍ମିତା ଏହା ନିଜ ଶାଶୁଙ୍କୁ ମଧ୍ୟ ଜଣାଇଲେ । ଶାଶୁ କହିଲେ, 'ତୁ ଯାହା କରିଛୁ ଠିକ୍ କରିଛୁ । କିନ୍ତୁ ଏଥିରେ ମୋର ପୁତ୍ରର ଅନିଷ୍ଟ ଘଟିପାରେ ।' ଏହା ଶୁଣି ଦେବସ୍ମିତା କହିଲେ, 'ପୂର୍ବେ ଯେପରି ଶକ୍ତିମତୀ ନିଜର ପତିଙ୍କୁ ରକ୍ଷା କରିଥିଲେ, ମୁଁ ସେପରି ମୋର ପତିଙ୍କୁ ରକ୍ଷା କରିବି ।' ଏହା ଜାଣିବା ପାଇଁ ତାଙ୍କ ଶାଶୁ ଆଗ୍ରହ ପ୍ରକାଶ କରିବାରୁ ସେ ଆରମ୍ଭ କଲେ—

Digitized by srujanika@gmail.com

ସମୁଦ୍ରଦତ୍ତ ଓ ଶକ୍ତିମତୀ କଥା

ଏହି ରାଜ୍ୟର ଆମ ନଗର ମଧ୍ୟରେ ମଣିଭଦ୍ର ନାମକ ଏକ ବିଶାଳ ଯକ୍ଷମୂର୍ତ୍ତି ଅଛି । ତାଙ୍କ ପାଇଁ ସେଠାରେ ଏକ ମନ୍ଦିର ମଧ୍ୟ ନିର୍ମିତ ହୋଇଛି । ନଗରବାସୀ ଏହି ମନ୍ଦିରକୁ ଯାଇ ନିଜ ନିଜର କାର୍ଯ୍ୟସିଦ୍ଧି ନିମନ୍ତେ ବିଭିନ୍ନ ଉପହାର ପ୍ରଦାନ କରିଥାଆନ୍ତି । ଅନ୍ୟ ସ୍ତ୍ରୀ ସହ କୌଣସି ପୁରୁଷ ଏହି ମନ୍ଦିର ମଧ୍ୟରେ ପ୍ରବେଶ କରି ଧୃତ ହେଲେ, ତାଙ୍କୁ ରାତିସାରା ଏହା ମଧ୍ୟରେ ବନ୍ଦୀ କରି ରଖାଯାଇ ପ୍ରାତଃକାଳରେ ସେହି ସ୍ତ୍ରୀ ସହ ରାଜସଭାକୁ ନିଆଯାଏ । ରାଜା ସମସ୍ତ ବୃତ୍ତାନ୍ତ ଶ୍ରବଣ କରି ଦୋଷୀକୁ ପ୍ରାଣଦଣ୍ଡ ପ୍ରଦାନ କରନ୍ତି । ଏହା ହିଁ ସେହି ନଗରର ବ୍ୟବସ୍ଥା ।

ଦିନେ ଏହି ମନ୍ଦିର ମଧ୍ୟରେ ସମୁଦ୍ରଦତ୍ତ ନାମକ ଜଣେ ବଣିକଙ୍କୁ ଅନ୍ୟ ସ୍ତ୍ରୀ ସହ ପ୍ରହରୀମାନେ ଆବିଷ୍କାର କଲେ । ପ୍ରହରୀମାନଙ୍କ ଆଦେଶରେ ତାଙ୍କୁ ସେହି ସ୍ତ୍ରୀ ସହ ମନ୍ଦିର ମଧ୍ୟରେ ଆବଦ୍ଧ କରି ରଖାଗଲା ଏବଂ ବାହାରୁ ଅର୍ଗଳ ବନ୍ଦ କରାଗଲା । ଏହି ବୃତ୍ତାନ୍ତ ସମୁଦ୍ରଦତ୍ତଙ୍କର ଅତି ବୁଦ୍ଧିମତୀ ଓ ପତିବ୍ରତା ସ୍ତ୍ରୀ ଶୁଣିବାକୁ ପାଇ ସଙ୍ଗେ ସଙ୍ଗେ ନିଜର ସଖୀ ଓ ପରିଚାରିକା-ମାନଙ୍କ ସହ ଉପାସନା ସାମଗ୍ରୀ ନେଇ ମନ୍ଦିରକୁ ଗମନ କଲା । ମନ୍ଦିରରେ ଥିବା ପୂଜକ ବହୁ ଦକ୍ଷିଣା ଲାଭ ଆଶାରେ ନଗରରକ୍ଷକଙ୍କଠାରୁ ଆଦେଶ ଆଣି ମନ୍ଦିରର ଦ୍ୱାର ଉନ୍ମୁକ୍ତ କଲା । ସେ ମନ୍ଦିର ମଧ୍ୟରେ ପ୍ରବେଶ କରି କୌଣସି ସ୍ତ୍ରୀ ସହ ନିଜର ପତିଙ୍କୁ ସେଠାରେ ଦେଖିବାକୁ ପାଇଲା ଏବଂ ତତ୍ପରତାର ସହ ନିଜର ବେଶଭୂଷାରେ ସେହି ସ୍ତ୍ରୀକୁ ଭୂଷିତ କରି ବାହାରକୁ ପଠାଇଦେଲା । ପ୍ରଭାତରୁ ରାଜାଙ୍କର ଦୂତମାନେ ଆସି ସମୁଦ୍ରଦତ୍ତଙ୍କୁ ନିଜର ସ୍ତ୍ରୀ ସହ ଦେଖିବାକୁ ପାଇଲେ । ଏହି ସମ୍ବାଦ ରାଜାଙ୍କ କର୍ଣ୍ଣଗୋଚର ହେବାରୁ ସେ ସମୁଦ୍ରଦତ୍ତଙ୍କୁ ମୁକ୍ତକଲେ ଏବଂ ନଗରରକ୍ଷକଙ୍କୁ ଭ୍ରାନ୍ତ ସମ୍ବାଦ ପ୍ରଦାନ କରିଥିବା ଦୋଷରେ ଦଣ୍ଡିତ କଲେ ।

‘ଶକ୍ତିମତୀ ଯେପରି ନିଜର ପତିଙ୍କୁ ରକ୍ଷା କରିଥିଲା ମୁଁ ମଧ୍ୟ ସେହିପରି ମୋର ପତିଙ୍କୁ ରକ୍ଷା କରିବି’ ବୋଲି ନିଜର ଶାଶୁଙ୍କୁ ଏକାନ୍ତରେ କହି ଦେବସ୍ମିତା ଗୋପନରେ ନିଜର ସଖୀମାନଙ୍କ ସହ ବଣିକର ଛଦ୍ମବେଶ

Digitized by srujanika@gmail.com

ଧାରଣ କଲେ । ବାଣିଜ୍ୟ କରିବା ଛଳରେ ଜାହାଜ ନେଇ ସେ କଟାହ ଦ୍ୱୀପରେ ପହଞ୍ଚିଲେ ଏବଂ ମୂର୍ତ୍ତିମାନ୍ ଧୈର୍ଯ୍ୟ ତୁଲ୍ୟ ବିପଣୀ ମଧ୍ୟରେ ଉପବିଷ୍ଟ ହୋଇଥିବା ଗୁହସେନଙ୍କୁ ଦେଖିବାକୁ ପାଇ ଆନନ୍ଦିତ ହେଲେ । ଗୁହସେନ ଏହି ଛଦ୍ମବେଶରେ ପତ୍ନୀଙ୍କୁ ଚିହ୍ନିପାରିଲେ ନାହିଁ ।

ଏହାପରେ ଦେବସ୍ମିତା କଟାହ ଦ୍ୱୀପର ରାଜାଙ୍କ ନିକଟକୁ ଯାଇ ପ୍ରାର୍ଥନାପୂର୍ବକ ନିବେଦନ କଲେ ଯେ ଦ୍ୱୀପର ଆବାଳବୃଦ୍ଧବନିତା ସମସ୍ତଙ୍କୁ ଏକତ୍ରିତ କଲେ ସେ ଗୋଟିଏ ପ୍ରାର୍ଥନା କରିବେ । ରାଜା ଏଥିରେ ସମ୍ମତ ହୋଇ ସମସ୍ତଙ୍କୁ ଏକତ୍ରିତ କରି ଛଦ୍ମବେଶୀ ଦେବସ୍ମିତାଙ୍କୁ କହିଲେ, 'ବର୍ତ୍ତମାନ ତୁମର ପ୍ରାର୍ଥନା ପ୍ରକାଶ କର ।' ଉତ୍ତରରେ ଦେବସ୍ମିତା କହିଲେ, 'ମୋର ଚାରିଜଣ ଭୃତ୍ୟ ଏଠାକୁ ଚାଲିଆସିଛନ୍ତି । ସେମାନଙ୍କୁ ମୋତେ ପୁଣି ଅର୍ପଣ କରନ୍ତୁ ।' ଏଥିରେ ରାଜା କହିଲେ ଯେ ଏଠାରେ ସମସ୍ତ ଜନତା ଏକତ୍ରିତା ତୁମେ ତା ମଧ୍ୟରୁ ସେମାନଙ୍କୁ ଚିହ୍ନଟ କର । ଏହା ଶୁଣି ଦେବସ୍ମିତା ନିଜ ଗୃହରେ ଦଣ୍ଡିତ ହୋଇ ମସ୍ତକରେ ପଗଡ଼ି ଧାରଣ କରିଥିବା ଚାରିଜଣ ବଣିକପୁତ୍ରଙ୍କୁ ଚିହ୍ନଟ କଲେ । ଏହା ଦେଖି ଉପସ୍ଥିତ ଜନତା ଉତ୍ତ୍ୟକ୍ତ ହୋଇ ଉଠି ଏକ ସ୍ୱରରେ କହିଲେ, 'ଏମାନେ ତ ଜାହାଜ ବ୍ୟବସାୟୀଙ୍କ ପୁତ୍ର, ତୁମର ଦାସ କପରି ହେଲେ ?' ଦେବସ୍ମିତା ପ୍ରତ୍ୟୁତ୍ତରରେ କହିଲେ, 'ଯଦି ଆପଣମାନଙ୍କର ବିଶ୍ୱାସ ନ ହେଉଛି, ତା' ହେଲେ ଏମାନଙ୍କର ମସ୍ତକରୁ ଆବରଣ ଖୋଲି ଦେଖନ୍ତୁ ମୁଁ ଅଙ୍କିତ କରିଥିବା ଶ୍ୱାନପାଦ ଚିହ୍ନ ଏମାନଙ୍କ ମସ୍ତକରେ ନିଶ୍ଚୟ ଥିବ ।' ଏହା ପରୀକ୍ଷିତ ହୋଇ ସତ୍ୟତା ପ୍ରତିପାଦିତ ହେବାରୁ ସେମାନେ ଲଜ୍ଜିତ ହେଲେ ଏବଂ ରାଜା ବିସ୍ମୟର ସହିତ ଏହି ରହସ୍ୟ ଜାଣିବା ପାଇଁ ଇଚ୍ଛୁକ ହେଲେ । ଦେବସ୍ମିତା ସମସ୍ତ ବୃତ୍ତାନ୍ତ ଆମୂଳଚୂଳ ବର୍ଣ୍ଣନା କରି ଶୁଣାଇ ଦେବାରୁ ଜନତା ଏମାନଙ୍କୁ ଉପହାସ କଲେ । ରାଜା ଦେବସ୍ମିତାଙ୍କୁ ସମ୍ମାନର ସହିତ ଏମାନଙ୍କ ଅର୍ଜିତ ସମ୍ପତ୍ତି ପ୍ରଦାନ କରି ଏମାନଙ୍କୁ ଦାସତ୍ୱରୁ ମୁକ୍ତ କଲେ । ସେ ନିଜେ ମଧ୍ୟ ଦେବସ୍ମିତାଙ୍କୁ ବହୁ ଧନ ପ୍ରଦାନ କରି ବଣିକପୁତ୍ରମାନଙ୍କର ଦଣ୍ଡବିଧାନ କଲେ ।

ଏହିପରି ଦେବସ୍ମିତା ଜନତାଦ୍ୱାରା ପ୍ରଶଂସିତା ହୋଇ ପ୍ରଭୂତ ସମ୍ପତ୍ତି ଓ ନିଜର ପତିଙ୍କ ସହ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ସେହିଦିନଠାରୁ ତାଙ୍କର ଆଉ ପତିବିୟୋଗ ଘଟିନାହିଁ ।

Digitized by srujanika@gmail.com

ହେ ଦେବି ! ଉଚ୍ଚକୁଳଜାତ ରମଣୀମାନେ ଏହିପରି ଧୀର ଓ ଉଦାର ଚରିତ୍ରବତୀ ହୋଇଥାଆନ୍ତି; ଅନନ୍ୟପତିପରାୟଣା ହୋଇ ଲୋକରେ ପ୍ରଶଂସିତ ମଧ୍ୟ ହୋଇଥାଆନ୍ତି । କାରଣ ପତି ହିଁ ନାରୀମାନଙ୍କର ପରମ ଦେବତା ।

ବାସବଦତ୍ତା, ବସନ୍ତକଙ୍କଠାରୁ ଏହି କଥା ଶ୍ରବଣ କରିବା ପରେ ନିଜର ପିତୃଗୃହର ଚିନ୍ତା ପରିତ୍ୟାଗ କରି ଉଦୟନଙ୍କ ପ୍ରତି ପ୍ରଗାଢ଼ ପ୍ରେମ ଓ ଭକ୍ତି ପ୍ରକାଶ କଲେ ।

Digitized by srujanika@gmail.com

ଷଷ୍ଠ ତରଙ୍ଗ

ଉଦୟନଙ୍କ କଥା (କ୍ରମଶଃ)

କିଛି ଦିନ ସେହି ଶବରପଲ୍ଲୀରେ ବାସ କଲାପରେ ଦିନେ ଚଣ୍ଡ-ମହାସେନଙ୍କ ଦୂତ ଆସି ପ୍ରଣାମପୂର୍ବକ ଉଦୟନଙ୍କୁ କହିଲା, 'ମହାରାଜ, ଚଣ୍ଡମହାସେନ ମୋଦ୍ୱାରା କହିଛନ୍ତି, ଆପଣ ବାସବଦତ୍ତାଙ୍କୁ ହରଣ କରି ଉଚିତ କର୍ମ ହିଁ କରିଛନ୍ତି । କେବଳ ସେଥିପାଇଁ ମୁଁ ଆପଣଙ୍କୁ ବନ୍ଦୀ କରି ଉଜ୍ଜୟିନୀକୁ ନେଇ ଯାଇଥିଲି । ଆପଣ ବନ୍ଦୀ ଅବସ୍ଥାରେ ଥିଲାବେଳେ ମୁଁ ସ୍ୱତଃପ୍ରବୃତ୍ତ ହୋଇ ଆପଣଙ୍କୁ କନ୍ୟା ପ୍ରଦାନ କରିଥିଲେ, ଆପଣ ଏତେ ଆନନ୍ଦିତ ହୋଇ ନ ଥାଆନ୍ତେ । ତେଣୁ ହେ ରାଜନ୍, ମୋର କନ୍ୟାର ବିବାହ ଯେପରି ଅବୈଧାନିକ ନହୁଏ, ସେଥିପାଇଁ କିଛି ସମୟ ଅପେକ୍ଷା କରନ୍ତୁ । ଶୀଘ୍ର ମୋର ପୁତ୍ର ଗୋପାଳକ ଯାଇ ନିଜ ଭଗିନୀର ବିବାହ ଆପଣଙ୍କ ସହ ସମ୍ପନ୍ନ କରାଇବ ।' ଏହି ସନ୍ଦେଶ ବତ୍ସରାଜଙ୍କୁ ପ୍ରଦାନ କରି ଦୂତ ତାହା ବାସବଦତ୍ତାଙ୍କ ନିକଟରେ ମଧ୍ୟ ପ୍ରକାଶ କଲା । ଏହା ଶୁଣି ପ୍ରସନ୍ନଚିତ୍ତା ବାସବ-ଦତ୍ତାଙ୍କ ସହ ପ୍ରସନ୍ନଚିତ୍ତ ଉଦୟନ କୌଶାମ୍ବୀ ଯାତ୍ରା କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ । ଗୋପାଳକ ପହଞ୍ଚିବା ପର୍ଯ୍ୟନ୍ତ ପୁଳିନ୍ଦକ ଓ ଦୂତଙ୍କୁ ସେଠାରେ ଅପେକ୍ଷା କରିବା ନିମନ୍ତେ ନିର୍ଦ୍ଦେଶ ଦେଇ ଉଦୟନ ମହା ସମାରୋହରେ ମନ୍ତ୍ରୀ, ସେନାପତି ଓ ସେନାବାହିନୀ ସହ କୌଶାମ୍ବୀ ଅଭିମୁଖରେ ଅଗ୍ରସର ହେଲେ । ରାଜାଙ୍କ ପଶ୍ଚାତ୍‌ଦେଶରେ ମଦୋନ୍ମତ୍ତ ହସ୍ତୀଗୁଡ଼ିକ ବିନ୍ଧ୍ୟାଚଳ ସଦୃଶ ଗମନ କରୁଥିଲେ । ଅଶ୍ୱପଦାଘାତ ଧ୍ୱନି ଶୁଣି ମନେ ହେଉଥିଲା ସତେ ଯେପରି ପୃଥିବୀ ବନ୍ଦୀଭାବରେ ରାଜାଙ୍କର ଜୟଗାନ କରୁଥିଲା । ସୈନ୍ୟ-ମାନଙ୍କର ପଦାଘାତରେ ଉତ୍ଥିତ ଧୂଳିପଟଳ ମଧ୍ୟ ଦେବରାଜ ଇନ୍ଦ୍ରଙ୍କ ମନରେ ପକ୍ଷଯୁକ୍ତ ପର୍ବତର ଭ୍ରମ ଜାତ କରୁଥିଲା । ଏହିପରି ନିରନ୍ତର ଯାତ୍ରା କରି ରାଜା ଦ୍ୱିତୀୟ ଦିନ ପ୍ରଭାତରେ ରାଜଧାନୀରେ ଉପସ୍ଥିତ ହୋଇ ରୁମଣ୍ୱାନ୍‌ଙ୍କ ଗୃହରେ ରାତି ଯାପନ କଲେ । ପରଦିନ ରାଜା ବାସବଦତ୍ତାଙ୍କ ସହ

Digitized by srujanika@gmail.com

ନିଜ ପ୍ରାସାଦରେ ଯାଇ ଉପସ୍ଥିତ ହେଲେ । ରାଜପଥର ଉଭୟ ବାଗରେ ନଗରବାସୀମାନେ ରାଜାଙ୍କର ଜୟଧ୍ୱନି କରୁଥାଆନ୍ତି । ରାଜାଙ୍କ ଆଗମନରେ ପ୍ରଫୁଲ୍ଲିତ ପୁରନାରୀମାନଙ୍କ ମଙ୍ଗଳଧ୍ୱନି କଣ୍ଠରୁ ଶୁଣା ଯାଉଥାଏ । ଏହା ଶୁଣି ମନେ ହେଉଥାଏ ସତେ ଯେପରି ନଗରୀ ରାଣୀ ନିଜେ ନିଜର ସ୍ୱାମୀଙ୍କ ଆଗମନରେ ଉତ୍ଫୁଲ୍ଲିତ ହୋଇ ମଙ୍ଗଳଗାନ କରୁଅଛି । ମହାରାଣୀ ବାସ-ବଦତ୍ତାଙ୍କ ସହ ଉଦୟନଙ୍କୁ ଦେଖି ଜନତା, ମେଘ ଦର୍ଶନରେ ମୟୂର ଭୁଲ୍ୟ ନୃତ୍ୟ କରିବାକୁ ଲାଗିଲେ । ନଭଃସ୍ପର୍ଶୀ ଅଟ୍ଟାଳିକାଗୁଡ଼ିକ ଉପରେ ଦଣ୍ଡାୟମାନା ପୁରନାରୀମାନଙ୍କ ମୁଖପଦ୍ମଦ୍ୱାରା ସମଗ୍ର ନଭୋମଣ୍ଡଳ ଆଚ୍ଛାଦିତ ହୋଇଗଲା । ଏହାପରେ ନଗରଯାତ୍ରା ସମାପନ କରି ଉଦୟନ ଦ୍ୱିତୀୟ ରାଜଲକ୍ଷ୍ମୀ ଭୁଲ୍ୟ ବାସବଦତ୍ତାଙ୍କ ସହ ନିଜ ଭବନରେ ପ୍ରବେଶ କଲେ । ସାମନ୍ତ ରାଜାମାନଙ୍କର ହର୍ଷଧ୍ୱନି ଓ ବନ୍ଦୀମାନଙ୍କର ଗୀତସ୍ୱର ରାଜପ୍ରାସାଦର ନିଦ୍ରାଭଙ୍ଗ କଲାପରି ମନେହେଲା । ରାଜଭବନରେ ପହଞ୍ଚିବା ସମୟରେ ଗୋପାଳକ ମଧ୍ୟ ପୁଳିନ୍ଦକ ଓ ରାଜଦୂତ ସହ ଆସି ଉପସ୍ଥିତ ହେବାରୁ ରାଜା ନିଜେ ଯାଇ ତାଙ୍କୁ ସ୍ୱାଗତ କଲେ । ବାସବଦତ୍ତାଙ୍କ ହର୍ଷୋତ୍ଫୁଲ୍ଲ ନୟନ ଯୁଗଳ ଆନନ୍ଦାଶ୍ରୁରେ ଅର୍ଦ୍ରୀଭୂତ ହୋଇପଡ଼ିଲା । ସେ ନିଜକୁ କୃତକୃତ୍ୟ ମନେ କଲେ ।

ଦ୍ୱିତୀୟ ଦିନ ବିବାହ କ୍ରିୟା ମହା ଆଡ଼ମ୍ବରରେ ସମ୍ପନ୍ନ ହେଲା । ଗୋପାଳକ ସମଗ୍ର ଦିନ ଏଥିରେ ବ୍ୟସ୍ତ ରହିଲେ । ରତିରୂପୀ ନବୀନ ଲତାରୁ ଜାତ ହୋଇଥିବା ନୂତନ ପଲ୍ଲବ ଭୁଲ୍ୟ ବାସବଦତ୍ତାଙ୍କ କୋମଳ କରପଲ୍ଲବକୁ ରାଜା ଉଦୟନ ଗ୍ରହଣ କରି ନିଜକୁ ମହା ଭାଗ୍ୟବାନ୍ ମନେ କଲେ । ଉଦୟନଙ୍କ ସ୍ପର୍ଶରେ ବାସବଦତ୍ତାଙ୍କ ଶରୀରରେ କମ୍ପ ଓ ସ୍ୱେଦ ଜାତ ହେଲା । ମନେ ହେଲା କାମଦେବ ଯେପରି ନିରନ୍ତର ସମ୍ମୋହନ ଅସ୍ତ୍ର ସହ ବାରୁଣ ଓ ବାୟବ୍ୟ ଅସ୍ତ୍ର ମଧ୍ୟ ବୃଷ୍ଟି କରୁଛନ୍ତି । ଅଗ୍ନି ପ୍ରଦକ୍ଷିଣ ସମୟରେ ଧୂମଜନିତ ଈଷତ୍ ରକ୍ତିମ ବାସବଦତ୍ତାଙ୍କ ଚକ୍ଷୁଯୁଗଳ ମଦବିଘୂର୍ଣ୍ଣିତ ବୋଲି ମନେ ହେଉଥାଏ । ଏହି ଅବସରରେ ଗୋପାଳକଙ୍କଦ୍ୱାରା ଯୌତୁକ ଓ ଅନ୍ୟାନ୍ୟ ସାମନ୍ତ ରାଜାଙ୍କଦ୍ୱାରା ପ୍ରଦତ୍ତ ବହୁମୂଲ୍ୟ ଉପହାର ରାଜଭଣ୍ଡାରକୁ କୁବେର ଭଣ୍ଡାରରେ ପରିଣତ କଲା । ବିବାହିତ ବରବଧୂ ପ୍ରଥମେ ଲୋକମାନଙ୍କ ଚକ୍ଷୁରେ ପ୍ରବେଶ କରି ପରେ ଶୟନାଗାରରେ ପ୍ରବେଶ କଲେ ।

Digitized by srujanika@gmail.com

ଇତ୍ୟବସରରେ ଗୋପାଳକ ଓ ପୁଳନ୍ଦକଙ୍କୁ ଶୋଭାଯାତ୍ରାରେ ସମ୍ମାନିତ କରାଗଲା । ମିତ୍ରରାଜା ଓ ପ୍ରତିଷ୍ଠିତ ନାଗରିକମାନଙ୍କର ଚର୍ଚ୍ଚା କରିବା ଭାର ରୁମଣ୍ୱାନ୍ ଓ ଯୌଗନ୍ଧରାୟଣଙ୍କ ଉପରେ ନ୍ୟସ୍ତ କରାଗଲା । ଏହି ସମୟରେ ଯୌଗନ୍ଧରାୟଣ ରୁମଣ୍ୱାନ୍‌ଙ୍କୁ କହିଲେ, 'ରାଜା ଆମକୁ ଅତି କଠିନ କାର୍ଯ୍ୟରେ ନିଯୁକ୍ତ କରିଛନ୍ତି, କାରଣ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ସମ୍ଭବପର ନୁହେଁ । ଅପ୍ରସନ୍ନ ବାଳକ ମଧ୍ୟ ମନରେ କ୍ଷୋଭ ଓ ଦୁଃଖ ଜାତ କରେ । ଏହି ସମ୍ପର୍କରେ ବାଳବିନଷ୍ଟକର କଥା ମୋର ସ୍ମରଣ ହେଉଅଛି ।'

ବାଳବିନଷ୍ଟକ କଥା

ପ୍ରାଚୀନ କାଳରେ ରୁଦ୍ରଶର୍ମା ନାମରେ ଜଣେ ବ୍ରାହ୍ମଣ ଥିଲେ । ତାଙ୍କର ଦୁଇଟି ସ୍ତ୍ରୀ । ଜଣେ ପୁତ୍ରଟିଏ ପ୍ରସବ କରି ମୃତ୍ୟୁବରଣ କରିବାରୁ ଅନ୍ୟ ଜଣକ ତାର ଲାଳନପାଳନ ଭାର ଗ୍ରହଣ କଲେ । ଯେତେବେଳେ ବାଳକଟି ବୟଃପ୍ରାପ୍ତ ହେଲା, ସେତେବେଳେ ସାବତ ମା' ସର୍ବଦା ତାଙ୍କୁ ଶୁଷ୍କ ଓ ପର୍ଯ୍ୟୁଷିତ ଖାଦ୍ୟ ହିଁ ଖାଇବାକୁ ଦେଉଥିଲା । ତା ଫଳରେ ବାଳକଟିର ଶରୀର ରକ୍ତହୀନ ଓ ଉଦର ବୃହଦାକାର ହୋଇପଡ଼ିଲା । ଏହା ଦେଖି ରୁଦ୍ରଶର୍ମା ନିଜର ପତ୍ନୀକୁ କହିଲେ, 'ତୁ ଏହାକୁ ମାତୃହୀନ ବୋଲି ଅନାଦର କରିବା ଅନୁଚିତ ।' ଉତ୍ତରରେ ସେ କହିଲା, 'ସ୍ନେହ ଆଦରରେ ଲାଳନପାଳନ କଲେ ହେଁ ସ୍ୱାସ୍ଥ୍ୟର ଉନ୍ନତି ହେଉ ନାହିଁ । ମୁଁ ବା କଣ କରିବି ?' ଏଥିରେ ରୁଦ୍ରଶର୍ମା ବିଶ୍ୱାସ କରି ଏହାର ସନ୍ତାନଟି ବିନଷ୍ଟ ହୋଇଯିବ ଭାବି ତା'ର ନାମ ବାଳବିନଷ୍ଟକ ରଖିଥିଲେ ।

ବାଳକଟି ବୃଦ୍ଧି ଲାଭ କରିବାରୁ ଚିନ୍ତାକଲା ଯେ 'ମାତା ତାଙ୍କର ନିଜ ପୁତ୍ରକୁ ଯତ୍ନରେ ପାଳନ କରି ମୋର ଅନାଦର କରୁଛନ୍ତି । ତେଣୁ ଏହାର ପ୍ରତିଶୋଧ ନେବା ଆବଶ୍ୟକ ।' ସେ ପାଞ୍ଚବର୍ଷ ବୟସ୍କ ହେଲେ ହେଁ ଅତି ବୁଦ୍ଧିମାନ୍ ଥିଲା । ଏପରି ଚିନ୍ତାକରି ସେ ଦିନେ ରାଜଭବନରୁ ଫେରୁଥିବା ପିତାଙ୍କୁ ଅସ୍ପଷ୍ଟ ସ୍ୱରରେ କହିଲା, 'ପିତା, ମୋର ଦୁଇଟି ପିତା ଅଛନ୍ତି ।' ଏହା ଶୁଣି ରୁଦ୍ରଶର୍ମା ନିଜ ସ୍ତ୍ରୀକୁ ନଷ୍ଟଚରିତ୍ର ମନେକରି ସ୍ପର୍ଶ ମଧ୍ୟ କଲେ ନାହିଁ । ଏଥିରେ ସେ ସ୍ତ୍ରୀ ମଧ୍ୟ ଚିନ୍ତାକଲା, 'ମୋର ପତି ହଠାତ୍ ଏପରି କୁଦ୍ଧ

Digitized by srujanika@gmail.com

ହେଲେ କାହିଁକି ? ଅବଶ୍ୟ ଏହି ବାଳ-ବିନଷ୍ଟକ ହିଁ କିଛି କରିଅଛି ।' ତହିଁରେ ସେ ଅତି ଆଦରରେ ବାଳବିନଷ୍ଟକଙ୍କୁ ସ୍ନାନାହାର କରାଇ ନିଜ କୋଳରେ ନେଇ ବସାଇଲେ ଏବଂ ପ୍ରେମପୂର୍ଣ୍ଣଭାବରେ ପଚାରିଲେ, 'ତୁ ତୋର ପିତାଙ୍କୁ କଣ କହିଲୁ ଯେ ସେ ଆଉ ମୋତେ ଆଦର କରୁନାହାନ୍ତି ।' ଏହା ଶୁଣି ବାଳକ କହିଲା, 'ବର୍ତ୍ତମାନ ମୁଁ ଏହାଠାରୁ ଅଧିକ ମଧ୍ୟ କିଛି କରିବି । କାରଣ ତୁମେ ତୁମ ପୁଅ ପ୍ରତି ଯେପରି ଆଦର ପ୍ରକାଶ କରୁଛ, ମୋ ପ୍ରତି ସେପରି କରୁନାହଁ ଏବଂ ମୋତେ ସର୍ବଦା କଷ୍ଟ ଦେବା ପାଇଁ ଚେଷ୍ଟା କରୁଛ ।' ଏ ପ୍ରକାର ଉତ୍ତର ଶୁଣି ବ୍ରାହ୍ମଣୀ ଶପଥ କରି କହିଲା, 'ମୁଁ ଆଉ କେବେ ଏପରି କରିବି ନାହିଁ । ତୁ ତୋର ପିତାଙ୍କୁ ମୋ ପ୍ରତି ପୁଣି ପ୍ରସନ୍ନ କରାଇ ଦେ ।' ତା' ପରେ ସେ ବାଳକ କହିଲା, 'ଯେତେବେଳେ ପିତା ଘରକୁ ଫେରିବେ ସେତେବେଳେ ତୁମେ ତୁମ ଦାସୀଦ୍ୱାରା ତାଙ୍କୁ ଗୋଟିଏ ଦର୍ପଣ ଦେଖାଇ ଦେବ । ତା ପରେ ମୁଁ ସବୁ ଠିକ୍ କରିନେବି ।' ବ୍ରାହ୍ମଣୀ ଦାସୀକୁ ତାଙ୍କ ଅନୁରୂପ ନିର୍ଦ୍ଦେଶ ଦେଲା । ରୁଦ୍ରଶର୍ମା ଘରେ ପହଞ୍ଚିବା ମାତ୍ରେ ଦାସୀ ନେଇ ତାଙ୍କୁ ଦର୍ପଣଟିଏ ଦେଖାଇଲା । ଏହି ସମୟରେ ଏଥିରେ ପ୍ରତିଫଳିତ ରୁଦ୍ରଶର୍ମାଙ୍କର ପ୍ରତିବିମ୍ବକୁ ଦେଖି ବାଳବିନଷ୍ଟକ କହିଲା, 'ଏ ହିଁ ମୋର ଦ୍ୱିତୀୟ ପିତା ।' ବାଳକର କଥା ଶୁଣି ବ୍ରାହ୍ମଣ ମନରୁ ସନ୍ଦେହ ଦୂର କରି ନିଜ ସ୍ତ୍ରୀଙ୍କ ପ୍ରତି ପୁଣି ପ୍ରସନ୍ନ ହେଲେ । ଏହିପରି ଗୋଟିଏ ବାଳକ ମଧ୍ୟ ଅସନ୍ତୁଷ୍ଟ ହୋଇ ଅନର୍ଥ ଘଟାଇପାରେ । ତେଣୁ ଆମକୁ ଅତି ସତର୍କ ରହିବାକୁ ହେବ ।

ଏହା କହି ଯୌଗନ୍ଧରାୟଣ ଓ ରୁମଣ୍ୱାନଙ୍କ ଉତ୍ସବରେ ସମ୍ମିଳିତ ଅତିଥିମାନଙ୍କୁ ସାବଧାନତା ସହ ଏପରି ସତ୍କାର କଲେ ଯେ ପ୍ରତ୍ୟେକେ ତାଙ୍କୁ ହିଁ ପ୍ରାଧାନ୍ୟ ଦିଆଯାଉଛି ବୋଲି ମନେ କଲେ । ଶେଷରେ ରାଜା ନିଜେ ଯୌଗନ୍ଧରାୟଣ, ରୁମଣ୍ୱାନ୍ ଓ ବସନ୍ତକଙ୍କୁ ମୂଲ୍ୟବାନ୍ ବସ୍ତ୍ର, ଆଭୂଷଣ, ପାନ, ଭୋଜନ ଓ ଗ୍ରାମ ଦାନ କରି ସାଦର ପୁରସ୍କୃତ କଲେ ।

ବିବାହ ପରେ ବାସବଦତ୍ତା ଓ ଉଦୟନଙ୍କ ପ୍ରୀତି ଗାଢ଼ରୁ ଗାଢ଼ତର ହେବାକୁ ଲାଗିଲା । ଗୋପାଳକ ପୁଣି ଆସିବା ନିମନ୍ତେ ପ୍ରତିଶ୍ରୁତି ଦେଇ ପିତାଙ୍କ ଆଦେଶରେ ଉଜ୍ଜୟିନୀ ଫେରିଗଲେ ।

Digitized by srujanika@gmail.com

ବତ୍ସରାଜ ଉଦୟନ ପୂର୍ବରୁ ଅନ୍ତଃପୁରର ବିରଚିତା ନାମ୍ନୀ କୌଣସି ଦାସୀ ସହ ଗୁପ୍ତପ୍ରେମରେ ଲିପ୍ତଥିଲେ । ଦିନେ ସେ ଭ୍ରାନ୍ତିବଶତଃ ତାର ନାମ ଉଚ୍ଚାରଣ କରିବାରୁ ବାସବଦତ୍ତାଙ୍କ ଚରଣ ସ୍ପର୍ଶ କରି ତାଙ୍କର ଅଭିମାନ ଦୂର କରିବାକୁ ପଡ଼ିଥିଲା । ଉଦୟନଙ୍କ ଅଶ୍ରୁରେ ସିକ୍ତ ହୋଇ ବାସବଦତ୍ତା ନିଜକୁ ସୌଭାଗ୍ୟ-ସାମ୍ରାଜ୍ୟର ଲକ୍ଷ୍ମୀ ବୋଲି ମନେ କଲେ ।

ଆଉ ଦିନେ ବାସବଦତ୍ତାଙ୍କ ସଖୀରୂପେ ଆସିଥିବା ବନ୍ଧୁମତୀ ନାମକ ରାଜକୁମାରୀଙ୍କୁ ଉଦୟନ ଗାନ୍ଧର୍ବରୀତିରେ ବିବାହ କରୁଥିଲେ । ବାସବଦତ୍ତା ଅନ୍ତରାଳରେ ରହି ଏହି ରହସ୍ୟ ଦର୍ଶନ କଲେ । ସେହି ରାଜକୁମାରୀ ମଞ୍ଜୁଳିକା ନାମରେ ସେଠାରେ ବାସ କରୁଥିଲେ ଏବଂ ଅନନ୍ୟସୁନ୍ଦରୀ ଥିଲେ । ଏହି ବିବାହର ପ୍ରଧାନ ଆୟୋଜକ ବସନ୍ତକ ବୋଲି ଜାଣିପାରି ବାସବଦତ୍ତା ତାଙ୍କୁ ବନ୍ଦୀ କରି କାରାରୁଦ୍ଧ କଲେ । ତେଣୁ ରାଜା ନିଜର ଶ୍ୱଶୁର ଗୃହରୁ ଆସିଥିବା ସାଂକୃତ୍ୟାୟନୀ ନାମ୍ନୀ ପରିବ୍ରାଜିକାଙ୍କର ଶରଣାଗତ ହେଲେ । ସେ ତାଙ୍କୁ ସନ୍ତୁଷ୍ଟ କରି ତାଙ୍କଦ୍ୱାରା ବାସବଦତ୍ତାଙ୍କ ଅଭିମାନ ଦୂର କଲେ । ପରିବ୍ରାଜିକାଙ୍କ ଆଦେଶରେ ବାସବଦତ୍ତା ଉଦୟନ ଓ ବନ୍ଧୁମତୀଙ୍କ ବିବାହରେ ସମ୍ମତି ପ୍ରଦାନ କଲେ ଏବଂ ବସନ୍ତକଙ୍କୁ କାରାମୁକ୍ତ କଲେ । ସତୀ ସ୍ତ୍ରୀମାନଙ୍କର ହୃଦୟ ପ୍ରକୃତରେ କୋମଳ ଅଟେ ।

ମୁକ୍ତିଲାଭ କରି ବସନ୍ତକ ହସି ହସି କହିଲେ, 'ଅପରାଧ ତ ବନ୍ଧୁମତୀ କଲେ, କିନ୍ତୁ ମୋତେ କାହିଁକି କାରାବରଣ କରିବାକୁ ପଡ଼ିଲା । ବିଷଧର ସର୍ପ ଉପରେ କ୍ରୁଦ୍ଧ ହୋଇ ଆପଣ ଡୁଣ୍ଡୁଭକୁ (ଧଣ୍ଡାସାପ) ପ୍ରହାର କରୁଛନ୍ତି ମାନ ।' ଏହା ଶୁଣି ବାସବଦତ୍ତା ଆଦେଶ ଦେଲେ, 'ଉଦାହରଣଟିକୁ ବିସ୍ତୃତରୂପେ ବ୍ୟାଖ୍ୟା କର ।'

ରୁରୁ ଓ ପ୍ରମଦ୍‌ବରା କଥା

ବସନ୍ତକ କଥା ଆରମ୍ଭ କରି କହିଲେ — 'ପ୍ରାଚୀନ କାଳରେ ରୁରୁକୁମାର ନାମରେ ଜଣେ ମୁନିକୁମାର ଥିଲେ । ଏକଦା ଭ୍ରମଣ କରୁ କରୁ ବାଟରେ

Digitized by srujanika@gmail.com

ସେ ଜଣେ ଅଦ୍ଭୁତ ସୁନ୍ଦରୀ କନ୍ୟାଙ୍କୁ ଦେଖିବାକୁ ପାଇଲେ । ସେହି କନ୍ୟା କୌଣସି ବିଦ୍ୟାଧରର ଔରସରୁ ଏବଂ ଅପ୍ସରା ମେନକାଙ୍କ ଗର୍ଭରୁ ଜନ୍ମଗ୍ରହଣ କରି ମହର୍ଷି ସ୍ଥୂଳକେଶଙ୍କ ଆଶ୍ରମରେ ଲାଳିତପାଳିତ ହେଉଥିଲେ । ରୁରୁ ଏହାଙ୍କ ପ୍ରତି ଆସକ୍ତ ହୋଇ ସ୍ଥୂଳକେଶଙ୍କ ନିକଟକୁ ଯାଇ କନ୍ୟାଟିକୁ ପ୍ରଦାନ କରିବା ନିମନ୍ତେ ପ୍ରାର୍ଥନା କଲେ । ସ୍ଥୂଳକେଶ ମଧ୍ୟ ଏଥିରେ ସମ୍ମତି ପ୍ରଦାନ କଲେ । ବିବାହ ତିଥି ନିର୍ଣ୍ଣୀତ ହେଲା । କିନ୍ତୁ ଦୁର୍ଭାଗ୍ୟବଶତଃ କନ୍ୟାଟି ସର୍ପାଘାତରେ ମୃତ୍ୟୁବରଣ କଲା । ସେତେବେଳେ ମୁନିକୁମାର ଦୈବବାଣୀ ଶୁଣିଲେ ଯେ 'ତୁମେ ନିଜ ଆୟୁଷରୁ ଯଦି ଅର୍ଦ୍ଧେକ ଦାନ କରିପାରିବ, ତା' ହେଲେ ସେ ଜୀବିତ ହୋଇଉଠିବେ ।' ରୁରୁ ନିଜ ଆୟୁଷରୁ ଅର୍ଦ୍ଧେକ ଦେଇ ତାଙ୍କୁ ଜୀବିତ କଲେ ଏବଂ ତାଙ୍କ ସହ ବିବାହ କଲେ ।

କିନ୍ତୁ ସେହିଦିନଠାରୁ ରୁରୁ ସର୍ପମାନଙ୍କ ପ୍ରତି କ୍ରୋଧାନ୍ୱିତ ହୋଇ ଉଠିଲେ । ସେ ସର୍ପଟିଏ ଦେଖିବା ମାତ୍ରେ ତାକୁ ସଙ୍ଗେ ସଙ୍ଗେ ହତ୍ୟା କରୁଥିଲେ । ଦିନେ ସେ ଉପବନ ମଧ୍ୟରେ ବିହାର କରୁ କରୁ ଏକ ଜଳାଶୟ ନିକଟରେ ଆସି ଉପସ୍ଥିତ ହେଲେ । ସେଠାରେ ଗୋଟିଏ ଡୁଣ୍ଡୁଭ ତାଙ୍କର ଦୃଷ୍ଟିପଥାରୂଢ଼ ହେଲା । ସେ ତାକୁ ହତ୍ୟା କରିବା ନିମନ୍ତେ ଉଦ୍ୟତ ହୁଅନ୍ତେ ସେ ତାଙ୍କୁ ମନୁଷ୍ୟ ସ୍ୱରରେ କହିଲା, 'ତୁମେ ସର୍ପ ଜାତି ଉପରେ ଯଦି କ୍ରୁଦ୍ଧ, ତା'ହେଲେ ଆମକୁ କାହିଁକି ହତ୍ୟା କରୁଛ ? ସର୍ପ ଓ ଡୁଣ୍ଡୁଭ ଉଭୟେ ପୃଥକ୍ ଜାତୀୟ । ସର୍ପ ସର୍ବଦା ବିଷାକ୍ତ ଏବଂ ଡୁଣ୍ଡୁଭ ବିଷହୀନ ।' ଏହା ଶୁଣି ରୁରୁ ତାକୁ 'ତୁମେ କିଏ ?' ବୋଲି ପ୍ରଶ୍ନ କଲେ । ଉତ୍ତରରେ ସେ କହିଲା, 'ମୁଁ ଜଣେ ଶାପଗ୍ରସ୍ତ ମୁନି । ଆପଣଙ୍କ ସହ ବାର୍ତ୍ତାଳାପ କରିବା ପର୍ଯ୍ୟନ୍ତ ମୋର ଶାପର ଅବଧି ଥିଲା ।' ଏହା କହି ସେ ଅଦୃଶ୍ୟ ହୋଇଗଲା ଏବଂ ସେହିଦିନଠାରୁ ରୁରୁ ଡୁଣ୍ଡୁଭମାନଙ୍କୁ ହତ୍ୟା କରିବାରୁ ନିବୃତ୍ତ ହେଲେ ।

ମହାରାଣୀ ! କେବଳ ଉପମା ଦେଇ କହିଲି ଯେ ଆପଣ ସର୍ପ ଉପରେ କ୍ରୁଦ୍ଧ ହୋଇ ଡୁଣ୍ଡୁଭକୁ ପ୍ରହାର କରିବା ବ୍ୟର୍ଥ । ଏ ପ୍ରକାର ବିନୋଦମିଶ୍ରିତ ଗଳ୍ପ କହି ବସନ୍ତକ ଚାଲିଯିବା ପରେ ବାସବଦତ୍ତା ଏହାଙ୍କ ପ୍ରତି ପ୍ରସନ୍ନ ଓ ସନ୍ତୁଷ୍ଟ ହେଲେ । ଉଦୟନ ମଧ୍ୟ କୃତକର୍ମ ପାଇଁ ଅନୁତପ୍ତ ହେଲେ ।

Digitized by srujanika@gmail.com

ଏହିପରି କାମାନ୍ଧ ଉଦୟନ, କୁପିତା ବାସବଦତ୍ତାଙ୍କ ଚରଣରେ ମଧୁ-ମଧୁର ପ୍ରାର୍ଥନା କରି ଏବଂ ବିଦୂଷକ ବସନ୍ତକଙ୍କ ହାସ୍ୟ-କୁଶଳତାରେ ଅନୁରଞ୍ଜିତ ହୋଇ ବାସବଦତ୍ତାଙ୍କ ସହ ମହା ଆନନ୍ଦରେ ଜୀବନଯାପନ କରିବାକୁ ଲଗିଲେ । ମହାମନ୍ତ୍ରୀ ଯୌଗନ୍ଧରାୟଣ, ସେନାପତି ରୁମଣ୍ୱାନ, ବନ୍ଧୁ ପୁଳନ୍ଦକ ପ୍ରଭୃତିଙ୍କଦ୍ୱାରା ରାଜ୍ୟ ସୁରକ୍ଷିତ ହେଉଥିବାରୁ ରାଜ୍ୟଶାସନ ଚିନ୍ତା ତାଙ୍କର ଚିତ୍ତବୃତ୍ତିକୁ ଆଲୋଡ଼ିତ କରିପାରୁ ନଥିଲା । କହିବା ବାହୁଲ୍ୟ ଯେ ଏହି ବ୍ୟସନୀ ରାଜାଙ୍କର ରସନା ସର୍ବଦା ଆସବଯୁକ୍ତ, ଶ୍ରବଣେନ୍ଦ୍ରିୟ ବୀଣାର ସୁମଧୁର ଧ୍ୱନିଯୁକ୍ତ ଏବଂ ଦର୍ଶନେନ୍ଦ୍ରିୟ ବାସବଦତ୍ତାଙ୍କ ଅପରୂପ ସୌନ୍ଦର୍ଯ୍ୟଯୁକ୍ତ ହୋଇ ରହିଥିଲା ।

Digitized by srujanika@gmail.com

ତୃତୀୟ ସର୍ଗ

"ନିର୍ବିଘ୍ନବିଶ୍ୱନିର୍ମାଣସିଦ୍ଧୟେ ଯଦନୁଗ୍ରହମ୍
ମନ୍ୟେ ସ ବେବ୍ର ଧାତାପି ତସ୍ମୈ ବିଘ୍ନକୃତେ ନମଃ ।"
ଆଶ୍ଳିଷ୍ୟମାଣଃ ପ୍ରିୟୟା ଶଙ୍କରୋଽପି ଯଦାଜ୍ଞୟା
ଉଲ୍ଲଂଘତେ ସ ଭୁବନଂ ଜୟତ୍ୟସମଶାୟକଃ ।"

Digitized by srujanika@gmail.com

ପ୍ରଥମ ତରଙ୍ଗ

ବତ୍ସରାଜ ଉଦୟନ କଥା (କ୍ରମଶଃ)

ଏହିପରି ସାଂସାରିକ ସୁଖ ଉପଭୋଗ କରୁଥିବା ଉଦୟନ ଏକମାତ୍ର ବାସବଦତ୍ତାଙ୍କ ପ୍ରୀତିରେ ନିମଜ୍ଜିତ ରହିଲେ ଏବଂ ପ୍ରଧାନମନ୍ତ୍ରୀ ଯୌଗନ୍ଧରାୟଣ ଓ ସେନାପତି ରୁମଣ୍ୱାନ ରାଜକାର୍ଯ୍ୟ ପରିଚାଳନା କରିବାକୁ ଲାଗିଲେ ।

ଏକଦା ଚିନ୍ତାନ୍ୱିତ ଯୌଗନ୍ଧରାୟଣ ରୁମଣ୍ୱାନଙ୍କୁ ନିଜ ଗୃହକୁ ନିମନ୍ତ୍ରଣ କରି କହିଲେ, 'ଉଦୟନ ପାଣ୍ଡବମାନଙ୍କର ବଂଶଧର । ତେଣୁ ନ୍ୟାୟତଃ ସେ ସମଗ୍ର ପୃଥିବୀର ଅଧୀଶ୍ୱର । ହସ୍ତୀନାପୁର ତାଙ୍କର ରାଜଧାନୀ । କିନ୍ତୁ ଯୁଦ୍ଧରେ ଅନୁତ୍ସାହୀ ରାଜା ସେ ସମସ୍ତ ହରାଇ ବସିଛନ୍ତି । ବର୍ତ୍ତମାନ କେବଳ ଏହି କ୍ଷୁଦ୍ର ବତ୍ସଦେଶ ହିଁ ତାଙ୍କ ରାଜ୍ୟ ହୋଇରହିଛି । ନାରୀ, ଶିକାର ଓ ମଦ୍ୟରେ ଆସକ୍ତ ଉଦୟନ ସର୍ବଦା ନିଶ୍ଚିନ୍ତ ହୋଇ ରାଜ୍ୟର ସମସ୍ତ ଚିନ୍ତା ଆମ ଉପରେ ଛାଡ଼ି ଦେଇଛନ୍ତି । ତେଣୁ ସେ ଯେପରି ପୂର୍ବର ସମସ୍ତ ରାଜ୍ୟ ପୁଣି ଲାଭ କରିବେ, ସେପରି ଚେଷ୍ଟା କରିବା ଉଚିତ । ଏହାଦ୍ୱାରା ଆମେ ଆମର ରାଜଭକ୍ତି ଓ ମନ୍ତ୍ରୀତ୍ୱକୁ ସଫଳ କରିପାରିବା । ବୁଦ୍ଧିବଳରେ ସମସ୍ତ କିଛି ସାଧ୍ୟ ହୋଇପାରେ । ଏ ସମ୍ପର୍କରେ ଗୋଟିଏ କଥା ମୋର ମନେ ପଡୁଛି—

ଚତୁର ବୈଦ୍ୟ କଥା

'ପୂର୍ବକାଳରେ ମହାସେନ ନାମରେ କୌଣସି ରାଜା ଅନ୍ୟ ଜଣେ ବଳବାନ୍ ରାଜାଙ୍କଦ୍ୱାରା ପରାସ୍ତ ହୋଇଥିଲେ । ଏହାଙ୍କର ମନ୍ତ୍ରୀମାନେ ସ୍ୱାର୍ଥ ଦୃଷ୍ଟିରୁ ଏହାଙ୍କୁ ଶତ୍ରୁ ରାଜାଙ୍କଦ୍ୱାରା ପରାସ୍ତ କରାଇଥିଲେ । ଏଥିରେ ଅଭିମାନୀ ରାଜା ଶରୀରଭାବରେ ଚିନ୍ତିତ ହୋଇପଡ଼ିବା ଫଳରେ ତାଙ୍କ

Digitized by srujanika@gmail.com

ଶରୀରରେ ଏକ ଅସାଧ୍ୟ ବ୍ରଣ ଦେଖାଦେଲା । ରାଜା ଏଥିରେ ମରଣାସନ୍ନ ହୋଇଗଲେ । ବୈଦ୍ୟମାନେ ଏହାକୁ ଅସାଧ୍ୟ ଦେଖି ରାଜାଙ୍କୁ ମିଥ୍ୟାରେ କହିଲେ, 'ମହାରାଣୀଙ୍କ ମୃତ୍ୟୁ ହୋଇଛି, ଏହା ଶୁଣିବା ସଙ୍ଗେ ସଙ୍ଗେ ରାଜା ଚେତନାଶୂନ୍ୟ ହୋଇ ଭୂମି ଉପରେ ପଡ଼ିଗଲେ ଓ ବ୍ରଣଟି ଫାଟିଗଲା । ଫଳରେ ସେ କ୍ରମଶଃ ଆରୋଗ୍ୟ ଲାଭକରି ପୁଣି ନିଜର ରାଜ୍ୟ ଫେରିପାଇ ମହାରାଣୀଙ୍କ ସହ ସାଂସାରିକ ସୁଖ ଉପଭୋଗ କଲେ ।'

ଏହି ବୈଦ୍ୟମାନେ ରାଜାଙ୍କର ଯେପରି ହିତସାଧନ କରିଥିଲେ, ଆମକୁ ମଧ୍ୟ ସେହିପରି ରାଜା ଉଦୟନଙ୍କ ହିତ ସାଧନ କରିବାକୁ ପଡ଼ିବ । ଉଦୟନଙ୍କ ପୃଥିବୀ ବିଜୟ ପଥରେ ମଗଧର ରାଜା ପ୍ରଦ୍ୟୋତ ହେଉଛନ୍ତି ଶ୍ରେଷ୍ଠ ପ୍ରତିବନ୍ଧକ । ସେ ଆମର ପଡ଼ୋଶୀ ରାଜା । ଆମେ ବିଜୟ ଯାତ୍ରା ଆରମ୍ଭ କଲେ ସେ ଆମ ପଛେ ପଛେ ଯୁଦ୍ଧଯାତ୍ରା କରି ଆମର ରାଜ୍ୟଗୁଡ଼ିକୁ କରଗତ କରିବା ପାଇଁ ଚେଷ୍ଟା କରିବେ । ତାଙ୍କ ସହ ଆମର ମିତ୍ରତା ନଥିବା ଯୋଗୁଁ ସେ ନିଶ୍ଚିତଭାବରେ ଯେ ଆମର ଶତ୍ରୁତା ଆଚରଣ କରିବେ ଏଥିରେ ସନ୍ଦେହ ନାହିଁ । ଏପରିକି ଆମର ମୂଳରାଜ୍ୟ ବତ୍ସଦେଶ ମଧ୍ୟ ଜୟ କରିବା ନିମନ୍ତେ ଚେଷ୍ଟା କରିବେ । ତେଣୁ ଏହାଙ୍କର ପରମ ରୂପବତୀ କନ୍ୟା ପଦ୍ମାବତୀଙ୍କ ସହ ଉଦୟନଙ୍କର ବିବାହ କରାଇଦେଲେ, ଆମର ଲକ୍ଷ୍ୟ ସାଧନପଥ ସୁଗମ ହୋଇପାରିବ । କୌଶଳରେ ବାସବଦତ୍ତାଙ୍କୁ କୌଣସି ସ୍ଥାନରେ ଗୁପ୍ତ-ଭାବରେ ରଖି ଏବଂ ତାଙ୍କର ବାସଭବନରେ ଅଗ୍ନି ସଂଯୋଗ କରି ରାଜାଙ୍କୁ 'ବାସବଦତ୍ତା ମୃତା' ବୋଲି ମିଥ୍ୟା ସମ୍ବାଦ ଦେବାକୁ ହେବ । କାରଣ ବାସବଦତ୍ତାଙ୍କ ଉପସ୍ଥିତିରେ ପ୍ରଦ୍ୟୋତ କଦାପି ତାଙ୍କ କନ୍ୟା ଉଦୟନଙ୍କୁ ପ୍ରଦାନ କରିବେ ନାହିଁ । ମୁଁ ଥରେ ଏ ପ୍ରସଙ୍ଗ ଉତ୍ଥାପନ କରିବାରୁ ସେ କହିଥିଲେ ଯେ ବାସବଦତ୍ତା ଉଦୟନଙ୍କ 'ପ୍ରାଣାଦପି ଗରୀୟସୀ'; ତେଣୁ ମୋର ଏକମାତ୍ର କନ୍ୟା ପଦ୍ମାବତୀଙ୍କୁ ତାଙ୍କ ହାତରେ ଅର୍ପଣ କରିପାରିବି ନାହିଁ । ପୁଣି ବାସବଦତ୍ତାଙ୍କ ଉପସ୍ଥିତିରେ ଉଦୟନ ମଧ୍ୟ ଅନ୍ୟ କୌଣସି ନାରୀର ପାଣିଗ୍ରହଣ କରିବା ନିମିତ୍ତ ସମ୍ମତ ହେବେ ନାହିଁ । ତେଣୁ ମହାରାଣୀ ଅଗ୍ନିଦଗ୍ଧା ବୋଲି ଘୋଷଣା କଲେ ସବୁ କିଛି ସିଦ୍ଧ ହୋଇପାରିବ । ପଦ୍ମାବତୀଙ୍କ ସହ ବତ୍ସରାଜଙ୍କ ବିବାହ ହୋଇଗଲେ ପ୍ରଦ୍ୟୋତ ଆଉ ଆମର ଶତ୍ରୁତା ଆଚରଣ କରିବେ ନାହିଁ ବରଂ ଆମର ସହାୟକ ହେବେ । ଫଳରେ

Digitized by srujanika@gmail.com

ଆମେ ପ୍ରଥମେ ପୂର୍ବଦିଗରେ ଜୟଯାତ୍ରା ଆରମ୍ଭ କରି କ୍ରମଶଃ ସମଗ୍ର ପୃଥିବୀ ବତ୍ସରାଜଙ୍କ ଅଧୀନକୁ ଆଣିପାରିବା । 'ଆମରି ସାହାଯ୍ୟରେ ବତ୍ସରାଜ ସସାଗରାଧରାର ଅଧୀଶ୍ୱର ହୋଇପାରିବେ' ବୋଲି ମଧ୍ୟ ପୂର୍ବରୁ ଶୂନ୍ୟବାଣୀ ହୋଇଛି ।

ମନ୍ତ୍ରୀଶ୍ରେଷ୍ଠ ଯୌଗନ୍ଧରାୟଣଙ୍କ ପରିକଳ୍ପନାକୁ ଏକ ଦୁଃସାହସ ମାତ୍ର ବୋଲି ମନେକରି ରୁମଣ୍ୱାନ କହିଲେ, 'ପଦ୍ମାବତୀଙ୍କ ପାଇଁ କରିବା ଛଳନା ଯଦି ଆମର ପ୍ରତିକୂଳ ହୁଏ ଏବଂ ଆମେ ଯଦି ଦୋଷୀ ବିବେଚିତ ହେଉ ? ଏପରି ହେବା ମଧ୍ୟ ତ ଅସମ୍ଭବ ନୁହେ ?' ଏ ସମ୍ପର୍କରେ ମୋର ମଧ୍ୟ ଗୋଟିଏ ଗଳ୍ପ ସ୍ମରଣ ହେଉଅଛି —

ଧୂର୍ତ୍ତ ସାଧୁ କଥା

ଗଙ୍ଗାତଟରେ ମାକନ୍ଦିକା ନାମରେ ଗୋଟିଏ ନଗର ଅଛି । ଏଥିରେ ମୌନବ୍ରତଧାରଣ କରି ଜଣେ ପରିବ୍ରାଜକ ବାସ କରୁଥାଆନ୍ତି । କୌଣସି ମଠରେ ସେ ଶିଷ୍ୟମାନଙ୍କ ସହ ଭିକ୍ଷାବୃତ୍ତିଦ୍ୱାରା ଜୀବନଯାପନ କରୁଥାଆନ୍ତି । ଦିନେ ଭିକ୍ଷା କରି କରି ସେ ଜଣେ ବୈଶ୍ୟଙ୍କ ଗୃହରେ ଯାଇ ପହଞ୍ଚିଲେ । ଭିକ୍ଷା ନେଇ ଫେରୁଥିବାବେଳେ ଉକ୍ତ ବୈଶ୍ୟଙ୍କ ପରମରୂପବତୀ କନ୍ୟାକୁ ଦେଖି ତା' ପ୍ରତି ସେ ଆସକ୍ତ ହୋଇପଡ଼ିଲେ । ଫଳରେ ତାଙ୍କ ମୁଖରୁ 'ହାୟ ! ମୁଁ ମରିଗଲି' ବୋଲି ବାହାରିଗଲା । ବୈଶ୍ୟ ଏହା ଶୁଣି ପରିବ୍ରାଜକଙ୍କ ନିକଟକୁ ଯାଇ ପଚାରିଲେ, 'ଦେବ, ଆଜି ଆପଣ ହଠାତ୍ ମୌନବ୍ରତ ତ୍ୟାଗକରି ଏପରି ଆର୍ତ୍ତ ଚିତ୍କାର କରିବାର କାରଣ କଣ ?' ଏଥିରେ ବିବ୍ରତ ହୋଇ ସନ୍ନ୍ୟାସୀ କହିଲେ, 'ତୁମର କନ୍ୟା ପରମ ସୁନ୍ଦରୀ ହେଲେ ହେଁ ଅଶୁଭଲକ୍ଷଣଯୁକ୍ତା । ସେ ବିବାହ କରିବା ମାତ୍ରେ ପତ୍ନୀ ଓ ପୁତ୍ର ସହ ତୁମର ମୃତ୍ୟୁ ସୁନିଶ୍ଚିତ । ତେଣୁ ସେହି କନ୍ୟାଟିକୁ ଦେଖି ମୋର ଗଭୀର ଦୁଃଖ ହେଲା; କାରଣ ତୁମେ ମୋର ଅନ୍ୟତମ ଶ୍ରେଷ୍ଠଭକ୍ତ । ମୁଁ ତୁମର ବଂଶନାଶ ଦେଖିପାରିବି ନାହିଁ । ତେଣୁ ତୁମ ପାଇଁ ଆଜି ମୋର ମୌନବ୍ରତ ଭଙ୍ଗ ହେଲା । ଏଣୁ ତୁମେ ଏହି କନ୍ୟାଟିକୁ ଗୋଟିଏ ସିନ୍ଦୁକ ମଧ୍ୟରେ ପୂରାଇ ନଦୀରେ ଭସାଇ ଦିଅ ଏବଂ ଏହା ଉପରେ ଗୋଟିଏ ଦୀପ ଜଳାଇ ଦିଅ ।'

Digitized by srujanika@gmail.com

ବଣିକ ଏଥିରେ ବ୍ୟଥିତ ଓ ଭୟଭୀତ ହୋଇ ଗୃହକୁ ଫେରଆସିଲେ ଏବଂ ରାତିରେ ସନ୍ନ୍ୟାସୀଙ୍କ ଉପଦେଶ ଅନୁଯାୟୀ କନ୍ୟାଟିକୁ ନଦୀଗର୍ଭରେ ଭସାଇ ଦେଲେ ।

ଏଣେ ସନ୍ନ୍ୟାସୀ ନିଜର ଶିଷ୍ୟମାନଙ୍କୁ କହିଲେ, 'ଯାଅ, ନଦୀତଟରେ ଅପେକ୍ଷା କର । ଯଦି ଭାସି ଯାଉଥିବା କୌଣସି ସିନ୍ଦୁକ ଉପରେ ଦୀପ ଜଳୁଥିବା ଦୃଷ୍ଟିଗୋଚର ହୁଏ, ତା ହେଲେ ସେହି ସିନ୍ଦୁକଟିକୁ ନେଇ ଆସିବ । ଯଦିବା ତା' ଭିତରେ କୌଣସି ପ୍ରକାର ଶବ୍ଦ ହୁଏ, ତଥାପି ତାକୁ ଖୋଲିବ ନାହିଁ ।' ଏହି ଶିଷ୍ୟମାନେ ଗଙ୍ଗାତଟରେ ପହଞ୍ଚିବା ପୂର୍ବରୁ କୌଣସି ରାଜପୁତ୍ର ସେଠାରେ ଉପସ୍ଥିତ ହୋଇ ସିନ୍ଦୁକଟିକୁ ଦେଖିବାକୁ ପାଇଲେ । ତାକୁ ନଦୀଗର୍ଭରୁ ବାହାର କରି ଆଣି ଖୋଲିବାରୁ ସେ ଏହି ଦିବ୍ୟ ସୁନ୍ଦର କନ୍ୟାଟିକୁ ଦେଖି ସଙ୍ଗେ ସଙ୍ଗେ ତା ସହ ଗାନ୍ଧର୍ବରୀତିରେ ବିବାହ କରି ନେଲେ ଏବଂ ଏହାର ସ୍ଥାନରେ ଗୋଟିଏ ଭୟଙ୍କର ବାନର ସିନ୍ଦୁକ ମଧ୍ୟରେ ପୂରାଇ ପୁଣି ତାକୁ ନଦୀସ୍ରୋତରେ ସେହିପରି ଭସାଇ ଦେଲେ । କନ୍ୟା ରତ୍ନଟିକୁ ନେଇ ରାଜକୁମାର ଚାଲିଯିବା ପରେ ସନ୍ନ୍ୟାସୀଙ୍କର ଶିଷ୍ୟମାନେ ସେଠାରେ ପହଞ୍ଚି ସିନ୍ଦୁକଟିକୁ ଭାସି ଯାଉଥିବା ଦେଖିଲେ । ଗୁରୁଙ୍କର ଆଦେଶ ଅନୁସାରେ ସେମାନେ ତାକୁ ଟାଣି ଆଣି ଗୁରୁଙ୍କ ନିକଟକୁ ନେଇଗଲେ । ସେହି ଧୂର୍ତ୍ତ ସନ୍ନ୍ୟାସୀ ଏହାକୁ ଦେଖି ଆନନ୍ଦ ମନରେ ଶିଷ୍ୟମାନଙ୍କୁ କହିଲେ, 'ଏହା ଉପରେ ବସି ମୁଁ ଆଜି ଠାରୁ ଯୋଗସାଧନ କରିବି ତେଣୁ ତୁମେ ତଳେ ଯାଇ ନୀରବରେ ଶୋଇଯାଅ ।' ଶିଷ୍ୟମାନେ ଚାଲିଯିବା ପରେ କାମାସକ୍ତ ସନ୍ନ୍ୟାସୀ ଉତ୍କଣ୍ଠା ସହିତ ସିନ୍ଦୁକଟିକୁ ଖୋଲିଲା ମାତ୍ରେ ବାନରଟି ତା ଭିତରୁ ବାହାରି ତାଙ୍କର ଶରୀରକୁ କ୍ଷତ ବିକ୍ଷତ କଲା । ସନ୍ନ୍ୟାସୀ ଆର୍ତ୍ତ ଚିତ୍କାର କରି ତଳକୁ ଦୌଡ଼ିବାକୁ ଲାଗିଲେ । ପରଦିନ ଏକଥା ପ୍ରକାଶିତ ହେବାରୁ ଭଣ୍ଡ ସନ୍ନ୍ୟାସୀ ଉପହସିତ ହେଲେ । ଏଣେ ରାଜକୁମାର ସହ ବୈଶ୍ୟ କନ୍ୟା ମହାସୁଖରେ ଜୀବନଯାପନ କଲା ।

ସେହିପରି ଏହି କୌଶଳ ପ୍ରୟୋଗ କରି ଆମେ ଯଦି ହାସ୍ୟାସ୍ପଦ ହେବା, ତାହା ହେଲେ ଅନୁତାପ କରିବା ହିଁ ସାର ହେବ । ଉଦୟନଙ୍କ ନିମନ୍ତେ ବାସବଦତ୍ତାଙ୍କ ବିଚ୍ଛେଦ ଅସହ୍ୟ, ଏଣୁ ଆଜି କିଛି ଅନର୍ଥ ମଧ୍ୟ

Digitized by srujanika@gmail.com

ସମ୍ଭବପର । ରାଜାଙ୍କ ଜୀବିତାବସ୍ଥାରେ ଯାହା କିଛି କରାଯାଇପାରେ, କିନ୍ତୁ ତାଙ୍କୁ ହରାଇ ବସିଲେ ମହା ବିଭ୍ରାଟ ସୃଷ୍ଟି ହେବ ।' ରୁମଣ୍ୱାନଙ୍କଠାରୁ ଏହା ଶୁଣି ଯୌଗନ୍ଧରାୟଣ କହିଲେ, 'ଉଦ୍ୟୋଗ ବିନା ସିଦ୍ଧି ମିଳେ ନାହିଁ । ତେଣୁ ବର୍ତ୍ତମାନ ଚେଷ୍ଟା ନକଲେ ଏହି ବିଳାସୀ ରାଜା ନିଜର ମୂଳରାଜ୍ୟ ମଧ୍ୟ ହରାଇ ପାରନ୍ତି ।' ଯେଉଁ ରାଜାମାନଙ୍କର ସଫଳତା ମନ୍ତ୍ରୀମାନଙ୍କର ହସ୍ତରେ ନ୍ୟସ୍ତ, ମନ୍ତ୍ରୀମାନଙ୍କ ବୁଦ୍ଧି ହିଁ ସେମାନଙ୍କର କର୍ମସାଧନ ସକାଶେ ଆବଶ୍ୟକ । ଏଣୁ ରାଜାଙ୍କର ଉପକାର ନକଲେ ଆମେ ହିଁ ଦୋଷୀ ହେବା । ମନ୍ତ୍ରୀମାନଙ୍କଠାରେ ସମସ୍ତ ଭାର ଅର୍ପଣ କରି ରାଜା ଯଦି ନିରୁତ୍ସାହୀ ଓ ନିରୁଦ୍ୟୋଗୀ ହୁଅନ୍ତି, ତେବେ ନିଜର ସାମ୍ରାଜ୍ୟ ହରାଇ ବସନ୍ତି । ତୁମେ ମହାରାଣୀଙ୍କ ପିତା ଚଣ୍ଡମହାସେନଙ୍କୁ ଭୟ କରିବାର କୌଣସି କାରଣ ନାହିଁ । ସେ ଓ ତାଙ୍କ ପୁତ୍ର ଗୋପାଳକ ମୋର କଥା ନିଶ୍ଚୟ ରକ୍ଷା କରିବେ ।

ଧୀର-ଧୂରନ୍ଧର ଯୌଗନ୍ଧରାୟଣଙ୍କଠାରୁ ଏକଥା ଶୁଣି ଶଙ୍କାକୁଳ ରୁମଣ୍ୱାନ ପୁଣି କହିଲେ, 'ଅତି ବିବେକୀ ବ୍ୟକ୍ତିମାନେ ମଧ୍ୟ ନିଜ ପ୍ରିୟପତ୍ନୀକୁ ହରାଇ ପୀଡ଼ିତ ହୋଇପଡନ୍ତି । ତେଣୁ କାମୁକ ବତ୍ସରାଜଙ୍କ କଥା ଯେ କଣ ହେବ କିଏ କହିପାରିବ ?' ଏ ସମ୍ପର୍କରେ ଗୋଟିଏ ଉଦାହରଣ ଦେଉଛି ଶୁଣନ୍ତୁ —

ରାଜା ଦେବସେନ ଓ ଉନ୍ମାଦିନୀ କଥା

ପୂର୍ବକାଳରେ ଦେବସେନ ନାମରେ ଜଣେ ଅତି ବୁଦ୍ଧିମାନ୍ ରାଜା ଥିଲେ । ଶ୍ରାବସ୍ତି ଏହାଙ୍କର ରାଜଧାନୀ । ଏହି ନଗରୀରେ ଗୋଟିଏ ଅତି ଶକ୍ତିଶାଳୀ ବୈଶ୍ୟ ବାସ କରୁଥିଲା । ଏହାଙ୍କର ଗୋଟିଏ ପରମ ରୂପବତୀ କନ୍ୟା ଥିଲା । ଏହାକୁ ଦେଖିବା ମାତ୍ରେ ଦର୍ଶକ ଉନ୍ମାଦ (ପାଗଳ) ହୋଇ-ଯାଉଥିଲା ବୋଲି ସେ ଏହାର ନାମ ରଖିଥିଲେ ଉନ୍ମାଦିନୀ । ବୈଶ୍ୟ ଚିନ୍ତାକଲେ ଯେ ରାଜାଙ୍କ ଅଜ୍ଞାତସାରରେ ଏହାକୁ ବିବାହ ଦେବା ଉପଯୁକ୍ତ ହେବ ନାହିଁ; ପରେ ସେ ହୁଏତ ମୋ ପ୍ରତି ଅସନ୍ତୁଷ୍ଟ ହୋଇପାରନ୍ତି । ଏହା ବିଚାର କରି ଦିନେ ସେ ରାଜା ଦେବସେନଙ୍କ ନିକଟରେ ଉପସ୍ଥିତ ହୋଇ ନିବେଦନ କଲେ, 'ମହାରାଜ, ମୋର ଗୋଟିଏ କନ୍ୟାରତ୍ନ ଅଛି । ଆପଣଙ୍କ ଉପଯୋଗୀ ହେଲେ

Digitized by srujanika@gmail.com

ତାକୁ ଗ୍ରହଣ କରିପାରନ୍ତି ।' ଏହା ଶୁଣି ରାଜା କେତେକ ବିଶ୍ୱସ୍ତ ବ୍ରାହ୍ମଣଙ୍କୁ କନ୍ୟାର ରୂପଗୁଣ ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ପଠାଇଲେ । ଏମାନେ ଯାଇ କନ୍ୟାକୁ ଦେଖିବା ମାତ୍ରେ ତା ପ୍ରତି ଆସକ୍ତ ହୋଇପଡ଼ିଲେ ଏବଂ ରାଜା ଏହାକୁ ଲାଭ କଲେ ରାଜକାର୍ଯ୍ୟରୁ ବିରତ ହୋଇ ଏହା ସହ ତଲ୍ଲୀନ ହୋଇ-ଯିବେ ଭାବି ରାଜାଙ୍କୁ ମିଥ୍ୟା ସମ୍ବାଦ ଦେଲେ ଯେ, କନ୍ୟାଟି କୁଲକ୍ଷଣୀ । ଫଳରେ ରାଜା ଏହାକୁ ଗ୍ରହଣ କଲେ ନାହିଁ । ବୈଶ୍ୟ ଦୁଃଖାଭିଭୂତ ହୋଇ କନ୍ୟାଟିକୁ ରାଜାଙ୍କର ସେନାପତି ସହ ବିବାହ କରାଇ ଦେଲେ ।

କିଛି ଦିନ ପରେ ଉକ୍ତ କନ୍ୟା ରାଜା ନଗର ଭ୍ରମଣରେ ବାହାରିଥିବା ସମ୍ବାଦ ପାଇ ବାତାୟନ ନିକଟରେ ଦଣ୍ଡାୟମାନ ହୋଇ ନିଜର ଅପୂର୍ବ ସୌନ୍ଦର୍ଯ୍ୟ ରାଜାଙ୍କୁ ଦେଖାଇବା ନିମନ୍ତେ ଚେଷ୍ଟା କଲା । ରାଜା ଏହାର ଅପରୂପ ଲାବଣ୍ୟ ପ୍ରଦର୍ଶନ କରି କାମପୀଡ଼ାରେ ଉନ୍ମତ୍ତପ୍ରାୟ ହୋଇଗଲେ । ପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କରି ଏବଂ ସେହି ସୁନ୍ଦରୀ ପୂର୍ବ ପରିତ୍ୟକ୍ତା ବୈଶ୍ୟ କନ୍ୟା ବୋଲି ଜ୍ଞାତ ହୋଇ ରାଜା କାମଜ୍ୱରରେ ପୀଡ଼ିତ ହୋଇପଡ଼ିଲେ । ଏହା ଜାଣିପାରି ସେନାପତି ଆସି ଜଣାଇଲେ, 'ସେ ପର ସ୍ତ୍ରୀ ନୁହେ । ଆପଣଙ୍କ ଦାସୀ ମାତ୍ର । ମୁଁ ତାକୁ ନେଇ କୌଣସି ଦେବ ମନ୍ଦିରରେ ଛାଡ଼ିଦେବି । ଆପଣ ସେଠାରୁ ତାକୁ ଗ୍ରହଣ କରନ୍ତୁ ।' କିନ୍ତୁ ଚରିତ୍ରବାନ୍ ରାଜା ଏହାର ଉତ୍ତରରେ କହିଲେ, 'ତୁମେ ଯଦି ସ୍ତ୍ରୀଟିକୁ ପରିତ୍ୟାଗ କର, ତେବେ ସୁଦ୍ଧା ମୁଁ ତାକୁ ଗ୍ରହଣ କରିପାରିବି ନାହିଁ । କାରଣ ସେ ପର ସ୍ତ୍ରୀ । ତୁମେ ମଧ୍ୟ ଏହା କରିବାଦ୍ୱାରା ତୁମର ଧର୍ମ ନଷ୍ଟ ହେବ । ସ୍ତ୍ରୀ ପରିତ୍ୟାଗ କରିଥିବା ହେତୁ ମୁଁ ମଧ୍ୟ ତୁମକୁ ଦଣ୍ଡିତ କରିବି ।' ଏହା ଶୁଣି ମନ୍ତ୍ରୀମାନେ ଚୁପ୍ ହେଲେ ଏବଂ ରାଜା ଏହି ବିଚ୍ଛେଦ ଦୁଃଖରେ ପ୍ରାଣତ୍ୟାଗ କଲେ ।

ବିବେକୀ ଓ ବୁଦ୍ଧିମାନ୍ ଦେବସେନ ଯେତେବେଳେ ଗୋଟିଏ ନାରୀ ନିମନ୍ତେ ପ୍ରାଣତ୍ୟାଗ କଲେ, କାମୁକ ଉଦୟନଙ୍କ ଅବସ୍ଥା ବାସବଦତ୍ତାଙ୍କ ବିରହରେ କଣ ଯେ ହେବ କିଏ କହିପାରିବ ?

ରୁମଣ୍ୱାନଙ୍କଠାରୁ ଏହା ଶୁଣି ଯୌଗନ୍ଧରାୟଣ ପୁଣି ଆରମ୍ଭ କଲେ, 'ନିଜର କାର୍ଯ୍ୟସିଦ୍ଧି ପାଇଁ ରାଜାମାନେ ବହୁ କଷ୍ଟ ସ୍ୱୀକାର କରିଥାଆନ୍ତି । ରାବଣର

Digitized by srujanika@gmail.com

ବିନାଶ ପାଇଁ ଦେବତାମାନଙ୍କଦ୍ୱାରା ସୀତା ଯେତେବେଳେ ଅପହୃତା ହେଲେ, ସେତେବେଳେ ବିରହୀ ରାମ କି ଦୁଃଖ ଅନୁଭବ କରି ନଥିଲେ ? ଏହା ଶୁଣି ରୁମଣ୍ୱାନ ପୁଣି କହିଲେ, 'ରାମ ପ୍ରଭୃତି ରାଜା ତ ମଣିଷ ନଥିଲେ, ଦେବତା । କିନ୍ତୁ ମାନବ ହୃଦୟ ଏ ବେଦନା ସହ୍ୟ କରିପାରିବ କି ନାହିଁ କିଏ କହିବ ?' ଏ ସମ୍ପର୍କରେ ଗୋଟିଏ ଗଳ୍ପ ମୋର ମନେ ପଡୁଛି—

ଯଶକ୍ଷ୍ଣକ ବୈଶ୍ୟ କଥା

ଏହି ଦେଶରେ ମଥୁରା ନାମରେ ଗୋଟିଏ ନଗରୀ ଅଛି । ବଣିକ ସନ୍ତାନ ଯଶକ୍ଷ୍ଣକ ପୂର୍ବେ ଏଠାରେ ବାସ କରୁଥିଲା । ଏହାର ସ୍ତ୍ରୀ ଏହା ପ୍ରତି ଯଥେଷ୍ଟ ଅନୁରକ୍ତ ଥିଲା । ଥରେ ଯଶକ୍ଷ୍ଣକ ବାଣିଜ୍ୟ ବ୍ୟବସାୟ ନିମନ୍ତେ ଦ୍ୱୀପାନ୍ତରକୁ ଯିବାକୁ ପଡ଼ିଲା । ଏହାର ସ୍ତ୍ରୀ ମଧ୍ୟ ଏହା ସହିତ ଯିବା ନିମିତ୍ତ ପ୍ରସ୍ତୁତ ହେଲା । କାରଣ ଏକାନ୍ତ ପତିପରାୟଣା ନାରୀମାନେ ପତିବିରହର ଦୁଃଖ କ୍ଷଣକ ପାଇଁ ମଧ୍ୟ ସହ୍ୟ କରିପାରନ୍ତି ନାହିଁ । ମଙ୍ଗଳାଚରଣପୂର୍ବକ ଯଶକ୍ଷ୍ଣକ ଯାତ୍ରାରମ୍ଭ କରି ନିଜର ସ୍ତ୍ରୀକୁ ସଙ୍ଗରେ ନ ନେବାରୁ ସେ ଦୁଃଖରେ ଶେଷ ନିଃଶ୍ୱାସ ତ୍ୟାଗ କଲା । ଯଶକ୍ଷ୍ଣକ ଏହି ଦୁଃସମ୍ବାଦ ଶୁଣି ଘରକୁ ପ୍ରତ୍ୟାବର୍ତ୍ତନ କଲା ଏବଂ ଧରଣୀପୃଷ୍ଠେ ଚନ୍ଦ୍ରବିମ୍ବ ତୁଲ୍ୟ ପତ୍ନୀର ବଦନକୁ ଧରି ବିଳାପ କରିବାକୁ ଲାଗିଲା କିନ୍ତୁ ଦୁଃଖର ଆତିଶଯ୍ୟ ଯୋଗୁଁ ତାର ମଧ୍ୟ ପ୍ରାଣବାୟୁ ଉଡ଼ିଗଲା । ଏହିପରି ଉଭୟ ପତିପତ୍ନୀ ପ୍ରାଣତ୍ୟାଗ କଲେ ।

ତେଣୁ ଏହି ଅବସ୍ଥାରୁ ବାସବଦତ୍ତା ଓ ଉଦୟନଙ୍କୁ ମଧ୍ୟ ରକ୍ଷା କରିବାକୁ ପଡ଼ିବ । କିନ୍ତୁ ଧର୍ମସାଗର ଯୌଗନ୍ଧରାୟଣ କହିଲେ, 'ମୁଁ ଏ ସମ୍ପର୍କରେ ପୂର୍ବରୁ ହିଁ ଚିନ୍ତା କରିସାରିଛି । ରାଜାମାନଙ୍କର କାର୍ଯ୍ୟ ଏହିପରି ହିଁ ହୋଇଥାଏ ।' ଏ ପ୍ରସଙ୍ଗରେ ଗୋଟିଏ ଗଳ୍ପ ଅଛି ଶୁଣ—

ରାଜା ପୁଣ୍ୟସେନ କଥା

ପୂର୍ବେ ଉଜ୍ଜୟିନୀରେ ପୁଣ୍ୟସେନ ବୋଲି ଜଣେ ରାଜା ରାଜତ୍ୱ କରୁଥିଲେ । ଥରେ ତାଙ୍କ ରାଜ୍ୟ ଜଣେ ପରାକ୍ରମଶାଳୀ ପଡ଼ୋଶୀ ରାଜାଙ୍କଦ୍ୱାରା

Digitized by srujanika@gmail.com

ଆକ୍ରାନ୍ତ ହେଲା । ମନ୍ତ୍ରୀମାନେ ଶତ୍ରୁ ଦୁର୍ଜେୟ ଦେଖି ମିଥ୍ୟାରେ 'ରାଜା ମୃତ' ବୋଲି ଘୋଷଣା କରିଦେଲେ ଏବଂ ଅନ୍ୟ ଗୋଟିଏ ଶବକୁ ରାଜସମ୍ମାନରେ ଦାହ କରି ଶତ୍ରୁମାନଙ୍କ ମନରେ ବିଶ୍ୱାସ ଜନ୍ମାଇଲେ । ଏହାପରେ ସେମାନେ ଶତ୍ରୁରାଜାଙ୍କ ନିକଟକୁ ସମ୍ବାଦ ଦେଲେ ଯେ ଆମ ରାଜ୍ୟ ରାଜାଙ୍କ ମୃତ୍ୟୁରେ ଅରାଜକ ହୋଇଗଲା, ତେଣୁ ଆପଣ ଏହି ରାଜସିଂହାସନ ଆରୋହଣ କରନ୍ତୁ । ଏଥିରେ ସେ ସନ୍ତୁଷ୍ଟ ହୋଇ ଯୁଦ୍ଧ ପରିତ୍ୟାଗ କଲେ ଏବଂ ସୈନ୍ୟସାମନ୍ତ ଶିଥିଳ ହୋଇପଡ଼ିଲେ । ଏହି ଅବସରରେ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରି ପୁଣ୍ୟସେନଙ୍କ ସୈନ୍ୟମାନେ ସେମାନଙ୍କୁ ପରାସ୍ତ କଲେ ଏବଂ ରାଜାଙ୍କୁ ବନ୍ଦୀକରି ହତ୍ୟା କଲେ । ମନ୍ତ୍ରୀମାନେ ଏହାପରେ ଉକ୍ତ ରହସ୍ୟ ପ୍ରକଟ କରି ରାଜ୍ୟରେ ଆନନ୍ଦ ଉତ୍ସବ ପାଳନ କଲେ ।

ଏହିପରି ଶାସନ କାର୍ଯ୍ୟ ଛଳ-କୌଶଳଦ୍ୱାରା ସାଧିତ ହୋଇଥାଏ । ତେଣୁ ବାସବଦତ୍ତା ଦଗ୍ଧୀଭୂତା ବୋଲି ଘୋଷଣା କରିଦେଇ ଆମକୁ ଧୈର୍ଯ୍ୟ ଓ ସାହସର ସହିତ କାର୍ଯ୍ୟ କରିବାକୁ ପଡ଼ିବ ।

ଯୌଗନ୍ଧରାୟଣଙ୍କୁ ଏଥିରେ ଦୃଢ଼ନିଶ୍ଚୟ ଦେଖି ରୁମଣ୍ୱାନ କହିଲେ, 'ତା ହେଲେ ଠିକ୍ ଅଛି । କିନ୍ତୁ ବାସବଦତ୍ତାଙ୍କ ଭାଇ ଗୋପାଳକଙ୍କୁ ଡକାଇ ଆଣି ଏ ସମ୍ପର୍କରେ ଆଉ ଟିକିଏ ଭଲ ଭାବରେ ବିଚାର କରି କର୍ମପନ୍ଥା ଗ୍ରହଣ କରିବା ।' ଯୌଗନ୍ଧରାୟଣ ଏଥିରେ ସମ୍ମତ ହୋଇ ଗୋପାଳକଙ୍କ ଉଦ୍ଦେଶ୍ୟରେ ଦୂତ ପ୍ରେରଣ କଲେ । ଗୋପାଳକ ମଧ୍ୟ ସନ୍ଦେଶ ଲାଭ କରିବା ମାତ୍ରେ ଦୂତ ସହ ଆସି ଉପସ୍ଥିତ ହେଲେ । ରୁମଣ୍ୱାନଙ୍କ ସହ ତାଙ୍କୁ ନିଜ ଗୃହକୁ ନେଇଯାଇ ଯୌଗନ୍ଧରାୟଣ ନିଜର କୌଶଳଟି ତାଙ୍କ ନିକଟରେ ପ୍ରକାଶ କଲେ । ଗୋପାଳକ ଏହାକୁ ନିଜ ଭଗିନୀର ଅସହ୍ୟ ବୋଲି ଜାଣି ସୁଦ୍ଧା ଏଥିରେ ସମ୍ମତି ପ୍ରକାଶ କରିବା ନିମନ୍ତେ ବାଧ୍ୟ ହେଲେ । କିନ୍ତୁ ଯୋଜନାଟି ନିଶ୍ଚିତଭାବରେ ଶୁଭଫଳପ୍ରଦ ହେଲେ ହେଁ ବାସବଦତ୍ତାଙ୍କ ମୃତ୍ୟୁସମ୍ବାଦ ଲାଭକରି ଉଦୟନ ଯେପରି ମୃତ୍ୟୁମୁଖରେ ନ ପଡ଼ନ୍ତି ସେ ସମ୍ପର୍କରେ ଚେଷ୍ଟା କରିବା ଉଚିତ ବୋଲି ସେ ମତ ପ୍ରଦାନ କଲେ । ଏହା ଶୁଣି ପୁଣି ଯୌଗନ୍ଧରାୟଣ କିଛି ସମୟ ଚିନ୍ତାକରି କହିଲେ, 'ଏ ସମ୍ବନ୍ଧରେ ଚିନ୍ତିତ ହେବା ଅନାବଶ୍ୟକ । ଗୋପାଳକ କନିଷ୍ଠା ଭଗିନୀ ଉଦୟନଙ୍କ

Digitized by srujanika@gmail.com

ପ୍ରାଣପ୍ରିୟା । ସେ ଯଦି ବାସବଦତ୍ତା ପୁନର୍ବାର ଜୀବିତ ହୋଇଯାଇ ପାରନ୍ତି ବୋଲି ଆଶା ପ୍ରଦାନ କରିବେ, ତା'ହେଲେ ଉଦୟନଙ୍କ ଦୁଃଖ କିଛି ପରିମାଣରେ ଲଘୁ ହୋଇପାରେ । ରାଜା ମନୁଷ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ । ପୁଣି ତାଙ୍କର ବିବାହ ମଧ୍ୟ ସଙ୍ଗେ ସଙ୍ଗେ ସଂଘଟିତ ହେବ ଏବଂ ପଦ୍ମାବତୀଙ୍କୁ ଆଣି ଉଦୟନଙ୍କୁ ସଙ୍ଗେ ସଙ୍ଗେ ଦେଖାଇ ଦିଆଯିବ ।'

ଏହାପରେ ତିନି ହେଁ ଚକ୍ରାକାରେ ଶେଷରେ ନିଷ୍ପତ୍ତି କଲେ ଯେ ମଗଧ ସୀମାରେ ଥିବା ଲାବାଣକ ଗ୍ରାମକୁ ରାଜା ଓ ରାଣୀଙ୍କୁ କୌଶଳରେ ନେବାକୁ ହେବ । ତାହା ଏକ ଉତ୍ତମ ଶିକାରସ୍ଥଳୀ ହୋଇଥିବା ଯୋଗୁଁ ଉଦୟନ ସର୍ବଦା ଅରଣ୍ୟ ମଧ୍ୟରେ ଶିକାର କରିବାରେ ବ୍ୟସ୍ତ ରହିବେ । ଏହି ଅବସରରେ ସୁଯୋଗ ଦେଖି ରାଣୀଙ୍କ ଶିବିରରେ ଅଗ୍ନିସଂଯୋଗ କରିବାକୁ ହେବ ଏବଂ ତାଙ୍କୁ ନେଇ ଯେ କୌଣସି ଉପାୟରେ ପଦ୍ମାବତୀଙ୍କ ନିକଟରେ ଗୁପ୍ତ କରି ରଖିବାକୁ ହେବ । ଫଳରେ ପଦ୍ମାବତୀ ବାସବଦତ୍ତାଙ୍କ ଚରିତ୍ର ଓ ସ୍ୱଭାବ ସହ ସମ୍ୟକ୍ ପରିଚିତ ହେବେ । ଏହାପରେ ନିଷ୍ପତ୍ତି କରି ପରଦିନ ସମସ୍ତେ ରାଜଭବନରେ ଯାଇ ଉପସ୍ଥିତ ହେଲେ । ଏଠାରେ ରୁମଣ୍ୱାନ ରାଜାଙ୍କୁ ନିବେଦନ କଲେ, 'ଦେବ ! ଆମେ ଯଦି ଲାବାଣକ ଗ୍ରାମକୁ ଯିବା ତା' ହେଲେ ଉତ୍ତମ ହେବ । ତାହା ଏକ ଅତି ରମଣୀୟ ସ୍ଥାନ । ସେଠାରେ ଶିକାର ବହୁତ ଏବଂ ନଳବଣରେ ତାହା ପରିପୂର୍ଣ୍ଣ । ମଗଧର ସୀମା ହେବା ଯୋଗୁଁ ପ୍ରଦ୍ୟୋତ ସର୍ବଦା ସେଠାରେ ଅତ୍ୟାଚାର କରୁଅଛନ୍ତି । ଆମେ ସେଠାରେ କିଛି ଦିନ ରହିଲେ ଲୋକେ ଆଶ୍ୱସ୍ତ ହେବେ ଏବଂ ଆମର ମଧ୍ୟ ମନୋରଞ୍ଜନ ହେବ ।' ଏହା ଶୁଣି କ୍ରୀଡ଼ାବିଳାସୀ ରାଜା ପ୍ରାଣପ୍ରିୟା ବାସବଦତ୍ତାଙ୍କ ସହ ଲାବାଣକ ଯିବା ନିମନ୍ତେ ଉଦ୍ୟତ ହେଲେ । ଶୁଭ ଦିନ ଓ ଅମୃତବେଳା ନିର୍ଣ୍ଣୀତ ହେଲା । ଏହି ସମୟରେ ମହର୍ଷି ନାରଦ ଆସି ଉପସ୍ଥିତ ହେଲେ । ଉଦୟନଙ୍କଦ୍ୱାରା ଯଥାଯୋଗ୍ୟ ସତ୍କୃତ ହୋଇ ସେ ବିନମ୍ର ରାଜାଙ୍କୁ ଗୋଟିଏ ପାରିଜାତମାଳା ପ୍ରଦାନ କରି କହିଲେ, 'ବାସବଦତ୍ତାଙ୍କ ଗର୍ଭରୁ କାମଦେବଙ୍କ ଅଂଶରେ ତୁମର ଗୋଟିଏ ପ୍ରଭାବଶାଳୀ ପୁତ୍ର ଜାତ ହେବ ଏବଂ ସେ ସମଗ୍ର ବିଦ୍ୟାଧରକୁଳର ଅଧୀଶ୍ୱର ହେବ ।'

ପୁଣି ଯୌଗନ୍ଧରାୟଣଙ୍କ ସମୀପରେ ସେ ଉଦୟନଙ୍କୁ କହିଲେ, 'ରାଣୀ ବାସବଦତ୍ତାଙ୍କୁ ଦେଖି, ତୁମର ପୂର୍ବପୁରୁଷ ଯୁଧିଷ୍ଠିରଙ୍କ କଥା ମୋର ସ୍ମରଣ

Digitized by srujanika@gmail.com

ହେଉଅଛୁ । ସେମାନେ ପାଞ୍ଚଭାଇ ଥିଲେ ଏବଂ ଏକମାତ୍ର ପତ୍ନୀ ଦ୍ରୌପଦୀଙ୍କୁ ବିବାହ କରିଥିଲେ । ବାସବଦତ୍ତାଙ୍କ ତୁଲ୍ୟ ଅନୁପମ ସୁନ୍ଦରୀ ଦ୍ରୌପଦୀ ଥିଲେ । ତାହା ଦେଖି ମୁଁ ସେମାନଙ୍କୁ କହିଥିଲି ଯେ ନାରୀ ନିମନ୍ତେ ବିବାଦ କରିବା ପାଇଁ ତୁମେ କଦାପି ଚେଷ୍ଟା କରିବ ନାହିଁ ।' ଏ ସମ୍ପର୍କରେ ମୁଁ ସେମାନଙ୍କୁ ଯେଉଁ କଥାଟି କହିଥିଲି ତାହା ହେଉଛି—

ସୁନ୍ଦ ଉପସୁନ୍ଦ କଥା

ଅତୀତ କାଳରେ ସୁନ୍ଦ ଓ ଉପସୁନ୍ଦ ନାମରେ ଦୁଇଟି ଅସୁର ଥିଲେ । ନିଜର ବାହୁବଳରେ ସେମାନେ ତିନି ଭୁବନକୁ ନିଜର କବଳିତ କରିପାରି ଥିଲେ । ଏହି ଦୁଇଭାଇଙ୍କ ଉପଦ୍ରବରେ ବିବ୍ରତ ହୋଇ ଏବଂ ଏମାନଙ୍କ ମୃତ୍ୟୁ-କାମନା କରି ବିଧାତା ବିଶ୍ୱକର୍ମାଙ୍କ ସାହାଯ୍ୟରେ ତିଳୋତ୍ତମା ନାମରେ ଏକ ଦିବ୍ୟ ସ୍ତ୍ରୀ ଗଠନ କରି ତା'ଙ୍କୁ ଜୀବଦାନ ଦେଲେ । ଏହାର ରୂପ ଦର୍ଶନ କରିବା ନିମନ୍ତେ ବ୍ରହ୍ମା ଓ ଶିବ ଚତୁର୍ମୁଖ ହୋଇଗଲେ । ବ୍ରହ୍ମାଙ୍କ ଆଦେଶରେ ସେହି ତିଳୋତ୍ତମା, ସୁନ୍ଦ ଓ ଉପସୁନ୍ଦଙ୍କୁ ପ୍ରଲୋଭିତ କରିବା ନିମନ୍ତେ କୈଳାସ ପର୍ବତର ସୁରମ୍ୟ ଉଦ୍ୟାନ ମଧ୍ୟକୁ ଗମନ କଲା । ଏହାକୁ ଦେଖି ଉଭୟେ କାମ ମୋହିତ ହୋଇ ଏହାର ଦୁଇବାହୁକୁ ଧାରଣ କଲେ । ଏହାକୁ ଲାଭ କରିବା ନିମନ୍ତେ ଉଭୟେ ଯୁଦ୍ଧରେ ପ୍ରବୃତ୍ତ ହେଲେ ଏବଂ ଶେଷରେ ମୃତ୍ୟୁବରଣ କଲେ ।

ଏହିପରି ନାରୀ ସର୍ବଦା ବିପତ୍ତିର କାରଣ ହୋଇଥାଏ । ତୁମ ପାଞ୍ଚ ଭାଇଙ୍କର ଗୋଟିଏ ସ୍ତ୍ରୀ ଦ୍ରୌପଦୀ । ତେଣୁ ନିଜ ନିଜ ମଧ୍ୟରେ କଳହ ନ କରିବା ନିମନ୍ତେ ତୁମେ ଚେଷ୍ଟା କରିବା ବିଧେୟ । ଏଣୁ ତୁମେମାନେ ଗୋଟିଏ ନିୟମ କରିନିଅ ଯେ ବଡ ଭାଇଙ୍କ ନିକଟରେ ଥିଲାବେଳେ ଶ୍ରେଷ୍ଠ ଭାଇମାନେ ଦ୍ରୌପଦୀଙ୍କୁ ମାତୃତୁଲ୍ୟ ଜ୍ଞାନ କରିବ ଏବଂ ଶ୍ରେଷ୍ଠ ଭାଇଙ୍କ ସହ ଥିବାବେଳେ ତାଙ୍କୁ ପୁତ୍ରବଧୂ ତୁଲ୍ୟ ମନେ କରିବ । ମୋର ଏହି ନିର୍ଦ୍ଦେଶକୁ ଆଦର ସହ ଗ୍ରହଣ କରି ତୁମର ପୂର୍ବପୁରୁଷମାନେ ଆନନ୍ଦରେ ଜୀବନଯାପନ କରିଥିଲେ । ସେମାନେ ମୋର ପରମ ମିତ୍ର ଥିଲେ । ଏଣୁ ମୁଁ ତୁମ ସହ ସାକ୍ଷାତ କରିବା ନିମନ୍ତେ ଏଠାକୁ ଚାଲି ଆସିଲି । ସେମାନେ ମୋର କଥା ଯେପରି ଶୁଣୁଥିଲେ,

Digitized by srujanika@gmail.com

ତୁମେ ତୁମର ମନ୍ତ୍ରୀମାନଙ୍କ କଥା ଠିକ୍ ସେପରି ଶୁଣିବା ଉଚିତ । ଏହାଦ୍ୱାରା ତୁମେ ଭବିଷ୍ୟତରେ ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ ହେବ । ଅବଶ୍ୟ ଏଥି ନିମିତ୍ତ କିଛି ଦିନ ପାଇଁ ତୁମକୁ ଭୀଷଣ ମନୋବେଦନା ସହ୍ୟ କରିବାକୁ ପଡ଼ିବ । କିନ୍ତୁ ଏ ଦୁଃଖ ଶେଷରେ ନିଶ୍ଚିତଭାବରେ ଶୁଭ ଫଳଦାୟକ ହେବ ।' ଏହା ଶୁଣି ବତ୍ସରାଜ 'ଆପଣଙ୍କ ଆଦେଶ ନିଶ୍ଚୟ ପାଳନ କରିବି' ବୋଲି ସ୍ୱୀକାର କଲେ ।

ଏହାପରେ ନାରଦ ଅନ୍ତର୍ହିତ ହେଲେ ଏବଂ ଯୌଗନ୍ଧରାୟଣ ପ୍ରଭୃତି ମନ୍ତ୍ରୀମାନେ ସେମାନଙ୍କର ଯୋଜନା ସଫଳ ହେବାକୁ ଯାଉଛି ଦେଖି କାର୍ଯ୍ୟରେ ଉଦ୍ୟମ୍ୱିତ ହେବା ନିମନ୍ତେ ପ୍ରଯତ୍ନ କଲେ ।

Digitized by srujanika@gmail.com

ଦ୍ୱିତୀୟ ତରଙ୍ଗ

ପଦ୍ମାବତୀ ପରିଣୟ

ନାରଦ ଚାଲିଯିବା ପରେ ଯୌଗନ୍ଧରାୟଣ ପୂର୍ବନିଷ୍ପତ୍ତି ଅନୁଯାୟୀ ରାଜା ଓ ରାଣୀଙ୍କ ସହ ଲାବାଣକ ଗ୍ରାମ ଅଭିମୁଖରେ ଯାତ୍ରା କଲେ । ସୈନ୍ୟ-ମାନଙ୍କର କୋଳାହଳଧ୍ୱନି ଯେପରି ମନ୍ତ୍ରୀମାନଙ୍କ କୌଶଳର ସଫଳତା ଘୋଷଣା କରିବାକୁ ଲାଗିଲା । ବିଶାଳ ସୈନ୍ୟବାହିନୀ ସହ ରାଜାଙ୍କର ଆଗମନ ଦେଖି ମଗଧରାଜ ପ୍ରଦ୍ୟୋତ ଭୟରେ କମ୍ପି ଉଠିଲେ । ମିତ୍ରତା ପ୍ରଦର୍ଶନ କରିବା ନିମିତ୍ତ ସେ ଯୌଗନ୍ଧରାୟଣଙ୍କ ନିକଟକୁ ନିଜର ଦୂତକୁ ପଠାଇଲେ । ଚତୁର ଯୌଗନ୍ଧରାୟଣ ମଧ୍ୟ ତାଙ୍କର ଯଥୋଚିତ ସତ୍କାର କରିବା ନିମନ୍ତେ ବିସ୍ମୃତ ହେଲେ ନାହିଁ । ଲାବାଣକରେ ପହଞ୍ଚି ଉଦୟନ ସର୍ବଦା ମୃଗୟାରତ ରହିଲେ ।

ଥରେ ରାଜା ଉଦୟନ ଶିକାର ନିମନ୍ତେ ଚାଲିଯିବା ପରେ ଯୌଗନ୍ଧରାୟଣ, ରୁମଣ୍ୱାନ, ଗୋପାଳକ ଓ ବସନ୍ତକ ରାଣୀ ବାସବଦତ୍ତାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ ସମସ୍ତ ବୃତ୍ତାନ୍ତ ଜ୍ଞାପନ କଲେ । ରାଜାଙ୍କର ଭବିଷ୍ୟତ ମଙ୍ଗଳ ପାଇଁ ସହାୟତା କରିବା ନିମନ୍ତେ ସମସ୍ତେ ତାଙ୍କୁ ବିଭିନ୍ନ ଉପାୟରେ ବୁଝାଇବାକୁ ଲାଗିଲେ । ବାସବଦତ୍ତା ମଧ୍ୟ ପତିଙ୍କର ଅଭ୍ୟୁତ୍ଥାନ ନିମିତ୍ତ ଏହି ଦାରୁଣ ଦୁଃଖ ସହ୍ୟ କରିବା ସକାଶେ ସମ୍ମତା ହେଲେ । ପତିଭକ୍ତା କୁଳସ୍ତ୍ରୀମାନେ ପତିଙ୍କ ନିମିତ୍ତ ବହୁ ଦାରୁଣ କଷ୍ଟ ସହ୍ୟ କରିବା ପାଇଁ କଦାପି ପଶ୍ଚାତ୍‌ପଦ ହୋଇ ନ ଥାଆନ୍ତି ।

ଏହାପରେ ରାଜନୀତିକୁଶଳ ଯୌଗନ୍ଧରାୟଣ ବାସବଦତ୍ତାଙ୍କୁ ଏକ ବ୍ରାହ୍ମଣୀର ଛଦ୍ମବେଶରେ ଭୂଷିତ କଲେ ଏବଂ ବସନ୍ତକଙ୍କୁ ଏକ ଚକ୍ଷୁହୀନ ଶିଷ୍ୟର ରୂପଧାରଣ କରାଇଲେ । ନିଜର ରୂପ ପରିବର୍ତ୍ତନ-ଯୋଗବଳରେ

Digitized by srujanika@gmail.com

ସେ ସେମାନଙ୍କୁ ଏପରି ପରିବର୍ତ୍ତିତ କରିଦେଲେ ଯେ ନିକଟତମ ଲୋକ ମଧ୍ୟ ସେମାନଙ୍କୁ ଚିହ୍ନିବା ସମ୍ଭବପର ହେଲା ନାହିଁ। ସେ ନିଜେ ମଧ୍ୟ ଏକ ବୃଦ୍ଧ ବ୍ରାହ୍ମଣର ଛଦ୍ମବେଶ ଧାରଣ କଲେ । ଏହିପରି ଛଦ୍ମବେଶରେ ସେ, ବାସବଦତ୍ତା ଓ ବସନ୍ତକ ମଗଧ ଅଭିମୁଖରେ ଯାତ୍ରା କଲେ ।

ଏମାନେ ଚାଲିଯିବା ପରେ ରୁମଣ୍ୱାନ ଶିବିରରେ ଅଗ୍ନିସଂଯୋଗ କରି ଦେଇ ଘୋଷଣା କଲେ ଯେ ବାସବଦତ୍ତା ବସନ୍ତକଙ୍କ ସହ ସେହି ଶିବିର ମଧ୍ୟରେ ଭସ୍ମୀଭୂତ ହେଲେ । ସମଗ୍ର ଲାବାଣକ ଅଗ୍ନି ଓ ବିଳାପଧ୍ୱନିରେ କରୁଣ ହୋଇ ଉଠିଲା । କିଛି ସମୟ ପରେ ଅଗ୍ନି ନିର୍ବାପିତ ହେଲା କିନ୍ତୁ କ୍ରନ୍ଦନରୋଳର ଅବସାନ ହେଲା ନାହିଁ ।

ଏଣେ ଯୌଗନ୍ଧରାୟଣ ଏମାନଙ୍କ ସହ ଯାଇ ମଗଧର ରାଜଧାନୀରେ ପ୍ରବେଶ କଲେ । ସେଠାରେ ସେମାନେ ରାଜକୁମାରୀ ପଦ୍ମାବତୀଙ୍କୁ ଉଦ୍ୟାନ ମଧ୍ୟରେ ଭ୍ରମଣ କରୁଥିବା ଦେଖି ଦ୍ୱାରରକ୍ଷକମାନଙ୍କ ପ୍ରତିରୋଧ ପ୍ରତି ଭ୍ରୂକ୍ଷେପ ନକରି ସେହି ଉଦ୍ୟାନ ମଧ୍ୟରେ ପ୍ରବେଶ କଲେ । ପଦ୍ମାବତୀଙ୍କ ଦୃଷ୍ଟି ବାସବଦତ୍ତାଙ୍କ ଉପରେ ପତିତ ହେବା ମାତ୍ରେ ହିଁ ସେ ତାଙ୍କ ପ୍ରତି ସ୍ୱତଃ ଆକୃଷ୍ଟ ହୋଇପଡ଼ିଲେ । ସେ ବୃଦ୍ଧ ବ୍ରାହ୍ମଣଙ୍କୁ ଡାକି ପଚାରିଲେ, 'ହେ ବ୍ରାହ୍ମଣ, ଏ କନ୍ୟାଟି କିଏ ? ଏବଂ ଆପଣ କାହିଁକି ମୋ ନିକଟକୁ ଆସିଛନ୍ତି ?' ଉତ୍ତରରେ ଛଦ୍ମବେଶୀ ଯୌଗନ୍ଧରାୟଣ କହିଲେ, 'ରାଜକୁମାରି ! ଏ ମୋର କନ୍ୟା ଅବନ୍ତିକା ।'ଏହାର ପତି ଏହାକୁ ପରିତ୍ୟାଗ କରି କେଉଁଆଡ଼େ ଚାଲିଯାଇଛନ୍ତି । ତେଣୁ ଏହାକୁ ଆପଣଙ୍କ ହସ୍ତରେ ସମର୍ପଣ କରି ମୁଁ ତାର ଅନୁସନ୍ଧାନରେ ଯିବା ନିମନ୍ତେ ବାହାରିଛି । ଆପଣ ଏହାକୁ ମୁଁ ଫେରିଆସିବା ପର୍ଯ୍ୟନ୍ତ ସୁରକ୍ଷା କରନ୍ତୁ ଏବଂ ଏହାର ଏହି ଚକ୍ଷୁହୀନ ଭାଇଟିକୁ ମଧ୍ୟ ଏହା ସହିତ ରହିବା ନିମନ୍ତେ ସୁଯୋଗ ପ୍ରଦାନ କରନ୍ତୁ, ନଚେତ୍ ସେ ନିଜକୁ ଏକାକିନୀ ମନେ କରିବ । ଏଥିରେ ରାଜକୁମାରୀ ସମ୍ମତା ହେବାରୁ ଯୌଗନ୍ଧରାୟଣ ଲାବାଣକ ଫେରିଆସିଲେ ।'

ଏହାପରେ ପଦ୍ମାବତୀ ଅବନ୍ତିକା ଓ ବସନ୍ତକଙ୍କୁ ନିଜର ଅପୂର୍ବ ବାସଭବନକୁ ନେଇଗଲେ । ଅନ୍ତଃପୁରର ଭିତ୍ତିମାନଙ୍କରେ ଚିତ୍ରିତ ରାମାୟଣର

Digitized by srujanika@gmail.com

ଶରୀରଗୁଡ଼ିକୁ ଦେଖି ଅବନ୍ତିକା ବିରହିଣୀ ସୀତାଙ୍କ ତୁଲ୍ୟ ବିରହ ବେଦନା ସହ୍ୟ କରିବାକୁ ଲାଗିଲେ । ଏହାଙ୍କର ରୂପ, ଆଚାର, ବ୍ୟବହାର, ପଦ୍ମ-ଗନ୍ଧଯୁକ୍ତ ଶରୀର ପ୍ରଭୃତି ଦେଖି ପଦ୍ମାବତୀ ଏହାଙ୍କୁ ଉଚ୍ଚକୁଳସମ୍ଭୂତା ଓ ସୁଗୁଣଯୁକ୍ତା ରମଣୀ ମନେକରି ଆଦର ପ୍ରଦର୍ଶନ କଲେ । ଛଦ୍ମବେଶରେ ଗୁପ୍ତଭାବରେ ରହିଥିବା ଦ୍ରୌପଦୀଙ୍କ ତୁଲ୍ୟ ଏ ମଧ୍ୟ କୌଣସି ମହାପୁରୀ ନାରୀ ବୋଲି ତାଙ୍କର ମନେ ହେଲା । ବାସବଦତ୍ତା ମଧ୍ୟ ଦିନେ ଦିନେ ଉଦୟନଙ୍କଠାରୁ ଶିକ୍ଷା କରିଥିବା ଅମ୍ଳାନମାଳା ଓ ତିଳକଦ୍ୱାରା ପଦ୍ମାବତୀଙ୍କୁ ଭୂଷିତ କରୁଥିଲେ । ଏହା ଲକ୍ଷ୍ୟ କରି ଦିନେ ପଦ୍ମାବତୀଙ୍କର ମାତା ଏକାନ୍ତରେ ତାଙ୍କୁ ଏହା କିଏ କରୁଛି ବୋଲି ପଚାରିବାରୁ, ପଦ୍ମାବତୀ ଅବନ୍ତିକାଙ୍କ ବୃତ୍ତାନ୍ତ ତାଙ୍କ ନିକଟରେ ପ୍ରକାଶ କଲେ । ଏହା ଶୁଣି ସେ କହିଲେ, 'ତାହା ହେଲେ ସେ ମାନବୀ ନୁହେ, ନିଶ୍ଚୟ କୌଣସି ଦେବୀ । ଦେବତାମାନେ ପରୀକ୍ଷା କରିବା ନିମିତ୍ତ ଥରେ ଥରେ ଆସି ମାନବ ଗୃହରେ ବାସ କରିଥାଆନ୍ତି ।' ଏ ପ୍ରସଙ୍ଗରେ ସେ କୁନ୍ତୀ ଓ ଦୁର୍ବାସାଙ୍କ କଥା ତାଙ୍କୁ ଶୁଣାଇଲେ ।

କୁନ୍ତୀ ଓ ଦୁର୍ବାସାଙ୍କ କଥା

ପ୍ରାଚୀନ କାଳରେ କୁନ୍ତୀଭୋଜ ନାମରେ ଜଣେ ରାଜା ଥିଲେ । ଏହାଙ୍କ ଗୃହରେ ବାସ କରିବା ନିମନ୍ତେ ଏକଦା ମହର୍ଷି ଦୁର୍ବାସା ଆସି ଉପସ୍ଥିତ ହେଲେ । ରାଜା ମହର୍ଷିଙ୍କର ସେବା କରିବା ନିମନ୍ତେ ନିଜର କନ୍ୟା କୁନ୍ତୀଙ୍କୁ ନିଯୁକ୍ତ କଲେ । ସେ ମଧ୍ୟ ସାବଧାନତାର ସହିତ ଏହାଙ୍କର ସେବା କରୁଥାଆନ୍ତି । ଦିନେ ମହର୍ଷି ଏହାଙ୍କୁ ପରୀକ୍ଷା କରିବା ନିମନ୍ତେ କହିଲେ, 'ତୁମେ ଚଞ୍ଚଳ ଅନ୍ନ ପ୍ରସ୍ତୁତ କର, ମୁଁ ସ୍ନାନକରି ଆସିଲେ ଭୋଜନ କରିବି ।' ଏହା କହି ସେ ଚାଲିଗଲେ ଏବଂ ଅତିଶୀଘ୍ର ସ୍ନାନ ଶେଷକରି ଫେରିଆସିଲେ । କୁନ୍ତୀ ମଧ୍ୟ ଫୁଟିଥିବା ଅନ୍ନପାତ୍ରଟି ନେଇ ଋଷିଙ୍କ ସମ୍ମୁଖରେ ରଖିଦେଲେ । କିନ୍ତୁ ଅତି ଉତ୍ତପ୍ତ ଥିବାରୁ ଏହା ହାତରେ ଖାଇବା ସମ୍ଭବପର ନଦେଖି ସେ କୁନ୍ତୀଙ୍କର ପୃଷ୍ଠଦେଶ ପ୍ରତି ଦୃଷ୍ଟି ନିକ୍ଷେପ କଲେ । କୁନ୍ତୀ ମଧ୍ୟ ଏହା ବୁଝିପାରି ସେହି ଉତ୍ତପ୍ତ ଅନ୍ନପାତ୍ରଟି ନିଜର ପୃଷ୍ଠରେ ଧାରଣ କଲେ । ଦୁର୍ବାସା ସେଥିରୁ ଅନ୍ନ ଭୋଜନ କରୁଥାଆନ୍ତି କିନ୍ତୁ କୁନ୍ତୀଙ୍କର ପୃଷ୍ଠଦେଶରେ ଭୀଷଣ ଜ୍ୱାଳା ଅନୁଭୂତ ହେଉଥାଏ । ତଥାପି ସେ ମହର୍ଷିଙ୍କର ଭୋଜନ ଶେଷ ହେବା ପର୍ଯ୍ୟନ୍ତ

Digitized by srujanika@gmail.com

ଅବଗଳିତ ଭାବରେ ତାଙ୍କୁ ଧାରଣ କରି ରହିଥିଲେ । ଏହାଙ୍କର ଅସୀମ ଧୈର୍ଯ୍ୟ ଦେଖି ଋଷି ପ୍ରୀତ ହୋଇ ତାଙ୍କୁ ଅଭିଷ୍ଟ ବର ପ୍ରଦାନ କରି ଚାଲିଗଲେ ।

ସେହି ଦୁର୍ବାସାଙ୍କ ପରି ଏହି ଅବନ୍ତିକା ମଧ୍ୟ ତୋତେ ପରୀକ୍ଷା କରିବା ନିମନ୍ତେ ଆସିଥିବାପରି ଜଣାଯାଏ । ତେଣୁ ତାଙ୍କୁ ଆଦର ଓ ସମ୍ମାନ କରିବା ନିମନ୍ତେ ଚେଷ୍ଟା କର । ଏହାପରଠାରୁ ପଦ୍ମାବତୀ ବାସବଦତ୍ତାଙ୍କୁ ଅଧିକ ସ୍ନେହ କରିବାକୁ ଲାଗିଲେ । ପତିବିରହିଣୀ ବାସବଦତ୍ତା ସନ୍ଧ୍ୟାକାଳୀନ କମଳିନୀ ତୁଲ୍ୟ ମଳିନ ଓ ବିଷଣ୍ଣ ହୋଇ ପଡୁଥାଆନ୍ତି । ବସନ୍ତକଙ୍କ ବାଳଚପଳତା ଥରେ ଥରେ ତାଙ୍କର ମ୍ଳାନମୁଖରେ କ୍ଷୀଣ ହାସ୍ୟରେଖା ସୃଷ୍ଟି କରୁଥାଏ ।

ଏଣେ ଶିକାର ସକାଶେ ଉଦୟନ ଅରଣ୍ୟ ମଧ୍ୟରେ ବୁଲି ବୁଲି ବହୁ ବିଳମ୍ବରେ ଲାବାଣକ ଫେରିଆସିଲେ । ରାଣୀଙ୍କ ଶିବିର ଭସ୍ମୀଭୂତ ହୋଇଥିବା ଦେଖି ଏବଂ ବସନ୍ତକଙ୍କ ସହ ବାସବଦତ୍ତା ଦଗ୍‌ଧୀଭୂତ ହୋଇଥିବା ସମ୍ବାଦ ଶୁଣି ସେ ମୂର୍ଚ୍ଛିତ ହୋଇପଡ଼ିଲେ । ପୁଣି ଚେତନା ଫେରିଆସିବା ପରେ ସେ ସେହି ଅଗ୍ନିରେ ଝାସ ଦେଇ ବାସବଦତ୍ତାଙ୍କ ନିକଟକୁ ଚାଲିଯିବା ନିମନ୍ତେ ଉଦ୍ୟତ ହେଲେ । କିନ୍ତୁ ପରେ ସେ ଚିନ୍ତା କରିବାକୁ ଲାଗିଲେ, 'ଏହାଙ୍କ ଗର୍ଭରୁ ମୋର ପ୍ରବଳପରାକ୍ରମୀ ପୁତ୍ରସନ୍ତାନ ଜାତ ହେବ ବୋଲି ମହର୍ଷି ନାରଦ କହି ଯାଇଥିଲେ । ତାଙ୍କ କଥା ତ ଅନ୍ୟଥା ହେବାର ନୁହେଁ । କିଛି ସମୟ ପାଇଁ କଷ୍ଟ ସହ୍ୟ କରିବାକୁ ପଡ଼ିବ ବୋଲି ମଧ୍ୟ ସେ କହିଥିଲେ । ପୁଣି ଗୋପାଳକ ଓ ଯୌଗନ୍ଧରାୟଣ ବିଶେଷ ଦୁଃଖିତ ବୋଲି ଜଣାଯାଉ ନାହାନ୍ତି । ତେଣୁ ହୁଏତ ବାସବଦତ୍ତା ପୁଣି ଜୀବନ ଲାଭ କରିବାର ଆଶା ଏମାନେ ପୋଷଣ କରୁଛନ୍ତି । ମନ୍ତ୍ରୀମାନେ ମଧ୍ୟ ମୋର ମଙ୍ଗଳ ନିମନ୍ତେ କିଛି କୌଶଳ କରିଥିବା ଅସମ୍ଭବ ନୁହେଁ । ତେଣୁ ଦିନେ ନା ଦିନେ ରାଣୀଙ୍କ ସହ ମିଳନ ଘଟିବାର ଆଶା ରହିଛି । ସୁତରାଂ କେତେ ଦିନ ପାଇଁ ଧୈର୍ଯ୍ୟଧାରଣ କରି ରହିବା ମୋ ପକ୍ଷରେ ଉଚିତ ହେବ ।'

ଏ ପ୍ରକାର ଚିନ୍ତାକରି ରାଜା ଉଦୟନ ମନ୍ତ୍ରୀମାନଙ୍କର ସାନ୍ତ୍ୱନାବାଣୀରେ କିୟତ୍‌ ପରିମାଣରେ ଆଶ୍ୱସ୍ତ ହେଲେ ।

Digitized by srujanika@gmail.com

ଲାବାଣକର ଏ ମର୍ମନ୍ତୁଦ ଘଟଣା ଗୁପ୍ତଚରମାନେ ପ୍ରଦ୍ୟୋତଙ୍କ କର୍ଣ୍ଣଗୋଚର କଲେ । ମଗଧ ନରପତି ମଧ୍ୟ ଏହା ଉପଯୁକ୍ତ ସମୟ ମନେକରି ନିଜର କନ୍ୟା ପଦ୍ମାବତୀଙ୍କୁ ତାଙ୍କ ହସ୍ତରେ ପ୍ରଦାନ କରିବାର ଅଭିଳାଷ ପୋଷଣ କଲେ । ପୂର୍ବରୁ ଏ ପ୍ରସଙ୍ଗ ଯୌଗନ୍ଧରାୟଣ ଉତ୍‌ଥାପନ କରିଥିବାରୁ, ସେ ଗୁପ୍ତଚରଦ୍ୱାରା ନିଜର ମନୋବାଞ୍ଛା ତାଙ୍କ ନିକଟରେ ବ୍ୟକ୍ତ କଲେ । ଏହି ପ୍ରସ୍ତାବ ଉଦୟନଙ୍କ ନିକଟରେ ଉପସ୍ଥାପିତ କରାଯିବାରୁ ସେ 'ଯୌଗନ୍ଧରାୟଣ ବାସବଦତ୍ତାଙ୍କୁ କେଉଁଠାରେ ଗୁପ୍ତକରି ରଖିଥାଇ ପାରନ୍ତି' ବୋଲି ଭାବି ଏଥିରେ ସମ୍ମତି ପ୍ରଦାନ କଲେ ।

ଯୌଗନ୍ଧରାୟଣ ପ୍ରଦ୍ୟୋତଙ୍କ ନିକଟକୁ ସମ୍ବାଦ ପ୍ରେରଣ କଲେ ଯେ, 'ଆମେ ଆପଣଙ୍କ ପ୍ରସ୍ତାବ ସ୍ୱୀକାର କଲୁ । ଏକ ସପ୍ତାହ ମଧ୍ୟରେ ଏହି ବିବାହ ସମ୍ପନ୍ନ ହୋଇଯିବା ଆବଶ୍ୟକ । ଆପଣ ସଙ୍ଗେ ସଙ୍ଗେ ନିମନ୍ତ୍ରଣ ପଠାନ୍ତୁ । ଏହି ବିବାହ ନିମନ୍ତେ ଉତ୍ତରନ୍ତୁ ହେବାର କାରଣ ଏହି ଯେ ଏହାଦ୍ୱାରା ରାଜା ବାସବଦତ୍ତାଙ୍କ ସ୍ମୃତିକୁ ଚଞ୍ଚଳ ବିସ୍ମୃତ ହେବେ ।' ପ୍ରଦ୍ୟୋତ ଏଥିରେ ଖୁବ୍ ପ୍ରସନ୍ନ ହୋଇ ଅତିଶୀଘ୍ର ରାଜକୀୟ ଆଡ଼ମ୍ବରରେ ବିବାହ ଉତ୍ସବ ସମାପନ କରିବା ନିମନ୍ତେ ପ୍ରସ୍ତୁତ ହେଲେ । ପଦ୍ମାବତୀ ମଧ୍ୟ ଉପଯୁକ୍ତ ବ୍ୟକ୍ତିର ପାଣିଗ୍ରହଣ କରିବେ ବୋଲି ଆନନ୍ଦିତ ହୋଇଉଠିଲେ କିନ୍ତୁ ବାସବଦତ୍ତାଙ୍କ ଦୁଃଖରାଶି ବୃଦ୍ଧିପ୍ରାପ୍ତ ହେଲା । ଏହି ସମୟରେ ବସନ୍ତକ, 'ଏ ପ୍ରକାର କୌଶଳ ଅବଲମ୍ବନ କରିବାଦ୍ୱାରା ଯୌଗନ୍ଧରାୟଣ ଶତ୍ରୁକୁ ମଧ୍ୟ ମିତ୍ରରେ ପରିଣତ କରିଦେଇ ପାରିଲେ'; 'ରାଜା ଉଦୟନଙ୍କ ପ୍ରେମ ତ ତୁମ ପ୍ରତି ପୂର୍ବପରି ରହିଅଛି' ପ୍ରଭୃତି କହି ତାଙ୍କୁ ସାନ୍ତ୍ୱନା ପ୍ରଦାନ କରୁଥାଆନ୍ତି ।

କିଛି ଦିନ ପରେ ବିବାହ ଦିବସ ଉପସ୍ଥିତ ହେବାରୁ ବାସବଦତ୍ତା ଅମ୍ଳାନମାଳା ଓ ତିଳକଦ୍ୱାରା ପଦ୍ମାବତୀଙ୍କୁ ଭୂଷିତ କଲେ । ସପ୍ତମ ଦିନ ରାଜା ଉଦୟନ ନିଜର ମନ୍ତ୍ରୀ ପରିଜନଙ୍କୁ ନେଇ ମଗଧର ରାଜଧାନୀରେ ଉପସ୍ଥିତ ହେବାରୁ ମଗଧବାସୀ ଗଣ ଆନନ୍ଦ ଲାଭକରି ଆନନ୍ଦ କୋଳାହଳ କରିବାକୁ ଲାଗିଲେ । ଏହିପରି ଉଦୟନ ରାଜନବରରେ ପ୍ରବେଶ କରି ପଦ୍ମାବତୀଙ୍କ ଅପରୂପ ଲାବଣ୍ୟ ଦର୍ଶନ କଲେ । ବିବାହ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଲା । ପ୍ରଦ୍ୟୋତ ଏତେ ଧନ ସମ୍ପତ୍ତି ଯୌତୁକରୂପେ

Digitized by srujanika@gmail.com

ପ୍ରଦାନ କଲେ ଯେ ମନେ ହେଲା ଉଦୟନ ସମଗ୍ର ପୃଥିବୀର ସମସ୍ତ ଧନରତ୍ନର ଅଧିକାରୀ ହୋଇଗଲେ ! ଏହି ଅବସରରେ ଚତୁର ଯୌଗନ୍ଧରାୟଣ ପ୍ରଦ୍ୟୋତଙ୍କୁ ଅଗ୍ନି ସମ୍ମୁଖରେ ପ୍ରତିଜ୍ଞାବଦ୍ଧ କରାଇନେଲେ ଯେ ସେ କୌଣସି ଅବସ୍ଥାରେ ଉଦୟନଙ୍କ ଶତ୍ରୁତା କରିବେ ନାହିଁ ।

ବିବାହ କ୍ରିୟା ସମାପ୍ତ ହେଲା । ରାଜା ଅନ୍ତଃପୁରକୁ ଯିବାବେଳେ ଯୌଗନ୍ଧରାୟଣଙ୍କ ଭୟ ହେଲା ଯେ ସେଠାରେ ରାଜା ହୁଏତ ବାସବଦତ୍ତାଙ୍କର ପରିଚୟ ପାଇ ଯାଇପାରନ୍ତି । କାରଣ ଏହାଦ୍ୱାରା ତାଙ୍କର ସମସ୍ତ କୌଶଳ ପଣ୍ଡହେବ । ତେଣୁ ସେ ସଙ୍ଗେ ସଙ୍ଗେ ଲାବାଣକ ଫେରିଯିବା ନିମନ୍ତେ ପ୍ରସ୍ତାବ କଲେ । ଉଦୟନ ଓ ପ୍ରଦ୍ୟୋତ ଉଭୟ ଏଥିରେ ସମ୍ମତ ହେବାରୁ ଭୋଜନ ସମାପ୍ତ କରି ସମସ୍ତେ ଲାବାଣକ ପ୍ରତ୍ୟାବର୍ତ୍ତନ କରି ଆସିଲେ ।

ପଦ୍ମାବତୀ ଉଦୟନଙ୍କ ସହ ରଥରେ ବସି ଆଗେ ଆଗେ ଚାଲିଥାଆନ୍ତି । ବାସବଦତ୍ତା ମଧ୍ୟ ଅନ୍ୟ ଏକ ରଥରେ ବସନ୍ତକଙ୍କ ସହ ସୈନ୍ୟବାହିନୀର ଶେଷରେ ତାଙ୍କର ଅନୁଗମନ କରୁଥାଆନ୍ତି । କ୍ରମଶଃ ବତ୍ସରାଜ ପଦ୍ମାବତୀଙ୍କ ସହ ରାଜଭବନରେ ପ୍ରବେଶ କଲେ । ବାସବଦତ୍ତା ଅତି ଦୁଃଖରେ ଦିବସ ଯାପନ କରି ଅର୍ଦ୍ଧରାତ୍ରି ସମୟରେ ଗୋପାଳକଙ୍କ ଶିବିରରେ ଯାଇ ଉପସ୍ଥିତ ହେଲେ । ଗୋପାଳକ ମଧ୍ୟ ତାଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଅପେକ୍ଷା କରି ରହିଥିଲେ । ଭଉଣୀକୁ ଦେଖିବା ମାତ୍ରେ ତାଙ୍କର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଉଠିଲା । ଏହି ସମୟରେ ଯୌଗନ୍ଧରାୟଣ ଓ ରୁମଣ୍ୱାନ ମଧ୍ୟ ସେଠାରେ ଉପସ୍ଥିତ ହୋଇ ବାସବଦତ୍ତାଙ୍କୁ ଅଭିବାଦନ କଲେ । ଏଣେ ଏମାନେ ଏକତ୍ରିତ ହୋଇ ଆନନ୍ଦ ଉପଭୋଗ କରୁଥିବାବେଳେ ଗୁପ୍ତଚର ଯାଇ ପଦ୍ମାବତୀଙ୍କୁ ଜଣାଇଲା, 'ଅବନ୍ତିକା ଆମ ସହିତ ଆସୁଥିଲେ, କିନ୍ତୁ ଏଠାରେ ପହଞ୍ଚିବା ମାତ୍ରେ ଆମକୁ ପରିତ୍ୟାଗ କରି ସେ ଗୋପାଳକଙ୍କ ନିକଟକୁ ଚାଲିଗଲେ ।' ରାଜାଙ୍କ ସମୀପରେ ହିଁ ଏହା ଶୁଣି ପଦ୍ମାବତୀ ତାକୁ ଆଦେଶ ଦେଲେ, 'ଯାଇ ଅବନ୍ତିକାକୁ କହ ଯେ, ସେ ମୋ ନିକଟରେ ରହିବା ନିମନ୍ତେ ପ୍ରଦତ୍ତା । ମୁଁ ଯେଉଁଠାରେ ରହିବି, ସେ ସେଠାରେ ରହିବା ଉଚିତ । ତେଣୁ ତାଙ୍କୁ ସଙ୍ଗେ ସଙ୍ଗେ ମୋ ନିକଟକୁ ଆସିବା ପାଇଁ ନିର୍ଦ୍ଦେଶ ଦିଅ ।'

Digitized by srujanika@gmail.com

ଆଦେଶ ନେଇ ଦୂତ ଚାଲିଯିବା ପରେ ରାଜା ଏକାନ୍ତରେ ପଦ୍ମାବତୀଙ୍କୁ ପଚାରିଲେ, 'ତୁମକୁ ଏ ମାଳା ଓ ଏ ତିଳକ କିଏ ଦେଲା ?' ଏଥିରେ ରାଣୀ କହିଲେ, 'କୌଣସି ବ୍ରାହ୍ମଣ ଅବନ୍ତିକା ନାମ୍ନୀ ଗୋଟିଏ କନ୍ୟାକୁ ମୋ ନିକଟରେ ଆଣି ଛାଡ଼ିଦେଇ ଯାଇଛନ୍ତି । ଏଗୁଡ଼ିକ ତା ଦ୍ୱାରା ହିଁ ପ୍ରସ୍ତୁତ ।' ରାଜା ମନେ ମନେ ଅବନ୍ତିକା ହିଁ ବାସବଦତ୍ତା ବୋଲି ନିଶ୍ଚୟ କରି ସଙ୍ଗେ ସଙ୍ଗେ ଗୋପାଳକଙ୍କ ଶିବିରରେ ଆସି ପହଞ୍ଚିଲେ ଏବଂ ଗୋପାଳକ, ଯୌଗନ୍ଧରାୟଣ, ରୁମଣ୍ୱାନ ଓ ବସନ୍ତକଙ୍କ ସହ ବାସବଦତ୍ତାଙ୍କୁ ସେଠାରେ ଦେଖି ଆନନ୍ଦରେ ମୂର୍ଚ୍ଛିତ ହୋଇପଡ଼ିଲେ । ବାସବଦତ୍ତା ମଧ୍ୟ ପତିଙ୍କ ମନରେ ଦୁଃଖ ଦେଇଥିବା ହେତୁ ବିଳାପ କରି ମୂର୍ଚ୍ଛା ହୋଇଗଲେ । ଏମାନଙ୍କର ଏ ଅବସ୍ଥା ଦେଖି ଉପସ୍ଥିତ ସମସ୍ତଙ୍କର ଚକ୍ଷୁ ଅଶ୍ରୁସଜଳ ହୋଇଉଠିଲା । ଏହି କୋଳାହଳ ଶୁଣି ପଦ୍ମାବତୀ ମଧ୍ୟ ସେଠାରେ ଆସି ପହଞ୍ଚିଲେ । ସେ ମଧ୍ୟ ଏମାନଙ୍କ ଦୁଃଖରେ ସମଦୁଃଖିନୀ ହୋଇ ଶୋକାକୁଳା ହୋଇପଡ଼ିଲେ ।

ଏହି ସମୟରେ ଯୌଗନ୍ଧରାୟଣ କହିଲେ, 'ପଦ୍ମାବତୀଙ୍କୁ ଲାଭ କଲେ ଆପଣ ସମଗ୍ର ପୃଥିବୀର ସମ୍ରାଟ ହେବେ ବୋଲି ମୁଁ ଏ ପ୍ରକାର ଚକ୍ରାନ୍ତ କରିଥିଲି । ଏଥିରେ ମହାରାଣୀଙ୍କର ତିଳେ ମାତ୍ର ଦୋଷ ନାହିଁ । ପ୍ରବାସ କାଳରେ ମହାରାଣୀଙ୍କ ଚରିତ୍ର ଯେ କଳଙ୍କିତ ହୋଇ ନାହିଁ, ତା'ର ସାକ୍ଷୀ ସ୍ୱୟଂ ତାଙ୍କର ସପତ୍ନୀ ପଦ୍ମାବତୀ ।' ଏହା ଶୁଣି ପଦ୍ମାବତୀ କହିଲେ, 'ବାସବଦତ୍ତାଙ୍କର ଚରିତ୍ରର ନିର୍ମଳତା ପ୍ରମାଣିତ କରିବା ନିମନ୍ତେ ମୁଁ ଅଗ୍ନିରେ ପ୍ରବେଶ କରିବା ସକାଶେ ପ୍ରସ୍ତୁତ ଅଛି ।' କିନ୍ତୁ ରାଜା କହିଲେ, 'ଏ ସମସ୍ତ ଅପରାଧର ଏକମାତ୍ର ଅପରାଧୀ ହେଉଛି ମୁଁ । ମୋ ପାଇଁ କେବଳ ମହାରାଣୀ ଏତେ ଦୁଃଖ ସହ୍ୟ କଲେ ।' ବାସବଦତ୍ତା ମଧ୍ୟ ରାଜାଙ୍କର ହୃଦୟ ଶୁଦ୍ଧି ପାଇଁ ନିଜେ ଅଗ୍ନିରେ ପ୍ରବେଶ କରିବା ନିମିତ୍ତ ଉଦ୍ୟତ ହେଲେ । ଏସବୁ ଶୁଣି ପଣ୍ଡିତପ୍ରବର ଯୌଗନ୍ଧରାୟଣ ପୂର୍ବମୁଖ ହୋଇ ବସି ବିଶୁଦ୍ଧ ମନରେ ଆଚମନ କରି କହିଲେ, 'ହେ ଦିଗପାଳବୃନ୍ଦ ! ମୁଁ ଯଦି ପ୍ରକୃତରେ ରାଜାଙ୍କର ହିତକାମୀ ଏବଂ ମହାରାଣୀ ଯଦି ସଚ୍ଚରିତ୍ରା, ତା' ହେଲେ ଆପଣମାନେ ସାକ୍ଷ୍ୟ ପ୍ରଦାନ କରନ୍ତୁ । ନଚେତ୍ ମୁଁ ଏଠାରେ ପ୍ରାଣ ବିସର୍ଜନ କରିବି ।'

Digitized by srujanika@gmail.com

ଏହା କହି ଯୌଗନ୍ଧରାୟଣ ମୌନ ହୁଅନ୍ତେ ଆକାଶବାଣୀ ହେଲା, 'ଯାହାର ପତ୍ନୀ ବାସବଦତ୍ତା ଏବଂ ଯାହାର ମନ୍ତ୍ରୀ ଯୌଗନ୍ଧରାୟଣ, ସେହି ରାଜା ଧନ୍ୟ ।'

ଏହା ଶୁଣି ଗୋପାଳକ, ରାଜା ଏବଂ ଉପସ୍ଥିତ ଜନତା ଯୌଗନ୍ଧରାୟଣଙ୍କ କାର୍ଯ୍ୟର ଭୂରି ଭୂରି ପ୍ରଶଂସା କଲେ । ରାଜା ସମସ୍ତ ପୃଥିବୀକୁ ନିଜର ଅଧୀନ ହେଲା ବୋଲି ମନେକଲେ । ରତି ଓ ନିବୃତ୍ତି (ସୁଖ) ସ୍ୱରୂପ ବାସବଦତ୍ତା ଓ ପଦ୍ମାବତୀଙ୍କ ସହ ନିରନ୍ତର ସହବାସ କରି ରାଜା ଉଦୟନ ନିଜକୁ ପରମ ଭାଗ୍ୟବାନ୍ ମନେକଲେ ।

Digitized by srujanika@gmail.com

ତୃତୀୟ ତରଙ୍ଗ

ଏକଦା ଉଦୟନ ରାଣୀମାନଙ୍କ ସହ ଏକାନ୍ତରେ ସୁରାପାନରେ ରତ ଥିବାବେଳେ ଯୌଗନ୍ଧରାୟଣ, ଗୋପାଳକ, ରୁମଣ୍ୱାନ ଓ ବସନ୍ତକଙ୍କୁ ଡାକି ଏକ ଗୁପ୍ତ ବୈଠକର ଆୟୋଜନ କଲେ । ଏହି ଅବସରରେ ସେ ନିଜର ବିରହାବସ୍ଥାର ଦୁଃଖ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ସେମାନଙ୍କୁ ଗୋଟିଏ ଗଳ୍ପ ଶୁଣାଇଲେ—

ପୁରୁରବା ଓ ଉର୍ବଶୀ କଥା

ପ୍ରାଚୀନ କାଳରେ ପୁରୁରବା ନାମରେ ଜଣେ ବିଷ୍ଣୁଭକ୍ତ ରାଜା ରାଜତ୍ୱ କରୁଥାଆନ୍ତି । ନିଜର ଭକ୍ତି ଓ ଶକ୍ତିବଳରେ ସେ ଅନାୟାସରେ ଦିବପୁର ଭ୍ରମଣ କରିପାରୁଥିଲେ । ଦିନେ ନନ୍ଦନକାନନରେ ଭ୍ରମଣ କରୁଥିବା ସମୟରେ ଉର୍ବଶୀଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ପୁରୁରବାଙ୍କ ଦର୍ଶନରେ ଉର୍ବଶୀ କାମମୋହିତା ହୋଇ ମୂର୍ଚ୍ଛିତା ହେଲେ । ଏହା ଦେଖି ରମ୍ଭା ପ୍ରଭୃତି ଅନ୍ୟାନ୍ୟ ଅପ୍‌ସରାଙ୍କ ମନରେ ଗଭୀର ଖେଦ ଜାତ ହେଲା । ରାଜା ମଧ୍ୟ ଉର୍ବଶୀଙ୍କ ରୂପ ଲାବଣ୍ୟ ଦେଖି ସଂଜ୍ଞାହୀନ ହୋଇପଡ଼ିଲେ । କ୍ଷୀର ସମୁଦ୍ରରେ ବିଶ୍ରାମ କରୁଥିବା ସର୍ବଦ୍ରଷ୍ଟା ଭଗବାନ୍ ନିଜ ଭକ୍ତର ଏ ସନ୍ତାପ ଜ୍ଞାତ ହୋଇ ନାରଦଙ୍କୁ କହିଲେ, 'ଦେବର୍ଷି ! ନନ୍ଦନକାନନରେ ଉର୍ବଶୀଙ୍କୁ ଦେଖି ପୁରୁରବା ଚେତନାହୀନ ହୋଇପଡ଼ିଛନ୍ତି । ଏ ବିରହ ବେଦନା ସହ୍ୟ କରିବା ତାଙ୍କ ପକ୍ଷରେ ସମ୍ଭବପର ନୁହେଁ । ତେଣୁ ତୁମେ ମୋର ଆଦେଶ ବୋଲି ଇନ୍ଦ୍ରଙ୍କୁ କହି ସେ ଦୁହିଙ୍କର ମିଳନ ସଙ୍ଘଟିତ କରାଅ ।'

ନାରଦ ଏହି ଆଦେଶ ପ୍ରାପ୍ତମାତ୍ରେ ପୁରୁରବାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ ସଚେତନ କରାଇଲେ ଏବଂ ବିଷ୍ଣୁଙ୍କ ନିର୍ଦ୍ଦେଶରେ ତାଙ୍କ ସହ

Digitized by srujanika@gmail.com

ଇନ୍ଦ୍ରଙ୍କ ସମ୍ମୁଖକୁ ଗମନ କରି ପୁରୁରବା ଓ ଉର୍ବଶୀଙ୍କର ମିଳନ ସଙ୍ଘଟିତ କରାଇଲେ । ଉର୍ବଶୀ ସ୍ୱର୍ଗରାଜ୍ୟକୁ ନିର୍ଜୀବ କରି ନିଜେ ସଜୀବ ହେଲେ ଏବଂ ପୁରୁରବା ଏହି ସ୍ୱର୍ଗୀୟ ପତ୍ନୀଙ୍କ ସହ ନିଜ ରାଜ୍ୟରେ ଉପସ୍ଥିତ ହୋଇ ଜନତାକୁ ବିସ୍ମୟାଭିଭୂତ କଲେ । ଉଭୟେ ଅତି ଆନନ୍ଦରେ ବହୁ ଦିନଧରି କାଳଯାପନ କଲେ ।

ଏକଦା ଦେବରାଜ ଇନ୍ଦ୍ର ମାୟାଧର ନାମକ କୌଣସି ଅସୁରଦ୍ୱାରା ଅଶାନ୍ତ ହୋଇ ପୁରୁରବାଙ୍କର ସାହାଯ୍ୟ ପ୍ରାର୍ଥନା କରନ୍ତେ ପୁରୁରବା ସ୍ୱର୍ଗରାଜ୍ୟରେ ଉପସ୍ଥିତ ହୋଇ ସେହି ଅସୁରକୁ ପରାସ୍ତ ଓ ନିହତ କଲେ । ଫଳରେ ସ୍ୱର୍ଗରାଜ୍ୟରେ ଆନନ୍ଦ ଉତ୍ସବ ପାଳିତ ହେଲା । ଏହି ଅବସରରେ ରମ୍ଭା ନାମକ ଅପ୍‌ସରା ତୁମ୍ବୁରୁଙ୍କର ସମ୍ମୁଖରେ ନୃତ୍ୟ କରୁଥିବାବେଳେ ତା'ର ନୃତ୍ୟରେ ସାମାନ୍ୟ ତ୍ରୁଟି ଦେଖି ପୁରୁରବା ହାସ୍ୟପ୍ରକାଶ କଲେ । ଏହା ଦେଖି ସେ କ୍ରୁଦ୍ଧ ହୋଇ କହିଲେ, 'ଏହା ଦେବନୃତ୍ୟ ଓ ତୁମେ ମାନବ । ଏହି ନୃତ୍ୟ ସମ୍ପର୍କରେ ତୁମର ବା କି ଜ୍ଞାନ ଅଛି ?'

ଏହାର ଉତ୍ତରରେ ରାଜା କହିଲେ, 'ଉର୍ବଶୀଙ୍କର ସମ୍ପର୍କରେ ଆମି ମୁଁ ଯାହା ଜାଣିଛି, ତାହା ତୁମର ଗୁରୁ ତୁମ୍ବୁରୁ ମଧ୍ୟ ଜାଣନ୍ତି ନାହିଁ ।' ଏଥିରେ ତୁମ୍ବୁରୁ କୋପାନ୍ୱିତ ହୋଇ ଶାପ ଦେଲେ ଯେ ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା ନ କରିବା ପର୍ଯ୍ୟନ୍ତ ଉର୍ବଶୀ ପୁରୁରବାଙ୍କଠାରୁ ବିଚ୍ଛିନ୍ନ ହେବେ । ଶାପଗ୍ରସ୍ତ ରାଜା ଫେରିଆସି ଉର୍ବଶୀଙ୍କ ନିକଟରେ ଏ ବୃତ୍ତାନ୍ତ ପ୍ରକାଶ କଲେ ।

ଏହାପରେ ତୁମ୍ବୁରୁଙ୍କର ଆଦେଶକ୍ରମେ ଗନ୍ଧର୍ବଗଣ ଉର୍ବଶୀଙ୍କୁ ଅପହରଣ କରିନେଲେ । ପୁରୁରବା ଏହାକୁ ଶାପର ପରିଣାମ ବୋଲି ମନେକରି ବଦରିକାଶ୍ରମ ଚାଲିଗଲେ ଏବଂ ସେଠାରେ ଭଗବାନଙ୍କର ଆରାଧନା କଲେ । ଗନ୍ଧର୍ବଲୋକରେ ବିରହିଣୀ ଉର୍ବଶୀ ଚିତ୍ରାର୍ପିତ ତୁଲ୍ୟ ଦୀର୍ଘନିଃଶ୍ୱାସ ପରିତ୍ୟାଗପୂର୍ବକ ଦିନ ଯାପନ କରିବାକୁ ଲାଗିଲେ । କିନ୍ତୁ ପ୍ରାଣ ବିସର୍ଜନ କରିବା ଚିନ୍ତା ସେ ମନରେ ପୋଷଣ କରି ନଥିଲେ ।

Digitized by srujanika@gmail.com

ଏଣେ ପୁରୁରବା ଭଗବାନଙ୍କୁ ସନ୍ତୁଷ୍ଟ କରି ତାଙ୍କର ଆଜ୍ଞାରେ ଉର୍ବଶୀଙ୍କୁ ପୁଣି ଲାଭ କଲେ ଏବଂ ପୃଥିବୀରେ ସ୍ୱର୍ଗୀୟ ସୁଖ ଲାଭକରି ଜୀବନ-ଯାପନ କଲେ ।

ଏହି କଥା ଶୁଣାଇ ରାଜା ମୌନ ହୁଅନ୍ତେ ଉର୍ବଶୀଙ୍କର ବିରହ ବେଦନା ସହ୍ୟ କରିବାର ଶକ୍ତି ଦେଖି ବାସବଦତ୍ତା ମନେ ମନେ ଲଜ୍ଜିତା ହେଲେ । ଏହା ଦେଖି ଯୌଗନ୍ଧରାୟଣ ଅନ୍ୟ ଏକ କଥା ଶୁଣାଇବା ଆରମ୍ଭ କଲେ—

ବିହିତସେନ ଓ ତେଜୋବତୀ କଥା

ମହାରାଜ, ଆପଣ ଯଦି ପୂର୍ବରୁ ଏ କଥାଟି ଶୁଣି ନାହାନ୍ତି, ତେବେ ଶୁଣନ୍ତୁ । ପୃଥିବୀରେ ବୈକୁଣ୍ଠ ତୁଲ୍ୟ ତିମିର ନାମକ ଏକ ନଗରୀ ଅଛି । ସେଠାରେ ବିହିତସେନ ନାମରେ ଜଣେ ରାଜା ପୂର୍ବକାଳରେ ରାଜତ୍ୱ କରୁଥିଲେ । ଅପ୍‌ସରାନିନ୍ଦୀ ତେଜସ୍ୱତୀ ତାଙ୍କର ରାଣୀ । ଉଭୟଙ୍କର ପ୍ରେମ ନିବିଡ଼ ଓ ଅବିଚ୍ଛେଦ୍ୟ ଥିଲା ।

ଥରେ ରାଜାଙ୍କର ଜୀର୍ଣ୍ଣଜ୍ୱର ହେବାରୁ ବୈଦ୍ୟମାନେ ତାଙ୍କୁ ରାଣୀଙ୍କ ସହି ମିଳିତ ହେବା ନିମନ୍ତେ ବାରଣ କରିଦେଲେ । ରାଣୀଙ୍କ ବିରହରେ ରୋଗ କ୍ରମେ କ୍ରମେ ବୃଦ୍ଧି ପ୍ରାପ୍ତ ହେଲା ଏବଂ ଶେଷରେ ଅସାଧ୍ୟ ହୋଇପଡ଼ିଲା । ବୈଦ୍ୟମାନେ ମନ୍ତ୍ରୀଙ୍କୁ କହିଲେ ଯେ ଗଭୀର ଦୁଃଖ, ଶୋକ କମ୍ୱା ଆଘାତଦ୍ୱାରା ହିଁ ରାଜାଙ୍କର ରୋଗ ଉପଶମ ହେବ । ଏଥିରେ ମନ୍ତ୍ରୀ ବିବ୍ରତ ହୋଇ ଚିନ୍ତା କଲେ ଯେ ରାଜାଙ୍କୁ ଉଦ୍‌ବୁଦ୍ଧିତ କରିବା ସମ୍ଭବପର ନୁହେ । ଥରେ ରାଜାଙ୍କ ପୃଷ୍ଠଦେଶରେ ଗୋଟିଏ ଭୟଙ୍କର ବିଷାକ୍ତ ସର୍ପ ନିପତିତ ହୋଇଥିଲା ଏବଂ ଆଉ ଥରେ ଶତ୍ରୁମାନେ ରାଜପ୍ରାସାଦ ମଧ୍ୟରେ ପ୍ରବେଶ କରିଯାଇଥିଲେ; ତଥାପି ରାଜା ଭୀତତ୍ରସ୍ତ ନହୋଇ ସାହସର ସହି ଏହାର ସମ୍ମୁଖୀନ ହୋଇଥିଲେ । ତେଣୁ ରାଜାଙ୍କୁ ଉଦ୍‌ବୁଦ୍ଧିତ କରିବା ଅସମ୍ଭବ । ଏହା ଚିନ୍ତାକରି ମହାମନ୍ତ୍ରୀ ରାଣୀ ତେଜସ୍ୱିନୀଙ୍କ ସହି ପରାମର୍ଶ କଲେ ଏବଂ ରାଣୀଙ୍କର ମୃତ୍ୟୁ ହେଲା ବୋଲି ଘୋଷଣା କଲେ । ଏହି ଦାରୁଣ ସମ୍ବାଦରେ ରାଜାଙ୍କର ହୃଦୟ ମଥିତ ଓ ବ୍ୟଥିତ ହେଲା ଏବଂ ତାଙ୍କର ରୋଗ ଉପଶମ ହେଲା । ରାଜା

Digitized by srujanika@gmail.com

ରୋଗମୁକ୍ତ ହେବାରୁ ମନ୍ତ୍ରୀମାନେ ରାଣୀଙ୍କୁ ନେଇ ରାଜାଙ୍କ ନିକଟରେ ଉପସ୍ଥିତ କରାଇଥିଲେ । ଏହି ପ୍ରଣୟପ୍ରଦାୟିନୀ ରାଣୀଙ୍କୁ ରାଜା ବିହ୍ୱଳଦେବ ପରିଅସ୍ଥ ସମ୍ମାନିତ କଲେ ଏବଂ ରାଣୀଙ୍କ ଗୁପ୍ତବେଶଧାରଣରେ କ୍ରୋଧ ମଧ୍ୟ ପ୍ରକାଶ କରି ନଥିଲେ । କେବଳ ରାଜାଙ୍କୁ ପ୍ରସନ୍ନ ରଖିବା ରାଣୀଙ୍କର ଏକମାତ୍ର କର୍ତ୍ତବ୍ୟ ନୁହେ, ତାଙ୍କର ମଙ୍ଗଳସାଧନ କରିବା ମଧ୍ୟ ମହାରାଣୀଙ୍କର କର୍ତ୍ତବ୍ୟ । ମନ୍ତ୍ରୀ ମଧ୍ୟ ରାଜାଙ୍କର ପ୍ରତ୍ୟେକ କର୍ମକୁ ସମର୍ଥନ କରି ତୋଷାମଦ କରିବା ଅନୁଚିତ । ସେ ସର୍ବଦା ରାଜାଙ୍କର ହିତସାଧନବ୍ରତୀ ହେବା ବାଞ୍ଛନୀୟ । ଏଣୁ ବିରୋଧୀ ମଗଧ ରାଜାଙ୍କର ସହ ସନ୍ଧି ସ୍ଥାପନ କରି ଆପଣଙ୍କୁ ସସାଗରାଧରାର ଅଧୀଶ୍ୱର କରାଇବା ନିମନ୍ତେ ଆମ୍ଭେମାନେ ଉକ୍ତ ଉପାୟ ଅବଲମ୍ବନ କରିଥିଲୁ । ତେଣୁ ଆପଣଙ୍କ ପ୍ରତି ଅଗାଧ ଭକ୍ତିମତୀ ରାଣୀ ବାସବଦତ୍ତା ଏହି ଅସହ୍ୟ ଦୁଃଖକୁ ବରଣ କରି ଅପରାଧ କରିନାହାନ୍ତି ବରଂ ଆପଣଙ୍କର ମଙ୍ଗଳସାଧନ ହିଁ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଯୌଗନ୍ଧରାୟଣଙ୍କ ଏହି କଥା ଶ୍ରବଣ କରି ରାଜା ନିଜକୁ ଅପରାଧୀ ମନେକଲେ ଏବଂ କହିଲେ, 'ଆପଣମାନଙ୍କଦ୍ୱାରା ପ୍ରେରିତ ମୂର୍ତ୍ତିମତୀ ନୀତି ସଦୃଶ୍ୟା ମହାରାଣୀ ମୋତେ ସମଗ୍ର ପୃଥିବୀ ପ୍ରଦାନ କଲେ । ମୁଁ ଯାହା ବା କହୁଛି, ତାହା କେବଳ ପ୍ରେମାତିଶଯ୍ୟରୁ ହିଁ କହି ପକାଉଛି । ପ୍ରେମାନ୍ଧ ବ୍ୟକ୍ତିମାନଙ୍କର ହୃଦୟ ଅନେକ ସମୟରେ ବିଚାରଶକ୍ତିରହିତ ହୋଇପଡ଼ିଥାଏ ।' ଏହିପରି ରାଜା କହୁ କହୁ ସନ୍ଧ୍ୟା ଉପଗତ ହେଲା ଏବଂ ସଭା ଭଙ୍ଗ ହେଲା ।

ଦ୍ୱିତୀୟ ଦିନ ମଗଧରାଜ ପ୍ରଦ୍ୟୋତ ଏହି ବୃତ୍ତାନ୍ତ ଶ୍ରବଣ କରି ଗୋଟିଏ ଦୂତ ପ୍ରେରଣ କଲେ । ତାହାଦ୍ୱାରା ସେ ଉଦୟନଙ୍କ ନିକଟକୁ ସନ୍ଦେଶ ପଠାଇଥିଲେ ଯେ 'ତୁମର ମନ୍ତ୍ରୀମାନେ ମୋତେ ପ୍ରତାରିତ କଲେ । କିନ୍ତୁ ମୋର ସଂସାର ଯେପରି ଶୋକପୂର୍ଣ୍ଣ ନହୁଏ ସେଥିପ୍ରତି ଧ୍ୟାନ ଦେବେ ।' ଏହା ଶୁଣି ରାଜା ତାକୁ ପଦ୍ମାବତୀଙ୍କ ନିକଟକୁ ପ୍ରେରଣ କଲେ । ଦୂତ ବାସବଦତ୍ତାଙ୍କ ସମ୍ମୁଖରେ ହିଁ ଏହି ବାର୍ତ୍ତା ପଦ୍ମାବତୀଙ୍କୁ ଜଣାଇ କହିଲା, 'ବତ୍ସେ, କୂଟନୀତି ଆଚରଣ କରି ବତ୍ସରାଜ ତୁମକୁ ବିବାହ କଲେ । କିନ୍ତୁ ସେ ବାସବଦତ୍ତାଙ୍କୁ ଅଧିକ ସ୍ନେହ କରନ୍ତି । ଏହି ଶୋକକୁ ହିଁ ମୁଁ କନ୍ୟାଦାନର ଫଳସ୍ୱରୂପ

Digitized by srujanika@gmail.com

ଗ୍ରହଣ କଲି ।' ଏହା ଶୁଣି ପଦ୍ମାବତୀ ଦୂତଙ୍କୁ କହିଲେ, 'ହେ ଭଦ୍ର ! ତୁମେ ମୋ ପକ୍ଷରୁ ପିତାମାତାଙ୍କୁ କହିବ ଯେ ସେମାନେ ଦୁଃଖ କରିବା ଅନୁଚିତ । ଆର୍ଯ୍ୟପୁତ୍ର ବତ୍ସରାଜ ମୋ ପ୍ରତି ଅଧିକ ଦୟା ଓ ସ୍ନେହ ପ୍ରକାଶ କରନ୍ତି । ବାସବଦତ୍ତା ମଧ୍ୟ ନିଜର କନିଷ୍ଠା ଭଗିନୀ ସ୍ୱରୂପ ମୋତେ ଆଦର କରନ୍ତି । ଯଦି ନିଜର ସତ୍ୟ ରକ୍ଷା କରିବା ସଙ୍ଗେ ସଙ୍ଗେ ମୋର ମଙ୍ଗଳ ଗୁହାନ୍ତି ତା ହେଲେ ସେମାନେ ବତ୍ସରାଜଙ୍କ ପ୍ରତି ଶତ୍ରୁତା ପୋଷଣ କରନ୍ତୁ ନାହିଁ ।'

ପଦ୍ମାବତୀ ଏପରି କହିବା ପରେ ବାସବଦତ୍ତା ଦୂତର ଯଥାବିଧି ସତ୍କାର କରି ତାଙ୍କୁ ବିଦାୟ ଦେଲେ । ଦୂତ ଚାଲିଯିବା ପରେ ପଦ୍ମାବତୀ ନିଜର ପିତୃଗୃହ କଥା ସ୍ମରଣ କରି ଅନ୍ୟମନସ୍କା ହୋଇପଡ଼ିଲେ । ଏହା ଦେଖି ବାସବଦତ୍ତା ବସନ୍ତକଙ୍କୁ ନିମନ୍ତ୍ରଣ କରି ଗୋଟିଏ ସୁନ୍ଦର ଓ ରସାଳ ଗଳ୍ପ କହିବା ନିମନ୍ତେ ଅନୁରୋଧ କଲେ । ବସନ୍ତକ ପଦ୍ମାବତୀଙ୍କ ମାନସିକ ଦୁଃଖ ମୋଚନ କରିବା ନିମିତ୍ତ ଆରମ୍ଭ କଲେ –

ସୋମପ୍ରଭା ଓ ଗୁହସେନ କଥା

ପାଟଳିପୁତ୍ର ନାମରେ ଏକ ନଗରରେ ଧର୍ମଗୁପ୍ତ ବୋଲି ଜଣେ ଧନୀ ବଣିକ ବାସ କରୁଥିଲେ । ଏହାଙ୍କ ପତ୍ନୀ ଚନ୍ଦ୍ରପ୍ରଭା ଏକଦା ଗୋଟିଏ ସର୍ବାଙ୍ଗସୁନ୍ଦରୀ କନ୍ୟା ପ୍ରସବ କଲେ । ସେ ନିଜର ଜ୍ୟୋତିଦ୍ୱାରା ପ୍ରସୂତିଗୃହକୁ ଆଲୋକିତ କରି ଜନ୍ମଗ୍ରହଣ କରିବା ସଙ୍ଗେ ସଙ୍ଗେ ସ୍ପଷ୍ଟଭାବରେ କଥାବାର୍ତ୍ତା କରି ବୁଲିବାକୁ ଆରମ୍ଭ କରିଦେଲା । କନ୍ୟାର ଏପରି ଆଚରଣ ଦେଖି ଧର୍ମଗୁପ୍ତ ଶଙ୍କିତ ମନରେ ସେଠାକୁ ଆସି ତାକୁ ପ୍ରଣାମପୂର୍ବକ ଏକାନ୍ତରେ ପଚାରିଲେ, 'ହେ ଦେବି ! ତୁମେ କିଏ ? ମୋ ଗୃହରେ କିପରି ଜନ୍ମଗ୍ରହଣ କଲ ?' ଏହାର ଉତ୍ତରରେ କନ୍ୟାଟି କହିଲା, 'ମୋତେ କାହା ସହିତ ବିବାହ ଦେବ ନାହିଁ । ମୁଁ ତୁମ ଗୃହରେ ହିଁ ରହି ତୁମର ମଙ୍ଗଳ ସାଧନ କରିବି ।' ଏହା ଶୁଣି ଭୟଭୀତ ବଣିକ କନ୍ୟାଟିକୁ ନିଜ ଗୃହରେ ଗୁପ୍ତଭାବରେ ରଖି ତା'ର ମୃତ୍ୟୁ ସମ୍ବାଦ ବାହାରେ ପ୍ରଚାରିତ କଲେ । ଏହିପରି ସୋମପ୍ରଭା ଧର୍ମଗୁପ୍ତଙ୍କ ଗୃହରେ କ୍ରମେ କ୍ରମେ ବୃଦ୍ଧିପ୍ରାପ୍ତ ହେଲା । ନିଜ ଗୃହର ଗବାକ୍ଷ ନିକଟରେ ଦଣ୍ଡାୟମାନ ହୋଇ ଦିନେ ସେ ବସନ୍ତ ଉତ୍ସବ ଦର୍ଶନ କରୁଥିବାବେଳେ ଗୁହଚନ୍ଦ୍ର ନାମକ ଜଣେ

Digitized by srujanika@gmail.com

ବୈଶ୍ୟପୁତ୍ର ତାଙ୍କର ଶୋଭା ଦେଖି ମୁଗ୍‌ଧ ହେଲେ । କନ୍ଦର୍ପଶରରେ ଜର୍ଜରିତ ହୋଇ ସେ ମୂର୍ଚ୍ଛିତପ୍ରାୟ ହୋଇଗଲେ ଏବଂ ବହୁ କଷ୍ଟରେ ନିଜ ଗୃହରେ ଆସି ଉପସ୍ଥିତ ହେଲେ । ତାଙ୍କର ଏତାଦୃଶ ଅବସ୍ଥାରେ ପରିବାରର ସମସ୍ତେ ବ୍ୟଗ୍ର ହୋଇପଡ଼ିଲେ । ଏହାର କାରଣ ଜିଜ୍ଞାସା କରନ୍ତେ ସେ ନିଜ ପିତାମାତାଙ୍କୁ ମିତ୍ରମାନଙ୍କଦ୍ୱାରା ଜଣାଇଲେ ଯେ ଧର୍ମଗୁପ୍ତଙ୍କ କନ୍ୟାକୁ ବିବାହ ନକଲେ ସେ ପ୍ରାଣ ବିସର୍ଜନ କରିବେ । ଏଥିରେ ବ୍ୟସ୍ତ ହୋଇ ତାଙ୍କର ପିତା ଯେତେବେଳେ ଧର୍ମଗୁପ୍ତଙ୍କ ନିକଟକୁ ମଧ୍ୟସ୍ଥ ପ୍ରେରଣ କଲେ ସେ କହିଲେ, 'ମୋର କନ୍ୟା କାହିଁ ? ସେ ତ ଭୂମିଷ୍ଠ ହେବାମାତ୍ରେ ମୃତ୍ୟୁବରଣ କରିଛି ।' ଗୁହସେନ ନିଜ ପୁତ୍ରର କାମପୀଡ଼ା ଓ ଧର୍ମଗୁପ୍ତ ତାଙ୍କ କନ୍ୟାକୁ ଗୃହରେ ଲୁକ୍‌କାୟିତ କରି ରଖିବା କଥା ଚନ୍ଦ୍ରାକର ରାଜାଙ୍କ ନିକଟରେ ଆବେଦନ କରିବା ନିମନ୍ତେ ମନସ୍ଥ କଲେ ।

ପରଦିନ ରାଜଦରବାରରେ ଉପସ୍ଥିତ ହୋଇ ସେ ରାଜାଙ୍କୁ ବହୁ ଅମୂଲ୍ୟ ଧନରତ୍ନ ପ୍ରଦାନପୂର୍ବକ ନିଜର ଅଭିଳାଷ ନିବେଦନ କଲେ । ପୂର୍ବରୁ ରାଜା ଏହାଙ୍କ ପ୍ରତି ପ୍ରୀତ ଥିଲେ; ତେଣୁ ସେ ନଗରପାଳଙ୍କୁ ଧର୍ମଗୁପ୍ତଙ୍କ ଗୃହ ଅବରୋଧ କରିବା ନିମନ୍ତେ ଆଦେଶ ପ୍ରଦାନ କଲେ । ଧର୍ମଗୁପ୍ତ ଏଥିରେ ସର୍ବନାଶର ଆଶଙ୍କା କରି ଭୟଭୀତ ହୋଇପଡ଼ିଲେ । ତାଙ୍କର ଏ ଅବସ୍ଥା ଦେଖି ସୋମପ୍ରଭା ନିବେଦନ କଲେ, 'ତୁମେ ମୋତେ ଗୁହଚନ୍ଦ୍ରଙ୍କ ହସ୍ତରେ ପ୍ରଦାନ କର । ମୋ ନିମନ୍ତେ ହିଁ ଏସବୁ ଉପଦ୍ରବ ହେଉଛି । କିନ୍ତୁ ଏ ପ୍ରକାର ଚୁକ୍ତି କରିନିଅ ଯେ ମୋର ପତି ମୋତେ କଦାପି ତାଙ୍କର ଶଯ୍ୟାସଙ୍ଗିନୀ କରିବେ ନାହିଁ ।' କନ୍ୟାଠାରୁ ଏହା ଶୁଣି ଧର୍ମଗୁପ୍ତ ଉକ୍ତ ଚୁକ୍ତିରେ କନ୍ୟା ପ୍ରଦାନ କରିବାରେ ସମ୍ମତ ହେଲେ । ଗୁହସେନ ମଧ୍ୟ ମନେ ମନେ ଭାବିବାକୁ ଲାଗିଲେ ଯେ ବିବାହ ପରେ କନ୍ୟା ଆପେ ଆପେ ପୁତ୍ରର ଶଯ୍ୟାଶାୟିନୀ ହେବା ପାଇଁ ଇଚ୍ଛା କରିବ । ଏହାପରେ ଉଭୟଙ୍କର ବିବାହ ସମ୍ପନ୍ନ ହେଲା । ଗୁହସେନ ପୁତ୍ର ଓ ପୁତ୍ରବଧୂଙ୍କୁ ନେଇ ସ୍ୱଗୃହରେ ପ୍ରବେଶ କଲେ ।

ସନ୍ଧ୍ୟା ଉପଗତ ହୁଅନ୍ତେ ଗୁହସେନ ନିଜର ପୁତ୍ରକୁ କହିଲେ, 'ବତ୍ସ ! ତୁମେ ଏହାକୁ କେଳିମନ୍ଦିରକୁ ନିଅ । କାହାର ସ୍ତ୍ରୀ ବା ତାର ପତିର ଶଯ୍ୟା-

Digitized by srujanika@gmail.com

ସଙ୍ଗିନୀ ନହୁଏ ?' ଏହା ଶୁଣି ସୋମପ୍ରଭା ନିଜର ତର୍ଜନୀ ଅଙ୍ଗୁଳିକୁ ଯମରାଜାଙ୍କର ଆଜ୍ଞାତୁଲ୍ୟ ଘୂରାଇବାକୁ ଲାଗିଲେ । ଫଳରେ ଗୁହସେନଙ୍କର ପ୍ରାଣବାୟୁ ଉଡ଼ିଗଲା । ପିତାଙ୍କର ମୃତ୍ୟୁ ଦେଖି ଗୁହଚନ୍ଦ୍ର ଜାଣିପାରିଲେ ଯେ ସାକ୍ଷାତ ମହାମାରୀ ତାଙ୍କ ଗୃହରେ ବଧୂରୂପରେ ଉପସ୍ଥିତ । ତେଣୁ ସେ ତାଙ୍କ ସହ କୌଣସି ସମ୍ପର୍କ ନରଖି ଗୃହ ମଧ୍ୟରେ ରହି ଅସିଧାରା ବ୍ରତ ଆଚରଣ କଲେ । ପ୍ରତିଦିନ ବ୍ରତ ଆଚରଣପୂର୍ବକ ସେ ବ୍ରାହ୍ମଣମାନଙ୍କୁ ଭୋଜନରେ ସନ୍ତୁଷ୍ଟ କରିବାକୁ ଲାଗିଲେ । ସୋମପ୍ରଭା ମଧ୍ୟ ମୌନବ୍ରତ ଧାରଣ କରି ବ୍ରାହ୍ମଣଭୋଜନ ଆଦି ପବିତ୍ର କର୍ମରେ ମନ ନିଯୋଗ କଲେ ।

ଦିନେ ଭୋଜନ କରିବା ନିମନ୍ତେ ଆସିଥିବା ଏକ ବୃଦ୍ଧ ବ୍ରାହ୍ମଣ ସୋମପ୍ରଭାଙ୍କର ଦିବ୍ୟରୂପ ସନ୍ଦର୍ଶନ କରି ଗୁହଚନ୍ଦ୍ରଙ୍କୁ ଏକାନ୍ତରେ ପ୍ରଶ୍ନ କଲେ, 'ଏ କନ୍ୟା ତୁମର କିଏ ହୁଏ ?' ଆଗ୍ରହପୂର୍ବକ ବାରମ୍ବାର ଜିଜ୍ଞାସା କରିବାରୁ ସେ ସୋମପ୍ରଭାଙ୍କ ସମଗ୍ର ବୃତ୍ତାନ୍ତ ତାଙ୍କ ନିକଟରେ ପ୍ରକାଶ କଲେ । ସମସ୍ତ ଶୁଣି ସାରିବା ପରେ ଉକ୍ତ ବ୍ରାହ୍ମଣ କହିଲେ, 'ମୁଁ ତୁମକୁ ଅଗ୍ନି ଉପାସନା ମନ୍ତ୍ର ପ୍ରଦାନ କରୁଅଛି । ଏହାଦ୍ୱାରା ତୁମର କାମନା ପରିପୂର୍ଣ୍ଣ ହେବ ।' ଏକାନ୍ତରେ ସେ ଏହି ମନ୍ତ୍ର ଜପ କରିବାରୁ ଅଗ୍ନି ମଧ୍ୟରୁ ଏକ ପୁରୁଷର ଆବିର୍ଭାବ ହେଲା । ଗୁହଚନ୍ଦ୍ର ତାଙ୍କର ଚରଣ ତଳେ ପ୍ରଣିପାତ-ପୂର୍ବକ ପ୍ରାର୍ଥନା କରିବାରୁ ସନ୍ତୁଷ୍ଟ ହୋଇ ସେହି ମାନବରୂପୀ ଅଗ୍ନି କହିଲେ, 'ଆଜି ମୁଁ ତୁମ ଗୃହରେ ଭୋଜନ କରିବି ଏବଂ ରାତିରେ ମୁଁ ତୁମ ନିକଟରେ ରହି ସୋମପ୍ରଭାଙ୍କୁ ବଶୀଭୂତ କରିବାର ତତ୍ତ୍ୱ ତୁମ ନିକଟରେ ପ୍ରକାଶ କରି ବିଦାୟ ନେବି ।'

ଏହାପରେ ଅନ୍ୟାନ୍ୟ ବ୍ରାହ୍ମଣଙ୍କ ତୁଲ୍ୟ ସେ ଗୁହଚନ୍ଦ୍ରଙ୍କ ଗୃହରେ ଭୋଜନ କରି ରାତିର ଏକପ୍ରହର ପର୍ଯ୍ୟନ୍ତ ତାଙ୍କ ସହ ଶୟନ କଲେ । ଗୃହର ସମସ୍ତ ବ୍ୟକ୍ତି ନିଦ୍ରାଭିଭୂତ ହୋଇପଡ଼ିବା ପରେ ସୋମପ୍ରଭା ଗୃହରୁ ବହିର୍ଗତ ହେଲେ । ଏହି ସମୟରେ ବ୍ରାହ୍ମଣ ଗୁହଚନ୍ଦ୍ରଙ୍କୁ ଜାଗ୍ରତ କରି କହିଲେ, 'ଆସ, ତୁମ ପତ୍ନୀର ଆଚରଣ ଦର୍ଶନ କର ।' ଯୋଗବଳରେ ଉଭୟେ ଭ୍ରମରରୂପ ଧାରଣ କରି ସୋମପ୍ରଭାଙ୍କ ଅନୁସରଣ କଲେ ।

Digitized by srujanika@gmail.com

ସୋମପ୍ରଭା ଦ୍ୱାର ଅତିକ୍ରମ କରି ନଗରର ବହୁ ଦୂରକୁ ଚାଲିଗଲେ ଏବଂ ଏକ ବିଶାଳ ବଟବୃକ୍ଷ ନିକଟରେ ଯାଇ ପହଞ୍ଚିଲେ । ସେହି ବୃକ୍ଷରୁ ମଧୁର ଦିବ୍ୟ ସଙ୍ଗୀତ ଧ୍ୱନି ଶୁଣା ଯାଉଥାଏ । ତାର ଏକ ବିଶାଳ ଶାଖା ଉପରେ ସୋମପ୍ରଭାଙ୍କ ଅନୁରୂପ ଅନ୍ୟ ଏକ ଦିବ୍ୟ ନାରୀ ଉପବିଷ୍ଟ ହୋଇଥାଏ । ସେ ନିଜର କାନ୍ତିରେ ଚନ୍ଦ୍ରଙ୍କୁ ମଧ୍ୟ ପରାଜିତ କରୁଥାଏ । ଏହାର ଉଭୟ ଦିଗରେ ଚାମର ସଞ୍ଚାଳନା କରାଯାଉଥାଏ । ସୋମପ୍ରଭା ମଧ୍ୟ ତା ନିକଟରେ ଯାଇ ବସିବା ଗୁହଚନ୍ଦ୍ରଙ୍କ ଦୃଷ୍ଟିଗୋଚର ହେଲା । ଏ ଉଭୟଙ୍କୁ ଦେଖି ତାଙ୍କର ମନେ ହେଲା ସତେ ଯେପରି ଦିନୋଟି ଚନ୍ଦ୍ର ଏକ ସଙ୍ଗରେ ଉଦୟ ହୋଇଅଛନ୍ତି । ଏହା ଦେଖି ସେ ଭାବିବାକୁ ଲାଗିଲେ, 'ଏ କଣ ସ୍ୱପ୍ନ ନା ଭ୍ରମ, ନା ଉଭୟ । ମୋର ସନ୍ମାର୍ଗ ବୃକ୍ଷର ସାଧୁସଙ୍ଗରୂପକ ଶାଖାର ଏହା ସିଦ୍ଧିରୂପ ପୁଷ୍ପୋଦ୍‌ଗମ ମାତ୍ର ।' ସେ ଏହିପରି ଚିନ୍ତା କରୁଥିବାବେଳେ ସେହି ଦିବ୍ୟ କନ୍ୟାମାନେ ଯୋଗ୍ୟ ଭୋଜନ ସମାପ୍ତ କରି ମଦ୍ୟପାନ କଲେ । ଏହାପରେ ସୋମପ୍ରଭା କହିଲେ, 'ଭଗିନି ! ଆଜି ମୋର ଭବନକୁ ଜଣେ ଅତି ତେଜସ୍ୱୀ ବ୍ରାହ୍ମଣ ଆସିଛନ୍ତି । ତାଙ୍କୁ ଦେଖିବାଠାରୁ ମୋ ମନରେ ଆଶଙ୍କା ଜାତ ହେଉଛି । ତେଣୁ ଆଜି ମୁଁ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିବି ।' ଏହା କହି ସେ ବୃକ୍ଷରୁ ଅବତରଣ କଲେ । ଗୁହଚନ୍ଦ୍ର ଓ ସେହି ବ୍ରାହ୍ମଣ ତାଙ୍କୁ ଗମନୋଦ୍ୟତା ଦେଖି ଭ୍ରମରରୂପରେ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ଏହାପରେ ପୃଚ୍ଛିର ଉତ୍ତରରେ ଏହି ବ୍ରାହ୍ମଣ ଗୁହଚନ୍ଦ୍ରଙ୍କୁ କହିଲେ, 'ତୁମର ଏହି ସ୍ତ୍ରୀ ଦେବଜାତିବିଶିଷ୍ଟ; ମନୁଷ୍ୟ ଜାତି ନୁହେ । ଏହାର ଦ୍ୱିତୀୟ ଭଗିନୀକୁ ମଧ୍ୟ ତୁମେ ଦର୍ଶନ କଲ । ତେଣୁ ଦିବ୍ୟ ସ୍ତ୍ରୀ ସହ ମନୁଷ୍ୟର ସହବାସ ସମ୍ଭବପର ନୁହେ । ଅବଶ୍ୟ ତୁମର ମନୋରଥ ସିଦ୍ଧିପାଇଁ ମୁଁ ତୁମକୁ ଗୋଟିଏ ମନ୍ତ୍ର ପ୍ରଦାନ କରୁଛି । ଏହାକୁ ଶୟନାଗାରର ଦ୍ୱାରଦେଶରେ ଲିପିବଦ୍ଧ କରିବ । ଏହାର ପ୍ରଭାବ ବୃଦ୍ଧି କରିବା ନିମନ୍ତେ ମଧ୍ୟ ମୁଁ ଗୋଟିଏ ଉପାୟ ତୁମକୁ ଶିଖାଇ ଦେଉଛି । ଅଗ୍ନିର ଜଳିବା ଓ ଜଳାଇବାର ଶକ୍ତି ଅଛି, କିନ୍ତୁ ତାକୁ ଯଦି ବାୟୁର ସହାୟତା ମିଳେ, ତାହାହେଲେ ସେ ଦେଦୀପ୍ୟମାନ ହୋଇଉଠେ । ସେହିପରି କେବଳ ମନ୍ତ୍ରଟି ସିଦ୍ଧି ପ୍ରଦାନ କରିପାରେ, ପୁଣି ଏହା ସହିତ ଯଦି କିଛି ଉପାୟ କରାଯାଏ ତେବେ ଏହାର

Digitized by srujanika@gmail.com

ଶକ୍ତି ଶତଗୁଣ ବୃଦ୍ଧିଲାଭ କରିବ ।' ଏହାପରେ ଗୁହଚନ୍ଦ୍ରଙ୍କୁ ମନ୍ତ୍ର ଓ ଉପାୟ ଶିକ୍ଷାଦେଇ ସେ ବିଦାୟ ଗ୍ରହଣ କଲେ ।

ଗୁହଚନ୍ଦ୍ର ମଧ୍ୟ ନିଜ ପତ୍ନୀଙ୍କ ଶୟନାଗାରର ଦ୍ୱାରଦେଶରେ ମନ୍ତ୍ରଟି ଲିପିବଦ୍ଧ କରିଦେଇ ସନ୍ଧ୍ୟାରେ ଉପାୟଟି ପ୍ରୟୋଗ କଲେ । ସୂର୍ଯ୍ୟ ଅସ୍ତଗାମୀ ହୁଅନ୍ତେ ସେ ଖୁବ୍ ଆଡମ୍ବର ସହକାରେ କୌଣସି ବେଶ୍ୟା ସହିତ ବାର୍ତ୍ତାଳାପ କରିବା ଆରମ୍ଭ କଲେ । ଏହି ବେଶ୍ୟା ସହ ବାର୍ତ୍ତାଳାପ କରୁଥିବା ଦେଖି ମୌନବ୍ରତ ଅବଲମ୍ବନ କରୁଥିବା ସୋମପ୍ରଭା ଗୁହଚନ୍ଦ୍ରଙ୍କ ନିକଟରେ ଉପସ୍ଥିତ ହୋଇ ଈର୍ଷାପୂର୍ବକ ପ୍ରଶ୍ନ କଲେ, 'ଏ କିଏ ?' ଗୁହଚନ୍ଦ୍ର ମିଥ୍ୟାର ଆଶ୍ରୟ ନେଇ କହିଲେ, 'ଏ ଏକ ବେଶ୍ୟା । ସେ ମୋତେ ଭଲପାଏ ଏବଂ ମୁଁ ମଧ୍ୟ ତାକୁ ଭଲପାଏ । ବର୍ତ୍ତମାନ ସେ ତାର ଗୃହକୁ ଯିବା ନିମନ୍ତେ ମୋତେ ନିମନ୍ତ୍ରଣ କରୁଅଛି ।' ଏହା ଶୁଣି ସୋମପ୍ରଭା ପ୍ରେମପୂର୍ଣ୍ଣଭାବରେ କହିଲେ, 'ବର୍ତ୍ତମାନ ମୁଁ ବୁଝିଲି, ତୁମେ ସେହି ବେଶ୍ୟା ନିକଟକୁ ଯିବା ନିମନ୍ତେ ଏ ପ୍ରକାର ବେଶ ଧାରଣ କରିଅଛ । ସେଠାକୁ ଯିବାର ଆଉ ଆବଶ୍ୟକ ନାହିଁ । ତୁମେ ମୋତେ ଶଯ୍ୟାସଙ୍ଗିନୀ କରିପାର । ମୁଁ ତୁମର ବିବାହିତା ପତ୍ନୀ ।' ଏଥିରେ ବିହ୍ୱଳ ହୋଇ ଗୁହଚନ୍ଦ୍ର ସୋମପ୍ରଭାଙ୍କ ଶୟନାଗାରକୁ ଯାଇ ତାଙ୍କୁ ସମ୍ଭୋଗ କରି ଆନନ୍ଦରେ କାଳଯାପନ କଲେ । ଏହିପରି ଯଜ୍ଞ, ଦାନ ପ୍ରଭୃତି ଶୁଭକର୍ମ ଦ୍ୱାରା ଶାପଗ୍ରସ୍ତା ଦିବ୍ୟ ନାରୀମାନେ ଗୃହିଣୀତ୍ୱ ଲାଭକରି ଥାଆନ୍ତି । ଦେବତା ଓ ବ୍ରାହ୍ମଣଙ୍କ ଉପାସନା ଉତ୍ତମ ଲୋକମାନଙ୍କ ପାଇଁ କାମଧେନୁ ସଦୃଶ ହୋଇଥାଏ । ଏହାଦ୍ୱାରା କଣ ବା ଲାଭ ହୋଇ ନପାରେ ?

ଧନକୁମାରୀମାନଙ୍କୁ ଏ ପ୍ରକାର ଏକ ମନୋହର ଗଳ୍ପ ଶୁଣାଇ ବସନ୍ତକ ପୁଣି କହିଲେ, 'ଏ ପ୍ରସଙ୍ଗରେ ମୁଁ ଅହଲ୍ୟାଙ୍କ ସମ୍ପର୍କରେ ଏକ କାହାଣୀ କହୁଛି ଶୁଣନ୍ତୁ'—

ଇନ୍ଦ୍ର ଓ ଅହଲ୍ୟା କଥା

ପ୍ରାଚୀନ କାଳରେ ଗୌତମ ନାମରେ ଜଣେ ତ୍ରିକାଳଜ୍ଞ ମହର୍ଷି ଥିଲେ । ତାଙ୍କର ସ୍ତ୍ରୀ ଅହଲ୍ୟା ନିଜର ରୂପବିଭବରେ ଅପ୍‌ସରାମାନଙ୍କୁ ମଧ୍ୟ ତିରସ୍କୃତ କରୁଥିଲେ ।

Digitized by srujanika@gmail.com

ଥରେ ଦେବରାଜ ଇନ୍ଦ୍ର ଏହାଙ୍କର ରୂପରେ ମୋହିତ ହୋଇ ତାଙ୍କ ସହିତ ରତି କାମନା କଲେ । ନିର୍ବୋଧ ଅହଲ୍ୟା ମଧ୍ୟ ଏଥିରେ ସମ୍ମତି ପ୍ରଦାନ କଲେ । କିନ୍ତୁ ତପସ୍ୟାର ପ୍ରଭାବରୁ ଗୌତମ ଏହା ଜାଣିପାରି ଏହି ସମୟରେ ଆସି ସେଠାରେ ଉପସ୍ଥିତ ହେଲେ । ଇନ୍ଦ୍ର ଗୌତମଙ୍କୁ ଦେଖି ଭୟରେ ମାର୍ଜ୍ଜାର (ବିରାଡ଼ି) ରୂପ ଧାରଣ କଲେ । ଗୌତମ 'ଏଠାରେ କିଏ ଅଛି' ବୋଲି ଅହଲ୍ୟାଙ୍କୁ ପଚାରିବାରୁ ଅହଲ୍ୟା ଚତୁରତାର ସହିତ ସତ୍ୟ ପ୍ରତି ଦୃଷ୍ଟି ରଖି ଅପଭ୍ରଂଶ ଭାଷାରେ କହିଲେ, 'ଏଠାରେ ମଜ୍ଜାର (ଅପଭ୍ରଂଶ ଭାଷାରେ ମାର୍ଜ୍ଜାର ମଜ୍ଜାର ହେବ । ଏହାର ଅନ୍ୟ ଅର୍ଥ—ମତ୍+ଜାର ଅର୍ଥାତ୍ ମୋର ଉପପତି) ଅଛି ।' ଏଥିରେ ଗୌତମ ହାସ୍ୟପ୍ରକାଶ କରି କହିଲେ, 'ହଁ ପ୍ରକୃତରେ ଏଠାରେ ତୁମର 'ଜାର' ହିଁ ଅଛି ।' ସେ ଅହଲ୍ୟାଙ୍କୁ ଶାପଗ୍ରସ୍ତ କଲେ ଏବଂ ଅହଲ୍ୟା ସତ୍ୟପ୍ରତି ଦୃଷ୍ଟି ରଖିଥିବା ହେତୁ ଶାପର ପ୍ରତିକାର ମଧ୍ୟ ଜଣାଇ ଦେଲେ । 'ରେ ଦୁରାଚାରିଣି ! ଅରଣ୍ୟରେ ଭ୍ରମଣ କରୁଥିବା ରାମଚନ୍ଦ୍ରଙ୍କ ଦର୍ଶନ କରିବା ପର୍ଯ୍ୟନ୍ତ ତୁ ପାଷାଣ ରୂପ ରହିବୁ ।' ସେ ମଧ୍ୟ ଇନ୍ଦ୍ରଙ୍କୁ ଶାପଦେଇ କହିଲେ, 'ତୁମେ ସ୍ତ୍ରୀ ବରାଙ୍ଗ ଲୋଭରେ ଏ ପ୍ରକାର କୁକର୍ମ କରିବା ପାଇଁ ଉଦ୍ୟତ ହୋଇଥିବାରୁ ତୁମର ଶରୀରରେ ସହସ୍ରଯୋନି ଚିହ୍ନ ଅଙ୍କିତ ହେଉ ।' ଏହିପରି ଉଭୟଙ୍କୁ ଶାପଗ୍ରସ୍ତ କରି ମହର୍ଷି ତପସ୍ୟା କରିବା ନିମନ୍ତେ ପ୍ରସ୍ଥାନ କଲେ; ଅହଲ୍ୟା କଠିନ ଶିଳାରୂପରେ ସେଠାରେ ପଡ଼ି ରହିଲେ ଏବଂ ଇନ୍ଦ୍ର ସହସ୍ରଯୋନି ଚିହ୍ନ ଅଙ୍ଗରେ ଧାରଣ କରି ସ୍ୱର୍ଗରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲେ । ଦୁଃଷ୍ଟଚେଷ୍ଟା କାହାର ଦୁର୍ଗତିର କାରଣ ହୋଇ ନଥାଏ ?

ଏହିପରି ମନୁଷ୍ୟ ଜୀବନରେ ଯେଉଁ କୁକର୍ମ କରିଥାଏ, ତାର ସଦ୍ୟଫଳ ଏହି ଜନ୍ମରେ ହିଁ ପାଇ ଯାଇଥାଏ । ତେଣୁ ଉଦାରଚରିତ ଲୋକମାନେ ପରର ଅନିଷ୍ଟ କରିବା ପାଇଁ ଚେଷ୍ଟା କରନ୍ତି ନାହିଁ । ତୁମେ ଉଭୟ ମହାରାଣୀ ପୂର୍ବଜନ୍ମରେ ଭଗିନୀ ଥିଲ । କୌଣସି ଶାପରୁ ବର୍ତ୍ତମାନ ଏହି ପୃଥିବୀରେ ଅବତରଣ କରିଅଛ । ତେଣୁ ତୁମର ହୃଦୟ ଶୁଦ୍ଧ ଓ ଈର୍ଷାରହିତ ।

ବସନ୍ତକଙ୍କଠାରୁ ଏ ପ୍ରକାର କଥା ଶୁଣି ଉଭୟ ମହାରାଣୀଙ୍କ ହୃଦୟରେ ଈର୍ଷାର ଯେଉଁ କ୍ଷୀଣ ଅଭାସ ଥିଲା ତାହା ଦୂର ହୋଇଗଲା ।

Digitized by srujanika@gmail.com

ବାସବଦତ୍ତା ଉଦୟନଙ୍କଠାରେ ଉଭୟଙ୍କର ସମାନ ଅଧିକାର ଅଛି ବୋଲି ମନେକରି ତଦନୁସାରୀ କାର୍ଯ୍ୟାନୁଷ୍ଠାନ କଲେ । ଶଙ୍କାକୁଳିତ ଚିତ୍ତ ମଗଧ ନରେଶ ମଧ୍ୟ ଦୂତଠାରୁ ବାସବଦତ୍ତାଙ୍କ ମହାନୁଭବତାର ପରିଚୟ ପାଇ ଆନନ୍ଦ ଲାଭ କଲେ ।

କିଛି ଦିନ ଲାବାଣକରେ ଆନନ୍ଦପୂର୍ବକ ବାସ କଲାପରେ ଯୌଗନ୍ଧରାୟଣ କୌଶାମ୍ବୀ ପ୍ରତ୍ୟାବର୍ତ୍ତନ କରିବା ପ୍ରସ୍ତାବ ଆଗତ କଲେ । ସେ କହିଲେ, 'ବର୍ତ୍ତମାନ ତ ମଗଧ ନରପତି ପ୍ରଦ୍ୟୋତଙ୍କଠାରୁ କୌଣସି ଶତ୍ରୁତାର ଆଶଙ୍କା ଆଉ ନାହିଁ । କନ୍ୟାସମ୍ବନ୍ଧ ନାମକ ସନ୍ଧିଦ୍ୱାରା ସେ ଆବଦ୍ଧ । ଆମ ସହ ଶତ୍ରୁତା କରି ନିଜର ପ୍ରାଣପ୍ରିୟ କନ୍ୟାକୁ କଦାପି ସେ ପରିତ୍ୟାଗ କରିପାରିବେ ନାହିଁ । ବର୍ତ୍ତମାନ ସେ ଓ ଆପଣ ଉଭୟେ ନିଜ ନିଜର ପ୍ରତିଜ୍ଞାପାଳନ କରିବା ଉଚିତ । ପ୍ରକୃତରେ ଆପଣ ତାଙ୍କୁ ପ୍ରବଞ୍ଚିତ କରିନାହାନ୍ତି । ଯାହା ହୋଇଛି ମୋଦ୍ୱାରା ହିଁ ହୋଇଛି । ତାହା ମଧ୍ୟ ତାଙ୍କର ଦୁଃଖର କାରଣ ହୋଇନାହିଁ । ଏତେଦିନ ପର୍ଯ୍ୟନ୍ତ ମୁଁ ଗୁପ୍ତଚର-ମାନଙ୍କଦ୍ୱାରା ସମ୍ବାଦ ସଂଗ୍ରହ କରି ଜାଣିପାରିଛି ଯେ ସେ ଏହି ପ୍ରବଞ୍ଚନାର ପ୍ରତିଶୋଧ ନେବାର ପ୍ରୟାସ କରୁ ନାହାନ୍ତି । ସେଥିଯୋଗୁଁ କେବଳ ଏଠାରେ ଏତେ ଦିନ ରହିବାକୁ ପଡ଼ିଲା ।' ଯୌଗନ୍ଧରାୟଣ ଏହା କହୁଥିବା ବେଳେ ପ୍ରଦ୍ୟୋତଙ୍କ ଦୂତ ଆସି ସେଠାରେ ଉପସ୍ଥିତ ହୋଇ ନିବେଦନ କଲା ଯେ ପଦ୍ମାବତୀଙ୍କଦ୍ୱାରା ପ୍ରେରିତ ସମ୍ବାଦ ଶୁଣି ମହାରାଜ ପ୍ରଦ୍ୟୋତ ସମସ୍ତ ଦୁଃଖ ବିସ୍ମୃତ ହୋଇ ଜଣାଇଛନ୍ତି, 'ଅଧିକ କିଛି କହିବାର ଆବଶ୍ୟକତା ନାହିଁ । ମୁଁ ସବୁକିଛି ଜ୍ଞାତ ହେଲି । ବର୍ତ୍ତମାନ ମୁଁ ତୁମ ଉପରେ ପ୍ରସନ୍ନ । ଯେଉଁ କାର୍ଯ୍ୟ ନିମନ୍ତେ ଏସବୁ ଉପକ୍ରମ କରାଗଲା, ବର୍ତ୍ତମାନ ତୁମେ ତାହା ଆରମ୍ଭ କରିପାର । ମୁଁ ତୁମର ସହାୟତା କରିବା ନିମନ୍ତେ ପ୍ରସ୍ତୁତ ଅଛି ।'

ଉଦୟନ ପ୍ରଦ୍ୟୋତଙ୍କ ଏହି ସ୍ପଷ୍ଟ ନିର୍ଦ୍ଦେଶକୁ ଅଭିନନ୍ଦନ କଲେ । ଏହା ଯେପରି ଯୌଗନ୍ଧରାୟଣଙ୍କ ମନ୍ତ୍ରବୃକ୍ଷର ଉଦ୍‌ଗତ ପୁଷ୍ପମାତ୍ର । ଯୌଗନ୍ଧରାୟଣ ଉଦୟନଙ୍କ ସାହାଯ୍ୟରେ ପଦ୍ମାବତୀଙ୍କୁ ସେଠାକୁ ଆମନ୍ତ୍ରଣ କରି ଆଣି ତାଙ୍କ ସମ୍ମୁଖରେ ହିଁ ଦୂତର ସତ୍କାର କଲେ । ଏହି ସମୟରେ ଉଜ୍ଜୟିନୀରୁ ଚଣ୍ଡମହାସେନଙ୍କର ଦୂତ ମଧ୍ୟ ସେଠାରେ ଆସି ଉପସ୍ଥିତ ହେଲା ।

Digitized by srujanika@gmail.com

ସେ ଯଥୋଚିତ ଅଭିବାଦନପୂର୍ବକ ନିବେଦନ କଲା, 'ତୁମର ବାସ୍ତବପ୍ରିତ ଜ୍ଞାତ ହୋଇ ଚଣ୍ଡମହାସେନ ପ୍ରସନ୍ନଚିତ୍ତରେ ସନ୍ଦେଶ ଦେଇଛନ୍ତି ଯେ, ମହାମନ୍ତ୍ରୀ ଯୌଗନ୍ଧରାୟଣଙ୍କ ଯୋଗୁଁ ତୁମର ଗୌରବ ସମସ୍ତଙ୍କର କର୍ଣ୍ଣଗୋଚର ହେଲଣି । ବାସବଦତ୍ତା ମଧ୍ୟ ଧନ୍ୟ । ତା ଯୋଗୁଁ ଆମ ବଂଶର ପ୍ରତିଷ୍ଠା ବୃଦ୍ଧିଲାଭ କରିଛି । ମୋ ନିକଟରେ ପଦ୍ମାବତୀ ବାସବଦତ୍ତାଠାରୁ ଭିନ୍ନ ନୁହେଁ । ସେମାନଙ୍କ ହୃଦୟ ଏକ । ତୁମେ ତୁମର ଉଦ୍ୟୋଗ ଶୀଘ୍ର ଆରମ୍ଭ କର ।'

ନିଜର ଶ୍ୱଶୁରଙ୍କଠାରୁ ଏ ପ୍ରକାର ସମ୍ବାଦ ଲାଭକରି ଉଦୟନ ଅତ୍ୟନ୍ତ ପ୍ରୀତ ହେଲେ । ମହାରାଣୀ ବାସବଦତ୍ତା ପ୍ରତି ତାଙ୍କର ପ୍ରେମ ଆହୁରି ବୃଦ୍ଧିପ୍ରାପ୍ତ ହେଲା ଏବଂ ଯୌଗନ୍ଧରାୟଣଙ୍କ ପ୍ରତି ତାଙ୍କ ସ୍ନେହ ଦୃଢ଼ୀଭୂତ ହେଲା । ଏହାପରେ ଦୂତକୁ ସମ୍ମାନର ସହ ବିଦାୟ ଦେଇ ଦିଗ୍‌ବିଜୟ ଯାତ୍ରା ନିମନ୍ତେ ପ୍ରସ୍ତୁତ ହେବା ସକାଶେ ରାଜା ଉଦୟନ କୌଶାମ୍ବୀ ପ୍ରତ୍ୟାବର୍ତ୍ତନ କରିବା ପାଇଁ ନିଷ୍ପତ୍ତି କଲେ ।

Digitized by srujanika@gmail.com

ଚତୁର୍ଥ ତରଙ୍ଗ

୪

ବତ୍ସରାଜଙ୍କ କୌଶାମ୍ବୀ ପ୍ରତ୍ୟାବର୍ତ୍ତନ

ଏହାପରେ ଦିନେ ଉଦୟନ ପତ୍ନୀମାନଙ୍କ ସହ ଲାବାଣକ ପରିତ୍ୟାଗ କରି କୌଶାମ୍ବୀ ଅଭିମୁଖରେ ଯାତ୍ରା କଲେ । ଉଦ୍‌ବେଳିତ ସାଗର ଗର୍ଜ୍ଜନାକୁ ପରାଭୂତ କରି ସୈନ୍ୟବାହିନୀ ତାଙ୍କର ଅନୁଗମନ କରିବାକୁ ଲାଗିଲା । ଗଜାରୋହୀ ଉଦୟନଙ୍କୁ ଦେଖିଲେ ମନେ ହେଉଥିଲା ଯେପରି ସୂର୍ଯ୍ୟଦେବ ମେରୁଶୃଙ୍ଗ ଆରୋହଣ କରି ପୃଥିବୀ ପରିକ୍ରମା କରୁଅଛନ୍ତି । ତାଙ୍କର ମସ୍ତକ ଉପରେ ଉତ୍ତୋଳିତ ଶ୍ୱେତଛତ୍ର ଦେଖିଲେ ପ୍ରତୀତ ହେଉଥିଲା ଯେ ରାଜା ତେଜରେ ସୂର୍ଯ୍ୟଙ୍କୁ ପରାସ୍ତ କରିବାରୁ ଚନ୍ଦ୍ର ତାଙ୍କର ସେବାରେ ନିଯୁକ୍ତ ରହିଛନ୍ତି । ଧ୍ରୁବ ନକ୍ଷତ୍ରକୁ ଗ୍ରହଗଣ ପରିବେଷ୍ଟିତ କରି ରହିଥିବା ପରି ସାମନ୍ତରାଜାଗଣ ଉଦୟନଙ୍କ ଚତୁଃପାର୍ଶ୍ୱରେ ବେଷ୍ଟନ କରି ରହିଥାଆନ୍ତି । ରାଜାଙ୍କ ପଶ୍ଚାତ୍‌ପ୍ରଦେଶରେ ଲକ୍ଷ୍ମୀ ଓ ପୃଥିବୀ ତୁଲ୍ୟ ଉଭୟ ରାଣୀ ହସ୍ତୀପୃଷ୍ଠରେ ଅନୁସରଣ କରୁଥାଆନ୍ତି । ଅଶ୍ୱକ୍ଷୁରାହତ ପୃଥିବୀ ରାଜାଙ୍କଦ୍ୱାରା ଉପଭୋକ୍ତା ନାୟିକାର ଶୋଭାଧାରଣ କରିଥାଏ । ଏହିପରି ବନ୍ଦୀଗଣଙ୍କ ଉଦ୍‌ଗୀତ ସଙ୍ଗୀତଦ୍ୱାରା ପ୍ରସନ୍ନଚିତ୍ତ ଉଦୟନ କିଛି ଦିନ ମଧ୍ୟରେ କୌଶାମ୍ବୀ ନଗରୀରେ ଆସି ଉପସ୍ଥିତ ହେଲେ ।

ପତିଙ୍କର ସ୍ୱଦେଶ ଆଗମନରେ ପତ୍ନୀ ଯେପରି ପ୍ରସନ୍ନତା ପ୍ରଦର୍ଶନ କରି ନାନା ବେଶଭୂଷାରେ ସଜ୍ଜିତ ହୋଇଥାଏ, ରାଜା ଉଦୟନଙ୍କ ଆଗମନରେ କୌଶାମ୍ବୀ ସେହିପରି ଶୋଭାଧାରଣ କଲା । ଉତ୍ତୋଳିତ ପତାକାସମୂହ ତାର ଅବଗୁଣ୍ଠନ, ଉଚ୍ଚ ପ୍ରାସାଦ ଚକ୍ରର ଗବାକ୍ଷଗୁଡ଼ିକ ତାର ଅୟତନେତ୍ର, ମଙ୍ଗଳକୁମ୍ଭଗୁଡ଼ିକ ତା'ର ପୀନସ୍ତନ ଏବଂ ନଗରବାସୀଙ୍କ ଆନନ୍ଦ କୋଳାହଳ ତା'ର ମଧୁର କଣ୍ଠସ୍ୱରର ପ୍ରତୀତ ଜନ୍ମାଉଥିଲା । ସୁଧାଧବଳ ପ୍ରାସାଦଗୁଡ଼ିକ ଦର୍ଶକ ମନରେ ସ୍ୱଚ୍ଛହାସ୍ୟର ଭ୍ରମ ସୃଷ୍ଟି କରିଥିଲା । ଉଭୟ

Digitized by srujanika@gmail.com

ପତ୍ନୀଙ୍କ ସହ ଯାତ୍ରା କରୁଥିବା ରାଜା ଉଦୟନ ପୁରନାରୀମାନଙ୍କର ଦର୍ଶନୀୟ ବସ୍ତୁ ଥିଲେ । ଏହି ନାରୀମାନଙ୍କର ମୁଖସୁଷମା ଦର୍ଶକ ମନରେ ସହସ୍ର ଚନ୍ଦ୍ରର ଭ୍ରାନ୍ତି ଉଦ୍ରେକ କରୁଥିଲା । ସତେ ଅବା ସ୍ୱର୍ଗର ଅପ୍ସରାଗଣ ଉଦୟନଙ୍କ ନଗର ପ୍ରବେଶ ଦର୍ଶନାଭିଳାଷିଣୀ ହୋଇ ଅବତରଣ କରିଅଛନ୍ତି । ସେମାନଙ୍କ ଅପଲକ ଦୃଷ୍ଟିପାତ କନ୍ଦର୍ପର ବାଣବୃଷ୍ଟି ପରି ମନେ ହେଉଥିଲା । ସୁନ୍ଦରୀମାନଙ୍କର ନେତ୍ରପଦ୍ମ ଯେପରି ରାଜାଙ୍କର ଶୋଭା ବର୍ଣ୍ଣନା କରିବା ନିମନ୍ତେ କର୍ଣ୍ଣ ନିକଟକୁ ଧାବିତ ହେଉଥିଲେ । ରାଜାଙ୍କର ଦର୍ଶନ ଲାଭକରିବା ନିମନ୍ତେ ଚଞ୍ଚଳ ପଦକ୍ଷେପରେ ଆସୁଥିବା ନାରୀମାନଙ୍କର ପୀନସ୍ତନଗୁଡ଼ିକ ଯେପରି କଞ୍ଚୁକ ମଧ୍ୟରୁ ମୁକ୍ତ ହେବାପାଇଁ ଚେଷ୍ଟା କରୁଥିଲେ । କେତେକ ନାରୀମାନଙ୍କର ମୁକ୍ତାହାରଗୁଡ଼ିକ ଛିନ୍ନ ହୋଇ ପଡୁଥିଲା । କେତେକ ନାରୀ ବାସବଦତ୍ତାଙ୍କ ଲାବଣ୍ୟରେ ଭସ୍ମୀଭୂତ ହେବା ସମ୍ବାଦ ସମ୍ପର୍କରେ ଆଲୋଚନା କରି କଥାବାର୍ତ୍ତା କରୁଥାଆନ୍ତି ଯେ ଅଗ୍ନି ଯଦି ପ୍ରକୃତରେ ଏହାଙ୍କୁ ଦଗ୍ଧ କରିଥାଆନ୍ତା ତାହେଲେ ଶରଦ୍ଦିନ ଲାଗି ପୃଥିବୀ ତମସାଚ୍ଛନ୍ନ ହୋଇଯାଇ ଥାଆନ୍ତା । ଆଉ କିଏ କିଏ କହୁଥାଆନ୍ତି ଯେ ବୋଧହୁଏ କୃଷ୍ଣ ଓ ଶିବ, ବାସବଦତ୍ତା ଓ ପଦ୍ମାବତୀଙ୍କୁ ଦେଖିନାହାନ୍ତି, ନଚେତ୍ ସେମାନଙ୍କର ପ୍ରୀତି ଲକ୍ଷ୍ମୀ ଓ ପାର୍ବତୀଙ୍କ ପ୍ରତି ଶିଥିଳ ହୋଇ ପଡ଼ନ୍ତାଣି । ଏହାପରେ ଜନତାର ବିଭ୍ରମ ଓ ହର୍ଷଉତ୍ପାଦନପୂର୍ବକ ରାଜା ଓ ରାଣୀ ରାଜପ୍ରାସାଦ ମଧ୍ୟରେ ପ୍ରବେଶ କଲେ ।

ରାଜଭବନ ପ୍ରାତଃକାଳୀନ ପଦ୍ମ ସରୋବର ଓ ପୂର୍ଣ୍ଣିମା ତିଥିର ସାଗରର ଶୋଭାଧାରଣ କଲା । ସାମନ୍ତରାଜାମାନଙ୍କର ବହୁମୂଲ୍ୟ ଉପହାରରେ ରାଜପ୍ରାସାଦ ପରିପୂର୍ଣ୍ଣ ହୋଇ କୁବେର କୋଷ ତୁଲ୍ୟ ମନେହେଲା । ରାଜା ଉଦୟନ ଏହି ସାମନ୍ତନରପତିମାନଙ୍କର ଯଥାଯୋଗ୍ୟ ସତ୍କାର କରି ପ୍ରାସାଦ ମଧ୍ୟରେ ପ୍ରବେଶ କଲେ ଏବଂ ରତି ଓ ପ୍ରୀତି ସହ କାମଦେବଙ୍କ ତୁଲ୍ୟ ଉଭୟ ରାଣୀଙ୍କ ସହ ଆସବପାନରେ ଉନ୍ମତ୍ତ ରହି ରାତ୍ରିଯାପନ କଲେ ।

ଗୋପାଳକ କଥା

ଦ୍ୱିତୀୟ ଦିନ ରାଜା ମନ୍ତ୍ରୀମାନଙ୍କ ସହ ରାଜସଭାରେ ଉପସ୍ଥିତ ଥିବାବେଳେ ଦ୍ୱାରଦେଶରେ କୌଣସି ବ୍ରାହ୍ମଣର ବିଳାପଧ୍ୱନି ଶୁଣାଗଲା । ସେ କହୁଥାଏ,

Digitized by srujanika@gmail.com

'ମହାରାଜ ! ବଡ଼ଅନ୍ୟାୟ ହୋଇଯାଇଛି । ଅରଣ୍ୟରେ କେତେକ ଗୋପାଳକ ମୋର ପୁତ୍ରର ଚରଣଦ୍ୱୟ ବିନା କାରଣରେ ଛେଦନ କରିଛନ୍ତି ।' ଏହା ଶୁଣି ରାଜା କେତେକ ଅଭିଯୁକ୍ତ ଗୋପାଳକଙ୍କୁ ବନ୍ଦୀକରି ଆଣି ଜିଜ୍ଞାସା କରନ୍ତେ ସେମାନେ ଉତ୍ତର ଦେଲେ, 'ମହାରାଜ, ଆମ୍ଭେମାନେ ନିର୍ଜନ ଅରଣ୍ୟରେ ଗୋଚାରଣ କରି ଜୀବିକା ନିର୍ବାହ କରୁ । ଆମ୍ଭମାନଙ୍କ ମଧ୍ୟରେ ଦେବସେନ ନାମକ ଜଣେ ଗୋପାଳ ଅଛି । ସେ ଅରଣ୍ୟ ମଧ୍ୟରେ ଏକ ଶିଳାଖଣ୍ଡ ଉପରେ ଉପବିଷ୍ଟ ରହି କହେ ଯେ ମୁଁ ତୁମମାନଙ୍କର ରାଜା । ତୁମ୍ଭେମାନେ ମୋର ଆଜ୍ଞା ପାଳନ କରିବାକୁ ହେବ । ଆମ୍ଭେମାନେ ମଧ୍ୟ ତାର ଆଦେଶ ପାଳନ କରିଥାଉ । ଏହିପରି ସେ ଅରଣ୍ୟରେ ରାଜତ୍ୱ କରୁଥାଏ । ଆଜି ଏହି ବ୍ରାହ୍ମଣ ସେହି ଅରଣ୍ୟ ପଥରେ ଯାଉଥିବାବେଳେ ଆମ ରାଜାଙ୍କୁ ପ୍ରଣାମ କଲା ନାହିଁ । ଆମ୍ଭେମାନେ ମଧ୍ୟ ତାକୁ ପ୍ରଣାମ ନକରି ନଯିବା ପାଇଁ ପ୍ରବର୍ତ୍ତାଇଲୁ । ତଥାପି ସେ ଆମ କଥାକୁ ଅବଜ୍ଞା କରି ହସିଦେଇ ଚାଲିଗଲା । ଏହା ଦେଖି ଦେବସେନ ଏହାର ଚରଣଯୁଗଳ କର୍ତ୍ତନ କରିବା ପାଇଁ ଆମକୁ ନିର୍ଦ୍ଦେଶ ଦେଲେ । ରାଜାଙ୍କ ଆଦେଶ ଲଂଘନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ ।'

ଗୋପାଳକମାନଙ୍କଠାରୁ ଏହା ଶୁଣି ବୁଦ୍ଧିମାନ୍ ଯୌଗନ୍ଧରାୟଣ ଏକାନ୍ତରେ ରାଜାଙ୍କୁ କହିଲେ, 'ମହାରାଜ ! ଏହି ସ୍ଥାନରେ ଅବଶ୍ୟ କିଛି ରତ୍ନଭଣ୍ଡାର ରହିଛି । ଏହାର ପ୍ରଭାବରେ ହିଁ ଗୋପାଳକ ଦେବସେନ ମଧ୍ୟ ରାଜା ହେବାର ଚିନ୍ତା କରିପାରୁଛି । ତେଣୁ ଆପଣ ସେଠାକୁ ଯିବା ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ ।' ମନ୍ତ୍ରୀମାନଙ୍କ ପରାମର୍ଶରେ ଉଦୟନ ସେନାବାହିନୀ ଓ ଖନନ ଉପଯୋଗୀ ସାମଗ୍ରୀ ନେଇ ସେଠାକୁ ଯିବା ନିମନ୍ତେ ଉଦ୍ୟତ ହେଲେ ।'

ଉଦୟନଙ୍କ ରତ୍ନକୋଷ ଓ ସିଂହାସନ ପ୍ରାପ୍ତି

ଖନନକାରମାନେ ଅରଣ୍ୟ ମଧ୍ୟରେ ପ୍ରବେଶ କରି ଭୂମି ପରୀକ୍ଷାପୂର୍ବକ ଯେତେବେଳେ ଉକ୍ତ ସ୍ଥାନକୁ ଖନନ କଲେ, ସେତେବେଳେ ତା ମଧ୍ୟରୁ ପର୍ବତାକାର ଏକ ଯକ୍ଷ ନିର୍ଗତ ହେଲା । ସେ ରାଜାଙ୍କୁ ଲକ୍ଷ୍ୟ କରି କହିଲା, 'ଏହି ରତ୍ନକୋଷ ତୁମର ପିତାମହଙ୍କଦ୍ୱାରା ସଞ୍ଚିତ ହୋଇଥିଲା । ବହୁଦିନ ପର୍ଯ୍ୟନ୍ତ

Digitized by srujanika@gmail.com

ମୁଁ ଏହାର ସୁରକ୍ଷା କଲି, ବର୍ତ୍ତମାନ ତୁମେ ଏହାର ଦାୟିତ୍ୱ ବହନ କର ।' ଏହା କହି ସେ ଯକ୍ଷ ଅନ୍ତର୍ହିତ ହେଲା । ରାଜା ଏହା ମଧ୍ୟରୁ ଏକ ବିଶାଳ ରତ୍ନକୋଷ ଓ ରତ୍ନ ସିଂହାସନ ଲାଭକରି ପ୍ରସନ୍ନ ଚିତ୍ତରେ ନାନାବିଧ ଉତ୍ସବ ପାଳନ କଲେ ଏବଂ ରତ୍ନକୋଷ ଓ ରତ୍ନ ସିଂହାସନ ନେଇ କୌଶାମ୍ବୀ ପ୍ରତ୍ୟାବର୍ତ୍ତନ କଲେ । ସେହି ଗୋପାଳକମାନଙ୍କୁ ମଧ୍ୟ ଉପଯୁକ୍ତ ଦଣ୍ଡବିଧାନ କରିବା ନିମନ୍ତେ ବିସ୍ମୃତ ହେଲେ ନାହିଁ ।

ସୌଭାଗ୍ୟ ଆସିବାବେଳେ ଏହିପରି ଅପୂର୍ବ ପଦାର୍ଥସବୁ ପ୍ରାପ୍ତ ହୋଇଥାଏ । ରାଜାଙ୍କଦ୍ୱାରା ଆନୀତ ରତ୍ନ ସିଂହାସନ ରାଜଭବନରେ ସୁରକ୍ଷିତ ହେଲା । ପ୍ରଜାମଣ୍ଡଳୀ ଏହାକୁ ଦେଖି ବିସ୍ମିତ ହେବାକୁ ଲାଗିଲେ । ସିଂହାସନ-ଖଚିତ ମଣିମୁକ୍ତାଦିରୁ ନିର୍ଗତ ହେଉଥିବା ସମୁଜ୍ଜ୍ୱଳ କିରଣ ଉଦୟନଙ୍କ ସୌଭାଗ୍ୟର ସଙ୍କେତ ପ୍ରଦାନ କରୁଥିଲା । ଏହି ସିଂହାସନକୁ ଦେଖି ମନ୍ତ୍ରୀ-ମାନେ ରାଜାଙ୍କ ଦିଗ ବିଜୟ ସମ୍ପର୍କରେ ନିଃସନ୍ଦେହ ହୋଇଗଲେ । ରାଜ୍ୟରେ ମହୋତ୍ସବ ପରିପାଳିତ ହେଲା । ଉଦୟନ ପ୍ରାପ୍ତରତ୍ନକୋଷରୁ ବହୁ ଧନ ସମ୍ପତ୍ତି ରାଜ୍ୟରେ ବିତରଣ କଲେ । ଏହିପରି ସେହି ଦିନଟି ଆନନ୍ଦ ଉତ୍ସବରେ ଅତିବାହିତ କଲାପରେ ପରଦିନ ଯୌଗନ୍ଧରାୟଣ ରାଜାଙ୍କ ମନୋଭାବ ପରୀକ୍ଷା କରିବା ନିମନ୍ତେ ତାଙ୍କୁ କହିଲେ, 'ଆପଣ ଏହି ସିଂହାସନ ଉପରେ ବସି ରାଜ୍ୟ ପରିପାଳନା କରନ୍ତୁ ।'

ଉଦୟନଙ୍କ ଦିଗ୍‌ବିଜୟାଭିଳାଷ

ଏହା ଶୁଣି ରାଜା କହିଲେ, 'ମୋର ପିତାମହ ଆସମୁଦ୍ର ପୃଥିବୀ ଜୟ କରିସାରି ଏହି ସିଂହାସନ ଉପରେ ବସି ରାଜତ୍ୱ କରୁଥିଲେ । ତେଣୁ ମୁଁ ଯଦି କୌଣସି ଦିଗ ଜୟ ନକରି ଏହା ଉପରେ ଆରୋହଣ କରିବି, ତା ହେଲେ ଏହି ସିଂହାସନର ମହତ୍ତ୍ୱ କ୍ଷୁଣ୍ଣ ହେବ ।' ଏହା କହି ସେ ସିଂହାସନ ଆରୋହଣରେ ସମ୍ମତ ହେଲେ ନାହିଁ । କୁଳୀନ ଲୋକମାନଙ୍କର ଆତ୍ମାଭିମାନ ଚିରନ୍ତନ ।

ଏଥିରେ ସୁପ୍ରସନ୍ନ ହୋଇ ଯୌଗନ୍ଧରାୟଣ କହିଲେ, 'ତା ହେଲେ, ମହାରାଜ ! ପୂର୍ବଦିଗରୁ ବିଜୟର ଉଦ୍ୟମ କରାଯାଉ ।' ରାଜା ଏ ପ୍ରସଙ୍ଗରେ

Digitized by srujanika@gmail.com

ତାଙ୍କୁ ଜିଜ୍ଞାସା କଲେ ଯେ ଉତ୍ତର ପ୍ରଭୃତି ଅନ୍ୟାନ୍ୟ ଦିଗ ଥିଲେ ହେଁ ରାଜାମାନେ କେବଳ ପୂର୍ବଦିଗରୁ କାହିଁକି ଜୟଯାତ୍ରା ଆରମ୍ଭ କରିଥାଆନ୍ତି ? ରାଜାଙ୍କର ସନ୍ଦେହ ମୋଚନ କରି ଯୌଗନ୍ଧରାୟଣ କହିଲେ, 'ଯଦିଚ ଉତ୍ତର ଦିଗ ପ୍ରଶସ୍ତ ତଥାପି ମ୍ଳେଚ୍ଛମାନଙ୍କର ବାସଭୂମି ହେତୁ ଏହା ଦୂଷିତ । ସୂର୍ଯ୍ୟଙ୍କର ଅସ୍ତ ହେଉଥିବାରୁ ପଶ୍ଚିମ ଦିଗ ମଧ୍ୟ ଶୁଭଦାୟକ ବୋଲି ଗ୍ରହଣ କରାଯାଏ ନାହିଁ । ଦକ୍ଷିଣ ଦିଗ ଯମରାଜାଙ୍କର ଓ ରାକ୍ଷସମାନଙ୍କର ନିବାସଭୂମି ହୋଇଥିବାରୁ ଏ ଦିଗ ମଧ୍ୟ ମଙ୍ଗଳମୟ ବୋଲି ଗୃହୀତ ହୁଏ ନାହିଁ । ପୂର୍ବଦିଗରେ ସୂର୍ଯ୍ୟଙ୍କର ଉଦୟ ହୁଏ । ଏହା ଇନ୍ଦ୍ରଙ୍କର ନିବାସସ୍ଥଳୀ । ଗଙ୍ଗା ନଦୀ ମଧ୍ୟ ପୂର୍ବଦିଗକୁ ପ୍ରବାହିତ ହେଉଅଛି । ତେଣୁ ପୂର୍ବଦିଗ ପ୍ରଶସ୍ତ ଓ ପବିତ୍ର । ଭାରତୀୟମାନେ ମଧ୍ୟ ହିମାଳୟ ଓ ବିନ୍ଧ୍ୟାଚଳର ମଧ୍ୟବର୍ତ୍ତୀ ପ୍ରଦେଶ ଗଙ୍ଗାଜଳରେ ଧୌତ ହେଉଥିବା ଯୋଗୁଁ ପବିତ୍ର ଭୂମିରୂପେ ଗ୍ରହଣ କରିଥାଆନ୍ତି । ଏଣୁ ମଙ୍ଗଳାକାଂକ୍ଷୀ ରାଜାମାନେ ପ୍ରଥମେ ପୂର୍ବଦିଗରୁ ଜୟଯାତ୍ରା ଆରମ୍ଭ କରନ୍ତି ଏବଂ ଗଙ୍ଗାତଟରେ କିଛି ଦିନ ବିଶ୍ରାମ ନେଇ ପୁଣି ଅଗ୍ରସର ହୋଇଥାଆନ୍ତି । ଆପଣଙ୍କର ପୂର୍ବପୁରୁଷ ପାଣ୍ଡବମାନେ ମଧ୍ୟ ଏହି ଦିଗରୁ ହିଁ ବିଜୟଯାତ୍ରା ଆରମ୍ଭ କରିଥିଲେ ଏବଂ ଗଙ୍ଗାତଟବର୍ତ୍ତୀ ହସ୍ତିନାପୁରକୁ ନିଜର ରାଜଧାନୀରୂପେ ମନୋନୀତ କରିଥିଲେ । ଅବଶ୍ୟ ସାମ୍ରାଜ୍ୟ ପୌରୁଷର ଅଧୀନ । ଏଥିରେ ଦେଶ ବିଶେଷର କିଛି ମହତ୍ତ୍ୱ ନାହିଁ ।'

ଏହା ଶୁଣି ଉଦୟନ କହିଲେ, 'ଅବଶ୍ୟ ଦେଶ ବିଶେଷ ସାମ୍ରାଜ୍ୟର କାରଣ ହୋଇ ନଥାଏ । ଉଚ୍ଚକୋଟୀର ଲୋକମାନେ ନିଜର ପୁରୁଷାର୍ଥ-ଦ୍ୱାରା ହିଁ ସାମ୍ରାଜ୍ୟ ଲାଭ କରିଥାଆନ୍ତି । କିନ୍ତୁ ବଳବାନ୍ ମହତ୍ ବ୍ୟକ୍ତିମାନେ ଆଶ୍ରୟହୀନ ହୋଇଥିଲେ ମଧ୍ୟ ଲକ୍ଷ୍ମୀ ସେମାନଙ୍କୁ ଶୁଭାଶିଷ ପ୍ରଦାନ କରନ୍ତି । ଆପଣମାନେ କଣ ସତ୍ୟବାନ୍ ବ୍ୟକ୍ତିର କଥା ଶୁଣି ନାହାନ୍ତି ?' ଏହା କହି ରାଜା ଉଦୟନ ମନ୍ତ୍ରୀମାନଙ୍କ ଅନୁରୋଧରେ ରାଣୀମାନଙ୍କ ସମ୍ମୁଖରେ ଗୋଟିଏ କଥା ଶୁଣାଇଲେ—

Digitized by srujanika@gmail.com

ଆଦିତ୍ୟସେନ ଓ ତେଜୋବତୀ କଥା

ଭାରତବର୍ଷରେ ଉଜ୍ଜୟିନୀ ନାମରେ ଏକ ନଗରୀ ଅଛି । ପୂର୍ବକାଳରେ ଆଦିତ୍ୟସେନ ନାମରେ ଜଣେ ପ୍ରବଳପରାକ୍ରାନ୍ତ ଓ ସର୍ବଗୁଣଶାଳୀ ରାଜା ସେଠାରେ ରାଜତ୍ୱ କରୁଥିଲେ । ତାଙ୍କର ଉଜ୍ଜ୍ୱଳିତ ଛତ୍ର ଦର୍ଶନରେ ଅନ୍ୟାନ୍ୟ ରାଜାମାନେ ଭୟଭୀତ ହୋଇ ପଡ଼ୁଥିଲେ । ଥରେ ସେ ବିଜୟ ଯାତ୍ରାରେ ନିର୍ଗତ ହୋଇ ଗଙ୍ଗାତଟରେ ଶିବିର ସ୍ଥାପନପୂର୍ବକ ଅବସ୍ଥାନ କରୁଥିବା ସମୟରେ ଗୁଣବର୍ମା ନାମରେ କୌଣସି ଧନୀ ବଣିକ ତା'ର ତେଜୋବତୀ ନାମ୍ନୀ ରୂପବତୀ କନ୍ୟାକୁ ଉପହାର ସ୍ୱରୂପ ପ୍ରଦାନ କରିବା ନିମନ୍ତେ ତାଙ୍କ ନିକଟରେ ଆସି ଉପସ୍ଥିତ ହେଲା । ସେ ରାଜାଙ୍କୁ, 'ଦେବ, ତ୍ରିଭୁବନର ରତ୍ନସ୍ୱରୂପା ଏହି କନ୍ୟା ମୋର ଗୃହରେ ଜନ୍ମଲାଭ କରିଛି । ଏହାକୁ ଅନ୍ୟ କାହାରି ହସ୍ତରେ ଅର୍ପଣ କରିବା ଉଚିତ ନୁହେଁ । ଏ କେବଳ ଆପଣଙ୍କର ଉପଯୁକ୍ତ ସେବିକା ହେବ' ବୋଲି କହି, କନ୍ୟାଟିକୁ ପ୍ରଦାନ କଲେ । ରାଜା ତାର ରୂପରେ ମୁଗ୍ଧ ହୋଇ ତାଙ୍କୁ ଗ୍ରହଣ କଲେ । କନ୍ୟାର ଦେହକାନ୍ତି କାମଦେବଙ୍କ ଭବନର ଦୀପଶିଖାତୁଲ୍ୟ ପ୍ରଜ୍ୱଳିତ ହେଉଥିଲା । ରାଜା ତାଙ୍କୁ ନିଜର ମହାରାଣୀ ପଦ ପ୍ରଦାନ କରି ଗୁଣବର୍ମାକୁ ମଧ୍ୟ ରାଜପଦ ପ୍ରଦାନ କଲେ ।

ତେଜୋବତୀଙ୍କୁ ଲାଭ କରି ରାଜା ନିଜକୁ କୃତକୃତ୍ୟ ମନେ କଲେ ଏବଂ ତାଙ୍କୁ ନେଇ ଉଜ୍ଜୟିନୀ ପ୍ରତ୍ୟାବର୍ତ୍ତନ କଲେ । ଉଜ୍ଜୟିନୀରେ ସର୍ବଦା ତାଙ୍କର ଅନିନ୍ଦ୍ୟସୁନ୍ଦର ମୁଖଚନ୍ଦ୍ର ଦର୍ଶନ କରି ସେ କାଳଯାପନ କରିବାକୁ ଲାଗିଲେ । ଏହି କାରଣରୁ ସେ ରାଜ୍ୟଚିନ୍ତା ସମ୍ପୂର୍ଣ୍ଣଭାବରେ ଭୁଲି ଯାଇଥିଲେ । ପ୍ରଜା-ମାନଙ୍କର କରୁଣ ଆର୍ତ୍ତନାଦ ତେଜୋବତୀଙ୍କର ମଧୁର କଣ୍ଠସ୍ୱର ମଧ୍ୟରେ ଲୀନ ହୋଇ ଯାଉଥିଲା । ରାଜା ବହୁଦିନ ପର୍ଯ୍ୟନ୍ତ ଅନ୍ତଃପୁର ମଧ୍ୟରୁ ବହିର୍ଗତ ହେଉ ନଥିଲେ । ଫଳରେ ଶତ୍ରୁରାଜାମାନେ କ୍ରମେ କ୍ରମେ ନିର୍ଭୟ ହୋଇଗଲେ ।

କିଛି ଦିନ ପରେ ରାଣୀଙ୍କର ଗର୍ଭୋଦୟ ହେଲା ଏବଂ ସେ ଏକ ଦିବ୍ୟ ସୁନ୍ଦରୀ କନ୍ୟା ପ୍ରସବ କଲେ । ରାଜାଙ୍କର ମଧ୍ୟ ଏହି ସମୟରେ ପୁଣି ଦିଗ୍‌ବିଜୟ ଅଭିଳାଷ ଜାଗ୍ରତ ହେଲା । ସେ କୌଣସି ବିଦ୍ରୋହୀ ସାମନ୍ତ

Digitized by srujanika@gmail.com

ରାଜାର ଗର୍ବ ଖର୍ବ କରିବା ନିମନ୍ତେ ଉଜ୍ଜୟିନୀରୁ ଅଭିଯାନ ଆରମ୍ଭ କଲେ । ହସ୍ତୀପୃଷ୍ଠରେ ରାଣୀ ତେଜୋବତୀ ମଧ୍ୟ ସେନାବାହିନୀ ମଧ୍ୟରେ ରାଜାଙ୍କର ଅନୁସରଣ କଲେ । ରାଜା ପର୍ବତତୁଲ୍ୟ ଶ୍ରୀବୃକ୍ଷକ ନାମକ ଅଶ୍ୱପୃଷ୍ଠରେ ଆରୋହଣ କରି କିଛି ଦୂର ଅଗ୍ରସର ହେବାପରେ ଯେତେବେଳେ ସମତଳ ପ୍ରଦେଶରେ ପ୍ରବେଶ କଲେ, ସେତେବେଳେ ନିଜର କୌଶଳ ପ୍ରଦର୍ଶନ କରିବା ନିମନ୍ତେ ସେ ଅଶ୍ୱର ବେଗକୁ ଦ୍ୱିଗୁଣିତ କରିଦେଲେ । ରାଜାଙ୍କର ଜାନୁଦ୍ୱାରା ଆହତ ଅଶ୍ୱ ତୀବ୍ରବେଗରେ ଗତି କରି ମୁହୂର୍ତ୍ତକ ମଧ୍ୟରେ ଅଦୃଶ୍ୟ ହୋଇଗଲା । ଏଥିରେ ବିବ୍ରତ ହୋଇ ଏବଂ ଏହାକୁ ଅନିଷ୍ଟର ସୂଚନା ମନେକରି ରାଣୀ ଓ ମନ୍ତ୍ରୀମାନେ ସୈନ୍ୟବାହିନୀ ସହ ଉଜ୍ଜୟିନୀ ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜ୍ୟ ରକ୍ଷାର ଉପାୟ ଚିନ୍ତା କରି ପ୍ରଜାମାନଙ୍କୁ ଆଶ୍ୱାସନା ଦେବାକୁ ଲାଗିଲେ ।

ଏଣେ ତୀବ୍ରବେଗରେ ଅଶ୍ୱ ରାଜାଙ୍କୁ ନେଇ ଏକ ଭୟଙ୍କର ହିଂସ୍ର-ଜନ୍ତୁ ପରିପୂର୍ଣ୍ଣ ନିବିଡ଼ ଅରଣ୍ୟ ମଧ୍ୟରେ ପହଞ୍ଚିଲା । ଦୈବଯୋଗରେ ଅଶ୍ୱ ଯେତେବେଳେ ସ୍ଥିର ହେଲା ରାଜା ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲେ, କିନ୍ତୁ କୌଣସି ଦିଗ ଜ୍ଞାନ ତାଙ୍କର ରହିଲା ନାହିଁ । ପ୍ରବଳ କ୍ଷୁଧାରେ ରାଜା ବ୍ୟାକୁଳିତ ହୋଇଉଠିଲେ । ଅନ୍ୟ କୌଣସି ଉପାୟ ନଦେଖି ଅଶ୍ୱ ମର୍ମଜ୍ଞ ରାଜା ଘୋଟକପୃଷ୍ଠରୁ ଅବତରଣ କରି ତାକୁ ପ୍ରଣାମପୂର୍ବକ କହିଲେ, 'ହେ ଈଶ୍ୱର, ତୁମେ ଅଶ୍ୱ ନୁହ । ବାସ୍ତବରେ ତୁମେ ଦେବତା । ତୁମପରି ଉଚ୍ଚଜାତିର ଅଶ୍ୱ କଦାପି ପ୍ରଭୁଦ୍ରୋହ କରିପାରିବ ନାହିଁ । ଏଠାରେ ତୁମେ ହିଁ ମୋର ଶରଣ ରକ୍ଷକ । ତେଣୁ ମୋତେ ତୁମେ କଲ୍ୟାଣ ମାର୍ଗରେ ପରିଚାଳିତ କର ।' ଏହା ଶୁଣି ଶ୍ରୀବୃକ୍ଷକ ନିଜର ପୂର୍ବଜନ୍ମ ସ୍ମରଣ କରି ରାଜାଙ୍କ କଥାରେ ସମ୍ମତି ପ୍ରକାଶ କଲା । ଉଚ୍ଚଜାତିର ଅଶ୍ୱମାନେ ସାଧାରଣତଃ ଶାପଭ୍ରଷ୍ଟ ଦେବତା ହିଁ ହୋଇଥାଆନ୍ତି ।

ରାଜା ପୁଣି ତା' ଉପରେ ଆରୋହଣ କରନ୍ତେ ସେ ତାଙ୍କୁ ଶୀତଳ ଛାୟାସମନ୍ୱିତ ମାର୍ଗରେ ନେଇ ଚାଲିଲା । ସୂର୍ଯ୍ୟାସ୍ତ ପୂର୍ବରୁ ଶତଶହ କୋଶ ଅତିକ୍ରମ କରି ସେ ରାଜାଙ୍କୁ ଆଣି ଉଜ୍ଜୟିନୀ ସମୀପରେ ପହଞ୍ଚାଇ ଦେଲା । ସନ୍ଧ୍ୟା ସମୟ ହେବାରୁ ଉଜ୍ଜୟିନୀର ପ୍ରବେଶଦ୍ୱାର ରୁଦ୍ଧ ହୋଇ ଯାଇଥାଏ ।

Digitized by srujanika@gmail.com

ଚତୁର୍ଦ୍ଦିଗ ଅନ୍ଧକାରମୟ । ତେଣୁ ରାତ୍ରରେ ଆଶ୍ରୟ ଗ୍ରହଣ କରିବା ନିମନ୍ତେ ରାଜାଙ୍କୁ ନେଇ ଅଶ୍ୱ ଏକ ଭୀଷଣ ଶ୍ମଶାନରେ ଉପସ୍ଥିତ ହେଲା । ଏହି ଶ୍ମଶାନର ନିକଟରେ କୌଣସି ବ୍ରାହ୍ମଣର ଗୋଟିଏ ଗୁପ୍ତ ଆଶ୍ରମ ଥାଏ । ରାଜା ଆଶ୍ରୟ ନେବା ନିମନ୍ତେ ତା' ମଧ୍ୟରେ ହିଁ ପ୍ରବେଶ କଲେ ।

'ତୁମେ ଶ୍ମଶାନ ରକ୍ଷକ ନା ଦସ୍ୟୁ' କହି ଜଣେକ ଆଶ୍ରମବାସୀ ବ୍ରାହ୍ମଣ ରାଜାଙ୍କର ପଥରୋଧ କଲା । ଏହିପରି ବାକ୍ୟ ବିନିମୟ ମଧ୍ୟରେ ବ୍ରାହ୍ମଣ ମନ୍ଦିର ବାହାରକୁ ଚାଲି ଆସିଲା । ସେହି ମନ୍ଦିର ମଧ୍ୟରେ ବିଦୂଷକ ନାମରେ ଜଣେ ଗୁଣବାନ୍ ଓ ହୃଦୟବାନ୍ ବ୍ରାହ୍ମଣ ବାସ କରୁଥିଲେ । ଅଗ୍ନି ଦେବତାଙ୍କୁ ଉପାସନା କରି ସେ ଏକ ଉତ୍ତମ ଖଡ୍ଗ ମଧ୍ୟ ଲାଭ କରିଥିଲେ ଯାହା ସ୍ମରଣ କଲା ମାତ୍ରେ ତାଙ୍କ ହସ୍ତରେ ଆସି ଉପସ୍ଥିତ ହେଉଥିଲା । ଉକ୍ତ ଆଶ୍ରମାଧିପତି ବ୍ରାହ୍ମଣର କୋଳାହଳ ଶୁଣି ସେ ଆସି ସେଠାରେ ଉପସ୍ଥିତ ହେଲେ । ରାଜାଙ୍କର ରୂପ ଦର୍ଶନରେ ସେ, କୌଣସି ଦେବତା ଆଶ୍ରମରେ ଉପସ୍ଥିତ ହୋଇଛନ୍ତି, ଭାବି ଉକ୍ତ ବ୍ରାହ୍ମଣଙ୍କୁ ଦୂରକୁ ଅପସାରଣପୂର୍ବକ ବିନମ୍ରତା ସହକାରେ ରାଜାଙ୍କୁ ଆଶ୍ରମ ମଧ୍ୟକୁ ସ୍ୱାଗତ କରିନେଲେ । ଆଶ୍ରମ ମଧ୍ୟରେ ଦାସୀମାନଙ୍କଦ୍ୱାରା ରାଜାଙ୍କ ଶରୀର ପ୍ରକ୍ଷାଳନ କରି ସେ ତାଙ୍କୁ ଉପଯୁକ୍ତ ଭୋଜନ ସାମଗ୍ରୀଦ୍ୱାରା ଆପ୍ୟାୟିତ କଲେ । ରାଜାଙ୍କର ସମସ୍ତ ବ୍ୟବସ୍ଥା କରିବା ପରେ ସେ ନିଜେ ନିଜ ହାତରେ ଅଶ୍ୱଟିର ଲଗାମ ପ୍ରଭୃତି ଖୋଲି ଦେଲେ ଏବଂ ଉପଯୁକ୍ତ ଆହାର ପ୍ରଦାନ କରି ତା'ର ଶ୍ରାନ୍ତି ବିଦୂରିତ କଲେ । ଏହାପରେ ଶଯ୍ୟା ଉପରେ ଶାୟିତ ରାଜାଙ୍କୁ ମଧୁର ବାକ୍ୟରେ ସେ କହିଲେ, 'ସ୍ୱାମୀ, ଆପଣ ନିଶ୍ଚିନ୍ତ ମନରେ ଶୟନ କରନ୍ତୁ, ମୁଁ ସମଗ୍ର ରଜନୀ ଆପଣଙ୍କର ଶରୀର ରକ୍ଷା କରୁଅଛି ।' ଏହା କହି ସେ ଖଡ୍ଗକୁ ସ୍ମରଣ କରିବା ମାତ୍ରେ ତାହା ଆସି ତାଙ୍କର ହସ୍ତରେ ଉପସ୍ଥିତ ହେଲା ଏବଂ ସେ ତାକୁ ଧରି ଦ୍ୱାର-ଦେଶରେ ପହରା ଦେବାକୁ ଲାଗିଲେ ।

ପ୍ରାତଃକାଳରେ ରାଜା ଶଯ୍ୟାତ୍ୟାଗ କରନ୍ତେ ସେ ନିଜେ ଯାଇ ଅଶ୍ୱଟିକୁ ଯାତ୍ରା ନିମନ୍ତେ ପ୍ରସ୍ତୁତ କରିଦେଲେ । ରାଜା ସେହି ବିଦୂଷକଙ୍କ ସହ ଅଶ୍ୱପୃଷ୍ଠରେ ଯାଇ ନଗର ମଧ୍ୟରେ ପ୍ରବେଶ କରିବାରୁ ରାଜ୍ୟସାରା ଉତ୍ସବ

Digitized by srujanika@gmail.com

ପାଳିତ ହେଲା ଏବଂ ମନ୍ତ୍ରୀ ଓ ରାଣୀଙ୍କ ମନରୁ ମଧ୍ୟ ଘୋର ଦୁଃଶ୍ଚିନ୍ତା ଦୂରୀଭୂତ ହେଲା ।

ସେହିଦିନଠି ଆନନ୍ଦ ଉତ୍ସବରେ ଶେଷକରି ଦ୍ୱିତୀୟ ଦିନ ରାଜା ଉକ୍ତ ଆଶ୍ରମରୁ ଅନ୍ୟାନ୍ୟ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ଆଣିଲେ । ସଭାରେ ପୂର୍ବରାତ୍ରିର ସମସ୍ତ ବୃତ୍ତାନ୍ତ ପ୍ରକାଶପୂର୍ବକ ସେ ସେହି ବିଦୂଷକଙ୍କୁ ଏକ ସହସ୍ର ଗ୍ରାମ ପୁରସ୍କାର ସ୍ୱରୂପ ପ୍ରଦାନ କଲେ ଏବଂ ନିଜର ପୁରୋହିତ ରୂପେ ନିଯୁକ୍ତ କରି ଛତ୍ର, ଚାମର, ଘୋଟକ ପ୍ରଭୃତିଦ୍ୱାରା ସମ୍ମାନିତ କଲେ । ରାଜାଙ୍କର ଏ ବଦାନ୍ୟତା ଲୋକେ ବିସ୍ମୟ ବିସ୍ଫାରିତ ଚକ୍ଷୁରେ ଦର୍ଶନ କରୁଥାଆନ୍ତି । ଫଳରେ ସେ ବ୍ରାହ୍ମଣ ରାଜାଙ୍କର ଜଣେ ସାମନ୍ତରାଜାଙ୍କ ତୁଲ୍ୟ ଶୋଭା ପାଇଲେ । ପ୍ରକୃତରେ ମହତ୍ ଲୋକଙ୍କର ଉପକାର ସାଧନ କରିବା କଦାପି ନିଷ୍ଫଳ ହୋଇ ନଥାଏ ।

ସେହି ଉଦାର ହୃଦୟ ବ୍ରାହ୍ମଣ ଆଶ୍ରମ ମଧ୍ୟରେ ରହୁଥିବା ଅନ୍ୟ ବ୍ରାହ୍ମଣଙ୍କ ମଧ୍ୟରେ ପ୍ରାପ୍ତ ଭୂସମ୍ପତ୍ତିକୁ ସମାନ ଭାବରେ ବଣ୍ଟନ କରିଦେଇ ରାଜାଙ୍କ ସେବାରେ ନିଜକୁ ନିଯୁକ୍ତ କଲେ ଏବଂ ଉକ୍ତ ଗ୍ରାମଗୁଡ଼ିକରୁ ପ୍ରାପ୍ତ ରାଜସ୍ୱଦ୍ୱାରା ଅନ୍ୟାନ୍ୟ ବ୍ରାହ୍ମଣଙ୍କ ତୁଲ୍ୟ ଜୀବନଯାପନ କରିବାକୁ ଲାଗିଲେ । କିଛି ଦିନ ପରେ ବିନା ପରିଶ୍ରମରେ ପ୍ରାପ୍ତ ସମ୍ପତ୍ତି ଭୋଗକରି ସେହି ବ୍ରାହ୍ମଣଗଣ ମଦୋନ୍ମତ୍ତ ହୋଇପଡ଼ିଲେ ଏବଂ ନିଜ ନିଜର ପ୍ରାଧାନ୍ୟ ପ୍ରମାଣିତ କରିବାକୁ ଯାଇ ବିବାଦ ଆରମ୍ଭ କରିଦେଲେ । ସେମାନେ ସମସ୍ତେ ମିଳିତ ହୋଇ ବିଦୂଷକଙ୍କର ଗ୍ରାମଗୁଡ଼ିକ ଭୋଗ କରିବାରେ ପ୍ରତିବନ୍ଧକ ସୃଷ୍ଟି କଲେ । ଏଥିରେ ବିଦୂଷକ ତଟସ୍ଥ ହୋଇ କେବଳ ମୌନ ରହିଲେ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ କଲେ ନାହିଁ । ଏହି ସମୟରେ ଚକ୍ରଧର ନାମରେ ଜଣେ ପ୍ରଷ୍ଟବାଦୀ ବ୍ରାହ୍ମଣ ସେଠାରେ ଉପସ୍ଥିତ ହେଲେ । ସେ ଏକ ଚକ୍ଷୁହୀନ ହେଲେ ହେଁ ନ୍ୟାୟଦ୍ରଷ୍ଟା ଓ କୁଜା ହେଲେ ହେଁ ସ୍ପଷ୍ଟବାଦୀ ଥିଲେ । ଏମାନଙ୍କୁ ଲକ୍ଷ୍ୟକରି ସେ କହିଲେ, 'ରେ ମୂର୍ଖଗଣ, ତୁମପରି ଭିକ୍ଷୁକମାନଙ୍କର ଏ ପ୍ରକାର ସମ୍ପତ୍ତି କପରି ଲାଭ ହେଲା ? ବିନା ପରିଶ୍ରମରେ ପ୍ରାପ୍ତ ଏହି ସମ୍ପତ୍ତି ନିମିତ୍ତ ଯଦି କଳହ କର ତା ହେଲେ ପୁଣି ଭିକ୍ଷୁକ ହୋଇ ହିଁ ଘୂରି ବୁଲିବ । ନେତ୍ରହୀନ ହୋଇ ଭାଗ୍ୟର ଆଶ୍ରୟରେ ପରିଚାଳିତ ହେବା ଶ୍ରେୟସ୍କର କିନ୍ତୁ

Digitized by srujanika@gmail.com

ବନ୍ଧୁ ନେତାଙ୍କଦ୍ୱାରା ସର୍ବନାଶ କରିବା ଅନୁଚିତ । ବିଦୂଷକ ତୁମକୁ ପରିତ୍ୟାଗ କରି ଚାଲିଯାଇ ଭୁଲ କରିଛି । ବର୍ତ୍ତମାନ ତୁମ ମଧ୍ୟରୁ ଜଣକୁ ନେତାରୂପେ ଗ୍ରହଣ କରି ତାହାର ଚାଳିତ ହୁଅ, ତା' ହେଲେ ଏ ସମ୍ପତ୍ତି ରକ୍ଷା କରିପାରିବ ଏବଂ ଏହାର ବୃଦ୍ଧି ସାଧନ କରିପାରିବ ।' ଏହା ଶୁଣି ବ୍ରାହ୍ମଣମାନେ ପ୍ରତ୍ୟେକେ ନିଜେ ନିଜେ ନେତା ହେବେ ବୋଲି ପୁଣି କଳିଗୋଳ ଆରମ୍ଭ କରିଦେଲେ । ଏହା ଦେଖି ଚକ୍ରଧର ଏମାନଙ୍କୁ ମହାମୂର୍ଖ ମନେକରି କହିଲେ, 'ନିଜ ମଧ୍ୟରେ କଳହ କରୁଥିବା ଦେଖି ମୁଁ ତୁମମାନଙ୍କ ନିମିତ୍ତ ଗୋଟିଏ ସର୍ତ୍ତ ରଖୁଛି । ଯେ ଏହା ପୂର୍ଣ୍ଣ କରିବ ସେ ତୁମମାନଙ୍କର ନେତା ହେବ । ଏହି ଶ୍ମଶାନରେ ପ୍ରାଣଦଣ୍ଡ ପାଇ ତିନୋଟି ଶବ ଝୁଲୁଛନ୍ତି । ଏ ତିନୋଟିର ନାସିକା କର୍ତ୍ତନ କରି ଯେ ଆଣିପାରିବ ସେ ତୁମମାନଙ୍କର ନେତା ହେବ ।' ଏହା ଶୁଣି ବିଦୂଷକ ଏଥିରେ ସମ୍ମତିପ୍ରକାଶ କଲେ । କିନ୍ତୁ ସେହି ମୂର୍ଖ ବ୍ରାହ୍ମଣମାନେ କହିଲେ, 'ଆମେ ଏହା କରିବା ନିମନ୍ତେ ସମର୍ଥ ନୋହୁଁ । ଯେ ଏହା କରିବ ତାକୁ ଆମ୍ଭମାନଙ୍କର ନେତା ବୋଲି ଗ୍ରହଣ କରିବା ନିମନ୍ତେ ଆମେ ପ୍ରସ୍ତୁତ ଅଛୁଁ ।' ଏଥିରେ ବିଦୂଷକ କହିଲେ, 'ମୁଁ ଏହା କରିବା ପାଇଁ ପ୍ରସ୍ତୁତ ଅଛି । ଆଜି ମଧ୍ୟରାତ୍ରିରେ ଯାଇ ମୁଁ ଏମାନଙ୍କର ନାସିକା କର୍ତ୍ତନ କରି ନେଇ ଆସିବି ।' ଏଥିରେ ସେମାନେ ସମ୍ମତ ହେବାରୁ ବିଦୂଷକ ଶ୍ମଶାନ ଅଭିମୁଖରେ ଯାତ୍ରା କଲେ । ସେ ସ୍ମରଣ କରିବା ମାତ୍ରେ ଅଗ୍ନିଦତ୍ତ ଖଡ୍ଗ ଆସି ହସ୍ତଗତ ହେଲା । ଡାକିନୀ ପିଶାଚିନୀ ପ୍ରଭୃତିଙ୍କଦ୍ୱାରା ପରିପୂର୍ଣ୍ଣ, ଶ୍ୱାନଶୃଗାଳଙ୍କ ଶବ୍ଦଦ୍ୱାରା ବିଭୀଷିକାମୟ ଓ ଚିତାଗ୍ନିଦ୍ୱାରା ଆଲୋକିତ ଶ୍ମଶାନରେ ଉପସ୍ଥିତ ହେବାରୁ ଉକ୍ତ ତିନୋଟି ଶବ ତାଙ୍କର ଦୃଷ୍ଟିଗୋଚର ହେଲା । ସେ ଏଗୁଡ଼ିକ ନିକଟରେ ପହଞ୍ଚିଲବେଳକୁ ଏଗୁଡ଼ିକ ବେତାଳମାନଙ୍କଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିଥାଆନ୍ତି । ଏହାଙ୍କୁ ଦେଖିବା ମାତ୍ରେ ସେମାନେ ବିକଟମୂର୍ତ୍ତି ହୋଇ ଆଘାତ କରିବାକୁ ଲାଗିଲେ । କିନ୍ତୁ ନିର୍ଭିକ ବିଦୂଷକ ନିଜର ଖଡ୍ଗଦ୍ୱାରା ଏଗୁଡ଼ିକୁ ଆଘାତ କରିବାରୁ ବେତାଳମାନେ ସେ ଗୁଡ଼ିକୁ ପରିତ୍ୟାଗ କରି ଚାଲିଗଲେ । ଏହାପରେ ସେ ଏହି ତିନୋଟି ଶବର ଛିନ୍ନନାସିକା ଗୋଟିଏ ବସ୍ତ୍ରରେ ଧରି ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲେ ।

କିନ୍ତୁ ପଥ ମଧ୍ୟରେ ଏକ ଅପୂର୍ବ ଦୃଶ୍ୟ ତାଙ୍କର ଦୃଷ୍ଟିଗୋଚର ହେଲା । କୌଣସି ଶବ ଉପରେ ବସି ଗୋଟିଏ କାପାଳିକ ମନ୍ତ୍ର ଜପ

Digitized by srujanika@gmail.com

କରୁଥାଏ । ତାହାର କାର୍ଯ୍ୟକ୍ରମ ଓ ଆଚରଣ ଦେଖିବା ନିମନ୍ତେ ବିଦୂଷକ ଏକ ଗୁପ୍ତସ୍ଥାନରେ ଲୁଚି ରହିଲେ । କିଛି ସମୟ ପରେ ସେହି କାପାଳିକ ମନ୍ଧାବଦନରେ ଫୁତ୍କାର ଦେବା ଫଳରେ ତାର ମୁଖରୁ ଅଗ୍ନି ଓ ନାକରୁ ସର୍ଷପ ନିର୍ଗତ ହେବାକୁ ଲାଗିଲା । ସେହି ସର୍ଷପଗୁଡ଼ିକ ଶବଟିର କରତଳରେ ସ୍ଥାପନ କରି ସାଧକ କାପାଳିକ ଉଠି ଠିଆହେଲା ଏବଂ ତାକୁ ନିଜର ହସ୍ତଦ୍ୱାରା ପ୍ରହାର କରିବାକୁ ଲାଗିଲା । କିଛି ସମୟ ପରେ ବେତାଳଦ୍ୱାରା ଆକ୍ରାନ୍ତ ମୃତ ଶରୀରଟି ଉଠି ଦଣ୍ଡାୟମାନ ହେଲା ଏବଂ କାପାଳିକ ତାର ସ୍କନ୍ଧ ଉପରେ ଆରୋହଣ କରିବାରୁ ସେ ଗତିଶୀଳ ହୋଇଉଠିଲା । ବିଦୂଷକ ଏଥିରେ ବିସ୍ମିତ ହୋଇ ତାର ଅନୁସରଣ କଲେ । ସେହି କାପାଳିକ କିଛି ଦୂର ଯାଇ ଏକ ଦେବୀମନ୍ଦିର ମଧ୍ୟରେ ପ୍ରବେଶ କଲା ଏବଂ ସେ ସେଥିରୁ ଅବତରଣ କରନ୍ତେ ଶବଟି ସେଠାରେ ପଡ଼ିରହିଲା । ଏହାପରେ ଦେବୀଙ୍କର ଉପାସନା କରି ସେ ପ୍ରାର୍ଥନା କଲା, 'ଦେବି ! ତୁମେ ଯଦି ମୋ ଉପରେ ପ୍ରସନ୍ନା, ତା ହେଲେ ମୋତେ ମୋର ଅଭୀଷ୍ଟ ବର ପ୍ରଦାନ କର; ନଚେତ୍ ମୁଁ ଆତ୍ମବଳୀ ହୋଇ ତୁମକୁ ପ୍ରସନ୍ନ କରିବି ।' ଏଥିରେ ସେହି ମନ୍ଦିର ମଧ୍ୟରୁ ଶୁଣାଗଲା, 'ଆଦିତ୍ୟସେନଙ୍କର କନ୍ୟାକୁ ଆଣି ଯଦି ବଳିଦାନ କରିପାରୁ, ତା ହେଲେ ତୋର କାମନା ସିଦ୍ଧ ହେବ ।' ଏହା ଶୁଣି କାପାଳିକ ମନ୍ଦିର ମଧ୍ୟରୁ ବାହାରି ସେହି ଶବଟିକୁ ପୁଣି ପ୍ରହାର କଲା । ଫଳରେ ତାର ମୁହଁରୁ ଅଗ୍ନି ନିର୍ଗତ ହେବାକୁ ଲାଗିଲା ଏବଂ କାପାଳିକ ତାର ସ୍କନ୍ଧରେ ବସି ରାଜଭବନ ଅଭିମୁଖରେ ଗତିକଲା ।

ବିଦୂଷକ ଏ ସମସ୍ତ ଘଟଣା ଦେଖି ଚିନ୍ତା କରିବାକୁ ଲାଗିଲେ, 'ଦେଖାଯାଉ ମୋର ଶରୀରରେ ପ୍ରାଣ ଥିବା ପର୍ଯ୍ୟନ୍ତ ଏ ପାଷଣ୍ଡ ରାଜକୁମାରୀଙ୍କୁ କିପରି ହତ୍ୟା କରିବ । ମୁଁ ଏଠାରେ ହିଁ ସେ ଫେରିଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିବି ।' ଏହା ନିଶ୍ଚିତ କରି ଗୁପ୍ତଭାବରେ ସେ ସେଠାରେ ଅପେକ୍ଷା କରିବାକୁ ଲାଗିଲେ ।

ଏଣେ ଆକାଶମାର୍ଗରେ ଯାଇ କାପାଳିକ ରାଜକୁମାରୀଙ୍କର ଶୟନାଗାରରେ ପ୍ରବେଶ କଲା ଏବଂ ରାହୁ ଚନ୍ଦ୍ରକୁ ଆକ୍ରମଣ କଲାପରି ରାଜକୁମାରୀଙ୍କୁ ନେଇ ଗବାକ୍ଷମାର୍ଗରେ ନିର୍ଗତ ହୋଇ ଦେବୀମନ୍ଦିରରେ ଆସି ଉପସ୍ଥିତ ହେଲା ।

Digitized by srujanika@gmail.com

ସେ ରାଜକୁମାରୀଙ୍କୁ ବଳିଦାନ କରିବା ପାଇଁ ଉଦ୍ୟତ ହୁଅନ୍ତେ ବିଦୂଷକ ଗୁପ୍ତସ୍ଥାନରୁ ବାହାରି ଖଡ୍ଗ ହସ୍ତରେ ତାର ସମ୍ମୁଖରେ ଦଣ୍ଡାୟମାନ ହେଲେ ଏବଂ ତାକୁ ହତ୍ୟା କଲେ । ଭୀତତ୍ରସ୍ତା ରାଜକୁମାରୀଙ୍କୁ ଅଭୟ ପ୍ରଦାନ କରି ସେ ତାଙ୍କୁ ନେଇ ପୁଣି କପରି ତାଙ୍କ ଶୟନାଗାରରେ ପହଞ୍ଚାଇବେ ତାହା ଚିନ୍ତା କରିବାକୁ ଲାଗିଲେ । ଏହି ସମୟରେ ଶୂନ୍ୟବାଣୀ ହେଲା, 'ହେ ବିଦୂଷକ ! ତୁମେ ଯେଉଁ କାପାଳିକକୁ ଆଜି ହତ୍ୟା କଲ ତା'ର ଏହି ବେତାଳ ଓ ଏହି ସୋରିଷ ସିଦ୍ଧଥିଲା । ଏହାର ପ୍ରଭାବରେ ସେ ରାଜକୁମାରୀଙ୍କୁ ବିବାହ କରି ପୃଥିବୀ ଅଧିକାର କରିବାର ଅଭିଳାଷ ପୋଷଣ କରିଥିଲା । କିନ୍ତୁ ଆଜି ତାହା ନଷ୍ଟ ହେଲା । ତେଣୁ ହେ ବୀର ! 'ତୁମେ ଏହି ସୋରିଷତକ ଗ୍ରହଣ କର ଯାର ପ୍ରଭାବରେ କେବଳ ଆଜି ରାତିକ ନିମନ୍ତେ ଆକାଶମାର୍ଗରେ ତୁମେ ବିଚରଣ କରିପାରିବ ।' ଏହା ଶୁଣି ବିଦୂଷକ ଆନନ୍ଦିତ ମନରେ ଗୋଟିଏ ହାତରେ କାପାଳିକର ପରିଧେୟ ବସ୍ତ୍ରରେ ବନ୍ଧା ଥିବା ସୋରିଷ ଓ ଅନ୍ୟ ହସ୍ତରେ ରାଜକୁମାରୀଙ୍କୁ ନେଇ ମନ୍ଦିରରୁ ବହିର୍ଗତ ହେଲେ । ସେ ଯେତେ-ବେଳେ ମନ୍ଦିରର ବାହାରେ ଆସି ଠିଆହେଲେ ସେତେବେଳେ ପୁଣି ଶୂନ୍ୟବାଣୀ ଶୁଭିଲା, 'ଏକ ମାସ ଅତୀତ ହେଲେ ତୁମେ ପୁଣି ଏହି ମନ୍ଦିର ନିକଟକୁ ଆସିବ, ଭୁଲିଯିବ ନାହିଁ ।' ଏହା ସ୍ୱୀକାର କରି ସେ ରାଜକୁମାରୀଙ୍କ ସହ ଆକାଶମାର୍ଗରେ ପ୍ରସ୍ଥାନ କଲେ ।

ବିଦୂଷକ ରାଜକୁମାରୀଙ୍କୁ ତାଙ୍କର ଶୟନାଗାରରେ ପହଞ୍ଚାଇ ଦେଇ ତାଙ୍କୁ ସାହସ ପ୍ରଦାନପୂର୍ବକ କହିଲେ, 'ରାତି ପ୍ରଭାତ ହେଲେ ଆକାଶରେ ଉଡ଼ିବାର ଶକ୍ତି ଆଉ ମୋର ରହିବ ନାହିଁ । ତାହା କେବଳ ଏହି ରାତିକ ପାଇଁ ପ୍ରାପ୍ତ ଥିଲା । ତେଣୁ ବର୍ତ୍ତମାନ ହିଁ ମୁଁ ଏଠାରୁ ଚାଲିଯାଉଛି । ପ୍ରଭାତରୁ ନଚେତ୍, ସମସ୍ତେ ମୋତେ ଦେଖି ନେବେ ।' ସେ ବହୁତ ବୁଝାଇବା ପରେ ମଧ୍ୟ ଭୟଭୀତା ରାଜକୁମାରୀ ତାଙ୍କୁ କହିଲେ, 'ତୁମେ ଚାଲିଗଲେ ଭୟରେ ମୋର ପ୍ରାଣ ମଧ୍ୟ ଚାଲିଯିବ । ତେଣୁ ହେ ମହାପୁରୁଷ ! ତୁମେ ବର୍ତ୍ତମାନ ମୋତେ ପରିତ୍ୟାଗ କରିଯାଅ ନାହିଁ । ସ୍ୱୀକୃତ ବ୍ରତ ପାଳନ କରିବା ମହତ୍ ଲୋକଙ୍କର କର୍ତ୍ତବ୍ୟ ଅଟେ ।' ଏହା ଶୁଣି ବିଦୂଷକ ଭାବିଲେ, 'ଯାହା ହେବାର ଥିବ ନିଶ୍ଚୟ ହେବ । ମୁଁ ଚାଲିଗଲେ ରାଜକୁମାରୀ ଯଦି ପ୍ରାଣତ୍ୟାଗ କରନ୍ତି, ତେବେ ମୋର ରାଜସେବାରେ କି ଫଳ !' ଏହା ଚିନ୍ତାକରି ସେ ରାଜ-

Digitized by srujanika@gmail.com

କୁମାରୀଙ୍କ ଶୟନାଗାରରେ ରହିଗଲେ । ପରିଶ୍ରମ ହେତୁ ତାଙ୍କର ଚକ୍ଷୁଯୁଗଳ ମୁଦ୍ରିତ ହୋଇପଡ଼ିଲା ଏବଂ ସେ ନିଦ୍ରାଭିଭୂତ ହୋଇପଡ଼ିଲେ । କିନ୍ତୁ ଖିନ୍ନା ରାଜକୁମାରୀଙ୍କୁ ରାତିସାରା ନିଦ୍ରାଦେବୀ ଅନୁଗ୍ରହ କଲେ ନାହିଁ । 'ସେ କିଛି ସମୟ ବିଶ୍ରାମ କରନ୍ତୁ' ଭାବି ରାଜକୁମାରୀ ତାଙ୍କୁ ପ୍ରଭାତରୁ ମଧ୍ୟ ଜାଗ୍ରତ କରିବା ନିମନ୍ତେ ଚେଷ୍ଟା କଲେ ନାହିଁ । ପ୍ରତ୍ୟୁଷରୁ ଯେତେବେଳେ ଦାସୀମାନେ ଆସି ବିଦୂଷକଙ୍କୁ ସେଠାରେ ଦେଖିବାକୁ ପାଇଲେ ସେତେବେଳେ ବ୍ୟସ୍ତ ହୋଇ ସେମାନେ ରାଜାଙ୍କ ନିକଟରେ ଏ ସମ୍ବାଦ ପ୍ରଦାନ କଲେ । ରାଜା ସଠିକ୍ ବିବରଣୀ ଜ୍ଞାତ ହେବା ନିମିତ୍ତ ନିଜର ଗୁପ୍ତଚରମାନଙ୍କୁ ଅନ୍ତଃପୁର ମଧ୍ୟକୁ ପ୍ରେରଣ କଲେ । ସେମାନେ ମଧ୍ୟ ସେଠାରେ ବିଦୂଷକଙ୍କ ଉପସ୍ଥିତି ଏବଂ ରାଜକୁମାରୀଙ୍କଠାରୁ ଶୁଣିଥିବା ସମସ୍ତ ବିବରଣୀ ରାଜାଙ୍କ ନିକଟରେ ପ୍ରକାଶ କଲେ । ରାଜା ପୂର୍ବରୁ ବିଦୂଷକଙ୍କ ବୁଦ୍ଧି ଓ ବଳର ପରିଚୟ ପାଇଥିଲେ; ତେଣୁ ତାଙ୍କୁ ଏ ସମ୍ପର୍କରେ ଜିଜ୍ଞାସା କରନ୍ତେ ସେ ସମସ୍ତ ବୃତ୍ତାନ୍ତ ଆମୂଳଚୂଳ ବର୍ଣ୍ଣନା କରିଗଲେ ଏବଂ ତିନୋଟି ନାସିକା, ଶବ ଓ ଚୋରିକ୍ଷ ମଧ୍ୟ ଦେଖାଇବା ନିମନ୍ତେ ଭୁଲିଲେ ନାହିଁ । ରାଜା ଏହି ଘଟଣା ସତ୍ୟ ବୋଲି ଭାବି ଆଶ୍ରମବାସୀ ବ୍ରାହ୍ମଣ ଓ ଚକ୍ରଧରଙ୍କୁ ମଧ୍ୟ ସେଠାକୁ ଡକାଇ ଆଣିଲେ । ସେମାନଙ୍କ ସହ ଶ୍ମଶାନକୁ ଯାଇ ତିନୋଟି ଶବ ଓ କାପାଳିକର ଛିନ୍ନ ଶରୀର ମଧ୍ୟ ଦେଖିବାକୁ ପାଇଲେ । ଏ ସମସ୍ତ ପ୍ରମାଣିତ ହେବାରୁ ପ୍ରୀତ ହୋଇ ରାଜା ନିଜର ପ୍ରାଣପ୍ରିୟ କନ୍ୟାର ଜୀବନ ରକ୍ଷା କରିଥିବା ବିଦୂଷକଙ୍କ ହସ୍ତରେ ରାଜକୁମାରୀଙ୍କୁ ଅର୍ପଣ କଲେ । ରାଜକୁମାରୀ ଲକ୍ଷ୍ମୀହସ୍ତା ଥିବାରୁ ତାଙ୍କର ପାଣିଗ୍ରହଣ କରି ବିଦୂଷକ ଅଚଳାଚଳ ସମ୍ପତ୍ତିର ଅଧିକାରୀ ହେଲେ ଏବଂ ଆଦିତ୍ୟସେନଙ୍କ ଗୃହରେ ରାଜଭୋଗ ଲଭିକରି ବାସ କରିବାକୁ ଲାଗିଲେ ।

କିଛି ଦିନ ଅତୀତ ହେବା ପରେ ଦୈବଶକ୍ତିଦ୍ୱାରା ପରିଚାଳିତା ହୋଇ ରାଜକନ୍ୟା ରାତିରେ ବିଦୂଷକଙ୍କୁ କହିଲେ, 'ଆର୍ଯ୍ୟପୁତ୍ର ! ଦେବୀମନ୍ଦିରର ଆକାଶବାଣୀ କଣ ତୁମର ସ୍ମରଣ ନାହିଁ । ସେଥିରେ ତୁମକୁ ଏକ ମାସ ପରେ ପୁଣି ସେଠାକୁ ଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଆଜି ମାସର ଶେଷ ଦିବସ, ତୁମେ କଣ ଏହା ବିସ୍ମୃତ ହେଲ ।' ପତ୍ନୀଙ୍କଠାରୁ ଏହା ଶୁଣି ବିଦୂଷକ କହିଲେ, 'ତୁମେ ଠିକ୍ ସ୍ମରଣ କରାଇଛ, ପ୍ରକୃତରେ ତାହା ମୋର ସ୍ମରଣ ନଥିଲା ।' ଏହା କହି ସେ ପୁରସ୍କାରସ୍ୱରୂପ ତାଙ୍କୁ ଆଲିଙ୍ଗନ କଲେ ।

Digitized by srujanika@gmail.com

ରାଜକୁମାରୀ ଗାଢ଼ ନିଦ୍ରାରେ ଅଭିଭୂତ ହେବା ପରେ ବିଦୂଷକ ଖଡ଼୍‌ଗ ନେଇ ଦୃଢ଼ତାପୂର୍ବକ ଦେବୀମନ୍ଦିର ଅଭିମୁଖରେ ଯାତ୍ରା କଲେ । ମନ୍ଦିରର ଦ୍ୱାରରେ ଉପସ୍ଥିତ ହୋଇ ଉଚ୍ଚସ୍ୱରରେ 'ମୁଁ ବିଦୂଷକ ଆସିଗଲି' ବୋଲି କହନ୍ତେ ଭିତରୁ ଶବ୍ଦ ଆସିଲା, 'ଭିତରକୁ ଆସ' । ସେ ମନ୍ଦିର ମଧ୍ୟରେ ପ୍ରବେଶ କରି ଏକ ଦିବ୍ୟସ୍ଥାନ ଦେଖିବାକୁ ପାଇଲେ । ସେଠାରେ ଦିବ୍ୟରୂପଧାରିଣୀ ଓ ଦିବ୍ୟବସ୍ତ୍ର ପରିହିତା ଏକ ରମଣୀ ତାଙ୍କର ଦୃଷ୍ଟିଗୋଚର ହେଲା । ତାଙ୍କର ଜ୍ୟୋତି ପ୍ରଭାବରେ ମନ୍ଦିର ମଧ୍ୟସ୍ଥ ଅନ୍ଧକାର ବିଦୂରିତ ହେଉଥିଲା । ଏମିତି ଦେଖି ବିସ୍ମୟଭାବ ପ୍ରକାଶ କରୁଥିବା ବିଦୂଷକଙ୍କୁ ସେ ସମ୍ମାନର ସହିତ ସ୍ୱାଗତ କରି ଅଭ୍ୟନ୍ତରକୁ ନେଇଗଲେ । ସେହି ସୁନ୍ଦରୀଙ୍କ ପରିଚୟ ଲାଭ କରିବା ନିମିତ୍ତ ଉତ୍ସୁକ ବିଦୂଷକଙ୍କୁ ସେ କହିଲେ, 'ମୁଁ ଉଚ୍ଚକୁଳସମ୍ଭୂତା ଭଦ୍ରା ନାମକ ବିଦ୍ୟାଧରୀ । ବର୍ତ୍ତମାନ ସୁଦ୍ଧା ମୁଁ ଅବିବାହିତା କୁମାରୀ । ସ୍ୱେଚ୍ଛାବିହାରିଣୀ ହେବାରୁ ଉକ୍ତ ଦିନ ରାତିରେ ମୁଁ ଏଠାକୁ ଆସିଥିଲି ଓ ତୁମର ଦର୍ଶନ ମଧ୍ୟ ପାଇଥିଲି । ତୁମର ରୂପ ଓ ଗୁଣରେ ମୁଗ୍ଧ ହୋଇ ମୁଁ ହିଁ ପୁଣି ଏଠାକୁ ଆସିବା ନିମନ୍ତେ ଅଦୃଶ୍ୟଭାବରେ ତୁମକୁ ନିର୍ଦ୍ଦେଶ ଦେଇଥିଲି । ମୋର ବିଦ୍ୟା ପ୍ରଭାବରୁ ଆଜି ରାଜକୁମାରୀ ସେ କଥା ସ୍ମରଣ କରାଇ ଦେଲେ ।'

ଭଦ୍ରାଠାରୁ ଏକଥା ଶୁଣି ବିଦୂଷକ ତାଙ୍କୁ ଗାନ୍ଧର୍ବରୀତିରେ ବିବାହ କରି ସେଠାରେ ରାତି ଯାପନ କଲେ ।

ଏଣେ ରାଜକୁମାରୀ ରାତିରେ ଜାଗ୍ରତ ହୋଇ ଦେଖିଲେ ଯେ ତାଙ୍କର ପତି ଶଯ୍ୟା ଉପରେ ନାହାନ୍ତି । ଏଥିରେ ଶୋକାନ୍ୱିତା ଓ ବିବ୍ରତା ହୋଇ ସେ ମାତାଙ୍କ ନିକଟରେ ଯାଇ ଏ ସମ୍ବାଦ ପ୍ରଦାନ କଲେ । ସ୍ୱକୃତ ଅପରାଧରେ ପଶ୍ଚାତ୍ତାପ କରି ସେ ମା'ଙ୍କୁ କହିଲେ ଯେ, 'ମୋର ପତି ରାତିରେ କେଉଁଆଡ଼େ ଚାଲି ଯାଇଛନ୍ତି ।' କନ୍ୟାର ଦୁଃଖରେ ରାଣୀ ବ୍ୟାକୁଳିତ ହୋଇଉଠିଲେ । ଏ ସମୟରେ ରାଜାଙ୍କର ମଧ୍ୟ ନିଦ୍ରାଭଙ୍ଗ ହୁଅନ୍ତେ ରାଜକୁମାରୀ କହିଲେ, 'ବୋଧହୁଏ ସେ ଶ୍ମଶାନର ଯେଉଁ ଦେବୀମନ୍ଦିରକୁ ଯାଇଥିବେ ।' ଏହା ଶୁଣି ରାଜା ନିଜେ ମନ୍ଦିର ଅଭିମୁଖରେ ଅଗ୍ରସର ହେଲେ । ସେଠାରେ ଉପସ୍ଥିତ ହୋଇ ବିଦ୍ୟାଧରୀର ପ୍ରଭାବରେ ଅଦୃଶ୍ୟ ବିଦୂଷକଙ୍କୁ ରାଜା ଦେଖିପାରିଲେ ନାହିଁ । ସେ ବ୍ୟର୍ଥ ମନୋରଥ ହୋଇ

Digitized by srujanika@gmail.com

ଫେରଆସିବା ପରେ କୌଣସି ଜ୍ୟୋତିର୍ବିଦ ଆସି ରାଜକୁମାରୀଙ୍କୁ କହିଲେ, 'ତୁମେ କୌଣସି ଅନିଷ୍ଟ ଆଶଙ୍କା କର ନାହିଁ । ତୁମର ପତି ଜୀବିତ ଅଛନ୍ତି ଏବଂ ଅତିଶୀଘ୍ର ବିବିଧ ପଦାର୍ଥ ସହିତ ସେ ତୁମ ନିକଟରେ ଆସି ପହଞ୍ଚିବେ । ଏଥିରେ କିଞ୍ଚିତ୍ ଆଶ୍ୱସ୍ତ ହୋଇ ରାଜକୁମାରୀ ପତିଙ୍କ ସହିତ ପୁନର୍ମିଳନ ଆଶାରେ ଜୀବନ ଅତିବାହିତ କରିବାକୁ ଲାଗିଲେ ।'

ଏଣେ ଭଦ୍ରାଙ୍କ ସହ ବିବିଧ ସମ୍ଭୋଗରେ ବିଦୂଷକ ଉନ୍ମତ୍ତ ଥିବା-ବେଳେ ଯୋଗେଶ୍ୱରୀ ନାମ୍ନୀ ତାଙ୍କର ଜଣେ ସଖୀ ସେଠାରେ ଆସି ଉପସ୍ଥିତ ହେଲ । ସେ ଭଦ୍ରାଙ୍କୁ ଏକାନ୍ତରେ ଡାକି କହିଲ, 'ହେ ସଖି ! ତୁମେ ମନୁଷ୍ୟ ସହିତ ସମ୍ପର୍କ ରକ୍ଷା କରିବାରୁ ତୁମର ପିତା ଅତ୍ୟନ୍ତ କ୍ରୁଦ୍ଧ ହୋଇ ତୁମର ଅନିଷ୍ଟ କରିବା ନିମନ୍ତେ ଚିନ୍ତା କରୁଛନ୍ତି । ତେଣୁ ତୁମେ ଏଠାରୁ ଶୀଘ୍ର ପ୍ରସ୍ଥାନ କର । ପୂର୍ବ ସମୁଦ୍ରର ପରପାରରେ କର୍କୋଟକ ନାମକ ନଗର ଅଛି । ଏହାର ପରସୀମାରେ ଶୀତୋଦା ନାମରେ ଗୋଟିଏ ପବିତ୍ର ନଦୀ ପ୍ରବାହିତ ହେଉଛି । ଏହାପରେ ଉଦୟ ନାମକ ଏକ ପର୍ବତ । ଏଠାରେ ସିଦ୍ଧମାନେ ବାସ କରନ୍ତି । ଏହି ଉଦୟ ପର୍ବତରେ ବିଦ୍ୟାଧର-ମାନଙ୍କର ପ୍ରବେଶ ଅଧିକାର ନାହିଁ । ତେଣୁ ତୁମେ ସେଠାକୁ ଚାଲିଯାଅ ଓ ନିଜର ପ୍ରିୟ ବିଦୂଷକଙ୍କ ସମ୍ପର୍କରେ କିଛି ଚିନ୍ତା କର ନାହିଁ । ତାଙ୍କ ନିକଟରେ ଏସବୁ ସ୍ପଷ୍ଟଭାବେ ପ୍ରକାଶ କରିଦେଲେ ବୀର ବିଦୂଷକ ତୁମର ପ୍ରସ୍ଥାନ ପରେ ଯାଇ ଅଚିରେ ତୁମ ସହ ସେଠାରେ ମିଳିତ ହେବେ ।'

ଯୋଗେଶ୍ୱରୀଠାରୁ ଏ ପ୍ରକାର କଥା ଶୁଣି ଭଦ୍ରା ବିଚଳିତ ହୋଇ ପଡ଼ିଲେ । ବିଦୂଷକଙ୍କ ପ୍ରତି ପ୍ରବଳ ସ୍ନେହ ଥିଲେ ହେଁ ସେ ସଖୀର କଥା ସ୍ୱୀକାର କରିନେବା ନିମନ୍ତେ ବାଧ୍ୟ ହେଲେ । ବିଦୂଷକଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ପ୍ରକାଶ କରି ଏବଂ ତାଙ୍କୁ ନିଜର ମୁଦ୍ରିକାଟି ପ୍ରଦାନ କରି ରାତିଶେଷରେ ସେ ଅନ୍ତର୍ହିତ ହୋଇଗଲେ । ତା' ପରେ ବ୍ରାହ୍ମଣ ସେଠାରେ ଏକ ପୁରାତନ ଗୃହ ବ୍ୟତୀତ ମନ୍ଦିର କିମ୍ବା ଭଦ୍ରା କାହାରିକୁ ଦେଖିବାକୁ ନପାଇ ଏସବୁ ବିଦ୍ୟାଧରୀର ପ୍ରଭାବ ବୋଲି ମନେ କଲେ ଏବଂ ମୁଦ୍ରିକାଟିକୁ ଦେଖି ବିହ୍ୱଳ ହୋଇପଡ଼ିଲେ । ଏ ସମସ୍ତ ଘଟଣାକୁ ସ୍ୱପ୍ନତୁଲ୍ୟ ଜ୍ଞାନ କରି ସେ ଚିନ୍ତା କଲେ ଯେ ଭଦ୍ରା ମୋତେ ଉଦୟ ପର୍ବତର ଅବସ୍ଥିତି ସମ୍ପର୍କରେ

Digitized by srujanika@gmail.com

କହିଦେଇ ଗଲେ । ତେଣୁ ମୋତେ ତତ୍କାଳ ସେଠାକୁ ଯାଇ ତାଙ୍କ ସହ ମିଳିତ ହେବାକୁ ପଡ଼ିବ । ମୁଁ ଯଦି ନଯିବି ଏବଂ ରାଜା ଯଦି ଏ କଥା ଜାଣନ୍ତି ତା' ହେଲେ ସେ ମୋତେ ପରିତ୍ୟାଗ କରିବେ । ତେଣୁ ନିଜର କାର୍ଯ୍ୟସିଦ୍ଧି ହେବାପରି କିଛି ଉପାୟ କରିବାକୁ ପଡ଼ିବ । ଏହିପରି ଚିନ୍ତା କରି ବୁଦ୍ଧିମାନ୍ ବିଦୂଷକ ନିଜର ରୂପ ପରିବର୍ତ୍ତନ କଲେ । ଛିନ୍ନବସ୍ତ୍ର ପରିଧାନପୂର୍ବକ ଧୂଳିଧୂସରିତ ଶରୀରରେ 'ହା ଭଦ୍ରେ, ହେ ଭଦ୍ରେ' ଉଚ୍ଚାରଣ କରି କରି ସେ ଇତସ୍ତତଃ ଦୌଡ଼ିବାକୁ ଲାଗିଲେ । ରାଜ୍ୟର ଲୋକେ ତାଙ୍କୁ ଏହି ବେଶରେ ଦେଖି କୋଳାହଳ ଆରମ୍ଭ କରିଦେଲେ । ରାଜା ମଧ୍ୟ ଏ ପ୍ରକାର ଅବସ୍ଥାରେ ବ୍ୟଥିତ ହୋଇ ବିଦୂଷକଙ୍କୁ ନିଜର ପ୍ରାସାଦ ମଧ୍ୟରେ ରଖି ଚିକିତ୍ସାର ସୁବ୍ୟବସ୍ଥା କଲେ । ସେ ଯାହା ପଚାରିଲେ ହେଁ ବିଦୂଷକ 'ହା ଭଦ୍ରେ' ବୋଲି କହୁଥାଆନ୍ତି । ବୈଦ୍ୟମାନଙ୍କଦ୍ୱାରା ତାଙ୍କର ଶରୀରରେ ପ୍ରଲେପ ଦିଆଗଲେ ସେ ଆଉ କିଛି ଧୂଳି ଆଣି ଦେହସାରା ବୋଳି ହୁଅନ୍ତି । ରାଜକୁମାରୀ ଖାଦ୍ୟସାମଗ୍ରୀ ନେଇ ଆସିଲେ ତାଙ୍କୁ ପଦାଘାତ କରି ସେ ଗୁଡ଼ିକ ଦୂରକୁ ଫିଙ୍ଗି ଦିଅନ୍ତି । ନିଜର ପରିଧେୟ ବସ୍ତ୍ରଗୁଡ଼ିକୁ ଚିରି ଦିଅନ୍ତି । ଏ ପ୍ରକାର ମସ୍ତିଷ୍କବିକୃତି ଦେଖି 'ଏହାଙ୍କର ରୋଗ ଅସାଧ୍ୟ ତେଣୁ ଏହାଙ୍କୁ ବ୍ୟର୍ଥ କଷ୍ଟ ଦେଇ ଲାଭ ନାହିଁ । ହଠାତ୍ ଯଦି କୌଣସି ଔଷଧର ପ୍ରଭାବରୁ ଏହାଙ୍କର ମୃତ୍ୟୁ ହୁଏ ତେବେ ଅଯଥା ବ୍ରହ୍ମହତ୍ୟା ଦୋଷ ନହିବ । କାଳକ୍ରମେ ସେ ଆପେ ଆପେ ଆରୋଗ୍ୟ ଲାଭ କରିପାରନ୍ତି'—ଏହା ଭାବି ଆଦିତ୍ୟସେନ ତାଙ୍କୁ ସ୍ୱଚ୍ଛନ୍ଦଭାବରେ ବିଚରଣ କରିବା ନିମନ୍ତେ ଛାଡ଼ିଦେଲେ । ଫଳରେ ବିଦୂଷକ ହସ୍ତରେ ମୁଦ୍ରିକାଟି ଧାରଣ କରି ଧୀରେ ଧୀରେ ଉଦୟ ପର୍ବତ ଦିଗରେ ଯାତ୍ରାକଲେ ।

ଦିନରାତି ଚାଲି ଚାଲି କିଛି ଦିନ ପରେ ସେ ପୌଣ୍ଡ୍ରବର୍ଦ୍ଧନ ନାମକ ନଗରରେ ଆସି ଉପସ୍ଥିତ ହେଲେ । 'ମା, ଆଜି ରାତିକ ନିମନ୍ତେ ମୁଁ ଏଠାରେ ଆଶ୍ରୟ ନେବି' ବୋଲି କହି ବିଦୂଷକ କୌଣସି ବୃଦ୍ଧାର ଗୃହରେ ପ୍ରବେଶ କରିବାରୁ ସେ ସାଦରେ ତାଙ୍କର ସତ୍କାର କଲା ଏବଂ ଦୁଃଖପୂର୍ଣ୍ଣ କଣ୍ଠରେ କହିଲା, 'ବତ୍ସ, ମୁଁ ତୋତେ ଏ ଗୃହ ଓ ସମସ୍ତ ଧନସମ୍ପତ୍ତି ପ୍ରଦାନ କରୁଅଛି, ଗ୍ରହଣ କର । ମୋର ଜୀବନ ଶେଷ ହୋଇଛି ତେଣୁ ଏଥିରେ ମୋର ଆଉ ଆବଶ୍ୟକତା ନାହିଁ ।' ବୀର ବ୍ରାହ୍ମଣ ଏହାର କାରଣ ଜିଜ୍ଞାସା

Digitized by srujanika@gmail.com

କରନ୍ତେ ବୃଦ୍ଧା ପୁଣି କହିଲା, 'ଏହି ନଗରରେ ଦେବସେନ ନାମକ ରାଜା ରାଜତ୍ୱ କରନ୍ତି । ତାଙ୍କର ଗୋଟିଏ ପରମରୂପବତୀ କନ୍ୟା ଅଛି । ବାର୍ଦ୍ଧକ୍ୟରେ ବହୁ ପୂଜା ଉପାସନା କରି କନ୍ୟାଟିକୁ ଲାଭ କରିଥିବା ଯୋଗୁଁ ରାଜା ତାର ନାମ ରଖିଛନ୍ତି ଦୁଃଖଲବ୍ଧିକା । କନ୍ୟାଟିର ଯୌବନକାଳ ଉପସ୍ଥିତ ହେବାରୁ ରାଜା ତାକୁ କଚ୍ଛପ ଦେଶର ରାଜାଙ୍କ ସହ ବିବାହ କରାଇଦେଲେ । ନବବିବାହିତା ପତ୍ନୀସହ ମଧୁଶଯ୍ୟା ଗୃହରେ କଚ୍ଛପ ନରେଶ ପ୍ରବେଶ କରିବା ମାତ୍ରେ ତାଙ୍କର ମୃତ୍ୟୁ ଘଟିଲା । ଏଥିରେ ଦୁଃଖିତ ହୋଇ ରାଜା ଅନ୍ୟ ଜଣେ ରାଜାଙ୍କ ସହ ସେ କନ୍ୟାଟିର ବିବାହ ଦେଲେ କିନ୍ତୁ ସେ ମଧ୍ୟ ମଧୁଶଯ୍ୟା ଗୃହରେ ପ୍ରାଣତ୍ୟାଗ କଲେ । ଏହା ଦେଖି ଅନ୍ୟ କୌଣସି ବ୍ୟକ୍ତି କନ୍ୟାଟିକୁ ଗ୍ରହଣ କରିବା ନିମନ୍ତେ ସମ୍ମତ ହେଲେ ନାହିଁ । ତେଣୁ ରାଜା ମନ୍ତ୍ରୀକୁ ଡାକି ଆଜ୍ଞା ଦେଲେ ଯେ ପ୍ରତ୍ୟହ ରାଜ୍ୟର ଗୋଟିଏ ଗୋଟିଏ ବ୍ରାହ୍ମଣ କିମ୍ବା କ୍ଷତ୍ରିୟ ଯୁବକକୁ ଆଣି ରାଜକୁମାରୀଙ୍କର ଶୟନାଗାରରେ ପ୍ରବେଶ କରାଅ । ସେମାନଙ୍କ ମଧ୍ୟରୁ ଯେଉଁ ପୁରୁଷ ଏପ୍ରକାର ମୃତ୍ୟୁ-ମୁଖରୁ ନିଜକୁ ରକ୍ଷା କରିପାରିବ, ସେହି କେବଳ ମୋର ଜାମାତା ହେବ । ବିଧାତାର ଅପୂର୍ବ ବିଧାନ ଜାଣିବା ମନୁଷ୍ୟ ପକ୍ଷରେ ସମ୍ଭବପର ନୁହେଁ । ରାଜାଙ୍କ ଏହି ଆଦେଶରେ ସେନାପତି ପ୍ରତ୍ୟହ ଗୋଟିଏ ଗୋଟିଏ ଯୁବକକୁ ପାଳିକରି ଧରି ନେଉଛନ୍ତି । ଏହିପରି ଏକଶହ ଯୁବକ ପ୍ରାଣ ବିସର୍ଜନ କଲେଣି । ଆଜି ମୋର ଏକମାତ୍ର ପୁତ୍ରର ପାଳି । ଆଜି ସେ ମୃତ୍ୟୁମୁଖକୁ ଯିବ । ଏହାର ମୃତ୍ୟୁପରେ ପ୍ରଭାତରୁ ମୁଁ ଅଗ୍ନିରେ ପ୍ରବେଶ କରି ପ୍ରାଣତ୍ୟାଗ କରିବି । ଏଣୁ ମୃତ୍ୟୁ ପୂର୍ବରୁ ମୁଁ ତୁମପରି ଗୁଣବାନ୍ ବ୍ୟକ୍ତିକୁ ମୋର ସମସ୍ତ ସମ୍ପତ୍ତି ଦାନ କରିବା ପାଇଁ ଚାହୁଁଛି । ତୁମେ ଗ୍ରହଣ କଲେ ମୁଁ ଆନନ୍ଦିତ ହେବି ।' ଏହା ଶୁଣି ବିଦୂଷକ ସ୍ନେହପୂର୍ଣ୍ଣ କଣ୍ଠରେ ବୃଦ୍ଧାକୁ ଆଶ୍ୱାସନା ଦେଇ କହିଲେ, 'ମା, ତୁମେ ବ୍ୟସ୍ତ ହୁଅନି । ଆଜିର ପାଳିରେ ମୁଁ ଯିବି ଏବଂ ତୁମର ପୁତ୍ର ଜୀବିତ ରହିବ । ମୋ ପ୍ରତି ମଧ୍ୟ ତୁମେ ଦୟାପ୍ରକାଶ କରିବା ଅନାବଶ୍ୟକ । ମୋ ନିକଟରେ ଏପରି ସିଦ୍ଧି ଅଛି ଯଦ୍ଦ୍ୱାରା ମୁଁ ନିଜକୁ ମୃତ୍ୟୁମୁଖରୁ ବଞ୍ଚାଇ ପାରିବି ।' ବିଦୂଷକଙ୍କ ବାକ୍ୟରେ ବୃଦ୍ଧା କୃତକୃତ୍ୟା ହୋଇ କହିଲା, 'ମୋର ପୁଣ୍ୟ ପ୍ରଭାବରୁ କୌଣସି ଦେବତା ଛଦ୍ମବେଶରେ ଆସି ପହଞ୍ଚିଲା ପରି ମନେ ହେଉଛି । ତେଣୁ ତୁମେ ମୋର ପୁତ୍ରର ପ୍ରାଣରକ୍ଷା କରିବା ସଙ୍ଗେ ସଙ୍ଗେ ନିଜର ମଙ୍ଗଳ ସାଧନ କର ।'

Digitized by srujanika@gmail.com

ଏହାପରେ ବୃଦ୍ଧଠାରୁ ସମ୍ମତି ଲାଭକରି ସନ୍ଧ୍ୟାରେ ବିଦୂଷକ ସେନାପତି ନିଯୁକ୍ତ ଦୂତ ସହ ରାଜକୁମାରୀଙ୍କ ନିକଟକୁ ପ୍ରସ୍ଥାନ କଲେ । ଯୌବନ ମଦୋନ୍ମତ୍ତ ଓ ସ୍ତନଭାରନମ୍ରା ରାଜକୁମାରୀଙ୍କୁ ଦେଖି ତାଙ୍କ ମନରେ ଦୁଃଖ ଜାତ ହେଲା । ସେ ଶୋଇଯିବା ପରେ ବିଦୂଷକ ଖଡ୍‌ଗ ଧାରଣ କରି ନରହନ୍ତାଟିର ପ୍ରତୀକ୍ଷା କରିବାକୁ ଲାଗିଲେ । ସମସ୍ତେ ନିଦ୍ରାଭିଭୂତ ହେବା ପରେ ଦ୍ୱାର ଉନ୍ମୁକ୍ତ କରି ଗୋଟିଏ ଭୟଙ୍କର ରାକ୍ଷସ ଗୃହ ମଧ୍ୟରେ ପ୍ରବେଶ କଲା । ସେ ଦ୍ୱାରଦେଶରେ ରହି ଯମଦଣ୍ଡ ସଦୃଶ ନିଜର ବାହୁଦଣ୍ଡକୁ ଗୃହ ମଧ୍ୟରେ ବୁଲାଇଲା । ବିଦୂଷକ ଏହା ଦେଖି କ୍ରୋଧରେ ତାର ହସ୍ତକୁ ଖଡ୍‌ଗଦ୍ୱାରା ଛେଦନ କଲେ । ଏଥିରେ ରାକ୍ଷସ ତାଙ୍କୁ ନିଜ ଅପେକ୍ଷା ଅଧିକ ବଳବାନ୍ ମନେକରି ଚିରଦିନ ପାଇଁ ସେଠାରୁ ଚାଲିଗଲା । ରାଜକନ୍ୟା ଏଥିରେ ଜାଗ୍ରତ ହୋଇ ଭୟ, ବିସ୍ମୟ ଓ ଆନନ୍ଦରେ କ୍ଷଣକାଳ ପାଇଁ ଚିତ୍ରାର୍ପିତ ତୁଲ୍ୟ ରହିଗଲେ । ପ୍ରାତଃକାଳରେ ରାଜା ଉକ୍ତ ଛିନ୍ନ ହସ୍ତକୁ ଦେଖି ତାକୁ ସେହି ଗୃହର ଅର୍ଗଳସ୍ୱରୂପ ବ୍ୟବହାର କଲେ । ପ୍ରସନ୍ନଚିତ୍ତରେ ରାଜା ବିଦୂଷକଙ୍କୁ ନିଜର କନ୍ୟା ସହିତ ଅଜସ୍ର ଧନରତ୍ନ ମଧ୍ୟ ପ୍ରଦାନ କଲେ । ସେ ମଧ୍ୟ ରାଜଭବନରେ କିଛି ଦିନ ଅବସ୍ଥାନ କରି ରାଜକୁମାରୀଙ୍କ ସହିତ ସମ୍ଭୋଗ ସୁଖ ଉପଭୋଗ କଲେ ।

ଦିନେ ଭଦ୍ରାଙ୍କ ସ୍ମୃତି ତାଙ୍କ ହୃଦୟରେ ଜାଗ୍ରତ ହେବାରୁ ସେ ନିଶାର୍ଦ୍ଧରେ ରାଜଭବନ ପରିତ୍ୟାଗ କରି ପଳାୟନ କଲେ । ପରଦିନ ସ୍ୱୀୟ ପତିଙ୍କୁ ନଦେଖି ରାଜକୁମାରୀ ଶୋକବିହ୍ୱଳା ହୋଇ ଉଠିବାରୁ ରାଜା ବିଦୂଷକଙ୍କ ପୁନରାଗମନର ଆଶା ପ୍ରଦାନକରି ତାଙ୍କୁ ପ୍ରବୋଧନା ଦେଲେ । ଏଣେ ବିଦୂଷକ ଦିନରାତି ଚାଲି ଚାଲି ପୂର୍ବ ସମୁଦ୍ରକୂଳରେ ଅବସ୍ଥିତ ତାମ୍ରଲିପ୍ତ ନଗରୀରେ ଆସି ଉପସ୍ଥିତ ହେଲେ । ଏଠାରେ ତାଙ୍କର ସମୁଦ୍ର ପରପାରକୁ ବାଣିଜ୍ୟ ବ୍ୟବସାୟ ନିମନ୍ତେ ଯାଉଥିବା ସ୍କନ୍ଦଦାସ ନାମକ ଜଣେ ସାଧବଙ୍କ ସହ ମିତ୍ରତା ହେଲା । ସେ ଏହି ସାଧବଙ୍କ ସହ ସମୁଦ୍ରଯାତ୍ରା ଆରମ୍ଭ କଲେ । ଜାହାଜଟି ଅସଂଖ୍ୟ ଧନରତ୍ନ ମଣିମୁକ୍ତାଦିରେ ପରିପୂର୍ଣ୍ଣ ହୋଇଥାଏ । ସମୁଦ୍ରର ମଧ୍ୟଭାଗରେ ପହଞ୍ଚି କୌଣସି ପ୍ରତିବନ୍ଧକରେ ଗତିହୀନ ହୋଇ ଜାହାଜଟି ଆଉ ଅଗ୍ରସର ହୋଇପାରିଲା ନାହିଁ । ବହୁ ରତ୍ନଦ୍ୱାରା ବରୁଣ ଦେବତାଙ୍କର ଉପାସନା କଲାପରେ ମଧ୍ୟ ଯେତେବେଳେ ଜାହାଜଟି ଅଚଳ ଅବସ୍ଥାରେ ହିଁ

Digitized by srujanika@gmail.com

ରହିଲା, ସେତେବେଳେ ସ୍କନ୍ଧଦାସ ଅତି ଦୀନତାର ସହିତ ପ୍ରାର୍ଥନା କଲେ, 'ଯେ ଏହି ପ୍ରତିବନ୍ଧକକୁ ଦୂରୀଭୂତ କରିବେ ତାଙ୍କୁ ମୁଁ ଜାହାଜର ଅର୍ଦ୍ଧେକ ସମ୍ପତ୍ତି ଓ ମୋର କନ୍ୟା ପ୍ରଦାନ କରିବି ।' ଏହା ଶୁଣି ସାହସୀ ବିଦୂଷକ କହିଲେ, 'ମୁଁ ସମୁଦ୍ର ମଧ୍ୟରେ ପ୍ରବେଶ କରି ଏହି ପ୍ରତିବନ୍ଧକ ଦୂର କରୁଛି । ତୁମେମାନେ ମୋତେ ପାଶ ଓ ରଜ୍ଜୁଦ୍ୱାରା ବନ୍ଧନ କରି ଉପରୁ ଟାଣି ଧରିଥାଅ । ଯେତେବେଳେ ଜାହାଜ ଚାଲିବାକୁ ଲାଗିବ ସେତେବେଳେ ମୋତେ ଉପରକୁ ଉଠାଇ ଆଣିବ ।' ଏଥିରେ ସାଧବ ସମ୍ମତିପ୍ରକାଶ କରିବାରୁ ଜାହାଜର ଭୃତ୍ୟଗଣ ତାଙ୍କୁ ଦୃଢ଼ଭାବେ ବନ୍ଧନ କଲେ ଏବଂ ବିଦୂଷକ ଏହି ଅବସ୍ଥାରେ ସମୁଦ୍ର ଗର୍ଭରେ ଅବତରଣ କଲେ । ନିଜର ଅପୂର୍ବ ଖଡ୍‌ଗଟିକୁ ହସ୍ତରେ ଧାରଣ କରି ସେ ସମୁଦ୍ରଗର୍ଭ ଆଲୋଡ଼ନପୂର୍ବକ ଏକ ବିଶାଳାକାର ରାକ୍ଷସ ସେଠାରେ ଶୟନ କରିଥିବା ଦେଖିଲେ । ଏହାର ଜାନୁ ଜାହାଜଟିର ଗତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ବିଦୂଷକ ରାକ୍ଷସର ସେହି ଜାନୁଟିକୁ ଛେଦନ କରି ଦେବାରୁ ଜାହାଜ ପୁଣି ଅଗ୍ରସର ହେବାକୁ ଲାଗିଲା । ଏହା ଦେଖି ଦୁଷ୍ଟ ସାଧବ ଧନ ଲୋଭରେ ରଜ୍ଜୁଟିକୁ ଛିନ୍ନକରି ଜାହାଜ ନେଇ ସମୁଦ୍ରର ପରପାରକୁ ଚାଲିଗଲା । କୃତଘ୍ନ ଲୋକମାନେ ଉପକାର ଅପେକ୍ଷା ଧନକୁ ହିଁ ବଡ଼ ବୋଲି ଭାବି ଥାଆନ୍ତି ।

ଏଥିରେ ବିଦୂଷକ ହତୋତ୍ସାହ ନହୋଇ ସାହସର ସହିତ ଉକ୍ତ ଛିନ୍ନ ଜାନୁଟିକୁ ଆଶ୍ରୟ କରି ଏବଂ ନିଜର ହସ୍ତକୁ କ୍ଷେପଣୀରୂପେ ବ୍ୟବହାର କରି ସମୁଦ୍ରକୂଳରେ ଆସି ପହଞ୍ଚିଥିଲେ । ସାହସୀ ଲୋକମାନଙ୍କର ଭଗବାନ ମଧ୍ୟ ସହାୟତା କରିଥାଆନ୍ତି । ସମୁଦ୍ରକୂଳରେ ଦଣ୍ଡାୟମାନ ହୋଇ ବିଦୂଷକ ଏକ ଶୂନ୍ୟବାଣୀ ଶୁଣିବାକୁ ପାଇଲେ । 'ହେ ବିଦୂଷକ ! ତୁମେ ପ୍ରକୃତରେ ଅଦ୍ୱିତୀୟ ବୀର ଓ ଅପୂର୍ବ ଧୈର୍ଯ୍ୟବାନ୍ । ତୁମର ଅଦ୍ଭୁତ ସାହସରେ ମୁଁ ପ୍ରୀତ । ବର୍ତ୍ତମାନ ତୁମେ ନଗ୍ନଦେଶରେ ଆସି ଉପସ୍ଥିତ ହୋଇଅଛ । କର୍କୋଟକ ନଗର ଏଠାରୁ ସାତଦିନର ପଥ । ସେଠାରେ ଉପସ୍ଥିତ ହୋଇ ତୁମେ ଶକ୍ତିପ୍ରାପ୍ତ ହେବ ଏବଂ ଅଭିଳଷିତ ବସ୍ତୁ ମଧ୍ୟ ଲାଭ କରିବ । ପୂର୍ବରୁ ମୋତେ ହବ୍ୟକବ୍ୟ ପ୍ରଦାନ କରି ଉପାସନା କରିଥିବାରୁ ବର୍ତ୍ତମାନ ମୋର ବର ପ୍ରଭାବରେ ତୁମେ କ୍ଷୁଧାତୃଷା ଭୁଲିଯିବ । ତେଣୁ ତୁମେ ବର୍ତ୍ତମାନ ନିଜର କର୍ମସିଦ୍ଧି ନିମନ୍ତେ

Digitized by srujanika@gmail.com

ଅଗ୍ରସର ହୁଅ ।' ବିଦୂଷକ ଏହି ଶୂନ୍ୟବାଣୀ ଶ୍ରବଣରେ ଆନନ୍ଦିତ ହେଲେ ଏବଂ ଅଗ୍ନିଦେବତାଙ୍କୁ ପ୍ରଣାମ କରି କର୍କୋଟକ ନଗର ଅଭିମୁଖରେ ଯାତ୍ରା ଆରମ୍ଭ କଲେ ।

ସାତଦିନ କାଳ ଅନବରତ ପଥଶ୍ରମ କରି ସପ୍ତମ ଦିନରେ ସେ କର୍କୋଟକ ନଗରରେ ଉପସ୍ଥିତ ହୋଇ ସେଠାରେ ଗୋଟିଏ ମଠର ମଧ୍ୟରେ ଆଶ୍ରୟ ଗ୍ରହଣ କଲେ । ମଠରଟି ସେ ଦେଶର ରାଜା ଆର୍ଯ୍ୟବର୍ମାଙ୍କଦ୍ୱାରା ବିଦେଶାଗତ ଅତିଥିମାନଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା ଏବଂ ସେଠାରେ ବହୁ ବ୍ରାହ୍ମଣ ଅତିଥି ଆଶ୍ରୟ ଗ୍ରହଣ କରିଥିଲେ । ଏହି ମଠରରେ ଗୋଟିଏ ସ୍ୱର୍ଣ୍ଣନିର୍ମିତ ଦେବପ୍ରତିମା ଥିଲା । ଜଣେ ବ୍ରାହ୍ମଣ ବିଦୂଷକଙ୍କୁ ନିଜ ଗୃହକୁ ନେଇ ପାନାହାରଦ୍ୱାରା ତାଙ୍କର ସତ୍କାର କଲା । ସନ୍ଧ୍ୟାରେ ସେ ମଠର ମଧ୍ୟରେ ରହି ରାଜାଙ୍କର ଏକ ଘୋଷଣା ଶୁଣିବାକୁ ପାଇଲେ ଯେ, 'ଯେଉଁ ବ୍ୟକ୍ତି ରାଜକୁମାରୀଙ୍କୁ ବିବାହ କରିବାକୁ ଚାହେଁ ସେ ଆଜି ରାତିରେ ତାଙ୍କ ସହ ରାଜଭବନରେ ବାସ କରିବ ।' ଏହା ଶୁଣି ବିଦୂଷକ ନିଃଶଙ୍କଚିତ୍ତରେ ସେଠାକୁ ଯିବା ନିମନ୍ତେ ପ୍ରସ୍ତୁତ ହେଲେ । ଏଥିରେ ମଠର ନିବାସୀ ଅନ୍ୟ ବ୍ରାହ୍ମଣମାନେ ତାଙ୍କୁ ଏପରି ଦୁଃସାହସିକ କାର୍ଯ୍ୟରୁ ନିବର୍ତ୍ତାଇବାକୁ ଯାଇ କହିଲେ, 'ଏହା ରାଜକୁମାରୀଙ୍କ ଶୟନାଗାର ନୁହେ କିନ୍ତୁ ମୃତ୍ୟୁର କରାଳ ମୁଖ ମାତ୍ର । ରାତିରେ ସେଠାରେ ଯେ ପ୍ରବେଶ କରେ ସେ ପ୍ରଭାତରେ ଆଉ ଫେରେ ନାହିଁ । ବହୁ ସାହସୀ ବ୍ୟକ୍ତି ସେଠାକୁ ଯାଇ ମୃତ୍ୟୁବରଣ କରିଛନ୍ତି ।' ଏମାନଙ୍କର ବାକ୍ୟପ୍ରତି କର୍ଣ୍ଣପାତ ନକରି ବିଦୂଷକ ରାଜସେବକମାନଙ୍କ ସହ ରାଜଭବନକୁ ପ୍ରସ୍ଥାନ କଲେ । ରାଜା ଆର୍ଯ୍ୟବର୍ମାଙ୍କଦ୍ୱାରା ଯଥୋଚିତ ସତ୍କୃତ ହୋଇ ସେ ଅଗ୍ନିରେ ସୂର୍ଯ୍ୟ ପ୍ରବେଶ କରିବା ପରି ରାଜକୁମାରୀଙ୍କ ଶୟନକକ୍ଷରେ ପ୍ରବେଶ କଲେ ।

ସେଠାରେ ଉପସ୍ଥିତ ହୋଇ ଚନ୍ଦ୍ରାନନା ଓ ସାଶ୍ରୁଲୋଚନା ରାଜକୁମାରୀଙ୍କୁ ଦେଖିବାକୁ ପାଇଲେ । ସ୍ମରଣମାତ୍ରେ ଉପସ୍ଥିତ ହେବା ଅଗ୍ନିଦେବପ୍ରଦତ୍ତ ଖଡ୍ଗ ଧାରଣ କରି ସେ ସେଠାରେ ଜାଗ୍ରତ ପ୍ରହରୀ ରୂପେ ପ୍ରତୀକ୍ଷା କଲେ । ହଠାତ୍ ଶୟନକକ୍ଷର ଦ୍ୱାର ଉନ୍ମୁକ୍ତ ହେଲା ଏବଂ ଏକ ଭୟଙ୍କର ଛିନ୍ନହସ୍ତା ରାକ୍ଷସ ତା ମଧ୍ୟରେ ପ୍ରବେଶ କରି ନିଜର ବିଶାଳବକ୍ଷ

Digitized by srujanika@gmail.com

ଶଙ୍ଖ ବାଦନପୂର୍ବକ ସେଠାରେ ଉପସ୍ଥାପ୍ୟମାନ ହେଲା । ବିଦୂଷକ ଏହାକୁ ଦେଖି ପୌଣ୍ଡ୍ରବର୍ଦ୍ଧନ ନଗରର ବୃକ୍ଷପାଦପରେ ଦେଖିଥିବା ରାକ୍ଷସ ବୋଲି ଚିହ୍ନିପାରି ତାକୁ ଏଥରର ଡେଣା ଧରିବା ଉଚିତ ମନେକରି ତାର କେଶଗୁଚ୍ଛ ଧାରଣପୂର୍ବକ ଖଡ୍ଗ ଉତ୍ତୋଳନ କରନ୍ତେ, ରାକ୍ଷସଟି ଭୟବିହ୍ୱଳ ହୋଇ କହିଲା, 'ହେ ବୀର, ମୋତେ କ୍ଷମା ପ୍ରଦାନ କର । ତୁମେ ସାହସୀ ଓ ଉତ୍ସାହଶାଳୀ । ମୋ ପ୍ରତି ନିଷ୍ଠୁର ହୁଅ ନାହିଁ ।' ଏହା ଶୁଣି ବିଦୂଷକ ତାର ପରିଚୟ ଓ ଏ ପ୍ରକାର କୁକର୍ମ ସାଧନର କାରଣ ଜିଜ୍ଞାସା କଲେ । ଏହାର ଉତ୍ତରରେ ରାକ୍ଷସ କହିଲା, 'ମୁଁ ଯମଦଂଷ୍ଟ୍ର ନାମକ ରାକ୍ଷସ । ମୋର ଦୁଇଟି କନ୍ୟା । ଜଣେ ପୌଣ୍ଡ୍ରବର୍ଦ୍ଧନରେ ବାସ କରୁଅଛି ଏବଂ ଅନ୍ୟଟି ଏଇ ରାଜକୁମାରୀ । ଦେବଦେବ ମହାଦେବଙ୍କ ଆଦେଶରେ ମୁଁ ସେମାନଙ୍କୁ ଦୁର୍ଜନ ପୁରୁଷ ସଙ୍ଗରୁ ରକ୍ଷା କରୁଛି । ଜଣେ ବୀରପୁରୁଷ ପୌଣ୍ଡ୍ରବର୍ଦ୍ଧନ ନଗରରେ ମୋର ବାହୁଚ୍ଛେଦନ କରିଥିଲ ଏବଂ ଆଜି ତୁମେ ମୋତେ ପରାସ୍ତ କଲ । ତେଣୁ ମୋର କର୍ମ ଶେଷ ହୋଇଅଛି । ତୁମେ ପ୍ରକୃତରେ ପୁରୁଷ ନୁହଁ, ଦେବତା । ବୋଧହୁଏ, ତୁମ ପାଇଁ ହିଁ ଦେବଦେବ ମୋତେ ଏ ପ୍ରକାର କର୍ମରେ ନିଯୁକ୍ତ କରିଥିଲେ । ବର୍ତ୍ତମାନ ତୁମେ ମୋର ମିତ୍ର ହେଲ । ତୁମେ ଯଦି କୌଣସି ସଙ୍କଟରେ ମୋତେ ସ୍ମରଣ କର, ତା ହେଲେ ମୁଁ ତତ୍କ୍ଷଣାତ୍ ଆସି ଉପସ୍ଥିତ ହେବି ।' ଏହା କହି ଯମଦଂଷ୍ଟ୍ର ବିଦୂଷକଙ୍କ ସ୍ୱୀକୃତି ନେଇ ଅନ୍ତର୍ହିତ ହେଲା । ରାଜକୁମାରୀ ବିଦୂଷକଙ୍କ ଶୌର୍ଯ୍ୟବୀର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କ ସହିତ ରାତ୍ରି ଯାପନ କଲେ । ପ୍ରାତଃକାଳରେ ରାଜା ତାଙ୍କର ଗୁଣରେ ମୁଗ୍ଧ ହୋଇ ନିଜର କନ୍ୟା ଓ ବହୁ ଧନସମ୍ପତ୍ତି ତାଙ୍କୁ ପ୍ରଦାନ କଲେ । ସେ ମଧ୍ୟ ରାଜକୁମାରୀଙ୍କ ପ୍ରେମରେ ମତ୍ତ ରହି କିଛି ଦିନ ସେଠାରେ ଅତିବାହିତ କଲେ ।

ହଠାତ୍ ଭଦ୍ରାଙ୍କ ସ୍ମୃତି ତାଙ୍କର ମାନସପଟରେ ପୁଣି ଜାଗି ଉଠିଲା । ଫଳରେ ସେ ଦିନେ ଅର୍ଦ୍ଧରାତ୍ରିରେ ରାଜଭବନରୁ ପଳାୟନ କଲେ । ପ୍ରକୃତରେ ଥରେ ଦିବ୍ୟରସ ଆସ୍ୱାଦନ କରିସାରିଲା ପରେ ପାର୍ଥିବ ରସ ତାହାଙ୍କୁ ଆନନ୍ଦ ପ୍ରଦାନ କରିପାରେ ନାହିଁ । ନଗର ବାହାରକୁ ଆସି ପୁଣି ଯମଦଂଷ୍ଟ୍ର ରାକ୍ଷସକୁ ସ୍ମରଣ କରିବା ମାତ୍ରେ ସେ ଆସି ଉପସ୍ଥିତ ହେଲା । ତାକୁ ଦେଖି ବିଦୂଷକ କହିଲେ, 'ମିତ୍ର ! ମୋତେ ଉଦୟ ପର୍ବତରେ

Digitized by srujanika@gmail.com

ବାସ କରୁଥିବା ଭଦ୍ରା ନାମ୍ନୀ ବିଦ୍ୟାଧରୀ ନିକଟକୁ ଯିବାକୁ ହେବ । ତେଣୁ ଦୟାପୂର୍ବକ ମୋତେ ସେଠାକୁ ନେଇ ଚାଲ ।' ରାକ୍ଷସ ଏଥିରେ ସମ୍ମତ ହୋଇ ତାଙ୍କୁ ନିଜ ସ୍କନ୍ଧରେ ଧାରଣକରି ସେହି ରଜନୀରେ ଷାଠିଏ ଯୋଜନ ଦୁର୍ଗମ ପଥ ଅତିକ୍ରମ କଲା । ମନୁଷ୍ୟମାନଙ୍କ ଅଗମ୍ୟ ଶୀତୋଦା ନଦୀ ପାରହୋଇ ବନାନ୍ତରରେ ବିଦୂଷକ ଉଦୟ ପର୍ବତ ନିକଟରେ ଯାଇ ଉପସ୍ଥିତ ହେଲେ । ସେଠାରେ ତାଙ୍କୁ ସ୍କନ୍ଧରୁ ଅବତରଣ କରାଇ ରାକ୍ଷସ କହିଲା, 'ଶ୍ରୀମନ୍, ଏହା ହେଉଛି ଉଦୟାଚଳ, ସିଦ୍ଧମାନଙ୍କର ବାସସ୍ଥଳ । ଏହି ପର୍ବତକୁ ଯିବା ମୋ ପକ୍ଷରେ ସମ୍ଭବପର ନୁହେ ।' ଏହା କହି ସେ ବିଦୂଷକଙ୍କଠାରୁ ବିଦାୟ ଗ୍ରହଣ କରି ଅନ୍ତର୍ହିତ ହେଲା । ବିଦୂଷକ ସେଠାରେ ଭ୍ରମଣ କରୁକରୁ ଗୋଟିଏ ସୁନ୍ଦର ପୁଷ୍କରିଣୀ ଦେଖିବାକୁ ପାଇଲେ । ପ୍ରସ୍ଫୁଟିତ କମଳମାନଙ୍କରେ କ୍ରୀଡ଼ା କରୁଥିବା ଭ୍ରମରମାନଙ୍କର ଗୁଞ୍ଜନଦ୍ୱାରା ସତେ ଯେପରି ଏହି ସରୋବର ବିଦୂଷକଙ୍କର ସ୍ୱାଗତ କରୁଥିଲା । ସେଠାରେ କେତେଗୁଡ଼ିଏ ନାରୀଙ୍କର ପଦଚିହ୍ନ ତାଙ୍କର ଦୃଷ୍ଟିଗୋଚର ହେଲା । ସେଗୁଡ଼ିକ ଯେପରି ବିଦୂଷକଙ୍କୁ ନିର୍ଦ୍ଦେଶ ଦେଉଥିଲେ ଯେ ଏହା ହିଁ ତାଙ୍କ ପ୍ରିୟତମାଙ୍କ ନିକଟକୁ ଯିବା ନିମନ୍ତେ ପ୍ରକୃତମାର୍ଗ । ବିଦୂଷକ ସେଠାରେ ଚିନ୍ତାକଲେ ଯେ ଏହି ଉଦୟ ପର୍ବତ ମନୁଷ୍ୟମାନଙ୍କର ଅଲଙ୍ଘ୍ୟ । ତେଣୁ ଏଠାରେ ହିଁ ପ୍ରତୀକ୍ଷା କରିବା ଶ୍ରେୟସ୍କର । ସେ ଏହିପରି ଚିନ୍ତା କରୁଥିବା ସମୟରେ ବହୁ ସୁନ୍ଦରୀ ସୁବର୍ଣ୍ଣ କୁମ୍ଭ ନେଇ ସେଠାରେ ଆସି ପହଞ୍ଚିଲେ । ସେମାନେ କୁମ୍ଭଗୁଡ଼ିକୁ ଜଳପୂର୍ଣ୍ଣ କରିବା ପରେ ବିଦୂଷକ ସ୍ନେହପୂର୍ଣ୍ଣ କଣ୍ଠରେ ସେମାନେ କାହା ପାଇଁ ଏ ଜଳ ନେଉଅଛନ୍ତି ବୋଲି ଜିଜ୍ଞାସା କରନ୍ତେ ସେମାନେ ଉତ୍ତରରେ କହିଲେ, 'ଉଦୟ ପର୍ବତ ଉପରେ ଭଦ୍ରାନାମକ ଜଣେ ବିଦ୍ୟାଧରୀ ବାସ କରନ୍ତି । ଆମ୍ଭେମାନେ ଏହି ଜଳ ତାଙ୍କର ସ୍ନାନ ନିମନ୍ତେ ନେଉଅଛୁ ।' ପ୍ରକୃତରେ ଉଦ୍ୟୋଗୀ ପୁରୁଷମାନଙ୍କ ପାଇଁ ବିଧାତା ନିଜେ ହିଁ ଉପଯୋଗୀ ସାମଗ୍ରୀ ଯୋଗାଡ଼ କରିଦେଇ ଥାଆନ୍ତି ।

ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଯୁବତୀ ଜଳଘଟଟିକୁ ତାର କକ୍ଷକୁ ଉଠାଇଦେବା ନିମନ୍ତେ ବିଦୂଷକଙ୍କୁ ଅନୁରୋଧ କଲା । ବୁଦ୍ଧିମାନ୍ ବିଦୂଷକ ଏହା ଉଠାଇବାବେଳେ ଚତୁରତାର ସହ ଭଦ୍ରାପ୍ରଦତ୍ତ ମୁଦ୍ରିକାଟି

Digitized by srujanika@gmail.com

ସେହି ଜଳଘଟ ମଧ୍ୟରେ ନିକ୍ଷେପ କଲେ ଏବଂ ସେହି ଜଳାଶୟ ନିକଟରେ ପ୍ରତୀକ୍ଷା କରିବାକୁ ଲାଗିଲେ ।

ଏଣେ ଯେତେବେଳେ ସଖୀମାନେ ଜଳ ନେଇ ଭଦ୍ରାଙ୍କୁ ସ୍ନାନ କରାଇଲେ ସେତେବେଳେ ମୁଦ୍ରିକାଟି ତାଙ୍କର ଦୃଷ୍ଟି ଆକର୍ଷଣ କରନ୍ତେ ସଖୀମାନଙ୍କୁ 'କୌଣସି ନୂତନ ବ୍ୟକ୍ତିକୁ ଦେଖିଲ କି ?' ବୋଲି ପ୍ରଶ୍ନ କରିବାରୁ ସେମାନେ କହିଲେ, 'ହଁ, ନଦୀକୂଳରେ ଏକ ନୂତନ ବ୍ୟକ୍ତି ସହ ଆମର ସାକ୍ଷାତ ହୋଇଥିଲା ଏବଂ ସେ ଏହି ଜଳଘଟକୁ ଉଠାଇବାରେ ସାହାଯ୍ୟ କରିଥିଲେ ।' ଏହା ଶୁଣି ଭଦ୍ରା ହୃଷ୍ଟଚିତ୍ତରେ କହିଲେ, 'ଶୀଘ୍ର ଯାଇ ତାଙ୍କୁ ସ୍ନାନ, ବେଶଭୂଷା ପ୍ରଭୃତି କରାଇ ଏଠାକୁ ନେଇ ଆସ । ସେ ମୋର ପତି ।' ଭଦ୍ରାଙ୍କ ଆଦେଶରେ ସେମାନେ ବିଦୂଷକଙ୍କୁ ସେଠାକୁ ସ୍ୱାଗତ କରି ଆଣିଲେ । ଉଭୟେ ଉଭୟଙ୍କୁ ଦର୍ଶନ କରି ପ୍ରଭୂତ ଆନନ୍ଦ ଲାଭ କଲେ । 'ତୁମେ ଏଠାକୁ କିପରି ଆସିଲ' ବୋଲି ଭଦ୍ରା ଜିଜ୍ଞାସା କରନ୍ତେ ବିଦୂଷକ କହିଲେ, 'ତୁମର ପ୍ରେମପାଶରେ ଆବଦ୍ଧ ହୋଇ ବହୁ ସଙ୍କଟମୟ ମାର୍ଗ ଅତିକ୍ରମ କରି ଏଠାରେ ପହଞ୍ଚିଛି । ଆଉ ଅଧିକ ବା କଣ କହିବି ।' ଏହା ଶୁଣି ଭଦ୍ରା ତାଙ୍କ ପାଇଁ ପ୍ରାଣ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ଥିବା ବିଦୂଷକଙ୍କୁ କହିଲେ, 'ଆର୍ଯ୍ୟପୁତ୍ର ! ମୋର ସଖୀମାନଙ୍କଠାରେ କିମ୍ବା ସିଦ୍ଧି-ମାନଙ୍କରେ କିଛି ପ୍ରୟୋଜନ ନାହିଁ । ମୁଁ ତୁମର ଗୁଣକ୍ରୀତା ଦାସୀ । ଭଦ୍ରାଙ୍କର ଏ ପ୍ରକାର ଅନୁରକ୍ତି ଦେଖି ବିଦୂଷକ ତାଙ୍କୁ ପ୍ରେମ ଗଦ୍‌ଗଦ ସ୍ୱରରେ କହିଲେ, 'ତା ହେଲେ ବର୍ତ୍ତମାନ ମୋର ଅନୁସରଣ କର । ଏହି ଦିବ୍ୟ ଯୋଗ ପରିତ୍ୟାଗ କରି ଉଜ୍ଜୟିନୀରେ ଯାଇ ବାସ କରିବା ।' ଏଥିରେ ଭଦ୍ରା ସ୍ୱୀକୃତ ହୋଇ ନିଜର ବିଦ୍ୟାଧରୀ ଯୋଗସମୂହକୁ ତୃଣତୁଲ୍ୟ ପରିତ୍ୟାଗ କଲେ ।

ପରଦିନ ପ୍ରଭାତରୁ ଉଭୟେ ଉଦୟାଚଳରୁ ଅବତରଣ କରି ଯମଦଂଷ୍ଟ୍ର ରାକ୍ଷସକୁ ସ୍ମରଣ କଲେ । ସ୍ମରଣ କରିବା ମାତ୍ରେ ସେ ଆସି ଉପସ୍ଥିତ ହେଲା । ତାକୁ ମାର୍ଗର ସନ୍ଧାନ ଦେଇ ବିଦୂଷକ ଭଦ୍ରାଙ୍କ ସହ ତାର ସ୍କନ୍ଧରେ ଆରୋହଣ କଲେ । ପ୍ରଥମେ ସେମାନେ କର୍କୋଟକ ନଗରରେ ଆସି ଉପସ୍ଥିତ ହେଲେ । ବିଦୂଷକ ରାଜା ଆର୍ଯ୍ୟବର୍ମାଙ୍କଠାରୁ ବାହୁବଳରେ ଲାଭ କରିଥିବା

Digitized by srujanika@gmail.com

ନିଜ ପତ୍ନୀଙ୍କୁ ନେଇ ପୁଣି ରାକ୍ଷସପୃଷ୍ଠରେ ଆରୋହଣ କଲେ । ଏହାପରେ ସେମାନେ ଯାଇ ସମୁଦ୍ରତଟରେ ଉପସ୍ଥିତ ହେଲେ । ଏଠାରେ ବିଦୂଷକ ତାଙ୍କୁ ସମୁଦ୍ରରେ ପରିତ୍ୟାଗ କରି ଚାଲି ଆସିଥିବା ସାଧବ ସହ ସାକ୍ଷାତ କଲେ । କୃତକର୍ମର ପ୍ରାୟଶ୍ଚିତ୍ତ ସ୍ୱରୂପ ତାର ସମସ୍ତ ଧନ ଅପହରଣ କରି ସେ ସାଧବ କନ୍ୟା ସହ ଭଦ୍ରା ଓ ରାଜକୁମାରୀଙ୍କ ଗହଣରେ ପୁଣି ରାକ୍ଷସର ସ୍କନ୍ଧରେ ଆରୋହଣପୂର୍ବକ ଆକାଶମାର୍ଗରେ ଅଗ୍ରସର ହେଲେ । ନିଜର ପରାକ୍ରମ ଓ ପୌରୁଷର ବର୍ଣ୍ଣନା କରି କରି ସେ ସମୁଦ୍ର ପରପାରରେ ଥିବା ପୌଣ୍ଡ୍ରବର୍ଦ୍ଧନ ନଗରରେ ଯାଇ ପଦାର୍ପଣ କଲେ । ରାକ୍ଷସପୃଷ୍ଠରେ ବିଦୂଷକଙ୍କୁ ଦେଖି ପୁରବାସୀ ଆଶ୍ଚର୍ଯ୍ୟାକୁଳିତ ଚକ୍ଷୁରେ ଚାହିଁ ରହିଥାଆନ୍ତି । ଏଠାରେ ରାକ୍ଷସକୁ ପରାଜିତ କରି ଲାଭ କରିଥିବା ରାଜା ଦେବସେନଙ୍କର କନ୍ୟା ଦୁଃଖଲବ୍ଧିକାଙ୍କୁ ସ୍ୱାଗତ କରି ବିଦୂଷକ ସେହିଦିନଟି ସେଠାରେ କଟାଇଲେ । ଦେବସେନ ସେଠାରେ ରହିବା ନିମନ୍ତେ ବାରମ୍ବାର ଅନୁରୋଧ କଲେ ହେଁ ଉଜ୍ଜୟିନୀ ଫେରିଯିବା ନିମନ୍ତେ ଉତ୍ସୁକ ବିଦୂଷକ ରାଜାଙ୍କର ଅନୁରୋଧ ରକ୍ଷା କରିପାରିଲେ ନାହିଁ । ପରଦିନ ପ୍ରଭାତରୁ ଯମଦଂଷ୍ଟ୍ରର ପୃଷ୍ଠରେ ଦୁଃଖ-ଲବ୍ଧିକା, ଭଦ୍ରା, ସାଧବ କନ୍ୟା ଓ ଆଦିତ୍ୟବର୍ମାଙ୍କ ରୂପବତୀ ପୁତ୍ରୀଙ୍କ ସହ ବିଦୂଷକ ଉଜ୍ଜୟିନୀ ଯାତ୍ରା କଲେ । ଉଜ୍ଜୟିନୀର ନାଗରିକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ସେ ରାଜଭବନରେ ଯାଇ ଅବତରଣ କଲେ । ରାଜା ଆଦିତ୍ୟସେନ ନିଜ ଜାମାତାଙ୍କର ଆଗମନବାର୍ତ୍ତା ଶ୍ରବଣ କରି ଉତ୍କଣ୍ଠିତ ହୋଇ ତାଙ୍କୁ ସ୍ୱାଗତ କରିବା ନିମନ୍ତେ ଆସି ପହଞ୍ଚିବାରୁ ବିଦୂଷକ ତାଙ୍କୁ ଭୂମିଷ୍ଠ ପ୍ରଣାମ କଲେ । ଏହାପରେ ରାକ୍ଷସକୁ ଚିର ସ୍ୱତନ୍ତ୍ରତା ପ୍ରଦାନ କରି ବିଦୂଷକ ନିଜର ପତ୍ନୀମାନଙ୍କ ସହ ରାଜଭବନରେ ପ୍ରବେଶ କଲେ । ବହୁଦିନ ଧରି ବିରହ ଦୁଃଖ ଅନୁଭବ କରୁଥିବା ପ୍ରଥମା ପତ୍ନୀଙ୍କ ସହ ମିଳିତ ହୋଇ ସେ ଅପୂର୍ବ ଆନନ୍ଦ ଲାଭକରି ସେଠାରେ ବାସ କରିବାକୁ ଲାଗିଲେ ।

ରାଜା ନିଜ ଜାମାତାଙ୍କର ଏ ପ୍ରକାର ପ୍ରଭାବ ଦେଖି ତାଙ୍କୁ ନିଜ ରାଜ୍ୟର ଅର୍ଦ୍ଧାଂଶ ପ୍ରଦାନ କଲେ । ରାଜାଙ୍କର ଅନୁରୋଧରେ ବିଦୂଷକ ଉଜ୍ଜୟିନୀ ପରିତ୍ୟାଗଠାରୁ ଆରମ୍ଭ କରି ପୁନଃ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ବୃତ୍ତାନ୍ତ ଗୋଟି ଗୋଟି ତାଙ୍କ ନିକଟରେ ବର୍ଣ୍ଣନା କଲେ । ରାଜାଙ୍କର ଅର୍ଦ୍ଧରାଜ୍ୟ

Digitized by srujanika@gmail.com

ପ୍ରାପ୍ତ ହୋଇ ବିଦୂଷକ ରାଜସିଂହାସନ ଆରୋହଣ କରିବାରୁ ତାଙ୍କ ଅଭିଷେକ ଉତ୍ସବ ମହାଆଡ଼ମ୍ବରରେ ପରିପାଳିତ ହେଲା । ତାଙ୍କର ମସ୍ତକ ଉପରେ ରାଜଛତ୍ର ଶୋଭା ପାଇଲା । ଉଭୟ ପାର୍ଶ୍ୱରେ ପରିଚାରିକାମାନେ ଚାମର ବ୍ୟଜନ କଲେ; ସମଗ୍ର ନଗରୀ ବାଦ୍ୟନାଦରେ ନିନାଦିତ ହୋଇଉଠିଲା । ଏହାପରେ କ୍ରମେ କ୍ରମେ ବିଦୂଷକ ସମଗ୍ର ପୃଥିବୀ ଜୟକରି ନିଜର ଦେବୀମାନଙ୍କ ସହ ଆନନ୍ଦରେ ବହୁକାଳ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ବିଧାତା ଅନୁକୂଳିତ ହେଲେ ମାନବ ସବୁ କିଛି ଅନାୟାସରେ ଲାଭ କରିପାରେ ।

ଉଦୟନଙ୍କ ମୁଖରୁ ଏହି ବିସ୍ମୟଉତ୍ପାଦକ ଗଳ୍ପ ଶ୍ରବଣ କରି ମନ୍ତ୍ରୀଗଣ ଓ ଉଭୟ ମହାରାଣୀ ଅତ୍ୟନ୍ତ ପ୍ରସନ୍ନ ହେଲେ ।

Digitized by srujanika@gmail.com

ପଞ୍ଚମ ତରଙ୍ଗ

ଉପରୋକ୍ତ ଗଳ୍ପ ଶ୍ରବଣ କରିବା ପରେ ଯୌଗନ୍ଧରାୟଣ କହିଲେ, 'ମହାରାଜ ! ବର୍ତ୍ତମାନ ଆପଣଙ୍କ ପ୍ରତି ବିଧାତା ଅନୁକୂଳ । ପୌରୁଷ ତ ଆପଣଙ୍କ ହାତ କଥା । ଏବେ ଆମ୍ଭେମାନେ ତ ରାଜନୀତିକୁଶଳ । ତେଣୁ ସମ୍ପ୍ରତି ପୃଥିବୀ ବିଜୟ ଯାତ୍ରା ଆରମ୍ଭ କରାଯାଉ ।' ଏଥିରେ ବତ୍ସରାଜ କହିଲେ, 'ଏହା ଯଥାର୍ଥ । କିନ୍ତୁ ଶୁଭକର୍ମରେ ବିଘ୍ନ ବହୁତ । ତେଣୁ ବିଜୟ ସିଦ୍ଧି ନିମିତ୍ତ ମୁଁ ପ୍ରଥମେ ମହାଦେବଙ୍କ ଉପାସନା କରି ତାଙ୍କର ଆଶୀର୍ବାଦ ଲାଭ କରିବାକୁ ଚାହେଁ । କାରଣ ଏହାଙ୍କର କୃପା ବିନା କୌଣସି ସିଦ୍ଧି ଲାଭ ହୋଇପାରିବ ନାହିଁ ।' ସେତୁବନ୍ଧ ନିର୍ମାଣରେ ଯିବା ପୂର୍ବରୁ ବାନରଗଣ ଯେପରି ରାମଚନ୍ଦ୍ରଙ୍କ ଶିବ ଉପାସନାକୁ ଅନୁମୋଦନ କରିଥିଲେ, ସେହିପରି ମନ୍ତ୍ରୀମାନେ ବତ୍ସରାଜଙ୍କ ପ୍ରସ୍ତାବରେ ସମ୍ମତି ପ୍ରକାଶ କଲେ ।

ଏହାପରେ ରାଜା ନିଜର ରାଣୀ ଓ ମନ୍ତ୍ରୀମାନଙ୍କ ସହ ତିନିଦିନ ଉପବାସ ରହି ଈଶ୍ୱରଙ୍କର ଆରାଧନା କରିବାକୁ ଲାଗିଲେ । ଏଥିରେ ସେ ସନ୍ତୁଷ୍ଟ ହୋଇ ସ୍ୱପ୍ନରେ ରାଜାଙ୍କୁ କହିଲେ, 'ମୁଁ ତୁମ ଉପରେ ପ୍ରସନ୍ନ, ବିନା ପ୍ରତିବନ୍ଧକରେ ତୁମେ ସମସ୍ତ ପୃଥିବୀ ଜୟ କରିପାରିବ ।' ଈଶ୍ୱରଙ୍କର ପ୍ରସାଦ ଲାଭକରି ଉଦୟନ ସମସ୍ତ କଷ୍ଟ ବିସ୍ମୃତ ହେଲେ । ସୂର୍ଯ୍ୟଙ୍କର କିରଣରେ ପ୍ରତିପଦାର ଚନ୍ଦ୍ର ବୃଦ୍ଧିପ୍ରାପ୍ତ ହେଲାପରି ତାଙ୍କର ଅଭିଳାଷ ତୀବ୍ରତର ହୋଇଉଠିଲା । ପ୍ରାତଃକାଳରେ ରାଜା, ମନ୍ତ୍ରୀ ଓ ଉପବାସକ୍ଲାନ୍ତ ରାଣୀମାନଙ୍କୁ ସ୍ୱପ୍ନ ବୃତ୍ତାନ୍ତ ଶୁଣାଇ ଆନନ୍ଦିତ କଲେ । ଏହି ଶ୍ରୁତିମଧୁର ବାକ୍ୟଦ୍ୱାରା ଯେପରି ମହାରାଣୀମାନେ ଉପବାସ ପାରଣା କଲେ । ଉଦୟନ ଏହି ତପଃ ପ୍ରଭାବରୁ ନିଜର ପୂର୍ବପୁରୁଷଙ୍କ ତୁଲ୍ୟ ପ୍ରଭାବ ପ୍ରାପ୍ତ ହେଲେ ଏବଂ ଉଭୟ ମହାରାଣୀ ପତିବ୍ରତାଙ୍କର ପବିତ୍ର କୀର୍ତ୍ତିର ଅଧିକାରିଣୀ ହେଲେ । ବ୍ରତ ଉଦ୍ୟାପନ ନିମିତ୍ତ ସମଗ୍ର ରାଜ୍ୟରେ ଉତ୍ସବ ପାଳିତ ହେଲା ।

Digitized by srujanika@gmail.com

ପରଦିନ ଯୌଗନ୍ଧରାୟଣ ରାଜାଙ୍କୁ କହିଲେ, 'ସ୍ୱାମିନ୍ ! ଆପଣ ପ୍ରକୃତରେ ଭାଗ୍ୟବାନ୍ । ନଚେତ୍ ଭଗବାନ ଚାରଣପଦ୍ମ ଆପଣଙ୍କ ଉପରେ କୃପାବାରି ବର୍ଷଣ କରି ନଥାଆନ୍ତେ । ତେଣୁ ବର୍ତ୍ତମାନ ଶତ୍ରୁମାନଙ୍କୁ ବିନଷ୍ଟ କରି ବାହୁବଳରେ ଅର୍ଜିତ ରାଜଲକ୍ଷ୍ମୀଙ୍କୁ ଉପଭୋଗ କରନ୍ତୁ । ଧର୍ମାର୍ଜିତ ସମ୍ପତ୍ତିର ବିନାଶ କଦାପି ହୁଏ ନାହିଁ । ତେଣୁ ପୂର୍ବପୁରୁଷଙ୍କର ଭୂଲୁଣ୍ଠିତା ରାଜଲକ୍ଷ୍ମୀଙ୍କୁ ପୁଣି ଗ୍ରହଣ କରନ୍ତୁ । ଏ ସମ୍ପର୍କରେ ମୋର ଗୋଟିଏ ଗଳ୍ପ ସ୍ମରଣ ହେଉଅଛି—

ବୈଶ୍ୟ ଦେବଦାସ କଥା

ପାଟଳିପୁତ୍ର ନଗରରେ ଦେବଦାସ ନାମରେ ଜଣେ କୁଳୀନ ବୈଶ୍ୟ ପୁତ୍ର ବାସ କରୁଥିଲେ । ପୌଣ୍ଡ୍ରବର୍ଦ୍ଧନ ନଗରବାସୀ କୌଣସି ଧନୀକ ବୈଶ୍ୟଙ୍କର କନ୍ୟା ସହ ତାଙ୍କର ବିବାହ ହୋଇଥିଲା । ପିତାଙ୍କର ମୃତ୍ୟୁପରେ ଦେବଦାସ ଭୋଗ ବିଳାସରେ ସମସ୍ତ ସମ୍ପଦ ହରାଇ ବସିଲେ । ସେ ଦରିଦ୍ର ହୋଇଯିବାରୁ କନ୍ୟାର ଦୁଃଖ ଦେଖି ଶ୍ୱଶୁର ତାଙ୍କ କନ୍ୟାକୁ ନେଇ ଚାଲିଗଲେ । କିଛି ଦିନ ଦୁଃଖ କଷ୍ଟରେ ଜୀବନଯାପନ କଲାପରେ ବ୍ୟବସାୟ ଉଦ୍ଦେଶ୍ୟରେ ଶ୍ୱଶୁରଙ୍କଠାରୁ କିଛି ଧନ ସଂଗ୍ରହ କରିବା ନିମନ୍ତେ ଦିନେ ସନ୍ଧ୍ୟା ସମୟରେ ଯାଇ ଦେବଦାସ ପୌଣ୍ଡ୍ରବର୍ଦ୍ଧନ ନଗରରେ ଉପସ୍ଥିତ ହେଲେ । ନିଜର ଧୂଳିଧୂସରିତ ରୂପ ଦେଖି ସେ ଚିନ୍ତାକଲେ ସେ ଏପରି ଅବସ୍ଥାରେ ଶ୍ୱଶୁରାଳୟକୁ ଯିବା ଉଚିତ ନୁହେଁ । ବନ୍ଧୁବାନ୍ଧବଙ୍କ ନିକଟରେ ନିଜର ହୀନତା ପ୍ରଦର୍ଶନ ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର । ତେଣୁ ରାତିରେ ନଗର ମଧ୍ୟରେ ଥିବା କୌଣସି ବ୍ୟବସାୟୀଙ୍କ ବାରଣ୍ଡାର ଆଶ୍ରୟ ନେଲେ ।

କିଛି ସମୟ ପରେ ଗୋଟିଏ ଯୁବକ ଦ୍ୱାର ଉନ୍ମୁକ୍ତ କରି ତା ମଧ୍ୟରେ ପ୍ରବେଶ କରିବା ସେ ଲକ୍ଷ୍ୟ କଲେ । ପରେ ପରେ କୌଣସି ଜଣେ ସ୍ତ୍ରୀ ଅତି ସନ୍ତର୍ପଣରେ ଆସି ତା ମଧ୍ୟରେ ପ୍ରବେଶ କରି ଶୀଘ୍ର ଦ୍ୱାର ରୁଦ୍ଧ କଲା । ଦେବଦାସ ଦ୍ୱାରର ଛିଦ୍ର ଦେଇ ଭିତରେ ଯାହା ଦେଖିଲେ, ତାହା ତାଙ୍କୁ ହତଜ୍ଞାନ କରିଦେଲା । ସ୍ତ୍ରୀ ଲୋକଟି ତାଙ୍କର ସ୍ତ୍ରୀ ବ୍ୟତୀତ ଅନ୍ୟ କେହି ନୁହେଁ । ସେ ଚିନ୍ତା କରିବାକୁ ଲାଗିଲେ ଯେ ବ୍ୟସନହୀନ ଦରିଦ୍ର ପୁରୁଷର ଏ ପ୍ରକାର

Digitized by srujanika@gmail.com

ରହିଛି ସୁଲଭ ମାତ୍ର । ଧନହୀନ ବ୍ୟକ୍ତି ନିଜର ,ଶରୀରକୁ ଯେଉଁଠାରେ ଅନ୍ୟ ନିକଟରେ ବିକ୍ରୟ କରି ଦେଉଛି, ସ୍ତ୍ରୀର ନାରୀର ଏ ପ୍ରକାର ଆଚରଣରେ ଆଶ୍ଚର୍ଯ୍ୟ ହେବାର ବା କଣ ଅଛି ? ପିତାଙ୍କ ଗୃହରେ ରହୁଥିବା ସ୍ୱେଚ୍ଛାଚାରିଣୀ ନାରୀର ଏ ପ୍ରକାର ହିଁ ଅବସ୍ଥା ହୋଇଥାଏ । ଏହିପରି ଚିନ୍ତା କରି କରି ସେଠାରେ ସେ ସେମାନଙ୍କର ଗୁପ୍ତବାର୍ତ୍ତାଳାପ ଶୁଣିବାକୁ ଲାଗିଲେ । ତାଙ୍କର ସ୍ତ୍ରୀ ସେହି ବୈଶ୍ୟକୁ କହୁଥାଏ, 'ତୁମ ପ୍ରତି ମୋର ପ୍ରଗାଢ଼ ପ୍ରେମ ଥିବାରୁ ଆଜି ତୁମ ନିକଟରେ ଏହି ଗୁପ୍ତ ରହସ୍ୟ ପ୍ରକାଶ କରୁଛି । ମୋର ପତିର ପିତାମହ ବୀରବର୍ମା । ସେ ନିଜ ଗୃହ ପ୍ରାଙ୍ଗଣର ପୂର୍ବକୋଣରେ ସୁନା-ମୋହର ଥିବା କୁମ୍ଭଟିଏ ମାଠିଆ ପୋତି ଦେଇ ଯାଇଛନ୍ତି । ସେ ଏହି କଥା ତାଙ୍କର ଗୋଟିଏ ସ୍ତ୍ରୀକୁ କହି ଯାଇଥିଲେ । ସେ ସ୍ତ୍ରୀଟି ମୃତ୍ୟୁ ସମୟରେ ଏହି କଥା ତାଙ୍କର ପୁତ୍ରବଧୂ ଅର୍ଥାତ୍ ମୋର ଶାଶୁଙ୍କୁ କହିଥିଲେ । ମୋର ଶାଶୁ ତାଙ୍କର ମୃତ୍ୟୁବେଳେ ଏ କଥା ମୋତେ କହିଦେଇ ଯାଇଛନ୍ତି । ମୋର ପତି ଦରିଦ୍ରାବସ୍ଥା ପ୍ରାପ୍ତ ହେବାରୁ ମଧ୍ୟ ମୁଁ ଏକଥା ତାଙ୍କୁ କହି ନାହିଁ । ସେ ଦ୍ୟୂତ-ବିଳାସୀ ଥିବାରୁ ମୋର ପରମଶତ୍ରୁ କିନ୍ତୁ ତୁମେ ମୋର ପରମପ୍ରିୟ । ତେଣୁ ତୁମକୁ ଏ କଥା କହୁଛି । ତୁମେ ଯାଇ ମୋର ପତିଠାରୁ ଏ ଘରଟି କ୍ରୟକରି ନିଅ ଏବଂ ସେହି ପ୍ରଚୁର ଅର୍ଥ ସହ ଏଠାକୁ ଫେରିଆସି ମୋତେ ଆନନ୍ଦପୂର୍ବକ ଉପଭୋଗ କର ।' ସେହି କୁଟିଳା ସ୍ତ୍ରୀର କଥା ଶୁଣି ତାର ଉପପତି ବିନା ପରିଶ୍ରମରେ ଅର୍ଥ ଲାଭ ହେବ ବୋଲି ଆନନ୍ଦିତ ହୋଇଉଠିଲା ।

ଦେବଦାସ ମଧ୍ୟ ସ୍ତ୍ରୀ ଉପରେ କୋପାନ୍ୱିତ ହୋଇ ଧନଲାଭ ଆଶାରେ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଏହାର ପଛେ ପଛେ ଉକ୍ତ ବୈଶ୍ୟ ମଧ୍ୟ ଧନ ମୋହ ପରିତ୍ୟାଗ କରି ନପାରି ବ୍ୟବସାୟ ଛଳରେ ପାଟଳିପୁତ୍ରରେ ଆସି ପହଞ୍ଚିଲା । ସେଠାରେ ପହଞ୍ଚି ସେ ଦେବଦାସଙ୍କଠାରୁ ତାଙ୍କର ସେହି ଗୃହଟି କ୍ରୟକରି ନେଲା । ଦେବଦାସ ଜାଣିଶୁଣି ତତ୍କାଳରେ ନିଜର ପୈତୃକ ଗୃହଟି ହସ୍ତାନ୍ତର କରିଦେଲେ ଏବଂ ଏକ ନୂତନ ଗୃହର ଆୟୋଜନ କରି ନିଜର ସ୍ତ୍ରୀକୁ ଶ୍ୱଶୁରାଳୟରୁ ନେଇ ଆସିଲେ । ଉକ୍ତ ବଣିକ ଦେବଦାସର ଗୃହ ପ୍ରାଙ୍ଗଣ ଖନନ କରି ଯେତେବେଳେ କୌଣସି ଧନର ସନ୍ଧାନ ପାଇ ପାରିଲା ନାହିଁ, ସେତେବେଳେ ଫେରିଆସି ତାର ଘରର ଦାମ ଫେରାଇ ଦେବା ନିମନ୍ତେ ବାଧ୍ୟ କଲା । ଦେବଦାସ ଏଥିରେ ଅସମ୍ମତ ହେବାରୁ ଉଭୟଙ୍କ ମଧ୍ୟରେ

Digitized by srujanika@gmail.com

ବିବାଦର ସୂତ୍ରପାତ ହେଲା । ଫଳରେ ଏହାର ସମାଧାନ କରିବା ନିମନ୍ତେ ଉଭୟେ ରାଜାଙ୍କ ନିକଟରେ ଯାଇ ଉପସ୍ଥିତ ହେଲେ । କ୍ରୋଧ ଓ ଦୁଃଖର ବଶବର୍ତ୍ତୀ ହୋଇ ଦେବଦାସ ରାଜାଙ୍କ ସମ୍ମୁଖରେ ନିଜର କୁଳଟା ପତ୍ନୀର ସମସ୍ତ ବୃତ୍ତାନ୍ତ ପ୍ରକାଶ କଲେ । ରାଜା ମଧ୍ୟ ଉକ୍ତ ସ୍ତ୍ରୀକୁ ଡାକି ଏ ସମସ୍ତର ସତ୍ୟତା ପ୍ରମାଣିତ କଲେ । ଏହାପରେ ସେ ଲମ୍ପଟୀ ବୈଶ୍ୟର ସମସ୍ତ ଧନ ପରଦାରାପହରଣ ଦୋଷରୁ ଅପହରଣ କରିନେଲେ ଏବଂ ଉକ୍ତ ସ୍ତ୍ରୀର ନାସାଶ୍ରବଣ-ଚ୍ଛେଦନ କରି ନଗରରୁ ବହିଷ୍କାର କରିଦେଲେ । ଦେବଦାସ ଦ୍ୱିତୀୟ ସ୍ତ୍ରୀ ଗ୍ରହଣପୂର୍ବକ ଏବଂ ନିଜର ପୂର୍ବପୁରୁଷଦ୍ୱାରା ସୁରକ୍ଷିତ ସମ୍ପତ୍ତି ପ୍ରାପ୍ତ ହୋଇ ଆନନ୍ଦରେ ଦିନ ଯାପନ କଲେ ।

ଉଦୟନଙ୍କ ଦିଗ୍‌ବିଜୟ ଯାତ୍ରା

ଏହିପରି ଧର୍ମାର୍ଜିତ ଧନ ବଂଶପରମ୍ପରାକ୍ରମେ ମଧ୍ୟ ନଷ୍ଟ ହୋଇ ନଥାଏ କିନ୍ତୁ ପାପାର୍ଜିତ ଧନ ପତ୍ର ଉପରେ ପଡ଼ିଥିବା ଶିଶିର ବିନ୍ଦୁ ତୁଲ୍ୟ କ୍ଷଣସ୍ଥାୟୀ ହୋଇଥାଏ । ଏଣୁ ପୁରୁଷ ଧର୍ମମାର୍ଗରେ ହିଁ ଅର୍ଥ ଉପାର୍ଜନ କରିବା ଉଚିତ । ରାଜାର ରାଜ୍ୟରୂପୀ ବୃକ୍ଷର ମୂଳ ହେଉଛି ଧର୍ମାର୍ଜିତ ଧନ । ତେଣୁ ହେ ମହାରାଜ ! ମନ୍ତ୍ରୀମାନଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନପୂର୍ବକ ଦିଗ୍‌ବିଜୟ କରିବା ନିମନ୍ତେ ଯାତ୍ରା ଆରମ୍ଭ କରନ୍ତୁ । ଆପଣଙ୍କ ଶ୍ୱଶୁରଦ୍ୱୟଙ୍କ ମିତ୍ରତା ଯୋଗୁଁ ବହୁ ରାଜା ବିଜୟ ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରିବାରୁ କ୍ଷାନ୍ତ ହେବେ । ବାରାଣସୀର ନରପତି ବ୍ରହ୍ମଦତ୍ତ ଆପଣଙ୍କର ଶତ୍ରୁ । ତେଣୁ ପ୍ରଥମେ ତାଙ୍କୁ ବିଜିତ କରାଯାଉ । ଏହାଙ୍କୁ ପରାସ୍ତ କରିବା ପରେ ସମଗ୍ର ପୂର୍ବଦିଗ ଜୟକରି ନିଜ ରାଜ୍ୟର ସୀମାକୁ ବିସ୍ତୃତ କରନ୍ତୁ । ମୁଖ୍ୟମନ୍ତ୍ରୀଙ୍କ କଥାରେ ସମ୍ମତିପ୍ରକାଶ କରି ରାଜା ଉଦୟନ ରାଜ୍ୟସାରା ବିଜୟଯାତ୍ରା ସମ୍ପର୍କରେ ଘୋଷଣା କରିଦେଲେ ।

ନିଜର ଶାଳକ ଓ ସହାୟକ ଗୋପାଳକଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ସେ ତାଙ୍କୁ ବିଦେହ ରାଜ୍ୟ ପ୍ରଦାନ କଲେ । ନିଜ ସୈନ୍ୟବାହିନୀ ସହ ତାଙ୍କର ସାହାଯ୍ୟ ନିମନ୍ତେ ଆସିଥିବା ପଦ୍ମାବତୀଙ୍କ ଭାଇ ସିଂହବର୍ମାଙ୍କୁ ଚେଦିରାଜ୍ୟ ପ୍ରଦାନ କଲେ । ଏହାପରେ ସେ ବହୁ ସୈନ୍ୟଯୁକ୍ତ

Digitized by srujanika@gmail.com

ଶବରରାଜ ପୁଳିନ୍ଦକଙ୍କୁ ନିମନ୍ତ୍ରଣ କଲେ । ରାଜାଙ୍କର ଯୁଦ୍ଧଯାତ୍ରା ନିମନ୍ତେ ଏ ବିରାଟ ପ୍ରସ୍ତୁତି ଦେଖି ଶତ୍ରୁ ରାଜାମାନଙ୍କର ହୃଦୟ କମ୍ପି ଉଠିଲା । ପ୍ରଧାନ-ମନ୍ତ୍ରୀ ଯୌଗନ୍ଧରାୟଣ ବ୍ରହ୍ମଦତ୍ତଙ୍କ କାର୍ଯ୍ୟକଳାପ ନିରୀକ୍ଷଣ କରିବା ସକାଶେ ଗୁପ୍ତଚରମାନଙ୍କୁ ବାରାଣସୀ ପ୍ରେରଣ କଲେ । ଏହିପରି ସମସ୍ତ ପ୍ରସ୍ତୁତ ହୁଅନ୍ତେ ରାଜା ଉଦୟନ ଶୁଭ ଅବସରରେ ଶୁଭ ଶକୁନମାନ ଦର୍ଶନ କରି ପୂର୍ବଦିଗର ରାଜା ବ୍ରହ୍ମଦତ୍ତଙ୍କୁ ପ୍ରଥମେ ଆକ୍ରମଣ କଲେ ।

ଛତ୍ରଚାମରଯୁକ୍ତ ରାଜା ଉଦୟନ ବିଶାଳ ହସ୍ତୀପୃଷ୍ଠରେ ଆରୋହଣ କରିବାରୁ ମନେହେଲା ପୁଷ୍ପିତ ବୃକ୍ଷସମୂହଦ୍ୱାରା ସୁଶୋଭିତ ପର୍ବତ ଉପରେ ମଦୋନ୍ମତ୍ତ ସିଂହ ବିରାଜମାନ କରିଅଛି । ଏହି ସମୟରେ ସଫଳତାର ଅଗ୍ରଦୂତ ତୁଲ୍ୟ ଶରତ୍‌କାଳ ରାଜାଙ୍କର ମାର୍ଗକୁ ସୁଗମ ଓ ସରଳ କରିଦେଇ ତାଙ୍କୁ ଉତ୍ସାହ ପ୍ରଦାନ କଲା । ବିବିଧ ଶବ୍ଦ ପ୍ରକାଶ କରୁଥିବା ସୈନ୍ୟବାହିନୀ ଅକାଳରେ ବର୍ଷାଋତୁର ଭ୍ରମ ଜନ୍ମାଇ ରାଜାଙ୍କ ସହିତ ବିଜୟଯାତ୍ରା ଆରମ୍ଭ କଲେ । ଏମାନଙ୍କ ଶବ୍ଦର ପ୍ରତିଧ୍ୱନି ଶୁଣି ମନେହେଲା ଯେପରି ଦିଗଗୁଡ଼ିକ ପରସ୍ପର ନିକଟରେ ରାଜାଙ୍କ ଆଗମନବାର୍ତ୍ତା ଜ୍ଞାପନ କଲେ । ସୁବର୍ଣ୍ଣ ଆଭରଣ ଦ୍ୱାରା ସୁସଜ୍ଜିତ ହୋଇ ରାଜାଙ୍କ ଅନୁସରଣ କରୁଥିବା ଅଶ୍ୱଗୁଡ଼ିକୁ ଦେଖିଲେ ମନେ ହେଉଥିଲା ସତେ ଯେପରି ଅଗ୍ନିଦେବ ଉପାସନାଦ୍ୱାରା ସନ୍ତୁଷ୍ଟ ହୋଇ ତାଙ୍କର ଅନୁଗମନ କରୁଅଛନ୍ତି । ହସ୍ତୀଗୁଡ଼ିକର କର୍ଣ୍ଣରେ ଶୋଭା ପାଉଥିବା ଶ୍ୱେତଚାମର ଓ ଲଲାଟପଟ୍ଟର ସମୁଜ୍ଜ୍ୱଳ ସିନ୍ଦୂର ପ୍ରଲେପ ଦେଖିଲେ ଶରତ୍‌-କାଳୀନ ଧବଳ-ମେଘଖଣ୍ଡ-ଆଚ୍ଛାଦିତ ଓ ରକ୍ତାଭ-ଧାତୁରସଯୁକ୍ତ ପର୍ବତଗଣ ରାଜାଙ୍କ ପରାକ୍ରମରେ ଭୀତତ୍ରସ୍ତ ହୋଇ ନିଜର ସନ୍ତାନମାନଙ୍କୁ ତାଙ୍କର ସାହାଯ୍ୟ ନିମନ୍ତେ ପ୍ରେରଣ କରିଅଛନ୍ତି ବୋଲି ପ୍ରତୀତ ହେଉଥିଲା । ରାଜା ନିଜ ସମ୍ମୁଖରେ ଅନ୍ୟର ତେଜଃପ୍ରକାଶ କରିବା କଥା ସହ୍ୟ କରିପାରୁ ନଥିଲେ; ତେଣୁକରି ସୈନ୍ୟମାନଙ୍କର ପଦପାତରେ ଉଠୁଥିବା ଧୂଳିପଟଳ ସୂର୍ଯ୍ୟଙ୍କୁ ମେଘଖଣ୍ଡ ତୁଲ୍ୟ ଆବୃତ କରି ରଖିଥିଲା । ରାଜାଙ୍କର ଶୀଳ ଓ ଗୁଣରେ ଆକୃଷ୍ଟ ହୋଇ କୀର୍ତ୍ତି ଓ ବିଜୟଲକ୍ଷ୍ମୀ ଯେପରି ତାଙ୍କର ପଶ୍ଚାଦ୍‌ଗମନ କରୁଥିଲେ, ଉଭୟ ମହାରାଣୀଙ୍କୁ ଦେଖିଲେ ସେପରି ଭ୍ରମ ଜାତ ହେଉଥିଲା । ଉଡ୍ଡୀୟମାନ ପତାକାବଳୀ ଯେପରି ଶତ୍ରୁମାନଙ୍କୁ ଚେତାବନୀ ଶୁଣାଉଥିଲେ ଯେ ନମ୍ର ହୋଇ ବଶ୍ୟତା ସ୍ୱୀକାର କର ନଚେତ୍ ପୃଷ୍ଠଭଙ୍ଗ ଦେଇ ପଳାୟନ କର ।

Digitized by srujanika@gmail.com

ଏହିପରି ଭାବରେ ରାଜା ବାରାଣସୀ ଅଭିମୁଖରେ ଜୟଯାତ୍ରା କରୁଥିବା ବେଳେ, ଏଣେ ଯୌଗନ୍ଧରାୟଣଙ୍କ ଗୁପ୍ତଚରମାନେ ବାରାଣସୀ ନଗରରେ ଉପସ୍ଥିତ ହୋଇ ନିଜର କାର୍ଯ୍ୟକଳାପ ଆରମ୍ଭ କରିଦେଇ ଥାଆନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଭୂତଭବିଷ୍ୟଜ୍ଞାତା ଜ୍ୟୋତିଷୀର ରୂପଧାରଣ କରିଥାଏ ଏବଂ ଅନ୍ୟମାନେ ତାର ଶିଷ୍ୟରୂପେ ରହିଥାଆନ୍ତି । ଶିଷ୍ୟମାନେ ନଗରର ବିଭିନ୍ନ ସ୍ଥାନ ଭ୍ରମଣ କରି ପ୍ରଚାର କରୁଥାଆନ୍ତି ଯେ ଆମର ଗୁରୁ ତ୍ରିକାଳଜ୍ଞ ଓ ସେ କେବଳ ଭିକ୍ଷାଦ୍ୱାରା ଜୀବନଯାପନ କରନ୍ତି । ସେହି ଗୁରୁ ମଧ୍ୟ ଜିଜ୍ଞାସୁ ଜନତାଙ୍କୁ ଭବିଷ୍ୟତରେ ହେବାକୁ ଯାଉଥିବା ଅଗ୍ନିଦାହ ପ୍ରଭୃତି ଉପ୍ଳାବର କଥା କହୁଥାଆନ୍ତି । ଶିଷ୍ୟମାନେ ଏହାକୁ ଗୁପ୍ତରେ ଅନ୍ୟମାନଙ୍କ ନିକଟରେ ପ୍ରଚାର କରି ଏହାଙ୍କର ଯଶଃ ବୃଦ୍ଧି କରୁଥାଆନ୍ତି । ଏହିପରି ସେହି ମିଥ୍ୟା ସିଦ୍ଧ କାଶୀନଗରୀରେ ପ୍ରସିଦ୍ଧସିଦ୍ଧ ରୂପରେ ସୁପରିଚିତ ହୋଇଗଲେ । ସେ ନିଜର ଏକ କ୍ଷୁଦ୍ର ଚମତ୍କାର ଘଟଣାଦ୍ୱାରା ରାଜାଙ୍କର ଅନ୍ତରଙ୍ଗ ସ୍ନେହାସ୍ପଦ ପୁରୁଷକୁ ନିଜର ଅନୁଗତାଧୀନ କରିପାରିଥିଲେ । ଏହାଙ୍କଦ୍ୱାରା ସେ ବ୍ରହ୍ମଦତ୍ତଙ୍କ ଯୁଦ୍ଧ ସମ୍ପର୍କୀୟ ଗତିବିଧି ଓ କାର୍ଯ୍ୟକଳାପର ସୂଚନା ଲାଭକରି ଯୌଗନ୍ଧରାୟଣଙ୍କୁ ଜଣାଉଥାଆନ୍ତି ।

ଏହି ସମୟରେ ଯୋଗ ନାମକ ବ୍ରହ୍ମଦତ୍ତଙ୍କ ମନ୍ତ୍ରୀ ପଥ ମଧ୍ୟରେ ହିଁ ଉଦୟନଙ୍କ ପ୍ରତିରୋଧ ପାଇଁ ବିବିଧ ଷଡ଼ଯନ୍ତ୍ର କରିବାକୁ ଲାଗିଥାଆନ୍ତି । ସେ ଯାତ୍ରାପଥର ସମସ୍ତ ବୃକ୍ଷ, ସରୋବର, ଲତା, କୂପ, ତୃଣ, କୁଶ ପ୍ରଭୃତି ବିଷାକ୍ତରସାୟନଦ୍ୱାରା ବିଷାକ୍ତ କରିଦେଲେ । ବିଷକନ୍ୟାମାନଙ୍କୁ ବେଶ୍ୟା ରୂପରେ ପ୍ରେରଣ କରି ବତ୍ସରାଜଙ୍କ ସୈନ୍ୟମାନଙ୍କୁ ଧ୍ୱଂସ କରିବାର ପ୍ରଚେଷ୍ଟା କଲେ । ସେହି ଛଦ୍ମବେଶୀ କାପାଳିକ ରାଜପୁରୁଷଙ୍କଠାରୁ ଏହା ଜ୍ଞାତ ହୋଇ ଯୌଗନ୍ଧରାୟଣଙ୍କୁ ସତର୍କ କରିଦେଲେ । ବୁଦ୍ଧିମାନ୍ ମନ୍ତ୍ରୀ ଗୁପ୍ତଚରମାନଙ୍କ ଠାରୁ ଏ ବିଷୟର ସୂଚନା ପାଇ କୂପ, ପୁଷ୍କରିଣୀ ପ୍ରଭୃତିକୁ ଅନ୍ୟ ଔଷଧିଦ୍ୱାରା ଶୋଧନ କରିଦେବା ଫଳରେ ତାର ବିଷଦୋଷ ଦୂରୀଭୂତ ହେଲା ଏବଂ ରୁମଣ୍ୱାନଙ୍କ ସାହାଯ୍ୟରେ ସୈନ୍ୟବାହିନୀରେ ପ୍ରବେଶ କରିଥିବା ବିଷକନ୍ୟା ଓ ଗୁପ୍ତଘାତକମାନଙ୍କର ସନ୍ଧାନ ନେଇ ସେମାନଙ୍କୁ ହତ୍ୟାକଲେ । ଏହା ଜ୍ଞାତ ହୋଇ ବ୍ରହ୍ମଦତ୍ତ ବିଶାଳସେନା ସହ ଚତୁର୍ଦ୍ଦିଗରୁ ଆକ୍ରମଣ କରୁଥିବା ଉଦୟନଙ୍କୁ ଅଜେୟ ଜାଣି ସନ୍ଧିକରିବା ନିମନ୍ତେ ଦୂତ ପ୍ରେରଣ କଲେ ।

Digitized by srujanika@gmail.com

ପରେ ସେ ନିଜେ ଯାଇ ଉଦୟନଙ୍କ ନିକଟରେ ଉପସ୍ଥିତ ହେବାରୁ ଉଦୟନ ତାଙ୍କର ଯଥୋଚିତ ସମ୍ମାନ କରି ପ୍ରୀତ ହେଲେ । ଏହାପରେ ପ୍ରବଳପ୍ରତାପୀ ବ୍ରହ୍ମଦତ୍ତ ବତ୍ସରାଜଙ୍କ ବଶତା ସ୍ୱୀକାର କରି ବସ୍ତୁ ଉପହାରଦ୍ୱାରା ତାଙ୍କର ମନସ୍ତୁଷ୍ଟି କଲେ ।

ଏହାପରେ କାଶୀ-ନରେଶ ପରାସ୍ତ ହୁଅନ୍ତେ ଉଦୟନ ନିଜର ପ୍ରଭାବରେ ପୂର୍ବଖଣ୍ଡର ଅନ୍ୟାନ୍ୟ ରାଜାମାନଙ୍କୁ ଅତି ସହଜରେ ବଶୀଭୂତ କରିନେଲେ । କେତେକ ଆପେ ଆପେ ତାଙ୍କର ପ୍ରଭାବକୁ ସ୍ୱୀକାର କରିନେଲେ ଏବଂ ଅନ୍ୟ ଯେଉଁମାନେ ବିରୁଦ୍ଧାଚରଣ କଲେ, ସେମାନେ ବାତ୍ୟାଗ୍ରସ୍ତ ବୃକ୍ଷତୁଲ୍ୟ ଉଦୟନଙ୍କଦ୍ୱାରା ଉତ୍ପୀଡ଼ିତ ହୋଇ ଶେଷରେ ଅଧୀନତା ସ୍ୱୀକାର କଲେ । ବଙ୍ଗଦେଶ ଜୟକରି ଉଦୟନ ପୂର୍ବ ସମୁଦ୍ରତଟରେ ଆସି ଉପସ୍ଥିତ ହୋଇଲେ ଏବଂ ସେଠାରେ ଏକ ବିଜୟସ୍ତମ୍ଭ ନିର୍ମାଣ କଲେ ।

କଳିଙ୍ଗଦେଶୀୟ ରାଜା ଉଦୟନଙ୍କୁ କର ପ୍ରଦାନ କରିବା ନିମନ୍ତେ ସ୍ୱୀକୃତ ହେବାରୁ ତାଙ୍କର ଯଶ ମହେନ୍ଦ୍ର ପର୍ବତର ଗିରିଗୁହା ସମୂହରେ ପ୍ରତିଧ୍ୱନିତ ହେଲା । ବିନ୍ଧ୍ୟଶିଖର ତୁଲ୍ୟ ହସ୍ତୀମାନଙ୍କୁ ଜୟକରି ରାଜା କ୍ରମଶଃ ଦକ୍ଷିଣ ଦିଗ ପ୍ରତି ଅଗ୍ରସର ହେଲେ । ଶରତ୍କାଳରୂପୀ ଉଦୟନ ବର୍ଷାକାଳୀନ ମେଘ ତୁଲ୍ୟ ଦାକ୍ଷିଣାତ୍ୟ ରାଜାମାନଙ୍କୁ ନିଃସାର, ପାଣ୍ଡୁର, ଗର୍ଜ୍ଜନରହିତ ଓ ପର୍ବତାଶ୍ରୟୀ କରିଦେଲେ । କାବେରୀ ନଦୀକୁ ଅତିକ୍ରମ କରି ସେ ଚୋଳ-ରାଜାମାନଙ୍କର ଯଶକୁ କଳୁଷିତ କଲେ । ସେ ମୁରଳ (କେରଳ) ଦେଶୀୟ ରାଜାଙ୍କୁ ମଧ୍ୟ କରାୟତ୍ତ କରି ଦକ୍ଷିଣା ପଥର ଯାତ୍ରା ଶେଷ କଲେ ।

ଏହାପରେ ରେବାତଟିନୀ ପାର ହୋଇ ସେ ଉଜ୍ଜୟିନୀ ନଗରୀରେ ଆସି ଉପସ୍ଥିତ ହେଲେ । ଏଠାରେ ନିଜର ଶ୍ୱଶୁରଙ୍କଦ୍ୱାରା ସତ୍କୃତ ଏବଂ ମାଳବ-ରମଣୀମାନଙ୍କ ରୂପ ବିଭବରେ ମୁଗ୍ଧ ଉଦୟନ ରାଜ୍ୟ ସୁଖ ବିସ୍ମୃତ ହୋଇ କିଛି ଦିନ ବିଶ୍ରାମ ଗ୍ରହଣ କଲେ । ବାସବଦତ୍ତା ପିତୃଃକାଳ ପ୍ରାପ୍ତ ହୋଇ ମହାରାଣୀ ପଦ ମଧ୍ୟ ବିସ୍ମୃତ ହୋଇଗଲେ । ରାଜା ଚଣ୍ଡମହାସେନ ବାସବଦତ୍ତାଙ୍କୁ ଦେଖି ଯେପରି ଆନନ୍ଦିତ ହେଲେ, ପଦ୍ମାବତୀଙ୍କୁ ଦେଖି ତତୋଽଧିକ ଆନନ୍ଦ ଲାଭକଲେ । ଏଠାରେ କିଛି ଦିନ ଅବସ୍ଥାନ କରି

Digitized by srujanika@gmail.com

ଉଦୟନ ଶ୍ୱଶୁରଙ୍କ ସେନାବାହିନୀ ନେଇ ପଶ୍ଚିମ ଦିଗକୁ ଯାତ୍ରା ଆରମ୍ଭ କଲେ ।

ଉଦୟନଙ୍କ ପ୍ରଭାବରେ ଲାଟଦେଶୀୟ ସ୍ତ୍ରୀମାନଙ୍କର ଆକର୍ଣ୍ଣ ବିସ୍ତୃତ ନୟନରାଜି ଅଶ୍ରୁସିକ୍ତ ହୋଇଉଠିଲା । ମନ୍ଦର ପର୍ବତ ଏହାଙ୍କର ପ୍ରଭାବ ଦେଖି ପ୍ରକମ୍ପିତ ହେଲା । ଉଦୟନଙ୍କୁ ସେମାନେ ପଶ୍ଚିମ ଦିଗନ୍ତରେ ଉଦିତ ସୂର୍ଯ୍ୟ ବୋଲି ମନେ କରିବାକୁ ଲାଗିଲେ ।

ପଶ୍ଚିମ ଦିଗ ବିଜୟ ପରେ ସେ ଉତ୍ତର ଦିଗକୁ ଯାତ୍ରା କରି ପ୍ରଥମେ ସିନ୍ଧୁ ସମ୍ରାଟଙ୍କୁ ପରାସ୍ତ କଲେ । ପରେ ରାମ ରାକ୍ଷସ ବଂଶ ଧ୍ୱଂସ କଲାପରି ଯେ ମ୍ଳେଚ୍ଛମାନଙ୍କୁ ନିଃଶେଷ କରିଦେଲେ । ପାରସ୍ୟଦେଶୀୟ ରାଜାମାନେ ଉଦୟନଙ୍କର ପ୍ରତିରୋଧ କରିବା ନିମନ୍ତେ କ୍ଷୀଣ ପ୍ରଚେଷ୍ଟା କରିଥିଲେ, କିନ୍ତୁ ଉଦୟନଙ୍କ ଅସ୍ତ୍ର ସେମାନଙ୍କର ମସ୍ତକଗୁଡ଼ିକ ଶରୀରରୁ ବିଚ୍ଛିନ୍ନ କରି ଇତସ୍ତତଃ ବିକ୍ଷିପ୍ତ କଲା । ହୂନ୍‌ମାନଙ୍କୁ ପରାସ୍ତ କରିଥିବା ଉଦୟନଙ୍କ କୀର୍ତ୍ତି ହିମାଳୟ ଗଙ୍ଗା ତୁଲ୍ୟ ହିମାଳୟ ଉପରେ ଘୂରି ବୁଲିଲା । ପରାଜିତ ଶତ୍ରୁରାଜାମାନଙ୍କର କୋଳାହଳରେ ହିମାଳୟର କନ୍ଦରସମୂହ ମୁଖରିତ ହୋଇଉଠିଲା । କାମରୂପର ଶାସନକର୍ତ୍ତା ବିନା ଯୁଦ୍ଧରେ ହିଁ ଉଦୟନଙ୍କର ବଶତା ସ୍ୱୀକାର କରିନେଲେ । ଏହାଙ୍କଦ୍ୱାରା ପ୍ରଦତ୍ତ ବିଶାଳକାୟ ହସ୍ତୀସମୂହ ନେଇ ଦିଗ୍‌ବିଜୟୀ ରାଜା ବତ୍ସରାଜ ନିଜର ଶ୍ୱଶୁରଙ୍କ ରାଜ୍ୟ ମଗଧକୁ ପ୍ରତ୍ୟାବର୍ତ୍ତନ କଲେ । ପ୍ରଦ୍ୟୋତ ଉଭୟ ମହାରାଣୀଙ୍କ ସହ ଉଦୟନଙ୍କୁ ଦେଖି ଗଭୀର ଆନନ୍ଦିତ ହେଲେ । ବାସବଦତ୍ତାଙ୍କ ଗୁଣଦ୍ୱାରା ଆକୃଷ୍ଟ ହୋଇ ସେ ତାଙ୍କର ଭୂୟସୀ ପ୍ରଶଂସା କରିବାକୁ ଲାଗିଲେ ।

ଏହାପରେ ସମଗ୍ର ମଗଧ ନଗରବାସୀ ଓ ମଗଧ ନରପତିଙ୍କଦ୍ୱାରା ସମ୍ମାନିତ ହୋଇ ସମଗ୍ର ପୃଥିବୀର ଅଧୀଶ୍ୱର ବିଜୟୀ ସମ୍ରାଟ ଉଦୟନ ନିଜ ରାଜ୍ୟ ଅଭିମୁଖରେ ଅଗ୍ରସର ହେଲେ ।

Digitized by srujanika@gmail.com

ଷଷ୍ଠ ତରଙ୍ଗ

ବିଜୟ ଯାତ୍ରା ପରେ କ୍ଳାନ୍ତ ହୋଇ ବତ୍ସରାଜ ଉଦୟନ କିଛି ଦିନ ନିମନ୍ତେ ଲାବାଣକ ଗ୍ରାମରେ ବିଶ୍ରାମ କରୁଥିବା ସମୟରେ ଦିନେ ଯୌଗନ୍ଧରାୟଣଙ୍କୁ ଏକାନ୍ତରେ ଡାକି କହିଲେ, 'ତୁମର ବୁଦ୍ଧି ଓ କୌଶଳରେ ମୁଁ ସମଗ୍ର ପୃଥିବୀ ଜୟ କରିବାରେ ସମର୍ଥ ହେଲି । ଭୁଜବଳରେ ବଶ କରାଯାଇଥିବା ସେହି ରାଜାମାନେ କଦାପି ଆମର ବିରୋଧ କରିବେ ନାହିଁ । କିନ୍ତୁ ବାରାଣସୀର ଶାସକ ବ୍ରହ୍ମଦତ୍ତ ବର୍ତ୍ତମାନ ସୁଦ୍ଧା ଆମର ବିରୋଧ କରୁଅଛନ୍ତି । କୁଟିଳ ଲୋକ ପ୍ରତି ବିଶ୍ୱାସ କଣ ?' ଏହା ଶୁଣି ବୁଦ୍ଧିମାନ୍ ଯୌଗନ୍ଧରାୟଣ କହିଲେ, 'ମହାରାଜ ! ସେ ବର୍ତ୍ତମାନ ଆଉ ବିରୋଧ କରିବେ ନାହିଁ । ଆକ୍ରମଣଦ୍ୱାରା ପରାସ୍ତ ହୋଇଥିବା ବ୍ରହ୍ମଦତ୍ତ ଆପଣଙ୍କଠାରୁ ଯଥେଷ୍ଟ ସମ୍ମାନ ଲାଭ କରିଅଛନ୍ତି । କୌଣସି ବୁଦ୍ଧିମାନ୍ ଲୋକ ଉପକାରୀ ପ୍ରତି ବିରୁଦ୍ଧ ଭାବ ପୋଷଣ କରିପାରିବ ନାହିଁ । ଏହା ଯଦି କରେ ତେବେ ନିଜର ଅକଲ୍ୟାଣକୁ ହିଁ ସେ ବରଣ କରିବ । ଏ ପ୍ରସଙ୍ଗରେ ମୋର ଗୋଟିଏ କଥା ମନେ ପଡ଼ୁଛି—

ଫଳଭୂତି କଥା

ପ୍ରାଚୀନକାଳରେ ପଦ୍ମନାମକ ଦେଶରେ ଅଗ୍ନିଦତ୍ତ ବୋଲି ଜଣେ ପ୍ରସିଦ୍ଧ ବ୍ରାହ୍ମଣ ବାସ କରୁଥିଲେ । ସେ ରାଜାଙ୍କଦ୍ୱାରା ପ୍ରଦତ୍ତ ଅଗ୍ରହାରଦ୍ୱାରା ନିଜର ଜୀବନ ନିର୍ବାହ କରୁଥାଆନ୍ତି । ଏହାଙ୍କର ଦୁଇଟି ପୁତ୍ର—ଜ୍ୟେଷ୍ଠ ସୋମଦତ୍ତ ଓ କନିଷ୍ଠ ବୈଶ୍ୱାନର ଦତ୍ତ । ଏମାନଙ୍କ ମଧ୍ୟରୁ ଜ୍ୟେଷ୍ଠପୁତ୍ର ସୋମଦତ୍ତ ରୂପବାନ୍ ହେଲେ ହେଁ ମୂର୍ଖ ଓ ଉଦ୍ଦଣ୍ଡ ଏବଂ କନିଷ୍ଠ ବିଦ୍ୱାନ୍, ବିନୟୀ ଓ ଅଧ୍ୟୟନପ୍ରେମୀ ଥିଲେ । ଉଭୟେ ବିବାହିତ ଥିବାରୁ ପିତାଙ୍କ ମୃତ୍ୟୁ ପରେ ଭୂସମ୍ପତ୍ତିଗୁଡ଼ିକୁ ଉଭୟଙ୍କ ମଧ୍ୟରେ ବାଣ୍ଟି ନେଇଥିଲେ । ଉଭୟଙ୍କ ମଧ୍ୟରୁ କନିଷ୍ଠ ବୈଶ୍ୱାନର ଦତ୍ତ ନିଜର ପାଣ୍ଡିତ୍ୟ ଯୋଗୁଁ

Digitized by srujanika@gmail.com

ରାଜାଙ୍କଦ୍ୱାରା ସମ୍ମାନିତ ହେଉଥିଲେ ଓ ଜ୍ୟେଷ୍ଠ ସୋମଦତ୍ତ ଉଦ୍ଦଣ୍ଡ ଓ କ୍ଷତ୍ରିୟ କର୍ମରେ ନିଯୁକ୍ତ ଥିଲେ ।

ଦିନେ ସୋମଦତ୍ତ ଶୂଦ୍ରମାନଙ୍କ ସହ କ୍ରୀଡ଼ା କରୁଥିବାବେଳେ ଅଗ୍ନିଦତ୍ତଙ୍କ ଜଣେ ମିତ୍ର ତାଙ୍କୁ ଉପଦେଶ ଦେବାକୁ ଯାଇ କହିଲେ, 'ରେ ମୂର୍ଖ ! ଅଗ୍ନିଦତ୍ତଙ୍କ ପୁତ୍ର ହୋଇ ତୋର ଏ ଶୂଦ୍ରସଙ୍ଗ ଉଚିତ ନୁହେ । ରାଜାଙ୍କଦ୍ୱାରା ସମ୍ମାନିତ କନିଷ୍ଠ ଭ୍ରାତାକୁ ଦେଖି ତୋର ମନରେ କଣ ଲଜ୍ଜା ହେଉ ନାହିଁ ?' ଏହା ଶୁଣି ଉଦ୍ଦଣ୍ଡ ସୋମଦତ୍ତ କୋପାନ୍ୱିତ ହୋଇ ତାଙ୍କୁ ପଦାଘାତ କଲେ । ଏଥିରେ ଅପମାନିତ ବ୍ରାହ୍ମଣ ସେଠାରେ ଥିବା ଲୋକମାନଙ୍କୁ ସାକ୍ଷୀରଖି ରାଜାଙ୍କ ନିକଟରେ ଅଭିଯୋଗ କଲେ । ରାଜା ଏହି ଉଦ୍ଦଣ୍ଡ ବ୍ରାହ୍ମଣଙ୍କୁ ଧରି ଆଣିବା ନିମନ୍ତେ ନିଜର ଅନୁଚରମାନଙ୍କୁ ପ୍ରେରଣ କଲେ କିନ୍ତୁ ସୋମଦତ୍ତଙ୍କ ଦୁଷ୍ଟ ବନ୍ଧୁମାନେ ସେମାନଙ୍କୁ ନିର୍ମମଭାବରେ ହତ୍ୟାକଲେ । ରାଜା ତାଙ୍କର ଏ ପ୍ରକାର ବ୍ୟବହାରରେ କ୍ଷୁବ୍ଧ ହୋଇ ସୈନ୍ୟମାନଙ୍କଦ୍ୱାରା ତାଙ୍କୁ ବନ୍ଦୀ କରି ପ୍ରାଣଦଣ୍ଡର ଆଦେଶ ଦେଲେ । ଫାଶି ଖୁଣ୍ଟରେ ଝୁଲାଇବାକୁ ନେବାବେଳେ ହଠାତ୍ ସୋମଦତ୍ତ କାହାଦ୍ୱାରା ବଳପୂର୍ବକ ନିକ୍ଷିପ୍ତ ହେଲାପରି ଭୂପତିତ ହେଲେ । ଭାଗ୍ୟ ହିଁ ଭବିଷ୍ୟତର ମଙ୍ଗଳ ପାଇଁ ସାହାଯ୍ୟ କରିଥାଏ । ଏହାଙ୍କୁ ପୁଣି ଫାଶିଖୁଣ୍ଟରେ ବସାଇବାକୁ ନେଲାବେଳେ ଘାତକମାନଙ୍କର ଚକ୍ଷୁଗୁଡ଼ିକ ନଷ୍ଟ ହୋଇଗଲା ଏବଂ ସେମାନେ ଦୃଷ୍ଟିଶକ୍ତିରହିତ ହେଲେ । ଏହି ସମୟରେ କନିଷ୍ଠ ଭ୍ରାତା ବୈଶ୍ୱାନର ଦତ୍ତ ସେଠାରେ ଉପସ୍ଥିତ ହୋଇ ରାଜାଙ୍କୁ ଅନୁନୟ କରି ତାଙ୍କୁ ମୁକ୍ତ କଲେ ।

ମୃତ୍ୟୁଦଣ୍ଡରୁ ମୁକ୍ତିଲାଭ କରି ସୋମଦତ୍ତ ରାଜାଙ୍କଦ୍ୱାରା ଅପମାନିତ ହେବାରୁ ନିଜର ସ୍ତ୍ରୀ ସହିତ ରାଜ୍ୟ ପରିତ୍ୟାଗ କରିବା ନିମନ୍ତେ ମନସ୍ଥ କଲେ । କିନ୍ତୁ ବନ୍ଧୁମାନଙ୍କ ନିତାନ୍ତ ଅନୁରୋଧରେ ସେ ଏଥିରୁ ବିରତ ହୋଇ ରାଜପ୍ରଦତ୍ତ ଅଗ୍ରହାର ପରିତ୍ୟାଗ କଲେ । ଫଳରେ ଜୀବନ ନିର୍ବାହ କରିବାର ଅନ୍ୟ କୌଣସି ଉପାୟ ନଦେଖି ସେ କୃଷିକର୍ମ କରିବା ନିମନ୍ତେ ନିଶ୍ଚୟ କରି କର୍ଷଣଯୋଗ୍ୟ ଭୂମିର ଅନୁସନ୍ଧାନରେ ଅରଣ୍ୟାନୀ ମଧ୍ୟରେ ପ୍ରବେଶ କଲେ । ଅରଣ୍ୟ ମଧ୍ୟରେ ଭ୍ରମଣ କରୁ କରୁ ସେ ଏକ ଉର୍ବର ଜମିର ସନ୍ଧାନ ଲାଭକଲେ । ଏହି ଜମି ଉପରେ ଏକ ବିଶାଳ ଅଶ୍ୱତ୍ଥ ବୃକ୍ଷ ଥିଲା । ଏହାର

Digitized by srujanika@gmail.com

ପାଦଦେଶରେ ଉପସ୍ଥିତ ହୋଇ ସୋମଦତ୍ତ, 'ଏହି ବୃକ୍ଷରେ ଯେଉଁ ଦେବଦେବୀ ବାସ କରୁଛନ୍ତି, ମୁଁ ସେମାନଙ୍କର ଭକ୍ତ' ବୋଲି କହି ତାର ଚତୁର୍ଦ୍ଦିଗରେ ପ୍ରଦକ୍ଷିଣ କଲେ । ଏହାପରେ ଶୁଭମୁହୂର୍ତ୍ତ ଦେଖି ମନ୍ତ୍ରପାଠ-ପୂର୍ବକ ସେ କୃଷିକର୍ମ ଆରମ୍ଭ କଲେ । ଭୂମି କର୍ଷଣ କଲାପରେ ସେ ଦିନରାତି ଉକ୍ତ ବୃକ୍ଷମୂଳରେ ବାସ କରନ୍ତି; ସେଠାରେ ହିଁ ସ୍ତ୍ରୀଙ୍କଦ୍ୱାରା ଆନୀତ ଖାଦ୍ୟ ସାମଗ୍ରୀ ଭୋଜନ କରନ୍ତି । କିନ୍ତୁ ଦିନପରେ ଶସ୍ୟ ଆହରଣ କରିବାର ସମୟ ଉପସ୍ଥିତ ହେଲା । କିନ୍ତୁ ତାଙ୍କର ଦୁର୍ଭାଗ୍ୟରୁ କୌଣସି ରାଜାଙ୍କର ସୈନ୍ୟ-ବାହିନୀ ଏହି ଶସ୍ୟକ୍ଷେତ୍ରକୁ ନଷ୍ଟକରି ଦେଲେ । ସେମାନେ ଚାଲିଯିବା ପରେ ସୋମଦତ୍ତ ଅବଶିଷ୍ଟ ଶସ୍ୟ ସଂଗ୍ରହ କରି ପ୍ରଥମେ ଅଶ୍ୱତ୍ଥ ବୃକ୍ଷରେ ବାସ କରୁଥିବା ଦେବଦେବୀଙ୍କୁ ନୈବେଦ୍ୟ ଅର୍ପଣ କଲେ ଏବଂ ଏହି ବିପତ୍ତିରେ ଧୈର୍ଯ୍ୟଚ୍ୟୁତ ନହୋଇ ସୌଭାଗ୍ୟ ପ୍ରତୀକ୍ଷାରେ ରହିଲେ ।

ଦିନେ ଦୁଶ୍ଚିନ୍ତା ଯୋଗୁଁ ସେ ରାତିରେ ଶୋଇପାରିଲେ ନାହିଁ । ଏହି ଅବସରରେ ସେହି ବୃକ୍ଷରୁ ଆସୁଥିବା ଶୂନ୍ୟବାଣୀ ତାଙ୍କର କର୍ଣ୍ଣଗୋଚର ହେଲା ଯେ ହେ ସୋମଦତ୍ତ ! ମୁଁ ତୁମ ଉପରେ ପ୍ରସନ୍ନ । ତୁମେ ଶ୍ରୀକଣ୍ଠ ଦେଶର ଆଦିତ୍ୟପ୍ରଭ ନାମକ ରାଜାଙ୍କର ରାଜ୍ୟକୁ ପ୍ରସ୍ଥାନ କର । ଏହି ରାଜାଙ୍କର ଦ୍ୱାର-ଦେଶରେ ନିରନ୍ତର ସନ୍ଧ୍ୟା ଓ ଅଗ୍ନିହୋତ୍ର ମନ୍ତ୍ର ପାଠକରି କହିବ ଯେ 'ମୁଁ ଫଳଭୂତି ନାମକ ବ୍ରାହ୍ମଣ, ଶୁଭକର୍ମ କଲେ ଶୁଭଫଳ ଲାଭ ହୁଏ, ଅଶୁଭ କର୍ମ କଲେ ଅମଙ୍ଗଳ ହୁଏ ।' ତୁମେ ସନ୍ଧ୍ୟା ଓ ଅଗ୍ନିହୋତ୍ର ମନ୍ତ୍ର ଜାଣ ନାହିଁ; ତେଣୁ ମୋଠାରୁ ତାହା ଶିକ୍ଷା କର । ମୁଁ ବର୍ତ୍ତମାନ ତାହା ଉଚ୍ଚାରଣ କରୁଅଛି । ମୁଁ ଏହି ବୃକ୍ଷନିବାସୀ ଯକ୍ଷ । ଏହା କହି ଯକ୍ଷ ନିଜର ପ୍ରଭାବ ହେତୁ ତତ୍‌କ୍ଷଣାତ୍ ତାଙ୍କୁ ମନ୍ତ୍ର ଶିକ୍ଷା ଦେଲା ଏବଂ ଅନ୍ତର୍ହିତ ହେଲା । ପରଦିନ ପ୍ରାତଃକାଳରୁ ସୋମଦତ୍ତ ଯକ୍ଷପ୍ରଦତ୍ତ ଫଳଭୂତି ନାମ ଧାରଣ କରି ନିଜର ପତ୍ନୀଙ୍କ ସହ ଶ୍ରୀକଣ୍ଠ ଦେଶ ଅଭିମୁଖରେ ଯାତ୍ରା କଲେ ।

ସେ ବହୁ କଷ୍ଟରେ ଭୟଙ୍କର ଅରଣ୍ୟ ଅତିକ୍ରମ କରି ଆଦିତ୍ୟପ୍ରଭଙ୍କ ରାଜ-ଧାନୀରେ ଯାଇ ଉପସ୍ଥିତ ହେଲେ । ସେଠାରେ ରାଜଦ୍ୱାର ନିକଟରେ ସନ୍ଧ୍ୟା, ଅଗ୍ନିହୋତ୍ର ପ୍ରଭୃତି ମନ୍ତ୍ରପାଠପୂର୍ବକ ନିଜକୁ ଫଳଭୂତି ନାମରେ ଅଭିହିତ କରି ସେ କହିଲେ, 'କଲ୍ୟାଣକାରୀ କଲ୍ୟାଣ ଲାଭ କରେ ଏବଂ ଅଶୁଭକର୍ମା

Digitized by srujanika@gmail.com

ଅଶୁଭ ଫଳ ଲାଭ କରେ ।' ଏହା ବାରମ୍ବାର ଉଚ୍ଚାରଣ କରିବାରୁ ରାଜା ଆଦିତ୍ୟପ୍ରଭ ତାଙ୍କୁ ଭିତରକୁ ଡାକି ନେଲେ । ଫଳଭୂତି ରାଜଦରବାରରେ ଉପସ୍ଥିତ ହୋଇ ସେହି କଥାକୁ ବାରମ୍ବାର ଉଚ୍ଚାରଣ କରିବାରୁ ସଭାସଦ୍‌ଗଣ ହାସ୍ୟପ୍ରକାଶ କଲେ ଏବଂ ରାଜା ତାଙ୍କ ପ୍ରତି ସୁପ୍ରସନ୍ନ ହୋଇ ତାଙ୍କୁ ବହୁ ଧନ, ରତ୍ନ, ବସ୍ତ୍ର ଓ ଗ୍ରାମ ଦାନ କଲେ ।

ଏପରି ପକ୍ଷର ଦୟାରୁ ନିର୍ଦ୍ଧନ ଫଳଭୂତି ରାଜାଙ୍କଠାରୁ ବହୁଧନ ପ୍ରାପ୍ତ ହୋଇ ଏବଂ ସର୍ବଦା ଉପରୋକ୍ତ ପ୍ରକାର ବାକ୍ୟର ପୁନରାବୃତ୍ତି କରି କରି ସେଠାରେ ବାସ କରିବାକୁ ଲାଗିଲେ । ରାଜାଙ୍କର ଚିତ୍ତବିନୋଦନରେ ସାହାଯ୍ୟ କରି ଧୀରେ ଧୀରେ ସେ ରାଜ୍ୟରେ ସମ୍ମାନସ୍ପଦ ହୋଇଉଠିଲେ । ଥରେ ରାଜା ଅସମୟରେ ମୃଗୟାରୁ ଫେରି ଅନ୍ତଃପୁର ମଧ୍ୟରେ ପ୍ରବେଶ କଲେ । ଏହାଙ୍କୁ ଦେଖି ଦ୍ୱାରପାଳ ବ୍ୟସ୍ତ ହୋଇପଡ଼ିଲା । ରାଜା ସେଠାରେ ପ୍ରବେଶ କରି ରାଣୀଙ୍କୁ ଦେବପୂଜାରେ ନିବିଷ୍ଟା ଥିବା ଦେଖିବାକୁ ପାଇଲେ । ତାଙ୍କର କେଶପାଶ ମୁକୁଳିତ ଓ ଚକ୍ଷୁ ମୁଦ୍ରିତ ଥିଲା । କପାଳରେ ଏକ ବିରାଟ ତିଳକ ସେ ଧାରଣ କରିଥିଲେ । ତାଙ୍କର ଅଧର ଥରି ଉଠୁଥିଲା । ସେ ଏକ ପାର୍ଦ୍ଧମଣ୍ଡଳ ମଧ୍ୟରେ ଉଲଗ୍ନ ହୋଇ ବସିଥିଲେ । ହଠାତ୍ ରାଜାଙ୍କୁ ସେଠାରେ ଦେଖି ରାଣୀ ବ୍ୟସ୍ତତାର ସହିତ ନିଜର ବସ୍ତ୍ର ଧାରଣ କରିବାକୁ ଲାଗିଲେ । ରାଜା ଏ ପ୍ରକାର ଉପାସନାର କାରଣ ଜିଜ୍ଞାସା କରନ୍ତେ ରାଣୀ ତାଙ୍କଠାରୁ ଅଭୟ ପ୍ରାର୍ଥନା କରି କହିଲେ, 'ମହାରାଜ ! ତୁମର ଉନ୍ନତି କାମନା କରି ମୁଁ ଏପରି ଉପାସନା କରୁଅଛି । ଏ ଉପାସନାର ପ୍ରାପ୍ତି ଓ ସିଦ୍ଧିର ବୃତ୍ତାନ୍ତ ଶ୍ରବଣ କରନ୍ତୁ ।'—

ରାଣୀ କୁବଳୟାବଳୀ କଥା

ଯେଉଁବେଳେ ମୁଁ କୁମାରୀ ଥିଲି, ସେତେବେଳେ ବସନ୍ତୋତ୍ସବ ସମୟରେ ଉଦ୍ୟାନ ମଧ୍ୟରେ ବିହାର କରୁଥିଲାବେଳେ ସଖୀମାନେ ଆସି କହିଲେ, 'ଏହି ଉଦ୍ୟାନର ବୃକ୍ଷ ଅନ୍ତରାଳରେ ସିଦ୍ଧିଦାତା ବରଦାତା ଗଣେଶଙ୍କର ମୂର୍ତ୍ତି ଅଛି । ସେ ଭକ୍ତମାନଙ୍କର ମନସ୍କାମନା ପୂରଣ କରନ୍ତି । ତୁମେ ଏହାଙ୍କର ଉପାସନା କର । ସେ ନିଶ୍ଚୟ ତୁମକୁ ଉପଯୁକ୍ତ ପତି ପ୍ରଦାନ

Digitized by srujanika@gmail.com

କରିବେ ।' ଏହା ଶୁଣି ମୁଁ ପରିଚାରିକାମାନଙ୍କୁ ପଚାରିଲି, 'ବିନାୟକଙ୍କ ଉପାସନା କଲେ କଣ କୁମାରୀ କନ୍ୟାମାନେ ଉପଯୁକ୍ତ ପତି ଲାଭ କରିପାରନ୍ତି ?' ଏହାର ଉତ୍ତରରେ ସେମାନେ କହିଲେ, 'ତୁମେ କଣ କହୁଛ ? ଏହାଙ୍କର ଉପାସନା ବିନା କୌଣସି କାର୍ଯ୍ୟ ସିଦ୍ଧ ହୁଏ ନାହିଁ । ଆମେ ଗଣେଶଙ୍କ ପ୍ରଭାବ ତୁମ ନିକଟରେ ପ୍ରକାଶ କରୁଅଛୁ ଶୁଣ ।' ଏହା କହି ସେମାନେ ମୋତେ ଏହି କଥା ଶୁଣାଇଲେ ।

ଗଣପତି କଥା

ପ୍ରାଚୀନକାଳରେ ଦେବତାମାନେ ତାରକାସୁରକୁ ବଧ କରିବା ନିମନ୍ତେ ଶିବଙ୍କର ଔରସରୁ ଗୋଟିଏ ପୁତ୍ରର ଆବଶ୍ୟକତା ଅନୁଭବ କରିଥିଲେ । କିନ୍ତୁ ତାରକାସୁର ଇନ୍ଦ୍ରଙ୍କୁ ସ୍ୱର୍ଗରାଜ୍ୟରୁ ବହିଷ୍କାର କରି-ଦେଇଥିଲା ଏବଂ ଶିବ କାମଦେବଙ୍କୁ ଭସ୍ମୀଭୂତ କରିଦେଇଥିଲେ । ମହାଯୋଗୀ ମହାଦେବଙ୍କୁ ପତିରୂପେ ଲାଭ କରିବା ପାଇଁ ପାର୍ବତୀ କଠୋର ତପସ୍ୟା ଆଚରଣ କଲେ ଏବଂ ପୁତ୍ର ପ୍ରାପ୍ତି ଓ କାମଦେବଙ୍କ ପୁନର୍ଜନ୍ମ ପାଇଁ ବର ପ୍ରାର୍ଥନା କରିଥିଲେ । କିନ୍ତୁ ନିଜର କାମନା ସିଦ୍ଧି ନିମିତ୍ତ ଗଣେଶଙ୍କ ଉପାସନା କରିବା କଥା ସେ ବିସ୍ମୃତ ହୋଇ ଯାଇଥିଲେ ।

ଏହି ସମୟରେ ନିଜର ଅଭୀଷ୍ଟ ସିଦ୍ଧି ଚାହୁଁଥିବା ପାର୍ବତୀଙ୍କୁ ମହାଦେବ କହିଲେ, "ପ୍ରିୟେ, ପ୍ରଥମେ ପ୍ରଜାପତି ବ୍ରହ୍ମାଙ୍କ ମନରୁ କାମଦେବ ଜନ୍ମଗ୍ରହଣ କଲା । ସେ ଜନ୍ମ ଲାଭ କରିବା ସଙ୍ଗେ ସଙ୍ଗେ ଦର୍ପର ସହ କହିଲା, 'ମୁଁ କାହାକୁ ଉନ୍ମତ୍ତ କରିବି ?' ଏହା ଶୁଣି ସ୍ରଷ୍ଟା ତାଙ୍କର ନାମ କନ୍ଦର୍ପ ରଖିଲେ ଏବଂ କହିଲେ, 'ତୁମର ଅତ୍ୟନ୍ତ ଗର୍ବ ହୋଇଗଲା । ତେଣୁ ଶିବଙ୍କଠାରୁ ନିଜକୁ ରକ୍ଷା କରିବା ନିମନ୍ତେ ଚେଷ୍ଟାକର, ଯେପରି ତାଙ୍କଦ୍ୱାରା ତୁମର ମୃତ୍ୟୁ ନହୁଏ ।' ବ୍ରହ୍ମାଙ୍କ ବାକ୍ୟରେ କର୍ଣ୍ଣପାତ ନକରି ସେ ଦୁଷ୍ଟ ମୋତେ ଆକ୍ରମଣ କରିବାକୁ ଚେଷ୍ଟାକଲା ତେଣୁ ମୁଁ ତାକୁ ଦଗ୍ଧ କଲି । ସେ ସେଥିହେତୁ ବର୍ତ୍ତମାନ ପୁଣି ଜୀବିତ ହେବା ସମ୍ଭବପର ନୁହେଁ । ମୁଁ ମୋ ଶକ୍ତିଦ୍ୱାରା ତୁମଠାରୁ ପୁତ୍ର ଜାତ କରାଇ ଦେଇପାରେ । ସାଧାରଣ ବ୍ୟକ୍ତିପରି ପୁତ୍ର ସନ୍ତାନ ଲାଭ ନିମନ୍ତେ ମୋତେ କାମର ଆଶ୍ରୟ ଗ୍ରହଣ କରିବାକୁ ପଡ଼ିବ ନାହିଁ ।"

Digitized by srujanika@gmail.com

ମହାଦେବ ପାର୍ବତୀଙ୍କୁ ଏପରି କହୁଥିବାବେଳେ ବ୍ରହ୍ମା ଇନ୍ଦ୍ରଙ୍କ ସହ ସେଠାରେ ଆସି ଉପସ୍ଥିତ ହେଲେ । ସେମାନେ ଶିବଙ୍କୁ ସ୍ତୁତିକରି ତାରକା-ସୁରଠାରୁ ତାଙ୍କୁ ରକ୍ଷା କରିବା ନିମନ୍ତେ ପ୍ରାର୍ଥନା କଲେ । ଶିବ ଏଥିରେ ସନ୍ତୁଷ୍ଟ ହୋଇ ପାର୍ବତୀଙ୍କଠାରୁ ପୁତ୍ର ଜାତ କରିବା ନିମନ୍ତେ ସ୍ୱୀକୃତ ହେଲେ । ବ୍ରହ୍ମାଙ୍କ ଅନୁରୋଧରେ ଲୋକମାନଙ୍କ ମନରେ କନ୍ଦର୍ପଙ୍କୁ ଜାତ କରାଇବା ନିମନ୍ତେ ମଧ୍ୟ ସମ୍ମତ ହୋଇ ନିଜ ମନ ମଧ୍ୟରେ କାମଦେବଙ୍କୁ ସ୍ଥାନ ଦେଲେ । ଏଥିରେ ପ୍ରୀତ ଓ ସନ୍ତୁଷ୍ଟ ହୋଇ ବ୍ରହ୍ମା ବିଦାୟ ଗ୍ରହଣ କଲେ ।

କାର୍ତ୍ତିକେୟଙ୍କ ଜନ୍ମ ବୃତ୍ତାନ୍ତ

କିଛି ଦିନ ପରେ ଘରେ ଶିବ ଓ ପାର୍ବତୀଙ୍କର ଏକାନ୍ତରେ ସମାଗମ ହେଲା । ଶତ ଶତ ବର୍ଷ ବିତିଗଲେ ହେଁ ତାହା ସମାପ୍ତ ହେଲା ନାହିଁ । ବରଂ ଏଥିରେ ତ୍ରିଭୁବନ ପ୍ରକମ୍ପିତ ହୋଇଉଠିଲା । ସଂସାର ନାଶ ହେବା ଭୟରେ ଏଥିରେ ବିଘ୍ନ ସୃଷ୍ଟି କରିବା ନିମନ୍ତେ ଦେବତାମାନେ ବ୍ରହ୍ମାଙ୍କ ଆଦେଶରେ ଅଗ୍ନିଙ୍କୁ ସ୍ମରଣ କଲେ । ସ୍ମରଣମାତ୍ରେ ଅଗ୍ନି ଉପସ୍ଥିତ ହେଲେ, କିନ୍ତୁ ଦେବତାମାନଙ୍କ କଥା ଶ୍ରବଣ କରି ଏବଂ ମହାଦେବଙ୍କ ପ୍ରଜ୍ୱଳିତ କୋଧାଗ୍ନି ସ୍ମରଣ କରି ସେ ଯାଇ ଜଳ ମଧ୍ୟରେ ଆତ୍ମଗୋପନ କଲେ । ଜଳ ମଧ୍ୟରେ ଥିବା ମଣ୍ଡୂକମାନେ ଅଗ୍ନିଙ୍କ ଉତ୍ତାପ ସହ୍ୟ କରି ନପାରି ଦେବତା-ମାନଙ୍କୁ ତାଙ୍କର ସନ୍ଧାନ ପ୍ରଦାନ କଲେ । ଅଗ୍ନି ଏଥିରେ କୋପାନ୍ୱିତ ହୋଇ ସେମାନଙ୍କୁ ଅସ୍ପଷ୍ଟବାକ୍ ହେବା ନିମନ୍ତେ ଶାପ ପ୍ରଦାନ କରି ମନ୍ଦର ପର୍ବତରେ ଶମ୍ବୂକ ରୂପଧାରଣ କରି ଆତ୍ମଗୋପନ କଲେ । ସେଠାରେ ଗଜଶୁକ ନାମରେ ସେ ଦେବତାମାନଙ୍କୁ ଦର୍ଶନ ପ୍ରଦାନ କଲେ ଏବଂ ଦେବତାମାନଙ୍କ ସ୍ତୁତିପାଠରେ ସନ୍ତୁଷ୍ଟ ହୋଇ ସେମାନଙ୍କର କର୍ମରେ ସହାୟତା କରିବା ନିମନ୍ତେ ସମ୍ମତ ହେଲେ ।

ଏହାପରେ ଅଗ୍ନି ମହାଦେବଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଉତ୍ତାପଦ୍ୱାରା ତାଙ୍କୁ ସୁରତ କ୍ରୀଡ଼ାରୁ ନିବୃତ୍ତ କରାଇ ସ୍ତୁତିପାଠପୂର୍ବକ ଦେବତା-ମାନଙ୍କର ଅନୁରୋଧ ନିବେଦନ କଲେ । ଫଳରେ ଶିବ ଅଗ୍ନି ମଧ୍ୟରେ ସ୍ୱୀ ନିଜର ଅମୋଘ ବୀର୍ଯ୍ୟ ନିକ୍ଷେପ କଲେ । ଏହାକୁ ଧାରଣ କରିବା ଅଗ୍ନି

Digitized by srujanika@gmail.com

କମ୍ଭା ପାର୍ବତୀ କାହାର ପକ୍ଷରେ ସମ୍ଭବପର ନଥିଲା । ତେଣୁ ଏଥିରେ ଅସନ୍ତୁଷ୍ଟା ହୋଇ 'ମୋଠାରୁ ପୁତ୍ର ଉତ୍ପନ୍ନ କଲ ନାହିଁ' ବୋଲି ପାର୍ବତୀ ଦୁଃଖପ୍ରକାଶ କରିବାରୁ ମହାଦେବ କହିଲେ, 'ଏହି ଅଭିଳାଷ ପୂର୍ତ୍ତି ପାଇଁ ପୂର୍ବରୁ ତୁମେ ଗଣପତିଙ୍କ ଉପାସନା ନ କରିଥିବା ଯୋଗୁଁ ଏ ପ୍ରକାର ବିଘ୍ନ ଉପସ୍ଥିତ ହେଲା । ତେଣୁ ବର୍ତ୍ତମାନ ତାଙ୍କର ଉପାସନା କଲେ ଆମ ଦୁହିଙ୍କର ପୁତ୍ର ଲାଭ ହେବ ।'

ଏହା ଶୁଣି ପାର୍ବତୀ ବିଘ୍ନରାଜଙ୍କ ପୂଜା କରିବାରୁ ଶିବଙ୍କର ବୀର୍ଯ୍ୟ ଅଗ୍ନି ମଧ୍ୟରେ ସ୍ଥିରୀକୃତ ହେଲା । ସୂର୍ଯ୍ୟ ମଣ୍ଡଳରେ ଅଗ୍ନି ତୁଲ୍ୟ ଅଗ୍ନି ମଧ୍ୟରେ ଶିବଙ୍କର ବୀର୍ଯ୍ୟ ଶୋଭାପାଇଲା । ଅଗ୍ନିଦେବ ଏହାକୁ ଅସହ୍ୟ ମନେକରି କିଛି ସମୟ ପରେ ଗଙ୍ଗାଗର୍ଭରେ ନିକ୍ଷେପ କଲେ ଏବଂ ଗଙ୍ଗା ଶିବଙ୍କ ଆଦେଶରେ ଏହାକୁ ସୁମେରୁ ପର୍ବତସ୍ଥିତ ବ୍ରହ୍ମକୁଣ୍ଡରେ ନେଇ ସ୍ଥାପନା କଲେ । ଏଠାରେ ଶିବଙ୍କର ଅନୁଚରମାନଙ୍କଦ୍ୱାରା ସୁରକ୍ଷିତ ହୋଇ ସହସ୍ର ବର୍ଷରେ ଏହାର ଛ'ଟି ମୁଖ ଥିବା ଗୋଟିଏ ପୁତ୍ରରେ ପରିଣତ ହେଲା । ସେତେବେଳେ ଗୌରୀଙ୍କ ନିର୍ଦ୍ଦେଶରେ ଛ' ଜଣ କୃତ୍ତିକା ଏହାକୁ ନିଜ ନିଜର ସ୍ତନ୍ୟପାନ କରାଇ ଲାଳନପାଳନ କଲେ ।

ଏହି ସମୟରେ ତାରକାସୁରଦ୍ୱାରା ନିର୍ଯ୍ୟାତିତ ହୋଇ ଦେବରାଜ ଇନ୍ଦ୍ର ସୁମେରୁ ପର୍ବତର ଗୁହାରେ ଆଶ୍ରୟ ନେଇଥାଆନ୍ତି । ଋଷିମାନଙ୍କ ସହିତ ଦେବତାଗଣ କୁମାରଙ୍କ ଶରଣାର୍ଥୀ ହେଲେ ଏବଂ ସେ ମଧ୍ୟ ସେମାନଙ୍କର ରକ୍ଷା କଲେ । ଏହା ଜାଣିପାରି ରାଜ୍ୟଭ୍ରଷ୍ଟ ଇନ୍ଦ୍ରଙ୍କ ମନରେ ଈର୍ଷା ଜାତ ହେଲା ତେଣୁ ସେ କୁମାରଙ୍କ ସହ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହେଲେ । ତାଙ୍କର ବଜ୍ର ପ୍ରହାର ଫଳରେ କାର୍ତ୍ତିକେୟଙ୍କ ଶରୀରରୁ ଶାଖ ଓ ବିଶାଖ ନାମକ ଦୁଇଟି ବାଳକ ଉତ୍ପନ୍ନ ହେଲେ । ନିଜ ପୁତ୍ର ସହ ଦେବରାଜଙ୍କ ଯୁଦ୍ଧର ବାର୍ତ୍ତା ପାଇ ମହାଦେବ ନିଜେ ଆସି ସେଠାରେ ଉପସ୍ଥିତ ହୋଇ ଏମାନଙ୍କୁ କହିଲେ, 'ବତ୍ସ ! ତୁମେ ତାରକାସୁରର ବଧ କରିବା ଏବଂ ଇନ୍ଦ୍ରଙ୍କୁ ରକ୍ଷା କରିବା ନିମନ୍ତେ ଜନ୍ମଗ୍ରହଣ କରିଅଛ । ତେଣୁ ବର୍ତ୍ତମାନ ଉଚିତ କର୍ମ କରିବା ନିମନ୍ତେ ଅଗ୍ରସର ହୁଅ ।' ଏହା ଶୁଣି ଇନ୍ଦ୍ର କୁମାରଙ୍କ ଉପରେ ପ୍ରୀତ ହୋଇ ତାଙ୍କୁ ନିଜର ସେନାପତି ପଦରେ ବରଣ କଲେ । ଅଭିଷେକ ଜଳ କୁମାରଙ୍କ

Digitized by srujanika@gmail.com

ମସ୍ତକରେ ଢ଼ାଳିବା ନିମନ୍ତେ କଳସ ଉଠାଇବା ସମୟରେ ଇନ୍ଦ୍ରଙ୍କର ହସ୍ତ ଆଉ ଉଠିଲା ନାହିଁ । ଏହା ଦେଖି ମହାଦେବ କହିଲେ, 'ତୁମେ ଗଣପତିଙ୍କ ଉପାସନା କରି ନାହିଁ ବୋଲି ଏପରି ବିଘ୍ନ ଉପସ୍ଥିତ ହେଲା । ତୁମେ ତାଙ୍କର ଉପାସନା କର ।' ଇନ୍ଦ୍ର ଏହାପରେ ଗଣେଶଙ୍କ ପୂଜା କରିବାରୁ ତାଙ୍କର ହସ୍ତ ସଞ୍ଚାଳିତ ହେଲା ଏବଂ ସେ ଅଭିଷେକ ଜଳ ଢ଼ାଳିବା ନିମନ୍ତେ ସମର୍ଥ ହେଲେ । ଏହାପରେ କାର୍ତ୍ତିକେୟ ତାରକାସୁରର ବଧ ସାଧନ କରି ଦେବତାଗଣଙ୍କୁ ରକ୍ଷା କଲେ ।

ଏଣୁ ଗଣେଶଙ୍କ ଉପାସନା ବ୍ୟତୀତ କୌଣସି କର୍ମ ସାଧିତ ହୋଇପାରେ ନାହିଁ । ତେଣୁ ତୁମେ ମଧ୍ୟ ଉତ୍ତମ ପତି ଲାଭ କରିବା ନିମନ୍ତେ ଗଣପତିଙ୍କ ଉପାସନା କର । ସଖୀମାନଙ୍କଠାରୁ ଏହା ଶୁଣି ମୁଁ ତାଙ୍କର ପୂଜା କରିବାରେ ନିଯୁକ୍ତ ହେଲି ।

ପୂଜା ଶେଷ କରି ମୁଁ ଯାହା ଦେଖିଲି ସେଥିରେ ମୋର ବିସ୍ମୟର ସୀମା ରହିଲା ନାହିଁ । ମୋର ସଖୀମାନେ ପକ୍ଷୀମାନଙ୍କପରି ଆକାଶରେ ଉଡ଼ି ବୁଲୁଥାଆନ୍ତି । ଏହାର ବୃତ୍ତାନ୍ତ ସେମାନଙ୍କୁ ଆଶ୍ଚର୍ଯ୍ୟର ସହ ଜିଜ୍ଞାସା କରନ୍ତେ ସେମାନେ କହିଲେ, 'ମନୁଷ୍ୟ ମାଂସ ଭକ୍ଷଣପୂର୍ବକ ଡାକିନୀମନ୍ତ୍ର ସିଦ୍ଧି ହାସଲ ଏହା ସମ୍ଭବପର ହୋଇ ପାରୁଅଛି । କାଳରାତ୍ରି ନାମ୍ନୀ ବ୍ରାହ୍ମଣୀ ଆମର ମନ୍ତ୍ରଦାତ୍ରୀ ।' ଆକାଶରେ ଉଡ଼ିବା ପାଇଁ ମୋର ଭୟଙ୍କର ଇଚ୍ଛା ହେଲା କିନ୍ତୁ ମନୁଷ୍ୟ ମାଂସ ଭକ୍ଷଣ କରିବା ନିମନ୍ତେ ମୋର ମନରେ ଘୃଣା ଓ ଭୟ ଜାତ ହେଲା । ଶେଷରେ ଆକାଂକ୍ଷାକୁ ଦମନ କରି ନପାରି ମୋତେ ଏ ମନ୍ତ୍ର ଶିକ୍ଷା ଦେବା ନିମନ୍ତେ ମୁଁ ତାଙ୍କୁ ଅନୁରୋଧ କଲି ।

ମୋର ଏ ଆଗ୍ରହ ଦେଖି ସଖୀମାନେ ଏହି ବିକୃତ ରୂପମୟୀ ବ୍ରାହ୍ମଣୀକୁ ଡାକି ଆଣିଲେ । ଏହାର ରୂପ ଅତି ଭୟଙ୍କର ଓ କଦାକାର ଥିଲା । ତାର ସମ୍ମିଳିତ ଭ୍ରୂଲତା, ଗାଢ଼ ନୀଳ ନୟନ, ଚେପଟା ନାକ, ଉନ୍ନତ ଦୀର୍ଘ ସ୍ତନ, ସ୍ଥୂଳଗଣ୍ଡ, କରାଳ ଓଷ୍ଠ, ସ୍ଥୂଳ ଉଦର, ଦୀର୍ଘଦନ୍ତରାଜି, ଗୋଦର ଗୋଡ଼ ପ୍ରଭୃତିକୁ ଦେଖିଲେ ମନେ ହେଉଥିଲା ଯେପରି ବିଧାତା କୁରୂପତାକୁ ମୂର୍ତ୍ତିମତୀ କରି ଗଢ଼ି ରଖିଛି । ସେ ମୋତେ ଗଣପତିଙ୍କ ଉପାସନା କରାଉ

Digitized by srujanika@gmail.com

ଶୁଦ୍ଧପୂତ ଓ ଉଲଗ୍ନ କରି ଏକ ମଣ୍ଡଳ ମଧ୍ୟରେ ନେଇ ଉପବିଷ୍ଟ କରାଇଲା । ସେଠାରେ ତା'ର ନିର୍ଦ୍ଦେଶ ଅନୁଯାୟୀ ମୁଁ ଭୈରବଙ୍କର ପୂଜା କଲି । ତା ପରେ ମୋତେ ସେ ଡାକିନୀ ମନ୍ତ୍ରର ଉପଦେଶ ଏବଂ ଭୋଜନ ନିମନ୍ତେ ନରମାଂସ ପ୍ରଦାନ କଲା । ମନ୍ତ୍ରର ଦୀକ୍ଷା ନେଇ ଏବଂ ନରମାଂସ ଭକ୍ଷଣ କରି ମୁଁ ସେହି ଉଲଗ୍ନାବସ୍ଥାରେ ହିଁ ସଖୀମାନଙ୍କ ସହ ଆକାଶରେ ବିଚରଣ କରିବାକୁ ଲାଗିଲି । କିଛି ସମୟ ପରେ ତାର ଆଦେଶରେ ଅବତରଣ କରି ମୋର ଗୃହ ମଧ୍ୟରେ ପ୍ରବେଶ କଲି । ଏହିପରି ଡାକିନୀ ମନ୍ତ୍ରରେ ଦୀକ୍ଷିତା ହୋଇ ମୁଁ ସଖୀମାନଙ୍କ ମଧ୍ୟରେ ଚକ୍ରବର୍ତ୍ତିନୀ ହେଲି ଏବଂ ଯଥେଷ୍ଟ ପରିମାଣରେ ନରମାଂସ ଭକ୍ଷଣ କରିବାକୁ ଲାଗିଲି । ଏ ପ୍ରସଙ୍ଗରେ ଅନ୍ୟ ଏକ ଗଳ୍ପ ମଧ୍ୟ ଶ୍ରବଣ କରନ୍ତୁ—

କାଳରାତ୍ରି ବୃତ୍ତାନ୍ତ

କାଳରାତ୍ରି ବିଷ୍ଣୁଦତ୍ତ ନାମକ ଜଣେ ବ୍ରାହ୍ମଣଙ୍କୁ ବିବାହ କରିଥିଲି । ସେ ଜଣେ ପ୍ରସିଦ୍ଧ ଅଧ୍ୟାପକ ଓ ବେଦବିଦ୍ୟାବିଶାରଦ । ବହୁ ଦୂରରୁ ଶିଷ୍ୟମାନେ ଆସି ତାଙ୍କ ନିକଟରେ ବିଦ୍ୟା ଅଧ୍ୟୟନ କରନ୍ତି । ଏହି ଶିଷ୍ୟମାନଙ୍କ ମଧ୍ୟରେ ସୁନ୍ଦରକ ନାମରେ ଜଣେ ଅତି ବିନୟୀ, ସଦାଚାରୀ ଯୁବକ ଥିଲେ । କାଳରାତ୍ରି ଦିନେ ପତିଙ୍କ ଅନୁପସ୍ଥିତିରେ ଏହାଙ୍କ ସହ ସମ୍ଭୋଗ ଇଚ୍ଛା ପ୍ରକାଶ କଲା । ପ୍ରକୃତରେ କୁତ୍ସିତରୂପଶାଳୀମାନଙ୍କ ମନ ମଧ୍ୟରେ ହିଁ କନ୍ଦର୍ପ ବିଶେଷ ପରିମାଣରେ ବାସ କରେ । ନିଜର ରୂପ ପ୍ରତି ଦୃଷ୍ଟି ନଦେଇ କାଳରାତ୍ରି ଏ ପ୍ରକାର ପ୍ରସ୍ତାବ ଓ ପ୍ରାର୍ଥନା କଲେ ହେଁ ସୁନ୍ଦରକ ଗୁରୁପତ୍ନୀ ହରଣ ରୂପ ଗୁରୁତର କୁକର୍ମ କରିବା ନିମନ୍ତେ ସମ୍ମତ ହେଲେ ନାହିଁ ।

ବହୁ ଅନୁନୟ ବିନୟ ପରେ ମଧ୍ୟ ସୁନ୍ଦରକ ଅସମ୍ମତ ହେବାରୁ କାଳରାତ୍ରି ନଖଦ୍ୱାରା ନିଜର ଶରୀରକୁ କ୍ଷତବିକ୍ଷତ କରିଦେଲା ଏବଂ ପରିଧେୟ ଓ କେଶରାଶି ଅସ୍ତବ୍ୟସ୍ତ କରି ଗୃହ ମଧ୍ୟରେ ଉଚ୍ଚ ସ୍ୱରରେ ବିଳାପ କରିବାକୁ ଲାଗିଲା । ଏହି ସମୟରେ ବିଷ୍ଣୁସ୍ୱାମୀ ଆସି ଉପସ୍ଥିତ ହେଲେ । ସେ ଆସିବା ସଙ୍ଗେ ସଙ୍ଗେ କାଳରାତ୍ରି ତାଙ୍କ ନିକଟରେ ନିବେଦନ କଲା 'ଦେଖ ତୁମର ପ୍ରିୟ ଶିଷ୍ୟ ମୋ ଉପରେ ଅତ୍ୟାଚାର କରି ମୋର ଅବସ୍ଥା କପରି କରି

Digitized by srujanika@gmail.com

ପକାଇଅଛି ।' ଏଥିରେ ବିଷ୍ଣୁସ୍ୱାମୀଙ୍କ ମନରେ ଭୟଙ୍କର କ୍ରୋଧ ହେଲା ପ୍ରକୃତରେ ସ୍ତ୍ରୀମାନଙ୍କ ପ୍ରତି ବିଶ୍ୱାସ, ପଣ୍ଡିତମାନଙ୍କର ସମସ୍ତ ବିଚାରଶକ୍ତିକୁ ନଷ୍ଟ କରିଦିଏ । ସନ୍ଧ୍ୟାରେ ସୁନ୍ଦରକ ଅନ୍ୟାନ୍ୟ ସହାଧ୍ୟାୟୀଙ୍କ ସହ ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତେ ବିଷ୍ଣୁସ୍ୱାମୀ ତାଙ୍କୁ ଖୁବ୍ ପ୍ରହାର କଲେ ଏବଂ ସେ ଅଚେତ ହୋଇ ପଡ଼ିବାରୁ ତାଙ୍କୁ ନେଇ ରାଜରାସ୍ତା ଉପରେ ନିକ୍ଷେପ କରିଦେଲେ ।

ରାତ୍ରିର ଶୀତଳବାୟୁ ସ୍ପର୍ଶରେ ତାଙ୍କର ଚେତନା ଫେରି ଆସିବାରୁ ସେ ଚିନ୍ତା କରିବାକୁ ଲାଗିଲେ, 'ପ୍ରଚଣ୍ଡ ବାତ୍ୟା ଯେପରି ପୁଷ୍କରିଣୀର ଜଳକୁ ମଳିନ ଓ କ୍ଷୁବ୍ଧ କରେ ସେହିପରି ରଜୋଗୁଣଯୁକ୍ତ ଲୋକମାନଙ୍କର ଚିତ୍ତକୁ ସ୍ତ୍ରୀମାନଙ୍କ ପ୍ରେରଣା କଳୁଷିତ କରିଦିଏ । ତେଣୁ ଗୁରୁଦେବ ମୋ ପ୍ରତି ଏପରି ଅନୁଚିତ ଆଚରଣ କଲେ । ସୃଷ୍ଟିର ପ୍ରାରମ୍ଭରୁ ବ୍ରାହ୍ମଣମାନେ କାମ, କ୍ରୋଧ ପ୍ରଭୃତି ମୋକ୍ଷମାର୍ଗ ବିରୋଧୀ ଶତ୍ରୁମାନଙ୍କଦ୍ୱାରା ପରାଜିତ । ପୂର୍ବକାଳରେ ନିଜର ସ୍ତ୍ରୀମାନଙ୍କୁ ନଷ୍ଟଚରିତ୍ର ହେବାର ଦେଖି ଋଷିମାନେ ଈଶ୍ୱରଙ୍କ ଉପରେ କ୍ରୋଧାନ୍ୱିତ ହୋଇଥିଲେ । ଏମାନେ କ୍ଷପଣକ ରୂପଧାରୀ ମହାଦେବଙ୍କୁ ଚିହ୍ନିବା ନିମନ୍ତେ ପ୍ରଥମେ ସମର୍ଥ ହୋଇପାରି ନଥିଲେ । କିନ୍ତୁ ତାଙ୍କଦ୍ୱାରା ଶାପଗ୍ରସ୍ତ ହୋଇ ସେମାନେ ଶିବଙ୍କ ପ୍ରକୃତ ସ୍ୱରୂପ ଚିହ୍ନିପାରି ତାଙ୍କୁ ସ୍ତୁତି ସ୍ତୋତ୍ରଦ୍ୱାରା ସନ୍ତୁଷ୍ଟ କରିବା ନିମନ୍ତେ ଚେଷ୍ଟା କରିଥିଲେ । ଏପରି କାମ, କ୍ରୋଧ ପ୍ରଭୃତି ଷଡ଼ରିପୁଦ୍ୱାରା ମୁନିଋଷିମାନେ ଯେତେବେଳେ ମୋହିତ ହୋଇ ପଡ଼ୁଛନ୍ତି, ସେତେବେଳେ ବେଦପାଠୀ ଗୁରୁଙ୍କ କଥା ଅବା କଣ କୁହାଯିବ ?' ଏହିପରି ଚିନ୍ତାକରି ସୁନ୍ଦରକ ଦସ୍ୟୁ ଭୟରେ ଗୋଟିଏ ଗୋଶାଳାରେ ଯାଇ ଆଶ୍ରୟ ନେଲେ ।

ଗୋଶାଳାର ଗୋଟିଏ କୋଣରେ ଆତ୍ମଗୋପନ କରି ରହିଥିବାବେଳେ କାଳରାତ୍ରି ଆସି ସେଠାରେ ଉପସ୍ଥିତ ହେଲା । ସେ ହସ୍ତରେ ଗୋଟିଏ ଛୁରିକା ଧାରଣ କରିଥାଏ ଏବଂ ତାର ମୁଖ ଓ ଚକ୍ଷୁରୁ ଅଗ୍ନି ନିର୍ଗତ ହେଉଥାଏ । ବହୁ ଡାକିନୀ ତା ସହିତ ଆସି ସେଠାରେ ଉପସ୍ଥିତ ହେଲେ । ଏହାକୁ ଦେଖି ସୁନ୍ଦରକ 'ରକ୍ଷୋଘ୍ନ' ମନ୍ତ୍ରପାଠ କରିବାକୁ ଲାଗିଲେ । ଏହି ମନ୍ତ୍ରପାଠରେ ମୋହିତା ଓ ଭୀତା କାଳରାତ୍ରି ସୁନ୍ଦରକଙ୍କୁ ଦେଖିପାରିଲା ନାହିଁ ।

Digitized by srujanika@gmail.com

ଏହାପରେ ଡାକିନୀ ସଖୀମାନଙ୍କ ସହ ସେ ଉଡ୍ଡପତନ ମନ୍ତ୍ର ପାଠକଲା । ଫଳରେ ସେମାନେ ସେହି ଗୋଶାଳା ସହ ଆକାଶମାର୍ଗରେ ଉଜ୍ଜୟିନୀ ନଗରକୁ ଯାତ୍ରା କଲେ । ଏହି ସମୟ ମଧ୍ୟରେ ସୁନ୍ଦରକ ଶୁଣି ଶୁଣି ଏହି ମନ୍ତ୍ରଟିକୁ ମନେରଖି ନେଇଥିଲେ । ଉଜ୍ଜୟିନୀରେ ପହଞ୍ଚି ଗୋଟିଏ ଶାକକ୍ଷେତ୍ର ମଧ୍ୟରେ ଗୋଶାଳାଟିକୁ ରଖି ସେମାନେ ଶ୍ମଶାନରେ ଯାଇ କ୍ରୀଡ଼ା କରିବାକୁ ଲାଗିଲେ । ଏହି ଅବସରରେ ସୁନ୍ଦରକ କ୍ଷୁଧା ସହ୍ୟ କରି ନପାରି ସେହି ଗୃହରୁ ବହିର୍ଗତ ହେଲେ ଏବଂ କିଛି କନ୍ଦମୂଳ ଖୋଳି ଭକ୍ଷଣ କଲେ । ଏହି ସମୟରେ କାଳରାତ୍ରି ଫେରି ଆସିବାରୁ ସେ ନିଜର ସ୍ଥାନରେ ଆସି ପୁଣି ଆତ୍ମଗୋପନ କଲେ । କାଳରାତ୍ରି ମଧ୍ୟ ପୁଣି ମନ୍ତ୍ରବଳରେ ଗୋଶାଳା ସହ ସ୍ୱଗୃହକୁ ଫେରି ଆସିଲା ।

ପୁନର୍ବାର କାଳରାତ୍ରି ଫେରିଆସିବା ଉପରେ ସୁନ୍ଦରକ ଅତି କଷ୍ଟରେ ରାତ୍ରି ଟି ଅତିବାହିତ କଲେ । ପ୍ରଭାତରୁ ସେ ଗୋଶାଳା ପରିତ୍ୟାଗ କରି ନିଜର ମିତ୍ରମାନଙ୍କ ନିକଟରେ ପହଞ୍ଚିଲେ ଏବଂ ସେମାନଙ୍କୁ ସମସ୍ତ ବୃତ୍ତାନ୍ତ ଶୁଣାଇଲେ । ସେ ବିଦେଶ ଗମନ କରିବା ପାଇଁ ପ୍ରସ୍ତୁତ ହେବାରୁ ମିତ୍ରମାନେ ତାଙ୍କୁ ସେଥିରୁ କ୍ଷାନ୍ତ କଲେ । କିନ୍ତୁ ସେ ଗୁରୁଗୃହ ପରିତ୍ୟାଗ କରି ଅନ୍ନଛତ୍ରର ଆଶ୍ରୟ ନେଲେ ଏବଂ ସ୍ୱତନ୍ତ୍ରତାପୂର୍ବକ ମିତ୍ରମାନଙ୍କ ସହ ଭ୍ରମଣ କରିବାକୁ ଲାଗିଲେ । ଦିନେ ସେ ନଗର ମଧ୍ୟରେ ବୁଲୁଥିବାବେଳେ ସଉଦା କରିବା ପାଇଁ ଆସିଥିବା କାଳରାତ୍ରି ତାଙ୍କୁ ଦେଖିନେଲା । ସେ ତାଙ୍କ ନିକଟକୁ ଆସି ନିବେଦନ କଲା, 'ସୁନ୍ଦରକ ! ତୁମ ପାଇଁ ବର୍ତ୍ତମାନ ସୁଦ୍ଧା ପ୍ରତୀକ୍ଷା କରିଛି । ମୁଁ କାମପୀଡ଼ାରେ ସନ୍ତପ୍ତ । ମୋତେ ଉପଭୋଗ କରି ମୋର ଜୀବନ ରକ୍ଷା କର ।' ଏହାର ଉତ୍ତରରେ ସୁନ୍ଦରକ କହିଲେ, 'ମାତା, ଏପରି କହନ୍ତୁ ନାହିଁ । ଗୁରୁପତ୍ନୀ ହରଣ ମହାପାପ । ତୁମେ ମୋର ମାତୃତୁଲ୍ୟ ଓ ଗୁରୁପତ୍ନୀ ।' କାମାର୍ତ୍ତା କାଳରାତ୍ରି ଏଥିରେ ପ୍ରତିବାଦ କରି କହିଲା, 'ତୁମର ଯଦି ଧର୍ମ ଭୟ ଅଛି ତେବେ ମୋର ପ୍ରାଣରକ୍ଷା କରିବା କଣ ତୁମର ଧର୍ମ ନୁହେଁ ?' କିନ୍ତୁ ସୁନ୍ଦରକ ଏଥିରେ ସମ୍ମତ ନ ହେବାରୁ ସେ ନିଜର ବସ୍ତ୍ରାଞ୍ଚଳ ଛିନ୍ନକରି ଗୃହକୁ ପ୍ରତ୍ୟାବର୍ତ୍ତନ କଲା ଏବଂ ନିଜ ସ୍ୱାମୀଙ୍କୁ କହିଲା, 'ଦେଖ ! ସୁନ୍ଦରକ ମୋର କି ଦଶା କରିଅଛି ?' ଏହା ଶୁଣି ବିଷ୍ଣୁଦତ୍ତ ଏହାର ମୃତ୍ୟୁକାମନା କରି ଅନ୍ନ-ଛତ୍ରରେ ଭୋଜନ ପ୍ରଦାନ ନିଷେଧ କରିଦେଲେ ।

Digitized by srujanika@gmail.com

ଗୋଶାଳାରେ ଶିକ୍ଷା କରିଥିବା ମନ୍ତ୍ରଦ୍ୱାରା ସେ ଅନ୍ୟତ୍ର ଗୃହ୍ଲାଯିବା ନିମନ୍ତେ ଉଦ୍ୟତ ହେଲେ କିନ୍ତୁ ଅବତରଣ କରିବା ମନ୍ତ୍ର ମନେରଖି ପାରିନଥିବା ହେତୁ ପୁଣି ଯାଇ ସେଠାରେ ଗୁପ୍ତଭାବରେ ଅପେକ୍ଷା କଲେ । ପୂର୍ବପରି କାଳରାତ୍ରି ସେଠାରେ ଉପସ୍ଥିତ ହୋଇ ଗୋଶାଳା ସହ ଉନ୍ମୁକ୍ତିରେ ଉଡ଼ିଗଲା । ସେ ଅବତରଣ କରିବା ସମୟରେ ଯେଉଁ ମନ୍ତ୍ର ଉଚ୍ଚାରଣ କଲା, ସୁନ୍ଦରକ ତାହା ଶୁଣି ମଧ୍ୟ ମନେରଖି ପାରିଲେ ନାହିଁ । କାରଣ ବିନା ଗୁରୁରେ କୌଣସି ଶିକ୍ଷା ସମାପ୍ତ ହୋଇ ନଥାଏ । ଏହି ଶ୍ମଶାନରେ ସୁନ୍ଦରକ ପୂର୍ବପରି କିଛି କନ୍ଦମୂଳ ଆହାରପୂର୍ବକ କ୍ଷୁଧା ନିବାରଣ କଲେ ଏବଂ କେତେକ ସଙ୍ଗରେ ନେଇଯିବା ନିମନ୍ତେ ନିକଟରେ ରଖିଲେ । ଏହାପରେ କାଳରାତ୍ରି ନିଜର ଗ୍ରାମକୁ ଫେରିଆସିଲା । ସୁନ୍ଦରକ ପ୍ରଭାତରୁ ସେହି କନ୍ଦାଗୁଡ଼ିକୁ ବିକ୍ରି କରି ଖାଦ୍ୟ ସାମଗ୍ରୀ ଆଣିବା ନିମନ୍ତେ ନଗର ମଧ୍ୟରେ ପ୍ରବେଶ କଲେ ।

ସେ ସେଗୁଡ଼ିକୁ ବିକୁଥିବାବେଳେ ମାଳବର ରାଜକର୍ମଚାରୀମାନେ ଏହା ମାଳବରାଜ୍ୟର କନ୍ଦ କହି ତାଙ୍କୁ ରାଜାଙ୍କ ନିକଟରେ ନେଇ ଉପସ୍ଥିତ କଲେ । ସେମାନେ ରାଜାଙ୍କୁ କହିଲେ, 'ଆମେ ଏହାକୁ ମାଳବର କନ୍ଦା ଆଣି କନୌଜରେ କପଟ ବିକ୍ରି କରୁଛ ବୋଲି ଜିଜ୍ଞାସା କରିବାରୁ ଏ କୌଣସି ଉତ୍ତର ପ୍ରଦାନ ନକରି ଆମ ଉପରକୁ ପ୍ରସ୍ତର ଖଣ୍ଡ ସବୁ ନିକ୍ଷେପ କରିବାକୁ ଲାଗିଲା ।' ରାଜା ମଧ୍ୟ ଏଥିରେ ବିସ୍ମିତ ହୋଇ ଏହାର ବୃତ୍ତାନ୍ତ ଶୁଣିବାକୁ ଚାହିଁଲେ । ସେତେବେଳେ ସୁନ୍ଦରକଙ୍କ ମିତ୍ରମାନେ କହିଲେ, 'ଏହାଙ୍କୁ ଆମ ସହିତ ରାଜପ୍ରାସାଦର ଶୀର୍ଷଭାଗରେ ଉପସ୍ଥିତ କରାଇଲେ, ଆମେ ଏହି ବିସ୍ମୟକର ବୃତ୍ତାନ୍ତ ପ୍ରକାଶ କରିବୁ ।' ଏହା ସ୍ୱୀକାର କରି ରାଜା ତାଙ୍କୁ ରାଜଭବନ ଉପରେ ଉପସ୍ଥିତ କରାଇବାରୁ ସେ ତତ୍କ୍ଷଣାତ ମନ୍ତ୍ର ପ୍ରଭାବରେ ରାଜଭବନ ସହ ଆକାଶମାର୍ଗରେ ପଳାୟନ କଲେ । କିଛି ସମୟ ପରେ ସେ ପ୍ରୟାଗରେ ଉପସ୍ଥିତ ହୋଇ କୌଣସି ରାଜାଙ୍କୁ ଗଙ୍ଗାନଦୀରେ ସ୍ନାନ କରୁଥିବା ଦେଖିବାକୁ ପାଇଲେ । ସେଠାରେ ଆକାଶମାର୍ଗରେ ହିଁ ରାଜଭବନଟିକୁ ସ୍ଥଗିତ ରଖି ସୁନ୍ଦରକ ଗଙ୍ଗାଗର୍ଭକୁ ଲମ୍ଫ ପ୍ରଦାନ କଲେ । ଏହାଙ୍କୁ ଦେଖି ଉକ୍ତ ରାଜା ତାଙ୍କର ପରିଚୟ ଓ ଆକାଶରୁ ଅବତରଣ କରିବାର କାରଣ ଜିଜ୍ଞାସା କରନ୍ତେ ଉତ୍ତରରେ ଚତୁର ସୁନ୍ଦରକ କହିଲେ, 'ମୁଁ ମୁରଜଳ ନାମକ ଶିବପରିଚାରକ ସାଂସାରିକ ଭୋଗ ପାଇଁ ତାଙ୍କ ଆଦେଶରେ ମୁଁ ତୁମ

ନିକଟରେ ଆସି ଉପସ୍ଥିତ ହୋଇଅଛି ।' ଏହା ସତ୍ୟ ବୋଲି ଭାବି ରାଜା ଏହାଙ୍କୁ ଧନରତ୍ନ, ବାସଗୃହ ଓ ନାରୀ, ପଟ୍ଟଗୃହିକା ତଥା ନିଜ ରାଜ୍ୟରେ ଗୋଟିଏ ନଗର ପ୍ରଦାନ କଲେ । ଏହି ନଗରରେ ରହି ଏବଂ ମିତ୍ରମାନଙ୍କ ସହ ଆକାଶରେ ବିଚରଣ କରି ସେ ଭୋଗବିଳାସରେ ଦିନ ଯାପନ କରିବାକୁ ଲାଗିଲେ । ଏହା ମଧ୍ୟରେ ସୁନ୍ଦରକ ସ୍ତୁତିଦ୍ୱାରା ପ୍ରସନ୍ନ କରି କୌଣସି ଆକାଶଚାରୀ ସିଦ୍ଧଙ୍କଠାରୁ ଅବତରଣ କରିବା ମନ୍ତ୍ର ମଧ୍ୟ ଶିକ୍ଷାକରି ନେଇଥିଲେ । ଏହି ମନ୍ତ୍ର ଲାଭକରି ସୁନ୍ଦରକ ପୁଣି କନୌଜ ଫେରିଗଲେ । ସମ୍ପୂର୍ଣ୍ଣ ନଗର ଓ ପ୍ରଭୂତ ଧନରାଶି ସହ ଆକାଶରୁ ଓହ୍ଲାଇବା ଦେଖି ସ୍ୱୟଂ କନୌଜ ନରପତି ତାଙ୍କ ନିକଟରେ ଆସି ଉପସ୍ଥିତ ହେଲେ ଏବଂ ତାଙ୍କର ପରିଚୟ ଲାଭକରି ଜିଜ୍ଞାସା କରିବାରୁ କାଳରାତ୍ରିର ସମସ୍ତ ବୃତ୍ତାନ୍ତ ସେ ତାଙ୍କ ନିକଟରେ ପ୍ରକାଶ କଲେ । ରାଜା କାଳରାତ୍ରିକୁ ଡକାଇ ଏ ସମ୍ପର୍କରେ ପଚାରିବାରୁ ସେ ନିର୍ଭୟରେ ସମସ୍ତ ସ୍ୱୀକାର କରିଗଲା । ଏଥିରେ କ୍ରୋଧାନ୍ୱିତ ହୋଇ ରାଜା ତା'ର ନାସିକା ଓ ଶ୍ରବଣ କର୍ତ୍ତନ କରିବା ନିମନ୍ତେ ଉଦ୍ୟତ ହୁଅନ୍ତେ ସେ ସମସ୍ତଙ୍କ ସମ୍ମୁଖରେ ହିଁ ଅଦୃଶ୍ୟ ହୋଇଗଲା । ଏହାପରେ ରାଜା ତାକୁ ରାଜ୍ୟରୁ ନିର୍ବାସିତ କରାଗଲା ବୋଲି ଘୋଷଣା କଲେ ଏବଂ ସୁନ୍ଦରକଙ୍କୁ ସମ୍ମାନିତ କଲେ । ସୁନ୍ଦରକ ମଧ୍ୟ ରାଜାଙ୍କ ଆଦେଶ ନେଇ ପୁଣି ନିଜର ନଗର ମଧ୍ୟକୁ ଫେରିଗଲେ ।

ରାଣୀ କୁବଳୟାବଳୀ ରାଜା ଆଦିତ୍ୟପ୍ରଭଙ୍କୁ ଏ ପ୍ରକାର କଥା ଶୁଣାଇ କହିଲେ, 'ମହାରାଜ ! ଡାକିନୀ-ମନ୍ତ୍ର-ସିଦ୍ଧି ଏ ପ୍ରକାର ହୋଇଥାଏ । ଏ ସମସ୍ତ ସମାଚାର ମୋର ପିତାଙ୍କ ରାଜ୍ୟରେ ପ୍ରସିଦ୍ଧ । ମୁଁ ମଧ୍ୟ ଏହି ଡାକିନୀ କାଳରାତ୍ରିଙ୍କର ଶିଷ୍ୟା । ପତିବ୍ରତା ହୋଇଥିବା ଯୋଗୁଁ ମୁଁ ଏ ବିଦ୍ୟାରେ ଅଧିକ ଉନ୍ନତି ଲାଭ କରିଅଛି । ତୁମର ମଙ୍ଗଳକାମନା କରି ଆଜି ପୂଜା କରୁଥିବାବେଳେ ତୁମେ ଏହା ଜାଣିପାରିଲ । ମୁଁ ବଳୀପ୍ରଦାନ କରିବା ନିମନ୍ତେ ଉପଯୁକ୍ତ ମନୁଷ୍ୟକୁ ଆକୃଷ୍ଟ କରିବାରେ ଉଦ୍ୟତ ଥିଲି । ତେଣୁ ତୁମେ ମଧ୍ୟ ଏ ଦୀକ୍ଷା ଗ୍ରହଣ କରି ସମସ୍ତ ଶତ୍ରୁ ରାଜାଙ୍କୁ ପରାଜିତ କର ।
'ନରମାଂସାହାରୀ ଡାକିନୀ ଓ ମୁଁ—ସମ୍ପୂର୍ଣ୍ଣ ଭିନ୍ନ । ଏହା ମୋଦ୍ୱାରା ହୋଇ ପାରିବ ନାହିଁ', ବୋଲି ରାଜା ନିଜର ଅସାମର୍ଥ୍ୟ ଜଣାଇ ଦେଲେ । କିନ୍ତୁ ରାଣୀ ଯେତେବେଳେ ନିଜର ପ୍ରାଣ ବିସର୍ଜନ କରିବା ପାଇଁ ପ୍ରସ୍ତୁତ ହେଲେ, ସେତେବେଳେ ରାଜା ବାଧ୍ୟ ହୋଇ ଏଥିରେ ସମ୍ମତ ହେଲେ ।

Digitized by srujanika@gmail.com

ଏହାପରେ ରାଣୀ ରାଜାଙ୍କୁ ମଣ୍ଡଳ ମଧ୍ୟରେ ବସାଇ କହିଲେ, 'ତୁମ ନିକଟରେ ଏହି ଯେଉଁ ଫଳଭୂତି ନାମକ ବ୍ରାହ୍ମଣ ଅଛି, ତାକୁ ହିଁ ମୁଁ ବଳିଦେବା ନିମନ୍ତେ ଆକୃଷ୍ଟ କରିବା ସକାଶେ ନିଶ୍ଚୟ କରିଥିଲି । କିନ୍ତୁ ମୋତେ ଭୟଙ୍କର କଷ୍ଟ ହେଲା ଏଣୁ ତୁମେ ଏପରି କିଛି ଉପାୟ କର ଯାହା ଫଳରେ କୌଣସି ଲୋକ ତାକୁ ନିଜେ ହତ୍ୟାକରି ଆମକୁ ଖାଇବା ପାଇଁ ଦେବ । ତୁମେ ଏ ମାଂସ ଖାଇବାରେ ଘୃଣାପ୍ରକାଶ କରିବା ଅନୁଚିତ । ପୂଜା ଶେଷ ହେଲେ ନିଶ୍ଚିତ ଭାବରେ ସିଦ୍ଧି ଲାଭ ହେବ । ପ୍ରିୟତମା ପତ୍ନୀଙ୍କ-ଦ୍ୱାରା ଏହିପରି ଅନୁରୁଦ୍ଧ ହୋଇ ରାଜା ପାପ ପ୍ରତି ଭୟ କରୁଥିଲେ ହେଁ ଏଥିରେ ସମ୍ମତ ହେଲେ; କାରଣ ନାରୀ ପ୍ରତି ଅନୁରକ୍ତି ପ୍ରାୟ ଦୁଃଖର ହିଁ କାରଣ ହୋଇଥାଏ ।

ଏହାପରେ ରାଜା ସାହସିକ ନାମକ ପାଚକକୁ ଡ଼ାକି ତାକୁ ଅଭୟ ପ୍ରଦାନପୂର୍ବକ ନିଜ ଧର୍ମରେ ଦୀକ୍ଷିତ କରାଇ କହିଲେ, 'ଆଜି ରାଜା, ରାଣୀଙ୍କ ସହ ଭୋଜନ କରିବେ, ଏଣୁ ଚଞ୍ଚଳ ଭୋଜନ ପ୍ରସ୍ତୁତ କର'—ଏହା ତୁମକୁ ଯାଇ ଯେ କହିବ ତାକୁ ହତ୍ୟାକରି ସେହି ମାଂସଦ୍ୱାରା ଆଜି ପ୍ରାତଃକାଳରେ ଆମ ଦୁହିଙ୍କ ଭୋଜନ ପାଇଁ ସୁମିଷ୍ଟ ଖାଦ୍ୟ ପ୍ରସ୍ତୁତ କରିବ । ସେ ବ୍ରାହ୍ମଣ ଏଥିରେ ସମ୍ମତ ହୋଇ ପ୍ରସ୍ଥାନ କଲା । ତା ପରେ ରାଜାଙ୍କୁ ସାକ୍ଷାତ କରିବା ନିମନ୍ତେ ଆସିଥିବା ଫଳଭୂତିଙ୍କୁ ରାଜା ଆଦେଶ ଦେଲେ ଯେ, 'ଯାଅ ! ପାକଶାଳାକୁ ଯାଇ ସାହସିକ ନାମକ ବ୍ରାହ୍ମଣକୁ କହ, 'ଆଜି ରାଜା ଓ ରାଣୀ ଏକତ୍ର ଭୋଜନ କରିବେ, ତେଣୁ ଚଞ୍ଚଳ ଭୋଜନ ପ୍ରସ୍ତୁତ କର ।'

ଫଳଭୂତି ଆଦେଶ ନେଇ ସେହି ଗୃହରୁ ବହିର୍ଗତ ହେବା ମାତ୍ରେ ରାଜକୁମାର ଚନ୍ଦ୍ରପ୍ରଭ ଆସି ତାଙ୍କୁ କିଛି ସୁବର୍ଣ୍ଣ ଦାନକରି କହିଲେ ଯେ ପିତାଙ୍କ ପାଇଁ ଯେପରି ଦୁଇଟି କୁଣ୍ଡଳ ତିଆରି କରି ଆଣିଥିଲ, ସେହିପରି ଦୁଇଟି ମୋ ପାଇଁ ଚଞ୍ଚଳ ତିଆରି କରି ନେଇଆସ । ରାଜକୁମାରଙ୍କ ଆଜ୍ଞାରେ ଫଳଭୂତି ତୁରନ୍ତ କୁଣ୍ଡଳ ତିଆରି କରାଇବା ପାଇଁ ଚାଲିଗଲେ ଏବଂ ରାଜ-କୁମାର ଫଳଭୂତିଙ୍କ ଅନୁରୋଧରେ ପିତାଙ୍କ ଆଦେଶ ସାହସିକକୁ ଜଣାଇବା ସକାଶେ ପାକଶାଳା ଅଭିମୁଖରେ ଅଗ୍ରସର ହେଲେ । ସେଠାରେ ସାହସିକ ଆଗରୁ ପ୍ରସ୍ତୁତ ହୋଇ ରହିଥିଲା । ରାଜକୁମାର ଯାଇ ସନ୍ଦେଶ ପ୍ରଦାନ କରିବା

Digitized by srujanika@gmail.com

ମାସେ ସେ ତାଙ୍କୁ ନିଜର ଛୁରିକାଦ୍ୱାରା ହତ୍ୟାକରି ସେହି ମାଂସରେ ଭୋଜନ ପ୍ରସ୍ତୁତ କଲା । ରାଜା ଓ ରାଣୀ ଉପାସନାପୂର୍ବକ ଆନନ୍ଦରେ ସେହି ମାଂସ ଭକ୍ଷଣ କରି ସିଦ୍ଧି ଲାଭ କଲେ ।

ପଶ୍ଚାତ୍ତାପରେ ପୀଡ଼ିତ ହୋଇ ରାଜା ଅତି କଷ୍ଟରେ ରାତିଟି କଟାଇଲେ । ପ୍ରଭାତରୁ ହାତରେ କୁଣ୍ଡଳ ନେଇ ଆସୁଥିବା ଫଳଭୂତିଙ୍କୁ ଦେଖି ସେ ତାଙ୍କୁ କୁଣ୍ଡଳର ସମାଚାର ଜିଜ୍ଞାସା କଲେ । ଏହାଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ରାଜା ମୂର୍ଚ୍ଛିତ ହୋଇପଡ଼ିଲେ । ସେ ସଚେତନ ହୋଇ ରାଣୀଙ୍କ ସହ 'ହା ପୁତ୍ର, ହା ପୁତ୍ର' ବୋଲି ଅତି କରୁଣଭାବରେ ବିଳାପ କରିବାକୁ ଲାଗିଲେ । ମନ୍ତ୍ରୀମାନେ ଏହାର କାରଣ ଜିଜ୍ଞାସା କରନ୍ତେ ରାଜା ସମସ୍ତ ବୃତ୍ତାନ୍ତ ସେମାନଙ୍କ ନିକଟରେ ପ୍ରକାଶ କଲେ । ତା ସଙ୍ଗେ ସଙ୍ଗେ ଫଳଭୂତି ଯାହା ସର୍ବଦା ଆବୃତ୍ତି କରୁଥାଆନ୍ତି, ତାଙ୍କୁ ମଧ୍ୟ କହିଲେ । ଭଲ କରିବା ଲୋକ ଭଲ ଫଳପାଏ ଏବଂ ମନ୍ଦ କର୍ମ କରିବା ଲୋକ ସେହିପରି ମନ୍ଦ ଫଳ ଲାଭ କରିଥାଏ । ଆମେ ବ୍ରହ୍ମହତ୍ୟା କରିବା ପାଇଁ ଚେଷ୍ଟା କରିଥିଲୁ, ତେଣୁ ନିଜ ପ୍ରାଣପ୍ରିୟ ପୁତ୍ରକୁ ହରାଇଲୁ । ଏହା କହି ସେ ସମଗ୍ର ରାଜ୍ୟ ଫଳଭୂତିଙ୍କୁ ପ୍ରଦାନ କଲେ ଏବଂ ପୁତ୍ରଶୋକରେ ବ୍ୟଥିତ ହୋଇ ଅଗ୍ନି ମଧ୍ୟରେ ରାଣୀଙ୍କ ସହ ପ୍ରବେଶ କରି ପ୍ରାଣ ବିସର୍ଜନ କଲେ । ଫଳଭୂତ ରାଜ୍ୟଶାସନ କରି ଅତି ଆନନ୍ଦରେ ଜୀବନ ଯାପନ କଲେ । ତେଣୁ ଭଲ ବା ମନ୍ଦ ଯାହା କରାଯାଉ, ନିଜ ହିଁ ତାର ଫଳ ଭୋଗ କରିବାକୁ ପଡ଼ିଥାଏ ।

ମହାମନ୍ତ୍ରୀ ଯୌଗନ୍ଧରାୟଣ ଉଦୟନଙ୍କୁ ଏହି କଥା ଶୁଣାଇ କହିଲେ, 'ମହାରାଜ ! ପରାସ୍ତ କରିବା ପରେ ମଧ୍ୟ ଆପଣ ବ୍ରହ୍ମଦତ୍ତଙ୍କ କଲ୍ୟାଣ କାମନା କରିଛନ୍ତି । ଯଦି ସେ ବର୍ତ୍ତମାନ ଶତ୍ରୁତା ଆଚରଣ କରନ୍ତି, ତେବେ ସେ ନିଶ୍ଚିତଭାବରେ ଦଣ୍ଡିତ ହେବେ ।' ଏହା ଶୁଣି ରାଜା ଉଦୟନ ପ୍ରୀତ ହୋଇ ନିତ୍ୟକର୍ମ ଶେଷ କରିବା ନିମନ୍ତେ ପ୍ରସ୍ଥାନ କଲେ ।

ପରଦିନ ସମସ୍ତ ରାଜାଙ୍କୁ ଜୟ କରିଥିବା ସମ୍ରାଟ ଉଦୟନ ସଦଳବଳେ କୌଶାମ୍ବୀ ଅଭିମୁଖରେ ଯାତ୍ରା କଲେ । କୌଶାମ୍ବୀରେ ଉପସ୍ଥିତ ହୁଅନ୍ତେ ପ୍ରାସାଦମାନଙ୍କର ଉପରେ ଉଡ଼ୁଥିବା ପତାକାଗୁଡ଼ିକ ଆନନ୍ଦରେ ନୃତ୍ୟ

Digitized by srujanika@gmail.com

କରିବାକୁ ଲାଗିଲେ । ବନ୍ଦୀମାନଙ୍କଦ୍ୱାରା ପ୍ରଶଂସିତ, ସାମନ୍ତ ରାଜାମାନଙ୍କଦ୍ୱାରା ଅଭିନନ୍ଦିତ ଓ ପୁରବାସୀଙ୍କଦ୍ୱାରା ସମ୍ମାନିତ ରାଜା ଉଦୟନ ନିଜର ଭବନ ମଧ୍ୟରେ ଯାଇ ପ୍ରବେଶ କଲେ । ଏହାପରେ ସେ ପୂର୍ବପୁରୁଷମାନଙ୍କର ଗୌରବାବହ ସିଂହାସନ ଉପରେ ଆରୋହଣ କରି ରାଜ୍ୟ ପରିପାଳନା କରିବାକୁ ଲାଗିଲେ । ବାଦ୍ୟନାଦରେ ପୃଥିବୀ ପ୍ରକମ୍ପିତ ହୋଇଉଠିଲା । ଦେବତାମାନେ ସାଧୁ ସାଧୁ କଲେ । ଏହାପରେ ଲୋଭରହିତ ରାଜା ଉଦୟନ ଅର୍ଜିତ ଧନ ସମ୍ପତ୍ତି ବ୍ରାହ୍ମଣମାନଙ୍କୁ ପ୍ରଦାନ କଲେ । ରାଜ୍ୟବାସୀ ମଧ୍ୟ ରାଜାଙ୍କଠାରୁ ଯଥେଷ୍ଟ ଧନଧାନ୍ୟ ଲାଭକରି ଆନନ୍ଦ ଉତ୍ସବରେ ନିମଜ୍ଜିତ ହେଲେ । ଏହିପରି ସମଗ୍ର ପୃଥିବୀକୁ ଜୟ କରିଥିବା ମାଣ୍ଡନପୁଣ ଉଦୟନ ସୁଯୋଗ୍ୟ ସେନାପତି ରୁମଣ୍ୱାନ ଓ ଚତୁର ପ୍ରଧାନମନ୍ତ୍ରୀ ଯୌଗନ୍ଧରାୟଣଙ୍କ ଉପରେ ରାଜଂଶାସନ ଭାର ଅର୍ପଣ କରି ବାସବଦତ୍ତା ଓ ପଦ୍ମାବତୀଙ୍କ ସହ ସାଂସାରିକ ସୁଖ ଉପଭୋଗ କରିବାକୁ ଲାଗିଲେ ।

Digitized by srujanika@gmail.com

ଚତୁର୍ଥ ଭାରତ

"କଣ୍ଠତାଳବଳାଘାତସୀମନ୍ତକୁଳାଚଳଃ
ଯନ୍ତ୍ରାନମିବ ସିଦ୍ଧାନାଂ ଦଶଂ ଜନ୍ମୁତ ବନ୍ଧୁକିତ୍ ।"

Digitized by srujanika@gmail.com

ପ୍ରଥମ ତରଙ୍ଗ

ରାଜା ଉଦୟନ ଏହିପରି କୌଶାମ୍ବୀ ନଗରରେ ରହି ସମଗ୍ର ପୃଥିବୀ ଶାସନ କରିବାକୁ ଲାଗିଲେ । ସେ ସେନାପତି ରୁମଣ୍ୱାନ ଓ ପ୍ରଧାନମନ୍ତ୍ରୀ ଯୌଗନ୍ଧରାୟଣଙ୍କ ଉପରେ ରାଜ୍ୟଶାସନ ଭାର ଅର୍ପଣ କରିଦେଇ ନିଜେ ସାଂସାରିକ ଭୋଗବିଳାସରେ ଲିପ୍ତ ରହିଲେ । ନିଜେ ସେ ବୀଣାବାଦନ କରନ୍ତି ଏବଂ ବାସବଦତ୍ତା ଓ ପଦ୍ମାବତୀ ସ୍ୱର ମିଳାଇ ସଙ୍ଗୀତ ଗାନ କରନ୍ତି । ସେମାନଙ୍କ କଣ୍ଠସ୍ୱର ବୀଣାର ଝଙ୍କାର ସହିତ ଏକାକାର ହୋଇଯାଉଥାଏ; କେବଳ ଅଙ୍ଗୁଳିଗୁଡ଼ିକର କମ୍ପନ ଦେଖି ବୀଣାବାଦନ ହେଉଛି ବୋଲି ଜଣା-ଯାଉଥାଏ । ଶତ୍ରୁରାଜାମାନଙ୍କର ଗର୍ବକୁ ଖର୍ବ କଲାପରି ରାଜା ମଦ୍ୟପାତ୍ର-ଗୁଡ଼ିକରୁ ବାରମ୍ବାର ମଦ୍ୟ ନିଃଶେଷ କରୁଥିଲେ । ତାଙ୍କର ପିଆଲାରେ ଯେତେବେଳେ ସୁନ୍ଦରୀ ପରିଚାରିକାମାନେ ଦ୍ରାକ୍ଷାରସ ଢାଳୁଥିଲେ ସେତେ-ବେଳେ ମନେ ହେଉଥିଲା ସତେ ଯେପରି କାମଦେବଙ୍କର ଅଭିଷେକ ଉତ୍ସବ ପାଳିତ ହେଉଅଛି ଏବଂ ଭୃତ୍ୟମାନେ ତୀର୍ଥଜଳ ଢାଳୁଅଛନ୍ତି । ମଦ୍ୟପାତ୍ର-ଗୁଡ଼ିକରେ ରାଣୀମାନଙ୍କର ସୁନ୍ଦର ମୁଖମଣ୍ଡଳ ପ୍ରତିବିମ୍ବିତ ହେଉଥିବା ଦେଖି ରାଜାଙ୍କର ପିପାସା ଆହୁରି ବୃଦ୍ଧିପ୍ରାପ୍ତ ହେଉଥିଲା । ସ୍ଫଟିକ ନିର୍ମିତ ମଦ୍ୟପାତ୍ର-ଗୁଡ଼ିକ ରକ୍ତି ପ୍ରଭାବରେ ପଡ଼ିଥିବାରୁ ରାଜାଙ୍କର ପାନଭୂମି ଅତି ବିଚିତ୍ର ଦୃଶ୍ୟ ସୃଷ୍ଟି କରିଥିଲା । ସମୟେ ସମୟେ ରାଜା ହସ୍ତୀମାନଙ୍କ ସହିତ ମୃଗୟା ନିମନ୍ତେ ଅରଣ୍ୟ ମଧ୍ୟରେ ପ୍ରବେଶ କରି ବନ୍ୟପଶୁମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ବନପୁଷ୍ପଦ୍ୱାରା ନିଜ ଶରୀରକୁ ଆଚ୍ଛାଦିତ କରୁଥିଲେ । ସେମାନଙ୍କର ଆର୍ତ୍ତଚିତ୍କାର ଓ ମୃତ୍ୟୁକାଳୀନ ଦୃଶ୍ୟ ରାଜାଙ୍କ ମନରେ ଅପାର ଆନନ୍ଦ ସୃଷ୍ଟି କରୁଥିଲା ।

ଏହିପରି ଭୋଗବିଳାସରେ ନିମଜ୍ଜିତ ଥିବାବେଳେ ଦିନେ ମହର୍ଷି ନାରଦ ଆସି ତାଙ୍କ ନିକଟରେ ଉପସ୍ଥିତ ହେଲେ । ଉଦୟନଙ୍କଠାରୁ ଉପଯୁକ୍ତ ସମ୍ମାନ ଲାଭକରି ସେ ସ୍ନେହପୂର୍ଣ୍ଣ କଣ୍ଠରେ କହିଲେ—

Digitized by srujanika@gmail.com

ରାଜା ପାଣ୍ଡୁଙ୍କ କଥା

ହେ ବତ୍ସରାଜ, ତୁମର ପୂର୍ବପୁରୁଷମାନଙ୍କ ମଧ୍ୟରେ ପାଣ୍ଡୁ ନାମରେ ଜଣେ ନରପତି ରାଜତ୍ୱ କରୁଥିଲେ । ତୁମପରି ଏହି ପ୍ରତାପୀ ନରପତିଙ୍କର ଦୁଇଜଣ ରାଣୀ ଥିଲେ—କୁନ୍ତୀ ଓ ମାଦ୍ରୀ । ନିଜର ଅତୁଳପରାକ୍ରମଦ୍ୱାରା ସମଗ୍ର ପୃଥିବୀ ଜୟକରି ସେ ଦିନେ ମୃଗୟାବିହାର ନିମନ୍ତେ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । ଉକ୍ତ ଅରଣ୍ୟରେ କିଂଦମ ନାମକ ଜଣେ ସିଦ୍ଧତପା ମୁନି ମୃଗରୂପରେ ନିଜର ସ୍ତ୍ରୀଙ୍କ ସହ କ୍ରୀଡ଼ା କରୁଥାଆନ୍ତି । ରାଜା ଏହାଙ୍କୁ ପ୍ରକୃତ ମୃଗ ବୋଲି ମନେ କରି ବାଣବିଦ୍ଧ କଲେ । ମହର୍ଷି ପ୍ରାଣତ୍ୟାଗ କଲାବେଳେ ରାଜାଙ୍କୁ ଅଭିଶାପ ଦେଲେ ଯେ, 'ରତୀ ବିହାରରେ ତୁମେ ମୋତେ ହତ୍ୟା କରିଥିବା ଯୋଗୁଁ ସ୍ତ୍ରୀ ସଂସ୍ପର୍ଶ ମାତ୍ରେ ତୁମର ମୃତ୍ୟୁ ଘଟିବ ।' ଏହିପରି ଶାପଗ୍ରସ୍ତ ହୋଇ ରାଜା ପାଣ୍ଡୁ ସାଂସାରିକ ଭୋଗ ପରିତ୍ୟାଗପୂର୍ବକ ଅରଣ୍ୟ ମଧ୍ୟରେ ବାସ କରିବାକୁ ଲାଗିଲେ । କୌଣସି ଉପବନ ମଧ୍ୟରେ ବିହାର କରୁଥିଲାବେଳେ ଶାପବିସ୍ମୃତ ହୋଇ ମାଦ୍ରୀଙ୍କ ସହ ତାଙ୍କର ସମାଗମ ହେଲା; ଫଳରେ ସେ ମୃତ୍ୟୁଲାଭ କଲେ ।

ତେଣୁ ହେ ରାଜନ୍ ! ଏ ମୃଗୟା ଅନେକ ସମୟରେ ଅନର୍ଥର କାରଣ ହୋଇଥାଏ । ଏହା ରାକ୍ଷସୀ ତୁଲ୍ୟ । ଏଥିରେ କାହାରି କଲ୍ୟାଣ ସାଧିତ ହୁଏ ନାହିଁ । ଏହା ଧୂଳିଧୂସରିତା, ରୁକ୍ଷ ଓ ମାଂସାଶିନୀ । ତେଣୁ ଏହାକୁ ପରିତ୍ୟାଗ କରିବା ନିମନ୍ତେ ଚେଷ୍ଟା କର । ଏଥିରେ ଶୀକାର, ଶୀକାରୀ ଓ ବାହନ—ତିନିଜଣଙ୍କ ପ୍ରାଣ ସଙ୍କଟପୂର୍ଣ୍ଣ । ତୁମର ପୂର୍ବଜମାନେ ମୋର ମିତ୍ର ଥିଲେ । ତେଣୁ ତୁମପ୍ରତି ମୋର ସ୍ନେହ ଜାତ ହୋଇଅଛି । ପୁଣି କାମଦେବଙ୍କ ଅଂଶରେ ତୁମର ଏକ ପୁତ୍ର ଜାତ ହେବ ।

ପ୍ରାଚୀନକାଳରେ କନ୍ଦର୍ପ ଦଗ୍ଧୀଭୂତ ହେବା ପରେ ତାଙ୍କର ପତ୍ନୀ ରତି ଅତି କରୁଣଭାବରେ ଶିବଙ୍କର ଆରାଧନା କରି ତାଙ୍କୁ ସନ୍ତୁଷ୍ଟ କଲେ । ଶିବ ଏଥିରେ ପ୍ରୀତ ହୋଇ ତାଙ୍କୁ କହିଲେ ଯେ ପାର୍ବତୀ ନିଜର ଏକ ଅଂଶକୁ ପୃଥିବୀରେ ଜନ୍ମ ଦେବେ ଏବଂ ସେ ପୁତ୍ରଲାଭ ନିମିତ୍ତ ମୋର ଆରାଧନା କରି କାମଦେବଙ୍କୁ ତାଙ୍କ ଗର୍ଭରୁ ଜାତ କରିବେ । ତେଣୁ ହେ ବତ୍ସରାଜ !

Digitized by srujanika@gmail.com

'ଚଣ୍ଡମହାସେନଙ୍କ କନ୍ୟା ବାସବଦତ୍ତା ଏବଂ ଗୌରୀଙ୍କ ଅଂଶରେ ଜନ୍ମଗ୍ରହଣ କରିଛନ୍ତି । ସେ ମହାଦେବଙ୍କ ଆରାଧନା କରି କାମଦେବଙ୍କୁ ଜନ୍ମଦାନ କରିବେ । ତୁମର ଏହି ପୁତ୍ର ସମସ୍ତ ବିଦ୍ୟାଧର କୁଳର ଚକ୍ରବର୍ତ୍ତୀ ହେବ ।' ଏହା ଶୁଣି ରାଜା ଉଦୟନ ପ୍ରସନ୍ନଚିତ୍ତରେ ସମଗ୍ର ପୃଥିବୀ ମହର୍ଷି ନାରଦଙ୍କୁ ପ୍ରଦାନ କରିଦେଲେ । ନାରଦ ମଧ୍ୟ ଶାସନ କରିବା ନିମନ୍ତେ ଏହା ରାଜାଙ୍କୁ ପ୍ରତ୍ୟର୍ପଣ କରି ଆକାଶମାର୍ଗରେ ପ୍ରସ୍ଥାନ କଲେ । ଏହାପରେ ରାଜା ବାସବଦତ୍ତାଙ୍କ ସହ ପୁତ୍ର ଚିନ୍ତାରେ ବ୍ୟାକୁଳ ହୋଇଉଠିଲେ ।

ପିଙ୍ଗଳିକା ବ୍ରାହ୍ମଣୀ କଥା

ଦିନେ ଉଦୟନ ଦରବାର ମଧ୍ୟରେ ବସିଥିବା ସମୟରେ ନିତ୍ୟୋଦିତ ନାମକ ପ୍ରଧାନ ଦ୍ୱାରପାଳ ଆସି ଜଣାଇଲା ଯେ ଦୁଇଟି ସନ୍ତାନ ସହ ଜଣେ ରମଣୀ ଆସି ରାଜାଙ୍କ ସହ ସାକ୍ଷାତ କରିବା ନିମନ୍ତେ ଅପେକ୍ଷା କରିଛି । ରାଜା ଆଦେଶ ପ୍ରଦାନ କରିବାରୁ ଜଣେ ମଳିନବସ୍ତ୍ରଧାରିଣୀ, କ୍ଷୀଣାଙ୍ଗୀ ବ୍ରାହ୍ମଣ ରମଣୀ ଆସି ରାଜାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲା । ମୂର୍ତ୍ତିମାନ୍ ଦୁଃଖ ଓ ଦୈନ୍ୟ ତୁଲ୍ୟ ଉକ୍ତ ରମଣୀ ରାଜାଙ୍କ ନିକଟରେ ନିବେଦନ କଲା, 'ମୁଁ କୁଳୀନ ବ୍ରାହ୍ମଣବଂଶର ଜଣେ ନାରୀ । ଭାଗ୍ୟର ବିଡ଼ମ୍ବନାରୁ ଏ ପ୍ରକାର ଦଶା ପ୍ରାପ୍ତ ହୋଇଅଛି । ଏ ଦୁଇଟି ଯମଜ ସନ୍ତାନ ବେଢ଼ ଉପରେ କୋରଡ଼ା ପରି ମୋର କୋଳରେ ଜନ୍ମ ନେଇଛନ୍ତି । ଖାଇବା ପିଇବାରେ ମୋର ଠିକଣା ନାହିଁ । ଏମାନଙ୍କୁ ମଧ୍ୟ ଦୁଧ ଟିକିଏ ଯୋଗାଇପାରୁ ନାହିଁ । ତେଣୁ ମହାରାଜ! 'ଆପଣଙ୍କ ଶରଣରକ୍ଷଣ କୀର୍ତ୍ତି ଶୁଣି ମୁଁ ଏଠାରେ ଆସି ପହଞ୍ଚିଛି । ଯାହା ଆପଣ ଉଚିତ ମନେ କରୁଛନ୍ତି ତାହା କରନ୍ତୁ ।' ଏଥିରେ ଦୟାର୍ଦ୍ର ହୃଦୟ ଉଦୟନ ତାକୁ ବାସବଦତ୍ତାଙ୍କ ନିକଟକୁ ପଠାଇଦେଲେ । 'ଏମାନେ ମହାରାଜଙ୍କଦ୍ୱାରା ପ୍ରେରିତ' ବୋଲି ଦ୍ୱାରପାଳଠାରୁ ଶୁଣି ବାସବଦତ୍ତା ବ୍ରାହ୍ମଣୀ ଉପରେ ଗଭୀର ଶ୍ରଦ୍ଧାପ୍ରକାଶ କଲେ ଏବଂ ଏହି ଯମଜ ସନ୍ତାନଯୁକ୍ତ ବ୍ରାହ୍ମଣୀକୁ ଦେଖି ବିଧାତାର ଅପୂର୍ବ ସୃଷ୍ଟି ଓ ବିପରୀତ ଗତି ସମ୍ପର୍କରେ ଚିନ୍ତା କରିବାକୁ ଲାଗିଲେ । ଏହି ଘନଦରିଦ୍ରା ବ୍ରାହ୍ମଣୀ କୋଳରେ ଦୁଇଟି ସନ୍ତାନ କିନ୍ତୁ ଉଦୟନଙ୍କ ମହାରାଣୀ ଅପୁତ୍ରିକ— ଅପୂର୍ବ ଏ ବିଧାନ । ଏହା ବିଚାରିକରି ବାସବଦତ୍ତା ଉକ୍ତ ବ୍ରାହ୍ମଣୀଙ୍କୁ

Digitized by srujanika@gmail.com

ସ୍ନାନପାନ କରାଇ ଉତ୍ତମ ବସ୍ତ୍ର ପ୍ରଦାନ କରିବା ନିମନ୍ତେ ଦାସୀମାନଙ୍କୁ ଆଦେଶ ଦେଲେ । ବ୍ରାହ୍ମଣୀ ଏପରି ଭାବରେ ସମ୍ମାନିତା ହୋଇ ଆଶ୍ଚର୍ଯ୍ୟ ଲାଭ କଲା । ଖାଦ୍ୟପାନ ଶେଷ କଲାପରେ ମହାରାଣୀ ଏହାଙ୍କୁ ପରୀକ୍ଷା କରିବା ନିମନ୍ତେ କହିଲେ, 'ବ୍ରାହ୍ମଣି ! ଚିତ୍ତ ବିନୋଦନ ନିମନ୍ତେ କିଛି ଗୋଟିଏ ଗଳ୍ପ ଶୁଣାଅ ।' ଏହିପରି ଆଦେଶ ପାଇଁ ସେ ଗୋଟିଏ କଥା ଶୁଣାଇବା ଆରମ୍ଭ କଲା—

ରାଜା ଦେବଦତ୍ତ ଓ ବେଶ୍ୟାପତ୍ନୀ କଥା

ପୂର୍ବେ ଜୟଦତ୍ତ ନାମରେ ଜଣେ ସାଧାରଣ ରାଜା ଥିଲେ । ଏହାଙ୍କର ଦେବଦତ୍ତ ନାମକ ଗୋଟିଏ ପୁତ୍ର ଜାତ ହୋଇଥିଲା । କୁମାର ବୟଃପ୍ରାପ୍ତ ହେବାରୁ ରାଜା ଏହାଙ୍କର ବିବାହ ସମ୍ପର୍କରେ ଚିନ୍ତା କରିବାକୁ ଲାଗିଲେ, 'ରାଜଲକ୍ଷ୍ମୀ ଅତ୍ୟନ୍ତ ଚଞ୍ଚଳା, ତେଣୁ ସେ ବଳବାନ୍ ପୁରୁଷପ୍ରତି ଆସକ୍ତ । କିନ୍ତୁ ବୈଶ୍ୟମାନଙ୍କର ଲକ୍ଷ୍ମୀ କୁଳବଧୂ ସଦୃଶ୍ୟ ସ୍ଥିରା ଏବଂ ଏକ ପତିବ୍ରତା । ତେଣୁ କୌଣସି ବୈଶ୍ୟ ଗୃହରେ ହିଁ ଏହାର ବିବାହ କରାଇବା ଉଚିତ । କାରଣ ଏହାଦ୍ୱାରା ରାଜ୍ୟରେ କୌଣସି ବିପଦ ପଡ଼ିବ ନାହିଁ ।'

ଏହିପରି ଚିନ୍ତାକରି ସେ ପାଟଳିପୁତ୍ର ନଗରର ବସୁଦତ୍ତ ନାମକ ବୈଶ୍ୟଙ୍କର କନ୍ୟାକୁ ନିଜର ପୁତ୍ର ନିମନ୍ତେ ପ୍ରାର୍ଥନା କଲେ । ବସୁଦତ୍ତ ମଧ୍ୟ ଉଚ୍ଚକୁଳ ସହ ବନ୍ଧୁତା ଲାଭ ଆଶାରେ ଏଥିରେ ସମ୍ମତ ହେଲେ । ସେ ନିଜର ଜାମାତାଙ୍କୁ ଏତେ ଧନସଂପତ୍ତି ପ୍ରଦାନ କଲେ ଯେ ରାଜକୁମାର ପିତାଙ୍କ ଧନସଂପତ୍ତି ପ୍ରତି ମୋହ ପରିତ୍ୟାଗ କଲେ । ଧନିକର କନ୍ୟା ସହ ପୁତ୍ରର ବିବାହ କରାଇ ରାଜା ଜୟଦତ୍ତ ସୁଖରେ ଜୀବନ ଯାପନ କରିବାକୁ ଲାଗିଲେ । ଦିନେ ବସୁଦତ୍ତ ନିଜ କନ୍ୟାକୁ ଦେଖିବା ନିମନ୍ତେ ଉତ୍କଣ୍ଠିତ ହୋଇ ଆସି ସମ୍ବନ୍ଧୀଙ୍କ ଗୃହରେ ଉପସ୍ଥିତ ହେଲେ ଏବଂ କନ୍ୟାକୁ ନେଇ ପାଟଳିପୁତ୍ର ଫେରିଗଲେ ।

କିଛି ଦିନପରେ ରାଜା ଜୟଦତ୍ତ ସ୍ୱର୍ଗାରୋହଣ କରନ୍ତେ ଶତ୍ରୁରାଜାମାନେ ବିପ୍ଳବ କରି ଦେବଦତ୍ତଙ୍କଠାରୁ ରାଜ୍ୟ ଅପହରଣ କରିନେଲେ ।

Digitized by srujanika@gmail.com

ଏମାନଙ୍କ ଉପ୍ଭରେ ଦେବଦତ୍ତଙ୍କ ମାତା ପୁତ୍ରକୁ ସାଙ୍ଗରେ ନେଇ ଗୁପ୍ତ ଗୁପ୍ତ ଗୃପ୍ତରେ ରାଜଭବନରୁ ପଳାୟନ କଲେ । ପଥ ମଧ୍ୟରେ ସେ ପୁତ୍ରକୁ କହିଲେ ଯେ ମୋର ସ୍ୱାମୀ ପୂର୍ବଦେଶର ରାଜା ଥିଲେ । ତେଣୁ ସେଠାକୁ ଗଲେ ସେମାନେ ତୋତେ ସାହାଯ୍ୟ କରି ରାଜ୍ୟ ଫେରାଇ ଆଣିଦେଇ ପାରିବେ । ମାତାଙ୍କଠାରୁ ଏହା ଶୁଣି ରାଜକୁମାର କହିଲେ, 'ରାଜଯୋଗ୍ୟ ସାଜସଜ୍ଜା ବ୍ୟତୀତ ସେଠାକୁ ଗଲେ ମୋର ଅସମ୍ମାନ ହେବ ।' ଏହା ଶୁଣି ମାତା ଶ୍ୱଶୁରଙ୍କଠାରୁ କିଛି ଧନ ନେଇ ଉପଯୁକ୍ତ ସାଜସଜ୍ଜାର ବ୍ୟବସ୍ଥା କରିବା ନିମନ୍ତେ ଉପଦେଶ ପ୍ରଦାନ କଲେ । ଏହି ନିର୍ଦ୍ଦେଶ ଅନୁଯାୟୀ ରାଜକୁମାର ଲଜ୍ଜା ବୋଧ କରୁଥିଲେ ହେଁ ଶ୍ୱଶୁରାଳୟରେ ଯାଇ ସନ୍ଧ୍ୟା ସମୟରେ ଉପସ୍ଥିତ ହେଲେ । ପିତୃହୀନ, ରାଜ୍ୟଭ୍ରଷ୍ଟ ରାଜକୁମାର ରାତିକାଳରେ ଶ୍ୱଶୁର ଗୃହରେ ପ୍ରବେଶ କରିବା ନିମିତ୍ତ କୁଣ୍ଠାବୋଧ କରି ଶ୍ୱଶୁରଙ୍କ ବାସଭବନ ସମ୍ମୁଖରେ ଥିବା ଏକ ଧର୍ମଶାଳା ମଧ୍ୟରେ ରାତି ଯାପନ କଲେ ।

ଏଠାରେ ଅବସ୍ଥାନ କରୁଥିବା ସମୟରେ ସେ କୌଣସି ରଜ୍ଜୁ ସାହାଯ୍ୟରେ ପ୍ରାଚୀର ଆରୋହଣ କରୁଥିବା ଗୋଟିଏ ସ୍ତ୍ରୀ ଲୋକକୁ ଦେଖିବାକୁ ପାଇଲେ । କିଛି ସମୟ ପରେ ଏହି ରତ୍ନାଳଙ୍କାରଭୂଷିତା ନାରୀଟିକୁ ନିଜର ସ୍ତ୍ରୀ ବୋଲି ଜାଣିପାରି ସେ ଗଭୀର ଦୁଃଖ ଅନୁଭବ କଲେ । ସେ ସ୍ତ୍ରୀ ଏହାଙ୍କୁ ଏପରି ଅବସ୍ଥାରେ ଚିହ୍ନିନପାରି 'ତୁମେ କିଏ'? ବୋଲି ପ୍ରଶ୍ନ କରିବାରୁ ସେ 'ମୁଁ ଜଣେ ପଥକ୍ଳାନ୍ତ ପଥିକ' ବୋଲି କହି ନିଜର ପ୍ରକୃତ ପରିଚୟ ଗୋପନ ରଖିଲେ । ସେ ଧର୍ମଶାଳା ମଧ୍ୟରେ ପ୍ରବେଶ କରିବାରୁ ରାଜକୁମାର ମଧ୍ୟ ତା'ର ଗତିବିଧି ଅନୁଧ୍ୟାନ କରିବା ନିମନ୍ତେ ଗୁପ୍ତଭାବରେ ଅନୁସରଣ କଲେ । ସେ ଦେଖିଲେ ଯେ ତାଙ୍କ ସ୍ତ୍ରୀର ନିକଟରେ ଗୋଟିଏ ପୁରୁଷ ଉପସ୍ଥିତ ହୋଇ 'ତୋର ଏତେ ବିଳମ୍ବ କାହିଁକି ଘଟିଲା' ବୋଲି ତାକୁ ପଦାଘାତ କଲା । ତଥାପି ସେହି ବୈଶ୍ୟକନ୍ୟା ଆନନ୍ଦରେ ଦ୍ୱିଗୁଣ ପ୍ରେମରେ ସେହି ଜାର ପୁରୁଷ ସହ କ୍ରୀଡ଼ା କରିବାକୁ ଲାଗିଲା । ଏହା ଦେଖି ରାଜକୁମାର ଚିନ୍ତାକଲେ ଯେ ଏହା କ୍ରୋଧ କରିବାର ସମୟ ନୁହେଁ । ବର୍ତ୍ତମାନ ମୋର ଅନ୍ୟ କାର୍ଯ୍ୟସିଦ୍ଧି କରିବାକୁ ହେବ । ଶତ୍ରୁପ୍ରତି ପ୍ରଯୋଜ୍ୟ ଅସ୍ତ୍ରଶସ୍ତ୍ରକୁ ଏହି ପାପିନୀ ପ୍ରତି ପ୍ରୟୋଗ କରି କୌଣସି ଲାଭ ହେବ ନାହିଁ । ଏ ପ୍ରକାର ସ୍ତ୍ରୀରେ ମଧ୍ୟ ଆଉ ପ୍ରୟୋଜନ

Digitized by srujanika@gmail.com

ନାହିଁ । ମୋର ଦୁର୍ଭାଗ୍ୟ ହିଁ ମୋତେ ପରୀକ୍ଷା କରିବା ପାଇଁ ଏ ପ୍ରକାର ଦୁଃଖ ପ୍ରଦାନ କରୁଅଛି । ନୀଚକୁଳରେ ସମ୍ବନ୍ଧ ସ୍ଥାପନ କଲେ ଏ ପ୍ରକାର ଦୁଃଖ ଭୋଗ କରିବାକୁ ପଡ଼ିଥାଏ । ଏଥିରେ ଏ ସ୍ତ୍ରୀର କିଛି ଦୋଷ ନାହିଁ । କାକ କଦାପି କୋକିଳ ସହ ସଖ୍ୟ ସ୍ଥାପନ କରି ନପାରେ । ଏହା ଭାବି ରାଜକୁମାର ନିଜର ସ୍ତ୍ରୀ ଓ ତାର ଉପପତିକୁ ପରିତ୍ୟାଗ କରି ନିଜର କାର୍ଯ୍ୟସିଦ୍ଧିର ଉପାୟ ଚିନ୍ତା କରିବାକୁ ଲାଗିଲେ । ଏହି ସମୟରେ ରତିକ୍ରୀଡ଼ାରେ ଉନ୍ମତ୍ତ ସେହି ବୈଶ୍ୟକନ୍ୟାର ବହୁମୂଲ୍ୟ କର୍ଣ୍ଣାଲଙ୍କାରଟି କର୍ଣ୍ଣରୁ ବିଚ୍ୟୁତ ହେଲା । ସେ ଯିବାପାଇଁ ବ୍ୟଗ୍ର ଥିବାରୁ ତାକୁ ଦେଖି ନପାରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲା । ସେମାନେ ସେଠାରୁ ଚାଲିଯିବା ପରେ ରାଜକୁମାର ଯତ୍ନ ସହିତ ତାକୁ ଉଠାଇ ନେଲେ । ଏହି ବିଭିନ୍ନ ବହୁମୂଲ୍ୟ ମଣିମୁକ୍ତାଖଚିତ ଅଳଙ୍କାରଟି ତାଙ୍କୁ ନଷ୍ଟରାଜଲକ୍ଷ୍ମୀଙ୍କୁ ଅନ୍ୱେଷଣ କରିବାରେ ସାହାଯ୍ୟ କଲା । ରାଜକୁମାର ସେଠାରୁ ବାହାରି କାନ୍ୟକୁବ୍ଜ ନଗରୀ ଅଭିମୁଖରେ ପ୍ରସ୍ଥାନ କଲେ । ସେଠାରେ ପହଞ୍ଚି ସେ ଉକ୍ତ କର୍ଣ୍ଣାଲଙ୍କାରଟିକୁ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ପାଇଁ ବନ୍ଧକ ଦେଇ ସେହି ଧନରେ ରାଜଯୋଗ୍ୟ ସାଜସଜ୍ଜା କିଣି ନେଲେ ଏବଂ ମହା ଆଡ଼ମ୍ବରରେ ପୂର୍ବବିଦଗଧିତ ରାଜ୍ୟରେ ଉପସ୍ଥିତ ହେଲେ । ଏହି ରାଜାମାନଙ୍କର ସାହାଯ୍ୟରେ ପିତୃରାଜ୍ୟ ପ୍ରାପ୍ତ ହୋଇ ସେ ପୁଣି କନୌଜ ଫେରିଆସିଲେ ଏବଂ ସେହି କର୍ଣ୍ଣାଲଙ୍କାରଟିକୁ ମୁକୁଳାଇ ଆଣିଲେ ।

ଏହାପରେ ନିଜର ସ୍ତ୍ରୀର ଚରିତ୍ର ସମ୍ପର୍କରେ ତାର ପିତାଙ୍କୁ ଜଣାଇବା ନିମନ୍ତେ ସେ ଉକ୍ତ କର୍ଣ୍ଣଭୂଷଣଟିକୁ ତାଙ୍କ ନିକଟକୁ ପ୍ରେରଣ କଲେ । ବଣିକ ବ୍ୟସ୍ତ ହୋଇ ତାହା ଧରି ନିଜର କନ୍ୟା ନିକଟରେ ଉପସ୍ଥିତ ହେଲେ । ବୈଶ୍ୟପୁତ୍ରୀ ଏହା ତାର ପତିଙ୍କଦ୍ୱାରା ପ୍ରେରିତ ଶୁଣି ବ୍ୟାକୁଳ ହୋଇ ପଡ଼ିଲା । ପୂର୍ବଦିନର ଘଟଣାବଳୀ ସ୍ମରଣ କରି ସେ ନିଜର ଚରିତ୍ର ପ୍ରକଟିତ ହୋଇ ଯାଇଥିବାର ଜାଣିପାରି ଦୁଃଖରେ ଆତ୍ମହତ୍ୟା କଲା । ପିତା ମଧ୍ୟ କନ୍ୟାର ଅନ୍ତରଙ୍ଗ ପରିଚାରିକାଠାରୁ ସମସ୍ତ ରହସ୍ୟ ଜ୍ଞାତ ହୋଇ ଏଥିରେ ଦୁଃଖିତ ହେଲେ ନାହିଁ ବରଂ ଏହି ପ୍ରକାର ମୃତ୍ୟୁ ଶ୍ରେୟସ୍କର ବୋଲି ମନେକଲେ ।

ରାଜକୁମାର ମଧ୍ୟ ପିତୃରାଜ୍ୟ ପ୍ରାପ୍ତ ହୋଇ ସକଳଗୁଣର ଆଧାର ଜନୈକ ଚକ୍ରବର୍ତ୍ତୀଙ୍କ କନ୍ୟାଙ୍କୁ ବିବାହ କରି ଆନନ୍ଦରେ ରାଜ୍ୟଶାସନ

Digitized by srujanika@gmail.com

କରିବାକୁ ଲାଗିଲେ । ଏହିପରି ଦୁଃସାହସ କରୁଥିବା ସ୍ତ୍ରୀମାନଙ୍କର ବଜ୍ରକଠୋର ହୃଦୟ ଆକସ୍ମିକ ବ୍ୟାକୁଳତା ଯୋଗୁଁ ପୁଷ୍ପତୁଲ୍ୟ କୋମଳ ହୋଇଯାଏ । ଉଚ୍ଚକୁଳରେ ଜନ୍ମଗ୍ରହଣ କରିଥିବା ଏବଂ ଚରିତ୍ରବତୀ ନାରୀମାନେ ପ୍ରକୃତରେ ଜଗତର ଭୂଷଣ ସ୍ୱରୂପ । ରାଜଲକ୍ଷ୍ମୀ ହରିଣୀତୁଲ୍ୟ ସର୍ବଦା ଚଞ୍ଚଳା । ଏହାକୁ ଧୈର୍ଯ୍ୟରୂପୀ ପାଶଦ୍ୱାରା ଆବଦ୍ଧ କରିବା ନିମନ୍ତେ ସମସ୍ତେ ସକ୍ଷମ ନୁହନ୍ତି । ତେଣୁ ଅର୍ଥଲିପ୍ସୁ ଲୋକେ ଅସୀମ ସାହସ ଓ ଧୈର୍ଯ୍ୟର ସହିତ କର୍ମ କରିଯିବା ଉଚିତ । ମୁଁ ମଧ୍ୟ ମୋର ଏହି ବିପତ୍ତି ସମୟରେ ଅତି କଠୋରଭାବରେ ଚରିତ୍ର ରକ୍ଷା କରିଥିଲି । ତା'ର ଫଳ ସ୍ୱରୂପ ଆଜି ଆପଣଙ୍କର ଦର୍ଶନ ଲାଭକରିବା ନିମନ୍ତେ ସମର୍ଥ ହୋଇପାରିଛି ।

ବ୍ରାହ୍ମଣୀଠାରୁ ଏ ପ୍ରକାର କଥା ଶୁଣି ବାସବଦତ୍ତା ଭାବିଲେ ଯେ ଏହି ବ୍ରାହ୍ମଣୀ ଉଚ୍ଚବଂଶସମ୍ଭୂତା । ଏହାର ଉଦାରତା, ନିଜର ଚରିତ୍ର ସମ୍ପର୍କରେ ସୂଚନା ଦେବାର କୌଶଳ ଓ ବାର୍ତ୍ତାଳାପ ହିଁ ପରିଚୟସୂଚକ । ଏପରି ଭାବରେ ଆସି ରାଜସଭାରେ ଉପସ୍ଥିତ ହେବା ମଧ୍ୟ ଏହାର ଉଚ୍ଚଚିନ୍ତାର ପରିଚୟ ପ୍ରଦାନ କରୁଛି । ଏହା ଚିନ୍ତାକରି ରାଣୀ କହିଲେ, 'ହେ ବ୍ରାହ୍ମଣି ! ତୁମେ କାହାର ପତ୍ନୀ ? ତୁମର ଏପରି ପରିସ୍ଥିତି ସୃଷ୍ଟି ହେବାର କାରଣ କଣ ?' ଉତ୍ତରରେ ସେ ବ୍ରାହ୍ମଣୀ ପୁଣି କହିବା ନିମନ୍ତେ ଆରମ୍ଭ କଲା —

ପିଙ୍ଗଳିକାର ଆତ୍ମକାହାଣୀ

ମାଳବ ଦେଶରେ ଅଗ୍ନିଦତ୍ତ ନାମକ ଜଣେ ବ୍ରାହ୍ମଣ ବାସ କରୁଥିଲେ । ସେ ଯେପରି ବୁଦ୍ଧିମାନ୍ ସେହିପରି ଧନବାନ୍ ମଧ୍ୟ ଥିଲେ । ସମୟକ୍ରମେ ତାଙ୍କର ଦୁଇଟି ପୁତ୍ରସନ୍ତାନ ଜାତ ହେଲେ । ଜ୍ୟେଷ୍ଠ ଶଙ୍କରଦତ୍ତ ଓ କନିଷ୍ଠ ଶାନ୍ତିକର । ଶାନ୍ତିକର ଶୈଶବରୁ ହିଁ ବିଦ୍ୟା ଅଧ୍ୟୟନ କରିବା ନିମନ୍ତେ ଗୃହ ପରିତ୍ୟାଗ କଲେ । ଜ୍ୟେଷ୍ଠ ଶଙ୍କରଦତ୍ତ ମୋତେ ବିବାହ କଲେ । ମୋର ପିତା ଯଜ୍ଞଦତ୍ତ । ସମୟକ୍ରମେ ଅଗ୍ନିଦତ୍ତ ବୃଦ୍ଧାବସ୍ଥା ପ୍ରାପ୍ତ ହୋଇ ପରଲୋକଗମନ କରିବାରୁ ପତ୍ନୀ ମଧ୍ୟ ତାଙ୍କ ସହଗମନ କଲେ । ଏହି ସମୟରେ ମୁଁ ଗର୍ଭବତୀ । ମୋର ପତି ପିତୃଶୋକରେ ଅଧୀର ହୋଇ ସରସ୍ୱତୀ ନଦୀରେ ଆତ୍ମବିସର୍ଜନ କଲେ । ତାଙ୍କର ଅନ୍ୟାନ୍ୟ ବନ୍ଧୁଙ୍କଠାରୁ ଏହି ସମାଚାର ଶୁଣି ମୁଁ ମଧ୍ୟ

Digitized by srujanika@gmail.com

ପ୍ରାଣତ୍ୟାଗ କରିବାର ସଂକଳ୍ପ କଲି । କିନ୍ତୁ ଗର୍ଭବତୀ ଥିବାହେତୁ ବନ୍ଧୁ-ବାନ୍ଧବଗଣ ମୋତେ ଏହା କରିବା ପାଇଁ ଅନୁମତି ପ୍ରଦାନ କଲେ ନାହିଁ ।

ମୁଁ ଏହିପରି ପତିଙ୍କ ଶୋକରେ କାଳଯାପନ କରୁଥିବାବେଳେ ଗୋଟିଏ ଦସ୍ୟୁଦଳ ଆମ ନଗର ଆକ୍ରମଣ କଲେ । ଚରିତ୍ର ନଷ୍ଟ ହେବା ଭୟରେ ମୁଁ ଅନ୍ୟ ତିନିଜଣ ବ୍ରାହ୍ମଣୀଙ୍କ ସହିତ ଦେଶତ୍ୟାଗ କଲି । ବହୁଦିନ ପରେ ଆମେ ଏକ ନଗରୀରେ ପ୍ରବେଶ କଲୁ । ସେଠାରେ କୌଣସିମତେ ଅତି କଷ୍ଟରେ ଜୀବନ ନିର୍ବାହ କଲାପରେ ଆମେ ଶୁଣିବାକୁ ପାଇଲୁ ଯେ ବତ୍ସଦେଶର ରାଜା ଅନାଥମାନଙ୍କୁ ରକ୍ଷା କରୁଅଛନ୍ତି । ଏହା ଶୁଣି ଆମେ ନିଜ ନିଜର ଚରିତ୍ର ସାଦଚର୍ଯ୍ୟରେ ଏଠାରେ ଆସି ପହଞ୍ଚିଲୁ । ଏଠାରେ ମୋର ଏ ଦୁଇଟି ବାଳକ ଜନ୍ମ ହେଲେ । ପତିଙ୍କର ମୃତ୍ୟୁ, ବିଦେଶରେ ବାସ, ଦରିଦ୍ରତା ଏବଂ ଶେଷରେ ଏହି ଯମଜ ସନ୍ତାନ ମୋର ଦୁଃଖର ଦ୍ୱାର ମୁକ୍ତ କରିଦେଲେ । ଏ ଦୁଇଟି ବାଳକକୁ ପାଳନ ପୋଷଣ କରିବା ନିମନ୍ତେ ମୋର କୌଣସି ସମ୍ବଳ ନଥିଲା । ତେଣୁ ନାରୀର ସର୍ବଶ୍ରେଷ୍ଠ ଭୂଷଣ ଲଜ୍ଜାକୁ ପରିତ୍ୟାଗ କରି ମୁଁ ବତ୍ସରାଜାଙ୍କ ଦରବାରରେ ଆସି ଉପସ୍ଥିତ ହେଲି । ତା ପରେ ଯାହା ଘଟିଲା ତାହା ଆପଣଙ୍କୁ ଅବିଦିତ ନୁହେଁ ।

ଏହାହିଁ ମୋର ଆତ୍ମକାହାଣୀ । ଶୈଶବରେ ଅଗ୍ନିହୋତ୍ରଯଜ୍ଞର ଧୂମ-ଦ୍ୱାରା ମୋର ଚକ୍ଷୁଯୁଗଳ ପିଙ୍ଗଳ ବର୍ଣ୍ଣ ଧାରଣ କରିଥିବାରୁ ପିତା ମୋର ନାମ ରଖିଥିଲେ "ପିଙ୍ଗଳିକା" । ବିଦ୍ୟାଲାଭ ପାଇଁ ଗୃହତ୍ୟାଗ କରିଥିବା ମୋର ଦେବର ଶାନ୍ତିକର କେଉଁଠାରେ ବାସ କରନ୍ତି ତାର ସନ୍ଧାନ ବର୍ତ୍ତମାନ ସୁଦ୍ଧା ମୁଁ ପାଇପାରି ନାହିଁ ।

ବ୍ରାହ୍ମଣୀର ଏ କଥାରୁ ମହାରାଣୀ ବାସବଦତ୍ତା ତାର କୁଳୀନତା ଓ ଚରିତ୍ରବତ୍ତାର ପରିଚୟ ପାଇ ସୌହାର୍ଦ୍ଦ୍ୟ କଣ୍ଠରେ କହିଲେ, 'ଏଠାରେ ଶାନ୍ତିକର ନାମରେ ଆମର ଜଣେ ପୁରୋହିତ ଅଛନ୍ତି । ସେ ଏ ଦେଶର ଲୋକ ନୁହଁନ୍ତି । ତେଣୁ ମନେ କରୁଛି ସେ ହିଁ ତୁମର ଦେବର ହୋଇଥିବେ ।' ଏହିପରି କଥୋପକଥନ କରୁ କରୁ ରାତ୍ରି ପ୍ରଭାତ ହେଲା । ରାଣୀ ଶାନ୍ତିକରଙ୍କୁ ଡକାଇ ତାଙ୍କର ପରିଚୟ ଲାଭକଲେ ଏବଂ ପିଙ୍ଗଳିକା

Digitized by srujanika@gmail.com

ଓ ଶାନ୍ତିକରଙ୍କର ମିଳନ କରାଇଦେଲେ । ଶାନ୍ତିକର ନିଜର ପିତା, ମାତା ଓ ଭ୍ରାତାଙ୍କର ମୃତ୍ୟୁରେ ଗଭୀର ଶୋକପ୍ରକାଶ କରି ପିଙ୍ଗଳିକା ଓ ତାଙ୍କର ଦୁଇଟି ପୁତ୍ରଙ୍କ ସହିତ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ହେଲେ । ରାଣୀ ମଧ୍ୟ ବାଳକ ଦୁଇଟିକୁ ନିଜର ଭାବି ସନ୍ତାନର ପୁରୋହିତରୂପେ ନିଯୁକ୍ତ କଲେ । ସେ ନିଜେ ଜ୍ୟେଷ୍ଠ ବାଳକଟିକୁ ଶାନ୍ତିସୋମ ଓ କନିଷ୍ଠକୁ ବୈଶ୍ୱାନର ନାମରେ ନାମିତ କରି ପ୍ରଚୁର ଅର୍ଥ ପ୍ରଦାନ କଲେ । ତେଣୁ ଭାଗ୍ୟ ହିଁ ମନୁଷ୍ୟକୁ ମତ କିମ୍ବା ଉନ୍ନତ କରିଥାଏ; ପୌରୁଷ କେବଳ ନିମିତ୍ତ ମାତ୍ର ।

ଏହାପରି କିଛି ଦିନ କଟିଯିବା ପରେ ଗୋଟିଏ କୁମ୍ଭାରୁଣୀ ନିଜର ପାଞ୍ଚଟି ପୁତ୍ର ସହିତ ସେଠାରେ ଆସି ଉପସ୍ଥିତ ହେଲା । ତାକୁ ଦେଖି ମହାରାଣୀ ଦୁଃଖିତ ସହିତ ପିଙ୍ଗଳିକାକୁ କହିଲେ, 'ଦେଖ ଏହାର ପାଞ୍ଚ ପାଞ୍ଚଟି ଛୁଆ କିନ୍ତୁ ବର୍ତ୍ତମାନ ସୁଦ୍ଧା ମୁଁ ନିଃସନ୍ତାନ । ତେଣୁ ସେ ଗରୀବ ହେଲେ ମଧ୍ୟ ପୁଣ୍ୟବତୀ ।' ଏହା ଶୁଣି ପିଙ୍ଗଳିକା କହିଲା, 'ମହାରାଣୀ ଆପଣଙ୍କର ଏପରି କହିବା ଅନୁଚିତ । ପାପର ଫଳସ୍ୱରୂପ ଅଧିକ ସନ୍ତାନ ମନୁଷ୍ୟକୁ କଷ୍ଟ ହିଁ ଦେଇଥାନ୍ତି । ଆଉ ସାଧାରଣତଃ ଦରିଦ୍ରମାନଙ୍କର ହିଁ ବହୁ ସନ୍ତାନ ଜାତ ହୋଇଥାଏ । କିନ୍ତୁ ତୁମଭଳି ପୁଣ୍ୟବତୀ ନାରୀମାନଙ୍କର ଗୋଟିଏ କିମ୍ବା ଦୁଇଟି ସନ୍ତାନ ଜାତ ହୁଏ ଏବଂ ସେମାନେ ଉତ୍ତମ ଗୁଣଯୁକ୍ତ ହୋଇଥାନ୍ତି । ଆପଣ ଏପରି ଉତ୍କଣ୍ଠିତ ହେବା ଆଦୌ ଉଚିତ ନୁହେଁ । ଅତି ଚଞ୍ଚଳ ଆପଣଙ୍କ ବଂଶର ଅନୁରୂପ ସନ୍ତାନ ଜାତ ହେବ ।' ରାଣୀ ଏହା ଶୁଣି ମଧ୍ୟ ସନ୍ତାନ ଚିନ୍ତାରେ ମଗ୍ନ ରହିଲେ ।

ଏହି ସମୟରେ ରାଜା ଉଦୟତୁଙ୍ଗ ସେଠାରେ ପ୍ରବେଶ କରି ରାଣୀଙ୍କୁ କହିଲେ, "ଦେବି ! ବର୍ତ୍ତମାନ ନାରଦ ମୁନିଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ସେ କହିଛନ୍ତି ଯେ ତୁମେ ଭଗବାନ ଶଙ୍କରଙ୍କୁ ଆରାଧନା କଲେ ଉତ୍ତମ ପୁତ୍ରସନ୍ତାନ ଲାଭ କରିବ ।"

ଏହାପରେ ରାଜା, ରାଣୀ ଓ ସମସ୍ତ ନଗରବାସୀ ଈଶ୍ୱରଙ୍କର ଉପାସନାରେ ରତ ହେଲେ । ତିନିଦିନଧରି ଅନାହାରରେ ଭକ୍ତିପୂର୍ବକ

Digitized by srujanika@gmail.com

ଉପାସନା କରିବାରୁ ତୃତୀୟ ଦିନ ରାତିରେ ସ୍ୱପ୍ନେ ମହାଦେବ ଆଜ୍ଞା ଦେଲେ, 'ତୁମଠାରୁ କାମଦେବଙ୍କ ଅଂଶରେ ଏକ ପୁତ୍ର ଜନ୍ମଗ୍ରହଣ କରିବ । ମୋର ପ୍ରସାଦରୁ ସେ ସମସ୍ତ ବିଦ୍ୟାଧରଙ୍କର ରାଜା ହେବ ।' ମହାଦେବ ଅନ୍ତର୍ହିତ ହେବାପରେ ରାଜା ପ୍ରଭାତରୁ ଉଠି ବନ୍ଧୁବାନ୍ଧବ, ମନ୍ତ୍ରୀ, ପାରିଷଦ ଓ ପ୍ରଜାବୃନ୍ଦଙ୍କୁ ନେଇ ବ୍ରତ ଉଦ୍‌ଯାପନ କଲେ । ଏହାର କିଛି ଦିନ ପରେ ବାସବଦତ୍ତାଙ୍କୁ ସ୍ୱପ୍ନରେ ଆସି କୌଣସି ଜଟାଧାରୀ ପୁରୁଷ ଗୋଟିଏ ସୁମିଷ୍ଟ ଫଳ ପ୍ରଦାନ କଲେ । ରାଣୀଙ୍କଠାରୁ ଏ ସ୍ୱପ୍ନବୃତ୍ତାନ୍ତ ଶୁଣି ରାଜା ଅତ୍ୟନ୍ତ ପ୍ରସନ୍ନ ହୋଇ ଶୀଘ୍ର ମନୋରଥ ପୂର୍ଣ୍ଣ ହେବା ଆଶାରେ ସମୟ ବିତାଇବାକୁ ଲାଗିଲେ ।

Digitized by srujanika@gmail.com

ଦ୍ୱିତୀୟ ତରଙ୍ଗ

କିଛିଦିନ ପରେ ବାସବଦତ୍ତା ଗର୍ଭବତୀ ହେଲେ । ତାଙ୍କର ମୁଖ ଚନ୍ଦ୍ରବିମ୍ବତୁଲ୍ୟ ପାଣ୍ଡୁର ଦେଖାଗଲା । ମନେ ହେଲା କାମଦେବଙ୍କ ଅଂଶରେ ଜାତ ହେବାକୁ ଯାଉଥିବା ଗର୍ଭସ୍ଥ ସନ୍ତାନର ସହାୟତା ନିମନ୍ତେ ସ୍ୱୟଂ ନିଶାକର ଆସି ରାଣୀଙ୍କ ମୁଖରେ ବାସ କରୁଅଛନ୍ତି ! କାମଦେବଙ୍କ ପ୍ରେମରେ ଆସକ୍ତ ହୋଇ ରତି ଓ ପ୍ରୀତି ଯେପରି ରାଣୀଙ୍କ ଶଯ୍ୟାର ଉଭୟ ପାର୍ଶ୍ୱରେ ପ୍ରତିମାରୂପରେ ଶୋଭା ପାଉଥିଲେ । କିମ୍ବା ବିଦ୍ୟାଧରମାନଙ୍କର ଭାବି ଚକ୍ରବର୍ତ୍ତୀ ଗର୍ଭସ୍ଥ ବାଳକର ସେବା କରିବା ନିମନ୍ତେ ବିଭିନ୍ନ ବିଦ୍ୟା ଯେପରି ରାଣୀଙ୍କ ନିକଟରେ ଉପସ୍ଥିତ ହୋଇଅଛନ୍ତି । ସେ ସ୍ୱଚ୍ଛ, ଚମତ୍କାର ଓ ମଣିନିର୍ମିତ ଶୟନଗୃହ ମଧ୍ୟରେ ସର୍ବଦା ଶୟନ କରିଥାଆନ୍ତି । ସେ ଧାରଣ କରିଥିବା ଅଳଙ୍କାରଗୁଡ଼ିକୁ ଦେଖିଲେ ମନେ ହେଉଥିଲା ସତେ ଯେପରି ଭାବି ସନ୍ତାନର ଶରୀର କାନ୍ତିଦ୍ୱାରା ପରାଜିତ ହେବା ଉପରେ ଏମାନେ ଆସି ରାଣୀଙ୍କ ନିକଟରେ ଶରଣାଗତ ହୋଇଛନ୍ତି । ଶୟନଗୃହର ମଧ୍ୟଭାଗରେ ଆଲମ୍ବିତ ବହୁମୂଲ୍ୟ ରତ୍ନାଳଙ୍କାରଗୁଡ଼ିକୁ ଦେଖିଲେ ମନେ ହେଉଥିଲା ସତେ ଯେପରି ଗର୍ଭସ୍ଥ ଚକ୍ରବର୍ତ୍ତୀଙ୍କୁ ପ୍ରଣାମ କରିବା ନିମନ୍ତେ ବିଦ୍ୟାଧର-ମାନଙ୍କର ରାଜଲକ୍ଷ୍ମୀ ଆକାଶରୁ ଅବତରଣ କରୁଅଛନ୍ତି ।

ମହାରାଣୀ ସର୍ବଦା ମନ୍ତ୍ରସିଦ୍ଧ ସାଧକମାନଙ୍କର କଥା ଶୁଣିବା ପାଇଁ ଅଭିଳାଷ ପ୍ରକାଶ କରୁଥିଲେ । ସେ ସର୍ବଦା ସ୍ୱପ୍ନରେ ସୁନ୍ଦର ସୁଲଳିତ କଣ୍ଠରେ ଗାନ କରୁଥିବା ବିଦ୍ୟାଧରୀମାନେ ତାଙ୍କୁ ସ୍ତୁତି କରୁଥିବା ଦେଖୁଥିଲେ । ଜାଗ୍ରତ ଅବସ୍ଥାରେ ମଧ୍ୟ ସେ ଆକାଶରେ ବିଚରଣ କରିବା ଓ ପୃଥିବୀରେ ଇନ୍ଦ୍ରଜାଲ ବିଦ୍ୟା ଦର୍ଶନ କରିବା ନିମନ୍ତେ ଇଚ୍ଛା କରୁଥିଲେ । ମନ୍ତ୍ରୀ ଯୌଗନ୍ଧରାୟଣ ତନ୍ତ୍ର, ମନ୍ତ୍ର ଓ ଐନ୍ଦ୍ରଜାଲିକ ବିଦ୍ୟାଦ୍ୱାରା ରାଣୀଙ୍କର ଦୋହଦ ପୂର୍ତ୍ତି କରୁଥିଲେ । ଆକାଶବିହାର ବିଦ୍ୟାଦ୍ୱାରା ସେ ନଗର-

Digitized by srujanika@gmail.com

ବାସୀଙ୍କର ଆଶ୍ଚର୍ଯ୍ୟ ସମ୍ପାଦନ କରି ଆକାଶରେ ବିହାର କରୁଥିଲେ । ଥରେ ନିଜର ଅନ୍ତଃପୁର ମଧ୍ୟରେ ବସିଥିଲାବେଳେ ବିଦ୍ୟାଧରମାନଙ୍କର ଉଦାର-ଚରିତ ଶୁଣିବା ନିମନ୍ତେ ତାଙ୍କର ଇଚ୍ଛା ହେଲା । ସେତେବେଳେ ଯୌଗନ୍ଧରାୟଣ ଉପସ୍ଥିତ ଜନତା ସମ୍ମୁଖରେ ନିମ୍ନଲିଖିତ କଥା ଶୁଣାଇବାକୁ ଲାଗିଲେ—

ଜୀମୂତବାହନ କଥା

ପାର୍ବତୀଙ୍କର ପିତା ଓ ପର୍ବତମାନଙ୍କର ରାଜା ହିମାଳୟ ମହା-ଦେବଙ୍କର ଶ୍ୱଶୁରରୂପେ ସୁପରିଚିତ । ଏହି ପର୍ବତ ବିଦ୍ୟାଧରମାନଙ୍କର ବାସସ୍ଥଳୀ । ଏହାର ଶୀର୍ଷତମ ଶୃଙ୍ଗରେ ସେମାନଙ୍କର ରାଜା ଜୀମୂତକେତୁ ବାସ କରୁଥିଲେ । ବହୁକାଳ ଧରି ତାଙ୍କର ବାସଭବନ ସମ୍ମୁଖରେ ମନୋରଥଦାୟକ ନାମରେ ଏକ ଉଦ୍ୟାନ ଥିଲା । ଏହି ଉଦ୍ୟାନର ମଧ୍ୟ ଭାଗରେ ଶୋଭା ପାଉଥିବା କଳ୍ପବୃକ୍ଷ ସମସ୍ତ କାମନା ପୂର୍ତ୍ତି କରିବାରେ ସମର୍ଥ ଥିଲା ।

ଏକଦା ରାଜା ସେହି ଉଦ୍ୟାନ ମଧ୍ୟରେ ଭ୍ରମଣ କରୁଥିଲାବେଳେ ଉକ୍ତ କଳ୍ପବୃକ୍ଷ ମୂଳରେ ଦଣ୍ଡାୟମାନ ହୋଇ ତାଙ୍କୁ ପ୍ରାର୍ଥନା କଲେ, 'ହେ ଦେବସ୍ୱରୂପ ! ଆମ୍ଭେମାନେ ସର୍ବଦା ଆପଣଙ୍କ ଦୟାରୁ ଆମର ମନୋରଥ ପୂର୍ତ୍ତିକରି ଆସିଅଛୁ । ବର୍ତ୍ତମାନ ଆପଣ ମୋତେ ଗୋଟିଏ ପୁତ୍ର ଦାନ କରି ଅପୁତ୍ରିକ ଦୋଷରୁ ମୁକ୍ତ କରନ୍ତୁ ।' ଏହା ଶୁଣି କଳ୍ପବୃକ୍ଷ କହିଲା, 'ହେ ରାଜନ୍ ! ତୁମର ନିଶ୍ଚିତଭାବରେ ଏକ ପୁତ୍ର ଜାତ ହେବ । ସେ ଜାତିସ୍ମର, ପରୋପକାରୀ ଓ ଦାନବୀର ମଧ୍ୟ ହେବ ।' ରାଜା ଏଥିରେ ଆନନ୍ଦିତ ହୋଇ ପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ଅଳ୍ପଦିନ ପରେ ରାଜାଙ୍କର ଏକ ପୁତ୍ରସନ୍ତାନ ଜାତ ହେଲା । ପିତା ତାକୁ ଜୀମୂତବାହନ ନାମରେ ନାମିତ କଲେ । ଏହି ସନ୍ତାନଟି ଧୀରେ ଧୀରେ ବଢ଼ିବାକୁ ଲାଗିଲା ଏବଂ କାଳକ୍ରମେ ଯୁବରାଜ ପଦରେ ଅଭିଷିକ୍ତ ହେଲା ।

ଏକଦା ସେ ରାଜାଙ୍କୁ ସେବାଦ୍ୱାରା ସନ୍ତୁଷ୍ଟ କରି କହିଲେ, 'ପିତା ! ଏହି ସଂସାରରେ ସମସ୍ତ ବସ୍ତୁ ବିନାଶଶୀଳ । ମହାତ୍ମାମାନଙ୍କର ନିର୍ମଳ

Digitized by srujanika@gmail.com

ଯଶ କେବଳ ଏମାନଙ୍କ ମଧ୍ୟରେ ଚିରସ୍ଥାୟୀ । ଯଦି ପରୋପକାରଦ୍ୱାରା ଉତ୍ପନ୍ନ ଏହି ଯଶ ଏତେ ଉତ୍କୃଷ୍ଟ, ତାହାହେଲେ ଉଦାରଚେତା ବ୍ୟକ୍ତି-ମାନଙ୍କ ପକ୍ଷରେ ଏହା କଣ ପ୍ରାଣଠାରୁ ଆହୁରି ଆଦରଣୀୟ ନୁହେଁ ? ଧନ ସମ୍ପତ୍ତି ଚଞ୍ଚଳା ସଦୃଶ୍ୟ କ୍ଷଣସ୍ଥାୟୀ ଓ ଅନ୍ୟମାନଙ୍କ ଚକ୍ଷୁଶୂଳର କାରଣ, ଚଞ୍ଚଳ ଓ ଅନ୍ୟମାନଙ୍କର ଅନିଷ୍ଟକର । ତେଣୁ ଏହି ଯେଉଁ କଳ୍ପବୃକ୍ଷ ଆମ ଉଦ୍ୟାନରେ ରହିଛି ତାକୁ ଯଦି ଅନ୍ୟମାନଙ୍କର ସେବାରେ ନିଯୁକ୍ତ କରାଯାଇ ପାରନ୍ତା, ତାହାହେଲେ ଏହା ସାର୍ଥକ ହୁଅନ୍ତା । ମୋ ମତରେ ଏ ବୃକ୍ଷର ସାହାଯ୍ୟ ନେଇ ପୃଥିବୀର ସମସ୍ତ ଦରିଦ୍ରଙ୍କୁ ଧନବାନ୍ କରି ଦିଆଯିବା ଉଚିତ ।'

ପିତାଙ୍କଠାରୁ ଆଦେଶ ଲାଭକରି ଜୀମୂତବାହନ କଳ୍ପଦ୍ରୁମ ନିକଟରେ ଯାଇ ଉପସ୍ଥିତ ହେଲେ ଏବଂ ତାକୁ କହିଲେ, 'ହେ ଦେବ ! ତୁମେ ସର୍ବଦା ଆମ ବଂଶର ଅଭୀଷ୍ଟ ପୂର୍ତ୍ତିକରି ଆସିଅଛ । ଆଜି ତୁମକୁ ମୋର ଏକ ବିଶିଷ୍ଟ ଅଭିଳାଷ ପୂର୍ତ୍ତି କରିବାକୁ ହେବ । ତୁମେ ସମଗ୍ର ପୃଥିବୀକୁ ଦରିଦ୍ରରହିତ କରିଦିଅ । ଏହାଦ୍ୱାରା ତୁମର ମଧ୍ୟ କଲ୍ୟାଣ ହେବ । ମୁଁ ତୁମକୁ ଭିକ୍ଷୁକମାନଙ୍କ ନିମନ୍ତେ ଦାନ କରିଦେଲି ।' ଏଥିରେ କଳ୍ପବୃକ୍ଷ ପ୍ରସନ୍ନ ହୋଇ ପୃଥିବୀରେ ପ୍ରଚୁର ସ୍ୱର୍ଣ୍ଣମୁଦ୍ରା ବୃଷ୍ଟି କଲା । ଫଳରେ ସମସ୍ତ ପ୍ରଜା ଆନନ୍ଦ ଲାଭକଲେ ଓ ଦାରିଦ୍ର୍ୟମୁକ୍ତ ହେଲେ । ଜୀମୂତବାହନଙ୍କର ଯଶ ଦିଗ ବିଦିଗରେ ପ୍ରଚରିତ ହେବାକୁ ଲାଗିଲା । ସେ ମହାତ୍ମା ବୁଦ୍ଧଦେବଙ୍କ ଅଂଶରେ ଜାତ ବୋଲି ଖ୍ୟାତି ଲାଭ କଲେ ।

ଜୀମୂତକେତୁଙ୍କ ସୌଭାଗ୍ୟ ଓ ଜୀମୂତବାହନଙ୍କର ଉଜ୍ଜ୍ୱଳ ଯଶ ରାଜବଂଶ ଜାତ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଈର୍ଷାଜାତ କଲା ଏବଂ ସେମାନେ ରାଜାଙ୍କର ବିରୁଦ୍ଧାଚରଣ କରିବାରେ ଲାଗିଲେ । ପ୍ରଚୁର ଦାନ କରିବା ଫଳରେ କଳ୍ପବୃକ୍ଷ ନିଃସାର ହୋଇ ପଡ଼ିଥିଲା ତେଣୁ ସେମାନେ ରାଜାଙ୍କୁ ଜୟ କରିବା ପାଇଁ ସମର୍ଥ ହେବେ ବୋଲି ଆଶା କରୁଥିଲେ । ଏମାନଙ୍କୁ ଯୁଦ୍ଧରେ ପ୍ରବୃତ୍ତ ହେବାର ଲକ୍ଷ୍ୟ କରି ଧୈର୍ଯ୍ୟଶାଳୀ ଜୀମୂତବାହନ ନିବେଦନ କଲେ, 'ମାନବ ଶରୀର ଜଳ ବୁଦ୍‌ବୁଦ ଭଳି କ୍ଷଣସ୍ଥାୟୀ । ରାଜଲକ୍ଷ୍ମୀ ପ୍ରଚଣ୍ଡ ବାତ୍ୟା ମଧ୍ୟରେ ଆଲୋକ ବିକିରଣ କରୁଥିବା ଦୀପଶିଖା

Digitized by srujanika@gmail.com

ତୁଲ୍ୟ କାହାର ଉପକାର ସାଧନ କରିପାରେ ନାହିଁ । ଏ ପ୍ରକାର ଅସ୍ଥିର ସମ୍ପଦ ପାଇଁ କେଉଁ ବୁଦ୍ଧିମାନ୍ ବ୍ୟକ୍ତି ନିଜ ନିଜ ମଧ୍ୟରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେବ ?' ତେଣୁ ହେ ତାତ ! ମୁଁ ଏ ଜ୍ଞାତି କୁଟୁମ୍ବଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ନୁହେଁ, ଏମାନଙ୍କୁ ରାଜ୍ୟ ସମର୍ପଣ କରି ଅରଣ୍ୟକୁ ଚାଲିଯିବା ନିମନ୍ତେ ମୁଁ ଇଚ୍ଛା କରୁଅଛି । ଏହାଦ୍ୱାରା ରାଜ୍ୟରେ ଶାନ୍ତି ସ୍ଥାପିତ ହେବ ଏବଂ ତା ସଙ୍ଗେ ସଙ୍ଗେ ବଂଶ ମଧ୍ୟ ରକ୍ଷା କରାଯାଇ ପାରିବ । ଏହା ଶୁଣି ଜୀମୂତକେତୁ ମଧ୍ୟ ଅନୁରୂପ ଇଚ୍ଛାପ୍ରକାଶ କଲେ । ଫଳରେ ଜୀମୂତବାହନ ନିଜର ପିତା ଓ ମାତାଙ୍କ ସହିତ ମଳୟ ପର୍ବତକୁ ପ୍ରସ୍ଥାନ କଲେ । ଚନ୍ଦନବୃକ୍ଷ ଆବୃତ ବିଭିନ୍ନ ନିର୍ଝରିଣୀ ପରିପୂର୍ଣ୍ଣ ଓ ମୁନିଋଷି-ମାନଙ୍କର ଆଶ୍ରମସ୍ଥଳ ଏହି ମଳୟାଚଳରେ ଜୀମୂତବାହନ ଏକ କୁଟୀର ନିର୍ମାଣ କରି ପିତାମାତାଙ୍କ ସେବାରେ ନିଯୁକ୍ତ ହେଲେ ।

ଏଠାରେ ସିଦ୍ଧମାନଙ୍କର ରାଜା ବିଶ୍ୱାବସୁଙ୍କ ପୁତ୍ର ମିତ୍ରାବସୁଙ୍କ ସହିତ ଜୀମୂତବାହନଙ୍କର ମିତ୍ରତା ସ୍ଥାପିତ ହେଲା । ଜାତିସ୍ମର ଜୀମୂତବାହନ ଏକଦା ନିର୍ଜନରେ ମିତ୍ରାବସୁଙ୍କ ଭଗିନୀ ମଳୟବତୀଙ୍କୁ ଦେଖି, ସେ ତାଙ୍କର ପୂର୍ବଜନ୍ମର ପତ୍ନୀ ଥିଲେ ବୋଲି ଜାଣିପାରିଲେ । ପ୍ରଥମ ଦର୍ଶନରେ ହିଁ ଉଭୟେ ଉଭୟଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । କିଛିଦିନ ପରେ ମିତ୍ରାବସୁ ଜୀମୂତବାହନଙ୍କ ନିକଟରେ ଉପସ୍ଥିତ ହୋଇ ନିବେଦନ କଲେ, 'ମିତ୍ର ! ମଳୟବତୀ ନାମରେ ମୋର ଏକ କନିଷ୍ଠା ଭଗିନୀ ଅଛି । ଅନୁରୋଧ, ତୁମେ ତାକୁ ଗ୍ରହଣ କରିବ ।' ଏହା ଶୁଣିବା ମାତ୍ରେ ହିଁ ଜୀମୂତ-ବାହନ କହିଲେ, 'ଯୁବରାଜ ! ପୂର୍ବଜନ୍ମରେ ମଧ୍ୟ ସେ ମୋର ପତ୍ନୀ ଥିଲେ ଏବଂ ତୁମେ ମୋର ପରମ ମିତ୍ର ଥିଲ । ମୁଁ ଜାତିସ୍ମର ହେତୁ ମୋର, ତୁମର ଓ ତାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଜାଣିପାରୁଛି ।' ଏହା ଶୁଣି ମିତ୍ରାବସୁ ପୂର୍ବଜନ୍ମ ବୃତ୍ତାନ୍ତ ଶୁଣାଇବା ନିମନ୍ତେ ଜୀମୂତବାହନଙ୍କୁ ବିନମ୍ର ଅନୁରୋଧ କଲେ ।

ଜୀମୂତବାହନଙ୍କ ପୂର୍ବଜନ୍ମ ବୃତ୍ତାନ୍ତ

ମିତ୍ରାବସୁଙ୍କଠାରୁ ଏହା ଶୁଣି ଜୀମୂତବାହନ ନିଜର ପୂର୍ବଜନ୍ମ ବୃତ୍ତାନ୍ତ କହିବା ଆରମ୍ଭ କଲେ ।

Digitized by srujanika@gmail.com

ମୁଁ ପୂର୍ବଜନ୍ମରେ ଆକାଶଗାମୀ ବିଦ୍ୟାଧର ଥିଲି । ଥରେ ଆକାଶରେ ବିଚରଣ କରୁଥିବା ସମୟରେ ମୁଁ ହିମାଳୟର ଶିଖର ଅତିକ୍ରମ କରିଗଲି । ଏହି ଶିଖରର ମଧ୍ୟଭାଗରେ ଶିବ ପାର୍ବତୀଙ୍କ ସହ ଭ୍ରମଣ କରୁଥିଲେ । ମୋର ଏ ପ୍ରକାର ଆଚରଣ ଦେଖି ସେ ମୋତେ ପୃଥିବୀରେ ଜନ୍ମଗ୍ରହଣ କରିବା ନିମନ୍ତେ ଅଭିଶାପ ଦେଲେ ଏବଂ କୌଣସି ବିଦ୍ୟାଧରୀକୁ ବିବାହ କରି ପୁତ୍ର ଜନ୍ମ ପରେ ପୁଣି ବିଦ୍ୟାଧରରୂପେ ଫେରିଯିବା ନିମନ୍ତେ ଆଦେଶ ପ୍ରଦାନ କଲେ ।

ଏହାପରେ ମୁଁ ବଲ୍‌ଭି ନାମକ ନଗରୀରେ ଏକ ଧନୀ ବୈଶ୍ୟ ପରିବାରରେ ଜନ୍ମଗ୍ରହଣ କରି ବସୁଦତ୍ତ ନାମରେ ପରିଚିତ ହେଲି । କିଛିଦିନ ପରେ ଯୌବନ ଅବସ୍ଥା ପ୍ରାପ୍ତହେବାରୁ ପିତାଙ୍କ ଆଦେଶରେ ବାଣିଜ୍ୟ ନିମନ୍ତେ ଦ୍ୱୀପାନ୍ତର ଯାତ୍ରାକଲି । ସେଠାରୁ ପ୍ରତ୍ୟାବର୍ତ୍ତନ କରୁଥିଲି-ବେଳେ ଦସ୍ୟୁମାନେ ଆକ୍ରମଣ କରି ମୋର ସମସ୍ତ ଧନସମ୍ପତ୍ତି ଲୁଟି ନେଲେ ଏବଂ କୌଣସି ଚଣ୍ଡିକା ମନ୍ଦିରରେ ବଳିଦାନ କରିବା ନିମନ୍ତେ ମୋତେ ନେଇ ଚାଲିଗଲେ । ସେଠାରେ ମୁଁ ତାଙ୍କର ଅଧିପତି ପୁଳିନ୍ଦକଙ୍କ ନିକଟରେ ଉପସ୍ଥିତ ହେଲି । ସେ ଶବରକୁଳରେ ଜନ୍ମ ହେଲେ ମଧ୍ୟ ମୋ ପ୍ରତି ଦୟାର୍ଦ୍ର ହୋଇପଡ଼ିଲେ ଏବଂ ନିଜକୁ ବଳିଦାନ ଦେଇ ମତେ ରକ୍ଷାକରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ । ଏହି ସମୟରେ ଶୂନ୍ୟବାଣୀ ହେଲା, 'ଏପରି କରିବା ଉଚିତ୍ ନୁହେ । ମୁଁ ତୁମ ଉପରେ ପ୍ରସନ୍ନ ହେଲି, ବର ପ୍ରାର୍ଥନା କର ।' ଏହା ଶୁଣି ଶବରାଧିପତି କହିଲେ, 'ଦେବି ! ଆପଣ ଯଦି ମୋ ଉପରେ ପ୍ରସନ୍ନା, ମୋର ଅନ୍ୟ କୌଣସି ପଦାର୍ଥରେ ଆଉ ଆବଶ୍ୟକତା ନାହିଁ । କେବଳ ଆଗାମୀ ଜନ୍ମରେ ମଧ୍ୟ ଏହି ବୈଶ୍ୟପୁତ୍ରଙ୍କ ସହିତ ମୋର ମିତ୍ରତା ଅକ୍ଷୁଣ୍ଣ ରହିବା ନିମନ୍ତେ ବର ପ୍ରଦାନ କରନ୍ତୁ ।' ଶୂନ୍ୟବାଣୀ "ତଥାସ୍ତୁ" କହି ନୀରବ ହେଲା ଏବଂ ଶବରାଧିପତି ମତେ ଯଥେଷ୍ଟ ଧନ ପ୍ରଦାନ କରି ବିଦାୟ ଦେଲେ ।

ଏହିପରି ସାର୍ଥଯାତ୍ରା ସମାପ୍ତିପୂର୍ବକ ମୃତ୍ୟୁମୁଖରୁ ଫେରି ଆସିଥିବାରୁ ମୋର ପିତା ରାଜ୍ୟରେ ମହା ଉତ୍ସବ ପାଳନ କଲେ । ମୁଁ ମଧ୍ୟ କିଛିଦିନ ଆନନ୍ଦରେ କାଳଯାପନ କରିବାକୁ ଲାଗିଲି । ଦିନେ କେତେ ଜଣ ଡକାୟତଙ୍କୁ

Digitized by srujanika@gmail.com

ଚୌର୍ଯ୍ୟ ଅପରାଧରେ ରାଜଦରବାରରେ ଉପସ୍ଥାପିତ କରାଗଲା । ସେଠାରେ ମୁଁ ମୋର ମିତ୍ର ପୁଲନ୍ଦକଙ୍କୁ ଦେଖି ବିକଳ ହୋଇପଡ଼ିଲି । ଏ କଥା ମୋର ପିତାଙ୍କ ନିକଟରେ ପ୍ରକାଶ କରିବାରୁ ସେ ରାଜାଙ୍କୁ କହି ପୁଲନ୍ଦକଙ୍କୁ ମୁକ୍ତ କଲେ ଏବଂ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରି ସ୍ୱଗୃହକୁ ନିମନ୍ତ୍ରଣ କରି ଆଣିଲେ । ସେ ମୋ ପାଖରେ କିଛିଦିନ ବସବାସ କରି ସ୍ୱରାଜ୍ୟକୁ ଫେରିଗଲେ କିନ୍ତୁ ମୋର ବନ୍ଧୁତା ବିସ୍ମୃତ ହୋଇପାରିଲେ ନାହିଁ । ମୋତେ ପ୍ରଦାନ କରିବା ନିମନ୍ତେ ତାଙ୍କ ନିକଟରେ ଥିବା ମଣିମୁକ୍ତାଗୁଡ଼ିକୁ ପର୍ଯ୍ୟାପ୍ତ ମନେ ନକରି, ନିଜେ ଦୁର୍ଲ୍ଲଭ ଗଜମୁକ୍ତା ସଂଗ୍ରହ କରିବା ପାଇଁ ହିମାଳୟ ପର୍ବତକୁ ଗମନ କଲେ ।

ସେଠାରେ ଭ୍ରମଣ କରୁଥିବାବେଳେ ଏକ ଦେବମନ୍ଦିର ଏବଂ ଏକ ବିରାଟ ପୁଷ୍କରିଣୀ ତାଙ୍କର ଦୃଷ୍ଟିଗୋଚର ହେଲା । ପୁଷ୍କରିଣୀଟି ବହୁ ପଦ୍ମ-ପୁଷ୍ପ ଦ୍ୱାରା ପରିପୂର୍ଣ୍ଣଥିବାରୁ ସେ ସେଠାକୁ ଜଳପାନ କରିବାକୁ ଆସୁଥିବା ହସ୍ତୀମାନଙ୍କୁ ହତ୍ୟାକରି ଗଜମୁକ୍ତା ଆହରଣ କରିବା ନିମନ୍ତେ ସେଠାରେ ଗୁପ୍ତଭାବରେ ଅପେକ୍ଷା କରିବାକୁ ଲାଗିଲେ । ଏହି ଅବସରରେ ଏକ ଅଦ୍ଭୁତ ଦୃଶ୍ୟ ତାଙ୍କର ନୟନଗୋଚର ହେଲା । ଜଣେ ଅଦ୍ଭୁତ ସୁନ୍ଦରୀ କୁମାରୀ ଶିବଙ୍କର ଉପାସନା କରିବା ନିମନ୍ତେ ଏକ ସିଂହପୃଷ୍ଠରେ ଆରୋହଣ କରି ଉପସ୍ଥିତ ହେଲେ । ଦ୍ୱିତୀୟ ପାର୍ବତୀରୂପିଣୀ ଏ କନ୍ୟାଟିକୁ ଦେଖି ପୁଲନ୍ଦକ ଚିନ୍ତା କରିବାକୁ ଲାଗିଲେ, 'ଏ ଯଦି ମାନବ କନ୍ୟା ହୋଇଥାଆନ୍ତା ତାହାହେଲେ ସିଂହ ଉପରେ ଆରୋହଣ କରିବା ସମ୍ଭବପର ହୋଇନଥାଆନ୍ତା ଏବଂ ଯଦି ଦେବକନ୍ୟା ହୋଇଥାଆନ୍ତା ତେବେ ମୋ ଭଳି ମାନବର ଦୃଷ୍ଟି-ଗୋଚର ହେବା ସମ୍ଭବ ହୋଇନଥାଆନ୍ତା । ତେଣୁ ନିଶ୍ଚିତଭାବରେ ଏ ମୋର ଚକ୍ଷୁଯୁଗଳର ପୂର୍ବକୃତ ପୁଣ୍ୟର ଶରୀରଧାରିଣୀ ମୂର୍ତ୍ତି । ଯଦି ଏହି ସୁନ୍ଦରୀ ସହିତ ମୋର ମିତ୍ର ବସୁଦତ୍ତଙ୍କର ସମ୍ପର୍କ ସ୍ଥାପିତ କରାଇ ପାରିବି, ତାହାହେଲେ ତାଙ୍କର ପ୍ରକୃତ ପ୍ରତ୍ୟୁପକାର କରିପାରିବି ବୋଲି ମନେ କରିବି ।' ଏପରି ଚିନ୍ତାକରି ସେ ସେହି କୁମାରୀଙ୍କ ନିକଟକୁ ଅଗ୍ରସର ହେଲେ । ସେହି ସମୟରେ ସୁନ୍ଦରୀ ସିଂହପୃଷ୍ଠରୁ ଅବତରଣ କରି ପୁଷ୍ପଚୟନ କରିବା ନିମନ୍ତେ ପୁଷ୍କରିଣୀ ମଧ୍ୟରେ ପ୍ରବେଶ କଲେ । ପୁଲନ୍ଦକଙ୍କୁ ପ୍ରଣାମ କରୁଥିବା ଦେଖି ସେ ତାଙ୍କର ପରିଚୟ ଜିଜ୍ଞାସା କଲେ । ଏହାର

Digitized by srujanika@gmail.com

ଉତ୍ତରରେ ସୁନନ୍ଦକ କହିଲେ, 'ମୁଁ ଭବାନୀ ଭକ୍ତ ଶବରରାଜ । ଗଜମୁକ୍ତା ସଂଗ୍ରହ କରିବା ନିମନ୍ତେ ଭ୍ରମଣ କରୁଅଛି । ତୁମର ଦର୍ଶନ ଲାଭକରି ମୋର ଜଣେ ପରମ-ଆତ୍ମୀୟ ବନ୍ଧୁଙ୍କ କଥା ସ୍ମରଣ ହେଲା । ସେ ଜଣେ ଧନଶାଳୀ ବୈଶ୍ୟଙ୍କର ସନ୍ତାନ । ତାଙ୍କ ନାମ ବସୁଦତ୍ତ । ରୂପ ଓ ଯୌବନରେ ସେ ତୁମର ସମକକ୍ଷ । ସେ ପ୍ରକାର ପୁରୁଷରତ୍ନ ପୃଥିବୀରେ ଅଦ୍ୱିତୀୟ । ଯେଉଁ କୁମାରୀ ତାଙ୍କର ପାଣିଗ୍ରହଣ କରିବ ସେ ଧନ୍ୟ ହେବ । ସେ ମିତ୍ରତା, ଦୟା, ଦାନ ଓ ଧୈର୍ଯ୍ୟର ସମୁଦ୍ର ! ତୁମଭଳି ସୁନ୍ଦରୀ ଯଦି ତାଙ୍କ ସହିତ ମିଳିତ ନହୁଏ ତାହାହେଲେ କାମଦେବଙ୍କର ପୁଷ୍ପଧନୁ ଓ ପୁଷ୍ପବାଣ ଧାରଣ କରିବା ବୃଥା ହେବ ବୋଲି ମୋର ମନେ ହୁଏ ।'

କାମଦେବଙ୍କ ମୋହନମନ୍ତ୍ରସ୍ୱରୂପ ଶବର ରାଜାଙ୍କର ଏ ପ୍ରକାର କଥା ଶୁଣି ସେହି କୁମାରୀ ଅନ୍ୟମନସ୍କା ହୋଇଉଠିଲେ ଏବଂ ସେହି ମିତ୍ରଙ୍କୁ ଆଣି ଉପସ୍ଥାପିତ କରାଇବା ନିମନ୍ତେ ଅନୁରୋଧ କଲେ । ସୁନନ୍ଦକ ଏଥିରେ ଆନନ୍ଦିତ ହୋଇ ନିଜ ସୈନ୍ୟଙ୍କୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ମୁକ୍ତା, କସ୍ତୁରୀ ପ୍ରଭୃତିରେ ବହୁ ସହସ୍ର ଶକଟ ସହ ବସୁଦତ୍ତଙ୍କ ଗୃହରେ ଯାଇ ଉପସ୍ଥିତ ହେଲେ । ସେଠାରେ ସମସ୍ତଙ୍କଦ୍ୱାରା ଯଥାଯୋଗ୍ୟ ସତ୍କୃତ ହୋଇ ବହୁ ଲକ୍ଷ ମୂଲ୍ୟର ଉପହାର ବସୁଦତ୍ତଙ୍କ ପିତାଙ୍କୁ ପ୍ରଦାନ କଲେ । ଅନନ୍ତ ପ୍ରମୋଦରେ ଦିନଟି ଅତିବାହିତ ହେଲା । ନିଶାର୍ଦ୍ଧରେ ସୁନନ୍ଦକ ମୋ ନିକଟକୁ ଆସି ସୁନ୍ଦରୀ କୁମାରୀଙ୍କର ବୃତ୍ତାନ୍ତ ଆମୂଳଚୂଳ ଶୁଣାଇବାକୁ ଲାଗିଲେ ଏବଂ ସଙ୍ଗେ ସଙ୍ଗେ ମୋତେ ନେଇ ହିମାଳୟ ଅଭିମୁଖେ ଯାତ୍ରା କଲେ । ପ୍ରାତଃକାଳରେ ପିତା ଏ ସମ୍ବାଦ ଲାଭକରି ବିଶ୍ୱସ୍ତ ଶବରରାଜଙ୍କ ଉପରେ ଭରସା ରଖି ଧୈର୍ଯ୍ୟ ସହ ଅପେକ୍ଷା କରିବାକୁ ଲାଗିଲେ ।

ଆମେ ଏଣେ ଅତିଶୀଘ୍ର ଯାଇ ହିମାଳୟ ପର୍ବତରେ ପହଞ୍ଚିଲୁ ଏବଂ ପୂର୍ବୋକ୍ତ ପୁଷ୍କରିଣୀ ନିକଟରେ ବିଭିନ୍ନ ସୁମିଷ୍ଟ ଫଳ ଭୋଜନ କରି ରାତ୍ରି ଯାପନ କଲୁ । ଉକ୍ତ ରମଣୀୟ ସ୍ଥାନଟି ବିବିଧ ପୁଷ୍ପର ସୁଗନ୍ଧ, ଭ୍ରମରର ସଙ୍ଗୀତ ଓ ଔଷଧି ଗୁଳ୍ମଗୁଡ଼ିକର ଦୀପ୍ତି ଦ୍ୱାରା ଅତ୍ୟନ୍ତ ରମଣୀୟ ଦେଖା ଯାଉଥିଲା । ଦ୍ୱିତୀୟ ଦିନ ପ୍ରାତଃକାଳରୁ ହିଁ ଉତ୍କଣ୍ଠାର ସହିତ ଆମେ ଉକ୍ତ ସୁନ୍ଦରୀଙ୍କର ପ୍ରତୀକ୍ଷା କରିବାକୁ ଲାଗିଲୁ । ଦକ୍ଷିଣ ଚକ୍ଷୁର ସ୍ପନ୍ଦନ ସଙ୍ଗେ ସଙ୍ଗେ ସେ

Digitized by srujanika@gmail.com

ସେଠାରେ ଆସି ଉପସ୍ଥିତ ହେଲେ । ସିଂହପୃଷ୍ଠରେ ଆରୋହଣ କରିଥିବା ସେହି ସୁନ୍ଦରୀ ଶରତ୍କାଳୀନ ମେଘରେ ଉଜ୍ଜ୍ୱଳ ଚନ୍ଦ୍ରକଳା ତୁଲ୍ୟ ଶୋଭା ପାଉଥିଲେ । ତାଙ୍କୁ ଦେଖି ମୋର ହୃଦୟ ବିସ୍ମୟ, ଉତ୍କଣ୍ଠା ଓ ଭୟରେ ପ୍ରକମ୍ପିତ ହେବାକୁ ଲାଗିଲା । ସେ ପୁଷ୍କରିଣୀରେ ସ୍ନାନକରି ବିଭିନ୍ନ ପୁଷ୍ପ ସଂଗ୍ରହ କଲେ ଏବଂ ପରେ ମହାଦେବଙ୍କର ଉପାସନା କରିବାକୁ ଲାଗିଲେ ।

ପୂଜା ସମାପ୍ତ ହେବାପରେ ମୋର ମିତ୍ର ପୁଳିନ୍ଦକ ତାଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ପରିଚୟ ପ୍ରଦାନ କଲେ ଏବଂ କହିଲେ, 'ହେ ଦେବି ! ମୁଁ ତୁମର ଅନୁରୂପ ପତି ମୋର ସେହି ମିତ୍ରଙ୍କୁ ନେଇ ଆସିଛି, ଆଦେଶ କଲେ ଉପସ୍ଥିତ କରାଇବି ।' ଏଥିରେ ସେ ସମ୍ମତା ହେବାରୁ ପୁଳିନ୍ଦକ ମୋତେ ଆସି ତାଙ୍କ ସମ୍ମୁଖକୁ ନେଇଗଲେ । ସେହି ସୁନ୍ଦରୀ ମୋତେ ଦେଖିବା ମାତ୍ରେ କଟାକ୍ଷପାତପୂର୍ବକ କାମପୀଡ଼ିତ ହୋଇ ଶବରରାଜଙ୍କୁ କହିଲେ, 'ତୁମର ଏହି ମିତ୍ର କଦାପି ମନୁଷ୍ୟ ନୁହନ୍ତି, ସେ ନିଶ୍ଚିତଭାବରେ କୌଣସି ଦେବତା । କାରଣ ମନୁଷ୍ୟ ପକ୍ଷରେ ଏପରି ରୂପବାନ ହେବା ସମ୍ଭବପର ନୁହେଁ । କୌଣସି ଦେବତା ମତେ ବଞ୍ଚିତ କରିବା ପାଇଁ ଏଠାରେ ଆସି ଉପସ୍ଥିତ ହୋଇଅଛନ୍ତି ।'

ଏହା ଶୁଣି ତାଙ୍କ ମନରେ ବିଶ୍ୱାସ ଜାତ କରାଇବା ପାଇଁ ମୁଁ [illegible] କହିଲି, "ସୁନ୍ଦରି ! ମୁଁ ପ୍ରକୃତରେ ମନୁଷ୍ୟ । ତୁମ ଭଳି ସୁନ୍ଦରୀ ଓ ସରଳା ବାଳିକାକୁ ବଞ୍ଚିତ କରିବାରେ କିଛି ଲାଭ ନାହିଁ । ମୁଁ ବଲଭୀ ନଗରରେ ବାସ କରୁଥିବା ମହାଧନ ନାମକ ବ୍ୟବସାୟୀଙ୍କ ପୁତ୍ର । ମୋର ପିତା ପୁତ୍ର ପ୍ରାପ୍ତି ନିମନ୍ତେ ଶିବଙ୍କର ଉପାସନା କରୁଥିଲେ । ଏଥିରେ ସନ୍ତୁଷ୍ଟ ହୋଇ ଦିନେ ଶିବ ତାଙ୍କୁ ସ୍ୱପ୍ନରେ କହିଲେ ଯେ, 'ତୁମର ଉପାସନା ସଫଳ ହେଲା ତୁମେ ଏକ ମହାତ୍ମା ପୁତ୍ର ଲାଭ କରିବ ।' ଫଳରେ ମୋର ଜନ୍ମ ହେଲା । ଏହା ହିଁ ମୋର ଜନ୍ମ ବୃତ୍ତାନ୍ତ । ମୋର ନାମ ବସୁଦତ୍ତ ଏବଂ ଶବରରାଜ ମୋର ଉପଦେବଙ୍କର ବନ୍ଧୁ ।" ଏହା କହି ମୁଁ ମୌନ ରହନ୍ତେ ସେହି କୁମାରୀ ଲଜ୍ଜାରେ ମୁଖ ଅବନତ କରି କହିଲେ, 'ଏହା ଅବଶ୍ୟ ସତ୍ୟ । ଆଜି ମୁଁ ସ୍ୱପ୍ନରେ ଶିବଙ୍କର ଉପାସନା କରିଥିଲି । ସେ ସନ୍ତୁଷ୍ଟ ହୋଇ ବରଦାନ କରିଥିଲେ ଯେ ତୁମ୍ଭଠାରୁ ହିଁ ମୁଁ ମୋର ଉପଯୁକ୍ତ ପତି ପ୍ରାପ୍ତ ହେବି । ସେଣୁ

Digitized by srujanika@gmail.com

ତୁମେ ମୋର ସ୍ୱାମୀ ଓ ତୁମର ଏ ମିତ୍ର ମୋର ଭ୍ରାତା ।' ଏହା ଶୁଣି ମୁଁ ତାଙ୍କ ସହିତ ବିବାହ କରିବା ନିମନ୍ତେ ମିତ୍ରଙ୍କ ସହ ସ୍ୱଗୃହକୁ ଫେରିଯିବା ପାଇଁ ନିଷ୍ପତ୍ତି କଲି । ସେହି କୁମାରୀ ମଧ୍ୟ ସଙ୍କେତ ଦେବା ମାତ୍ରେ ତାଙ୍କର ବାହନ ସିଂହ ଆସି ଉପସ୍ଥିତ ହେଲା । ଆମେ ତିନିହେଁ ଉକ୍ତ ସିଂହ ଉପରେ ଆରୋହଣ କରି ନିଜ ରାଜ୍ୟ ଅଭିମୁଖରେ ଯାତ୍ରା କଲୁ । ପଥମଧ୍ୟରେ ଶବର-ମାନଙ୍କଦ୍ୱାରା ହତ୍ୟା କରାଯାଉଥିବା ହରିଣ ମାଂସରେ ଜୀବନ ରକ୍ଷା କରି ବଲଭି ନଗରରେ ଉପସ୍ଥିତ ହେଲୁ । ନଗରବାସୀ ଆମକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଲେ । ପିତା ମୋର ଆଗମନ ବାର୍ତ୍ତା ଶୁଣି ପାଛୋଟି ନେବା ପାଇଁ ଆସିଲାବେଳେ ଆମେ ତିନିହେଁ ତାଙ୍କୁ ଭୂମିଷ୍ଠ ପ୍ରଣାମ କଲୁ । ଏହି ଅନୁପମ ସୁନ୍ଦରୀଙ୍କୁ ମୋର ଉପଯୁକ୍ତ ପତ୍ନୀ ବୋଲି ଜାଣି ସେ ମଧ୍ୟ ଭାରି ଆନନ୍ଦ ଲାଭ କଲେ । ସେହିଦିନ ବିଭିନ୍ନ ଉତ୍ସବ ପାଳିତ ହେଲା ଏବଂ ଦ୍ୱିତୀୟ ଦିନ ଶୁଭମୁହୂର୍ତ୍ତରେ ଆମର ବିବାହ ମହାସମାରୋହରେ ସମାହିତ ହେଲା ।

ବିବାହ ପରେ ପରେ ମୁଁ ସମସ୍ତଙ୍କ ଅଜ୍ଞାତରେ ମୋର ପତ୍ନୀଙ୍କର ବାହନ ପୂର୍ବୋକ୍ତ ସିଂହଟି ପ୍ରକୃତରୂପ ଧାରଣ କଲା । ତାର ଏହି ଆକସ୍ମିକ ପରିବର୍ତ୍ତନରେ ସମସ୍ତ ଜନତା ଚକିତ ହୋଇପଡ଼ିଲେ । ସେମାନଙ୍କ ମଧ୍ୟରେ ଅତୁଳ ବପୁ ଉତ୍ପାଦନ କରି, ସେହି ଦିବ୍ୟାଭୂଷଣଭୂଷିତ ପୁରୁଷ ମୋତେ ପ୍ରଣାମପୂର୍ବକ କହିଲେ, 'ମୁଁ ଚିତ୍ରାଙ୍ଗଦ ନାମକ ବିଦ୍ୟାଧର ଏବଂ ଏ ମୋର ପ୍ରାଣାଧିକା କନ୍ୟା । ଏହାକୁ କୋଳରେ ଧରି ମୁଁ ସଦା ଅରଣ୍ୟ ମଧ୍ୟରେ ଭ୍ରମଣ କରୁଥାଏ । ଥରେ ସେହି ଭ୍ରମଣ କରୁ କରୁ ମୁଁ ଗୋକୂଳରେ ଆସି ପହଞ୍ଚିଲି । ସେଠାରେ ବହୁ ତପସ୍ୱୀ ତପସ୍ୟା କରୁଥାଆନ୍ତି । ସେମାନଙ୍କର ଲଙ୍ଘନ ହେବ ବୋଲି ମୁଁ ଗୋର ମଧ୍ୟରେ ମୁଁ ବୁଲିବାକୁ ଲାଗିଲି କିନ୍ତୁ ଦୁର୍ଭାଗ୍ୟବଶତଃ ମୋର ପୁଷ୍ପମାଳା ଘୋଟର୍ଣ୍ଣରେ ଛେଡ଼ି ହେଲା ଏବଂ ଏହା ଜଳ ମଧ୍ୟରେ ତପସ୍ୟା କରୁଥିବା ମହର୍ଷି ନାରଦଙ୍କର ପୃଷ୍ଠଦେଶରେ ଯାଇ ସ୍ପର୍ଶ କଲା । ଫଳରେ ସେ କ୍ରୋଧାନ୍ୱିତ ହୋଇ ମୋତେ ଅଭିଶାପଦାନପୂର୍ବକ କହିଲେ, 'ରେ ପାପିଷ୍ଠ ! ତୁ ତୋର ଔଦ୍ଧତ୍ୟ ଯୋଗୁଁ ସିଂହରୂପ ଧାରଣ କର ଏବଂ ଏହି କନ୍ୟାକୁ ନିଜର ପୃଷ୍ଠରେ ଧାରଣ କରି ହିମାଳୟ ପର୍ବତରେ ବିଚରଣ କର । ଯେତେବେଳେ ଏହି କନ୍ୟା କୌଣସି ମନୁଷ୍ୟ ସହିତ

Digitized by srujanika@gmail.com

ବିବାହ କରିବ ସେତେବେଳେ ତୁ ଶାପମୁକ୍ତ ହୋଇ ନିଜରୂପ ଧାରଣ କରିବୁ । ମହର୍ଷି ନାରଦଙ୍କଦ୍ୱାରା ଶାପଗ୍ରସ୍ତ ହୋଇ ମୁଁ ଏହି କନ୍ୟା ସହିତ ହିମାଳୟରେ ଭ୍ରମଣ କରୁଥିଲି । ଶବରାଧିପତିଙ୍କ ଯୋଗୁଁ ପରବର୍ତ୍ତୀ ସମୟରେ ଯାହା ଘଟିଲା ତାହା ଆପଣଙ୍କୁ ଅବିଦିତ ନୁହେ । ବର୍ତ୍ତମାନ ମୁଁ ଶାପମୁକ୍ତ । ତେଣୁ ବର୍ତ୍ତମାନ ସ୍ୱର୍ଗଲୋକକୁ ପ୍ରୟାଣ କରୁଛି । ଆପଣମାନଙ୍କର ମଙ୍ଗଳ ହେଉ ।' ଏହା କହି ମେନ ବିଦ୍ୟାଧର ଆକାଶମାର୍ଗରେ ଅଦୃଶ୍ୟ ହୋଇଗଲେ ।

ଏହା ଦେଖି ମୋର ପିତା ଉତ୍ସବପାଳନ କଲେ ଏବଂ ପୁଳିନ୍ଦକଙ୍କର ବନ୍ଧୁପ୍ରୀତି ଓ ପରିହିତବୃତ୍ତି ଚତୁର୍ଦ୍ଦିଗରେ ପ୍ରଶଂସିତ ହେବାକୁ ଲାଗିଲା । ବଲଧର ରାଜା ଏହାଙ୍କର ଅନୁରୋଧ କ୍ରମେ ତାଙ୍କୁ ସମଗ୍ର ଅରଣ୍ୟ ରାଜ୍ୟ ପ୍ରଦାନ କଲେ । ମୁଁ ମଧ୍ୟ ଏହା ପରଠାରୁ ମନୋହାରିଣୀ ପତ୍ନୀ ଓ ଅଭିନ୍ନ ହୃଦୟ ମିତ୍ରଙ୍କ ସହିତ ଆନନ୍ଦରେ ବାସ କରିବାକୁ ଲାଗିଲି । ପୁଳିନ୍ଦକ ନିଜ ରାଜ୍ୟ ପ୍ରତି ମମତା ପରିତ୍ୟାଗ କରି ମୋ ସହିତ ହିଁ ଅଧିକ ସମୟ ବାସ କରିବାକୁ ଲାଗିଲେ । ସର୍ବଦା ଉଭୟେ ପରସ୍ପରର ଉପକାର ସାଧନରେ ଅସନ୍ତୁଷ୍ଟ ରହି ଦିନ ଯାପନ କରିବାକୁ ଲାଗିଲୁ ।

କିଛି ଦିନ ପରେ ମନୋବତୀଙ୍କଠାରୁ ମୋର ଏକ ପୁତ୍ରସନ୍ତାନ ଜାତ ହେଲା । ତାର ନାମ ରଖାଗଲା– ହିରଣ୍ୟ ଦତ୍ତ । ସେ ଧୀରେ ଧୀରେ ବୟଃପ୍ରାପ୍ତ ହୋଇ ବିଭିନ୍ନ ବିଦ୍ୟା ଅଧ୍ୟୟନ କରିବା ପରେ ମୁଁ ତାର ବିବାହ କରାଇଦେଲି । ଏଥିରେ ମୋର ପିତା ନିଜ ଜୀବନର ଅନ୍ତିମ ଫଳ ଲାଭକଲେ ବୋଲି ଭାବି ବୃଦ୍ଧ ଅବସ୍ଥାରେ ଶରୀର ତ୍ୟାଗ କରିବା ନିମନ୍ତେ ଗଙ୍ଗାତଟକୁ ଚାଲିଗଲେ । ପିତୃବିୟୋଗ ଶୋକରେ ଅଧୀର ହୋଇ ମୁଁ ଶେଷରେ ବନ୍ଧୁବାନ୍ଧବଙ୍କଦ୍ୱାରା ଆଶ୍ୱସ୍ତ ହେଲି ଏବଂ ପରେ ପରିବାର ପରିପୋଷଣ ଭାର ଗ୍ରହଣ କଲି । ଏହି ସମୟରେ ମନୋବତୀଙ୍କର ରମଣୀୟ ମୁଖମଣ୍ଡଳ ଏବଂ ପୁଳିନ୍ଦକଙ୍କର ଅମଳିନ ମିତ୍ରତା ମୋର ମନୋବିନୋଦର କାରଣ ଥିଲା । ସୁପୁତ୍ର ଲାଭର ସୌଭାଗ୍ୟ, ପତିବ୍ରତା ପତ୍ନୀଙ୍କର ପ୍ରୀତି ଓ ପ୍ରକୃତ ମିତ୍ରଙ୍କର ସ୍ନେହ ମୋର ଦିନଗୁଡ଼ିକୁ ଅତ୍ୟନ୍ତ ସୁଖମୟ କରୁଥିଲା । କିଛି ସମୟ ପରେ ବୃଦ୍ଧାବସ୍ଥାଦ୍ୱାରା ଆକ୍ରାନ୍ତ ହୋଇ ମୁଁ ସଂସାରବିରାଗୀ ହୋଇପଡ଼ିଲି ଏବଂ ପୁତ୍ରକୁ ଗୃହ ଭାର

Digitized by srujanika@gmail.com

ପ୍ରଦାନ କରି ପତ୍ନୀ ଓ ମିତ୍ରଙ୍କ ସହିତ କାଳଞ୍ଜର ନାମକ ପର୍ବତ ଅଭିମୁଖରେ ଯାତ୍ରା କଲି । ସେଠାରେ ମୁଁ ମୋର ପୂର୍ବଜନ୍ମ ଓ ଶିବଙ୍କର ଶାପ ସ୍ମରଣ କରି ଅନ୍ୟମାନଙ୍କୁ ମଧ୍ୟ ଜଣାଇଦେଲି । ଶେଷରେ ପରଜନ୍ମରେ ଏ ଉଭୟଙ୍କୁ ପୁଣି ପତ୍ନୀ ଓ ମିତ୍ରରୂପରେ ଲାଭ କରିବା ଉଦ୍ଦେଶ୍ୟରେ ଭଗବାନ ଗୌରୀ-ପତିଙ୍କ ସ୍ମରଣପୂର୍ବକ ଏମାନଙ୍କ ସହ କୌଣସି ଗିରିତଟରୁ ଲମ୍ଫ ପ୍ରଦାନ କରି ଶରୀର ତ୍ୟାଗ କଲି । ସେହି ଜାତିସ୍ମର ବସୁଦତ୍ତ ଜୀମୂତବାହନ ରୂପରେ ଜନ୍ମଗ୍ରହଣ କରିଅଛି । ତୁମେ ସେହି ଶବରାଧିପତି ପୁଳିନ୍ଦକ ଏବଂ ମନୋବତୀ, ମଳୟବତୀ । ତେଣୁ ଏହି ଜନ୍ମରେ ମଳୟବତୀଙ୍କୁ ବିବାହ କରିବା ମୋର ଏକାନ୍ତ ଉଚିତ ହେବ ବୋଲି ମୁଁ ଭାବୁଅଛି । କିନ୍ତୁ ଏ ସମ୍ପର୍କରେ ତୁମେ ମୋର ପିତାଙ୍କୁ ନିବେଦନ କରିବା ଆବଶ୍ୟକ । ତାଙ୍କର ଆଦେଶପ୍ରାପ୍ତି ମାତ୍ରେ ତୁମର ଅଭୀଷ୍ଟ ସିଦ୍ଧ ହେବ ।

ଜୀମୂତବାହନ ଓ ମଳୟବତୀଙ୍କ ବିବାହ

ଜୀମୂତବାହନଙ୍କଠାରୁ ଏହା ଶୁଣି ମିତ୍ରାବସୁ ତାଙ୍କ ପିତାମାତାଙ୍କ ନିକଟରେ ଏହି ପ୍ରସ୍ତାବ ଉପସ୍ଥାପିତ କଲେ ଏବଂ ସେମାନଙ୍କଠାରୁ ଆଦେଶପ୍ରାପ୍ତ ହେବା ପରେ ମୋର ପିତାମାତାଙ୍କର ମଧ୍ୟ ସମର୍ଥନ ଲାଭ କଲେ । ଏହାପରେ ଯୁବରାଜ ମିତ୍ରାବସୁ ବିବାହର ଆୟୋଜନ କଲେ ଏବଂ ଜୀମୂତବାହନ ଓ ମଳୟବତୀଙ୍କ ବିବାହ କ୍ରିୟା ସମ୍ପାଦିତ ହେଲା । ବିଦ୍ୟାଧର ଓ ସିଦ୍ଧମାନଙ୍କର ସମ୍ମିଳିତ ଗାନରେ ବିବାହ ମଣ୍ଡପ ମୁଖରିତ ହୋଇଉଠିଲା । ଜୀମୂତବାହନଙ୍କ ବିବାହ ପରେ ମଧ୍ୟ ନିଜର ପତ୍ନୀ ସହିତ ସେଠାରେ ବାସ କରିବାକୁ ଲାଗିଲେ ।

ଦିନେ ସେ ମିତ୍ରାବସୁଙ୍କ ସହିତ ସମୁଦ୍ର ତଟବର୍ତ୍ତୀ ଅରଣ୍ୟରେ ଭ୍ରମଣ କରୁଥିବାବେଳେ କୌଣସି ଏକ ଯୁବକ ତାଙ୍କ ସମୀପକୁ ଆସୁଥିବା ଦେଖିବାକୁ ପାଇଲେ । ଯୁବକଟିର ବ୍ୟାକୁଳଭାବ ସୁସ୍ପଷ୍ଟ ଥିଲା । ତାର ପଛରେ ଗୋଟିଏ ବୃଦ୍ଧା ସ୍ତ୍ରୀ, 'ହା ! ପୁତ୍ର, ହା ! ପୁତ୍ର' କହି ଅନୁଗମନ କରୁଥିଲା । ତାକୁ ଦେଖି ଜୀମୂତବାହନ ତାର ପରିଚୟ ଓ ଉକ୍ତ ବୃଦ୍ଧାର କ୍ରନ୍ଦନ କାରଣ ଜିଜ୍ଞାସା କରିବାରୁ ସେ ଜୀମୂତବାହନଙ୍କୁ ସମସ୍ତ ବୃତ୍ତାନ୍ତ ଶୁଣାଇଲା ।

Digitized by srujanika@gmail.com

କଦ୍ରୁ ଓ ବିନତାଙ୍କ କଥା

ପୂର୍ବକାଳରେ କଶ୍ୟପ ନାମରେ ଜଣେ ମହର୍ଷି ବାସ କରୁଥିଲେ । ତାଙ୍କର ଦୁଇଟି ସ୍ତ୍ରୀ— ବିନତା ଓ କଦ୍ରୁ । ଥରେ ଉଭୟଙ୍କ ମଧ୍ୟରେ ବିବାଦ ଆରମ୍ଭ ହେଲା । କଦ୍ରୁ କହିଲେ, 'ସୂର୍ଯ୍ୟଙ୍କର ଅଶ୍ୱଗୁଡ଼ିକ କୃଷ୍ଣବର୍ଣ୍ଣ ଓ ବିନତା କହିଲେ ଶ୍ୱେତ' । ଏଥିରେ ଚୁକ୍ତି ରହିଲା ଯେ ଯାହାର କଥା ମିଥ୍ୟା ହେବ ସେ ଅନ୍ୟର ଦାସୀ ହୋଇ ରହିବ । କଦ୍ରୁ ଜୟଯୁକ୍ତ ହେବା ଆଶାରେ ଏକ ଚକ୍ରାନ୍ତର ଆଶ୍ରୟ ନେଲେ । ସେ ନିଜର ପୁତ୍ର ସର୍ପମାନଙ୍କୁ ଡାକି ଆଦେଶ ଦେଲେ ଯେ ସେମାନେ ନିଜର ବିଷାକ୍ତ ଫୁତ୍କାରଦ୍ୱାରା ସୂର୍ଯ୍ୟଙ୍କର ଅଶ୍ୱଗୁଡ଼ିକୁ କୃଷ୍ଣବର୍ଣ୍ଣ କରିଦେବେ । ଫଳରେ ବିନତା ପରାସ୍ତ ହେଲେ ଏବଂ କଦ୍ରୁଙ୍କର ଦାସୀଭାବରେ କାଳଯାପନ କଲେ । ଏହା ଜାଣିପାରି ବିନତାଙ୍କ ପୁତ୍ର ଗରୁଡ଼ ଶାନ୍ତିପୂର୍ଣ୍ଣଭାବରେ ନିଜ ମାତାଙ୍କୁ ଦାସତ୍ୱରୁ ମୁକ୍ତ କରିବା ନିମନ୍ତେ କଦ୍ରୁଙ୍କ ନିକଟରେ ପ୍ରାର୍ଥନା କଲେ । ଏଥିରେ କଦ୍ରୁଙ୍କର ପୁତ୍ରମାନେ ନିଜ ନିଜ ମଧ୍ୟରେ ବିଚାର କରି ଗରୁଡ଼ଙ୍କୁ କହିଲେ ଯେ ଦେବତା-ମାନେ ବର୍ତ୍ତମାନ କ୍ଷୀରସମୁଦ୍ରକୁ ମନ୍ଥନ କରିବା ଆରମ୍ଭ କରିଅଛନ୍ତି । ତୁମେ ଅତ୍ୟନ୍ତ ବଳବାନ୍ । ଯଦି ସେଠାରୁ ଆମ ପାଇଁ ଅମୃତ ଆଣି ଦିଅ, ତାହା ହେଲେ ତୁମର ମାତା ଦାସତ୍ୱରୁ ମୁକ୍ତିଲାଭ କରିପାରିବେ । ନାଗମାନଙ୍କ-ଠାରୁ ଏହା ଶୁଣି ଗରୁଡ଼ କ୍ଷୀରସମୁଦ୍ର ନିକଟରେ ଉପସ୍ଥିତ ହେଲେ ଏବଂ ସେଠାରେ ଅତ୍ୟନ୍ତ ପରାକ୍ରମ ପ୍ରଦର୍ଶନ କଲେ । ତାଙ୍କର ପରାକ୍ରମ ଦେଖି ଭଗବାନ ତାଙ୍କ ପ୍ରତି ପ୍ରୀତ ହୋଇ ବର ପ୍ରାର୍ଥନା କରିବା ନିମନ୍ତେ କହିବାରୁ ମାତାଙ୍କ ଅପମାନରେ କ୍ରୁଦ୍ଧ ଗରୁଡ଼ ବର ପ୍ରାର୍ଥନା କଲେ, 'ନାଗମାନେ ତାଙ୍କର ଭକ୍ଷ ହେବେ ।' ଭଗବାନଙ୍କଠାରୁ ଏହି ବର ପ୍ରାପ୍ତହୋଇ ଏବଂ ନିଜର ପରାକ୍ରମବଳରେ ଅମୃତ ଲାଭକରି ସେ ପ୍ରତ୍ୟାବର୍ତ୍ତନ କଲେ । ପଥ ମଧ୍ୟରେ ଦେବରାଜ ଇନ୍ଦ୍ରଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ଇନ୍ଦ୍ର ଗରୁଡ଼ଙ୍କୁ ଅନୁରୋଧ କରି କହିଲେ, 'ପକ୍ଷିରାଜ ! ଆନନ୍ଦର କଥା, ତୁମେ ତୁମର ଅଭୀଷ୍ଟ ବସ୍ତୁ ଲାଭକଲ କିନ୍ତୁ ମୂର୍ଖ ସର୍ପଗୁଡ଼ିକ ଯେପରି ଅମୃତ ପାନ କରିବା ନିମନ୍ତେ ସମର୍ଥ ନ ହୁଅନ୍ତି, ସେଥିପାଇଁ ତୁମକୁ ସତର୍କ ରହିବାକୁ ହେବ । ତେଣୁ ମୁଁ ସେହି ଅମୃତ କଳସଟିକୁ ସର୍ପମାନଙ୍କ

Digitized by srujanika@gmail.com

ନିକଟରୁ ହରଣ କରି ନେଇଯିବ ।' ଏଥିରେ ଗରୁଡ଼ ସ୍ୱୀକୃତ ହେଲେ ଏବଂ ସର୍ପମାନଙ୍କ ନିକଟକୁ ଗମନ କଲେ ।

ଗରୁଡ଼ଙ୍କ ବର ପ୍ରଭାବରେ ଉପସ୍ଥିତ ନାଗମାନଙ୍କୁ ସେ କହିଲେ, 'ମୁଁ ତୁମମାନଙ୍କ ନିମନ୍ତେ ଅମୃତ ନେଇ ଆସିଅଛି । ତୁମେ ମୋର ମାତାଙ୍କୁ ଦାସତ୍ୱରୁ ମୁକ୍ତିପ୍ରଦାନ କରି ଏହା ଗ୍ରହଣ କର । ଯଦି ତୁମର ମୋ ପ୍ରତି ଭୟ ହେଉଅଛି, ଅମୃତ କଳସଟିକୁ ମୁଁ ଏହି କୁଶାସନ ଉପରେ ରଖିଦେଇ ମୋର ମାତାଙ୍କୁ ନେଇ ଚାଲିଯିବି । ଏ ଉଭୟ ମଧ୍ୟରୁ ଯାହା ତୁମର ଇଚ୍ଛା ତାହା କରିପାର ।' ନାଗମାନେ ଦ୍ୱିତୀୟ ପ୍ରସ୍ତାବରେ ସମ୍ମତ ହୁଅନ୍ତେ ସେ କଳସଟିକୁ କୁଶାସନ ଉପରେ ରଖିଦେଇ ମାତାଙ୍କ ସହିତ ପ୍ରସ୍ଥାନ କଲେ । ଏହାପରେ ନାଗମାନେ ନିର୍ଭୟଚିତ୍ତରେ ଅମୃତପାନ କରିବା ନିମନ୍ତେ ଏକତ୍ରିତ ହେଲେ ସମୟରେ ଇନ୍ଦ୍ର ନିଜର ଶକ୍ତିଦ୍ୱାରା ସେହି ସୁଧାକଳସଟିକୁ ଅପହରଣ କରିନେଲେ । ଏଥିରେ ସେମାନେ ହତାଶ ହୋଇ କୁଶାସନଟିକୁ କେବଳ ଲେହନ କରିବାରେ ଲାଗିଲେ । ଫଳରେ ସେମାନଙ୍କର ଜିହ୍ୱା ଦ୍ୱିଖଣ୍ଡିତ ହେଲା । ପ୍ରକୃତରେ ଅତିଲୋଭର ଫଳ ଉପହାସ ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । ଅମୃତର ସ୍ୱାଦରୁ ବଞ୍ଚିତ ନାଗମାନଙ୍କୁ ଗରୁଡ଼ ବିଷ୍ଣୁଙ୍କ ବର ପ୍ରଭାବରେ କ୍ରମେ କ୍ରମେ ନିଃଶେଷ କରିବାରେ ଲାଗିଲେ । ଗରୁଡ଼ଙ୍କ ଆକ୍ରମଣରେ ସମଗ୍ର ପାତାଳପୁର ବ୍ୟାକୁଳିତ ହେଲା । ସର୍ପମାନେ ଭୟରେ ନିର୍ଜୀବ ପ୍ରାୟ ହୋଇପଡ଼ିଲେ । ଗର୍ଭିଣୀ ନାଗପତ୍ନୀମାନଙ୍କର ଗର୍ଭପାତ ହେବାକୁ ଲାଗିଲା । କେବଳ ଭୟାର୍ତ୍ତ ହୋଇ ବହୁ ସର୍ପ ପ୍ରାଣ ହରାଇବାକୁ ଲାଗିଲେ ।

ନାଗମାନଙ୍କ ନିମନ୍ତେ ଜୀମୂତବାହନଙ୍କ ଆତ୍ମସମର୍ପଣ

ପ୍ରତିଦିନ ଏ ପ୍ରକାର ଆତଙ୍କ ଦେଖି ନାଗରାଜ ବାସୁକି ଚିନ୍ତା କଲେ ଯେ ଏହାର ଯଦି ପ୍ରତିକାର କରା ନଯାଏ ତାହାହେଲେ ନାଗଲୋକ ଅଚିରେ ଧ୍ୱଂସପ୍ରାପ୍ତ ହେବ । ଗରୁଡ଼ ଅଜେୟ ଥିବା ହେତୁ ତାଙ୍କ ପ୍ରତି କୌଣସି ପ୍ରତିଶୋଧ ନେବା ସମ୍ଭବପର ନୁହେଁ । ଏହା ଚିନ୍ତାକରି ସେ ଗରୁଡ଼ଙ୍କ ସହିତ ଏକ ଚୁକ୍ତିରେ

Digitized by srujanika@gmail.com

ଆବଦ୍ଧ ହେଲେ । ଏହି ଚୁକ୍ତି ହେଲା, 'ଗରୁଡ଼ ଆଉ ପାତାଳପୁରରେ ଉପଦ୍ରବ କରି ଆତଙ୍କ ସୃଷ୍ଟି କରିବେ ନାହିଁ । କାରଣ ନାଗଲୋକ ସମ୍ପୂର୍ଣ୍ଣ ବିନଷ୍ଟ ହେଲେ, ଗରୁଡ଼ଙ୍କର ହିଁ ସ୍ୱାର୍ଥହାନି ହେବ । ତେଣୁ ପ୍ରତିଦିନ ସମୁଦ୍ର ତଟରେ ଥିବା ପର୍ବତ ନିକଟକୁ ଗରୁଡ଼ଙ୍କ ଖାଦ୍ୟ ନିମନ୍ତେ ଗୋଟିଏ ଗୋଟିଏ ନାଗ ପ୍ରେରଣ କରାଯିବ ।' ଏହି ଚୁକ୍ତି ଅନୁସାରେ ପ୍ରତିଦିନ ଗୋଟିଏ ଗୋଟିଏ ନାଗ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହେଉଥାଆନ୍ତି । ଆଜି ମୋର ପାଳି । ମୋ ନାମ ଶଂଖଚୂଡ଼ । ନାଗରାଜାଙ୍କ ଆଜ୍ଞାରେ ଗରୁଡ଼ଙ୍କର ଭୋଜନ ନିମନ୍ତେ ବଧଶିଳା ନାମକ ପର୍ବତ ନିକଟକୁ ଯାଉଅଛି । କିନ୍ତୁ ମୋର ମୃତ୍ୟୁରେ ମାତାଙ୍କର ଯେଉଁ ଦୁଃଖ ହେବ ତାହା ଚିନ୍ତାକରି ମୁଁ ଶୋକାକୁଳ ହୋଇ ପଡ଼ୁଛି । ଜୀମୂତବାହନ ତା'ର ଏହି କରୁଣ ନିବେଦନ ଶ୍ରବଣ କରି କହିଲେ, 'ସତରେ ବାସୁକି ନାଗମାନଙ୍କର ରାଜା ହେବା ନିମନ୍ତେ କେତେ ଅନୁପଯୁକ୍ତ ! ଯେ ସ୍ୱହସ୍ତରେ ପ୍ରଜାମାନଙ୍କୁ ଶତ୍ରୁର ଖାଦ୍ୟ ନିମନ୍ତେ ପ୍ରେରଣ କରିପାରେ, ସେ ରାଜପଦବାଚ୍ୟ ନୁହେ । ସେ ତ ସର୍ବପ୍ରଥମେ ସେ ଗରୁଡ଼ଙ୍କର ଖାଦ୍ୟ ହେବା ନିମନ୍ତେ ଉପସ୍ଥିତ ହେବା ଉଚିତ ହୋଇଥାଆନ୍ତା । କିନ୍ତୁ ତାହା ନକରି, ସେ ନପୁଂସକ ଭଳି ନିଜର ପ୍ରିୟ ପ୍ରଜାବୃନ୍ଦଙ୍କୁ ମୃତ୍ୟୁମୁଖକୁ ପଠାଇ ଦେଉ ଅଛନ୍ତି । ପୁଣି ଗରୁଡ଼ ମଧ୍ୟ ମହର୍ଷି କଶ୍ୟପଙ୍କ ସନ୍ତାନ ହୋଇ କେତେ ପାପ କରୁନାହାନ୍ତି ? ମହାପୁରୁଷମାନେ ମଧ୍ୟ ଶରୀରର ମୋହ ପରିତ୍ୟାଗ କରିବା ସମ୍ଭବପର ହୋଇପାରୁ ନାହିଁ । ତେଣୁ ମୁଁ ଆଜି ନିଜର ଶରୀରକୁ ପ୍ରଦାନ କରି ତୁମକୁ ରକ୍ଷା କରିବି । ତୁମର ଶୋକ କରିବା ଆଉ ଉଚିତ ନୁହେ ।' ଜୀମୂତବାହନଙ୍କର ଏ ପ୍ରକାର ଉଦାର ବାକ୍ୟବିନ୍ୟାସ ଶୁଣି ଶଂଖଚୂଡ଼ ଧୈର୍ଯ୍ୟର ସହିତ କହିଲା, 'ମହାତ୍ମନ୍, ଏ ପ୍ରକାର କହିବା ଅନୁଚିତ । କାଚର ରକ୍ଷା ନିମନ୍ତେ ହୀରାର ବଳିଦାନ ମୂର୍ଖତାର ପରିଚାୟକ ମାତ୍ର । ମୁଁ ମଧ୍ୟ କୁଳକଳଙ୍କ ହେବା ନିମନ୍ତେ ଚାହୁଁ ନାହିଁ ।' ଏହା କହି ସଜ୍ଜନ ଶଂଖଚୂଡ଼ ଗରୁଡ଼ଙ୍କର ଆସିବା ସମୟ ନିକଟତର ହେବା ଦେଖି ସମୁଦ୍ର ତୀରବର୍ତ୍ତୀ ଗୋକର୍ଣ୍ଣେଶ୍ୱରଙ୍କୁ ଅନ୍ତିମ ପ୍ରଣାମ ଜଣାଇବା ନିମନ୍ତେ ପ୍ରସ୍ଥାନ କଲେ । ସେ ଚାଲିଯିବାପରେ ଦୟାଶୀଳ ଜୀମୂତବାହନଙ୍କୁ ଆତ୍ମବଳି ପ୍ରଦାନ କରିବା ନିମନ୍ତେ ଅବସର ମିଳିଲା । ସେ କୌଣସି କାର୍ଯ୍ୟ ଛଳରେ ମିତ୍ରାବସୁଙ୍କୁ

Digitized by srujanika@gmail.com

ଭୂରକୁ ପଠାଇଦେଲେ । ମିତ୍ରାବସୁ ଚାଲିଗଲା ପରେ, ଜୀମୂତବାହନ ଗରୁଡ଼ଙ୍କର ପକ୍ଷଚାଳନଜନିତ ପ୍ରବଳ ଘୂର୍ଣ୍ଣିବାତ୍ୟା ଅନୁଭବ କରି ସେହି ବଧଶିଳା ଉପରେ ନିଜକୁ ଉପସ୍ଥାପିତ କଲେ ।

ଗରୁଡ଼ ନାଗଭ୍ରମରେ ଜୀମୂତବାହନଙ୍କୁ ଚଞ୍ଚୁରେ ଧାରଣ କରି ନେଇ ଚାଲିଗଲେ । ତାଙ୍କର ଆଘାତଦ୍ୱାରା ଜୀମୂତବାହନଙ୍କ ଶରୀରରୁ ରକ୍ତସ୍ରୋତ ନିଃସୃତ ହେଉଥାଏ । ଏ ,ଅବସ୍ଥାରେ ଗରୁଡ଼ ତାଙ୍କୁ ନିର୍ଜନ ଗିରିଶିଖର ଉପରେ ଭକ୍ଷଣ କରୁଥିବା ସମୟରେ ଆକାଶରୁ ପୁଷ୍ପ ବୃଷ୍ଟି ହେବାରୁ ବିସ୍ମିତଚକିତ ହୋଇ ସେ ଏହାର କାରଣ ସନ୍ଧାନ କରିବା ନିମନ୍ତେ ଚେଷ୍ଟାକଲେ ।

ଏଣେ ଶଂଖଚୂଡ଼ ଗୋକର୍ଣ୍ଣେଶ୍ୱରଙ୍କୁ ପ୍ରଣାମ କରି ଆସି ଦେଖନ୍ତି ସେ ବଧଶିଳା ରକ୍ତରଞ୍ଜିତ । ଏହା ଦେଖି ସେ ନିଜକୁ ଧିକ୍କାର କଲେ ଏବଂ ରକ୍ତଧାରର ଅନୁସରଣ କରି ଗରୁଡ଼ଙ୍କ ନିକଟରେ ଯାଇ ପହଞ୍ଚିଲେ । ଗରୁଡ଼ ସେତେବେଳେ ଜୀମୂତବାହନଙ୍କୁ ପ୍ରସନ୍ନ ଦେଖି ବିସ୍ମିତ ହେଲେ ଏବଂ ଏହାର କାରଣ ଜ୍ଞାତ ହେବା ସକାଶେ ଉତ୍କଣ୍ଠିତ ହୋଇପଡ଼ିଲେ । ତାଙ୍କର ଏ ଭାବ ଦେଖି ଜୀମୂତବାହନ କହିଲେ, 'ହେ ପକ୍ଷିରାଜ ! ବର୍ତ୍ତମାନ ସୁଦ୍ଧା ମୋ ଶରୀରରେ ରକ୍ତ ଓ ମାଂସ ଅବଶିଷ୍ଟ ରହିଅଛି । ତେଣୁ ବିନା ତୃପ୍ତିରେ ମୋତେ ପରିତ୍ୟାଗ କରିବା ତୁମର ଅନୁଚିତ ହେବ ।' ଏହା ଶୁଣି ଗରୁଡ଼ ତାଙ୍କର ପରିଚୟ ଜିଜ୍ଞାସା କରିବାରୁ ସେ ପୁଣି କହିଲେ, 'ମୁଁ ଅନ୍ୟ କେହି ନୁହେ, କେବଳ ନାଗ । ତୁମେ ମୋତେ ଭକ୍ଷଣ କରି ତୃପ୍ତ ହୁଅ । ଯାହା ଆରମ୍ଭ କରିଅଛ, ତାକୁ ସମାପ୍ତ କର । ପଣ୍ଡିତ ଲୋକମାନେ କୌଣସି କର୍ମ ଆରମ୍ଭ କରି ଅସମାପ୍ତଭାବେ ପରିତ୍ୟାଗ କରନ୍ତି ନାହିଁ ।' ଜୀମୂତବାହନ ଏହିପରି କହୁଥିବାବେଳେ ଦୂରରୁ ଶଂଖଚୂଡ଼ଙ୍କର ଉଚ୍ଚସ୍ୱର ଶୁଣାଗଲା । ସେ ଖୁବ୍ ଉଚ୍ଚରେ କହୁଥାଆନ୍ତି, 'ପକ୍ଷୀରାଜ ! ତାଙ୍କୁ ଭକ୍ଷଣ କରନାହିଁ ! ତାଙ୍କୁ ଭକ୍ଷଣ କରନାହିଁ !! ସେ ନାଗ ନୁହନ୍ତି, ମୁଁ ତୁମର ଭକ୍ଷ୍ୟ ନାଗ । ତୁମର ଏପରି ଭ୍ରମ କିପରି ଉପସ୍ଥିତ ହେଲା ? ତାଙ୍କୁ ଛାଡ଼ିଦିଅ ।' ଏହା ଶୁଣି ଗରୁଡ଼ ଯେତିକି ବ୍ୟାକୁଳ ହେଲେ ଜୀମୂତବାହନ ମଧ୍ୟ ନିଜର ମନୋରଥ ସିଦ୍ଧ ନ ହେବାରୁ ସେତିକି ଦୁଃଖିତ ହେଲେ । ଜୀମୂତବାହନଙ୍କ ପ୍ରକୃତ ପରିଚୟ

Digitized by srujanika@gmail.com

ଲାଭକରି ଗରୁଡ଼ଙ୍କ ମନରେ ଭୟଙ୍କର ମାନସିକ ସନ୍ତାପ ଜାତହେଲା । ସେ ଚିନ୍ତା କରିବାକୁ ଲାଗିଲେ, 'ମୋଭଳି ନୃଶଂସ ଯେ କୌଣସି ପାପ କରିପାରେ ।' ଉଚ୍ଛୃଙ୍ଖଳ ବ୍ୟକ୍ତିମାନେ ପାପ କର୍ମରେ ଲିପ୍ତ ହେବା ସ୍ୱାଭାବିକ । ଏ ଜଣେ ପ୍ରଶଂସନୀୟ ମହାତ୍ମା । ପର ପାଇଁ କେତେ ଜଣ ଅବା ନିଜ ପ୍ରାଣ ବିସର୍ଜନ କରିପାରନ୍ତି ! ମୋଦ୍ୱାରା ପୃଥିବୀ ଭାରାକ୍ରାନ୍ତା ହେବା ହିଁ ସାର ହୋଇଅଛି । ତେଣୁ ପାପ ମୁକ୍ତି ନିମିତ୍ତ ଅଗ୍ନିରେ ପ୍ରାଣ ବିସର୍ଜନ କରିବା ହିଁ ମୋ ପକ୍ଷରେ ଉଚିତ ହେବ । ଏହିପରି ଚିନ୍ତା କରୁଥିବା ଗରୁଡ଼ଙ୍କୁ ଜୀମୂତ-ବାହନ ଉତ୍ତାରିତ ସମ୍ବୋଧନ କରିବାକୁ ଲାଗିଲେ, 'ହେ ପକ୍ଷିରାଜ ! ଦୁଃଖ କରିବାରେ ଆବଶ୍ୟକତା କଣ ? ଯଦି ତୁମେ ପ୍ରକୃତରେ ପାପକୁ ଭୟ କରୁଥାଅ, ତାହାହେଲେ ଆଜିଠାରୁ ସର୍ପମାନଙ୍କୁ ଭକ୍ଷଣ କରିବା ପରିତ୍ୟାଗ କର । ପୂର୍ବରୁ ଯେଉଁମାନଙ୍କୁ ଭକ୍ଷଣ କରିସାରିଛ, ସେମାନଙ୍କ ପାଇଁ ଅନୁତାପ କର । ଏହାହିଁ ତାର ପ୍ରକୃତ ପ୍ରାୟଶ୍ଚିତ୍ତ ହେବ । ଅଧିକ ଚିନ୍ତା ଅନାବଶ୍ୟକ ।' ଜୀମୂତବାହନଙ୍କର ବାକ୍ୟକୁ ଗୁରୁଙ୍କର ଉପଦେଶ ବୋଲି ମନେକରି ଗରୁଡ଼ ପୂର୍ବରୁ ଭକ୍ଷଣ କରିଥିବା ନାଗମାନଙ୍କୁ ପୁନର୍ଜୀବିତ କରିବା ନିମନ୍ତେ ଅମୃତ ଆଣିବା ପାଇଁ ପ୍ରସ୍ଥାନ କଲେ । ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ସ୍ୱୟଂ ପାର୍ବତୀ ଏହି ଅମୃତ ଜୀମୂତବାହନଙ୍କର କ୍ଷତବିକ୍ଷତ ଅଙ୍ଗରେ ସେଚନ କଲେ । ଏହାଦ୍ୱାରା ତାଙ୍କର ଶାରୀରିକ ଶୋଭା ଆହୁରି ବୃଦ୍ଧିପ୍ରାପ୍ତ ହେଲା । ଏହାପରେ ଗରୁଡ଼ ଅବଶିଷ୍ଟ ଅମୃତକୁ ନେଇ ସମୁଦ୍ରତଟରେ ସିଞ୍ଚନ କରିବାରୁ ନାଗକଙ୍କାଳ-ଗୁଡ଼ିକ ପୁନର୍ଜୀବିତ ହୋଇଉଠିଲେ । ଫଳରେ ଉକ୍ତ ସମୁଦ୍ରର ବେଳାଭୂମି ନାଗମାନଙ୍କଦ୍ୱାରା ପରିପୂର୍ଣ୍ଣ ହେବାକୁ ଲାଗିଲା । ସେହି ସମୟଠାରୁ ନାଗଲୋକ ଗରୁଡ଼ଙ୍କ ଭୟରୁ ମୁକ୍ତ ଲାଭକଲା । ମନେହେଲା ସତେ ଯେପରି ସମଗ୍ର ନାଗକୁଳ ନିଜ ଜାତିର ରକ୍ଷକ ଜୀମୂତବାହନଙ୍କ ଦର୍ଶନ କରିବାକୁ ପାତାଳପୁର ପରିତ୍ୟାଗ କରି ଚାଲି ଆସିଅଛନ୍ତି । ଜୀମୂତବାହନ ଅନ୍ୟାନ୍ୟ ବନ୍ଧୁମାନଙ୍କଦ୍ୱାରା ଅଭିନନ୍ଦିତ ହୋଇ ପିତା, ମାତା ଓ ପତ୍ନୀଙ୍କର ପରମ ଆନନ୍ଦ ସମ୍ପାଦନ କଲେ ଏବଂ ତିନିଲୋକରେ ତାଙ୍କର ଯଶଃ ପ୍ରତିଷ୍ଠିତ ହେଲା । ତାଙ୍କର ଆଦେଶରେ ଶଙ୍ଖଚୂଡ଼ ପାତାଳପୁରକୁ ଗମନ କଲେ । ଗରୁଡ଼, ଦେବତାସମୂହ ତଥା ଜୀମୂତବାହନଙ୍କର ପୂର୍ବ ଶତ୍ରୁ ମତଙ୍ଗ ମଧ୍ୟ ତାଙ୍କୁ ଭୂମିଷ୍ଠ ପ୍ରଣାମ କରି ବିଦାୟ ନେଲେ । ଶେଷରେ ସେ ପତ୍ନୀ ମଳୟବତୀ ଓ ମିତ୍ର ମିତ୍ରାବସୁଙ୍କ

Digitized by srujanika@gmail.com

ସହିତ ସ୍ୱରାଜଧାମକୁ ପ୍ରତ୍ୟାବର୍ତ୍ତନ କରି ଚିରକାଳ ପର୍ଯ୍ୟନ୍ତ ବିଦ୍ୟାଧର ଚକ୍ରବର୍ତ୍ତୀ ପଦ ଉପଭୋଗ କରିବାକୁ ଲାଗିଲେ । ପ୍ରକୃତରେ କଲ୍ୟାଣସମ୍ପଦ ମହାପୁରୁଷମାନଙ୍କୁ ବରଣ କରିଥାନ୍ତି ।’

ଯୌଗନ୍ଧରାୟଣଙ୍କ ମୁଖରୁ ଏହି ଅଦ୍ଭୁତ କଥା ଶ୍ରବଣ କରି ବାସବଦତ୍ତା ଗଭୀର ଆନନ୍ଦ ଲାଭକଲେ । ସର୍ବଦା ଦେବତାମାନେ ପ୍ରୀତ ହୋଇ ବାସବଦତ୍ତାଙ୍କୁ ବିଭିନ୍ନ ନିର୍ଦ୍ଦେଶ ପ୍ରଦାନ କରୁଥିବାରୁ, ସେହି ପ୍ରସଙ୍ଗ ଚର୍ଚ୍ଚା କରି କରି ସେ ଉଦୟନଙ୍କ ସହ କାଳଯାପନ କରିବାକୁ ଲାଗିଲେ । କିନ୍ତୁ ମଧ୍ୟେ ମଧ୍ୟେ ବିଦ୍ୟାଧରମାନଙ୍କର ଭାବି ଚକ୍ରବର୍ତ୍ତୀ ନିଜର ଗର୍ଭସ୍ଥ ସନ୍ତାନର ଚିନ୍ତାରେ ସେ ବିହ୍ୱଳା ହୋଇ ଉଠୁଥାଆନ୍ତି ।

Digitized by srujanika@gmail.com

ତୃତୀୟ ତରଙ୍ଗ

କିଛି ଦିନ ଅତୀତ ହେଲା । ଦିନେ ମନ୍ତ୍ରୀମାନଙ୍କ ମଧ୍ୟରେ ବସିଥିବା ବତ୍ସରାଜଙ୍କୁ ବାସବଦତ୍ତା ଏକାନ୍ତରେ କହିଲେ, 'ଆର୍ଯ୍ୟପୁତ୍ର ! ମୁଁ ଯେଉଁ ଦିନଠାରୁ ଗର୍ଭଧାରଣ କଲି, ସେହିଦିନଠାରୁ ତାକୁ ରକ୍ଷା କରିବା ନିମନ୍ତେ ମୋର ବ୍ୟାକୁଳତା ଅତ୍ୟଧିକ ପରିମାଣରେ ବୃଦ୍ଧିପ୍ରାପ୍ତ ହୋଇଅଛି । ସେହି ଚିନ୍ତାରେ ଚିନ୍ତିତ ଥିବା ସମୟରେ ମୁଁ ଯେତେବେଳେ ନିଦ୍ରିତ ହୋଇପଡ଼ିଲି, ସେତେବେଳେ ସ୍ୱପ୍ନରେ ଗୋଟିଏ ପୁରୁଷ ଆସି ମୋ ସମ୍ମୁଖରେ ଉପସ୍ଥିତ ହେଲେ । ତାଙ୍କର ଅଙ୍ଗ ଭସ୍ମଦ୍ୱାରା ଶ୍ୱେତବର୍ଣ୍ଣ ଧାରଣ କରିଥିଲା ଏବଂ ମସ୍ତକ ଉପରେ ଚନ୍ଦ୍ରମା ଶୋଭା ପାଉଥିଲା । ଏହାଙ୍କର ଦୀର୍ଘ କେଶରାଶି ପିଙ୍ଗଳବର୍ଣ୍ଣ ଦେଖା ଯାଉଥିଲା ଏବଂ ସେ ହସ୍ତରେ ତ୍ରିଶୂଳ ଧାରଣ କରିଥିଲେ । ସେ ମୋର ଅତି ନିକଟକୁ ଆସି ଦୟାପୂର୍ଣ୍ଣ କଣ୍ଠରେ କହିଲେ, 'ତୁ ନିଜ ଗର୍ଭ ସମ୍ପର୍କରେ ଚିନ୍ତିତ ହେବା ଅନାବଶ୍ୟକ । ମୁଁ ତୋର ଗର୍ଭକୁ ରକ୍ଷା କରୁଅଛି ଏବଂ ମୋ ଦୟାରୁ ହିଁ ତୋର ଏ ଗର୍ଭଧାରଣ ସମ୍ଭବ ହୋଇଅଛି । ତୋର ବିଶ୍ୱାସ ନିମନ୍ତେ, ମୁଁ ଗୋଟିଏ କଥା କହୁଅଛି, ଶୁଣ—'କାଲି ପ୍ରଭାତରୁ କୌଣସି ଗୋଟିଏ ସ୍ତ୍ରୀ ନିଜର ପତି ସହିତ ଆସି ତୁମ ନିକଟରେ ଉପସ୍ଥିତ ହେବ । [illegible] ନିଜ ପତିଙ୍କ [illegible] ନିର୍ଦ୍ଦୟ ବ୍ୟବହାର କରି ତୁମ ନିକଟରେ କିଛି ନିବେଦନ [illegible] । [illegible] ସ୍ତ୍ରୀଟି ବ୍ୟଭିଚାରିଣୀ । ନିଜର ବନ୍ଧୁମାନଙ୍କ ବଳରେ [illegible] ହତ୍ୟା କରିବା ପାଇଁ ପ୍ରସ୍ତୁତ । ସେ ଯାହା କହିବ ସେ ସବୁ ମିଥ୍ୟା [illegible] ତେଣୁ ଏ ସମ୍ପର୍କରେ ଆଗରୁ ଉଦୟନଙ୍କୁ ଅବଗତ କରିଦେବା ଆବଶ୍ୟକ । ତା ନହେଲେ ସେ ହୁଏତ ସେହି ନିରପରାଧ ପୁରୁଷଟି ପ୍ରତି ଦଣ୍ଡାଦେଶ ପ୍ରଦାନ କରିଦେଇ ପାରନ୍ତି ।'

ସ୍ୱପ୍ନରେ ଏହିପରି ଆଜ୍ଞା ଦେଇ ସେ ସହସା ଅନ୍ତର୍ହିତ ହୋଇଗଲେ । ମୁଁ ଜାଗ୍ରତ ହୋଇ ଦେଖେ ଯେ ରାତି ପ୍ରଭାତ ହୋଇ ଯାଇଅଛି ।

Digitized by srujanika@gmail.com

ରାଣୀଙ୍କଠାରୁ ଏହି ସ୍ୱପ୍ନ ସମାଚାର ଶୁଣି ରାଜା ଏବଂ ଅନ୍ୟାନ୍ୟ ସଭାସଦ୍-ମାନେ ସେହି ସ୍ତ୍ରୀଟିର ଅପେକ୍ଷାରେ ରହିଥାଆନ୍ତି । ଏହି ସମୟରେ ପ୍ରଧାନ ଦ୍ୱାରପାଳ ଆସି ଉଦୟନଙ୍କ ନିକଟରେ ନିବେଦନ କଲା, 'ମହାରାଜ ! କୌଣସି ସ୍ତ୍ରୀ ନିଜର ବାଳକ ଓ ପାଞ୍ଚପୁଅଙ୍କୁ ସାଙ୍ଗରେ ନେଇ ଏବଂ ନିଜର ପତିକୁ ଟାଣି ଟାଣି ଆଣି ମହାରାଜାଙ୍କ ନିକଟରେ କିଛି ନିବେଦନ କରିବ ବୋଲି ଦ୍ୱାରଦେଶରେ ଅପେକ୍ଷା କରିଅଛି ।' ରାଣୀଙ୍କର ସ୍ୱପ୍ନ ସମାଚାର ସହିତ ଏ ଘଟଣା ସମ୍ପୂର୍ଣ୍ଣଭାବରେ ମିଳିଯାଉଥିବାରୁ ରାଜା ତାକୁ ସଙ୍ଗେ ସଙ୍ଗେ ଦରବାରରେ ଉପସ୍ଥିତ କରାଇବା ନିମନ୍ତେ ଆଦେଶ ପ୍ରଦାନ କଲେ । ସ୍ୱପ୍ନ ସତ୍ୟ ହେବା ଦେଖି ବାସବଦତ୍ତା ମଧ୍ୟ ଉତ୍ତମ ପୁତ୍ର ଲାଭ ଆଶାରେ ଅତ୍ୟନ୍ତ ପ୍ରସନ୍ନତା ଲାଭକଲେ ।

ଏହାପରେ ସେହି ସ୍ତ୍ରୀ ନିଜର ପତି ସହିତ ସେଠାରେ ଆସି ଉପସ୍ଥିତ ହେଲା । ସେ ଅତି ଦୀନତାର ସହିତ ସମସ୍ତ ସଭାସଦ୍‌ବୃନ୍ଦଙ୍କୁ ଅଭିବାଦନ କରି ରାଜାଙ୍କୁ କହିଲା, 'ମହାରାଜ ! ମୋଭଳି ନିରପରାଧିନୀ ପତ୍ନୀକୁ ମଧ୍ୟ ଏହି ଲୋକଟି ଭୋଜନ ଓ ବସ୍ତ୍ର ପ୍ରଦାନ କରୁନାହିଁ ।' ପତ୍ନୀର ଏପରି କଥା ଶୁଣି ତାର ପତି କହିଲା, 'ମହାରାଜ ! ମୋ ସ୍ତ୍ରୀ ଯାହା କହିଲା ତାହା ସବୁ ଏକାନ୍ତ ଅସତ୍ୟ । ସେ ବନ୍ଧୁବାନ୍ଧବଙ୍କ ସହ ମିଳିତ ହୋଇ ମୋତେ ହତ୍ୟା କରିବା ନିମନ୍ତେ ଚକ୍ରାନ୍ତ କରୁଅଛି । ଗୋଟିଏ ବର୍ଷ ପର୍ଯ୍ୟନ୍ତ ଏହାକୁ ମୁଁ ଭୋଜନ, ବସ୍ତ୍ର ପ୍ରଭୃତି ପ୍ରଦାନ କଲି । ଏହାର ସମସ୍ତ ଭାଇ ବନ୍ଧୁ ପ୍ରଭୃତି ଏହି କଥାର ସାକ୍ଷ୍ୟ ପ୍ରଦାନ କରିବେ ।' ଏହା ଶୁଣି ରାଜା କହିଲେ, 'ଏହି କଥାର ସାକ୍ଷ୍ୟ ସ୍ୱୟଂ ଭଗବାନ ମହାଦେବ ରାଣୀଙ୍କୁ ସ୍ୱପ୍ନରେ ପ୍ରଦାନ କରିଅଛନ୍ତି । ଆଉ ଅନ୍ୟ ସାକ୍ଷ୍ୟର ଆବଶ୍ୟକତା କଣ ? ତେଣୁ ଚରିତ୍ରହୀନ ସ୍ତ୍ରୀଟିକୁ ନିଜର ବନ୍ଧୁବାନ୍ଧବଙ୍କ ସହିତ କାରାଗାରରେ ଆବଦ୍ଧ କର ।' ରାଜାଙ୍କର ଏ ପ୍ରକାର ଆଦେଶରେ ବୁଦ୍ଧିମାନ୍ ମନ୍ତ୍ରୀ ଯୌଗନ୍ଧରାୟଣ କହିଲେ, 'ମହାରାଜ ! ଏହା ଅବଶ୍ୟ ଉଚିତ କିନ୍ତୁ ନିୟମ ଅନୁଯାୟୀ ସାକ୍ଷୀମାନଙ୍କର ମତାମତ ଉପରେ ହିଁ ଦଣ୍ଡାଦେଶ ପ୍ରଦାନ କରିବା ଅଧିକ ଉଚିତ ହେବ । କାରଣ ଏ ସ୍ୱପ୍ନ-ବୃତ୍ତାନ୍ତ ସାଧାରଣ ଜନତା ଜାଣି ନଥିବା ହେତୁ ସେମାନେ ହୁଏତ ଆପଣଙ୍କର ନ୍ୟାୟ ବିଚାର ଉପରେ ଆସ୍ଥା ସ୍ଥାପନ କରିପାରିବେ ନାହିଁ ।' ଯୌଗନ୍ଧରାୟଣଙ୍କ ମନ୍ତବ୍ୟକୁ ଗ୍ରହଣ କରି ରାଜା ନିଜର ଭ୍ରାନ୍ତି ଉପଲବ୍ଧି କରିପାରିଲେ ଏବଂ

Digitized by srujanika@gmail.com

ସାକ୍ଷୀଙ୍କଠାରୁ ସାକ୍ଷ୍ୟଗ୍ରହଣ କଲେ । ପ୍ରତ୍ୟେକେ ସ୍ତ୍ରୀ ଲୋକଟି ଯାହା କହିଗଲା ତାହା ମିଥ୍ୟା ବୋଲି ଘୋଷଣା କରିବାରୁ ରାଜା ପତିଦ୍ରୋହ ଅପରାଧରେ ଉକ୍ତ ସ୍ତ୍ରୀ, ତାର ପୁତ୍ର ଓ ବନ୍ଧୁମାନଙ୍କୁ ନିର୍ବାସନ ଦଣ୍ଡ ପ୍ରଦାନ କଲେ ଏବଂ ଉକ୍ତ ପୁରୁଷଟିକୁ ଦ୍ୱିତୀୟ ବିବାହ କରିବା ନିମନ୍ତେ ଯଥେଷ୍ଟ ଧନସମ୍ପତ୍ତି ଉପହାର ଦେଲେ । ପ୍ରକୃତରେ କ୍ରୂର ଓ କୁଳଟା ସ୍ତ୍ରୀମାନେ ପତିଙ୍କର ଜୀବିତ ଅବସ୍ଥାରେ ହିଁ ବହୁ ଦୁଃଖ ଲାଭ କରିଥାଆନ୍ତି । ବୃକ୍ଷଚ୍ଛାୟାତୁଲ୍ୟ ସ୍ନେହପୂର୍ଣ୍ଣ କୁଳୀନ, ଉଦାର ହୃଦୟ, ଦୁଃଖହାରିଣୀ ଓ ସନ୍ମାର୍ଗଗାମିନୀ ପତ୍ନୀ ଲାଭ କରିବା ବହୁ ତପସ୍ୟାର ଫଳମାତ୍ର ।

ଏହି ସମୟରେ ସେଠାରେ ଉପସ୍ଥିତ ଥିବା ନିପୁଣ କଥକ ବିଦୂଷକ ବସନ୍ତକ କହିଲେ, 'ମନୁଷ୍ୟ ମଧ୍ୟରେ ପରସ୍ପର ସ୍ନେହ ବା ବିରୋଧ ପୂର୍ବଜନ୍ମର ସଂସ୍କାର ଫଳରେ ହିଁ ହୋଇଥାଏ । ମୁଁ ଆପଣଙ୍କୁ ଏ ସମ୍ପର୍କରେ ଗୋଟିଏ କାହାଣୀ ଶୁଣାଇପାରେ, ଶୁଣନ୍ତୁ'—

ସିଂହପରାକ୍ରମ ଓ ତାଙ୍କର କଳହକାରିଣୀ ପତ୍ନୀ

ବାରାଣସୀ ନଗରରେ ବିକ୍ରମଚଣ୍ଡ ନାମକ ଜଣେ ରାଜା ରାଜତ୍ୱ କରୁଥିଲେ । ତାଙ୍କର ସିଂହପରାକ୍ରମ ନାମରେ ଗୋଟିଏ ଅତିବିଶ୍ୱାସୀ ଭୃତ୍ୟ ଥିଲା । ଯୁଦ୍ଧ ଓ ଦ୍ୟୂତ ଉଭୟରେ ସେ ନିପୁଣ ଥିବାରୁ ରାଜା ତାକୁ ଅତ୍ୟନ୍ତ ଆଦର କରୁଥିଲେ । ତାର ସ୍ତ୍ରୀ କଳହକାରିଣୀ ଶରୀର ଓ ହୃଦୟ ଉଭୟରେ ଅତି କୁଟିଳା ଥିଲା । ପ୍ରକୃତରେ ତାର ପିତୃଦତ୍ତ ନାମକୁ ସେ ସାର୍ଥକ କରୁଥିଲା । ଧୈର୍ଯ୍ୟଶାଳୀ ସିଂହପରାକ୍ରମ ନିଜର ସମସ୍ତ ପାରିଶ୍ରମିକ ଓ ଦ୍ୟୂତ-କ୍ରୀଡ଼ାରୁ ପ୍ରାପ୍ତ ସମସ୍ତ ଧନ ନିଜ ସ୍ତ୍ରୀ ହସ୍ତରେ ଅର୍ପଣ କରି ଦେଉଥିଲା । ତିନୋଟି ପୁତ୍ରର ଜନ୍ମ ହେବା ପରେ ମଧ୍ୟ ଉକ୍ତ ସ୍ତ୍ରୀ ଲୋକଟି କ୍ଷଣା ମୁହୂର୍ତ୍ତେ ମାତ୍ର ସ୍ଥିର ହୋଇ ରହିପାରୁ ନଥିଲା । ସେ ସର୍ବଦା ନିଜର ସ୍ୱାମୀକୁ କହୁଥାଏ ଯେ ସେ ବାହାରେ ସବୁ କିଛି ଖିଆପିଆ କରି ନେଉଛନ୍ତି କିନ୍ତୁ ତା ପାଇଁ କୌଣସି ଉତ୍କୃଷ୍ଟ ଖାଦ୍ୟଦ୍ରବ୍ୟ ଆଣୁନାହାନ୍ତି । ଭୋଜନ, ବସ୍ତ୍ର, ଭୂଷଣ ପ୍ରଭୃତିଦ୍ୱାରା ସବୁବେଳେ ସିଂହପରାକ୍ରମ ତାକୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରୁଥିଲେ ହେଁ ସେ ସର୍ବଦା ଅସନ୍ତୁଷ୍ଟା ଥିଲା । ଏହି ଦୁଃଖରେ ସିଂହପରାକ୍ରମ

Digitized by srujanika@gmail.com

ଅତ୍ୟନ୍ତ ଦୁଃଖିତ ହୋଇ ଗୃହ ପରିତ୍ୟାଗପୂର୍ବକ ବିନ୍ଧ୍ୟବାସିନୀ ଦେବୀଙ୍କୁ ଦର୍ଶନ କରିବା ନିମନ୍ତେ ଚାଲିଗଲା । ସେଠାରେ ବହୁଦିନ ଧରି ନିରାହାରରେ ଧାରଣା ଦେବାରୁ ଦେବୀ ପ୍ରସନ୍ନ ହୋଇ ସ୍ୱପ୍ନରେ ତାକୁ କହିଲେ, 'ବତ୍ସ ! ତୁ ସେହି ବାରାଣସୀ ନଗରୀକୁ ପ୍ରତ୍ୟାବର୍ତ୍ତନ କର । ସେଠାରେ ଏକ ବିଶାଳ ବଟବୃକ୍ଷ ଅଛି । ତାର ପାଦଦେଶ ଖୋଦନ କରିବା ଫଳରେ ତୁ ଏକ ବିରାଟ ରତ୍ନକୋଷ ଲାଭ କରିବୁ । ତା ମଧ୍ୟରେ ଆକାଶରୁ ବିଚ୍ୟୁତ ହୋଇଥିବା ଏବଂ ଖଡ୍‌ଗତୁଲ୍ୟ ଉଜ୍ଜ୍ୱଳ ଦେଖାଯାଉଥିବା ଏକ ମଣିମୟପାତ୍ର ଦେଖିବାକୁ ମିଳିବ । ତାହା ଭିତରକୁ ଚାହିଁଲେ ତୁ ପ୍ରତ୍ୟେକ ପ୍ରାଣୀର ପୂର୍ବଜନ୍ମ ଦେଖି ପାରିବୁ । ତାହା ମଧ୍ୟରେ ନିଜର ଓ ନିଜ ପତ୍ନୀର ପୂର୍ବଜନ୍ମର ବୃତ୍ତାନ୍ତ ଜାଣି-ପାରିଲେ ତୁ ସୁଖୀ ହେବୁ ଓ ଶୋକରହିତ ହୋଇ ଆନନ୍ଦମୟ ଜୀବନ ଯାପନ କରିପାରିବୁ । ଦେବୀଙ୍କଠାରୁ ଏହିପରି ଆଦିଷ୍ଟ ହୋଇ ସିଂହବିକ୍ରମ ପ୍ରାତଃକାଳରୁ ହିଁ ବ୍ରତ ଉଦ୍‌ଯାପନ କରି ବାରାଣସୀ ଅଭିମୁଖେ ଯାତ୍ରାକଲା । ସେଠାରେ ଉପସ୍ଥିତ ହୋଇ ଉପରୋକ୍ତ ବଟବୃକ୍ଷର ପାଦଦେଶ ଖନନ କରିବାରୁ ସେ ଦେବୀକଥିତ ପାତ୍ରଟି ଲାଭକଲା । ତାର ଗର୍ଭକୁ ଚାହିଁବାରୁ ସେ ଦେଖିଲା ଯେ ପୂର୍ବଜନ୍ମରେ ତାର ସ୍ତ୍ରୀ ଗୋଟିଏ ଭଲ୍ଲୁକରୂପରେ ଏବଂ ସେ ନିଜେ ଗୋଟିଏ ସିଂହରୂପରେ ଜନ୍ମଗ୍ରହଣ କରିଥିଲେ । ତେଣୁ ଏ ଜନ୍ମରେ ଏ ପ୍ରକାର ମତଭେଦ ଘଟିଛି ବୋଲି ଜାଣିପାରି ସେ ସମସ୍ତ ଦୁଃଖ ଓ ଶୋକ ପରିତ୍ୟାଗ କଲା । ଉକ୍ତ ପାତ୍ରରୁ ବହୁ କନ୍ୟାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଜାଣିପାରି ସେ ଶେଷରେ ପୂର୍ବଜନ୍ମରେ ସିଂହୀରୂପ ଧାରଣ କରିଥିବା ଗୋଟିଏ କନ୍ୟାକୁ ବିବାହ କରି ଆନନ୍ଦରେ କାଳଯାପନ କରିବାକୁ ଲାଗିଲା । ଏ ଦ୍ୱିତୀୟ ସ୍ତ୍ରୀଟିର ନାମ ଥିଲା ସିଂହଶ୍ରୀ । ସିଂହବିକ୍ରମ ତାର କଳହକାରିଣୀ ସ୍ତ୍ରୀଟିକୁ କେବଳ ମାତ୍ର ଭୋଜନ ପ୍ରଦାନ କରି ନୂତନ ପତ୍ନୀ ସହିତ ରାଜାଙ୍କର ସେବା କରିବାରେ ପୁଣି ମନ ନିଯୋଗ କଲା ।'

ଉପରୋକ୍ତ କଥାଟି କହି ବସନ୍ତକ ରାଜାଙ୍କୁ କହିଲେ, 'ମହାରାଜ ! ପୂର୍ବଜନ୍ମର ଜାତିଗତ ସଂସ୍କାର ହେତୁ ଏହି ଜନ୍ମରେ ଲୋକେ ପରସ୍ପର ଶତ୍ରୁ ବା ମିତ୍ର ହୋଇଥାଆନ୍ତି ।'

Digitized by srujanika@gmail.com

ବସନ୍ତକଙ୍କଠାରୁ ଏହା ଶୁଣି ରାଜା ଓ ରାଣୀ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଗର୍ଭବତୀ ରାଣୀଙ୍କର ମୁଖଚନ୍ଦ୍ରକୁ ଅବଲୋକନ କରି କରି ରାଜା ଦିନ ଯାପନ କରିବାକୁ ଲାଗିଲେ ।

ମନ୍ତ୍ରୀମାନଙ୍କ ପୁତ୍ର ଲାଭ

ଏହି ସମୟ ମଧ୍ୟରେ ରାଜାଙ୍କ ସମସ୍ତ ମନ୍ତ୍ରୀ ଶୁଭଲଗ୍ନରେ ଗୋଟିଏ ଗୋଟିଏ ପୁତ୍ର ଲାଭ କଲେ । ସେମାନଙ୍କର ଶରୀରରେ ଥିବା ଶୁଭଲକ୍ଷଣ-ଗୁଡ଼ିକ ଭବିଷ୍ୟତ ସମ୍ପର୍କରେ ସୂଚନା ପ୍ରଦାନ କରୁଥିଲା । ସର୍ବପ୍ରଥମେ ଯୌଗନ୍ଧରାୟଣ ମରୁଭୂତି ନାମକ ଗୋଟିଏ ପୁତ୍ର ଲାଭ କଲେ । ଏହାପରେ ସେନାପତି ରୁମଣ୍ୱାନଙ୍କର ହରିଶିଖ ଏବଂ ବସନ୍ତକଙ୍କର ତପନ୍ତକ ନାମକ ଗୋଟିଏ ଗୋଟିଏ ପୁତ୍ର ଉତ୍ପନ୍ନ ହେଲେ । ଏହାପରେ ମୁଖ୍ୟ ପ୍ରତିହାରୀ ନିତ୍ୟୋଦିତଙ୍କର ଗୋମୁଖ ନାମକ ପୁତ୍ର ଭୂମିଷ୍ଠ ହେଲା । ଏହି ସମସ୍ତ ବାଳକ ବିଦ୍ୟାଧରମାନଙ୍କର ଭାବି ଚକ୍ରବର୍ତ୍ତୀ ଏବଂ ଶତ୍ରୁହନ୍ତା ବତ୍ସରାଜଙ୍କ ଭାବି ସନ୍ତାନର ମନ୍ତ୍ରୀ ପଦ ଲାଭ କରିବେ । ଏମାନଙ୍କ ଜନ୍ମରେ ଯେତେବେଳେ ସମଗ୍ର ନଗରରେ ଉତ୍ସବ ପରିପାଳନ କରାଯାଉଥିଲା ସେତେବେଳେ ଆକାଶରୁ ଦୈବବାଣୀ ହେଲା ଯେ କିଛି ଦିନ ପରେ ବତ୍ସରାଜଙ୍କ ରାଣୀ ବାସବଦତ୍ତାଙ୍କର ପୁତ୍ର ଲାଭ ସନ୍ନିକଟ ହେବ ।

ନରବାହନଦତ୍ତ ଜନ୍ମ

ଏହି ଶୂନ୍ୟବାଣୀ ଶୁଣିବା ପରେ ମହାରାଣୀ ପ୍ରସୂତି ଗୃହ ମଧ୍ୟରେ ବାସ କରିବାକୁ ଲାଗିଲେ । ଏହାର ଗବାକ୍ଷଗୁଡ଼ିକ ଶାକ ଓ ଶମୀ ବୃକ୍ଷର ପତ୍ରଦ୍ୱାରା ଆବୃତ ଥିଲା । ରତ୍ନଦୀପର ଉଜ୍ଜ୍ୱଳ କିରଣ ଓ ବିଭିନ୍ନ ଅସ୍ତ୍ରଶସ୍ତ୍ର ଦୀପ୍ତିଦ୍ୱାରା ଏହି ଗୃହ ଆଲୋକିତ ହୋଇ ଉଠୁଥିଲା ଏବଂ ବିଭିନ୍ନ ପୁତ୍ରବତୀ ନାରୀମାନଙ୍କର ସମାଗମ ଫଳରେ ଏହା ମୁଖରିତ ହୋଇ ଉଠୁଥିଲା । ମନ୍ତ୍ରୀମାନେ ବିଭିନ୍ନ ମନ୍ତ୍ରତନ୍ତ୍ରଦ୍ୱାରା ଏହାକୁ ସୁରକ୍ଷିତ କରୁଥିଲେ । ଏହାକୁ ଦେଖିଲେ ମନେ ହେଉଥିଲା ମୃତ୍ୟୁମାନଙ୍କର ରକ୍ଷା ନିମନ୍ତେ ଏକ ଦୁର୍ଗମ ଦୁର୍ଗ ନିର୍ମିତ ହୋଇଅଛି । ସମୟକ୍ରମେ ରାଣୀ ଏହି ପ୍ରସୂତି ଗୃହରେ ଏକ ସର୍ବାଙ୍ଗ ସୁନ୍ଦର ଓ ଦର୍ଶନୀୟ ପୁତ୍ର ପ୍ରସବ କଲେ । ଏହାର ଜନ୍ମ ଫଳରେ ପ୍ରସୂତି ଗୃହ ଯେ କେବଳ ଆଲୋକିତ ହେଲା

Digitized by srujanika@gmail.com

ତାହା ନୁହେଁ କିନ୍ତୁ ମାତାଙ୍କର ହୃଦୟ ମନ୍ଦିର ମଧ୍ୟ ଶୋକରହିତ ଓ ପ୍ରସନ୍ନ ହେଲା । ପୁତ୍ରଜନ୍ମ ଫଳରେ ସମଗ୍ର ଅନ୍ତଃପୁର ଆନନ୍ଦ କୋଳାହଳରେ ପରିପୂର୍ଣ୍ଣ ହେଲା । ରାଜା ଉଦୟନ ମଧ୍ୟ ଏହି ଶୁଭ ସମାଚାର ଶ୍ରବଣ କଲେ । ପ୍ରଥମେ ଯାହାଠାରୁ ସେ ଏହି ସମ୍ବାଦ ଲାଭ କଲେ ତାଙ୍କୁ କେବଳ-ବକ୍ଷିସ ନୁହେଁ କିନ୍ତୁ ଅନୁଗତ କରି ନିଜର କେବଳ ରାଜ୍ୟ ପ୍ରଦାନ କରିବାକୁ ପ୍ରବୃତ୍ତ ହେଲେ । ବହୁ ଦିନ ପରେ ମନୋରଥ ପରିପୂର୍ଣ୍ଣ ହୋଇଥିବା ହେତୁ ମହାରାଜା ନୂତନ କୁମାର ସହିତ ପ୍ରସୂତି ଗୃହ ମଧ୍ୟରେ ହିଁ ପୁତ୍ରମୁଖ ଦର୍ଶନ କରି ସନ୍ତୁଷ୍ଟି ଲାଭ କଲେ । ମୁକ୍ତାମଣ୍ଡିତ ସନ୍ତାନଟିର ରକ୍ତିମ ଆଭା ଧାରଣ କରିଥିବା ସୁନ୍ଦର ଅଧର ହସ୍ତ ଓ କେଶରରଞ୍ଜିତ କୋମଳ କେଶପୁଞ୍ଜ-ଦ୍ୱାରା ଶୋଭିତ ହୋଇ ସାମ୍ରାଜ୍ୟ ଲକ୍ଷ୍ମୀଙ୍କ ଲୀଳାକମଳ ତୁଲ୍ୟ ଦେଖା ଯାଉଥିଲା । ଅନ୍ୟାନ୍ୟ ରାଜାମାନଙ୍କର ରାଜଲକ୍ଷ୍ମୀମାନେ ଲଜ୍ଜାରେ ପ୍ରଥମରୁ ହିଁ ତାଙ୍କର କୋମଳ ଚରଣଯୁଗଳକୁ ଛତ୍ର ଓ ଚାମରଦ୍ୱାରା ଅଙ୍କିତ କରିଦେଇଥିଲେ । ପୁତ୍ରମୁଖ ଦର୍ଶନଜନିତ ଆନନ୍ଦ ଓ ଉତ୍କଣ୍ଠା ଫଳରେ ରାଜାଙ୍କର ଚକ୍ଷୁଯୁଗଳ ଆନନ୍ଦାଶ୍ରୁଦ୍ୱାରା ପରିପୂର୍ଣ୍ଣ ହୋଇଉଠିଲା । ଏହି ସମୟରେ ଦୈବବାଣୀ ଶୁଣାଗଲା—'ରାଜନ୍ ! ତୁମର ଏହି ସନ୍ତାନ କାମଦେବଙ୍କର ଅବତାର । ଏହାର ନାମ ନରବାହନଦତ୍ତ ହେବ ଏବଂ ଏହି ଶିଶୁ ସନ୍ତାନ କୋଟିଏ ଦିବ୍ୟ ବର୍ଷର ଚରମସୀମା ପର୍ଯ୍ୟନ୍ତ ବିଦ୍ୟାଧର-ମାନଙ୍କର ଚକ୍ରବର୍ତ୍ତୀ ହୋଇରହିବ ।' ଏହା ସଙ୍ଗେ ସଙ୍ଗେ ଆକାଶରୁ ପୁଷ୍ପବୃଷ୍ଟି ହେଲା ଏବଂ ଦୁନ୍ଦୁଭି ନାଦ ଶୁଣାଗଲା । ଦେବତାମାନଙ୍କଦ୍ୱାରା ଆୟୋଜିତ ଏ ପ୍ରକାର ଉତ୍ସବ ଦର୍ଶନରେ ରାଜା ଉଦୟନ ମଧ୍ୟ ସମଗ୍ର ରାଜ୍ୟରେ ମହୋତ୍ସବ ପାଳନ କଲେ । ବିଭିନ୍ନ ବାଦ୍ୟବାଦନ ଫଳରେ ବିଦ୍ୟାଧର-ମାନଙ୍କ ନୂତନ ଚକ୍ରବର୍ତ୍ତୀ ରାଜାଙ୍କର ଜନ୍ମ ସମାଚାର ଚତୁର୍ଦ୍ଦିଗରେ ଘୋଷିତ ହେଲା । ଏହି ଅଟ୍ଟାଳିକାମାନଙ୍କ ଉପରେ ଆନ୍ଦୋଳମାନ ରକ୍ତବର୍ଣ୍ଣର ପତାକା ସମୂହ ଏ ସମ୍ପର୍କରେ କଥୋପକଥନ କରୁଥିବା ଭଳି ମନେହେଲା । ପ୍ରତ୍ୟେକ ଗୃହରେ ବେଶ୍ୟାମାନଙ୍କର ନୃତ୍ୟଗୀତର ଆୟୋଜନ ଫଳରେ ପୃଥ୍ୱୀ ଉପରେ ସ୍ୱର୍ଗର ଅବତରଣ ହେବାଭଳି ପ୍ରତୀତ ହେଲା । ରାଜାଙ୍କଦ୍ୱାରା ବିତରଣ କରାଯାଉଥିବା ଏକରୁଣୀତ୍ୱ ଓ ଅକୁଣ୍ଠଦାନ ସମ୍ପଦ ଦେଖି ସମାନ ବୈରିଶ୍ରେଣୀ ବୋଲି ମନେ ହେଉଥିଲା । ସେବକମାନଙ୍କଦ୍ୱାରା ଲୁଣ୍ଠିତ ଅଧିକ ହେବାଦ୍ୱାରା ସମସ୍ତ ଧନଭଣ୍ଡାର ଶୂନ୍ୟ ହେବାକୁ ଲାଗିଲା । କେବଳ

Digitized by srujanika@gmail.com

ପୁରୁଷମାନେ ନୂତନ ନଗରର ସମସ୍ତ ସ୍ତ୍ରୀ ମଙ୍ଗଳ ଗୀତ ଗାନ କରି ଏବଂ ବିଭିନ୍ନ ଉପହାର ଧାରଣ କରି ରକ୍ଷକମାନଙ୍କ ସହିତ ରାଜ ଅନ୍ତଃପୁର ମଧ୍ୟରେ ପ୍ରବେଶ କରିବାକୁ ଲାଗିଲେ । ଏ ସମୟରେ ସମସ୍ତଙ୍କର ଅଙ୍ଗଭଙ୍ଗୀ ନୃତ୍ୟମୟ, ବଚନ ଧନ୍ୟାଦ ପୂର୍ଣ୍ଣପାତ୍ରମୟ, ବ୍ୟବହାର ତ୍ୟାଗମୟ ଏବଂ ସ୍ୱର ବାଦ୍ୟମୟ ହୋଇ ଉଠିଥିଲା । ଆନନ୍ଦମୟ ଏହି ନଗରୀ ବହୁଦିନ ପର୍ଯ୍ୟନ୍ତ କୋଳାହଳମୟ ହୋଇରହିଲା ।

ଶୂନ୍ୟବାଣୀର ନିର୍ଦ୍ଦେଶ ଅନୁଯାୟୀ ପିତା ପୁତ୍ରଟିର ନାମକରଣ କଲେ ନରବାହନଦତ୍ତ । ଶୁକ୍ଳପକ୍ଷର ଚନ୍ଦ୍ରତୁଲ୍ୟ ସେ କ୍ରମଶଃ ବୃଦ୍ଧିଲାଭ କରିବାକୁ ଲାଗିଲେ । ଅଙ୍କୁଶ ଓ ଚକ୍ରାଙ୍କିତ ନଖଗୁଡ଼ିକ କେତୋଟି ସୁନ୍ଦର ଦନ୍ତ ଓ ତାର ମୁଖର ତତଲା ଭାଷା ପ୍ରଭୃତି ଦର୍ଶନ ଓ ଶ୍ରବଣ କରି ରାଜା ଅତ୍ୟନ୍ତ ପ୍ରସନ୍ନ ହେଲେ । ଏହାପରେ କିଛି ଦିନ ଯିବା ପରେ ମନ୍ତ୍ରୀମାନେ ନିଜ ନିଜର ଶିଶୁ ପୁତ୍ରମାନଙ୍କୁ ରାଜପୁତ୍ରଙ୍କର କ୍ରୀଡ଼ାସଙ୍ଗୀ ହେବା ନିମନ୍ତେ ସମର୍ପଣ କଲେ । ଯୌଗନ୍ଧରାୟଣଙ୍କ ପୁତ୍ର ମରୁଭୂତି, ରୁମଣ୍ୱାନଙ୍କ ପୁତ୍ର ହରିଶିଖ, ନିତ୍ୟୋଦିତଙ୍କ ପୁତ୍ର ଗୋମୁଖ, ବସନ୍ତକଙ୍କ ତପନ୍ତକ ଓ ପୁରୋହିତ ଶାନ୍ତିକରଙ୍କର ଦୁଇଟି ଭ୍ରାତୁଷ୍ପୁତ୍ର ଶାନ୍ତିସୋମ ଓ ବୈଶ୍ୱାନରଙ୍କ ସହିତ ନରବାହନଦତ୍ତ, ଅଭ୍ୟୁଦୟର କାରଣସ୍ୱରୂପ ବିଭିନ୍ନ ଗୁଣରାଜି ଶୋଭା ପାଇବାକୁ ଲାଗିଲେ । ରାଜା ଓ ରାଣୀ ଏହି ନୂତନ ମନ୍ତ୍ରିମଣ୍ଡଳର ସତ୍କାର କରି ଯଥେଷ୍ଟ ଆନନ୍ଦ ଲାଭ କଲେ ଏବଂ ଏକମାତ୍ର ସନ୍ତାନଟିର ବଦନକମଳ ଅବଲୋକନ କରି ଦିନ ଅତିବାହିତ କରିବାକୁ ଲାଗିଲେ ।

Digitized by srujanika@gmail.com

ପଞ୍ଚମ ସର୍ଗ

ମଦଘୂର୍ଣ୍ଣିତବକ୍ତ୍ରୋତ୍ଥୈଃ ସିନ୍ଦୂରୈଶ୍ଛୁରୟନ୍ ମହୀମ୍
ହେରମ୍ବଃ ପାତୁ ନୋ ବିଘ୍ନାନ୍ ସ୍ୱତେଜୋଭିର୍ଦହନ୍ନିବ ।

Digitized by srujanika@gmail.com

ପ୍ରଥମ ତରଙ୍ଗ

ବତ୍ସରାଜଙ୍କ ସଭାରେ ଶକ୍ତିବେଗଙ୍କ ପ୍ରବେଶ

ଏହିପରି ଭାବରେ ଉଦୟନ ଏକମାତ୍ର ପୁତ୍ର ନରବାହନଦତ୍ତଙ୍କୁ ପାଳନ ପୋଷଣ କରି ମହାରାଣୀଙ୍କ ସହିତ ଆନନ୍ଦରେ ସମୟ ଅତିବାହିତ କରିବାକୁ ଲାଗିଲେ । ଦିନେ ପୁତ୍ରର ସୁରକ୍ଷା ନିମନ୍ତେ ବ୍ୟାକୁଳିତ ବତ୍ସରାଜଙ୍କୁ ମନ୍ତ୍ରୀ ଯୌଗନ୍ଧରାୟଣ ଏକାନ୍ତରେ କହିଲେ, 'ମହାରାଜ ! ଆପଣ ରାଜକୁମାରଙ୍କ ନିମନ୍ତେ ଆଉ କୌଣସି ଚିନ୍ତା କରିବା ଅନାବଶ୍ୟକ । ଭଗବାନ ଗୌରୀପତି ବିଦ୍ୟାଧରମାନଙ୍କର ଭାବୀ ଚକ୍ରବର୍ତ୍ତୀଙ୍କୁ ତୁମ ଗୃହରେ ଜାତ କରାଇଅଛନ୍ତି । ବିଦ୍ୟାଧରମାନଙ୍କର ବର୍ତ୍ତମାନ ରାଜା ନିଜର ବିଦ୍ୟା ପ୍ରଭାବରେ ଏହା ଜାଣିପାରି ଈର୍ଷାରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଉଠିଛନ୍ତି । ଏହାଙ୍କର କୁଟିଳ ଚକ୍ରାନ୍ତ ଜ୍ଞାତ ହୋଇ ମହାଦେବ ନିଜର ସ୍ତମ୍ଭକ ନାମକ ଗଣମୁଖ୍ୟଙ୍କୁ ଶିଶୁ ସନ୍ତାନର ସୁରକ୍ଷା ନିମନ୍ତେ ନିଯୁକ୍ତ କରିଅଛନ୍ତି ଏବଂ ସେ ତୁମର ସନ୍ତାନର ରକ୍ଷା ନିମନ୍ତେ ଗୁପ୍ତଭାବରେ ଏହିଠାରେ ହିଁ ବାସ କରୁଅଛନ୍ତି । ନାରଦଙ୍କଠାରୁ ଏହା ଶୁଣି ମୁଁ ଶୀଘ୍ର ଆସି ଆପଣଙ୍କୁ ଏହା ଜଣାଇଦେଲି ।'

ଯୌଗନ୍ଧରାୟଣ ଏହିପରି କହୁଥିବା ସମୟରେ କିରୀଟ ଓ କୁଣ୍ଡଳ ବିଭୂଷିତ ଜଣେ ଖଡ୍‌ଗଧାରୀ ଦିବ୍ୟପୁରୁଷ ଆକାଶରୁ ଅବତରଣ କଲେ । ଏହାଙ୍କର ଯଥୋଚିତ ଅତିଥି ସତ୍କାର କରାଗଲା ପରେ ରାଜା ଉଦୟନ ଉତ୍ସୁକତାର ସହିତ ତାଙ୍କର ପରିଚୟ ଏବଂ ସେଠାକୁ ଆସିବାର କାରଣ ଜିଜ୍ଞାସା କରନ୍ତେ, ସେ କହିଲେ, 'ମୁଁ ମନୁଷ୍ୟ ହେଲେ ମଧ୍ୟ ଶକ୍ତିବେଗ ନାମ ଧାରଣ କରି ବିଦ୍ୟାଧରମାନଙ୍କ ରାଜା ହୋଇପାରିଛି । ତେଣୁ ବର୍ତ୍ତମାନ ବହୁତ ଶତ୍ରୁ ମୋର ଅନିଷ୍ଟ କରିବା ପାଇଁ ସର୍ବଦା ଚେଷ୍ଟା କରୁଅଛନ୍ତି । ମୁଁ ନିଜ ବିଦ୍ୟା ପ୍ରଭାବରେ ଆପଣମାନଙ୍କର ନବଜାତ ପୁତ୍ର ଭବିଷ୍ୟତରେ

Digitized by srujanika@gmail.com

ବିଦ୍ୟାଧରମାନଙ୍କର ଚକ୍ରବର୍ତ୍ତୀ ହେବ ବୋଲି ଜାଣିପାରି ତାଙ୍କୁ ଦର୍ଶନ କରିବା ନିମନ୍ତେ ଏଠାକୁ ଆସି ଉପସ୍ଥିତ ହୋଇଅଛୁ ।' ଏହା କହି ଶକ୍ତିବେଗ ନରବାହନଦତ୍ତଙ୍କୁ ଦର୍ଶନ କରି ପ୍ରଚୁର ଆନନ୍ଦ ଲାଭକଲେ ।

ରାଜା କୌତୂହଳ ସମ୍ବରଣ କରି ନପାରି ତାଙ୍କୁ ପଚାରିଲେ, 'ମିତ୍ର ! ବିଦ୍ୟାଧରତ୍ୱ କିପରି ଲାଭ କରାଯାଏ ? ତା'ର ସ୍ୱରୂପ କଣ ? ଏବଂ ତୁମେ କିପରି ତାହା ପ୍ରାପ୍ତ ହେଲ ଦୟାକରି ଏ ସମ୍ପର୍କରେ କିଛି ପ୍ରକାଶ କର ।'

ରାଜାଙ୍କୁ କୌତୂହଳୀ ଦେଖି ଶକ୍ତିବେଗ ନମ୍ର ଓ ବିନୀତ ଭାବରେ କହିଲେ, 'ମହାରାଜ ! ପୂର୍ବଜନ୍ମରେ କିମ୍ବା ଏହି ଜନ୍ମରେ ଗଭୀର ଭକ୍ତିମନ୍ତ୍ରର ସହିତ ମହାଦେବଙ୍କର ଉପାସନା କରିଥିଲେ ତାଙ୍କରି କୃପାରୁ ବୁଦ୍ଧିମାନ୍ ଲୋକମାନେ ବିଦ୍ୟାଧର ପଦଲାଭ କରିଥାଆନ୍ତି । ଏହା ଅନେକ ପ୍ରକାର । ବିଦ୍ୟା, ଖଡ୍ଗ, ମାଳା ପ୍ରଭୃତିଦ୍ୱାରା ସିଦ୍ଧିଲାଭ କରି ଏହା ଲାଭ କରାଯାଇ ପାରେ । ମୁଁ ଯେପରି ବିଦ୍ୟାଧର ପଦ ଲାଭକଲି ତାହା ପ୍ରକାଶ କରୁଅଛି, ଶୁଣନ୍ତୁ ।' ଏହା କହି ଶକ୍ତିବେଗ ମହାରାଣୀଙ୍କ ସମ୍ମୁଖରେ ଉଦୟନଙ୍କୁ ନିଜର ଦିବ୍ୟବୃତ୍ତାନ୍ତ ଶୁଣାଇବା ଆରମ୍ଭ କଲେ —

କନକପୁରୀ ଓ ଶକ୍ତିବେଗ

ପ୍ରାଚୀନକାଳରେ ବର୍ଦ୍ଧମାନ ନାମରେ ଏକ ସମୃଦ୍ଧିଶାଳୀ ନଗର ଥିଲା । ଏଥିରେ ପରୋପକାରୀ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ଏହି ଉନ୍ନତକାମୀ ରାଜାଙ୍କର କନକପ୍ରଭା ନାମରେ ଜଣେ ରାଣୀ ଥିଲେ । ସେ ଅତି ଗମ୍ଭୀର ପ୍ରକୃତିର ରମଣୀ । କିଛି ଦିନ ପରେ ରାଣୀଙ୍କର ଏକ କନ୍ୟା ଜାତ ହେଲା । ତାର ସୌନ୍ଦର୍ଯ୍ୟ ଦେଖିଲେ ମନେ ହେଉଥିଲା ଲକ୍ଷ୍ମୀଙ୍କ ରୂପଦର୍ପକୁ ଖର୍ବ କରିବା ନିମନ୍ତେ ବିଧାତା ଏହାକୁ ନିର୍ମାଣ କରିଅଛି । ପିତା ଓ ମାତା ତାହାର ନାମକରଣ କଲେ କନକରେଖା । କନ୍ୟାଟି ଯୌବନାବସ୍ଥା ପ୍ରାପ୍ତ ହେବାରୁ ମହାରାଜା ମହାରାଣୀ କନକପ୍ରଭାଙ୍କୁ ଏକାନ୍ତରେ କହିଲେ, 'କନକ-ରେଖାର ରୂପଯୌବନ ଓ ତାର ବିବାହ ସମସ୍ୟା ମୋ ହୃଦୟକୁ ବ୍ୟଥିତ କରୁଅଛି । ଉପଯୁକ୍ତ ଗାୟକଦ୍ୱାରା ଗାନ କରାଯାଉଥିବା ସଙ୍ଗୀତତୁଲ୍ୟ ରୂପବତୀ

Digitized by srujanika@gmail.com

କୁଳକନ୍ୟାମାନେ ଶତ୍ରୁର ମନରେ ମଧ୍ୟ ଉଦ୍‌ବେଗ ସୃଷ୍ଟି କରିଥାଆନ୍ତି । କୁପାତ୍ରରେ ଦାନ କରାଯାଇଥିବା ବିଦ୍ୟାତୁଲ୍ୟ ଅପାତ୍ରରେ ପ୍ରଦତ୍ତ କନ୍ୟା କେବଳ ପଶ୍ଚାତ୍ତାପ ହିଁ ଜାତ କରାଇଥାଏ । ତେଣୁ ଏହାକୁ କୌଣସି ରାଜାଙ୍କ ସହିତ ବିବାହ କରାଇଦେବା ମୋର ଇଚ୍ଛା । କିନ୍ତୁ ଏହାର ଯୋଗ୍ୟ ବରପାତ୍ର କିଏ ହେବ ? ସେହି ଚିନ୍ତା ହିଁ ମୋର ହୃଦୟକୁ ବ୍ୟାକୁଳିତ କରୁଅଛି ।'

ଏହା ଶୁଣି ମହାରାଣୀ କନକପ୍ରଭା ରହସ୍ୟ କରି ରାଜାଙ୍କୁ କହିଲେ, "ଆପଣ ତ ଏପରି ଚିନ୍ତିତ କିନ୍ତୁ ତେଣେ କନକରେଖା ବିବାହ କରିବା ପାଇଁ ପ୍ରସ୍ତୁତ ନୁହେଁ । ଆଜି ସେ କଣ୍ଢେଇ ନେଇ ଖେଳୁଥିବାବେଳେ ମୁଁ କହିଲି, 'ମୁଁ ତୋର ବିବାହ କେବେ ଦେଖିବି ?' ମୋର ଏପରି ପ୍ରଶ୍ନରେ ସେ ଅଭିମାନ କରି କହିଲା, 'ମା ଆଉ ଏପରି କହ ନାହିଁ । ମୋତେ କାହା ହାତରେ ସମର୍ପଣ କରି ତୁମଠାରୁ ଦୂରେଇ ଦିଅ ନାହିଁ । ମୁଁ ଅବିବାହିତା ହିଁ ରହିବି । ମୁଁ ଯଦି ବିବାହ କରେ, ମୋର ମୃତ୍ୟୁ ସୁନିଶ୍ଚିତ । ଏହାର ମଧ୍ୟ କେତେକ କାରଣ ରହିଛି ।' ଏଥିରେ ମୁଁ ବ୍ୟାକୁଳିତ ହୋଇ ଆପଣଙ୍କ ନିକଟକୁ ଦୌଡ଼ି ଆସିଲି । ବିବାହ କରିବା ପାଇଁ ଇଚ୍ଛା କରୁନଥିବା କନ୍ୟା ନିମନ୍ତେ ବରପାତ୍ରର ସନ୍ଧାନ ବୃଥା ।"

ରାଣୀଙ୍କ ଉକ୍ତିରେ ବିବ୍ରତ ରାଜା ପରୋପକାରୀ କନ୍ୟା ନିକଟରେ ଉପସ୍ଥିତ ହୋଇ କହିଲେ, 'ବତ୍ସେ ! ଯୋଗ୍ୟ ବର ଲାଭ କରିବା ନିମନ୍ତେ ଦେବକନ୍ୟା ଓ ଦୈତ୍ୟକନ୍ୟାମାନେ ବହୁ ତପସ୍ୟା କରି ଭଗବାନଙ୍କୁ ସନ୍ତୁଷ୍ଟ କରୁଅଛନ୍ତି, ତାହାକୁ ତୁ କଣ ପ୍ରକୃତରେ ବିରୋଧ କରୁଅଛୁ ?' ପିତାଙ୍କର କଥା ଶୁଣି କନକରେଖା ଭୂମି ଉପରେ ଦୃଷ୍ଟି ନିବଦ୍ଧ କରି କହିଲେ, 'ମୋର ଯେତେବେଳେ ବିବାହ ନିମନ୍ତେ ଅଭିଳାଷ ନାହିଁ, ଆପଣ କାହିଁକି ଏଥିପାଇଁ ଏତେ ଆଗ୍ରହ ପ୍ରକାଶ କରୁଅଛନ୍ତି ?' ଏଥିରେ ବୁଦ୍ଧିମାନ୍ ରାଜା ପରୋପକାରୀ କହିଲେ, 'ପୁରୁଷର ପାପ ଶାନ୍ତି ନିମନ୍ତେ କନ୍ୟାଦାନ ହିଁ ଏକମାତ୍ର ଉପାୟ । ମାତା, ପିତା ଓ ଭାଇର ଅଧୀନ କନ୍ୟା କଦାପି ସ୍ୱତନ୍ତ୍ରଭାବରେ ରହିପାରିବ ନାହିଁ । ସେ ଜନ୍ମ ହେବା ମାତ୍ରେ ହିଁ ଅନ୍ୟ ନିମନ୍ତେ ପାଳିତ, ପୋଷିତ ଓ ରକ୍ଷିତ ହୋଇଥାଏ । ବାଲ୍ୟାବସ୍ଥା ଅତିକ୍ରମ କରିଗଲା ପରେ ପତି ବିନା କନ୍ୟାର ଅନ୍ୟ କିଛି ଗତି ନାହିଁ । ପିତୃଗୃହରେ

Digitized by srujanika@gmail.com

ଅବିବାହିତ କନ୍ୟା ଯଦି ଋତୁମତୀ ହୁଏ, ତାହାହେଲେ ତାର ବନ୍ଧୁବାନ୍ଧବ ସମସ୍ତେ ନରକଗାମୀ ହୋଇଥାଆନ୍ତି । ସେ କନ୍ୟା ବୃଷଳୀ ହୁଏ ଏବଂ ତାର ପତି ବୃଷଳୀପତି ନାମରେ ଅଭିହିତ ହୁଏ ।' ରାଜାଙ୍କଠାରୁ ଏହିପରି ଶାସ୍ତ୍ରୋଚିତ ତତ୍ତ୍ୱ ଶ୍ରବଣ କରି କନକରେଖା ଶେଷରେ ନିଜର ମନ କଥା ପ୍ରକାଶ କରି କହିଲେ, 'ପିତା ! ଯଦି ଏପରି ହୋଇଥାଏ, ତାହାହେଲେ ଯେଉଁ ବୀର ବ୍ରାହ୍ମଣ ବା କ୍ଷତ୍ରିୟ କନକପୁରୀ ନାମକ ନଗରୀ ଦର୍ଶନ କରିଅଛନ୍ତି ତାଙ୍କ ହସ୍ତରେ ମୋତେ ସମର୍ପଣ କରନ୍ତୁ । ସେ ହିଁ ମୋର ପତି ହେବେ । ଏହା ବ୍ୟତୀତ ଆପଣ ଅନ୍ୟ ଯେ କୌଣସି ପୁରୁଷ ସହିତ ମୋର ବିବାହ ଦେଲେ ମୁଁ କେବଳ ଦୁର୍ଦ୍ଦଶା ଭୋଗ କରିବା ସାର ହେବ ।' କନ୍ୟାର ସ୍ୱୀକୃତି ଦେଖି ରାଜା ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ତାଙ୍କୁ କୌଣସି ମାନବରୂପିଣୀ ଦେବୀ ବୋଲି ମନେକରି ତାର ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରତିଶ୍ରୁତି ଦେଲେ ।

ପରଦିନ ଯଥୋଚିତ ଭାବରେ ଦରବାର ଆରମ୍ଭ ହେଲା । ରାଜା ପ୍ରତ୍ୟେକଙ୍କୁ କନକପୁରୀ ସମ୍ପର୍କରେ ଜିଜ୍ଞାସା କଲେ ଏବଂ ଘୋଷଣା କଲେ ଯେ, ଯେ ଏହି ନଗରୀ ଦେଖିଥିବ ସେ ବ୍ରାହ୍ମଣ ହେଉ ବା କ୍ଷତ୍ରିୟ ହେଉ ତାକୁ ରାଜକନ୍ୟା ସହିତ ଯୁବରାଜ ପଦ ପ୍ରଦାନ କରାଯିବ । କିନ୍ତୁ କୌଣସି ବ୍ୟକ୍ତି କନକପୁରୀ ନଗରୀର ନାମ ସୁଦ୍ଧା ଶ୍ରବଣ କରି ନଥିବା ପ୍ରକାଶ କଲେ । ଶେଷରେ ରାଜା ଦ୍ୱାରରକ୍ଷକଙ୍କୁ ସମଗ୍ର ନଗରୀରେ ଏପ୍ରକାର ବ୍ୟକ୍ତି କେହି ଅଛନ୍ତି କି ନାହିଁ, ସେ ସମ୍ପର୍କରେ ସନ୍ଧାନ କରିବା ନିମନ୍ତେ ଆଦେଶ ଦେଲେ । ଫଳରେ ସମଗ୍ର ନଗରରେ ଏ ଘୋଷଣା ପ୍ରଚାରିତ ହେଲା । କିନ୍ତୁ ନଗରବାସୀ ବିଜ୍ଞ, ବୟସ୍କ ଲୋକମାନେ ମଧ୍ୟ ଏପ୍ରକାର ନଗରୀର ନାମ ଶ୍ରବଣ କରିଥିବା ପ୍ରକାଶ କରିପାରିଲେ ନାହିଁ ।

କିନ୍ତୁ ଉକ୍ତ ନଗରରେ ବାସ କରୁଥିବା ବଳଦେବଙ୍କ ପୁତ୍ର ଶକ୍ତିଦେବ ଏ ଘୋଷଣା ଶୁଣି ସାତିଶୟ ଆନନ୍ଦ ଲାଭ କଲେ । ଏହି ଦୁଃଶ୍ଚରିତ୍ର ଯୁବକ ଦ୍ୟୂତକ୍ରୀଡ଼ାରେ ସବୁ କିଛି ହାରି ଦେଇ ଦରିଦ୍ର ହୋଇ ପଡ଼ିଥାଆନ୍ତି । ରାଜକୁମାରୀ ଓ ଯୁବରାଜ ପଦ ଲାଭର ମୋହ ପରିତ୍ୟାଗ କରି ନପାରି ସେ ଚିନ୍ତା କଲେ, 'ଦ୍ୟୂତକ୍ରୀଡ଼ାରେ ସବୁ କିଛି ଧନସମ୍ପତ୍ତି ହାରି ଦେଇଥିବା ଯୋଗୁଁ ପିତାଙ୍କ

Digitized by srujanika@gmail.com

ଗୃହରେ ପ୍ରବେଶ ଅଧିକାର ମୋର ଆଉ ନାହିଁ । ସେହିପରି ହାତରେ କପର୍ଦ୍ଦକ ସୁଦ୍ଧା ନଥିବା ଯୋଗୁଁ କୌଣସି ବେଶ୍ୟା ଗୃହର ଆଶ୍ରୟ ନେବା ମଧ୍ୟ ଆଉ ସମ୍ଭବପର ନୁହେଁ । ତେଣୁ କନକପୁରୀ ନଗରୀ ଦେଖିଥିବା କଥା ସ୍ୱୀକାର କରି ଯଦି କନ୍ୟାଟିକୁ ଗ୍ରହଣ କରିନିଏ ତାହାହେଲେ ମୋର ସମସ୍ତ ଦୁଃଖ ଦୂରୀଭୂତ ହେବ । ପୁଣି ଏହି ନଗର ସମ୍ପର୍କରେ ସମସ୍ତେ ଅଜ୍ଞଥିବା ହେତୁ ମୁଁ ଯାହା କହିବି ସେଥିରେ ଅବିଶ୍ୱାସ କରିବା ନିମନ୍ତେ କେହି ସମର୍ଥ ହୋଇପାରିବେ ନାହିଁ । ତେଣୁ ରାଜକୁମାରୀଙ୍କୁ ଲାଭ କରିବା ମୋ ପକ୍ଷରେ ଦୁଷ୍କର ହେବ ନାହିଁ ।'

ଏହିପରି ଚିନ୍ତାକରି ସେ ରାଜକର୍ମଚାରୀମାନଙ୍କ ନିକଟରେ ଯାଇ ନିଜେ କନକପୁରୀ ସନ୍ଦର୍ଶନ କରିଥିବା କଥା ପ୍ରକାଶ କଲେ । ଏଥିରେ ସେମାନେ ଆନନ୍ଦିତ ହୋଇ ତାଙ୍କୁ ଦ୍ୱାରପାଳ ନିକଟକୁ ନେଇଗଲେ । ଦ୍ୱାରପାଳ ମଧ୍ୟ ଅତ୍ୟନ୍ତ ଆନନ୍ଦିତ ହୋଇ ତାଙ୍କୁ ନେଇ ରାଜାଙ୍କ ନିକଟରେ ଉପସ୍ଥିତ କରାଇଲା । ରାଜାଙ୍କ ନିକଟରେ ମଧ୍ୟ ସେ ନିର୍ବିକାରଚିତ୍ତରେ ନିଜର ମିଥ୍ୟା କଥା ପ୍ରକାଶ କରିବାରୁ ରାଜା ତାର ସତ୍ୟାସତ୍ୟ ପ୍ରମାଣ କରିବା ନିମନ୍ତେ ରାଜକୁମାରୀଙ୍କ ନିକଟକୁ ପ୍ରେରଣ କଲେ । ରାଜକନ୍ୟା ଦ୍ୱାରପାଳଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କରି ଶକ୍ତିଦେବଙ୍କୁ 'ତୁମେ କନକପୁରୀ ଦେଖିଛ କି ?' ବୋଲି ପଚାରିବାରୁ ସେ କହିଲେ, 'ବିଦ୍ୟାର୍ଥୀ ଅବସ୍ଥାରେ ମୁଁ ବହୁସ୍ଥାନ ଭ୍ରମଣ କରୁ କରୁ ଏହି ନଗରୀଟି ଥରକ ପାଇଁ ଦେଖିଥିଲି ।' କିନ୍ତୁ ରାଜକୁମାରୀ ପୁଣି, 'ତୁମେ ସେଠାକୁ କିପରି ଯାଇଥିଲ ? ଏବଂ ସେହି ନଗରୀଟି କିପରି ?' ବୋଲି ଜିଜ୍ଞାସା କରିବାରୁ ଶକ୍ତିଦେବ କହିଲେ, 'ଏଠାରୁ ମୁଁ ପ୍ରଥମେ ହରପୁର ନାମକ ନଗରକୁ ଯାଇ ସେଠାରୁ ଖିଲି ଖିଲି କିଛି ଦିନ ପରେ ବାରାଣସୀ ନଗରରେ ପହଞ୍ଚିଲି । ବାରାଣସୀଠାରୁ ମଧ୍ୟ ପଦବ୍ରଜରେ ପୌଣ୍ଡ୍ରବର୍ଦ୍ଧନ ନାମକ ନଗରରେ ଉପସ୍ଥିତ ହେଲି ଏବଂ ଶେଷରେ ସେଠାରୁ ଯାଇ କନକପୁରୀ ନଗରୀ ଦର୍ଶନ କଲି । ଏହି ନଗରୀ ପୁଣ୍ୟାତ୍ମାମାନଙ୍କ ନିମନ୍ତେ ଇନ୍ଦ୍ରପୁରୀ ତୁଲ୍ୟ ଉପଭୋଗ୍ୟ । ଏହାର ଶୋଭା ଅପଲକ ନୟନରେ ଦର୍ଶନୀୟ । ସେଠାରେ ଯଥେଷ୍ଟ ବିଦ୍ୟା ଲାଭକରି କିଛି ସମୟ ପରେ ମୁଁ ପୁଣି ଏଠାକୁ ଫେରିଆସିଲି ।'

Digitized by srujanika@gmail.com

ଧୂର୍ତ୍ତ ଶକ୍ତିଦେବଙ୍କଠାରୁ ଏପ୍ରକାର କଳ୍ପିତ କଥା ଶୁଣି ରାଜକନ୍ୟା ମୃଦୁହାସ୍ୟ ପ୍ରକାଶପୂର୍ବକ କହିଲେ, 'ହେ ବ୍ରାହ୍ମଣ ! ତୁମେ କନକପୁରୀ ନଗରୀ ଦର୍ଶନ କରିଅଛ ବୋଲି ମୋର ବିଶ୍ୱାସ ହେଲା । କିନ୍ତୁ ତୁମେ କେଉଁ ପଥ ଦେଇ ସେହି ନଗରୀରେ ଉପସ୍ଥିତ ହୋଇଥିଲ ତାହା ପୁଣି ଥରେ ପ୍ରକାଶ କଲେ ମୋର ସମସ୍ତ ଅବିଶ୍ୱାସ ଦୂରୀଭୂତ ହେବ । ରାଜ-କୁମାରୀଙ୍କର ଏପରି ଅଗ୍ରହ ଦେଖି ଶକ୍ତିଦେବ ଯେତେବେଳେ ପୁଣି ମିଥ୍ୟାର ଆଶ୍ରୟ ଗ୍ରହଣ କଲେ, ସେତେବେଳେ କନକରେଖା ଦାସୀମାନଙ୍କ ସାହାଯ୍ୟରେ ତାଙ୍କୁ ସେଠାରୁ ବହିଷ୍କାର କରିଦେଲେ ।

ଏହାପରେ ସେ ପିତାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, 'ପିତା ! ଆପଣ ରାଜା ହୋଇ ମଧ୍ୟ ଏପରି ଅବିବେକ କାର୍ଯ୍ୟ କିପରି କରୁଅଛନ୍ତି ? ଶଠ ଲୋକମାନେ ସରଳ ଲୋକଙ୍କୁ ପ୍ରବଞ୍ଚିତ କରିବା କଥା ଆପଣ କଣ ଜାଣନ୍ତି ନାହିଁ ? ଏହି ବ୍ରାହ୍ମଣ ସେହିପରି ମୋତେ ପ୍ରତାରିତ କରିବା ନିମନ୍ତେ ଚେଷ୍ଟା କରୁଥିଲା । କିନ୍ତୁ ପ୍ରକୃତରେ ସେ ସ୍ୱପ୍ନରେ ମଧ୍ୟ କନକପୁରୀ ଦେଖି ନାହିଁ । ଏ ପ୍ରସଙ୍ଗରେ ଶିବ ଓ ମାଧବ ଦୁଇଟି ଧୂର୍ତ୍ତଙ୍କର କଥା ମୋର ସ୍ମରଣ ହେଉଅଛି' —

ଶିବ ଓ ମାଧବ ଦୁଇ ବଞ୍ଚକଙ୍କ କଥା

ରତ୍ନପୁର ନାମରେ ଏକ ପ୍ରତିପତ୍ତିଶାଳୀ ନଗରୀ ଅଛି । ସେଠାରେ ଶିବ ଓ ମାଧବ ନାମକ ଦୁଇଟି ଧୂର୍ତ୍ତ ରହୁଥିଲେ । ସେମାନେ ଆଉ ଅନେକ ଧୂର୍ତ୍ତଙ୍କ ସାହାଯ୍ୟରେ ଗୋଟିଏ ଦଳ ସୃଷ୍ଟି କରି ନଗରର ସମସ୍ତ ଧନୀଲୋକଙ୍କୁ ଠକୁଥିଲେ । ଦିନେ ଉଭୟେ ବିମର୍ଷ କଲେ ଯେ ସେମାନେ ରତ୍ନପୁରର ସମସ୍ତ ଲୋକଙ୍କୁ ଠକି ସାରିଲେଣି; ତେଣୁ ବର୍ତ୍ତମାନ ଏହାକୁ ପରିତ୍ୟାଗ କରି ଉଜ୍ଜୟିନୀ ନଗରକୁ ଯିବା ଶ୍ରେୟସ୍କର । ଶୁଣାଯାଏ ସେଠାର ରାଜପୁରୋହିତ ଶଙ୍କରସ୍ୱାମୀ ଜଣେ ବିରାଟ ଧନଶାଳୀ ବ୍ୟକ୍ତି । ଏହାଙ୍କଠାରୁ ଧନ ନେଇ ମାଳବଦେଶୀୟ ନାରୀମାନଙ୍କ ସହିତ ବିଳାସ ଓ ଆନନ୍ଦ ଉପଭୋଗ କରାଯାଇ ପାରେ । ସେ ଉତ୍କୋଚ ଗ୍ରହଣ କରିବାରେ ଧୁରନ୍ଧର ଏବଂ ଏହାଙ୍କ ନିକଟରେ ସାତୋଟି ସ୍ୱର୍ଣ୍ଣକୁମ୍ଭ ରହିଛି । କିନ୍ତୁ ସେ ନିଜେ ଅତି କୃପଣ ଏବଂ

Digitized by srujanika@gmail.com

ଏହାଙ୍କର ଏକ ଅତି ସୁନ୍ଦରୀ କନ୍ୟା ମଧ୍ୟ ଅଛି । ତେଣୁ ପ୍ରଭୂତ ରତ୍ନ ସହିତ ଉକ୍ତ କନ୍ୟାଟିକୁ ଲାଭ କରିବା ମଧ୍ୟ ଅସମ୍ଭବ ହେବ ନାହିଁ । ଏହିପରି ଚିନ୍ତାକରି ଏ ଉଭୟେ ଉଜ୍ଜୟିନୀ ନଗରୀ ଅଭିମୁଖରେ ଯାତ୍ରା କଲେ ।

ସେଠାରେ ଉପସ୍ଥିତ ହୋଇ ମାଧବ ନିକଟସ୍ଥ ଗ୍ରାମରେ ନିଜକୁ ରାଜପୁତ୍ର ବୋଲି ଘୋଷଣା କରି ନିଜର ବନ୍ଧୁମାନଙ୍କ ସହିତ ଅବସ୍ଥାନ କଲା ଏବଂ ଶିବ ନିଜକୁ ବ୍ରହ୍ମଚାରୀ ବେଶରେ ସଜ୍ଜିତ କରି ଉଜ୍ଜୟିନୀ ନଗର ମଧ୍ୟରେ ପ୍ରବେଶ କଲା । ସେଠାରେ ସେ ଶିପ୍ରା ନଦୀତଟବର୍ତ୍ତୀ କୌଣସି ମଠରେ ଆଶ୍ରୟ ନେଇ ଭସ୍ମ, କୁଶ, ଭିକ୍ଷାପାତ୍ର, ମୃଗଚର୍ମ ପ୍ରଭୃତିଦ୍ୱାରା ନିଜର ଆଡ଼ମ୍ବର ପରିବର୍ଦ୍ଧନ କଲା । ସେ ଅତି ପ୍ରତ୍ୟୁଷରୁ ନିଜ ଶରୀରକୁ ମୃତ୍ତିକାଦ୍ୱାରା ଲିପ୍ତ କରି ଶିପ୍ରା ନଦୀରେ ସ୍ନାନ ସମାପନପୂର୍ବକ ବହୁ ସମୟ ଧରି ଶୀର୍ଷାସନ ଓ ସୂର୍ଯ୍ୟପୂଜା କରୁଥାଏ । ହାତରେ କୁଶଗୁଚ୍ଛ ଗ୍ରହଣ କରି ପଦ୍ମାସନରେ ବସି ଶିବଙ୍କର ଉପାସନା ମଧ୍ୟ କରୁଥାଏ । ପୂଜା ଶେଷ ହେଲା ପରେ ମଧ୍ୟ ସେ ବିଭିନ୍ନ ମୁଦ୍ରା ପ୍ରଦର୍ଶନରେ ଅଭିନୟରୁ କ୍ଷାନ୍ତ ହୁଏ ନାହିଁ । ଅପରାହ୍ଣ ସମୟରେ ମୌନବ୍ରତ ଧାରଣ କରି ଭିକ୍ଷାଟନ ନିମନ୍ତେ ନଗର ମଧ୍ୟରେ ପ୍ରବେଶ କରେ । ମୃଗଚର୍ମ ପରିଧାନ କରି ଏବଂ ହସ୍ତରେ ଦଣ୍ଡକମଣ୍ଡଳୁ ଧାରଣ କରି ସେ ଏକ ନୈଷ୍ଠିକ ସନ୍ନ୍ୟାସୀ ଭଳି ଲୋକ ସମାଜରେ ବିଶ୍ୱାସ ଜାଗ୍ରତ କରାଉଥାଏ । ପ୍ରତିଦିନ ସେ ତିନୋଟି ମାତ୍ର ଗୃହରୁ ଭିକ୍ଷା ଗ୍ରହଣ କରୁଥିଲା ଏବଂ ତାକୁ ତିନି ଭାଗରେ ବିଭକ୍ତ କରି ଗୋଟିଏ ଭାଗ କୁଆମାନଙ୍କୁ, ଅନ୍ୟ ଗୋଟିଏ ଭାଗ ଅତିଥିମାନଙ୍କୁ ପ୍ରଦାନ କରି ତୃତୀୟ ଅଂଶଦ୍ୱାରା ନିଜର ଉଦର ପୋଷଣ କରୁଥିଲା । ଭୋଜନ ପରେ ପୁଣି ଜପମାଳା ନେଇ ଜପ କରିବାର ଛଳନା କରି ସେ ଗୋଟିଏ ସ୍ଥାନରେ ବସି ରହୁଥିଲା । ସନ୍ଧ୍ୟା ପରେ ନଗରବାସୀ ଜନତାଠାରୁ ଦୂରରେ ରହିବା ନିମନ୍ତେ, ସେ କାହାରିକୁ ମଠର ମଧ୍ୟରେ ପ୍ରବେଶ କରିବାକୁ ଦେଉ ନଥିଲା । ଏହିପରି ପ୍ରତିଦିନ ବଞ୍ଚନାପୂର୍ଣ୍ଣ କଠୋର ତପସ୍ୟାଦ୍ୱାରା ସେ ଲୋକମାନଙ୍କୁ ଆକୃଷ୍ଟ କରିନେଲା । ତାକୁ ଜଣେ ସିଦ୍ଧ ସାଧକ ମନେକରି ପ୍ରତିଦିନ ଶହ ଶହ ଲୋକ ଆସି ଭକ୍ତିର ସହିତ ପ୍ରଣାମ କରିବାକୁ ଲାଗିଲେ ।

ଶିବ ଏପରି ଭାବରେ ଲୋକମାନଙ୍କୁ ପ୍ରଭାବିତ କରିବା ଦେଖି ତାର ଅନ୍ୟତମ ବନ୍ଧୁ ମାଧବ ମଧ୍ୟ ଉକ୍ତ ନଗରରେ ପ୍ରବେଶ କଲା । ଶିବ ରହୁଥିବା

Digitized by srujanika@gmail.com

ସହରର ଉପକଣ୍ଠରେ ଥିବା ଜଣେ ଚୌଧୁରୀ ସହରରେ ଆସି ରହିଲ ସେ ଭକ୍ତେ ଶିଷ୍ୟ ମଧ୍ୟରେ ପୁନଶ୍ଚ ଶିବର ଚରଣରେ ଚନ୍ଦନ ଲଗରେ ଜଗର ଧନେ ନାରାୟଣଙ୍କୁ ଦେଖିଲେ । ସେ ଯେଉଁମାନଙ୍କୁ ଦେଖୁଥାଏ ସେ ସବୁ ପୁରୁଷଙ୍କ ପରି ଭକ୍ତି ଥିଲା । ଚତୁର୍ଥ ଦ୍ଭୁଜ ଜର ମଧ୍ୟ ଏହାର ଭଲେ ବୃନ୍ଦାବନ ମହାରାଜଙ୍କ ସେ ପର୍ଯ୍ୟନ୍ତ ଶରଣର ମହିମା । ତାର ଏ ପ୍ରକାର ଛବିର ଚରଣରେ ସେବକଙ୍କୁ ଭକ୍ତିଭାବ ଶିବ ଓ ଅଦ୍ଭୁତ ସ୍ୱଭାବ ଦେଖାଉଥିଲ ।

ଏଥର ପରେ ସେଠାରେ ପ୍ରାୟ ୫୦ ଏକତ୍ରିତ ହୋଇ ଜଣର ରାଜପୁତ ସର୍ଦ୍ଦାରଙ୍କ ସମ୍ପର୍କରେ ଆରମ୍ଭ କଲେ । ଏହି ଭକ୍ତ ହେବା ପୂର୍ବରୁ ହିଁ ଜଣାଜଣ ଡକାୟତଙ୍କ ମାଧବ ଶୁଣାଇଥିଲେ । ଭରତ ସେ ଜଣେ ଯୋଗିଏ ଧୂର୍ତ୍ତ ସାଧୁଙ୍କୁ ଆଦେଶ ଦେଲା, 'ଏହି ଦେଶ ଓ ଜଣସୁ ନେଇ ମୁଁ ରାଜପୁତ୍ରଙ୍କ ଘରର ଦ୍ୱାରିକ ପୂର୍ବରୁ ଯାଇ ତାଙ୍କୁ କହ ସେ, ଜଣେ ସନ୍ତ ତାଙ୍କଦ୍ୱାରେ ଉପସ୍ଥିତ ହୋଇ, ମାଧବ ନାମଗ ଦରେ ଯୁଦ୍ଧୁମାନ ପଠାଇ ଆସି ଉପସ୍ଥିତ ହୋଇଥିଲେ । ତାଙ୍କ ସହିତ ଜଣେ ଲୋକେ ରାଜପୁତ୍ର ମଧ୍ୟ ବହୁ ଧନଜନଙ୍କ ସହ ଭ୍ରମଣ କରୁଥିଲେ । ଏ ସମସ୍ତ ଧନଗ୍ରହଣ ଅନେକ ଦେଖିଲେ ମାଧବ । ସେ ଆପଣଙ୍କ ଦର୍ଶନ କରିବେ ବୋଲି କହି ଆସିଛନ୍ତି ଛାଡ଼ି ଗଲେ ।' ମାଧବଙ୍କୁ ଏହାର ଆଦେଶ ପାଇ ଏହି ଧୂର୍ତ୍ତ ରାଜପୁତ୍ରଙ୍କର ନିକଟରେ ଅନୁରୂପ ଭାବରେ ଏହି ସମ୍ବାଦ ଜଣାଇଦେଲେ । ରାଜପୁତ୍ରଙ୍କର ମଧ୍ୟ ସନ୍ଥମାନଙ୍କର ଅନ୍ତରରେ ଭକ୍ତିଭାବ ବର୍ତ୍ତମାନ ଭଗବାନଙ୍କ ସେବାର ସମ୍ପର୍କ କର ନିଜର ତାର ଭକ୍ତ ଶ୍ରୀମାନ କଲେ । ଧୂର୍ତ୍ତଙ୍କର ଦେଖିମାନଙ୍କ ଅନୁସାରେ ଜଣେ ଜଣେ ଭକ୍ତଙ୍କର ହିଁ ଏକମାତ୍ର ଲକ୍ଷ୍ୟ ।

ଭରତ ମାଧବ ସମସ୍ତ ଯେଉଁ ରାଜପୁତ୍ରଙ୍କୁ ସାକ୍ଷାତ କରିବା ଜଣେ ଜାଣିଲେ । କିନ୍ତୁ ରାଜପୁତ୍ର ବେଶରେ ଜଣକୁ ଏବଂ ଅନ୍ୟ ଧୂର୍ତ୍ତମାନଙ୍କୁ ଭକ୍ତ ସନ୍ଥଙ୍କ ରୂପରେ ସଜ୍ଜିତ କରି ସେ ରାଜପୁତ୍ରଙ୍କ ସହିତ ସାକ୍ଷାତ କଲେ । ରାଜପୁତ୍ରମାନେ ପୂର୍ବରୁ ଏହାର ସୂଚନା ପାଇଥିବାରୁ ପ୍ରସନ୍ନ ଭାବରେ ତାଙ୍କ ସ୍ୱାଗତ ଓ ଅଭିନନ୍ଦନ କଲେ । କିନ୍ତୁ ସମସ୍ତ ଏହାରେ ସେ

Digitized by srujanika@gmail.com

କଥାବାର୍ତ୍ତା କରି ସେହିଦିନ ମାଧବ ତାଙ୍କର ଅନ୍ତରର ପ୍ରବୃତ୍ତିକୁ ଫେରି ଆସିଲା । ପରଦିନ ପୁଣି ସେ ନଗରର ପଣ୍ଡିତ ରାଜପୁରୋହିତଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ମାଧବ କହିଲା, 'ମହାରାଜ ବରଣ ଭୋଜନ ପାଇଁ ମୋର ସେବାବୃତ୍ତି କରିବା ଏକାନ୍ତ ଆବଶ୍ୟକ ହୋଇ ପଡ଼ୁଅଛି । ଏଣୁ ଆପଣ ମୋ ପ୍ରତି ସଦୟ ହେଲେ ମୋ ଜଙ୍ଗଲରେ ଥିବା ସଞ୍ଚିତ ଅର୍ଥଦ୍ୱାରା ସ୍ୱଚ୍ଛନ୍ଦରେ ଯୋଗାଡ଼ ହୋଇପାରନ୍ତା ।' ଏହା ଶୁଣି ରାଜପୁରୋହିତ କହୁ ଅର୍ଥ ଲାଭ ଆଶାରେ ଏଥିରେ ସ୍ୱୀକୃତ ହେଲେ ଏବଂ ତାକୁ ସଙ୍ଗରେ ନେଇ ରାଜାଙ୍କ ଘର ଚାକର କରାଇଦେଲେ । ରାଜା ମଧ୍ୟ ପୁରୋହିତଙ୍କଠାରୁ ଏହାର ପ୍ରଶଂସାମାନ ଶୁଣିଥିବାରୁ ମାଧବକୁ ଏବଂ ରାଜକୁମାର ତୁଲ୍ୟ ଏହାର ଚଳନର ସୁବିଧା ଦେଇ ନିଯୁକ୍ତି ପ୍ରଦାନ କଲେ ।

ଏହିପରି ମାଧବ ଦିନରେ ରାଜସେବା କରି ରାତିରେ ଶିବ ସହିତ ଭବିଷ୍ୟତ୍ କର୍ମପନ୍ଥାର ଯୋଜନା କରିବାରେ ବ୍ୟସ୍ତ ରହିଲା ।

କିଛିଦିନ ପରେ ଉକ୍ତ ଲୋଭୀ ପୁରୋହିତ ମାଧବକୁ ଆସି ନିଜଗୃହରେ ବାସ କରିବା ନିମନ୍ତେ ଅନୁରୋଧ କଲେ । ପୁରୋହିତଙ୍କର ଆଗ୍ରହ ଦେଖି ମାଧବ ନିଜର ଧୂର୍ତ୍ତ ମିତ୍ରମାନଙ୍କ ସହିତ ଆସି ସେଠାରେ ବାସ କରିବାକୁ ଲାଗିଲା । କୃତ୍ରିମ ମାଣିକ୍ୟରେ କେତେଗୁଡ଼ିଏ ଅଳଙ୍କାର ତିଆରି କରି ଏବଂ ସେଗୁଡ଼ିକୁ ଗୋଟିଏ ସୁନ୍ଦର ସିନ୍ଦୁକ ମଧ୍ୟରେ ରଖି ସେ ତାହା ପୁରୋହିତଙ୍କୁ ପ୍ରଦାନ କଲା । ମଧ୍ୟ ମଧ୍ୟ ତାକୁ ଖୋଲି ପୁରୋହିତଙ୍କ ମନକୁ ପ୍ରଲୁବ୍ଧ କରିବା ପାଇଁ ଚେଷ୍ଟା କରୁଥାଏ, ଯେପରି ତୃଣ ପ୍ରଦର୍ଶନପୂର୍ବକ ପଶୁମାନଙ୍କୁ ଆକୃଷ୍ଟ କରାଯାଏ । କିଛିଦିନ ମଧ୍ୟରେ ମାଧବ ପୁରୋହିତଙ୍କର ବିଶ୍ୱାସଭାଜନ ହୋଇ ଉଠିବାରୁ ସେ ଧୀରେ ଧୀରେ ତାର ଖାଦ୍ୟର ପରିମାଣ କମ୍ କରିବାକୁ ଲାଗିଲା । ଫଳରେ ତାର ଶରୀର ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିବାରୁ ସେ ସର୍ବଦା ଶଯ୍ୟାଶାୟୀ ହୋଇରହିଲା । ଦିନେ ତାର ଶଯ୍ୟା ନିକଟରେ ବସିଥିବା ପୁରୋହିତଙ୍କୁ ଲକ୍ଷ୍ୟକରି ସେ କ୍ଷୀଣ ସ୍ୱରରେ କହିଲା, 'ହେ ବ୍ରାହ୍ମଣ ଶ୍ରେଷ୍ଠ ! ମୋର ଶରୀର ଦିନକୁ ଦିନ କ୍ଷୀଣରୁ କ୍ଷୀଣତର ହୋଇ ପଡ଼ୁଛି । ମୋର ବଞ୍ଚିବାର ଆଶା ଆଉ ନାହିଁ । ତେଣୁ ତୁମେ କୌଣସି ଜଣେ ନୈଷ୍ଠିକ ବ୍ରାହ୍ମଣଙ୍କୁ ଅନୁରୋଧ କରି ଆଣିଲେ ମୁଁ ମୋର ଇହକାଳ ଓ

Digitized by srujanika@gmail.com

ପରକାଳ ନିମନ୍ତେ ତାଙ୍କୁ ମୋର ସମସ୍ତ କିଛି ଧନ ଅର୍ପଣ କରିଦେବି । ଉତ୍ତମ ଲୋକମାନେ ଜୀବନକୁ କ୍ଷଣସ୍ଥାୟୀ ବୋଲି ଜାଣି ଧନପ୍ରତି କଦାପି ଆସକ୍ତି ପ୍ରଦର୍ଶନ କରି ନଥାନ୍ତି ।'

ଅନ୍ୟର ଦାନ ଗ୍ରହଣକରି ଜୀବନଧାରଣ କରିଥିବା ଲୋଭୀ ଶଙ୍କରସ୍ୱାମୀ ମାଧବ କଥାରେ ସମ୍ମତ ହେବାରୁ ମାଧବ ତାର ଚରଣ ତଳେ ଭୂମିଷ୍ଠ ପ୍ରଣିପାତ କଲା । ଏହାପରେ ପୁରୋହିତ ଯେତେଟା ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଆଣନ୍ତି କୌଣସି ବିଶେଷ କାରଣ ଦର୍ଶାଇ ମାଧବ ସେମାନଙ୍କୁ ଅଯୋଗ୍ୟ ବୋଲି ବାହାର କରିଦିଏ । ଏହା ଦେଖି ତା ନିକଟରେ ବସିଥିବା ଅନ୍ୟ ଏକ ଧୂର୍ତ୍ତ ପୁରୋହିତଙ୍କୁ କହିଲା, 'ମହାରାଜ ! ଏମାନଙ୍କର ସାଧାରଣ ବ୍ରାହ୍ମଣ ମନୋନୀତ ହେଉନାହାନ୍ତି । ତେଣୁ ଶିପ୍ରା ନଦୀର ତଟଦେଶ ଶିବ ନାମକ ଯେଉଁ ବ୍ରାହ୍ମଣ ବର୍ତ୍ତମାନ ରହୁଛନ୍ତି, ଆପଣ ଦୟାକରି ତାଙ୍କୁ ଥରେ ନିମନ୍ତ୍ରଣ କରି ଆଣି ଚେଷ୍ଟା କରନ୍ତୁ ।' ଏଥିରେ ମାଧବ ମଧ୍ୟ ଅତି ସମବେଦନା ଜ୍ଞାପନପୂର୍ବକ ସମ୍ମତି ପ୍ରଦାନ କରିବାରୁ, ରାଜପୁରୋହିତ ଶିବ ନିକଟକୁ ପ୍ରସ୍ଥାନ କଲେ ।

ଶଙ୍କରସ୍ୱାମୀ ସେଠାରେ ପହଞ୍ଚିଲାବେଳକୁ ଶିବ କପଟ ଧ୍ୟାନମୁଦ୍ରାରେ ନିଶ୍ଚଳ ହୋଇ ବସିଥାଏ । ତେଣୁ ସେ ନମ୍ରଭାବରେ ତାକୁ ପ୍ରଦକ୍ଷିଣ କରି ତାର ସମ୍ମୁଖରେ ଅପେକ୍ଷା କରି ରହିଲେ । କିଛି ସମୟ ପରେ ଶିବ ଚକ୍ଷୁଉନ୍ମୀଳନ କରିବାରୁ ପୁରୋହିତ ପ୍ରଣାମପୂର୍ବକ କହିଲେ, 'ପ୍ରଭୁ ! ଆପଣ ଯଦି ଅସନ୍ତୁଷ୍ଟ ନ ହୁଅନ୍ତୁ, ତାହାହେଲେ ମୁଁ କିଛି ନିବେଦନ କରିବି ।' ଏହା ଶୁଣି ଶିବ ନିଜର ଅଧର କମ୍ପିତ କରି ସଙ୍କେତ ପ୍ରଦାନ କରିବାରୁ ଶଙ୍କରସ୍ୱାମୀ ନିଜର ବକ୍ତବ୍ୟ ଆରମ୍ଭ କଲେ, 'ଦକ୍ଷିଣ ଦେଶାଗତ ମାଧବ ନାମକ ଜଣେ ମହାଧନୀ ରାଜକୁମାର ଏହି ଉଜ୍ଜୟିନୀ ନଗରୀରେ ବାସ କରୁଅଛନ୍ତି । ସେ ଅସୁସ୍ଥ ଏବଂ କୌଣସି ନୈଷ୍ଠିକ ବ୍ରାହ୍ମଣଙ୍କୁ ନିଜର ସର୍ବସ୍ୱ ପ୍ରଦାନ କରିବା ନିମନ୍ତେ ଇଚ୍ଛା କରୁଅଛନ୍ତି । ଯଦି ଆପଣ ସ୍ୱୀକାର କରନ୍ତି ତାହାହେଲେ ସେ ତାଙ୍କର ସର୍ବସ୍ୱ ଆପଣଙ୍କୁ ପ୍ରଦାନ କରିବେ । ତାହାଙ୍କ ନିକଟରେ ବହୁ ଅଳଙ୍କାର ସଞ୍ଚିତ ଅଛି ।' ପୁରୋହିତଙ୍କର ଏ କଥା ଶୁଣି ଉକ୍ତ ଧୂର୍ତ୍ତ ମୌନବ୍ରତ ପରିତ୍ୟାଗ କରି ଧୀରେ ଧୀରେ କହିଲା, ମୋ ଭଳି

Digitized by srujanika@gmail.com

ଭିକ୍ଷାଦ୍ୱାରା ଜୀବନଯାପନ କରୁଥିବା ସନ୍ନ୍ୟାସୀର ଧନରେ ଆବଶ୍ୟକତା କଣ ?' ଏହା ଶୁଣି ମୁନି ସୁଚକ୍ଷୁତ କହିଲେ, 'ଦେବ ! ଏପରି କହନ୍ତୁ ନାହିଁ । ଆପଣ କଣ ଆଶ୍ରମଧର୍ମର ମର୍ମ ଜାଣି ନାହାନ୍ତି ? ଅର୍ଥାତ ବର୍ତ୍ତମାନ ଆପଣଙ୍କୁ ଗୃହସ୍ଥାଶ୍ରମରେ ପ୍ରବେଶ କରିବାକୁ ହେବ ଏବଂ ଏହି ଆଶ୍ରମରେ ଧନର ଆବଶ୍ୟକତା ସର୍ବାଧିକ ବେଶୀ । ବିବାହ ପରେ ମନୁଷ୍ୟ, ଦେବତା, ଅତିଥି ଓ ପିତୃଦେବମାନଙ୍କର ସେବାକରି ଧର୍ମ, ଅର୍ଥ ଓ କାମ ଏହି ତିନୋଟି ପୁରୁଷାର୍ଥ ପ୍ରାପ୍ତ ହୋଇଥାଏ । ଗୃହସ୍ଥାଶ୍ରମ ହିଁ ସମସ୍ତ ଆଶ୍ରମମାନଙ୍କ ଅପେକ୍ଷା ସର୍ବଶ୍ରେଷ୍ଠ ।' ଶିବ ଏହା ଶୁଣି କହିଲା, 'ମୋର ବିବାହ ହେବା ସମ୍ଭବପର ନୁହେଁ । କାରଣ ମୁଁ କୌଣସି ସାଧାରଣ ଲୋକରେ ବିବାହ କରିପାରିବ ନାହିଁ ।'

ଏହା ଶୁଣି ଏବଂ ରାଜକୁମାରଙ୍କ ପ୍ରଚୁର ଧନର ଉପଭୋଗ ନିମନ୍ତେ ଲୋଭିତ ସୁଚକ୍ଷୁତ ଅବସର ବୁଝିକରି କହିଲେ, 'ଆପଣ ଯଦି ଏ ପ୍ରକାର ଚିନ୍ତା କରୁଅଛନ୍ତି, ତାହାହେଲେ ସୁମତି ନାମରେ ମୋର ଏକ ଅବିବାହିତା ସୁନ୍ଦରୀ କନ୍ୟା ଅଛି । ମୁଁ ତାକୁ ଆପଣଙ୍କ ହସ୍ତରେ ସମର୍ପଣ କରିଦେବି, ମାଧବଠାରୁ ପ୍ରାପ୍ତଧନର ସୁରକ୍ଷା କରିବା ନିମନ୍ତେ ଚେଷ୍ଟା କରିବ । ତେଣୁ ତୁମେ ବର୍ତ୍ତମାନ ଗୃହସ୍ଥାଶ୍ରମରେ ପ୍ରବେଶ କରିପାରିବ ।' ଏହା ଶୁଣି ଶିବ ମନରେ ଯୋଜନା ପୂର୍ଣ୍ଣରୂପେ ସଫଳ ହେବା ଦେଖି କୃତ୍ରିମ ଉଦାସୀନତା ପୂର୍ବକ କହିଲା, 'ହେ ବ୍ରାହ୍ମଣ ! ତୁମର ଯଦି ଏତେ ଆଗ୍ରହ, ତାହାହେଲେ ମୁଁ ତୁମର କଥା ସ୍ୱୀକାର କରି ନେଉଅଛି । ରତ୍ନ, ମାଣିକ୍ୟ ଆଦି ଧନରତ୍ନ ସମ୍ପର୍କରେ ମୁଁ ଅଜ୍ଞ । ମୋର ମଧ୍ୟ ସେଥିରେ ବିଶେଷ ଆବଶ୍ୟକତା ନାହିଁ । କିନ୍ତୁ କେବଳ ତୁମର ବିଶେଷ ଆଗ୍ରହ ଦେଖି ମୁଁ ତାକୁ ଗ୍ରହଣ କରିବା ନିମନ୍ତେ ସ୍ୱୀକାର କରୁଅଛି । ତୁମେ ଯାହା ଉଚିତ ମନେ କରୁଅଛ ତାହା କରିପାର ।' ଶିବର ସମ୍ମତିରେ ଶକ୍ତିହୀନ ଅତ୍ୟନ୍ତ ଆନନ୍ଦିତ ହୋଇ ସେହି ଅଶିବ (ଅମଙ୍ଗଳକର) ଶିବଙ୍କୁ ଧନେ ଧନେ ଗୃହକୁ ନେଇ ଗଲେ । ତାକୁ ମାଧବ ଦ୍ୱାରା ପ୍ରଦତ୍ତ ଧନର ସେମାନଙ୍କ ମଧ୍ୟରେ ହୋଇଥିବା ସମସ୍ତ କଥାବାର୍ତ୍ତା ସୁଚକ୍ଷୁତ ତା ନିକଟରେ ପ୍ରକାଶ କଲେ । ମାଧବ ମଧ୍ୟ ଶିବର ପରାମର୍ଶ ଗ୍ରହଣ କଲେ । ଏହି ଅବସରରେ ବର୍ତ୍ତମାନ ଶୁଭଲଗ୍ନ ଦେଖି ସୁଚକ୍ଷୁତ ଶିବ

ହାତରେ ସମର୍ପଣ କରିଦେଲେ । ସମଗ୍ର ଜୀବନ ଧରି ସଞ୍ଚୟ କରିଥିବା ସମସ୍ତ ସମ୍ପତ୍ତି ସେପରି ନିଜର ମୂର୍ଖତା ଫଳରେ ଅପହୃତ ହୋଇଗଲା ।

ଦ୍ୱିତୀୟର ତୃତୀୟ ଦିନରେ ଶିବ କପଟରେ ନିଜେ ଅସୁସ୍ଥ ବୋଲି ଶୋଇ ରହିଲା । ତେଣୁ ରାଜପୁରୋହିତ ବାଧ୍ୟ ହୋଇ ତାକୁ ମାଧବ ନିକଟକୁ ନେଇଗଲେ । ମାଧବ ଶିବକୁ ଅଭିବାଦନ କରି ତାର ଚରଣ ସ୍ପର୍ଶ କରନ୍ତେ, ପୁରୋହିତ ନିଜେ ନିଜ ଭଣ୍ଡାରରୁ ଉପରୋକ୍ତ କୃତ୍ରିମ ମାଣିକ୍ୟ ପ୍ରଭୃତି ରତ୍ନଦ୍ୱାରା ନିର୍ମିତ ଅଳଙ୍କାରଗୁଡ଼ିକ ଆଣି ତାକୁ ସମର୍ପଣ କରିଦେଲେ । ଶିବ ମଧ୍ୟ ଅତି ନିଃସ୍ପୃହ ଭାବରେ ସେଗୁଡ଼ିକ ପୁଣି ପୁରୋହିତଙ୍କୁ ସମର୍ପଣ କରିଦେଲା । 'ମୁଁ ତ ଏହା ପ୍ରଥମରୁ ହିଁ ସ୍ୱୀକାର କରିଥିଲି । ତେଣୁ ଏଗୁଡ଼ିକୁ ସଂରକ୍ଷିତ କରିବା ନିମନ୍ତେ ତୁମେ ଚିନ୍ତା କରିବା ଅନାବଶ୍ୟକ', କହି ପୁରୋହିତ ଏଗୁଡ଼ିକୁ ନେଇ ନିଜ ଭଣ୍ଡାରରେ ରଖିଦେଲେ ।

ପରଦିନ ମାଧବ ଏହି ମହାଦାନ ପ୍ରଭାବରେ ଶାରୀରିକ ସୁସ୍ଥତା ଲାଭକଲା ବୋଲି ଘୋଷଣା କଲା ଏବଂ ଏହି ଧର୍ମକାର୍ଯ୍ୟରେ ସହାୟତା କରି ତାର ବହୁ ଉପକାର ସାଧନ କରିଛନ୍ତି ବୋଲି ପୁରୋହିତଙ୍କର ପ୍ରଶଂସା ଗାନ କରିବାକୁ ଲାଗିଲା । ଶିବଙ୍କଭଳି ତପସ୍ୱୀର ପ୍ରଭାବରେ ମୁଁ ମୃତ୍ୟୁମୁଖରୁ ରକ୍ଷା ପାଇଲି ବୋଲି କହି ସେ ଶିବ ସହିତ ପ୍ରକାଶ୍ୟଭାବରେ ମିତ୍ରତା ସ୍ଥାପନ କଲା ।

କିଛି ଦିନ ପରେ ଶିବ ପୁରୋହିତଙ୍କୁ କହିଲା, 'ମୁଁ ଏପରି ଆଉ କେତେଦିନ ଆପଣଙ୍କ ଗୃହରେ ରହିବି ? ଆପଣ ଯଦି ଏଇ ଅଳଙ୍କାର-ଗୁଡ଼ିକର ଉଚିତ ମୂଲ୍ୟ ପ୍ରଦାନ କରି ଏଗୁଡ଼ିକୁ କିଣି ନିଅନ୍ତି, ତାହାହେଲେ ମୁଁ ଉପକୃତ ହୁଅନ୍ତି । ଯଦି ଆପଣଙ୍କ ନିକଟରେ ଏଗୁଡ଼ିକୁ କ୍ରୟ କରିବା ନିମନ୍ତେ ଯଥେଷ୍ଟ ଅର୍ଥ ନାହିଁ, ତାହାହେଲେ ମୋତେ ବର୍ତ୍ତମାନ ଯଥାସମ୍ଭବ ପ୍ରଦାନ କରି ଆପଣ ଏଗୁଡ଼ିକୁ ରଖି ନିଅନ୍ତୁ ।' ଏହା ଶୁଣି ପୁରୋହିତ ଏହି ଅଳଙ୍କାରଗୁଡ଼ିକୁ ବହୁମୂଲ୍ୟ ବା ଅମୂଲ୍ୟ ମନେକରି କିଛି ଅର୍ଥ ପ୍ରଦାନ କଲେ ଏବଂ ଶିବଦ୍ୱାରା ଏକ ପ୍ରମାଣପତ୍ର ମଧ୍ୟ ଏଥିପାଇଁ ଲେଖାଇ ନେଲେ । ଏହିପରି ଉଭୟେ ଉଭୟଙ୍କ ନିକଟରେ ପ୍ରମାଣପତ୍ର ଲେଖାଇ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିଲେ । ଶିବ ନିଜର ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ କରିନେଲା ।

Digitized by srujanika@gmail.com

ଏହିପରି ଭାବରେ ଶିବ ଓ ମାଧବ ମିଶି ପୁରୋହିତଙ୍କ ଧନଦ୍ୱାରା ଆନନ୍ଦରେ ଜୀବନଯାପନ କରିବାକୁ ଲାଗିଲେ । କିଛି ଦିନ ପରେ ପୁରୋହିତଙ୍କର ଅର୍ଥର ଆବଶ୍ୟକତା ପଡ଼ିବାରୁ ସେ ଏହି ଅଳଙ୍କାରଗୁଡ଼ିକ ମଧ୍ୟରୁ ଗୋଟିଏ ମାଣିକ୍ୟ ନିର୍ମିତ ଚୁଡ଼ି ନେଇ କୌଣସି ସ୍ୱର୍ଣ୍ଣକାର ନିକଟରେ ଯାଇ ଉପସ୍ଥିତ ହେଲେ । ଏହାକୁ ପରୀକ୍ଷା କରି ସେ କହିଲା, 'ଏପରି କୃତ୍ରିମ ଅଳଙ୍କାର ତିଆରି କରିବାରେ ଏହାର ନିର୍ମାତା ଯେଉଁ ଅପୂର୍ବ କୌଶଳ ପ୍ରୟୋଗ କରିଅଛି, ତାହା ପ୍ରକୃତରେ ବିସ୍ମୟକର, ବିଭିନ୍ନ ରଙ୍ଗର କାଚ ଓ ସ୍ଫଟିକକୁ ଏପରି ଭାବରେ ପିତ୍ତଳ ସହିତ ଯୋଡ଼ି ଦିଆଯାଇଛି ଯେ ଏହାକୁ କୃତ୍ରିମ ବୋଲି ଚିହ୍ନିବା ସମ୍ଭବପର ହୋଇପାରୁନାହିଁ । କିନ୍ତୁ ଏହା ପ୍ରକୃତରେ ମାଣିକ୍ୟ ନୁହେଁ ।' ଏଥିରେ ବହୁମୂଲ୍ୟ ମୂଲ୍ୟ ପୁରୋହିତ ସମସ୍ତ ଅଳଙ୍କାର ନେଇ ମାଧବ ନିକଟକୁ ଯାଇ ତା ନିକଟରେ ଏସବୁ କୃତ୍ରିମ ଥିବା ପ୍ରକାଶ କଲେ କିନ୍ତୁ ମାଧବ ଚତୁରତାର ସହିତ କହିଲା, 'ଏଗୁଡ଼ିକ ବୋଧହୁଏ ଆପଣ ପରେ ତିଆରି କରି ଆମକୁ ଠକିବା ନିମନ୍ତେ ଚେଷ୍ଟା କରୁଅଛନ୍ତି ।' ଏଥିରେ ପୁରୋହିତ ଅତ୍ୟନ୍ତ ବିଚଳିତ ହୋଇ ଶିବ ନିକଟରେ ଯାଇ ଉପସ୍ଥିତ ହେଲେ । ତାକୁ ତାର ଅଳଙ୍କାରଗୁଡ଼ିକ ଫେରାଇ ନେଇ ମୂଲ୍ୟ ଫେରାଇ ଦେବା ନିମନ୍ତେ କହିବାରୁ ସେ ଉପହାସ କରି କହିଲା, 'ସେ ସବୁ ତ ମୋର ଉଦରସ୍ଥ ହୋଇଗଲାଣି, ଆଉ ମୋ ପାଖରେ କ'ଣ ଅଛି ଯେ ନେବେ ?' ଶେଷରେ ପୁରୋହିତ ରାଜଦ୍ୱାରର ଆଶ୍ରୟ ନେଲେ । ଶିବ ଓ ମାଧବଙ୍କ ସହିତ ରାଜାଙ୍କ ନିକଟରେ ଉପସ୍ଥିତ ହୋଇ ସେ ଆମୂଳଚୂଳ ସମସ୍ତ ବୃତ୍ତାନ୍ତ ନିବେଦନ କରିବାରୁ, ଶିବ ରାଜାଙ୍କୁ କହିଲା, 'ମହାରାଜ ! ମୁଁ ଶୈଶବରୁ ହିଁ ବ୍ରହ୍ମଚାରୀ ଜୀବନ ଯାପନ କରୁଥିଲି । ଏହି ପୁରୋହିତ ମୋତେ ଦାନ ଗ୍ରହଣ କରିବା ନିମନ୍ତେ ବାଧ୍ୟ କଲେ । ଏ ସମୟରେ ମୁଁ ସ୍ପଷ୍ଟଭାବରେ ତାଙ୍କୁ କହି ଦେଇଥିଲି ଯେ ଧନରତ୍ନ ସମ୍ପର୍କରେ ମୁଁ ଅନଭିଜ୍ଞ । ତେଣୁ ସେ ଯାହା ଉଚିତ୍ ବିଚାର କରିବେ ତାହା କରନ୍ତୁ । ପୁଣି ଦାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ମୁଁ ସେଗୁଡ଼ିକ ଏହାଙ୍କୁ ସମର୍ପଣ କରି ଦେଇଥିଲି । ପରେ ସେ ନିଜ ଇଚ୍ଛା ଅନୁଯାୟୀ କିଛି ଅର୍ଥ ମୋତେ ପ୍ରଦାନ କରି ମୋଠାରୁ ସେଗୁଡ଼ିକ କ୍ରୟ କରି ନେଲେ । ଆପଣ ଯଦି ମୋ କଥାକୁ ମିଥ୍ୟା ବୋଲି ଭାବନ୍ତି ତାହାହେଲେ ଆମ୍ଭମାନଙ୍କ ମଧ୍ୟରେ କ୍ରୟବିକ୍ରୟ ସମ୍ପର୍କୀୟ ଲିଖିତ ପ୍ରମାଣପତ୍ରଗୁଡ଼ିକ ମଧ୍ୟ

Digitized by srujanika@gmail.com

ଦେଖିପାରନ୍ତି । ତେଣୁ ବର୍ତ୍ତମାନ ଆପଣ ଯାହା ଉଚିତ ମନେ କରୁଛନ୍ତି ସେପରି କାର୍ଯ୍ୟାନୁଷ୍ଠାନ କରନ୍ତୁ ।'

ଶିବଠାରୁ ଏହା ଶୁଣି ପୁରୋହିତ ବ୍ୟାକୁଳିତ ଭାବରେ ମାଧବ ପ୍ରତି ଦୃଷ୍ଟି ନିକ୍ଷେପ କରିବାରୁ ସେ କହିଲା, 'ମୋର ଏଥିରେ କୌଣସି ଅପରାଧ ନାହିଁ । ମୁଁ ଆପଣଙ୍କଠାରୁ କିମ୍ବା ଶିବଠାରୁ କପର୍ଦ୍ଦକ ସୁଦ୍ଧା ଗ୍ରହଣ କରିନାହିଁ । ଏହା ମୋର ପୈତୃକ ସମ୍ପତ୍ତି ମଧ୍ୟ ନୁହେଁ, ବରିକ ଡଗିଥିବା ଅଳଙ୍କାର । ଏହାକୁ ଆଣି ମୁଁ ପୁରୋହିତଙ୍କୁ ପ୍ରଦାନ କରିଥିଲି । ତାଙ୍କଠାରୁ ଅଣି ବ୍ରାହ୍ମଣଙ୍କୁ ଦାନ କରିଦେଲି । ଯଦି ଏଗୁଡ଼ିକ ପ୍ରକୃତ ଅଳଙ୍କାର ହୋଇ ନଥାନ୍ତା ତାହାହେଲେ ମୁଁ ଦାନର ଫଳ ପାଇପାରି ନଥାନ୍ତି । ଦାନ କରିବା ସଙ୍ଗେ ସଙ୍ଗେ ଭୀଷଣ ରୋଗରୁ ମୁକ୍ତିଲାଭ କରିଥିବା ହେତୁ ମୋର ଦାନ ସମ୍ପର୍କରେ ଯଥେଷ୍ଟ ବିଶ୍ୱାସ ରହିଅଛି ।' ଅତି ସରଳ ଓ ଅମାୟିକ ଭାବରେ ଏଗୁଡ଼ିକୁ ପ୍ରକାଶ କରିବାରୁ ରାଜା ଓ ସଭାସଦ୍‌ବୃନ୍ଦ ହସିଉଠିଲେ । ସମସ୍ତେ ଏ ଉଭୟଙ୍କୁ ଅପରାଧୀ ବୋଲି ମନେ ନକରି କହିଲେ, 'ଅତି ଲୋଭରୁ ମନୁଷ୍ୟ ସର୍ବଦା ଏପରି ବିପଦର ସମ୍ମୁଖୀନ ହୋଇଥାଏ ।' ଶେଷରେ ପୁରୋହିତ ନିଜର ସମସ୍ତ ସୁରକ୍ଷିତ ଧନର ମୋହ ପରିତ୍ୟାଗ କରି ଏବଂ ଅନ୍ୟମାନଙ୍କଦ୍ୱାରା ଉପହସିତ ହୋଇ ସ୍ୱଗୃହକୁ ଫେରିଗଲେ । ଶିବ ଓ ମାଧବ ମଧ୍ୟ ରାଜାଙ୍କର କୃପା ଲାଭକରି ଉଜ୍ଜୟିନୀ ନଗରୀରେ ଆନନ୍ଦପୂର୍ବକ ବାସ କରିବାକୁ ଲାଗିଲେ ।'

ଏପ୍ରକାର କଥା ଶୁଣାଇ ରାଜକୁମାରୀ ପିତାଙ୍କୁ କହିଲେ, 'ଏହିପରି ବହୁ ଶଠ ସରଳ ଲୋକମାନଙ୍କୁ ନିଜର ଶଠତା ପାଶରେ ଆବଦ୍ଧ କରିଥାଆନ୍ତି । ଏହିପରି 'ମୁଁ କନକପୁରୀ ଦେଖିଅଛି' ବୋଲି କହି ଏହି ଧୂର୍ତ୍ତ ବ୍ରାହ୍ମଣ ତୁମକୁ ବଞ୍ଚିତ କରି ମୋତେ ଓ ଯୁବରାଜ ପଦ ଲାଭ କରିବା ନିମନ୍ତେ ଆଶା ପୋଷଣ କରିଥିଲା । ତେଣୁ ମୋର ବିବାହ ନିମନ୍ତେ ଆପଣ ଏତେଦୂର ବ୍ୟଗ୍ର ହେବା ଅନୁଚିତ । ମୁଁ ବର୍ତ୍ତମାନ କୁମାରୀ ଅବସ୍ଥାରେ ହିଁ ରହିବି । ଦେଖାଯାଉ କଣ ହେଉଛି ।'

କନ୍ୟାଠାରୁ ଏପରି କଟାକ୍ଷବାଣୀ ଶୁଣି ରାଜା ପରମେଶ୍ୱରଙ୍କୁ କହିଲେ, 'ଯୌବନ ଅବସ୍ଥା ପ୍ରାପ୍ତ ହେବା ପରେ ନାରୀ ଅଧିକ ସମୟ ଅବିବାହିତ

Digitized by srujanika@gmail.com

ରହିବା ଉଚିତ ନୁହେଁ । ଦୁଷ୍ଟ ପ୍ରକୃତିର ଲୋକମାନେ ଏମାନଙ୍କ ନାମରେ କଳଙ୍କ ଆରୋପଣ କରିବା ନିମନ୍ତେ ସୁବିଧା ପାଇଥାଆନ୍ତି । ବିଶେଷ କରି ଉତ୍ତମ ଲୋକମାନଙ୍କୁ ପରଶ୍ରୀକାତର ବ୍ୟକ୍ତିମାନେ ଚଞ୍ଚଳ କଳଙ୍କିତ କରିବା ପାଇଁ ଚେଷ୍ଟା କରିଥାଆନ୍ତି । ଏ ସମ୍ପର୍କରେ ମୁଁ ଗୋଟିଏ କଥା ଶୁଣିଥିଲି —

ହରସ୍ୱାମୀ କଥା

ଗଙ୍ଗାତଟରେ କୁସୁମପୁର ବୋଲି ଯେଉଁ ନଗର ଅଛି, ସେଠାରେ ହରସ୍ୱାମୀ ନାମରେ ଜଣେ ତପସ୍ୱୀ ପରିବ୍ରାଜକ ରହୁଥିଲେ । ସେ ଭିକ୍ଷାବୃତ୍ତି-ଦ୍ୱାରା ଜୀବିକା ନିର୍ବାହ କରୁଥିଲେ ଏବଂ ସେଠାରେ ଏକ କ୍ଷୁଦ୍ର କୁଟୀର ନିର୍ମାଣ କରି ତା ମଧ୍ୟରେ ବାସ କରୁଥିଲେ । ତାଙ୍କର କଠୋର ତପସ୍ୟାଦ୍ୱାରା ସେ ଜନତାର ଶ୍ରଦ୍ଧା ଓ ସମ୍ମାନଭାଜନ ମଧ୍ୟ ହୋଇପାରିଥିଲେ । ଦିନେ ସେ ଭିକ୍ଷା ନିମନ୍ତେ ଭ୍ରମଣ କରୁଥିବାବେଳେ କୌଣସି ଦୁର୍ବୃତ୍ତ ତାଙ୍କୁ ଦୂରରୁ ଦେଖି ଈର୍ଷାନ୍ୱିତ ହୋଇ ଲୋକମାନଙ୍କୁ କହିଲା, 'ଏହି କପଟ ତପସ୍ୱୀକୁ ବୋଧହୁଏ ଆପଣମାନେ ଜାଣି ନାହାନ୍ତି । ସେ ଏ ନଗରର ସମସ୍ତ ଶିଶୁଙ୍କୁ ଭକ୍ଷଣ କରିସାରିଲାଣି ।' ଏହା ଶୁଣି ନିକଟରେ ଥିବା ଅନ୍ୟ ଜଣେ ଦୁର୍ଜନ ଏପ୍ରକାର ଜନରବ ଶୁଣିଥିବା ସ୍ୱୀକାର କଲା ଏବଂ ଜନୈକ ତୃତୀୟ ବ୍ୟକ୍ତି ମଧ୍ୟ ଏହାକୁ ସମର୍ଥନ କରିବା ଫଳରେ ଏହି ଜନରବ କ୍ରମେ କ୍ରମେ ନଗରସାରା ବ୍ୟାପିଗଲା । ଲୋକମାନେ ନିଜ ନିଜର ଶିଶୁ ସନ୍ତାନମାନଙ୍କୁ ଘରୁ ବାହାରିବା ନିମନ୍ତେ ଅନୁମତି ଦେଲେ ନାହିଁ ।

କିଛି ଦିନ ଏହିପରି ଅତିବାହିତ ହେଲା ପରେ ନଗରବାସୀ ବ୍ରାହ୍ମଣମାନେ ଗୋଟିଏ ସଭା ଗଠନ କରି ହରସ୍ୱାମୀଙ୍କୁ ନଗରରୁ ବହିଷ୍କାର କରିଦେବା ନିମନ୍ତେ ନିଷ୍ପତ୍ତି କଲେ । କିନ୍ତୁ ସେମାନଙ୍କ ମଧ୍ୟରୁ କୌଣସି ଲୋକ ହରସ୍ୱାମୀଙ୍କୁ ପ୍ରତ୍ୟକ୍ଷ ଭାବରେ ଏହି କଥା କହିବା ନିମନ୍ତେ ସାହସ ସଞ୍ଚୟ କରିପାରୁ ନଥିଲେ କାରଣ ସମସ୍ତେ ଭାବୁଥିଲେ ଯେ ହରସ୍ୱାମୀ ସମସ୍ତ ଶିଶୁଙ୍କୁ ନିଃଶେଷ କରିସାରିଲା ପରେ ବର୍ତ୍ତମାନ ସେମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କରିବେ । ଶେଷରେ ସେମାନେ ଜଣେ ଦୂତଦ୍ୱାରା ତାଙ୍କ ନିକଟକୁ ଏ ସମ୍ବାଦ ପ୍ରେରଣ କଲେ । ଦୂତ ଦୂରରୁ ହିଁ ତାଙ୍କୁ କହିଲା, 'ତୁମେ ଏହି ନଗର ବାହାରକୁ ଚାଲିଯିବା

Digitized by srujanika@gmail.com

ନିମନ୍ତେ ବ୍ରାହ୍ମଣମାନେ ଆଦେଶ ପ୍ରଦାନ କରିଅଛନ୍ତି ।' ସେ ଏହାର କାରଣ ଜିଜ୍ଞାସା କରନ୍ତେ ସେ ସମସ୍ତ ବୃତ୍ତାନ୍ତ ଦୂରରୁ ହିଁ ତାଙ୍କ ନିକଟରେ ପ୍ରକାଶ କଲା । ହରସ୍ୱାମୀ ବ୍ରାହ୍ମଣମାନଙ୍କ ମନରେ ବିଶ୍ୱାସ ଜାତ କରାଇବା ନିମନ୍ତେ ସେମାନଙ୍କ ନିକଟକୁ ଅଗ୍ରସର ହେବାରୁ ବ୍ରାହ୍ମଣମାନେ ଭୟରେ ଇତଃସ୍ତତ ଦୌଡ଼ିବାକୁ ଲାଗିଲେ ଏବଂ ଶେଷରେ କୌଣସି ମନ୍ଦିର ଉପରେ ଆରୋହଣ କରି ଆତ୍ମରକ୍ଷାର ଉପାୟ ଚିନ୍ତା କଲେ । ପ୍ରକୃତରେ ଭୟଭୀତ ଲୋକମାନେ ନିଜର ବିଚାରଶକ୍ତି ହରାଇ ବସିଥାଆନ୍ତି ।

ନଗରବାସୀ ବ୍ରାହ୍ମଣମାନଙ୍କର ଏପ୍ରକାର ଅବସ୍ଥା ଅବଲୋକନ କରି ହରସ୍ୱାମୀ ଜଣ ଜଣଙ୍କର ନାମ ଉଚ୍ଚାରଣ କରି କହିଲେ, 'ତୁମର ମୂର୍ଖତା ଦେଖି ମୁଁ ଆଶ୍ଚର୍ଯ୍ୟ ନହୋଇ ରହିପାରୁ ନାହିଁ । ତୁମେ ପରସ୍ପର ମଧ୍ୟରେ ଆଲୋଚନା କରି ଏହି ଜନରବର ସତ୍ୟତା ସମ୍ପର୍କରେ ବିଚାର କର ।' ଏଥିରେ ସମସ୍ତ ବ୍ରାହ୍ମଣ ବିଚାରି କରି ଦେଖିଲେ ଯେ ସେମାନଙ୍କର କାହାରି ହେଲେ ଶିଶୁ ସନ୍ତାନର ମୃତ୍ୟୁ ଘଟି ନାହିଁ । ତେଣୁ ଏହି ତପସ୍ୱୀଙ୍କ ପ୍ରତି ସେମାନଙ୍କ ମନରେ କ୍ରମେ କ୍ରମେ ବିଶ୍ୱାସ ଜନ୍ମିବା ଫଳରେ ସେମାନେ ମନ୍ଦିର ଉପରୁ ଅବତରଣ କରି ଘର ଘର ବୁଲି ଏ ସମ୍ପର୍କରେ ଅନୁସନ୍ଧାନ କରିବାକୁ ଲାଗିଲେ । ଦେଖାଗଲା ନଗରର କୌଣସି ବ୍ୟକ୍ତି ତାର ସନ୍ତାନକୁ ହରାଇ ବ୍ୟାକୁଳ ହେଉ ନାହିଁ । ତେଣୁ ଶେଷରେ ସେମାନେ ନିଜ ନିଜର ମୂର୍ଖତା ବୁଝିପାରି ହରସ୍ୱାମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ ।

ହରସ୍ୱାମୀଙ୍କଠାରେ ସମସ୍ତଙ୍କର ବିଶ୍ୱାସ ଦୃଢ଼ୀଭୂତ ହୋଇଯିବାରୁ ସେ ଏ ନଗର ପରିତ୍ୟାଗ କରିବା ନିମନ୍ତେ ଉଦ୍ୟତ ହେଲେ । କିନ୍ତୁ ବ୍ରାହ୍ମଣମାନେ ତାଙ୍କୁ ବହୁ ବିନୟ ପ୍ରାର୍ଥନା କରିବା ଫଳରେ ଶେଷରେ ବାଧ୍ୟ ହୋଇ ତାଙ୍କୁ ଉକ୍ତ ନଗରୀରେ ହିଁ ରହିବାକୁ ପଡ଼ିଲା ।

ଏହିପରି ସଜ୍ଜନମାନଙ୍କର ପ୍ରଶଂସାରେ ଅସନ୍ତୁଷ୍ଟ ହୋଇ ଦୁଷ୍ଟ ଲୋକମାନେ ତାଙ୍କୁ ମିଥ୍ୟା କଳଙ୍କରେ ଦୂଷିତ କରିବା ପାଇଁ ଚେଷ୍ଟା କରିଥାଆନ୍ତି । ଏମାନେ କୌଣସି କ୍ଷୀଣ ଅବସର ଲାଭ କଲେ ଅନ୍ୟ ନାମରେ କଳଙ୍କ ରଟନା କରିବା ପାଇଁ କଦାପି ପଶ୍ଚାତ୍ପଦ ହୁଅନ୍ତି ନାହିଁ ।

Digitized by srujanika@gmail.com

ତେଣୁ ତୁ ଯଦି ମୋର ସନ୍ତାପ ଦୂର କରିବା ପାଇଁ ଚାହୁଁ ତାହାହେଲେ ତୋର ଏହି କୁମାରୀତ୍ୱ ପରିତ୍ୟାଗ କରିବା ଏକାନ୍ତ ଆବଶ୍ୟକ । ଯଦି କୌଣସି ଦୁର୍ଜନ ତୋ ନାମରେ କୁତ୍ସାରଟନା କରେ ତାହାହେଲେ ମୋର ଅସହ୍ୟ ଦୁଃଖ ଜାତ ହେବ ।'

ରାଜାଙ୍କର ଏପ୍ରକାର କଥା ଶୁଣି କନକରେଖା ଦୃଢ଼ଭାବରେ କହିଲେ, 'ଆପଣ କନକପୁରୀ ଦେଖିଥିବା ଯେ କୌଣସି ବ୍ରାହ୍ମଣ ବା କ୍ଷତ୍ରିୟ ଯୁବକଙ୍କୁ ଖୋଜ ବାହାର କରନ୍ତୁ । ମୁଁ ତାଙ୍କୁ ନିଶ୍ଚିତଭାବରେ ବିବାହ କରିବି ।' ରାଜା ଏହି ଜାତସ୍ମର କନ୍ୟାଟିର ଦୃଢ଼ ପ୍ରତିଜ୍ଞା ଦେଖି ଏବଂ ଏପ୍ରକାର ବରପାତ୍ରଟିଏ ଖୋଜି ବାହାର କରିବାର ଅନ୍ୟ ଉପାୟ ନଦେଖି, ନିଜ ଦେଶକୁ ଆସିଥିବା ଯାତ୍ରୀମାନଙ୍କ ମଧ୍ୟରେ ଏହି ଘୋଷଣା ପ୍ରଚାର କରିବା ନିମନ୍ତେ ଆଦେଶ ପ୍ରଦାନ କଲେ । ପ୍ରତିଦିନ ଏହିପରି ବାରମ୍ବାର ପ୍ରଚାର କଲେ ସୁଦ୍ଧା କନକପୁରୀ ଦେଖିଥିବା କୌଣସି ବ୍ୟକ୍ତିର ସନ୍ଧାନ ମିଳିଲା ନାହିଁ ।

Digitized by srujanika@gmail.com

ଦ୍ୱିତୀୟ ତରଙ୍ଗ

ଶକ୍ତିଦେବଙ୍କର କନକପୁରୀ ଯାତ୍ରା

ଏହା ମଧ୍ୟରେ ଶକ୍ତିଦେବ ରାଜକନ୍ୟାଦ୍ୱାରା ଅପମାନିତ ହୋଇ ଦୁଃଖରେ ଚିନ୍ତା କରିବାକୁ ଲାଗିଲେ 'କନକପୁରୀ ଦେଖିଅଛି ବୋଲି କହିବା ଫଳରେ ରାଜକନ୍ୟା ପରିବର୍ତ୍ତେ ନିଷ୍ଠୁର ଅପମାନ ହିଁ ଲାଭ କରିବା ସାର ହେଲା । ତେଣୁ ପ୍ରାଣ ବିନାଶପୂର୍ବରେ ସୁଦ୍ଧା ଉକ୍ତ ନଗରୀଟି ଦେଖିବା ପର୍ଯ୍ୟନ୍ତ ସମଗ୍ର ପୃଥିବୀ ଭ୍ରମଣ କରି ଏହାର ଅନୁସନ୍ଧାନ କରିବି । ଏହା ଦର୍ଶନ କରି ରାଜକନ୍ୟାକୁ ବିବାହ କରି ନ ପାରିଲେ, ମୋ ଜୀବନ ବୃଥା ।' ଏପରି ଚିନ୍ତା କରି ସେ ବର୍ଦ୍ଧମାନ ନଗରରୁ ଦକ୍ଷିଣ ଦିଗକୁ ଯାତ୍ରା କଲେ । ପଥ ମଧ୍ୟରେ ସେହି ବ୍ରାହ୍ମଣ ଯୁବକ ବିନ୍ଧ୍ୟ ନାମକ ଘନ ଅରଣ୍ୟ ମଧ୍ୟରେ ପ୍ରବେଶ କରି ପଥଶ୍ରମ ଦୂର କଲେ । ବାୟୁର ହିଲ୍ଲୋଳରେ ପ୍ରକମ୍ପିତ ହେଉଥିବା କୋମଳ ପଲ୍ଲବରାଜି ତାଙ୍କୁ ଶୀତଳ ବାୟୁ ପ୍ରଦାନ କଲେ । ଫଳରେ ସୂର୍ଯ୍ୟକିରଣରେ ସନ୍ତପ୍ତ ତାଙ୍କର ଶରୀର ଶୀତଳତା ଲାଭକଲା । ଭୀଷଣ ହିଂସ୍ରଜନ୍ତୁମାନଙ୍କର ଗର୍ଜ୍ଜନ ଫଳରେ ମନେ ହେଉଥିଲା ନିଷ୍ଠୁର ଦସ୍ୟୁମାନଙ୍କର ଉପଦ୍ରବରେ ଅରଣ୍ୟାଣୀ ଯେପରି ଦିନରାତି ବିଳାପ କରୁଥିଲା । ତା ମଧ୍ୟରେ ଥିବା ମରୁମରୀଚିକାଗୁଡ଼ିକ ସୂର୍ଯ୍ୟର ପ୍ରଖର ରଶ୍ମିକୁ ପରାଜିତ କରିବା ନିମନ୍ତେ ଚେଷ୍ଟା କରୁଥିଲେ ବୋଲି ମନେ ହେଉଥିଲା । ଶକ୍ତିଦେବ ଏହି ଭୟଙ୍କର ବିନ୍ଧ୍ୟ କାନ୍ତାରକୁ କିଛି ଦିନ ମଧ୍ୟରେ ଅତିକ୍ରମ କରି ଏକ ନିର୍ଜନ ଓ ପ୍ରଶାନ୍ତ ପ୍ରଦେଶରେ ପ୍ରବେଶ କଲେ । ସେଠାରେ ଏକ ଶୀତଳ ଓ ନିର୍ମଳ ଜଳପୂର୍ଣ୍ଣ ପୁଷ୍କରିଣୀ ତାଙ୍କର ଦୃଷ୍ଟିଗୋଚର ହେଲା । ଏଥିରେ ନିତ୍ୟକର୍ମ ସମାପନ କରି ଏହାର ଉତ୍ତର ଦିଗରେ ସୁମିଷ୍ଟ ଫଳସଙ୍କୁଳ ବୃକ୍ଷମାନଙ୍କଦ୍ୱାରା ପରିପୂର୍ଣ୍ଣ ଏକ ଆଶ୍ରମ ମଧ୍ୟରେ ଯାଇ ସେ ଉପସ୍ଥିତ ହେଲେ । ସେଠାରେ ସେ ଏକ ଅଶ୍ୱତ୍ଥ ବୃକ୍ଷର ଛାୟାରେ ବହୁ ଶିଷ୍ୟ ପରିବେଷ୍ଟିତ ସୂର୍ଯ୍ୟତପା ନାମକ ଋଷିଙ୍କ ଦର୍ଶନ ଲାଭ କଲେ । ସହସ୍ର ବର୍ଷର ସଙ୍କେତସ୍ୱରୂପ ସହସ୍ର ରୁଦ୍ରାକ୍ଷ ନିର୍ମିତ ଏକ ମାଳା ସେ ଧାରଣ

Digitized by srujanika@gmail.com

କରିଥାଆନ୍ତି । ଶକ୍ତିଦେବ ତାଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ ସେ ଯଥାବିଧି ସତ୍କାର କରି ତାଙ୍କର ସ୍ୱାଗତ କଲେ । ଫଳମୂଳ ଆଦି ଭକ୍ଷଣ କରିସାରିବା ପରେ ମହର୍ଷି ତାଙ୍କର ଆଗମନର କାରଣ ଓ ଗନ୍ତବ୍ୟସ୍ଥଳ ସମ୍ପର୍କରେ ଜିଜ୍ଞାସା କରିବାରୁ ସେ କହିଲେ, 'ଭଗବନ୍ ! ମୁଁ ବର୍ଦ୍ଧମାନ ନଗରରୁ ଆସିଅଛି ଏବଂ କନକପୁରୀ ଯିବା ମୋର ଲକ୍ଷ୍ୟ; କିନ୍ତୁ ଏହି ନଗରୀର ଅବସ୍ଥାନ ସମ୍ପର୍କରେ ମୁଁ ସମ୍ପୂର୍ଣ୍ଣ ଅନଭିଜ୍ଞ । ଆପଣ ଯଦି ଜାଣିଥାଆନ୍ତି ଦୟାକରି ପ୍ରକାଶ କଲେ କୃତାର୍ଥ ହେବି ।'

ମହର୍ଷି ସୂର୍ଯ୍ୟତପା ତାଙ୍କ ନମ୍ରତାରେ ପ୍ରୀତ ହୋଇ କହିଲେ, 'ମୁଁ ଏଠାରେ ଅଷ୍ଟୋତ୍ତର ଶତବର୍ଷ ଅତିବାହିତ କଲିଣି, କିନ୍ତୁ ବର୍ତ୍ତମାନ ସୁଦ୍ଧା କନକପୁରୀ ନଗରୀର ନାମ ଶୁଣିବାକୁ ପାଇନାହିଁ ।' ଏଥିରେ ଶକ୍ତିଦେବଙ୍କ ମୁଖରେ ବିଷାଦ ଓ ନୈରାଶ୍ୟର ଛାୟା ଖେଳିଗଲା । ସେ କହିଲେ, 'ତାହା-ହେଲେ ମୁଁ ସମଗ୍ର ଜୀବନ ଏହାର ଅନୁସନ୍ଧାନ କରି କରି ପ୍ରାଣ ବିସର୍ଜନ କରିବି ।' ତାହାଠାରୁ ସମଗ୍ର ବୃତ୍ତାନ୍ତ ଶୁଣି ମହର୍ଷି କହିଲେ, 'ଯଦି ତୁମର ଏପ୍ରକାର ପ୍ରତିଜ୍ଞା ଥାଏ, ତାହାହେଲେ ତୁମେ ଏଠାରୁ ତିନିଶହ ଯୋଜନ ଦୂରରେ ଥିବା କାମ୍ପିଲ୍ୟ ନାମକ ନଗରକୁ ଗମନ କର । ସେଠାରେ ଉତ୍ତର ନାମରେ ଏକ ପର୍ବତ ଅଛି ଏବଂ ସେହି ପର୍ବତ ଉପରେ ଏକ ପ୍ରଶାନ୍ତ ଆଶ୍ରମସ୍ଥଳ ବିଦ୍ୟମାନ । ସେହି ଆଶ୍ରମରେ ମୋର ଜ୍ୟେଷ୍ଠଭ୍ରାତା ଦୀର୍ଘତପା ବାସ କରନ୍ତି । ସେ ମୋ ଅପେକ୍ଷା ବୟସରେ ବହୁତ ବଡ଼ । ହୁଏତ ସେ ଏ ନଗରୀର ସନ୍ଧାନ ନେଇ ଥାଇପାରନ୍ତି ।'

ମହର୍ଷିଙ୍କଠାରୁ ଏପ୍ରକାର ସନ୍ଧାନ ଲାଭକରି ଶକ୍ତିଦେବ ପରଦିନ ପ୍ରଭାତରୁ ହିଁ କାମ୍ପିଲ୍ୟ ନଗର ଅଭିମୁଖରେ ଯାତ୍ରା କଲେ । ବହୁ କଷ୍ଟରେ, ବହୁ ଦୁର୍ଗମ ପଥ ଅତିକ୍ରମ କରି, ବହୁଦିନ ପରେ ସେ ଦୀର୍ଘତପାଙ୍କର ଦର୍ଶନ ଲାଭକଲେ । ତାଙ୍କୁ ପ୍ରଣାମ କରି ଏବଂ ତାଙ୍କଠାରୁ ଯଥୋଚିତ ଅତିଥି ସତ୍କାର ଲାଭକରି ସେ କନକପୁରୀ ସନ୍ଧାନ ସମ୍ପର୍କୀୟ ସମସ୍ତ ବୃତ୍ତାନ୍ତ ତାଙ୍କ ନିକଟରେ ପ୍ରକାଶ କଲେ । କିନ୍ତୁ ଦୀର୍ଘତପା ମଧ୍ୟ କହିଲେ, 'ବତ୍ସ ! ମୋର ଏହି ଦୀର୍ଘ ଜୀବନକାଳ ମଧ୍ୟରେ ମୁଁ ଏହି ନଗରୀର ନାମ ସୁଦ୍ଧା ଶ୍ରବଣ କରିନାହିଁ । ବିଭିନ୍ନ ଦେଶ ଦେଶାନ୍ତରରୁ ଆସିଥିବା ଅସଂଖ୍ୟ ଲୋକଙ୍କ ସହିତ ମୋର ପରିଚୟ

Digitized by srujanika@gmail.com

ହୋଇଅଛି କିନ୍ତୁ କୌଣସି ଲୋକ ଏହାଁ ଦର୍ଶନ କରିଥିବା ବା ଦୂରର କଥା ନାମ ମଧ୍ୟ ଶ୍ରବଣ କରିଥିବା ମୋ ନିକଟରେ ପ୍ରକାଶ କରି ନାହାନ୍ତି । ତେଣୁ ମୁଁ ଭାବୁଛି ଏହା କୌଣସି ଅନ୍ୟ ଦ୍ୱୀପ ମଧ୍ୟରେ ଥାଇପାରେ । ସେଠାକୁ ଯିବା ଉପାୟ କେବଳ ମୁଁ ତୁମ୍ଭଙ୍କୁ କହି ଦେଇପାରେ ।

'ସମୁଦ୍ର ମଧ୍ୟରେ ଉତ୍ସ୍ଥଳ ନାମକ ଏକ ଦ୍ୱୀପ ଅଛି । ସେଠାରେ ସତ୍ୟବ୍ରତ ନାମରେ ଜଣେ ଧନୀ ନିଷାଦରାଜ ବାସ କରନ୍ତି । ତାଙ୍କର ବହୁଦୂର ଦ୍ୱୀପ ଦ୍ୱୀପାନ୍ତରକୁ ଗମନାଗମନ ଅଛି । ସେ ଏ କନକପୁରୀ ଦେଖିଥାଇ ପାରନ୍ତି କିମ୍ବା ସେ ସମ୍ପର୍କରେ ଶୁଣିଥାଇ ପାରନ୍ତି । ତେଣୁ ତୁମେ ପ୍ରଥମେ ସମୁଦ୍ରତଟରେ ଥିବା ବିଟଙ୍କପୁର ନାମକ ନଗରକୁ ପ୍ରସ୍ଥାନ କର । ସେଠାରେ କୌଣସି ସାଧବ ସହିତ ବନ୍ଧୁତା ସ୍ଥାପନ କରି ତାଙ୍କର ଜାହାଜରେ ନିଷାଦରାଜଙ୍କ ନିକଟକୁ ଗମନ କର ।' ଏହା ଶୁଣି ଶକ୍ତିଦେବ ସୂର୍ଯ୍ୟତପାଙ୍କଠାରୁ ବିଦାୟ ନେଇ ଆଶ୍ରମ ପରିତ୍ୟାଗ କଲେ । ବହୁ ଦେଶ ଓ ବହୁ ଗିରିପଥ ଅତିକ୍ରମ କରି ସେ ସମୁଦ୍ର ତଟବର୍ତ୍ତୀ ବିଟଙ୍କପୁର ନଗରରେ ଉପସ୍ଥିତ ହେଲେ । ସେଠାରେ ଉତ୍ସ୍ଥଳ ଦ୍ୱୀପକୁ ଯାତ୍ରା କରୁଥିବା ସମୁଦ୍ରଦତ୍ତ ନାମକ ସାଧବଙ୍କ ସହିତ ମିତ୍ରତା ସ୍ଥାପନ କରି ସେ ତାଙ୍କ ଜାହାଜର ଆଶ୍ରୟ ନେଲେ ।

ସମୁଦ୍ର ମଧ୍ୟରେ କିଛି ଦୂର ଅଗ୍ରସର ହେଲାପରେ ହଠାତ୍ ସେମାନଙ୍କର ଜାହାଜ ଭୟଙ୍କର ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହେଲା । ନାବିକମାନେ ଖିନ୍ନହସ୍ତ ହୋଇ ଜାହାଜକୁ ରକ୍ଷା କରିବା ନିମନ୍ତେ ଚେଷ୍ଟା କଲେ କିନ୍ତୁ ସେମାନଙ୍କ ଚେଷ୍ଟା ବିଫଳ ହେଲା । ଜାହାଜଟି ସମୁଦ୍ର ଗର୍ଭରେ ବିଲୀନ ହେଲା । ସମୁଦ୍ରଦତ୍ତ ସୌଭାଗ୍ୟବଶତଃ ଏକ କାଷ୍ଠ ଫଳକକୁ ଆଶ୍ରୟ କରି ସମୁଦ୍ରର ପରପାରକୁ ଚାଲିଗଲେ କିନ୍ତୁ ଶକ୍ତିଦେବ ନିଃସହାୟ ଭାବରେ ସନ୍ତରଣ କରୁ କରୁ ଏକ ବିରାଟ ସାମୁଦ୍ରିକ ମତ୍ସ୍ୟର ଉଦରସ୍ଥ ହେଲେ । ମତ୍ସ୍ୟଟି ଦୈବଯୋଗରେ ଯାଇ ଉତ୍ସ୍ଥଳ ଦ୍ୱୀପ ନିକଟରେ ପହଞ୍ଚିଲା ଏବଂ ସତ୍ୟବ୍ରତଙ୍କ ଭୃତ୍ୟମାନଙ୍କଦ୍ୱାରା ଧରାଗଲା । ସେମାନେ ମାଛଟିକୁ ସତ୍ୟବ୍ରତଙ୍କ ନିକଟରେ ପହଞ୍ଚାଇବାରୁ ସେ କୌତୂହଳବଶତଃ ତାକୁ ସତର୍କତାର ସହିତ କର୍ତ୍ତନ କରିବା ପାଇଁ ଆଦେଶ ଦେଲେ । ଫଳରେ ଏହା ମଧ୍ୟରୁ ଶକ୍ତିଦେବ ଜୀବନ୍ତ ଅବସ୍ଥାରେ ନିର୍ଗତ ହୋଇ ସତ୍ୟବ୍ରତଙ୍କୁ ଆଶୀର୍ବାଦ ପ୍ରଦାନ କଲେ । ଏଥିପରେ ସତ୍ୟବ୍ରତ ଆଶ୍ଚର୍ଯ୍ୟ

Digitized by srujanika@gmail.com

ହୋଇ ତାଙ୍କର ପରିଚୟ ଓ ଏହି ଅଦ୍ଭୁତ ବୃତ୍ତାନ୍ତ ସମ୍ପର୍କରେ ପ୍ରଶ୍ନ କରିବାରୁ ସେ ଆମୂଳଚୂଳ ସମସ୍ତ ଅନୁଭୂତି ତାଙ୍କ ନିକଟରେ ପ୍ରକାଶ କରି ତାଙ୍କର ଅନୁଗ୍ରହ ପ୍ରାର୍ଥନା କଲେ ।

ଶକ୍ତିଦେବଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କରି ସତ୍ୟବ୍ରତ କହିଲେ, 'ମୁଁ ହିଁ ସେହି ସତ୍ୟବ୍ରତ ଏବଂ ଏହାହିଁ ସେହି ଉତ୍ସସ୍ଥଳ ଦ୍ୱୀପ । କିନ୍ତୁ ବହୁ ଦ୍ୱୀପ ଦର୍ଶନ କରିଥିଲେ ମଧ କନକପୁରୀ ଦେଖିବାର ସୌଭାଗ୍ୟ କେବେ ମୁଁ ଲାଭ କରିପାରି ନାହିଁ । ଅବଶ୍ୟ ସମସ୍ତ ଦ୍ୱୀପର ଶେଷରେ ଏହି ଦ୍ୱୀପର ଅବସ୍ଥାନ ବୋଲି ଶୁଣାଯାଏ ।' ଏଥିରେ ଶକ୍ତିଦେବ ନିରାଶ ହେବା ଦେଖି ସେ ପୁଣି ଆଶ୍ୱାସନ ପ୍ରଦାନପୂର୍ବକ କହିଲେ, 'ହେ ବ୍ରାହ୍ମଣ, ତୁମେ ଦୁଃଖିତ ହୁଅ ନାହିଁ । ଆଜି ରାତିଟି ଏଠାରେ ବିଶ୍ରାମ କର । କାଲି ପ୍ରଭାତରୁ ତୁମର କାର୍ଯ୍ୟ ସିଦ୍ଧି ନିମନ୍ତେ କିଛି ଉପାୟ ଉଦ୍ଭାବନ କରିବା । ଏହିପରି ଆଶ୍ୱାସନା ଲାଭକରି ଶକ୍ତିଦେବ କୌଣସି ଏକ ବ୍ରାହ୍ମଣଙ୍କ ଆଶ୍ରମରେ ଆଶ୍ରୟ ନେଲେ । ସେଠାରେ ପାନାହାର ସମାପନ କରି ବିଷ୍ଣୁଦତ୍ତ ନାମକ ବ୍ରାହ୍ମଣ ସହିତ ନିଜର ଜୀବନ ସମ୍ପର୍କରେ ଆଲୋଚନା କରିବାବେଳେ ହଠାତ୍ ସେ ବ୍ରାହ୍ମଣ ଆନନ୍ଦରେ ତାଙ୍କୁ ଆଲିଙ୍ଗନ କଲେ ଏବଂ ହର୍ଷୋତ୍ଫୁଲ୍ଲ କଣ୍ଠରେ କହିଲେ, 'ତୁ ମୋର ମାମୁଙ୍କ ପୁଅ । ଗୋଟିଏ ଦେଶରେ ହିଁ ଆମ୍ଭମାନଙ୍କର ଜନ୍ମ । ମୁଁ ବହୁପୂର୍ବରୁ ଏଠାକୁ ଆସି ଯାଇଥିଲି ତେଣୁ ତୋ ସହିତ ମୋର ସାକ୍ଷାତ ହେବା ସୁଯୋଗ କେବେ ଘଟି ନଥିଲା । ବର୍ତ୍ତମାନ ତୁ ଏଠାରେ ବାସ କର । ବହୁ ବଣିକ ବ୍ୟବସାୟ କରିବା ନିମନ୍ତେ ଏହି ଦ୍ୱୀପକୁ ଆସିଥାଆନ୍ତି । ତେଣୁ ଅଳ୍ପଦିନ ମଧ୍ୟରେ ତୋର ମନୋରଥ ନିଶ୍ଚିତଭାବରେ ସିଦ୍ଧ ହେବ ।'

ଶକ୍ତିଦେବ ବିଷ୍ଣୁଦତ୍ତଙ୍କ ପରିଚୟ ଲାଭକରି ସମସ୍ତ ପଥଶ୍ରମ ଓ କଷ୍ଟ ବିସ୍ମୃତ ହେଲେ । ବିଦେଶରେ ସ୍ୱଜନମାନଙ୍କ ସହିତ ପରିଚୟ ମରୁଭୂମିରେ ଅମୃତ ବୃଷ୍ଟି ତୁଲ୍ୟ ହୋଇଥାଏ । ଏହା ଫଳରେ ଶକ୍ତିଦେବ ନିଜର କାର୍ଯ୍ୟ ସିଦ୍ଧିର ସମୟ ଆସନ୍ନ ବୋଲି ମନେ କଲେ । କାରଣ କୌଣସି କାର୍ଯ୍ୟ କରିବାକୁ ଗଲାବେଳେ ମଧ୍ୟରେ ଯଦି ଅନ୍ୟ କୌଣସି ଶୁଭ କାର୍ଯ୍ୟ ସମ୍ପାଦିତ ହୋଇଯାଏ ତାହାହେଲେ ତାକୁ ଶୁଭସୂଚନା ବୋଲି ଗ୍ରହଣ କରିବାକୁ ହିଁ ହେବ ।

Digitized by srujanika@gmail.com

ସେହିଦିନ ରାତିରେ କାର୍ଯ୍ୟସିଦ୍ଧି ପାଇଁ ଚିନ୍ତିତ ଶକ୍ତିଦେବଙ୍କୁ ବିଷ୍ଣୁଦତ୍ତ ଶୋଇଲାବେଳେ ଗୋଟିଏ ଅପୂର୍ବ କଥା ଶୁଣାଇଲେ—

ଅଶୋକଦତ୍ତ ଓ ରାକ୍ଷସରାଜ କପାଳସ୍ଫୋଟ କଥା

ପୂର୍ବକାଳରେ ଯମୁନା ତଟବର୍ତ୍ତୀ ଏକ ଅଗ୍ରହାରରେ ଗୋବିନ୍ଦସ୍ୱାମୀ ବୋଲି ଜଣେ ନୈଷ୍ଠିକ ବ୍ରାହ୍ମଣ ବାସ କରୁଥିଲେ । ଅଶୋକଦତ୍ତ ଓ ବିଜୟଦତ୍ତ ନାମରେ ତାଙ୍କର ଦୁଇଟି ପୁତ୍ର । ଥରେ ଏଠାରେ ଭୟଙ୍କର ଦୁର୍ଭିକ୍ଷ ଦେଖାଦେବାରୁ ଗୋବିନ୍ଦସ୍ୱାମୀ ନିଜର ପତ୍ନୀ ସହିତ ପରାମର୍ଶ କରି ସମସ୍ତ ଖାଦ୍ୟଦ୍ରବ୍ୟ ନିଜର ବନ୍ଧୁବାନ୍ଧବମାନଙ୍କ ମଧ୍ୟରେ ବିତରଣ କରିଦେଇ ବାରାଣସୀ ନଗରୀକୁ ଚାଲିଗଲେ । ପଥ ମଧ୍ୟରେ ତାଙ୍କର ଜଣେ ଜଟାଧାରୀ ସନ୍ନ୍ୟାସୀଙ୍କ ସହିତ ସାକ୍ଷାତ ହେଲା । ତାଙ୍କୁ ନିଜର ଶୁଭାଶୁଭ କଥା ପଚାରିବାରୁ ସେ ଗୋବିନ୍ଦଦତ୍ତଙ୍କୁ କହିଲେ, 'ତୁମର ଦୁଇଟି ପୁତ୍ରର ଭବିଷ୍ୟତ ମଙ୍ଗଳମୟ । କିନ୍ତୁ କନିଷ୍ଠପୁତ୍ର ବିଜୟଦତ୍ତ ସହିତ ତୁମର ବହୁଦିନ ଧରି ବିଚ୍ଛେଦ ଘଟିବ । ଅବଶ୍ୟ ପରେ ଅଶୋକଦତ୍ତର ପ୍ରଭାବରୁ ପୁଣି ତା ସହିତ ତୁମମାନଙ୍କର ମିଳନ ହେବ ।'

ଏଥିରେ ଗୋବିନ୍ଦସ୍ୱାମୀ ଯୁଗପତ୍ ଆନନ୍ଦିତ ଓ ଦୁଃଖିତ ହୋଇ ବାରାଣସୀ ଅଭିମୁଖରେ ଅଗ୍ରସର ହେଲେ । ସେଠାରେ ପହଞ୍ଚି ସେ ନଗର ବାହାରେ ଥିବା ଏକ ଦେବୀ ମନ୍ଦିରରେ ଆଶ୍ରୟ ଗ୍ରହଣ କଲେ ଏବଂ ଦିନସାରା ଦେବୀ ଆରାଧନାରେ ସମୟ ଅତିବାହିତ କରି ରାତିରେ ଅନ୍ୟାନ୍ୟ ଯାତ୍ରୀମାନଙ୍କ ସହିତ ଗାଢ଼ନିଦ୍ରାରେ ଅଭିଭୂତ ହୋଇପଡ଼ିଲେ ।

ସମସ୍ତେ ଶୋଇଗଲା ପରେ ବିଜୟଦତ୍ତ ଶୀତଜ୍ୱରରେ ଆକ୍ରାନ୍ତ ହୋଇ କମ୍ପିବାକୁ ଲାଗିଲେ । ସେ କାନ୍ଦି କାନ୍ଦି ଏବଂ ଥରି ଥରି ଯାଇ ପିତାଙ୍କୁ ଜାଗ୍ରତ କରାଇ କହିଲେ, 'କୌଣସିମତେ ଏଠାରେ ଅଗ୍ନି ସ୍ଥାପନ କରି ମୋର ଏହି କମ୍ପ ଶାନ୍ତ ନକଲେ, ମୁଁ ଆଉ ବଞ୍ଚିପାରିବି ନାହିଁ ।' ଗୋବିନ୍ଦସ୍ୱାମୀ ଏଥିରେ ଏପରି ବିବ୍ରତ ହୋଇପଡ଼ିଲେ ଯେ ସେ କଣ କରିବେ ଚିନ୍ତା କରିପାରିଲେ ନାହିଁ । ଏହା ଦେଖି ବିଜୟଦତ୍ତ ଦୂରରେ ଦେଖାଯାଉଥିବା ଚିତାଗ୍ନି ନିକଟକୁ

Digitized by srujanika@gmail.com

ତାଙ୍କୁ ନେଇଯିବା ପାଇଁ ପିତାଙ୍କୁ ଅନୁରୋଧ କଲେ । ପିତାଙ୍କର ଶତ ବାରଣ ଓ ଭୟ ପ୍ରଦର୍ଶନ ସତ୍ତ୍ୱେ ସେ ସେଠାରେ ଯାଇ ଉପସ୍ଥିତ ହେଲେ । ପିତା ମଧ୍ୟ କନିଷ୍ଠ ପୁତ୍ରର ସୁରକ୍ଷା ନିମିତ୍ତ ତାଙ୍କର ଅନୁସରଣ କରି ସେଠାରେ ପହଞ୍ଚିଲେ । ନିଆଁ ନିକଟରେ କିଛି ସମୟ ବସିଲା ପରେ ସେ ଟିକିଏ ସୁସ୍ଥ ହେବାରୁ ପିତାଙ୍କୁ ପଚାରିଲେ, 'ନିଆଁ ଭିତରେ ଯେଉଁ ଗୋଲାକାର ଜିନିଷଟି ଦେଖାଯାଉଛି, ତାହା କଅଣ ହୋଇପାରେ ?' ପିତାଙ୍କଠାରୁ ତାହା ଗୋଟିଏ ନର-କପାଳ ବୋଲି ଶୁଣି ସେ ସାହସର ସହିତ ତାହାକୁ ଆଣି ଦ୍ୱିଧା ବିଭକ୍ତ କଲେ । ଏ ସମୟରେ ତା ମଧ୍ୟରୁ କିଛି ଚର୍ବି ଛିଟିକି ଆସି ତାଙ୍କ ମୁଖମଣ୍ଡଳକୁ ସିକ୍ତ କଲା । ତାକୁ ଜିହ୍ୱା ସାହାଯ୍ୟରେ ଲେହନ କରି ନେବା ଫଳରେ ହଠାତ୍ ସେ ଏକ ରାକ୍ଷସରେ ପରିଣତ ହୋଇଗଲେ । ତାଙ୍କ ମସ୍ତକର କେଶଗୁଚ୍ଛ ଊର୍ଦ୍ଧ୍ୱିତ ହେଲା, ଦନ୍ତପଂକ୍ତି ବିକଟାଳ ରୂପଧାରଣ କଲା ଏବଂ ହଠାତ୍ ଏକ ଖଡ୍ଗ ଆସି ତାଙ୍କ ନିକଟରେ ଉପସ୍ଥିତ ହେଲା । ସେ ସେହି ନର-କପାଳଟି ମଧ୍ୟରୁ ଚର୍ବିତକ ଏକ ନିଶ୍ୱାସରେ ନିଃଶେଷ କରି ପିତାଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ ହେଲେ । ଠିକ୍ ଏହି ସମୟରେ ଶ୍ମଶାନରୁ ଶୁଣାଗଲା, 'ହେ କପାଳସ୍ଫୋଟ ! ତୁମେ ତୁମର ଜନ୍ମଦାତା ପିତାଙ୍କୁ ହତ୍ୟା କର ନାହିଁ । ଏଠାକୁ ଆସି ଆମ୍ଭମାନଙ୍କ ସହିତ ମିଳିତ ହୁଅ ।' ଏହା ଶୁଣି ବିଜୟଦତ୍ତ ସେହି ସମୟଠାରୁ କପାଳସ୍ଫୋଟ ନାମ ଧାରଣ କରି ରାକ୍ଷସ ଦଳର ଅନ୍ତର୍ଭୁକ୍ତ ହେଲେ ।

ଏହି ଅଦ୍ଭୁତ ଘଟଣା ଦର୍ଶନ କରି ଗୋବିନ୍ଦସ୍ୱାମୀ ପୁତ୍ର ବିରହ ଦୁଃଖରେ କାତର ହୋଇ ପୂର୍ବୋକ୍ତ ମନ୍ଦିର ନିକଟକୁ ଫେରିଆସିଲେ ଏବଂ ଅନ୍ୟାନ୍ୟ ଯାତ୍ରୀମାନଙ୍କ ନିକଟରେ ଏହି ଅଦ୍ଭୁତ ବୃତ୍ତାନ୍ତ ପ୍ରକାଶ କଲେ । ସମସ୍ତେ ଏହାକୁ ବିନାମେଘରେ ବଜ୍ରପାତ ବୋଲି ମନେକରି ତାଙ୍କୁ ଆଶ୍ୱାସନା ଦେବାକୁ ଲାଗିଲେ । ଏହି ସମୟରେ ଦେବୀପୂଜା ନିମନ୍ତେ ଆସିଥିବା ସମୁଦ୍ରଦତ୍ତ ନାମକ ଜଣେ ଧନୀ ବଣିକ ତାଙ୍କୁ ସାହସ ପ୍ରଦାନ କରି ଏହି ପରିବାରଟିକୁ ନିଜ ଗୃହରେ ନେଇ ଆଶ୍ରୟ ପ୍ରଦାନ କଲେ । ପୂର୍ବୋକ୍ତ ତପସ୍ୱୀଙ୍କ କଥାରେ ବିଶ୍ୱାସ କରି ଗୋବିନ୍ଦସ୍ୱାମୀ ପୁତ୍ର ସହିତ ପୁନର୍ମିଳନ ଆଶାରେ ସମୟ ବିତାଇବାକୁ ଲାଗିଲେ ।

Digitized by srujanika@gmail.com

ସେଠାରେ ଅଶୋକଦତ୍ତ ବହୁ ବିଦ୍ୟା ଅଧ୍ୟୟନ କରି ଯୌବନାବସ୍ଥା ପ୍ରାପ୍ତ ହୁଅନ୍ତେ ମଲ୍ଲବିଦ୍ୟା ଶିକ୍ଷା କରିବାକୁ ଲାଗିଲେ ଏବଂ ଅଳ୍ପ ସମୟ ମଧ୍ୟରେ ସେ ସମଗ୍ର ସଂସାରରେ ଜଣେ ଅଦ୍ୱିତୀୟ ଯୋଦ୍ଧାଭାବରେ ଖ୍ୟାତି ଅର୍ଜନ କଲେ ।

ଥରେ କୌଣସି ଯାତ୍ରା ସମୟରେ ଦାକ୍ଷିଣାତ୍ୟରୁ ଜଣେ ବିଖ୍ୟାତ ମଲ୍ଲଯୋଦ୍ଧା ଆସି ବାରାଣସୀ ନଗରରେ ଉପସ୍ଥିତ ହେଲା । ବାରାଣସୀର ରାଜା ପ୍ରତାପମୁକୁଟଙ୍କ ରାଜସଭାରେ ଥିବା ସମସ୍ତ ବଳିଷ୍ଠ ମଲ୍ଲ ତା ଦ୍ୱାରା ପରାଜିତ ହେଲେ । ଶେଷରେ ରାଜା ପ୍ରତାପମୁକୁଟ ଅଶୋକଦତ୍ତଙ୍କ ଖ୍ୟାତି ଶୁଣିପାରି ତାଙ୍କୁ ଏହି ନବାଗତ ମଲ୍ଲ ସହିତ ଯୁଦ୍ଧ କରିବା ନିମନ୍ତେ ଅନୁରୋଧ କଲେ । ଫଳରେ ଉଭୟଙ୍କ ମଧ୍ୟରେ ମଲ୍ଲଯୁଦ୍ଧ ଆରମ୍ଭ ହେଲା । ମୁହୂର୍ତ୍ତକ ମଧ୍ୟରେ ଅଶୋକଦତ୍ତ ତାକୁ ପରାସ୍ତ କରି ଲୋକମାନଙ୍କର ବିପୁଳ ଆନନ୍ଦର କାରଣ ହେଲେ । ପ୍ରତାପମୁକୁଟ ମଧ୍ୟ ତାଙ୍କ ପ୍ରତି ପ୍ରସନ୍ନ ହୋଇ ବହୁ ଧନରତ୍ନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ତାଙ୍କୁ ନିଜର ଦେହରକ୍ଷୀରୂପେ ନିଯୁକ୍ତ କଲେ ।

ଦିନେ ଚତୁର୍ଦ୍ଦଶୀ ତିଥିରେ ରାଜା ନଗର ବାହାରେ ଥିବା ଶିବ ମନ୍ଦିରକୁ ଯାଇଥାଆନ୍ତି । ସେଠାରୁ ଫେରୁଥିବାବେଳେ ଶ୍ମଶାନ ମଧ୍ୟରୁ ଏକ କରୁଣ ସ୍ୱର ତାଙ୍କର କର୍ଣ୍ଣଗୋଚର ହେଲା । ସେ ଶୁଣିବାକୁ ପାଇଲେ, କେହି ଜଣେ କହୁଛି, 'ମହାରାଜ ! ଦଣ୍ଡାଧିକାରୀ ମୋତେ ନିର୍ଦ୍ଦୋଷରେ ଶୂଳୀ ଉପରେ ଚଢ଼ାଇ ଦେଇଅଛି । ଆଜି ତୃତୀୟ ଦିନ । ବର୍ତ୍ତମାନ ସୁଦ୍ଧା ମୋର ପ୍ରାଣ ଯାଇନାହିଁ । ମୁଁ ଭୀଷଣ ତୃଷାର୍ତ୍ତ । ମୋତେ କିଛି ଜଳଦାନ କରନ୍ତୁ ।' ଏହା ଶୁଣି ରାଜା ଦୟା ପରବଶ ହୋଇ ନିଜ ନିକଟରେ ଥିବା ଅଶୋକଦତ୍ତଙ୍କୁ କହିଲେ, 'ତୁମେ ଏହା ପାଇଁ କିଛି ଜଳ ପଠାଇ ଦିଅ ।' ଅଶୋକଦତ୍ତ, 'ମହାରାଜ ଏଭଳି ଭୀଷଣ ରାତିରେ ଶ୍ମଶାନ ଭିତରକୁ ଯିବାପାଇଁ କେହିହେଲେ ସାହସ କରିବେ ନାହିଁ । ତେଣୁ ମୁଁ ନିଜେ ଯାଇ ତାକୁ କିଛି ଜଳ ପ୍ରଦାନ କରି ଫେରି ଆସୁଛି' କହି ରାଜା ଚାଲିଯିବା ପରେ ସେହି ଭୟଙ୍କର ଶ୍ମଶାନ ମଧ୍ୟରେ ପ୍ରବେଶ କଲେ । 'କିଏ ସେ ତୃଷାର୍ତ୍ତ ?' ବୋଲି ଉଚ୍ଚସ୍ୱରରେ ଜିଜ୍ଞାସା କରିବାରୁ ଉତ୍ତର ଆସିଲା, 'ମୁଁ' । ସେହି ଶବ୍ଦକୁ ଅନୁସରଣ କରି ସେ ଶୂଳୀ

Digitized by srujanika@gmail.com

ନିକଟରେ ଏକ ପୁରୁଷଙ୍କୁ ଦେଖିବାକୁ ପାଇଲେ । ତା ନିକଟରେ ବହୁ ସୁନ୍ଦର ଅଳଙ୍କାର ଧାରଣ କରିଥିବା ଏକ ସୁନ୍ଦରୀ ସ୍ତ୍ରୀ ବସି ବିଳାପ କରୁଥାଏ । ସେହି ଅନ୍ଧକାରମୟ ଶ୍ମଶାନ ମଧ୍ୟରେ ତାର ରୂପରାଶି ଚନ୍ଦ୍ରକିରଣତୁଲ୍ୟ ଶୋଭା ପାଉଥାଏ । ତାକୁ ଦେଖି ଅଶୋକଦତ୍ତ ତାର ପରିଚୟ ପଚାରିବାରୁ ସେ କହିଲା, 'ମୁଁ ଏହି ପୁରୁଷଟିର ଅଭାଗିନୀ ସ୍ତ୍ରୀ । ପତିଙ୍କର ସହଗମନ କରିବା ନିମନ୍ତେ ନିଶ୍ଚୟ କରି ଏଠାରେ ଅପେକ୍ଷା କରିଅଛି । ଦିନଦିନ ବିତିଗଲାଣି ତଥାପି ଏହାଙ୍କ ଶରୀରରୁ ପ୍ରାଣବାୟୁ ନିର୍ଗତ ହେଉ ନାହିଁ । ସେ ବାରମ୍ବାର ଜଳ ପାଇଁ ପ୍ରାର୍ଥନା କରୁଛନ୍ତି । ମୁଁ କେତେଥର ଜଳ ଆଣି ସାରିଲିଣି କିନ୍ତୁ ଶୂଳୀ ଉପରେ ଥିବା ତାଙ୍କ ମୁଖ ନିକଟକୁ ମୋର ହାତ ପହଞ୍ଚି ପାରୁନାହିଁ ।' ସେ ସ୍ତ୍ରୀଠାରୁ ଏହା ଶୁଣି ଅଶୋକଦତ୍ତ କହିଲେ, 'ରାଜା ମୋହାରା ଏ ଜଳ ପଠାଇଅଛନ୍ତି । ମୋର ପୃଷ୍ଠଦେଶରେ ଆରୋହଣ କରି ତୁମେ ତାଙ୍କ ମୁଖରେ ଜଳଦାନ କର । ବିପତ୍ତି ସମୟରେ ପରପୁରୁଷଙ୍କୁ ସ୍ପର୍ଶ କରିବା ଦୋଷାବହ ନୁହେଁ ।' ତାଙ୍କ କଥାରେ ଉକ୍ତ ସ୍ତ୍ରୀଟି ତାଙ୍କ ପୃଷ୍ଠଦେଶରେ ଦଣ୍ଡାୟମାନ ହେଲା । କିଛି ସମୟ ବିତିଯିବା ପରେ ତାଙ୍କ ପୃଷ୍ଠଦେଶରେ ଓ ଭୂମି ଉପରେ ନିପତିତ ରକ୍ତବିନ୍ଦୁ ଲକ୍ଷ୍ୟ କରି ସେ ଶଙ୍କିତ ହୋଇଉଠିଲେ । ଉପରକୁ ଚାହିଁ ଦେଖନ୍ତି ତ ସେ ସ୍ତ୍ରୀଟି ଉକ୍ତ ପୁରୁଷଟିର ଶରୀରରୁ ମାଂସ ଖାଇବାରେ ଲାଗିଛି । ଏଥିରେ ଆଶ୍ଚର୍ଯ୍ୟ ହୋଇ ଅଶୋକଦତ୍ତ ତାର ଗୋଟିଏ ଗୋଡ଼ଧରି ତଳକୁ ଟାଣିବା ପାଇଁ ଚେଷ୍ଟା କଲେ କିନ୍ତୁ ସେ ସ୍ତ୍ରୀ ଲୋକଟି ତାଙ୍କ ହାତରୁ ନିଜର ଗୋଡ଼ଟିକୁ ଛଡ଼ାଇ ନେଇ ମାୟାବଳରେ ଅଦୃଶ୍ୟ ହୋଇଗଲା । ତାର ଗୋଡ଼ଟିକୁ ଟାଣି ଧରିଥିବାବେଳେ ସେଥିରେ ଥିବା ନୂପୁରଟି ଅଶୋକଦତ୍ତଙ୍କ ହାତରେ ରହି ଯାଇଥିଲା ଏବଂ ସେ ଅଦୃଶ୍ୟ ହୋଇଯିବା ପରେ ମଧ୍ୟ ଏହା ତାଙ୍କ ହାତରେ ରହିଗଲା । ସ୍ତ୍ରୀ ଲୋକଟି ଚାଲିଯିବା ଫଳରେ ସେ ବିସ୍ମିତ ଓ ଦୁଃଖିତ ହୋଇ ଉକ୍ତ ନୂପୁରଟି ସହିତ ନିଜ ଗୃହକୁ ଫେରିଆସିଲେ ।

ପ୍ରଭାତରୁ ରାଜାଙ୍କ ସହିତ ତାଙ୍କର ସାକ୍ଷାତ ହେବାରୁ ସେ ଉକ୍ତ ନୂପୁରଟି ରାଜାଙ୍କୁ ପ୍ରଦାନ କରି ପୂର୍ବରାତ୍ରିର ସମସ୍ତ ଘଟଣା ଆମୂଳଚୂଳ ବର୍ଣ୍ଣନା କଲେ । ପ୍ରତାପମୁକୁଟ ତାଙ୍କର ଅସାଧାରଣ ସାହସ ଦେଖି ଆନନ୍ଦିତ ହେଲେ ଓ ଉକ୍ତ ନୂପୁରଟି ରାଣୀଙ୍କୁ ପ୍ରଦାନ କରି ସମସ୍ତ ବୃତ୍ତାନ୍ତ ତାଙ୍କୁ ମଧ୍ୟ

Digitized by srujanika@gmail.com

ଶୁଣାଇଲେ । ରାଣୀ ଏହି ଦିବ୍ୟ ଭୂଷଣଟି ଦେଖି ଏବଂ ସମଗ୍ର ବୃତ୍ତାନ୍ତ ଶ୍ରବଣ କରି ଅଶୋକଦତ୍ତଙ୍କର ଯଥେଷ୍ଟ ପ୍ରଶଂସା କଲେ । ଏହି ଅବସରରେ ରାଜା କହିଲେ, 'ଦେବି ! ଅଶୋକଦତ୍ତ ଜାତି, ବିଦ୍ୟା ଓ ଚରିତ୍ରବନ୍ତରେ ଅସାଧାରଣ । ଏହା ସହିତ ଆମର କନ୍ୟା ମଦନଲେଖାର ବିବାହ କରାଇବା ଉଚିତ ହେବ ବୋଲି ମୁଁ ଭାବୁଅଛି । ବରର ଏସବୁ ଗୁଣ ଦେଖି ହିଁ କନ୍ୟାଦାନ କରାଯାଇଥାଏ କିନ୍ତୁ ଅସ୍ଥିର ଧନର ସମ୍ପତ୍ତିର ନୁହେଁ । ତେଣୁ ଏହିପରି ବୀର ପୁରୁଷଙ୍କୁ ହିଁ କନ୍ୟାଦାନ କରିବା ଉଚିତ ।'

ରାଣୀ ମଧ୍ୟ ଏହାକୁ ସମର୍ଥନ କରି କହିଲେ, 'ଏହା ନିଶ୍ଚିତଭାବରେ ଉତ୍ତମ ପ୍ରସ୍ତାବ । ଏ ଯୁବକ ଆମ କନ୍ୟାର ଅନୁରୂପ ଓ ଯୋଗ୍ୟ ମଧ୍ୟ । ମଦନଲେଖା ମଧ୍ୟ ଉଦ୍ୟାନରେ ଏହାଙ୍କୁ ଦେଖି ଏହାଙ୍କ ପ୍ରତି ଆସକ୍ତ ହୋଇ ପଡ଼ିଅଛି । ସେହିଦିନଠାରୁ ସେ ନିର୍ଜ୍ଜନ ସ୍ଥାନରେ ରହି ଏହାଙ୍କର ଗୁଣ ଚିନ୍ତା କରିବାରେ ଲାଗିଛି । ସଖୀମାନଙ୍କଠାରୁ ଏହା ଜାଣିପାରି ମୁଁ ଚିନ୍ତିତ ମନରେ ଶୋଇଥିବା ସମୟରେ କାଲି ବ୍ରାହ୍ମ ମୁହୂର୍ତ୍ତରେ ଏକ ସ୍ୱପ୍ନ ଦେଖି-ଅଛି । ସ୍ୱପ୍ନରେ ଜଣେ ଦିବ୍ୟ ସ୍ତ୍ରୀ ଆସି ମୋତେ କହିଲେ, "ମଦନଲେଖାକୁ ଅନ୍ୟ କାହା ସହିତ ବିବାହ ଦେବ ନାହିଁ । କାରଣ ଅଶୋକଦତ୍ତ ଏହାର ପୂର୍ବଜନ୍ମର ପତି ।" ଏଥିରେ ବିଶ୍ୱାସ କରି ମୁଁ ବର୍ତ୍ତମାନ ତାକୁ ଏ ସମ୍ପର୍କରେ ଆଶ୍ୱାସନା ଦେଇ ଆସିଅଛି । ବର୍ତ୍ତମାନ ଆପଣ ଏହି କଥା କହିବାରୁ ମୁଁ ଭାବୁଛି ଏ ଦୁହିଙ୍କର ବିବାହ କରାଇଦେବା ଉଚିତ ।'

ରାଣୀଙ୍କଠାରୁ ଏହା ଶୁଣି ରାଜା ବିବାହର ଆୟୋଜନ କଲେ । ଯଥା-ସମୟରେ ଉଭୟଙ୍କର ବିବାହ ସମ୍ପାଦିତ ହେଲା । ରାଜକୁମାରୀ ଓ ବ୍ରାହ୍ମଣ-କୁମାର ଲକ୍ଷ୍ମୀ ଓ ବିଷ୍ଣୁତୁଲ୍ୟ ଶୋଭା ପାଇବାକୁ ଲାଗିଲେ ।

ଦିନେ ରାଣୀ ଉପରୋକ୍ତ ଦିବ୍ୟମଣି ନିର୍ମିତ ନୂପୁରଟି ପ୍ରତି ରାଜାଙ୍କର ଦୃଷ୍ଟି ଆକର୍ଷଣ କରି କହିଲେ, 'ଆର୍ଯ୍ୟପୁତ୍ର ! ଏହି ଗୋଟିଏ ନୂପୁର ବ୍ୟବହାର କଲେ ଶୋଭା ପାଇବ ନାହିଁ । ତେଣୁ ଏହାର ଅନୁରୂପ ଅନ୍ୟ ଗୋଟିଏ ତିଆରି କରାଇ ଦିଅନ୍ତୁ ।' ରାଜା ସଙ୍ଗେ ସଙ୍ଗେ ସ୍ୱର୍ଣ୍ଣକାରମାନଙ୍କୁ ଡାକି ଆଦେଶ ପ୍ରଦାନ କଲେ କିନ୍ତୁ ସେମାନେ ଏହାକୁ ଭଲ ଭାବରେ

Digitized by srujanika@gmail.com

ପ୍ରଶଂସା କରି କହିଲେ, 'ମହାରାଜ ! ଏହାର ଅନୁରୂପ ଅନ୍ୟ ନୂପୁର ଏକ ତିଆରି କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବପର ନୁହେଁ । କାରଣ ଏହା ମନୁଷ୍ୟଦ୍ୱାରା ନିର୍ମିତ ନୁହେଁ, କୌଣସି ଦେବତା ଏହାକୁ ନିର୍ମାଣ କରିଅଛନ୍ତି । ପୁଣି ଏଥିରେ ଥିବା ଅଧିକାଂଶ ରତ୍ନ ପୃଥିବୀରେ ମିଳିବ ନାହିଁ । ତେଣୁ ଏ ଗୋଟିକ ଯେଉଁଠାରୁ ମିଳିଅଛି ଅନ୍ୟଟି ପାଇଁ ସେଠାରେ ହିଁ ସନ୍ଧାନ କରନ୍ତୁ ।' ସ୍ୱର୍ଣ୍ଣକାରମାନଙ୍କଠାରୁ ଏହା ଶୁଣି ରାଜା ଓ ରାଣୀ ନିରାଶ ହୋଇପଡ଼ିଲେ । ନିକଟରେ ଥିବା ଅଶୋକଦତ୍ତ ଏମାନଙ୍କ ମନୋଭାବ ଜାଣିପାରି ଅନ୍ୟ ଗୋଟିଏ ନୂପୁର ଆଣିଦେବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କଲେ । ରାଜା ତାଙ୍କର ଏପ୍ରକାର ପ୍ରତିଜ୍ଞାକୁ କେବଳ ଦୁଃସାହସ ବୋଲି ମନେକରି ତାଙ୍କୁ ଏଥିରୁ ନିବୃତ୍ତ କରିବା ନିମନ୍ତେ ଚେଷ୍ଟା କଲେ; କିନ୍ତୁ ଅଶୋକଦତ୍ତ ନିଜ ପ୍ରତିଜ୍ଞାରେ ଅଟଳ ରହିଲେ ।

କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ଦିନ ଉକ୍ତ ନୂପୁରଟିକୁ ଧରି ଅଶୋକଦତ୍ତ ପୂର୍ବୋକ୍ତ ଶ୍ମଶାନରେ ଯାଇ ଉପସ୍ଥିତ ହେଲେ । ସେହି ଭୀଷଣ ଶ୍ମଶାନ ମଧ୍ୟରେ ସେ ଦେଖିବାକୁ ପାଇଲେ ଯେ, ସେହି ସୁନ୍ଦରୀ ନାରୀଟି ବହୁ ରାକ୍ଷସଙ୍କ ମଧ୍ୟରେ ବସି ରହିଅଛି । ତାକୁ ଦେଖି ସେ ନରମାଂସ ବିକ୍ରୟ କରିବା ଉପାୟ ଚିନ୍ତା କଲେ । ବୃକ୍ଷ ଉପରେ ଝୁଲୁଥିବା କୌଣସି ଏକ ଶବକୁ ସ୍କନ୍ଧରେ ଧାରଣ କରି ସେ ଉଚ୍ଚସ୍ୱରରେ କହିବାକୁ ଲାଗିଲେ, 'ମୋ ନିକଟରେ ଯଥେଷ୍ଟ ପରିମାଣରେ ନରମାଂସ ରହିଅଛି । ଯାହାର ଆବଶ୍ୟକ ସେ ମୋଠାରୁ ନେଇପାରନ୍ତି ।' ଏହା ଶୁଣି ସେ ସ୍ତ୍ରୀଟି ତାଙ୍କୁ ନିଜ ନିକଟକୁ ଯିବା ପାଇଁ ଇଙ୍ଗିତ ଦେଲା । ସେ ନିକଟକୁ ଯାଇ ଦେଖିଲେ ଯେ ଉକ୍ତ ସ୍ତ୍ରୀଟି ବିଭିନ୍ନ ଅଳଙ୍କାରରେ ଭୂଷିତ ହୋଇ ଗୋଟିଏ ବେଦୀ ଉପରେ ବସି ରହିଅଛି । ତାର ଚତୁର୍ଦ୍ଦିଗରେ ବହୁ ନାରୀ ବସି ରହିଅଛନ୍ତି । ମରୁଭୂମିରେ ବିକଶିତ ପଦ୍ମତୁଲ୍ୟ ସେ ଶ୍ମଶାନ ମଧ୍ୟରେ ଶୋଭାପାଉଛି । ତାର ନିକଟକୁ ଯାଇ ଅଶୋକଦତ୍ତ, 'ଆପଣଙ୍କର କଣ ନରମାଂସ ଆବଶ୍ୟକ ?' ବୋଲି ପ୍ରଶ୍ନ କରିବାରୁ ସେ କହିଲା, 'ଆପଣ ଏହାକୁ କେତେ ମୂଲ୍ୟରେ ଦେଇପାରିବେ ?' ଏହାର ଉତ୍ତରରେ ବୀର ଅଶୋକଦତ୍ତ ନିଜ ହାତରେ ଥିବା ନୂପୁରଟିକୁ ଦେଖାଇ କହିଲେ, 'ଏପରି ଆଉ ଏକ ନୂପୁର ପାଇଲେ ମୁଁ ଏହା ଆପଣଙ୍କୁ ଦେଇପାରେ ।' ଏହା ଶୁଣି ସେ ସ୍ତ୍ରୀଟି କହିଲା, 'ଏହାର ଅନ୍ୟଟି ମୋ ପାଖରେ

Digitized by srujanika@gmail.com

ସ୍ତ୍ରୀ ଅଟେ । ତୁମ ନିକଟରେ ଥିବା ଏ ନୂପୁରଟି ତୁମେ ମୋଠାରୁ ଛଡ଼ାଇ ନେଇଥିଲ । ସେହିଦିନ ତୁମେ ଯେଉଁ ସ୍ତ୍ରୀଟିକୁ ଶୂଳୀ ନିକଟରେ ଦେଖିଥିଲ, ମୁଁ ସେହି ସ୍ତ୍ରୀ । ବର୍ତ୍ତମାନ ଅନ୍ୟ ରୂପଧାରଣ କରିଥିବାରୁ, ତୁମେ ମୋତେ ଚିହ୍ନି ପାରୁନାହଁ । ମୋର ମାଂସରେ ଆବଶ୍ୟକତା ନାହିଁ । ମୁଁ କହିବା ଅନୁସାରେ ତୁମେ ମୋ ପାଇଁ ଗୋଟିଏ କାମ ସିଦ୍ଧ କରିଦେଇ ପାରିବ, ତାହାହେଲେ ଅନ୍ୟ ନୂପୁରଟି ମୁଁ ତୁମକୁ ପ୍ରଦାନ କରିବି ।' ଅଶୋକଦତ୍ତ ଏଥିରେ ସମ୍ମତ ହେଲେ ।

ଅଶୋକଦତ୍ତ ଓ ବିଦ୍ୟୁତ୍‌ପ୍ରଭାଙ୍କ ବିବାହ କଥା

ସ୍ତ୍ରୀଟି ନିଜର ମନ କଥା ପ୍ରକାଶ କରିବାକୁ ଯାଇ କହିଲା, 'ହେ ଭଦ୍ର ! ହିମାଳୟର ଶିଖର ଦେଶରେ ତ୍ରିଘଣ୍ଟ ନାମକ ଏକ ନଗରୀ ଅଛି । ସେଠାରେ ଲମ୍ବଜିହ୍ୱ ନାମକ ଜଣେ ରାକ୍ଷସରାଜ ଥିଲେ । ମୁଁ ତାଙ୍କର ସ୍ତ୍ରୀ । ମୋର ନାମ ବିଦ୍ୟୁତ୍‌ଶିଖା । ମୁଁ ଇଚ୍ଛା ଅନୁସାରେ ବିଭିନ୍ନ ରୂପଧାରଣ କରିପାରେ । ଆମର ଗୋଟିଏ କନ୍ୟା ଜାତ ହେବା ପରେ ମୋର ପତି କପାଳସ୍ଫୋଟ ନାମକ ରାକ୍ଷସଦ୍ୱାରା ଯୁଦ୍ଧରେ ନିହତ ହେଲେ । ତାଙ୍କ ମୃତ୍ୟୁ ପରେ କପାଳସ୍ଫୋଟ ଆମ ପ୍ରତି ଅନୁଗ୍ରହ ଦେଖାଇ ଆମ ରାଜ୍ୟ ଆମକୁ ପ୍ରଦାନ କରିଅଛନ୍ତି । ବର୍ତ୍ତମାନ ମୁଁ ସେଠାରେ ନିଜର କନ୍ୟା ସହିତ ବାସ କରୁଅଛି ।

ବର୍ତ୍ତମାନ ମୋର କନ୍ୟା ଯୌବନରେ ପଦାର୍ପଣ କରିଥିବା ଯୋଗୁଁ କୌଣସି ଜଣେ ଉତ୍କୃଷ୍ଟ ବୀର ପୁରୁଷ ସହିତ ତାହାର ବିବାହ କରାଇବା ନିମନ୍ତେ ସର୍ବଦା ମୁଁ ଚିନ୍ତିତ । ତେଣୁ ସେହିଦିନ ତୁମେ ରାଜାଙ୍କ ସହିତ ଯାଉଥିଲାବେଳେ ମୁଁ ତୁମକୁ ଦେଖି ଏଠାରେ ରହିଗଲି । ତୁମଭଳି ଏକ ସୁନ୍ଦର ଓ ବୀର ଯୁବକକୁ ମୋ କନ୍ୟାର ଉପଯୁକ୍ତ ପତି ମନେକରି ମୁଁ ତୁମକୁ ଲାଭ କରିବା ନିମନ୍ତେ ଚେଷ୍ଟା କଲି ଏବଂ ଶୂଳୀବିଦ୍ଧ ମନୁଷ୍ୟ କଣ୍ଠରେ ଜଳ ମଗାଇ ତୁମକୁ ଶ୍ମଶାନ ମଧ୍ୟକୁ ନେଇ ଆସିଲି କିନ୍ତୁ ତାହା ପ୍ରକୃତରେ ସତ୍ୟ ନଥିଲା । ପୁଣି ତୁମକୁ ଆକୃଷ୍ଟ କରିବା ନିମନ୍ତେ ମୁଁ ଜାଣି ଜାଣି ମୋର ନୂପୁରଟିକୁ ତୁମ ହାତରେ ଛାଡ଼ିଦେଇ ଚାଲି ଯାଇଥିଲି । ଯାହାଫଳରେ ତୁମକୁ ଲାଭ

Digitized by srujanika@gmail.com

କରିବାର ସୌଭାଗ୍ୟ ପୁଣି ଆଜି ପାଇପାରିଛୁ । ତୁମେ ବର୍ତ୍ତମାନ ଆମ ଗୃହକୁ ଆସି ମୋର କନ୍ୟାକୁ ବିବାହ କର ଏବଂ ଦିବ୍ୟ ନୂପୁରଟି ମଧ୍ୟ ଗ୍ରହଣ କର ।'

ରାକ୍ଷସୀର ଏପ୍ରକାର କଥା ଶୁଣି ଅଶୋକଦତ୍ତ ତାର ମାୟାବଳରେ ତ୍ରିଘଣ୍ଟ ନଗରରେ ଯାଇ ଉପସ୍ଥିତ ହେଲେ । ଦୂରରୁ ଏହି ନଗରଟିକୁ ଦେଖିଲେ ମନେ ହେଉଥିଲା ଯେପରି ସୂର୍ଯ୍ୟଦେବ ଆକାଶରେ ପରିକ୍ରମା କରୁ କରୁ ଏଠାରେ ଶ୍ରାନ୍ତହୋଇ ବିଶ୍ରାମ ନେଇଅଛନ୍ତି । ସେଠାରେ ରାକ୍ଷସରାଜଙ୍କର କନ୍ୟା ବିଦ୍ୟୁତ୍‌ପ୍ରଭାଙ୍କୁ ବିବାହ କରି ସେ କିଛି ଦିନ ଶ୍ୱଶୁରାଳୟରେ ଅବସ୍ଥାନ କଲେ ।

ଦିନେ ସେ ନିଜର ଶାଶୁଙ୍କୁ କହିଲେ, 'ମୋତେ ଦିବ୍ୟ ନୂପୁରଟି ପ୍ରଦାନ କଲେ, ମୁଁ ବାରାଣସୀ ନଗରକୁ ଯାଆନ୍ତି । ସେଠାରେ ରାଜତ୍ୱ କରୁଥିବା ରାଜାଙ୍କୁ ଅନ୍ୟ ନୂପୁରଟି ଆଣିଦେବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରି ମୁଁ ଆସିଅଛି ।' ଜାମାତାଙ୍କର ଏପ୍ରକାର କଥା ଶୁଣି ବିଦ୍ୟୁତ୍‌ଶିଖା ତାଙ୍କୁ ଅନ୍ୟ ନୂପୁରଟି ସହିତ ଗୋଟିଏ ସୁବର୍ଣ୍ଣ ପଦ୍ମ ମଧ୍ୟ ପ୍ରଦାନ କଲେ । ଏଗୁଡ଼ିକ ଧରି ଅଶୋକଦତ୍ତ ପୁଣି ଆସିବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରି ଶାଶୁଙ୍କ ସହିତ ମାୟାବଳରେ ଆସି ପୂର୍ବୋକ୍ତ ଶ୍ମଶାନରେ ପହଞ୍ଚିଲେ । ସେଠାରୁ ଗଲାବେଳେ ବିଦ୍ୟୁତ୍‌ଶିଖା ତାଙ୍କୁ କହିଲେ, 'ତୁମେ ଯଦି କେବେ ଆମ ନଗରକୁ ଯିବାକୁ ଚାହିଁ; ତାହାହେଲେ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ ଏଠାକୁ ଆସିଯିବ । ମୁଁ ପ୍ରତି କୃଷ୍ଣ ଚତୁର୍ଦ୍ଦଶୀରେ ଏହି ଅଶ୍ୱତ୍ଥ ବୃକ୍ଷ ନିକଟକୁ ଆସିଥାଏ । ତୁମେ ଏଠାରେ ମୋର ସାକ୍ଷାତ ପାଇପାରିବ ।' ଏହାପରେ ଅଶୋକଦତ୍ତ ନିଜ ଗୃହକୁ ପ୍ରତ୍ୟାଗମନ କଲେ ।

ଗୋବିନ୍ଦସ୍ୱାମୀ ଉଭୟ ସନ୍ତାନଙ୍କର ବିୟୋଗରେ ଅତ୍ୟନ୍ତ ଦୁଃଖିତ ଥିଲେ । ଅଶୋକଦତ୍ତଙ୍କର ହଠାତ୍ ଆଗମନ ଫଳରେ ତାଙ୍କର ସମସ୍ତ ଦୁଃଖ ଦୂରୀଭୂତ ହେଲା । ତାଙ୍କର ଆଗମନ ସମ୍ବାଦ ଶୁଣି ରାଜା ମଧ୍ୟ ସ୍ୱୟଂ ଆସି ସେଠାରେ ଉପସ୍ଥିତ ହେଲେ ଏବଂ ତାଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କରି ଅତ୍ୟନ୍ତ ଆନନ୍ଦିତ ହେଲେ ।

Digitized by srujanika@gmail.com

ଅଶୋକଦତ୍ତ ରାଜାଙ୍କ ସହିତ ରାଜଭବନକୁ ଯାଇ ଦ୍ୱିତୀୟ ନୂପୁର ଓ ସୁବର୍ଣ୍ଣକମଳ ରାଣୀଙ୍କୁ ପ୍ରଦାନ କଲେ ଏବଂ ନିଜର ଅନୁଭୂତ ବର୍ଣ୍ଣନା କରି ସମସ୍ତଙ୍କର ଆନନ୍ଦ ସଂପାଦନ କଲେ । ରାଜା ଓ ରାଣୀ ଏପରି ଧୈର୍ଯ୍ୟଶାଳୀ ପୁରୁଷଙ୍କୁ ନିଜର ଜାମାତା ରୂପେ ଲାଭ କରିଥିବାରୁ ନିଜକୁ ଧନ୍ୟ ମନେ କଲେ । ଚତୁର୍ଦ୍ଦିଗରେ ଆନନ୍ଦ ଉତ୍ସବ ପରିପାଳିତ ହେଲା । ଦ୍ୱିତୀୟ ଦିନ ରାଜା ନିଜର ପୂଜାଗୃହରେ ସୁବର୍ଣ୍ଣ ପଦ୍ମଟିକୁ ରୌପ୍ୟକଳସ ଉପରେ ସ୍ଥାପନ କଲେ । ଏହି ଶ୍ୱେତକଳସ ଓ ତଲସ୍ଥିତ ପଦ୍ମ, ଅଶୋକଦତ୍ତ ଓ ରାଜାଙ୍କର ଯଥାକ୍ରମେ ମୂର୍ତ୍ତିମଦ୍ୟଶଃ ଓ ପ୍ରତାପତୁଲ୍ୟ ଶୋଭା ପାଇବାକୁ ଲାଗିଲା । ଏହାର ଅନୁପମ ଶୋଭା ଦେଖି ଶିବଭକ୍ତ ରାଜା ଭକ୍ତି ଗଦ୍‌ଗଦ ଚିତ୍ତରେ କହିଲେ, 'ଏହା ଶିବଙ୍କ ମସ୍ତକରେ ଚନ୍ଦ୍ର ଶୋଭା ପାଇଲା ପରି ଦେଖାଯାଉଅଛି ।' ଏହା ଶୁଣି ଅଶୋକଦତ୍ତ ସଙ୍ଗେ ସଙ୍ଗେ କହିଲେ, 'ମହାରାଜ ! ମୁଁ ଆପଣଙ୍କ ପାଇଁ ଅନ୍ୟ ଗୋଟିଏ ସୁବର୍ଣ୍ଣକମଳ ନେଇ ଆସିବି ।' କିନ୍ତୁ ରାଜା ଏଥିରୁ ତାଙ୍କୁ ନିବୃତ୍ତ କରିବାକୁ ଚେଷ୍ଟା କଲେ ।

କିଛି ଦିନ ଅତୀତ ହେଲା । ଅଶୋକଦତ୍ତଙ୍କର ଅଭିଳାଷ ପରିତୃପ୍ତ ହେଲା ନାହିଁ । ପୁଣି କୃଷ୍ଣ ଚତୁର୍ଦ୍ଦଶୀ ଦିନ ନିଜର ସୁପ୍ତା ପତ୍ନୀଙ୍କୁ ପରିତ୍ୟାଗ କରି ସେ ସେହି ଶ୍ମଶାନରେ ଆସି ଉପସ୍ଥିତ ହେଲେ । ସେଠାରେ ନିଜର ରାକ୍ଷସୀ ଶାଶୁଙ୍କ ସହିତ ତାଙ୍କର ସାକ୍ଷାତ ହେଲା ଏବଂ ସେ ତା ସହିତ ହିମାଳୟ ଶିଖରରେ ଥିବା ବିଦ୍ୟୁତ୍‌ପ୍ରଭାଙ୍କ ନିକଟକୁ ଚାଲିଗଲେ ।

କିଛି ଦିନ ସେଠାରେ ବିଦ୍ୟୁତ୍‌ପ୍ରଭାଙ୍କ ସହିତ ମହାଆନନ୍ଦରେ କାଳ-ଯାପନ କଲାପରେ ଦିନେ ସେ ନିଜର ଅଭିଳାଷ ବିଦ୍ୟୁତ୍‌ଶିଖା ନିକଟରେ ପ୍ରକାଶ କଲେ । ଏଥିରେ ସେ କହିଲେ, 'ମୋ ନିକଟରେ ଆଉ ଦ୍ୱିତୀୟ ସ୍ୱର୍ଣ୍ଣପଦ୍ମ ନାହିଁ । ଏଠାରୁ ଯେଉଁ ସରୋବର ଦେଖାଯାଉଛି ତାହା ଆମର ରାଜା କପାଳସ୍ଫୋଟଙ୍କର କେଳି ସରୋବର । ଏଥିରେ ଏପ୍ରକାର ସୁବର୍ଣ୍ଣ-କମଳ ସବୁ ବିକଶିତ ହୋଇଥାଏ । ମୋର ପତିଙ୍କୁ ସେ ଗୋଟିଏ ମାତ୍ର ପଦ୍ମ ପ୍ରଦାନ କରିଥିଲେ ।' ଏହା ଶୁଣି ଅଶୋକଦତ୍ତ ତାଙ୍କୁ ସେହି ସରୋବର ନିକଟକୁ ନେଇଯିବା ନିମନ୍ତେ ଅନୁରୋଧ କଲେ । କିନ୍ତୁ ବିଦ୍ୟୁତ୍‌ଶିଖା ତାଙ୍କୁ ବାରଣ କରି କହିଲେ, 'ଏହା ସମ୍ଭବପର ନୁହେଁ । କାରଣ ଏହି ସରୋବର

Digitized by srujanika@gmail.com

ରକ୍ଷଣ ରାକ୍ଷସମାନଙ୍କଦ୍ୱାରା ସଂରକ୍ଷିତ ।' କିନ୍ତୁ ଅଶୋକଦତ୍ତ, ନିଜ ପ୍ରତିଜ୍ଞାରେ ଅବିଚଳିତ । ସେ ବାରମ୍ବାର ଅନୁରୋଧ କରିବା ଫଳରେ ବିଦ୍ୟୁତ୍‌ଶିଖା ତାଙ୍କୁ ନେଇ ଉକ୍ତ ସରୋବର ନିକଟରେ ପହଞ୍ଚାଇ ଦେଲେ । ଏହି ସରୋବର ସର୍ବଦା ସୂର୍ଯ୍ୟଙ୍କ କିରଣ ଲାଭ କରୁଥିବାରୁ ନବ ବିକଶିତ ସୁବର୍ଣ୍ଣ ପଦ୍ମରେ ପରିପୂର୍ଣ୍ଣ ଥିଲା । ସେ ସରୋବରରୁ ସ୍ୱର୍ଣ୍ଣକମଳ ଚୟନ କରିବା ଆରମ୍ଭ କରନ୍ତେ ରାକ୍ଷସମାନେ ତାଙ୍କୁ ଆକ୍ରମଣ କଲେ । ଅଶୋକଦତ୍ତ ମଧ୍ୟ ନିଜର ଶସ୍ତ୍ର ଉତ୍ତୋଳନ କରି ବହୁ ରାକ୍ଷସଙ୍କୁ ହତ୍ୟା କଲେ । ଫଳରେ କେତେକ ରାକ୍ଷସ ଭୟଭୀତ ହୋଇ କପାଳସ୍ଫୋଟଙ୍କ ନିକଟରେ ଏ ସମ୍ବାଦ ନେଇ ପହଞ୍ଚାଇଲେ । ସେ ରକ୍ଷୀମାନଙ୍କଠାରୁ ଏହା ଶୁଣି କ୍ରୋଧରେ ଅଶୋକଦତ୍ତଙ୍କୁ ହତ୍ୟା କରିବା ପାଇଁ ଦଉଡ଼ି ଆସିଲେ କିନ୍ତୁ ଦୂରରୁ ହିଁ ଅଶୋକଦତ୍ତଙ୍କୁ ଚିହ୍ନିପାରି ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇପଡ଼ିଲେ ।

ରାକ୍ଷସରାଜ କପାଳସ୍ଫୋଟ ଅସ୍ତ୍ରଶସ୍ତ୍ର ପରିତ୍ୟାଗପୂର୍ବକ ଜ୍ୟେଷ୍ଠ ଭ୍ରାତାଙ୍କର ଚରଣ ତଳେ ନିପତିତ ହେଲେ ଏବଂ ନିଜର ପରିଚୟ ଦେଇ କହିଲେ, 'ମୁଁ ତୁମର କନିଷ୍ଠଭ୍ରାତା ବିଜୟଦତ୍ତ । ଆମେ ଦୁହେଁ ବ୍ରାହ୍ମଣ-ଶ୍ରେଷ୍ଠ ଗୋବିନ୍ଦସ୍ୱାମୀଙ୍କ ପୁତ୍ର । ଦୁର୍ଭାଗ୍ୟବଶତଃ ମୁଁ ଏତେଦିନ ଯାଏଁ ରାକ୍ଷସ ହୋଇ ରହିଗଲି । ଚିତା ମଧ୍ୟରେ ପଡ଼ିଥିବା କପାଳକୁ ଫଟାଇଥିବାରୁ ମୋର ନାମ କପାଳସ୍ଫୋଟ ହୋଇଗଲା । ବର୍ତ୍ତମାନ ତୁମର ଦର୍ଶନ ଫଳରେ ମୁଁ ମୋର ବ୍ରାହ୍ମଣତ୍ୱ ସ୍ମରଣ କଲି । ଫଳରେ ମୋର ରାକ୍ଷସତ୍ୱ ଦୂରୀଭୂତ ହେଲା ।

ପରିଚୟ ପାଇ ଅଶୋକଦତ୍ତ ତାଙ୍କୁ କୋଳାଗ୍ରତ କଲେ । ତାଙ୍କର ଅଶ୍ରୁଦ୍ୱାରା ବିଜୟଦତ୍ତଙ୍କ ସମସ୍ତ ପାପ କ୍ଷାଳିତ ହେଲା । ଠିକ୍ ଏହି ସମୟରେ ବିଦ୍ୟାଧରମାନଙ୍କର ଗୁରୁ ପ୍ରଜ୍ଞପ୍ତିକୌଶିକ ଆକାଶମାର୍ଗରୁ ଅବତରଣ କରି ଉଭୟଙ୍କୁ କହିଲେ, 'ତୁମେ ସମସ୍ତେ ବିଦ୍ୟାଧର । ଶାପଗ୍ରସ୍ତ ହୋଇ ତୁମେ ଏପ୍ରକାର ଦଶା ଭୋଗ କରୁଅଛ । ବର୍ତ୍ତମାନ ତୁମର ଶାପକାଳ ଶେଷ ହେଲା । ତୁମେ ନିଜର ବିଦ୍ୟା ଗ୍ରହଣ କରି ବିଦ୍ୟାଧରମାନଙ୍କ ଦଳରେ ମିଳିତ ହୁଅ ।' ଏହା କହି ଏବଂ ସେମାନଙ୍କୁ ବିଦ୍ୟା ପ୍ରଦାନ କରି ପ୍ରଜ୍ଞପ୍ତି-କୌଶିକ ପ୍ରସ୍ଥାନ କଲେ ।

Digitized by srujanika@gmail.com

ଏହାପରେ ସେ ଉଭୟେ ନିଜ ନିଜକୁ ଚିହ୍ନିପାରି ବିଦ୍ୟାଧରତ୍ୱ ଲାଭ କଲେ ଏବଂ ସ୍ୱର୍ଣ୍ଣକମଳଗୁଡ଼ିକ ଧରି ନିଜ ବିଦ୍ୟା ପ୍ରଭାବରେ ହିମାଳୟର ଶିଖର ଦେଶରେ ଥିବା ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ । ସେଠାରୁ ଅଶୋକଦତ୍ତ ରାକ୍ଷସରାଜାଙ୍କ କନ୍ୟା ବିଦ୍ୟୁତ୍‌ପ୍ରଭାଙ୍କୁ ନିଜ ବିଦ୍ୟାବଳରେ ବିଦ୍ୟାଧରୀମାନଙ୍କର ଅନ୍ତର୍ଭୁକ୍ତ କରିଦେଲେ । କିଛି ସମୟ ପରେ ଅଶୋକଦତ୍ତ, ବିଜୟଦତ୍ତ ଓ ବିଦ୍ୟୁତ୍‌ପ୍ରଭା ବିଦ୍ୟାଧରସିଦ୍ଧି ବଳରେ ବାରାଣସୀ ନଗରୀରେ ଉପସ୍ଥିତ ହେଲେ । ପିତା ଏମାନଙ୍କୁ ଦେଖି ବହୁ ଆନନ୍ଦ ଲାଭକଲେ ଏବଂ ପ୍ରତାପମୁକୁଟ ମଧ୍ୟ ଏମାନଙ୍କର ପ୍ରତ୍ୟାବର୍ତ୍ତନ ସମ୍ବାଦ ଶୁଣି ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ହେଲେ । ସମଗ୍ର ରାଜ୍ୟରେ ମହୋତ୍ସବ ପରିପାଳିତ ହେଲା । ଅଶୋକଦତ୍ତ ରାଜଭବନକୁ ଯାଇ ଦୀର୍ଘ ଦିନ ଧରି ଉତ୍‌କଣ୍ଠାର ସହିତ ପ୍ରତୀକ୍ଷା କରିଥିବା ରାଜକୁମାରୀଙ୍କୁ ସାକ୍ଷାତ କଲେ । ରାଜା ନିଜର ଆକାଂକ୍ଷିତ ସ୍ୱର୍ଣ୍ଣକମଳ ଲାଭ କରି ଅତ୍ୟନ୍ତ ପ୍ରସନ୍ନ ହେଲେ ।

ଦିନେ ଗୋବିନ୍ଦସ୍ୱାମୀ ପ୍ରସଙ୍ଗ କ୍ରମେ ବିଜୟଦତ୍ତଙ୍କୁ ରାକ୍ଷସ ଜୀବନ କାଳ ମଧ୍ୟରେ ତାଙ୍କର ଅନୁଭୂତି ବର୍ଣ୍ଣନା କରିବା ନିମନ୍ତେ କହିବାରୁ ସେ କହିଲେ, 'ମୁଁ ଶିଶୁ ସୁଲଭ ଚପଳତା ଫଳରେ ସେହି ଚିତାଗ୍ନି ମଧ୍ୟରେ ପଡ଼ିଥିବା ନରକପାଳଟିକୁ ଦୁଇଖଣ୍ଡ କରିଦେଲି । ସେଥିରୁ ନିର୍ଗତ ହେବା ଚର୍ବି ମୋର ମୁଖମଣ୍ଡଳକୁ ସିକ୍ତ କରିବାଦ୍ୱାରା ମୁଁ ମୋର ସମସ୍ତ ବୁଦ୍ଧିବୃତ୍ତି ହରାଇ ଗୋଟିଏ ରାକ୍ଷସରେ ପରିଣତ ହୋଇଗଲି । ଏହାପରେ ଅନ୍ୟ ରାକ୍ଷସମାନେ ମୋତେ କପାଳସ୍ଫୋଟ ନାମରେ ନାମିତ କରି ଆହ୍ୱାନ କରିବା ଫଳରେ ମୁଁ ସେମାନଙ୍କର ଦଳ ମଧ୍ୟରେ ଅନ୍ତର୍ଭୁକ୍ତ ହେଲି । ସେମାନେ ମୋତେ ତାଙ୍କର ରାଜାଙ୍କ ନିକଟକୁ ନେଇଗଲେ । ରାଜା ମୋତେ ଦେଖି ପ୍ରସନ୍ନ ହୋଇ ତାଙ୍କର ସେନାପତି ରୂପେ ନିଯୁକ୍ତ ଦେଲେ । କିଛି ଦିନ ପରେ ସେ ଗର୍ବରେ ଉନ୍ମତ୍ତ ହୋଇ ଗନ୍ଧର୍ବମାନଙ୍କୁ ଆକ୍ରମଣ କଲେ ଏବଂ ଯୁଦ୍ଧରେ ସେମାନଙ୍କ ଦ୍ୱାରା ନିହତ ହେଲେ । ସେତେବେଳେ ରାକ୍ଷସମାନେ ମୋତେ ରାଜା ବୋଲି ସ୍ୱୀକାର କରି ରାକ୍ଷସରାଜ ପଦରେ ଅଭିଷିକ୍ତ କଲେ । ସେଠାରେ ରାଜତ୍ୱ କରୁଥିବା ସମୟରେ ହଠାତ୍ ଜ୍ୟେଷ୍ଠଭ୍ରାତାଙ୍କ ସହିତ ମୋର ସାକ୍ଷାତ ହେଲା । ତାଙ୍କୁ ଦେଖି ମୁଁ ରାକ୍ଷସ ରୂପରୁ ମୁକ୍ତିଲାଭ କଲି ।

Digitized by srujanika@gmail.com

ଏହାପରେ ଆମ୍ଭେମାନେ କପରି ଶାପମୁକ୍ତ ହେଲୁ ଏବଂ ବିଦ୍ୟାଧରପଦବି ଲାଭକଲୁ ତାହା ଭାଇ ଅଶୋକଦତ୍ତ ଆପଣଙ୍କୁ ଶୁଣାଇବେ ।’

ବିଜୟଦତ୍ତ ଏହିପରି କହିବା ଫଳରେ ଅଶୋକଦତ୍ତ ତାଙ୍କର ବକ୍ତବ୍ୟ ଆରମ୍ଭ କଲେ । ‘ପୂର୍ବକାଳରେ ଆମେ ଦୁହେଁ ବିଦ୍ୟାଧର ଥିଲୁ । ସେହି ସମୟରେ ଆମେ ଗାଲବ ମୁନିଙ୍କ ଆଶ୍ରମ ନିକଟରେ ଗଙ୍ଗାସ୍ନାନ କରୁଥିବା କେତେକ ମୁନିକନ୍ୟାଙ୍କୁ ଦେଖିବାକୁ ପାଇଲୁ । ସେମାନଙ୍କୁ ଉପଭୋଗ କରିବା ନିମନ୍ତେ ଏକାନ୍ତ ସ୍ଥାନର ସନ୍ଧାନ ନେଉଥିବାବେଳେ ଋଷି କୁମାରମାନେ ଆମ୍ଭମାନଙ୍କୁ ମନୁଷ୍ୟ ଜନ୍ମ ଲାଭ କରିବା ନିମନ୍ତେ ଅଭିଶାପ ଦେଲେ । ଆମେ କପରି ଶାପରୁ ମୁକ୍ତିଲଭ କରିବୁ ସେ ସମ୍ପର୍କରେ ସୂଚନା ଦେବାକୁ ଯାଇ ସେମାନେ କହିଥିଲେ, ‘ତୁମ ଦୁହିଙ୍କର ଅଳ୍ପ ବୟସରେ ବିଚ୍ଛେଦ ହେବ । ମନୁଷ୍ୟମାନଙ୍କର ଅଗମ୍ୟ ଏକ ସ୍ଥାନରେ ପରସ୍ପର ସାକ୍ଷାତ କଲେ ତୁମ ପୂର୍ବଜନ୍ମ ସ୍ମରଣ କରିପାରିବ । ଏ ସମୟରେ ବିଦ୍ୟାଧର-ମାନଙ୍କର ଗୁରୁ ତୁମମାନଙ୍କୁ ବିଦ୍ୟା ପ୍ରଦାନ କରିବେ । ଏହି ବିଦ୍ୟାର ପ୍ରଭାବ ଫଳରେ ତୁମ୍ଭେମାନେ ଶାପମୁକ୍ତ ହେବ ।’ ଏହିପରି ମୁନିମାନଙ୍କଦ୍ୱାରା ଶାପଗ୍ରସ୍ତ ହୋଇ ଆମ୍ଭେମାନେ ମନୁଷ୍ୟ ଜନ୍ମଗ୍ରହଣ କରିଥିଲୁ । ଏଠାରେ ଆମ୍ଭମାନଙ୍କର କପରି ବିଚ୍ଛେଦ ଘଟିଲା ତାହା ଆପଣ ଜାଣନ୍ତି । ମୁଁ ଯେତେ-ବେଳେ ସ୍ୱର୍ଣ୍ଣକମଳ ଆଣିବା ନିମନ୍ତେ ମୋର ରାକ୍ଷସୀ ଶାଶୁଙ୍କ ସହିତ କପାଳସ୍ଫୋଟ ନଗରକୁ ଗଲି ସେତେବେଳେ ବିଜୟଦତ୍ତ ସହିତ ମୋର ସାକ୍ଷାତ ହେଲା । ସେଠାରେ ଗୁରୁ ପ୍ରଜ୍ଞପ୍ତିକୌଶିକଙ୍କଠାରୁ ବିଦ୍ୟାଲାଭ କରି ଆମ୍ଭେମାନେ ଶାପମୁକ୍ତ ହେଲୁ ।

ଏହା କହିସାରି ଅଶୋକଦତ୍ତ ନିଜ ବିଦ୍ୟାପ୍ରଭାବରେ ପିତା, ମାତା ଓ ପତ୍ନୀ ମଦନଲେଖାଙ୍କୁ ବିଦ୍ୟାଧରତ୍ୱ ପ୍ରଦାନ କଲେ ଏବଂ ପ୍ରତାପମୁକୁଟଙ୍କୁ ସାକ୍ଷାତ କରି ସମସ୍ତଙ୍କ ସହିତ ଆକାଶମାର୍ଗରେ ପ୍ରସ୍ଥାନ କଲେ । ସ୍ୱରାଜଧାନୀରେ ଉପସ୍ଥିତ ହୋଇ ସେମାନେ ବିଦ୍ୟାଧର ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ନାମ ପରିବର୍ତ୍ତନ କରି ଅଶୋକବେଗ ଓ ବିଜୟବେଗ ରୂପରେ ପରିଚିତ ହେଲେ ଏବଂ ନିଜର ପରିବାରବର୍ଗଙ୍କ ସହ ଗୋବିନ୍ଦକୂଟ ନାମକ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ।

Digitized by srujanika@gmail.com

ଏଣେ ରାଜା ମଧ୍ୟ ଗୋଟିଏ ସୁବର୍ଣ୍ଣକମଳ ରୌପ୍ୟ କଳସରେ ସ୍ଥାପନ କରି ଏବଂ ଅନ୍ୟ କମଳଗୁଡ଼ିକଦ୍ୱାରା ଶିବଙ୍କର ଉପାସନା କରି ନିଜକୁ ଧନ୍ୟ ମନେ କଲେ ।

ଏହିପରି କୌଣସି ଶାପଫଳରେ ଦିବ୍ୟଲୋକରୁ ଜୀବଲୋକରେ ଅବତରଣ କରିଥିବା କେତେକ ବ୍ୟକ୍ତି ଅତି ଦୁଃସାଧ୍ୟ କାର୍ଯ୍ୟରେ ମଧ୍ୟ ସିଦ୍ଧି ଲାଭ କରିଥାଆନ୍ତି । ତେଣୁ ମୁଁ ଭାବୁଛି, ତୁମେ ମଧ୍ୟ ସେହିପରି କୌଣସି ଦେବ ଅଂଶରୁ ସମ୍ଭୂତ । କଠିନରୁ କଠିନତର କାର୍ଯ୍ୟରେ ଉତ୍ସାହିତ ହେବା ମହାପୁରୁଷମାନଙ୍କର ଲକ୍ଷଣ । ତୁମର ପ୍ରେୟସୀ ରାଜକୁମାରୀ ମଧ୍ୟ ନିଶ୍ଚିତ ଭାବରେ କୌଣସି ଦିବ୍ୟ ସ୍ତ୍ରୀ ନଚେତ୍ ସେ କଦାପି କନକପୁରୀ ଦେଖିବା ପୁରୁଷଙ୍କୁ ବିବାହ କରିବା ପାଇଁ ଇଚ୍ଛାପ୍ରକାଶ କରିନଥାନ୍ତେ ।'

ବିଷ୍ଣୁଦତ୍ତଙ୍କଠାରୁ ଏପ୍ରକାର ପରମ ସୁନ୍ଦର କଥା ଶୁଣି ଶକ୍ତିଦେବ ହୃଦୟରେ କନକପୁରୀ ଦର୍ଶନର ଅଭିଳାଷକୁ ଅଧିକ ଦୃଢ଼ତର କରି ଧୈର୍ଯ୍ୟର ସହିତ ଦିନ ଯାପନ କଲେ ।

Digitized by srujanika@gmail.com

ତୃତୀୟ ତରଙ୍ଗ

ଶକ୍ତିଦେବଙ୍କ କନକପୁରୀ ପ୍ରସ୍ଥାନ

ଏହାପରେ ଶକ୍ତିଦେବ ଉତ୍ସ୍ଥଳ ଦ୍ୱୀପର ପୂର୍ବୋକ୍ତ ମଠରେ ରାତିଯାପନ କଲେ । ପରଦିନ ପ୍ରଭାତରୁ ସତ୍ୟବ୍ରତ ତାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, 'ଦେବ ! ମୁଁ ତୁମର ଇଷ୍ଟସିଦ୍ଧି ନିମିତ୍ତ ଏକ ଉପାୟ ଚିନ୍ତା କରିଅଛି । ସମୁଦ୍ର ମଧ୍ୟରେ ରତ୍ନକୂଟ ନାମରେ ଗୋଟିଏ ଦ୍ୱୀପ ଅଛି । ସେଠାରେ ଭଗବାନ ବିଷ୍ଣୁଙ୍କର ଏକ ରମଣୀୟ ମନ୍ଦିର ମଧ୍ୟ ରହିଅଛି । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ଦିନ ସେଠାରେ ବିରାଟ ଉତ୍ସବ ପାଳିତ ହୁଏ । ଏହି ଅବସରରେ ବିଭିନ୍ନ ଦ୍ୱୀପରୁ ବହୁଲୋକ ଏଠାରେ ଉପସ୍ଥିତ ହୋଇ ଭଗବାନଙ୍କର ଉପାସନା କରନ୍ତି । ସେଠାକୁ ଗଲେ ହୁଏତ କୌଣସି ଯାତ୍ରୀଠାରୁ କନକପୁରୀର ସନ୍ଧାନ ମିଳିପାରେ । ତେଣୁ ଚାଲନ୍ତୁ ବର୍ତ୍ତମାନ ହିଁ ସେଠାକୁ ପ୍ରସ୍ଥାନ କରିବା । ଦ୍ୱାଦଶୀ ତିଥି ନିକଟ ହୋଇ ଆସିଲାଣି ।' ତାଙ୍କ କଥାରେ ସମ୍ମତ ହୋଇ ଶକ୍ତିଦେବ ବିଷ୍ଣୁଦତ୍ତଙ୍କଦ୍ୱାରା ପ୍ରଦତ୍ତ ପାଥେୟ ନେଇ ସତ୍ୟବ୍ରତଙ୍କ ସହିତ ସମୁଦ୍ର ଯାତ୍ରା ଆରମ୍ଭ କଲେ ।

କିଛି ଦୂର ଅଗ୍ରସର ହେଲାପରେ ସେ ସତ୍ୟବ୍ରତଙ୍କୁ ପଚାରିଲେ, 'ଦୂରରେ ଯେଉଁ ପକ୍ଷୀସଙ୍କୁଳ ପର୍ବତତୁଲ୍ୟ କେତେଗୁଡ଼ିଏ ପଦାର୍ଥ ଦେଖା ଯାଉଅଛି, ସେଗୁଡ଼ିକ କଅଣ ହୋଇପାରେ ?' ଉତ୍ତରରେ ସତ୍ୟବ୍ରତ କହିଲେ, 'ତାହା ବଟବୃକ୍ଷରୂପୀ ଏକ ଦେବତା । ତାହା ନିକଟରେ ଗୋଟିଏ ଜଳଭଉଁରୀ ସର୍ବଦା ଘୂରି ବୁଲୁଛି । ତାହାକୁ ନାବିକମାନେ ବଡ଼ବାଗ୍ନିର ମୁଖ ବୋଲି ବିଶ୍ୱାସ କରିଥାଆନ୍ତି । ତେଣୁ ସେମାନେ ସେହି ସ୍ଥାନକୁ ଯିବା ନିମନ୍ତେ ସାହସ କରିନଥାନ୍ତି । କାରଣ ଥରେ ତା ଭିତରେ ପ୍ରବେଶ କଲେ ପୁଣି ଫେରିଆସିବା ସମ୍ଭବପର ନୁହେଁ ।'

Digitized by srujanika@gmail.com

ସତ୍ୟବ୍ରତ ଏହା କହୁ କହୁ ନୌକାଟି ଜଳସ୍ରୋତର ବେଗରେ ସେହି ଆବର୍ତ୍ତ ଦିଗକୁ ଗତିକଲା । ଏହା ଦେଖି ସତ୍ୟବ୍ରତ ଅଧୀର ହୋଇ କହିଲେ, 'ବର୍ତ୍ତମାନ ଆମର ବିନାଶ କାଳ ଉପସ୍ଥିତ । ନୌକାଟି ଯେପରି ବେଗରେ ସେ ଦିଗକୁ ଗତି କରୁଛି ତାକୁ ନିୟନ୍ତ୍ରଣ କରିବା ଆଉ ସମ୍ଭବପର ନୁହେଁ । ତେଣୁ ଆମର ମୃତ୍ୟୁ ସୁନିଶ୍ଚିତ । ଅବଶ୍ୟ ଏଥିରେ ମୋର ତିଳେମାତ୍ର ଦୁଃଖ ନାହିଁ । କାରଣ ମନୁଷ୍ୟ ପୃଥିବୀରେ ଜନ୍ମଗ୍ରହଣ କଲେ ଦିନେ ନା ଦିନେ ନିଶ୍ଚିତଭାବରେ ମୃତ୍ୟୁ ବରଣ କରିଥାଏ । କିନ୍ତୁ ଏତେ କଷ୍ଟ ସହ୍ୟ କରି ସୁଦ୍ଧା ତୁମର ଅଭୀଷ୍ଟ ସିଦ୍ଧ ହୋଇପାରିଲା ନାହିଁ, ଏହି ଦୁଃଖ ହିଁ ମୋତେ ଅଧୀର କରି ପକାଉଛି । ମୁଁ ବର୍ତ୍ତମାନ ମୋର ସମସ୍ତ ବଳ ପ୍ରୟୋଗ କରି ନୌକାଟିକୁ କିଛି ସମୟ ଅଟକାଇ ରଖୁଅଛି । ଏହି ସମୟ ମଧ୍ୟରେ ତୁମେ ଏହି ବଟବୃକ୍ଷର କୌଣସି ଶାଖାକୁ ଆଶ୍ରୟ କରିବା ନିମନ୍ତେ ଚେଷ୍ଟାକର । ତୁମର ଏ ସୁନ୍ଦର ଆକୃତି ଦେଖିଲେ ମନେ ହେଉଛି, ନିଶ୍ଚୟ ତୁମର କଲ୍ୟାଣ ହେବ । ଦେବତାର ବିଧାନ ଓ ସମୁଦ୍ରର ତରଙ୍ଗ ସମ୍ପର୍କରେ ଜ୍ଞାତ ହେବା ଆଦୌ ସମ୍ଭବପର ନୁହେଁ ।' ଧୈର୍ଯ୍ୟଶାଳୀ ସତ୍ୟବ୍ରତ ଏହିପରି କହୁଥିବା ବେଳେ ନୌକାଟି ଆସି ବଟବୃକ୍ଷର ନିକଟବର୍ତ୍ତୀ ହେଲା । ଶକ୍ତିଦେବ ବ୍ୟାକୁଳତାର ସହିତ ଏହାର ଗୋଟିଏ ସ୍ଥୂଳ ଶାଖାକୁ ଆଶ୍ରୟ କଲେ । କିନ୍ତୁ ସତ୍ୟବ୍ରତ ପରୋପକାର ନିମିତ୍ତ ନିଜ ଶରୀରକୁ ବଡ଼ବାନଳ ମୁଖରେ ଆହୁତି ପ୍ରଦାନ କଲେ ।

ଶକ୍ତିବେଗ ବୃକ୍ଷଶାଖାକୁ ଆଶ୍ରୟ କରି ପ୍ରାଣରକ୍ଷା କଲେ ମଧ୍ୟ ନିରାଶ ହୋଇପଡ଼ିଲେ; କାରଣ କନକପୁରୀର ସନ୍ଧାନ ସେ ବର୍ତ୍ତମାନ ସୁଦ୍ଧା ପାଇ ନାହାନ୍ତି । ଏଣେ ଯିଏ ତାଙ୍କୁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରୁଥିଲେ ଭାଗ୍ୟର ବିଡ଼ମ୍ବନାରୁ ସେ ମଧ୍ୟ ବର୍ତ୍ତମାନ ଚାଲିଗଲେ । ଭାଗ୍ୟର ଏପ୍ରକାର ଅପୂର୍ବ ଗତି ସମ୍ପର୍କରେ ସେ ଚିନ୍ତା କରୁ କରୁ ସୂର୍ଯ୍ୟ ଅସ୍ତାଚଳଗାମୀ ହେଲେ । ବିଭିନ୍ନ ଦିଗରୁ ବିକଟ ଶବ୍ଦ କରି ବହୁ ବିଶାଳ ପକ୍ଷୀସମୂହ ଆସି ଏହି ବଟବୃକ୍ଷରେ ଆଶ୍ରୟ ନେବାକୁ ଲାଗିଲେ । ଏମାନଙ୍କର ଖେଚରତା ଓ ବିଶାଳତା ସନ୍ଦର୍ଶନ କରି ସେ ପତ୍ର ଗହଳରେ ଆତ୍ମଗୋପନପୂର୍ବକ ଏମାନଙ୍କର କଥୋପ-କଥନ ଶ୍ରବଣ କରିବା ପାଇଁ ଚେଷ୍ଟା କଲେ । ସେମାନେ ମନୁଷ୍ୟ ସ୍ୱରରେ ସେହିଦିନର ଅନୁଭୂତି ସମ୍ପର୍କରେ କଥାବାର୍ତ୍ତା କରୁ କରୁ ଗୋଟିଏ ବୃଦ୍ଧ

Digitized by srujanika@gmail.com

ପକ୍ଷୀ କହିଲା, 'ମୁଁ ଆଜ ଖାଦ୍ୟ ଆହରଣ ପାଇଁ କନକପୁରୀ ଯାଇଥିଲି । କାଲି ସକାଳୁ ମଧ୍ୟ ସେହି ଦ୍ୱୀପକୁ ହିଁ ଯିବି । ପରିଶ୍ରମ କରି ଦୂରଦୂରାନ୍ତରକୁ ଯିବାରେ କଷ୍ଟ ଲାଭ ନାହିଁ ।' ଏହା ଶୁଣିପାରି ଶକ୍ତିବେଗଙ୍କ ହୃଦୟ ଆନନ୍ଦରେ ନାଚି ଉଠିଲା ସେ କନକପୁରୀର ସନ୍ଧାନ ପାଇ ସେଠାକୁ ଯିବାର ଉପାୟ ଚିନ୍ତା କରିବାକୁ ଲାଗିଲେ । ବହୁ ଚିନ୍ତା କରି ଶେଷରେ ସେ ଏହି ପକ୍ଷୀର ସାହାଯ୍ୟରେ ହିଁ ସେଠାକୁ ଯିବା ପାଇଁ ନିଷ୍ପତ୍ତି କଲେ ଏବଂ ପକ୍ଷୀଟି ଶୋଇପିବା ପରେ ଧୀରେ ଧୀରେ ଯାଇ ସେ ତା ପକ୍ଷ ମଧ୍ୟରେ ନିଜକୁ ଲୁକ୍କାୟିତ କରି ରଖିଲେ । ପରଦିନ ପ୍ରଭାତରୁ ଅନ୍ୟାନ୍ୟ ପକ୍ଷୀମାନେ ଚାଲିଯିବା ପରେ ସେହି ବୃଦ୍ଧ ପକ୍ଷୀଟି ନିଜର ବିଶାଳ ପକ୍ଷ ବିସ୍ତାର କରି ଆକାଶମାର୍ଗରେ ଉଡିଯିବାକୁ ଲାଗିଲା । ଶକ୍ତିଦେବ ମଧ୍ୟ ତାର ପକ୍ଷକୁ ଆଶ୍ରୟ କରି ତାହା ସହିତ ଉଡ଼ିବାକୁ ଲାଗିଲେ । ମୁହୂର୍ତ୍ତକ ମଧ୍ୟରେ ପକ୍ଷୀଟି ଯାଇ କନକପୁରୀର କୌଣସି ଏକ ରମଣୀୟ ଉଦ୍ୟାନ ମଧ୍ୟରେ ଅବତରଣ କଲା । ଶକ୍ତିଦେବ ମଧ୍ୟ ଧୀରେ ଧୀରେ ତାର ପକ୍ଷ ମଧ୍ୟରୁ ବାହାରି ଦୂରକୁ ଚାଲିଗଲେ ।

ସେହି ଉଦ୍ୟାନ ମଧ୍ୟରେ ଭ୍ରମଣ କରୁଥିବା ସମୟରେ ପୁଷ୍ପଚୟନ କରୁଥିବା କେତେ ଜଣ ସୁନ୍ଦରୀ ରମଣୀ ତାଙ୍କର ଦୃଷ୍ଟି ଆକର୍ଷଣ କଲେ । ତାଙ୍କ ନିକଟକୁ ଯାଇ ସେମାନଙ୍କର ଓ ସେହି ସ୍ଥାନର ପରିଚୟ ଜିଜ୍ଞାସା କରିବାରୁ ସେମାନେ ଉତ୍ତର ଦେଲେ, 'ଏହା କନକପୁରୀ ନାମକ ନଗରୀ । ଏଠାରେ ବିଦ୍ୟାଧରମାନେ ବାସ କରନ୍ତି । ଆମ୍ଭେମାନେ ଚନ୍ଦ୍ରପ୍ରଭା ନାମକ ବିଦ୍ୟାଧରୀଙ୍କ ଉଦ୍ୟାନପାଳିକା । ଏହି ଫୁଲ ସବୁ ତାଙ୍କ ପାଇଁ ହିଁ ସଂଗ୍ରହ କରୁଅଛୁ ।' ଶକ୍ତିଦେବ ସେହି ବିଦ୍ୟାଧରୀଙ୍କ ସହିତ ତାଙ୍କର ସାକ୍ଷାତ କରାଇ ଦେବା ନିମନ୍ତେ ସେମାନଙ୍କୁ ଅନୁରୋଧ କରିବାରୁ ସେମାନେ ତାଙ୍କୁ ରାଜ-ଭବନ ମଧ୍ୟକୁ ନେଇଗଲେ । ରାଜଭବନରେ ସୁବର୍ଣ୍ଣନିର୍ମିତ ଦ୍ୱାର, ମାଣିକ୍ୟର ସ୍ତମ୍ଭ ଏବଂ ହୀରା ଓ ମୀନାର ଗୃହ ଦେଖି, ଏହା ଲକ୍ଷ୍ମୀଙ୍କର ବାସସ୍ଥାନ ବୋଲି ତାଙ୍କର ମନେ ହେଲା । ଏହାଙ୍କୁ ଦେଖି ଚନ୍ଦ୍ରପ୍ରଭାଙ୍କର ସମସ୍ତ ପରିଚାରିକା ସଙ୍ଗେ ସଙ୍ଗେ ଯାଇ ଗୋଟିଏ ମନୁଷ୍ୟର ଆଶ୍ଚର୍ଯ୍ୟଜନକ ଆଗମନ ସମ୍ବାଦ ତାଙ୍କୁ ପ୍ରଦାନ କଲେ । ସେ ମଧ୍ୟ ଦ୍ୱାରପାଳକୁ ଆଦେଶ ଦେଇ ଅବିଳମ୍ବେ ଶକ୍ତିଦେବଙ୍କୁ ନିଜ ନିକଟକୁ ଡକାଇ ନେଲେ । ଶକ୍ତିଦେବ

Digitized by srujanika@gmail.com

ତାଙ୍କର ଅପରୂପ ସୌନ୍ଦର୍ଯ୍ୟ ଦେଖି ବିସ୍ମିତ ହୋଇପଡ଼ିଲେ । ଚନ୍ଦ୍ରପ୍ରଭା ପ୍ରଥମ ଦର୍ଶନରେ ହିଁ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ସାଦର ସମ୍ବର୍ଦ୍ଧନା ଜ୍ଞାପନପୂର୍ବକ ତାଙ୍କର ପରିଚୟ ଜିଜ୍ଞାସା କଲେ । ଚନ୍ଦ୍ରପ୍ରଭାଙ୍କର ଉତ୍ସୁକତା ଦେଖି ଶକ୍ତିଦେବ ନିଜର ଦେଶ, ଜାତି ଓ ନାମ କହିବା ପରେ ସେ କପରି କନକପୁରୀ ଦର୍ଶନ କରି ରାଜକୁମାରୀଙ୍କୁ ବିବାହ କରିବା ନିମନ୍ତେ ପ୍ରତିଜ୍ଞା କରିଅଛନ୍ତି ତାହା ମଧ୍ୟ ଆମୂଳଚୂଳ ବର୍ଣ୍ଣନା କରିଗଲେ ।

ଏସବୁ ଶୁଣି ଚନ୍ଦ୍ରପ୍ରଭା ପ୍ରଥମେ କିଛି ସମୟ ଚିନ୍ତିତ ହୋଇପଡ଼ିଲେ ଏବଂ ପରେ ଦୀର୍ଘନିଃଶ୍ୱାସ ପରିତ୍ୟାଗପୂର୍ବକ ଏକାନ୍ତରେ ଶକ୍ତିଦେବଙ୍କୁ କହିଲେ, 'ଏଠାରେ ଶଶିଧର ନାମକ ବିଦ୍ୟାଧର ରାଜତ୍ୱ କରନ୍ତି । କ୍ରମଶଃ ଆମେ ଚାରିଜଣ ତାଙ୍କର କନ୍ୟାରୂପରେ ଜନ୍ମଗ୍ରହଣ କଲୁ । ମୁଁ ତାଙ୍କର ଜ୍ୟେଷ୍ଠା କନ୍ୟା । ମୋର ନାମ ଚନ୍ଦ୍ରପ୍ରଭା, ଦ୍ୱିତୀୟାର ନାମ ଚନ୍ଦ୍ରରେଖା, ତୃତୀୟା ଶଶିରେଖା ଓ କନିଷ୍ଠା ଶଶିପ୍ରଭା । ଆମ୍ଭେମାନେ ପିତାଙ୍କ ଗୃହରେ ହିଁ ଯୌବନ ପ୍ରାପ୍ତ ହେଲୁ । ଦିନେ ମୋ ବ୍ୟତୀତ ଅନ୍ୟ ତିନି ଭଗିନୀ ଗଙ୍ଗାସ୍ନାନ କରିବା ସକାଶେ ଯାଇଥାଆନ୍ତି । ଯୌବନ ମଦରେ ଉନ୍ମତ୍ତ ହୋଇ ସେମାନେ ଜଳକ୍ରୀଡ଼ା କରୁଥିବା ସମୟରେ ଉଗ୍ରତପା ନାମକ ମହର୍ଷିଙ୍କ ଉପରକୁ ଜଳ ନିକ୍ଷେପ କଲେ । ସେ ବାରମ୍ବାର ବାରଣ କରିବା ସତ୍ତ୍ୱେ ତାଙ୍କୁ ଅବଜ୍ଞା କରି ବିବ୍ରତ କରିବାରୁ ସେ ଏହି ତିନି ଜଣଙ୍କୁ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କରିବା ପାଇଁ ଅଭିଶାପ ଦେଲେ ।

ଏହି ଶାପବୃତ୍ତାନ୍ତ ଶୁଣି ପିତା ଶଶିଧର ମହର୍ଷିଙ୍କୁ ବହୁତ ଅନୁନୟ ବିନୟ କରିବାରୁ ସେ ପ୍ରତ୍ୟେକଙ୍କର ଶାପାନ୍ତ ଭିନ୍ନ ଭିନ୍ନ ରୂପରେ ହେବ ବୋଲି ନିର୍ଦ୍ଦେଶ ଦେଲେ । କିନ୍ତୁ ଦିବ୍ୟଜ୍ଞାନ ଯୋଗୁଁ ସେମାନେ ଜାତିସ୍ମର ହେବେ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ । ସେମାନେ ମର୍ତ୍ତ୍ୟଲୋକକୁ ଚାଲିଯିବା ପରେ ପିତା ସେହି ଦୁଃଖରେ ରାଜ୍ୟଶାସନ ଭାର ମୋ ଉପରେ ନ୍ୟସ୍ତ କରି ବାନପ୍ରସ୍ଥ ଅବଲମ୍ବନ କଲେ ।

ଏହାପରେ ଏହି ନିର୍ଜ୍ଜନ ରାଜଭବନରେ କାଳଯାପନ କରୁଥିବାବେଳେ ଦିନେ ପାର୍ବତୀ ଆସି ସ୍ୱପ୍ନରେ ମୋତେ କହିଲେ ଯେ ମୁଁ ଜଣେ ମନୁଷ୍ୟକୁ

Digitized by srujanika@gmail.com

ନିଜର ପତିରୂପରେ ଲାଭ କରିବ । ତେଣୁ ବିଦ୍ୟାଧର କୁଳରେ ବହୁ ବର ପୁରୁଷଙ୍କୁ ପରିତ୍ୟାଗ କରି ମୁଁ ବର୍ତ୍ତମାନ ସୁଦ୍ଧା କୁମାରୀ ଅବସ୍ଥାରେ ହିଁ ରହିଅଛି । ଆଜି ଆପଣଙ୍କର ଆଶ୍ଚର୍ଯ୍ୟକର ଆଗମନ ଓ ଆପଣଙ୍କର ସୁନ୍ଦର ରୂପ ଓ ଯୌବନ ଦର୍ଶନକରି ଅଭିଭୂତ ହୋଇ ପଡ଼ିଅଛି । ଆଗାମୀ ଚତୁର୍ଦ୍ଦଶୀ ଦିନ ଋଷଭ ନାମକ ପର୍ବତକୁ ଯାଇ ସେଠାରେ ମୁଁ ମୋର ପିତାଙ୍କୁ ଆପଣଙ୍କ ସମ୍ପର୍କରେ ସୂଚନା ଦେବି । କାରଣ ପ୍ରତିବର୍ଷ ଏହି ଦିନ ସେଠାରେ ଶିବରାତ୍ରି ଉତ୍ସବ ପରିପାଳିତ ହୁଏ । ବିଭିନ୍ନ ଦେଶରୁ ବହୁଲୋକ ଆସି ସେଠାରେ ଏକତ୍ରିତ ହୁଅନ୍ତି । ମୋର ପିତା ମଧ୍ୟ ଏହି ଅବସରରେ ସେଠାକୁ ଆସିଥାଆନ୍ତି । ମୁଁ ପିତାଙ୍କର ଆଦେଶ ନେଇ ଆସିଲା ପରେ ଆପଣଙ୍କ ସହିତ ମୋର ବିବାହ ହେବ । ସେହିଦିନ ପର୍ଯ୍ୟନ୍ତ ଏଠାରେ ଅପେକ୍ଷା କରିବା ପାଇଁ ମୋର ଏକାନ୍ତ ଅନୁରୋଧ ।' ଏଥିରେ ଆନନ୍ଦିତ ହୋଇ ଶକ୍ତିଦେବ ଦିବ୍ୟଭୋଗ ଉପଲବ୍ଧି କରି ସେଠାରେ କାଳଯାପନ କରିବାକୁ ଲାଗିଲେ ।

କିଛିଦିନ ପରେ ଚତୁର୍ଦ୍ଦଶୀ ତିଥି ଉପଗତ ହେଲା । ଚନ୍ଦ୍ରପ୍ରଭା ଶକ୍ତିଦେବଙ୍କୁ କହିଲେ, 'ଆଜି ମୁଁ ପିତାଙ୍କ ନିକଟରେ ଆପଣଙ୍କ କଥା ନିବେଦନ କରିବା ନିମନ୍ତେ ଯାଉଅଛି । ମୋର ସମସ୍ତ ସେବକସେବିକା ମୋ ସହିତ ସେଠାକୁ ଚାଲିଯିବେ । ଏହି ଦୁଇଦିନ ଆପଣଙ୍କୁ ଏଠାରେ ଏକାକୀ ହିଁ ରହିବାକୁ ହେବ । ଆପଣ ନିଜ ଇଚ୍ଛା ଅନୁଯାୟୀ ରାଜଭବନ ଓ ଉଦ୍ୟାନ ମଧ୍ୟରେ ଭ୍ରମଣ କରିପାରନ୍ତି । କିନ୍ତୁ କେତେବେଳେ ହେଲେ ମଧ୍ୟବର୍ତ୍ତୀ କକ୍ଷଟିରେ ପ୍ରବେଶ କରିବେ ନାହିଁ ।' ଏହା କହି ଚନ୍ଦ୍ରପ୍ରଭା ନିଜ ପିତାଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଯାଇଥିଲେ ।

ଏଣେ ଶକ୍ତିଦେବ ଏକାକୀ ସେହି ରାଜଭବନ ମଧ୍ୟରେ ଭ୍ରମଣ କରିବାକୁ ଲାଗିଲେ । ହଠାତ୍ ଚନ୍ଦ୍ରପ୍ରଭାଙ୍କ ନିର୍ଦ୍ଦେଶ ତାଙ୍କର ସ୍ମରଣ ହେଲା । କୌତୁହଳ ଦମନ କରି ନପାରି ସେ ସେହି ପ୍ରକୋଷ୍ଠ ନିକଟରେ ଆସି ପହଞ୍ଚିଲେ । ସାଧାରଣତଃ ମନୁଷ୍ୟମାନଙ୍କ ପ୍ରବୃତ୍ତି ନିଷେଧର ବିପରୀତ ଦିଗରେ ହିଁ ଗତି କରିଥାଏ ।

Digitized by srujanika@gmail.com

ସେ ସିଢ଼ି ସାହାଯ୍ୟରେ ଉପରକୁ ଉଠି ଦେଖିଲେ ଯେ ସେଠାରେ ଗୋଟିଏ ମଣ୍ଡପ ରହିଅଛି । ତା ମଧ୍ୟରେ ପ୍ରବେଶ କରି ସେ ସୁନ୍ଦର ରତ୍ନ ପଲ୍ୟଙ୍କ ଉପରେ ବସ୍ତ୍ରାବୃତ ହୋଇ ଶାୟିତ ଅବସ୍ଥାରେ ଗୋଟିଏ ମନୁଷ୍ୟ ଦେଖିବାକୁ ପାଇଲେ । ଆବରଣ ଉନ୍ମୋଚନ କରି ସେ ଯାହା ଦେଖିଲେ ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲ ନାହିଁ । ରାଜା ପରୋପକାରୀଙ୍କର କନ୍ୟା ରାଜକୁମାରୀ କନକରେଖାଙ୍କ ମୃତଶରୀର ତାଙ୍କ ଚକ୍ଷୁ ସମ୍ମୁଖରେ ଉଦ୍‌ଭାସିତ ହେଲା । ସେ ବସୁମ୍ବର ସହିତ ଚିନ୍ତା କରିବାକୁ ଲାଗିଲେ, 'କି ଆଶ୍ଚର୍ଯ୍ୟ ! ଏ କଣ ଅଜ୍ଞାନ ଅବସ୍ଥାରେ ଶୋଇ ରହିଛନ୍ତି ନା ମୋର କେବଳ ଭ୍ରମ ଜାତ ହୋଇଅଛି ? ଯାହାପାଇଁ ମୁଁ ଏତେ ଶ୍ରମସ୍ୱୀକାର କରି ଏଠାରେ ଆସି ପହଞ୍ଚିଲି ସେ କଣ ପ୍ରକୃତରେ ମୃତ ଓ ନିର୍ଜୀବ ? ନା ତେଣେ ବର୍ଦ୍ଧମାନ ନଗରରେ ସେ ଜୀବିତ ଅବସ୍ଥାରେ ଅଛନ୍ତି ? ଏହାଙ୍କର ମୁଖକାନ୍ତି ତ କାହିଁ ମଳିନ ହୋଇନାହିଁ ! ମନେ ହେଉଛି ବିଧାତା ଯେପରି ମୋତେ ପରୀକ୍ଷା କରିବା ନିମନ୍ତେ ଇନ୍ଦ୍ରଜାଲ ରଚନା କରିଅଛି ।'

ଏହିପରି ଚିନ୍ତା କରି ସେ ଅନ୍ୟ ଦୁଇଟି ଆବରଣ ଖୋଲିବା ଫଳରେ ଆଉ ଦୁଇଟି ଅନନ୍ୟ ସୁନ୍ଦରୀ କନ୍ୟା ଅନୁରୂପ ଭାବରେ ଦେଖିବାକୁ ପାଇଲେ । ଏହା ଦେଖି ଶକ୍ତିଦେବ ଆଶ୍ଚର୍ଯ୍ୟାନ୍ୱିତ ଓ ରୁଦ୍ଧଶ୍ୱାସ ହୋଇ ବାହାରକୁ ଚାଲି ଆସିବା ପରେ ଏକ ମଣିମୟ ପୁଷ୍କରିଣୀ ନିକଟରେ ଗୋଟିଏ ଅଶ୍ୱ ତାଙ୍କର ଦୃଷ୍ଟିଗୋଚର ହେଲା । ଅଶ୍ୱଟି ଉପରେ ଆରୋହଣ କରିବାର ଅଭିଳାଷ ପୋଷଣ କରି, ଯେତେବେଳେ ସେ ତାର ନିକଟବର୍ତ୍ତୀ ହେଲେ, ସେତେବେଳେ ଅଶ୍ୱଟି ତାଙ୍କୁ ନେଇ ସେହି ପୁଷ୍କରିଣୀ ମଧ୍ୟରେ ନିକ୍ଷେପ କଲା । ଶକ୍ତିଦେବ ସେଥିରୁ ନିର୍ଗତ ହୋଇ ଦେଖିଲେ ଯେ ସେ ବର୍ଦ୍ଧମାନ ନଗରସ୍ଥିତ ନିଜ ଗୃହର ଉଦ୍ୟାନରେ ଥିବା ସରୋବର ମଧ୍ୟରେ ଦଣ୍ଡାୟମାନ ହୋଇଅଛନ୍ତି ।

ସେଠାରେ ସେ ଚିନ୍ତା କରିବାକୁ ଲାଗିଲେ, 'ବିଦ୍ୟାଧରମାନଙ୍କର ସେହି କନକପୁରୀ ନଗରୀ କେଉଁଠି ? ଏବଂ ଏ ବର୍ଦ୍ଧମାନ ନଗରୀ କେଉଁଠି ? ମୁଁ ବା ଏଠାକୁ ଆସିଲି କେମିତି ? ଯାହା ଦେଖୁଅଛି ତାହା ସତ୍ୟ ନା ମାୟାଜାଲ ? ଅବଶ୍ୟ ଏହାପରେ କଅଣ ହେବ ଜାଣିବା ସମ୍ଭବପର

Digitized by srujanika@gmail.com

ନୁହେ ।' ଏହାପରେ ଚନ୍ଦ୍ରକାନ୍ତ ସେ ସ୍ୱଗୃହରେ ପ୍ରବେଶ କଲେ । ପିତାମାତା ତାଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ । ନିଜର ଅନୁଭୂତି ଅନ୍ୟ ନିକଟରେ ପ୍ରକାଶ ନକରି ସେ ଆନନ୍ଦିତ ମନରେ ସେହିଦିନଟି ଅତିବାହିତ କଲେ ।

ଦ୍ୱିତୀୟ ଦିନ ନଗର ମଧ୍ୟରେ ଭ୍ରମଣ କରୁଥିବାବେଳେ ସେ ପୁଣି ପୂର୍ବୋକ୍ତ ଘୋଷଣା ଶୁଣିବାକୁ ପାଇଲେ—'କନକପୁରୀ ଦେଖିଥିବା ଯେ କୌଣସି ବ୍ରାହ୍ମଣ ବା କ୍ଷତ୍ରିୟ ଯୁବକଙ୍କୁ ରାଜକନ୍ୟା ସହ ଯୁବରାଜପଦ ପ୍ରଦାନ କରାଯିବ । ଯଦି କେହି ଏପ୍ରକାର ବ୍ୟକ୍ତି ଏଠାକୁ ଆସିଥାଆନ୍ତି ତାହାହେଲେ ସଙ୍ଗେ ସଙ୍ଗେ ରାଜାଙ୍କସହ ସାକ୍ଷାତ କରନ୍ତୁ ।'

ଏହା ଶୁଣି ଶକ୍ତିଦେବ ସେମାନଙ୍କ ନିକଟରେ ଉପସ୍ଥିତ ହୋଇ ନିଜେ କନକପୁରୀ ଦେଖିଥିବା କଥା ପ୍ରକାଶ କଲେ । ଏଥିରେ ଆନନ୍ଦିତ ହୋଇ ରାଜକର୍ମଚାରୀମାନେ ତାଙ୍କୁ ରାଜାଙ୍କ ନିକଟରେ ଉପସ୍ଥିତ କରାନ୍ତେ ରାଜା ଚିହ୍ନି ପାରି ତାଙ୍କ କଥାରେ ବିଶ୍ୱାସ ସ୍ଥାପନ କଲେ ନାହିଁ । ଏଥିରେ ଶକ୍ତିଦେବ ଦୃଢ଼ତାର ସହିତ କହିଲେ, 'ମୁଁ ପୁଣି ଯଦି ମିଥ୍ୟା କହୁଥାଏ; ତାହାହେଲେ ମୋତେ ପ୍ରାଣଦଣ୍ଡର ଆଦେଶ ହେଉ ।' ରାଜା ଏହାର ପରୀକ୍ଷା କରିବା ନିମନ୍ତେ ରାଜକୁମାରୀଙ୍କୁ ସେଠାକୁ ଡକାଇ ଆଣିଲେ । ରାଜକୁମାରୀ ତାହାଙ୍କୁ ଦେଖିବା ମାତ୍ରେ ଗମନୋଦ୍ୟତା ହେବାରୁ ଶକ୍ତିଦେବ କହିଲେ, 'ମୁଁ ସତ୍ୟ ବା ମିଥ୍ୟା ଯାହା କହେ ନା କାହିଁକି, ହେ ରାଜକୁମାରୀ, ତୁମେ ମୋର ଗୋଟିଏ ସନ୍ଦେହ ଦୂର କର । ମୁଁ ତୁମକୁ କନକପୁରୀରେ ଗୋଟିଏ ସ୍ୱର୍ଣ୍ଣ ପଲ୍ୟଙ୍କ ଉପରେ ଜୀବନହୀନ ଅବସ୍ଥାରେ ପଡ଼ି ରହିଥିବା ଦେଖିଥିଲି । କିନ୍ତୁ ଏଠାରେ ତୁମକୁ ଜୀବିତ ଅବସ୍ଥାରେ ଦେଖୁଅଛି । ତୁମେ ଦୟାକରି ଏ ରହସ୍ୟ ଉଦ୍‌ଘାଟନ କର ।' ରାଜକୁମାରୀ ଏହା ଶୁଣି ଆନନ୍ଦ ମନରେ ପିତାଙ୍କୁ କହିଲେ, 'ଏ ପ୍ରକୃତରେ କନକପୁରୀ ଦେଖିଅଛନ୍ତି । ତେଣୁ ଶୀଘ୍ର କନକପୁରୀ ଫେରିଯାଇ ଏ ମୋତେ ବିବାହ କରିବେ । ସେଠାରେ ମୋର ଅନ୍ୟ ତିନି ଭଗିନୀ ମଧ୍ୟ ଅଛନ୍ତି । ଏ ବ୍ରାହ୍ମଣ ସେମାନଙ୍କୁ ମଧ୍ୟ ବିବାହ କରି ବିଦ୍ୟାଧରମାନଙ୍କର ଶାସକ ହେବେ । ମୁନିଙ୍କର ଅଭିଶାପରେ ମୁଁ ତୁମ ଗୃହରେ ଜନ୍ମଲାଭ କରିଥିଲି । ସେ ଶାପାନ୍ତ ଘୋଷଣା କରି କହିଥିଲେ, ଯଦି କୌଣସି ମାନବ କନକପୁରୀରେ ମୋର ମୃତଶରୀର ଦେଖି, ମାନବୀ

ରୂପରେ ଥିବା ମୋର ରହସ୍ୟ ଉଦ୍‌ଘାଟନ କରେ, ତାହାହେଲେ ମୁଁ ଶାପମୁକ୍ତ ହେବି ଏବଂ ସେ ମୋର ପତି ହେବ । ମାନବ ଶରୀର ଧାରଣ କରିଥିଲେ ମଧ୍ୟ ମୁଁ ଜାତିସ୍ମର ଥିଲି । ତେଣୁ ବର୍ତ୍ତମାନ ମୋତେ ନିଜ ନଗର ଓ ନିଜ ଶରୀରକୁ ଫେରିଯିବାକୁ ହେବ ।' ଏହା କହି ରାଜକୁମାରୀ ତତ୍‌କ୍ଷଣାତ୍ ଅନ୍ତର୍ହିତା ହୋଇଗଲେ ଏବଂ ରାଜଭବନରେ ବିଳାପଧ୍ୱନି ଶୁଣାଗଲା ।

ଉଭୟ ଦିଗରୁ ବିଫଳ ମନୋରଥ ହେବାଦ୍ୱାରା ଶକ୍ତିଦେବ ମ୍ରିୟମାଣ ହୋଇପଡ଼ିଲେ । ଚନ୍ଦ୍ରପ୍ରଭା ଓ କନକରେଖା ଉଭୟଙ୍କୁ ପ୍ରେମିକାରୂପରେ ଲଭିବାର ସୌଭାଗ୍ୟରେ ନ ପାଇବାରୁ ସେ ନିଜକୁ ଧିକ୍କାର କରି ଜୀବ-ନରୁ ବୀତଶ୍ରଦ୍ଧ ହେଲେ । କିନ୍ତୁ କନକରେଖାଙ୍କର କଥା ସ୍ମରଣ କରି ତାଙ୍କ ହୃଦୟରେ କ୍ଷୀଣ ଆଶା ସଞ୍ଚାର ହେଲା । 'ଶକ୍ତିଶାଳୀ ଲୋକ ସମସ୍ତ ସିଦ୍ଧିକୁ ନିଜର ଅଧୀନ କରିପାରେ ଏବଂ ଭାଗ୍ୟର ଅନୁକୂଳତା ଲାଭ କରିଥାଏ' ବୋଲି ବିଚାର କରି, ସେ ପୁଣି ପୂର୍ବୋକ୍ତ ମାର୍ଗରେ କନକପୁରୀ ଅଭିମୁଖରେ ଯାତ୍ରା ଆରମ୍ଭ କଲେ ।

ପ୍ରଥମେ ସେ ବିଟଙ୍କପୁର ନଗରରେ ପୁଣି ଆସି ପହଞ୍ଚିଲେ । ସେଠାରେ ପୂର୍ବପରିଚିତ ସମୁଦ୍ରଦତ୍ତଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ସମୁଦ୍ରଦତ୍ତ ତାଙ୍କୁ ଚିହ୍ନିପାରି ଅତ୍ୟନ୍ତ ବିସ୍ମିତ ହେଲେ ଏବଂ ସ୍ୱଗୃହକୁ ନେଇ ତାହାଙ୍କଠାରୁ ସମସ୍ତ ବୃତ୍ତାନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଶୁଣିବାକୁ ଲାଗିଲେ । ନିଜର ବକ୍ତବ୍ୟ ଶେଷକରି ସମୁଦ୍ରଦତ୍ତ କିପରି ନିଜେ ସେହି ଦୁର୍ଘଟଣାରୁ ରକ୍ଷା ପାଇଲେ ସେହି ବିଷୟରେ ସେ ଜାଣିବା ପାଇଁ ପୁଚ୍ଛିବାରୁ ସମୁଦ୍ରଦତ୍ତ କହିଲେ 'ସମୁଦ୍ରରେ ବୁଡ଼ିଗଲାବେଳେ ମୁଁ ଗୋଟିଏ କାଷ୍ଠ ଫଳକକୁ ଆଶ୍ରୟ କରି ତିନି ଦିନ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ଇତସ୍ତତଃ ବୁଲିବାକୁ ଲାଗିଲି । ତୃତୀୟ ଦିନ ଗୋଟିଏ ଜାହାଜ ମୋର ଦୃଷ୍ଟିଗୋଚର ହେଲା । ମୁଁ ଖୁବ୍ ଉଚ୍ଚସ୍ୱରରେ ସାହାଯ୍ୟ ପ୍ରାର୍ଥନା କରିବାରୁ ସେମାନେ ମୋତେ ତାଙ୍କ ଜାହାଜରେ ଆଶ୍ରୟ ଦେଲେ । ସେଠାରେ ମୁଁ ମୋର ପିତାଙ୍କୁ ଦେଖିବାକୁ ପାଇଲି । ସେ ମୋତେ କୋଳାଗତ କଲେ ଏବଂ ମୋର ସମସ୍ତ ବୃତ୍ତାନ୍ତ ଶୁଣି ଗଭୀର ଦୁଃଖ ଅନୁଭବ କଲେ ।' ମୁଁ ତାଙ୍କୁ କହିଲି, 'ତୁମେ

Digitized by srujanika@gmail.com

ବହୁଦିନ ପର୍ଯ୍ୟନ୍ତ ନ ଫେରିବାରୁ ମୁଁ ଗୋଟିଏ ଜାହାଜ ଧରି ତୁମର ସନ୍ଧାନରେ ବାହାରି ଥିଲି । ପଥ ମଧ୍ୟରେ ହଠାତ୍ ଆମ ଜାହାଜଟି ସାଗର ଗର୍ଭରେ ନିମଜ୍ଜିତ ହେଲା । ଏଠାରେ ଭାସି ବୁଲୁଥିବାବେଳେ ତୁମେ ମୋତେ ରକ୍ଷାକଲ ।' ପିତା ମୋର ବାକ୍ୟ ଚପଳତାରେ ମୁଗ୍ଧ ହୋଇ କହିଲେ, "ମୁଁ ବଞ୍ଚିଥିବା ଯାଏଁ ତୁମେମାନେ ଏପରି ବ୍ୟସ୍ତ ହେବା ଆଦୌ ଉଚିତ ନୁହେ । ମୋ ଜାହାଜ ଧନରତ୍ନରେ ପରିପୂର୍ଣ୍ଣ ହୋଇରହିଛି । ତୁମେ ତାର ଉପଭୋଗ କରି ଆନନ୍ଦରେ ଜୀବନଯାପନ କର । ତା ପରେ ମୁଁ ଏଠାକୁ ଫେରିଆସି ପିତାଙ୍କ ନିକଟରେ ରହିଅଛି ।"

ସେହି ଦିନଟି ସମୁଦ୍ରଦତ୍ତଙ୍କ ନିକଟରେ ରହି ଦ୍ୱିତୀୟ ଦିନ ଉତ୍ସ୍ଥଳ ଦ୍ୱୀପକୁ ଯିବା ଅଭିଳାଷ ଶକ୍ତିଦେବ ନଗର ବଣିକଙ୍କ ନିକଟରେ ଜଣାଇଲେ । ସମୁଦ୍ରଦତ୍ତ ସେହିଦିନ ହିଁ, ତାଙ୍କର ଗୋଟିଏ ଜାହାଜ ଉତ୍ସ୍ଥଳ ଦ୍ୱୀପକୁ ଯାଉଥିବା ହେତୁ ଶକ୍ତିଦେବଙ୍କୁ ସେଥିରେ ଯିବାରେ ସାହାଯ୍ୟ କଲେ । ଶକ୍ତିଦେବ କିଛି ଦିନ ମଧ୍ୟରେ ଯାଇ ଉତ୍ସ୍ଥଳ ଦ୍ୱୀପରେ ପହଞ୍ଚିଲେ ।

ସେଠାରେ ଭାଇ ବିଷ୍ଣୁଦତ୍ତଙ୍କ ସହିତ ଦେଖା କରିବା ଉଦ୍ଦେଶ୍ୟରେ ଧୀବରବସ୍ତି ଦେଇ ପୂର୍ବୋକ୍ତ ମନ୍ଦିରକୁ ଯାଉଥିଲାବେଳେ ସତ୍ୟବ୍ରତଙ୍କ ପୁତ୍ରମାନେ ତାଙ୍କୁ ଚିହ୍ନିପାରି ପଚାରିଲେ, 'ହେ ବ୍ରାହ୍ମଣ, ତୁମେ ଆମ ପିତାଙ୍କ ସହିତ କନକପୁରୀ ଦର୍ଶନ କରିବାକୁ ଯାଇଥିଲ । ବର୍ତ୍ତମାନ ତୁମେ ଏକାକୀ ଏଠାକୁ ଫେରି ଆସିଅଛ; ପିତା କାହାନ୍ତି ?' ଶକ୍ତିଦେବ ସତ୍ୟବ୍ରତଙ୍କ ମୃତ୍ୟୁ ସମ୍ବାଦ ତାଙ୍କୁ ଜଣାଇବାରୁ ସେମାନେ ତାହାଙ୍କୁ ତାଙ୍କ ପିତାଙ୍କ ହତ୍ୟାକାରୀ ବୋଲି କାରାରୁଦ୍ଧ କରି ରଖିବା ପାଇଁ ଆଦେଶ ପ୍ରଦାନ କଲେ ।

ପରଦିନ ଚଣ୍ଡିକା ମନ୍ଦିରରେ ବଳିଦେବା ନିମନ୍ତେ ନିଶ୍ଚୟ କରି ଭୃତ୍ୟମାନଙ୍କଦ୍ୱାରା ତାଙ୍କୁ ସେହି ମନ୍ଦିରକୁ ପ୍ରେରଣ କଲେ । ସେହି ଭୀଷଣ ଚଣ୍ଡିକା ମନ୍ଦିର ମୃତ୍ୟୁର କରାଳମୁଖ ବୋଲି ମନେ ହେଉଥିଲା । ସେଠାରେ ଶକ୍ତିଦେବ ଦେବୀଙ୍କୁ ସ୍ତୁତି କରୁ କରୁ ନିଦ୍ରାଗତ ହେଲେ । ସେ ସ୍ୱପ୍ନରେ ଦେଖିଲେ ଯେ ମନ୍ଦିରର ଗର୍ଭପୀଠରୁ ଗୋଟିଏ ସ୍ତ୍ରୀ ଆତ୍ମପ୍ରକାଶ କରି ତାଙ୍କ ପ୍ରତି ଦୟା ପରବଶ ହୋଇ କହିଲା, 'ହେ ଶକ୍ତିଦେବ ! କେହି

Digitized by srujanika@gmail.com

ତୁମର ଅଦୃଷ୍ଟ ଭରିଗଲେ ନାହିଁ । ଏହି ଧୀବର ସୂତମାନଙ୍କର ଗୋଟିଏ ଭଉଣୀ ଅଛି, ସେ ବର୍ତ୍ତମାନ ଯୁବା କୁମାରୀ । ତା'ର ନାମ ବିନ୍ଦୁମତୀ । ସେ ପ୍ରାସାଦରୁ ତୁମକୁ ଦେଖି କାମ ଚିତ୍ତ ହେବା ସମୟରେ ତୁମକୁ ପ୍ରାର୍ଥନା କରିବ । ତୁମେ ତାକୁ ଅସ୍ୱୀକାର କରିବ ନାହିଁ । ଏହା ଫଳରେ ତୁମକୁ ସେ ମୁକ୍ତିଦାନ କରିବ । ସେ ଧୀବର କନ୍ୟା ନୁହେଁ । ଶାପ ପ୍ରଭାବରେ ତାର ଏପ୍ରକାର ପରିଣତି ଘଟିଅଛି ।'

ଏହାପରେ ଶକ୍ତିଦେବ ଶଯ୍ୟା ତ୍ୟାଗକରି ପ୍ରାସାଦରୁ ଦେବପୂଜା ନିମନ୍ତେ ଆସୁଥିବା ବିନ୍ଦୁମତୀଙ୍କୁ ଦେଖିଲେ । ସେ ଶକ୍ତିଦେବଙ୍କ ନିକଟକୁ ଆସି ନିଜର ପରିଚୟ ପ୍ରଦାନପୂର୍ବକ ଉତ୍ସୁକତାର ସହିତ କହିଲେ, 'ମୁଁ ତୁମକୁ ଏଥିରୁ ମୁକ୍ତ ଦେଇ । କିନ୍ତୁ ତୁମେ ମୋର ଅଭିଳାଷ ପୂର୍ଣ୍ଣ କରିବାକୁ ପଡ଼ିବ । ମୁଁ ବର୍ତ୍ତମାନ ଯୁବା ଅବିବାହିତା । ଭାଇମାନେ ମୋ ପାଇଁ ବହୁ ବରପାତ୍ର ଯୋଗାଡ଼ କରି ଆଣିଛନ୍ତି କିନ୍ତୁ କେହି ହେଲେ ମୋର ମନୋମତ ହୋଇ ନାହାନ୍ତି । ଆଜି ତୁମକୁ ଦେଖି ମୋର ମନ ତୁମକୁ ଲାଭ କରିବା ନିମନ୍ତେ ବ୍ୟଗ୍ର ହୋଇ ଉଠିଛି । ତେଣୁ ତୁମେ ମୋତେ ସ୍ୱୀକାର କର ।' ଶକ୍ତିଦେବ ସତ୍ୟବ୍ରତଙ୍କ କନ୍ୟାଠାରୁ ଏହା ଶୁଣି ନିଜର ସ୍ୱପ୍ନବୃତ୍ତାନ୍ତ ସ୍ମରଣପୂର୍ବକ ଏଥିରେ ସମ୍ମତ ହେବାରୁ ଉଭୟଙ୍କର ବିବାହ ସମ୍ପାଦିତ ହେଲା । ସେ ସେଠାରେ ବିନ୍ଦୁମତୀଙ୍କ ସହିତ ବାସ କରିବାକୁ ଲାଗିଲେ ।

ଦିନେ ପ୍ରାସାଦ ଉପରେ ବସିଥିବାବେଳେ ଶକ୍ତିଦେବ ଦେଖିଲେ ଯେ ଗୋଟିଏ ଚଣ୍ଡାଳ ଗୋରୁମାଂସ ଧରି ଯାଉଅଛି । ତାକୁ ଦେଖି ସେ ବିନ୍ଦୁମତୀଙ୍କୁ ପଚାରିଲେ, 'ଯେଉଁ ଗୋମାତା ତ୍ରୈଲୋକ୍ୟ ପୂଜିତା, ତାର ମାଂସ ଏ କିପରି ଭକ୍ଷଣ କରୁଅଛି ?' ଏଥିରେ ବିନ୍ଦୁମତୀ ଉତ୍ତର ଦେଲେ, 'ଆର୍ଯ୍ୟପୁତ୍ର ! ଗୋମାଂସଭକ୍ଷଣପ୍ରସୂତ ପାପ ଅଚିନ୍ତନୀୟ । ସେହି ଗୋମାତାଙ୍କ ପ୍ରତି ମୁଁ ଟିକିଏ ଅପରାଧ କରିଥିଲି ବୋଲି ଆଜି ମୋତେ କୈବର୍ତ୍ତ କୁଳରେ ଜନ୍ମଲାଭ କରିବାକୁ ପଡ଼ିଲା । ଏଥିରୁ କିପରି ମୁକ୍ତିଲାଭ କରିବି ତାର କୌଣସି ଉପାୟ ଖୋଜି ପାଉନାହିଁ ।' ଶକ୍ତିଦେବ ଆଗ୍ରହର ସହିତ ଏହାର ବୃତ୍ତାନ୍ତ ଶୁଣିବାକୁ ଚାହିଁବାରୁ ସେ କହିଲେ, 'ଏହା ଅତ୍ୟନ୍ତ ଗୋପନୀୟ । ତୁମେ ଯଦି ମୋ କଥା

Digitized by srujanika@gmail.com

ରକ୍ଷା କରିବ ତାହାହେଲେ ଏହା ମୁଁ ତୁମ ନିକଟରେ ପ୍ରକାଶ କରିପାରେ ।'
ଶକ୍ତିଦେବ ଶପଥ କରିବାରୁ ବନ୍ଦୁମତୀ ଆରମ୍ଭ କଲେ—

ବନ୍ଦୁମତୀ କଥା

'ଏହି ଦ୍ୱୀପରେ ତୁମେ ଅନ୍ୟ ଏକ ସ୍ତ୍ରୀକୁ ବିବାହ କରିବ ଏବଂ ସେ ଅଚିରାତ୍ ଗର୍ଭବତୀ ହେବ । ଗର୍ଭର ଅଷ୍ଟମ ମାସରେ ତୁମେ ତାର ଗର୍ଭ ଚିରି ସେହି ଭ୍ରୁଣଟିକୁ ବାହାର କରିବାକୁ ପଡ଼ିବ । ଏଥିରେ ତୁମର ଘୃଣା ମଧ୍ୟ ନହେବା ଆବଶ୍ୟକ ।' ବନ୍ଦୁମତୀଙ୍କର ଏକଥା ଶୁଣି ଶକ୍ତିଦେବ ଯେତିକି ଆଶ୍ଚର୍ଯ୍ୟ ହେଲେ ସେତିକି ଘୃଣା ମଧ୍ୟ ପ୍ରକାଶ କଲେ । ଏହା ଦେଖି ଧୀବର କନ୍ୟା ପୁଣି କହିଲେ, 'ଏହା କୌଣସି ଗୁପ୍ତ କାରଣରୁ ତୁମକୁ କରିବାକୁ ହିଁ ପଡ଼ିବ । ବର୍ତ୍ତମାନ ଶୁଣ ମୁଁ କିଏ ଏବଂ ମୋର ଧୀବର କୁଳରେ କାହିଁକି ଜନ୍ମ ହୋଇଅଛି ।'

'ମୁଁ ପ୍ରଥମ ଜନ୍ମରେ ବିଦ୍ୟାଧରୀ ଥିଲି । ସେଠାରୁ ପତିତା ହୋଇ ମୁଁ ମନୁଷ୍ୟ ଲୋକରେ ଜନ୍ମଗ୍ରହଣ କଲି । ବିଦ୍ୟାଧରୀ ଥିଲାବେଳେ ମୁଁ ଦାନ୍ତରେ ଖଣ୍ଡିଏ ତାରଟିକୁ ଯୋଡ଼ି ଦେଇଥିଲି । ଫଳରେ ଧୀବର କୁଳରେ ମୋର ଜନ୍ମ ହେଲା । ଗୋମାତାର ଶୁଷ୍କଚର୍ମ ଦନ୍ତରେ ସ୍ପର୍ଶ କରିବାଦ୍ୱାରା ଯଦି ଏପ୍ରକାର ଅଧୋଗତି ହୁଏ, ତାହାହେଲେ ଗୋମାଂସ ଭକ୍ଷଣ କଲେ କଅଣ ହେବ, ତାହା କଳ୍ପନାତୀତ ।'

ଉଭୟେ ଏପ୍ରକାର କଥାବାର୍ତ୍ତା କରୁଥିଲାବେଳେ ବନ୍ଦୁମତୀଙ୍କର ଜଣେ ଭ୍ରାତା ସେଠାରେ ଉପସ୍ଥିତ ହୋଇ କହିଲା,'ଦେଖ ଗୋଟିଏ ବରାହ ମନୁଷ୍ୟ-ମାନଙ୍କୁ ମାରି ମାରି ଆମ ନିକଟକୁ ଆସିଗଲାଣି ।' ଏହା ଶୁଣିବା ମାତ୍ରେ ଶକ୍ତିଦେବ ନିଜ ବାସଭବନରୁ ନିର୍ଗତ ହୋଇ ଅଶ୍ୱାରୋହଣପୂର୍ବକ ଖଡ୍‌ଗ ଧାରଣ କରି ବରାହଟିର ଅନୁଧାବନ କଲେ । କିଛି ଦୂର ଅଗ୍ରସର ହେଲାପରେ ସେ ବରାହଟିକୁ ଆଘାତ କରିବାରୁ ବରାହଟି ଗୋଟିଏ ବିଳ ମଧ୍ୟରେ ପ୍ରବେଶ କରିଗଲା । ତାକୁ ଅନୁସରଣ କରି ଶକ୍ତିଦେବ ମଧ୍ୟ ତା ମଧ୍ୟରେ ପ୍ରବେଶ କଲେ । ପୁଣି କିଛି ପଥ ଅତିକ୍ରମ କଲାପରେ ଗୋଟିଏ ସୁନ୍ଦର ଅଟ୍ଟାଳିକା ଓ

Digitized by srujanika@gmail.com

ଏକ ରମଣୀୟ ଉଦ୍ୟାନ ତାଙ୍କର ଦୃଷ୍ଟିଗୋଚର ହେଲା । ତା ମଧ୍ୟରେ ପ୍ରବେଶ କରି ସେ ଏକ ଅଦ୍ଭୁତ ରୂପବତୀ ଓ ଯୁବତୀ ନାରୀକୁ ଦେଖିବାକୁ ପାଇଲେ । ତାକୁ ତାର ପରିଚୟ ଓ ବ୍ୟସ୍ତତାର କାରଣ ଜିଜ୍ଞାସା କରନ୍ତେ, ସେ କହିଲା—

'ହେ ସୁନ୍ଦର ! ଦକ୍ଷିଣ ଦେଶରେ ଚଣ୍ଡବିକ୍ରମ ନାମରେ ଜଣେ ରାଜା ଥିଲେ । ମୁଁ ତାଙ୍କର ହିଁ କନ୍ୟା । ମୋ ନାମ ଚନ୍ଦ୍ରରେଖା । ଏହି ପାପୀ ରାକ୍ଷସ ଛଳନା କରି ମୋତେ ଅପହରଣ କରି ନେଇ ଆସିଅଛି । ମାଂସ ଭକ୍ଷଣ କରିବା ପାଇଁ ସେ ବନ୍ୟହସ୍ତୀ ଧାରଣକରି ବାହାରେ ଭ୍ରମଣ କରୁଥିଲା ଏବଂ ଆଘାତପ୍ରାପ୍ତ ହୋଇ ଫେରିଆସି ଏଠାରେ ପ୍ରାଣତ୍ୟାଗ କରିଛି । ତେଣୁ ମୁଁ ଏଠାରୁ ମୁକ୍ତିଲାଭ କରି ପଳାୟନ କରିବା ନିମନ୍ତେ ଚେଷ୍ଟା କରୁଅଛି । ବର୍ତ୍ତମାନ ସୁଦ୍ଧା ତା'ଦ୍ୱାରା ମୋର କୁମାରୀତ୍ୱ କଳୁଷିତ ହୋଇ ନାହିଁ ।' ଏହା ଶୁଣି ଶକ୍ତିଦେବ କହିଲେ, 'ଏଥିରେ ଚିନ୍ତା କରିବାର କିଛି କାରଣ ନାହିଁ । ମୁଁ ହିଁ ଶକ୍ତିଦ୍ୱାରା ତାହାକୁ ଆଘାତ କରିଥିଲି । ମୁଁ ଶକ୍ତିଦେବ ନାମକ ବ୍ରାହ୍ମଣ ।' ଏଥିରେ ଚନ୍ଦ୍ରରେଖା ଆନନ୍ଦିତା ହୋଇ କହିଲେ, 'ତାହାହେଲେ ତୁମେ ହିଁ ମୋର ପତି ।' ଏହାପରେ ଉଭୟେ ନିଜ ବାହାରକୁ ଆସି ଗାନ୍ଧର୍ବମତରେ ବିବାହ କଲେ ଏବଂ ଚନ୍ଦ୍ରମତୀଙ୍କ ନିକଟରେ ଆସି ଉପସ୍ଥିତ ହେଲେ ।

କିଛି ଦିନ ଅତୀତ ହେଲାପରେ ଚନ୍ଦ୍ରରେଖାଙ୍କର ଗର୍ଭସଞ୍ଚାର ହେଲା । ଅଷ୍ଟମ ମାସ ନିକଟ ହେବାରୁ ଦିନେ ଚନ୍ଦ୍ରମତୀ ଶକ୍ତିଦେବଙ୍କୁ ଏକାନ୍ତରେ କହିଲେ, 'ଆର୍ଯ୍ୟପୁତ୍ର ! ମୁଁ ତୁମକୁ ପୂର୍ବରୁ ଯାହା କହିଥିଲି ବର୍ତ୍ତମାନ ତାହା ସ୍ମରଣ କର । ବର୍ତ୍ତମାନ ତୁମର ଦ୍ୱିତୀୟା ସ୍ତ୍ରୀ ଗର୍ଭବତୀ ଏବଂ ତାହାର ଅଷ୍ଟମ ମାସ ସନ୍ନିକଟ । ତେଣୁ ତୁମେ ତାହା ନିକଟକୁ ଯାଇ ତାର ଗର୍ଭରୁ ଭ୍ରୂଣଟିକୁ ବାହାର କରିନିଅ । ନିଜ ପ୍ରତିଜ୍ଞାରୁ ବିଚଳିତ ହେବା ବୀରମାନଙ୍କ ପକ୍ଷରେ ଅନୁଚିତ ।' ପତ୍ନୀଙ୍କଠାରୁ ଏହା ଶୁଣି ଶକ୍ତିଦେବ ପ୍ରେମ ଓ ଦୟାରେ ବିଚଳିତ କିନ୍ତୁ ପ୍ରତିଜ୍ଞାର ପରାଧୀନ ହୋଇ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ ।

ତା ପରେ ସେ ସେଠାରୁ ଚନ୍ଦ୍ରରେଖାଙ୍କ ନିକଟକୁ ଗମନ କଲେ । ଚନ୍ଦ୍ରରେଖା ନିଜର ପତିଙ୍କୁ ଦୁଃଖିତ ଓ ଚିନ୍ତିତ ଦେଖି କହିଲେ, 'ଆର୍ଯ୍ୟପୁତ୍ର !

Digitized by srujanika@gmail.com

ଆପଣ ଆଜି ଏପରି ଦୁଃଖିତ କାହିଁକି ? ମୁଁ ଜାଣେ ବିଧାତା ଆପଣଙ୍କୁ ତୋର ଗର୍ବ ନଷ୍ଟ କରିବା ପାଇଁ ନିର୍ଦେଶ ଦେଇଅଛନ୍ତି । ଏହା ଆପଣଙ୍କୁ ଅବଶ୍ୟ କରିବାକୁ ହେବ । ଏହାଦ୍ୱାରା କିଛି ଉତ୍କୃଷ୍ଟ କାର୍ଯ୍ୟ ସାଧିତ ହୋଇ ପାରେ । ତେଣୁ ଏଥିରେ ମ ଉଚା କିଛି ନାହିଁ । ଆପଣ ମଧ୍ୟ ଘୃଣା କରିବା ଅନୁଚିତ । ଏ ସମ୍ପର୍କରେ ମୁଁ ଆପଣଙ୍କୁ ଦେବଦତ୍ତଙ୍କ କଥା କହୁଅଛି, ଶୁଣନ୍ତୁ—

ଦେବଦତ୍ତ ବ୍ରାହ୍ମଣ କଥା

ପ୍ରାଚୀନକାଳରେ କମ୍ବୁକ ନାମକ ନଗରରେ ହରିଦତ୍ତ ବୋଲି ଜଣେ ବ୍ରାହ୍ମଣ ବାସ କରୁଥିଲେ । ତାଙ୍କର ଦେବଦତ୍ତ ବୋଲି ଗୋଟିଏ ପୁତ୍ର ଥିଲା । ସେ ବାଲ୍ୟାବସ୍ଥାରେ ବହୁ ଶାସ୍ତ୍ର ଅଧ୍ୟୟନ କରିଥିଲେ ହେଁ ଯୌବନ ଅବସ୍ଥାରେ ଦ୍ୟୂତବିଳାସୀ ହୋଇ ପଡ଼ିଥିଲା । ପରେ ଦ୍ୟୂତକ୍ରୀଡ଼ାରେ ନିଜର ପରିଧେୟ ବସ୍ତ୍ର ହାରିଦେଇ ସେ ପିତାଙ୍କ ନିକଟକୁ ଯିବାପାଇଁ ଲଜ୍ଜାବୋଧ କରି କୌଣସି ଦେବ ମନ୍ଦିରରେ ଆଶ୍ରୟ ଗ୍ରହଣ କଲା । ସେଠାରେ ଜାଳପାଦ ନାମକ ଜଣେ ମହାବ୍ରତୀ ତପସ୍ୱୀ ବାସ କରୁଥାଆନ୍ତି । ତାଙ୍କୁ ପ୍ରଣାମପୂର୍ବକ ତାଙ୍କ ନିକଟରେ ଉପସ୍ଥିତ ହେବାରୁ ସେ ମୌନବ୍ରତ ପରିତ୍ୟାଗ କରି ତାର ଦୁର୍ଦଶା ଓ ଚିନ୍ତାର କାରଣ ଜିଜ୍ଞାସା କଲେ । ଦେବଦତ୍ତ ନିଜର ସମଗ୍ର ବୃତ୍ତାନ୍ତ ତାଙ୍କ ନିକଟରେ ପ୍ରକାଶ କରିବାରୁ ସେ କହିଲେ, 'ବତ୍ସ ! ବ୍ୟସନୀ ଲୋକଙ୍କ ନିମନ୍ତେ ପୃଥିବୀର ସମସ୍ତ ସମ୍ପତ୍ତି ଯଥେଷ୍ଟ ନୁହେ । ଯଦି ତୁମେ ମୋର ଉପଦେଶ ଗ୍ରହଣ କର ତାହାହେଲେ ତୁମର କଷ୍ଟ ଦୂର ହୋଇପାରି ପାରେ । ମୁଁ ଯେପରି ନିଜ ସାଧନାବଳରେ ବିଦ୍ୟାଧରତ୍ୱ ଲାଭ କରିବାକୁ ଯାଉଅଛି ତୁମେ ମଧ୍ୟ ସେହିପରି କରିପାରିବ ।' ଏଥିରେ ଦେବଦତ୍ତ ସ୍ୱୀକୃତ ହେବାରୁ ସେ ପରଦିନ ରାତିରେ ମହାଶ୍ମଶାନ ମଧ୍ୟକୁ ଯାଇ କୌଣସି ବଟବୃକ୍ଷର ପାଦଦେଶରେ ପୂଜା କରିବାକୁ ଲାଗିଲେ । ଗୋରସ ଓ ନୈବେଦ୍ୟ ଅର୍ପଣ କରି ସେ ଦଶଦିଗକୁ ବଳିଦାନ କଲେ ଏବଂ ଶେଷରେ ଦେବଦତ୍ତଙ୍କୁ କହିଲେ, 'ତୁମେ ମଧ୍ୟ ଏହିପରି ପ୍ରତିଦିନ ପୂଜା କରି ଶେଷରେ କହିବ, "ହେ ବିଦ୍ୟୁତ୍‌ପ୍ରଭ ! ତୁମେ ଏହି ପୂଜା ଗ୍ରହଣ କର ।" ଏହା ପରେ କଅଣ ହେବ ମୁଁ ଜାଣେ ନାହିଁ କିନ୍ତୁ ଏହାଦ୍ୱାରା ଉଭୟଙ୍କର ସିଦ୍ଧି ଲାଭ ହେବ ।' ଏପରି କହି ତପସ୍ୱୀ ଦେବଦତ୍ତଙ୍କ ସହିତ ସ୍ୱଗୃହକୁ ଫେରିଆସିଲେ ।

Digitized by srujanika@gmail.com

ବ୍ରାହ୍ମଣ ଦେବଦତ୍ତ ପ୍ରତିଦିନ ସେହି ବଟବୃକ୍ଷ ନିକଟକୁ ଯାଇ ସେହିପରି ପୂଜା କରିବାକୁ ଲାଗିଲା । ଦିନେ ପୂଜା ଶେଷରେ ବୃକ୍ଷ ମଧ୍ୟରୁ ଏକ ଦିବ୍ୟ ସ୍ତ୍ରୀ ବହିର୍ଗତା ହୋଇ ତାଙ୍କୁ କହିଲା, ଭଦ୍ର ! ମୋର ସ୍ୱାମିନୀ ତୁମକୁ ଡାକୁ ଅଛନ୍ତି ।' ଏପରି କହି ସେ ତାଙ୍କୁ ସେ ବୃକ୍ଷ ମଧ୍ୟକୁ ନେଇଗଲା । ଦେବଦତ୍ତ ତାହାର ଭିତରେ ଏକ ମଣି ନିର୍ମିତ ସୁନ୍ଦର ପ୍ରାସାଦ ଏବଂ ସେଠାରେ ବସିଥିବା ଏକ ସୁନ୍ଦର ସ୍ତ୍ରୀ ଦେଖିବାକୁ ପାଇଲା । ସେ ତାଙ୍କୁ ମୂର୍ତ୍ତିମନ୍ତ ସିଦ୍ଧି ବୋଲି ମନେ କଲା । ଏହାକୁ ଦେଖି ସେହି ସୁନ୍ଦରୀ କହିଲେ 'ମୁଁ ରତ୍ନବର୍ଷ ନାମକ ଯକ୍ଷଙ୍କ କନ୍ୟା ବିଦ୍ୟୁତ୍ପ୍ରଭା । ମହାବ୍ରତୀ ଜାଲପାଦ ମୋର ଆରାଧନା କରନ୍ତି । ମୁଁ ତାଙ୍କୁ ଅଷ୍ଟସିଦ୍ଧି ପ୍ରଦାନ କରିବି । କିନ୍ତୁ ତୁମେ ମୋର ଅଭିଷ୍ଟ ପତି । ତେଣୁ ମୋତେ ତୁମେ ବର୍ତ୍ତମାନ ହିଁ ବିବାହ କରିବା ଉଚିତ ।' ଦେବଦତ୍ତ ଏଥିରେ ସମ୍ମତ ହୋଇ ତାଙ୍କୁ ବିବାହ କରିନେଲା ।

କିଛି ସମୟ ତାଙ୍କ ସହିତ ବାସ କରି ଦେବଦତ୍ତ ଗୁରୁଙ୍କ ନିକଟକୁ ଫେରି ଆସିଲା । ସେ ଉପସ୍ଥିତ ଶିଷ୍ୟରେ ତାଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ପ୍ରକାଶ କରିବାରୁ ଜାଲପାଦ କହିଲେ, 'ତୁମେ ଯାହା କରିଛ ଭଲ କରିଛ । କିନ୍ତୁ ବର୍ତ୍ତମାନ ଯାଇ ସେହି ଯକ୍ଷିଣୀର ଗର୍ଭ ଚିରି ତାର ଭ୍ରୂଣଟିକୁ ନେଇ ଆସ ।' ଏହା କହି ଏବଂ ପୂର୍ବ ପ୍ରତିଜ୍ଞାକୁ ସ୍ମରଣ କରାଇ ଜାଲପାଦ ଦେବଦତ୍ତକୁ ସେହି ଯକ୍ଷିଣୀ ନିକଟକୁ ପ୍ରେରଣ କଲେ । ଦେବଦତ୍ତ ମଧ୍ୟ ଏହି କର୍ମ କରିବା ନିମନ୍ତେ ସାହସ ସଞ୍ଚୟ କରି ନପାରି ବିଦ୍ୟୁତ୍ପ୍ରଭାଙ୍କ ନିକଟରେ ଯାଇ ଦୁଃଖରେ ଦଣ୍ଡାୟମାନ ହେଲା । ତାଙ୍କୁ ଦେଖି ବିଦ୍ୟୁତ୍ପ୍ରଭା ନିଜେ କହିଲେ, 'ଆର୍ଯ୍ୟପୁତ୍ର ! ତୁମ ଦୁଃଖର କାରଣ ମୁଁ ଜାଣେ । ମୋର ଗର୍ଭସ୍ଥ ଭ୍ରୂଣଟିକୁ ନେବା ନିମନ୍ତେ ଜାଲପାଦ ତୁମକୁ ପଠାଇ ଅଛନ୍ତି । ତେଣୁ ତୁମେ ତାଙ୍କ କଥା ରକ୍ଷା କରି ମୋର ଗର୍ଭସ୍ଥ ଭ୍ରୂଣଟିକୁ ନେଇଯାଅ । ନଚେତ୍ ମୁଁ ନିଜେ ଏହା କରିବା ପାଇଁ ବାଧ୍ୟ ହେବି । କାରଣ ଏଥିରେ କିଛି ଗୁପ୍ତ ରହସ୍ୟ ଲୁକ୍କାୟିତ ଭାବରେ ରହିଅଛି ।' ସେ ଏହା କହିବା ପରେ ମଧ୍ୟ ଯେତେବେଳେ ଦେବଦତ୍ତ ତା'ର କର୍ମ ସମ୍ପାଦନ କରିବା ପାଇଁ ପଶ୍ଚାତ୍ପଦ ହେଲା, ସେତେବେଳେ ବିଦ୍ୟୁତ୍ପ୍ରଭା ନିଜେ ନିଜର ଭ୍ରୂଣଟିକୁ ବାହାର କରି ତା' ସମ୍ମୁଖରେ ଥୋଇଦେଲେ ଏବଂ କହିଲେ, 'ଏହାକୁ ଭକ୍ଷଣ କରିବା

Digitized by srujanika@gmail.com

ବ୍ୟକ୍ତି ବିଦ୍ୟାଧରତ୍ୱ ଲାଭ କରିବ । ମୁଁ ବିଦ୍ୟାଧରଥିଲି ଥାଇ ଶାପଫଳରେ ଯକ୍ଷରୂପ ଲାଭ କରିଥିଲି । ମୋର ଶାପର ଅବସାନ ଏହିପରି ଭାବରେ ହେବ ବୋଲି କୁହାଯାଇଥିଲା । ମୁଁ ଜାତିସ୍ମର ଥିବାରୁ ଏହା ଜାଣିପାରିଅଛି । ବର୍ତ୍ତମାନ ମୋର ସ୍ୱସ୍ଥାନକୁ ମୁଁ ଫେରି ଯାଉଅଛି । ସେଠାରେ ପୁଣି ଆମର ମିଳନ ହେବ ।' ଏହା କହି ବିଦ୍ୟୁତ୍‌ପ୍ରଭା ଅନ୍ତର୍ହିତା ହୋଇଗଲେ ।

ଏଥିରେ ବ୍ୟଥିତହୃଦୟ ଦେବଦତ୍ତ ସେହି ଭ୍ରୂଣଟିକୁ ନେଇ ଜାଳପାଦଙ୍କ ନିକଟରେ ଆସି ପହଞ୍ଚିଲା । ଜାଳପାଦ ଏହି ମାଂଧକୁ ରନ୍ଧନକରି ଏହାର କିଛି ଅଂଶ ଭୈରବଙ୍କୁ ସମର୍ପଣ କରିବା ନିମନ୍ତେ ଶିଷ୍ୟଦେବଦ୍ୱାରା ଅରଣ୍ୟକୁ ପ୍ରେରଣ କଲେ । ଶିଷ୍ୟଦେବ ବଳିଦାନ କରି ଫେରିଆସି ଦେଖନ୍ତି ତ ଜାଳପାଦ ସମସ୍ତ ମାଂସ ଭକ୍ଷଣ କରିସାରିଛନ୍ତି । ଶିଷ୍ୟଦେବ ବାରମ୍ବାର ତାଙ୍କୁ, କାହିଁକି ସେ ସବୁ ମାଂଧ ଖାଇନେଲେ ବୋଲି ପଚାରିବାରୁ ମଧ୍ୟ କୁଟିଳ ଜାଳପାଦ କୌଣସି ଉତ୍ତର ନଦେଇ ବିଦ୍ୟାଧର ରୂପରେ ଆକାଶମାର୍ଗରେ ପଳାୟନ କଲେ । ଏହା ଦେଖି ଦେବଦତ୍ତ ଚିନ୍ତା କରିବାକୁ ଲାଗିଲା, 'ଏହି କୁଟିଳ ଲୋକଟି ମୋତେ ନିଷ୍ଠୁରଭାବରେ ବଞ୍ଚିତ କଲା । ଅତ୍ୟନ୍ତ ସରଳତା ମନୁଷ୍ୟକୁ ସର୍ବଦା ଅପମାନିତ ହିଁ କରିଥାଏ । ବର୍ତ୍ତମାନ ଏହାର ପ୍ରତିଶୋଧ ନେବା ଆବଶ୍ୟକ । ବିଦ୍ୟାଧର ରୂପ ଧାରଣ କଲେ ଯାଇ ସେ କୌଣସି ପ୍ରକାରେ ତାର ସନ୍ଧାନ ନେବାକୁ ପଡ଼ିବ । ବର୍ତ୍ତମାନ ବେତାଳ ସାଧନା କରିବା ବ୍ୟତୀତ ମୋର ଅନ୍ୟ କିଛି ଉପାୟ ନାହିଁ ।'

ଏହିପରି ଚିନ୍ତାକରି ସେ ଶ୍ମଶାନ ମଧ୍ୟରେ ପ୍ରବେଶ କଲା । ସେଠାରେ ସେ କୌଣସି ବୃକ୍ଷରେ ଓହଳୁଥିବା ମନୁଷ୍ୟ ଶବକୁ ନରମାଂସ ବଳିଦାନ ଦେଇ ଏବଂ ତର୍ପଣ ପ୍ରଭୃତି କରି ବେତାଳ ଆବାହନ କରିବାକୁ ଲାଗିଲା । ଏଥିରେ ବେତାଳ ପରିତୃପ୍ତ ନ ହେବାରୁ ସେ ନିଜର ଶରୀରରୁ ମାଂସ କର୍ତ୍ତନ କରି ତାକୁ ତୃପ୍ତ କରିବାକୁ ଲାଗିଲା । ବେତାଳ ଦେବଦତ୍ତର ଏପରି ସାହସ ଦେଖି ସନ୍ତୁଷ୍ଟ ହୋଇ କହିଲା, 'ମୁଁ ବର୍ତ୍ତମାନ ତୁମ ଉପରେ ପ୍ରସନ୍ନ । ତୁମେ ଯାହା ଆଦେଶ କରିବ ମୁଁ ତାକୁ ପରିପାଳନ କରିବା ନିମନ୍ତେ ପ୍ରସ୍ତୁତ ଅଛି ।' ଏହା ଶୁଣି ଦେବଦତ୍ତ କହିଲା, 'ସେହି କୃତଘ୍ନ ସାଧକ ଜାଳପାଦ ଯେଉଁଠାରେ

Digitized by srujanika@gmail.com

ଆଜ୍ଞା କାର୍ତ୍ତିକ ତାକୁ ହତ୍ୟା କରିବା ସମୟରେ ମୋତେ ତା ମସ୍ତକକୁ ଦେଇ ଗଲ ।' ବୁଢ଼ୁଁ ବୁଢ଼ୁଁ ସେହି ବେତାଳ ଦେବଦତ୍ତକୁ ନିଜ କାନ୍ଧରେ ବସାଇ ବିଦ୍ୟାଧର ଲୋକକୁ ନେଇଗଲା ।

ସେଠାରେ ସେ ରାଜଭବନ ମଧ୍ୟରେ ବିଦ୍ୟାଧର ପଦ ପ୍ରାପ୍ତ ହୋଇ ଗର୍ବୋନ୍ମତ୍ତ ଜାଲପାଦକୁ ସିଂହାସନ ଉପରେ ଉପବିଷ୍ଟ ହୋଇଥିବା ଦେଖିବାକୁ ପାଇଲା । ଜାଲପାଦ ବିଦ୍ୟୁତ୍‌ପ୍ରଭାର ମନ ନେବାପାଇଁ ଚେଷ୍ଟା କରୁଥାଏ । ତାକୁ ଦେଖିବା ମାତ୍ରେ ଦେବଦତ୍ତ ତାଙ୍କୁ ଆକ୍ରମଣ କଲା । ଏଥିରେ ଭୟଭୀତ ହୋଇ ଜାଲପାଦ ସିଂହାସନ ଉପରୁ ଉଠିବା ବେଳେ ଭୂମି ଉପରେ ନିପତିତ ହେଲେ । ତାଙ୍କଠାରୁ ଖଡ୍ଗଟିକୁ ଗ୍ରହଣ କରି ଦେବଦତ୍ତ ନିଜର ଉଦାରତା ଯୋଗୁଁ ତାଙ୍କୁ ହତ୍ୟାକଲା ନାହିଁ ଏବଂ ହତ୍ୟା କରିବାକୁ ଯାଉଥିବା ବେତାଳକୁ ମଧ୍ୟ ବାରଣ କରି କହିଲା, 'ଏହି ପାଷଣ୍ଡକୁ ହତ୍ୟାକରି କିଛି ଲାଭ ନାହିଁ । ଏହାକୁ ମୃତ୍ୟୁଲୋକକୁ ନେଇଯାଇ ତା ନିଜ ଗୃହରେ ଛାଡ଼ିଦେଇ ଆସ । ସେଠାରେ ପୁଣି କାପାଳିକ ବ୍ରତ ଆଚରଣ କରି ଏ ଦୂଷିତ ଜୀବନଯାପନ କରୁ ।'

ଏହି ସମୟରେ ସ୍ୱୟଂ ଦେବୀ ପାର୍ବତୀ ସ୍ୱର୍ଗରୁ ଅବତରଣ କରି ଦେବଦତ୍ତଙ୍କୁ କହିଲେ, 'ବତ୍ସ ! ମୁଁ ତୋର ଅସାଧାରଣ ଧୈର୍ଯ୍ୟ ଦେଖି ପ୍ରସନ୍ନ ହେଲି । ତେଣୁ ବର୍ତ୍ତମାନ ତୋତେ ବିଦ୍ୟାଧରରାଜପଦ ଓ ବିଦ୍ୟା ପ୍ରଦାନ କରୁଅଛି ଗ୍ରହଣ କର ।' ଏହା କହି ଏବଂ ବିଦ୍ୟା ପ୍ରଦାନ କରି ପାର୍ବତୀ ସେଠାରୁ ଅନ୍ତର୍ହିତା ହୋଇଗଲେ । ଏଣେ ଜାଲପାଦକୁ ଆଣି ବେତାଳ ପୃଥିବୀପୃଷ୍ଠରେ ଛାଡ଼ିଦେଲା । ଫଳରେ ତାହାଙ୍କର ସମସ୍ତ ସିଦ୍ଧି ନଷ୍ଟ ହୋଇଗଲା । ପ୍ରକୃତରେ ଅଧର୍ମବିତ୍ତ କେହି ହେଲେ ଚିରକାଳ ଭୋଗ କରିପାରି ନାହିଁ । ଦେବଦତ୍ତ ଏହାପରେ ବିଦ୍ୟାଧର ରାଜ୍ୟପ୍ରାପ୍ତ ହୋଇ ବିଦ୍ୟୁତ୍‌ପ୍ରଭାଙ୍କ ସହିତ ଆନନ୍ଦରେ ଜୀବନଯାପନ କରିବାକୁ ଲାଗିଲା ।'

ମଧୁରଭାଷିଣୀ ଚନ୍ଦ୍ରରେଖା ନିଜର ପତି ଶକ୍ତିଦେବଙ୍କୁ ଏହି କଥା ଶୁଣାଇ କହିଲା, 'ଏକାର୍ଯ୍ୟ ଏପରି ହିଁ ହୋଇଥାଏ । ତେଣୁ ତୁମେ ଚନ୍ଦ୍ରସ୍ୱାମୀର କଥା ଅନୁଯାୟୀ ମୋ ଗର୍ଭରୁ ଭ୍ରୂଣଟିକୁ ବାହାର କରିନିଅ ।'

Digitized by srujanika@gmail.com

ଶକ୍ତିଦେବଙ୍କର ବିଦ୍ୟାଧରତ୍ୱ ପ୍ରାପ୍ତି

ଚନ୍ଦ୍ରରେଖାଙ୍କଠାରୁ ଏହା ଶୁଣି ମଧ୍ୟ ଶକ୍ତିଦେବ ପାପ ଭୟରେ ଶଙ୍କିତ ହେବାରୁ ଶୂନ୍ୟବାଣୀ ହେଲା,'ହେ ଶକ୍ତିଦେବ ! ତୁମେ ଆଦୌ ଶଙ୍କିତ ନହୋଇ ଭ୍ରୂଣଟିକୁ ବାହାର କରିଦିଅ । ଏହି ଶିଶୁଟିର କଣ୍ଠକୁ ଦୃଢ଼ହସ୍ତରେ ଅବରୁଦ୍ଧ କଲେ ସେ ଏକ ଖଡ୍ଗରେ ପରିଣତ ହେବ ।' ଏପରି ଦିବ୍ୟବାଣୀ ଶୁଣି ଶକ୍ତିଦେବ ଗର୍ଭସ୍ଥ ଶିଶୁଟିକୁ ବାହାର କରି ଆଣି ତାର କଣ୍ଠଦେଶକୁ ନିର୍ମମ ଭାବରେ ଅବରୁଦ୍ଧ କଲେ । ଚନ୍ଦ୍ରରେଖା ଏହି ସମୟରେ ଅଦୃଶ୍ୟ ହୋଇଗଲେ ଏବଂ ଶିଶୁଟି ଏକ ସୁନ୍ଦର ଖଡ୍ଗରେ ପରିଣତ ହେଲା । ଶକ୍ତିଦେବ ମଧ୍ୟ ସେ ଖଡ୍ଗଟିକୁ ଧାରଣ କରିବା ସଙ୍ଗେ ସଙ୍ଗେ ବିଦ୍ୟାଧରତ୍ୱ ଲାଭକଲେ ।

ଏଥିରେ ଆଶ୍ଚର୍ଯ୍ୟଚକିତ ହୋଇ ଶକ୍ତିଦେବ ନିଜର ଦ୍ୱିତୀୟା ପତ୍ନୀ ବିନ୍ଦୁମତୀଙ୍କ ନିକଟରେ ଏସବୁ ପ୍ରକାଶ କଲେ । ସେତେବେଳେ ସେ ଏହାର ରହସ୍ୟ ଉଦ୍‌ଘାଟନ କରି କହିଲେ, 'ନାଥ ! ଆମେ ତିନିଜଣ ବିଦ୍ୟାଧର ରାଜାଙ୍କର ତିନି କନ୍ୟା ଥିଲୁ । କିନ୍ତୁ ଶାପଗ୍ରସ୍ତା ହୋଇ ଆମ୍ଭେମାନେ ପୃଥିବୀପୃଷ୍ଠରେ ଜନ୍ମଗ୍ରହଣ କରିଥିଲୁ । ଗୋଟିଏ କନ୍ୟା କନକରେଖା ନାମରେ ବର୍ଦ୍ଧମାନ ରାଜଭବରେ ରହିଥିଲା । ତାର ଶାପାନ୍ତ ତୁମେ ଦେଖିଅଛ । ସେ ବର୍ତ୍ତମାନ ନିଜ ନଗରକୁ ଚାଲି ଯାଇଅଛି । ମୁଁ ତାଙ୍କର ଦ୍ୱିତୀୟା କନ୍ୟା । ମୋର ମଧ୍ୟ ବର୍ତ୍ତମାନ ଶାପ ସମୟ ଶେଷ ହେଲା । ଆଜି ମୁଁ ନିଜ ନଗରକୁ ଚାଲିଯାଉଛି । ସେଠାରେ ଆମମାନଙ୍କ ଶରୀର ସୁରକ୍ଷିତ ହୋଇ ରହିଅଛି ଏବଂ ଆମର ଜ୍ୟେଷ୍ଠା ଭଗିନୀ ଚନ୍ଦ୍ରପ୍ରଭା ସେହିଠାରେ ବାସ କରୁଅଛନ୍ତି । ତୁମେ ବର୍ତ୍ତମାନ ଏ ଖଡ୍ଗ ସିଦ୍ଧିର ପ୍ରଭାବରେ ଶୀଘ୍ର ସେଠାକୁ ପ୍ରସ୍ଥାନ କର । ସେଠାରେ ଆମ ଚାରିଜଣଙ୍କୁ ବିବାହ କରି ତୁମେ ଆମ ପିତାଙ୍କ ରାଜ୍ୟ ମଧ୍ୟ ଲାଭ କରିବ ।'

*

ଏହିପରି କହୁ କହୁ ବିନ୍ଦୁମତୀଙ୍କ ସହିତ ଶକ୍ତିଦେବ ଆକାଶମାର୍ଗରେ ଯାଇ କନକପୁରରେ ଉପସ୍ଥିତ ହେଲେ । ପ୍ରଥମେ ରାଜଭବନ ମଧ୍ୟରେ

Digitized by srujanika@gmail.com

ସେ ଯେଉଁ ତିନୋଟି କନ୍ୟାଙ୍କୁ ନିଜର ଶରୀରରେ ଦେଖିଥିଲେ, ବର୍ତ୍ତମାନ ସେମାନଙ୍କୁ ସଜୀବ ଅବସ୍ଥାରେ ତାଙ୍କୁ ପ୍ରଣାମ କରୁଥିବା ଦେଖିବାକୁ ପାଇଲେ । ଚନ୍ଦ୍ରପ୍ରଭା ମଧ୍ୟ ନିକଟକୁ ଆସି ପ୍ରଣାମପୂର୍ବକ ତାଙ୍କୁ ସ୍ୱାଗତ କଲେ । ଏହାପରେ ତାଙ୍କୁ ସେମାନେ ନିଜର ଶୟନାଗାରକୁ ନେଇଯାଇ କହିଲେ, 'ଭଦ୍ର ! ବର୍ତ୍ତମାନ ନଗରରେ ଆପଣ ଯେଉଁ ରାଜକୁମାରୀ କନକରେଖାଙ୍କୁ ଦେଖିଥିଲେ ସେ ମୋର ଭଗିନୀ ଚନ୍ଦ୍ରରେଖା । ଉତ୍ସ୍ଥଳ ଦ୍ୱୀପରେ ଯେଉଁ ଧୀବର କନ୍ୟା ଚନ୍ଦ୍ରମଣିଙ୍କୁ ବିବାହ କରିଥିଲେ ସେ ମୋର ଅନ୍ୟ ଭଗିନୀ ଶଶିରେଖା ଏବଂ ରକ୍ଷସଦ୍ୱୀପ ଅପହୃତା ଯେଉଁ ରାଜକୁମାରୀ ବିନ୍ଦୁରେଖା ସହିତ ଆପଣଙ୍କର ବିବାହ ହୋଇଥିଲା, ସେ ମୋର ସର୍ବକନିଷ୍ଠା ଭଗିନୀ ଶଶିପ୍ରଭା । ବର୍ତ୍ତମାନ ଆପଣ ଆମ୍ଭମାନଙ୍କ ସହିତ ପିତାଙ୍କ ନିକଟକୁ ଚାଲନ୍ତୁ । ସେଠାରେ ସେ ଆମ୍ଭମାନଙ୍କୁ ଆପଣଙ୍କ ହସ୍ତରେ ପ୍ରଦାନ କରିବେ ।'

ଏହାପରେ ସମସ୍ତେ ବିଦ୍ୟାଧରରାଜ ଶଶିଖଣ୍ଡଙ୍କ ନିକଟକୁ ଗମନ କଲେ । ସେ ଆନନ୍ଦ ମନରେ ନିଜର ରାଜ୍ୟ, ସେ ଜାଣିଥିବା ସମସ୍ତ ବିଦ୍ୟା ଏବଂ ଚାରୋଟି କନ୍ୟା ଶକ୍ତିଦେବଙ୍କୁ ପ୍ରଦାନ କରି କହିଲେ, 'ଆଜିଠାରୁ ତୁମେ ଶକ୍ତିବେଗ ନାମରେ ପରିଚିତ ହେବ । ତୁମେ ଏପରି ଶକ୍ତିଶାଳୀ ହେବ ଯେ ତୁମକୁ କେହି ଜୟ କରିପାରିବେ ନାହିଁ । ବତ୍ସରାଜ ଉଦୟନଙ୍କର ନରବାହନଦତ୍ତ ନାମରେ ଯେଉଁ ପୁତ୍ର ଜାତ ହେବ ସେ ବିଦ୍ୟାଧରମାନଙ୍କର ଚକ୍ରବର୍ତ୍ତୀ ହେବ । ସେ ତୁମର ଭାବୀ ସ୍ୱାମୀ । ତେଣୁ ତୁମେ ତାଙ୍କୁ ପ୍ରଣାମ କରିବା ଉଚିତ ।' ଏପରି କହି ଶଶିଖଣ୍ଡ ଶକ୍ତିବେଗଙ୍କୁ ନିଜର କନ୍ୟାମାନଙ୍କ ସହିତ କନକପୁରୀ ନଗରୀକୁ ପଠାଇଦେଲେ । ଶକ୍ତିବେଗ ରାଜସିଂହାସନ ଆରୋହଣ କରି ଅତି ଆନନ୍ଦରେ ବିଦ୍ୟାଧରକୁଳର ଅନେକ ପତାକାରୂପେ ଶୋଭା ପାଇବାକୁ ଲାଗିଲେ ।

'ମୁଁ ହିଁ ସେହି ଅଧମ ଶକ୍ତିବେଗ ।' ବାକ୍ୟପଟୁ ଶକ୍ତିବେଗ ଏହାପରେ ନିଜର ଜୀବନ ଚରିତ ବତ୍ସରାଜଙ୍କ ନିକଟରେ ନିବେଦନ କରି ପୁଣି କହିଲେ, 'ମହାରାଜ ! ଆପଣ ମୋତେ ଆପଣଙ୍କର ନବଜାତ ଚକ୍ରବର୍ତ୍ତୀ ପୁତ୍ରର ଚରଣ-

Digitized by srujanika@gmail.com

କମଳ-ଦର୍ଶନ-ଅଭିଳାଷୀ ବୋଲି ଜ୍ଞାନ କରନ୍ତୁ । ସାଧାରଣ ମନୁଷ୍ୟ ହୋଇ ମଧ୍ୟ ମୁଁ ଭଗବାନ ମହାଦେବଙ୍କ କୃପାରୁ ବିଦ୍ୟାଧରମାନଙ୍କର ପ୍ରଭୁତ୍ୱ ଲାଭ କରିଅଛି । ବର୍ତ୍ତମାନ ମୁଁ ନିଜ ସ୍ଥାନକୁ ଫେରିଯାଉଛି । ଆପଣଙ୍କର ସର୍ବଦା ମଙ୍ଗଳ ହେଉ ।'

ଏହାପରେ ରାଜାଙ୍କୁ ପ୍ରଣାମ କରି ଏବଂ ରାଜାଙ୍କଠାରୁ ବିଦାୟ ଗ୍ରହଣ କରି ତେଜସ୍ୱୀ ଶକ୍ତିବେଗ ଆକାଶମାର୍ଗରେ ପ୍ରସ୍ଥାନ କରିବା ପରେ ଉଦୟନ, ବାସବଦତ୍ତା, ପଦ୍ମାବତୀ, ଯୌଗନ୍ଧରାୟଣ ପ୍ରଭୃତି ମନ୍ତ୍ରୀବୃନ୍ଦ ଓ ଶିଶୁ ନରବାହନଦତ୍ତ ଦିବ୍ୟ ଆନନ୍ଦ ଅନୁଭବ କଲେ ।

Digitized by srujanika@gmail.com

ଷଷ୍ଠ ସର୍ଗ

ଛର୍ଜୟନ୍ନିବ ବହ୍ନୌଘାନ୍ନମିତୋନ୍ନମିତେନ ଯଃ
ମୁହୁର୍ବିହିତ ଶିରସା ସ ପାୟାଦ୍ ବୋ ଗଜାନନଃ ।
ନମଃ କାମାୟ ଯଦ୍‌ବାଣପାତୈରିବ ନିରନ୍ତରମ୍
ହୃତ କଣ୍ଟକିତଂ ଶମ୍ଭୋରପ୍ୟମାଳିଙ୍ଗିତଂ ବପୁଃ ।

Digitized by srujanika@gmail.com

ପ୍ରଥମ ତରଙ୍ଗ

ନରବାହନଦତ୍ତ ପିତାମାତାଙ୍କ ଆଦର ଓ ସ୍ନେହ ଲାଭକରି କ୍ରମେ କ୍ରମେ ବଢ଼ିବାକୁ ଲାଗିଲେ । ମନ୍ତ୍ରୀପୁତ୍ର ପ୍ରଭୃତି ମିତ୍ରମାନଙ୍କ ସହ ଉପବନ ବିହାର, ବିଦ୍ୟାଶିକ୍ଷା ଓ ବିବିଧ କ୍ରୀଡ଼ାରେ ଆଠ ବର୍ଷ କଟିଗଲା । ମାତା ବାସବଦତ୍ତା ଏବଂ ବିମାତା ପଦ୍ମାବତୀ ତାଙ୍କୁ ସମାନ ଭାବରେ ଆଦର କରୁଥାଆନ୍ତି । ପିତା ଉଦୟନ ପୁତ୍ରର ବିଭିନ୍ନ ମନୋରଥ ପୂର୍ଣ୍ଣ କରିବାରେ ସର୍ବଦା ତତ୍ପର ଥାଆନ୍ତି । ନରବାହନ ମଧ୍ୟ ନିଜର ବିନମ୍ରତା, ଦୟା, ଦାକ୍ଷିଣ୍ୟ ପ୍ରଭୃତି ଆନ୍ତରିକ ଗୁଣାବଳୀ ତଥା ଶାରୀରିକ ସୌନ୍ଦର୍ଯ୍ୟବଳରେ ଜନମନ ହରଣ କରୁଥାଆନ୍ତି ।

ରାଜା କଳିଙ୍ଗଦତ୍ତ କଥା

ଏ ସମୟରେ ବିତସ୍ତା ନଦୀର ତଟଦେଶରେ ତକ୍ଷଶିଳା ନାମକ ଏକ ନଗର ଥିଲା । ଏହାର ପ୍ରତିବିମ୍ବ ବିତସ୍ତା ଜଳରେ ଦେଖିଲେ ମନେ ହେଉଥିଲା ନାଗଲୋକ ଯେପରି ପୃଥିବୀପୃଷ୍ଠକୁ କ୍ରମେ କ୍ରମେ ଉଠି ଆସୁଅଛି ।

ଏହି ନଗରରେ କଳିଙ୍ଗଦତ୍ତ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ସେ ବୌଦ୍ଧଧର୍ମାବଲମ୍ବୀ ଥିଲେ ଏବଂ ଭିକ୍ଷୁମାନଙ୍କଠାରେ ତାଙ୍କର ପ୍ରଗାଢ଼ ଭକ୍ତି ଥିଲା । ତାଙ୍କ ରାଜ୍ୟର ଜନତା ଭଗବାନ ଜିନଙ୍କର ଉପାସକ ଥିଲେ । ରାଜା ପ୍ରଜାବୃନ୍ଦଙ୍କୁ ନିଜର ପୁତ୍ରପରି ପରିପାଳନା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଗୁରୁରୂପରେ ଉପଦେଶ ପ୍ରଦାନ ମଧ୍ୟ କରୁଥିଲେ ।

ଏହି ନଗର ମଧ୍ୟରେ ବିତସ୍ତାଦତ୍ତ ନାମରେ ଜଣେ ଧନୀ ବଣିକ ବାସ କରୁଥିଲେ । ସେ ସର୍ବଦା ବୌଦ୍ଧ ଭିକ୍ଷୁମାନଙ୍କର ପରିଚର୍ଯ୍ୟା କରି ଦାନ ଯାଗ କରୁଥାଆନ୍ତି । କିନ୍ତୁ ତାଙ୍କର ପ୍ରିୟପୁତ୍ର ରତ୍ନଦତ୍ତ ପିତାଙ୍କର ଏପ୍ରକାର

Digitized by srujanika@gmail.com

କାର୍ଯ୍ୟକଳାପକୁ ସମର୍ଥନ କରିପାରୁ ନଥିଲା ଏବଂ ପିତାଙ୍କୁ ପାପୀ ବୋଲି କହି ସର୍ବଦା ବିରକ୍ତ କରୁଥିଲା । ଦିନେ ବିତସ୍ତାଦତ୍ତ ଏହାର କାରଣ ଜିଜ୍ଞାସା କରିବାରୁ ସେ କହିଲା—

'ପିତା, ତୁମେ ବୈଦିକଧର୍ମ ପରିତ୍ୟାଗ କରିଥିବା ଯୋଗୁଁ ଅଧର୍ମ ଆଚରଣ କରୁଛ ମାତ୍ର । ବ୍ରାହ୍ମଣମାନଙ୍କୁ ଅଭ୍ୟର୍ଥନା ନକରି ଭିକ୍ଷୁମାନଙ୍କ ଉପାସନା କରିବାଦ୍ୱାରା ତୁମେ ତୁମର ପାପଭାରକୁ ଗୁରୁତର କରୁଅଛ । ଭିକ୍ଷୁମାନେ ସ୍ନାନ ଶୌଚାଦି କରନ୍ତି ନାହିଁ, ସେମାନେ ମୁଣ୍ଡିତମସ୍ତକ ଓ ଖାଦ୍ୟଲୋଭୀ; ବୌଦ୍ଧବିହାରଗୁଡ଼ିକରେ ଆଶ୍ରୟ ମିଳିପାରିବ ବୋଲି ଯେ କୌଣସି ନୀଚଜାତିର ବ୍ୟକ୍ତି ଏ ଧର୍ମ ଗ୍ରହଣ କରିଥାଏ । ଏଣୁ ଏ ଧର୍ମ ସର୍ବଦା ପରିତ୍ୟାଜ୍ୟ ।'

ପୁତ୍ରର ଏପ୍ରକାର ମନ୍ତବ୍ୟ ଶୁଣି ବିତସ୍ତାଦତ୍ତ କହିଲେ, 'ବତ୍ସ ! ଧର୍ମ ବହୁରୂପୀ । ସାର୍ବଲୌକିକ ଓ ପାରଲୌକିକ ଧର୍ମ ପୃଥକ୍ । ଏ ଧର୍ମ ମଧ୍ୟ ବ୍ରାହ୍ମଣ୍ୟ ଧର୍ମତୁଲ୍ୟ ସତ୍ୟ, ଅହିଂସା, ଜୀବେଦୟା, ଜାତିହୀନତା, ରାଗଦ୍ୱେଷ-ହୀନତା ପ୍ରଭୃତିରେ ବିଶ୍ୱାସ କରେ । ଏହି ପବିତ୍ର ବୌଦ୍ଧ ସିଦ୍ଧାନ୍ତକୁ ତୁମେ କୌଣସି ଏକ ବ୍ୟକ୍ତିବିଶେଷର ଦୋଷରେ ଦୂଷିତ ବୋଲି କହିବା ଉଚିତ ନୁହେ । ପରୋପକାର ହିଁ ସର୍ବଶ୍ରେଷ୍ଠ ଧର୍ମ । କୌଣସି ସିଦ୍ଧାନ୍ତ ଏହାର ବିରୋଧ କରିବ ନାହିଁ । ଅହିଂସା ବ୍ୟତୀତ ଅନ୍ୟ କୌଣସି ମାର୍ଗରେ ଅନ୍ୟର ପ୍ରକୃତ ଉପକାର ସାଧନ କରିବା ସମ୍ଭବପର ନୁହେ । ତେଣୁ ଏ ମାର୍ଗକୁ ପ୍ରାଧାନ୍ୟ ପ୍ରଦାନ କରୁଥିବା ବୌଦ୍ଧଧର୍ମ ପ୍ରତି ମୋର ଏପ୍ରକାର ଅନୁରକ୍ତି । ଏହାକୁ ଅଧର୍ମ ବୋଲି କହିବା ତୁମ ପକ୍ଷରେ ଆଦୌ ଉଚିତ ହେଉ ନାହିଁ ।'

ପିତାଙ୍କର ଏ ଉକ୍ତି ରତ୍ନଦତ୍ତ ମନରେ କୌଣସି ପରିବର୍ତ୍ତନର ସୂତ୍ରପାତ କଲା ନାହିଁ । ବରଂ ସେ ପିତାଙ୍କର ଅଧିକ ବିରୁଦ୍ଧାଚରଣ କରିବାକୁ ଲାଗିଲା । ଏଥିରେ କ୍ଷୁବ୍ଧ ହୋଇ ବିତସ୍ତାଦତ୍ତ ରାଜାଙ୍କ ନିକଟରେ ଏକଥା ପ୍ରକାଶ କଲେ । ରାଜା କଳଙ୍ଗଦତ୍ତ ବୈଶ୍ୟପୁତ୍ରକୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ନିମନ୍ତେ ରାଜ ଦରବାରକୁ ଡକାଇ ଆଣି ମିଥ୍ୟା କ୍ରୋଧ ପ୍ରକାଶପୂର୍ବକ ରାଜଦ୍ରୋହ ଓ ଧର୍ମଦ୍ରୋହ ଦୋଷରେ ଦୁଷ୍ଟ କରି ତାହା ପ୍ରତି ପ୍ରାଣଦଣ୍ଡ

Digitized by srujanika@gmail.com

ଆଦେଶ ପ୍ରଦାନ କଲେ । ଏଥିରେ ବଣିକ୍‌ପୁତ୍ର ରତ୍ନଦତ୍ତ ବିବ୍ରତ ହୋଇ ବହୁ ଅନୁନୟବିନୟପୂର୍ବକ ରାଜାଙ୍କୁ ପ୍ରାର୍ଥନା କରିବାରୁ ରାଜା କହିଲେ, 'ରତ୍ନଦତ୍ତଙ୍କୁ ଧର୍ମାଚରଣ ନିମିତ୍ତ ଦୁଇମାସ ସମୟ ଦିଆଗଲା । ଦୁଇମାସ ପରେ ସେ ପୁଣି ଆସି ରାଜସଭାରେ ଉପସ୍ଥିତ ହେବ ।'

ରତ୍ନଦତ୍ତ ଗୃହକୁ ଫେରିଯାଇ ସର୍ବଦା ଚିନ୍ତାନ୍ୱିତ ହୋଇ ରହିଲା । ନିଜର ଅପରାଧ ଓ ରାଜାଙ୍କର ଦଣ୍ଡାଦେଶର କାରଣ ସମ୍ପର୍କରେ ଚିନ୍ତା କରି କରି ସେ ଖାଦ୍ୟପେୟ ମଧ୍ୟ ଗ୍ରହଣ କରିପାରିଲା ନାହିଁ । ସର୍ବଦା ପ୍ରାଣଭୟ ତାର ଶରୀରକୁ କ୍ଷୀଣରୁ କ୍ଷୀଣତର କଲା । ଦୁଇମାସ ଅତୀତ ହେବା ପରେ ପିତା ତାକୁ ନେଇ ପୁଣି ରାଜସଭାରେ ଉପସ୍ଥିତ ହେଲେ । ରାଜା ତା'ର ଏ କ୍ଷୀଣ ଓ ଦୁର୍ବଳ ଶରୀର ଦର୍ଶନ କରି କହିଲେ; 'ଏହି ଦୁଇଟି ମାସ ମଧ୍ୟରେ ତୁମର ଶରୀର ଏପରି ରୁଗ୍‌ଣ ହୋଇଯାଇଛି କାହିଁକି ? ମୁଁ ତୁମର ଖାଦ୍ୟପାନ ନିୟନ୍ତ୍ରଣ କରିବା ନିମନ୍ତେ କୌଣସି ଆଦେଶ ଜାରି କରି ନଥିଲି ।' ଏଥିରେ ଚକିତ ଓ ଭୟଭୀତ ରତ୍ନଦତ୍ତ ଉତ୍ତର ଦେଲା, 'ମହାରାଜ ! ଆପଣଙ୍କ ଦଣ୍ଡାଦେଶ ଶୁଣିବା ଦିନୁଁ ମୁଁ ଖାଇବା ଶୋଇବା କଣ ନିଜର ଆତ୍ମାକୁ ମଧ୍ୟ ଭୁଲି ଯାଇଥିଲି । ପ୍ରତିମୁହୂର୍ତ୍ତରେ ମୃତ୍ୟୁକୁ ସମ୍ମୁଖରେ ଦେଖି ମୁଁ ଅନ୍ୟ କୌଣସି କଥା ଚିନ୍ତା କରିବା ପାଇଁ ସମର୍ଥ ହୋଇପାରୁ ନଥିଲି ।'

ଏ ଉତ୍ତରରେ ରାଜା ସନ୍ତୁଷ୍ଟ ହୋଇ ରତ୍ନଦତ୍ତଙ୍କୁ କହିଲେ, 'ମୁଁ ପ୍ରାଣଦଣ୍ଡର ଭୟ ପ୍ରଦର୍ଶନ କରି ତୁମକୁ ତତ୍ତ୍ୱଜ୍ଞାନର ଉପଦେଶ ଦେବା ପାଇଁ ଚେଷ୍ଟା କରୁଥିଲି । ପ୍ରତ୍ୟେକ ପ୍ରାଣୀ ମୃତ୍ୟୁକୁ ସର୍ବାପେକ୍ଷା ଅଧିକ ଭୟ କରେ । ଏହାଠାରୁ ଆତ୍ମରକ୍ଷା କରିବା ନିମନ୍ତେ ପରୋପକାର ବ୍ୟତୀତ ଅନ୍ୟ ଦ୍ୱିତୀୟ ପନ୍ଥା ନାହିଁ । ଏହି ତତ୍ତ୍ୱ ଶିକ୍ଷା ଦେବା ନିମନ୍ତେ ମୁଁ ଏପ୍ରକାର ଉପାୟର ଆଶ୍ରୟ ନେଇଥିଲି । ମୃତ୍ୟୁଠାରୁ ଭୟ ପ୍ରାପ୍ତ ହୋଇ ଜ୍ଞାନୀ ପୁରୁଷମାନେ ମୁକ୍ତିଲାଭ ନିମନ୍ତେ ଚେଷ୍ଟା କରିଥାଆନ୍ତି । ତେଣୁ ତୁମେ ତୁମର ପିତାଙ୍କୁ ଅପମାନିତ କରିବା ପରିବର୍ତ୍ତେ ନିଜେ ମୁକ୍ତିର ପନ୍ଥା ଅନୁସନ୍ଧାନ କରିବା ଆବଶ୍ୟକ ।'

ରାଜାଙ୍କଠାରୁ ଏହି ତତ୍ତ୍ୱଜ୍ଞାନ ଲାଭକରି ରତ୍ନଦତ୍ତ ବିନମ୍ରଭାବରେ କହିଲା, 'ଆପଣ ପରୋକ୍ଷରୂପେ ଏ ଅମୂଲ୍ୟ ଧର୍ମ ଉପଦେଶ ପ୍ରଦାନ କରି

Digitized by srujanika@gmail.com

ମୋତେ କୃତାର୍ଥ କରିଅଛନ୍ତି । ବର୍ତ୍ତମାନ ମୁକ୍ତି ସମ୍ପର୍କୀୟ କିଛି ଉପଦେଶ ପ୍ରଦାନ କଲେ ମୁଁ ଚିର କୃତଜ୍ଞ ରହିବି ।’

ରାଜା କଳିଙ୍ଗଦତ୍ତ କିଛି ସମୟ ଚିନ୍ତା କଲାପରେ ରତ୍ନଦତ୍ତଙ୍କ ହସ୍ତରେ ଏକ ତୈଳପୂର୍ଣ୍ଣ ପାତ୍ର ପ୍ରଦାନ କରି କହିଲେ, ‘ଏହାକୁ ଧରି ତୁମେ ସମଗ୍ର ନଗର ପରିକ୍ରମା କରିଆସିବ । କିନ୍ତୁ ମନେରଖ ଏଥିରୁ ଟୋପାଏ ତୈଳ ଯେପରି ଭୂମିରେ ନପଡ଼େ । ଯଦି ପଡ଼େ ତା’ ହେଲେ ମୋର ଅନୁଚରମାନେ ତୁମକୁ ସଙ୍ଗେ ସଙ୍ଗେ ହତ୍ୟା କରିବେ ।’ ଏହା କହି ରାଜା ତାକୁ ନଗର ପରିକ୍ରମା କରିବା ନିମନ୍ତେ ଆଦେଶ ପ୍ରଦାନ କରି ଅନୁଚରମାନଙ୍କୁ ତା’ର ଅନୁଗମନ କରିବା ନିମନ୍ତେ ଆଜ୍ଞା ଦେଲେ । ବୈଶ୍ୟପୁତ୍ର ପ୍ରାଣଭୟରେ ଅତ୍ୟନ୍ତ ସାବଧାନତାର ସହିତ ନଗର ପରିକ୍ରମା ଶେଷକରି ପୁଣି ରାଜାଙ୍କ ସମ୍ମୁଖରେ ଆସି ଉପସ୍ଥିତ ହେଲା । ରାଜା ତାକୁ ଦେଖି ଜିଜ୍ଞାସା କଲେ ଯେ ସେ ନଗର ପରିକ୍ରମା ସମୟରେ କି କି ବସ୍ତୁ ଦର୍ଶନ କରିଅଛି । ଏଥିରେ ଖିନ୍ନ ରତ୍ନଦତ୍ତ ଯୋଡ଼ହସ୍ତରେ ନିବେଦନ କଲା, ‘ମହାରାଜ, ମୁଁ ଏହି ସମୟ ମଧ୍ୟରେ କୌଣସି ବସ୍ତୁ ବା ବ୍ୟକ୍ତିକୁ ଦର୍ଶନ କରିପାରି ନାହିଁ କି କିଛି ଶୁଣିପାରି ନାହିଁ । ସର୍ବଦା ମୋର ଦୃଷ୍ଟି କେବଳ ତୈଳପାତ୍ର ଉପରେ ନିବଦ୍ଧ ଥିଲା ।’ ବୈଶ୍ୟକୁମାରଠାରୁ ଏ ଉତ୍ତର ପାଇ ରାଜା କହିଲେ, ‘ସବୁ ପଦାର୍ଥ ତୁମ ସମ୍ମୁଖରେ ଥିଲେ ସୁଦ୍ଧା ତୁମେ ଯେପରି ତୈଳପାତ୍ର ଉପରେ ଦୃଷ୍ଟି ରଖିଥିବାରୁ କିଛି ଦେଖିପାରିଲ ନାହିଁ, ଠିକ୍ ସେହିପରି ତଲ୍ଲୀନତାର ସହିତ ଚେଷ୍ଟା କଲେ ଆତ୍ମା ସମ୍ପର୍କରେ ଜ୍ଞାନ ଅର୍ଜନ କରିପାରିବ । ଏକାଗ୍ରଚିତ୍ତ ବ୍ୟକ୍ତି ନିଜର ଅନ୍ତରତମ ପ୍ରଦେଶକୁ ଦେଖିପାରିଥାଏ । ତତ୍ତ୍ୱଜ୍ଞାନ ଲାଭକଲେ ମାନବର କର୍ମଜାଲ ଛିନ୍ନ ହୁଏ । ଏହାହିଁ ମୁକ୍ତି ସମ୍ପର୍କରେ ତୁମକୁ ମୋର ଏକମାତ୍ର ଉପଦେଶ ।’

ରାଜାଙ୍କଠାରୁ ଏପ୍ରକାର ଉପଦେଶ ଲାଭକରି ବୈଶ୍ୟପୁତ୍ର ତାଙ୍କର ଚରଣ ଯୁଗଳରେ ପ୍ରଣିପାତପୂର୍ବକ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲା ।

ଏହିପରି ପୁତ୍ର ସ୍ନେହରେ ପ୍ରଜାମାନଙ୍କୁ ପାଳନ କରୁଥିବା ରାଜା କଳିଙ୍ଗଦତ୍ତଙ୍କର ତାରାଦତ୍ତା ନାମରେ ଜଣେ ରାଣୀ ଥିଲେ । ସଚ୍ଚରିତ୍ରା ଓ

Digitized by srujanika@gmail.com

ସୁଦର୍ଶ୍ଚ ଏବଂ ରାଣୀଙ୍କୁ ରାଜା ବିଭିନ୍ନ ଉଦାହରଣ ଓ ଉପଦେଶାତ୍ମକ ଗଳ୍ପ କହି ସର୍ବଦା ଆନନ୍ଦିତ କରୁଥାଆନ୍ତି । ଫଳରେ ରାଜା ଓ ରାଣୀ, ଇନ୍ଦ୍ର ଓ ଶଚୀତୁଲ୍ୟ ସୁଖରେ କାଳଯାପନ କରୁଥାଆନ୍ତି ।

ସୁରଭିଦତ୍ତା ଅପ୍ସରା କଥା

ଥରେ ଇନ୍ଦ୍ର ସ୍ୱର୍ଗରେ ଏକ ମହୋତ୍ସବ ପାଳନ କରୁଥିଲେ । ଏଥିରେ ସମସ୍ତ ଅପ୍ସରା ଯୋଗଦାନ କରିଥିଲେ ମଧ୍ୟ ସୁରଭିଦତ୍ତା ସେଠାରେ ଉପସ୍ଥିତ ହୋଇ ନଥିଲା । ଇନ୍ଦ୍ର ଯୋଗବଳରେ ଜାଣିପାରିଲେ ଯେ ସେ ନନ୍ଦନକାନନର କୌଣସି ବିଦ୍ୟାଧର ସହିତ କ୍ରୀଡ଼ାରତା । ଏଥିରେ କ୍ରୁଦ୍ଧ ହୋଇ ସେ ଚିନ୍ତାକଲେ ଯେ ଏ ଉଭୟେ କାମାନ୍ଧ ଓ ଦୁରାଚାରୀ । ଅପ୍ସରା ମୋର ଆଦେଶ ଅମାନ୍ୟ କରି ଏଠାରେ ଉପସ୍ଥିତ ହୋଇନାହିଁ ଏବଂ ସେହି ବିଦ୍ୟାଧର ଦେବଭୂମିରେ **ଆସି** ଅନ୍ୟାୟ ଆଚରଣ କରୁଅଛି । ପୁଣି ସେ ବିଚାର କଲେ ଯେ ଏହି ବିଦ୍ୟାଧରର ବା ଦୋଷ କଅଣ ? ଏହାକୁ ଏହି ଅପ୍ସରା ନିଜର ରୂପ ଓ ଯୌବନଦ୍ୱାରା ଆକୃଷ୍ଟ କରି ଆଣିଅଛି । ଲାବଣ୍ୟ ଜଳ ପରିପୂର୍ଣ୍ଣ ରମଣୀରୂପକ ସ୍ରୋତସ୍ୱିନୀରେ ଭାସମାନ ବ୍ୟକ୍ତି ନିଜକୁ ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ । ପୂର୍ବରେ ତିଳୋତ୍ତମାଙ୍କ ଅପରୂପ ସୌନ୍ଦର୍ଯ୍ୟ ଯୋଗୀପ୍ରବର ଶିବଙ୍କୁ ମଧ୍ୟ ଆକୃଷ୍ଟ କରିଥିଲା । ମେନକାଙ୍କୁ ଦେଖି ବିଶ୍ୱାମିତ୍ର ତପସ୍ୟାରୁ ବିରତ ହୋଇଥିଲେ । ଶର୍ମିଷ୍ଠାଙ୍କ ରୂପ ଲୋଭରେ ଯଯାତି ନିଜର ବାର୍ଦ୍ଧକ୍ୟ ପୁତ୍ରକୁ ପ୍ରଦାନ କରି ଯୌବନାବସ୍ଥା ପ୍ରାପ୍ତ ହୋଇ ଥିଲେ । ତେଣୁ ପ୍ରକୃତରେ ଏହି ବିଦ୍ୟାଧର ଯୁବକ ଅପରାଧୀ ନୁହେଁ କାରଣ ଅପ୍ସରାମାନେ ରୂପରେ ତ୍ରିଭୁବନ ଜୟ କରିପାରନ୍ତି । ଏହି ବିଦ୍ୟାଧର ଯୁବକ ସେଥିରେ ଆକୃଷ୍ଟ ହେବା ଏକାନ୍ତ ସ୍ୱାଭାବିକ । କିନ୍ତୁ ଅପ୍ସରା ହୀନଜାତି ପୁରୁଷ ସହିତ ମିଳିତ ହୋଇଥିବା ହେତୁ ପ୍ରକୃତରେ ଦଣ୍ଡଯୋଗ୍ୟା । ଏହା ଚିନ୍ତାକରି ଗୌତମ ଶାପଗ୍ରସ୍ତ ଓ ସହସ୍ର ଯୋନିଧାରୀ ଇନ୍ଦ୍ର ଉକ୍ତ ଅପ୍ସରାଙ୍କୁ ଶାପ ପ୍ରଦାନ କରି କହିଲେ, 'ତୁ ଯାଇ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କର । ସେଠାରେ ଏକ ଅଯୋନିଜା କନ୍ୟା ଲାଭକରି ପୁଣି ସ୍ୱର୍ଗକୁ ଫେରିଆସିବୁ ।'

Digitized by srujanika@gmail.com

ଏହି ସମୟରେ କଳିଙ୍ଗଦତ୍ତଙ୍କ ରାଣୀ ତାରାଦତ୍ତା ଋତୁମତୀ ହୋଇ ଥାଆନ୍ତି । ଇନ୍ଦ୍ରଙ୍କ ଶାପରେ ଅପ୍ସରା ସୁରଭିଦତ୍ତା ଆସି ତାଙ୍କ ଗର୍ଭରେ ପ୍ରବେଶ କଲେ । ରାଣୀ ସ୍ୱପ୍ନରେ ଦେଖିଲେ, କୌଣସି ଏକ ଦିବ୍ୟଜ୍ୟୋତି ଆସି ତାଙ୍କ ଗର୍ଭରେ ପ୍ରବେଶ କରିଅଛି । ପରଦିନ ପ୍ରଭାତରୁ ସେ ଏହା ରାଜାଙ୍କ ନିକଟରେ ପ୍ରକାଶ କରନ୍ତେ ରାଜା ଆନନ୍ଦିତ ହୋଇ କହିଲେ, 'ଦିବ୍ୟଲୋକରେ ବାସ କରୁଥିବା ପ୍ରାଣିମାନେ ଅନେକ ସମୟରେ ଶାପ-ଗ୍ରସ୍ତ ହୋଇ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କରିଥାଆନ୍ତି । ତେଣୁ ମୁଁ ଭାବୁଛି କୌଣସି ଦେବତା ତୁମର ଗର୍ଭରେ ପ୍ରବେଶ କରିଅଛନ୍ତି । ପ୍ରାଣିମାନେ ନିଜର କର୍ମ ଅନୁଯାୟୀ ଶୁଭ ଓ ଅଶୁଭ ଫଳ ଲଭ କରିଥାଆନ୍ତି । କେବଳ ମନୁଷ୍ୟମାନେ ନୁହନ୍ତି ଦେବଲୋକ ଓ ନାଗଲୋକ ମଧ୍ୟ ଏହି ଭାଗ୍ୟ ଦ୍ୱାରା ପରିଚାଳିତ । ରାଣୀ ଏଥିରେ ପ୍ରଥମେ ବିଶ୍ୱାସ କରିପାରିଲେ ନାହିଁ । ରାଜାଙ୍କ ମତ ଖଣ୍ଡନ କରି ସେ ତାଙ୍କୁ ଗୋଟିଏ ଗଳ୍ପ ଶୁଣାଇବା ଆରମ୍ଭ କଲେ—

ରାଜା ଧର୍ମଦତ୍ତ କଥା

କୋଶଳ ଦେଶରେ ଜଣେ ରାଜା ଥାଆନ୍ତି । ତାଙ୍କ ନାମ ଧର୍ମଦତ୍ତ । ତାଙ୍କ ରାଣୀ ନାଗଶ୍ରୀ ଏକାନ୍ତ ପତିବ୍ରତା । ସେ ଅରୁନ୍ଧତୀ ନାମରେ ମଧ୍ୟ ପରିଚିତ ଥିଲେ । ମୁଁ ଏହାଙ୍କ ଗର୍ଭରୁ ଜନ୍ମଲଭ କରିଥିଲି । ଶୈଶବାବସ୍ଥା ଅତିକ୍ରମ କରିବା ପୂର୍ବରୁ ମୋର ମାତା ଅକସ୍ମାତ୍ ପୂର୍ବଜନ୍ମ କଥା ସ୍ମରଣ କରି ପିତାଙ୍କୁ କହିଲେ, 'ମହାରାଜ ! ମୋର ଆଜି ହଠାତ୍ ପୂର୍ବଜନ୍ମ କଥା ମନେ ପଡ଼ିଲା । ଯଦି ଏହାକୁ ଆପଣଙ୍କ ନିକଟରେ ପ୍ରକାଶ ନକରେ ତାହାହେଲେ ମୁଁ କର୍ତ୍ତବ୍ୟରେ ତ୍ରୁଟି କଲି ବୋଲି ମନେ କରିବି । କିନ୍ତୁ ଯଦି ପ୍ରକାଶ କରେ ତାହାହେଲେ ମୋର ମୃତ୍ୟୁ ସୁନିଶ୍ଚିତ । ଏଣୁ ମୋ ମନରେ ଆଜି ଗଭୀର ଦୁଃଖ ଜାତ ହେଉଅଛି ।' ରାଣୀଙ୍କଠାରୁ ଏହା ଶୁଣି ରାଜା କହିଲେ, 'ପ୍ରିୟେ ! ତୁମପରି ମୋ ମନରେ ମଧ୍ୟ ଆଜି ଅନୁରୂପ ସ୍ମୃତି ଜାଗ୍ରତ ହୋଇଅଛି । ତେଣୁ ଉଭୟେ ଉଭୟଙ୍କୁ ନିଜ ନିଜର ପୂର୍ବଜନ୍ମ କଥା ଶୁଣାଇଦେବା ଉଚିତ ହେବ ବୋଲି ମୁଁ ଚିନ୍ତା କରୁଅଛି । ଭାଗ୍ୟର ଗତି ପରିବର୍ତ୍ତିତ କରିବା କୌଣସି କାରକ ସମ୍ଭବପର ନୁହେଁ । ତେଣୁ ଭବିତବ୍ୟ ନିଶ୍ଚୟ ଘଟିବ ।'

Digitized by srujanika@gmail.com

ପତିଙ୍କଠାରୁ ଏପ୍ରକାର ଉତ୍ତର ଶୁଣି ରାଣୀ ନିଜର ପୂର୍ବଜନ୍ମ କଥା ଆରମ୍ଭ କଲେ—

'ମୁଁ ଏହି ଦେଶରେ ମାଧବ ନାମକ କୌଣସି ବ୍ରାହ୍ମଣର ପରିଚାରିଣୀ ଦାସୀ ଥିଲି । ମୋର ପିତାଙ୍କର ନାମ ଥିଲା ଦେବଦାସ । ସେ କୌଣସି ସାଧବଙ୍କ ଗୃହରେ ଭୃତ୍ୟରୂପେ ନିଯୁକ୍ତ ଥିଲେ । ଆମ ଗୃହରେ ମୁଁ ଓ ମୋର ସ୍ୱାମୀଙ୍କ ବ୍ୟତୀତ କେବଳ ଦୁଇଟି ମାଠିଆ, ଗୋଟିଏ ଝାଡୁ ଓ ଖଣ୍ଡେ ଖଟିଆ ଆମର ସମ୍ବଳରୂପେ ଥିଲେ ମଧ୍ୟ ଆମ୍ଭେମାନେ ଅତି ସୁଖରେ କାଳାତିପାତ କରୁଥିଲୁ । ଦେବତା, ଅତିଥି ପ୍ରଭୃତିଙ୍କୁ ସନ୍ତୁଷ୍ଟ କଲାପରେ ଯାହା ଅବଶିଷ୍ଟ ରହୁଥିଲା, ତାହାଦ୍ୱାରା ଆମେ ଆମର ଉଦର ପୋଷଣ କରୁଥିଲୁ । ଆମର ଆବଶ୍ୟକତାଠାରୁ ଅଧିକ ଥିବା ଭୋଜନ, ଆଚ୍ଛାଦନ ପ୍ରଭୃତି ଆମ୍ଭେମାନେ ଦୀନ ଦୁଃଖୀ ଲୋକମାନଙ୍କୁ ଦାନ କରି ଦେଉଥିଲୁ । କିନ୍ତୁ ଦିନ ଏହିପରି ଅତିବାହିତ ହେବାପରେ ଏହି ଦେଶରେ ଥରେ ଭୀଷଣ ଦୁର୍ଭିକ୍ଷ ଦେଖାଗଲା; ଫଳରେ ଆମ୍ଭମାନଙ୍କୁ ମିଳୁଥିବା ଭୋଜନର ପରିମାଣ କମିବାକୁ ଲାଗିଲା । ଦିନେ କ୍ଷୁଧାରେ ଆକୁଳ ହୋଇ ଗୃହରେ ସଞ୍ଚିତ ସାମାନ୍ୟ ଖାଦ୍ୟ ରନ୍ଧନ କରି ଭୋଜନ କରିବାକୁ ଗଲାବେଳେ ଜଣେ ବ୍ରାହ୍ମଣ ଅତିଥି ଆସି ଆମ ଦ୍ୱାରରେ ଉପସ୍ଥିତ ହେଲେ । ଏହି ଭୀଷଣ ଦୁର୍ଭିକ୍ଷ ସମୟରେ ମଧ୍ୟ ଆମ୍ଭେମାନେ ଆମର ସମସ୍ତ ଖାଦ୍ୟସାମଗ୍ରୀ ତାଙ୍କୁ ପ୍ରଦାନ କରିଦେଲୁ ଫଳରେ ସେ ସନ୍ତୁଷ୍ଟ ହୋଇ ଚାଲିଗଲେ ଏବଂ ମୋର ପତି ମଧ୍ୟ କ୍ଷୁଧାତୁର ହୋଇ ପ୍ରାଣତ୍ୟାଗ କଲେ । ଏଥିରେ ଘୋର ଦୁଃଖ ଅନୁଭବ କରି ମୁଁ ମଧ୍ୟ ପତିଙ୍କ ଚିତାଗ୍ନିରେ ଝାସ ଦେଲି । ଏହାପରେ ପୁନର୍ଜନ୍ମ ଲାଭକରି ମୁଁ ଆପଣଙ୍କର ମହାରାଣୀ ହେଲି ।

ରାଣୀଙ୍କଠାରୁ ତାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଶ୍ରବଣ କରି ରାଜା କହିଲେ, 'ମୁଁ ହିଁ ତୁମର ସେହି ପୂର୍ବଜନ୍ମର ପତି ଦେବଦାସ ।' ଉଭୟେ ଏହା ପ୍ରକାଶ କରିବା ଫଳରେ ଇହଲୋକ ପରିତ୍ୟାଗ କରି ସ୍ୱର୍ଗଗାମୀ ହେଲେ ।

ପିତାମାତାଙ୍କ ମୃତ୍ୟୁପରେ ମାଉସୀ ମୋର ଲାଳନପାଳନ ଭାର ଗ୍ରହଣ କଲେ । ମୋର କୁମାରୀ ଅବସ୍ଥାରେ ଜଣେ ମହର୍ଷି ଆସି ଆମ ଗୃହରେ

Digitized by srujanika@gmail.com

ଉପସ୍ଥିତ ହେଲେ । ମାଉସୀଙ୍କ ଆଦେଶରେ ମୁଁ ତାଙ୍କର ସେବାରେ ନିଯୁକ୍ତ ହେଲି ଏବଂ ତାଙ୍କର ବର ପ୍ରଭାବରୁ ମୁଁ ଭୂମିପରି ଜଣେ ଧାର୍ମିକ ପତିଙ୍କୁ ଲାଭ-କଲି । ଧର୍ମର ଆଶ୍ରୟ ନେଲେ ଏହିପରି ଶୁଭଫଳ ଲାଭ ହୋଇଥାଏ ।'

ରାଣୀ ତାରାଦତ୍ତାଙ୍କଠାରୁ ଏପ୍ରକାର କଥା ଶୁଣି ଧର୍ମପ୍ରାଣ ରାଜା କଳିଙ୍ଗଦତ୍ତ କହିଲେ, 'ସ୍ୱଚ୍ଛ ମନରେ କରିଥିବା ଧର୍ମକାର୍ଯ୍ୟ କ୍ଷୁଦ୍ର ହେଲେ ସୁଦ୍ଧା ମହତ୍ ଫଳ ପ୍ରଦାନ କରିଥାଏ ।' ଏ ସମ୍ପର୍କରେ ମୋର ଗୋଟିଏ କଥା ସ୍ମରଣ ହେଉଅଛି—

ସପ୍ତବ୍ରାହ୍ମଣ କଥା

କୁଣ୍ଡୀନପୁର ନାମକ ନଗରରେ ଜଣେ ବ୍ରାହ୍ମଣ ଅଧ୍ୟାପକ ବାସ କରୁଥିଲେ । ତାଙ୍କ ନିକଟରେ ସାତୋଟି ବ୍ରାହ୍ମଣ ସନ୍ତାନ ରହି ବିଦ୍ୟା ଅଧ୍ୟୟନ କରୁଥାଆନ୍ତି । ଥରେ ସେଠାରେ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଲା । ଲୋକେ ଅନାହାରରେ ପ୍ରାଣତ୍ୟାଗ କଲେ । ଅଧ୍ୟାପକ ତାଙ୍କ ଶ୍ୱଶୁରଙ୍କଠାରୁ ଗୋଟିଏ ଗାଈ ଆଣିବା ନିମନ୍ତେ ଶିଷ୍ୟମାନଙ୍କୁ ପ୍ରେରଣ କଲେ । ଗୁରୁଙ୍କ ଆଦେଶରେ ଏହି ସାତଜଣ ଶିଷ୍ୟ ଅଧ୍ୟାପକଙ୍କ ଶ୍ୱଶୁରଙ୍କ ଗୃହରେ ଯାଇ ଉପସ୍ଥିତ ହେଲେ । ସେଠାରେ ପହଞ୍ଚିଲାବେଳକୁ ଏମାନଙ୍କର ଉଦରଜ୍ୱାଳା ଅସହ୍ୟ ହୋଇ ଉଠିଥାଏ । ସେହି କୃପଣ ବ୍ରାହ୍ମଣ ନିଜ ଜାମାତାଙ୍କ ନିମନ୍ତେ ଗୋଟିଏ ଗାଈ ପ୍ରଦାନ କଲେ ହେଁ ଏମାନଙ୍କୁ ଖାଇବା ନିମନ୍ତେ ଅନୁରୋଧ କଲେ ନାହିଁ । ଏମାନେ ଗାଈଟି ନେଇ ଫେରୁଥିବାବେଳେ ପଥ ମଧ୍ୟରେ କ୍ଷୁଧାର୍ତ୍ତ ଓ ଅବସନ୍ନ ହୋଇପଡ଼ିଲେ; ଅଗ୍ରସର ହେବା ପାଇଁ ସେମାନଙ୍କର ଆଉ ଶକ୍ତି ରହିଲା ନାହିଁ । କରାଳ ମୃତ୍ୟୁକୁ ଆଖି ଆଗରେ ଦେଖି ସେମାନେ ଚିନ୍ତା କରିବାକୁ ଲାଗିଲେ 'ଗୁରୁଙ୍କର ଆଶ୍ରମ ବହୁ ଦୂରରେ । ବିନା ଖାଦ୍ୟରେ ସେଠାରେ ପହଞ୍ଚିବା ଆମ୍ଭମାନଙ୍କ ପକ୍ଷେ ସମ୍ଭବପର ନୁହେଁ । ଏହି ଘନ ଅରଣ୍ୟ ମଧ୍ୟରେ ଅନ୍ନର ସନ୍ଧାନ କରିବା ମଧ୍ୟ ବୃଥା । ତୃଣ ଓ ଜଳର ଅଭାବରେ ଗାଈଟିକୁ ମଧ୍ୟ ଗୁରୁଙ୍କ ନିକଟରେ ପହଞ୍ଚାଇବା ଆମ୍ଭ ପକ୍ଷରେ ସମ୍ଭବ ହେବ ବୋଲି ମନେ ହେଉନାହିଁ । ତେଣୁ ଏହାର ମାଂସଦ୍ୱାରା

Digitized by srujanika@gmail.com

ନିଜ ନିଜର ପ୍ରାଣ ରକ୍ଷାକରି ଅବଶିଷ୍ଟ ମାଂସଦ୍ୱାରା ଗୁରୁଙ୍କ ପ୍ରାଣରକ୍ଷା କରିବା ଉପଯୁକ୍ତ ହେବ ।'

ଏହାପରି ଚିନ୍ତାକରି ସେମାନେ ଶାସ୍ତ୍ରୀୟ ବିଧାନ ଅନୁଯାୟୀ ସେହି ଗାଈଟିକୁ ହତ୍ୟା କଲେ । ତାର ମାଂସଦ୍ୱାରା ନିଜ ନିଜର ପ୍ରାଣ ରକ୍ଷାକରି ଅବଶିଷ୍ଟ ମାଂସ ସଞ୍ଚିତ ସାଇ ଗୁରୁଙ୍କ ନିକଟରେ ଉପସ୍ଥିତ ହେଲେ । ତାଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରିବାରୁ ଗୁରୁ, ଶିଷ୍ୟମାନେ ଅପରାଧ କରି ମଧ୍ୟ ସତ୍ୟକଥା ପ୍ରକାଶ କରିଥିବାରୁ, ସେମାନଙ୍କୁ କ୍ଷମା ପ୍ରଦାନ କଲେ ।

କିଛି ଦିନ ମଧ୍ୟରେ ଦୁର୍ଭିକ୍ଷ ପ୍ରପୀଡ଼ିତ ହୋଇ ସାତୋଟିଯାକ ଶିଷ୍ୟ ପ୍ରାଣତ୍ୟାଗ କଲେ । କିନ୍ତୁ ସତ୍ୟବାଦୀ ହୋଇଥିବା ଯୋଗୁଁ ସେମାନେ ସମସ୍ତେ ପରଜନ୍ମରେ ଜାତିସ୍ମର ହୋଇଥିଲେ ।

ଏହିପରି ପୁଣ୍ୟକର୍ମ କ୍ଷୁଦ୍ର ବୀଜତୁଲ୍ୟ ବହୁ ସୁଫଳ ପ୍ରଦାନ କରିଥାଏ । କିନ୍ତୁ ଏହା ଯଦି କୁଚିନ୍ତାଦ୍ୱାରା ଦୂଷିତ ହୁଏ, ତାହାହେଲେ କୁଫଳ ହିଁ ଲାଭ ହୋଇଥାଏ । ଏ ସମ୍ପର୍କରେ ଅନ୍ୟ ଗୋଟିଏ କଥା ମୋର ମନେ ପଡ଼ୁଅଛି—

ବ୍ରାହ୍ମଣ ଓ ଚଣ୍ଡାଳ କଥା

ପ୍ରାଚୀନକାଳରେ ଜଣେ ବ୍ରାହ୍ମଣ ଓ ଜଣେ ଚଣ୍ଡାଳ ଗଙ୍ଗାତଟରେ ବସି ତପସ୍ୟା କରୁଥାଆନ୍ତି । ମାଘ ମାସ ଯୋଗୁଁ ସେମାନେ ନିରାହାର ରହି ପୁଣ୍ୟଲାଭ ନିମନ୍ତେ ଚେଷ୍ଟା କରୁଥାଆନ୍ତି । ଦିନେ ନିକଟରେ ଗୋଟିଏ ଧୀବର ମତ୍ସ୍ୟ ଆହରଣ କରୁଥିବା ଏମାନଙ୍କ ଦୃଷ୍ଟିଗୋଚର ହେଲା । ତାକୁ ଦେଖି ବ୍ରାହ୍ମଣ ଚିନ୍ତାକଲା, 'ଏ ଧୀବରଟି ହିଁ ପୃଥିବୀରେ ଭାଗ୍ୟବାନ୍ । ପ୍ରତିଦିନ ସୁନ୍ଦର ସୁନ୍ଦର ମତ୍ସ୍ୟ ଆହାର କରି ସେ ଜୀବନଯାପନ କରୁଅଛି ।'

କିନ୍ତୁ ଚଣ୍ଡାଳଟି ଏହି ଧୀବରର ହିଂସାତ୍ମକ ମନୋବୃତ୍ତିରେ କ୍ଷୁବ୍ଧ ହୋଇ ତାର ମୁଖ ଦର୍ଶନ କରିବା ଅନୁଚିତ ବୋଲି ମନେକଲା ଏବଂ ଚକ୍ଷୁ ମୁଦ୍ରିତ କରି ଆତ୍ମଚିନ୍ତାରେ ନିମଗ୍ନ ହେଲା । ଉପବାସ ହେତୁ କିଛି ଦିନ

Digitized by srujanika@gmail.com

ପରେ ଉଭୟେ ମୃତ୍ୟୁ ଲଭକଲେ । ବ୍ରାହ୍ମଣ କୁକୁରମାନଙ୍କର ଖାଦ୍ୟ ହେଲା ଏବଂ ଚଣ୍ଡାଳ ଗଙ୍ଗାଗର୍ଭରେ ବିଲୀନ ହେଲା । କୁଚିନ୍ତା କରିଥିବା ହେତୁ ବ୍ରାହ୍ମଣ ପରଜନ୍ମରେ ଧୀବର ଗୃହରେ ଏବଂ ଚଣ୍ଡାଳ କୌଣସି ରାଜପରିବାରରେ ଜନ୍ମଗ୍ରହଣ କଲା । କିନ୍ତୁ ଉଭୟେ ତପଃ ପ୍ରଭାବରୁ ଜାତିସ୍ମର ଥିଲେ । ତେଣୁ ଧର୍ମବୃକ୍ଷର ମୂଳ—ମନ, ଏହା ଶୁଦ୍ଧ କିମ୍ବା ଅଶୁଦ୍ଧ ହେଲେ ମନୁଷ୍ୟ ତାର ଅନୁରୂପ ଫଳ ଲଭ କରିଥାଏ ।

ରାଜା କଳିଙ୍ଗଦତ୍ତ ଏହି କଥାଟି ଶୁଣାଇସାରି ରାଣୀ ତାରାଦତ୍ତାଙ୍କୁ କହିଲେ, 'ଦେବି ! ଯେ ଯେଉଁ ପ୍ରକାର କର୍ମକରେ ସେ ସେହି ପ୍ରକାର ଫଳ ଲଭକରେ । ଯେଉଁମାନେ ଶକ୍ତିଶାଳୀ ସେମାନଙ୍କର କାର୍ଯ୍ୟ ସେତିକି ଉନ୍ନତ ହୋଇଥାଏ । କଥା ଅଛି—'ସତ୍ତ୍ୱଂ ଅନୁଧାବନ୍ତି ସମ୍ପଦଃ ।' ଏ ସମ୍ପର୍କରେ ଗୋଟିଏ ଅଦ୍‌ଭୁତ କଥା ଶ୍ରବଣ କର—

ରାଜା ବିକ୍ରମସିଂହ ଓ ଦୁଇ ବ୍ରାହ୍ମଣଙ୍କ କଥା

ଏହି ଦେଶରେ ଉଜ୍ଜୟିନୀ ନାମରେ ଏକ ବିଶାଳ ନଗରୀ ଅଛି । ସେଠାରେ ମହାକାଳ ବାସ କରନ୍ତି । ସେହି ନଗରୀରେ କୈଳାସ ଶିଖରର ଉଚ୍ଚତାକୁ ଖର୍ବ କରୁଥିବା ବହୁ ଅଟ୍ଟାଳିକା ରହିଅଛି । ଏହି ନଗରୀ ସମୁଦ୍ର ତୁଲ୍ୟ ଗମ୍ଭୀର ଚକ୍ରବର୍ତ୍ତୀଙ୍କଦ୍ୱାରା ପରିଶୋଭିତ । ସୈନ୍ୟବାହିନୀରୂପୀ ବହୁନଦୀ ଏଠାରେ ପ୍ରବାହିତ ହୁଅନ୍ତି । ପକ୍ଷଯୁକ୍ତ ପର୍ବତତୁଲ୍ୟ ସ୍ୱପକ୍ଷୀୟ ରାଜାମାନଙ୍କର ଏହା ଆଶ୍ରୟ ସ୍ଥଳ । ଏଠାରେ ବିକ୍ରମସିଂହ ନାମରେ ଜଣେ ସାର୍ଥକ ନାମା ରାଜା ରାଜତ୍ୱ କରୁଥିଲେ । ଏହାଙ୍କ ସମ୍ମୁଖରେ କୌଣସି ଶତ୍ରୁରାଜା ସାହସର ସହିତ ଦଣ୍ଡାୟମାନ ହୋଇପାରୁ ନଥିଲେ ।

ଶତ୍ରୁମାନଙ୍କର ଅଭାବରେ ଯୁଦ୍ଧ କରିବାର ସୁଯୋଗ ତାଙ୍କୁ ମିଳୁ ନଥିଲା । ତେଣୁ ସର୍ବଦା ସେ ଚିନ୍ତିତ ଥିଲେ । ଥରେ ମନ୍ତ୍ରୀ ଅମରଗୁପ୍ତ ରାଜାଙ୍କର ଏହି ମନୋଭାବ ଜ୍ଞାତ ହୋଇ ତାଙ୍କୁ କହିଲେ, 'ମହାରାଜ ! ଆପଣଙ୍କର ଏପ୍ରକାର ମନୋବୃତ୍ତି ପ୍ରଶଂସନୀୟ ହେଲେ ହେଁ ଦୋଷମୁକ୍ତ ନୁହେ । ପୂର୍ବକାଳରେ ବାଣାସୁର ନିଜର ସହସ୍ର ଭୁଜର ଗର୍ବରେ ଉନ୍ମତ୍ତ

Digitized by srujanika@gmail.com

ହୋଇ ଶିବଙ୍କର ଉପାସନା କରୁଥିଲା । ତାର ତପସ୍ୟାରେ ଶିବ ସନ୍ତୁଷ୍ଟ ହେବାରୁ ସେ ତାଙ୍କୁ ଉପଯୁକ୍ତ ଶତ୍ରୁ ଲାଭ ନିମନ୍ତେ ବର ପ୍ରାର୍ଥନା କରି ସ୍ୱୟଂ ବିଷ୍ଣୁଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀରୂପେ ଲାଭ କରିଥିଲା ଏବଂ ବିଷ୍ଣୁ ଯୁଦ୍ଧରେ ସହସ୍ର ଭୁଜ ଛିନ୍ନ କରି ତାର ଗର୍ବ ଖର୍ବ କରିଥିଲେ । ତେଣୁ ଆପଣ ମଧ୍ୟ ଯୁଦ୍ଧ କରିବାର ସୁଯୋଗ ଲାଭକରି ନଥିବା ହେତୁ ଅସନ୍ତୁଷ୍ଟ ହେବା ଅନୁଚିତ । ଯଦି ଆପଣଙ୍କର ଯୁଦ୍ଧବିଦ୍ୟା ଓ ଶସ୍ତ୍ରକୌଶଳ ପ୍ରଦର୍ଶନ କରିବାର ଆକାଂକ୍ଷା ବଳବତୀ ହେଉଅଛି, ତାହାହେଲେ ଆପଣ ଅରଣ୍ୟ ମଧ୍ୟରେ ବିଭିନ୍ନ ବନ୍ୟ ଜନ୍ତୁ ଶିକାର କରି ତାହା ଚରିତାର୍ଥ କରନ୍ତୁ । ବ୍ୟାୟାମ, ଲକ୍ଷ୍ୟବେଧ ଓ ଶସ୍ତ୍ରାଭ୍ୟାସ ପ୍ରଭୃତି ନିମିତ୍ତ ରାଜାମାନଙ୍କ ପାଇଁ ଶିକାର କରିବାର ବିଧାନ ରହିଅଛି । ବିନା ଅଭ୍ୟାସରେ ରାଜାମାନେ ଯୁଦ୍ଧ ଜୟ କରିବା ସମ୍ଭବପର ନୁହେଁ । ହିଂସ୍ର ଜନ୍ତୁମାନେ ପୃଥିବୀରୁ ପ୍ରାଣୀମାନଙ୍କୁ ନଷ୍ଟ କରିବା ପାଇଁ ଚେଷ୍ଟା କରନ୍ତି । ତେଣୁ ଏଗୁଡ଼ିକ ରାଜାମାନଙ୍କଦ୍ୱାରା ନିହତ ହେବା ଯୋଗ୍ୟ । ସୁତରାଂ ଆପଣଙ୍କର ଶିକାର କରିବା ଦୋଷାବହ ହେବ ନାହିଁ । ଅବଶ୍ୟ ଅଧିକ ମୃଗୟା କ୍ଷତିକାରକ । ମୃଗୟାରେ ଅଧିକ ମନୋଯୋଗୀ ହେବାଦ୍ୱାରା ପାଣ୍ଡୁ ପ୍ରଭୃତି ରାଜାମାନେ ମୃତ୍ୟୁବରଣ କରିଅଛନ୍ତି ।'

ବୁଦ୍ଧିମାନ୍ ଅମରଗୁପ୍ତଙ୍କଠାରୁ ଏହା ଶୁଣି ରାଜା ବିକ୍ରମସିଂହ ପରଦିନ ବହୁ ସୈନ୍ୟସାମନ୍ତଙ୍କ ସହ ମୃଗୟା ନିମନ୍ତେ ଉଜ୍ଜୟିନୀ ନଗରୀରୁ ବହିର୍ଗତ ହେଲେ । ପଥ ମଧ୍ୟରେ କୌଣସି ଏକ ଶୂନ୍ୟ ଶିବ ମନ୍ଦିରରେ ଦୁଇଜଣ ବ୍ୟକ୍ତି ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରୁଥିବା ତାଙ୍କର ଦୃଷ୍ଟିଗୋଚର ହେଲା । ସେ ଦୁହେଁ ସେଠାରେ ଦଣ୍ଡାୟମାନ ହୋଇ କୌଣସି ମନ୍ତ୍ରଣା କରୁଥାଆନ୍ତି । ରାଜା ସନ୍ଦେହ ମନରେ ଦୂରରୁ ହିଁ ସେମାନଙ୍କୁ ଚାହିଁ ଚାହିଁ ବନ ମଧ୍ୟକୁ ଚାଲିଗଲେ ।

ଅରଣ୍ୟ ମଧ୍ୟରେ ବ୍ୟାଘ୍ର ଓ ସିଂହମାନଙ୍କର ମୃତ୍ୟୁକାଳୀନ ଭୟଙ୍କର ଆର୍ତ୍ତନାଦ ତାଙ୍କୁ ଯଥେଷ୍ଟ ଆନନ୍ଦ ପ୍ରଦାନ କଲା । ହସ୍ତୀମାନଙ୍କୁ ହତ୍ୟା କରୁଥିବା ଭୀଷଣ ସିଂହଗୁଡ଼ିକୁ ଶିକାର କରି ରାଜା ଗଜମୁକ୍ତାଦ୍ୱାରା ସମଗ୍ର ବନଭୂମିକୁ ଆଚ୍ଛାଦିତ କରିଦେଲେ । ପବନ ସହିତ ବେଗରେ ପ୍ରତିଯୋଗିତା

Digitized by srujanika@gmail.com

କରୁଥିବା ମୃଗମାନଙ୍କୁ ବିନା ଆୟାସରେ ଶର ପ୍ରୟୋଗ କରି ରାଜା ନିଜର ଶସ୍ତ୍ର ଚାଳନା କୌଶଳରେ ଗର୍ବ ଅନୁଭବ କଲେ । ବହୁ ସମୟ ଧରି ମୃଗୟା କରିବା ପରେ ସେ ଶ୍ରାନ୍ତକ୍ଳାନ୍ତ ହୋଇ ସ୍ୱ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ ।

ପଥ ମଧ୍ୟରେ ପୁଣି ସେହି ଦୁଇଜଣ ବ୍ୟକ୍ତି ତାଙ୍କର ଦୃଷ୍ଟିଗୋଚର ହେଲେ । ସେତେବେଳ ଯାଏଁ ସେମାନେ ସେହି ଗୋଟିଏ ସ୍ଥାନରେ ଦଣ୍ଡାୟମାନ ହୋଇ କଥାବାର୍ତ୍ତା କରୁଥାଆନ୍ତି । ରାଜା ଏମାନଙ୍କର ଆଚରଣ ଦେଖି ସେମାନଙ୍କୁ ଗୁପ୍ତଚର ବୋଲି ସନ୍ଦେହ କଲେ । ରାଜାଙ୍କ ଆଦେଶରେ ପରିଚାରକମାନେ ତାଙ୍କୁ ବନ୍ଦୀ କଲେ ଏବଂ ପରଦିନ ସେମାନଙ୍କୁ ରାଜ-ଦରବାରରେ ଉପସ୍ଥିତ କରାଗଲା । ରାଜା ସେମାନଙ୍କର ଏପ୍ରକାର ଆଚରଣ ସମ୍ପର୍କରେ ପ୍ରଶ୍ନ କରିବାରୁ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ରାଜାଙ୍କଠାରେ ଅଭୟ ପ୍ରାର୍ଥନା କରି କହିଲେ—

'ମହାରାଜ ! ଆପଣଙ୍କର ଏହି ରାଜଧାନୀରେ କରଭକ ନାମରେ ଜଣେ ବ୍ରାହ୍ମଣ ବାସ କରୁଥିଲେ । ସେ ଗୋଟିଏ ବଳଶାଳୀ ପୁତ୍ର ଲାଭ କରିବା ନିମନ୍ତେ ଅଗ୍ନିଦେବତାଙ୍କର ଆରାଧନା କଲେ । ଫଳରେ ମୁଁ ତାଙ୍କର ପୁତ୍ରରୂପରେ ଜନ୍ମଗ୍ରହଣ କଲି । ଶୈଶବରେ ପିତାମାତାଙ୍କର ଦେହାନ୍ତ ହୋଇଯିବାରୁ ମୁଁ କୁଳାଚାର ପରିତ୍ୟାଗ କରି ଦ୍ୟୂତ ଓ ଶସ୍ତ୍ରବିଦ୍ୟା ଶିକ୍ଷା କରିବାକୁ ଲାଗିଲି ଏବଂ କ୍ରମଶଃ ଉଭୟ ବିଦ୍ୟାରେ ନିପୁଣ ହୋଇଉଠିଲି ।

ଦିନେ ବାହୁବଳର ଗର୍ବରେ ମତ୍ତ ହୋଇ ଶିକାର କରିବା ନିମନ୍ତେ ମୁଁ ଅରଣ୍ୟ ମଧ୍ୟରେ ପ୍ରବେଶ କଲି । ଏହି ସମୟରେ ରଥ ଉପରେ ବସି ବହୁ ବନ୍ଧୁ ସୋଦରଙ୍କଦ୍ୱାରା ପରିବେଷ୍ଟିତା କୌଣସି ନବବଧୂ ନଗରୀ ମଧ୍ୟରୁ ବହିର୍ଗତ ହେଲା । ଠିକ୍ ଏହି ସମୟରେ କୌଣସି ଉନ୍ମତ୍ତ ହସ୍ତୀ ସେହି ବଧୂଟିକୁ ଆକ୍ରମଣ କରିବା ନିମନ୍ତେ ଉଦ୍ୟତ ହେବା ଦେଖି ତାହା ସହିତ ଥିବା ସମସ୍ତ ଆତ୍ମୀୟ ଏପରିକି ତାର ନିଜ ପତି ମଧ୍ୟ ଭୟଭୀତ ହୋଇ ଇତସ୍ତତଃ ପଳାୟନ କଲେ । ଏଥିରେ ବ୍ୟଥିତ ହୋଇ ମୁଁ ଏହି ନିରାଶ୍ରୟା ନାରୀଟିକୁ ରକ୍ଷାକରିବା ନିମନ୍ତେ ତତ୍ପର ହେଲି । ଭୟଙ୍କର ହୁଙ୍କାର

Digitized by srujanika@gmail.com

କରି ହସ୍ତୀଟିକୁ ଆହ୍ୱାନ କରିବାରୁ ସେ ସ୍ତ୍ରୀଟିକୁ ପରିତ୍ୟାଗ କରି ମୋ ପ୍ରତି ଦ୍ରୁତବେଗରେ ଅଗ୍ରସର ହେଲା । ମୁଁ କୌଶଳରେ ତାକୁ ବହୁଦୂରକୁ ନେଇଗଲି ଏବଂ କୌଣସି ଏକ ବୃକ୍ଷ ନିକଟରେ ପଡ଼ିଥିବା ଲତାଗୁଳ୍ମରେ ନିଜକୁ ଲୁକ୍‌କାୟିତ କରି ରଖିଲି । ହସ୍ତୀଟି ବୃକ୍ଷଟିକୁ ମୁଁ ବୋଲି ଭାବି ଆକ୍ରମଣ କଲା । ଏହି ଅବସରରେ ମୁଁ ଧୀରେ ଧୀରେ ଲୁଚି ଲୁଚି ସେହି ସ୍ତ୍ରୀଟି ନିକଟକୁ ଫେରିଗଲି । ମୋତେ ଦେଖି ସେହି ସ୍ତ୍ରୀଟି ଯୁଗପତ୍ ଦୁଃଖିତ ଓ ଆନନ୍ଦିତ ହୋଇ କହିଲା, 'ମୋତେ ଏପରି ଗୋଟିଏ ଲୋକ ସହିତ ଛନ୍ଦି ଦିଆଯାଇଛି ଯେ କି ମୃତ୍ୟୁମୁଖରେ ମୋତେ ଛାଡ଼ିଦେଇ କେଉଁଆଡେ ଚାଲିଯାଇଛି । ତୁମକୁ ଅକ୍ଷତ ଅବସ୍ଥାରେ ଦେଖି ମୁଁ ଯଥେଷ୍ଟ ଆନନ୍ଦିତ । ମୁଁ ଭାବୁଛି ସେହି ପୁରୁଷ ମୋର ପତି ହେବା ନିମନ୍ତେ ଆଦୌ ଉପଯୁକ୍ତ ନୁହେ । ନିଜ ପ୍ରାଣ ପ୍ରତି ଲୋଭ ନରଖି ତୁମେ ମୋର ଜୀବନ ରକ୍ଷା କରିଥିବା ହେତୁ ବର୍ତ୍ତମାନଠାରୁ ମୁଁ ତୁମକୁ ପତିରୂପେ ବରଣ କରି ନେଲି । ବର୍ତ୍ତମାନ ମୋର ସେହି ଭୀରୁ ସ୍ୱାମୀ ଭୃତ୍ୟମାନଙ୍କ ସହିତ ଆସି ପହଞ୍ଚିବ । ତୁମେ ଆମ୍ଭମାନଙ୍କର ଅନୁସରଣ କର । ଅବସର ପାଇବା ମାତ୍ରେ ଆମେ ପଳାୟନ କରିବା ।'

ଏହା ଶୁଣି ମୁଁ ଚିନ୍ତାକଲି ଯେ ସେ ସୁନ୍ଦରୀ ମୋ ନିକଟରେ ଆତ୍ମ ସମର୍ପଣ କରିଅଛି । ଏ ଅବସ୍ଥାରେ ତାକୁ ସେ ପରସ୍ତ୍ରୀ, ମୋର ତା'ଠାରେ କି ପ୍ରୟୋଜନ ବୋଲି କହିବା ଧର୍ମସମ୍ମତ ହୋଇପାରେ କିନ୍ତୁ ଯୌବନସମ୍ମତ ନୁହେ ।

କିଛି ସମୟ ପରେ ସେହି ସ୍ତ୍ରୀଟି ନିଜର ବନ୍ଧୁସ୍ୱଜନଙ୍କ ସହିତ ଅଗ୍ରସର ହେଲା । ମୁଁ ମଧ୍ୟ ଗୁପ୍ତଭାବରେ ତାହାର ଅନୁଗମନ କଲି । ହସ୍ତୀ ଉପରୁ ପଡ଼ିଯାଇଥିବା ଯୋଗୁଁ ଶରୀରରେ ପୀଡ଼ା ଅନୁଭବ କରୁଥିବା ଛଳନା କରି ସେ ତାର ପତିକୁ ଅଙ୍ଗସ୍ପର୍ଶ କରିବା ପାଇଁ ମଧ୍ୟ ସୁଯୋଗ ଦେଉ ନଥାଏ । କ୍ରମଶଃ ସେମାନେ ଯାଇ ଲୌହ ନଗରସ୍ଥ ସ୍ୱବାସଭବନରେ ଉପସ୍ଥିତ ହେଲେ ।

ମୁଁ ସେହିଦିନ ନଗର ବାହାରେ ଥିବା ଗୋଟିଏ ଦେବ ମନ୍ଦିରରେ ଆଶ୍ରୟ ନେଲି । ସେଠାରେ ମୋର ଏହି ବିଶିଷ୍ଟ ବ୍ରାହ୍ମଣ ଯୁବକଙ୍କ ସହିତ

Digitized by srujanika@gmail.com

ମିତ୍ରତା ହେଲା । ପ୍ରଥମ ଦର୍ଶନରେ ହିଁ ଉଭୟେ ଉଭୟଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲୁ । ମୁଁ ତାଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲି । ଏସବୁ ଶୁଣି ସେ ଆଶ୍ୱାସନା ପ୍ରଦାନପୂର୍ବକ କହିଲେ, 'ତୁମେ ବ୍ୟସ୍ତ ହୁଅ ନାହିଁ । ତୁମେ ଯେଉଁଥି ପାଇଁ ଏଠାକୁ ଆସିଅଛ, ତାର ସିଦ୍ଧି ନିମିତ୍ତ ଏକ ସୁନ୍ଦର ଉପାୟ ରହିଛି । ତୁମ ପ୍ରତି ଆକୃଷ୍ଟ ହୋଇଥିବା ସ୍ତ୍ରୀର ଗୋଟିଏ ନଣନ୍ଦ କିଛି ଧନ ନେଇ ମୋ ସହିତ ଚାଲିଯିବାର ଯୋଗାଡ଼ କରୁଅଛି । ତାର ସାହାଯ୍ୟରେ ତୁମର ମଧ୍ୟ କାର୍ଯ୍ୟ ସିଦ୍ଧ ହୋଇପାରିବ ।' ଏପରି କହି ମୋର ମିତ୍ର ତାଙ୍କ ପ୍ରେମିକା ନିକଟରେ ସମସ୍ତ ବୃତ୍ତାନ୍ତ ନିବେଦନ କଲେ ।

ନିର୍ଦ୍ଦିଷ୍ଟ ଦିନ ସେହି ଉଭୟ ସ୍ତ୍ରୀ ଗୋଟିଏ ଦେବ ମନ୍ଦିରରେ ଆସି ଉପସ୍ଥିତ ହେଲେ । ଆମ୍ଭେମାନେ ମନ୍ଦିର ମଧ୍ୟରେ ତାଙ୍କୁ ପ୍ରତୀକ୍ଷା କରି ରହିଥିଲୁ । ସେଠାରେ ମୋର ମିତ୍ରଙ୍କୁ ନବବଧୂର ବେଶରେ ଭୂଷିତ କରି ଉକ୍ତ ସ୍ତ୍ରୀଟିର ନଣନ୍ଦ ତାଙ୍କୁ ନିଜ ଭାଇଙ୍କ ନିକଟକୁ ନେଇ ଚାଲିଗଲେ । ମୁଁ ମୋର ପ୍ରେୟସୀ ସହିତ ଉଜ୍ଜୟିନୀ ନଗରକୁ ପ୍ରତ୍ୟାବର୍ତ୍ତନ କଲି । ବିବାହ ଉତ୍ସବରେ ଯୋଗ ଦେଇଥିବା ସମସ୍ତ ବ୍ୟକ୍ତି ଯଥେଷ୍ଟ ମଦ୍ୟପାନ କରି ନିଦ୍ରିତ ହୋଇଯିବାରୁ ମୋର ବନ୍ଧୁ ତାଙ୍କ ସ୍ତ୍ରୀଙ୍କ ସହିତ ଆସି ଏଠାରେ ଉପସ୍ଥିତ ହେଲେ । ଏହିପରି ଆମେ ଦୁଇଜଣ ଦୁଇଟି ସ୍ତ୍ରୀ ଲାଭକଲୁ । ସେମାନେ ନବଯୁବତୀ, ସ୍ୱେଚ୍ଛାକୃତଭାବେ ଆମ୍ଭ ପ୍ରତି ଆକୃଷ୍ଟ ହୋଇଛନ୍ତି । ପୁଣି ଗୁପ୍ତରେ ଗୃହପରିତ୍ୟାଗ କରି ଆମ ସହିତ ଚାଲି ଆସିଛନ୍ତି । ତେଣୁ ସର୍ବଦା ଅସ୍ଥିର ଓ ଶଙ୍କାକୁଳଚିତ୍ତରେ ଆମେ ଜୀବନଯାପନ କରୁଅଛୁ । ଆଶ୍ରୟ ନିମନ୍ତେ ଏକ ନିରାପଦ ସ୍ଥାନ ଏବଂ ଜୀବନଯାପନ କରିବା ନିମିତ୍ତ ଅର୍ଥ ଉପାର୍ଜନର ପନ୍ଥା ସମ୍ପର୍କରେ ଆଲୋଚନା କରୁଥିବାବେଳେ ଆପଣ ଆମ୍ଭମାନଙ୍କୁ ଦେଖିଛନ୍ତି । ତେଣୁ ବର୍ତ୍ତମାନ ଯାହା କରିବା ଉଚିତ ମନେ କରୁଅଛନ୍ତି, ତାହା କରନ୍ତୁ ।'

ଏମାନଙ୍କ କଥାରେ ସନ୍ତୁଷ୍ଟ ହୋଇ ରାଜା ବିକ୍ରମସିଂହ ସେମାନଙ୍କୁ ଯଥେଷ୍ଟ ଧନରତ୍ନ ପ୍ରଦାନପୂର୍ବକ ନିଜ ରାଜ୍ୟରେ ବାସ କରିବାର ସୁଯୋଗ ପ୍ରଦାନ କଲେ । ତା' ପରେ ଏମାନେ ସେଠାରେ ସୁଖରେ କାଳାତିପାତ କଲେ ।

Digitized by srujanika@gmail.com

ବଳଶାଳୀ ବ୍ୟକ୍ତିମାନେ ସର୍ବଦା ଯଶ ଓ ସମ୍ମାନ ଲାଭ କରିଥାଆନ୍ତି । ତେଣୁ ତୁମେ ସ୍ୱପ୍ନରେ ଯାହା ଦେଖିଲ, ତାହା ନିଶ୍ଚିତଭାବରେ କୌଣସି ଦେବଜ୍ୟୋତି । ଦେବଲୋକର କୌଣସି ପ୍ରାଣୀ ନିଜ କର୍ମଫଳ ଭୋଗ କରିବା ନିମନ୍ତେ ପୃଥିବୀପୃଷ୍ଠରେ ଜନ୍ମଗ୍ରହଣ କରିବା ପାଇଁ ତୁମ ଗର୍ଭରେ ଆଶ୍ରୟ ନେଇଛନ୍ତି ।'

କଳିଙ୍ଗଦତ୍ତଙ୍କଠାରୁ ଏପ୍ରକାର କଥା ଶୁଣି ତାରାଦତ୍ତା ଯଥେଷ୍ଟ ଆନନ୍ଦ ଲାଭ କଲେ ।

Digitized by srujanika@gmail.com

ଦ୍ୱିତୀୟ ତରଙ୍ଗ

କଳିଙ୍ଗସେନା ଜନ୍ମ

ତାରାଦତ୍ତଙ୍କ ଗର୍ଭଭାର କ୍ରମେ କ୍ରମେ ଗୁରୁତର ହୋଇଉଠିଲା । ଶରୀରର କାନ୍ତି ପାଣ୍ଡୁରବର୍ଣ୍ଣ ହେବାରୁ ସେ ଉଦୀୟମାନ ଚନ୍ଦ୍ରର ଶୋଭା ଧାରଣ କଲେ । କିଛି ଦିନ ପରେ ତାଙ୍କର ଗୋଟିଏ ଅସାଧାରଣ ସୁନ୍ଦରୀ କନ୍ୟା ଜାତ ହେଲା । ସେହି କନ୍ୟାର ଜ୍ୟୋତିରେ ପ୍ରସୂତିଗୃହର ସମସ୍ତ ରକ୍ଷାଦୀପ ମ୍ଳାନୀଭୂତ ହେଲା । କିନ୍ତୁ ପୁତ୍ରଲାଭ ଆଶା ବିଫଳ ହେବାରୁ ପିତା କଳିଙ୍ଗଦତ୍ତ ଆନନ୍ଦ ଲାଭ କରିପାରିଲେ ନାହିଁ । କନ୍ୟାଟିକୁ ଦିବ୍ୟଭାବାପନ୍ନ ଜାଣି ମଧ୍ୟ ରାଜାଙ୍କ ମନରେ ସନ୍ତୁଷ୍ଟି ଆସିଲା ନାହିଁ । ଫଳରେ ସେ କୌଣସି ଜୈନ ମନ୍ଦିରରେ ଯାଇ ଆଶ୍ରୟ ନେଲେ । ସେଠାରେ ଧର୍ମ ଉପଦେଷ୍ଟାଙ୍କର ନିମ୍ନଲିଖିତ ଉପଦେଶ ତାଙ୍କର କର୍ଣ୍ଣଗୋଚର ହେଲା —

'ପୃଥିବୀରେ ଦାନ ହେଉଛି ସର୍ବଶ୍ରେଷ୍ଠ ତପସ୍ୟା । ଅର୍ଥଦାତା ପ୍ରକୃତରେ ଜୀବନଦାତା । କାରଣ ଧନଦ୍ୱାରା ହିଁ ଜୀବନ ରକ୍ଷା କରାଯାଇ ପାରେ । କରୁଣାର ପ୍ରତୀକ ବୁଦ୍ଧଦେବ ନିଜର ଆତ୍ମାକୁ ମଧ୍ୟ ତୃଣତୁଲ୍ୟ ଅନ୍ୟମାନଙ୍କ ପାଇଁ ପ୍ରଦାନ କରି ଦେଇଥିଲେ । ଏହି ଧୈର୍ଯ୍ୟଯୁକ୍ତ ତପସ୍ୟା ଫଳରେ ସେ ଦିବ୍ୟଜ୍ଞାନ ପ୍ରାପ୍ତ ହୋଇ ବୁଦ୍ଧତ୍ୱ ଲାଭ କରିଥିଲେ । ତେଣୁ ସମସ୍ତ ପ୍ରିୟ ପଦାର୍ଥ ପ୍ରତି ଅନାସକ୍ତ ହୋଇ ବୁଦ୍ଧିମାନ୍ ବ୍ୟକ୍ତି ଜ୍ଞାନଲାଭ ନିମନ୍ତେ ଅନ୍ୟମାନଙ୍କର ଉପକାର କରିବା ଉଚିତ ।

ସପ୍ତରାଜକୁମାରୀ କଥା

ପୂର୍ବକାଳରେ କୌଣସି ରାଜାଙ୍କର ସାତୋଟି ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ଥିଲେ । ଶୈଶବରୁ ହିଁ ଏମାନେ ବୈରାଗ୍ୟଭାବାପନ୍ନ ହୋଇ ଶ୍ମଶାନରେ

Digitized by srujanika@gmail.com

ଯାଇ ବାସ କରୁଥାଆନ୍ତି । ସେମାନେ ନିଜର ପରିବାର ମଧ୍ୟରେ ଥିବା ଅନ୍ୟମାନଙ୍କୁ କହୁଥାଆନ୍ତି 'ଏ ସଂସାର ଅସାର । ଏଥିରେ ଏହି ତୁଚ୍ଛ ଶରୀର ସର୍ବଥା ଅସାର । ଏଠାରେ ନିଜର ପ୍ରିୟବସ୍ତୁ ଓ ପ୍ରିୟବ୍ୟକ୍ତି ସହିତ ମିଳିତ ହେବା ସ୍ୱପ୍ନତୁଲ୍ୟ ଭ୍ରାନ୍ତିକର । ଏହି ଅସାର ସଂସାର ମଧ୍ୟରେ ଅନ୍ୟମାନଙ୍କର ଉପକାର କରିବା ହିଁ ସାର । ତେଣୁ ଆମ୍ଭେମାନେ ଏହି ଶରୀରକୁ ପ୍ରଦାନ କରି ଅନ୍ୟର ଉପକାର କରିବା ପାଇଁ ଚେଷ୍ଟା କରୁଅଛୁ । ଏହି ଅନିନ୍ଦ୍ୟ ସୁନ୍ଦର ଶରୀରଗୁଡ଼ିକୁ ଶ୍ମଶାନ ମଧ୍ୟରେ ନିକ୍ଷେପ କରିଦେଲେ ହୁଏତ ପଶୁପକ୍ଷୀମାନଙ୍କର କିଛି ଉପକାର ହୋଇପାରେ । ଅନ୍ୟଥା ଏଗୁଡ଼ିକ ବୃଥାରେ ନଷ୍ଟ ହେବା ହିଁ ସାର ହେବ ।'

ସଂସାରବିରାଗୀ ରାଜପୁତ୍ର କଥା

ପୂର୍ବକାଳରେ ଏକ ରାଜପୁତ୍ର ଅତିସୁନ୍ଦର ଓ ଯୁବକ ହେଲେ ହେଁ ପରିବ୍ରାଜକ ଦୀକ୍ଷା ଗ୍ରହଣ କରିଥିଲେ । ଦିନେ ଏହି ଭିକ୍ଷୁ କୌଣସି ବୈଶ୍ୟ ଗୃହରେ ଯାଇ ଭିକ୍ଷା ନିମନ୍ତେ ଉପସ୍ଥିତ ହେଲେ । ସେହି ବୈଶ୍ୟର ସୁନ୍ଦରୀ ଓ ଯୁବତୀ ସ୍ତ୍ରୀ ଭିକ୍ଷୁଙ୍କର କମଳ ପତ୍ରତୁଲ୍ୟ ଢ଼ଳ ଢ଼ଳ ନୟନଯୁଗଳ ପ୍ରତି ଆସକ୍ତ ହୋଇ ତାଙ୍କୁ କହିଲା, 'ଏପରି ସୁନ୍ଦର ପୁରୁଷ ହୋଇ ଏହି କଷ୍ଟକର ବ୍ରତ ଆପଣ କାହିଁକି ଗ୍ରହଣ କରିଅଛନ୍ତି ? ଆପଣଙ୍କର ଏହି ସୁନ୍ଦର ନୟନ-ଯୁଗଳ ଦର୍ଶନ କରି କେଉଁ ଯୁବତୀ ନିଜକୁ ଭାଗ୍ୟବତୀ ମନେ ନ କରିବ ?' ଏହା ଶୁଣି ଉକ୍ତ ଭିକ୍ଷୁ ନିଜର ଚକ୍ଷୁ ଯୁଗଳକୁ ଉତ୍ପାଟିତ କରି ସେହି ସ୍ତ୍ରୀକୁ କହିଲେ, 'ମାତା ! ଏହି ଚକ୍ଷୁଯୁଗଳର ଏହା ହିଁ ହେଉଛି ପ୍ରକୃତ ସ୍ୱରୂପ । ଏହା କୁତ୍ସିତ ରକ୍ତମାଂସ ବ୍ୟତୀତ ଆଉ କିଛି ନୁହେ । ଯଦି ଏଦୁଇଟି ପ୍ରତି ତୁମେ ଆକୃଷ୍ଟ, ତାହାହେଲେ ଏହାକୁ ସାଦରେ ଗ୍ରହଣ କରିପାର ଏବଂ ଅନ୍ୟମାନଙ୍କର ଚକ୍ଷୁଠାରୁ ଏଗୁଡ଼ିକର ସୌନ୍ଦର୍ଯ୍ୟ କେଉଁ ଦୃଷ୍ଟିରୁ ଅଧିକ, ତାହା ବିଚାର କରିପାର ।' ଏଥିରେ ବୈଶ୍ୟବଧୂ ଗଭୀର ଦୁଃଖପ୍ରକାଶ କରି ବିଳାପ କରିବାରୁ ଅବିଚଳିତ ଭାବରେ ଭିକ୍ଷୁ କହିଲେ, 'ମାତା ଏଥିରେ କଷ୍ଟ କରିବାରେ କଅଣ ଅଛି ? ତୁମେ ଯାହା କରିଅଛ ତାହା ମୋର ଉପକାର ପାଇଁ ହିଁ କରିଅଛ ।' ଏ ସମ୍ପର୍କରେ ଗୋଟିଏ ଉଦାହରଣ ଶ୍ରବଣ କର —

Digitized by srujanika@gmail.com

ରାଜା ଓ ତପସ୍ୱୀ କଥା

ପ୍ରାଚୀନକାଳରେ ଗଙ୍ଗାତଟବର୍ତ୍ତୀ କୌଣସି ଏକ ସୁନ୍ଦର ଉପବନ ମଧ୍ୟରେ ଜଣେ ସଂସାରବିରାଗୀ ସନ୍ନ୍ୟାସୀ ତପସ୍ୟା କରୁଥିଲେ । ସଂସାରର ସମସ୍ତ କିଛି ପରିତ୍ୟାଗ କରି ମୁକ୍ତିଲାଭ କରିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ । ସେ ସମାଧିସ୍ଥ ଅବସ୍ଥାରେ ଥିଲାବେଳେ କୌଣସି ରାଜା ନିଜର ରାଣୀମାନଙ୍କ ସହିତ ଆସି ସେହି ଉଦ୍ୟାନ ମଧ୍ୟରେ ଭ୍ରମଣ କରୁଥାଆନ୍ତି । ଉପବନ କ୍ରୀଡ଼ା ଶେଷ ହେବାପରେ ରାଜା ମଦ୍ୟପାନରେ ଅଚେତ ହୋଇ ପଡ଼ିବାରୁ ରାଣୀମାନେ ଉଦ୍ୟାନ ମଧ୍ୟରେ ଇତସ୍ତତଃ ବୁଲିବାକୁ ଲାଗିଲେ । ସମାଧିସ୍ଥ ସନ୍ନ୍ୟାସୀଙ୍କୁ ଦେଖି ସେମାନେ କୌତୂହଳବଶତଃ ତାଙ୍କ ଚତୁର୍ଦ୍ଦିଗରେ ଯାଇ ରୁଣ୍ଡ ହେଲେ ।

ଏଣେ ରାଜା ଚେତନାପ୍ରାପ୍ତ ହୋଇ ରାଣୀମାନଙ୍କର ସନ୍ଧାନରେ ବାହାରିଲେ । କିଛି ଦୂର ଯାଇ ରାଣୀମାନଙ୍କୁ ଏ ଅବସ୍ଥାରେ ସନ୍ଦର୍ଶନ କରି ସେ କ୍ରୋଧରେ ପ୍ରଜ୍ୱଳିତ ହୋଇ ଖଡ଼୍‌ଗକୁ କୋଷମୁକ୍ତ କରି ମୁନିଙ୍କୁ ପ୍ରହାର କଲେ । ଐଶ୍ୱର୍ଯ୍ୟ, ଈର୍ଷା, ନିର୍ଦ୍ଦୟତା, ଗର୍ବ ଓ ଅବିବେକିତା ପ୍ରତ୍ୟେକେ ମାରାତ୍ମକ । ଅକସ୍ମାତ୍ ଏହି ପଞ୍ଚାଗ୍ନିର ସଂଯୋଗ ଯଦି ହୁଏ ତାହାହେଲେ ପୃଥିବୀର କୌଣସି କୁକର୍ମ ଅକରଣୀୟ ମନେ ହେବ ନାହିଁ ।

ରାଜା ଚାଲିଯିବା ପରେ କୌଣସି ଦେବୀ ଉକ୍ତ ସନ୍ନ୍ୟାସୀଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, 'ହେ ମହାତ୍ମା ! ଯେଉଁ ପାପୀ ତୁମ ପ୍ରତି ଏପ୍ରକାର ଅବିଚାର କରିଅଛି, ମୋର ଶକ୍ତିବଳରେ, ତୁମେ ଯେ ପ୍ରକାର ପ୍ରତିଶୋଧ ଚାହିଁବ, ମୁଁ ତାର ସେ ପ୍ରକାର ପ୍ରତିଶୋଧ ନେଇପାରେ ।' ଏହା ଶୁଣି ସେହି ପ୍ରଶାନ୍ତଚେତା ସନ୍ନ୍ୟାସୀ କହିଲେ, 'ଦେବି ! ତୁମର ଏପରି କରିବା ଆଦୌ ଉଚିତ ହେବ ନାହିଁ । ସେ ରାଜା ମୋର ଧର୍ମର ସହାୟକ ହିଁ ହୋଇଅଛନ୍ତି । ତାଙ୍କ କୃପାରୁ ମୁଁ ସାକ୍ଷାତ କ୍ଷମା ଧର୍ମ ଲାଭକଲି । ସେ ଯଦି ମୋତେ ପ୍ରହାର କରିନଥାନ୍ତେ, ମୁଁ ଆଉ କାହାକୁ କ୍ଷମା କରିଥାଆନ୍ତି ? ବୁଦ୍ଧିମାନ୍ ଲୋକମାନେ ଏହି ଅନିତ୍ୟ ଶରୀର ପାଇଁ କଦାପି କ୍ରୋଧପ୍ରକାଶ କରିନଥାନ୍ତି । ଶତ୍ରୁ ଓ ମିତ୍ର ଉଭୟଙ୍କ ପ୍ରତି ସମାନ ଆଚରଣ କରିବା ହିଁ ବ୍ରାହ୍ମଣର

Digitized by srujanika@gmail.com

ସର୍ବଶ୍ରେଷ୍ଠ ଧର୍ମ । ଏହା ଶୁଣି ସେହି ଦେବୀ ରାଜାଙ୍କ ଶରୀରକୁ ପୁଣି ଅକ୍ଷତ କରିଦେଇ ଅନ୍ତର୍ହିତା ହୋଇଗଲେ ।'

ସୁତରାଂ ସେହି ରାଜା ଯେପରି ସନ୍ନ୍ୟାସୀଙ୍କର ଉପକାରୀ ହୋଇଥିଲେ, ସେହିପରି ମୋର ଚକ୍ଷୁ ଯୁଗଳକୁ ନଷ୍ଟ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିଥିବାରୁ ତୁମେ ବର୍ତ୍ତମାନ ମୋର ସେହିଭଳି ଉପକାର ସାଧନ କରିଅଛ । ଏହା କହି ଉକ୍ତ ପରିବ୍ରାଜକ ବୈଶ୍ୟବଧୂକୁ ପ୍ରଣାମ କରି ସିଦ୍ଧି ଲାଭ ନିମନ୍ତେ ପ୍ରସ୍ଥାନ କଲେ ।

ତେଣୁ ଶିଶୁ ଓ ସୁନ୍ଦର ହେଲେ ମଧ୍ୟ ଆମ୍ଭମାନଙ୍କର ଏହି ଅନିତ୍ୟ ଶରୀର ପ୍ରତି ଆଗ୍ରହ ନାହିଁ । ପ୍ରାଣୀ ମାତ୍ରେ ଅନ୍ୟର ଉପକାର କରିବା ଏକାନ୍ତ ଆବଶ୍ୟକ । ଏହି କାରଣରୁ ଆମ୍ଭେମାନେ ନିଜ ନିଜର କ୍ଷୁଦ୍ର ଶରୀରକୁ ଶ୍ମଶାନରେ ସ୍ଥାପନ କରି ଅନ୍ୟମାନଙ୍କର ଉପକାର କରିବା ପାଇଁ ଚେଷ୍ଟା କରୁଅଛୁ । ନିଜର ପରିବାରବର୍ଗଙ୍କୁ ଏହିପରି ଉପଦେଶଦ୍ୱାରା ସନ୍ତୁଷ୍ଟ କରି ସେହି ସପ୍ତରାଜକୁମାରୀ ନିଜର କର୍ତ୍ତବ୍ୟରେ ଅବିଚଳିତ ରହି ପରମସିଦ୍ଧି ଲାଭ କଲେ ।

ବୁଦ୍ଧିମାନ୍ ଲୋକମାନେ ନିଜ ଶରୀର ଉପରେ ମଧ୍ୟ ମମତା ରଖି ନଥାନ୍ତି । ପୁତ୍ର, ଦାରା ପ୍ରଭୃତିଙ୍କର କଥା ତ ଅତି ନଗଣ୍ୟ ।'

ଧର୍ମ ଉପଦେଷ୍ଟାଙ୍କଠାରୁ ଏପ୍ରକାର ଉପଦେଶ ଶୁଣି ରାଜା ସନ୍ଧ୍ୟା ସମୟରେ ରାଜଭବନକୁ ପ୍ରତ୍ୟାବର୍ତ୍ତନ କଲେ । କିନ୍ତୁ ରାଜନଗରରେ ପ୍ରବେଶ କରିବା ମାତ୍ରେ ତାଙ୍କ ମନ ପୁଣି କନ୍ୟାଲାଭ ଦୁଃଖରେ ଶୋକାକୁଳ ହୋଇ ଉଠିଲା । ଏହା ଜାଣିପାରି ରାଜନଗରସ୍ଥ କୌଣସି ବୃଦ୍ଧ ବ୍ରାହ୍ମଣ ଆସି ରାଜାଙ୍କୁ କହିଲେ, 'ମହାରାଜ ! କନ୍ୟାରତ୍ନ ଜନ୍ମ ହେବାରୁ ଆପଣ କାହିଁକି ସନ୍ତପ୍ତ ହେଉଅଛନ୍ତି ? ପୁତ୍ର ଅପେକ୍ଷା କନ୍ୟା ହିଁ ଶ୍ରେୟସ୍କର । କାରଣ ଏମାନେ ଇହଲୋକ ଓ ପରଲୋକ ଉଭୟତ୍ର ଶୁଭଫଳପ୍ରଦାୟିନୀ । ରାଜ୍ୟ-ଲୋଭରେ ପୁତ୍ରମାନେ ପିତାଙ୍କର ମଧ୍ୟ ବିରୁଦ୍ଧାଚରଣ କରିଥାଆନ୍ତି । କୁନ୍ତୀ-ଭୋଜ ଆଦି ରାଜାମାନେ କୁନ୍ତୀ ପ୍ରଭୃତି କନ୍ୟାମାନଙ୍କ ଯୋଗୁଁ ଦୁର୍ବାସା

Digitized by srujanika@gmail.com

ପ୍ରଭୃତିଙ୍କର ଦୁଃସହ ଅଭିଶାପରୁ ରକ୍ଷା ପାଇଥିଲେ । କନ୍ୟାଦାନଦ୍ୱାରା ପରଲୋକରେ ଯେଉଁ ଆନନ୍ଦ ମିଳେ, ପୁତ୍ରଠାରୁ ଏହି ପ୍ରକାର ଫଳ ଆଶା କରିବା ବୃଥା । ଏ ପ୍ରସଙ୍ଗରେ ଆପଣ ଗୋଟିଏ କଥା ଶ୍ରବଣ କରନ୍ତୁ—

ରାଜା ସୁଷେଣ ଓ ସୁଲୋଚନା କଥା

ଚିତ୍ରକୂଟ ପର୍ବତ ଉପରେ ସୁଷେଣ ନାମକ ଜଣେ ରାଜା ରାଜତ୍ୱ କରୁଥିଲେ । ସେ ଯୁବକ ଓ କନ୍ଦର୍ପତୁଲ୍ୟ ସୁନ୍ଦର । ଏହି ପର୍ବତର ପାଦ-ଦେଶରେ ନନ୍ଦନକାନନତୁଲ୍ୟ ଏକ ମନୋରମ ଉଦ୍ୟାନ ନିର୍ମାଣ କରାଇ ସେ ତା' ମଧ୍ୟରେ ଏକ ରମଣୀୟ ପୁଷ୍କରିଣୀ ଖନନ କରାଇ ଥିଲେ । ପୁଷ୍କରିଣୀଟି ପଦ୍ମପୁଷ୍ପଦ୍ୱାରା ପରିପୂର୍ଣ୍ଣ ହୋଇ ଲକ୍ଷ୍ମୀଙ୍କର ଲୀଳାସରୋବର ତୁଲ୍ୟ ପ୍ରତୀୟମାନ ହେଉଥିଲା । ଅବିବାହିତ ଥିବାରୁ ରାଜା ଏକାକୀ ଏହି ଉଦ୍ୟାନ ମଧ୍ୟରେ ଭ୍ରମଣ କରି ପୁଷ୍କରିଣୀର ତଟଦେଶରେ କ୍ଳାନ୍ତି ଅପନୋଦନ କରୁଥିଲେ ।

ଦିନେ ସ୍ୱର୍ଗର ରମ୍ଭା ନାମକ ଅପ୍‌ସରା ଆକାଶମାର୍ଗରେ ଯାଉଥିବା ସମୟରେ ପୁଷ୍କରିଣୀର ଶୋଭାରେ ବିମୁଗ୍ଧା ହୋଇ ସେଠାରେ ଅବତରଣ କଲା । ସେଠାରେ ରାଜାଙ୍କୁ ଦେଖି ତାର ମନେ ହେଲା ସତେ ଯେପରି ଉଦ୍ୟାନ ମଧ୍ୟରେ ମୂର୍ତ୍ତିମାନ୍ ବସନ୍ତ ବିରାଜମାନ କରୁଅଛି । ତାଙ୍କ ରୂପ ତା ମନରେ ସ୍ୱର୍ଗର ଲକ୍ଷ୍ମୀ, ଚନ୍ଦ୍ର ପ୍ରଭୃତିର ଭ୍ରମ ଜାତ କଲା । ଏହାପରେ ଚନ୍ଦ୍ରାକର ମାନବୀରୂପରେ ଆସି ସେ ସୁଷେଣଙ୍କ ନିକଟରେ ଉପସ୍ଥିତ ହେଲା । ରାଜା ଏହି ନାରୀଟିର ପଦଯୁଗଳ ଭୂମିସ୍ପର୍ଶ କରୁନଥିବା ଏବଂ ତାର ଭ୍ରୂଲତା ମୁଦ୍ରିତ ହେଉ ନଥିବା ଦେଖି ଜାଣିପାରିଲେ ଯେ, ସେ ମାନବୀ ନୁହନ୍ତି, ଦେବୀ । ତାକୁ ତାର ପରିଚୟ ଜିଜ୍ଞାସା କଲେ ସେ ଗୁଳିଯାଇ ପାରେ ଭାବି ରାଜା ମୌରବରେ ତାର ଗତିବିଧି ଲକ୍ଷ୍ୟ କରିବାକୁ ଲାଗିଲେ । କିନ୍ତୁ ରମ୍ଭା ହଠାତ୍ ଆସି ତାଙ୍କୁ ଆଲିଙ୍ଗନ ପାଶରେ ଆବଦ୍ଧ କଲା । ଏହାପରେ ରାଜା ରମ୍ଭା ସହିତ ବହୁ ଦିନଧରି ସେହି ଉଦ୍ୟାନ ମଧ୍ୟରେ କ୍ରୀଡ଼ା କରିବାକୁ ଲାଗିଲେ । ପ୍ରଣୟୀର ବାହୁଯୁଗଳ ମଧ୍ୟରେ ରହି ରମ୍ଭା ସ୍ୱର୍ଗକୁ ମଧ୍ୟ ଭୁଲିଗଲା । ପ୍ରକୃତରେ 'ରମ୍ୟଂ ପ୍ରେମ ନ ଜନ୍ମ ଭୂଃ ।' ପ୍ରେମ ଜନ୍ମଭୂମି ଅପେକ୍ଷା

Digitized by srujanika@gmail.com

ମଧ୍ୟ ମହୀଉଠିଲ । ରମ୍ଭା ଏଠାରେ ରହିବାରୁ ତାର ପ୍ରିୟସଖି ଯକ୍ଷିଣୀ ଉଦ୍ୟାନଟିକୁ ସ୍ୱର୍ଣ୍ଣମୁଦ୍ରାରେ ଆଚ୍ଛାଦିତ କରିଦେଲା ।

କିଛି ଦିନ ପରେ ରମ୍ଭା ଏକ ଅତି ରମଣୀୟ କନ୍ୟା ପ୍ରସବ କଲା । ଦିନେ ସେ ରାଜାଙ୍କୁ କହିଲା, 'ବର୍ତ୍ତମାନ ମୋର ଅଭିଶପ୍ତ ଜୀବନ ଶେଷ ହେଲା । ମୁଁ ରମ୍ଭା ନାମକ ସ୍ୱର୍ଗର ଅପ୍ସରା । ତୁମକୁ ଦେଖିବା ମାତ୍ରେ ମୁଁ ତୁମପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲି । ସନ୍ତାନ ପ୍ରସବ ପରେ ମୁଁ ବର୍ତ୍ତମାନ ମୋ ନିଜ ସ୍ଥାନକୁ ଫେରି ଯାଉଅଛି । ଅପ୍ସରାମାନଙ୍କ ଏହା ହିଁ ନୀତି । ତୁମେ ଏ କନ୍ୟାଟିକୁ ପାଳନ କରିବ । ତାର ବିବାହ ପରେ ସ୍ୱର୍ଗରେ ଆମ୍ଭମାନଙ୍କର ପୁଣି ମିଳନ ଘଟିବ ।' ଏହା କହି ରମ୍ଭା ଅନ୍ତର୍ହିତ ହୋଇଗଲା । ରାଜା ବିରହ ଦୁଃଖରେ ଜୀବନ ବିସର୍ଜନ ନିମନ୍ତେ ପ୍ରସ୍ତୁତ ହେଲେ । କିନ୍ତୁ ଶକୁନ୍ତଳାଙ୍କର ଉଦାହରଣ ଦେଇ ମନ୍ତ୍ରୀମାନେ ସାନ୍ତ୍ୱନା ପ୍ରଦାନ କରିବାରୁ ସେ ପୁନର୍ମିଳନର ଆଶା ପୋଷଣ କରି କନ୍ୟାପ୍ରତି ଦୃଷ୍ଟି ଦେଲେ ।

କନ୍ୟାଟି ସର୍ବାଙ୍ଗ ସୁନ୍ଦରୀ ଥିଲା ଏବଂ ତାର ଚକ୍ଷୁଯୁଗଳ ଅନୁପମ ଥିଲା । ତେଣୁ ରାଜା ତାର ନାମକରଣ କଲେ ସୁଲୋଚନା । ସୁଲୋଚନା ଯୌବନ ଲାଭକଲା । ଦିନେ ଉଦ୍ୟାନ ମଧ୍ୟରେ ଭ୍ରମଣ କରୁଥିବା ସମୟରେ ତାର ଅପରୂପ ସୌନ୍ଦର୍ଯ୍ୟ ରାଶି ମହର୍ଷି କଶ୍ୟପଙ୍କ ପୁତ୍ର ବତ୍ସଙ୍କର ଦୃଷ୍ଟି ଆକର୍ଷଣ କଲା । ମହର୍ଷି ବତ୍ସ ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଚିନ୍ତାକଲେ, 'ଏପ୍ରକାର ସୁନ୍ଦରୀ କନ୍ୟାକୁ ସ୍ତ୍ରୀରୂପରେ ଲାଭ ନକଲେ ତପସ୍ୟାର ଫଳ ବୃଥା ।' ସେ ଏପରି ଚିନ୍ତା କରୁଥିବାବେଳେ ତାଙ୍କର ଶାନ୍ତ ଓ କାନ୍ତରୂପ ଦର୍ଶନ କରି ସୁଲୋଚନା ନିକଟକୁ ଆସି ବିନମ୍ର ପ୍ରଣତି ଜ୍ଞାପନ କଲା । ମୁନି ବତ୍ସ ଆଶୀର୍ବାଦ ଦେଇ କହିଲେ, 'ଅସହ୍ୟ କାମପୀଡ଼ାରେ ପୀଡ଼ିତ ଏହି ବତ୍ସକୁ ତୁମେ ପତିରୂପରେ ଲାଭକର ।' ଏହା ଶୁଣି ସୁଲୋଚନା ସଲଜ୍ଜ ଭାବରେ କହିଲା, 'ଯଦି ଏହାହିଁ ପ୍ରକୃତରେ ଆପଣଙ୍କର ଇଚ୍ଛା ଏବଂ ଆପଣ ଯଦି ମୋତେ ଉପହାସ କରୁନଥାନ୍ତି, ତାହାହେଲେ ପିତାଙ୍କ ନିକଟରେ ଆପଣଙ୍କର ଏହି ଅଭିଳାଷ ପ୍ରକାଶ କରନ୍ତୁ ।'

ଏହା ଶୁଣି ବତ୍ସ ସୁଷେଣଙ୍କ ନିକଟରେ ନିଜର ଅଭିଳାଷ ପ୍ରକାଶ କଲେ । ରାଜା ମଧ୍ୟ ଏହି ତପସ୍ୱୀ ମୁନିକୁମାରଙ୍କର ଉଚିତ ଅତିଥି ସତ୍କାର

Digitized by srujanika@gmail.com

କରି କହିଲେ, 'ମହାଭାଗ ! ଏ ମୋର କନ୍ୟା ସୁଲୋଚନା । ରମ୍ଭା ନାମକ ଅପ୍ସରାଠାରୁ ଏହାର ଜନ୍ମ । ଏହାର ବିବାହ ପରେ ରମ୍ଭା ସହିତ ମୋର ପୁନର୍ମିଳନ ଘଟିବ ବୋଲି ପ୍ରତିଶ୍ରୁତି ପ୍ରଦାନପୂର୍ବକ ସେ ମୋତେ ପରିତ୍ୟାଗ କରିଚାଲି ଯାଇଥିଲେ । ଏହା କିପରି ସମ୍ଭବପର ହେବ ଆପଣ ବିଚାର କରନ୍ତୁ ।'

ଏଥିରେ ବତ୍ସ କିଛି ସମୟ ଚିନ୍ତାମଗ୍ନ ହୋଇପଡ଼ିଲେ ଏବଂ ଚିନ୍ତା କରିବାକୁ ଲାଗିଲେ । ପ୍ରାଚୀନକାଳରେ ମେନକାଙ୍କର କନ୍ୟା ପ୍ରମଦ୍‌ବରା ସର୍ପାଘାତରେ ମୃତ୍ୟୁଲାଭ କରିବାରୁ ମହର୍ଷି ରୁରୁ ନିଜ ଆୟୁଷର ଅର୍ଦ୍ଧେକ ପ୍ରଦାନ କରି ତାଙ୍କୁ ଜୀବିତ କରିଥିଲେ । ମହର୍ଷି ବିଶ୍ୱାମିତ୍ର ନିଜର ତପଃ ପ୍ରଭାବରେ ଚଣ୍ଡାଳ ତ୍ରିଶଙ୍କୁଙ୍କୁ ସ୍ୱଦେହରେ ସ୍ୱର୍ଗକୁ ପଠାଇ ଦେଇଥିଲେ । ସେହିପରି ମୁଁ ମଧ୍ୟ ନିଜ ତପସ୍ୟାର କିଛି ଅଂଶ ବ୍ୟୟ କରି ଏ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବି ।

ଏପ୍ରକାର ଚିନ୍ତାକରି ସେ କହିଲେ, 'ଏହା କିଛି ବଡ଼ କଥା ନୁହେଁ ।' ଏହାପରେ ସେ ଦେବତାମାନଙ୍କୁ ଲକ୍ଷ୍ୟ କରି କହିଲେ, 'ହେ ଦେବଗଣ ! ଏ ରାଜା ମୋର ତପସ୍ୟାର କିଛି ଅଂଶ ନେଇ ରମ୍ଭାଙ୍କ ସହ ସମ୍ଭୋଗ କରିବା ନିମନ୍ତେ ସଶରୀରେ ସ୍ୱର୍ଗକୁ ପ୍ରସ୍ଥାନ କରନ୍ତୁ ।' ମୁନି ଏହା କହିବା ପରେ 'ତଥାସ୍ତୁ' ବୋଲି ଶୂନ୍ୟବାଣୀ ହେଲା । ରାଜା ସୁଷେଣ ସୁଲୋଚନାଙ୍କୁ ବତ୍ସଙ୍କ ହସ୍ତରେ ଅର୍ପଣ କରିଦେଇ ସ୍ୱର୍ଗରାଜ୍ୟକୁ ପ୍ରସ୍ଥାନ କଲେ ।

ଏହିପରି ଦିବ୍ୟନାରୀମାନେ ତୁମ ଭଳି ପୁଣ୍ୟାତ୍ମାମାନଙ୍କ ଗୃହରେ ଜନ୍ମଗ୍ରହଣ କରିଥାଆନ୍ତି । ତେଣୁ 'ହେ ଦେବ ! ଆପଣଙ୍କର ଏହି କନ୍ୟା ମଧ୍ୟ ସୁଲୋଚନାଙ୍କ ତୁଲ୍ୟ କୌଣସି ଦେବଅଂଶରୁ ଜାତ । ତଦ୍ୱାରା ତୁମର ନିଶ୍ଚିତଭାବରେ ମଙ୍ଗଳ ହିଁ ହେବ । ତେଣୁ ତୁମେ ଚିନ୍ତିତ ହେବା ଅନୁଚିତ ।'

ବୃଦ୍ଧ ବ୍ରାହ୍ମଣଠାରୁ ଏପ୍ରକାର କଥା ଶୁଣି ରାଜା କଳିଙ୍ଗଦତ୍ତ ପ୍ରସନ୍ନ ହେଲେ । କନ୍ୟାଟି ଚନ୍ଦ୍ରକଳା ତୁଲ୍ୟ ଆନନ୍ଦ ପ୍ରଦାୟିନୀ ହୋଇଥିବା ହେତୁ ସେ ତାର ନାମକରଣ କଲେ କଳିଙ୍ଗସେନା । ରାଜକୁମାରୀ କଳିଙ୍ଗସେନା

Digitized by srujanika@gmail.com

କ୍ରମେ କ୍ରମେ ବୃଦ୍ଧିପ୍ରାପ୍ତ ହେବାକୁ ଲାଗିଲେ । ସଖିମାନଙ୍କ ସହିତ ସେ ଗୃହ, ଭବନ, ଜଗତୀ, ଉଦ୍ୟାନ ପ୍ରଭୃତିରେ ସୌନ୍ଦର୍ଯ୍ୟ ବିତରଣ କରି କରି ଭ୍ରମଣ କରୁଥାଆନ୍ତି ।

କଳିଙ୍ଗସେନା ଓ ସୋମପ୍ରଭାଙ୍କ ମିଳନ

ଦିନେ କଳିଙ୍ଗସେନା ରାଜଭବନର ପ୍ରାସାଦ ଉପରେ କ୍ରୀଡ଼ା କରୁଥାଆନ୍ତି । ଏହି ସମୟରେ ଆକାଶମାର୍ଗରେ ଯାଉଥିବା ମୟାସୁରଙ୍କ କନ୍ୟା ସୋମପ୍ରଭାଙ୍କ ଦୃଷ୍ଟି ତାଙ୍କ ପ୍ରତି ଆକୃଷ୍ଟ ହେଲା । ପ୍ରଥମ ଦର୍ଶନରେ ହିଁ ସେ କଳିଙ୍ଗସେନାଙ୍କ ସ୍ନେହପାଶରେ ଆବଦ୍ଧ ହୋଇପଡ଼ିଲେ । ସେ ଚିନ୍ତାକଲେ 'ଏ କଅଣ ଚନ୍ଦ୍ରକଳା ? କିନ୍ତୁ ଦିନରେ ଏପ୍ରକାର କାନ୍ତି ସମ୍ଭବ ହେବ କିପରି ? ଯଦି ରତି ହୋଇଥାଆନ୍ତା ତାହାହେଲେ କାମଦେବ କାହାନ୍ତି ? ତେଣୁ ମନେ ହେଉଛି ବର୍ତ୍ତମାନ ସୁଦ୍ଧା ଏ ବିବାହ କରିନାହାନ୍ତି । ସମ୍ଭବତଃ ଏ କୌଣସି ସ୍ୱର୍ଗୀୟ ନାରୀ ଶାପଭ୍ରଷ୍ଟା ହୋଇ ରାଜଗୃହରେ ଜନ୍ମଲାଭ କରିଅଛନ୍ତି । ପ୍ରଥମ ଦର୍ଶନରେ ହିଁ ମୋର ମନ ତାଙ୍କ ପ୍ରତି ଆକୃଷ୍ଟ ହୋଇ ଯାଇଥିବାରୁ ମନେହୁଏ ପୂର୍ବଜନ୍ମରେ ସେ ମୋର ମିତ୍ରଥିଲେ । ତେଣୁ ତାଙ୍କ ସହିତ ମିଳିତ ହୋଇ ତାଙ୍କୁ ସଖିରୂପରେ ବରଣ କରିବା ହିଁ ମୋ ପକ୍ଷରେ ଉଚିତ ହେବ ।'

ଏହାପରେ ଚିନ୍ତାକରି ଏବଂ ତାଙ୍କ ମନରେ ଭୟ ଜାଗ୍ରତ ନ କରାଇବା ନିମିତ୍ତ ସେ ଏକ ମନୁଷ୍ୟ କନ୍ୟାର ରୂପ ଧାରଣପୂର୍ବକ ତାଙ୍କ ନିକଟରେ ଆସି ଉପସ୍ଥିତ ହେଲେ । କଳିଙ୍ଗସେନା ମଧ୍ୟ 'ଏ କୌଣସି ରାଜକୁମାରୀ ଏବଂ ମୋର ସଖୀ ହେବାର ଯୋଗ୍ୟା' ବୋଲି ଭାବି ତାଙ୍କୁ ସ୍ୱାଗତ କଲେ । ସେ ତାଙ୍କର କୁଳଶୀଳ ପ୍ରଭୃତି ଜିଜ୍ଞାସା କରିବାରୁ ସୋମପ୍ରଭା ନିଜର ପରିଚୟ ପ୍ରଦାନ କଲେ । ଏହାପରେ କଥା କଥାରେ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ପ୍ରତିଷ୍ଠା ହେଲା । ଉଭୟେ ପରସ୍ପରର କରମର୍ଦ୍ଦନପୂର୍ବକ ଏ ମିତ୍ରତା ଘୋଷଣା କଲେ । ଏହି ସମୟରେ ସୋମପ୍ରଭା କହିଲେ, 'ସଖି ! ତୁମେ ରାଜକୁମାରୀ । ରାଜ ସନ୍ତାନମାନଙ୍କ ସହିତ ମିତ୍ରତା କରିବା ଅତି କଠିନ ବ୍ୟାପାର । ସେମାନେ ଅତି କ୍ଷୁଦ୍ର ଅପରାଧରେ ହିଁ ଅତିଶୟ କ୍ରୋଧାନ୍ୱିତ ହୋଇପଡନ୍ତି ।' ଏ ସମ୍ପର୍କରେ ଗୋଟିଏ କଥା ମୋର ପଡ଼ୁଅଛି—

Digitized by srujanika@gmail.com

ରାଜପୁତ୍ର ଓ ବୈଶ୍ୟପୁତ୍ର କଥା

ପୁଷ୍କରାବତୀ ନଗରରେ ଗୁଡ଼ସେନ ନାମକ ଜଣେ ରାଜା ରାଜତ୍ୱ କରୁଥିଲେ । ତାଙ୍କର ଗୋଟିଏ ପୁତ୍ର ଥିଲା । ସେ ଏକମାତ୍ର ସନ୍ତାନ ହୋଇଥିବା ହେତୁ ତାହାର ସମସ୍ତ ଭଲ ଓ ମନ୍ଦ କାର୍ଯ୍ୟକୁ ରାଜା ସହ୍ୟ କରି ଯାଉଥିଲେ । ଦିନେ ସେହି ରାଜକୁମାର ଉପବନ ବିହାର କରୁଥିବା ସମୟରେ ନିଜର ଅନୁରୂପ କାନ୍ତି ଓ ବୁଦ୍ଧିଶାଳୀ ବ୍ରହ୍ମଦତ୍ତ ନାମକ ବଣିକଙ୍କର ପୁତ୍ର ସହିତ ତାଙ୍କର ସାକ୍ଷାତ ହେଲା । ପ୍ରଥମ ଦର୍ଶନରେ ହିଁ ରାଜପୁତ୍ର ତାଙ୍କୁ ମିତ୍ର ରୂପରେ ବରଣ କଲେ । ଉଭୟେ ସେହି ସମୟଠାରୁ ଅତି ଘନିଷ୍ଠ ହୋଇପଡ଼ିଲେ । ଜଣେ ଅନ୍ୟକୁ ମୁହୂର୍ତ୍ତକ ପାଇଁ ନ ଦେଖିଲେ ଜଳସ୍ପର୍ଶ ସୁଦ୍ଧା କରୁନଥିଲେ । କୌଣସି ବସ୍ତୁ ଅନ୍ୟକୁ ପ୍ରଦାନ ନକରି ଜଣେ ଉପଭୋଗ କରୁନଥିଲା ।

ଦିନେ ରାଜକୁମାର ମିତ୍ରଙ୍କର ବିବାହ ନିଶ୍ଚିତ୍ତ କରି ନିଜେ ବିବାହ କରିବା ନିମନ୍ତେ ଅହିଛତ୍ର ନାମକ ନଗର ଅଭିମୁଖରେ ଯାତ୍ରାକଲେ । ଉକ୍ତ ବୈଶ୍ୟପୁତ୍ର ମଧ୍ୟ ତାଙ୍କ ସହିତ ଥାଆନ୍ତି । ସନ୍ଧ୍ୟା ହେବାରୁ ସେମାନେ ଇକ୍ଷୁମତୀ ନଦୀତଟରେ ଶିବିକା ସ୍ଥାପନ କଲେ । ରାତିରେ ରାଜକୁମାର ମଦ୍ୟପାନପୂର୍ବକ ପଲ୍ୟଙ୍କ ଉପରେ ଶୟନ କରି ନିଜର ସେବକମାନଙ୍କ ପ୍ରାର୍ଥନାରେ ଗୋଟିଏ ଗଳ୍ପ ଶୁଣାଇବାକୁ ଲାଗିଲେ । ଯଥେଷ୍ଟ ମଦ୍ୟପାନ କରିଥିବା ହେତୁ ରାଜକୁମାର ଗଳ୍ପଟି ଆରମ୍ଭ କରିବା ସଙ୍ଗେ ସଙ୍ଗେ ନିଦ୍ରାଭିଭୂତ ହୋଇପଡ଼ିଲେ । କିନ୍ତୁ ବୈଶ୍ୟପୁତ୍ର ଓ ଅନ୍ୟାନ୍ୟ ସେବକମାନେ ତାଙ୍କୁ ରକ୍ଷା କରିବା ନିମନ୍ତେ ଉଜାଗର ରହିଲେ ।

କିଛି ସମୟ ପରେ ସମସ୍ତେ ନିଦ୍ରିତ ହୋଇପଡ଼ିବାରୁ ବୈଶ୍ୟପୁତ୍ର ହିଁ ମିତ୍ରଙ୍କ ନିକଟରେ ଏକାକୀ ବସି ରହିଥାଆନ୍ତି । ଏହି ସମୟରେ ଆକାଶରେ କେତୋଟି ସ୍ତ୍ରୀ କଥାବାର୍ତ୍ତା କରୁଥିବା ତାଙ୍କର କର୍ଣ୍ଣଗୋଚର ହେଲା ।

'ଏହି ଦୁଷ୍ଟ ରାଜପୁତ୍ର କଥାଟିକୁ ଆରମ୍ଭ କରିଦେଇ ଶୋଇଗଲା । ତେଣୁ ମୁଁ ଏହାକୁ ଶାପ ଦେଉଅଛି ଯେ ପ୍ରାତଃକାଳରେ ସେ ଗୋଟିଏ

Digitized by srujanika@gmail.com

ସୁବର୍ଣ୍ଣହାର ଦେଖିବାକୁ ପାଇବ । ତାକୁ ନେଇ କଣ୍ଠରେ ଧାରଣ କରିବା ମାତ୍ରେ ଏହାର ମୃତ୍ୟୁ ଘଟିବ ।' ପ୍ରଥମା ସ୍ତ୍ରୀ ଏତିକି କହି ମୌନ ହେବାରୁ ଦ୍ୱିତୀୟା ସ୍ତ୍ରୀ କହିଲି, 'ଏଥିରୁ ଯଦି ସେ ବଞ୍ଚିଯାଏ, ତାହାହେଲେ ଆଉ କିଛି ଦୂର ଅଗ୍ରସର ହୋଇ ସେ ଗୋଟିଏ ଚୂତବୃକ୍ଷ ଦେଖିବାକୁ ପାଇବ । ସେଥିରୁ ଗୋଟିଏ ଫଳ ତୋଳିବା ମାତ୍ରେ ଏହାର ମୃତ୍ୟୁ ଘଟିବ ।' ଏହାପରେ ତୃତୀୟା କହିଲି, 'ଯଦି ଏଥିରୁ ମଧ୍ୟ ବଞ୍ଚିଯାଏ, ତାହାହେଲେ ବିବାହ ପାଇଁ ଗୃହମଧ୍ୟରେ ପ୍ରବେଶ କଲାବେଳେ ଗୃହଟି ଏହା ଉପରେ ଭାଙ୍ଗି ପଡ଼ିବ । ଫଳରେ ଏହାର ମୃତ୍ୟୁ ହେବ ।' ତୃତୀୟାର କଥା ଶୁଣି ଚତୁର୍ଥୀ କହିଲି, 'ଏଥିରୁ ଯଦି ବଞ୍ଚିଯାଏ, ତାହାହେଲେ ରାତିରେ ଶୟନାଗାରରେ ପ୍ରବେଶ କରି ଏ ଏକଶତବାର ଛିଙ୍କିବ ଏବଂ ପ୍ରତ୍ୟେକ ଥର ଯଦି କୌଣସି ବ୍ୟକ୍ତି ଏହାକୁ 'ଦୀର୍ଘାୟୁ ହୁଅ' ବୋଲି ନ କହେ, ତାହାହେଲେ ଏହାର ମୃତ୍ୟୁ ନିଶ୍ଚିତ । ପୁଣି ଆମର ଏକଥା ଶୁଣି ତାକୁ ଯଦି କେହି ପୂର୍ବରୁ ସତର୍କ କରିଦେବ ତାହାହେଲେ ସେ ବ୍ୟକ୍ତିର ମଧ୍ୟ ମୃତ୍ୟୁ ହେବ ।' ଏହାପରେ ଶୂନ୍ୟବାଣୀ ନୀରବ ହେଲା । ବୈଶ୍ୟପୁତ୍ର ଏ ସମସ୍ତ ଶ୍ରବଣ କରି ଅତି ଚିନ୍ତିତ ହୋଇପଡ଼ିଲେ ଏବଂ ମିତ୍ରର ଜୀବନ ରକ୍ଷା କରିବା ସଙ୍କଳ୍ପ କଲେ ।

ପରଦିନ ପ୍ରାତଃକାଳରୁ ରାଜପୁତ୍ର କିଛି ଦୂର ଅଗ୍ରସର ହୁଅନ୍ତେ ସମ୍ମୁଖରେ ପଡ଼ିଥିବା ଗୋଟିଏ ସୁବର୍ଣ୍ଣହାର ଦେଖିବାକୁ ପାଇଲେ । ତାକୁ ଗ୍ରହଣ କରିବାକୁ ଗଲାବେଳେ ବୈଶ୍ୟପୁତ୍ର କହିଲେ, 'ମିତ୍ର ! ତାକୁ ସ୍ପର୍ଶ କର ନାହିଁ । ଏହା କେବଳ ଏକ ମାୟାଜାଲ । ଦେଖ ! ତୁମର ସୈନ୍ୟମାନେ ମଧ୍ୟ ଏହାକୁ ଦେଖି ପାରୁନାହାନ୍ତି ।' ଏହାପରେ ସେମାନେ ଆଉ କିଛି ଦୂର ଅଗ୍ରସର ହେଲେ । ପଥ ମଧ୍ୟରେ ଗୋଟିଏ ଫଳପୂର୍ଣ୍ଣ ଚୂତବୃକ୍ଷ ଦେଖି ରାଜପୁତ୍ର ସେଥିରୁ ଗୋଟିଏ ଫଳ ଖାଇବା ଇଚ୍ଛାପ୍ରକାଶ କଲେ । କିନ୍ତୁ ବୈଶ୍ୟ ପୁତ୍ର ନିଷେଧ କରିବାରୁ ସେଥିରୁ ସେ କ୍ଷାନ୍ତ ହେଲେ । କିନ୍ତୁ ତାଙ୍କ ମନରେ ଦୁଃଖ ଜାତ ହେଲା । ଏହାପରେ ଶ୍ୱଶୁରାଳୟରେ ପହଞ୍ଚି ବିବାହ ଗୃହ ମଧ୍ୟକୁ ପ୍ରବେଶ କରିବାକୁ ଗଲାବେଳେ ବୈଶ୍ୟପୁତ୍ର ପୁଣି ତାଙ୍କୁ ନିଷେଧ କଲେ । ଏହି ସମୟରେ ଉକ୍ତ ଗୃହଟି ଭାଙ୍ଗି ପଡ଼ିଲା । ଏଥିରେ ରାଜପୁତ୍ର ବନ୍ଧୁଙ୍କ ପ୍ରତି ପ୍ରୀତ ହେଲେ ଏବଂ ରାତିରେ ପତ୍ନୀଙ୍କ ସହିତ ଶୟନାଗାରରେ ପ୍ରବେଶ କଲେ । ସେଠାରେ ବୈଶ୍ୟପୁତ୍ର ଆଗରୁ ଆତ୍ମଗୋପନ କରି ରହିଥାଆନ୍ତି ।

Digitized by srujanika@gmail.com

ରାଜକୁମାରୀ ପଲ୍ୟଙ୍କ ଉପରେ ବସିବା ସଙ୍ଗେ ସଙ୍ଗେ ଛିଙ୍କିବା ଆରମ୍ଭ କରିଦେଲେ ଏବଂ ବୈଶ୍ୟପୁତ୍ର ପ୍ରତ୍ୟେକ ଥର 'ଦୀର୍ଘାୟୁ ହୁଅ ! ଦୀର୍ଘାୟୁ ହୁଅ !' ବୋଲି କହୁଥାଆନ୍ତି ।

ଏହାପରେ ନିଜ କାର୍ଯ୍ୟ ଶେଷ କରି ବୈଶ୍ୟପୁତ୍ର ସେହି ଗୃହରୁ ଚାଲି ଆସୁଥିବାବେଳେ ରାଜପୁତ୍ର ଈର୍ଷାନ୍ୱିତ ହୋଇ ଦ୍ୱାରପାଳକୁ ଆଦେଶ ଦେଲେ ଯେ, 'ଏହି ପାପୀ ଗୁପ୍ତରେ ଶୟନାଗାର ମଧ୍ୟରେ ପ୍ରବେଶ କରିଥିବାରୁ, ଏହାକୁ ବର୍ତ୍ତମାନ ବନ୍ଦୀ କରି ଏବଂ ପ୍ରଭାତରୁ ପ୍ରାଣଦଣ୍ଡ ପ୍ରଦାନ କର ।'

ଏହା ଶୁଣି ଦ୍ୱାରପାଳମାନେ ତାଙ୍କୁ ବନ୍ଦୀକରି ପ୍ରଭାତରୁ ବଧ୍ୟଭୂମିକୁ ନେଇ ଚାଲିଲେ । ଏହି ସମୟରେ ବୈଶ୍ୟପୁତ୍ର ମିତ୍ରଙ୍କ ସହିତ ଥରେ ଦେଖା କରିବା ପାଇଁ ଚାହିଁବାରୁ ସେମାନେ ତାଙ୍କୁ ଆଣି ରାଜକୁମାରଙ୍କ ନିକଟରେ ଉପସ୍ଥିତ କରାଇଲେ । ସେ ରାଜକୁମାରଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ପ୍ରକାଶ କରନ୍ତେ ରାଜକୁମାର ବିବାହ ଗୃହ ଭାଙ୍ଗିପିବା କଥା ମନେକରି ତାଙ୍କ କଥାରେ ବିଶ୍ୱାସ କଲେ ଏବଂ ପରଦିନ ତାଙ୍କୁ ମୁକ୍ତିଦାନ କରି ଆନନ୍ଦ ମନରେ ପତ୍ନୀ ସହିତ ନିଜ ନଗରକୁ ଫେରି ଆସିଲେ । ସେଠାରେ ବୈଶ୍ୟପୁତ୍ର ମଧ୍ୟ ବିବାହ କରି ଆନନ୍ଦରେ ଜୀବନ ଯାପନ କରିବାକୁ ଲାଗିଲେ ।

ଏହିପରି ରାଜପୁତ୍ରମାନେ ନିଜର ଉପକାରୀକୁ ମଧ୍ୟ ଦଣ୍ଡ ଦେବା ନିମନ୍ତେ ପଶ୍ଚାତ୍‌ପଦ ହୋଇ ନଥାନ୍ତି । ତେଣୁ ତୁମ ସହିତ ମିତ୍ରତା କରିବାକୁ ଗଲାବେଳେ ମୋ ମନରେ ଆଶଙ୍କା ଜାତ ହେଉଅଛି ।'

କଳିଙ୍ଗ ସେନା ଏହା ଶୁଣି କହିଲେ, 'ସଖି ! ସେ ପିଶାଚ କିନ୍ତୁ ରାଜପୁତ୍ର ନୁହେ । ଏମାନଙ୍କୁ ବଶ କରିବା କଠିନ । ପିଶାଚମାନଙ୍କୁ ବଶୀଭୂତ କରିବା କପରି କଠିନ ସେ ସମ୍ପର୍କରେ ମୁଁ ତୁମକୁ ଗୋଟିଏ କଥା କହୁଅଛି, ଶୁଣ—

ପିଶାଚ ଓ ବ୍ରାହ୍ମଣ କଥା

ପ୍ରାଚୀନକାଳରେ ଯଜ୍ଞସ୍ଥଳ ନାମକ ଗ୍ରାମରେ ଜଣେ ବ୍ରାହ୍ମଣ ବାସ କରୁଥାଆନ୍ତି । ସେ ଅତି ଦରିଦ୍ର ଥିବାରୁ ଅରଣ୍ୟରୁ କାଷ୍ଠ ସଂଗ୍ରହ କରି

Digitized by srujanika@gmail.com

ଜୀବନ ଯାପନ କରୁଥିଲେ । ଦିନେ ସେ ବନ ମଧ୍ୟରେ କାଷ୍ଠ ଛେଦନ କରୁଥିବାବେଳେ ଖଣ୍ଡେ କାଷ୍ଠଫଳକ ଆସି ତାଙ୍କ ଜାନୁଦେଶରେ ଆଘାତ କଲା । ଫଳରେ ସେଠାରେ ଗୋଟିଏ ଗଭୀର କ୍ଷତ ସୃଷ୍ଟି ହେଲା । ବହୁ ରକ୍ତସ୍ରାବ ଯୋଗୁଁ ବ୍ରାହ୍ମଣ ମୂର୍ଚ୍ଛିତ ହୋଇପଡ଼ିଲେ । କୌଣସି ପରୋପକାରୀ ବ୍ୟକ୍ତି ତାଙ୍କର ଏ ଅବସ୍ଥା ଦେଖି, ତାଙ୍କୁ ନେଇ ସ୍ୱଗୃହରେ ଛାଡ଼ିଦେଲା । ବ୍ରାହ୍ମଣୀ ଉକ୍ତ କ୍ଷତସ୍ଥାନକୁ ଭଲଭାବରେ ଧୋଇଦେଇ ସେଥିରେ କନା ପଟି ବାନ୍ଧିଦେଲେ ଏବଂ ପ୍ରତିଦିନ ଉପଯୁକ୍ତ ଔଷଧ ଲେପନ କରିବାକୁ ଲାଗିଲେ । କିନ୍ତୁ କ୍ଷତଟି ଉପଶମ ହେବା ପରିବର୍ତ୍ତେ କ୍ରମେ କ୍ରମେ ବୃଦ୍ଧିପ୍ରାପ୍ତ ହୋଇ ଏକ ଦୁଷ୍ଟବ୍ରଣରେ ପରିଣତ ହେଲା । ଏପ୍ରକାର ବ୍ରଣ ନିମନ୍ତେ କୌଣସି ଔଷଧ ନଥିବାରୁ ବ୍ରାହ୍ମଣ ଜୀବନର ଆଶା ପରିତ୍ୟାଗ କରି ବସିଲେ ।

ଏହି ସମୟରେ ତାଙ୍କର କୌଣସି ବନ୍ଧୁ ଆସି ତାଙ୍କୁ ଏକାନ୍ତରେ କହିଲେ, 'ଯଜ୍ଞଦତ୍ତ ନାମକ ମୋର ମିତ୍ର ଅତି ନିର୍ଦ୍ଧନ ଥିଲା କିନ୍ତୁ ପିଶାଚ ସାଧନାଦ୍ୱାରା ସେ ଯଥେଷ୍ଟ ଧନସମ୍ପତ୍ତି ଅର୍ଜ୍ଜନ କରିପାରିଛି । ଏ ସାଧନାର ସ୍ୱରୂପ ସେ ମୋତେ କହି ଦେଇଛନ୍ତି । ତେଣୁ ତୁମେ ମଧ୍ୟ ଅନୁରୂପ ପିଶାଚ ସାଧନା କରି ଏହି ଦୁଷ୍ଟବ୍ରଣରୁ ମୁକ୍ତ ହୁଅ ।' ଏହା କହି ସେ ନିଜେ ଜାଣିଥିବା ମନ୍ତ୍ରଟି ତାଙ୍କୁ ଶିକ୍ଷା ଦେଲେ ଏବଂ ସାଧନାର ପ୍ରକାର ସମ୍ପର୍କରେ ତାଙ୍କୁ କହିଲେ, 'ରାତ୍ରିର ଶେଷ ପ୍ରହରରେ ଉଠି, ବାଳ ମୁକୁଳା କରି, ଉଲଗ୍ନ ହୋଇ, ସ୍ନାନ କରିବା ପୂର୍ବରୁ ଦୁଇମୁଠା ଚାଉଳ ଧରି, ଏହି ମନ୍ତ୍ର ଉଚ୍ଚାରଣ କରି କରି କୌଣସି ଛକ ଜାଗାରେ ଯାଇ ଉପସ୍ଥିତ ହେବ । ସେଠାରେ ଧରିଥିବା ଚାଉଳ ଦୁଇମୁଠା ରଖିଦେଇ ପଛକୁ ନ ଚାହିଁ ଫେରିଆସିବ । ଯେତେବେଳ ପର୍ଯ୍ୟନ୍ତ ପିଶାଚ ଦେଖାଦେଇ ମୁଁ ତୁମର ବ୍ରଣ ଆରୋଗ୍ୟ କରିଦେବି ବୋଲି ନ କହିଛି, ସେ ସମୟ ପର୍ଯ୍ୟନ୍ତ ତୁମକୁ ଏପରି କରିବାକୁ ହେବ । ପିଶାଚ ଏହା କହିଲେ ତୁମେ ତାକୁ ଅଭିନନ୍ଦନ କରିବ । ତା' ହେଲେ ସେ ତୁମର ଏ ବ୍ରଣ ଆରୋଗ୍ୟ କରିଦେବ ।'

ମିତ୍ରଙ୍କର ଉପଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବାରୁ ପିଶାଚ ବ୍ରାହ୍ମଣଙ୍କର ବଶୀଭୂତ ହେଲା ଏବଂ ଦୁଷ୍ଟ ବ୍ରଣଟିକୁ ଆରୋଗ୍ୟ କରିଦେଲା । ଏହା ନିଶ୍ଚିହ୍ନ ହୋଇଯିବା ପରେ ମଧ୍ୟ ପିଶାଚ ଏହାଙ୍କ ନିକଟରୁ ଦୂରେଇ

Digitized by srujanika@gmail.com

ଗଲା ନାହିଁ । ସେ ତାଙ୍କୁ କହିଲା, 'ମୋତେ ଆଉ ଗୋଟିଏ ବ୍ରଣ ଦିଅ, ମୁଁ ଆରୋଗ୍ୟ କରିବି । ନଚେତ୍ ମୁଁ ତୁମର ଅନିଷ୍ଟ କରିବି ଏବଂ ଶେଷରେ ତୁମକୁ ମୃତ୍ୟୁମୁଖକୁ ଟାଣି ନେବି ।' ଏହା ଶୁଣି ବ୍ରାହ୍ମଣ ଭୟଭୀତ ହୋଇ ପଡ଼ିଲେ ଏବଂ ସାତଦିନ ମଧ୍ୟରେ ଗୋଟିଏ ବ୍ରଣ ଦେବେ ବୋଲି କହି ତା ଠାରୁ କିଛି ଦିନ ପାଇଁ ମୁକ୍ତି ଲାଭକଲେ କିନ୍ତୁ ଜୀବନ ପ୍ରତି ତାଙ୍କର ଆଉ ଆଶା ରହିଲା ନାହିଁ ।'

ଆଗରେ ଅଶ୍ଳୀଳ କଥା କହିବାକୁ ପଡ଼ିବ ବୋଲି କଳିଙ୍ଗସେନା ଲଜ୍ଜିତା ହୋଇ କିଛି ସମୟ ଚୁପ୍ ହୋଇଗଲେ । କିନ୍ତୁ ସୋମପ୍ରଭାଙ୍କ ଅନୁରୋଧ ଏଡ଼ି ନପାରି ସେ ପୁଣି କହିବାକୁ ଆରମ୍ଭ କଲେ –

'ପିତାଙ୍କର ମନୋବେଦନା ଜାଣିପାରି ତାଙ୍କର ଚତୁରା ବିଧବାକନ୍ୟା ପିତାଙ୍କୁ କହିଲା, 'ତୁମେ ସେହି ପିଶାଚକୁ ଆଣି ମୋ ନିକଟରେ ପହଞ୍ଚାଇ ଦିଅ, ମୁଁ ତାର ଉପଯୁକ୍ତ ପ୍ରତିକାର କରିବି ।' କନ୍ୟାଠାରୁ ଏପ୍ରକାର ସାନ୍ତ୍ୱନା ଲାଭ କରି ବ୍ରାହ୍ମଣ ପିଶାଚକୁ ଆଣି ନିଜର କନ୍ୟା ନିକଟରେ ଉପସ୍ଥିତ କରାଇଲେ ।

ପିଶାଚ ଆସି ପହଞ୍ଚିବାରୁ ବ୍ରାହ୍ମଣ କନ୍ୟା ତାକୁ ଏକ ଏକାନ୍ତ ସ୍ଥାନକୁ ନେଇ ନିଜର ଯୋନିଦ୍ୱାର ପ୍ରଦର୍ଶନପୂର୍ବକ ତାକୁ କହିଲା, 'ଏହି ବ୍ରଣଟିକୁ ତୁମେ ଆରୋଗ୍ୟ କରି ଛିଦ୍ରଟିକୁ ବନ୍ଦ କରିଦିଅ ।' ପିଶାଚ ପ୍ରତିଦିନ ଆସି ସେଠାରେ ଔଷଧର ପ୍ରଲେପ ଦେବାକୁ ଲାଗିଲା କିନ୍ତୁ ତାର ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ ହେଲା ।

କିଛି ଦିନ ଏହିପରି ଚେଷ୍ଟା କରିବା ପରେ ଦିନେ ସେ ଉକ୍ତ କନ୍ୟାର ପାଦ ଦୁଇଟିକୁ ନିଜର କାନ୍ଧ ଉପରେ ରଖି ଯୋନିଦ୍ୱାରଟିକୁ ଉତ୍ତମରୂପେ ପରୀକ୍ଷା କରିବାକୁ ଲାଗିଲା । ଏହି ସମୟରେ ଅନ୍ୟ ଗୋଟିଏ ବ୍ରଣ (ମଳଦ୍ୱାର) ତାର ଦୃଷ୍ଟିଗୋଚର ହେଲା । ଏହା ଦେଖି ପିଶାଚ ମନରେ ଭୟଭୀତ ହେଲା । ସେ ଭାବିଲା ଗୋଟିଏ ବ୍ରଣରୁ ଦୁଇଟି ବ୍ରଣ ହେଲାଣି । ଛିଦ୍ର ବହୁଳ ହେବା ପ୍ରବାଦ ଅଛି । ତେଣୁ ତାର ନିଜର ଏହାଦ୍ୱାରା

Digitized by srujanika@gmail.com

ଅଦୃଷ୍ଟ ହୋଇପାରେ ଭାବି ପିଶାଚ ସେହିକ୍ଷଣି ଅନ୍ତର୍ହିତ ହୋଇଗଲା । ଏହି କନ୍ୟାଦ୍ୱାରା ବଞ୍ଚିତ ହୋଇ ପିଶାଚ ସ୍ୱସ୍ଥାନକୁ ଫେରିଯିବାରୁ ବ୍ରାହ୍ମଣ ରୋଗଶୂନ୍ୟ ହୋଇ ଆନନ୍ଦରେ ଜୀବନଯାପନ କରିବାକୁ ଲାଗିଲେ ।

ପିଶାଚମାନଙ୍କର ଆଚରଣ ସାଧାରଣତଃ ଏହିପରି ହୋଇଥାଏ । ତେଣୁ ସେହି ରାଜପୁତ୍ର ଏକ ପିଶାଚ ବୋଲି ମନେହୁଏ । ସେମାନେ ସିଦ୍ଧ ହୋଇ ମଧ୍ୟ ଅନର୍ଥକାରୀ ହୋଇଥାଆନ୍ତି । ଏମାନଙ୍କଠାରୁ ରକ୍ଷା ପାଇବା ପାଇଁ ବୁଦ୍ଧି ଆବଶ୍ୟକ । କିନ୍ତୁ କୁଳୀନ ରାଜପୁତ୍ରୀମାନେ ଏପରି ହେବା କେଉଁଠାରେ ଶୁଣା ନାହିଁ । ତେଣୁ ହେ ସଖି ! ମୋତେ ତୁମେ ଭୁଲ ବୁଝ ନାହିଁ ।’

କଳିଙ୍ଗସେନାଙ୍କଠାରୁ ଏପ୍ରକାର ହାସ୍ୟରସାତ୍ମକ, ଅଦ୍ଭୁତ ମଧୁର କଥା ଶୁଣି ସୋମପ୍ରଭା ପ୍ରସନ୍ନ ହେଲେ ଏବଂ ଏହାପରେ ମୋର ବାସସ୍ଥାନ ଷାଠିଏ ଯୋଜନ ଦୂରରେ, ଦିନ ଆସି ଶେଷ ହେଲାଣି, ବହୁ ସମୟ ଏଠାରେ ରହିଗଲି, ବର୍ତ୍ତମାନ ବିଦାୟ ନେଉଛି ମୁଁ କହି, ସେ ଚାଲିଗଲେ ।

ଏଣେ କଳିଙ୍ଗସେନା ମଧ୍ୟ ରାତିସାରା ସୋମପ୍ରଭାଙ୍କ ସମ୍ପର୍କରେ ଭାବିବାକୁ ଲାଗିଲେ । ‘ସୋମପ୍ରଭା କୌଣସି ଏକ ଦିବ୍ୟନାରୀ ବୋଲି ତାଙ୍କର ମନେ ହେଲା । ସ୍ୱର୍ଗସ୍ଥିତ ସ୍ତ୍ରୀମାନେ ମାନବୀମାନଙ୍କ ସହ ମିତ୍ରତା ସ୍ଥାପନ କରିବାର ବହୁ ଦୃଷ୍ଟାନ୍ତ ରହିଛି । ପୂର୍ବକାଳରେ ରାଜା ପୃଥୁଙ୍କ କନ୍ୟା ସହ ଅରୁନ୍ଧତୀଙ୍କର ମିତ୍ରତା ହୋଇଥିଲା । ଏହାର ପ୍ରେମରେ ବଶୀଭୂତ ହୋଇ ରାଜା ପୃଥୁ କାମଧେନୁଙ୍କୁ ପୃଥିବୀପୃଷ୍ଠକୁ ନେଇ ଆସିଥିଲେ । ଏହାର ଦୁଗ୍ଧ ପାନ କରିବା-ଦ୍ୱାରା ସେ ଭ୍ରଷ୍ଟାଚାରୀ ହେଲେ ହେଁ ସ୍ୱର୍ଗଗାମୀ ହୋଇଥିଲେ । ଏହି ଦିନଠାରୁ ପୃଥିବୀରେ ଗୋଜାତିର ସୃଷ୍ଟି ହୋଇଅଛି । ତେଣୁ ମୋର ଶୁଭଫଳପ୍ରଦାୟିନୀ ଭାବରେ ଏହି ସୋମପ୍ରଭା ମୋ ସହିତ ବନ୍ଧୁତା ସ୍ଥାପନ କରିଅଛନ୍ତି । କାଲି ସେ ଆସିଲେ ତାଙ୍କର କୁଳଶୀଳ ପ୍ରଭୃତି ସମ୍ପର୍କରେ ଜିଜ୍ଞାସା କରିବି ।’ ଏହିପରି ଚିନ୍ତାକରି କଳିଙ୍ଗସେନା ଅତିକଷ୍ଟରେ ରାତ୍ରି ଯାପନ କରିବାକୁ ଲାଗିଲେ । ଏଣେ ସୋମପ୍ରଭା ମଧ୍ୟ ରାଜକୁମାରୀ ଚିନ୍ତାରେ ଉତ୍କଣ୍ଠିତା ହୋଇ ରାତ୍ରି ଯାପନ କଲେ ।

Digitized by srujanika@gmail.com

ତୃତୀୟ ତରଙ୍ଗ

ପରଦିନ ପ୍ରାତଃକାଳରୁ ସୋମପ୍ରଭା ସଖୀ ନିମନ୍ତେ ଗୋଟିଏ ବାଉଁଶ ବେତାରେ ବିଭିନ୍ନ ପ୍ରକାର କେତୋଟି ଯନ୍ତ୍ରଯୁକ୍ତ କ୍ରୀଡ଼ନକ ନେଇ କଳିଙ୍ଗ-ସେନାଙ୍କ ନିକଟରେ ଆସି ପହଞ୍ଚିଲେ । କଳିଙ୍ଗସେନା ଆନନ୍ଦର ସହିତ ସ୍ୱାଗତ କରି କହିଲେ, 'ତୁମରି ମୁଖଚନ୍ଦ୍ର ଦର୍ଶନରୁ ବଞ୍ଚିତ ହୋଇ ରାତି ମୋ ପକ୍ଷରେ ଅତି ଦୀର୍ଘ ବୋଲି ମନେ ହେଲା । ଏଣୁ ମନେହୁଏ ତୁମ ସହିତ ପୂର୍ବଜନ୍ମରେ ମୋର ନିଶ୍ଚିତଭାବେ ସମ୍ପର୍କ ଥିଲା । ତେଣୁ ଏହି ଜନ୍ମରେ ପ୍ରଥମ ଦର୍ଶନରେ ହିଁ ଉଭୟେ ନିବିଡ଼ଭାବେ ମିତ୍ରତାପାଶରେ ଆବଦ୍ଧ ହୋଇ ପାରିଅଛେ, ସୁତରାଂ ତୁମେ ଯଦି ତୁମର ପୂର୍ବଜନ୍ମ କଥା ଜାଣିଥାଅ, ତାହାହେଲେ ତାକୁ ପ୍ରକାଶ କରି ମୋର ସନ୍ଦେହ ମୋଚନକର ।'

ସୋମପ୍ରଭା ଉତ୍ତରରେ କହିଲେ, 'ମୋର ଏ ସମ୍ପର୍କରେ ବିଶେଷ କିଛି ଜ୍ଞାନ ନାହିଁ । ପୂର୍ବଜନ୍ମ ସ୍ମରଣ କରିବା ମଧ୍ୟ ମୋ ପକ୍ଷରେ ସମ୍ଭବପର ନୁହେଁ । ସିଦ୍ଧତପା ମହର୍ଷିମାନେ ମଧ୍ୟ ପୂର୍ବଜନ୍ମର କଥା ସ୍ମରଣ କରିପାରି ନଥାନ୍ତି ।' ଏହିପରି କଥାବାର୍ତ୍ତା କରୁଥିବା ସମୟରେ କଳିଙ୍ଗସେନା କୌତୂହଳବଶତଃ ଏକାନ୍ତରେ ସୋମପ୍ରଭାଙ୍କୁ ପଚାରିଲେ, 'ସଖି ! ତୁମେ କେଉଁ ଦେବଜାତିକୁ ଧନ୍ୟ କରିଅଛ ? ତୁମର ଅମୃତମୟ ନାମଟି କଅଣ ? ଏବଂ ଏହି ବେତା ମଧ୍ୟରେ କି ପ୍ରକାର ପଦାର୍ଥ ସବୁ ରହିଅଛି ?' କଳିଙ୍ଗ-ସେନାଙ୍କ ଏହି ସ୍ନେହପୂର୍ଣ୍ଣ ଜିଜ୍ଞାସାର ଉତ୍ତରରେ ସୋମପ୍ରଭା ନିଜର ବୃତ୍ତାନ୍ତ ବର୍ଣ୍ଣନା କରିବାକୁ ଯାଇ କହିଲେ—

ସୋମପ୍ରଭା କଥା

ମୟ ନାମରେ ଜଣେ ତ୍ରିଭୁବନ ବିଖ୍ୟାତ ଅସୁର ଅଛନ୍ତି । ସେ ନିଜର ଅସୁରୀ ପ୍ରବୃତ୍ତି ପରିତ୍ୟାଗ କରି ବିଷ୍ଣୁଙ୍କର ଶରଣାଗତ ହୋଇଅଛନ୍ତି ।

Digitized by srujanika@gmail.com

ବିଷ୍ଣୁଙ୍କର ଆଦେଶରେ ସେ ଇନ୍ଦ୍ରଙ୍କର ସୁଧର୍ମାସଭା ନିର୍ମାଣ କରି ଅସୁରମାନଙ୍କର ବିରାଗଭାଜନ ହେଲେ । ସେମାନେ ଏହାଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରିବାରୁ ମୟ ବିନ୍ଧ୍ୟ ପର୍ବତରେ ଏକ ସୁନ୍ଦର ଗୁହା-ମନ୍ଦିର ନିର୍ମାଣ କରି ସେଠାରେ ବାସ କରିବାକୁ ଲାଗିଲେ । ଏହା ଅତି ଅଦ୍ଭୁତ ଏବଂ ଅସୁର-ମାନଙ୍କର ଅଗମ୍ୟ ଅଟେ । ତାଙ୍କର ଦୁଇଟି ବ୍ରହ୍ମଚାରିଣୀ କନ୍ୟା ଥିଲେ । ଜ୍ୟେଷ୍ଠା କନ୍ୟା ସ୍ୱୟଂପ୍ରଭା ପିତୃଗୃହରେ ହିଁ ବାସ କରନ୍ତି । କିନ୍ତୁ କନିଷ୍ଠା ସୋମପ୍ରଭା କୁବେରଙ୍କ ପୁତ୍ର ନଳକୁବରଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ତୁମ ନିକଟରେ ବସିଥିବା ତୁମର ଏହି ସଖି ସେହି ସୋମପ୍ରଭା ବ୍ୟତୀତ ଅନ୍ୟ କେହି ନୁହେ । ପିତା ଶୈଶବରୁ ହିଁ ମୋତେ କେତେଗୁଡ଼ିଏ ମାୟାଯନ୍ତ୍ର ଶିକ୍ଷା ଦେଇଥିଲେ । ତାହାରି ବଳରେ ମୁଁ କେତେଗୁଡ଼ିଏ ଯାନ୍ତ୍ରିକ କ୍ରୀଡ଼ନକ ତିଆରି କରି ତୁମ ପାଇଁ ନେଇଆସିଛି ।'

ଏହା କହି ସେ ଆଣିଥିବା ବିଭିନ୍ନ ଖେଳଣା ତାଙ୍କ ନିକଟରେ ପ୍ରଦର୍ଶନ କଲେ । ଗୋଟିଏ ଖେଳଣା ଚାବି ଦେବା ସଙ୍ଗେ ସଙ୍ଗେ ଆକାଶମାର୍ଗରେ ଉଡ଼ିଯାଇ ସେମାନଙ୍କ ନିମନ୍ତେ ଦୁଇଟି ପୁଷ୍ପମାଲ୍ୟ ନେଇଆସିଲା । ସେହିପରି କିଏ ପାଣି ଆଣିଦେଲା, କିଏ ନୃତ୍ୟ କରିବାକୁ ଲାଗିଲା ଆଉ କିଏ କିଏ ପରସ୍ପର ମଧ୍ୟରେ କଥାବାର୍ତ୍ତା କରିବାକୁ ଲାଗିଲେ । ଏହି ଅଦ୍ଭୁତ ଖେଳଣା-ଗୁଡ଼ିକଦ୍ୱାରା କଳିଙ୍ଗସେନାଙ୍କର ମନୋବିନୋଦନ କରି ସୋମପ୍ରଭା ଆକାଶ-ମାର୍ଗରେ ପ୍ରସ୍ଥାନ କଲେ ।

କଳିଙ୍ଗସେନା ମଧ୍ୟ ଏତେ ଆନନ୍ଦିତ ହୋଇ ଯାଇଥିଲେ ଯେ ସେ ସେହିଦିନ ଭୋଜନ କରିବା ନିମନ୍ତେ ମଧ୍ୟ ଭୁଲି ଯାଇଥିଲେ । ଏଥିରେ ତାଙ୍କ ମାତା ବ୍ୟସ୍ତ ହୋଇ ଆନନ୍ଦ ନାମକ ବୈଦ୍ୟଙ୍କୁ ଡାକି ତାଙ୍କର ଚିକିତ୍ସା ଆରମ୍ଭ କଲେ । କିନ୍ତୁ ଆନନ୍ଦ ଉତ୍ତମରୂପେ ପରୀକ୍ଷା କରି କହିଲେ, 'ଅତ୍ୟଧିକ ଆନନ୍ଦ ହିଁ ଏହାର କ୍ଷୁଧା ବିନାଶର ଏକମାତ୍ର କାରଣ, କିନ୍ତୁ କୌଣସି ରୋଗ ନୁହେ ।' ମାତା ଏପ୍ରକାର ଆନନ୍ଦିତ ହେବାର କାରଣ ଜିଜ୍ଞାସା କରନ୍ତେ, କଳିଙ୍ଗସେନା ସମସ୍ତ ବୃତ୍ତାନ୍ତ ତାଙ୍କ ନିକଟରେ ପ୍ରକାଶ କଲେ । ମାତା ମଧ୍ୟ କନ୍ୟାର ଉତ୍ତମ ସହଚରୀ ଲାଭହେତୁ ତାଙ୍କୁ ଅଭିନନ୍ଦନ କରି ଉତ୍ତମରୂପେ ଭୋଜନ କରାଇଲେ ।

Digitized by srujanika@gmail.com

ଏକଦା ଏହା ଜ୍ଞାତ ହୋଇ ସୋମପ୍ରଭା ଏକାନ୍ତରେ ଆସି କଳିଙ୍ଗସେନାଙ୍କୁ କହିଲେ, 'ମୁଁ ମୋର ସର୍ବଜ୍ଞାତା ପତିଙ୍କୁ ଏ ସମସ୍ତ ବୃତ୍ତାନ୍ତ ଜ୍ଞାପନ କରି ପ୍ରତ୍ୟହ ତୁମ ନିକଟକୁ ଆସିବା ନିମନ୍ତେ ଅନୁମତି ନେଇ ଆସିଛି । ତେଣୁ ତୁମେ ମଧ୍ୟ ପିତା ଓ ମାତାଙ୍କ ନିକଟରେ ଆମ ବନ୍ଧୁତା ସମ୍ପର୍କୀୟ ସମସ୍ତ ବୃତ୍ତାନ୍ତ ପ୍ରକାଶ କରି ମୋ ସହିତ ପ୍ରସ୍ଥାନ କରିବା ନିମନ୍ତେ ଅନୁମତି ନେଇ ଆସ । ଏହାଦ୍ୱାରା ତୁମେ ମଧ୍ୟ ମୋ ସହିତ ସ୍ୱଚ୍ଛନ୍ଦତାପୂର୍ବକ ଭ୍ରମଣ କରିପାରିବ ।' ଏହା ଶୁଣି କଳିଙ୍ଗସେନା ସୋମପ୍ରଭାଙ୍କ ସହ ସ୍ୱପିତାମାତାଙ୍କର ପରିଚୟ କରାଇବାରୁ ଏମାନେ ତାଙ୍କର କୁଳଶୀଳ ଆଦିର ପରିଚୟ ଲାଭକରି ଅତ୍ୟନ୍ତ ପ୍ରୀତ ହେଲେ । ସୋମପ୍ରଭାଙ୍କର କମନୀୟରୂପରେ ମୁଗ୍ଧ ହୋଇ ମାତା ତାରାଦତ୍ତା ନିଜର କନ୍ୟା କଳିଙ୍ଗସେନାଙ୍କୁ ତାଙ୍କ ହସ୍ତରେ ସମର୍ପଣ କରିଦେଇ ଇଚ୍ଛାନୁଯାୟୀ ଖେଳାଖେଳା କରିବା ନିମନ୍ତେ ଅନୁମତି ପ୍ରଦାନ କଲେ ।

ମାତାଙ୍କର ଆଦେଶ ଲାଭରେ ଉଭୟଙ୍କ ମନ ଆନନ୍ଦରେ ନାଚିଉଠିଲା ଏବଂ ସେମାନେ ମାୟାଯନ୍ତ୍ର କ୍ରୀଡ଼ନକଗୁଡ଼ିକୁ ନେଇ ଖେଳିବା ଉଦ୍ଦେଶ୍ୟରେ ଉପବନ ମଧ୍ୟକୁ ଚାଲିଗଲେ । ଏଠାରେ ସୋମପ୍ରଭା ଗୋଟିଏ ଯନ୍ତ୍ରମୟ ଯକ୍ଷକୁ ଗୌତମବୁଦ୍ଧଙ୍କ ଉପାସନା ନିମନ୍ତେ ଆବଶ୍ୟକୀୟ ଉପାଦାନ ସଂଗ୍ରହ କରି ଆଣିବା ସକାଶେ ଆଦେଶ ପ୍ରଦାନ କରିବାରୁ ସେ ବହୁଦୂରପଥ ଅତିକ୍ରମ କରି ସୁବର୍ଣ୍ଣ, ମୁକ୍ତା, ରତ୍ନ ପ୍ରଭୃତିଦ୍ୱାରା ନିର୍ମିତ ବହୁ ପଦ୍ମପୁଷ୍ପ ନେଇ ଆସି ପହଞ୍ଚିଲା । ଏଗୁଡ଼ିକରେ ବିଭୂଷିତ ହୋଇ ବିହାର ମଧ୍ୟସ୍ଥିତ ବୁଦ୍ଧମୂର୍ତ୍ତି ଜୀବନ୍ତ ହୋଇଉଠିଲେ । ରାଜା ଓ ରାଣୀ ମଧ୍ୟ ଏ ବାର୍ତ୍ତା ଶ୍ରବଣ କରି ସେଠାରେ ଆସି ଉପସ୍ଥିତ ହେଲେ । ସୋମପ୍ରଭାଙ୍କର ଏ ଆଶ୍ଚର୍ଯ୍ୟଜନକ ଯନ୍ତ୍ରମୟ କ୍ରୀଡ଼ନକ-ଗୁଡ଼ିକ ସମ୍ପର୍କରେ ତାରାଦତ୍ତା ଜିଜ୍ଞାସା କରିବାରୁ ସୋମପ୍ରଭା ଉତ୍ତରରେ କହିଲେ, 'ପୂର୍ବେ ମୋର ପିତା ଏପରି ବହୁ ମାୟାଯନ୍ତ୍ର ନିର୍ମାଣ କରୁଥିଲେ । ଏଗୁଡ଼ିକରେ ମଧ୍ୟ ତାଙ୍କ ନିପୁଣ ହସ୍ତର ଶିଳ୍ପକୌଶଳ ରହିଛି । ଏହା ପଞ୍ଚଭୂତାତ୍ମକ ଜଗଦ୍‌ଯନ୍ତ୍ର । ଏହା ବ୍ୟତୀତ ଆହୁରି କେତେଗୁଡ଼ିଏ ଯନ୍ତ୍ର ଅଛି । ଗୋଟିଏ ଯନ୍ତ୍ର ପୃଥ୍ୱୀତତ୍ତ୍ୱ ପ୍ରଧାନ । ଏହା ଦ୍ୱାରରୁଦ୍ଧ କରେ ଏବଂ ତାହା ଅନ୍ୟ କୌଣସି ବ୍ୟକ୍ତିଦ୍ୱାରା ଉନ୍ମୁକ୍ତ ହେବା ଆଦୌ ସମ୍ଭବପର ନୁହେଁ । ଅନ୍ୟ ଗୋଟିଏ ଜଳତତ୍ତ୍ୱ ପ୍ରଧାନ ଯନ୍ତ୍ର ସଜୀବ ପ୍ରାଣୀପରି କର୍ମସାଧନ କରେ, ବାୟୁତତ୍ତ୍ୱ ପ୍ରଧାନ ଯନ୍ତ୍ର ଯାତାୟାତ କରିପାରେ, ଆକାଶତତ୍ତ୍ୱ ପ୍ରଧାନ ଯନ୍ତ୍ର

Digitized by srujanika@gmail.com

ସଜୀବ ମାନବତୁଲ୍ୟ ବାର୍ତ୍ତାଳାପ କରିବାରେ ସମର୍ଥ । ମୁଁ ଏଗୁଡ଼ିକର ରହସ୍ୟ ମୋର ପିତାଙ୍କଠାରୁ ଶିକ୍ଷା କରିଅଛି କିନ୍ତୁ ଅମୃତଭଣ୍ଡାରକୁ ରକ୍ଷା କରୁଥିବା ଚକ୍ରଯନ୍ତ୍ରର ରହସ୍ୟ ତାଙ୍କ ବ୍ୟତୀତ ଅନ୍ୟ କେହି ଦ୍ୱିତୀୟ ବ୍ୟକ୍ତି ଜାଣନ୍ତି ନାହିଁ ।

ରାଜାଙ୍କ ନିକଟରେ ଯନ୍ତ୍ରମୟ କ୍ରୀଡ଼ନକଗୁଡ଼ିକର ବିବରଣୀ ପ୍ରଦାନ କରୁଥିବା ସମୟରେ ହଠାତ୍ ଶଙ୍ଖଧ୍ୱନି ସମସ୍ତଙ୍କର କର୍ଣ୍ଣଗୋଚର ହେଲା । ଏହା ଶ୍ରବଣ କରି ସୋମପ୍ରଭା ରାଜାଙ୍କଠାରୁ ବିଦାୟ ନେଇ ଏବଂ ତାଙ୍କର ଉଚିତ ଆହାର ଆନୟନ କରିବାର ପ୍ରତିଶ୍ରୁତି ପ୍ରଦାନ କରି କଳିଙ୍ଗସେନାଙ୍କ ସହିତ ଯନ୍ତ୍ରମୟ ଯାନ ଆରୋହଣପୂର୍ବକ ନିଜ ଗୃହକୁ ପ୍ରତ୍ୟାଗମନ କଲେ ଏବଂ ନିଜର ଜ୍ୟେଷ୍ଠା ଭଗିନୀଙ୍କ ସହ ତାଙ୍କର ପରିଚୟ କରାଇଦେଲେ । ଜଟାଜୂଟ-ଧାରିଣୀ, ସ୍ଫଟିକମାଳାବଲମ୍ବିତା ତଥା ଶୁଭ୍ରଶ୍ୱେତବସ୍ତ୍ରପରିହିତା ସ୍ୱୟଂପ୍ରଭା କାମଦେବରୂପୀ ମହାଦେବ ନିମନ୍ତେ କଠୋର ତପସ୍ୟା ଆଚରଣ କରୁଥିବା ସ୍ମିତମୁଖୀ ହିମାଳୟ କନ୍ୟା ପାର୍ବତୀଙ୍କ ତୁଲ୍ୟ ଦେଖାଯାଉଥିଲେ । କଳିଙ୍ଗ-ସେନାଙ୍କ ପରିଚୟ ନିଜର କନିଷ୍ଠା ଭଗିନୀ ସୋମପ୍ରଭାଙ୍କଠାରୁ ପ୍ରାପ୍ତ ହୋଇ ସେ ଫଳାହାରପ୍ରଦାନପୂର୍ବକ ତାଙ୍କର ସ୍ୱାଗତ ସତ୍କାର କଲେ । ଏହି ସମୟରେ ସୋମପ୍ରଭା କହିଲେ, 'ସଖି ! ଏହି ଫଳ ଭକ୍ଷଣ କଲେ କମଳବନକୁ ବିନଷ୍ଟ କରୁଥିବା ତୁଷାରବୃଷ୍ଟି ତୁଲ୍ୟ ତୁମର ଯୌବନସୁଲଭ ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବା ବୃଦ୍ଧାବସ୍ଥା କଦାପି ତୁମକୁ ସ୍ପର୍ଶ କରିପାରିବ ନାହିଁ । ଏଣୁ ମୁଁ ତୁମକୁ ଏହି ସ୍ଥାନକୁ ଆଣିବା ପାଇଁ ଚେଷ୍ଟା କରିଥିଲି ।' ଏହା ଶୁଣି କଳିଙ୍ଗ-ସେନା ଏହି ଅମୃତମୟ ଫଳ ଭକ୍ଷଣ କରି ପରିତୃପ୍ତି ଲାଭ କଲେ ।

କୌତୂହଳବଶତଃ କଳିଙ୍ଗସେନା ଏହି ନଗର ମଧ୍ୟରେ ଭ୍ରମଣ କରୁଥିବା ସମୟରେ ସ୍ୱର୍ଣ୍ଣକମଳ ପରିପୂର୍ଣ୍ଣ ସରୋବର ଓ ଅମୃତମୟ ଫଳସଙ୍କୁଳ ବୃକ୍ଷରାଜିଦ୍ୱାରା ସୁଶୋଭିତ ଏବଂ ବହୁ ବିଚିତ୍ର ବିହଙ୍ଗ କାକଳୀରେ ମୁଖରିତ ଏକ ରମଣୀୟ ଉପବନ ତାଙ୍କର ଦୃଷ୍ଟିଗୋଚର ହେଲା । ଏହା ଶୂନ୍ୟରେ ମଣିସ୍ତମ୍ଭର, ଭିତ୍ତିରେ ଶୂନ୍ୟତାର ଏବଂ ଶୂନ୍ୟରେ ଭିତ୍ତିର ଭ୍ରମ ଜାତ କରୁଥିଲା; ଏହାକୁ ଦର୍ଶନ କଲେ ଜଳରେ ସ୍ଥଳ ଏବଂ ସ୍ଥଳରେ ଜଳର ପ୍ରତୀତି ଜାଗ୍ରତ ହେଉଥିଲା । ମୟଦାନବର ମାୟାରେ ନିର୍ମିତ ଏହି ନଗର ଏକ

Digitized by srujanika@gmail.com

ନବୀନ ସଂସାର ପରି ମନେ ହେଉଥିଲା । ପୂର୍ବେ ସୀତାଙ୍କୁ ଅନ୍ୱେଷଣ କରି ଆସିଥିବା ବାନରମାନେ ଏହା ମଧ୍ୟରେ ପ୍ରବେଶ କରି ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ଅସମର୍ଥ ହୋଇଥିଲେ । ବହୁ ଦିନପରେ ସ୍ୱୟଂପ୍ରଭାଙ୍କ କୃପାରୁ ସେମାନେ ପୁଣି ଏଠାରୁ ମୁକ୍ତିଲାଭ କରି ରାମଚନ୍ଦ୍ରଙ୍କ ନିକଟକୁ ଚାଲିଯାଇଥିଲେ । ଏହି ନଗରୀର ଅପୂର୍ବଶୋଭା ଦର୍ଶନରେ ବିମୁଗ୍ଧା ଏବଂ ବୃଦ୍ଧାବସ୍ଥାମୁକ୍ତ କଳିଙ୍ଗ-ସେନା ପୁଣି ଯନ୍ତ୍ରମୟ ଯାନ ଆରୋହଣପୂର୍ବକ ସ୍ୱୟଂପ୍ରଭାଙ୍କଠାରୁ ବିଦାୟ ନେଇ ସୋମପ୍ରଭାଙ୍କ ସହ ତକ୍ଷଶିଳା ପ୍ରତ୍ୟାବର୍ତ୍ତନ କଲେ । ସେଠାରେ ଉପସ୍ଥିତ ହୋଇ ରାଜକୁମାରୀ ସ୍ୱପିତାମାତାଙ୍କ ନିକଟରେ ନିଜର ଅଲୌକିକ ଅନୁଭୂତି ବର୍ଣ୍ଣନା କରି ସେମାନଙ୍କୁ ସ୍ତମ୍ଭୀଭୂତ କରିଦେଲେ ।

ଏହିପରି ମହାଆନନ୍ଦରେ କ୍ରୀଡ଼ା କରୁଥିବା ସଖିଦ୍ୱୟ ବହୁଦିନ ଅତିବାହିତ କଲେ । ଦିନେ ସୋମପ୍ରଭା ଏକାନ୍ତରେ କଳିଙ୍ଗସେନାଙ୍କୁ କହିଲେ, 'ସଖି ! ତୁମେ ଅବିବାହିତା ଥିବା ପର୍ଯ୍ୟନ୍ତ ହିଁ ଆମର ଏ ମିଳିତା ରହିଥିବ । ତୁମେ ଶ୍ୱଶୁରାଳୟକୁ ଚାଲିଗଲେ ଆଉ ଆମର ମିଳନ ଘଟିପାରିବ ନାହିଁ । କାରଣ ମୋର ସେଠାକୁ ଯିବା ସମ୍ଭବପର ନୁହେ । ସଖିମାନଙ୍କର ପତିମାନଙ୍କୁ ଦେଖିବା ଉଚିତ ନୁହେଁ ବୋଲି ସଜ୍ଜନମାନେ କହିଛନ୍ତି । ପୁଣି ହିଂସ୍ର ହେଟା-ବାଘ ତାର ଶିଶୁର ମାଂସ ଖାଇଗଲା ପରି ଶାଶୁମାନେ ବୋହୂମାନଙ୍କର ମାଂସ ପର୍ଯ୍ୟନ୍ତ ଭକ୍ଷଣ କରନ୍ତି ।' ଏ ସମ୍ପର୍କରେ କୀର୍ତ୍ତିସେନାଙ୍କର ଏକ ଗଳ୍ପ ମୋର ସ୍ମରଣ ହେଉଅଛି—

କୀର୍ତ୍ତିସେନା କଥା

ପାଟଳିପୁତ୍ର ନଗରୀରେ ଧନପାଳିତ ନାମକ ଜଣେ ବିତ୍ତଶାଳୀ ବଣିକ ବାସ କରୁଥିଲେ । ତାଙ୍କର ପରମାସୁନ୍ଦରୀ କନ୍ୟା କୀର୍ତ୍ତିସେନା । ଧନପାଳିତ ମଗଧ ଦେଶରେ ବାସ କରୁଥିବା ଦେବସେନଙ୍କ ସହ ନିଜ କନ୍ୟାର ବିବାହ ସମ୍ପାଦନ କଲେ । ସଚ୍ଚରିତ୍ର ଓ ସଜ୍ଜନ ଦେବସେନଙ୍କ ମାତା ଥିଲେ ଅତି ଦୁର୍ଜନ ଓ ପତିଙ୍କ ମୃତ୍ୟୁ ପରେ ସେ ହେଲେ ଗୃହକର୍ତ୍ତ୍ରୀ । କୀର୍ତ୍ତିସେନାଙ୍କୁ ସ୍ୱପତିଙ୍କ ସହ ବାର୍ତ୍ତାଳାପ କରୁଥିବା ଦେଖିଲେ ସେ ଈର୍ଷାନ୍ୱିତା ହୋଇ ଉଠୁଥିଲେ ଏବଂ ଦେବସେନଙ୍କ ଅଜ୍ଞାତରେ ତାଙ୍କୁ ବହୁ କଷ୍ଟ ଦେଉଥିଲେ ।

Digitized by srujanika@gmail.com

କୀର୍ତ୍ତିସେନା ନିଜ ପତିଙ୍କ ସମ୍ମୁଖରେ ଏ ଦୁର୍ଦ୍ଦଶାର କଥା ପ୍ରକାଶ କରିପାରୁ ନଥିଲେ କିନ୍ତୁ ବୃଦ୍ଧ ଶାଶୁଙ୍କ କବଳରେ ଯଥେଷ୍ଟ ଦୁଃଖ ମାରବରେ ସହ୍ୟ କରୁଥିଲେ ।

ଏକଦା ଦେବସେନ ଶୁଭାକାଂକ୍ଷୀ ବନ୍ଧୁମାନଙ୍କର ଉପଦେଶକ୍ରମେ ବଲଭି ନଗରୀକୁ ବ୍ୟବସାୟ ସ୍ଥାନାନ୍ତରର ଗମନ କରିବା ନିମନ୍ତେ ଉଦ୍ୟତ ହେଲେ । ଏହା ଦେଖି କୀର୍ତ୍ତିସେନା ଭୟଭୀତା ହୋଇ ଦେବସେନଙ୍କୁ କହିଲେ, 'ଆର୍ଯ୍ୟପୁତ୍ର ! ମୁଁ ଆପଣଙ୍କ ନିକଟରେ ଏପର୍ଯ୍ୟନ୍ତ ଆପଣଙ୍କ ମାତାଙ୍କଦ୍ୱାରା ପ୍ରାପ୍ତ ଦୁର୍ଦ୍ଦଶାର କଥା ପ୍ରକାଶ କରି ନଥିଲି । କିନ୍ତୁ ଆଜି ବାଧ୍ୟ ହୋଇ ମୋର ଦୁଃଖ ଜ୍ଞାପନ କରୁଅଛି । ଆପଣ ଥିବାବେଳେ ହିଁ ଯେତେବେଳେ ମାତା ମୋତେ ଏପ୍ରକାର ଅସହ୍ୟ ଦୁଃଖ ପ୍ରଦାନ କରୁଛନ୍ତି, ଆପଣ ଚାଲିଗଲା ପରେ ମୋର ଅବସ୍ଥା ଯେ କଣ ହେବ ମୁଁ କଳ୍ପନା କରିପାରୁ ନାହିଁ ।'

ଏହା ଶ୍ରବଣ କରି ବୈଶ୍ୟପୁତ୍ର ବିସ୍ମିତ ହୋଇ ମାତାଙ୍କୁ ବିନମ୍ର ଭାବରେ କହିଲେ, 'ମୁଁ ଯିବା ପରେ କୀର୍ତ୍ତିସେନା ତୁମ ଦୟା ଉପରେ ନିର୍ଭର କରି ଜୀବନ ଯାପନ କରିବେ । ଏହାଙ୍କ ପ୍ରତି ରୁକ୍ଷ ବ୍ୟବହାର କରିବ ନାହିଁ । ସେ ଉଚ୍ଚକୁଳରେ ଜାତ, ତେଣୁ ଏପ୍ରକାର ଦୁଃଖମୟ ଜୀବନ ଯାପନ ତାଙ୍କ ପକ୍ଷରେ ସମ୍ଭବପର ନୁହେ ।' ଏଥିରେ ମାତା ସଙ୍ଗେ ସଙ୍ଗେ କ୍ରୋଧାନ୍ୱିତା ହୋଇ କହିଲେ, 'ତୁ ଏହାକୁ ହିଁ ଜିଜ୍ଞାସା କରିପାରୁ ମୁଁ ଏହା ପ୍ରତି କି ପ୍ରକାର ବ୍ୟବହାର କରୁଅଛି । ମୋ ନିକଟରେ ତୁମେ ଦୁହେଁ ସମାନ । ମୋ ବିରୁଦ୍ଧରେ ତୋ ଆଗରେ ଏପରି କେତେଗୁଡ଼ିଏ ମିଥ୍ୟା କଥା କହି, ଆମ ପରିବାରର ସୁଖଶାନ୍ତି ନଷ୍ଟ କରିବାପାଇଁ କେବଳ ଏ ଚେଷ୍ଟା କରୁଅଛି ।' ଏଥିରେ ସରଳବିଶ୍ୱାସୀ ଦେବସେନ ଶାନ୍ତ ହେଲେ । ମାତାଙ୍କର ପ୍ରେମ ଓ ପ୍ରତାରଣାପୂର୍ଣ୍ଣ ବାକ୍ୟ କେଉଁ ପୁତ୍ରକୁ ପ୍ରତାରିତ ନ କରିବ ! କୀର୍ତ୍ତିସେନା ମଧ୍ୟ ଶାଶୁଙ୍କର ଏପ୍ରକାର କଟୁବାକ୍ୟ ଶ୍ରବଣରେ ମୌନ ରହିବାପାଇଁ ବାଧ୍ୟ ହେଲେ ।

ପରଦିନ ଦେବସେନ ବଲଭି ଅଭିମୁଖରେ ଯାତ୍ରା କରିବାରୁ ତାଙ୍କ ମାତା ଧୀରେ ଧୀରେ ଗୃହର ଦାସୀମାନଙ୍କୁ ବିଦାୟ ଦେବାକୁ ଲାଗିଲେ ।

Digitized by srujanika@gmail.com

ଦିନେ ଗୃହର ପୁରାତନ ଦାସୀ ସହ ଚକ୍ରାନ୍ତ କରି ସେ କୀର୍ତ୍ତିସେନାଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନା କରିଦେଇ ଏବଂ 'ପାପିନି; ମୋତେ ମୋର ପୁତ୍ରଠାରୁ ପୃଥକ୍ କରିଦେବା ପାଇଁ ଚେଷ୍ଟା କରୁଅଛୁ' କହି ତାଙ୍କର କେଶଧାରଣପୂର୍ବକ ବିବିଧ ପ୍ରହାର କଲେ । ଏଥିରେ କ୍ରୋଧ ଶାନ୍ତ ନହେବାରୁ ସେ ପରିଶେଷରେ କୀର୍ତ୍ତିସେନାଙ୍କୁ ନେଇ ଗୋଟିଏ ଭୂଗର୍ଭ ଗୃହ ମଧ୍ୟରେ ନିକ୍ଷେପ କରି ବାହାରୁ ଦୃଢ଼ଭାବରେ ଅର୍ଗଳବନ୍ଧ କଲେ । ତାଙ୍କୁ ଏକ କ୍ଷୁଦ୍ର ମୃଣ୍ମୟ ପାତ୍ରରେ ଅତି ସ୍ୱଳ୍ପ ପରିମାଣ ଖାଦ୍ୟ ଦିଆଯାଉଥାଏ । ଏପ୍ରକାର ଅନ୍ନକଷ୍ଟରେ ପ୍ରାଣତ୍ୟାଗ କଲେ ଦୁଷ୍ଟଚରିତା କୀର୍ତ୍ତିସେନା କେଉଁ ଆଡ଼େ ଚାଲିଗଲା ବୋଲି ପୁତ୍ର ନିକଟରେ ପ୍ରକାଶ କରିଦେବେ ଭାବି, ଦେବସେନଙ୍କ ନିଷ୍ଠୁର ମାତା ଏକ ପ୍ରକାର କ୍ରୂର ଆନନ୍ଦ ଲାଭ କଲେ ।

ଏଣେ କୀର୍ତ୍ତିସେନା ସେହି ଅନ୍ଧକାର ଭୂଗୃହରେ ବସି ଚିନ୍ତା କରୁଥାଆନ୍ତି ଯେ ମୋର ପତି ଅମିତ ବିତ୍ତଶାଳୀ, ମୁଁ ଉଚ୍ଚକୁଳସମ୍ଭୂତା, ସଚ୍ଚରିତା ଓ ସୌଭାଗ୍ୟବତୀ; ତଥାପି ଶାଶୁଙ୍କ ପାଇଁ ମୋତେ ଏପ୍ରକାର ଗଭୀର ଦୁଃଖ ସହ୍ୟ କରିବାକୁ ପଡ଼ୁଅଛି । ପରିବାରରେ କନ୍ୟା ଜାତ ହେଲେ ଲୋକେ ଯାହା ନିନ୍ଦା କରନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ । ଏମାନଙ୍କର ଜୀବନ ଶାଶୁ, ନଣନ୍ଦ ଓ ବୈଧବ୍ୟଦ୍ୱାରା ଦୂଷିତ ହୁଏ । ଏହିପରି ଚିନ୍ତା କରୁଥିବା-ବେଳେ ସେହି ଗୃହ ମଧ୍ୟରେ ଥିବା ଗୋଟିଏ ଖନନ ଯନ୍ତ୍ର ତାଙ୍କର ଦୃଷ୍ଟି-ଗୋଚର ହେଲା । ତାହା ଦେଖି ତାଙ୍କର ମନେ ହେଲା ସତେ ଯେପରି ଏହା ଖନନ ଯନ୍ତ୍ର ନୁହେ କିନ୍ତୁ ତାଙ୍କ ହୃଦୟରୁ ନିର୍ଗତ ହୋଇଥିବା ଦୁଃଖ-କଣ୍ଟକ । ଏହି ଯନ୍ତ୍ର ସାହାଯ୍ୟରେ ସେ ନିଜର ଶୟନାଗାର ପର୍ଯ୍ୟନ୍ତ ଗୋଟିଏ ଗୁପ୍ତ ସୁଡ଼ଙ୍ଗ ଖନନ କଲେ । ଏହି ସୁଡ଼ଙ୍ଗ ପଥରେ ସେ ସ୍ୱଶୟନାଗାରରେ ଉପସ୍ଥିତ ହୋଇ ସମସ୍ତ ପରିଧେୟ ଓ ରତ୍ନଭୂଷଣ ସହ ଗୃହରୁ ଗୁପ୍ତରେ ବହିର୍ଗତ ହେଲେ ।

ନଗର ବାହାରକୁ ଆସି ସେ ଚିନ୍ତା କରିବାକୁ ଲାଗିଲେ ଯେ ଏହି ପରିସ୍ଥିତିରେ ସେ ଯଦି ପିତୃ ଗୃହରେ ଯାଇ ଆଶ୍ରୟ ନିଅନ୍ତି, ତା' ହେଲେ ଲୋକେ ତାଙ୍କର କୁତ୍ସାରଟନା କରିବେ ଏବଂ ତାଙ୍କର କଥା ବିଶ୍ୱାସ କରିବେ ନାହିଁ । ତେଣୁ ପତିଙ୍କ ନିକଟକୁ ଯିବା ହିଁ ତାଙ୍କ ପକ୍ଷରେ ଶ୍ରେୟସ୍କର ହେବ ।

Digitized by srujanika@gmail.com

କାରଣ ପତିବ୍ରତା ନାରୀମାନଙ୍କର ପତି ହିଁ ଇହଲୋକ ଓ ପରଲୋକର ଗତି ଓ ମୁକ୍ତି । ଏହା ନିଶ୍ଚୟ କରି ସେ ସରୋବରରେ ସ୍ନାନ ସମାପନପୂର୍ବକ ରାଜକୁମାରର ଛଦ୍ମବେଶଧାରଣ କଲେ ଏବଂ ଅଳଙ୍କାରଗୁଡ଼ିକୁ ବିକି କରି କିଛି ଅର୍ଥ ସଂଗ୍ରହ କଲେ । ଉକ୍ତ ଧନକି କୌଣସି ବୈଶ୍ୟ ଗୃହରେ ଆଶ୍ରୟ ନେଇ, ପରଦିନ ବଲଭୀ ଯିବାପାଇଁ ଉଦ୍ୟତ ସମୁଦ୍ରସେନ ନାମକ ବୈଶ୍ୟ-ପୁତ୍ରଙ୍କ ସହ ରାଜକୁମାରର ଛଦ୍ମବେଶରେ, କୀର୍ତ୍ତିସେନା ପତିସମାଗମ ଆଶାରେ, ବଲଭୀ ଅଭିମୁଖେ ଯାତ୍ରା କଲେ । ସ୍ୱୀୟ ପରିଚୟ ପ୍ରଦାନପୂର୍ବକ ସେ ସମୁଦ୍ରସେନଙ୍କୁ କହିଲେ ଯେ ସେ ପରିବାରସ୍ଥ ଲୋକମାନଙ୍କର ବ୍ୟବହାରରେ କ୍ଷୁବ୍ଧ ହୋଇ ବଲଭୀରେ ଥିବା କୌଣସି ଆତ୍ମୀୟ ନିକଟକୁ ଯିବାପାଇଁ ଗୃହ ଛାଡ଼ିଛନ୍ତି । ଏହା ଶୁଣି ବୈଶ୍ୟପୁତ୍ର ତାଙ୍କୁ ସମ୍ଭ୍ରାନ୍ତପରିବାରସମ୍ଭୂତ ମନେ କରି ପଥରେ ସମ୍ମାନିତ ଓ ସହାୟତା କରିବାକୁ ଲାଗିଲେ ।

ସମୁଦ୍ରସେନଙ୍କ ବ୍ୟବସାୟୀଦଳ ମାର୍ଗଶୁଳ୍କ (ଯାତ୍ରୀକର)ରୁ ରକ୍ଷା ପାଇବା ପାଇଁ ରାଜପଥ ପରିତ୍ୟାଗ କରି ଅରଣ୍ୟପଥର ଆଶ୍ରୟ ନେଲେ । କିଛି ଦିନପରେ ସେମାନେ ଏକ ଘୋର ଅରଣ୍ୟ ଅତିକ୍ରମ କରି ଏହାର ସୀମାନ୍ତରେ ଉପସ୍ଥିତ ହେବାରୁ ବିଶ୍ରାମ ନେବାପାଇଁ ସେଠାରେ ଶିବିର ସ୍ଥାପନ କଲେ । କିନ୍ତୁ ହଠାତ୍ ମୃତ୍ୟୁଦୂତ ତୁଲ୍ୟ ଏକ ଶୃଗାଳୀ ଆସି ଘୋର ବିଳାପ କରିବାରୁ ଶକୁନଶାସ୍ତ୍ରଜ୍ଞ ସମୁଦ୍ରସେନ ନିଜ ଦଳର ବ୍ୟକ୍ତିମାନଙ୍କୁ ଦସ୍ୟୁ ଆକ୍ରମଣର ପ୍ରତିରୋଧ କରିବା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ସତର୍କ କରିଦେଲେ । କ୍ରମେ କ୍ରମେ ସନ୍ଧ୍ୟା ହୋଇ ଆସିଲା । ଚତୁର୍ଦ୍ଦିଗ ଘନ-ଅନ୍ଧକାରାଚ୍ଛନ୍ନ ହୋଇପଡ଼ିଲା । ଏ ପରିସ୍ଥିତିରେ କୀର୍ତ୍ତିସେନା ଚିନ୍ତା କଲେ, 'ପାପୀମାନଙ୍କର କର୍ମଫଳ ଯେପରି ସନ୍ତାନମାନେ ଭୋଗ କରନ୍ତି, ଶାଶୁଙ୍କ ଦ୍ୱାରା କୃତ କୁକର୍ମର ଫଳ ମୋତେ ଭୋଗ କରିବାକୁ ପଡ଼ୁଛି । ମୁଁ ପ୍ରଥମେ ମୃତ୍ୟୁରୂପୀ ଶାଶୁଙ୍କ କ୍ରୋଧରେ କବଳିତ ହୋଇ ଦ୍ୱିତୀୟ ଗର୍ଭବାସ ତୁଲ୍ୟ ଭୂଗୃହରେ ବାସ କଲି; ପୁନର୍ଜନ୍ମ ତୁଲ୍ୟ ସେଠାରୁ ମୁକ୍ତିଲାଭ କରି ବର୍ତ୍ତମାନ ପୁଣି ଦସ୍ୟୁମାନଙ୍କଦ୍ୱାରା ମୃତ୍ୟୁମୁଖକୁ ନୀତ ହେଉଅଛି । ମୁଁ ଯଦି ଏମାନଙ୍କଦ୍ୱାରା ମୃତ୍ୟୁବରଣ କରିବି ତା' ହେଲେ ଶାଶୁ କହିବେ ଯେ ମୁଁ ଅନ୍ୟ ପୁରୁଷ ସହ ପଳାୟନ କଲି; ସେମାନେ ଯଦି ବସ୍ତ୍ରହରଣ କରି ମୋର ନାରୀତ୍ୱର ସନ୍ଧାନ ଲାଭ କରନ୍ତି, ତା' ହେଲେ ମୋର ସତୀତ୍ୱ ନଷ୍ଟ ହେବ, ଯାହା ମୃତ୍ୟୁ ଅପେକ୍ଷା

Digitized by srujanika@gmail.com

ଆତୁର ଭୟଙ୍କର ଏବଂ ଜଘନ୍ୟ । ତେଣୁ ମୋତେ ଏହି ମିତ୍ରମାନଙ୍କୁ ପରିତ୍ୟାଗ କରି ନିଜର ସତୀତ୍ୱ ରକ୍ଷା କରିବାକୁ ହେବ । ସତୀତ୍ୱ ରକ୍ଷା ସ୍ତ୍ରୀଜାତିର ପରମଧର୍ମ କିନ୍ତୁ ମିତ୍ର ରକ୍ଷା ନୁହେ ।'

ଏହା ନିଶ୍ଚୟ କରି ଏକ ଗୁପ୍ତ ଆଶ୍ରୟସ୍ଥଳର ସନ୍ଧାନ ନେଇ ସେ ଗୋଟିଏ ଉତ୍ପାଟିତ ବୃକ୍ଷର ଗର୍ତ୍ତ ଦେଖିବାକୁ ପାଇଲେ । ଏହାକୁ ପୃଥିବୀମାତା ପ୍ରଦତ୍ତ ଆଶ୍ରୟସ୍ଥଳ ଭାବି ତା' ମଧ୍ୟରେ ନିଜକୁ ଲୁକ୍କାୟିତ କରି, ତାହାର ଊର୍ଦ୍ଧ୍ୱଭାଗ ଲତାଗୁଳ୍ମଦ୍ୱାରା ଆଚ୍ଛାଦିତ କଲେ । ରଜନୀର ମଧ୍ୟଭାଗରେ ଦସ୍ୟୁଦଳ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଏମାନଙ୍କ ଉପରେ ଆକ୍ରମଣ କଲେ । ଫଳରେ ବର୍ଷାଋତୁ ତୁଲ୍ୟ ଘୋର ଯୁଦ୍ଧ ସଂଘଟିତ ହେଲା । ଦସ୍ୟୁମାନଙ୍କ ଯୁଦ୍ଧକାଳୀନ ଭୟଙ୍କର ଚିତ୍କାର ବଜ୍ରନିନାଦ, ଶସ୍ତ୍ରାସ୍ତ୍ରଗୁଡ଼ିକର ସଂଘର୍ଷ ଫଳରେ ଉତ୍ପନ୍ନ ଅଗ୍ନି ବିଦ୍ୟୁତ୍‌ଲତା ଏବଂ ଆହତ ବ୍ୟକ୍ତିମାନଙ୍କର ଶରୀରରୁ ନିର୍ଗତ ରକ୍ତପ୍ରବାହ ବୃଷ୍ଟିଧାରାତୁଲ୍ୟ ପ୍ରତୀୟମାନ ହେଲା ।

ଦସ୍ୟୁମାନଙ୍କ ସହ ଯୁଦ୍ଧରେ ପରାସ୍ତ ହୋଇ ସମୁଦ୍ରସେନ ତାଙ୍କ ଦଳ ସହ ଇହଲୀଳା ସମ୍ବରଣ କଲେ ଏବଂ ସେମାନେ ତାଙ୍କର ସମସ୍ତ ଧନସମ୍ପତ୍ତି ସହ ପଳାୟନ କଲେ । ପ୍ରଭାତର ସୂର୍ଯ୍ୟକିରଣରେ ବନଭୂମିର ଅନ୍ଧକାର ଦୂରୀଭୂତ ହେବାରୁ କୀର୍ତ୍ତିସେନା ପୂର୍ବୋକ୍ତ ଗର୍ତ୍ତ ମଧ୍ୟରୁ ନିର୍ଗତ ହୋଇ ଭାବିଲେ, 'ଏକନିଷ୍ଠ ପତିଭକ୍ତ ଏବଂ ନିଜର ସତୀତ୍ୱରୂପ ଅସ୍ତ୍ରଦ୍ୱାରା ଯେଉଁ ପତିବ୍ରତା ନିଜକୁ ରକ୍ଷା କରିବା ପାଇଁ ଚେଷ୍ଟା କରେ ତାକୁ ଦେବତାମାନେ ଏହିପରି ଭାବରେ ବୋଧହୁଏ ରକ୍ଷା କରନ୍ତି ।' ବନପଥରେ ଭୟଙ୍କର ସିଂହମାନେ ମଧ୍ୟ ତାଙ୍କର ଅନିଷ୍ଟ ସାଧନ କରିବା ନିମନ୍ତେ ସମର୍ଥ ହେଲେ ନାହିଁ । ଏହି ସମୟରେ ହଠାତ୍ ଜଣେ ତପସ୍ୱୀ ଆସି ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । କୀର୍ତ୍ତିସେନାଙ୍କଠାରୁ ସମଗ୍ର ବୃତ୍ତାନ୍ତ ଶ୍ରବଣ କଲାପରେ ସେ ନିଜ କମଣ୍ଡଳୁ ମଧ୍ୟରୁ କିଛି ଜଳ ତାଙ୍କୁ ପାନ କରିବା ନିମନ୍ତେ ପ୍ରଦାନ କରି ଏବଂ ଅଗ୍ରସର ହେବା ନିମନ୍ତେ ମାର୍ଗର ସନ୍ଧାନ ଦେଇ ଅନ୍ତର୍ହିତ ହେଲେ । ଏହା ପାନ କରି ସେ ଅମୃତପାନତୁଲ୍ୟ କ୍ଷୁଧା ତୃଷା ବିସ୍ମୃତ ହୋଇ ପ୍ରଦର୍ଶିତ ମାର୍ଗରେ ପୁଣି ଅଗ୍ରସର ହେବାକୁ ଲାଗିଲେ ।

Digitized by srujanika@gmail.com

କିଛି ଦୂର ଅଗ୍ରସର ହେବା ପରେ ସୂର୍ଯ୍ୟଅସ୍ତଗାମୀ ହେବା ଦେଖି ସେ ଗୋଟିଏ ବୃକ୍ଷର କୋଟରରେ ଆଶ୍ରୟ ନେଇ ତା'ର ଦ୍ୱାରକୁ ଅନ୍ୟ ଏକ ଶୁଷ୍କକାଷ୍ଠଖଣ୍ଡଦ୍ୱାରା ଆବୃତ କଲେ । ସନ୍ଧ୍ୟାର ଅନ୍ଧକାର ଭେଦକରି ସେ କୋଟରରେ ଥିବା କ୍ଷୁଦ୍ର ଛିଦ୍ର ଦେଇ ଦେଖିଲେ ଯେ ଗୋଟିଏ ଭୟଙ୍କର ରାକ୍ଷସୀ ତା'ର ଶିଶୁସନ୍ତାନମାନଙ୍କ ସହ ଆସି ସେଠାରେ ଅବସ୍ଥାନ କରୁଅଛି । ଏଥିରେ ତାଙ୍କ ଶରୀର ଓ ହୃଦୟ ଭୟରେ କମ୍ପି ଉଠିଲା । ସେ ଜୀବନ ଆଶା ପରିତ୍ୟାଗ କରି ବସିଥିବାବେଳେ, ରାକ୍ଷସୀ ତାର ଶିଶୁସନ୍ତାନ-ମାନଙ୍କ ସହ ବୃକ୍ଷ ଉପରକୁ ଆରୋହଣ କରିଗଲା ।

ଏ ସମୟରେ ତାଙ୍କର କର୍ଣ୍ଣଗୋଚର ହେଲା, ଶିଶୁମାନେ ଖାଦ୍ୟଦ୍ରବ୍ୟ ନିମନ୍ତେ ଅଳି କରିବାରୁ ରାକ୍ଷସୀ କହୁଛି, 'ମୁଁ ମହାଶ୍ମଶାନରେ ମଧ୍ୟ ଆଜି କିଛି ଖାଦ୍ୟର ସନ୍ଧାନ ପାଇପାରିଲି ନାହିଁ । ଡାକିନୀମାନଙ୍କୁ ଯାଚ୍ଞା କରି କିଛି ନ ମିଳିବାରୁ ଦୁଃଖରେ ଅଭିଭୂତ ହୋଇ ଭୈରବ ନିକଟକୁ ଗଲି । ସେ ମୋର ନାମ ଗୋତ୍ର ପ୍ରଭୃତି ଜିଜ୍ଞାସା କରି କହିଲା, 'ହେ ଭୟଙ୍କରି, ଖର ଦୂଷଣଙ୍କର ପ୍ରସିଦ୍ଧ ବଂଶରେ ତୋର ଜନ୍ମ । ତେଣୁ ତୁ ସମ୍ମୁଖରେ ଥିବା ବସୁଦତ୍ତପୁରକୁ ପ୍ରସ୍ଥାନ କର । ସେଠାରେ ବସୁଦତ୍ତ ନାମରେ ଜଣେ ଧାର୍ମିକ ରାଜା ରାଜତ୍ୱ କରୁଛନ୍ତି । ଏହି ଅରଣ୍ୟ ଭୂମିକୁ ଦସ୍ୟୁମାନଙ୍କଠାରୁ ନିରାପଦ ରଖି ଯାତ୍ରୀମାନଙ୍କଠାରୁ ଯାତ୍ରୀକର ଆଦାୟ କରି ସେ ସେମାନଙ୍କର ନିର୍ବିଘ୍ନ ଯାତ୍ରାରେ ସାହାଯ୍ୟ କରୁଅଛନ୍ତି । ଦିନେ ସେ ଶିକାରରେ ଶ୍ରାନ୍ତ ହୋଇ ଗାଢ଼ ନିଦ୍ରାରେ ଅଭିଭୂତ ଥିବାବେଳେ ଗୋଟିଏ ଶତପଦୀ (କାନକୁଟୁରା) ତାଙ୍କ କର୍ଣ୍ଣଗହ୍ୱର ମଧ୍ୟରେ ପ୍ରବେଶ କରିଗଲା । ଏହା ବହୁ ଦିନ ଧରି ତା ମଧ୍ୟରେ ନିରାପଦରେ ବାସକରି ଏହା ବହୁ ସନ୍ତାନ ପ୍ରସବ କଲା । ଫଳରେ ରାଜା ରୁଗ୍ଣ ହୋଇପଡ଼ିଲେ । ବର୍ତ୍ତମାନ ତାଙ୍କର ଅସ୍ଥିକଂକାଳ ଓ ନିଶ୍ୱାସବାୟୁ ହିଁ ଅବଶିଷ୍ଟ ଅଛି । ବୈଦ୍ୟମାନେ ଏହି ରୋଗର କାରଣ ନିରୂପଣ କରିବା ନିମନ୍ତେ ଅସମର୍ଥ ହୋଇଅଛନ୍ତି । ଯଦି ଅନ୍ୟ କେହି ରାଜାଙ୍କୁ ରୋଗମୁକ୍ତ ନକରେ, ତା' ହେଲେ ତାଙ୍କର ଶୀଘ୍ର ମୃତ୍ୟୁ ଘଟିବ । ତୁ ମାୟାବଳରେ ଏହି ରାଜାଙ୍କର ମାଂସ ଆହରଣ କରିପାରିଲେ ଆଗାମୀ ଛ ମାସ ପର୍ଯ୍ୟନ୍ତ ଆଉ ଖାଦ୍ୟର ଅଭାବ ରହିବ ନାହିଁ ।' ଏପରି ଉପଦେଶ ପ୍ରଦାନ କରି ଭୈରବ

Digitized by srujanika@gmail.com

ମଧ୍ୟ ମୋତେ ନିର୍ଗଣ କଲା । କିନ୍ତୁ ଏହା ତ ବହୁ ବିଳମ୍ବରେ ମିଳିବ । ଆଜି ରାତିରେ କଣ ଖାଇ କ୍ଷୁଧା ଶାନ୍ତ କରିବା, ତାହା ହିଁ ମୁଁ ଭାବୁଅଛି ।'

ରାକ୍ଷସୀଠାରୁ ଏହା ଶୁଣି ଶିଶୁମାନେ ପୁଣି ପ୍ରଶ୍ନ କଲେ, 'ମା ! ରାଜାଙ୍କର ଏ ରୋଗର ନିଦାନ କରି କିଏ ଯଦି ଉପଯୁକ୍ତ ଔଷଧି ପ୍ରଦାନ କରେ, ତା ହେଲେ ରାଜା କଣ ମୃତ୍ୟୁମୁଖରୁ ରକ୍ଷା ପାଇଯିବେ ? ରାଜାଙ୍କର ଏ ରୋଗ କି ଉପାୟରେ ବା ଦୂର ହେବ ?' ଏହାର ଉତ୍ତରରେ ରାକ୍ଷସୀ ପୁଣି କହିଲା, 'ରୋଗର କାରଣ ନିର୍ଦ୍ଦିଷ୍ଟ କରି ଯଦି ଔଷଧର ବ୍ୟବସ୍ଥା କରାଯାଏ, ରାଜା ନିଶ୍ଚୟ ବଞ୍ଚିଯିବେ । କିନ୍ତୁ ସାଧାରଣ ବୈଦ୍ୟ ଏହାର ଚିକିତ୍ସା କରିବା ଆଦୌ ସମ୍ଭବପର ନୁହେଁ । କାରଣ ପ୍ରଥମେ ଏହାଙ୍କର ମସ୍ତକରେ ଉଷୁମ ଘୃତ ମର୍ଦ୍ଦନ କରି ସୂର୍ଯ୍ୟଙ୍କ ପ୍ରଖର କିରଣରେ ତାକୁ ଶୁଖାଇବାକୁ ହେବ । ଏହାପରେ ଗୋଟିଏ ବାଉଁଶନଳୀ ଏହାଙ୍କର କର୍ଣ୍ଣରେ ପ୍ରବିଷ୍ଟ କରାଇ ତା'ର ଅପର ଦିଗ ଶୀତଳ ଜଳପୂର୍ଣ୍ଣକୁମ୍ଭ ଉପରେ ଥିବା ମୃତ୍ତିକା ନିର୍ମିତ ପାତ୍ର (ସରା) ସହିତ ସଂଯୁକ୍ତ କରିବାକୁ ହେବ । ତା' ହେଲେ ସ୍ୱେଦ ଓ ଉତ୍ତାପକ୍ଲିଷ୍ଟ ଜୀବାଣୁଗୁଡ଼ିକ ଶୀତଳ ସ୍ଥାନରେ ଆଶ୍ରୟ ନେବା ପାଇଁ କର୍ଣ୍ଣବିଳରୁ ନିର୍ଗତ ହୋଇ ଉକ୍ତ ବାଉଁଶନଳୀ ଦେଇ ଚାଲିଆସିବେ ଏବଂ ରାଜା ରୋଗମୁକ୍ତ ହେବେ ।'

ଏହା ଶୁଣି କୀର୍ତ୍ତିସେନା ନିଶ୍ଚୟ କଲେ ଯେ ସେ ଯଦି ଏହି ବିପତ୍ତିରୁ ବଞ୍ଚିପାଆନ୍ତି, ତେବେ ଯାଇ ରାଜାଙ୍କୁ ଉପରୋକ୍ତ ଉପାୟରେ ରୋଗମୁକ୍ତ କରିବେ । ରାଜା ଅରଣ୍ୟ ସୀମାରେ ରହି ସ୍ୱଳ୍ପ ଯାତ୍ରୀକର ଗ୍ରହଣପୂର୍ବକ ମାର୍ଗକୁ ନିରାପଦରେ ରଖିଥିବାରୁ ସାଧାରଣତଃ ବ୍ୟବସାୟୀମାନେ ଏହି ମାର୍ଗରେ ହିଁ ଯାତାୟାତ କରନ୍ତି । ମୋର ପତି ମଧ୍ୟ ଏହି ପଥ ଦେଇ ପ୍ରତ୍ୟାବର୍ତ୍ତନ କରିବେ ବୋଲି ମୃତ ସମୁଦ୍ରସେନ କହୁଥିଲେ । ତେଣୁ ବସୁଦତ୍ତପୁରରେ ପ୍ରତୀକ୍ଷା କରି ରହିବା ହିଁ ମୋ ପକ୍ଷରେ ବିଜ୍ଞତାର କାର୍ଯ୍ୟ ହେବ । ଏପରି ଚିନ୍ତାକରି ସେ ଅତିକଷ୍ଟରେ ରାତି ଯାପନ କଲେ ଏବଂ ପ୍ରଭାତରୁ ରାକ୍ଷସୀ ତାର ସନ୍ତାନମାନଙ୍କ ସହ ଉକ୍ତ ସ୍ଥାନ ପରିତ୍ୟାଗ କରି ଚାଲିଯିବାରୁ ସେ କୋଠର ମଧ୍ୟରୁ ବହିର୍ଭୂତା ହେଲେ ।

ପୁରୁଷବେଶରେ କିଛି ଦୂର ଅଗ୍ରସର ହୁଅନ୍ତେ ପୁଣି ସନ୍ଧ୍ୟା ସମୟରେ ଗୋଚାରଣ କରୁଥିବା ଗୋଟିଏ ଗୋପାଳ ସହ ତାଙ୍କର ସାକ୍ଷାତ ହେଲା ।

Digitized by srujanika@gmail.com

ନିକଟସ୍ଥ ରାଜ୍ୟର ପରିଚୟ ଜିଜ୍ଞାସା କରିବାରୁ ସେ ଏହାଙ୍କର କୋମଳ ଓ ସୁନ୍ଦର ରୂପରେ ମୁଗ୍‌ଧ ହୋଇ କହିଲା, 'ଏହା ରାଜା ବସୁଦତ୍ତଙ୍କର ରାଜଧାନୀ ବସୁଦତ୍ତପୁର । ରାଜା ବର୍ତ୍ତମାନ ରୁଗ୍‌ଣ ଓ ମରଣାସନ୍ନ ।' କୀର୍ତ୍ତିସେନା ଏହା ଶୁଣି କହିଲେ, 'ମୋତେ ଯଦି କିଏ ନେଇ ରାଜାଙ୍କ ସହ ପରିଚିତ କରାଇ ଦିଅନ୍ତା, ତା' ହେଲେ ମୁଁ ତାଙ୍କୁ ରୋଗମୁକ୍ତ କରି ଦିଅନ୍ତି ।' ଏଥିରେ ପ୍ରୀତ ହୋଇ ଉକ୍ତ ଗୋପାଳ ତାଙ୍କୁ ନେଇ ବସୁଦତ୍ତପୁର ଅଭିମୁଖରେ ଯାତ୍ରା କଲା ।

ନଗରରେ ଉପସ୍ଥିତ ହୋଇ ଗୋପାଳ ତାଙ୍କୁ ରାଜପ୍ରାସାଦର ଦୁଃଖିତମନା ଦ୍ୱାରପାଳ ସହ ପରିଚିତ କରାଇ ଦେବାରୁ ସେ ଯାଇ ରାଜାଙ୍କ ନିକଟରେ ଏହା ନିବେଦନ କଲା । ରାଜା ଏହି ସର୍ବାଙ୍ଗସୁନ୍ଦର ଛଦ୍ମବେଶିନୀ କୀର୍ତ୍ତିସେନାଙ୍କୁ ସ୍ୱାଗତ କରି ନିଜ ନିକଟକୁ ନେଲେ ଏବଂ ତାଙ୍କ ରୂପ ଓ ବ୍ୟବହାରରେ ମୁଗ୍‌ଧ ହୋଇ କହିଲେ, 'ମୋତେ ଯଦି ରୋଗମୁକ୍ତ କରିଦେବ, ତା' ହେଲେ ମୋର ରାଜ୍ୟର ଅର୍ଦ୍ଧେକ ତୁମକୁ ପ୍ରଦାନ କରିବି । ମୁଁ ସ୍ୱପ୍ନରେ ଦେଖିଥିଲି ଯେ କୌଣସି ନାରୀ ମୋର ଶରୀର ଉପରୁ କୃଷ୍ଣ ଆବରଣଟିକୁ ଧୀରେ ଧୀରେ ବାହାର କରି ନେଉଛି । ତେଣୁ ମୋର ବିଶ୍ୱାସ ହେଉଛି, ତୁମେ ମୋର ଏ ଅସାଧ୍ୟ ରୋଗ ଉପଶମ କରିପାରିବ ।' ଏଥିରେ କୀର୍ତ୍ତିସେନା ରାଜାଙ୍କୁ ସାନ୍ତ୍ୱନା ପ୍ରଦାନପୂର୍ବକ କହିଲେ, 'ମହାରାଜ ! ଆଜି ତ ସନ୍ଧ୍ୟା ହେଲଣି, କାଲି ମୁଁ ନିଶ୍ଚୟ ଆପଣଙ୍କର ରୋଗ ଦୂର କରିଦେବି ।' ଏହା କହି ସେ କିଛି ଗବ୍ୟ ଘୃତ (ଗାଈ ଘିଅ) ତାଙ୍କ ମସ୍ତକରେ ମର୍ଦ୍ଦନ କରିବାରୁ ରାଜା ଅସହ୍ୟ ଯନ୍ତ୍ରଣାରୁ ମୁକ୍ତିଲାଭ କରି ଗଭୀର ନିଦ୍ରାରେ ଅଭିଭୂତ ହେଲେ । ଏହା ଦେଖି ରାଜପୁରବାସୀମାନେ ଏହାଙ୍କୁ କୌଣସି ଦେବତା ମନେକରି ଯଥେଷ୍ଟ ପ୍ରଶଂସା କରିବାକୁ ଲାଗିଲେ । ମହାରାଣୀ ମଧ୍ୟ ଆଡ଼ମ୍ବରପୂର୍ଣ୍ଣ ଭାବରେ ତାଙ୍କର ସତ୍କାର କରି ରାତ୍ରିଯାପନ ନିମନ୍ତେ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରିଦେଲେ ।

ପରଦିନ ମଧ୍ୟାହ୍ନରେ ଛଦ୍ମବେଶୀ କୀର୍ତ୍ତିସେନା ମନ୍ତ୍ରୀ ଓ ସାମନ୍ତ ରାଜାମାନଙ୍କର ସମ୍ମୁଖରେ ସ୍ତ୍ରୀ ରାକ୍ଷସୀ-କଥିତ ଉପାୟରେ ରାଜାଙ୍କ କର୍ଣ୍ଣରୁ ସମସ୍ତ ଶତପଦୀଗୁଡ଼ିକୁ ବାହାର କରି ଆଣିଲେ ଏବଂ ପଥ୍ୟ ନିମିତ୍ତ ଦଧି, ଘୃତ, କ୍ଷୀର

Digitized by srujanika@gmail.com

ପ୍ରଭୃତିର ବ୍ୟବସ୍ଥା କରିଦେଲେ । ଏହା ଦେଖି ସମଗ୍ର ଜନତା ଆଶ୍ଚର୍ଯ୍ୟାନ୍ୱିତ ହୋଇ ତାଙ୍କର ପ୍ରଶଂସା ଶତମୁଖରେ ଗାନ କରିବାକୁ ଲାଗିଲା । ରାଜା ପୁନର୍ଜନ୍ମ ଲାଭ ହେଲା ବୋଲି ମନେକରି ଆନନ୍ଦିତ ହେଲେ ।

କିଛି ଦିନ ପରେ ରାଜା ରାଜ୍ୟରେ ଉତ୍ସବ ପାଳନ କରାଇ ସ୍ନାନ ସମାପନପୂର୍ବକ ପ୍ରାଣଦାତା ଛଦ୍ମବେଶିନୀ କୀର୍ତ୍ତିସେନାଙ୍କୁ ରାଜ୍ୟର ଅର୍ଦ୍ଧେକ ପ୍ରଦାନ କରିବା ନିମନ୍ତେ ଇଚ୍ଛାପ୍ରକାଶ କରିବାରୁ ସେ ଏଥିରେ ସମ୍ମତି ନ ଦେଇଥିବାରୁ ବହୁ ଗ୍ରାମ, ଅଶ୍ୱ, ହସ୍ତୀ ଓ ସ୍ୱର୍ଣ୍ଣ ଆଭୂଷଣଦ୍ୱାରା ତାଙ୍କର ସତ୍କାର କଲେ । ମହାରାଣୀ ଓ ମନ୍ତ୍ରୀମାନେ ମଧ୍ୟ ଏହି ବୈଦ୍ୟରାଜଙ୍କୁ ନାନା ବହୁମୂଲ୍ୟ ଉପହାର ପ୍ରଦାନ କରିବାରେ ଲାଗିଲେ । କିନ୍ତୁ କୀର୍ତ୍ତିସେନା ସେତେବେଳେ ବ୍ରତାଶ୍ରିତ ଥିବାରୁ ଏଗୁଡ଼ିକ ବର୍ତ୍ତମାନ ଗ୍ରହଣ କରିବେ ନାହିଁ ବୋଲି ତାହା ସେମାନଙ୍କୁ ଫେରାଇ ଦେଇ ପତିଙ୍କର ପ୍ରତୀକ୍ଷା କରିବାକୁ ଲାଗିଲେ ।

କିଛି ଦିନ ଅତୀତ ହେଲା । ଦିନେ କୀର୍ତ୍ତିସେନା ଲୋକମୁଖରୁ ଶୁଣିଲେ ଯେ ବଣିକ ଦେବସେନ ବଲଭୀ ନଗରରୁ ଆସି ସେଠାରେ ଶିବିର ସ୍ଥାପନ କରିଛନ୍ତି । ଏଥିରେ ଆଶାନ୍ୱିତ ହୋଇ ସେ ଯାଇ ଦେବସେନଙ୍କ ଶିବିର ନିକଟରେ ପହଞ୍ଚିଲେ ଏବଂ ମଧୁର ମେଘକୁ ଦେଖି ଆନନ୍ଦିତ ହେବାପରି ଦେବସେନଙ୍କ ଦର୍ଶନରେ ପ୍ରଭୂତ ଆନନ୍ଦ ଲାଭକଲେ । ଚିରକାଳର ବିରହ-ଦୁଃଖଜନିତ ଅଶ୍ରୁ ଅର୍ଘ୍ୟରୂପରେ ପ୍ରଦାନ କରି ସେ ଦେବସେନଙ୍କ ପାଦରେ ପ୍ରଣିପାତ କଲେ । ସେ ମଧ୍ୟ ଛଦ୍ମବେଶରେ ଥିବା ପ୍ରାଣପ୍ରିୟା କୀର୍ତ୍ତିସେନାଙ୍କୁ ଚିହ୍ନିପାରି ନିବିଡ଼ ଆଲିଙ୍ଗନ ପାଶରେ ଆବଦ୍ଧ କଲେ । କୀର୍ତ୍ତିସେନାଙ୍କ ଏପ୍ରକାର ଆତ୍ମପ୍ରକାଶ ଦେବସେନ ଓ ଉପସ୍ଥିତ ଜନତାକୁ ବିସ୍ମିତ କରିଦେଲା । ରାଜା ବସୁଦତ୍ତ ମଧ୍ୟ ଏ ସମ୍ବାଦ ଶ୍ରବଣ କରି ଆଶ୍ଚର୍ଯ୍ୟଚକିତ ହୋଇ ଆସି ସେଠାରେ ଉପସ୍ଥିତ ହେଲେ । କିଛି ସମୟ ପରେ ବିସ୍ମୟଭାବ କଟିଯିବାରୁ ରାଜା କୀର୍ତ୍ତିସେନାଙ୍କୁ ଏହାର ରହସ୍ୟ ଉଦ୍‌ଘାଟନ କରିବା ନିମନ୍ତେ ଅନୁରୋଧ କରିବାରୁ ସେ ସମସ୍ତ ବୃତ୍ତାନ୍ତ ଆମୂଳଚୂଳ ବର୍ଣ୍ଣନା କଲେ । ଦେବସେନ ମାତାଙ୍କର ଏପ୍ରକାର ଆଚରଣ ଦେଖି କ୍ରୋଧ, ଆଶ୍ଚର୍ଯ୍ୟ, କ୍ଷମା, ବିସ୍ମୟ ଓ ଆନନ୍ଦରେ ଯୁଗପତ୍ ଅଭିଭୂତ ହୋଇ ମାତାଙ୍କ ପ୍ରତି ବିରକ୍ତ ହୋଇପଡ଼ିଲା । ଉପସ୍ଥିତ ଜନତା କହିବାକୁ ଲାଗିଲା—

Digitized by srujanika@gmail.com

ଭର୍ତ୍ତୃଭକ୍ତିରଥାରୂଢ଼ା ଶୀଳସନ୍ନାହରକ୍ଷିତା
ଧର୍ମ ସାରଥୟଃ ସାଧ୍ୱୀ ଜୟନ୍ତ୍ୟ ମନ୍ତ୍ରହେତୟଃ ।

ଅର୍ଥାତ୍ ସ୍ତ୍ରୀମାନେ ପତିଭକ୍ତିରୂପକ ରଥରେ ଆରୋହଣ କରି, ଚରିତ୍ରରୂପ କବଚରେ ସୁରକ୍ଷିତ ହୋଇ ଧର୍ମରୂପୀ ସାରଥିର ସହାୟତାରେ ବୁଦ୍ଧିରୂପୀ ଅସ୍ତ୍ରଦ୍ୱାରା ବିଜୟ ଲାଭ କରିଥାଆନ୍ତି ।

ରାଜା ମଧ୍ୟ କୀର୍ତ୍ତିସେନା ସୀତାଙ୍କ ଅପେକ୍ଷା ଅଧିକ ପାତିବ୍ରତ୍ୟର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ବୋଲି ପ୍ରଶଂସାଗାନପୂର୍ବକ ତାଙ୍କୁ ଧର୍ମ ଭଗିନୀରୂପେ ଗ୍ରହଣ କଲେ । ଏହାପରେ କୀର୍ତ୍ତିସେନା ତାଙ୍କର ସମସ୍ତ ଉପହାର ଦେବସେନଙ୍କୁ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିବାରୁ ରାଜା ଦେବସେନଙ୍କର ପଟ୍ଟବନ୍ଧନ କଲେ । ଏହିପରି ଭାବରେ ରାଜା ଓ ରାଜ୍ୟବାସୀଙ୍କର ସ୍ନେହ, ସୌହାର୍ଦ୍ଦ୍ୟ, ସମ୍ମାନ, ଗୌରବ ଅର୍ଜ୍ଜନ କରି ଦେବସେନ ମାତାଙ୍କୁ ପରିତ୍ୟାଗପୂର୍ବକ କୀର୍ତ୍ତିସେନାଙ୍କ ସହ ବସୁଦତ୍ତପୁରରେ ବାସ କରିବାକୁ ଲାଗିଲେ । କୀର୍ତ୍ତିସେନା ମଧ୍ୟ ନିଜର ଅସାଧାରଣ ଚରିତ୍ରବଳ ପାଇଁ ପ୍ରସିଦ୍ଧି ଲାଭକରି ଏବଂ ନିଷ୍ଠୁର ଶାଶୁଙ୍କ କବଳରୁ ମୁକ୍ତି ପାଇ ପତିଙ୍କ ସହ ସାଂସାରିକ ସୁଖ ଉପଭୋଗ କଲେ । ଏହିପରି ବିଧାତାର ଭୀଷଣ ବିଡ଼ମ୍ବନା ସହ୍ୟ କରି ବିପଦରେ ସ୍ୱଚରିତ୍ରବଳକୁ ରକ୍ଷା କରୁଥିବା ପତିବ୍ରତା ନାରୀମାନେ ଆତ୍ମଶକ୍ତିଦ୍ୱାରା ନିଜର ଓ ନିଜ ପତିଙ୍କର ଉତ୍ତରୋତ୍ତର କଲ୍ୟାଣ ସାଧନ କରିଥାଆନ୍ତି ।

ତେଣୁ ହେ ରାଜକୁମାରୀ ! 'ସ୍ତ୍ରୀମାନେ ଶାଶୁ ଓ ନଣନ୍ଦମାନଙ୍କ ପାଇଁ ଏପରି କଷ୍ଟ ସହ୍ୟ କରିଥାଆନ୍ତି । ଏଣୁ ମୁଁ ତୁମ ପାଇଁ ଏପ୍ରକାର ଶାଶୁ ଓ ନଣନ୍ଦ ନଥିବା ପତିଗୃହ କାମନା କରୁଅଛି ।'

ସୋମପ୍ରଭାଙ୍କଠାରୁ ଏପ୍ରକାର ବିନୋଦାତ୍ମକ ଗଳ୍ପ ଶ୍ରବଣ କରି କଳିଙ୍ଗସେନା ଅତ୍ୟନ୍ତ ପ୍ରୀତ ହେଲେ ଏବଂ ସନ୍ଧ୍ୟାଗମ ଦେଖି କଳିଙ୍ଗସେନାଙ୍କୁ ଆଲିଙ୍ଗନ କରି ବିଦାୟ ଗ୍ରହଣପୂର୍ବକ ସ୍ୱଭବନକୁ ପ୍ରସ୍ଥାନ କଲେ ।

Digitized by srujanika@gmail.com

ଚତୁର୍ଥ ତରଙ୍ଗ

୪

ବିଦ୍ୟାଧର ମଦନବେଗ କଥା

ସୋମପ୍ରଭଙ୍କ ଗମନପଥକୁ ନିରୀକ୍ଷଣ କରୁଥିବା କଳିଙ୍ଗସେନା ପ୍ରାସାଦପୃଷ୍ଠରେ ଦଣ୍ଡାୟମାନ ଥିବା ସମୟରେ ବିଦ୍ୟାଧରରାଜ ମଦନବେଗଙ୍କ ଦୃଷ୍ଟି ତାଙ୍କ ପ୍ରତି ଆକୃଷ୍ଟ ହେଲା । ତ୍ରୈଲୋକ୍ୟମୋହିନୀ କଳିଙ୍ଗସେନାଙ୍କର ଅପରୂପ ଲାବଣ୍ୟରେ ମୁଗ୍ଧ ହୋଇ ସେ ଚିନ୍ତାକଲେ ଯେ ଏପରି ସୁନ୍ଦରୀ ରମଣୀ ଦେବଲୋକ ଓ ବିଦ୍ୟାଧରଲୋକରେ ମଧ୍ୟ ଥିବା ସମ୍ଭବ ନୁହେ । ତେଣୁ ଏହାଙ୍କୁ ଯଦି ମୁଁ ସ୍ତ୍ରୀରୂପରେ ଲାଭ ନକରେ ତା' ହେଲେ ମୋ ଜୀବନ ବୃଥା । କିନ୍ତୁ ମୁଁ ବିଦ୍ୟାଧର ଏବଂ ସେ ମାନବୀ; ତେଣୁ ଉଭୟଙ୍କ ମିଳନ ସଙ୍ଘଟନ ହେବା ମଧ୍ୟ ସହଜସାଧ୍ୟ ନୁହେ । ଏପରି ବିଚାର କରି ସେ ପ୍ରଜ୍ଞପ୍ତି ନାମକ ବିଦ୍ୟାକୁ ସ୍ମରଣ କଲେ । ସ୍ମରଣମାତ୍ରେ ଏହି ବିଦ୍ୟା ପ୍ରଭାବରେ ସେ ଜାଣିପାରିଲେ, ପ୍ରକୃତରେ ଏ କନ୍ୟା ମାନବୀ ନୁହେ; ଶାପଚ୍ୟୁତା ଅପ୍ସରା କଳିଙ୍ଗଦତ୍ତଙ୍କ ଗୃହରେ ଜନ୍ମଲାଭ କରିଅଛି । ଏଥିରେ ମଦନବେଗ ସ୍ୱୀବାସଭବନକୁ ପ୍ରତ୍ୟାବର୍ତ୍ତନପୂର୍ବକ କନ୍ଦର୍ପବାଣ ପ୍ରପୀଡ଼ିତ ହୋଇ ପ୍ରଥମେ ଏହାଙ୍କୁ ବଳପୂର୍ବକ ଅପହରଣ କରିନେବା କଥା ଚିନ୍ତାକଲେ କିନ୍ତୁ ତାଙ୍କ ପ୍ରତି ଥିବା ଶାପ 'ବଳପୂର୍ବକ ନାରୀ ସମ୍ଭୋଗ କଲେ ମୃତ୍ୟୁ ଘଟିବ' ସ୍ମରଣ ହେବାରୁ ସେ ଶିବଙ୍କୁ ଉପାସନାରେ ସନ୍ତୁଷ୍ଟ କରିବା ପାଇଁ ନିଶ୍ଚୟ କଲେ । କାରଣ 'ତପୋଽଧୀନାନି ହି ଶ୍ରେୟାଂସି' ଅର୍ଥାତ୍ ସମସ୍ତ କଲ୍ୟାଣ ତପସ୍ୟାର ଅଧୀନ ।

ଏପ୍ରକାର ଚିନ୍ତାନ୍ୱିତ ଭାବରେ ଉକ୍ତ ରାତ୍ରି ବିତାଇ ପରଦିନ ପ୍ରଭାତରୁ ସେ ଋଷଭ ପର୍ବତରେ ଉପସ୍ଥିତ ହୋଇ ଏକପାଦସ୍ଥିତ ଓ ନିରାହାର ଭାବରେ ତପଃ ସାଧନ କଲେ । ତାଙ୍କର କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ

Digitized by srujanika@gmail.com

ମହାଦେବ ଦର୍ଶନ ପ୍ରଦାନପୂର୍ବକ କହିଲେ, 'କଳିଙ୍ଗସେନା ସମଗ୍ର ବିଶ୍ୱରେ ନିଜର ଅନୁପମ ସୌନ୍ଦର୍ଯ୍ୟ ନିମନ୍ତେ ପ୍ରଖ୍ୟାତ । ତେଣୁ ଏହାଙ୍କର ପତି ରୂପ ସମ୍ପଦରେ ଏହାଠାରୁ ନ୍ୟୂନ ହେବା ଅନୁଚିତ । କେବଳ ବତ୍ସରାଜ ଉଦୟନ ଏହାଙ୍କୁ ଲାଭ କରିବା ନିମିତ୍ତ ଆଶାୟୀ । କିନ୍ତୁ ସେ ମହାରାଣୀ ବାସବଦତ୍ତାଙ୍କ ଭୟରେ ଏହା ସ୍ପଷ୍ଟରୂପେ ପ୍ରକାଶ କରିପାରନ୍ତି ନାହାନ୍ତି । ରୂପଲୋଭୀ କଳିଙ୍ଗସେନା ମଧ୍ୟ ସୋମପ୍ରଭାଠାରୁ ବତ୍ସରାଜଙ୍କ ରୂପର ପ୍ରଶଂସା ଶୁଣି ତାଙ୍କୁ ସ୍ୱୟଂ ବରଣ କରିବା ନିମନ୍ତେ ଅଭିଳାଷ ପୋଷଣ କରୁଅଛି । ତେଣୁ ବିବାହ ପୂର୍ବରୁ ଯଥାଶୀଘ୍ର ତୁ ବତ୍ସରାଜଙ୍କ ଛଦ୍ମବେଶରେ ଯାଇ ତା ସହ ଗାନ୍ଧର୍ବରୀତିରେ ବିବାହ ସମ୍ପାଦନ କର, ଏପରି ଉପାୟରେ ହିଁ କଳିଙ୍ଗସେନାଙ୍କୁ ଲାଭ କରିପାରିବୁ ।' ମହାଦେବଙ୍କଠାରୁ ଆଦେଶ ପ୍ରାପ୍ତ ହୋଇ ମଦନବେଗ କାଳକୂଟ ପର୍ବତରେ ଥିବା ସ୍ୱବାସଭବନକୁ ପ୍ରତ୍ୟାବର୍ତ୍ତନ କଲେ ।

ଏ ମଧ୍ୟରେ ବାୟୁଚକ୍ର ପ୍ରଧାନ ଯାନ ଆରୋହଣ କରି ସୋମପ୍ରଭା ପ୍ରତ୍ୟହ କଳିଙ୍ଗସେନାଙ୍କ ଗୃହକୁ ପ୍ରାତଃକାଳରେ ଆସି ସନ୍ଧ୍ୟାରେ ଫେରିଯାଉଥାଆନ୍ତି । ଏକଦା କଳିଙ୍ଗସେନା ଏକାନ୍ତରେ ସୋମପ୍ରଭାଙ୍କୁ କହିଲେ, 'ସଖି, ମୁଁ ଆଜ ତୁମକୁ ଏକ ଅତି ଗୋପନୀୟ କଥା କହିବି, ତୁମେ କାହା ନିକଟରେ ତାହା ପ୍ରକାଶ କରିବ ନାହିଁ । ମୁଁ ଶୁଣିଲି ଯେ ମୋର ବିବାହ ସମୟ ଉପସ୍ଥିତ ହେବାରୁ ବିଭିନ୍ନ ରାଜ୍ୟରୁ ରାଜାମାନେ ମୋ ନିମନ୍ତେ ଦୂତ ପ୍ରେରଣ କରୁଅଛନ୍ତି । କିନ୍ତୁ ପିତା ସେ ସମସ୍ତଙ୍କୁ ଫେରାଇ ଦେଉଛନ୍ତି । କେବଳ ଶ୍ରାବସ୍ତୀ ନଗରୀର ନରପତି ପ୍ରସେନଜିତ୍‌ଙ୍କ ଦୂତ ପିତାଙ୍କଦ୍ୱାରା ବିଶେଷରୂପେ ସତ୍କୃତ ହୋଇଅଛି । ସେ ଉଚ୍ଚକୁଳଜାତ ହୋଇଥିବା ଯୋଗୁଁ ପିତାମାତା ଉଭୟେ ମୋତେ ତାଙ୍କ ହସ୍ତରେ ଅର୍ପଣ କରିବା ନିମିତ୍ତ ସମ୍ମତି ପ୍ରଦାନ କରିଛନ୍ତି । ପାଣ୍ଡବ ଓ କୌରବମାନଙ୍କର ପିତାମହୀ ଅମ୍ବା, ଅମ୍ବାଳିକା ଯେଉଁ ବଂଶରେ ଜନ୍ମଗ୍ରହଣ କରିଥିଲେ, ସେ ମଧ୍ୟ ସେହି ବଂଶରେ ଜାତ ହୋଇଛନ୍ତି । ତେଣୁ ମୋତେ ପିତା ତାଙ୍କ ହସ୍ତରେ ଅର୍ପଣ କରିବା ପାଇଁ ନିଷ୍ପତ୍ତି କରିଛନ୍ତି ।

ଏହା ଶୁଣି ସୋମପ୍ରଭା ଅଶ୍ରୁଳ ନୟନରେ କଳିଙ୍ଗସେନାଙ୍କୁ କେବଳ ଚାହିଁ ରହିଲେ । କଳିଙ୍ଗସେନା ନିଜର ପ୍ରାଣପ୍ରିୟା ସଖୀଙ୍କର ରୋଦନର କାରଣ

Digitized by srujanika@gmail.com

ଜିଜ୍ଞାସା କରନ୍ତେ ସେ କହିଲେ, 'ବରପାତ୍ରଠାରେ ବୟସ, ରୂପ, ବଂଶ, ଚରିତ୍ର, ବିତ୍ତ ପ୍ରଭୃତି ଯାହା ଆବଶ୍ୟକ ତା ମଧ୍ୟରୁ ବୟସ ହେଉଛି ସର୍ବପ୍ରଥମ । ରୂପ ପ୍ରଭୃତି ତା' ପରେ । ପ୍ରସେନଜିତ୍‌ଙ୍କୁ ମୁଁ ଦେଖିଛି । ସେ ବୃଦ୍ଧ । ମ୍ଳାନୀଭୂତ ଜାତିପୁଷ୍ପତୁଲ୍ୟ ଏହି ବୃଦ୍ଧଙ୍କର ଜାତି ବା ବଂଶରେ ତୁମର କଣ ଆବଶ୍ୟକ ? ତୁଷାରଧବଳ ଏହି ବୃଦ୍ଧ ସମ୍ମୁଖରେ ଶୋକମୁଖୀ କଳିଙ୍ଗସେନା ତୁଷାରପାତ-ଦ୍ୱାରା ବିନଷ୍ଟ ଶିଶିର ଋତୁର ପଦ୍ମପୁଷ୍ପ ତୁଲ୍ୟ ଶୋଭା ପାଇବ । ତେଣୁ ମୋ ମନରେ ଗଭୀର ଦୁଃଖ ଜାତ ହେଉଅଛି । ଆନନ୍ଦ ସେତେବେଳେ ଲାଭ କରିବ ଯେତେବେଳେ ବତ୍ସରାଜ ଉଦୟନ ତୁମର ବରପାତ୍ର ରୂପେ ନିମନ୍ତ୍ରିତ ହୋଇ ଆସିବେ । ରୂପରେ, ଲାବଣ୍ୟରେ, କୁଳୀନତାରେ, ଐଶ୍ୱର୍ଯ୍ୟରେ ଏବଂ ଶୌର୍ଯ୍ୟରେ ତାଙ୍କ ତୁଲ୍ୟ ଦ୍ୱିତୀୟ ନରପତି ପୃଥିବୀରେ ବିରଳ । ତେଣୁ ହେ କୃଶୋଦରି ! ଯଦି ତୁମେ ତୁମର ଅନୁରୂପ ଏହି ଉଦୟନଙ୍କ ସହ ଯୁକ୍ତ ହେବ ତାହାହେଲେ ବିଧାତା ତୁମଠାରେ ଯେଉଁ ସୌନ୍ଦର୍ଯ୍ୟ ସୃଷ୍ଟି କରିଛି, ତାହା ସାର୍ଥକ ହେବ ।'

ସଖୀଠାରୁ ଏପ୍ରକାର ବର୍ଣ୍ଣନା ଶୁଣି କଳିଙ୍ଗସେନାଙ୍କ କୋମଳ ଚିତ୍ତ ବତ୍ସରାଜଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଲା । ବତ୍ସରାଜଙ୍କ ନାମ ଉଦୟନ କାହିଁକି ହେଲା ଏବଂ କେଉଁ ବଂଶରେ ତାଙ୍କର ଜନ୍ମ ପ୍ରଭୃତି ଜାଣିବା ନିମନ୍ତେ ସେ ଉତ୍କଣ୍ଠା ପ୍ରକାଶ କରିବାରୁ ସୋମପ୍ରଭା ବତ୍ସରାଜ ଉଦୟନଙ୍କ ପରିଚୟ ଦେବାକୁ ଯାଇ କହିଲେ—

'ପୃଥିବୀର ଭୂଷଣ ସ୍ୱରୂପ ବତ୍ସ ବୋଲି ଗୋଟିଏ ଦେଶ ଅଛି । ଦ୍ୱିତୀୟ ଇନ୍ଦ୍ରପୁରୀରୂପେ ଶୋଭା ପାଉଥିବା କୌଶାମ୍ବୀ ଏହାର ରାଜଧାନୀ । ଏହି ନଗରରେ ବତ୍ସେଶ୍ୱର ରାଜତ୍ୱ କରନ୍ତି । ବର୍ତ୍ତମାନ ତାଙ୍କ ବଂଶଗୌରବ ସମ୍ପର୍କରେ ଶ୍ରବଣ କର ।

'ପାଣ୍ଡୁଙ୍କର ପୁତ୍ର ଅର୍ଜୁନଙ୍କର ଅଭିମନ୍ୟୁ ନାମରେ ଜଣେ ପୁତ୍ର ଥିଲେ । ଚକ୍ରବ୍ୟୂହ ଭେଦପୂର୍ବକ ସେ କୌରବ ସେନା ସଂହାର କରି ଆଜି ବିଶ୍ୱବିଶ୍ରୁତ । ତାଙ୍କଠାରୁ ପରୀକ୍ଷିତ ନାମରେ ଗୋଟିଏ ପୁତ୍ରସନ୍ତାନ ଜାତ ହୋଇଥିଲା । ସେ ସମଗ୍ର ଭରତବଂଶର ନିୟାମକ ଥିଲେ । ମହାରାଜ

Digitized by srujanika@gmail.com

ପରୀକ୍ଷିତଙ୍କଠାରୁ ସର୍ପସତ୍ରକାରୀ ଜନ୍ମେଜୟଙ୍କର ଉତ୍ପତ୍ତି ହୋଇଥିଲା । ତାଙ୍କ ପୁତ୍ର ଶତାନୀକ କୌଶାମ୍ବୀରେ ନିଜର ରାଜଧାନୀ ସ୍ଥାପନା କରି ଦେବାସୁର ସଂଗ୍ରାମରେ ବହୁ ଦୈତ୍ୟଙ୍କର ପ୍ରାଣ ସଂହାରପୂର୍ବକ ନିଜେ ମଧ୍ୟ ମୃତ୍ୟୁବରଣ କଲେ । ଏହି ଶତାନୀକଙ୍କଠାରୁ ପୃଥିବୀ ପ୍ରସିଦ୍ଧ ସହସ୍ରାନୀକ ଜନ୍ମଗ୍ରହଣ କରି ଇନ୍ଦ୍ରଙ୍କ ରଥରେ ସ୍ୱର୍ଗପୁରକୁ ଯାତାୟାତ କରୁଥିଲେ । ଏହି ସହସ୍ରାନୀକଙ୍କ ପଟ୍ଟମହିଷୀ ମୃଗାବତୀଙ୍କ ଗର୍ଭରୁ ଚନ୍ଦ୍ରବଂଶର ଭୂଷଣ ଏବଂ ଲୋକଲୋଚନରଞ୍ଜନ ରାଜା ଉଦୟନଙ୍କ ଜନ୍ମ ।

'ବର୍ତ୍ତମାନ ଏହାଙ୍କର ନାମ ଉଦୟନ ହେବାର କାରଣ ଶ୍ରବଣ କର ।

'ସହସ୍ରାନୀକଙ୍କ ପଟ୍ଟମହିଷୀ ଏବଂ ଉଦୟନଙ୍କ ମାତା ମୃଗାବତୀ ଗର୍ଭବତୀ ଥିବା ସମୟରେ ରୁଧିର ସରୋବରରେ ସ୍ନାନ କରିବା ନିମନ୍ତେ ତାଙ୍କର ଅଭିଳାଷ ଜାତ ହେଲା । କିନ୍ତୁ ପାପଭୀରୁ ରାଜା ରୁଧିର ପରିବର୍ତ୍ତେ ଲାକ୍ଷା, ଅଲକ୍ତକ ପ୍ରଭୃତିଦ୍ୱାରା ଗୋଟିଏ ପୁଷ୍କରିଣୀର ଜଳ ରକ୍ତବର୍ଣ୍ଣରେ ରଞ୍ଜିତ କଲେ । ଏଠାରେ ସ୍ନାନ କରୁଥିବା ରାଣୀଙ୍କୁ କୌଣସି ପକ୍ଷୀ ମାଂସଖଣ୍ଡ ଭ୍ରମରେ ନେଇ ଉଦୟାଚଳରେ ଜୀବନ୍ତ ଦେଖି ପରିତ୍ୟାଗ କଲା । ସେଠାରେ ମହର୍ଷି ଜମଦଗ୍ନି ତାଙ୍କୁ ପୁନଃ ପତିସମାଗମ ଆଶା ପ୍ରଦାନ କରି ସ୍ୱ ଆଶ୍ରମରେ ଆଶ୍ରୟ ଦେଲେ । ଯଥାସମୟରେ ଏଠାରେ ତାଙ୍କର ଗୋଟିଏ ପୁତ୍ରସନ୍ତାନ ଜାତ ହେଲା । ଅପମାନିତା ତିଲୋତ୍ତମାର ଶାପରେ ଏ ଦୁହେଁ ଏପରି ବିଚ୍ଛେଦ ଦୁଃଖ ଲାଭ କରିଥିଲେ । 'ଏହି ଉଦୟନ ସମଗ୍ର ପୃଥିବୀର ଚକ୍ରବର୍ତ୍ତୀ ହେବ ଏବଂ ସମସ୍ତ ବିଦ୍ୟାଧରମାନଙ୍କର ରାଜା ହେବ' ଜନ୍ମ ସମୟରେ ଏପ୍ରକାର ଦୈବୀବାଣୀ ଶୁଣାଯାଇଥିବାରୁ ନବପ୍ରସୂତ ପୁତ୍ରର ନାମ ଉଦୟନ ରଖାଯାଇଥିଲା ।

'ମାତଲିଙ୍କଠାରୁ ଶାପର ବୃତ୍ତାନ୍ତ ଅବଗତ ହୋଇ ଏବଂ ଶାପର ସମୟ ଅତୀତ ହେଲେ ମୃଗାବତୀଙ୍କ ସହ ପୁନର୍ମିଳନର ଆଶା ପୋଷଣ କରି ରାଜା ସହସ୍ରାନୀକ ଦ୍ୱାଦଶ ବତ୍ସର ଏପରି ବିରହୀ ଜୀବନଯାପନ କରିଥିଲେ । ଶାପର ଅବଧି ଶେଷ ହେବାରୁ ଉଦୟାଚଳରୁ ଆସିଥିବା କୌଣସି ଶବରକୁ ପଥପ୍ରଦର୍ଶକରୂପେ ନେଇ ଏବଂ ଦୈବୀବାଣୀଦ୍ୱାରା ପ୍ରେରିତ ହୋଇ ରାଜା

Digitized by srujanika@gmail.com

ସହସ୍ରାନୀକ ଉଦୟାଚଳରେ ଯାଇ ଉପସ୍ଥିତ ହେଲେ । ସେଠାରୁ ବାଞ୍ଛିତ ସିଦ୍ଧ ରୂପିଣୀ ମୃଗାବତୀ ଏବଂ ମନୋରାଜ୍ୟତୁଲ୍ୟ ପୁତ୍ର ଉଦୟନଙ୍କୁ ଲାଭ କରି ରାଜା କୌଶାମ୍ବୀ ପ୍ରତ୍ୟାବର୍ତ୍ତନ କଲେ ଏବଂ ଉଦୟନଙ୍କ ବୁଦ୍ଧି ଓ ଗୁଣରେ ମୁଗ୍ଧ ହୋଇ ତାଙ୍କୁ ଯୌବରାଜ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିଜର ମନ୍ତ୍ରୀପୁତ୍ର ଯୌଗନ୍ଧରାୟଣ ପ୍ରଭୃତିଙ୍କୁ ତାଙ୍କର ମନ୍ତ୍ରୀପଦରେ ପ୍ରତିଷ୍ଠିତ କଲେ । ଏହିପରି ଭାବରେ ସେ ରାଜ୍ୟଶାସନ ଭାରରୁ ମୁକ୍ତିଲାଭ କରି କିଛି ଦିନ ସାଂସାରିକ ସୁଖ ଉପଭୋଗ କରି ବାର୍ଦ୍ଧକ୍ୟରେ ମହାପ୍ରସ୍ଥାନ ପାଇଁ ପ୍ରୟାଣ କଲେ ।

'ପିତାଙ୍କର ରାଜ୍ୟରେ ନିଜର ବାହୁବଳରେ ବିଜୟ କରିଥିବା ରାଜ୍ୟ ଯୁକ୍ତ କରି ଉଦୟନ ବର୍ତ୍ତମାନ ଯୌଗନ୍ଧରାୟଣ ପ୍ରଭୃତି ମନ୍ତ୍ରୀବୃନ୍ଦଙ୍କ ସହାୟତାରେ ସମଗ୍ର ପୃଥିବୀ ଶାସନ କରୁଛନ୍ତି । ବତ୍ସଦେଶର ଶାସକ ହୋଇ ଥିବାରୁ ବତ୍ସରାଜ, ଚନ୍ଦ୍ରବଂଶରେ ଜନ୍ମଗ୍ରହଣ କରିଥିବାରୁ ସୋମବଂଶୋଦ୍ଭବ, ଉଦୟାଚଳରେ ଜନ୍ମଲାଭ କରିଥିବାରୁ ଉଦୟନ ପ୍ରଭୃତି ନାମରେ ସେ ସୁପରିଚିତ । ସ୍ୱୟଂ କନ୍ଦର୍ପ ମଧ୍ୟ ରୂପ ବିଭବରେ ତାଙ୍କର ପ୍ରତିଦ୍ୱନ୍ଦିତା କରିବା ନିମନ୍ତେ ଅକ୍ଷମ । ତେଣୁ ହେ ତ୍ରୈଲୋକ୍ୟ ସୁନ୍ଦରି ! ସେ ହିଁ ତୁମର ଏକମାତ୍ର ଯୋଗ୍ୟ ପତି । ଚଣ୍ଡମହାସେନଙ୍କ କନ୍ୟା ବାସବଦତ୍ତା ଏହାଙ୍କର ଜ୍ୟେଷ୍ଠା ମହିଷୀ । ସେ ନିଜର ଗୁରୁଜନମାନଙ୍କୁ ପରିତ୍ୟାଗପୂର୍ବକ ଉଦୟନଙ୍କୁ ସ୍ୱୟଂ ବରଣ କରି ଉଷା, ଶକୁନ୍ତଳା ପ୍ରଭୃତି କନ୍ୟାମାନଙ୍କର ଲଜ୍ଜାହରଣ କରି ଅଛନ୍ତି । ଉଦୟନଙ୍କଦ୍ୱାରା ବାସବଦତ୍ତାଙ୍କଠାରୁ ନରବାହନଦତ୍ତ ନାମରେ ଗୋଟିଏ ପୁତ୍ର ଜାତ ହୋଇଅଛି । ସେ ବିଦ୍ୟାଧର-ଚକ୍ରବର୍ତ୍ତୀ ହେବ ବୋଲି ଦୈବବାଣୀ ଶୁଣାଯାଇଛି । ଏଣୁ ଏହି ବାସବଦତ୍ତାଙ୍କ ଭୟରେ ଉଦୟନ ତୁମର ପାଣିପ୍ରାର୍ଥନା କରିପାରୁ ନାହାନ୍ତି । ବାସବଦତ୍ତାଙ୍କୁ ଦେଖିବା ସୁଯୋଗ ମୁଁ ଲାଭ କରିଛି କିନ୍ତୁ ସେ ରୂପଲାବଣ୍ୟରେ ତୁମର ସମକକ୍ଷ ହେବେ ନାହିଁ ।'

ଏହିପରି କହୁଥିବା ସୋମପ୍ରଭାଙ୍କୁ ବତ୍ସରାଜଙ୍କ ପ୍ରତି ଉତ୍ସୁକ କଳିଙ୍ଗ-ସେନା କହିଲେ, 'ମୁଁ ବର୍ତ୍ତମାନ ପିତାମାତାଙ୍କର ଅଧୀନା । ତେଣୁ ସମସ୍ତ ବିଷୟରେ ଜ୍ଞାନଥିବା ଏବଂ ପ୍ରଭାବର ଅଧିକାରିଣୀ ତୁମେ ହିଁ ମୋର ଏକମାତ୍ର ଗତି । କିନ୍ତୁ, 'ଏହା ଦୈବାଧୀନ; ମୁଁ ବା କଣ କରିପାରେ' କହି ସୋମପ୍ରଭା ଗୋଟିଏ ଗଳ୍ପ କହିବା ଆରମ୍ଭ କଲେ—

Digitized by srujanika@gmail.com

ରୂପବତୀ ତେଜସ୍ୱତୀ କଥା

ଅତୀତକାଳରେ ଉଜ୍ଜୟିନୀରେ ବିକ୍ରମସେନ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ତାଙ୍କର ଅସାଧାରଣ ରୂପବତୀ କନ୍ୟା ତେଜସ୍ୱତୀ । ଏହାଙ୍କ ରୂପାଧିକ୍ୟ ଯୋଗୁଁ କୌଣସି ରାଜକୁମାର ଏହାଙ୍କୁ ପତ୍ନୀରୂପରେ ଗ୍ରହଣ କରିବା ନିମନ୍ତେ ସମ୍ମତ ହେଲେ ନାହିଁ । ଏକଦା ସେ ନିଜ ପ୍ରାସାଦ ଉପରେ ବସିଥିବାବେଳେ କୌଣସି ପୁରୁଷ ତାର ଦୃଷ୍ଟିଗୋଚର ହେଲା । ସେ ଏହାର ଅଙ୍ଗସଙ୍ଗ ଲାଭ କରିବା ପାଇଁ ଉତ୍ସୁକ ହୋଇ ନିଜର ସଖୀ ଦ୍ୱାରା ତା' ନିକଟକୁ ବାର୍ତ୍ତା ଦେଲା ଯେ ନିକଟରେ ଥିବା ଶୂନ୍ୟ ଓ ନିର୍ଜନ ମନ୍ଦିର ମଧ୍ୟରେ ସେ ନିଶାର୍ଦ୍ଧରେ ରାଜକୁମାରୀଙ୍କ ପ୍ରତୀକ୍ଷା କରିବ । ଏହାପରେ ଉତ୍କଣ୍ଠିତା ରାଜକୁମାରୀ ସୂର୍ଯ୍ୟଙ୍କୁ ଚାହିଁ ଚାହିଁ ଦିନ ଯାପନ କଲା । ଉକ୍ତ ପୁରୁଷଟି ସଖୀଠାରୁ ସନ୍ଦେଶ ଲାଭ କରି ମଧ୍ୟ ଭୟରେ ପଳାୟନ କଲା । ପ୍ରକୃତରେ ମଣ୍ଡୂକ ପଦ୍ମମଧୁର ସ୍ୱାଦୁ ଜାଣିବା ନିମନ୍ତେ ସମର୍ଥ ନୁହେଁ ।

ରାଜବଂଶରେ ଜନ୍ମଗ୍ରହଣ କରିଥିବା ସୋମଦତ୍ତ ନାମକ କୌଣସି ଯୁବକ ରାଜକୁମାର ପିତାଙ୍କର ମୃତ୍ୟୁ ପରେ ପିତୃ-ମିତ୍ର ବିକ୍ରମସିଂହଙ୍କ ସାକ୍ଷାତ କରିବା ସକାଶେ ଉଜ୍ଜୟିନୀରେ ପହଞ୍ଚିଲା । ସେ ସୁନ୍ଦର ଯୁବକ ଭ୍ରାତା ଓ ବନ୍ଧୁମାନଙ୍କଦ୍ୱାରା ରାଜ୍ୟଚ୍ୟୁତ ହୋଇ ଏକାକୀ ଆସିଥାଏ । ସନ୍ଧ୍ୟା ସମୟରେ ରାଜାଙ୍କ ସହ ସାକ୍ଷାତ କରିବା ଅନୁଚିତ ହେବ ବୋଲି ସେ ଉପରୋକ୍ତ ଶୂନ୍ୟ ଓ ନିର୍ଜନ ମନ୍ଦିର ମଧ୍ୟରେ ଆଶ୍ରୟ ନେଲା । ରାତିର ଦ୍ୱିତୀୟ ପ୍ରହରରେ କାମାସକ୍ତା ରାଜକୁମାରୀ ଏହାକୁ ତାର କାମ୍ୟ ପୁରୁଷ ମନେକରି ନିଜର ପତି ପଦରେ ବରଣ କଲା । ବୁଦ୍ଧିମାନ୍ ରାଜକୁମାର ମଧ୍ୟ ଏହାକୁ ଭାବୀ ରାଜଲକ୍ଷ୍ମୀର ଅଗ୍ରଦୂତୀ ମନେକରି ନିଜର ପରିଚୟ ପ୍ରଦାନ ନକରି ତା'ର ପ୍ରେମାଭିବାଦନ ଗ୍ରହଣ କଲା । ରାଜକୁମାରୀ ଏହାର ପ୍ରକୃତ ପରିଚୟ ଲାଭ କରିବା ପରେ ମଧ୍ୟ ଏଭଳି ସୁନ୍ଦର ରାଜକୁମାରକୁ ପତି ପଦରେ ବରଣ କରିଥିବା ଯୋଗୁଁ ନିଜକୁ ପ୍ରତାରିତ ବୋଲି ମନେ କଲା ନାହିଁ । କିଛି ସମୟ ଏଣୁତେଣୁ କଥୋପକଥନ କରି ରାଜକୁମାରୀ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲା ଏବଂ ରାଜକୁମାର ସେଠାରେ ରାତି ଯାପନ କଲା ।

Digitized by srujanika@gmail.com

ପରଦିନ ପ୍ରତ୍ୟୁଷରୁ ରାଜଭବନକୁ ଯାଇ ରାଜାଙ୍କ ନିକଟରେ ନିଜର ପରିଚୟ ପ୍ରଦାନ କରିବାରୁ ରାଜା ବିକ୍ରମସିଂହ ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରତିଶ୍ରୁତି ଦେଲେ ଏବଂ ନିଜ କନ୍ୟା ତେଜସ୍ୱତୀଙ୍କୁ ତା' ହାତରେ ଅର୍ପଣ କରିବା ନିମନ୍ତେ ମନସ୍ଥ କରି ମନ୍ତ୍ରୀମାନଙ୍କ ସହ ମନ୍ତ୍ରଣା କଲେ । ରାଣୀ ମଧ୍ୟ ରାଜକୁମାରୀଙ୍କ ସହଚରୀମାନଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କରି ରାଜାଙ୍କ କର୍ଣ୍ଣଗୋଚର କରିବାରୁ ରାଜା ଅନଙ୍ଗର ଅସିଦ୍ଧି ଏବଂ ଈଶ୍ବର କାକତାଳୀୟ ନ୍ୟାୟ ଦେଖି ବିସ୍ମିତ ହେଲେ । ଏହି ସମୟରେ ଜଣେ ମନ୍ତ୍ରୀ ରାଜାଙ୍କୁ କହିଲେ, 'ଯେପରି ଚଞ୍ଚଳଚିତ୍ତ ପ୍ରଭୁର ମଙ୍ଗଳ କରିବା ନିମିତ୍ତ ବିଶ୍ୱସ୍ତ ଭୃତ୍ୟମାନେ ସର୍ବଦା ଜାଗ୍ରତ ଥାଆନ୍ତି, ସେହିପରି ଭାଗ୍ୟବାନ୍ ବ୍ୟକ୍ତିମାନଙ୍କୁ କାର୍ଯ୍ୟ-ସିଦ୍ଧିରେ ସାହାଯ୍ୟ କରିବା ପାଇଁ ଦୈବ ବା ବିଧାତା ଜାଗ୍ରତ ଥାଏ । ଏ ସମ୍ପର୍କରେ ମୋର ଗୋଟିଏ ଗଳ୍ପ ସ୍ମରଣ ହେଉଛି—

ବ୍ରାହ୍ମଣ ହରିଶର୍ମା କଥା

କୌଣସି ଗ୍ରାମରେ ହରିଶର୍ମା ନାମରେ ଜଣେ ବ୍ରାହ୍ମଣ ବାସ କରୁଥିଲା । ସେ ଦରିଦ୍ର ଓ ମୂର୍ଖ । ଅନ୍ନ ସଂସ୍ଥାନର ବ୍ୟବସ୍ଥା କରିବାରେ ଅସମର୍ଥ ହୋଇ ସେ ସର୍ବଦା ଦୁଃଖ ଲାଭ କରୁଥିଲା । ଏଥିରେ ପୁଣି ବହୁ ସନ୍ତାନ ଜନ୍ମ ହେବା ଫଳରେ ପୂର୍ବଜନ୍ମକୃତ ପାପ ସେ ଅଧିକ ପରିମାଣରେ ଭୋଗ କରୁଥିଲା ବୋଲି କହିବାକୁ ହେବ ।

ନିଜର ପରିବାର ସହ ଭିକ୍ଷାବୃତ୍ତି କରି ସେ ଜୀବିକା ନିର୍ବାହ କରୁଥାଏ । ଦିନେ ସେ ଅନ୍ୟ ଏକ ନଗରରେ ବାସ କରୁଥିବା ମହାଧନଶାଳୀ ସ୍ଥୂଳଦତ୍ତଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କର ସେବା କରିବା ପାଇଁ ଅନୁମତି ପ୍ରାର୍ଥନା କଲା । ସ୍ଥୂଳଦତ୍ତ ମଧ୍ୟ ଦୟାର୍ଦ୍ରଚିତ୍ତ ହୋଇ ନିଜ ଗୃହ ସମ୍ମୁଖରେ ଥିବା ଅନ୍ୟ ଏକ ଗୃହରେ ତାକୁ ଆଶ୍ରୟ ଦେଲେ ।

କିଛି ଦିନ ପରେ ସ୍ଥୂଳଦତ୍ତଙ୍କ କନ୍ୟା ବୟଃପ୍ରାପ୍ତ ହେବାରୁ ତା'ର ବିବାହ ନିମନ୍ତେ ଆୟୋଜନ କରାଗଲା । ବହୁ ବନ୍ଧୁସ୍ୱଜନ ଆସି ତାଙ୍କ ଗୃହରେ ପୂର୍ଣ୍ଣୀଭୂତ ହେଲେ । ଏସବୁ ଦର୍ଶନ କରି ଦରିଦ୍ର ହରିଶର୍ମା ଉଦରଭୋଜନର

Digitized by srujanika@gmail.com

ସ୍ୱପ୍ନ ଦେଖିବାକୁ ଲାଗିଲା । କିନ୍ତୁ ବରଯାତ୍ରୀ ଆସି ଉପସ୍ଥିତ ହେଲେ, ଉତ୍ସବ ପାଳିତ ହେଲା, ଖାଦ୍ୟପେୟର ସମସ୍ତ ଅଣାତ ହେଲା କିନ୍ତୁ ହରିଶର୍ମାଙ୍କୁ କେହି ସ୍ମରଣ ସୁଦ୍ଧା କଲେ ନାହିଁ । ସମଗ୍ର ଦିବସ ଉପବାସ ରହି ସନ୍ଧ୍ୟାରେ ସେ ଅତି ଦୁଃଖର ସହିତ ନିଜ ସ୍ତ୍ରୀକୁ କହିଲା, 'ଦେଖ୍, ମୂର୍ଖତା ଓ ଦରିଦ୍ରତା ଯୋଗୁଁ ଆଜି ମୁଁ ଏପ୍ରକାର ଅପମାନିତ ହେଲି । ତେଣୁ ମିଥ୍ୟା ପାଣ୍ଡିତ୍ୟ ପ୍ରଦର୍ଶନପୂର୍ବକ ସ୍ଥୂଳଦତ୍ତଙ୍କ ସମ୍ମାନର ପାତ୍ର ହେବା ନିମନ୍ତେ ମୁଁ ଚେଷ୍ଟା କରିବି । ତୁ କେବଳ ମୋର ଅଗାଧ ପାଣ୍ଡିତ୍ୟ କଥା ସୁଯୋଗ ଦେଖି ତାଙ୍କୁ ସୂଚିତ ଦେବୁ ।'

ସ୍ତ୍ରୀକୁ ଏପ୍ରକାର ନିର୍ଦ୍ଦେଶ ପ୍ରଦାନ କରି ହରିଶର୍ମା ଗଭୀର ରାତିରେ ସମସ୍ତେ ନିଦ୍ରାଭିଭୂତ ଥିବା ସମୟରେ ସ୍ଥୂଳଦତ୍ତଙ୍କ ଅଶ୍ୱଟିକୁ ନେଇ ଦୂର ଅରଣ୍ୟ ମଧ୍ୟରେ ବନ୍ଧନ କରିଆସିଲା । ପରଦିନ ପ୍ରତ୍ୟୁଷରୁ ସେବକମାନେ ଅଶ୍ୱଟିକୁ ଯଥାସ୍ଥାନରେ ନଦେଖି ଇତସ୍ତତଃ ଅନୁସନ୍ଧାନ କଲେ । ସ୍ଥୂଳଦତ୍ତ ମଧ୍ୟ ବିବ୍ରତ ହୋଇ ସେବକମାନଙ୍କ ଉପରେ ବିରକ୍ତ ଓ କ୍ରୋଧାନ୍ୱିତ ହେଲେ । ଏହାକୁ ଉପଯୁକ୍ତ ସମୟ ମନେକରି ହରିଶର୍ମାର ଚତୁରା ସ୍ତ୍ରୀ ଯାଇ ତାଙ୍କୁ କହିଲା, 'ଆପଣ ଏପରି ବ୍ୟସ୍ତ ହେବା ଅନୁଚିତ । ମୋର ପତି ଜ୍ୟୋତିଷଶାସ୍ତ୍ର ଅଧ୍ୟୟନ କରିଅଛନ୍ତି । ତାଙ୍କୁ ଏ ସମ୍ପର୍କରେ ଜିଜ୍ଞାସା କଲେ ସେ ଏହାର ସନ୍ଧାନ ପ୍ରଦାନ କରିପାରିବେ ।'

ଏହା ଶୁଣି ସ୍ଥୂଳଦତ୍ତ ହରିଶର୍ମାଙ୍କୁ ସାଦରେ ସ୍ୱାଗତ କରି ପୂର୍ବଦିନର ବିସ୍ମୃତି ପାଇଁ କ୍ଷମା ପ୍ରାର୍ଥନାପୂର୍ବକ ଅଶ୍ୱଟିର ସନ୍ଧାନ ଦେବା ନିମନ୍ତେ ଅନୁରୋଧ କଲେ । ବ୍ରାହ୍ମଣ ମଧ୍ୟ ଅତି ଗମ୍ଭୀର ଭାବରେ ଭୂମି ଉପରେ ମିଥ୍ୟା ରେଖାଗୁଡ଼ିଏ ଟାଣି କହିଲା ଏଠାରୁ ଦକ୍ଷିଣରେ ଦସ୍ୟୁମାନେ ଅଶ୍ୱଟିକୁ ଅପହରଣ କରିନେଇ ଅରଣ୍ୟ ମଧ୍ୟରେ ବନ୍ଧନ କରିଅଛନ୍ତି । ସେବକମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ଅଶ୍ୱଟିକୁ ଲାଭକରି ହରିଶର୍ମାର ପାଣ୍ଡିତ୍ୟର ଭୂରି ଭୂରି ପ୍ରଶଂସା କଲେ ଏବଂ ସ୍ଥୂଳଦତ୍ତ ମଧ୍ୟ ତାକୁ ସମ୍ମାନ ପ୍ରଦର୍ଶନ କରିବାକୁ ଲାଗିଲେ । କ୍ରମେ କ୍ରମେ ସେ ସମଗ୍ର ରାଜ୍ୟରେ ପ୍ରସିଦ୍ଧି ଲାଭକରି ଆନନ୍ଦରେ ଜୀବନ ଯାପନ କଲା ।

Digitized by srujanika@gmail.com

କିଛି ଦିନ ପରେ ରାଜପ୍ରାସାଦରୁ ବହୁ ଧନରତ୍ନ ଅପହୃତ ହେଲା । କିନ୍ତୁ ଅପହରଣକାରୀମାନଙ୍କର କୌଣସି ସନ୍ଧାନ ନ ମିଳିବାରୁ ରାଜା ପ୍ରସିଦ୍ଧ ଜ୍ୟୋତିଷରୂପେ ବିଖ୍ୟାତ ହରିଶର୍ମାଙ୍କୁ ନିମନ୍ତ୍ରଣ କରି ଏ ସମ୍ପର୍କରେ ଜିଜ୍ଞାସା କଲେ । ହରିଶର୍ମା ହଠାତ୍ ଏପ୍ରକାର ବିପଦର ସମ୍ମୁଖୀନ ହୋଇ କିଂକର୍ତ୍ତବ୍ୟ-ବିମୂଢ଼ ହୋଇପଡ଼ିଲା ଏବଂ ପରଦିନ ପ୍ରଭାତରୁ ଏହାର ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେଲା । ରାଜା ତାକୁ ଗୋଟିଏ ନିର୍ଜନ ଗୃହ ମଧ୍ୟରେ ଆବଦ୍ଧ କରି ରଖି ପ୍ରଭାତର ପ୍ରତୀକ୍ଷା କଲେ ।

ଏଣେ ରାଜପ୍ରାସାଦ ମଧ୍ୟରେ ବାସ କରୁଥିବା ଜିହ୍ୱାନାମ୍ନୀ ଗୋଟିଏ ଦାସୀ ନିଜ ଭ୍ରାତାର ପ୍ରରୋଚନାରେ ଏହି ଧନରତ୍ନ ଅପହରଣ କରିନେଇ ରାଜବାଟୀର ପଶ୍ଚାତ୍‌ଦେଶରେ ଥିବା ଉଦ୍ୟାନ ମଧ୍ୟରେ ଗୁପ୍ତ କରି ରଖିଥାଏ । ସେ ପୂର୍ବରୁ ହରିଶର୍ମାର ଜ୍ଞାନଗରିମା କଥା ଶ୍ରବଣ କରିଥିଲା । ତେଣୁ ନିଜକୃତ ଅପରାଧ ପ୍ରକାଶ ପାଇଯିବା ଭୟରେ ସେ ମଧ୍ୟରାତ୍ରରେ ଆସି ଗୋପନରେ ହରିଶର୍ମାର କାର୍ଯ୍ୟକଳାପ ଦେଖିବାକୁ ଲାଗିଲା । ଏହି ସମୟରେ ହରିଶର୍ମା ନିଜର ମିଥ୍ୟାବାଦିତା ଜିହ୍ୱାକୁ ଧିକ୍କାର କରି କହୁଥାଏ, 'ରେ ଭୋଗଲମ୍ପଟି ଜିହ୍ୱା, ତୁ କାହିଁକି ଏପରି କୁକର୍ମ କରିବାକୁ ଗଲୁ । ବର୍ତ୍ତମାନ ତୋତେ ହିଁ ଏହାର ପ୍ରତିଫଳ ଭୋଗ କରିବାକୁ ପଡ଼ିବ ।' ଏହା ଶୁଣି ଉକ୍ତ ଦାସୀ ନିଜର ଅପରାଧ ପ୍ରକଟିତ ହୋଇଗଲା ଭାବି ହରିଶର୍ମାର ପଦପ୍ରାନ୍ତରେ ବିଲୁଣ୍ଠିତ ହୋଇ ନିଜର ଦୋଷ ସ୍ୱୀକାରପୂର୍ବକ କ୍ଷମା ପ୍ରାର୍ଥନା କଲା ଏବଂ ଗୁପ୍ତସ୍ଥାନର ସନ୍ଧାନ ଦେଲା । ତାର ଏପ୍ରକାର ଭୀତଭାବ ଏବଂ ନିଜର ସୌଭାଗ୍ୟ ପ୍ରଦର୍ଶନ କରି ଗର୍ବୋତ୍‌ଫୁଲ୍ଲ ହରିଶର୍ମା କହିଲା, 'ମୁଁ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ସବୁ ଜ୍ଞାତ ହୋଇପାରେ । ତୋ ନିକଟରେ ଥିବା ସମସ୍ତ ଧନ ମୋତେ ପ୍ରଦାନ କଲେ ମୁଁ ରାଜଦରବାରରେ ତୋର ନାମ ପ୍ରକାଶ କରିବ ନାହିଁ ।'

ଏଥିରେ ସମ୍ମତା ହୋଇ ଜିହ୍ୱା ଚାଲିଯିବା ପରେ ହରିଶର୍ମା ଆନନ୍ଦରେ ରାତି ଯାପନ କରି ପରଦିନ ସୂର୍ଯ୍ୟୋଦୟରେ ହିଁ ଯାଇ ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହେଲା । ଭୂମି ଉପରେ କେତୋଟି ମିଥ୍ୟାରେଖା ପାତ କରି ସେ କହିଲା, 'ଦସ୍ୟୁମାନେ ଅପହୃତ ଧନର କିଛି ଅଂଶ ନେଇ ଦୂରକୁ ଚାଲି

Digitized by srujanika@gmail.com

ଯାଇଛନ୍ତି । ଅବଶିଷ୍ଟ ଉଦ୍ୟାନ ମଧ୍ୟରେ ପ୍ରୋଥିତ ହୋଇ ରହିଛି ।' ରାଜା ଏହାର ସତ୍ୟତା ପରୀକ୍ଷା କରି ହରିଶର୍ମାକୁ ବହୁ ଧନରତ୍ନ, ଗ୍ରାମ, ଛତ୍ର, ଚାମର, ଉପାଧି ପ୍ରଭୃତି ପ୍ରଦାନ କରିବା ନିମନ୍ତେ ଉଦ୍ୟତ ହେଲେ ।

କିନ୍ତୁ ଏ ସମୟରେ ଜଣେ ମନ୍ତ୍ରୀ ରାଜାଙ୍କ କର୍ଣ୍ଣରେ ଧୀରେ ଧୀରେ କହିଲେ ଯେ ଗଭୀର ଶାସ୍ତ୍ରଜ୍ଞାନ ବିନା ଏପ୍ରକାର ବିଦ୍ୟା ସିଦ୍ଧ ହେବା ସମ୍ଭବପର ନୁହେଁ । କିନ୍ତୁ ହରିଶର୍ମା ସେ ପ୍ରକାର ଜ୍ଞାନର ଅଧିକାରୀ ବୋଲି ବିଶ୍ୱାସ ହେଉ ନାହିଁ । ତେଣୁ ସେ ଦସ୍ୟୁଦଳର ଅନ୍ତର୍ଭୁକ୍ତ ହୋଇ ଥାଇପାରେ ବୋଲି ସନ୍ଦେହ ଜାତ ହେଉଅଛି । ଆପଣ ପୁଣି ଥରେ ଏହାକୁ ପରୀକ୍ଷା କରିନେଇ ଉପହାର ପ୍ରଦାନର ବ୍ୟବସ୍ଥା କରନ୍ତୁ । ଏଥିରେ ରାଜା ସମ୍ମତ ହୋଇ ଗୋଟିଏ ନୂତନ ମୃଣ୍ମୟପାତ୍ର ଆଣି ତା ମଧ୍ୟରେ ମଣ୍ଡୁକଟିଏ ସ୍ଥାପନ କଲେ ଏବଂ ହରିଶର୍ମାକୁ ତା ମଧ୍ୟରେ ଥିବା ବସ୍ତୁଟିର ନାମ ପ୍ରକାଶ କରିବା ପାଇଁ ଅନୁରୋଧ କଲେ ।

ହରିଶର୍ମା ନିଜର ବିନାଶକାଳ ଉପସ୍ଥିତ ଜାଣିପାରି ଶୋକାକୁଳ ହୋଇପଡ଼ିଲା । ସମ୍ମୁଖରେ ନିଷ୍ଠୁର ମୃତ୍ୟୁକୁ ଦେଖି ତାର ପିତାଙ୍କ କଥା ସ୍ମରଣ ହେଲା । ପିତା ଶୈଶବରେ ତାକୁ ସ୍ନେହରେ ମଣ୍ଡୁକ ବୋଲି ଡାକୁଥିଲେ । ସେହି କଥା ସ୍ମରଣ କରି ସେ ଦୁଃଖରେ କହିଲା, 'ରେ ମଣ୍ଡୁକ, ତୁ କେତେ ସୁଖରେ ଥିଲୁ । ବର୍ତ୍ତମାନ ଏହି ମୃତ୍ତିକା ଘଟ କେବଳ ତୋର ମୃତ୍ୟୁର କାରଣ ହେଲା ।' ଏହା ଦେଖି ଉପସ୍ଥିତ ଜନତା ବିସ୍ମିତ ହେଲା ଏବଂ ହରିଶର୍ମାର ଜ୍ଞାନଗରିମାର ଭୂରି ପ୍ରଶଂସା କରିବାକୁ ଲାଗିଲା । ରାଜା ହରିଶର୍ମାର ପାଣ୍ଡିତ୍ୟ ଓ ବିଦ୍ୱତ୍ତାରେ ମୁଗ୍ଧୀଭୂତ ହୋଇ ବହୁ ଗ୍ରାମ ଓ ଧନରତ୍ନ ପ୍ରଦାନ କଲେ । ସେହି ଦିନଠାରୁ ମୂର୍ଖ ଓ ଦରିଦ୍ର ବ୍ରାହ୍ମଣ ସେଠାରେ ସାମନ୍ତରାଜା ଭାବରେ ବାସ କରିବାକୁ ଲାଗିଲା । ତେଣୁ କୁହାଯାଇଥାଏ, 'ଇତ୍ଥଂ ଦୈବେନ ସାଧ୍ୟନ୍ତେ ସଦର୍ଥାଃ ଶୁଭକର୍ମଣାମ୍' ଅର୍ଥାତ୍ ସୌଭାଗ୍ୟଶାଳୀମାନଙ୍କର କର୍ମ ବିଧାତାହାରା ଏପରି ସୁସଂସିଦ୍ଧ ହୋଇଥାଏ ।

'ଏଣୁ ବିଧାତା ଏହି ରାଜକୁମାରୀଙ୍କୁ ଉପଯୁକ୍ତ ସୋମଦତ୍ତ ସହ ମିଳିତ କରାଇ ଅଯୋଗ୍ୟ ବ୍ୟକ୍ତିଟିକୁ ପଥରୁ ଦୂରୀଭୂତ କଲା ।' ମନ୍ତ୍ରୀଙ୍କ ମୁଖରୁ

Digitized by srujanika@gmail.com

ଏପ୍ରକାର ଏକୁ ସ୍ତବନ କରି ଯଦା ସୋମଦତ୍ତଙ୍କ ଉପରେ ଶର ବର୍ଷାବୃ ଆରମ୍ଭ କଲେ । ସୋମଦତ୍ତ ଶତାନୀକଙ୍କ ଶରାଘାତରେ ସାତ୍ୟକିଙ୍କରେ ଏଥ୍ ମାନଙ୍କୁ ସହାୟ କରି ଶରର ତୀକ୍ଷ୍ଣ ଶର ମହାଯୁଦ୍ଧରେ ବିଜୟ କଲେ ।

ହେଉ ହେ ଜନମେଜୟ, ଦୈବଯୋଗରେ ଏପରି ସଂଘଟନ ସମ୍ଭବିତ ହୋଇଥାଏ । ବର୍ତ୍ତମାନ ଚକ୍ରେଶ୍ୱରଙ୍କ ପଡ଼ ଭୂମିର ମିଳନ କେବଳ ଦୈବାଧୀନ । ମୋ ଭଳି କ୍ଷୁଦ୍ର ବାଳକ ଏ ସମ୍ପର୍କରେ କଣ ବା କହିପାରେ ?

ସୋମଦତ୍ତଙ୍କଠାରୁ ଏପ୍ରକାର ବଚନ ଶ୍ରବଣ କରି ଜନମେଜୟ ରାଜା ଓ ଋଷି ପରିତୋଷପୂର୍ବକ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସହ ସାକ୍ଷାତ କରିବା ନିମନ୍ତେ ଉତ୍କଣ୍ଠିତ ହୋଇ ଚାଲିଲେ । ସୋମଦତ୍ତ ପୁଷ୍ପାଗମ ଦେଖି ଦୁର୍ବଳଙ୍କୁ ଦୃଷ୍ଟି ଦେବା ନିମନ୍ତେ ପ୍ରଶସ୍ତ ପ୍ରଦାନ କରି ଜଳପାନ ଆୟୋଜନପୂର୍ବକ ଭୁକ୍ତାନ୍ନ ଭୋଜନ କଲେ ।

Digitized by srujanika@gmail.com

ପଞ୍ଚମ ତରଙ୍ଗ

ବତ୍ସରାଜଙ୍କ ଉଦ୍ୟାନର ରଜନୀ ଅତିବାହିତ କଲେ, କଳିଙ୍ଗସେନା ପରଦିନ ପ୍ରଭାତରୁ ସୋମପ୍ରଭା ଆସି ଉପସ୍ଥିତ ହୁଅନ୍ତେ ଏକାନ୍ତରେ ତାଙ୍କୁ କହିଲେ, 'ପ୍ରସେନଜିତ୍‌ଙ୍କ ସହ ମୋର ବିବାହ ସୁନିଶ୍ଚିତ । ନିଜେ ମାତା ତାଙ୍କ ପ୍ରିୟଦାସୀକୁ ଏ ସମ୍ପର୍କରେ କହୁଥିବା ମୁଁ ଶୁଣିପାରିଛି । ପ୍ରସେନଜିତ୍‌ଙ୍କ ରୂପ ତ ତୁମେ ଦେଖିଅଛ । ଏଣେ ତୁମଠାରୁ ବତ୍ସରାଜଙ୍କ ବୃତ୍ତାନ୍ତ ଶୁଣିବା ପରେ ସେ ମୋର କର୍ଣ୍ଣକୁହରର ମଧ୍ୟ ଦେଇ ହୃଦୟରେ ଆସି ପଶିଛନ୍ତି । ତେଣୁ ତୁମେ ଦୟାପୂର୍ବକ ମୋତେ ପ୍ରଥମେ ପ୍ରସେନଜିତ୍‌ଙ୍କ ରୂପ ପ୍ରଦର୍ଶନ କରାଇ ବତ୍ସରାଜଙ୍କ ନିକଟକୁ ନେଇଯାଅ । ମୋର ଅନ୍ୟ ମାତାପିତାଙ୍କଠାରେ କୌଣସି ପ୍ରୟୋଜନ ନାହିଁ ।'

ସୋମପ୍ରଭା ସଖିଙ୍କ ବ୍ୟାକୁଳତା ତଥା ବିରହବେଦନାରେ ସମବେଦନା ପ୍ରକାଶପୂର୍ବକ କହିଲେ,'ଯଦି ଯିବା କଥା ତ' ହେଲେ ବାୟୁଯାନ ଆରୋହଣ-ପୂର୍ବକ କ୍ଷିପ୍ର ଯିବାପାଇଁ ହେବ । ତୁମେ ତୁମ ସହ ସମସ୍ତ ବସନଭୂଷଣ ଓ କେତେକ ବିଶ୍ୱସ୍ତ ପରିଚାରିକା ନେବା ଉଚିତ କାରଣ ବତ୍ସରାଜଙ୍କ ଦର୍ଶନ ଲାଭ ପରେ ପୁଣି ଯେ ତୁମେ ଫେରି ଆସିପାରିବ, ତାହା ସମ୍ଭବପର ବୋଲି ମୋର ମନେ ହେଉନାହିଁ । କିନ୍ତୁ ଗୋଟିଏ କଥା ମୋ ମନରେ ଦୁଃଖଜାତ କରୁଛି । ତାହା ହେଉଛି ମୁଁ ଆଉ ତୁମର ପିତୃଗୃହକୁ ଯା'ଇ ତୁମର ବର୍ଣ୍ଣନ କରିପାରିବି ନାହିଁ ।'

ଏଥିରେ କଳିଙ୍ଗସେନା ଅଶ୍ରୁସଜଳ ନେତ୍ରରେ କହିଲେ, 'ତୁମପରି ପ୍ରିୟସଖିକୁ ଗୋଟିଏ ଦିନ ଦର୍ଶନ ନକରି ମୁଁ ସେଠାରେ ଜୀବନଧାରଣ କରିବା ଅସମ୍ଭବ । ତେଣୁ ତୁମେ କୌଶଳରେ ବତ୍ସରାଜଙ୍କୁ ଏଠାକୁ ନେଇ ଆସିଲେ ଉଭୟଙ୍କର ମଙ୍ଗଳ ସାଧିତ ହେବ । ଉଷାଙ୍କ ନିମନ୍ତେ ତାଙ୍କର ପ୍ରିୟ ସହଚରୀ ଚିତ୍ରଲେଖା ଅନିରୁଦ୍ଧଙ୍କୁ ନେଇ ଆସିଥିବା କଥା ପୁରାଣ ପ୍ରସିଦ୍ଧ ।

Digitized by srujanika@gmail.com

ତୁମେ ତାହା ଅବଗତ ଥିଲେ ହେଁ ପୁଣି ମୁଁ ତୁମର ସ୍ମରଣ କରାଇ ଦେଉଅଛି —

ଉଷା ଓ ଅନିରୁଦ୍ଧ କଥା

ଉଷା ନାମରେ ବାଣାସୁରର ଏକ ରୂପବତୀ କନ୍ୟା ଥିଲେ । ସେ ଭଗବତୀ ଭବାନୀଙ୍କୁ ପତିପ୍ରାପ୍ତି ନିମିତ୍ତ ଉପାସନା କରିବାରୁ ଦେବୀ ପ୍ରସନ୍ନ ହୋଇ କହିଲେ, 'ସ୍ୱପ୍ନରେ ତୁ ଯାହାର ଅଙ୍ଗସଙ୍ଗ ଲାଭ କରିବୁ ସେ ତୋର ପତି ହେବ ।'

କିଛି ଦିନ ପରେ ଉଷା କୌଣସି ଦେବସମ ପୁରୁଷଙ୍କୁ ସ୍ୱପ୍ନରେ ଗାନ୍ଧର୍ବରୀତି ଅନୁଯାୟୀ ବିବାହ କରି ତା ସହିତ ସମ୍ଭୋଗ କଲେ । ପ୍ରଭାତରୁ ଶଯ୍ୟାତ୍ୟାଗ କରି ସେ ନିଜ ଅଙ୍ଗରେ ସମ୍ଭୋଗଚିହ୍ନ ଦେଖି ଏବଂ ଉକ୍ତ ପୁରୁଷଙ୍କୁ ନଦେଖି ଭବାନୀଙ୍କ ବର କଥା ସ୍ମରଣପୂର୍ବକ ବ୍ୟାକୁଳ ହୋଇ ଉଠିଲେ । ସଖୀ ଚିତ୍ରଲେଖା ଏହାର କାରଣ ଜିଜ୍ଞାସା କରନ୍ତେ ସେ ସମସ୍ତ ବୃତ୍ତାନ୍ତ ତା ନିକଟରେ ପ୍ରକାଶ କଲେ କିନ୍ତୁ ତାଙ୍କର ନାମ, ଧାମ ଅଜ୍ଞାତ ଥିବାରୁ ଚିତ୍ରଲେଖା କହିଲା, 'ତୁମେ ଯଦି ଏହାର ପରିଚୟ ପାଇ ନାହିଁ ତା' ହେଲେ ମୁଁ ବର୍ତ୍ତମାନ ପୃଥିବୀର ସମସ୍ତ ସୁନ୍ଦର ଦେବତା, ଅସୁର ଓ ମନୁଷ୍ୟମାନଙ୍କର ଚିତ୍ର ଅଙ୍କନ କରୁଛି. ତୁମେ ତା' ମଧ୍ୟରୁ ତୁମର ସ୍ୱପ୍ନଦୃଷ୍ଟ ପୁରୁଷଟିକୁ ଚିହ୍ନିବା ପାଇଁ ଚେଷ୍ଟାକର ।' ଏହା କହି ସେ ତୁଳିକା ସାହାଯ୍ୟରେ କେତେଗୁଡ଼ିଏ ଚିତ୍ର ଅଙ୍କନ କଲା । ଏହିଗୁଡ଼ିକ ମଧ୍ୟରୁ ଉଷା ଦ୍ୱାରକାପୁର ନିବାସୀ ଯଦୁବଂଶୀୟ ଅନିରୁଦ୍ଧଙ୍କର ଚିତ୍ର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାରୁ ଚିତ୍ରଲେଖା ପୁଣି କହିଲା, 'ସଖି, ତୁମେ ବଡ଼ ଭାଗ୍ୟବତୀ । ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧଙ୍କୁ ତୁମେ ପତିରୂପରେ ପ୍ରାପ୍ତ ହୋଇଅଛ । ସେ ଏଠାରୁ ଷାଠିଏ ସହସ୍ର ଯୋଜନ (୨୦୦, ୦୦୦ କୋଶ) ଦୂରରେ ଅବସ୍ଥାନ କରୁଅଛନ୍ତି ।' ଏହା ଶୁଣି ଉଷାଙ୍କର ଉତ୍କଣ୍ଠା ଅଦ୍ଭୁତ ବୃଦ୍ଧିପ୍ରାପ୍ତ ହେଲା । ସେ 'ଆଜ ହିଁ ଅନିରୁଦ୍ଧଙ୍କର ଶୀତଳ ଅଙ୍କ ଆଶ୍ରୟ ନକଲେ ପ୍ରଚଣ୍ଡ କାମାଗ୍ନିରେ ଦଗ୍ଧୀଭୂତ ହେବି' ବୋଲି ସଖୀ ନିକଟରେ ପ୍ରକାଶ କରିବାରୁ ଚିତ୍ରଲେଖା ତାଙ୍କୁ ଧୈର୍ଯ୍ୟ ପ୍ରଦାନପୂର୍ବକ ଆକାଶମାର୍ଗରେ ଦ୍ୱାରକାପୁର ଅଭିମୁଖରେ ଯାତ୍ରା କଲା ।

Digitized by srujanika@gmail.com

ସମୁଦ୍ର ମଧ୍ୟସ୍ଥିତ ଦ୍ୱାରକାପୁରୀର ଆକାଶସ୍ପର୍ଶୀ ଅଟ୍ଟାଳିକାଗୁଡ଼ିକୁ ଦେଖି ତାର ମନେ ହେଲା ଯେପରି ପୁଣି ସାଗର ମନ୍ଥନ ନିମନ୍ତେ ମନ୍ଦରାଚଳକୁ ଆଣି ସେଠାରେ ସ୍ଥାପିତ କରାଯାଇଅଛି । ଏହି ଆଶ୍ଚର୍ଯ୍ୟଜନକ ପୁରୀ ମଧ୍ୟରେ ପ୍ରବେଶ କରି ଚିତ୍ରଲେଖା ଅନିରୁଦ୍ଧଙ୍କୁ ଶୟିତ ଅବସ୍ଥାରେ ଦେଖିବାକୁ ପାଇଲା । ତାଙ୍କୁ ଜାଗ୍ରତ କରି ସେ ଉଷାର ସ୍ୱପ୍ନବୃତ୍ତାନ୍ତ ଓ ତାଙ୍କ ପ୍ରତି ତାର ଅନୁରାଗ ପ୍ରଭୃତି ପ୍ରକାଶ କରିବାରୁ ଅନିରୁଦ୍ଧ ମଧ୍ୟ ଉଷାଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ଏହାପରେ ଚିତ୍ରଲେଖା ନିଜର ସିଦ୍ଧିବଳରେ ତାଙ୍କ ସହ ଆସି ବାଣାସୁରପୁରରେ ଉପସ୍ଥିତ ହୋଇ ଉଭୟଙ୍କର ମିଳନ ସଙ୍ଘଟିତ କରାଇଲା । ବହୁ ଦିନ ଧରି ଅନିରୁଦ୍ଧ ଓ ଉଷା ଆନନ୍ଦମୟ ଜୀବନ ଉପଭୋଗ କଲାପରେ ଦିନେ ବାଣାସୁର ଏହାର ସୂଚନା ଲାଭକରି ସେମାନଙ୍କ ମିଳନରେ ପ୍ରତିବନ୍ଧକ ସୃଷ୍ଟି କରିବାରୁ ସ୍ୱୟଂ ଶ୍ରୀକୃଷ୍ଣ ଆସି ତାକୁ ଯୁଦ୍ଧରେ ପରାସ୍ତ କଲେ । ଏହାପରି ଦ୍ୱାରକାରେ ଉଷା ଓ ଅନିରୁଦ୍ଧ ଦ୍ୱାରକା ନଗରୀରେ ଶିବ ଓ ପାର୍ବତୀଙ୍କ ତୁଲ୍ୟ ବାସ କରିବାକୁ ଲାଗିଲେ ।

ତେଣୁ ହେ ସଖି ! 'ଚିତ୍ରଲେଖା ଯେପରି ତାର ପ୍ରିୟ ସଖୀ ପାଇଁ ଅନିରୁଦ୍ଧଙ୍କୁ ଗୋପନରେ ହରଣ କରି ଆଣିଥିଲା, ତୁମେ ସେପରି ବତ୍ସରାଜଙ୍କୁ ନେଇ ଆସିଲେ କଣ ହେବ ନାହିଁ ?' କିନ୍ତୁ ସୋମପ୍ରଭା ଏହା ଶୁଣି କହିଲେ. 'ସେହି ଚିତ୍ରଲେଖା ଦେବସ୍ତ୍ରୀ ବୋଲି ଅନ୍ୟ ପୁରୁଷକୁ ଉଠାଇ ଆଣିପାରିଥିଲା କିନ୍ତୁ ପରପୁରୁଷକୁ ସ୍ପର୍ଶ କରିବା ଯେତେବେଳେ ମୋ ପକ୍ଷରେ ଅସମ୍ଭବ, ସେତେବେଳେ ମୁଁ ଏ କାର୍ଯ୍ୟ କିପରି ସାଧିତ କରିପାରିବି । ତେଣୁ ତୁମକୁ ହିଁ ବତ୍ସରାଜଙ୍କ ନିକଟରେ ନେଇ ପହଞ୍ଚାଇ ଦେବି ଏବଂ ପଥ ମଧ୍ୟରେ ପ୍ରସେନଜିତ୍‌ଙ୍କୁ ମଧ୍ୟ ଦର୍ଶନ କରାଇଦେବି ।'

କଳିଙ୍ଗସେନାଙ୍କ କୌଶାମ୍ବୀ ଯାତ୍ରା

ସୋମପ୍ରଭାଙ୍କର ଏପ୍ରକାର ବାକ୍ୟବିନ୍ୟାସ ଶୁଣି କଳିଙ୍ଗସେନା ନିଜର ବସନଭୂଷଣ ଓ କେତେ ଜଣ ବିଶ୍ୱସ୍ତ ଅନୁଚରଙ୍କ ସହ ଯନ୍ତ୍ରଯାନରେ ଆରୋହଣ କରି ପିତାମାତାଙ୍କ ଅଜ୍ଞାତସାରରେ ଉଜ୍ଜୟିନୀ ଅଭିମୁଖରେ ପ୍ରିୟସଖୀ ସହ ଯାତ୍ରା କଲେ । ପ୍ରକୃତରେ କାମବାଣ ପ୍ରପୀଡ଼ିତା ନାରୀମାନେ ଦୋଷାଦୋଷ ବା କର୍ତ୍ତବ୍ୟାକର୍ତ୍ତବ୍ୟ ବାରିପାରନ୍ତି ନାହିଁ ।

Digitized by srujanika@gmail.com

ପ୍ରଥମେ ସେମାନେ ଶ୍ରାବସ୍ତୀ ନଗରୀରେ ଆସି ଉପସ୍ଥିତ ହେଲେ । ସେତେବେଳେ ବୃଦ୍ଧ ପ୍ରସେନଜିତ୍ ମୃଗୟା ନିମନ୍ତେ ଅନୁଚରମାନଙ୍କ ସହ ରାଜପ୍ରାସାଦରୁ ନିର୍ଗତ ହେଉଥାଆନ୍ତି । ତାଙ୍କର ଉଭୟ ପାର୍ଶ୍ୱରେ ଚାମର ବ୍ୟଜନ ହେଉଥାଏ । ଏହା ଦେଖି କଳିଙ୍ଗସେନାଙ୍କର ମନେ ହେଲା, ଏହି ଚାମରଗୁଡ଼ିକ ତାଙ୍କୁ ପ୍ରସେନଜିତ୍‌ଙ୍କଠାରୁ ଦୂରରେ ରହିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରୁଅଛନ୍ତି । ସୋମପ୍ରଭା କୌତୁକରେ କଳିଙ୍ଗସେନାଙ୍କ ସହ ପ୍ରସେନଜିତ୍‌ଙ୍କର ପରିଚୟ କରାଇ ଦେବାରୁ ସେ ଶୀଘ୍ର ତାଙ୍କୁ ସେଠାରୁ ନେଇ ଚାଲିଯିବା ନିମନ୍ତେ ଅନୁରୋଧ କଲେ ।

ଏଠାରୁ କୌଶାମ୍ବୀ ଅଭିମୁଖରେ ଅଗ୍ରସର ହୋଇ ଏମାନେ ଏକ ଉଦ୍ୟାନ ମଧ୍ୟରେ ବତ୍ସରାଜଙ୍କୁ ଦର୍ଶନ କଲେ । ଚକୋର ପୂର୍ଣ୍ଣଚନ୍ଦ୍ର ଦର୍ଶନ କରିବା ପରି ସୋମପ୍ରଭାଙ୍କଠାରୁ ସୂଚନା ଲାଭକରି କଳିଙ୍ଗସେନା ଉଦୟନଙ୍କ ରୂପଶୋଭା ଦର୍ଶନ କଲେ । ତାଙ୍କର ମନେ ହେଲା ବତ୍ସରାଜ ଯେପରି ଚକ୍ଷୁ ମାଧ୍ୟମରେ ଆସି ତାଙ୍କ ହୃଦୟର ଗଭୀରତମ ପ୍ରଦେଶରେ ପଶିଯାଇଛନ୍ତି । ଆବେଗ ଓ ଉତ୍କଣ୍ଠାପୂର୍ଣ୍ଣ କଣ୍ଠରେ ସେ ସୋମପ୍ରଭାଙ୍କୁ କହିଲେ, ଯେ କୌଣସି ଉପାୟରେ ସଙ୍ଗେ ସଙ୍ଗେ ବତ୍ସରାଜଙ୍କ ସହ ତାଙ୍କର ମିଳନ ନ ହେଲେ ସେ ଅଧିକ ସମୟ ଜୀବନ ଧାରଣ କରି ରହିପାରିବେ ନାହିଁ । ତାଙ୍କର ଏ ପ୍ରକାର ଉତ୍କଣ୍ଠା ଦେଖି ସୋମପ୍ରଭା ପ୍ରିୟସଖୀଙ୍କର ମଙ୍ଗଳ କାମନା କରି କହିଲେ, 'କେତେଗୁଡ଼ିଏ ଅଶୁଭ ଶକୁନ ଦେଖି ମୁଁ ମନେ କରୁଛି, ଆଜ ତୁମେ ଉଦୟନଙ୍କ ସହ ସାକ୍ଷାତ କରିବା କିମ୍ବା ତାଙ୍କ ନିକଟରେ ପ୍ରଣୟ ନିବେଦନ କରିବା ଉଚିତ ହେବନାହିଁ । ତୁମେ ଏହି ଉଦ୍ୟାନ ମଧ୍ୟରେ ଗୁପ୍ତଭାବରେ ଆଜ ଅପେକ୍ଷା କର । ଏହି ସ୍ଥାନରୁ ଯେପରି ଦୂରକୁ ଯିବାଆସିବା ନିମନ୍ତେ ଚେଷ୍ଟା ନ କର । କାଲି ପ୍ରତ୍ୟୁଷରୁ ମୁଁ ତୁମ ଦୁହିଙ୍କର ମିଳନ ସଙ୍ଘଟିତ କରାଇବା ନିମନ୍ତେ କିଛି ଉପାୟ ଉଦ୍‌ଭାବନ କରିବି । ବର୍ତ୍ତମାନ ପାଇଁ ମୁଁ ବିଦାୟ ନେଉଛି ।' ଏହା କହି ସେ ପ୍ରସ୍ଥାନ କଲେ ।

ସୋମପ୍ରଭା ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇଯିବାପରେ, ଉଦୟନ ମଧ୍ୟ ପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କଲେ । କଳିଙ୍ଗସେନା ସେଠାରେ ଏକାକିନୀ ରହିବା ଫଳରେ ଅଧିକ ସମୟ ଧୈର୍ଯ୍ୟ ରକ୍ଷା କରିବା ନିମନ୍ତେ ଅସମର୍ଥ ହେଲେ ।

Digitized by srujanika@gmail.com

ସଖୀଙ୍କ ମଙ୍ଗଳମୟ ନିର୍ଦ୍ଦେଶ ବିସ୍ମୃତ ହୋଇ ପ୍ରିୟମିଳନୋତ୍ସୁକା କଳିଙ୍ଗସେନା ଦୂତୀହସ୍ତରେ ଉଦୟନଙ୍କଠାରେ ଆତ୍ମ ନିବେଦନ କଲେ । ସେ ଯାଇ ଉଦୟନଙ୍କୁ କହିଲି, 'ମହାରାଜ ! ତକ୍ଷଶିଳାର ନରପତି କଳିଙ୍ଗଦତ୍ତଙ୍କ କନ୍ୟା କଳିଙ୍ଗସେନା ଆପଣଙ୍କ ରୂପ ଓ ଗୁଣରେ ମୁଗ୍ଧ ହୋଇ ଆପଣଙ୍କୁ ସ୍ୱୟଂ ବରଣ କରିବା ନିମନ୍ତେ ଏଠାରେ ଆସି ଉପସ୍ଥିତ ହୋଇଅଛନ୍ତି । ମୟାସୁରଙ୍କ ଆକାଶଗାମିନୀ କନ୍ୟା ଓ ନଳକୁବେରଙ୍କ ସ୍ତ୍ରୀ ସୋମପ୍ରଭା ତାଙ୍କୁ ଆଣି ଏଠାରେ ପହଞ୍ଚାଇଛନ୍ତି । ଆପଣ ତାଙ୍କୁ ସ୍ୱୀକାର କରିବେ ବୋଲି ସେ ମୋଦ୍ୱାରା ଆପଣଙ୍କୁ ଅନୁରୋଧ ଜଣାଇଅଛନ୍ତି । ଆପଣମାନଙ୍କର ମିଳନ ଚନ୍ଦ୍ର ଓ ଚନ୍ଦ୍ରିକାର ମିଳନତୁଲ୍ୟ ଆନନ୍ଦପ୍ରଦ ହେବ ।'

ଦୂତୀଠାରୁ ଏହା ଶୁଣି ସେ ତାକୁ ବହୁ ଧନରତ୍ନ ପ୍ରଦାନପୂର୍ବକ ସନ୍ତୁଷ୍ଟ କରି ପ୍ରହୃଷ୍ଟଚିତ୍ତରେ ଯୌଗନ୍ଧରାୟଣଙ୍କୁ ଡାକି କହିଲେ, 'କଳିଙ୍ଗଦତ୍ତଙ୍କର ଅନନ୍ୟସୁନ୍ଦରୀ କନ୍ୟା କଳିଙ୍ଗସେନା ମୋତେ ସ୍ୱୟଂ ବରଣ କରିବା ନିମନ୍ତେ ଆସି ଏଠାରେ ଉପସ୍ଥିତ ହୋଇଅଛନ୍ତି । ତେଣୁ ଏହାଙ୍କ ସହ ମୋର ପରିଣୟ ଯେପରି ଶୀଘ୍ର ସମ୍ପନ୍ନ ହେବ ତା'ର ବ୍ୟବସ୍ଥା କର ।'

ଯୌଗନ୍ଧରାୟଣଙ୍କ ରାଜନୈତିକ ଚକ୍ରାନ୍ତ

ରାଜାଙ୍କଠାରୁ ଏହା ଶୁଣି ମଙ୍ଗଳାକାଂକ୍ଷୀ ଯୌଗନ୍ଧରାୟଣ ମୁହୂର୍ତ୍ତିକ ପାଇଁ ଚିନ୍ତାକଲେ, 'କଳିଙ୍ଗସେନା ତ୍ରୈଲୋକ୍ୟ ସୁନ୍ଦରୀ । ରୂପରେ ଏହାଙ୍କର ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ବର୍ତ୍ତମାନ ସମଗ୍ର ପୃଥିବୀରେ ଆଉ କେହି ନାହାନ୍ତି । ତାଙ୍କୁ ଲାଭ କରିବା ନିମନ୍ତେ ସ୍ୱର୍ଗର ଦେବତାମାନେ ମଧ୍ୟ ଲାଳାୟିତ । ଉଦୟନ କଳିଙ୍ଗସେନାଙ୍କର ପାଣିଗ୍ରହଣ କଲେ ଅନ୍ୟ ସମସ୍ତ ଚିନ୍ତା ବିସ୍ମୃତ ହୋଇ ତାଙ୍କ ସହ କେବଳ ଦିନ ଯାପନ କରିବେ । ଏଥିରେ ବାସବଦତ୍ତା ମଧ୍ୟ ପ୍ରାଣ ବିସର୍ଜ୍ଜନ କରିଦେଇପାରନ୍ତି । ଫଳରେ ନରବାହନଦତ୍ତଙ୍କର ଭବିଷ୍ୟତ ଜୀବନ ଅନ୍ଧକାରାଚ୍ଛନ୍ନ ହୋଇପଡ଼ିବ ଏବଂ ରାଣୀ ପଦ୍ମାବତୀଙ୍କ ଜୀବନ ମଧ୍ୟ ଦୁର୍ବିସହ ହୋଇଉଠିବ । ଏହି ଉଭୟ ରାଣୀଙ୍କର ମୃତ୍ୟୁରେ ଏମାନଙ୍କର ପିତା ଚଣ୍ଡମହାସେନ ଓ ପ୍ରଦ୍ୟୋତ ମଧ୍ୟ ଶତ୍ରୁତା ଆଚରଣ କରିବେ ।

Digitized by srujanika@gmail.com

ଏହିପରି ଭାବରେ ଉଦୟନଙ୍କର ସର୍ବନାଶ ଉପସ୍ଥିତ ହେବ । ଏଣେ ଏହି ବ୍ୟସନୀ ରାଜାଙ୍କୁ ବିବାହ ନିମନ୍ତେ ମଧ୍ୟ ବାରଣ କରିବା ଉଚିତ ହେବନାହିଁ । ବାରଣ କଲେ ଏପ୍ରକାର ବ୍ୟକ୍ତିମାନଙ୍କର ବ୍ୟସନ ଆକାଂକ୍ଷା ବୃଦ୍ଧିପ୍ରାପ୍ତ ହୋଇଥାଏ । ତେଣୁ ଚିନ୍ତା କରିବା ଛଳରେ କିଛି ବିଳମ୍ବ ଘଟାଇବା ହିଁ ମୋ ପକ୍ଷରେ ବୁଦ୍ଧିମାନ୍‌ର କାର୍ଯ୍ୟ ହେବ ।' ଏପରି ନିଶ୍ଚୟ କରି ଯୌଗନ୍ଧରାୟଣ କହିଲେ—

'ମହାରାଜ ! ଆପଣ ପ୍ରକୃତରେ ମହା ଭାଗ୍ୟବାନ୍ । ନଚେତ୍ ଗୃହରେ ବସି କଳିଙ୍ଗସେନାଙ୍କ ତୁଲ୍ୟ ଅନୁପମ ସୁନ୍ଦରୀ କନ୍ୟାଲାଭ କରିବା ଆଉ କାହା ପକ୍ଷରେ ସମ୍ଭବ ହେବ ! ଏହାଦ୍ୱାରା କଳିଙ୍ଗଦତ୍ତ ମଧ୍ୟ ଆପଣଙ୍କର ବଶତା ସ୍ୱୀକାର କରିବେ । ତେଣୁ ଏ ସୁଯୋଗ ପରିତ୍ୟାଗ କରିବା ଆଦୌ ଉଚିତ ହେବ ନାହିଁ । ସେ ଏକ କୁଳୀନ ରାଜକନ୍ୟା ହୋଇଥିବା ଯୋଗୁଁ ରାଜ-ଜ୍ୟୋତିଷୀମାନଙ୍କ ଦ୍ୱାରା ଶୁଭଲଗ୍ନ ନିର୍ଣ୍ଣୟ କରି ତାଙ୍କର ପାଣିଗ୍ରହଣ କରନ୍ତୁ । ବର୍ତ୍ତମାନ ତାଙ୍କ ପାଇଁ ଉପଯୁକ୍ତ ବାସଭବନ, ଦାସଦାସୀ ଏବଂ ବସନ ଭୂଷଣର ବ୍ୟବସ୍ଥା କରି ସତ୍କାର କରନ୍ତୁ ।' ଏଥିରେ ଉଦୟନ ପ୍ରୀତ ହୋଇ କଳିଙ୍ଗସେନାଙ୍କର ସମସ୍ତ ସୁବିଧା କରିଦେଲେ । ରାଜକୁମାରୀ ମଧ୍ୟ ନିଜର ମନୋରଥ ସିଦ୍ଧ ହୋଇଥିବା ଦେଖି ପ୍ରୀତ ହେଲେ ।

ଚତୁର ଯୌଗନ୍ଧରାୟଣ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ଚିନ୍ତା କଲେ, 'କାଳହରଣ କରିବା ହିଁ ଅଶୁଭକାର୍ଯ୍ୟର ଶ୍ରେଷ୍ଠ ପ୍ରତିକାର । (ପ୍ରାପ୍ତସ୍ୟାଶୁଭସ୍ୟ କାର୍ଯ୍ୟସ୍ୟ କାଳହାରଃ ପ୍ରତିକ୍ରିୟା) ପୂର୍ବେ ବ୍ରହ୍ମହତ୍ୟା ଭୟରେ ଦେବରାଜ ଇନ୍ଦ୍ର ସ୍ୱର୍ଗପୁର ପରିତ୍ୟାଗପୂର୍ବକ ପଳାୟନ କରିବାରୁ ନହୁଷ ଇନ୍ଦ୍ରପଦ ପ୍ରାପ୍ତ ହୋଇ ଶଚୀଙ୍କୁ ଲାଭ କରିବା ନିମନ୍ତେ ଚେଷ୍ଟା କରିଥିଲେ । ସେତେବେଳେ ଶଚୀ ବୃହସ୍ପତିଙ୍କ ଶରଣାପନ୍ନ ହେବାରୁ ସେ ଏହି କାଳହରଣ ଉପାୟରେ ତାଙ୍କୁ ରକ୍ଷା କରିଥିଲେ । କିଛି ଦିନ ପରେ ନହୁଷ ବ୍ରାହ୍ମଣମାନଙ୍କ ଶାପରେ ସ୍ୱର୍ଗରାଜ୍ୟରୁ ଭ୍ରଷ୍ଟ ହେବାରୁ ଇନ୍ଦ୍ର ପୁଣି ସ୍ୱର୍ଗପୁରର ରାଜତ୍ୱ ଗ୍ରହଣ କରିପାରିଥିଲେ । ମୋତେ ମଧ୍ୟ ଏହି ଉପାୟରେ ହିଁ ଉଦୟନଙ୍କଠାରୁ କଳିଙ୍ଗସେନାଙ୍କୁ ଦୂରରେ ରଖିବାକୁ ହେବ ।'

Digitized by srujanika@gmail.com

ଏପ୍ରକାର ନିଷ୍ପତ୍ତି କରି ଯୌଗନ୍ଧରାୟଣ ସମସ୍ତ ଜ୍ୟୋତିର୍ବିଦମାନଙ୍କ ସହ ମନ୍ତ୍ରଣା କରି ବହୁ ଦିନ ପରେ ଏକ ଶୁଭମୁହୂର୍ତ୍ତ ନିର୍ଣ୍ଣୟ କରିବା ପାଇଁ ପରାମର୍ଶ ଦେଲେ । ଏହି ସମୟରେ ବାସବଦତ୍ତା, କଳିଙ୍ଗସେନାଙ୍କ ଆଗମନ ବୃତ୍ତାନ୍ତ ଶ୍ରବଣରେ ବିବ୍ରତା ହୋଇ ଯୌଗନ୍ଧରାୟଣଙ୍କୁ ଆହ୍ୱାନ କରି ଆଣିଲେ । ସେ ଅନ୍ତଃପୁର ମଧ୍ୟରେ ପ୍ରବେଶ କରନ୍ତେ ରୋରୁଦ୍ୟମାନା ମହାରାଣୀ ବାଷ୍ପାକୁଳ କଣ୍ଠରେ ତାଙ୍କୁ କହିଲେ, 'ଆର୍ଯ୍ୟ ! ଆପଣଙ୍କ ଜୀବିତାବସ୍ଥାରେ ପଦ୍ମାବତୀଙ୍କ ବ୍ୟତୀତ ମୋର ଦ୍ୱିତୀୟ ସପତ୍ନୀ ଆଉ ଆସିବ ନାହିଁ ବୋଲି ଆପଣ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଦେଖନ୍ତୁ, ଆଜି ଉଦୟନଙ୍କ ସହ କଳିଙ୍ଗସେନାଙ୍କର ସହ ବିବାହ ସଂପନ୍ନ ହେଉଅଛି । ସେ ଅତ୍ୟନ୍ତ ରୂପବତୀ ଏବଂ ରାଜା ତା' ପ୍ରତି ଏକାନ୍ତ ଆସକ୍ତ । ଆପଣ ପ୍ରତିଜ୍ଞା ପାଳନରେ ଅକ୍ଷମ ହେଲେ । ତେଣୁ ମୁଁ ମଧ୍ୟ ବର୍ତ୍ତମାନ ଅଧିକ ସମୟ ଜୀବନ ଧାରଣ କରିବାପାଇଁ ଅକ୍ଷମ ।'

ମହାରାଣୀ ବାସବଦତ୍ତାଙ୍କର ଦୁଃଖରେ ସହାନୁଭୂତି ପ୍ରକାଶ କରି ଯୌଗନ୍ଧରାୟଣ କହିଲେ, 'ଦେବି ! ଆପଣ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ । ମୋର ଜୀବନକାଳ ମଧ୍ୟରେ ଏହା କିପରି ସମ୍ଭବପର ହେବ ! କିନ୍ତୁ ଆପଣ ରାଜାଙ୍କର ବିରୋଧ କରିବେ ନାହିଁ । ପରନ୍ତୁ ଧୀରସ୍ଥିର ଭାବରେ ତାଙ୍କ କାର୍ଯ୍ୟରେ ଅନୁକୂଳ ମତ ହିଁ ପ୍ରକାଶ କରିବେ । ପ୍ରତିକୂଳତା ଆଚରଣ କଲେ ରୋଗୀ ଚିକିତ୍ସକର ବଶୀଭୂତ ହୁଏ ନାହିଁ । ସେହିପରି ବ୍ୟସନୀ ବ୍ୟକ୍ତିମାନେ ସେମାନଙ୍କ ପ୍ରତି ବିପରୀତ ମତ ପୋଷଣ କଲେ ସତ୍ପଥକୁ ଫେରି ଆସି ନଥାନ୍ତି । ତେଣୁ ରାଜା ଅନ୍ତଃପୁରକୁ ଆଗମନ କଲେ ହୃଦୟର ଭାବ ଗୋପନ କରି ତାଙ୍କର ମନଃପୂତ ସେବା କରିବାରେ ଅବହେଳା କରନ୍ତୁ ନାହିଁ । କେବଳ ଏତିକି ନୁହେ, ସେ କଳିଙ୍ଗସେନାଙ୍କୁ ଗ୍ରହଣ କରିବା ପ୍ରସଙ୍ଗ ଉତ୍ଥାପନ କଲେ ଆପଣ କହିବେ ଯେ ଏଥିରେ କଳିଙ୍ଗଦତ୍ତଙ୍କ ସହାୟତା ପ୍ରାପ୍ତ ହୋଇ ମହାରାଜ ପୃଥିବୀ ବିଜୟରେ ସମର୍ଥ ହୋଇ ପାରିବେ । ଏହାଦ୍ୱାରା ସେ ଆପଣଙ୍କର ଉଦାରତା ଓ ମହତ୍ତ୍ୱରେ ମୁଗ୍ଧ ହୋଇ ଆପଣଙ୍କ ପ୍ରତି ଅଧିକ ଆକୃଷ୍ଟ ହେବେ ଏବଂ କଳିଙ୍ଗସେନା ତାଙ୍କୁ ସ୍ୱେଚ୍ଛାଚାରିଣୀ ବୋଲି ତାଙ୍କ ପ୍ରତି ଅନାଦର ପ୍ରକାଶ କରିବେ । କୌଣସି

Digitized by srujanika@gmail.com

କାର୍ଯ୍ୟରୁ ବିରତ ହେବା ନିମନ୍ତେ ମନୁଷ୍ୟଙ୍କୁ ଉପଦେଶ ପ୍ରଦାନ କଲେ, ତା'ର ମନ ସେହି କାର୍ଯ୍ୟପ୍ରତି ଅଧିକ ବେଗରେ ଧାବମାନ ହୋଇଥାଏ ।

'କେବଳ ଆପଣ ନୁହନ୍ତି, ପଦ୍ମାବତୀ ମଧ୍ୟ ଅନୁରୂପ ବ୍ୟବହାର ପ୍ରଦର୍ଶନ କରିବା ଉଚିତ । ତେଣୁ ଆପଣ ଏ ସମସ୍ତ କୌଶଳ ତାଙ୍କୁ ମଧ୍ୟ ଶିକ୍ଷା ଦେବେ । ତା' ହେଲେ ଆପଣମାନଙ୍କ ଦ୍ୱାରା ସନ୍ତୁଷ୍ଟ ରାଜା ମୋହାର ସଙ୍ଗଠିତ ବଳମ୍ବକୁ ସହଜରେ ସହ୍ୟ କରିଯାଇ ପାରିବେ । ଏହାପରେ ଆପଣ ଅପେକ୍ଷା କରି ମୋର ବୁଦ୍ଧି କୌଶଳ କେବଳ ଦର୍ଶନ କରନ୍ତୁ । ବିପଦ କାଳରେ ବୁଦ୍ଧିମାନ୍ ଏବଂ ଯୁଦ୍ଧକାଳରେ ବୀରପୁରୁଷମାନଙ୍କର ପରୀକ୍ଷା କରାଯାଇଥାଏ । ତେଣୁ ଆପଣ ଅଧୀର ନହୋଇ ସାହସ ସଞ୍ଚୟ କରନ୍ତୁ ।'

ଏହିପରି ରାଣୀ ବାସବଦତ୍ତାଙ୍କୁ ଆଶ୍ୱାସନା ପ୍ରଦାନ କରି ଏବଂ ତାଙ୍କଠାରୁ ଅନୁରୂପ କର୍ମ ସମ୍ପାଦନର ପ୍ରତିଶ୍ରୁତି ନେଇ ଯୌଗନ୍ଧରାୟଣ ଅନ୍ତଃପୁରରୁ ପ୍ରତ୍ୟାବର୍ତ୍ତନ କଲେ ।

ରାଜା ଉଦୟନ କଳିଙ୍ଗସେନାଙ୍କ ସହ ଭାବୀ ପ୍ରଣୟ ସୁଖରେ ଉଲ୍ଲସିତ ହୋଇ ଉକ୍ତ ରଜନୀରେ କୌଣସି ରାଣୀଙ୍କ ଭବନକୁ ଗଲେ ନାହିଁ । ସେପଟେ କଳିଙ୍ଗସେନା ମଧ୍ୟ ଉନ୍ନିଦ୍ର ରଜନୀ ଯାପନ କରି ମନେ ମନେ ଭବିଷ୍ୟତ ସୁଖ ସଂଭୋଗର କଳ୍ପନାରେ ନିମଜ୍ଜିତ ରହିଲେ ।

Digitized by srujanika@gmail.com

ଷଷ୍ଠ ତରଙ୍ଗ

ପରଦିନ ଅତି ପ୍ରତ୍ୟୁଷରୁ ପ୍ରତୀକ୍ଷା କରିଥିବା ଉଦୟନଙ୍କୁ ଆସି ଯୌଗନ୍ଧରାୟଣ ନିବେଦନ କଲେ, 'ମହାରାଜ ! ଆପଣଙ୍କ କଲ୍ୟାଣକର କଳିଙ୍ଗସେନାଙ୍କ ସହ ବିବାହ ଉତ୍ସବ ପାଇଁ ଆଜି କାହିଁକି ଶୁଭଲଗ୍ନ ଦେଖା ନଯିବ ?' ରାଜା ଏଥିରେ ପ୍ରୀତ ହୋଇ ସଙ୍ଗେ ସଙ୍ଗେ ସମ୍ମୁଖସ୍ଥ ପ୍ରତିହାରୀ ଦ୍ୱାରା ଗଣକମାନଙ୍କୁ ଡକାଇ ଆଣିଲେ । ରାଜାଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଏବଂ ଗଣକମାନେ ପୂର୍ବ-ନିର୍ଦ୍ଦେଶ ଅନୁଯାୟୀ ଛ ମାସ ମଧ୍ୟରେ ବିବାହ ଯୋଗ ନାହିଁ ବୋଲି କହନ୍ତେ ଯୌଗନ୍ଧରାୟଣ ମିଥ୍ୟାକ୍ରୋଧ ପ୍ରକାଶ ପୂର୍ବକ କହିଲେ, 'ଏଗୁଡ଼ାକ ନିପଟ ମୂର୍ଖ । ଆପଣ ଯେଉଁ ଗଣକପ୍ରବରଙ୍କୁ ଜ୍ଞାନୀ ବୋଲି ବହୁ ସମ୍ମାନିତ କରିଥିଲେ, ତାଙ୍କୁ ଡାକି ଏ ସମ୍ପର୍କରେ ଜିଜ୍ଞାସା କରିବା ଉଚିତ ।' ଏଥିରେ ସଂଶୟାକୁଳଚିତ୍ତ ବତ୍ସରାଜ ପ୍ରତିହାରଦ୍ୱାରା ତାଙ୍କୁ ଆସିବା ନିମନ୍ତେ ନିର୍ଦ୍ଦେଶ ଦେଲେ । ସେ ମଧ୍ୟ ପୂର୍ବରୁ ଯୌଗନ୍ଧରାୟଣଙ୍କଠାରୁ ସୂଚନା ଲାଭ କରିଥିବାରୁ ଛ ମାସ ମଧ୍ୟରେ ବିବାହ ଯୋଗ ନାହିଁ ବୋଲି ପ୍ରକାଶ କଲେ ।

ତତ୍ପରେ ଯୌଗନ୍ଧରାୟଣ ଅତି ଉଦ୍‌ବିଗ୍ନ ଭାବରେ ମହାରାଜ ଉଦୟନଙ୍କୁ 'ବର୍ତ୍ତମାନ କଣ କରାଯିବ ?' ବୋଲି ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ରହିଲେ । ରାଜା ଉଦୟନ କଳିଙ୍ଗସେନାଙ୍କର ସାନ୍ନିଧ୍ୟ ଲାଭ ପାଇଁ ଉତ୍କଣ୍ଠିତ ହୋଇ ପଡ଼ିଥିଲେ ହେଁ ଶୁଭମୁହୂର୍ତ୍ତ ବିନା ବିବାହ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ନଥିଲେ । ତେଣୁ କିଛି ସମୟ ଦ୍ୱନ୍ଦ୍ୱମଧ୍ୟରେ ରହି କ୍ଷୀଣକଣ୍ଠରେ କହିଲେ, 'ବର୍ତ୍ତମାନ କଳିଙ୍ଗସେନାଙ୍କର ମତାମତ ଗ୍ରହଣ କରାଯାଉ । ତା' ପରେ ଯାହା ବିଧେୟ ତାହା ବିଚାର କରାଯିବ ।'

ରାଜାଙ୍କଠାରୁ ଏପ୍ରକାର ଆଦେଶ ଲାଭକରି ଯୌଗନ୍ଧରାୟଣ ଗଣକ-ମାନଙ୍କୁ ସଙ୍ଗରେ ନେଇ କଳିଙ୍ଗସେନାଙ୍କ ବାସଭବନରେ ଯାଇ ଛଦ୍ମବେଶ

Digitized by srujanika@gmail.com

କଲେ । କଳିଙ୍ଗସେନାଙ୍କଦ୍ୱାରା ଉପଯୁକ୍ତ ରୂପେ ସଜ୍ଜିତ ହୋଇ ତାଙ୍କ ସୌନ୍ଦର୍ଯ୍ୟ ଦର୍ଶନରେ ଭାବିଲେ ଯେ ଏପ୍ରକାର ରମଣୀର ସାନ୍ନିଧ୍ୟ ପାଇଲେ ବତ୍ସରାଜ ରାଜ୍ୟ ସହ ନିଜକୁ ମଧ୍ୟ ଭୁଲିଯିବେ । କିନ୍ତୁ ନିଜର ମନୋଭାବ ଗୁପ୍ତ ରଖି ସେ ଚତୁରତାର ସହ କହିଲେ, 'ବିବାହ ତିଥି ନିର୍ଣ୍ଣୟ ପାଇଁ ଗଣକମାନେ ଆସିଅଛନ୍ତି । ଆପଣଙ୍କର ଜନ୍ମନକ୍ଷତ୍ର ଜ୍ଞାତ ହେଲେ ସେମାନେ ଏହା ନିଶ୍ଚୟ କରିବେ ।' କଳିଙ୍ଗସେନା ପରିଚାରିକାମାନଙ୍କଦ୍ୱାରା ତାଙ୍କ ଜନ୍ମନକ୍ଷତ୍ର ଜଣାଇଦେବାରୁ ଗଣକମାନେ ପୂର୍ବ ପରାମର୍ଶ ଅନୁଯାୟୀ ମିଥ୍ୟାଗଣନାପୂର୍ବକ ଛ ମାସ ପରେ ହିଁ ବିବାହ ଯୋଗ ରହିଛି ବୋଲି ଏଠାରେ ମଧ୍ୟ ପ୍ରକାଶ କଲେ । ଲଗ୍ନ ବହୁ ବିଳମ୍ବରେ ନିର୍ଣ୍ଣୀତ ହେବାରୁ କଳିଙ୍ଗସେନା ବ୍ୟାକୁଳିତ ହୋଇପଡ଼ିଲେ । ତାଙ୍କର ଏ ଅବସ୍ଥା ସନ୍ଦର୍ଶନ କରି ସମ୍ମୁଖସ୍ଥ ପ୍ରତିହାରୀ କହିଲା, 'ପ୍ରଥମେ ଶୁଭଲଗ୍ନ ହିଁ ନିର୍ଣ୍ଣୟ କରିବା ଉଚିତ । କାରଣ ଏହାଦ୍ୱାରା ଉଭୟଙ୍କର ମଙ୍ଗଳ ହେବ । ବିଳମ୍ବ କିମ୍ବା ଶୀଘ୍ର ତା ଦୃଷ୍ଟି ଦେଇ ନିଜର କଲ୍ୟାଣକୁ ବିସ୍ମୃତ ହେବା ଉଚିତ ହେବ ନାହିଁ ।' ବୃଦ୍ଧ ପ୍ରତିହାରୀର ବାକ୍ୟ ସମସ୍ତଙ୍କର ସମର୍ଥନ ଲାଭ କରିବାରୁ ଯୌଗନ୍ଧରାୟଣ ଶେଷରେ କହିଲେ, 'ହଁ, ଏଥିରେ ରାଜା କଳିଙ୍ଗଦତ୍ତଙ୍କର ମଧ୍ୟ ଦୁଃଖ ଜାତ ହୋଇପାରେ ।' ଏସବୁ ଶ୍ରବଣ କରି କଳିଙ୍ଗସେନା ପରିଶେଷରେ କହିଲେ, 'ଆପଣମାନେ ଯାହା ଉଚିତ ମନେ କରୁଛନ୍ତି, ତାହା କରନ୍ତୁ । ମୋର ମତାମତ ନେବା ଅନାବଶ୍ୟକ ।'

ଏହାପରେ ବିଚକ୍ଷଣଶୀଳ ଯୌଗନ୍ଧରାୟଣ ରାଜାଙ୍କ ନିକଟରେ ଏ ବୃତ୍ତାନ୍ତ ନିବେଦନ କରି ନିଜର କାର୍ଯ୍ୟସିଦ୍ଧିରେ ଆନନ୍ଦିତ ହୋଇ ସ୍ୱବାସଭବନକୁ ପ୍ରତ୍ୟାବର୍ତ୍ତନ କଲେ କିନ୍ତୁ ତାଙ୍କର ମାସନପଟରୁ ରାଜାଙ୍କର ମଙ୍ଗଳଚିନ୍ତା ବିଦୂରିତ ହୋଇ ନଥାଏ । ତେଣୁ ସେ ନିଜର ମିତ୍ର ଯୋଗେଶ୍ୱର ନାମକ ବ୍ରହ୍ମରାକ୍ଷସକୁ ସ୍ମରଣ କଲେ । ପୂର୍ବରୁ ସିଦ୍ଧିଲାଭ କରିଥିବା ଯୋଗୁଁ ଏହି ବ୍ରହ୍ମରାକ୍ଷସ ତତ୍‌କ୍ଷଣାତ୍ ସେଠାରେ ଉପସ୍ଥିତ ହୋଇ ଯୌଗନ୍ଧରାୟଣଙ୍କୁ ତାଙ୍କୁ ସ୍ମରଣ କରିବାର କାରଣ ଜିଜ୍ଞାସା କରନ୍ତେ, ସେ କଳିଙ୍ଗସେନାଙ୍କର ସମଗ୍ର ବୃତ୍ତାନ୍ତ ତା' ନିକଟରେ ପ୍ରକାଶ କରି କହିଲେ, 'ମିତ୍ର ! ମୁଁ ଏହି ବିବାହର ସମୟ ଛ ମାସ ପର୍ଯ୍ୟନ୍ତ ନେଇ ଯାଇଅଛି । ତୁମେ ଏ ମଧ୍ୟରେ କଳିଙ୍ଗସେନାଙ୍କର ଅନ୍ତଃପୁର ବ୍ୟବହାର ଗୁପ୍ତଭାବରେ ନିରୀକ୍ଷଣ କର । ତାଙ୍କ

Digitized by srujanika@gmail.com

ତର ସୁନ୍ଦରୀ ବର୍ତ୍ତମାନ ତ୍ରିଭୁବନରେ ବିରଳ ଥିବାରୁ ସିଦ୍ଧ, ଗନ୍ଧର୍ବ, ବିଦ୍ୟାଧର ପ୍ରଭୃତି ତାଙ୍କର ପାଣିଗ୍ରହଣ ପାଇଁ ଚେଷ୍ଟା କରୁଥାଇପାରନ୍ତି । ଯଦି କୌଣସି ସିଦ୍ଧ କିମ୍ବା ବିଦ୍ୟାଧର ସହିତ ତାଙ୍କର ସମ୍ପର୍କ ଥିବା ତୁମର ଦୃଷ୍ଟିଗୋଚର ହୁଏ, ତାହାହେଲେ ଆମର ମଙ୍ଗଳ ସାଧିତ ହେବ । ଛଦ୍ମବେଶ ଧାରଣପୂର୍ବକ ଆସୁଥିବା ଦିବ୍ୟପୁରୁଷମାନଙ୍କ ପ୍ରତି ମଧ୍ୟ ତୁମେ ଧ୍ୟାନ ରଖିଥିବ । କାରଣ ଦିବ୍ୟପୁରୁଷମାନେ ଯେ କୌଣସି ଛଦ୍ମବେଶ ଧାରଣ କଲେ ସୁଦ୍ଧା ନିଦ୍ରିତାବସ୍ଥାରେ ସେମାନଙ୍କର ସ୍ୱରୂପ ପ୍ରକଟିତ ହୋଇ ଯାଇଥାଏ । ଏହିପରି କଳିଙ୍ଗସେନାଙ୍କର ତୁମଦ୍ୱାରା କୌଣସି ଦୁର୍ବଳତା ଆବିଷ୍କୃତ ହେଲେ ତା' ଦ୍ୱାରା ରାଜାଙ୍କ ମନରେ ତାଙ୍କ ପ୍ରତି ବୈରାଗ୍ୟ ଜାତ କରାଇ, ଆମର କାର୍ଯ୍ୟସିଦ୍ଧ କରିବା ।'

ଯୌଗନ୍ଧରାୟଣଙ୍କଠାରୁ ଏହି ଆଦେଶ ପ୍ରାପ୍ତ ହୋଇ ଯୋଗେଶ୍ୱର କଳିଙ୍ଗସେନାଙ୍କୁ କୌଶଳରେ ହତ୍ୟା କରିବା ପାଇଁ ପ୍ରସ୍ତାବ କରନ୍ତେ ସେ ପୁଣି କହିଲେ, 'ଏହା କରିବା ଆମ ପକ୍ଷରେ ଅନୁଚିତ ହେବ । ଅଧର୍ମ ମାର୍ଗର ଆଶ୍ରୟ ନେଲେ କାର୍ଯ୍ୟ ସିଦ୍ଧି ହେବା ସମ୍ଭବପର ନୁହେଁ । କିନ୍ତୁ ଧର୍ମ ମାର୍ଗରେ ରହି କର୍ମ ଆଚରଣ କଲେ ଧର୍ମ ମଧ୍ୟ ସହାୟତା କରିଥାଏ । ତେଣୁ ତୁମେ ଏ ଚିନ୍ତା ମନରୁ ଦୂରକରି ତାଙ୍କର ଦୋଷ ଆବିଷ୍କାର କରିବା ପାଇଁ କେବଳ ଚେଷ୍ଟାକର । ତା' ହେଲେ ରାଜାଙ୍କର କଲ୍ୟାଣ ହେବା ସଙ୍ଗେ ସଙ୍ଗେ ଆମ୍ଭେମାନେ ମଧ୍ୟ ସୁଖ ଲାଭ କରିବା ।' ମନ୍ତ୍ରୀପ୍ରବରଙ୍କଠାରୁ ଏତାଦୃଶ ଉପଦେଶ ଲାଭକରି ବ୍ରହ୍ମରାକ୍ଷସ ଯାଇ କଳିଙ୍ଗସେନାଙ୍କର ବାସଭବନ ନିକଟରେ ଗୁପ୍ତଭାବରେ ଅପେକ୍ଷା କଲା ।

ଏହା ମଧ୍ୟରେ ସୋମପ୍ରଭା ଆସି କଳିଙ୍ଗସେନାଙ୍କ ନିକଟରେ ପୁଣି ଉପସ୍ଥିତ ହେଲେ । ରାଜକୁମାରୀ ଗତରାତ୍ରିର ସମସ୍ତ ବୃତ୍ତାନ୍ତ ଶୁଣାଇବା ସମୟରେ ବ୍ରହ୍ମରାକ୍ଷସ ସେଠାରେ ରହି ଏ ସମସ୍ତ ଲକ୍ଷ୍ୟ କରୁଥାଏ । ସୋମପ୍ରଭା ସମସ୍ତ ବିଷୟ ଅବଗତ ହୋଇ କହିଲେ, 'ମୁଁ ଆଜି ପ୍ରାତଃକାଳରୁ ଆସିଲିଣି । କିନ୍ତୁ ତୁମ ନିକଟରେ ଯୌଗନ୍ଧରାୟଣଙ୍କୁ ଦେଖି ମୁଁ ନିଜକୁ ଏଠାରେ ଗୁପ୍ତ କରି ରଖିଥିଲି ଏବଂ ତୁମର କଥୋପକଥନ ସବୁ ଶୁଣୁଥିଲି । ମୋର ବାରଣ ସତ୍ତ୍ୱେ ତୁମେ କାଲି ଏ ପ୍ରକାର ଆଚରଣ କରିବା ଉପଯୁକ୍ତ ହୋଇ ନାହିଁ ।

Digitized by srujanika@gmail.com

ଏଥିରେ ଅନିଷ୍ଟର ଆଶଙ୍କା ଅଛି । ଉଦାହରଣ ସ୍ୱରୂପ ତୁମେ ଏ ପ୍ରସଙ୍ଗରେ ଗୋଟିଏ ଗଳ୍ପ ଶ୍ରବଣ କର—

ବିଷ୍ଣୁଦତ୍ତ ଓ ତାଙ୍କର ସପ୍ତସହଯାତ୍ରୀ କଥା

ପ୍ରାଚୀନକାଳରେ ଅନ୍ତର୍ବେଦୀ ନାମକ ଦେଶରେ ବସୁଦତ୍ତ ବୋଲି ଜଣେ ବ୍ରାହ୍ମଣ ବାସ କରୁଥିଲେ । ବିଷ୍ଣୁଦତ୍ତ ତାଙ୍କର ଏକମାତ୍ର ସନ୍ତାନ । ଷୋଡ଼ଶ ବର୍ଷରେ ପଦାର୍ପଣ କରିବାରୁ ସେ ବିଦ୍ୟା ଅର୍ଜ୍ଜନ କରିବା ନିମନ୍ତେ ବଲଭୀପୁର ପ୍ରସ୍ଥାନ କରିବା ସକାଶେ ଉଦ୍ୟତ ହେଲେ । ଆଉ ସାତଜଣ ବ୍ରାହ୍ମଣକୁମାର ମଧ ଏହାଙ୍କ ସହ ଯାତ୍ରା କରିବା ନିମନ୍ତେ ଇଚ୍ଛାପ୍ରକାଶ କରିବାରୁ ବିଷ୍ଣୁଦତ୍ତ ସେଥିରେ ସମ୍ମତ ହେଲେ । କିନ୍ତୁ ଏହି ସାତୋଟିଯାକ ବ୍ରାହ୍ମଣସନ୍ତାନ ନିପଟ ମୂର୍ଖ ଥିଲେ ।

ପରସ୍ପର କେହି କାହାରିକ ପରିତ୍ୟାଗ ନ କରିବା ପାଇଁ ଶପଥ ଗ୍ରହଣପୂର୍ବକ ସେମାନେ କୌଣସି ରାତ୍ରିରେ ଗୁପ୍ତଭାବେ ଗୃହତ୍ୟାଗ କଲେ । କିନ୍ତୁ ଯାତ୍ରାରମ୍ଭରେ ଅଶୁଭ ଶକୁନ ଦର୍ଶନ କରି ବନ୍ଧୁମାନଙ୍କୁ ବର୍ତ୍ତମାନ ଅଗ୍ରସର ନ ହୋଇ ପୁଣି ଶୁଭ ଶକୁନ ଦର୍ଶନ ପର୍ଯ୍ୟନ୍ତ ଏହି ଯାତ୍ରା ସ୍ଥଗିତ ରଖିବା ନିମନ୍ତେ ବିଷ୍ଣୁଦତ୍ତ ଅନୁରୋଧ କରିବାରୁ ସେହି ମୂର୍ଖ ବ୍ରାହ୍ମଣକୁମାରମାନେ କହିଲେ, 'ଏହି ଶକୁନ ଶାସ୍ତ୍ରରେ ଆମର ବିଶ୍ୱାସ ନାହିଁ । ତୁମେ ଯଦି ଏଥିରେ ଭୟ କରୁଛ, ତାହାହେଲେ ଆମ ସହ ନ ଯାଇପାର । କିନ୍ତୁ ଆମ୍ଭେମାନେ ବର୍ତ୍ତମାନ ନିଶ୍ଚୟ ଯାତ୍ରା କରିବୁ । ପ୍ରଭାତରୁ ଏ କଥା ପ୍ରକଟ ହେଲେ ଆମର ଆଉ ଯିବା ସମ୍ଭବପର ହେବ ନାହିଁ ।' ବନ୍ଧୁମାନଙ୍କର ଏହି ଜିଦ୍‌ଧରେ ପ୍ରତିଜ୍ଞାବଦ୍ଧ ବିଷ୍ଣୁଦତ୍ତ ବାଧ୍ୟ ହୋଇ ଅଘନାଶନ ଭଗବାନଙ୍କ ନାମ ସ୍ମରଣପୂର୍ବକ ଅଗ୍ରସର ହେଲେ । ରାତ୍ରିଶେଷରେ ପୁଣି କେତେଗୁଡ଼ିଏ ଅପଶକୁନ ଦୃଷ୍ଟିଗୋଚର ହେବାରୁ ସେ ମିତ୍ରମାନଙ୍କୁ ପୁନର୍ବାର ବାରଣ କରି ବ୍ୟର୍ଥମନୋରଥ ହେଲେ । ସେମାନେ କହିଲେ, 'ତୋ ଭଳି ଜଣେ ଭୀରୁ କାପୁରୁଷ ବ୍ୟକ୍ତିକୁ ସଙ୍ଗରେ ଆଣିବା ବ୍ୟତୀତ ଆଉ ଅଧିକ ଅପଶକୁନ କଣ ହୋଇପାରେ ?'

Digitized by srujanika@gmail.com

'ସ୍ୱେଚ୍ଛାଗ୍ରସ୍ତ ମୂର୍ଖମାନଙ୍କୁ ଉପଦେଶ ପ୍ରଦାନ କରିବା, ମାର୍ଗ ପରିଷ୍କାରକର ନିଜ ଧୂଳିଧୂସରିତ ଶରୀରକୁ ନିନ୍ଦା କରିବା ତୁଲ୍ୟ ହାସ୍ୟାସ୍ପଦ ମାତ୍ର । ମୂର୍ଖମଣ୍ଡଳୀ ମଧ୍ୟରେ ଗୋଟିଏ ବିଜ୍ଞ ବ୍ୟକ୍ତି ପୁଷ୍କରିଣୀର ଲହରୀମାଳାଦ୍ୱାରା ଆହତ ପଦ୍ମପୁଷ୍ପତୁଲ୍ୟ ସର୍ବଦା ଆନ୍ଦୋଳିତ ଓ ପ୍ରକମ୍ପିତ ହୋଇଥାଏ । ତେଣୁ ନୀରବରେ ଅନୁଗମନ କରିବା ବ୍ୟତୀତ ମୋର ଅନ୍ୟ ପନ୍ଥା ନାହିଁ' ଭାବି ବସ୍ତୁଦତ୍ତ ମୌନତା ଅବଲମ୍ବନପୂର୍ବକ ନିଜର ଭାଗ୍ୟ ଉପରେ ଭରସା ରଖି ବନ୍ଧୁମାନଙ୍କ ସହ ଅଗ୍ରସର ହେବାକୁ ଲାଗିଲେ ।

ସେମାନେ ଏହିପରି ବହୁପଥ ଅତିକ୍ରମ କରି ସନ୍ଧ୍ୟା ସମୟରେ ଆସି କୌଣସି ଏକ ଶବରପଲ୍ଲିରେ ଉପସ୍ଥିତ ହେଲେ । ସେଠାରେ ବହୁ ଅନୁସନ୍ଧାନ ପରେ ଗୋଟିଏ ଗୃହରେ ଆଶ୍ରୟ ନେଲେ । ଏହି ଗୃହ ମଧ୍ୟରେ ଗୋଟିଏ ସୁନ୍ଦରୀ ରମଣୀ ବାସ କରୁଥାଏ । ସେ ଏହି ପଥିକମାନଙ୍କ ପାଇଁ ନିଜ ଗୃହର ଗୋଟିଏ କ୍ଷୁଦ୍ର ପ୍ରକୋଷ୍ଠ ପ୍ରଦାନ କଲା । ବସ୍ତୁଦତ୍ତଙ୍କର ସହ ଯାତ୍ରୀମାନେ ପଥଶ୍ରାନ୍ତିରେ ଶୀଘ୍ର ନିଦ୍ରାଭିଭୂତ ହୋଇପଡ଼ିଲେ । କିନ୍ତୁ ଗୃହ ମଧ୍ୟରେ ଏହି ସୁନ୍ଦରୀ ଯୁବତୀଙ୍କୁ ଏକାକିନୀ ଦେଖି ବସ୍ତୁଦତ୍ତ ବିନିଦ୍ର ରହିଲେ । ମୂର୍ଖବ୍ୟକ୍ତିମାନେ ନିଶ୍ଚେଷ୍ଟ ହୋଇ ଶୟନ କଲେ ହେଁ ବିବେକଶୀଳମାନେ ଜାଗ୍ରତ ରହିଥାଆନ୍ତି ।

ଏହି ସମୟରେ କୌଣସି ଯୁବକ ଗୁପ୍ତଭାବରେ ଧୀରେ ଧୀରେ ଏହି ଗୃହ ମଧ୍ୟରେ ପ୍ରବେଶ କରି ଉପରୋକ୍ତ ଯୁବତୀଟିକୁ ଉପଭୋଗ କଲା । କିଛି ସମୟ ବାର୍ତ୍ତାଳାପ କରିବା ପରେ ଉଭୟେ ରତିକ୍ଲାନ୍ତ ହୋଇ ଶୟନ କଲେ । ବସ୍ତୁଦତ୍ତ ଦ୍ୱାରମଧ୍ୟରେ ଥିବା ଛିଦ୍ର ସାହାଯ୍ୟରେ ଏହା ଲକ୍ଷ୍ୟ କରି ଭାବିଲେ, 'ଦୁଃଖର କଥା ଆମେ କୌଣସି ବ୍ୟଭିଚାରିଣୀ ନାରୀର ଗୃହରେ ଆସି ଆଶ୍ରୟ ନେଇଅଛୁ । ଏ ଯୁବକ ନିଶ୍ଚିତରୂପେ ଏହାର ବିବାହିତ ପତି ନୁହେ । ବିବାହିତ ହୋଇଥିଲେ ଏପରି ଶଙ୍କାକୁଳଚିତ୍ତରେ ଏବଂ ଗୁପ୍ତଭାବରେ ସେ ଗୃହ ମଧ୍ୟରେ ପ୍ରବେଶ କରିବାରେ କୌଣସି ଆବଶ୍ୟକତା ନଥିଲା । ନାରୀଟିର ଚାଲିଚଳଣିରୁ ଜଣାଯାଉଛି, ଏହାର ଚରିତ୍ର ନିଷ୍କଳଙ୍କ ନୁହେ ।'

ଏହିପରି ଚିନ୍ତା କରୁଥିବା ସମୟରେ ଗୃହ ପ୍ରାଙ୍ଗଣରେ କେତେଗୁଡ଼ିଏ ମନୁଷ୍ୟର କଣ୍ଠସ୍ୱର ଶୁଣାଗଲା ଏବଂ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଜଣେ ଶବର ଯୁବକ

Digitized by srujanika@gmail.com

ନିକଟକୁ ଆସି ତାଙ୍କର ପରିଚୟ ଜିଜ୍ଞାସା କଲା । ବସ୍ତୁଦତ୍ତ 'ସେମାନେ ପଥିକ' ବୋଲି କହିବାରୁ ସେ ଗୃହ ମଧ୍ୟରେ ପ୍ରବେଶ କଲା ଏବଂ ନିଜର ସ୍ତ୍ରୀ ସହ ଗୋଟିଏ ପରପୁରୁଷ ଶୟନ କରିଥିବା ଦେଖି ପୂର୍ବୋକ୍ତ ଯୁବକର ଶିରଚ୍ଛେଦ କଲା । କିନ୍ତୁ ଅଶ୍ଚର୍ଯ୍ୟର ବିଷୟ ସେ ନିଜ ସ୍ତ୍ରୀର ନିଦ୍ରାଭଙ୍ଗ କରିବା ସକାଶେ ଚେଷ୍ଟା କଲା ନାହିଁ କିମ୍ବା ତାକୁ ମଧ୍ୟ ହତ୍ୟା କଲା ନାହିଁ । ସେ ନିଶ୍ଚିନ୍ତ ମନରେ ନିଜର ପତ୍ନୀ ନିକଟରେ ଶୟନ କଲା ।

ଏହା ଦେଖି ବସ୍ତୁଦତ୍ତ ମନେ ମନେ ଚିନ୍ତାକଲେ, 'ଏହି ଶବର ଯୁବକଟି ପ୍ରକୃତରେ ଉଚିତ କର୍ମ ହିଁ କରିଅଛି । ସ୍ତ୍ରୀକୁ ହତ୍ୟା କରିଥିଲେ ନାରୀହତ୍ୟା ଦୋଷରେ ଲିପ୍ତ ହୋଇଥାଆନ୍ତା । ତେଣୁ କେବଳ ଲମ୍ପଟ ପୁରୁଷଟିର ହିଁ ପ୍ରତିଶୋଧ ନେଇ ବିଜ୍ଞତାର ପରିଚୟ ପ୍ରଦାନ କରିଅଛି । ପୁଣି ବିସ୍ମୟର କଥା ଏ ସମସ୍ତ ଅବାଞ୍ଛିତ ଘଟଣା ସଂଘଟିତ ହୋଇ ଯାଇଥିଲେ ସୁଦ୍ଧା ସେ ନିର୍ବିକାରଚିତ୍ତରେ ଶୟନ କରିପାରୁଛି । ଦୃଢ଼ ମନୋବଳ ଥିବା ବ୍ୟକ୍ତିମାନେ ଏପ୍ରକାର ଆଚରଣ ହିଁ ପ୍ରଦର୍ଶନ କରିଥାଆନ୍ତି ।'

ବସ୍ତୁଦତ୍ତଙ୍କ ଚିନ୍ତାଧାରାରେ ପ୍ରତିବନ୍ଧକ ସୃଷ୍ଟିପୂର୍ବକ ସେହି ବ୍ୟଭିଚାରିଣୀ ତରୁଣୀର ନିଦ୍ରାଭଙ୍ଗ ହେଲା । ସେ ତା'ର ପ୍ରେମିକକୁ ମୃତ ଓ ସ୍ୱାମୀକୁ ନିଦ୍ରିତ ଦେଖି ଧୀରେ ଧୀରେ ଶଯ୍ୟାତ୍ୟାଗ କରି ଉଠିଲା ଏବଂ ଶବଟିକୁ ସ୍କନ୍ଧରେ ଧାରଣ କରି ଗୃହରୁ ନିର୍ଗତ ହେଲା । କିଛି ଦୂରରେ ଏକ ଭସ୍ମକୁଣ୍ଡ ମଧ୍ୟରେ ଏହାକୁ ନିକ୍ଷେପ କରି ପୁଣି ଗୃହ ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରି ଆସି ସେ ନିଜର ସ୍ୱାମୀକୁ ନିର୍ମମଭାବରେ ହତ୍ୟା କଲା । ବସ୍ତୁଦତ୍ତ ନିଜକୁ ତା'ଠାରୁ ଗୁପ୍ତ ରଖି ଏ ସମସ୍ତ ଦର୍ଶନ କରୁଥାଆନ୍ତି । ଏହାପରେ ସେହି କପଟୀ ନିଜର ଅନୁଚରମାନଙ୍କୁ ଉଚ୍ଚସ୍ୱରରେ ଆହ୍ୱାନ କରି କହିଲା, 'ମୋର ପତିଙ୍କୁ ଏହି ପଥିକମାନେ ହତ୍ୟା କରିଛନ୍ତି, ଶୀଘ୍ର ଆସ ।' ଏହା ଶୁଣି ସେବକମାନେ ଆସି ନିଜ ପ୍ରଭୁଙ୍କର ଛିନ୍ନ ଶରୀର ଅବଲୋକନ କରି ଏହି ପଥିକମାନଙ୍କୁ ହତ୍ୟା କରିବା ନିମନ୍ତେ ଉଦ୍ୟତ ହେଲେ । କିନ୍ତୁ ବସ୍ତୁଦତ୍ତ ସାହସର ସହିତ ଏମାନଙ୍କର ସମ୍ମୁଖୀନ ହୋଇ କହିଲେ, 'ତୁମେ ବ୍ରହ୍ମହତ୍ୟା କରି ନର୍କଗାମୀ ହୁଅ ନାହିଁ । ଏ ସମସ୍ତ କାଣ୍ଡ ଏହି ପାପିନୀ ସ୍ତ୍ରୀଦ୍ୱାରା ହିଁ ସଂଘଟିତ ହୋଇଛି । ତୁମେ ଅନୁମତି ଦେଲେ ମୁଁ ଗୁପ୍ତରେ ଦେଖିଥିବା ସମସ୍ତ ବୃତ୍ତାନ୍ତ ପ୍ରକାଶ

Digitized by srujanika@gmail.com

କରିବ ।' ଏହା କହି ସେ ସମଗ୍ର ବିଷୟ ଆମୂଳଚୂଳ ବର୍ଣ୍ଣନା କରି ସେତେବେଳେ ଉପ୍ତକୁଣ୍ଡ ମଧ୍ୟରେ ପଡ଼ିଥିବା ପ୍ରେମିକଟିର ଶବ ସେମାନଙ୍କୁ ପ୍ରଦର୍ଶନ କରାଇଲେ ସେତେବେଳେ ସ୍ତ୍ରୀଟି ଅଧୋମୁଖରେ ଏହାର ସତ୍ୟତା ସ୍ୱୀକାର କଲା ଏବଂ ଅନୁଚରମାନେ ତାକୁ ଭର୍ତ୍ସନା ଓ ତିରସ୍କାର କରି ପଳାଇଗଲେ ।

ଏ ସବୁ ସନ୍ଦର୍ଶନ କରି ସେହି ମୂର୍ଖ ବ୍ରାହ୍ମଣକୁମାରମାନେ ବସ୍ତୁଦତ୍ତଙ୍କୁ ବିନମ୍ର ସ୍ୱରରେ କହିଲେ, 'ଆମେ ନିଦ୍ରାଭିଭୂତ ଥିବାବେଳେ ତୁମେ ଅମର ରକ୍ଷାପାଇଁ କାର୍ଯ୍ୟ କରିଅଛ । ତୁମ ବିନା ଆମେ ଅପଶକୁନ-ସୂଚିତ ନିଶ୍ଚିତ-ମୃତ୍ୟୁମୁଖରୁ କଦାପି ରକ୍ଷା ପାଇପାରି ନଥାନ୍ତୁ । ଏପରି ବସ୍ତୁଦତ୍ତଙ୍କଠାରୁ କ୍ଷମା ପ୍ରାର୍ଥନା କରି ଏବଂ ତାଙ୍କର ଭୂୟସୀ ପ୍ରଶଂସା କରି ପଦଯାତ୍ରୀମାନେ ପୁଣି ବଲଭୀ ଅଭିମୁଖରେ ଅଗ୍ରସର ହେଲେ ।'

କୌଶାମ୍ବୀରେ ଅପେକ୍ଷା କରିଥିବା କଳିଙ୍ଗସେନାଙ୍କୁ ଏପ୍ରକାର ଗଳ୍ପ ଶ୍ରବଣ କରାଇ ସୋମପ୍ରଭା କହିଲେ, 'ଅପଶକୁନର ନିର୍ଦ୍ଦେଶକୁ ଅବଜ୍ଞା କରି କର୍ମକ୍ଷେତ୍ରରେ ପ୍ରବେଶ କଲେ ଏତାଦୃଶ ବିଘ୍ନ ଉପସ୍ଥିତ ହୋଇଥାଏ । ବୁଦ୍ଧିମାନ୍ ବ୍ୟକ୍ତିମାନଙ୍କର କଥାରେ ଆସ୍ଥା ସ୍ଥାପନ ନକରି ମୂର୍ଖମାନେ କାର୍ଯ୍ୟରେ ପ୍ରବୃତ୍ତ ହୋଇ ପରେ ଅନୁତାପ କରିଥାଅନ୍ତି । ତୁମେ ମଧ୍ୟ ଅପଶକୁନ ନମାନି ବତ୍ସରାଜଙ୍କ ନିକଟକୁ ଦୂତ ପ୍ରେରଣ କରି ଉଚିତ କର୍ମ କରିନାହଁ । ଗୃହରୁ ଏକ ଅଶୁଭ ମୁହୂର୍ତ୍ତରେ ନିର୍ଗତ ହୋଇଥିବାରୁ ବର୍ତ୍ତମାନ ବିବାହରେ ପ୍ରତିବନ୍ଧକ ସୃଷ୍ଟି ହେଲା । କେବଳ ଭଗବାନ ହିଁ ଅନୁଗ୍ରହରେ ଏହା ପୂର୍ଣ୍ଣ କରିବେ । ତୁମ ପ୍ରତି ଦେବତାମାନେ ମଧ୍ୟ ଆକୃଷ୍ଟ । ତେଣୁ ସେମାନଙ୍କଠାରୁ ନିଜକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ମନ୍ତ୍ରୀ ଯୌଗନ୍ଧରାୟଣଙ୍କ ସମ୍ପର୍କରେ ମଧ୍ୟ ଚିନ୍ତା କରିବା ଉଚିତ । ରାଜ୍ୟର ବିପତ୍ତି ଆଶଙ୍କା କରି ସେ ମଧ୍ୟ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି, ଏବଂ ବିବାହ ପରେ ମଧ୍ୟ ତୁମକୁ ଦୋଷଯୁକ୍ତ କରିବା ଅସମ୍ଭବ ନୁହେଁ ।' ଅବଶ୍ୟ ସେ ପାତନଗୁଣ ଓ ଧର୍ମପରାୟଣ ଯୋଗୁଁ ତୁମକୁ ଅପମାନିତ କରିବେ ନାହିଁ । ତଥାପି ତୁମକୁ ଅତି ସତର୍କ ରହିବାକୁ ହେବ । ଏ ପ୍ରସଙ୍ଗରେ ମୋର ଗୋଟିଏ ଗଳ୍ପ ଶୁଣିବାକୁ ଦେଉଅଛି—

Digitized by srujanika@gmail.com

ଋଷିକନ୍ୟା କଦଳୀଗର୍ଭା କଥା

ଇକ୍ଷୁମତୀ ନାମକ ଏକ ନଗର ଅଛି । ତାର ସୀମାକୁ ସ୍ପର୍ଶକରି ବହି ଯାଉଛି ସ୍ରୋତସ୍ୱିନୀ ଇକ୍ଷୁମତୀ । ଏ ନଗର ଏବଂ ଏ ନଦୀ ଉଭୟ ମହର୍ଷି ବିଶ୍ୱାମିତ୍ରଙ୍କଦ୍ୱାରା ସୃଷ୍ଟ ବୋଲି କୁହାଯାଏ । ଏହାର ତଟଦେଶରେ ଥିବା ନିବିଡ଼ ଅରଣ୍ୟାନୀ ମଧ୍ୟରେ ମଙ୍କଣକ ନାମରେ ଜଣେ ମହର୍ଷି ଶୀର୍ଷାସନରେ ରହି ତପସ୍ୟା ଆଚରଣ କରୁଥିଲେ ।

ଏହିପରି କଠୋର ତପସ୍ୟାରେ ନିବିଷ୍ଟ ଥିବାବେଳେ ଏକଦା ଆକାଶମାର୍ଗରେ ଗମନ କରୁଥିବା ଅପ୍ସରା ମେନକା ତାଙ୍କର ଦୃଷ୍ଟି ଆକର୍ଷଣ କଲା । ହଠାତ୍ ବାୟୁ ଲହରୀରେ ମେନକାର ଅଧୋବସ୍ତ୍ର ସ୍ଖଳିତ ହେବାରୁ ତାର ରମଣୀୟ ଗୁପ୍ତ ପ୍ରଦେଶ ଦେଖି ମହର୍ଷି କାମବିହ୍ୱଳ ହୋଇପଡ଼ିଲେ । ଫଳରେ ତାଙ୍କର ବୀର୍ଯ୍ୟ ସ୍ଖଳିତ ହୋଇ ଏକ ନବଜାତ କଦଳୀ ବୃକ୍ଷର ମଧ୍ୟଭାଗରେ ଯାଇ ପତିତ ହେଲା ଏବଂ କିଛି ସମୟ ମଧ୍ୟରେ ତା ମଧ୍ୟରୁ ଏକ ସର୍ବାଙ୍ଗସୁନ୍ଦରୀ କନ୍ୟା ଜନ୍ମଲାଭ କଲା । ଋଷିମାନଙ୍କର ଅମୋଘ ବୀର୍ଯ୍ୟ ତତ୍‌କ୍ଷଣାତ୍ ଫଳଦାନ କରିଥାଏ । କଦଳୀବୃକ୍ଷର ଗର୍ଭରୁ ଜନ୍ମଲାଭ କରିଥିବାରୁ ପିତା ତାହାର ନାମ ରଖିଲେ କଦଳୀଗର୍ଭା ।

କନ୍ୟାଟି ମହର୍ଷି ମଙ୍କଣକଙ୍କ ଆଶ୍ରମରେ କ୍ରମେ କ୍ରମେ ଶୁକ୍ଳପକ୍ଷର ଚନ୍ଦ୍ରକଳାତୁଲ୍ୟ ବୃଦ୍ଧିଲାଭ କରିବାକୁ ଲାଗିଲା । ମନେ ହେଲା ରମ୍ଭାର ଦର୍ଶନରେ ସ୍ଖଳିତ ବୀର୍ଯ୍ୟ ମହର୍ଷି ଗୌତମଙ୍କ କନ୍ୟା ତଥା ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏଠାରେ ପୁଣି ଲାଳିତପାଳିତ ହେଉଅଛନ୍ତି ।

ଏକଦା ମଧ୍ୟଦେଶ ନରପତି ଦୃଢ଼ବର୍ମା ମୃଗୟା ନିମନ୍ତେ ଏହି ଅରଣ୍ୟ ମଧ୍ୟରେ ଭ୍ରମଣ କରୁଥିବା ସମୟରେ ପଥଭ୍ରଷ୍ଟ ହୋଇ ଆସି ମଙ୍କଣକଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଏଠାରେ କଦଳୀଗର୍ଭାଙ୍କ ବଲ୍‌କଳ ଆଚ୍ଛାଦିତ ସୌନ୍ଦର୍ଯ୍ୟ ସନ୍ଦର୍ଶନ କରି ରାଜା ଏହାଙ୍କ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇପଡ଼ିଲେ । ପୂର୍ବେ ହସ୍ତିନା ନରେଶ ଦୁଷ୍ମନ୍ତଙ୍କର ଶକୁନ୍ତଳା ଲାଭ କଥା ତାଙ୍କର ସ୍ମୃତିପଟରେ ଜାଗ୍ରତ ହେଲା । ସେ ଏକାନ୍ତଭାବରେ ସେଠାରେ ଇତସ୍ତତଃ ବିଚରଣ କରୁଥିବା ସମୟରେ ମହର୍ଷି ମଙ୍କଣକ କୁଶ ଓ ସମିଧ

Digitized by srujanika@gmail.com

ନେଇ ଫେରୁଥିବା ଦେଖିବାକୁ ପାଇଲେ । ସେ ଅଶ୍ୱପୃଷ୍ଠରୁ ଅବତରଣ କରି ତାଙ୍କୁ ଭୂମିଷ୍ଠ ପ୍ରଣାମ କରିବାରୁ ମହର୍ଷି ଆଶୀର୍ବାଦ ପ୍ରଦାନପୂର୍ବକ ପରିଚୟ ଜିଜ୍ଞାସା କଲେ ଏବଂ ତାଙ୍କର ପରିଚୟ ଲାଭକରି କଦଳୀଗର୍ଭାଙ୍କୁ ତାଙ୍କର ଅତିଥି ସତ୍କାର କରିବା ନିମନ୍ତେ ନିଯୁକ୍ତ କଲେ ।

ରାଜା କନ୍ୟାଟି ସମ୍ପର୍କରେ କିଛି ଜାଣିବା ପାଇଁ ଉତ୍କଣ୍ଠା ପ୍ରକାଶ କରନ୍ତେ ମହର୍ଷି ଆମୂଳଚୂଳ କଦଳୀଗର୍ଭାଙ୍କ ଜନ୍ମବୃତ୍ତାନ୍ତ ତାଙ୍କ ସମ୍ମୁଖରେ ବ୍ୟାଖ୍ୟାନ କଲେ । କଦଳୀଗର୍ଭାଙ୍କୁ ମେନକାଙ୍କ କନ୍ୟା ବୋଲି ଜାଣିପାରି ରାଜା ଦୃଢ଼ବର୍ମା ତାଙ୍କର ପାଣିଗ୍ରହଣ କରିବାର ଅଭିଳାଷ ମହର୍ଷିଙ୍କ ନିକଟରେ ପ୍ରକାଶ କଲେ । ମଙ୍କଣକଙ୍କ ସମ୍ମତିରେ ବିବାହ ଉତ୍ସବ ଆୟୋଜିତ ହେଲା । ମେନକା ଓ ଅନ୍ୟାନ୍ୟ ଅପ୍ସରାବୃନ୍ଦ ବିଭିନ୍ନ ଅଳଙ୍କାରରେ ବିଭୂଷିତ କରି କଦଳୀଗର୍ଭାଙ୍କୁ ନବବଧୂବେଶରେ ସଜ୍ଜିତ କଲେ ଏବଂ ଆଶ୍ରମରୁ ବିଦାୟ ନେଇ ଯିବାବେଳେ ତାଙ୍କ ହସ୍ତରେ କିଛି ସର୍ଷପ (ସୋରିଷ) ପ୍ରଦାନ କରି କହିଲେ, 'ପତିଗୃହକୁ ଗମନ କରିବା ମାର୍ଗରେ ଏଗୁଡ଼ିକୁ ବୁଣିଦେବୁ, ଯଦ୍ଦ୍ୱାରା ପ୍ରତ୍ୟାବର୍ତ୍ତନ ସମୟରେ ପଥଭ୍ରଷ୍ଟ ହେବା ଭୟ ଆଉ ରହିବ ନାହିଁ । ଯଦି କେବେ ପତିଙ୍କଦ୍ୱାରା ଅପମାନିତା ହୋଇ ଆଶ୍ରମକୁ ଫେରି ଆସିବାକୁ ହୁଏ, ତା' ହେଲେ ଏହି ସର୍ଷପ ଲତା ତୋର ପଥପ୍ରଦର୍ଶକ ହେବ ।'

ଏହାପରେ ରାଜା ଦୃଢ଼ବର୍ମା ନବବିବାହିତା ପତ୍ନୀ କଦଳୀଗର୍ଭାଙ୍କ ସହ ରାଜଧାନୀ ଅଭିମୁଖରେ ଯାତ୍ରା କଲେ । ଏଠାରେ ଉପସ୍ଥିତ ହୋଇ ସେ ମନ୍ତ୍ରୀମାନଙ୍କ ସମ୍ମୁଖରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନାପୂର୍ବକ କଦଳୀଗର୍ଭାଙ୍କ ସହ ସୁଖମୟ ଜୀବନଯାପନ କରିବାକୁ ଲାଗିଲେ । ଫଳରେ ଅନ୍ୟାନ୍ୟ ରାଣୀମାନଙ୍କ ମନରେ ଈର୍ଷା ଜାତହେଲା ।

ଦିନେ ଦୃଢ଼ବର୍ମାଙ୍କର ପଟ୍ଟମହିଷୀ ମନ୍ତ୍ରୀଙ୍କୁ ଏକାନ୍ତରେ ଡାକି କହିଲେ, 'ଆପଣ ଏପରି କିଛି ଉପାୟ ଉଦ୍ଭାବନ କରନ୍ତୁ ଯାହାଦ୍ୱାରା କଦଳୀଗର୍ଭା ରାଜପୁର ପରିତ୍ୟାଗପୂର୍ବକ ପଳାୟନ କରିବେ । ନଚେତ୍ ଆମପ୍ରତି ରାଜାଙ୍କର ପୂର୍ବ ସ୍ନେହ ଫେରିଆସିବା ଆଦୌ ସମ୍ଭବପର ନୁହେଁ ।' ଏଥିରେ ମନ୍ତ୍ରୀ ବିନମ୍ର

Digitized by srujanika@gmail.com

ସ୍ଵରରେ ଉତ୍ତର ଦେଲେ, 'ଦେବ ! ପଟ୍ଟମହିଷୀଙ୍କ ମଧ୍ୟରେ ବିରୋଧ ସଂଘଟନ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଆପଣ କୌଣସି ଦୁଷ୍ଟା ପରିବ୍ରାଜିକା କିମ୍ବା ଐନ୍ଦ୍ରଜାଲିକର ସାହାଯ୍ୟ ନେଇ ଏହା ସାଧିତ କରିପାରନ୍ତି । କାରଣ ସେମାନେ ଅନ୍ତଃପୁର ମଧ୍ୟକୁ ଅବାଧରେ ଯାଇପାରିବେ ଏବଂ ବିଭିନ୍ନ ପ୍ରକାର କୁତ୍ସିତ ଉପାୟରେ ଏପ୍ରକାର କାର୍ଯ୍ୟ ସମ୍ପାଦନ କରିପାରିବେ । ରାଣୀ ଏଥିରେ କ୍ଷୁଣ୍ଣ ଓ ଲଜ୍ଜିତ ହୋଇ, 'ମୋର ଏପ୍ରକାର କୁତ୍ସିତ କର୍ମ କରିବା ଅନୁଚିତ ହେବ' କହି ମନ୍ତ୍ରୀଙ୍କୁ ବିଦାୟ ଦେଲେ ଏବଂ ଦାସୀଦ୍ୱାରା କୌଣସି ମାୟାକୁଶଳା ପରିବ୍ରାଜିକାକୁ ନିମନ୍ତ୍ରଣ କରି ଆଣିଲେ । ତା' ନିକଟରେ ରାଣୀ ନିଜର ଅଭିଳାଷ ପ୍ରକାଶପୂର୍ବକ ବହୁ ଧନରତ୍ନର ଲୋଭ ପ୍ରଦର୍ଶନ କରିବାରୁ ସେ ଏହା ଅତି ସହଜରେ ଏବଂ ଅତିଶୀଘ୍ର ସିଦ୍ଧ କରିପାରିବ ବୋଲି ପ୍ରତିଶ୍ରୁତି ଦେଲା ।

ମହାରାଣୀଙ୍କ ନିକଟରେ ସେ ସମସ୍ତ ବିଦ୍ୟାର ଧୁରୀଣା ବୋଲି ପରିଚୟ ଦେଇ ପରିବ୍ରାଜିକା ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରି ଚିନ୍ତାକଲା, 'ମୋର ସୌଭାଗ୍ୟବଳରୁ କେବଳ ଅଳ୍ପ ଏହି ପ୍ରଭୂତ ସମ୍ପତ୍ତି ପ୍ରାପ୍ତ ହେଲା । କିନ୍ତୁ ଏହି ଲୋଭପିପାସା ହିଁ ମାନବକୁ ବିଭିନ୍ନ ଦୁର୍ଦ୍ଦଶାର ସମ୍ମୁଖୀନ କରାଇଥାଏ । ମହାରାଣୀଙ୍କ ନିକଟରେ ଯେଉଁ ଅହମିକା ପ୍ରକାଶ କଲି, ସେ ପ୍ରକାର ବିଦ୍ୟା ମୋର ଆୟତ୍ତାଧୀନ ନୁହେଁ । ଅନ୍ୟ ସ୍ଥାନ ତୁଲ୍ୟ ରାଜଗୃହରେ ଛଳନା ବା କପଟ କରିବା ମଧ୍ୟ ସମ୍ଭବ ନୁହେଁ । କାରଣ ଏ ରହସ୍ୟ ଯଦି ଦୈବାତ୍ ଉଦ୍‌ଘାଟିତ ହୋଇଯାଏ, ତା' ହେଲେ ମୃତ୍ୟୁଦଣ୍ଡ ବ୍ୟତୀତ ଆଉ କିଛି ମିଳିବ ନାହିଁ । ତେଣୁ ମୋର ବନ୍ଧୁ ସେହି ନାପିତ (ଭଣ୍ଡାରୀ)ର ସାହାଯ୍ୟ ନେଲେ ସେ ନିଶ୍ଚୟ କିଛି କୌଶଳ ଉଦ୍‌ଭାବନ କରିବ ।' ଏପରି ନିଷ୍ପତ୍ତି କରି ପରିବ୍ରାଜିକା ତା'ର ବିଶ୍ୱସ୍ତ ବନ୍ଧୁ ନିକଟରେ ଯାଇ ସମସ୍ତ ବୃତ୍ତାନ୍ତ ଓ ପ୍ରଭୂତ ଅର୍ଥଲାଭର ଯୋଜନା ବ୍ୟକ୍ତ କଲା ।

ପରିବ୍ରାଜିକାଠାରୁ ସମସ୍ତ କଥା ଜ୍ଞାତ ହୋଇ ବୃଦ୍ଧ ଓ ଚତୁର ନାପିତ ଚିନ୍ତାକଲା, 'ସୌଭାଗ୍ୟବଶତଃ ମୋତେ ଧନାଗମର ଅବସର ମିଳିଛି । ତେଣୁ ନୂତନ ରାଜବଧୂଙ୍କୁ ହତ୍ୟା କରିବା ମୋ ପକ୍ଷରେ ଉଚିତ ହେବନାହିଁ, ବରଂ ତାଙ୍କୁ ରକ୍ଷା କରିବା ହିଁ ଶ୍ରେୟସ୍କର । କାରଣ ଏହାଙ୍କର ପିତା ମହର୍ଷି

Digitized by srujanika@gmail.com

ମଙ୍ଗଳକ ଭବିଷ୍ୟଦୃଷ୍ଟି ସମ୍ପନ୍ନ; ସେ ଯଦି ସବୁକଥା ଯୋଗବଳରେ ଜାଣିପାରି ପ୍ରକଟ କରନ୍ତି ତା' ହେଲେ ଦୁଃଖର ସୀମା ରହିବ ନାହିଁ । ତେଣୁ ବର୍ତ୍ତମାନ ନୂତନ ରାଣୀଙ୍କୁ ରାଜାଙ୍କଠାରୁ ବିଚ୍ଛିନ୍ନ କରି ମହାରାଣୀଙ୍କର ଧନ ଉପଭୋଗ କରିବା ଉଚିତ; କାରଣ ଗୁପ୍ତରେ ସାହାଯ୍ୟ କରିଥିବା ସେବକ ନିକଟରେ ପ୍ରଭୁ ମଧ୍ୟ ସେବକତୁଲ୍ୟ ବଶସ୍କର ହୋଇପଡ଼େ । ରାଜା ଓ ନବାଗତା ରାଣୀଙ୍କୁ ପୃଥକ୍ କରିଦେଇ ଯଥାସମୟରେ ସେମାନଙ୍କୁ ଏପରି ବୁଝାଇଦେବି ଯେ ଉଭୟେ ମୋର ଧନାଗମର ସ୍ଥାୟୀ ସ୍ରୋତ ହୋଇଯିବେ । ଏହାଦ୍ୱାରା ମୋର ପାପର ପରିମାଣ ବୃଦ୍ଧି ହେବନାହିଁ ବରଂ ଜୀବନ ସୁଖମୟ ହେବ ।'

କିଛିକ୍ଷଣ ଏପରି ଚିନ୍ତାକରି ନାପିତ ସେହି ପରିବ୍ରାଜିକାକୁ କହିଲା, 'ମା ! ମୁଁ ଏସବୁ ଅତି ସହଜରେ କରିଦେଇପାରିବି କିନ୍ତୁ ରାଣୀ କଦଳୀଗର୍ଭାଙ୍କୁ ହତ୍ୟା କରିବା ଉଚିତ ହେବନାହିଁ । ସେ ମୁନିକୁମାରୀ ହୋଇଥିବା ଯୋଗୁଁ ଭବିଷ୍ୟତରେ ଯଦି ମହର୍ଷିଙ୍କ ଯୋଗ ପ୍ରଭାବରୁ କେବେ ଏ ରହସ୍ୟ ପ୍ରକଟିତ ହୋଇଯାଏ, ତା' ହେଲେ ଆମକୁ ମୃତ୍ୟୁଦଣ୍ଡ ହିଁ ବରଣ କରିବାକୁ ପଡ଼ିବ । ପୁଣି ଏକ ଦିଗରେ ସ୍ତ୍ରୀହତ୍ୟା ମହାପାପ ଏବଂ ଅନ୍ୟ ଦିଗରେ ମୁନିଙ୍କର ଅଭିଶାପ ଅତି ଭୟଙ୍କର । ଏଣୁ ବୁଦ୍ଧିବଳରେ ରାଜା ଓ ରାଣୀଙ୍କର ମନୋମାଳିନ୍ୟ ସଂଘଟିତ କରାଇଲେ ସେମାନେ ସୁଖରେ ରହିବେ ଏବଂ ଆମେ ମଧ୍ୟ ଯଥେଷ୍ଟ ଅର୍ଥ ଉପାର୍ଜନ କରିପାରିବା । ମୋର ବୁଦ୍ଧିର ପରିଚୟ ତୁମେ ବୋଧହୁଏ ପାଇନାହଁ । ଏ ବା କି ଛାର କଥା । ବୁଦ୍ଧିବଳରେ ମୁଁ ଏହା ଅପେକ୍ଷା ଆହୁରି କେତେ କେତେ କଠିନ କାର୍ଯ୍ୟ ଅନାୟାସରେ ସାଧି କରିପାରିଛି । ତା' ଭିତରୁ ଗୋଟିଏ ତୁମ ନିକଟରେ ପ୍ରକାଶ କରୁଛି—

ରାଜା ଓ ନାପିତ କଥା

ଏହି ରାଜା ଦୃଢ଼ବର୍ମାଙ୍କର ପିତା ଅତି ଦୁଃଶ୍ଚରିତ୍ର ଥିଲେ । ମୁଁ ଏହାଙ୍କର ସେବାକାର୍ଯ୍ୟରେ ନିଯୁକ୍ତ ଥାଇ କ୍ଷୌରକର୍ମ କରୁଥିଲି । ଦିନେ ସେ ରାଜପଥରେ ବିଚରଣ କରୁଥିବାବେଳେ ମୋର ସ୍ତ୍ରୀର ସୌନ୍ଦର୍ଯ୍ୟ ଦେଖି ତା' ପ୍ରତି ଆସକ୍ତ ହୋଇପଡ଼ିଲେ । ଅନ୍ୟାନ୍ୟ ସେବକମାନଙ୍କଠାରୁ ତା'ର ପରିଚୟ

Digitized by srujanika@gmail.com

ଜାଣିପାରି ସେ ମୋର ଅନୁପସ୍ଥିତିରେ ମୋର ଗୃହ ମଧ୍ୟରେ ହିଁ ତାଙ୍କୁ ବଳାତ୍କାରପୂର୍ବକ ସମ୍ଭୋଗ କଲେ । ଅବଶ୍ୟ ମୋ ପ୍ରତି ତାଙ୍କର ଭ୍ରୂକ୍ଷେପ ନଥିଲା । ପରଦିନ ମୁଁ ପ୍ରବାସରୁ ଫେରି ମୋର ସ୍ତ୍ରୀକୁ ଦୁଃଖିତମନା ଦେଖି ତା'ର କାରଣ ଜିଜ୍ଞାସା କରନ୍ତେ, ସେ ସମସ୍ତ ବୃତ୍ତାନ୍ତ ମୋ ନିକଟରେ ପ୍ରକାଶ କଲା । କିନ୍ତୁ ମୁଁ ରାଜାଙ୍କର ବିରୁଦ୍ଧାଚରଣ କରିପାରିଲି ନାହିଁ । ମୋତେ ଅସମର୍ଥ ଜାଣି ରାଜା ପ୍ରତିଦିନ ମୋର ଗୃହରେ ପ୍ରବେଶ କରି ମୋର ସ୍ତ୍ରୀକୁ ସମ୍ଭୋଗ କରୁଥାଆନ୍ତି । ଦୁଃଶ୍ଚରିତ୍ର ରାଜାଙ୍କ ନିମନ୍ତେ ଗମ୍ୟ ଅଗମ୍ୟର ବାଛବିଚାର ନଥିଲା; ପ୍ରଜ୍ୱଳିତ ଅଗ୍ନି ସମ୍ମୁଖରେ ତୃଣ ଓ ଅରଣ୍ୟାଗ୍ନିର କିଛି ପାର୍ଥକ୍ୟ ନଥାଏ ।

ରାଜାଙ୍କୁ ଏପ୍ରକାର କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ଯେତେବେଳେ ଅସମର୍ଥ ହେଲି, ସେତେବେଳେ ସ୍ୱଳ୍ପାହାରପୂର୍ବକ ନିଜର ଶରୀରକୁ କ୍ଷୀଣ କରି ବୈରାଗ୍ୟ ହେବାର ଛଳନା କଲି । ମୋର ଏହି ଦୁର୍ବଳ ରୂପ, ମ୍ଲାନ ମୁଖ ଓ ପାଣ୍ଡୁରବର୍ଣ୍ଣ ଶରୀର ଦେଖି ରାଜା ଦିନେ ଅଭିପ୍ରାୟ ରଖି ପଚାରିଲେ, 'କି ରେ, ତୁ ଏମିତି ଦୁର୍ବଳ କାହିଁକି ହୋଇପଡୁଛୁ ?' ମୁଁ ପ୍ରଥମେ ପ୍ରଥମେ ତାଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କଲି ନାହିଁ । କିନ୍ତୁ ସେ ବାରମ୍ବାର ଜିଜ୍ଞାସା କରିବାରୁ ମୁଁ ଅଭିପ୍ରାୟ ପ୍ରାର୍ଥନାପୂର୍ବକ ତାଙ୍କୁ ଏକାନ୍ତରେ କହିଲି, 'ମହାରାଜ ! ଆପଣଙ୍କୁ ଅଉ କଣ କହିବି ? ମୋର ସ୍ତ୍ରୀଟି ଗୋଟିଏ ଡାହାଣୀ । ମୁଁ ଶୋଇଗଲେ ସେ ମୋର ମଳଦ୍ୱାର ଦେଇ ଅନ୍ତ୍ରନାଳୀଗୁଡ଼ିକୁ ଟାଣି ଆଣି ତା ମଧ୍ୟରୁ ସମସ୍ତ ଜୀବନୀରସ ଶୋଷି ନେଇ ପୁଣି ସେଗୁଡ଼ିକୁ ପୂର୍ବସ୍ଥାନରେ ରଖି ଦେଉଛି । ତେଣୁ ଶରୀରର ସମସ୍ତ ରସ ଶୁଷ୍କ ହୋଇଯିବାରୁ ମୁଁ ଏପରି ରୁଗ୍ଣ ଓ ଦୁର୍ବଳ ହୋଇପଡ଼ୁଛି । ଶରୀରକୁ ପୁଣି ହୃଷ୍ଟପୁଷ୍ଟ କରିବା ନିମନ୍ତେ ଉତ୍କୃଷ୍ଟ ଖାଦ୍ୟ ଆହରଣ ପାଇଁ ମୋର ସମ୍ବଳ ନାହିଁ ।'

ମୋଠାରୁ ଏହା ଶୁଣି ରାଜା ମଧ୍ୟ ଚିନ୍ତା କଲେ, 'ପ୍ରକୃତରେ ସେ କଣ ଡାହାଣୀ ? ସେଇଥିପାଇଁ କଣ ସେ ମୋତେ ଏପରି ଆକୃଷ୍ଟ କରି ରଖିଛି । ସେ ମୋର ଅନ୍ତ୍ରନାଳୀର ରସ ଶୋଷଣ କରୁଛି କି ନାହିଁ ଆଜି ରାତିରେ ହିଁ ପରୀକ୍ଷା କରି ଦେଖିବାକୁ ହେବ ।'

Digitized by srujanika@gmail.com

ଏହାପରେ ମୁଁ ରାଜାଙ୍କଠାରୁ ଉତ୍ତମ ଆହାର ସାମଗ୍ରୀ ନେଇ ଗୃହକୁ ପ୍ରତ୍ୟାବର୍ତ୍ତନ କରି ବିଳାପ କରିବାକୁ ଲାଗିଲି । ମୋର ସ୍ତ୍ରୀ ଏହାର କାରଣ ଜିଜ୍ଞାସା କରନ୍ତେ, ମୁଁ ତାକୁ ବାଷ୍ପାକୁଳକଣ୍ଠରେ କହିଲି, 'ପ୍ରିୟେ ! ଏ କଥା ଅନ୍ୟ କାହାରିକୁ କହିବ ନାହିଁ । ଏହା ବଡ଼ ଗୋପନୀୟ କଥା । ରାଜାଙ୍କର ମଳଦ୍ୱାରରେ ବଜ୍ରତୁଲ୍ୟ କଠିନ ଏକ ଦନ୍ତ ଜାତ ହୋଇଛି । ମୁଁ ଆଜି ରାଜାଙ୍କର କ୍ଷୌରକର୍ମ କଲାବେଳେ ଏଥିରେ ଆଘାତପ୍ରାପ୍ତ ହୋଇ ଉତ୍କୃଷ୍ଟ ଲୌହନିର୍ମିତ ମୋର କ୍ଷୁରଟି ଭାଙ୍ଗିଯାଇଛି । ଏପରି ଯଦି ପ୍ରତିଦିନ ଗୋଟିଏ ଗୋଟିଏ କ୍ଷୁର ଭାଙ୍ଗିଯାଏ, ତାହାହେଲେ ମୁଁ ଏତେ କ୍ଷୁର କିଣିବି କିପରି ? ଆଜିଠାରୁ ମୋର ରାଜସେବା ଇତିଶ୍ରୀ ହେଲା । ତେଣୁ ମୁଁ ଭବିଷ୍ୟତ ଜୀବିକାନିର୍ବାହ ପନ୍ଥା ପାଇଁ ବ୍ୟାକୁଳ ହୋଇପଡ଼ୁଛି ।' ମୋଠାରୁ ଏକଥା ଶୁଣି ମୋର ସ୍ତ୍ରୀ ଏକାନ୍ତରେ ରାଜାଙ୍କର ଏହି ଆଶ୍ଚର୍ଯ୍ୟଜନକ ଦନ୍ତର ସନ୍ଧାନ ନେବ ବୋଲି ମନେ ମନେ ବିଚାର କଲା । କିନ୍ତୁ ଏହି ଅସମ୍ଭବ କଥାରେ ତାର ଅବିଶ୍ୱାସ ଜନ୍ମିଲା ନାହିଁ । ସାଧାରଣତଃ ଧୂର୍ତ୍ତ ବ୍ୟକ୍ତିମାନଙ୍କର ଚକ୍ରାନ୍ତରେ ବୁଦ୍ଧିମତୀ ସ୍ତ୍ରୀମାନଙ୍କର ମଧ୍ୟ ମତିଭ୍ରମ ଘଟିଥାଏ ।

ତଦନନ୍ତର ରାଜା ଏକାନ୍ତରେ ଆସି ମୋର ସ୍ତ୍ରୀକୁ ନିଃଶଙ୍କଚିତ୍ତରେ ଉପଭୋଗ କଲେ ଏବଂ ମୋର ପୂର୍ବ କଥା ସ୍ମରଣପୂର୍ବକ ମିଥ୍ୟା ନିଦ୍ରାର ଛଳନା କଲେ । ମୋର ପତ୍ନୀ ମଧ୍ୟ ରାଜାଙ୍କୁ ଗାଢ଼ନିଦ୍ରାଭିଭୂତ ଭାବି ଦନ୍ତ ଦର୍ଶନ ଲାଳସାରେ ତାଙ୍କର ମଳଦ୍ୱାର ପ୍ରତି ହସ୍ତ ପ୍ରସାରଣ କଲା । ତାର ହସ୍ତ ରାଜାଙ୍କ ମଳଦ୍ୱାର ସ୍ପର୍ଶ କରିବାରୁ ରାଜା ମୋର କଥା ସତ୍ୟ ବୋଲି ମନେ କରି 'ଡାହାଣୀ, ଡାହାଣୀ' କହି ପଳାୟନ କଲେ । ଏହିପରି ମୁଁ ମୋର ସ୍ତ୍ରୀକୁ ରାଜାଙ୍କ କବଳରୁ ରକ୍ଷାକରି ସୁଖଭୋଗ କରିବାକୁ ଲାଗିଲି ।'

ନିଜ ବୁଦ୍ଧିମତ୍ତାର ପରିଚୟ ପ୍ରଦାନପୂର୍ବକ ନାପିତ ପରିବ୍ରାଜକାକୁ କହିଲା, 'ଆର୍ଯ୍ୟେ ! ତୁମର ଏହି କାର୍ଯ୍ୟ ମଧ୍ୟ ବୁଦ୍ଧିମତ୍ତାର ସହ ସାଧନ କରିବା ବିଧେୟ । ବର୍ତ୍ତମାନ ମୁଁ ତାର ଉପାୟ କହୁଛି, ଶୁଣ । ପ୍ରଥମେ ଆମକୁ ଅନ୍ତଃପୁରର ଜଣେ ବୃଦ୍ଧ ଓ ବିଶ୍ୱସ୍ତ ଭୃତ୍ୟକୁ ବଶୀଭୂତ କରିବାକୁ ହେବ । ସେ ଯାଇ ରାଜାଙ୍କ ନିକଟରେ ପ୍ରକାଶ କରିବ ଯେ ତାଙ୍କର ନୂତନ ରାଣୀ କଦଳୀଗର୍ଭା ଗୋଟିଏ ଡାହାଣୀ । ସେ ଅରଣ୍ୟବାସିନୀ ଏବଂ ବନ୍ଧୁ-

Digitized by srujanika@gmail.com

ସ୍ୱଜନହୀନ । ଅନ୍ୟାନ୍ୟ ଭୃତ୍ୟ ମଧ୍ୟ ସୁଯୋଗ ଦେଖି ତାର କଥା ସମର୍ଥନ କରିବେ । ଏହା ମଧ୍ୟ କଷ୍ଟକର ନୁହେ । ଧନଦ୍ୱାରା ସବୁ ଅସାଧ୍ୟ ସାଧ୍ୟ ହୋଇପାରିବ । ଏହାଦ୍ୱାରା ଯେତେବେଳେ ରାଜାଙ୍କ ମନରେ ସନ୍ଦେହ ଦୃଢ଼ୀଭୂତ ହେବ, ସେତେବେଳେ କୌଣସି ମୃତବ୍ୟକ୍ତିର ହାତ, ଗୋଡ଼ ପ୍ରଭୃତି ନେଇ ରାଣୀଙ୍କର ଶୟନାଗାରରେ ରଖି ଦିଆଯିବ । ଏସବୁ ଦର୍ଶନ କରି ରାଜା ନିଜେ ନିଜେ ପ୍ରାତଃକାଳରୁ ରାଣୀ କଦଳୀଗର୍ଭାଙ୍କୁ ପରିତ୍ୟାଗ କରିବେ । ଫଳରେ ମହାରାଣୀ ସପତ୍ନୀ ଦୁଃଖରୁ ମୁକ୍ତିଲାଭ କରିବେ ଏବଂ ତୁମର ବଚସ୍କର ହୋଇ ରହିବେ । ଆମେ ମଧ୍ୟ ଯଥେଷ୍ଟ ଧନ ଲାଭ କରିପାରିବା ।'

ନାପିତର କୌଶଳଟି ପରିବ୍ରାଜିକା ଯାଇ ମହାରାଣୀଙ୍କର କର୍ଣ୍ଣଗୋଚର କଲା । ମହାରାଣୀ ମଧ୍ୟ ଅନୁରୂପ ଉପାୟ ଅବଲମ୍ବନ କରିବାରୁ କଦଳୀଗର୍ଭା ପ୍ରତି ରାଜାଙ୍କର ସ୍ନେହ ଶିଥିଳ ହୋଇପଡ଼ିଲା । ନିଜର ଅଭିଳାଷ ପରିପୂର୍ଣ୍ଣ କରିଥିବାରୁ ସେ ଏହି ପରିବ୍ରାଜିକାକୁ ଯେଉଁ ଧନସମ୍ପତ୍ତି ଦାନ କଲେ, ତାହା ସେ ନାପିତ ସହ ଭୋଗ କଲା ।

କଦଳୀଗର୍ଭା ରାଜାଙ୍କର ଏ ପ୍ରକାର ପରିବର୍ତ୍ତନ ତଥା ବ୍ୟବହାରରେ କ୍ଷୁବ୍ଧ ହୋଇ ରାଜଭବନରୁ ପଳାୟନ କଲେ । ସୋଟିଏ ଲତାଗୁଳ୍ମକ ପିତୃ ଆଶ୍ରମ ପାଇଁ ପଥନିର୍ଦ୍ଦେଶକ ରୂପେ ତାଙ୍କର ସହାୟକ ହେଲେ । ମହର୍ଷି ମଙ୍କଣକ କନ୍ୟାର ଦୁଶ୍ଚରିତ୍ରତା ସମ୍ପର୍କରେ ସନ୍ଦେହ କରି ଧ୍ୟାନ-ବଳରେ ସମସ୍ତ ବୃତ୍ତାନ୍ତ ଜ୍ଞାତ ହେଲେ ଏବଂ କନ୍ୟାସହ ରାଜା ଦୃଢ଼ବର୍ମାଙ୍କ ନିକଟରେ ଉପସ୍ଥିତ ହୋଇ ପ୍ରକୃତ ସତ୍ୟ ପ୍ରକାଶ କଲେ । ଏହି ସମୟରେ ଉକ୍ତ ନାପିତ ମଧ୍ୟ ମୁନି କଥିତ ବାକ୍ୟର ସମର୍ଥନ କଲା । ରାଜା ମହର୍ଷିଙ୍କୁ ସସମ୍ମାନେ ବିଦାୟ ଦେଇ କଦଳୀଗର୍ଭାଙ୍କ ସହ ପୁଣି ସୁଖଭୋଗ କଲେ । ମହାରାଣୀଙ୍କ ପ୍ରତି ତାଙ୍କର ସମସ୍ତ ସ୍ନେହ ଦୂର ହୋଇଗଲା । ସେ ନାପିତକୁ ମଧ୍ୟ ନିଜର ପ୍ରକୃତ ସେବକ ବୋଲି ମନେକରି ପ୍ରଭୂତ ଅର୍ଥ ପ୍ରଦାନ କଲେ ।

ତେଣୁ ହେ କଳଙ୍ଗସେନା ! ସପତ୍ନୀମାନେ ଏ ପ୍ରକାର ହୀନ ଚକ୍ରାନ୍ତ ସବୁ କରିଥାଆନ୍ତି । ତୁମେ ବର୍ତ୍ତମାନ କଣୋଣ୍ଣ । ବିବାହର ଲଗ୍ନ ବନ୍ଧୁ

Digitized by srujanika@gmail.com

ଦୂରରେ । ଅତିନ୍ଦ୍ରୀୟ ପ୍ରଭାବଶାଳୀ ଦେବତାମାନେ ସୁଦ୍ଧା ତୁମର ପ୍ରେମାକାଂକ୍ଷୀ । ତେଣୁ ତୁମେ ଜଗତର ଏକମାତ୍ର ରତ୍ନସ୍ୱରୂପ ବତ୍ସରାଜଙ୍କ ନିକଟରେ ସମର୍ପଣ କରିଥିବା ଶରୀରକୁ ସୁରକ୍ଷିତ କର । ଏହାଦ୍ୱାରା ତୁମର ନିଶ୍ଚୟ ଉନ୍ନତି ହେବ ।

ମୁଁ ଆଜି ତୁମ ନିକଟକୁ ଆସିପାରିବି ନାହିଁ । କାରଣ ବର୍ତ୍ତମାନ ତୁମେ ପତିଗୃହରେ ବାସ କରୁଅଛ । ଉତ୍କୃଷ୍ଟ ନାରୀମାନେ ସଖୀର ପତିଗୃହକୁ ପ୍ରାୟ ଯାଆନ୍ତି ନାହିଁ । ମୋର ପତି ମଧ୍ୟ ଆଜି ଏଠାକୁ ଆସିବା ପାଇଁ ବାରଣ କରୁଥିଲେ । ତୁମ ପ୍ରତି ମୋର ପ୍ରଗାଢ଼ ପ୍ରୀତିବଶତଃ ତାଙ୍କୁ ବହୁ ଅନୁନୟ ବିନୟଦ୍ୱାରା ସମ୍ମତ କରାଇ ମୁଁ ଆଜି ବୁଲିଆସିଛି । ତାଙ୍କର ଅଜ୍ଞାତସାରରେ ମଧ୍ୟ ଆସିବା ସମ୍ଭବପର ନୁହେଁ; କାରଣ ସେ ଦିବ୍ୟଦୃଷ୍ଟିସମ୍ପନ୍ନ । ଯଦି ସେ ସମ୍ମତ ହୁଅନ୍ତି, ତା ହେଲେ ମୁଁ ମୋର ଲଜ୍ଜା ପରିତ୍ୟାଗ କରି ତୁମ ନିକଟକୁ ନିଶ୍ଚୟ ଆସିବି ।'

ସୋମପ୍ରଭା ଏହା କହି ଲୋତକାପ୍ଲୁତଲୋଚନା କଳିଙ୍ଗସେନାଙ୍କଠାରୁ ବିଦାୟ ଗ୍ରହଣ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଗଲେ ।

Digitized by srujanika@gmail.com

ସପ୍ତମ ତରଙ୍ଗ

ନିଜର ଦେଶ ଓ ବନ୍ଧୁ ସ୍ୱଜନଙ୍କୁ ପରିତ୍ୟାଗ କରି ଆସିଥିବା କଳିଙ୍ଗ-ସେନା ପୁଣି ସୋମପ୍ରଭାଙ୍କ ବିଚ୍ଛେଦରେ ବ୍ୟାକୁଳିତ ହୋଇ ଉଠିଲେ । ଏବେଣି ଉଦୟନଙ୍କ ସହ ତାଙ୍କର ବିବାହ ମଧ୍ୟ ବହୁ ବିଳମ୍ବରେ ହେବ । ତେଣୁ ସେ ଯୂଥଭ୍ରଷ୍ଟ ତଥା ବିନଚ୍ୟୁତ ହରିଣୀତୁଲ୍ୟ କାଳଯାପନ କରିବାକୁ ଲାଗିଲେ ।

କଳିଙ୍ଗସେନାଙ୍କ ସହ ବିବାହ ନିମନ୍ତେ ଗଣକମାନେ ଶୀଘ୍ର କୌଣସି ଶୁଭମୁହୂର୍ତ୍ତର ସନ୍ଧାନ ପ୍ରଦାନ ନ କରିପାରିଥିବାରୁ ଉଦୟନ ସେମାନଙ୍କ ଉପରେ କ୍ରୋଧାନ୍ୱିତ ହେଉଥାଆନ୍ତି । ଏହି ଦିନ ବତ୍ସରାଜ ଉତ୍କଣ୍ଠାର ସହିତ ଚିତ୍ତବିନୋଦନ ନିମିତ୍ତ ବାସବଦତ୍ତାଙ୍କ ଭବନରେ ଯାଇ ଉପସ୍ଥିତ ହେଲେ । ଏଠାରେ ପୂର୍ବରୁ ଯୌଗନ୍ଧରାୟଣଙ୍କଠାରୁ ଉପଦେଶ ପ୍ରାପ୍ତ ରାଣୀ ବାସବଦତ୍ତା ନିର୍ବିକାରଚିତ୍ତରେ ତାଙ୍କର ସ୍ୱାଗତ ସତ୍କାର କରିବା ଯୋଗୁଁ ରାଜା ତାଙ୍କର ଏପ୍ରକାର ବ୍ୟବହାରରେ ବିସ୍ମିତ ହୋଇ ଜିଜ୍ଞାସା କଲେ, 'ଦେବି ! ମୋର ନୂତନ ସ୍ୱୟଂବର ସମ୍ପର୍କରେ ତୁମେ କଣ କିଛି ଜାଣ ନାହିଁ ? କଳିଙ୍ଗଦତ୍ତଙ୍କର କନ୍ୟା କଳିଙ୍ଗସେନା ଆସି ଏଠାରେ ମୋର ଅପେକ୍ଷା କରିଅଛନ୍ତି ।' ଏହା ଶ୍ରବଣ କରି ବାସବଦତ୍ତା ସ୍ୱ ମନୋଭାବ ଗୁପ୍ତ ରଖି ସ୍ୱାଭାବିକ ଭାବରେ ଉତ୍ତର ଦେଲେ, 'ଆର୍ଯ୍ୟପୁତ୍ର ! ଏ ସମ୍ପର୍କରେ ମୁଁ ଅବଗତ ଅଛି । ଏହା ଅତି ଆନନ୍ଦର କଥା । ସେ ଏଠାରେ ସାକ୍ଷାତ୍ ମହାଲକ୍ଷ୍ମୀଙ୍କ ତୁଲ୍ୟ ଆସି ଉପସ୍ଥିତ ହୋଇଛନ୍ତି । ଏହାଙ୍କୁ ଗ୍ରହଣ କଲେ ଏହାଙ୍କର ପିତା କଳିଙ୍ଗଦତ୍ତ ମଧ୍ୟ ଆପଣଙ୍କର ବଶତା ସ୍ୱୀକାର କରିବେ ଏବଂ ଆପଣ ତାଙ୍କ ସେନାବାହିନୀ ସାହାଯ୍ୟରେ ସସାଗରାଧରାର ଅଧିପତି ହୋଇପାରିବେ । ଯାହାର ରୂପ ଓ ଗୁଣରେ ମୁଗ୍ଧ ହୋଇ ଅନ୍ୟ ରାଜକନ୍ୟାମାନେ ସ୍ୱୟଂବରଣ କରିବା ନିମନ୍ତେ ଆସି ଉପସ୍ଥିତ ହେଉଛନ୍ତି, ତାଙ୍କୁ ପତିରୂପରେ ଲାଭକରି କେଉଁ ନାରୀ ବା ଗୌରବାନ୍ୱିତ ନ ହେବ !'

Digitized by srujanika@gmail.com

ଯୌଗନ୍ଧରାୟଣଙ୍କ ପ୍ରଦତ୍ତ ଶିକ୍ଷା ପ୍ରଭାବରୁ ବାସବଦତ୍ତା ଯେଉଁ ବାକ୍ୟାବଳୀ ବ୍ୟକ୍ତ କଲେ, ତାହା ଉଦୟନଙ୍କ ସନ୍ତପ୍ତ ହୃଦୟରେ ଶୀତଳ ବାରିବିନ୍ଦୁ ସେଚନ କଲା । ସେ ତାଙ୍କ ସହ ପାନ ଭୋଜନାଦି ଶେଷ କରି ଶୟନ କଲେ । କିନ୍ତୁ ହଠାତ୍ ନିଦ୍ରାଭଙ୍ଗ ହେବାରୁ ସେ ଚିନ୍ତା କଲେ, 'ପ୍ରକୃତରେ କଣ ବାସବଦତ୍ତା ମୋର ବ୍ୟବହାର ଏବଂ କଳିଙ୍ଗସେନାଙ୍କୁ ସପତ୍ନୀରୂପେ ଲାଭ କରିବା ବିଷୟକୁ ଏତେ ସହଜରେ ସମର୍ଥନ କରିପାରିଲେ । ପଦ୍ମାବତୀଙ୍କ ବିବାହ ସମୟରେ ସେ ଦୈବବଳରୁ କେବଳ ପ୍ରାଣ ରକ୍ଷା କରିଥିଲେ, ସେ କଳିଙ୍ଗସେନାଙ୍କୁ ନିର୍ବିକାରଚିତ୍ତରେ ଗ୍ରହଣ କରିନେବା ସମ୍ଭବପର ମନେ ହେଉ ନାହିଁ । ଏଥିରେ ଯଦି କିଛି ଅନିଷ୍ଟ ଘଟେ ତାହାହେଲେ ମୋର ଦୁର୍ଭାଗ୍ୟର ସୀମା ରହିବ ନାହିଁ । ମୋର ପୁତ୍ର, ଶ୍ୱଶୁର, ଶାଳକ ପ୍ରଭୃତି ସମସ୍ତ ଆତ୍ମୀୟ ସ୍ୱଜନ ତାଙ୍କର ବଶୀଭୂତ । ପଦ୍ମାବତୀ ଏବଂ ପ୍ରଜାମଣ୍ଡଳୀ ମଧ୍ୟ ତାଙ୍କ ପ୍ରତି ଅନୁରକ୍ତ । ତେଣୁ କଳିଙ୍ଗସେନାଙ୍କୁ ବିବାହ କରିବା ମୋ ପକ୍ଷରେ କେତେ ଦୂର ବିବେକୋଚିତ ହେବ ?' ଏହିପରି ଚିନ୍ତାକରି ସେ ପ୍ରାତଃକାଳରୁ ଅନ୍ତଃପୁର ପରିତ୍ୟାଗ କରି ଚାଲି ଆସିଲେ ।

ସେହିଦିନ ଅପରାହ୍ଣରେ ସେ ଯାଇ ପଦ୍ମାବତୀଙ୍କ ଭବନରେ ଉପସ୍ଥିତ ହେଲେ । କିନ୍ତୁ ବିସ୍ମୟର କଥା ପଦ୍ମାବତୀ ମଧ୍ୟ ବାସବଦତ୍ତାଙ୍କ ଅନୁରୂପ ବ୍ୟବହାର ପ୍ରଦର୍ଶନପୂର୍ବକ ତାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଚେଷ୍ଟା କଲେ । ଉଭୟ ମହାରାଣୀଙ୍କ ବ୍ୟବହାରରେ ଶଙ୍କାକୁଳଚିତ୍ତ ଉଦୟନ, ପରଦିନ ଯୌଗନ୍ଧରାୟଣଙ୍କ ନିକଟରେ ଏହା ପ୍ରକାଶ କରି ତାଙ୍କର ପରାମର୍ଶ ଲୋଡ଼ିଲେ ।

ଚତୁର ଯୌଗନ୍ଧରାୟଣ ରାଜାଙ୍କ ଚିତ୍ତ କ୍ରମଶଃ ଶଙ୍କାକୁଳ ହେଉଥିବା ଦେଖି ଏବଂ ଏହାକୁ ପ୍ରକୃତ ସୁଯୋଗ ମନେକରି ନିଜର ମନୋଭାବ ଗୋପନ-ପୂର୍ବକ କହିଲେ, 'ମୁଁ ଭାବୁଛି ଉଭୟ ମହାରାଣୀ ଯାହା କହୁଛନ୍ତି, ତାକୁ ଅକ୍ଷରଶଃ ଗ୍ରହଣ କରିବା ଉଚିତ ହେବନାହିଁ । ସେମାନେ ବୋଧହୁଏ ପ୍ରାଣ ପରିତ୍ୟାଗ କରିବା ନିମନ୍ତେ ଦୃଢ଼ନିଶ୍ଚୟ । ତେଣୁ ସାଂସାରିକ ବିଷୟ ପ୍ରତି ଅନାସକ୍ତ ରହି ସେମାନେ ଆପଣଙ୍କ ସହ ଏପ୍ରକାର ବ୍ୟବହାର କରୁଛନ୍ତି । ସଚ୍ଚରିତ୍ରା ସ୍ତ୍ରୀମାନେ ସ୍ୱାମୀଙ୍କୁ ଅନ୍ୟ ସ୍ତ୍ରୀ ପ୍ରତି ଆସକ୍ତ ହୋଇଥିବା ଦେଖି କିମ୍ବା

Digitized by srujanika@gmail.com

ସ୍ୱାମୀଙ୍କର ପରଲୋକଗମନରେ ଜୀବନ ତ୍ୟାଗର ସଙ୍କଳ୍ପ କରି ବୈଦ୍ୟରକ୍ଷିତ ଓ ପ୍ରତ୍ୟାଗ୍ରୀନ ହୋଇ ପଡ଼ିଥାଆନ୍ତି । ସଚ୍ଚରିତ୍ରା ନାରୀମାନଙ୍କ ପକ୍ଷରେ ପତିଙ୍କର ଗଭୀର ପ୍ରେମରେ ଶୈଥିଲ୍ୟ ଅସହ୍ୟ ଦୁଃଖଦାୟକ । ଏ ସମ୍ପର୍କରେ ଆପଣ ଗୋଟିଏ ଗଳ୍ପ ଶ୍ରବଣ କରନ୍ତୁ—

ରାଜା ଶ୍ରୁତସେନ କଥା

ପ୍ରାଚୀନକାଳରେ ଦାକ୍ଷିଣାତ୍ୟର ଗୋକର୍ଣ୍ଣ ନାମକ ନଗରରେ ଶ୍ରୁତସେନ ବୋଲି ଜଣେ ବିଦ୍ୱାନ୍ ଓ କୁଳଭୂଷଣ ନରପତି ରାଜତ୍ୱ କରୁଥିଲେ । ସମସ୍ତ ରାଜକୀୟ ସୁଖସମ୍ଭୋଗ ମଧ୍ୟରେ ତାଙ୍କର ଏକମାତ୍ର ଦୁଃଖ ଥିଲା ଯେ ସେ ନିଜର ଅନୁରୂପ ପତ୍ନୀଟିଏ ପାଇପାରୁ ନଥିଲେ । ଦିନେ ଏହି ଚିନ୍ତାରେ ମଗ୍ନ ଥିବା ସମୟରେ ଅଗ୍ନିଶର୍ମା ନାମକ ଜଣେ ବ୍ରାହ୍ମଣ ଆସି ରାଜାଙ୍କୁ କହିଲେ, 'ମହାରାଜ ! ମୁଁ ଜୀବନରେ ଦୁଇଟି ଆଶ୍ଚର୍ଯ୍ୟ କଥା ଦେଖିଛି । ସେଗୁଡ଼ିକ ହେଲା—ତୀର୍ଥଯାତ୍ରାରେ ବାହାରି ହୋଇ ମୁଁ ପଞ୍ଚତୀର୍ଥଠାରେ ଉପସ୍ଥିତ ହୋଇଥିଲି । ସେଠାରେ ପାଞ୍ଚଜଣ ଅପ୍ସରା ମୁନିଶାପରେ କୁମ୍ଭୀର ହୋଇ ରହିଥିଲେ ଏବଂ ଅର୍ଜୁନ ତୀର୍ଥଭ୍ରମଣ କରୁଥିବା ସମୟରେ ତାଙ୍କଦ୍ୱାରା ଏମାନେ ମୁକ୍ତିଲାଭ କରିଥିଲେ । ଏହି ତୀର୍ଥରେ ସ୍ନାନ କରି ପାଞ୍ଚଦିନ ନିରାହାର ରହିଲେ ମାନବ ଭଗବାନଙ୍କ ଅନୁଚର ହୋଇପାରେ ।

କୃଷକ କଥା

ମୁଁ ଏହି ତୀର୍ଥସ୍ଥଳକୁ ଗମନ କରୁଥିବା ସମୟରେ ଦେଖିଲି ଗୋଟିଏ କୃଷିକ୍ଷେତ୍ର ମଧ୍ୟରେ ବସି ଜଣେ କୃଷକ ସଙ୍ଗୀତ ଗାନ କରୁଛି । ଏହି ସମୟରେ ଅନ୍ୟ ଜଣେ ପଥଭ୍ରଷ୍ଟ ପରିବ୍ରାଜକ ତାଙ୍କୁ ପ୍ରକୃତମାର୍ଗ ପ୍ରଦର୍ଶନ କରିବା ନିମନ୍ତେ ଅନୁରୋଧ କରିବାରୁ ସେ ସଙ୍ଗୀତରେ ତଲ୍ଲୀନ ଥିବା ଯୋଗୁଁ ତା'ର ଅନୁରୋଧ ପ୍ରତି କର୍ଣ୍ଣପାତ କଲା ନାହିଁ । ଏଥିରେ ବିରକ୍ତ ହୋଇ ପରିବ୍ରାଜକ କଟୂବାକ୍ୟ ପ୍ରୟୋଗପୂର୍ବକ ତାକୁ ଭର୍ତ୍ସନା କଲା । ଏହା ଦେଖି କୃଷକ ଗାନ ବନ୍ଦ କରି ସେହି ରୁଷ୍ଟ ପରିବ୍ରାଜକକୁ କହିଲା, 'ଆଶ୍ଚର୍ଯ୍ୟ କଥା ତୁମେ ପରିବ୍ରାଜକ ହୋଇ ଯେଉଁ ଧର୍ମ ସମ୍ପର୍କରେ ଜ୍ଞାନ ଅର୍ଜନ କରିପାରି

Digitized by srujanika@gmail.com

ନାହିଁ ମୁଁ ମୂର୍ଖ ହୋଇ ସୁଦ୍ଧା ତାହା ଜାଣିପାରିଅଛି ।' କୌତୂହଳାନ୍ୱିତ ହୋଇ ପରିବ୍ରାଜକ ତା'ର ଧର୍ମଜ୍ଞାନ ଲାଭ ସମ୍ପର୍କରେ ଜିଜ୍ଞାସା କରିବାରୁ ସେ ଧୀରସ୍ଥିର ଭାବରେ କହିଲା—

'ଏହି ବୃକ୍ଷଚ୍ଛାୟାରେ ଆସନ ଗ୍ରହଣ କରି ଶ୍ରବଣ କର । ଏହି ଗ୍ରାମରେ ତିନୋଟି ବ୍ରାହ୍ମଣ ଭ୍ରାତା ବାସ କରୁଥିଲେ —ବ୍ରହ୍ମଦତ୍ତ, ସୋମଦତ୍ତ ଓ ବିଷ୍ଣୁଦତ୍ତ । ଏମାନଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ବିବାହିତ ଓ ଶେଷ ଜଣକ ଅବିବାହିତ । କନିଷ୍ଠ ଭ୍ରାତା ବିଷ୍ଣୁଦତ୍ତ, ଜ୍ୟେଷ୍ଠ ଉଭୟ ଭ୍ରାତାଙ୍କର ସେବାଶୁଶ୍ରୂଷା କରି କାଳଯାପନ କରୁଥାଆନ୍ତି । ମୁଁ ଏହି ବ୍ରାହ୍ମଣ ସନ୍ତାନମାନଙ୍କର କୃଷିକ୍ଷେତ୍ର ହିଁ କର୍ଷଣ କରି ଜୀବିକା ନିର୍ବାହ କରୁଅଛି ।

ବିଷ୍ଣୁଦତ୍ତ ସରଳ, ନିରାଡ଼ମ୍ବର, ଧର୍ମଶୀଳ, ପରିଶ୍ରମପ୍ରିୟ ଓ ଉଦାର ଚରିତ୍ର ଥିବାଯୋଗୁଁ ଜ୍ୟେଷ୍ଠଭ୍ରାତାମାନେ ତାଙ୍କୁ ମୂର୍ଖ ବୋଲି ଭାବୁଥିଲେ । ଥରେ ଉଭୟ ଭ୍ରାତୃଜାୟା ଏହାଙ୍କ ପ୍ରତି ଆସକ୍ତ ହୋଇ ରତିଭିକ୍ଷା କଲେ କିନ୍ତୁ ବିଷ୍ଣୁଦତ୍ତ ସେମାନଙ୍କୁ ମାତୃତୁଲ୍ୟ ମନେକରି ସ୍ପର୍ଶ କଲେ ନାହିଁ । ଏଥିରେ ଲଜ୍ଜିତ ଓ କୋପାନ୍ୱିତ ହୋଇ ଏ ଦୁହେଁ ନିଜ ନିଜ ପତିଙ୍କ ନିକଟରେ ଯାଇ ଅଭିଯୋଗ କଲେ ଯେ ବିଷ୍ଣୁଦତ୍ତ ସେମାନଙ୍କ ପ୍ରତି ପାଶବିକ ଅତ୍ୟାଚାର କରିବା ନିମନ୍ତେ ଉଦ୍ୟତ ହୋଇଥିଲେ । ଏହା ଶୁଣି ସେମାନେ କନିଷ୍ଠ ଭ୍ରାତା ପ୍ରତି ମନେ ମନେ ଅଗ୍ନିଶର୍ମା ହୋଇଉଠିଲେ । ପ୍ରକୃତିରେ କପଟୀ ନାରୀମାନଙ୍କର ବଶୀଭୂତ ପୁରୁଷମାନେ ସତ୍ୟ ଓ ମିଥ୍ୟା ବିଚାର କରିପାରି ନଥାନ୍ତି ।

ସେମାନେ କର୍ତ୍ତବ୍ୟାକର୍ତ୍ତବ୍ୟ ବିସ୍ମୃତ ହୋଇ ବିଷ୍ଣୁଦତ୍ତଙ୍କୁ କୃଷି କ୍ଷେତ୍ରରେ ଥିବା ହୁଙ୍କାଟିକୁ ଖନନ କରି ସମତଳ କରିବା ନିମନ୍ତେ ଆଦେଶ ପ୍ରଦାନ କଲେ । ସେ ମଧ୍ୟ ଜ୍ୟେଷ୍ଠ ଭ୍ରାତାମାନଙ୍କର ଆଦେଶରେ ସଙ୍ଗେ ସଙ୍ଗେ କାମରେ ଲାଗିଗଲେ । କିନ୍ତୁ ମୁଁ ତାଙ୍କୁ ଏଥିରୁ ନିବୃତ୍ତ କଲି କାରଣ ଏହା ମଧ୍ୟରେ ଏକ ଭୟଙ୍କର କାଳସର୍ପ ବାସ କରୁଥିଲା । ଅବଶ୍ୟ ବିଷ୍ଣୁଦତ୍ତ ମୋର ବାରଣ ପ୍ରତି କର୍ଣ୍ଣପାତ କଲେ ନାହିଁ । ସେହି ଦୁଷ୍ଟ ଭ୍ରାତାମାନଙ୍କର ଆଦେଶ ଲଙ୍ଘନ କରିବା ନିମନ୍ତେ ସେ ରାଜି ହୁଁ ନଥିଲେ । କିନ୍ତୁ ବିସ୍ମୟର

Digitized by srujanika@gmail.com

କଥା. ସେ ତା ମଧ୍ୟରୁ ବହୁ ଧନରତ୍ନ ପୂର୍ଣ୍ଣ ଏକ ପାତ୍ର ଲାଭ କଲେ । କୋଧହୁଏ ଧର୍ମ ଧାର୍ମିକ ବ୍ୟକ୍ତିମାନଙ୍କୁ ସର୍ବଦା ରକ୍ଷା କରେ । ସେ ଏହି ସ୍ୱର୍ଣ୍ଣପୂର୍ଣ୍ଣ ପାତ୍ରକୁ ନେଇ ଭ୍ରାତାମାନଙ୍କୁ ପ୍ରଦାନ କଲେ । ଅବଶ୍ୟ ଏତେବେଳେ ମଧ୍ୟ ମୁଁ ତାଙ୍କୁ ବାରଣ କରି ବିଫଳ ମନୋରଥ ହୋଇଥିଲି ।

ଏହି ଅଚଳାଚଳ ଧନପ୍ରାପ୍ତ ହୋଇ ମଧ୍ୟ ଜ୍ୟେଷ୍ଠ ଭ୍ରାତାମାନଙ୍କର କ୍ରୋଧ ଶାନ୍ତ ହୋଇ ନଥିଲା, ତେଣୁ ସେମାନେ ସମସ୍ତ ସମ୍ପତ୍ତି ଗ୍ରହଣ କରି ତାର ହସ୍ତପଦ ଛେଦନ କଲେ । କିନ୍ତୁ ଏଥିରେ ମଧ୍ୟ ତାଙ୍କ ମନରେ ଦୁଃଖ ବା କ୍ରୋଧ ଜାତ ହୋଇ ନଥିଲା । ଫଳରେ ତାଙ୍କର ହସ୍ତପଦ ପୁଣି ପୂର୍ବାବସ୍ଥା ପ୍ରାପ୍ତ ହେଲା ।'

ଏହା ଦେଖି ମୁଁ ସେହିଦିନଠାରୁ କ୍ରୋଧ ପରିତ୍ୟାଗ କରିଛି । କିନ୍ତୁ ତୁମେ ତପସ୍ୱୀ ହୋଇ ସୁଦ୍ଧା ଏହା ତ୍ୟାଗ କରିପାରି ନାହିଁ । ମୁଁ କ୍ରୋଧକୁ ଜୟ କରିପାରିଛି ବୋଲି ସ୍ୱର୍ଗକୁ ମଧ୍ୟ ଜୟ କରିପାରିଛି ।' ଏହା କହି କହି ସେହି କୃଷକ ଶରୀର ତ୍ୟାଗକରି ସ୍ୱର୍ଗପଥରେ ଚାଲିଗଲା । ଏହାହିଁ ମୁଁ ଦର୍ଶନ କରିଥିବା ପ୍ରଥମ ଆଶ୍ଚର୍ଯ୍ୟକର ଘଟଣା ।

ବର୍ତ୍ତମାନ ଦ୍ୱିତୀୟ ଆଶ୍ଚର୍ଯ୍ୟଜନକ ଘଟଣା ଶ୍ରବଣ କରନ୍ତୁ—

ବିଦ୍ୟୁଦ୍‌ଦ୍ୟୋତା ଓ ରାଜା ବସନ୍ତସେନ କଥା

ସେଠାରୁ ମୁଁ ପୁଣି ତୀର୍ଥଯାତ୍ରା ଆରମ୍ଭ କରି ସମୁଦ୍ରତଟରେ ଭ୍ରମଣ କରୁ କରୁ ରାଜା ବସନ୍ତସେନଙ୍କ ରାଜ୍ୟରେ ଆସି ଉପସ୍ଥିତ ହେଲି । ରାଜାଙ୍କ ଅନ୍ତଃପୁରରେ ପ୍ରବେଶ କରନ୍ତେ ବ୍ରାହ୍ମଣମାନେ ମୋତେ କହିଲେ, 'ତୁମେ ସେହି ପଥରେ ଯାଅ ନାହିଁ । ଆଗରେ ରାଜକୁମାରୀ ବିଦ୍ୟୁଦ୍‌ଦ୍ୟୋତା ଅଛନ୍ତି । ଏହାଙ୍କୁ କୌଣସି ଯୋଗସିଦ୍ଧ ମୁନି ମଧ୍ୟ ଯଦି ଦୈବାତ୍ ଦର୍ଶନ କରେ, ତେବେ କାମବାଣରେ ଆସକ୍ତ ହୋଇ ଜୀବନଧାରଣ କରିବା ସମ୍ଭବପର ହେବ ନାହିଁ ।' ଏମାନଙ୍କ ବାରଣରେ ଆଦୌ ବ୍ୟସ୍ତ ନ ହୋଇ ମୁଁ କହିଲି, 'ଏହା କିଛି ବଡ଼ କଥା ନୁହେ । ମୁଁ ପ୍ରତିଦିନ ଦ୍ୱିତୀୟ କାମଦେବ ତୁଲ୍ୟ

Digitized by srujanika@gmail.com

ମହାରାଜ ଶ୍ରୁତସେନଙ୍କ ଦର୍ଶନ କରୁଅଛୁ । ସେ ରାଜପ୍ରାସାଦରୁ ନିର୍ଗତ ହେବା ମାତ୍ରେ ନାରୀମାନଙ୍କର ସତୀତ୍ୱ ନଷ୍ଟ ହେବା ଆଶଙ୍କାରେ ତାଙ୍କର ସୈନ୍ୟବାହିନୀ ପୁରନାରୀମାନଙ୍କୁ ପଥମଧ୍ୟରୁ ଦୂର କରିବା ପାଇଁ ଚେଷ୍ଟା କରନ୍ତି ।' ମୋଠାରୁ ଏହା ଶୁଣି ଚରତତ୍ତ୍ୱାବଧାରକ ଏବଂ ରାଜପୁରୋହିତ ମୋତେ ଆପଣଙ୍କର କୃପାପାତ୍ର ଜାଣି ରାଜାଙ୍କ ସମ୍ମୁଖକୁ ନେଇଗଲେ । ସେଠାରେ ମୁଁ ରାଜକୁମାରୀ ବଦ୍ଧ୍ୟଦ୍ୟୋତାଙ୍କ ଦର୍ଶନ ଲଭିକଲି । ସେ କାମଦେବଙ୍କର ଶରୀରଧାରିଣୀ ଜଗନ୍ମୋହିନୀ ମନ୍ତ୍ରତୁଲ୍ୟ ଦେଖା ଯାଉଥିଲେ । ତାଙ୍କୁ ଦେଖି ମୁଁ କିଛି ସମୟ ତଟସ୍ଥ ହୋଇ ରହିବା ପରେ ବିଚାର କଲି ଯେ ଏ ଯଦି ମୋର ପ୍ରଭୁଙ୍କର ଅଙ୍କମଣ୍ଡନ କରନ୍ତି, ତା' ହେଲେ ସେ ରାଜକାର୍ଯ୍ୟ ପରିତ୍ୟାଗ କରି ଏହାଙ୍କ ପ୍ରୀତିରେ ନିମଜ୍ଜିତ ହୋଇ ରହିବେ । କିନ୍ତୁ ଯାହାହେଉ ତାଙ୍କୁ ଏ ବିଷୟ ଜ୍ଞାପନ କରିବାକୁ ପଡ଼ିବ । ନଚେତ୍ ଏମାନଙ୍କର ଦେବସେନ ଓ ଉନ୍ମାଦିନୀ ପରି ଗତି ହେବ ।

ଉନ୍ମାଦିନୀ ଓ ରାଜା ଦେବସେନ କଥା

ପ୍ରାଚୀନକାଳରେ ରାଜା ଦେବସେନଙ୍କ ରାଜ୍ୟରେ ଜଗଦ୍‌ଉନ୍ମାଦକାରିଣୀ ଉନ୍ମାଦିନୀ ନାମକ ଏକ ବୈଶ୍ୟକନ୍ୟା ଥିଲେ । ତାହାର ପିତା କନ୍ୟାଟିକୁ ରାଜା ଦେବସେନଙ୍କ ହସ୍ତରେ ଅର୍ପଣ କରିବା ନିମନ୍ତେ ପ୍ରସ୍ତୁତ ଥିଲେ ହେଁ ବ୍ରାହ୍ମଣମାନେ ଏହାକୁ କୁଲକ୍ଷଣା ବୋଲି ରାଜାଙ୍କ ନିକଟରେ ପ୍ରକାଶ କରନ୍ତେ ସେ ତାକୁ ପ୍ରତ୍ୟାଖ୍ୟାନ କଲେ । ରାଜ୍ୟର ପ୍ରଧାନ ସଚିବଙ୍କ ସହ ଉନ୍ମାଦିନୀଙ୍କର ବିବାହ ସମ୍ପନ୍ନ ହୋଇଗଲା । କିଛି ଦିନ ପରେ ଏକଦା ଏହି କନ୍ୟା ଗବାକ୍ଷମାର୍ଗରୁ ନିଜର ଅତୁଳନୀୟ ରୂପବିଭବ ରାଜାଙ୍କୁ ପ୍ରଦର୍ଶନ କରନ୍ତେ ରାଜା କାମପୀଡ଼ାରେ ମୂର୍ଚ୍ଛିତପ୍ରାୟ ହୋଇ ପାନାହାର ପରିତ୍ୟାଗ କଲେ । ପ୍ରଧାନମନ୍ତ୍ରୀ ଏହାଙ୍କର ଏତାଦୃଶ ଅବସ୍ଥା ସନ୍ଦର୍ଶନ କରି କନ୍ୟାଟିକୁ ଗ୍ରହଣ କରିବା ନିମନ୍ତେ ପ୍ରାର୍ଥନା କଲେ ହେଁ ଧର୍ମଶୀଳ ରାଜା ଏଥିରେ ସମ୍ମତ ହେଲେ ନାହିଁ । କିନ୍ତୁ ଉନ୍ମାଦିନୀ ବ୍ୟତୀତ ତାଙ୍କର ଜୀବନ ଧାରଣ ଅସମ୍ଭବ ହୋଇପଡ଼ିଲା; ସେ ପ୍ରାଣତ୍ୟାଗ କଲେ ।

Digitized by srujanika@gmail.com

ଭବିଷ୍ୟତରେ ଏପ୍ରକାର ବିପଦର ସମ୍ମୁଖୀନ ହେଲେ ପଶ୍ଚାତ୍ତାପରେ ଭାଗୀ ହେବ ବୋଲି, ମୁଁ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଆପଣଙ୍କ ନିକଟରେ ପ୍ରକାଶ କଲି ।

ରାଜା ଶୂରସେନ ବ୍ରାହ୍ମଣଠାରୁ ଏ ବୃତ୍ତାନ୍ତ ଶ୍ରବଣ କରି ବିଦ୍ୟୁଦ୍‌ଦ୍ୟୋତାଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ସେ ବ୍ରାହ୍ମଣଙ୍କୁ ବିଦାୟ କରି ଏପ୍ରକାର କୌଶଳ କଲେ ଯାହା ଫଳରେ ବିଦ୍ୟୁଦ୍‌ଦ୍ୟୋତାଙ୍କ ସହ ତାଙ୍କର ବିବାହ ସଂଘଟିତ ହେଲା । ରାଜା ଓ ରାଣୀ ସୂର୍ଯ୍ୟ ଓ ଛାୟାନୁରୂପ ଅଭିନ୍ନ ଭାବରେ ବାସ କରିବାକୁ ଲାଗିଲେ ।

କିଛି ଦିନ ଅତୀତ ହେଲାପରେ ଦିନେ କୌଣସି ଧନୀ ବୈଶ୍ୟର ରୂପଗର୍ବିତା କନ୍ୟା ମାଲ୍ୟଦତ୍ତା ରାଜା ଶୂରସେନଙ୍କୁ ସ୍ୱୟଂବରଣ କରିବା ନିମନ୍ତେ ଆସି ଉପସ୍ଥିତ ହେଲା । ଧର୍ମଭୀରୁ ଭାବରେ ରାଜା ତାଙ୍କୁ ବାଧ୍ୟହୋଇ ଗ୍ରହଣ କଲେ । ଏହା ଜ୍ଞାତ ହେବା ମାତ୍ରେ ବିଦ୍ୟୁଦ୍‌ଦ୍ୟୋତାଙ୍କ ହୃଦୟ ଗଭୀର ଦୁଃଖରେ ବିଦୀର୍ଣ୍ଣ ହୋଇଗଲା ଏବଂ ସେ ମୃତ୍ୟୁବରଣ କଲେ । ରାଜା ଅନ୍ତଃପୁର ମଧ୍ୟରେ ପ୍ରବେଶ କରି ଏ ସମ୍ବାଦ ଶୁଣିବା ମାତ୍ରେ ରାଣୀଙ୍କୁ ଆଲିଙ୍ଗନ କରି ପ୍ରାଣତ୍ୟାଗ କଲେ । ଏହାପରେ ବୈଶ୍ୟକନ୍ୟା ଏ ଉଭୟଙ୍କ ଚିତାଗ୍ନିରେ ପ୍ରବିଷ୍ଟ ହୋଇ ସହଗମନ କଲା ।

ତେଣୁ, ଗଭୀର ପ୍ରେମସାଗରରେ ନିମଜ୍ଜମାନା ରାଣୀ ବାସବଦତ୍ତାଙ୍କୁ ଆପଣଙ୍କର ଏପ୍ରକାର ବିବାହ ଅସହ୍ୟ ଦୁଃଖ ଦାନ କରିବ । ଏଣୁ ଆପଣ ଯଦି କଳିଙ୍ଗସେନାଙ୍କର ପାଣିଗ୍ରହଣ କରିବେ, ତା' ହେଲେ ବାସବଦତ୍ତା ନିଶ୍ଚିତଭାବରେ ପ୍ରାଣତ୍ୟାଗ କରିବେ । ରାଣୀ ପଦ୍ମାବତୀ ଯେ ତାଙ୍କର ପଦାଙ୍କ ଅନୁସରଣ କରିବେ ଏଥିରେ ସନ୍ଦେହ କଣ ଅଛି । ଏ ସବୁ ଦୁଃଖ ଆପଣଙ୍କ କୋମଳ ହୃଦୟ ସହ୍ୟ କରିପାରିବ କି ନାହିଁ ମୁଁ କଳ୍ପନା କରିପାରୁ ନାହିଁ । ଉଭୟ ମହାରାଣୀ ଯେପରି ଗମ୍ଭୀରଭାବ ସହ ଆପଣଙ୍କ ସହ ବାର୍ତ୍ତାଳାପ କରନ୍ତି ସେଥିରୁ ସ୍ପଷ୍ଟ ସୂଚିତ ହେଉଛି ଯେ ସେମାନେ ପ୍ରାଣ ବିସର୍ଜନ କରିବା ନିମନ୍ତେ ଦୃଢ଼ନିଶ୍ଚୟ ହୋଇ ରହିଛନ୍ତି । ତେଣୁ ଯେ କୌଣସି ଉପାୟରେ ଆପଣ ନିଜର ସ୍ୱାର୍ଥ ପ୍ରତି ସଜାଗ ରହିବା ଆବଶ୍ୟକ ।

Digitized by srujanika@gmail.com

ଉଦର ପ୍ରାଣୀମାନେ ଯେତେବେଳେ ଜଳ ଜଳର ସ୍ପର୍ଶ ରକ୍ଷାପାଇଁ ପ୍ରାଣମୂର୍ଚ୍ଛା ଉତ୍ପନ୍ନ କରୁଛନ୍ତି, ଆପଣଙ୍କ ତୁଲ୍ୟ ବୁଦ୍ଧିମାନ୍ ଓ ବିବେକଶୀଳ ରାଜା ସେ ଏଥର ତର୍ପଣ ସମାଧାନ ପୂର୍ବରୁ ଅପରେ ଉଚିତ ନୁହେଁ ବିଚାର କରିବେ, ଏଥିରେ ସନ୍ଦେହ କଣ ଅଛି ।

ମନ୍ତ୍ରୀଶ୍ରେଷ୍ଠ ଯୌଗନ୍ଧରାୟଣଙ୍କଠାରୁ ଏହା ଶ୍ରବଣ କରି ରାଜା ଉଦୟନ ବହୁ ସମୟ ଚିନ୍ତାକରି କହିଲେ, 'ଅବଶ୍ୟ ତୁମେ ଯାହା କହିଲ, ତାହା ଆଦୌ ମିଥ୍ୟା ନୁହେଁ । ଏହାଦ୍ୱାରା ମୋର ସମସ୍ତ ସାଂସାରିକ ସୁଖ ନଷ୍ଟ ହେବ । ତେଣୁ ବର୍ତ୍ତମାନ କଳିଙ୍ଗସେନାଙ୍କ ସହ ମୋର ଆଉ କିଛି ସମ୍ପର୍କ ନାହିଁ । ଗଣକମାନେ ମଧ୍ୟ ବିବାହ କରି ଦୂର ଅଛି ବୋଲି ମତ ପ୍ରକାଶ କରି ମୋର ମଙ୍ଗଳ କରିଛନ୍ତି । ସ୍ୱୟଂବର ସ୍ତ୍ରୀକୁ ଗ୍ରହଣ କଲେ ବିଶେଷ ଅଧର୍ମ ହେବ ନାହିଁ ।'

ରାଜାଙ୍କର ଏତାଦୃଶ ମନୋଭାବବର୍ଣ୍ଣନ ଲକ୍ଷ୍ୟ କରି ଯୌଗନ୍ଧରାୟଣ ନିଜର କାର୍ଯ୍ୟସିଦ୍ଧି ହେବ ଭାବି ଆନନ୍ଦମନରେ ସୁବାସଭବନକୁ ପ୍ରତ୍ୟାବର୍ତ୍ତନ କଲେ । ରାଜା ମଧ୍ୟ ନିଜର ମନୋଭାବ ଗୁପ୍ତ ରଖି ରାଣୀ ବାସବଦତ୍ତାଙ୍କ ପ୍ରକୋଷ୍ଠରେ ପ୍ରବେଶ କରି ତାଙ୍କୁ କହିଲେ, 'ମୁଁ ବର୍ତ୍ତମାନ ଯାହା ସମ୍ପର୍କରେ କଣ କହୁଛି, ତାହା ତୁମେ ଅନୁମାନ କରିପାରୁଥିବ । ଜଳ ଓ ଜଳର ସମ୍ପର୍କ ଭଳି ତୁମର ଓ ମୋର ପ୍ରେମ ଅଚ୍ଛେଦ୍ୟ । ମୁଁ ତୁମ ବ୍ୟତୀତ ଅନ୍ୟ ନାରୀର ନାମ ଉଚ୍ଚାରଣ କରେ। ସ୍ୱପ୍ନରେ ମଧ୍ୟ ଧାରଣ କରିପାରୁନାହିଁ । କିନ୍ତୁ କଳିଙ୍ଗସେନା ମୋର ନିକଟକୁ ଦଉଡ଼ିଆସି ଦେଇଛନ୍ତି । ତୁମେ ଜାଣିଥିବ, ଉର୍ବଶୀ ଭଗବାନଙ୍କ ଅର୍ଜ୍ଜୁନ, ଯାହାର ପ୍ରାର୍ଥନା ରକ୍ଷା ନ କରିବା ଯୋଗୁଁ, ତାଙ୍କୁ ନପୁଂସକ ହେବା ପାଇଁ ଅଭିଶାପ ପ୍ରଦାନ କରିଥିଲେ । ଏହି ଶାପ ସମୟରେ ଅର୍ଜ୍ଜୁନ ବହୁ ଯୋଗ୍ୟତାର ସ୍ତ୍ରୀବେଶ-ଧାରଣପୂର୍ବକ ବିରାଟ ଭବନରେ ରହିଥିଲେ । ତେଣୁ ମୁଁ କଳିଙ୍ଗସେନାଙ୍କ ଅନୁରୋଧରେ ସେଠାରୁ ଅଗ୍ରସର ପ୍ରକାଶ କରି ନପାରି । ତୁମର ସ୍ତ୍ରୀତ୍ୱ ନ ନେଇ ମୋ ଉପରେ କୌଣସି କର୍ପୀଳେ ପ୍ରକୃତ ହେବା ଏକାନ୍ତ ଅସମ୍ଭବ ।' ଏହିପରି ଅନ୍ତ୍ୟାଦନା ପ୍ରଦାନପୂର୍ବକ ରାଜା ଉଦୟନ ରାଣୀଙ୍କ ଆମୋଦ-ପ୍ରମୋଦରେ ସମ୍ମତି ହୋଇ ଏହି ଭଳିଆ ବାସବଦତ୍ତାଙ୍କ ସହ ଅତିବାହିତ କଲେ ।

Digitized by srujanika@gmail.com

ଏଣେ ଯୌଗନ୍ଧରାୟଣ ନିଯୁକ୍ତ କରିଥିବା ଯକ୍ଷ ବିନୀତି କଳିଙ୍ଗସେନାଙ୍କ ଗତିବିଧି ଲକ୍ଷ୍ୟ କରୁଥାଏ । ଉପରୋକ୍ତ ରଜନୀରେ ସେ ଆସି ଯୌଗନ୍ଧରାୟଣଙ୍କୁ କହିଲା, 'ମୁଁ କଳିଙ୍ଗସେନାଙ୍କ ବାସଭବନର ବାହାର ଓ ଭିତର ଉଭୟ ଦିଗ ପ୍ରତି ଦୃଷ୍ଟି ରଖିଛି । କିନ୍ତୁ ଆଜି ସୁଦ୍ଧା କୌଣସି ଦିବ୍ୟପୁରୁଷ ବା ମାନବ ସେଠାକୁ ଯାତାୟାତ କରିବା ମୋର ଦୃଷ୍ଟିଗୋଚର ହୋଇ ନଥିଲା । କିନ୍ତୁ ଆଜି ସନ୍ଧ୍ୟାରେ ମୁଁ ଗୁପ୍ତଭାବରେ ବିଚରଣ କରୁଥିବା ସମୟରେ ତାଙ୍କ ବାସଭବନର ଶୀର୍ଷଦେଶରେ ଏକ ଅଦ୍ଭୁତ ଶବ୍ଦ ଶୁଣିବାକୁ ପାଇଲି । ମୁଁ ଏହି ଶବ୍ଦର ଉତ୍ପତ୍ତିସ୍ଥଳ ଜାଣିବା ନିମନ୍ତେ ନିଜର ବିଦ୍ୟା ପ୍ରୟୋଗ କଲି କିନ୍ତୁ ତାହା ଫଳପ୍ରଦ ହେଲା ନାହିଁ । ଏହାଦେଖି ମୁଁ ଭାବିଲି କୌଣସି ଦିବ୍ୟପ୍ରଭାବଶାଳୀ ପୁରୁଷ କଳିଙ୍ଗସେନାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେଠାରେ ଆସି ଉପସ୍ଥିତ ହୋଇଛନ୍ତି ଏବଂ ଏହା ତାଙ୍କଦ୍ୱାରା ସୃଷ୍ଟ ଶବ୍ଦ । ତେଣୁ ମୋର ବିଦ୍ୟା ପ୍ରୟୋଗ ବ୍ୟର୍ଥ ହୋଇଛି । ସାବଧାନତାର ସହ କାର୍ଯ୍ୟ କରୁଥିବା ଚତୁର ବ୍ୟକ୍ତିମାନେ ନିଜର ଦୋଷ ଦୁର୍ବଳତା ଅନ୍ୟ ନିକଟରେ ପ୍ରକାଶ କରନ୍ତି ନାହିଁ । କଳିଙ୍ଗସେନାଙ୍କ ପ୍ରତି ଦିବ୍ୟପୁରୁଷମାନେ ଯେ ଆକୃଷ୍ଟ ହୋଇପାରନ୍ତି, ତା'ର ସୂଚନା ଆପଣ ପୂର୍ବରୁ ହିଁ ମୋତେ ପ୍ରଦାନ କରିଥିଲେ; ସୋମପ୍ରଭା ମଧ୍ୟ ସ୍ୱସଖୀଙ୍କ ନିକଟରେ ଅନୁରୂପ କଥା ପ୍ରକାଶ କରିଥିବା ମୁଁ ଶୁଣିଥିଲି । ତେଣୁ ବର୍ତ୍ତମାନ ପରାମର୍ଶ ନେବା ନିମନ୍ତେ ଆପଣଙ୍କ ନିକଟରେ ଆସି ପହଞ୍ଚିଛି ।

କିନ୍ତୁ ମୋର ଗୋଟିଏ ସନ୍ଦେହ ଆପଣ ପ୍ରଥମେ ଦୂର କରନ୍ତୁ । ଏଠାରେ ଆସି ମୁଁ ଶୁଣିବାକୁ ପାଇଲି ଆପଣ ରାଜାଙ୍କୁ କହୁଥିଲେ ଯେ ପଶୁପକ୍ଷୀମାନେ ମଧ୍ୟ ଆତ୍ମରକ୍ଷା କରିଥାଆନ୍ତି । ଏ ସମ୍ପର୍କରେ ଗୋଟିଏ ଉଦାହରଣ ପ୍ରଦାନ କରି ମୋର ସନ୍ଦେହ ମୋଚନ କରନ୍ତୁ ।' ଯୋଗେଶ୍ୱର ଠାରୁ ଏହା ଶୁଣି ଯୌଗନ୍ଧରାୟଣ ତାକୁ ଗୋଟିଏ ଗଳ୍ପ ଶୁଣାଇବା ଆରମ୍ଭ କଲେ —

ଉଲୂକ, ନକୁଳ, ମୂଷିକ ଓ ମାର୍ଜାର କଥା

ପ୍ରାଚୀନକାଳରେ ବିଦିଶା ନଗରୀ ପ୍ରାନ୍ତରେ ଏକ ବିଶାଳ ବଟବୃକ୍ଷ ଥିଲା । ଏହି ବୃକ୍ଷର ବିଭିନ୍ନ ସ୍ଥାନରେ ଉଲୂକ, ନକୁଳ, ମୂଷିକ ଓ ମାର୍ଜାର—

Digitized by srujanika@gmail.com

ଏହି ଚାରୋଟି ପ୍ରାଣୀ ଆଶ୍ରୟ ଗ୍ରହଣ କରିଥିଲେ । ମୂଷିକ ଓ ନକୁଳ ବୃକ୍ଷର ପାଦଦେଶରେ ଦୁଇଟି ଭିନ୍ନ ବିଲରେ, ମାର୍ଜାର ବୃକ୍ଷର ମଧ୍ୟଭାଗରେ ଥିବା କୋଟରରେ ଏବଂ ଉଲୂକ ବୃକ୍ଷର ଅଗ୍ରଭାଗରେ ଥିବା ଲତାବେଷ୍ଟିତ ଶାଖା ଉପରେ ବାସ କରୁଥିଲା । ଏମାନଙ୍କ ମଧ୍ୟରୁ ମୂଷିକ ସମସ୍ତଙ୍କର ବଧ୍ୟ ଥିଲା ଏବଂ ମୂଷିକ, ନକୁଳ ଓ ଉଲୂକ ମାର୍ଜାରର ଖାଦ୍ୟ ଥିଲେ । ମୂଷିକ ଓ ନକୁଳ ମାର୍ଜାର ଭୟରେ ଏବଂ ଉଲୂକ ସ୍ୱଭାବତଃ ଖାଦ୍ୟ ଅନ୍ୱେଷଣ ନିମନ୍ତେ ପ୍ରତ୍ୟହ ରାତ୍ରରେ ବିଚରଣ କରୁଥାଆନ୍ତି । ମାର୍ଜାର ନିର୍ଭୟଚିତ୍ତରେ ମୂଷିକର ଅନୁସନ୍ଧାନରେ ଦିନରାତି ଶସ୍ୟକ୍ଷେତ୍ର ମଧ୍ୟରେ ଭ୍ରମଣ କରୁଥିଲା ।

ଏହି ଶସ୍ୟକ୍ଷେତ୍ରରେ ଅନ୍ୟାନ୍ୟ ପଶୁମାନେ ମଧ୍ୟ ପ୍ରବେଶ କରି ଶସ୍ୟ ଭକ୍ଷଣ କରୁଥାଆନ୍ତି । ଦିନେ କୌଣସି ବ୍ୟାଧ ମାର୍ଜାରର ପଦଚିହ୍ନ ଶସ୍ୟ-କ୍ଷେତ୍ର ମଧ୍ୟରେ ଦେଖି କ୍ଷେତ୍ରର ଚତୁର୍ଦ୍ଦିଗରେ ଏକ ପାଶ ବନ୍ଧନ କରି ଚାଲିଗଲା । ରାତ୍ରରେ ମାର୍ଜାର ମୂଷିକର ଅନୁସନ୍ଧାନରେ ଆସି ଯେତେବେଳେ ଶସ୍ୟକ୍ଷେତ୍ର ମଧ୍ୟରେ ପ୍ରବେଶ କରିବା ନିମନ୍ତେ ଉଦ୍ୟତ ହେଲା, ଏହି ପାଶ ବନ୍ଧନରେ ତା'ର ପାଦଗୁଡ଼ିକ ଆବଦ୍ଧ ହେଲା । କିଛି ସମୟ ପରେ ମୂଷିକ ମଧ୍ୟ ଖାଦ୍ୟ ଲୋଭରେ ସେଠାକୁ ଆସି ମାର୍ଜାରର ଏ ପ୍ରକାର ଦୁର୍ଦ୍ଦଶା ଦର୍ଶନରେ ଆନନ୍ଦମନରେ ନୃତ୍ୟ କରିବାକୁ ଲାଗିଲା । ଏହି ସମୟରେ ଅନ୍ୟ ପଥ ଦେଇ ନକୁଳ ଓ ଉଲୂକ ମଧ୍ୟ ସେଠାରେ ଆସି ଉପସ୍ଥିତ ହେଲେ । ଏମାନେ ମାର୍ଜାରର ଦୁର୍ଦ୍ଦଶାରେ ନିର୍ଭୟ ହୋଇ ମୂଷିକର ସନ୍ଧାନ କଲେ । ଦୂରରୁ ଏହା ଦେଖିପାରି ଏବଂ ସେମାନଙ୍କର ଅସତ୍ ମନୋଭାବର ସୂଚନା ଲାଭ କରି ମୂଷିକ ଚିନ୍ତାକଲା, 'ମୁଁ ଯଦି ଉଲୂକ ଓ ନକୁଳର ଭୟଙ୍କର ଶତ୍ରୁ ମାର୍ଜାରର ଆଶ୍ରୟ ନେବି, ତା' ହେଲେ ସେ ମୋତେ ଏକମାତ୍ର ଆଘାତରେ ନିଃଶେଷ କରିଦେବ । ଯଦି ମାର୍ଜାରଠାରୁ ଦୂରରେ ରହିବି ତା' ହେଲେ ଉଲୂକ ଓ ନକୁଳ ଉଭୟେ ମୋର ମାଂସରେ ତାଙ୍କର ଉଦର ପୂରଣ କରିବେ ।' ଏପରି କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ଶେଷରେ ମାର୍ଜାରର ଆଶ୍ରୟ ନେବା ପାଇଁ ନିଶ୍ଚୟ କଲା । କାରଣ ପାଶ ଛିନ୍ନ କରିବାରେ ସହାୟକ ହେବ ଭାବି ମାର୍ଜାର ଆତ୍ମରକ୍ଷା କରିବା ନିମନ୍ତେ ତା'ର ମଧ୍ୟ ରକ୍ଷା କରିପାରେ ।

Digitized by srujanika@gmail.com

ଶେଷରେ ଏପରି ନିଷ୍ପତ୍ତି ନେଇ ମୂଷିକ ଯାଇ ମାର୍ଜାର ନିକଟରେ ଉପସ୍ଥିତ ହୋଇ କହିଲା, 'ତୁମର ବନ୍ଧନରେ ମୁଁ ମର୍ମାହତ । ତେଣୁ ଏହା ଛିନ୍ନ କରିବା ପାଇଁ ମୁଁ ଚେଷ୍ଟା କରୁଛି । ସରଳ ହୃଦୟ ବ୍ୟକ୍ତିମାନଙ୍କ ନିକଟରେ ବାସକଲେ ନିଜର ହୃଦୟ ମଧ୍ୟ ତାଙ୍କପ୍ରତି ସ୍ନେହ ସୌହାର୍ଦ୍ଦ୍ୟରେ ପରିପୂର୍ଣ୍ଣ ହୋଇଉଠେ । କିନ୍ତୁ ମୁଁ ତୁମର ହୃଦୟର କଥା ଜାଣି ନଥିବା ଯୋଗୁଁ ତୁମ ଉପରେ ବିଶ୍ୱାସ କରିପାରୁ ନାହିଁ ।' ଏହା ଶୁଣି ମାର୍ଜାର କହିଲା, 'ଭଦ୍ର ! ତୁମେ ମୋତେ ବିଶ୍ୱାସ କରିବା ଉଚିତ । ତୁମେ ମୋର ପ୍ରାଣରକ୍ଷା କରିଥିବା ଯୋଗୁଁ ଆଜିଠାରୁ ମୋର ମିତ୍ର ହେଲ ।' ମାର୍ଜାରଠାରୁ ଅଭୟବାଣୀ ଶୁଣି ମୂଷିକ ଯାଇ ତାର କୋଳରେ ଆତ୍ମଗୋପନ କଲା ।

ଏହା ଦେଖି ଉଲୂକ ଓ ନକୁଳ ନିରାଶ ହୋଇ ପଳାୟନ କଲେ । ମାର୍ଜାର ରାତ୍ରି ପ୍ରଭାତପ୍ରାୟ ଦେଖି ମୂଷିକକୁ କହିଲା, 'ମିତ୍ର ! ରାତ୍ରି ଶେଷ ହେଲଣି । ତେଣୁ ବନ୍ଧନଟିକୁ ଶୀଘ୍ର କାଟିବା ପାଇଁ ଚେଷ୍ଟାକର ।' ବ୍ୟାଧର ଆସିବା ସମୟ ନିକଟ ହୋଇ ଆସୁଥିବା ଦେଖି ମୂଷିକ କଟକଟ ଶବ୍ଦ କରି ପାଶଛିନ୍ନ କରିବାର ଛଳନା କଲା । କିନ୍ତୁ ବ୍ୟାଧକୁ ନିକଟତର ହେବା ଦେଖି ମାର୍ଜାର ଯେତେବେଳେ ବିକଳ ପ୍ରାର୍ଥନା କଲା, ସେତେବେଳେ ମୂଷିକ ବନ୍ଧନ ଛିନ୍ନକରି ତାକୁ ମୁକ୍ତ କଲା ।

ପାଶଛିନ୍ନ ହେବା ପରେ ପରେ ମାର୍ଜାର ଯାଇ ଲତା ମଧ୍ୟରେ ଆତ୍ମଗୋପନ କଲା ଏବଂ ମୂଷିକ ପ୍ରାଣଭୟରେ ବିଳ ମଧ୍ୟରେ ପ୍ରବେଶ କଲା । ପରେ ମାର୍ଜାର ତାକୁ ବିଶ୍ୱାସପୂର୍ଣ୍ଣ ବାକ୍ୟ କହି ଯେତେ ଡାକିଲେ ବି ସେ ଆଉ କର୍ଣ୍ଣପାତ କଲା ନାହିଁ; ବରଂ କହିଲା, 'ସମୟ ଅନୁସାରେ ହିଁ ଶତ୍ରୁ ମିତ୍ରରେ ପରିଣତ ହୋଇଥାଏ, କିନ୍ତୁ ସର୍ବଦା ନୁହେଁ ।' ଏହି ମୂଷିକ ଏବଂ ଅନ୍ୟ ବହୁ ପଶୁପକ୍ଷୀ ନିଜର ବୁଦ୍ଧିମତ୍ତାଦ୍ୱାରା ବଳବାନ୍ ଶତ୍ରୁଠାରୁ ଆତ୍ମରକ୍ଷା କରିଥାଆନ୍ତି । ତେଣୁ ମନୁଷ୍ୟମାନଙ୍କ କଥା ବା କଣ କୁହାଯିବ ?

ତୁମକୁ ବର୍ତ୍ତମାନ ମୁଁ ଯାହା କହିଲି, ତାହା ରଜାଙ୍କୁ ଏହି କାରଣରୁ କହିଥିଲି ଯେ ସେ ନିଜକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ମହାରାଣୀମାନଙ୍କୁ ମଧ୍ୟ ରକ୍ଷା କରିଥିଲେ । ତେଣୁ କୁହାଯାଇଥାଏ, 'ବୁଦ୍ଧିର୍ନାମ ତ ସର୍ବତ୍ର

Digitized by srujanika@gmail.com

ମୁଖ୍ୟଂ ମିତ୍ରଂ ନ ପୌରୁଷମ୍' ଅର୍ଥାତ୍ ସର୍ବଦା ବୁଦ୍ଧି ହିଁ ପ୍ରଧାନ ମିତ୍ର କିନ୍ତୁ ପୌରୁଷ ନୁହେ । ଏ ସମ୍ପର୍କରେ ଆଉ ଗୋଟିଏ ଗଳ୍ପ ମଧ୍ୟ ତୁମେ ଶ୍ରବଣ କରିପାର—

କୃପଣ ବ୍ରାହ୍ମଣ କଥା

ଶ୍ରାବସ୍ତୀ ନାମରେ ଏକ ନଗରୀ ଅଛି । ସେଠାରେ ପ୍ରସେନଜିତ୍ ବୋଲି ଜଣେ ରାଜା ରାଜତ୍ୱ କରୁଥିଲେ । ଏକଦା ଏକ ଅଦ୍‌ଭୁତ ବ୍ରାହ୍ମଣ ଆସି ଏହି ନଗରରେ ଉପସ୍ଥିତ ହେଲେ । ସେ ଶଦ୍ର ଗୃହରେ ଅନ୍ନ ଗ୍ରହଣ କରୁନଥିଲେ । ତେଣୁ ଜଣେ ବୈଶ୍ୟ ଏହାଙ୍କୁ ଗୁଣାଢ୍ୟ ବ୍ୟକ୍ତି ମନେକରି ଜନୈକ ବ୍ରାହ୍ମଣ ଗୃହରେ ନେଇ ରଖାଇ ଦେଲେ । ଧୀରେ ଧୀରେ ସେ ପ୍ରସିଦ୍ଧି ଲାଭ କରିବାରୁ ଅନ୍ୟାନ୍ୟ ବୈଶ୍ୟମାନେ ଉକ୍ତ ବ୍ରାହ୍ମଣଙ୍କ ଗୃହକୁ ତଣ୍ଡୁଳ ଓ ସ୍ୱର୍ଣ୍ଣମୁଦ୍ରାରେ ପରିପୂର୍ଣ୍ଣ କରିଦେଲେ । କିଛି ଦିନ ମଧ୍ୟରେ କୃପଣ ବ୍ରାହ୍ମଣଙ୍କର ସହସ୍ର ସ୍ୱର୍ଣ୍ଣମୁଦ୍ରା ସଞ୍ଚିତ ହେବାରୁ ସେ ଏଗୁଡ଼ିକୁ ନେଇ ଅରଣ୍ୟ ମଧ୍ୟସ୍ଥିତ କୌଣସି ଗର୍ତ୍ତରେ ପ୍ରୋଥିତ କଲେ ।

ପ୍ରତିଦିନ ଉକ୍ତ ବ୍ରାହ୍ମଣ ଏକାକୀ ସେହି ସ୍ଥାନକୁ ଯାଇ ସ୍ୱର୍ଣ୍ଣମୁଦ୍ରାଗୁଡ଼ିକୁ ପରୀକ୍ଷା କରି ଆସୁଥାଆନ୍ତି । ଦିନେ ସେ ଯାଇ ଦେଖିଲେ ତାଙ୍କର ଗୁପ୍ତସ୍ଥାନଟି କେହି ଖନନ କରି ସ୍ୱର୍ଣ୍ଣମୋହରଗୁଡ଼ିକୁ ନେଇ ପଳାୟନ କରିଛି । ତାଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା; ସେ ଜ୍ଞାନଶୂନ୍ୟ ହୋଇପଡ଼ିଲେ । କିଛି ସମୟ ପରେ ନିଜର ଆଶ୍ରୟଦାତାର ଗୃହକୁ ପ୍ରତ୍ୟାବର୍ତ୍ତନ କରି ସେ ଉଚ୍ଚସ୍ୱରରେ ବିଳାପ କରିବାକୁ ଲାଗିଲେ ଏବଂ ଗୃହସ୍ୱାମୀଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ପ୍ରକାଶ କରି ଅନାହାରରେ କୌଣସି ତୀର୍ଥରେ ପ୍ରାଣ ବିସର୍ଜ୍ଜନ କରିବା ନିମନ୍ତେ ପ୍ରସ୍ଥାନ କରିବା ପାଇଁ ଉଦ୍ୟତ ହେଲେ । ଏହା ଜ୍ଞାତ ହୋଇ ଆଶ୍ରୟଦାତା ବୈଶ୍ୟ ସହିତ ଅନ୍ୟାନ୍ୟ ବୈଶ୍ୟମାନେ ସେଠାରେ ଉପସ୍ଥିତ ହେଲେ ଏବଂ ବ୍ରାହ୍ମଣଙ୍କୁ ଆଶ୍ୱାସନା ପ୍ରଦାନପୂର୍ବକ କହିଲେ, 'ଦେବ ! ଧନ ପାଇଁ ପ୍ରାଣ ବିସର୍ଜ୍ଜନ କରିବା ଆଦୌ ବିଜ୍ଞତାର କାର୍ଯ୍ୟ ନୁହେ । ଅକାଳ-ମେଘ ତୁଲ୍ୟ ଧନ ଆସେ ଓ ଯାଏ ।' କିନ୍ତୁ କୌଣସି ଉପଦେଶ ବ୍ରାହ୍ମଣଙ୍କର ହୃଦୟସ୍ଥ ବେଦନା ଉପଶମ କରିପାରିଲା ନାହିଁ । ପ୍ରକୃତରେ କୃପଣମାନଙ୍କର

Digitized by srujanika@gmail.com

ପ୍ରାଣ ଅପେକ୍ଷା ଧନ ହିଁ ଅଧିକ ପ୍ରିୟ । ବ୍ରାହ୍ମଣଙ୍କର ଏପ୍ରକାର ଦୃଢ଼ନିଷ୍ଠପୂ ମନୋଭାବ ରାଜାଙ୍କର କର୍ଣ୍ଣଗୋଚର ହେବାରୁ ପ୍ରସେନଜିତ୍ ସ୍ୱୟଂ ଆସି ସେଠାରେ ଉପସ୍ଥିତ ହୋଇ ସ୍ୱର୍ଣ୍ଣମୁଦ୍ରା ସୁରକ୍ଷିତ ଥିବା ସ୍ଥାନରେ କିଛି ଚିହ୍ନ ଥିଲା କି ନାହିଁ ବୋଲି ଜିଜ୍ଞାସା କରନ୍ତେ ବ୍ରାହ୍ମଣ ଉତ୍ତରରେ କହିଲେ, 'ସେଠାରେ ଏକ କ୍ଷୁଦ୍ର ବୃକ୍ଷ ଥିଲା ଏବଂ ତା'ର ମୂଳରେ ମୁଁ ମୋର ସଞ୍ଚିତ ସମସ୍ତ ମୁଦ୍ରା ପ୍ରୋଥିତ କରିଥିଲି ।' ଏହା ଶୁଣି ରାଜା ତାଙ୍କୁ ପ୍ରତିଶ୍ରୁତି ପ୍ରଦାନ କଲେ ଯେ ସେ ନିଜେ ଏଗୁଡ଼ିକ ଉଦ୍ଧାର କରିବେ ନଚେତ୍ ରାଜକୋଷରୁ ସମପରିମାଣ ସ୍ୱର୍ଣ୍ଣମୁଦ୍ରା ତାଙ୍କୁ ପ୍ରଦାନ କରିବେ । ଏଥିରେ ବ୍ରାହ୍ମଣ ପ୍ରାଣ ବିସର୍ଜନ ଅଭିଳାଷ ପରିତ୍ୟାଗପୂର୍ବକ ପ୍ରତୀକ୍ଷା କରିବାକୁ ଲାଗିଲେ ।

ବ୍ରାହ୍ମଣଙ୍କୁ ଆଶ୍ୱାସନା ପ୍ରଦାନପୂର୍ବକ ରାଜା ସ୍ୱପ୍ରାସାଦ ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରି ଶିରପୀଡ଼ାର ଛଳନା କଲେ ଏବଂ ନଗରର ସମସ୍ତ ବୈଦ୍ୟମାନଙ୍କୁ ଆହ୍ୱାନ କରି ଆଣିଲେ । ପ୍ରତ୍ୟେକ ବୈଦ୍ୟଙ୍କୁ ସେ ଏକାନ୍ତରେ ପ୍ରଶ୍ନ କରୁଥାଆନ୍ତି, 'ତୁମର କେତୋଟି ରୋଗୀ ଅଛନ୍ତି ଏବଂ ତୁମେ ସେମାନଙ୍କୁ କି ଔଷଧ ପ୍ରଦାନ କରୁଅଛ ।' ପ୍ରତ୍ୟେକ ବୈଦ୍ୟ ସ୍ୱତନ୍ତ୍ରଭାବରେ ଏହାର ଉତ୍ତର ଦେଉଥାଆନ୍ତି । ସେମାନଙ୍କ ମଧ୍ୟରୁ ଜନୈକ ବୈଦ୍ୟଙ୍କୁ ଜିଜ୍ଞାସା କରନ୍ତେ ସେ କହିଲେ, 'ଦୁଇ ଦିନ ପୂର୍ବେ ମାତୃଦତ୍ତ ନାମକ ବୈଶ୍ୟ ପାଇଁ ମୁଁ ନାଗବଳା ସେବନ କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲି ।' ଏହା ଶୁଣି ରାଜା ସଙ୍ଗେ ସଙ୍ଗେ ମାତୃଦତ୍ତଙ୍କୁ ଡାକି ତାଙ୍କ ପାଇଁ ନାଗବଳା କିଏ ଆଣିଥିଲା ବୋଲି ଜିଜ୍ଞାସା କରି ଜାଣିପାରିଲେ ଯେ ତାଙ୍କ ଭୃତ୍ୟ ଯାଇ ଏହା ଆଣି ଦେଇଥିଲା । ରାଜା ବର୍ତ୍ତମାନ ପ୍ରକୃତ ଅପରାଧୀର ସନ୍ଧାନ ଲାଭକରି ସେହି ଭୃତ୍ୟଙ୍କୁ ବନ୍ଦୀ କରିଆଣି କହିଲେ, 'ନାଗବଳା ପାଇଁ ଭୂମି ଖୋଦନ କଲାବେଳେ ତୁ ଯେଉଁ ଧନ ଲାଭ କରିଛୁ, ତାହା ବ୍ରାହ୍ମଣ ସମ୍ପତ୍ତି । ତେଣୁ ସେହି ମୋହରଗୁଡ଼ିକ ତୁ ଫେରାଇ ଦେବା ଉଚିତ ହେବ ।' ରାଜାଙ୍କଠାରୁ ଏପ୍ରକାର ଆଦେଶ ଲାଭକରି ସେ ଉପରୋକ୍ତ ସ୍ୱର୍ଣ୍ଣମୋହର-ଗୁଡ଼ିକ ଆଣି ପ୍ରଦାନ କଲା ।

ରାଜା ଏହାପରେ ଉକ୍ତ କୃପଣ ବ୍ରାହ୍ମଣଙ୍କୁ ତାଙ୍କର ପ୍ରାଣପ୍ରିୟ ମୋହରଗୁଡ଼ିକ ପ୍ରତ୍ୟର୍ପଣ କରିବାରେ ସେ ପ୍ରଭୂତ ଆନନ୍ଦ ଲାଭକଲେ ।

Digitized by srujanika@gmail.com

ତେଣୁ ପୁରୁଷାର୍ଥ ଅପେକ୍ଷା ବୁଦ୍ଧିବଳ ହିଁ ଶ୍ରେଷ୍ଠ ବିବେଚିତ ହୋଇଥାଏ । ତେଣୁ ତୁମେ ମଧ୍ୟ ଏପରି କିଛି କୌଶଳ ପ୍ରୟୋଗ କରିବା ଆବଶ୍ୟକ, ଯାହାଦ୍ୱାରା କଳିଙ୍ଗସେନାଙ୍କର କୁକର୍ମଗୁଡ଼ିକ ସ୍ପଷ୍ଟରୂପେ ଜାଣି ହେବ । ପୁଣି ଏହାଙ୍କ ପ୍ରତି ଦେବତା ଓ ଅସୁର ସମସ୍ତେ ଲୋଭାନ୍ୱିତ ଥିବା କଥା ଏକାନ୍ତ ସତ୍ୟ । ତୁମେ ମଧ୍ୟ ସେପରି କିଛି ଶବ୍ଦ ଶୁଣିପାରିଛ । ତେଣୁ ତାଙ୍କର କିଛି ଦୋଷଥିବା ଜଣାଗଲେ ଆମର ମଙ୍ଗଳ ହେବ । ରାଜା ତାଙ୍କୁ ବିବାହ ନକଲେ ମଧ୍ୟ କିଛି ଅଧର୍ମ ହେବ ନାହିଁ ।'

ପ୍ରତିଭାଶାଳୀ ଯୌଗନ୍ଧରାୟଣଙ୍କଠାରୁ ଏପ୍ରକାର ଉପଦେଶପୂର୍ଣ୍ଣ କଥା ଶୁଣି ବ୍ରହ୍ମରାକ୍ଷସ ଯୋଗେଶ୍ୱର କହିଲା, 'ବୃହସ୍ପତିଙ୍କ ବ୍ୟତୀତ ଅନ୍ୟ କେହି ଆପଣଙ୍କ ସହ ବୁଦ୍ଧିମତ୍ତାରେ ପ୍ରତିଯୋଗିତା କରିପାରିବ ନାହିଁ । ଆପଣଙ୍କର ଏହି ସୂକ୍ଷ୍ମବୁଦ୍ଧି ଉଦୟନଙ୍କ ରାଜ୍ୟରୂପୀ ବୃକ୍ଷ ନିମନ୍ତେ ଅମୃତ ସିଞ୍ଚନ ତୁଲ୍ୟ ଫଳପ୍ରଦ । ମୁଁ ବର୍ତ୍ତମାନ ମୋର ସମସ୍ତ ଶକ୍ତି ଓ କୌଶଳ ପ୍ରୟୋଗ କରି କଳିଙ୍ଗସେନାଙ୍କର ଗତିବିଧି ଜ୍ଞାତ ହେବା ପାଇଁ ଚେଷ୍ଟା କରିବି ।' ଏହା କହି ଯୋଗେଶ୍ୱର ପୁଣି ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲା ।

ଏଣେ କଳିଙ୍ଗସେନା ଉଦ୍ୟାନରେ ଭ୍ରମଣ କରୁଥିବା ବତ୍ସରାଜଙ୍କୁ ଦର୍ଶନ କରି ସାତ୍ତ୍ୱିକ ବିକାରଗ୍ରସ୍ତ ହୋଇ ପଡ଼ିଥାଆନ୍ତି । ମୃଣାଳଦ୍ୱାରା ବିଭୂଷିତ ହୋଇ ତାଙ୍କ ରମଣୀୟ ଶରୀରର ଶୋଭା ବୃଦ୍ଧିପ୍ରାପ୍ତ ହୋଇଥାଏ । ଚନ୍ଦନପ୍ରଲେପ ତାଙ୍କର କାମପୀଡ଼ାଜନିତ ଉତ୍ତାପ ଶାନ୍ତ କରିବା ନିମନ୍ତେ ସମର୍ଥ ହୋଇପାରୁ ନଥାଏ ।

ଏ ମଧ୍ୟରେ ମଦନବେଗ ନାମକ ବିଦ୍ୟାଧର କଳିଙ୍ଗସେନାଙ୍କ ଅସାମାନ୍ୟ ରୂପବିଭବ ଦେଖି ପୂର୍ବରୁ କାମପୀଡିତ ହୋଇ ପଡ଼ିଥିଲେ । ସେ କଳିଙ୍ଗ-ସେନାଙ୍କୁ ଲାଭ କରିବା ନିମନ୍ତେ ମହାଦେବଙ୍କଠାରୁ ବର ଲାଭ କରିଥିଲେ ସୁଦ୍ଧା ଅନ୍ୟ ପ୍ରତି ଆସକ୍ତ ଥିବା ଏବଂ ବତ୍ସରାଜଙ୍କ ରାଜ୍ୟରେ ବାସ କରୁଥିବା ରାଜକୁମାରୀଙ୍କୁ ପାଇବା ପାଇଁ ସମର୍ଥ ହୋଇ ପାରୁନଥିଲେ । ଏଣୁ ସେ ପ୍ରତ୍ୟହ ରଜନୀରେ ଆକାଶମାର୍ଗରୁ କଳିଙ୍ଗସେନାଙ୍କ ଗତିବିଧି ଲକ୍ଷ୍ୟ କରୁଥାଆନ୍ତି । ଏହିପରି ଭାବରେ ଦିନେ ସେ ଆସି ତାଙ୍କର ପ୍ରାସାଦ ଉପରେ

Digitized by srujanika@gmail.com

ଉପସ୍ଥିତ ହେଲେ । ଭଗବାନ ମହାଦେବଙ୍କର କରୁଣା ବିଷୟ ସ୍ମରଣ କରି ସେ ବତ୍ସରାଜ ଉଦୟନଙ୍କ ଛଦ୍ମବେଶରେ ଅନ୍ତଃପୁର ମଧ୍ୟରେ ପ୍ରବେଶ କଲେ । ଦ୍ୱାରରକ୍ଷୀମାନେ ତାଙ୍କୁ ଉଦୟନ ମନେକରି ପ୍ରଣାମପୂର୍ବକ ପଥପ୍ରଦର୍ଶନ କଲେ । ସେମାନେ ଭାବିଲେ ଯେ ମନ୍ତ୍ରୀମାନଙ୍କର କାଳକ୍ଷେପଣ ନୀତିରେ ବ୍ୟତିବ୍ୟସ୍ତ ହୋଇ ମହାରାଜ ସ୍ୱତଃ ଆସି ସେଠାରେ ଉପସ୍ଥିତ ହୋଇଅଛନ୍ତି ।

ରାଜାଙ୍କୁ ଦେଖି କଳିଙ୍ଗସେନା ଆନନ୍ଦିତ ମନରେ ଉଠି ବସିଲେ । ଏ ସମୟରେ ଅଳଙ୍କାରଗୁଡ଼ିକର ଝନତ୍କାର ଯେପରି ରାଜକୁମାରୀଙ୍କୁ ସୂଚାଇ ଦେଉଥିଲେ ଯେ ଏ ସେହି ବତ୍ସରାଜ ଉଦୟନ ନୁହନ୍ତି । କିନ୍ତୁ ସମସ୍ତ ବାର୍ତ୍ତାଳାପ କରିବା ପରେ ଛଦ୍ମବେଶୀ ମଦନବେଗ ତାଙ୍କ ମନରେ ବିଶ୍ୱାସ ଜାତ କରାଇ ତାଙ୍କ ସହ ଗାନ୍ଧର୍ବ ରୀତିରେ ବିବାହ କଲେ ଏବଂ ତାଙ୍କୁ ପତ୍ନୀରୂପରେ ଗ୍ରହଣ କଲେ ।

ଏହି ସମୟରେ ଯୋଗେଶ୍ୱର ନିଜର ବିଦ୍ୟାପ୍ରଭାବରେ ଅନ୍ତଃପୁର ମଧ୍ୟରେ ପ୍ରବେଶ କଲା । ସେଠାରେ ବତ୍ସରାଜଙ୍କୁ ଦେଖି ସେ ପ୍ରଥମେ ବିସ୍ମିତ ହୋଇପଡ଼ିଲା କିନ୍ତୁ ପରେ ଯାଇ ତାଙ୍କୁ ଯୌଗନ୍ଧରାୟଣଙ୍କ ସହ କଥୋପକଥନ କରୁଥିବା ଦେଖିପାରି ସମସ୍ତ ବୃତ୍ତାନ୍ତ ଜ୍ଞାପନ କଲା । ଚତୁର ଯୌଗନ୍ଧରାୟଣ ତାକୁ ପୁଣି କଳିଙ୍ଗସେନାଙ୍କ ବାସଭବନକୁ ଯାଇ ବ୍ୟକ୍ତିଟିର ପ୍ରକୃତ ପରିଚୟ ଜ୍ଞାତ ହେବା ନିମିତ୍ତ ନିର୍ଦ୍ଦେଶ ପ୍ରଦାନ କରିବାରୁ ସେ ପ୍ରତ୍ୟାବର୍ତ୍ତନ କରି ନିଦ୍ରାଭିଭୂତ ମଦନବେଗର ପ୍ରକୃତ ସ୍ୱରୂପ ଜାଣିପାରିଲା । ତାଙ୍କର ନିଷ୍କମ୍ପ ପଦଯୁଗଳରେ ଥିବା ଛତ୍ର ଓ ଧ୍ୱଜାର ଚିହ୍ନ ଏବଂ ନିଦ୍ରିତା ଅବସ୍ଥାରେ ପ୍ରକୃତ ରୂପ ଦେଖିପାରି ସେ ଯାଇ ଯୌଗନ୍ଧରାୟଣଙ୍କୁ କହିଲା, 'ସ୍ୱାମିନ୍ ! ମୁଁ ବ୍ରହ୍ମରାକ୍ଷସ ହୋଇ ଯାହା ଜାଣିପାରୁ ନଥିଲି, ଆପଣଙ୍କ କୌଶଳ ଓ ଉପଦେଶବଳରେ ବର୍ତ୍ତମାନ ତାହା ଜାଣିବା ନିମନ୍ତେ ସମର୍ଥ ହେଲି । ସୂର୍ଯ୍ୟ ବିନା ଆକାଶ, ଜଳ ବିନା ସରୋବର, ସତ୍ୟ ବିନା ବଚନ ତୁଲ୍ୟ ମନ୍ତ୍ରୀ ବିନା ରାଜ୍ୟର ସ୍ଥିତି ସମ୍ଭବପର ନୁହେଁ ।'

ଯୋଗେଶ୍ୱରଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣ କରି ମନ୍ତ୍ରୀ ଯୌଗନ୍ଧରାୟଣ ପ୍ରଭାତରୁ ଯାଇ ଉଦୟନଙ୍କ ସହ ସାକ୍ଷାତ୍ କଲେ । ରାଜ୍ୟଶାସନ ସମ୍ପର୍କରେ

Digitized by srujanika@gmail.com

ବହୁ ସମୟ ଧରି ଆଲୋଚନା କଲା ପରେ ଅବସର ଦେଖି ବିରହକାତର ଉଦୟନଙ୍କୁ ସେ କହିଲେ, 'କଳିଙ୍ଗସେନା ଜଣେ ସ୍ୱୈରିଣୀ । ସେ ଆପଣଙ୍କର ଆଦୌ ଉପଯୁକ୍ତ ନୁହନ୍ତି । ନିଜ ଇଚ୍ଛାରେ ସେ ରାଜା ପ୍ରସେନଜିତ୍‌ଙ୍କୁ ଦର୍ଶନ କରିବା ଅଭିଳାଷ ନେଇ ଗୃହ ତ୍ୟାଗ କରିଥିଲେ କିନ୍ତୁ ତାଙ୍କୁ ବୃଦ୍ଧ ଦେଖି ରୂପଲୋଭରେ ଆପଣଙ୍କ ନିକଟକୁ ଆସିଛନ୍ତି । ସେ ନିଜ ଇଚ୍ଛାରେ ପରପୁରୁଷ ସହ ମଧ୍ୟ ମିଳିତ ହେଉଛନ୍ତି ।'

ଯୌଗନ୍ଧରାୟଣଙ୍କଠାରୁ ଏହା ଶ୍ରବଣ କରି ରାଜା ପ୍ରଥମେ ବିଶ୍ୱାସ କରିପାରିଲେ ନାହିଁ । କୁଳୀନ ନାରୀମାନେ ଏପ୍ରକାର ବ୍ୟବହାର କରିବା ସମ୍ଭବପର ନୁହେ ଏବଂ ଅନ୍ତଃପୁର ମଧ୍ୟରେ ପରପୁରୁଷ ପ୍ରବେଶ କରିବା କେତେ ଦୂର ସମ୍ଭବପର ତାହା ମଧ୍ୟ ବିଚାର କରିବା ଉଚିତ । ରାଜାଙ୍କ ମନରୁ ସନ୍ଦେହ ଦୂର କରିବା ନିମନ୍ତେ ଉକ୍ତ ରଜନୀରେ କଳିଙ୍ଗସେନାଙ୍କ ଶୟନାଗାରକୁ ଯିବା ନିମନ୍ତେ ରାଜାଙ୍କୁ ଅନୁରୋଧ କରି ଯୌଗନ୍ଧରାୟଣ ରାଣୀ ବାସବଦତ୍ତାଙ୍କ ନିକଟକୁ ଯାଇ କହିଲେ, 'ପଦ୍ମାବତୀଙ୍କ ବ୍ୟତୀତ ଦ୍ୱିତୀୟ ରାଣୀ ଅନ୍ତଃପୁର ମଧ୍ୟରେ ପ୍ରବେଶ କରିବେ ନାହିଁ ବୋଲି ମୁଁ ଯେଉଁ ପ୍ରତିଜ୍ଞା କରିଥିଲି, ତାହା ଆଜି ସିଦ୍ଧ ହେଲା ।' ଏହା କହି ସେ କଳିଙ୍ଗସେନାଙ୍କର ସମଗ୍ର ବୃତ୍ତାନ୍ତ ତାଙ୍କ ନିକଟରେ ପ୍ରକାଶ କଲେ । ରାଣୀ ଆନନ୍ଦରେ ଯୌଗନ୍ଧରାୟଣଙ୍କ ବୁଦ୍ଧି ଓ କୌଶଳର ଭୂରି ଭୂରି ପ୍ରଶଂସା କଲେ ।

ଉକ୍ତ ଦିନ ନିଶାର୍ଦ୍ଧରେ ଯେତେବେଳେ ସମଗ୍ର ନଗର ନିଦ୍ରାଭିଭୂତ ସେତେବେଳେ ଯୌଗନ୍ଧରାୟଣଙ୍କ ସହ ରାଜା ଉଦୟନ ଯାଇ କଳିଙ୍ଗସେନାଙ୍କ ଶୟନାଗାର ନିକଟରେ ଉପସ୍ଥିତ ହେଲେ । ସେଠାରେ ଛଦ୍ମବେଶୀ ମଦନବେଗଙ୍କୁ ନିଦ୍ରିତାବସ୍ଥାରେ ଦେଖି ସେ ତାଙ୍କର ପ୍ରକୃତ ସ୍ୱରୂପ ଜାଣିପାରି ଯେତେବେଳେ ତାଙ୍କୁ ହତ୍ୟା କରିବା ନିମନ୍ତେ ଖଡ୍‌ଗ ଉତ୍ତୋଳନ କଲେ, ସେତେବେଳେ ସେ ନିଦ୍ରା ପରିତ୍ୟାଗ କରି ଏବଂ ବିଦ୍ୟା ପ୍ରଭାବରେ ବିଦ୍ୟାଧର ରୂପଧାରଣ କରି ଆକାଶମାର୍ଗରେ ପଳାୟନ କଲେ ।

ଏଥିରେ କଳିଙ୍ଗସେନାଙ୍କର ନିଦ୍ରାଭଙ୍ଗ ହେଲା । ସେ ପଲ୍ୟଙ୍କ ଶୂନ୍ୟ ଦେଖି କାତରଭାବରେ କହିଲେ, 'ବତ୍ସରାଜ ଆଜି ମୋତେ ଜାଗ୍ରତ ନକରି

Digitized by srujanika@gmail.com

କାହିଁକି ଚାଲିଗଲେ ।' ଏହା ଶୁଣି ଯୌଗନ୍ଧରାୟଣ ଉଦୟନଙ୍କୁ ଏହାର ରହସ୍ୟ ଉଦ୍‌ଘାଟନ କରି କହିଲେ, 'ମହାରାଜ ! ଏ ବିଦ୍ୟାଧର ଆପଣଙ୍କରି ରୂପଧାରଣ କରି କଳିଙ୍ଗସେନାଙ୍କର ସତୀତ୍ୱ ନଷ୍ଟ କରିଛନ୍ତି । ମୁଁ ଯୋଗବଳରେ ଏହା ଜ୍ଞାତ ହୋଇ ଆପଣଙ୍କୁ ପ୍ରତ୍ୟକ୍ଷ କରାଇଲି । କିନ୍ତୁ ସେ ବିଦ୍ୟାଧର ହୋଇଥିବା ଯୋଗୁଁ ଆପଣ ତାଙ୍କର କୌଣସି ଅନିଷ୍ଟ କରିପାରି ନାହାନ୍ତି, ଭବିଷ୍ୟତରେ କରିପାରିବେ ନାହିଁ ମଧ୍ୟ ।'

ଏହାପରେ ଉଭୟେ ଗୁପ୍ତସ୍ଥାନରୁ ନିର୍ଗତ ହୋଇ କଳିଙ୍ଗସେନାଙ୍କ ସମ୍ମୁଖରେ ଯାଇ ଉପସ୍ଥିତ ହେଲେ । ରାଜକୁମାରୀ ସସମ୍ଭ୍ରମରେ ଏ ଦୁହିଙ୍କର ସମୁଚିତ ସତ୍କାର କରି କହିଲେ, 'ମହାରାଜ ! ଆପଣ ବର୍ତ୍ତମାନ ହିଁ ଏଠାରୁ ଯାଇ ପୁଣି କେଉଁ କାରଣରୁ ମନ୍ତ୍ରୀଙ୍କ ସହ ଆସି ଉପସ୍ଥିତ ହେଲେ ।' ଏଥିରେ ଯୌଗନ୍ଧରାୟଣ ଉତ୍ତର ଦେଲେ, 'ରାଜକୁମାରି ! ଆପଣଙ୍କୁ କେହି ଅନ୍ୟ ବ୍ୟକ୍ତି ବତ୍ସରାଜଙ୍କ ରୂପଧାରଣ କରି କୌଶଳରେ ବିବାହ କରିଛି । ମୋର ସ୍ୱାମୀ ବତ୍ସରାଜଙ୍କ ସହ ଆପଣଙ୍କର ବିବାହ ହୋଇ ନାହିଁ ।' ଏହା ତୀକ୍ଷ୍ଣ ବିଷଦିଗ୍ଧ ତୀର ସ୍ୱରୂପ କଳିଙ୍ଗସେନାଙ୍କର ହୃଦୟରେ ବିଦ୍ଧ ହେଲା । ସେ ଅତ୍ୟନ୍ତ ବ୍ୟାକୁଳିତ ଚିତ୍ତରେ ବତ୍ସରାଜଙ୍କୁ କହିଲେ, 'ଆପଣ ମୋତେ ଗାନ୍ଧର୍ବରୀତିରେ ବିବାହ କରି, ଶକୁନ୍ତଳାଙ୍କୁ ଦୁଷ୍ମନ୍ତ ପରିତ୍ୟାଗ କଲାପରି ପରିତ୍ୟାଗ କରୁଅଛନ୍ତି ।' ରାଜା ମଧ୍ୟ ଦୁଃଖରେ ମନ୍ତ୍ରୀପ୍ରବରଙ୍କ ବାକ୍ୟକୁ ସମର୍ଥନ କରି କହିଲେ, 'ପ୍ରକୃତରେ ମୋ ସହିତ ତୁମର ବିବାହ ହୋଇ ନାହିଁ । ମୁଁ ପ୍ରଥମବାର ଆଜି ଏହି ଭବନରେ ପଦାର୍ପଣ କରିଛି ।' ଏହିପରି କହୁଥିବାବେଳେ ଯୌଗନ୍ଧରାୟଣ ତାଙ୍କୁ ସେଠାରୁ ନେଇ ଚାଲିଗଲେ ।

ଉଦୟନ, ମନ୍ତ୍ରୀ ଯୌଗନ୍ଧରାୟଣଙ୍କ ସହ ସେଠାରୁ ପ୍ରସ୍ଥାନ କରିବା ପରେ କଳିଙ୍ଗସେନା ଦୁଃଖରେ ଭାଙ୍ଗିପଡ଼ିଲେ । ନିଜର ଆତ୍ମୀୟ ସ୍ୱଜନଙ୍କଠାରୁ ଦୂରରେ ରହି ସେ ଯୂଥଭ୍ରଷ୍ଟା ହରିଣୀ ତୁଲ୍ୟ ବ୍ୟସ୍ତ ହୋଇପଡ଼ିଲେ । ହସ୍ତୀ ପଦଦଳିତ କମଳିନୀ ପରି ତାଙ୍କର ମୁଖମଣ୍ଡଳ ମ୍ଳାନୀଭୂତ ଏବଂ ଭ୍ରମର ବିବ୍ରତ ଅରବିନ୍ଦତୁଲ୍ୟ ତାଙ୍କର କେଶପାଶ ବିନ୍ୟସ୍ତ ହୋଇପଡ଼ିଲା । କୌମାର୍ଯ୍ୟ ବିନଷ୍ଟ ହେବାରୁ ସେ ମ୍ଳାନ ଓ ନିରୁପାୟ ହୋଇ ଆକାଶ ପ୍ରତି ଦୃଷ୍ଟି ନିକ୍ଷେପ କରି ଉଚ୍ଚସ୍ୱରରେ କହିଲେ, 'ବତ୍ସରାଜଙ୍କ ରୂପଧାରଣ କରି ଯେ

Digitized by srujanika@gmail.com

ମୋର କୁମାରୀତ୍ୱ ଅପହରଣ କରି ନେଇଛନ୍ତି, ସେ ଦୟାପୂର୍ବକ ଆତ୍ମପ୍ରକାଶ କରନ୍ତୁ । ସେ ହିଁ ମୋର ପତି ।' ଏହା କହିବା ସଙ୍ଗେ ସଙ୍ଗେ ମଦନବେଗ ହାର, କେୟୂର ପ୍ରଭୃତିଦ୍ୱାରା ବିଭୂଷିତ ହୋଇ ସେଠାରେ ଉପସ୍ଥିତ ହେଲେ ଏବଂ କଳିଙ୍ଗସେନା ତାଙ୍କର ପରିଚୟ ଜିଜ୍ଞାସା କରିବାରୁ ସେ କହିଲେ, 'ସୁନ୍ଦରି ! ମୁଁ ମଦନବେଗ ନାମକ ବିଦ୍ୟାଧରରାଜ । ମୁଁ ତୁମର ଏହି ଅସାମାନ୍ୟ ସୌନ୍ଦର୍ଯ୍ୟ ଦର୍ଶନରେ ଅଭିଭୂତ ହୋଇପଡ଼ିଥିଲି । ସେତେ-ବେଳେ ତୁମେ ପିତାଙ୍କ ଗୃହରେ ବାସ କରୁଥିଲ । ତୁମକୁ ଲାଭ କରିବା ନିମନ୍ତେ ମୁଁ ତପସ୍ୟା ଆଚରଣ କରି ଭଗବାନ ପାର୍ବତୀପତିଙ୍କୁ ସନ୍ତୁଷ୍ଟ କଲି । କିନ୍ତୁ ତୁମେ ବତ୍ସରାଜଙ୍କ ପ୍ରତି ଆକୃଷ୍ଟ ଥିବାଯୋଗୁଁ ମୁଁ ପ୍ରତ୍ୟକ୍ଷଭାବରେ ତୁମ ନିକଟରେ ମୋର ମନୋଭିଳାଷ ପ୍ରକାଶ କରିବା ପାଇଁ ସାହସ କରିପାରିଲି ନାହିଁ । ତେଣୁ ଏହି ଉପାୟ ଅବଲମ୍ବନ କରି ତୁମକୁ ପ୍ରାପ୍ତ ହେଲି ।'

ମଦନବେଗଙ୍କର ଏହି ଅମୃତମୟ ବାଣୀ କଳିଙ୍ଗସେନାଙ୍କର କର୍ଣ୍ଣବିଳ ମାଧ୍ୟମରେ ହୃଦୟରେ ପ୍ରବେଶ କରି ତାଙ୍କର ହୃଦୟ କମଳକୁ ବିକଶିତ କଲା । କିଛି ସମୟ ଅତିବାହିତ କରି ମଦନବେଗ ନିଜର ପ୍ରିୟତମା ପତ୍ନୀଙ୍କଠାରୁ ବିଦାୟ ଗ୍ରହଣ କରି ଏବଂ ତାଙ୍କୁ ପ୍ରଚୁର ସ୍ୱର୍ଣ୍ଣରାଶି ପ୍ରଦାନ କରି ସେଠାରୁ ପ୍ରସ୍ଥାନ କଲେ ।

ଏଣେ ପିତୃଗୃହ ପରିତ୍ୟାଗ କରି ଚାଲି ଆସିଥିବା କଳିଙ୍ଗସେନା ପତିଙ୍କ ସହ ଏକତ୍ର ବାସ କରିବା ନିମନ୍ତେ ମନେ ମନେ ସ୍ଥିର କରି ଦିବସ ଅତିବାହିତ କଲେ ।

Digitized by srujanika@gmail.com

ଅଷ୍ଟମ ତରଙ୍ଗ

ଏକଦା ନିଶାର୍ଦ୍ଧରେ ବତ୍ସରାଜ ଉଦୟନ, କଳିଙ୍ଗସେନାଙ୍କର ଅପରୂପ ସୌନ୍ଦର୍ଯ୍ୟ, ସ୍ମରଣ କରି କାମପୀଡ଼ିତ ହୋଇପଡ଼ିଲେ । ସେ ଶଯ୍ୟା ପରିତ୍ୟାଗପୂର୍ବକ ହସ୍ତରେ ନଗ୍ନ କରବାଳ ଧାରଣ କରି ତାଙ୍କ ବାସଭବନରେ ଯାଇ ଉପସ୍ଥିତ ହୁଅନ୍ତେ, କଳିଙ୍ଗସେନା ରାଜାଙ୍କର ଯଥୋଚିତ ସତ୍କାର କରି ସ୍ୱାଗତ କଲେ । କିନ୍ତୁ କାମାନ୍ଧ ଉଦୟନ ଯେତେବେଳେ ତାଙ୍କୁ ନିଜର ଅଙ୍କଶାୟିନୀ ହେବା ନିମନ୍ତେ ଅନୁରୋଧ କଲେ, ସେତେବେଳେ ସେ ଦୃଢ଼ସ୍ୱରରେ 'ମୁଁ ବର୍ତ୍ତମାନ ଦ୍ୱିତୀୟ ବ୍ୟକ୍ତିର ପାଣିଗ୍ରହଣ କରିସାରିଲିଣି' କହି ତାଙ୍କୁ ସେଥିରୁ ନିବୃତ୍ତ କଲେ । ରାଜା ପୁଣି ତାଙ୍କୁ ଆକ୍ଷେପ କରି କହିଲେ, 'ତୁମେ ତୃତୀୟ ପୁରୁଷକୁ ବରଣ କରିଥିବା ଯୋଗୁଁ ବ୍ୟଭିଚାରିଣୀ । ତେଣୁ ମୋତେ ରତିଦାନ କରିବାରେ ତୁମେ କୁଣ୍ଠିତା ହେବା ଅନୁଚିତ ।' କିନ୍ତୁ ଚତୁରା କଳିଙ୍ଗସେନା ରାଜାଙ୍କର ଏପ୍ରକାର ବ୍ୟବହାର ଦର୍ଶନ କରି କହିଲେ, 'ମହାରାଜ ! ଆପଣଙ୍କୁ ପତିରୂପରେ ବରଣ କରିବା ନିମନ୍ତେ ଆସି ଏଠାରେ ପହଞ୍ଚିଥିଲି । କିନ୍ତୁ ମଦନବେଗ ନାମକ ବିଦ୍ୟାଧର ମୋତେ କୌଶଳରେ ପତ୍ନୀରୂପରେ ଗ୍ରହଣ କରିନେଲେ । ତେଣୁ ବର୍ତ୍ତମାନ ମୁଁ ତାଙ୍କର ବିବାହିତା ସ୍ତ୍ରୀ, ବ୍ୟଭିଚାରିଣୀ ନୁହେ । ନିଜର ପରିବାରଠାରୁ ବିଚ୍ଛିନ୍ନ ନାରୀମାନଙ୍କର ଅବସ୍ଥା ଯଦି ଆପଣଙ୍କ ରାଜ୍ୟରେ ଏପ୍ରକାର ହୁଏ, ତାହାହେଲେ କୁମାରୀ କନ୍ୟାମାନଙ୍କ ଅବସ୍ଥା କଣ ନ ହେଉଥିବ । ଶକୁନ-ଶାସ୍ତ୍ରଧୁରୀଣା ସଖିଦ୍ୱାରା ନିଷିଦ୍ଧ କରାଯାଇଥିଲେ ସୁଦ୍ଧା ମୁଁ ଆପଣଙ୍କ ନିକଟକୁ ଦୂତ ପ୍ରେରଣ କରି ଏତାଦୃଶ ଫଳ ଭୋଗ କରୁଅଛି । ଆପଣ ଯଦି ମୋତେ ବଳପୂର୍ବକ ଗ୍ରହଣ କରନ୍ତି, ତାହାହେଲେ ମୁଁ ପ୍ରାଣ ବିସର୍ଜ୍ଜନ କରିବି । କାରଣ ପତିଙ୍କ ସହ ବିଶ୍ୱାସଘାତକତା କରିବା ଅପେକ୍ଷା ମୃତ୍ୟୁ ଶତଗୁଣେ ଶ୍ରେୟସ୍କର । ଏ ସମ୍ପର୍କରେ ଆପଣ ଗୋଟିଏ ଗଳ୍ପ ଶ୍ରବଣ କରନ୍ତୁ —

Digitized by srujanika@gmail.com

ପତିବ୍ରତା ବୈଶ୍ୟପତ୍ନୀ କଥା

ପ୍ରାଚୀନକାଳରେ ଚେଦି ନାମକ ରାଜ୍ୟରେ ଇନ୍ଦ୍ରଦତ୍ତ ବୋଲି ଜଣେ ଧାର୍ମିକ ରାଜା ରାଜତ୍ୱ କରୁଥିଲେ । ସେ ଏହି ନର ଶରୀରକୁ କ୍ଷଣଭଙ୍ଗୁର ଜାଣି ଯଶଃ ଶରୀରକୁ ଅମର ରଖିବା ନିମନ୍ତେ ପାପଶୋଧନ ନାମକ ତୀର୍ଥରେ ଏକ ଦେବମନ୍ଦିର ନିର୍ମାଣ କରିଥିଲେ । ଏଠାକୁ ବିଭିନ୍ନ ଦେଶ ଦେଶାନ୍ତରରୁ ବହୁ ବ୍ୟକ୍ତି ଆସି ଉପସ୍ଥିତ ହେଉଥିଲେ ।

ଦିନେ ରାଜା ଏହି ମନ୍ଦିର ମଧ୍ୟରେ ପ୍ରବେଶ କରି କୌଣସି ବୈଶ୍ୟବଧୂର ଦର୍ଶନ ଲାଭକଲେ । ତାର ପତି ବିଦେଶଗମନ କରିଥିବା ଯୋଗୁଁ ସେ ଏକାକିନୀ ବାସ କରୁଥାଏ । ତାର ଅସାମାନ୍ୟ ସୌନ୍ଦର୍ଯ୍ୟ ଦର୍ଶନରେ ଦର୍ଶକ ମାନସରେ କାମଦେବଙ୍କ ରୂପମୟୀ ରାଜଧାନୀର ଭ୍ରମ ଜାତ ହୁଏ । ତାକୁ ଦର୍ଶନ କରିବା ମାତ୍ରେ ରାଜା ତା' ପ୍ରତି ଆକୃଷ୍ଟ ହୋଇପଡ଼ିଲେ ଏବଂ ଉକ୍ତ ରଜନୀରେ ତାର ବାସଭବନର ଠିକଣା ଯୋଗାଡ଼ କରି ତା' ନିକଟରେ ଯାଇ ଉପସ୍ଥିତ ହୋଇ ରତିଭିକ୍ଷା କଲେ ।

କିନ୍ତୁ ବୈଶ୍ୟବଧୂ ଏକାନ୍ତ ପତିବ୍ରତା ଥିଲା । ରାଜାଙ୍କର କୁତ୍ସିତ ମନୋଭାବ ଜ୍ଞାତ ହୋଇ ସେ ଅନୁନୟ ସ୍ୱରରେ କହିଲା, 'ଆପଣ ପ୍ରଜା ରକ୍ଷକ ହୋଇ ଯଦି ପତିବ୍ରତା ନାରୀମାନଙ୍କର ଧର୍ମରକ୍ଷା ନ କରନ୍ତି, ତାହା ହେଲେ ପାପଭାଗୀ ହେବେ । ମୋତେ ବଳପୂର୍ବକ ସ୍ପର୍ଶ କଲେ ଆପଣଙ୍କର ପାପହେବ ଏବଂ ମୁଁ ମଧ୍ୟ ଏ କଳଙ୍କ ସହ୍ୟ କରି ନପାରି ପ୍ରାଣତ୍ୟାଗ କରିବି ।' କିନ୍ତୁ ରାଜା ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ତାର ବାକ୍ୟରେ କର୍ଣ୍ଣପାତ ନ କରି ତାକୁ ବଳପୂର୍ବକ କୋଳାଗତ କରିବା ନିମନ୍ତେ ଚେଷ୍ଟା କଲେ । ଫଳରେ ସ୍ତ୍ରୀଟିର ମୃତ୍ୟୁ ଘଟିଲା । ରାଜା ଲଜ୍ଜିତ ଓ ଭୀତ ହୋଇ ପ୍ରତ୍ୟାବର୍ତ୍ତନ କଲେ । କିଛି ଦିନ ପରେ ଅନୁତପ୍ତ ରାଜାଙ୍କର ମଧ୍ୟ ପ୍ରାଣବାୟୁ ଶରୀର ପରିତ୍ୟାଗ କରି ଚାଲିଗଲା ।

କଳିଙ୍ଗସେନା ରାଜା ଉଦୟନଙ୍କୁ ଏତାଦୃଶ ନୀତିପୂର୍ଣ୍ଣ ଗଳ୍ପ ଶ୍ରବଣ କରାଇ ନମ୍ର ଓ ଭୟଶଙ୍କୁଳ କଣ୍ଠରେ କହିଲେ, 'ତେଣୁ ଆପଣ ମୋର ପ୍ରାଣ

Digitized by srujanika@gmail.com

ହରଣ କରି ଅଧର୍ମର ଭାଗୀ ହେବା ନିମନ୍ତେ ଚେଷ୍ଟା କରନ୍ତୁ ନାହିଁ । ମୁଁ ଆପଣଙ୍କର ଆଶ୍ରିତା । ଆପଣ ଅଭୟ ପ୍ରଦାନ କଲେ ମୁଁ ଏଠାରେ ବାସ କରିବି ନଚେତ୍ ଅନ୍ୟତ୍ର ଚାଲିଯିବା ପାଇଁ ଚେଷ୍ଟା କରିବି ।'

କଳିଙ୍ଗସେନାଙ୍କଠାରୁ ଏହି ଅନୁନୟ ବାଣୀ ଶୁଣି ଧର୍ମାତ୍ମା ଉଦୟନଙ୍କ ସନ୍ତପ୍ତ ହୃଦୟ ଶୀତଳ ହେଲା । ସେ ପାପ ଇଚ୍ଛା ପରିତ୍ୟାଗପୂର୍ବକ କୋମଳ ସ୍ୱରରେ ରାଜକୁମାରୀଙ୍କୁ କହିଲେ, 'ତୁମେ ନିର୍ଭୟ ଚିତ୍ତରେ ପତିଙ୍କ ସହ ଏଠାରେ ବାସକର । ମୁଁ ତୁମର କୌଣସି ଅନିଷ୍ଟ କରିବି ନାହିଁ । ତୁମେ ମୋତେ ଆଉ ଭୟ କରିବା ଅନାବଶ୍ୟକ ।'

ବତ୍ସରାଜ ଉଦୟନ ସେଠାରୁ ପ୍ରସ୍ଥାନ କରିବା ପରେ ମଦନବେଗ ଏ ସମସ୍ତ ସମାଚାର ସିଦ୍ଧି ବଳରେ ଜ୍ଞାତ ହୋଇ ସେଠାରେ ଆସି ଉପସ୍ଥିତ ହୋଇ କହିଲେ, 'ତୁମେ ଯାହା କରିଛ, ତାହା ତୁମପରି କୁଳୀନ ରାଜକୁମାରୀଙ୍କ ପକ୍ଷରେ ଏକାନ୍ତ ଉପଯୁକ୍ତ । ଏହା ବ୍ୟତୀତ ଅନ୍ୟ କିଛି କରିଥିଲେ, ମୁଁ ହୁଏତ ସହ୍ୟ କରିପାରି ନଥାନ୍ତି ।' ଏହା କହି ମଦନବେଗ ତାଙ୍କ ସହ ରାତ୍ରି ଯାପନ କରି ପ୍ରତ୍ୟହ ଯିବା ଆସିବା କରିବାକୁ ଲାଗିଲେ । କଳିଙ୍ଗସେନା ମଧ୍ୟ ବିଦ୍ୟାଧରଙ୍କ ସଙ୍ଗସୁଖ ଲାଭକରି ମାନବ ଶରୀରରେ ଦିବ୍ୟଭୋଗ ଉପଭୋଗ କରିବାକୁ ଲାଗିଲେ ।

ବତ୍ସରାଜ ମଧ୍ୟ କଳିଙ୍ଗସେନାଙ୍କ ଚିନ୍ତା ପରିତ୍ୟାଗପୂର୍ବକ ମନ୍ତ୍ରୀ ଯୌଗନ୍ଧରାୟଣଙ୍କ ଉପଦେଶ ସ୍ମରଣ କରି ମହାରାଣୀ, ରାଜ୍ୟ ଓ ପୁତ୍ର ସହିତ କାଳଯାପନ କଲେ । ମିତ୍ରରୂପକ କଳ୍ପଲତାର ସୁମିଷ୍ଟ ଫଳପକ୍ୱ ହେବା ଦେଖି ରାଣୀ ବାସବଦତ୍ତା ଏବଂ ମନ୍ତ୍ରୀ ଯୌଗନ୍ଧରାୟଣ ମଧ୍ୟ ନିଶ୍ଚିନ୍ତ ହେଲେ ।

ମଦନମଞ୍ଜୁକା ଜନ୍ମ

କିଛି ଦିନ ପରେ କଳିଙ୍ଗସେନା ଗର୍ଭଧାରଣ କଲେ । ତାଙ୍କର ଶରୀର ପାଣ୍ଡୁରବର୍ଣ୍ଣ ଓ ମୁଖ ଶ୍ୱେତାଭ ଦେଖାଗଲା ଏବଂ ଶରୀର ଦୋହଦ ଜାତ ହେଲା । ତାଙ୍କର ଚୁଚୁକ ଯୁଗଳ ଗାଢ଼ କୃଷ୍ଣବର୍ଣ୍ଣ ଧାରଣ କରିବା

Digitized by srujanika@gmail.com

ଯୋଗୁଁ ମନେ ହେଲା ସତେ ଯେପରି କନ୍ଦର୍ପ ନିଜର ସ୍ୱର୍ଣ୍ଣକୁମ୍ଭ ଯୁଗଳରେ ଧନରତ୍ନ ପରିପୂର୍ଣ୍ଣ କରି ମଦମୁଦ୍ରାର ଚେସଗୁଡ଼ିକୁ ଅଙ୍କିତ କରିଅଛି ।

ଏ ସମୟରେ ହଳେ ତାଙ୍କ ପତି ମଦନବେଗ ଆସି କହିଲେ, 'ପ୍ରିୟେ ! ବିଦ୍ୟାଧରମାନଙ୍କ ନିୟମ ଅଛି ଯେ ସେମାନେ ମର୍ତ୍ତ୍ୟଲୋକର ମାନବ ରମଣୀଠାରେ ଗର୍ଭଜାତ କରାଇ ସ୍ୱର୍ଗପୁରକୁ ପ୍ରତ୍ୟାବର୍ତ୍ତନ କରିଯିବେ । କଣ୍ୱ ଆଶ୍ରମରେ ଶକୁନ୍ତଳାଙ୍କୁ ପରିତ୍ୟାଗ କରି ମେନକା ସ୍ୱର୍ଗରାଜ୍ୟକୁ ପଳାୟନ କରିଥିବା ବୃତ୍ତାନ୍ତ ତୁମର ସ୍ମରଣ ଥିବ । ତୁମେ ମଧ୍ୟ ପୂର୍ବେ ଅପ୍ସରା ଥିଲ କିନ୍ତୁ ଇନ୍ଦ୍ରଙ୍କଠାରେ ଅଭିଶପ୍ତ ହେବାରୁ ପୃଥିବୀରେ ଜନ୍ମଗ୍ରହଣ କରିଅଛ ଏବଂ ପତିବ୍ରତା ହୋଇ ମଧ୍ୟ ବ୍ୟଭିଚାରିଣୀ ବୋଲି ପରିଚିତ ହୋଇଅଛ । ତେଣୁ ତୁମେ ଏହି ଗର୍ଭସ୍ଥ ଶିଶୁଟିର ସୁରକ୍ଷା କର । ମୁଁ ବର୍ତ୍ତମାନ ଚାଲି ଯାଉଅଛି । ମୋତେ ସ୍ମରଣ କରିବା ମାତ୍ରେ ମୁଁ ଆସି ତୁମ ନିକଟରେ ଉପସ୍ଥିତ ହେବି ।' ଶୋକାକୁଳକଣ୍ଠରେ ଏହା ପ୍ରକାଶ କରି ଏବଂ କଳିଙ୍ଗ-ସେନାଙ୍କୁ ବହୁ ଅମୂଲ୍ୟ ଧନରତ୍ନ ପ୍ରଦାନ କରି ମଦନବେଗ ସେଠାରୁ ପ୍ରସ୍ଥାନ କଲେ ।

କଳିଙ୍ଗସେନା ମଧ୍ୟ ଭବିଷ୍ୟତ ସନ୍ତାନର ଚିନ୍ତାରେ ନିମଜ୍ଜିତ ରହି ବତ୍ସରାଜ ଉଦୟନଙ୍କ ଛତ୍ରଛାୟା ତଳେ ଆଶ୍ରୟ ଗ୍ରହଣ କରି ସମୟ ଅତିବାହିତ କରିବାକୁ ଲାଗିଲେ ।

ଏହି ଅବସରରେ କନ୍ଦର୍ପପତ୍ନୀ ରତି ନିଜର ପତିଙ୍କୁ ପୁଣି ସଶରୀରେ ଲାଭ କରିବା ନିମିତ୍ତ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ ତପସ୍ୟା କରୁଥାଆନ୍ତି । ତାଙ୍କର କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ତାଙ୍କୁ କହିଲେ, 'ପୂର୍ବେ ମୋର କ୍ରୋଧାଗ୍ନିରେ ଭସ୍ମୀଭୂତ ହୋଇଥିବା ତୁମର ପତି କାମଦେବ ବତ୍ସରାଜଙ୍କ ଔରସରେ ଜନ୍ମଗ୍ରହଣ କରିଅଛନ୍ତି । ତାଙ୍କ ନାମ ନରବାହନଦତ୍ତ । ମୋ ସହିତ ଶତ୍ରୁତା ଆଚରଣ କରିଥିବା ଯୋଗୁଁ ସେ ଦେବତା ହୋଇ ମଧ୍ୟ ମାନବ ଯୋନିରେ ଜନ୍ମଗ୍ରହଣ କରିଅଛନ୍ତି । ଭକ୍ତିପୂର୍ଣ୍ଣ ଭାବରେ ମୋର ଆରାଧନା କରିଥିବା ଯୋଗୁଁ ତୁମେ ମଧ୍ୟ ମର୍ତ୍ତ୍ୟଲୋକରେ ଅଯୋନିସଂଭୂତା ହୋଇ, ପୂର୍ଣ୍ଣାଙ୍ଗ ଶରୀର ଲାଭ କରିଥିବା ପତିଙ୍କ ସହ ମିଳିତ ହୁଅ ।'

Digitized by srujanika@gmail.com

ରତିଙ୍କୁ ଏପ୍ରକାର ବର ପ୍ରଦାନକରି ମହାଦେବ ପ୍ରଜାପତି ବ୍ରହ୍ମାଙ୍କୁ ଆଦେଶ ଦେଲେ, 'କଳିଙ୍ଗସେନା ଦିବ୍ୟ ମଦନବେଗଙ୍କ ଔରସରୁ ଏକ ପୁତ୍ର-ସନ୍ତାନ ପ୍ରସବ କରୁ ଏବଂ ତୁମେ ଏହି ସନ୍ତାନଟିକୁ ଅପହରଣ କରି ନେଇ ଆସି ତା' ସ୍ଥାନରେ ଧାରଣ କରିଥିବା ରତିକୁ ମାନବ ଶିଶୁ ରୂପ ରଖିଦିଅ ।' ପାର୍ବତୀପତିଙ୍କର ଏହି ଆଦେଶକୁ ବ୍ରହ୍ମା ନତମସ୍ତକରେ ଗ୍ରହଣ କଲେ ।

ସମୟକ୍ରମେ କଳିଙ୍ଗସେନା ଏକ ପୁତ୍ରସନ୍ତାନ ଜାତ କଲେ । ଏହା ଜାଣି ବ୍ରହ୍ମା ମାୟାବଳରେ ତାକୁ ଅପହରଣ କରି ନେଇ ରତିଙ୍କୁ ତା' ସ୍ଥାନରେ ସ୍ଥାପନା କଲେ । ସେଠାରେ ଉପସ୍ଥିତ ଥିବା ପୁରବାସିମାନେ, ଦିବସରେ ଅଗ୍ନିନିକ ଭାବେ ଉଦିତ ହୋଇଥିବା ପ୍ରତିପଦାର ଚନ୍ଦ୍ରବିମ୍ବତୁଲ୍ୟ ଏହି କନ୍ୟାକୁ ଦେଖି ପ୍ରଭୂତ ଆନନ୍ଦ ଲାଭ କଲେ । କନ୍ୟାଟିର ଶରୀରକାନ୍ତି ପ୍ରସୂତି ଗୃହର ସମସ୍ତ ରତ୍ନଦୀପର ଔଜ୍ୱଲ୍ୟକୁ ପରାଭୂତ କରୁଥିଲା । କଳିଙ୍ଗସେନା ଏହି ଅନନ୍ୟ ସଦୃଶୀ କନ୍ୟାରତ୍ନ ଦର୍ଶନ କରି ପୁତ୍ର ଲାଭଜନିତ ଆନନ୍ଦ ଅପେକ୍ଷା ଅଧିକ ଆନନ୍ଦ ପ୍ରକାଶ କରି ବିଭିନ୍ନ ଉତ୍ସବ ପାଳନ କଲେ ।

ଏ ସୁସମ୍ବାଦ ଶ୍ରବଣ କରି ରାଜା ଉଦୟନ, ମନ୍ତ୍ରୀ ଯୌଗନ୍ଧରାୟଣ ଓ ମହାରାଣୀ ବାସବଦତ୍ତା ଏବଂ ପଦ୍ମାବତୀ ମଧ୍ୟ ପ୍ରସନ୍ନଚିତ୍ତରେ ରାଜ୍ୟସାରା ଉତ୍ସବ ପାଳନ କଲେ । ସମ୍ବାଦ ଶ୍ରବଣ ମାତ୍ରେ ରାଜା ଏମାନଙ୍କ ସମ୍ମୁଖରେ କହିଲେ, 'ମୁଁ ଭାବୁଛି କଳିଙ୍ଗସେନା ସାଧାରଣ ନାରୀ ନୁହନ୍ତି । ସେ ଶାପଭ୍ରଷ୍ଟା କୌଣସି ଦେବ ସ୍ତ୍ରୀ । ତାଙ୍କଠାରୁ ଜନ୍ମଗ୍ରହଣ କରିଥିବା ଏହି କନ୍ୟାଟି ମଧ୍ୟ କୌଣସି ଦିବ୍ୟ ଅଂଶରୁ ସମ୍ଭୂତ । ନଚେତ୍ ସେ ଏତାଦୃଶ ସ୍ୱର୍ଗୀୟ ସୁଷମାର ଅଧିକାରିଣୀ ହୋଇନଥାନ୍ତା । ତେଣୁ ଏ ଆମ ପୁତ୍ର ନରବାହନଦତ୍ତର ଉପଯୁକ୍ତ ଏବଂ ତା'ର ମହାରାଣୀ ହେବା ଯୋଗ୍ୟ ।' ରାଜାଙ୍କର ଏପ୍ରକାର ଉକ୍ତି ଶୁଣି ରାଣୀ ବାସବଦତ୍ତା କହିଲେ, 'ମହାରାଜ ! ଆଜି ଆପଣ ଏ କଣ କହୁଛନ୍ତି । ମାତୃକୁଳ ଓ ପିତୃକୁଳରେ ଶୁଦ୍ଧ ଓ ପବିତ୍ର ଆପଣଙ୍କ ପୁତ୍ର ଏହି ବ୍ୟଭିଚାରିଣୀର କନ୍ୟାର ପାଣିଗ୍ରହଣ କରିବା କଥା ଆପଣ ଚିନ୍ତା କରୁଛନ୍ତି କିପରି ?'

ରାଣୀ ତାଙ୍କ କଥାର ପ୍ରତିବାଦ କରିବା ଯୋଗୁଁ ରାଜା କିଛି ସମୟ ଚିନ୍ତାକରି କହିଲେ, 'ମୁଁ ଏହା ସ୍ୱୟଂ କହୁ ନାହିଁ, କିନ୍ତୁ ମୋର ଅନ୍ତରତମ

Digitized by srujanika@gmail.com

ପ୍ରଦେଶରୁ କିଏ ଜଣେ ମୋତେ ଏହା କହିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛି । ମୁଁ ବର୍ତ୍ତମାନ ଦୈବୀବାଣୀ ମଧ୍ୟ ଶୁଣିପାରିଛି ଯେ ଏ କନ୍ୟା ନରବାହନଦତ୍ତର ପୂର୍ବଜନ୍ମରେ ପତ୍ନୀ ଥିଲା ଏବଂ ଉଚ୍ଚକୁଳସମ୍ଭୂତା କଳଙ୍କ-ହୀନା ମଧ୍ୟ ଜଣେ ପତିବ୍ରତା ରମଣୀ । ପୂର୍ବଜନ୍ମର କୃତକର୍ମ ଫଳରୁ ବର୍ତ୍ତମାନ ବ୍ୟଭିଚାରିଣୀ ବୋଲି ସେ କୁଖ୍ୟାତ ।'

ରାଜାଙ୍କଠାରୁ ଏହା ଶୁଣି ଯୌଗନ୍ଧରାୟଣ କହିଲେ, 'ମହାରାଜ ! ଶୁଣାଯାଉଛି ଯେ କନ୍ଦର୍ପ ଭସ୍ମୀଭୂତ ହେବା ପରେ ତାଙ୍କର ପତ୍ନୀ ରତି ମର୍ତ୍ତ୍ୟଲୋକରେ ତାଙ୍କ ସହ ସଶରୀରରେ ମିଳିତ ହେବା ନିମନ୍ତେ ଶିବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କଲେ । ମହାଦେବ ମଧ୍ୟ ତାଙ୍କୁ ତାଙ୍କର ଅଭୀଷ୍ଟ ସିଦ୍ଧି ନିମିତ୍ତ ବର ପ୍ରଦାନ କଲେ । ପୂର୍ବରୁ ଶୂନ୍ୟବାଣୀ ଶୁଣାଯାଇଛି ଯେ ଆପଣଙ୍କ କୁମାର ନରବାହନଦତ୍ତ କାମଦେବଙ୍କ ଅବତାର । ଏ କନ୍ୟା ମଧ୍ୟ ରତି ବ୍ୟତୀତ ଅନ୍ୟ କେହି ନୁହେ । ଏ କଥା ପ୍ରସବକାଳରେ ଉପସ୍ଥିତ ଥିବା ଧାତ୍ରୀ ମୋ ନିକଟରେ ପ୍ରକାଶ କରିଛି । ସେ ଯେଉଁ ଶିଶୁଟିକୁ ଜନ୍ମ ସମୟରେ ପ୍ରଥମେ ଦେଖିଥିଲା, ଏ ଶିଶୁ ସେ ନୁହେ । ଏହି ଆଶ୍ଚର୍ଯ୍ୟଜନକ ବ୍ୟାପାରରେ ବିସ୍ମିତ ଓ ଭୟଭୀତ ହୋଇ ସେ ଆସି ମୋ ନିକଟରେ ଜଣାଇଲା । ମୋର ସିଦ୍ଧି ମଧ୍ୟ ମୋତେ ଏହାର ସୂଚନା ପ୍ରଦାନ କରୁଛି । ତେଣୁ ମୁଁ ଭାବୁଛି ଦେବତାମାନେ ମାୟାବଳରେ ରତିଙ୍କୁ କନ୍ୟାରୂପରେ ଆଣି ଏଠାରେ ଛାଡ଼ି ଦେଇଛନ୍ତି ଏବଂ ପ୍ରସୂତ ସନ୍ତାନଟିକୁ ଅପହରଣ କରି ନେଇ ଯାଇଛନ୍ତି । ଏହି କନ୍ୟାଟି ଅବଶ୍ୟ ଆପଣଙ୍କ ପୁତ୍ର ନରବାହନଦତ୍ତଙ୍କ ସ୍ତ୍ରୀ । ଏ ସମ୍ପର୍କରେ ଗୋଟିଏ ଗଳ୍ପ କହୁଛି, ଶୁଣନ୍ତୁ—

ବିରୂପାକ୍ଷ ନାମକ ଏକ ଯକ୍ଷ କୁବେରଙ୍କ ଭୃତ୍ୟ ଭାବରେ ରହିଥିଲା । ସେ ନିଜର କର୍ମକୁଶଳତା ଯୋଗୁଁ କୁବେର ଭଣ୍ଡାରର ପ୍ରଧାନାଧ୍ୟକ୍ଷ ପଦକୁ ଉନ୍ନୀତ ହୋଇଥିଲା । ମଥୁରା ନଗରୀର ବହିର୍ଦ୍ଦେଶରେ ଥିବା ଏକ ଗୁପ୍ତ ରତ୍ନ ଭଣ୍ଡାରକୁ ରକ୍ଷା କରିବା ନିମନ୍ତେ ସେ ଅନ୍ୟ ଏକ ଯକ୍ଷକୁ ନିଯୁକ୍ତ କରିଥିଲା ।

ଏକଦା ଉକ୍ତ ନଗରର ଜଣେ ବ୍ରାହ୍ମଣ ଏହି ଗୁପ୍ତ ରତ୍ନ ଭଣ୍ଡାରର ସନ୍ଧାନ ଲାଭ କରି ସେଠାରେ ଆସି ଉପସ୍ଥିତ ହୋଇ ଭୂମି ପରୀକ୍ଷା କରିବାକୁ ଲାଗିଲା ।

Digitized by srujanika@gmail.com

ପରୀକ୍ଷା କରୁଥିବା ସମୟରେ ତା ହାତରେ ଥିବା ମନୁଷ୍ୟ ଚର୍ବିଦ୍ୱାରା ପ୍ରଜ୍ୱଳିତ ପାପଶିଖାଟି ଗୋଟିଏ ସ୍ଥାନରେ ନିପତିତ ହେଲା । ଏହି ସ୍ଥାନରେ ସେହି ଚନ୍ଦ୍ର ଭଣ୍ଡାର ରହିଥିବା ନିଶ୍ଚିତ କରି ସେ ନିଜର ମିତ୍ରମାନଙ୍କ ସହ ଉକ୍ତ ସ୍ଥାନଟିକୁ ଖୋଦନ କରିବା ଆରମ୍ଭ କଲା ।

ଏହା ଦେଖି, ଭଣ୍ଡାରର ସୁରକ୍ଷା ନିମିତ୍ତ ନିଯୁକ୍ତ ଥିବା ଯକ୍ଷ ଯାଇ ବିରୂପାକ୍ଷ ନିକଟରେ ଏ ସମ୍ବାଦ ପ୍ରଦାନ କରନ୍ତେ ସେ ସେହି ବ୍ରାହ୍ମଣମାନଙ୍କୁ ହତ୍ୟା କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କଲା । ଏଥିରେ ସେ ଯକ୍ଷ ଆସି ଉକ୍ତ ବ୍ରାହ୍ମଣମାନଙ୍କୁ ଗୁପ୍ତ ଭଣ୍ଡାରର ସନ୍ଧାନ ଲାଭ କରିବା ପୂର୍ବରୁ ହତ୍ୟା କଲା ।

କୁବେର ଏହି ଘଟଣା ସମ୍ପର୍କରେ ଅବହିତ ହୋଇ କ୍ରୋଧପ୍ରକାଶ-ପୂର୍ବକ, 'ରେ ପାପିଷ୍ଠ ! ତୁ ହଠାତ୍ ଏପ୍ରକାର ବ୍ରହ୍ମହତ୍ୟା କାହିଁକି କଲୁ । ନିର୍ବୋଧ ବ୍ୟକ୍ତି ଯେ କୌଣସି ପାପ କରିବା ନିମନ୍ତେ ପଶ୍ଚାତ୍‌ପଦ ହୁଏ ନାହିଁ । ତୁ ସେମାନଙ୍କୁ ଭୟ ପ୍ରଦର୍ଶନପୂର୍ବକ ହୁଏତ ସେଠାରୁ ବହିଷ୍କାର କରି ଦେଇପାରି ଥାଆନ୍ତୁ', କହି ତାକୁ ମର୍ତ୍ତ୍ୟଲୋକରେ ଜନ୍ମଗ୍ରହଣ କରିବା ନିମନ୍ତେ ଅଭିଶାପ ଦେଲେ ।

ଏହି ଶାପ ଫଳରେ ବିରୂପାକ୍ଷ ଯାଇ କୌଣସି ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କଲା । ଏହା ଦେଖି ତାର ପତିବ୍ରତା ପତ୍ନୀ କୁବେରଙ୍କୁ ବହୁ ଅନୁନୟ ବିନୟ କରି କହିଲା, 'ସ୍ୱାମିନ୍ ! ମୋର ପତିଙ୍କୁ ଯେଉଁଠାରେ ଜନ୍ମ ଦେଇଛନ୍ତି, ମୋତେ ମଧ୍ୟ ସେଠାରେ ଜନ୍ମଗ୍ରହଣ କରିବା ନିମନ୍ତେ ଆଦେଶ ପ୍ରଦାନ କରନ୍ତୁ । ମୁଁ ତାଙ୍କଠାରୁ ବିଯୁକ୍ତ ହୋଇ ଜୀବନ ଧାରଣ କରିପାରିବି ନାହିଁ ।' ପତିବ୍ରତାର କରୁଣ ମିନତି କୁବେରଙ୍କ କ୍ରୋଧ ଶାନ୍ତ କଲା । ସେ ଯକ୍ଷିଣୀକୁ କହିଲେ, 'ତୋର ସ୍ୱାମୀ ଯେଉଁ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଛି, ତୁ ଯାଇ ତା'ର ଦାସୀର ଗୃହରେ ବାସ କରିବୁ କିନ୍ତୁ ତୋର କୌଣସି ଦୋଷ ନଥିବା ଯୋଗୁଁ ତୁ ମାନବ ଯୋନିରେ ଜାତ ହେବୁ ନାହିଁ । ସେଠାରେ ତୋର ପତି ସହ ମିଳନ ଘଟିବ ଏବଂ ତୋର କୃପାରୁ ସେ ଶାପମୁକ୍ତ ହୋଇ ମୋ ନିକଟକୁ ପୁଣି ଫେରି ଆସିବ ।'

Digitized by srujanika@gmail.com

କୁବେରଙ୍କ ଆଦେଶ ଅନୁଯାୟୀ ସଦ୍ଗ ଯକ୍ଷିଣୀ ଉକ୍ତ ବ୍ରାହ୍ମଣଙ୍କ ଦାସୀର ଗୃହଦ୍ୱାରରେ ଶିଶୁ ରୂପରେ ସ୍ଥାପିତ ହେଲା । ଦାସୀ ଏହି ଅଦ୍ଭୁତ ଶିଶୁଟିକୁ ଦେଖି ତାକୁ ନେଇ ନିଜର ପ୍ରଭୁ ସେହି ବ୍ରାହ୍ମଣଙ୍କ ନିକଟରେ ପହଞ୍ଚିଲା । ବ୍ରାହ୍ମଣ ତାକୁ ଦେଖିବା ମାତ୍ରେ ପ୍ରସନ୍ନଚିତ୍ତରେ କହିଲେ, 'ଏ କନ୍ୟା କୌଣସି ଦିବ୍ୟ ସ୍ତ୍ରୀବିଶେଷ; ଶାପଗ୍ରସ୍ତା ହୋଇ ପୃଥିବୀରେ ଅବତୀର୍ଣ୍ଣ ହୋଇଛି । ଏ ଅଯୋନିଜ ବୋଲି ମୋର ବିବେକ ମୋତେ କହୁଛି । ତେଣୁ ଏ କନ୍ୟା ମୋର ପୁତ୍ରର ପତ୍ନୀ ହେବା ନିମନ୍ତେ ଏକାନ୍ତ ଉପଯୁକ୍ତ ।'

କ୍ରମଶଃ ସେହି ବ୍ରାହ୍ମଣଙ୍କ ଗୃହରେ ଉଭୟେ ବୃଦ୍ଧିପ୍ରାପ୍ତ ହେବାକୁ ଲାଗିଲେ ଏବଂ ପରସ୍ପର ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇପଡ଼ିଲେ । ଏହା ଦେଖି ବ୍ରାହ୍ମଣ ସମ୍ପ୍ରତି ଉଭୟଙ୍କୁ ବିବାହ କରାଇ ଦେଲେ । ସେମାନେ ପୂର୍ବଜନ୍ମ ସ୍ମରଣ କରିପାରୁ ନଥିଲେ ହେଁ, ବହୁଦିନର ବିଚ୍ଛେଦ ପରେ ମିଳିତ ହେଲାପରି ଅନୁଭବ କରୁଥିଲେ । କିଛି ଦିନ ପୃଥିବୀରେ ଜୀବନଯାପନ କଲା ପରେ ପୁଣି ଉଭୟେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ।

ଏହିପରି ନିରପରାଧ ଦେବତାମାନେ କୌଣସି ବିଶେଷ କାରଣରୁ ଅଯୋନିଜ ହୋଇ ପୃଥିବୀରେ ଅବତୀର୍ଣ୍ଣ ହୋଇଥାଆନ୍ତି !

ନରବାହନଦତ୍ତ ଓ ମଦନମଞ୍ଚୁକାଙ୍କ ବାଲ୍ୟବିଳାସ

'ତେଣୁ, ମହାରାଜ ତାହାର ଓ ଆପଣଙ୍କର କୁଳୀନତା ସମ୍ପର୍କରେ ଚିନ୍ତା କରିବା ଅନାବଶ୍ୟକ । କଳିଙ୍ଗସେନାଙ୍କର ଏହି ଦେବଅଂଶ ଜାତ କନ୍ୟା ଆପଣଙ୍କ ପୁତ୍ର ନରବାହନଦତ୍ତଙ୍କର ପତ୍ନୀ ହେବା ନିମନ୍ତେ ଏକାନ୍ତ ଉପଯୁକ୍ତ ।' ଯୌଗନ୍ଧରାୟଣଙ୍କଠାରୁ ଏହା ଶ୍ରବଣ କରି ବାସବଦତ୍ତା ଓ ଉଦୟନ ଅତ୍ୟନ୍ତ ପ୍ରୀତ ହେଲେ । ମନ୍ତ୍ରୀ ବିଦାୟ ଗ୍ରହଣ କରି ପ୍ରସ୍ଥାନ କଲା ପରେ ସେମାନେ ପାନାହାରରେ ଉନ୍ମତ୍ତ ରହି ଉକ୍ତ ଦିବସଟି ଅତିବାହିତ କଲେ ।

କିଛି ଦିନ ମଧ୍ୟରେ ସାଂସାରିକ ମୋହରେ ଜଡ଼ିତ ହୋଇ କଳିଙ୍ଗ-ସେନାଙ୍କର ଏହି ଲାବଣ୍ୟମୟୀ କନ୍ୟା ନିଜର ରୂପସମ୍ପଦ ନେଇ ବୃଦ୍ଧିପ୍ରାପ୍ତ

Digitized by srujanika@gmail.com

ହେବାକୁ ଲଗିଲା । ମଦନବେଗଙ୍କର କନ୍ୟା ହୋଇଥିବା ଯୋଗୁଁ ଏହାର ନାମକରଣ କରାଗଲା ମଦନମଞ୍ଜୁକା । ସେ ପୃଥିବୀର ସମସ୍ତ ସୁନ୍ଦରୀ ରମଣୀଙ୍କର ଗର୍ବ ଖର୍ବ କରିବାକୁ ଲଗିଲା । ଏହାର ରୂପ ବୈଭବର ପ୍ରଶଂସା ଶତମୁଖରେ ଶ୍ରବଣ କରି ରାଣୀ ବାସବଦତ୍ତା ତାକୁ ନିଜ ନିକଟକୁ ଡାକି ଆଣିଲେ । ଜ୍ୱଳନ୍ତ ଦୀପଶିଖା ତୁଲ୍ୟ କନ୍ୟାଟିର ସୌନ୍ଦର୍ଯ୍ୟ ଦେଖି ଉଦୟନ ଓ ଯୌଗନ୍ଧରାୟଣ ଆଶ୍ଚର୍ଯ୍ୟ ହେଲେ । ତାର ଅମୃତବର୍ଷିଣୀ ରୂପ ଦେଖି ସମସ୍ତେ ତାକୁ ରତିଙ୍କର ଅବତାର ବୋଲି ନିଶ୍ଚିତ ହେଲେ ।

ରାଣୀ ବାସବଦତ୍ତା ଏହି ସମୟରେ ନିଜର ଅନିନ୍ଦ୍ୟ ସୁନ୍ଦର ପୁତ୍ର ନରବାହନଦତ୍ତଙ୍କୁ ମଧ୍ୟ ସେଠାକୁ ଡକାଇ ଆଣିଲେ । ପଦ୍ମସଂକୁଳ ସରୋବର ନବୋଦିତ ସୂର୍ଯ୍ୟଙ୍କୁ ଅବଲୋକନ କଲାପରି ରାଜକୁମାର ମଦନମଞ୍ଜୁକାଙ୍କ ଠାରୁ ନିଜର ଦୃଷ୍ଟି ଫେରାଇ ପାରିଲେ ନାହିଁ । ମଦନମଞ୍ଜୁକା ମଧ୍ୟ ଚକୋର ଚନ୍ଦ୍ରକୁ ଦର୍ଶନ କରି କରି ସର୍ବଦା ଅତୃପ୍ତ ରହିଲା ପରି ନରବାହନଦତ୍ତଙ୍କୁ ଦର୍ଶନ କରିବାକୁ ଲଗିଲେ । ସେମାନେ ଶୈଶବାବସ୍ଥା ଅତିକ୍ରମ କରି ନଥିଲେ ହେଁ ପରସ୍ପର ପରସ୍ପରକୁ ଦର୍ଶନ କରି ଅସ୍ଥିର ହୋଇଉଠିଲେ; ପୃଥକ୍ ଶରୀର ଧାରଣ କରିଥିଲେ ହେଁ ମନରେ ଏକୀଭୂତ ହୋଇଗଲେ ।

ଏହା ଦର୍ଶନ କରି ବତ୍ସରାଜ ଉଦୟନ ଏ ଦୁହିଁଙ୍କର ସମ୍ପର୍କ ଦୈବନିଶ୍ଚିତ ମନେ କରି ଉଭୟଙ୍କ ବିବାହ ସମ୍ପାଦିତ କରିବା ଅଭିଳାଷ ପୋଷଣ କଲେ । କଳିଙ୍ଗସେନାଙ୍କ ହୃଦୟ ବତ୍ସରାଜଙ୍କ ମନୋରଥ ଜାଣି ହୋଇ ଆନନ୍ଦରେ ନାଚି ଉଠିଲା; ସେ ନରବାହନଦତ୍ତଙ୍କୁ ଜାମାତା ଦୃଷ୍ଟିରେ ଦେଖିବାକୁ ଲଗିଲେ । ବତ୍ସରାଜ ମଧ୍ୟ ମନ୍ତ୍ରୀମାନଙ୍କ ସମ୍ମତିକ୍ରମେ ନରବାହନଦତ୍ତଙ୍କ ନିମିତ୍ତ ଏକ ସ୍ୱତନ୍ତ୍ର ପ୍ରାସାଦ ନିର୍ମାଣ କରାଇଲେ । ଏହା ରାଜପ୍ରାସାଦଠାରୁ କୌଣସି ଗୁଣରେ କମ୍ ନଥିଲା ।

ନରବାହନଦତ୍ତଙ୍କ ଯୌବରାଜ୍ୟାଭିଷେକ

ସମୟଜ୍ଞାନସମ୍ପନ୍ନ ରାଜା ଉଦୟନ ସମସ୍ତ ସମ୍ଭାର ସଂଗ୍ରହ କରି ଯଥାସମୟରେ ନରବାହନଦତ୍ତଙ୍କୁ ଯୁବରାଜ ପଦବୀରେ ଅଭିଷିକ୍ତ କଲେ ।

Digitized by srujanika@gmail.com

ଏହି ସମୟରେ ତାଙ୍କ ମସ୍ତକ ପ୍ରଥମେ ପିତମାତାଙ୍କର ଆନନ୍ଦାଶ୍ରୁଦ୍ୱାରା କ୍ଷାଳିତ ହେଲା ପରେ ବେଦମନ୍ତ୍ରପୂତ ତୀର୍ଥବାରିଦ୍ୱାରା ଅଭିଷିକ୍ତ ହେଲା । ଅଭିଷେକ ଜଳଦ୍ୱାରା ଧୌତ ହୋଇ ତାଙ୍କର ମୁଖକମଳ ନିର୍ମଳ ହେବା ସଙ୍ଗେ ସଙ୍ଗେ ଦଶଦିଗ ମଧ୍ୟ ନିର୍ମଳ ଓ ସ୍ୱଚ୍ଛ ଦେଖାଗଲା । ମାତାମାନଙ୍କଦ୍ୱାରା ନରବାହନଦତ୍ତଙ୍କର କଣ୍ଠଦେଶ ବିଭିନ୍ନ ପୁଷ୍ପମାଲ୍ୟରେ ବିଭୂଷିତ ହେବାରୁ ଆକାଶରୁ ମଧ୍ୟ ପୁଷ୍ପବୃଷ୍ଟି ହେଲା । ଜନତାର ହର୍ଷଧ୍ୱନି ସ୍ୱର୍ଗରାଜ୍ୟର ଦୁନ୍ଦୁଭି ଶବ୍ଦକୁ ମଧ୍ୟ ଅତିକ୍ରମ କରିଗଲା । ସମଗ୍ର ରାଜନ୍ୟମଣ୍ଡଳୀଙ୍କ ପ୍ରଣିପାତ ଗ୍ରହଣପୂର୍ବକ ନରବାହନଦତ୍ତ ଯୌବରାଜ୍ୟ ଗ୍ରହଣ କରି ସମସ୍ତ ବିଶ୍ୱବାସୀଙ୍କ ଆନନ୍ଦ ସମ୍ପାଦନ କଲେ ।

ବତ୍ସରାଜ ଉଦୟନ ଏହି ଅବସରରେ ନରବାହନଦତ୍ତଙ୍କ ବାଲ୍ୟମିତ୍ରମାନଙ୍କୁ ତାଙ୍କର ଉପଯୁକ୍ତ ପଦବୀମାନ ମଧ୍ୟ ପ୍ରଦାନ କରିଦେଲେ । ଯୌଗନ୍ଧରାୟଣଙ୍କ ପୁତ୍ର ମରୁଭୂତି ପ୍ରଧାନମନ୍ତ୍ରୀ, ରୁମଣ୍ୱାନଙ୍କ ପୁତ୍ର ହରିଶିଖ ପ୍ରଧାନ ସେନାପତି, ବସନ୍ତକଙ୍କ ପୁତ୍ର ତପନ୍ତକଙ୍କୁ ବିନୋଦମନ୍ତ୍ରୀ ଏବଂ ଇତ୍ୟକଙ୍କ ପୁତ୍ର ଗୋମୁଖଙ୍କୁ ପ୍ରଧାନ ପ୍ରତିହାର ରୂପେ ନିଯୁକ୍ତ କଲେ । ପିଙ୍ଗଳିକାଙ୍କ ପୁତ୍ର ତଥା ପୁରୋହିତଙ୍କ ଭ୍ରାତୃଷ୍ପୁତ୍ର ବୈଶ୍ୱାନର ତଥା ଶାନ୍ତିସୋମଙ୍କୁ ଯୁବରାଜଙ୍କ ପୁରୋହିତ ପଦରେ ନିଯୁକ୍ତ କରାଗଲା ।

ଏହି ସମୟରେ ଯୁବରାଜ ଓ ନବ ନିର୍ବାଚିତ ମନ୍ତ୍ରୀ ପରିଷଦଙ୍କ ଉପରେ ଆକାଶରୁ ପୁଷ୍ପବୃଷ୍ଟି ହେବା ସଙ୍ଗେ ସଙ୍ଗେ ଦିବ୍ୟବାଣୀ ଶୁଣାଗଲା, 'ଏହି ମନ୍ତ୍ରୀମାନେ ନରବାହନଦତ୍ତଙ୍କ ଅଭିନ୍ନହୃଦୟ ମିତ୍ର ହେବେ କିନ୍ତୁ ଗୋମୁଖ ଏହାଙ୍କର ଶରୀରଠାରୁ ମଧ୍ୟ ଭିନ୍ନ ହେବ ନାହିଁ ।'

ବତ୍ସରାଜ ଏହି ଦିବ୍ୟବାଣୀ ଶ୍ରବଣରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଉପସ୍ଥିତ ଜନତାଙ୍କୁ ବହୁ ଧନରତ୍ନ, ବସ୍ତ୍ର ଆଭୂଷଣ ପ୍ରଭୃତି ପ୍ରଦାନପୂର୍ବକ ସେମାନଙ୍କର ଆନନ୍ଦ ସମ୍ପାଦନ କଲେ । ରାଜ୍ୟରେ ଦରିଦ୍ର ଶବ୍ଦ କେବଳ ଅଭିଧାନର ବିଷୟ ହୋଇରହିଲା । ପ୍ରକୃତିପୁଞ୍ଜ ସହିତ ଜଡ଼ପ୍ରକୃତି ମଧ୍ୟ ପ୍ରସନ୍ନ ଦେଖାଗଲା । ମନ୍ଦ ମନ୍ଦ ବାୟୁ ପ୍ରବାହରେ ହିଲ୍ଲୋଳିତ ପତାକାସମୂହର ଆମନ୍ତ୍ରଣ କ୍ରମେ ନଗରୀ ସ୍ମରଣ ତଥା ନର୍ତ୍ତକନର୍ତ୍ତକୀମାନଙ୍କ ସମାବେଶରେ

Digitized by srujanika@gmail.com

ପରିପୂର୍ଣ୍ଣ ଓ ମୁଖରିତ ହୋଇଉଠିଲା । ଉପବନର ଲତାସୁନ୍ଦରୀମାନେ ବୃକ୍ଷମାନଙ୍କ ସହ ମିଳିତ ହୋଇ ନୃତ୍ୟ କରିବାକୁ ଲାଗିଲେ । ଜଡ଼ ପ୍ରକୃତିର ଏପ୍ରକାର ଆଚରଣରୁ ଚେତନ ପ୍ରାଣୀମାନଙ୍କର ଆନନ୍ଦ ଉନ୍ମାଦନା କଳ୍ପନା କରିବା କଥା ।

ଅଭିଷିକ୍ତ ଯୁବରାଜ ଜୟକୁଞ୍ଜର ଆରୋହଣପୂର୍ବକ ନଗର ପରିକ୍ରମା ନିମନ୍ତେ ରାଜପ୍ରାସାଦରୁ ନିର୍ଗତ ହେଲେ । ନଗରବାସିନୀ ନାରୀମାନଙ୍କର ନେତ୍ରପଂକ୍ତିରୂପ ଶସ୍ୟଶିଖାରେ ସମଗ୍ର ରାଜମାର୍ଗ ଆଚ୍ଛାଦିତ ହେଲପରି ମନେ ହେଲା । ନରବାହନଦତ୍ତ ନାଗରିକମାନଙ୍କଦ୍ୱାରା ସମ୍ମାନିତ ଓ ସ୍ମରଣ, ବନ୍ଦୀ ପ୍ରଭୃତିଙ୍କଦ୍ୱାରା ଉଦ୍‌ଗୀତ ଗୌରବ ସଙ୍ଗୀତଦ୍ୱାରା ପ୍ରୀତ ହୋଇ ମନ୍ତ୍ରୀମାନଙ୍କ ସହ ଯୁବରାଜ-ଭବନରେ ପ୍ରବେଶ କଲେ ।

ବତ୍ସରାଜ, ବାସବଦତ୍ତା, ପଦ୍ମାବତୀ ପ୍ରଭୃତି ପ୍ରଜାବୃନ୍ଦଙ୍କ ସହ ଆନନ୍ଦ ଉତ୍ସବରେ ଦିନଟି ଅତିବାହିତ କଲେ ।

ଉକ୍ତ ଦିନ ରାତିରେ କନ୍ୟାର ବିବାହ ସମ୍ପର୍କୀୟ ବିଷୟର ଆଲୋଚନା କରିବା ନିମନ୍ତେ କଳିଙ୍ଗସେନା ନିଜର ପ୍ରିୟ ସହଚରୀ ସୋମପ୍ରଭାଙ୍କୁ ସ୍ମରଣ କଲେ ।

ସୋମପ୍ରଭାଙ୍କୁ କଳିଙ୍ଗସେନା ସ୍ମରଣ କରୁଥିବା ଜାଣିପାରି ତାଙ୍କର ସର୍ବଜ୍ଞାତା ପତି ନଳକୁବେର କହିଲେ, 'ପ୍ରିୟେ ! ଆଜ କଳିଙ୍ଗସେନା ଅତ୍ୟନ୍ତ ଉତ୍କଣ୍ଠାର ସହ ତୁମକୁ ସ୍ମରଣ କରୁଅଛନ୍ତି । ତେଣୁ ତୁମେ ତାଙ୍କ ନିକଟକୁ ଯାଇ ତାଙ୍କ ପାଇଁ ଏକ ଦିବ୍ୟ ଉଦ୍ୟାନ ନିର୍ମାଣ କର ।' ଏହା କହି ଏବଂ କଳିଙ୍ଗସେନାଙ୍କ ଭୂତ ଓ ଭବିଷ୍ୟତ ଜୀବନ ସମ୍ପର୍କରେ କିଛି ସୂଚନା ପ୍ରଦାନ କରି ସେ ସୋମପ୍ରଭାଙ୍କୁ ବିଦାୟ ଦେଲେ ।

ସୋମପ୍ରଭା ଉତ୍କଣ୍ଠିତା କଳିଙ୍ଗସେନାଙ୍କ ସହ ସାକ୍ଷାତ କରି ତାଙ୍କର କୁଶଳ ଜିଜ୍ଞାସା କରିବା ପରେ କହିଲେ, 'ତୁମେ ଜଣେ ଧର୍ମୀ ବିଦ୍ୟାଧରଙ୍କ ସହ ବିବାହ କରିଅଛ । ଭଗବାନ ଗୌରୀପତିଙ୍କ କୃପାରୁ ତୁମେ ରତିଙ୍କୁ

Digitized by srujanika@gmail.com

ନିଜର କନ୍ୟାରୂପେ ଲାଭ କରିଅଛ । ତୁମର ଏହି କନ୍ୟା କାମଦେବଙ୍କ ଅଂଶରେ ଜନ୍ମଗ୍ରହଣ କରିଥିବା ବତ୍ସରାଜଙ୍କ ପୁତ୍ର ନରବାହନଦତ୍ତଙ୍କ ପୂର୍ବଜନ୍ମର ପତ୍ନୀ । ସେ ବିଦ୍ୟାଧରମାନଙ୍କର ଚକ୍ରବର୍ତ୍ତୀ ଭାବରେ ଗୋଟିଏ କଳ୍ପବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିବେ । ତୁମର କନ୍ୟା ଏଠାରେ ସର୍ବଶ୍ରେଷ୍ଠା ରମଣୀ ଓ ସାମ୍ରାଜ୍ଞୀରୂପେ ବାସ କରିବ । ତୁମେ ମଧ୍ୟ ଇନ୍ଦ୍ର-ଶାପଭ୍ରଷ୍ଟା ଅପ୍‌ସରା; ଆଜି କେତେକ କାର୍ଯ୍ୟ ସମାପନ ପରେ ତୁମେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବ ।

'ଏସବୁ ମୋର ସର୍ବଜ୍ଞାତା ପିତା ମୋତେ କହିଅଛନ୍ତି । ମୁଁ ତୁମର କନ୍ୟା ନିମନ୍ତେ ଏକ ମନୋରମ ଉଦ୍ୟାନ ନିର୍ମାଣ କରି ଦେଉଛି । ଏପ୍ରକାର ଉଦ୍ୟାନ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରରେ ବିରଳ ।'

ଏହା କହି ସୋମପ୍ରଭା ଦିବ୍ୟ ଉଦ୍ୟାନ ନିର୍ମାଣପୂର୍ବକ ଉତ୍କଣ୍ଠିତା କଳିଙ୍ଗସେନାଙ୍କ ନିକଟରୁ ବିଦାୟ ଗ୍ରହଣ କରି ପ୍ରସ୍ଥାନ କଲେ ।

ପ୍ରଭାତରୁ ଏହି ଉଦ୍ୟାନ ଦର୍ଶନ କରି ଲୋକେ ଚିନ୍ତାକଲେ ସତେ ଯେପରି ନନ୍ଦନକାନନ ସ୍ୱର୍ଗରୁ ଅବତରଣ କରିଅଛି । ଏ ସମାଚାର ଶ୍ରବଣ କରି ବତ୍ସରାଜ ଉଦୟନ ନିଜର ପତ୍ନୀ ଓ ମନ୍ତ୍ରୀମାନଙ୍କ ସହ ସେଠାରେ ଆସି ଉପସ୍ଥିତ ହେଲେ । ଯୁବରାଜ ନରବାହନଦତ୍ତ ମଧ୍ୟ ନିଜର ସଖାମାନଙ୍କ ସହ ସେଠାରେ ପ୍ରବେଶ କଲେ । ଉଦ୍ୟାନଟି ସମସ୍ତ ଋତୁରେ ଫଳ ଓ ପୁଷ୍ପ ପ୍ରଦାନ କରୁଥିବା ବୃକ୍ଷଲତାଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥାଏ । ବିବିଧ ମଣିସ୍ତମ୍ଭ, ଦ୍ୱାର, ମଣ୍ଡପ ଓ ପୁଷ୍କରିଣୀଦ୍ୱାରା ଏହା ସୁଶୋଭିତ ହୋଇଥାଏ । ବିଭିନ୍ନ ରମଣୀୟ ବିହଙ୍ଗମକୁଳ ଏଥିରେ କ୍ରୀଡ଼ା କରୁଥାଆନ୍ତି । ଦିବ୍ୟ ସୁଗନ୍ଧଯୁକ୍ତ ବାୟୁ ପ୍ରବାହିତ ହେଉଥାଏ । ଏସବୁ ଦେଖିଲେ ମନେ ହେଉଥାଏ ଦେବତାମାନେ ସତେ ଯେପରି ପୃଥିବୀପୃଷ୍ଠରେ ଏକ ନୂତନ ସ୍ୱର୍ଗ ନିର୍ମାଣ କରିଅଛନ୍ତି ।

ଏସବୁ ଦେଖି ବତ୍ସରାଜ ଉଦୟନ ବିସ୍ମିତ ମନରେ ଏହାର ରହସ୍ୟ ସମ୍ପର୍କରେ କଳିଙ୍ଗସେନାଙ୍କୁ ଜିଜ୍ଞାସା କରନ୍ତେ ସେ କହିଲେ, 'ମହାରାଜ, ବିଶ୍ୱକର୍ମାଙ୍କ ତୁଲ୍ୟ ମୟାସୁର ନାମରେ ଜଣେ ଅସୁର ଅଛନ୍ତି । ସେ

Digitized by srujanika@gmail.com

ଦେବରାଜ ଇନ୍ଦ୍ରଙ୍କ ଆଦେଶରେ ଯୁଧିଷ୍ଠିରଙ୍କ ନିମନ୍ତେ ଏକ ସୁଷମାମଣ୍ଡିତ ନଗର ନିର୍ମାଣ କରିଥିଲେ । ସୋମପ୍ରଭା ନାମ୍ନୀ ତାଙ୍କର କନ୍ୟା ମୋର ଅନ୍ତରଙ୍ଗ ସହଚରୀ । ସେ ଗତ ରଜନୀରେ ଏଠାକୁ ଆସିଥିଲା ଏବଂ ମୋର କନ୍ୟା ନିମନ୍ତେ ଏହି ଉଦ୍ୟାନ ସ୍ୱତଃପ୍ରବୃତ୍ତ ହୋଇ ନିର୍ମାଣ କରିଯାଇଛି ।' ଏହା ସଙ୍ଗେ ସଙ୍ଗେ ସୋମପ୍ରଭାଙ୍କଠାରୁ ଶୁଣିଥିବା ସମସ୍ତ ଭୂତ-ଭବିଷ୍ୟତ କଥା ମଧ୍ୟ ସେ ରାଜାଙ୍କ ନିକଟରେ ପ୍ରକାଶ କଲେ । ଉପସ୍ଥିତ ସମସ୍ତ ବ୍ୟକ୍ତି ଏହାର ସତ୍ୟତା ଉପଲବ୍ଧି କରି ଆନନ୍ଦିତ ହେଲେ । ଏହି ଦିନଟି ପାଇଁ କଳିଙ୍ଗସେନାଙ୍କ ଆତିଥ୍ୟ ସ୍ୱୀକାର କରି ସମସ୍ତେ ସେଠାରେ ଅତିବାହିତ କଲେ ।

ପରଦିନ ଉଦୟନ ଦେବଦର୍ଶନ ନିମିତ୍ତ ମନ୍ଦିରକୁ ଯାଇଥିବା ସମୟରେ କେତେଗୁଡ଼ିଏ ଦିବ୍ୟରମଣୀ ତାଙ୍କର ଦୃଷ୍ଟିଗୋଚର ହେଲେ । ସେ ଏମାନଙ୍କର ପରିଚୟ ଜିଜ୍ଞାସା କରନ୍ତେ ସେମାନେ କହିଲେ ଯେ ସେମାନେ ସମସ୍ତେ ଗୋଟିଏ ଗୋଟିଏ ବିଦ୍ୟା ଓ କଳା; ନରବାହନଦତ୍ତଙ୍କର ଶରୀରରେ ସ୍ଥାନ ଲାଭ କରିବା ଉଦ୍ଦେଶ୍ୟରେ ସେଠାରେ ଆସି ପହଞ୍ଚିଛନ୍ତି । ଏହା କହି ସେମାନେ ଅନ୍ତର୍ହିତ ହେବାରୁ ରାଜା ବିସ୍ମିତ ହୋଇ ସ୍ୱଭବନକୁ ପ୍ରତ୍ୟାବର୍ତ୍ତନ କଲେ । ରାଣୀ ଓ ମନ୍ତ୍ରୀମାନଙ୍କ ନିକଟରେ ଏହା ପ୍ରକାଶ କରନ୍ତେ ସେମାନେ ଏହାକୁ ଦୈବ ଅନୁଗ୍ରହ ମନେକରି ଆନନ୍ଦିତ ହେଲେ ଏବଂ ଅଭିନନ୍ଦନ କଲେ ।

ଏହାପରେ ରାଜାଙ୍କ ଆଦେଶକ୍ରମେ ବାସବଦତ୍ତା ବୀଣାବାଦନ କଲେ । ଏହି ଅବସରରେ ନରବାହନଦତ୍ତ ସେଠାରେ ଉପସ୍ଥିତ ହୋଇ ମା'ଙ୍କୁ କହିଲେ, 'ମା ! ତୁମର ବୀଣା ସ୍ଥାନ (ସ୍ୱର-ସ୍ପନ୍ଦନର ମାତ୍ରା)ରୁ ଭ୍ରଷ୍ଟ ହୋଇ ଯାଇଛି ।' ଏହା କହି ସେ ବାସବଦତ୍ତାଙ୍କ ନିର୍ଦ୍ଦେଶରେ ବୀଣାବାଦନ କରିବାକୁ ଲାଗିଲେ । ଏହିପରି ବିଭିନ୍ନ ବିଦ୍ୟା ଓ କଳାରେ ରାଜାଙ୍କଦ୍ୱାରା ପରୀକ୍ଷିତ ହୋଇ ନରବାହନଦତ୍ତ ନିଜେ ନିଜେ ସବୁ କିଛି ବିଦ୍ୟା ଆହରଣ କରିନେଲେ ।

ରାଜକୁମାର ନରବାହନଦତ୍ତଙ୍କୁ ସମସ୍ତ ବିଦ୍ୟାରେ ଧୁରୀଣ ଜାଣି କଳିଙ୍ଗସେନା ନିଜର କନ୍ୟା ମଦନମଞ୍ଜୁକାଙ୍କୁ ନୃତ୍ୟବିଦ୍ୟା ଶିକ୍ଷା ଦେଲେ ।

Digitized by srujanika@gmail.com

ମଦନମଞ୍ଜୁକା ଶୁକ୍ଳପକ୍ଷୀୟ ଚନ୍ଦ୍ରକଳା ତୁଲ୍ୟ ବୃଦ୍ଧିଲାଭ କରିବାରୁ ନରବାହନଦତ୍ତଙ୍କର ରତିସାଗର ବିକ୍ଷୁବ୍ଧ ହେବାକୁ ଲାଗିଲା । ସେ ମଦନମଞ୍ଜୁକାଙ୍କୁ ନୃତ୍ୟଗୀତରେ ମଗ୍ନ ଥିବା ଦେଖି ପ୍ରଭୂତ ଆନନ୍ଦ ଲାଭ କରୁଥିଲେ । ମଦନମଞ୍ଜୁକା ମଧ୍ୟ ନରବାହନଦତ୍ତଙ୍କ ଅଦର୍ଶନରେ ଅଶ୍ରୁପୂର୍ଣ୍ଣଲୋଚନ ହୋଇ ତୁଷାରସିକ୍ତ ପ୍ରଭାତନଳିନୀ ତୁଲ୍ୟ ଶୋଭା ପାଉଥିଲେ । ଏହାଙ୍କର ଦର୍ଶନ ଲାଭ କରିବା ନିମନ୍ତେ ଯୁବରାଜ ବହୁ ସମୟ ଉଦ୍ୟାନ ମଧ୍ୟରେ ଭ୍ରମଣ କରି ସମୟ ଅତିବାହିତ କରୁଥିଲେ । ନିଜର କନ୍ୟାଦ୍ୱାରା ଆକୃଷ୍ଟ ଓ ପ୍ରୀତ ଯୁବରାଜଙ୍କୁ ଦେଖି କଳିଙ୍ଗସେନାଙ୍କର ହୃଦୟ ଆନନ୍ଦରେ ନାଚି ଉଠୁଥିଲା ।

ନରବାହନଦତ୍ତଙ୍କ ମନୋଭାବ ଜ୍ଞାତହୋଇ ତାହାଙ୍କର ନର୍ମସଚିବ ଗୋମୁଖ କଳିଙ୍ଗସେନାଙ୍କୁ ବିଭିନ୍ନ ବିନୋଦାତ୍ମକ ଗଳ୍ପ ଶ୍ରବଣ କରାଇ ସେଠାରେ ବହୁ ସମୟ ଧରି ଅଟକାଇ ରଖୁଥିଲେ । ପ୍ରଭୁଙ୍କ ହୃଦୟର ଭାବ ଜାଣି ତାଙ୍କର ସେବା କରିବାହିଁ ଉତ୍କୃଷ୍ଟ ପ୍ରଭୁସେବା ।

ଉଦ୍ୟାନସ୍ଥିତ ରଙ୍ଗଶାଳାରେ ନରବାହନଦତ୍ତ ନିଜେ ମଦନମଞ୍ଜୁକାଙ୍କୁ ବିଭିନ୍ନ ଶିକ୍ଷା ପ୍ରଦାନ କରୁଥିଲେ । ମଦନମଞ୍ଜୁକା ଗାନ ଓ ନୃତ୍ୟ କରୁଥିବା ସମୟରେ ରାଜକୁମାର ନିଜେ ସମସ୍ତ ବାଦ୍ୟ ବାଦନ କରନ୍ତି । ତାଙ୍କର ବାଦନ କୌଶଳ ସୁଶିକ୍ଷିତ ଗୁରୁଜନମାନଙ୍କୁ ମଧ୍ୟ ଲଜ୍ଜିତ କରୁଥାଏ । ବିଭିନ୍ନ ଦେଶ-ଦେଶାନ୍ତରରୁ ଆସିଥିବା ଶାସ୍ତ୍ର ଓ କଳାମର୍ମଜ୍ଞମାନଙ୍କୁ ରାଜକୁମାର ବିଦ୍ୟା-ବିବାଦରେ ପରାଜିତ କରୁଥିଲେ । ଏହିପରି ଭାବରେ ସମସ୍ତ ବିଦ୍ୟାରେ ପାରଙ୍ଗମ ହୋଇ ନରବାହନଦତ୍ତ ଶିଶୁସୁଲଭ ବିଭିନ୍ନ ବିନୋଦକ୍ରୀଡ଼ାରେ ଦିନ ଯାପନ କରୁଥିଲେ ।

ଏକଦା ଯୁବରାଜ ନରବାହନଦତ୍ତ ଭ୍ରମଣ କରିବା ନିମନ୍ତେ ନିଜର ପତ୍ନୀ ମଦନମଞ୍ଜୁକା ଓ ମିତ୍ରମାନଙ୍କ ସହ ନାଗବନରେ ଯାଇ ଉପସ୍ଥିତ ହେଲେ । ସେଠାରେ ପୂର୍ବରୁ ଗୋମୁଖ କୌଣସି ବୈଶ୍ୟର କାମାସକ୍ତା ସ୍ତ୍ରୀକୁ ତିରସ୍କୃତ କରିଥିବା ହେତୁ ସେ ବିଷମିଶ୍ରିତ ପାନୀୟଦ୍ୱାରା ତାଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟାକଲା । କିନ୍ତୁ ଗୋମୁଖ ଉକ୍ତ ସ୍ତ୍ରୀର ସହଚରୀଠାରୁ ଏହା ଜ୍ଞାତ ହୋଇ ପ୍ରାଣରକ୍ଷା କଲେ ଏବଂ ସମସ୍ତ ନାରୀଜାତିକୁ ଘୃଣା କରିବାକୁ ଲାଗିଲେ ।

Digitized by srujanika@gmail.com

ଆଶ୍ଚର୍ଯ୍ୟର କଥା ବିଧାତା ପ୍ରଥମେ ସାହସ ଓ ପରେ ସ୍ତ୍ରୀମାନଙ୍କୁ ସୃଷ୍ଟି କଲେ । ଏମାନଙ୍କ ପାଇଁ କୌଣସି କର୍ମ କଠିନ ନୁହେ । ବିଷ ଓ ଅମୃତ ଉଭୟର ସମ୍ମିଶ୍ରଣରେ ଏହି ସ୍ତ୍ରୀଜାତି ନିର୍ମିତ । ଅନୁରକ୍ତ ଥିବା ବେଳେ ସ୍ତ୍ରୀମାନେ ଅମୃତତୁଲ୍ୟ ଆନନ୍ଦଦାୟକ କିନ୍ତୁ ବିରକ୍ତ ହେଲେ ବିଷତୁଲ୍ୟ କ୍ଷତିକାରକ । ବାହ୍ୟ ସୌନ୍ଦର୍ଯ୍ୟରେ ବିଭୂଷିତ କୁଟିଳ ହୃଦୟା ରମଣୀମାନେ ସରୋବର ତୁଲ୍ୟ । ଜଳ ଉପରେ ପଦ୍ମବନର ଶୋଭା ଜନମାନସ ହରଣ କରେ କିନ୍ତୁ ଜଳ ମଧ୍ୟରେ ଥିବା ସର୍ପ, ମକର ପ୍ରଭୃତି ହିଂସ୍ରଜନ୍ତୁମାନେ ମାନବକୁ ମୃତ୍ୟୁମୁଖକୁ ଟାଣି ନିଅନ୍ତି । ପତିଙ୍କର ଗୁଣଗାନ କରୁଥିବା କ୍ୱଚିତ୍ ଗୁଣବତୀ ଓ ପତିବ୍ରତା ନାରୀ ପୃଥିବୀପୃଷ୍ଠରେ ଜନ୍ମଗ୍ରହଣ କରି ଥାଆନ୍ତି । ପତିପ୍ରତି ବିରକ୍ତ, ପରପୁରୁଷ ପ୍ରତି ଆସକ୍ତ ଏବଂ ବୈରାଗ୍ୟରୂପୀ ବିଷପୂର୍ଣ୍ଣ ନାରୀ ସର୍ପତୁଲ୍ୟ ନିଜର ସ୍ୱାମୀକୁ ହତ୍ୟା କରିଥାଏ ।

ଶତ୍ରୁଘ୍ନ ଓ ତାର ଦୁଷ୍ଟାପତ୍ନୀ କଥା

କୌଣସି ଗ୍ରାମରେ ଶତ୍ରୁଘ୍ନ ନାମରେ ଜଣେ ପୁରୁଷ ବାସ କରୁଥିଲା । ତା'ର ସ୍ତ୍ରୀଟି ବ୍ୟଭିଚାରିଣୀ ।

ଦିନେ ସନ୍ଧ୍ୟା ସମୟରେ ସେ ନିଜର ସ୍ତ୍ରୀକୁ ପରପୁରୁଷ ସହ କ୍ରୀଡ଼ା କରୁଥିବା ଦେଖି ସେହି ପୁରୁଷଟିକୁ ହତ୍ୟାକଲା ଏବଂ ସ୍ତ୍ରୀକୁ ଅନ୍ୟ ସ୍ଥାନକୁ ଖସିଯିବା ପାଇଁ ନ ଦେଇ ସେଠାରେ ରାତିର ଅପେକ୍ଷା କରିବାକୁ ଲାଗିଲା । ଏହି ସମୟରେ ଅନ୍ୟ ଏକ ପୁରୁଷ ସେଠାରେ ଆସି ଉପସ୍ଥିତ ହେବାରୁ ସେ ତାକୁ ମଧ୍ୟ ହତ୍ୟାକଲା ।

କିଛି ସମୟ ପରେ ସେ ଦୁଇଟି ଶବ ଓ ସ୍ତ୍ରୀ ସହିତ ରଜନୀର ଗଭୀର ଅନ୍ଧକାର ମଧ୍ୟରେ ଅରଣ୍ୟ ମଧ୍ୟକୁ ପଳାୟନ କଲା । ଅରଣ୍ୟ ମଧ୍ୟରେ ଶବ ଦୁଇଟିକୁ କୌଣସି କୂପ ମଧ୍ୟରେ ନିକ୍ଷେପ କରୁଥିବା ସମୟରେ ସ୍ତ୍ରୀ ଆସି ଶତ୍ରୁଘ୍ନକୁ ମଧ୍ୟ ତା' ମଧ୍ୟରେ ନିକ୍ଷେପ କରି କୂପର ମୁଖ ରୁଦ୍ଧ କଲା ।

ଏହିପରି ଦୁଷ୍ଟା ନାରୀମାନେ କୌଣସି କୁକର୍ମ କରିବା ନିମନ୍ତେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ ।

Digitized by srujanika@gmail.com

ଗୋମୁଖ ଶୈଶବାବସ୍ଥା ଅତିକ୍ରମ କରି ନଥିଲେ ହେଁ ସ୍ତ୍ରୀଜାତିକୁ ଏପ୍ରକାର ନିନ୍ଦା କରୁଥାଆନ୍ତି ।

ଏହା ପରେ ନରବାହନଦତ୍ତ ନାଗପୂଜା ଶେଷକରି ସେଠାରୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ରାଜନୀତି ସାର

ନରବାହନଦତ୍ତ ସମସ୍ତ ନୀତିଶାସ୍ତ୍ରର ତତ୍ତ୍ୱ ଅବଗତ ଥିଲେ ହେଁ ଥରେ ସେ ନିଜର ମନ୍ତ୍ରୀମାନଙ୍କୁ ରାଜନୀତି ସମ୍ପର୍କରେ ଜିଜ୍ଞାସା କଲେ । ମନ୍ତ୍ରୀମାନେ ଯୁବରାଜଙ୍କର ଆଗ୍ରହ ଦେଖି, ସେ ସମସ୍ତ ଜ୍ଞାତ ଥିଲେ ହେଁ, ପୁଣି ତାଙ୍କ ନିକଟରେ କେତେକ ଗୂଢ଼ତତ୍ତ୍ୱ ପ୍ରକାଶ କଲେ—

'ଯୁବରାଜ, ରାଜାଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ଯେ ସେ ଇନ୍ଦ୍ରିୟରୂପକ ଅଶ୍ୱ ଆରୋହଣ କରି କାମ, କ୍ରୋଧ, ଲୋଭ ପ୍ରଭୃତି ଅନ୍ତଃଶତ୍ରୁଗୁଡ଼ିକୁ ଜୟ କରିବେ ଏବଂ ବାହ୍ୟଶତ୍ରୁ ଜୟ କରିବା ପୂର୍ବରୁ ନିଜର ଆତ୍ମା ଉପରେ ବିଜୟ ହାସଲ କରିବେ । ଯେ ନିଜକୁ ଆୟତ୍ତାଧୀନ କରି ନାହିଁ ସେ ପରାଜିତ । ପରାଜିତ ବ୍ୟକ୍ତି ଅନ୍ୟକୁ କିପରି ପରାଜିତ କରିବ ।

'ଏହାପରେ ସେ ଜନପଦ, ଦେଶ ପ୍ରଭୃତିର ଉନ୍ନତି ଓ ମଙ୍ଗଳକାମୀ ମନ୍ତ୍ରୀ ଏବଂ ଅଥର୍ବବେଦବିତ୍ ଚତୁର ଓ ତପସ୍ୱୀ ପୁରୋହିତଙ୍କୁ ନିଯୁକ୍ତି ପ୍ରଦାନ କରିବେ । ଭୟ, କ୍ରୋଧ, ଲୋଭ ଓ ଧର୍ମଦ୍ୱାରା ଏମାନଙ୍କର କାର୍ଯ୍ୟକଳାପ ଓ ବଚନବିନ୍ୟାସ ଉତ୍ତମରୂପେ ପରୀକ୍ଷା କରି ସେ ଏମାନଙ୍କୁ ଉପଯୁକ୍ତ କାର୍ଯ୍ୟରେ ନିଯୁକ୍ତ କରିବେ । ଏହାପରେ ଏମାନଙ୍କର ଉପଦେଶଗୁଡ଼ିକୁ ପରୀକ୍ଷା କରି ଦେଖିବେ ଯେ ଏମାନେ ରାଜାଙ୍କଠାରେ ଆନ୍ତରିକ ସ୍ନେହ ପୋଷଣ କରୁଛନ୍ତି ନା ସ୍ୱାର୍ଥ ଓ ଦ୍ୱେଷରୁ ଏପ୍ରକାର ଉପଦେଶ ପ୍ରଦାନ କରୁଅଛନ୍ତି । ପାରସ୍ପରିକ ବାର୍ତ୍ତାଳାପରୁ ଏହା ପରୀକ୍ଷା କରାଯାଇପାରେ । ସତ୍ୟ ବାକ୍ୟରେ ପ୍ରୀତ ହେବା ଓ ଅସତ୍ୟରେ ଦଣ୍ଡ ଦାନ କରିବା ବିଧେୟ । ଏମାନଙ୍କର ଚରିତ୍ରବୃତ୍ତି ସମ୍ପର୍କରେ ଗୁପ୍ତଚରମାନଙ୍କଦ୍ୱାରା ଜ୍ଞାନ ଆହରଣ କରିବା ଆବଶ୍ୟକ । ଏହାପରେ ସର୍ବଦା

Digitized by srujanika@gmail.com

ଜାଗ୍ରତ ରହି ସମଗ୍ର ରାଜ୍ୟବାସୀଙ୍କ କାର୍ଯ୍ୟକଳାପ ପରୀକ୍ଷା କରି, ଶତ୍ରୁମାନଙ୍କ ବିନାଶ ସାଧନପୂର୍ବକ ଏବଂ ରାଜକୋଷ ଓ ସେନାବାହିନୀକୁ ସୁଦୃଢ଼ କରି ରାଜା ନିଜ ଶାସନକୁ ପ୍ରତିଷ୍ଠିତ କରିବା ବାଞ୍ଛନୀୟ ।

'ଏହାପରେ ପ୍ରଭାବ, ଉତ୍ସାହ ଓ ମନ୍ତ୍ର--ଏହି ତ୍ରିଶକ୍ତିରେ ଯୁକ୍ତ ହୋଇ, ନିଜର ଓ ଶତ୍ରୁମାନଙ୍କର ବଳ କଳନା କରି, ସେ ଅନ୍ୟ ଦେଶ ଜୟ କରିବା ନିମନ୍ତେ ଚେଷ୍ଟା କରିବେ । ଅତ୍ୟନ୍ତ ବିଶ୍ୱାସୀ, ମିତ୍ର ଓ ଶାସ୍ତ୍ରବିତ୍ ମନ୍ତ୍ରିମାନଙ୍କ ସହ ମନ୍ତ୍ରଣା କରି କୌଣସି କ୍ରିୟାନୁଷ୍ଠାନ କଲେ ରାଜା ବିପଦର ସମ୍ମୁଖୀନ ହୁଅନ୍ତି ନାହିଁ । ଏମାନଙ୍କ ଉପଦେଶଗୁଡ଼ିକୁ ନିଜର ବୁଦ୍ଧି ଦ୍ୱାରା ପରୀକ୍ଷା କରି ଦେଶର ସର୍ବାଙ୍ଗୀନ ଉନ୍ନତି ସାଧନରେ ପ୍ରବୃତ୍ତ ହେବା ରାଜାମାନଙ୍କର କର୍ତ୍ତବ୍ୟ ।

'ସାମ, ଦାନ ପ୍ରଭୃତି ଉପାୟରେ ଯୋଗ ଓ କ୍ଷେମ ସାଧନ କରି ସନ୍ଧି, ବିଗ୍ରହ ପ୍ରଭୃତି ଷଟ୍‌ଗୁଣ ପ୍ରୟୋଗ କରିବା ରାଜାଙ୍କ ପକ୍ଷରେ ଏକାନ୍ତ ଉଚିତ ।

'ଏହିପରି ଆଳସ୍ୟ ଓ ପ୍ରମାଦରହିତ ହୋଇ ନିଜ ଓ ପର ଦେଶ ସମ୍ପର୍କରେ ଚିନ୍ତା କରୁଥିବା ରାଜା ସର୍ବଦା ବିଜୟୀ ରହନ୍ତି; ବିଜୟଲକ୍ଷ୍ମୀ ସର୍ବଦା ତାଙ୍କର ଅନୁରକ୍ତା ହୋଇ ରହିଥାଆନ୍ତି ।

'ମୂର୍ଖ, କାମାନ୍ଧ ଓ ଲୋଭୀ ରାଜା, ମିଥ୍ୟା ଓ ଅନୁଚିତ ମାର୍ଗପ୍ରଦର୍ଶକ ଶଠ ଓ ବଞ୍ଚକମାନଙ୍କଦ୍ୱାରା ଦୁର୍ଦ୍ଦଶାଗ୍ରସ୍ତ ହୋଇପଡ଼ନ୍ତି । ଏପ୍ରକାର ଦୁଷ୍ଟ ଦୁର୍ଜନମାନଙ୍କଦ୍ୱାରା ପରିବେଷ୍ଟିତ ରାଜାଙ୍କ ନିକଟରେ ଉତ୍ତମ ବ୍ୟକ୍ତିମାନେ ପ୍ରବେଶ କରିପାରନ୍ତି ନାହିଁ । ଏପ୍ରକାର ରାଜାମାନେ ଶଠ ଲୋକମାନଙ୍କ ନିକଟରେ ନିଜର ଗୁପ୍ତରହସ୍ୟ ପ୍ରକାଶ କରି ସେମାନଙ୍କର ବଶୀଭୂତ ହୋଇପଡ଼ନ୍ତି ଏବଂ ଏମାନଙ୍କର ଏହି ଅସଦାଚରଣରେ କ୍ଷୁଣ୍ଣ ହୋଇ ରାଜଲକ୍ଷ୍ମୀ ଏମାନଙ୍କଠାରୁ ଦୂରେଇ ଯାଆନ୍ତି ।

'ଏଣୁ ରାଜାମାନେ ଆତ୍ମବିଜୟୀ, ଦଣ୍ଡଜ୍ଞ ଓ ରାଜନୀତିକୁଶଳ ହେବା ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ରାଜା ଲକ୍ଷ୍ମୀଙ୍କର ପ୍ରିୟପାତ୍ର ହୋଇ ଅକ୍ଷୟ ଯଶର ଅଧିକାରୀ ହୋଇଥାଆନ୍ତି ।'

Digitized by srujanika@gmail.com

ରାଜା ଶୂରସେନ ଓ ତାଙ୍କର ମନ୍ତ୍ରୀ ପରିଷଦ

'ପ୍ରାଚୀନକାଳରେ ଶୂରସେନ ନାମରେ ଜଣେ ରାଜା ଥିଲେ । ସେବକମାନଙ୍କୁ ବିଶ୍ୱାସ କରିବା ଫଳରେ ସେମାନେ କୌଶଳରେ ରାଜାଙ୍କୁ ବଶୀଭୂତ କରି ରଖିଥିଲେ । ରାଜା କୌଣସି ବ୍ୟକ୍ତିଙ୍କୁ କିଛି ଅର୍ଥ ପ୍ରଦାନ କରିବା ନିମନ୍ତେ ଇଚ୍ଛା କଲେ ମନ୍ତ୍ରୀମାନେ ତାହା କାର୍ଯ୍ୟକାରୀ କରାଇ ଦେଉ ନଥିଲେ । କିନ୍ତୁ ସେମାନଙ୍କର ପ୍ରିୟପାତ୍ର ବ୍ୟକ୍ତିମାନେ ରାଜାଙ୍କଠାରୁ ଏବଂ ସେମାନଙ୍କଠାରୁ ବହୁ ଧନରତ୍ନ ଲାଭ କରୁଥିଲେ । ଏସବୁ ଦର୍ଶନ କରି ଏବଂ ଏମାନଙ୍କର କୁତ୍ସିତ ମନୋବୃତ୍ତିର ସୂଚନା ଲାଭକରି ରାଜା କୁଶଳତାର ସହିତ ଏମାନଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି କରିଦେଲେ । ଫଳରେ ଏମାନେ ସ୍ୱତଃ ରାଜାଙ୍କଠାରୁ ଦୂରେଇ ଯାଆନ୍ତେ, ସେ ଅନ୍ୟ ଉପଯୁକ୍ତ ସେବକ ନିଯୁକ୍ତ କରି ରାଜ୍ୟରେ ସୁଶାସନ ପ୍ରତିଷ୍ଠା କଲେ ।'

'ସେହିପରି ହରିସିଂହ ନାମରେ ଜଣେ ସାଧାରଣ ଓ ନୀତିଜ୍ଞ ରାଜା ଥିଲେ । ତାଙ୍କର ମନ୍ତ୍ରୀବୃନ୍ଦ ମଧ୍ୟ ଗୁଣଜ୍ଞ, ନୀତିବାନ୍ ଏବଂ ରାଜଭକ୍ତ ଥିଲେ । ଏମାନଙ୍କ ସହାୟତାରେ ରାଜା ସୁଦୃଢ଼ ଦୁର୍ଗ ନିର୍ମିତ କରାଇଥିଲେ ଏବଂ ଅପର୍ଯ୍ୟାପ୍ତ ଧନରାଶି ସଂଗ୍ରହ କରିପାରିଥିଲେ । ସେ ପ୍ରଜାମଣ୍ଡଳୀଙ୍କୁ ବଶୀଭୂତ କରି ନିଜର ଅଭିଳାଷ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରୁଥାଆନ୍ତି । ଏଣୁ ସେ ମହାବଳଶାଳୀ ରାଜାମାନଙ୍କର ଆକ୍ରମଣରେ ମଧ୍ୟ ବିବ୍ରତ ନହୋଇ ସେମାନଙ୍କୁ ପରାଜିତ କରିପାରୁଥିଲେ ।

'ଏଣୁ ବିଚାର ଓ ଚିନ୍ତା ବ୍ୟତୀତ ରାଜନୀତିର ସାରକଥା ଆଉ କଣ ହୋଇପାରେ ?' ଏହା କହି ଗୋମୁଖ ପ୍ରଭୃତି ମନ୍ତ୍ରୀମାନେ ମୌନ ହେଲେ ।

ନରବାହନଦତ୍ତ ଏମାନଙ୍କ ବିଚାର ବିମର୍ଶରେ ଶ୍ରଦ୍ଧାପ୍ରକାଶ କରି କହିଲେ, 'ପୁରୁଷର କର୍ତ୍ତବ୍ୟ ଚିନ୍ତନୀୟ ହେଲେ ସୁଦ୍ଧା ଦୈବଗତି ଅଚିନ୍ତନୀୟ ।' (ଚିନ୍ତ୍ୟେ ପୁରୁଷ କର୍ତ୍ତବ୍ୟେଽପ୍ୟଚିନ୍ତ୍ୟଂ ଦୈବ ମଭ୍ୟଧାତ୍)

ଏହାପରେ ନରବାହନଦତ୍ତ ନିଜର ମିତ୍ରମାନଙ୍କ ସହ ଉତ୍କଣ୍ଠିତା ପ୍ରେୟସୀ ମଦନମଞ୍ଚୁକାଙ୍କ ସହ ସାକ୍ଷାତ କରିବା ନିମିତ୍ତ ତାଙ୍କର ବାସଭବନକୁ

Digitized by srujanika@gmail.com

ପ୍ରସ୍ଥାନ କଲେ । ଏମାନଙ୍କୁ ଦେଖି କଳିଙ୍ଗସେନା ଉଚିତ ଆସନପାଦ୍ୟାସନ ପ୍ରଦାନପୂର୍ବକ ସତ୍କାର କରି କହିଲେ —

'ଗୋମୁଖ, ରାଜକୁମାର ନରବାହନଦତ୍ତ ଏଠାକୁ ଆସିବା ପୂର୍ବରୁ ବିରହୋତ୍ସୁକା ମଦନମଞ୍ଜୁକା ପ୍ରାସାଦ ଉପରେ ଆରୋହଣ କରିଥିଲା । ଏହାର ଅନୁଗମନ କରି ମୁଁ ମଧ୍ୟ ଯାଇ ସେଠାରେ ଉପସ୍ଥିତ ହେଲି । ଏହି ସମୟରେ ଏକ ଦିବ୍ୟ ମୁକୁଟଧାରୀ ପୁରୁଷ ଆକାଶରୁ ଅବତରଣ କରି ଆମ ସମ୍ମୁଖରେ ଦଣ୍ଡାୟମାନ ହେଲା । ଏହାର ହସ୍ତରେ ଖଡ୍ଗ ଏବଂ ମସ୍ତକରେ କିରୀଟ ଶୋଭା ପାଉଥିଲା । ଏହି ଦିବ୍ୟ ପୁରୁଷଟି ମୋତେ କହିଲା, 'ମୁଁ ମାନସବେଗ ନାମକ ବିଦ୍ୟାଧରରାଜ । ତୁମେ ସ୍ୱୟଂପ୍ରଭା ନାମ୍ନୀ ସ୍ୱର୍ଗୀୟ ନାରୀ । ତୁମର କନ୍ୟା ମଧ୍ୟ ଦିବ୍ୟ ଅଂଶରୁ ସମ୍ଭୂତା । ତେଣୁ ତୁମେ ଏହି କନ୍ୟାଟିକୁ ମୋତେ ସମର୍ପଣ କର । ଆମ ଦୁହିଙ୍କର ମିଳନ ଉପଯୁକ୍ତ ହେବ ।' ତାଠାରୁ ଏହା ଶ୍ରବଣ କରି ମୁଁ ହାସ୍ୟଦ୍ରେକୋ ଗପୂର୍ବକ କହିଲି, 'ଦେବତାମାନଙ୍କଦ୍ୱାରା ପୂର୍ବରୁ ନିଶ୍ଚିତ ହୋଇଛି ଯେ ନରବାହନଦତ୍ତ ଏହାର ପାଣିଗ୍ରହଣ କରିବେ । ସେ ତୁମ ବିଦ୍ୟାଧରକୁଳର ଚକ୍ରବର୍ତ୍ତୀ ହେବେ ।' ଏହା ଶୁଣି ମୋର କନ୍ୟାକୁ ହରଣ କରିନେବି ବୋଲି କହି ସେ ସହସା ଅନ୍ତର୍ହିତ ହୋଇଗଲା ।

କଳିଙ୍ଗସେନାଙ୍କଠାରୁ ଏ ବୃତ୍ତାନ୍ତ ଶ୍ରବଣ କରି ଗୋମୁଖ କହିଲେ, 'ଆମ୍ଭମାନଙ୍କର ରାଜା ରାଜକୁମାର ନରବାହନଦତ୍ତଙ୍କ ଜନ୍ମ ସମୟରେ ଶୂନ୍ୟବାଣୀ ହୋଇଥିଲା ଯେ ସେ ସମଗ୍ର ବିଦ୍ୟାଧରକୁଳର ଚକ୍ରବର୍ତ୍ତୀ ରାଜା ହେବେ । ତେଣୁ ଏହାଙ୍କୁ ତାଙ୍କର ଭାବୀ ଚକ୍ରବର୍ତ୍ତୀ ମନେକରି ସେମାନେ ହତ୍ୟା କରିବା ପାଇଁ ଚେଷ୍ଟା କରୁଅଛନ୍ତି । କିନ୍ତୁ କୌଣସି ଶକ୍ତିସମ୍ପନ୍ନ ପୁରୁଷ ବିଧାତାର ପ୍ରତିକୂଳତା କରିପାରିବ ନାହିଁ । ଭଗବାନ ଶଙ୍କର ଏହାଙ୍କର ସୁରକ୍ଷା ନିମିତ୍ତ ନିଜର ଗଣମାନଙ୍କୁ ନିଯୁକ୍ତ କରିଅଛନ୍ତି ବୋଲି ମହର୍ଷି ନାରଦ ମୋର ପିତାଙ୍କ ନିକଟରେ ପ୍ରକାଶ କରିଥିବା ମୁଁ ଶୁଣିଅଛି । ତେଣୁ ଏହି ବିଦ୍ୟାଧରମାନେ ଆମର ବିରୁଦ୍ଧାଚରଣ କରୁଅଛନ୍ତି ।'

ଗୋମୁଖଙ୍କଠାରୁ ଏହା ଶୁଣି କଳିଙ୍ଗସେନା ନିଜ କଥା ସ୍ମରଣ କରି କହିଲେ, 'ମୋ ଘରେ ମଦନମଞ୍ଜୁକା ଜନ୍ମିତା ହେବା ପୂର୍ବରୁ, ରାଜକୁମାରଙ୍କ

Digitized by srujanika@gmail.com

ସହ ତାର ବିବାହ ସମ୍ପାଦନ କରିଦେବା କଣ ଉଚିତ ହେବ ନାହିଁ ?' ଏଥିରେ ସେ କହିଲେ, 'ଏ ସମ୍ପର୍କରେ ଆପଣ ହିଁ ବତ୍ସରାଜଙ୍କୁ ପ୍ରସ୍ତାବିତ କରିବା ଅଧିକ ଉପଯୁକ୍ତ ହେବ ।'

ଏହାପରେ ବିକଶିତକମଳମୁଖୀ, କୁବଳୟ ପୁଷ୍ପବନ୍ଧିତନୟନା, ବନ୍ଧୁକପୁଷ୍ପକମନୀୟଅଧରା, ମନ୍ଦାରସ୍ତବକସ୍ତନା, ଶିରୀଷସୁକୁମାରାଙ୍ଗୀ, କାମବାଣରୂପିଣୀ ମଦନମଞ୍ଜୁକାଙ୍କ ସହ ଉକ୍ତ ଉଦ୍ୟାନରେ ଭ୍ରମଣ କରି ନରବାହନଦତ୍ତ ଏହି ଦିବସଟି ଅତିବାହିତ କଲେ ।

ଦ୍ୱିତୀୟ ଦିନ କଳିଙ୍ଗସେନା ନିଜେ ବତ୍ସରାଜ ଉଦୟନଙ୍କ ସମ୍ମୁଖରେ ନିଜର ଅଭିଳାଷ ପ୍ରକାଶ କଲେ । ବତ୍ସରାଜ ଉଚିତ ସତ୍କାରପୂର୍ବକ ତାଙ୍କୁ ବିଦାୟ ଦେଇ ବାସବଦତ୍ତାଙ୍କ ଉପସ୍ଥିତିରେ ହିଁ ମନ୍ତ୍ରୀମାନଙ୍କୁ କହିଲେ, 'କଳିଙ୍ଗସେନା କନ୍ୟାର ବିବାହ ନିମିତ୍ତ ବ୍ୟଗ୍ରତା ପ୍ରକାଶ କରୁଛନ୍ତି । ତେଣୁ ଆମେ ଏଥି ନିମିତ୍ତ ଉଦ୍ବେଳିତ ହେବା ଆବଶ୍ୟକ । କାରଣ ଏହି ସତୀସାଧ୍ୱୀ କଳିଙ୍ଗସେନାଙ୍କୁ ମଧ୍ୟ ଲୋକେ ବ୍ୟଭିଚାରିଣୀ ବୋଲି କହୁଅଛନ୍ତି । ଜନାପ-ବାଦରୁ ସର୍ବଦା ନିଜକୁ ମୁକ୍ତ କରିବାକୁ ହେବ । ପ୍ରାଚୀନକାଳରେ ରାମଚନ୍ଦ୍ର ଏହି ଲୋକାପବାଦ ଭୟରୁ ସତୀ ସୀତାଙ୍କୁ ନିର୍ବାସିତ କରିଥିଲେ । ଭୀଷ୍ମ ମଧ୍ୟ ନିଜେ ଅପହରଣ କରି ଆଣିଥିବା ପୂର୍ବ ବିବାହିତ ଅମ୍ବାଙ୍କୁ ନିଜ ଭ୍ରାତାଙ୍କ ପାଇଁ ପରିତ୍ୟାଗ କରିଥିଲେ । ଏହିପରି କଳିଙ୍ଗସେନା ମୋତେ ସ୍ୱୟଂ ବରଣ କରିଥିଲେ ହେଁ ମଦନବେଗ ସହିତ ବିବାହ କରିବା ନିମିତ୍ତ ବାଧ୍ୟ ହେଲେ । କାରଣ ଲୋକେ ତାଙ୍କୁ ନିନ୍ଦା କରୁଛନ୍ତି । ତେଣୁ ନରବାହନଦତ୍ତ ମଧ୍ୟ ତାହାର ଉପଯୁକ୍ତ ପତ୍ନୀ ମଦନମଞ୍ଜୁକାକୁ ଗାନ୍ଧର୍ବରୀତିରେ ବିବାହ କରୁ ।'

ବତ୍ସରାଜଙ୍କ କଥାକୁ ସମର୍ଥନ କରି ମନ୍ତ୍ରୀ ଯୌଗନ୍ଧରାୟଣ କହିଲେ, 'ମହାରାଜ ! ଯଦି କଳିଙ୍ଗସେନା ଏହା ଚାହୁଁଥାଆନ୍ତି, ତା' ହେଲେ ଏହା ଅନୁଚିତ ହେବ କିପରି ? ସେ ସାଧାରଣ ନାରୀ ନୁହନ୍ତି; ଦିବ୍ୟସ୍ତ୍ରୀ । ତେଣୁ ଏହାଙ୍କର କନ୍ୟା ମଧ୍ୟ ଦିବ୍ୟ କନ୍ୟା । ଏ କଥା ମୋର ମିତ୍ର ବ୍ରହ୍ମରାକ୍ଷସ ବାରଂବାର ମୋତେ କହିଛି ।'

Digitized by srujanika@gmail.com

ସେମାନେ ଏପରି ଭାବରେ ବିଷୟର ଆଲୋଚନା କରୁଥିବା ସମୟରେ ଦିବ୍ୟବାଣୀ ଶୁଣାଗଲା—

'ମୋର ନେତ୍ରାନଳଦ୍ୱାରା ଦଗ୍ଧୀଭୂତ କାମଦେବଙ୍କ ଅବତାର ନରବାହନଦତ୍ତ ନିମିତ୍ତ, କନ୍ଦର୍ପପତ୍ନୀ ରତିର ତପସ୍ୟାରେ ସନ୍ତୁଷ୍ଟ ହୋଇ ତାକୁ ମଦନମଞ୍ଜୁକା ରୂପେ ସୃଷ୍ଟି କରିଅଛି । ସେ ନରବାହନଦତ୍ତର ପଟ୍ଟମହିଷୀ ପଦ ଲାଭକରି ମୋର କୃପାରୁ ଦିବ୍ୟକଳ୍ପ ପର୍ଯ୍ୟନ୍ତ ବିଦ୍ୟାଧର ରାଜ୍ୟର ସାମ୍ରାଜ୍ଞୀ ହୋଇ ରହିବ ।'

ନରବାହନଦତ୍ତ ଓ ମଦନମଞ୍ଜୁକାଙ୍କ ବିବାହ

ବତ୍ସରାଜ ଉଦୟନ ନିଜର ପାରିଷଦବୃନ୍ଦଙ୍କ ସହ ଏହି ଦିବ୍ୟବାଣୀ ଶ୍ରବଣ କରି ପ୍ରଭୂତ ଆନନ୍ଦ ଲାଭ କଲେ ଏବଂ ତା' ପ୍ରତି ନିଜର ବିନମ୍ର ପ୍ରଣତି ଜ୍ଞାପନ କଲେ । ଏହାପରେ ସେ ପୁତ୍ରର ବିବାହ ଉତ୍ସବ ପାଇଁ ଆୟୋଜନ କରିବାରେ ଲାଗିପଡ଼ିଲେ ।

ମନ୍ତ୍ରୀପ୍ରବର ଯୌଗନ୍ଧରାୟଣଙ୍କ ସାହାଯ୍ୟରେ ଜ୍ୟୋତିଷୀମାନଙ୍କୁ ନିମନ୍ତ୍ରଣ କରି ସେ ଶୁଭଫଳଦାୟକ ବିବାହ ଲଗ୍ନ ନିର୍ଣ୍ଣୟ କରିବା ନିମନ୍ତେ ଅନୁରୋଧ କରି ବିବିଧ ରତ୍ନଭୂଷଣ ପ୍ରଦାନଦ୍ୱାରା ସେମାନଙ୍କୁ ସନ୍ତୁଷ୍ଟ କଲେ । କିଛି ଦିନ ମଧ୍ୟରେ ବିଜ୍ଞ ଜ୍ୟୋତିର୍ବିଦବୃନ୍ଦ ଲଗ୍ନ ନିର୍ଣ୍ଣୟ କରି ରାଜାଙ୍କୁ ଆସି କହିଲେ, 'ମହାରାଜ ! ଆପଣଙ୍କ କୁମାର କିଛି ଦିନ ପାଇଁ ବିରହଦୁଃଖ ଲାଭ କରିବେ ବୋଲି ଶାସ୍ତ୍ର ପରୀକ୍ଷାରୁ ଜଣାଯାଉଛି ।'

ଗଣକମାନଙ୍କଦ୍ୱାରା ତିଥି ନିର୍ଣ୍ଣୀତ ହେବାରୁ ବତ୍ସରାଜ ନିଜର ବୈଭବ ଅନୁରୂପ ବିବାହୋତ୍ସବ ଆୟୋଜନ କରିବା ଆରମ୍ଭ କଲେ । ଫଳରେ କେବଳ କୌଶାମ୍ବୀ ନଗରୀ ନୁହେଁ ସମଗ୍ର ବିଶ୍ୱ ଚଞ୍ଚଳ ଓ ବ୍ୟସ୍ତ ହୋଇଉଠିଲା ।

ବିବାହ ବାସରରେ ପିତା ମଦନବେଗଙ୍କଦ୍ୱାରା ଆନୀତ ଦିବ୍ୟ ବସନ-ଭୂଷଣଦ୍ୱାରା ମାତା କଳିଙ୍ଗସେନା ଏବଂ ପତିଙ୍କଠାରୁ ଆଦେଶ ନେଇ ଆସିଥିବା

Digitized by srujanika@gmail.com

ସୋମପ୍ରଭା ମଦନମଞ୍ଜୁକାଙ୍କୁ ବିବାହୋପଯୋଗୀ ବେଶଭୂଷାରେ ସୁସଜ୍ଜିତ କଲେ । ମଦନମଞ୍ଜୁକା ଏହି ବେଶଭୂଷା ଧାରଣ କରି ଶରତ୍‌କାଳୀନ ଚନ୍ଦ୍ରମାତୁଲ୍ୟ ଶୋଭା ପାଇବାକୁ ଲାଗିଲେ । ଭଗବାନ ଶଙ୍କରଙ୍କ ଆଦେଶରେ ଦିବ୍ୟ ନାରୀମାନେ ମଙ୍ଗଳଗାନ ଆରମ୍ଭ କଲେ । ଏମାନଙ୍କର ସ୍ୱରଲହରୀ ସହ ସମତାଳରେ ଗନ୍ଧର୍ବଗଣ ବିବିଧ ବାଦ୍ୟବାଦନ କରିବାକୁ ଲାଗିଲେ ।

ବରବେଶରେ ବିଭୂଷିତ ହୋଇ ରାଜକୁମାର ନରବାହନଦତ୍ତ ବାଦ୍ୟନାଦରେ ମୁଖରିତ ଏବଂ ମଦନମଞ୍ଜୁକାଙ୍କଦ୍ୱାରା ଅଲଂକୃତ ବିବାହ ମଣ୍ଡପରେ ଆସି ଉପସ୍ଥିତ ହେଲେ ।

ବିଶିଷ୍ଟ ବିଦ୍ୱାନ୍ ବ୍ରାହ୍ମଣମାନଙ୍କଦ୍ୱାରା ବିବାହବିଧି ସମ୍ପନ୍ନ ହୁଅନ୍ତେ ବରକନ୍ୟା ରାଜାଙ୍କର କଣ୍ଠସ୍ଥିତ ନିର୍ମଳ ରତ୍ନହାରତୁଲ୍ୟ ଦେଦୀପ୍ୟମାନ ହୋମାଗ୍ନି ପ୍ରଦକ୍ଷିଣ କରିବା ନିମିତ୍ତ ଯାଇ ବେଦୀ ନିକଟରେ ଉପସ୍ଥିତ ହେଲେ । ସେମାନେ ଅଗ୍ନି ପ୍ରଦକ୍ଷିଣ କରୁଥିବା ସମୟରେ ମନେ ହେଉଥିଲା ଯେପରି ସୂର୍ଯ୍ୟ ଓ ଚନ୍ଦ୍ର ଏକତ୍ରିତ ହୋଇ ସୁମେରୁ ପର୍ବତକୁ ପ୍ରଦକ୍ଷିଣ କରୁଅଛନ୍ତି । ବିବାହ ସମୟରେ ଆକାଶରୁ ବିନୋଦବାଦ୍ୟଧ୍ୱନି ଶୁଣାଗଲା ଏବଂ ବଧୂଦ୍ୱାରା ଆହୁତି ରୂପରେ ପ୍ରଦତ୍ତ ଲାଜାଞ୍ଜଳିଦ୍ୱାରା ଯଜ୍ଞକୁଣ୍ଡରୁ ଉତ୍‌ଥିତ ଧୂମରାଶି ଏବଂ ଆକାଶରୁ ହେଉଥିବା ପୁଷ୍ପବୃଷ୍ଟିଦ୍ୱାରା ସମଗ୍ର ନଗରୀ ଆଚ୍ଛାଦିତ ହୋଇଗଲା ।

ଉଦାରହୃଦୟା କଳିଙ୍ଗସେନା କନ୍ୟାପ୍ରଦାନ ସମୟରେ ଏତେ ଧନ ରତ୍ନ, ମଣି, ମାଣିକ୍ୟ ନରବାହନଦତ୍ତଙ୍କୁ ପ୍ରଦାନ କଲେ ଯେ ଉପସ୍ଥିତ ଜନତା କୁବେର ସମ୍ପତ୍ତିକୁ ଏହା ମଧ୍ୟ ତୁଳନାରେ ତୁଚ୍ଛ ଜ୍ଞାନ କଲେ ।

ଏହାପରେ ପାଣିଗ୍ରହଣ ସଂସ୍କାର ସର୍ବାଙ୍ଗସୁନ୍ଦରରେ ସମ୍ପନ୍ନ ହେବାରୁ ବର ଓ ବଧୂ, ନିର୍ମଳ ବ୍ୟକ୍ତିର ହୃଦୟରେ ନିହିତ ଭକ୍ତିସ୍ୱରୂପ, ବହୁ ରୂପବତୀ ସହଚରୀଙ୍କ ଗହଣରେ ଯାଇ କୌତୁକାଗାରରେ ପ୍ରବେଶ କଲେ ।

ଏହି ଅବସରରେ କୌଶାମ୍ବୀ ନଗରୀ ବିଶାଳ ସେନାବାହିନୀଯୁକ୍ତ, ବିଶ୍ୱବନ୍ଦ୍ୟ ଶକ୍ତିଶାଳୀ ପରିଜନ ହେବାଦ୍ୱାରା ନମ୍ର ଏବଂ ହସ୍ତରେ ବିଭିନ୍ନ

Digitized by srujanika@gmail.com

ଉପହାର ଧାରଣ କରିଥିବା ସାମନ୍ତ ରାଜାମାନଙ୍କଦ୍ୱାରା ପରିପୂର୍ଣ୍ଣ ହୋଇ ଉଠିଲା । ମନେ ହେଲା ଚତୁର୍ଦ୍ଦିଗରେ ସମୁଦ୍ର ଯେପରି ଗର୍ଜନପୂର୍ବକ ଲହରିତ ହୋଇଉଠୁଛି ।

ପୁତ୍ର ବିବାହ ସମୟରେ ରାଜା ଉଦୟନ ଏତେ ଧନରାଶି ଓ ଅଳଙ୍କାର ବିତରଣ କଲେ ଯେ କୌଶାମ୍ବୀ ନଗରସ୍ଥିତ ରମଣୀମାନଙ୍କର ଗର୍ଭସ୍ଥ କନ୍ୟାମାନେ କେବଳ ଅଳଙ୍କାରହୀନ ହୋଇ ରହିଗଲେ । ଦୂରଦୂରାନ୍ତରରୁ ଆସିଥିବା ଭଟ୍ଟ ଓ ବେଶ୍ୟା, ନର୍ତ୍ତକନର୍ତ୍ତକୀ, ବନ୍ଦୀ ଓ ଭାଟ ପ୍ରଭୃତିଙ୍କ ସଙ୍ଗୀତ ଗାନରେ କୌଶାମ୍ବୀ ନଗରୀ ସଙ୍ଗୀତ ଓ ଉତ୍ସବମୟ ହୋଇ ରହିଥିଲା । ନାଗରିକମାନଙ୍କ ସୁସଜ୍ଜିତ ଗୃହାବଳୀରେ ସୁଶୋଭିତ ହୋଇଥିବା ନଗରୀ ଦର୍ଶନ କରି ଦର୍ଶକମାନେ ମନେ କରୁଥିଲେ ଯେ ସତେ ଯେପରି କୌଶାମ୍ବୀ ସୁନ୍ଦରୀ ରମଣୀ ତାର ପତାକାରୂପ ହସ୍ତ ସଞ୍ଚାଳନ କରି ସେମାନଙ୍କୁ ଆହ୍ୱାନ କରୁଅଛି । ଏ ଉତ୍ସବ ଦିନକୁ ଦିନ ବୃଦ୍ଧିପ୍ରାପ୍ତ ହୋଇ ବହୁ ଦିନପରେ ସମାପ୍ତ ହେଲା । ସମସ୍ତ ପରିବାର ସୁଖଭୋଗ କରିବାକୁ ଲାଗିଲେ । ସମସ୍ତଙ୍କର ମନୋରଥ ସଫଳ ହେଲା ।

ବିବାହ ପରେ ଅଭ୍ୟୁଦୟକାମୀ ଯୁବରାଜ ନରବାହନଦତ୍ତ ମଦନମଞ୍ଚୁକାଙ୍କ ସହିତ ଚିର ଅଭିଳଷିତ ସାଂସାରିକ ସୁଖ ଉପଭୋଗ କରିବାକୁ ଲାଗିଲେ ।

ସମାପ୍ତ

ବ୍ରହ୍ମପୁର, ସ୍ୱାଧୀନ ପ୍ରେସରେ ଶ୍ରୀ ରାମଚରଣ ପାତ୍ରୀଙ୍କଦ୍ୱାରା ମୁଦ୍ରିତ, ୧୯୬୯

Digitized by srujanika@gmail.com